# ବସନ୍ତ ଶତପଥୀଙ୍କ

## ଶ୍ରେଷ୍ଠ ଗଳ୍ପମାଳା



ସଂପାଦନା

ସୁମନ୍ୟୁ ଶତପଥୀ

Digitized by srujanika@gmail.com

ବସନ୍ତ ଶତପଥୀଙ୍କ

ଶ୍ରେଷ୍ଠ ଗଳ୍ପମାଳା

Digitized by srujanika@gmail.com

*ଆଦାନ-ପ୍ରଦାନ*

# ବସନ୍ତ ଶତପଥୀଙ୍କ ଶ୍ରେଷ୍ଠ ଗଳ୍ପମାଳା


ସଂପାଦନା

ସୁମନ୍ୟୁ ଶତପଥୀ



ନ୍ୟାସନାଲ ବୁକ ଟ୍ରଷ୍ଟ, ଇଣ୍ଡିଆ



Digitized by srujanika@gmail.com

# ସୂଚୀ


| | | |
|---|---|---|
| | ମୁଖବନ୍ଧ | ix |
| 1 | କାଣୀ ଚିଆଁ | 1 |
| 2 | ଏଣ୍ଟି ରୋମାଣ୍ଟିକ୍ | 10 |
| 3 | ଗୋଟାଏ ଆଳୁ | 21 |
| 4 | ଶିଲ୍ଡ ଫାଇନାଲ | 28 |
| 5 | ଅଶ୍ୱତ୍ଥାମା ହତ | 38 |
| 6 | ହୀରାକୁଦ କରେଣ୍ଟ | 47 |
| 7 | ଓଲ ଛେଲେଟା | 57 |
| 8 | ଚାଉଳ | 68 |
| 9 | ଗରିବୀ ହଟାଓ | 81 |
| 10 | ଗଙ୍ଗା ଓ ଗାଙ୍ଗୀ | 94 |
| 11 | ଭଡ଼ା | 104 |
| 12 | ଅନପଢ଼ | 111 |
| 13 | ଚାରିଚକ୍ଷୁ | 120 |
| 14 | କାଠ | 130 |
| 15 | ଆଇବୁଢ଼ୀ | 136 |
| 16 | ମୁଖାଗ୍ନି | 145 |
| 17 | ଉନ୍ନୟନ | 153 |
| 18 | ଡବ୍ଲିଂ/ଦୋହରି | 166 |
| 19 | ନୀଡ଼ାଶ୍ରୟୀ | 176 |
| 20 | ବାଉଁଶ ଗଳି | 186 |
| 21 | ସଲାମ୍ ବାବୁ | 198 |
| 22 | ନଙ୍ଗୁଳି | 205 |


Digitized by srujanika@gmail.com

ISBN 978-81-237-561

ପ୍ରଥମ ସଂସ୍କରଣ – 2009 (ଶକାବ୍ଦ 1931)

© ସୁମନ୍ୟୁ ଶତପଥୀ

**Basanta Satpathynka Shrestha Galpamala** *(Oriya)*

ଟ. 170.00

ନିର୍ଦ୍ଦେଶକ, ନ୍ୟାସନାଲ ବୁକ୍ ଟ୍ରଷ୍ଟ, ଇଣ୍ଡିଆ
ନେହେରୁ ଭବନ, 5 - ଇନ୍‌ଷ୍ଟିଚ୍ୟୁସନାଲ୍ ଏରିଆ, ଫେଜ୍ - II,
ବସନ୍ତ କୁଞ୍ଜ, ନୂଆ ଦିଲ୍ଲୀ-110070 କର୍ତ୍ତୃକ ପ୍ରକାଶିତ ।

Digitized by srujanika@gmail.com

ସ୍ୱର୍ଗତା ଅନ୍ନପୂର୍ଣ୍ଣା ଦେବୀଙ୍କୁ...

Digitized by srujanika@gmail.com

# ସୂଚୀ


| | | |
|---|---|---|
| | ମୁଖବନ୍ଧ | ix |
| 1 | କାଣୀ ଚିଆଁ | 1 |
| 2 | ଏଣ୍ଟି ରୋମାଣ୍ଟିକ୍ | 10 |
| 3 | ଗୋଟାଏ ଆଳୁ | 21 |
| 4 | ୱିଲ୍ଡ ଫାଇନାଲ | 28 |
| 5 | ଅଶ୍ୱତ୍ଥାମା ହତ | 38 |
| 6 | ହୀରାକୁଦ କରେଣ୍ଟ | 47 |
| 7 | ଓଇ ଛେଲେଟା | 57 |
| 8 | ଚାଉଳ | 68 |
| 9 | ଗରିବୀ ହଟାଅ | 81 |
| 10 | ଗଙ୍ଗା ଓ ଗାଙ୍ଗୀ | 94 |
| 11 | ଭଡ଼ା | 104 |
| 12 | ଅନପଢ଼ | 111 |
| 13 | ଚାରିଚକ୍ଷୁ | 120 |
| 14 | କାଠ | 130 |
| 15 | ଆଇବୁଢ଼ୀ | 136 |
| 16 | ମୁଖାଗ୍ନି | 145 |
| 17 | ଉନ୍ନୟନ | 153 |
| 18 | ଡବ୍ଲିଂ/ଦୋହରି | 166 |
| 19 | ନୀଡ଼ାଶ୍ରୟୀ | 176 |
| 20 | ବାଉଁଶ ଗଳି | 186 |
| 21 | ସଲାମ୍ ବାବୁ | 198 |
| 22 | ନକ୍କୁଚି | 205 |


Digitized by srujanika@gmail.com

| | | |
|---|---|---|
| 23 | ରୋମାଣ୍ଟିକ୍ ବା ଅବଗୁଣ୍ଠନବତୀ | 215 |
| 24 | କଟାମୁଣ୍ଡ | 232 |
| 25 | କବିତା କର୍ମଶାଳା | 242 |
| 26 | ଆକାଶୀ ଫୁଲ | 252 |
| 27 | ବାସନ୍ତୀ | 261 |
| 28 | ଶ୍ୱେତପଦ୍ମ | 270 |
| 29 | ଏକ ଲାଲ୍ ସ୍ମୃତି : ଗୋଟିଏ କାଠ ଚମାର | 277 |
| 30 | ଅଥ ମର୍କଟ ଉପାଖ୍ୟାନ | 285 |
| 31 | ମକର : ଘୁଷୁରି ସାହିର | 293 |
| 32 | ରଜା : ଘୁଷୁରି ସାହିର | 299 |
| 33 | ବେଲା | 308 |
| 34 | ସେବା ଓ ସାଥୀ | 316 |
| 35 | ପୁଅ ହେଉ ବା ଝିଅ ହେଉ | 323 |
| 36 | କୁଳି ଗାଁର ଶ୍ରୀମତୀ ସରୋଜିନୀ ମାହାନ୍ତି କେଆର୍ ଅଫ୍ ସୁଦାମ ମାହାନ୍ତି | 332 |
| 37 | ଲୋକେ କ'ଣ କହିବେ | 342 |
| 38 | ହଳେ ବଳଦ, ଯୋଡ଼ାଏ ଖାସି ଓ ଦୁଇଟି ପ୍ରାଣୀ | 350 |
| 39 | ଚିତ୍ର ପ୍ରତିମା | 361 |
| 40 | ଯୁଦ୍ଧଦୂଲ ବା ଧଡାମୂଳକ | 371 |
| 41 | ଭାଲୁ ଶିକାର | 383 |
| 42 | ପୁଅ ପାଇଁ ଝିଅ | 400 |


Digitized by srujanika@gmail.com

# ମୁଖବନ୍ଧ

ବିଂଶ ଶତାବ୍ଦୀର ଚତୁର୍ଥ ଦଶନ୍ଧି ବେଳକୁ ଓଡ଼ିଆ ଗଳ୍ପର ବିଷୟବସ୍ତୁ ଓ ତହିଁର ବିନ୍ୟାସରୀତିରେ ପରୀକ୍ଷା-ନିରୀକ୍ଷା ଚଳାଇଥିବା ଗଳ୍ପରଚକଙ୍କ ମଧ୍ୟରୁ ଯେଉଁ କେତେଜଣଙ୍କ ସୃଷ୍ଟି ଷଷ୍ଠ-ସପ୍ତମ ଦଶନ୍ଧିରେ ସୁଖପାଠ୍ୟ ହୋଇପାରିଥିଲା ସେମାନଙ୍କ ମଧ୍ୟରୁ ବସନ୍ତ କୁମାର ଶତପଥୀ ଅନ୍ୟତମ । ତାଙ୍କ ରଚିତ ଓ ବିଭିନ୍ନ ପତ୍ରପତ୍ରିକାରେ ପ୍ରକାଶିତ ୧୨୦ରୁ ଊର୍ଦ୍ଧ୍ୱ ଗଳ୍ପ ପରବର୍ତ୍ତୀ ସମୟରେ ୧୨ଟି ସଂକଳନଭୁକ୍ତ ହୋଇଥିଲା । ସେଥିମଧ୍ୟରୁ କେତୋଟି ସଂକଳନ ଓଡ଼ିଶା ସାହିତ୍ୟ ଏକାଡେମୀ, ବିଷୁବ ସମ୍ମାନ ଓ ଶାରଳା ସମ୍ମାନ ପରି ଉଚ୍ଚ ସମ୍ମାନରେ ବିଭୂଷିତ । ତାଙ୍କ ରଚିତ ଅନେକ ଗଳ୍ପ ବଙ୍ଗଳା, ହିନ୍ଦୀ, ଇଂରାଜୀ ଏବଂ ରୁଷୀୟ ଭାଷାରେ ଅନୂଦିତ ହୋଇ ଉଚ୍ଚପ୍ରଶଂସିତ ହୋଇଛି । ତାଙ୍କ ଗଳ୍ପଗୁଡ଼ିକ ମଧ୍ୟରେ ବ୍ୟାପକ ଓ ଗଭୀର ଜୀବନବୋଧ, ସତ୍ୟ ଓ ବାସ୍ତବ ଚେତନାର ସମଯୋଜନ, ବାକ୍‌ଭଙ୍ଗୀର ବୈଦଗ୍ଧ୍ୟ ଓ ବୌଦ୍ଧିକତା ଲକ୍ଷ୍ୟ କରିହୁଏ । ନିଜ ଜୀବନନିଭା ବାସ୍ତବ ଘଟଣା ତାଙ୍କ ବର୍ଣ୍ଣିତ ଗଳ୍ପର ଏକମାତ୍ର ଉପକରଣ ହୋଇଥିବାରୁ ତହିଁରୁ ତାଙ୍କର ଆତ୍ମଜୀବନୀ ଅବଧାରଣା କରିହୁଏ । ଫକୀରମୋହନଙ୍କ ଗଳ୍ପ-ଅବତାରଣା ଶୈଳୀର ଉତ୍ତରଣ ଚାକ୍ଷୁଷ ହୁଏ ଶତପଥୀଙ୍କ ଶ୍ଳେଷାଶ୍ରୟୀ ବୁଦ୍ଧିଦୀପ୍ତ ନିର୍ମଳହାସ୍ୟ ଉଦ୍ରେକକାରୀ ଶବ୍ଦ କାରିଗରିରୁ । ବସ୍ତୁତଃ ପରଂପରା ଓ ଐତିହ୍ୟାନୁସରଣରେ ନିଜକୁ ମୁକ୍ତଭାବେ ପ୍ରକାଶ କରାଇବାର ନୂତନତା ଶତପଥୀଙ୍କ ଗଳ୍ପ-କୌଶଳର ଅନନ୍ୟ ଚାତୁରୀ, ଯାହା ସମକାଳ ଓ ପୂର୍ବକାଳର ଓଡ଼ିଆ ଗାଳ୍ପିକଙ୍କ ଠାରୁ ତାଙ୍କ ନିଆରାତ୍ୱ ପ୍ରତିପାଦନ କରେ । ତାଙ୍କ ଗଳ୍ପ ସଂକଳନଗୁଡ଼ିକ ଦୁଷ୍ପ୍ରାପ୍ୟ ହେଉଥିବା ସମୟରେ ନିର୍ବାଚିତ କେତୋଟି ଗଳ୍ପର ଏକ ସଂକଳନ ପ୍ରସ୍ତୁତ କରାଯାଉଛି ଯହିଁରୁ ପାଠକମାନେ ଶତପଥୀଙ୍କ ଗଳ୍ପ-କଳା-କୌଶଳ ସଂପର୍କରେ ଅବହିତ ହୋଇପାରିବେ ।

## ଏକ

୧୯୧୩ ମସିହା ଜୁନ ୨୬ ତାରିଖରେ ମୟୂରଭଞ୍ଜର ଅଗମ୍ୟ ପାନ୍ଧଡ଼ା ଗ୍ରାମର ଏକ ଗରିବ ବ୍ରାହ୍ମଣ ପରିବାରରେ ବସନ୍ତ କୁମାର ଶତପଥୀଙ୍କ ଜନ୍ମ । ପାନ୍ଧଡ଼ା ଓ ଶୀର୍ଷାରୁ ପ୍ରାଥମିକ ଶିକ୍ଷାଲାଭ ପରେ ସେ ବାରିପଦା ଉଚ୍ଚ ବିଦ୍ୟାଳୟରୁ ମାଟ୍ରିକ୍ ପରୀକ୍ଷାରେ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିଲେ । ମୟୂରଭଞ୍ଜର ଉଦାରମନା ମହାରାଜାଙ୍କ ଠାରୁ ବୃତ୍ତି ଲାଭ କରି ସେ ତତ୍‌କାଳୀନ ପାଟନା ଅଧୀନରେ ଥିବା ରେଭେନ୍ସା ମହାବିଦ୍ୟାଳୟରୁ

Digitized by srujanika@gmail.com

ଉଚ୍ଚଶିକ୍ଷା ଲାଭ କରିଥିଲେ । ଇଂରାଜୀ ସ୍ନାତକୋତ୍ତର ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇସାରିବା ପରେ ସେ ମୟୂରଭଞ୍ଜ ମହାରାଜାଙ୍କ ନିକଟରେ ଜନସଂପର୍କ ଅଧିକାରୀ ରୂପେ ଅନେକ ବର୍ଷ ଧରି କାର୍ଯ୍ୟ କରିଥିଲେ ଏବଂ ସେହି ସମୟରେ 'ମୟୂରଭଞ୍ଜ ଗେଜେଟ୍' ଓ 'ଭଞ୍ଜ ପ୍ରଦୀପ'ର ସଂପାଦନା ମଧ କରୁଥିଲେ । ଏହି ସମୟରୁ ସେ ସର୍ଜନଶୀଳ ଓ ସମାଲୋଚନା ମୂଳକ ରଚନା ପ୍ରତି ଆଗ୍ରହୀ ହୋଇଥିଲେ । ଗତ ଶତାବ୍ଦୀର ପଞ୍ଚମ ଦଶନ୍ଧିର ପ୍ରାରମ୍ଭକାଳରେ ତାଙ୍କ ରଚିତ କ୍ଷୁଦ୍ରଗଳ୍ପ 'ଛାୟା-କାୟା' ଭଞ୍ଜପ୍ରଦୀପ (ସମ୍ଭବତଃ ୧୯୪୧, ଭାଗ-୧୦, ସଂଖ୍ୟା-୯) ରେ ପ୍ରକାଶ ପାଇଥିଲା ।

୧୯୪୯ ମସିହାରେ ମୟୂରଭଞ୍ଜରେ ରାଜକୀୟ ଶାସନର ଅବସାନ ଘଟିଲା । ପରେ ସେ ଓଡ଼ିଶା ସରକାରଙ୍କ ଅଧୀନରେ ଇଂରାଜୀ ଅଧ୍ୟାପକ ରୂପେ ମହାରାଜା ପୂର୍ଣ୍ଣଚନ୍ଦ୍ର ମହାବିଦ୍ୟାଳୟ, ବାରିପଦାରେ ଯୋଗଦେଲେ । ଏହି ସମୟରେ ତାଙ୍କର ମାୟାଧର ମାନସିଂହଙ୍କ ସହ ସାକ୍ଷାତ୍ ହୋଇଥିଲା । ମାନସିଂହଙ୍କ ସୁପାରିଶ କ୍ରମେ ସେ କେନ୍ଦ୍ର ସାହିତ୍ୟ ଏକାଡ଼େମୀ ତରଫରୁ ପ୍ରଥମ ଓଡ଼ିଆ କବିତା ସଂକଳନ ''ସଞ୍ଚୟନ'' ସଂପାଦନା କରିବାର ସୁଯୋଗ ପାଇଥିଲେ । ଆଲୋଚ୍ୟକାଳରେ ସେ ରବୀନ୍ଦ୍ରନାଥ ଟାଗୋରଙ୍କ 'ରାଜା' ନାଟକକୁ ଓଡ଼ିଆରେ ଅନୁବାଦ କରିଥିଲେ, ଯାହା କେନ୍ଦ୍ର ସାହିତ୍ୟ ଏକାଡେମୀ ତରଫରୁ ପ୍ରକାଶିତ ।

## ଦୁଇ

କୃଷ୍ଣଚନ୍ଦ୍ର ଗଜପତି ମହାବିଦ୍ୟାଳୟ, ପାରଳାଖେମୁଣ୍ଡିରେ ଇଂରାଜୀ ଅଧ୍ୟାପକ ଥିବା ସମୟରେ ବସନ୍ତ ଶତପଥୀଙ୍କ ପତ୍ନୀ ବିୟୋଗ ଘଟିଲା । ୧୯୬୧ ମସିହାରେ ସେ ଫକୀରମୋହନ ମହାବିଦ୍ୟାଳୟ, ବାଲେଶ୍ୱରକୁ ବଦଳି ହୋଇ ଆସିଲେ । ଏହିଠାରେ ଅନେକ ଲେଖକ, କଳାକାର ଓ ବୁଦ୍ଧିଜୀବୀଙ୍କ ସହିତ ତାଙ୍କର ପରିଚୟ ହୋଇଥିଲା । ସେତେବେଳର ଯୁବ ବାମପନ୍ଥୀ ନେତା ବ୍ରଜନାଥ ରଥଙ୍କଦ୍ୱାରା ପରିଚାଳିତ ବିଶ୍ୱଶ୍ରୀ ଛାପାକଳ ଏହି ବୁଦ୍ଧିଜୀବୀମାନଙ୍କର ଭେଟସ୍ଥଳୀ ଥିଲା । ବାଲେଶ୍ୱରର ଅନେକ ବଙ୍ଗଭାଷୀ ଲୋକ ଓ ଅନେକ ଓଡ଼ିଆ ଯେଉଁମାନେ ବଙ୍ଗଭାଷା ସହିତ ପରିଚିତ ଥିଲେ, ସେମାନେ ବଙ୍ଗଳାରେ ଦେଖା ଦେଇଥିବା ବୌଦ୍ଧିକ ଓ କଳା ଆନ୍ଦୋଳନ ସଂପର୍କରେ ଅବଗତ ହେବା ସଂଗେ ସଂଗେ ନିଜ ରାଜ୍ୟର ସାହିତ୍ୟିକ ଓ ସାମାଜିକ ପରିସ୍ଥିତି ସଂପର୍କରେ ଆଲୋଚନା କରୁଥିଲେ । ପ୍ରତ୍ୟେକ ରବିବାର ଅନେକ ବଙ୍ଗଳା ଛବି, ବିଶେଷ କରି ସତ୍ୟଜିତ ରାୟଙ୍କ କ୍ରାନ୍ତିକାରୀ ଚଳଚ୍ଚିତ୍ର ସବୁ ନିୟମିତ ପ୍ରଦର୍ଶିତ ହେଉଥିଲା । ଏହିସବୁ ଘଟଣାବଳୀ ଓ ବଙ୍ଗଭାଷୀ ଲୋକଙ୍କର ଉପସ୍ଥିତି ବାଲେଶ୍ୱରକୁ ଏକ ବହୁଭାଷୀ ରାଜନୀତି-ସଚେତ ଉପନଗରୀ ରୂପେ ଗଢ଼ି ତୋଳିବାରେ ସହାୟକ ହୋଇଥିଲା । ଏହି ସାଂସ୍କୃତିକ ଆନ୍ଦୋଳନ ପଛରେ ଓଡ଼ିଆ ଚଳଚ୍ଚିତ୍ର, ଆକାଶବାଣୀ (କଟକ) ଓ ଅନ୍ନପୂର୍ଣ୍ଣା ଥିଏଟରର ମଧ ମହତ୍ତ୍ୱପୂର୍ଣ୍ଣ ଭୂମିକା ରହିଛି । ଏଭଳି ଏକ ପାରିବେଶିକ ସାରସ୍ୱତ ପୃଷ୍ଠଭୂମିରେ ଶତପଥୀଙ୍କ ରଚିତ 'କାଣୀଚିଆଁ'

Digitized by srujanika@gmail.com

କ୍ଷୁଦ୍ରଗଳ୍ପ ପ୍ରକାଶ ପାଏ 'ଝଙ୍କାର' ପତ୍ରିକାରେ । ତାଙ୍କ ସୃଷ୍ଟ ପ୍ରଥମ କ୍ଷୁଦ୍ରଗଳ୍ପର ପ୍ରକାଶନ କାଳଠାରୁ ଦ୍ୱିତୀୟ ସର୍ଜନର ବ୍ୟବଧାନ ପାଖାପାଖି କୋଡ଼ିଏ ବର୍ଷ । ଝଙ୍କାର ପତ୍ରିକାରେ ଏହି ଗଳ୍ପ ପ୍ରକାଶ ପାଇବା କ୍ଷଣି ତତ୍କାଳୀନ ପତ୍ରିକା ସଂପାଦକ ସତ୍ୟାନନ୍ଦ ଚମ୍ପତିରାୟ ଶତପଥୀଙ୍କୁ ଲେଖିଥିଲେ- 'ମୁଁ ହସ୍‌ପିଟାଲ୍‌ରେ ପଡ଼ିଥିଲି, ଆପଣଙ୍କ ଗଳ୍ପଟି ପଢ଼ି ମୋର ସବୁ ଯନ୍ତ୍ରଣା ଯେପରି ଚାଲିଗଲା ।'

ଏହିପରି ପ୍ରାୟ ୪୭ ବର୍ଷ ବୟସରେ ତାଙ୍କ ଲେଖକୀୟ ଜୀବନର ଦ୍ୱିତୀୟ ପର୍ଯ୍ୟାୟ ଆରମ୍ଭ ହୋଇଥିଲା । ତାଙ୍କ ରଚିତ ନଅଟି କ୍ଷୁଦ୍ରଗଳ୍ପକୁ ନେଇ "ଏଣ୍ଟି–ରୋମାଣ୍ଟିକ" ସଂକଳନ ପ୍ରକାଶ ପାଇଲା ୧୯୬୬ରେ । ଏହି ସଂକଳନଟି ଓଡ଼ିଶା ସାହିତ୍ୟ ଏକାଡେମୀ ତରଫରୁ ପୁରସ୍କୃତ ।

ବସନ୍ତ କୁମାରଙ୍କ ଗଳ୍ପରେ ସମାଜର ଅସହାୟ, ଉପେକ୍ଷିତ ଓ ଦରିଦ୍ର ଜନସାଧାରଣଙ୍କ ପ୍ରତି ଯେଉଁ ସହାନୁଭୂତି ପ୍ରକାଶ ପାଇଛି, ତାହା ତାଙ୍କ ବ୍ୟକ୍ତିଗତ ଜୀବନର ଅନ୍ତେଲିଭା ଘଟଣା । ଜୀବନର ଅଧିକାଂଶ ସମୟ ଘୋର ଅଭାବ ଓ ଅନଟନ ମଧ୍ୟରେ ତାଙ୍କୁ କଟାଇବାକୁ ପଡ଼ିଛି । ଏପରିକି ପାରିବାରିକ ଗୁଜୁରାଣ ମେଣ୍ଟାଇବା ପାଇଁ ତାଙ୍କ ସାନଭାଇ ଓ ବଡ଼ଝିଅ ନିଜ ହାତରେ କାଗଜର ଫୁଲ ତିଆରି କରି ରାସ୍ତାକଡ଼ରେ ବିକ୍ରି କରି ଅର୍ଥ ଉପାର୍ଜନ କରିଛନ୍ତି । ୪୭ ବର୍ଷ ବୟସରେ ବିପତ୍ନୀକ ହୋଇଛନ୍ତି; ଏପରିକି ୧୯୬୭ ମସିହାରେ ସାନ ପୁଅ ବାଲେଶ୍ୱରର ଏକ ପୋଖରୀରେ ବୁଡ଼ିଯାଇ ପ୍ରାଣ ହରାଇବାର ଶୋକକୁ ନିଜ ହୃଦୟରେ ପିଞ୍ଜିଛନ୍ତି ଶ୍ରୀଯୁକ୍ତ ଶତପଥୀ । ବୋଧହୁଏ ଦୁଃଖ ଓ ଯନ୍ତ୍ରଣାର କ୍ଷତାକ୍ତ ହୃଦୟରେ ଅଶ୍ରୁ ଚାପି ଜୀବନସାରା ମାନବିକ ସମ୍ବେଦନଶୀଳତାର ମହୌଷଧି ବାଣ୍ଟି ଚାଲିଛନ୍ତି କ୍ଷୁଦ୍ରଗଳ୍ପର ଚରିତ୍ରଗୁଡ଼ିକ ମାଧ୍ୟମରେ । ଏହି ଦୁଃଖ ଓ ଯନ୍ତ୍ରଣାଭରା ଗାମ୍ଭୀର୍ଯ୍ୟ ସହିତ ହାସ୍ୟରସ, ବ୍ୟଙ୍ଗ ଓ ଶ୍ଳେଷ ତାଙ୍କ ରଚନାରେ ସଂପୂର୍ଣ୍ଣତା ଭରିଦେଇଛି । ଜୀବନର ଏହି ହାଲୁକା ପାର୍ଶ୍ୱ ବିଷୟରେ ଶତପଥୀଙ୍କ ମତ ହେଉଛି ଯେ, ଏହା ତାଙ୍କ ବଂଶ ପରଂପରା ବିଶେଷତଃ ତାଙ୍କ ଜେଜେବାପା ହରିହର ଶତପଥୀଙ୍କ ପ୍ରଭାବ । ନିଜର ଏକ ଗଳ୍ପ ସଂଗ୍ରହର ଉତ୍ସର୍ଗ ପତ୍ରରେ ସେ ଲେଖିଛନ୍ତି : "ନଅଙ୍କ ଦୁର୍ଭିକ୍ଷ ଦାଉରୁ ବର୍ତ୍ତିଥିବା ଏବଂ ଜୀବନବ୍ୟାପୀ ଦାରିଦ୍ର୍ୟ ଭିତରେ ରାମାୟଣ ମହାଭାରତ ଆଦି ତାଳପତ୍ରରେ ଲିପିବଦ୍ଧ କରିଥିବା ହାସ୍ୟରସର ଉତ୍ସ, ସୁଭଦ୍ରାହରଣ ସୁଆଙ୍ଗର ଲେଖକ ତଥା ଅଭିନେତା ଜେଜେବାପା ହରିହର ଶତପଥୀଙ୍କ ସ୍ୱର୍ଗତ ଆତ୍ମା ଉଦ୍ଦେଶ୍ୟରେ ।"

କୁହାଯାଇପାରେ ଯେ ହାସ୍ୟରସ ଓ ବ୍ୟଙ୍ଗ ହିଁ ତାଙ୍କ ଦୁଃଖପୂର୍ଣ୍ଣ ଜୀବନରେ ତାଙ୍କୁ ହସିବାର ଖୋରାକ ଯୋଗାଇଥିଲା । ତାଙ୍କ ରଚନାର ଶ୍ଳେଷ ଅଧିକାଂଶ କ୍ଷେତ୍ରରେ ନିଜକୁ ଲକ୍ଷ୍ୟ କରି ସୃଷ୍ଟି ହୋଇଛି, ସେଇଥିପାଇଁ ବୋଧହୁଏ ସମାଲୋଚକମାନେ ତାଙ୍କୁ ଇଂରାଜୀ ପ୍ରାବନ୍ଧିକ ଲ୍ୟାମ୍ବଙ୍କ ସହିତ ତୁଳନା କରିଥାନ୍ତି ।

Digitized by srujanika@gmail.com

## ତିନି

ଶତପଥୀଙ୍କ ଗଳ୍ପଗୁଡ଼ିକର ଥିମ୍‌କୁ ମୁଖ୍ୟତଃ ତିନୋଟି ଭାଗରେ ବିଭକ୍ତ କରାଯାଇପାରିବ : ସାମାଜିକ, ବ୍ୟକ୍ତିଗତ ଓ ପରିବେଶ ସମ୍ବନ୍ଧୀୟ । ଏଥିମଧ୍ୟରୁ ପ୍ରଥମଟି ଏକ ରାଜନୈତିକ ଘଡ଼ିସନ୍ଧି ମୁହୂର୍ତ୍ତରେ ଲେଖକଙ୍କ ସମୟ ଅତିବାହିତ ହେଉଥିବାରୁ ସେ ସମ୍ପର୍କରେ ତାଙ୍କ ଅନୁଭୂତି ଗ୍ରାମୀଣ ଓ କୃଷିଭିତ୍ତିକ ସମାଜ ବଦଳରେ ସହରୀ ଓ ଆଧୁନିକ ସମାଜର କ୍ରମପ୍ରବେଶ ଓ ନକ୍ସଲବାଦୀ ଆନ୍ଦୋଳନ ସମ୍ପର୍କରେ ତାଙ୍କ ଅଭିଜ୍ଞାନ ତାଙ୍କୁ ସମ୍ଭବତଃ ସମାଜର ଅବହେଳିତ ଓ ନିଷ୍ପେଷିତବର୍ଗଙ୍କ ପ୍ରତି ସହାନୁଭୂତିଶୀଳ କରିଛି, ଯହିଁର ସତ୍ୟ–ସାକ୍ଷୀ ହେଉଛି ତାଙ୍କ ରଚିତ ପ୍ରଥମ ଗଳ୍ପ 'ଛାୟା–କାୟା' । ଗୋପୀନାଥ ମହାନ୍ତିଙ୍କ ପରଜାର ସଫଳତା ତାଙ୍କୁ ଏହି ଦିଗରେ ଆହୁରି ଉତ୍ସାହିତ କରିଥିବା ଅନୁମେୟ । ତାଙ୍କର ପରବର୍ତ୍ତୀ ରଚନା ଯେମିତିକି 'କାଠ', 'ଡବ୍ଲିଂ/ଦୋହରି' ଆଦିରେ ସେ ପୁନଶ୍ଚ ସେହି ପ୍ରସଙ୍ଗକୁ ଫେରି ଆସିଛନ୍ତି । ବିଭିନ୍ନ ସରକାରୀ ଓ ବେସରକାରୀ ସଂସ୍ଥାମାନଙ୍କଦ୍ୱାରା ଉନ୍ନୟନ ନାମରେ ଚାଲିଥିବା ଶୋଷଣ ତାଙ୍କ ଗଳ୍ପର ଆଉ ଗୋଟିଏ ବିଷୟବସ୍ତୁ । 'ଡବ୍ଲିଂ/ଦୋହରି', 'ଉନ୍ନୟନ', 'ଗରିବୀ ହଟାଓ' ଓ 'କାଠ' ଆଦି ଗଳ୍ପ ହେଉଛି ଏହାର ନିଛକ ପ୍ରତିଛବି । ସେକାଳର ଅନେକ ଲେଖକ ଓ ବୁଦ୍ଧିଜୀବୀଙ୍କ ପରି ଶତପଥୀ ମଧ୍ୟ ଗାନ୍ଧି ଓ ନେହେରୁଙ୍କ ଜୀବନ ଦର୍ଶନରେ ପ୍ରଭାବିତ ହୋଇଛନ୍ତି । ଉଦାହରଣ ସ୍ୱରୂପ 'ଶାନ୍ତି ପୁରସ୍କାର' ଗଳ୍ପରେ ସେ ମଦର ଟେରେସାଙ୍କ ଉକ୍ତିର ସାହାଯ୍ୟ ନେଇ ଗାନ୍ଧୀଙ୍କ ସେବା, ନୈତିକତା ଓ ଶାନ୍ତିପୂର୍ଣ୍ଣ ସହାବସ୍ଥାନର ମାର୍ଗ ଆପଣେଇବା ବିଷୟରେ ପାଠକମାନଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି ।

ଶତପଥୀ ଏପରି ଅନେକ ଗଳ୍ପ ରଚନା କରିଛନ୍ତି ଯେଉଁଥିରେ ବ୍ୟକ୍ତିଗତ ସମ୍ବନ୍ଧ ଓ ହୃଦୟର ଭାବ ହିଁ ପ୍ରମୁଖ ବିଷୟବସ୍ତୁ ଏବଂ ଏହି ଗଳ୍ପଗୁଡ଼ିକ ସାମାଜିକ ଓ ପରିବେଶ ସମ୍ବନ୍ଧୀୟ ଗଳ୍ପଗୁଡ଼ିକ ଠାରୁ ସଂଖ୍ୟାରେ ଅଧିକ । କୌଣସି ଆତ୍ମୀୟସ୍ୱଜନ ବା ପରିବାରର ସଦସ୍ୟ ଠାରୁ ଚିରଦିନ ପାଇଁ ବିଚ୍ଛେଦ ଏହି ଗଳ୍ପଗୁଡ଼ିକର ପ୍ରମୁଖ ବିଷୟ । 'ଓଇ ଛେଲେଟା', 'ଏକ ଲାଲ୍ ସ୍ମୃତି : ଗୋଟିଏ କାଠଚମ୍ପାର' ଓ 'ଚାଉଳ' ଆଦି ଗଳ୍ପରେ ତାଙ୍କର କନିଷ୍ଠ ପୁତ୍ର ମୁନୁର ବିୟୋଗର ମର୍ମବେଦନା ଅତ୍ୟନ୍ତ କରୁଣ ଭାବରେ ବର୍ଣ୍ଣିତ ହୋଇଛି । ସେହିପରି 'ଏକ ଲାଲସ୍ମୃତି : ଗୋଟିଏ କାଠଚମ୍ପାର' ଗଳ୍ପରେ ପ୍ରସଙ୍ଗ କ୍ରମେ ମୁନୁର ବ୍ୟବହୃତ ଟେନିସ୍ ବଲ, ଚୁଇଁଗମ୍ ଖୋଳ, ଜଳଖିଆ ବାକ୍ସ, ଚକ୍‌ଖଡ଼ି ଓ ତା ହାତରେ ରୋପିତ ଓ ପରେ ଭଗ୍ନ କାଠଚମ୍ପା ଗଛ ପୁଣି କଅଁଳି ପଲ୍ଲବିତ ହେବା ପ୍ରସଙ୍ଗ ଆବେଗିକଭାବେ ଉପସ୍ଥାପିତ ।

ଜୀବଜନ୍ତୁ, ପଶୁପକ୍ଷୀ ଏପରିକି ଗଛଲତା ଆଦିଙ୍କ ସମ୍ବନ୍ଧରେ ମଧ୍ୟ ଶତପଥୀ ଏପରି ଅନେକ ଗଳ୍ପ ରଚନା କରିଛନ୍ତି ଯାହା ଲେଖକଙ୍କ ପରିବେଶ ପ୍ରେମ ଓ ପରିବେଶ ସନ୍ତୁଳନ ପ୍ରତି ଅନୁରାଗ ଥିବା ଦର୍ଶାଏ । ମଣିଷ ପଶୁପକ୍ଷୀଙ୍କ ଉପରେ କିପରି ପ୍ରତିଶୋଧ ପରାୟଣ ହୁଏ, ତାହା ଏହି ଗଳ୍ପଗୁଡ଼ିକର ମୁଖ୍ୟ ସ୍ୱର । ଏହି ପରିପ୍ରେକ୍ଷୀରେ ଲେଖକଙ୍କ

Digitized by srujanika@gmail.com

ଏକ ସାକ୍ଷାତକାର୍ତ୍ତା ଉଦ୍ଧାର କରାଯାଇପାରେ- "ମାନବିକତା ମୋର ଧର୍ମ । ମାନବ ଜାତିକୁ ମୁଁ ସେହିଭଳି ଦେଖିବି ଓ ଚାହିଁବି ଯେ ସେମାନେ ମଣିଷ ହୋଇ ରୁହନ୍ତୁ ପଶୁ ଆଡ଼କୁ ନ ଯାଆନ୍ତୁ । ବିରାଡ଼ି କୁକୁରଙ୍କୁ ଭଲପାଏ କାରଣ ସେମାନଙ୍କ ଠାରେ ମୁଁ ଦେବତ୍ୱ ଉପଲବ୍ଧି କରେ । ମୁଁ ଭାବେ ମଣିଷ ଠାରୁ ଏଇ ଜୀବଜନ୍ତୁମାନେ ଭଲ । xxx ଗଛଗୁଡ଼ିକର ଜୀବନ ଅଛି । ତାକୁ ଭାଙ୍ଗି ଦେଲେ ରସ ବାହାରୁଛି, ଅର୍ଥାତ୍ ସେମାନେ କାନ୍ଦି ପକାଉଛନ୍ତି ।" ସମ୍ଭବତଃ, ସେଥିପାଇଁ ଶତପଥୀ ନିଜ ଚତୁଃପାର୍ଶ୍ୱର ମଣିଷମାନଙ୍କ ସହିତ କୁକୁର, ବିଲେଇ, ନେଉଳ, ମାଙ୍କଡ଼, ମାଛ ଓ ଘରଚଟିଆ ଆଦି ଇତର ପ୍ରାଣୀମାନଙ୍କୁ ନିଜର ଗଳ୍ପରେ ସ୍ଥାନ ଦେଇଛନ୍ତି । ଶାକାହାରୀ କ୍ରେଜ୍ ଯେ ନୂତନ ନୁହେଁ ତାହା ଶତପଥୀଙ୍କ ଗଳ୍ପରେ ପ୍ରତିଫଳିତ । ତାଙ୍କର 'ମାଂସାଶୀମାନଙ୍କ ଉଦ୍ଦେଶ୍ୟରେ' ଗଳ୍ପରେ ଉପଜୀବ୍ୟ ବିଷୟବସ୍ତୁ ଯେ ବର୍ତ୍ତମାନ ସର୍ବଜନ ଆଦୃତ ହୋଇପାରିଛି ଏଥିରେ ଦ୍ୱିରୁକ୍ତି ନାହିଁ । କେବଳ ଇତର ପ୍ରାଣୀ ନୁହଁନ୍ତି, ସାମାନ୍ୟ ପଦାର୍ଥ ଯେପରିକି ଚା', ଚାଉଳ, ଆଳୁ, ବରା, ଗୁଲୁଗୁଲା, ଅଙ୍କୁର, କାଠଚମ୍ପା, ପଦ୍ମଫୁଲ, କୃଷ୍ଣଚୂଡ଼ା ଇତ୍ୟାଦି ବି ଶତପଥୀଙ୍କ ଗଳ୍ପରେ ପ୍ରମୁଖ ବର୍ଣ୍ଣବିଭା ଘେନି ଭାସ୍ୱର ହୋଇଛନ୍ତି ।

'ଛାୟା-କାୟା' ବିଂଶ ଶତାବ୍ଦୀର ପଞ୍ଚମ ଦଶକର ପ୍ରାରମ୍ଭରେ ରଚିତ, ଯେତେବେଳେ ଲେଖକ ନିଜର ପତ୍ନୀ, ସାନଭାଇ ଓ ଦୁଇବର୍ଷର ବଡ଼ଝିଅ ସହିତ ବାରିପଦାର ଏକ ଭଡ଼ାଘରେ ରହୁଥିଲେ । ଏହି ଗଳ୍ପଟିରୁ ଲେଖକଙ୍କ ପରବର୍ତ୍ତୀ ରଚନାର ଅନେକ ଚାରିତ୍ରିକ ବୈଶିଷ୍ଟ୍ୟ ଦେଖିବାକୁ ମିଳେ । ସେଥିମଧ୍ୟରୁ ପ୍ରଧାନ ହେଉଛି ଆତ୍ମ-ଜୈବନିକ ବର୍ଣ୍ଣନାଶୈଳୀ । ବହୁତ ସମୟରେ ସେ ନିଜର ଘନିଷ୍ଠ ବନ୍ଧୁ, ସଂପର୍କୀୟ ଏପରିକି ପୋଷା ପଶୁପକ୍ଷୀଙ୍କ ନାମ ତାଙ୍କ ଗଳ୍ପଗୁଡ଼ିକରେ ବ୍ୟବହାର କରିଥାନ୍ତି । ଉଦାହରଣ ସ୍ୱରୂପ, 'ଛାୟା-କାୟା'ରେ ନିଜର ସାନଭାଇକୁ ଲେଖକ ଏକ ଚରିତ୍ର ରୂପେ ବ୍ୟବହାର କରିଛନ୍ତି ଓ ନିଜର ଜେଜେବାପା (ଭୋଳାନାଥଙ୍କ ବାପା)ଙ୍କ ସ୍ମୃତିଚାରଣ କରିଛନ୍ତି । ପ୍ରଥମ ଓ ଶେଷଥର ପାଇଁ ନିଜର ପତ୍ନୀଙ୍କୁ ଲତାର ମା' ରୂପେ ପ୍ରଚ୍ଛଦପଟରେ ଆଣିଛନ୍ତି ଏବଂ ଗୁରୁଣ୍ଡୁଥିବା ଝିଅ ଲତା ଗାଳ୍ପିକଙ୍କ ନିଜ ବଡ଼ଝିଅର ରୂପକମାତ୍ର । ତାଙ୍କର ଅନେକ ଗଳ୍ପ ପରି ଏହି ଗଳ୍ପର ପ୍ରୋଟାଗୋନିଷ୍ଟ ମଧ୍ୟ ଜଣେ ଦରିଦ୍ର ଶ୍ରେଣୀର ବ୍ୟକ୍ତି ଯିଏ ନିଜ ଚତୁଃପାର୍ଶ୍ୱର ଜନସାଧାରଣଙ୍କ ଦ୍ୱାରା ବର୍ଜିତ, ମାତ୍ର ସିଏ ଗଳ୍ପର ଶିକ୍ଷିତ ଓ ମଧ୍ୟବିତ୍ତ ବର୍ଣ୍ଣନାକାରୀଙ୍କୁ ମନୁଷ୍ୟର ଚାରିତ୍ରିକ ଅବସ୍ଥା ସମ୍ବନ୍ଧରେ ଶିକ୍ଷା ଦିଅନ୍ତି । ଗଳ୍ପଟିର ଶେଷରେ ବର୍ଣ୍ଣନାକାରୀ ଯେଉଁପରି ଭାବରେ ବୃଦ୍ଧ ଭିକ୍ଷୁକଟି ପ୍ରତି ସହାନୁଭୂତି ଦର୍ଶାଇଛନ୍ତି, ତାହା ପାଠକମାନଙ୍କୁ ଟାଗୋର୍‌ଙ୍କ କିଛି ଗଳ୍ପକୁ ସ୍ମରଣ କରିବା ପାଇଁ ବାଧ୍ୟ କରେ ।

'ଛାୟା-କାୟା' ପରି ତାଙ୍କର ପ୍ରାୟ ପ୍ରତ୍ୟେକଟି ଗଳ୍ପରେ ଜଣେ ପ୍ରଥମ ପୁରୁଷ ବର୍ଣ୍ଣନାକାରୀଙ୍କୁ ଏକ ଚରିତ୍ର ରୂପେ ଦେଖିବାକୁ ମିଳେ । କେତେବେଳେ ସେହି ଚରିତ୍ର ଜଣକ ଗଳ୍ପର ପ୍ରୋଟାଗୋନିଷ୍ଟ ତ ଆଉ କେତେବେଳେ ଗୋଟେ ଗୌଣ ଚରିତ୍ର । ଏପରିକି

Digitized by srujanika@gmail.com

ସେହି ଚରିତ୍ର ଆର.କେ.ଲକ୍ଷ୍ମଣଙ୍କ କାର୍ଟୁନ୍‌ର ସାଧାରଣ ବ୍ୟକ୍ତି ପରି ଜଣେ ନୀରବଦ୍ରଷ୍ଟା ବା ଫ୍ଲାନ୍ୟୁର । ଯେଉଁପରି ଭାବରେ ଶତପଥୀ ଆତ୍ମ-ଜୈବନିକ ଓ ବର୍ଣ୍ଣନାକାରୀ 'ମୁଁ' କୁ ବ୍ୟବହାର କରନ୍ତି, ସେପରି ଶୈଳୀ ଇଂରାଜୀ ଲେଖକ ମୁଲକ୍ ରାଜ୍ ଆନନ୍ଦ ଓ ରସ୍କିନ୍ ବଣ୍ଡଙ୍କ ରଚନାରେ ମଧ ପରିଲକ୍ଷିତ ହୁଏ । ସେଥିପାଇଁ କେତେବେଳେ ତାଙ୍କ 'ମୁଁ'ଟି 'କାଠ' ର ମୁଁ ପରି ଜଣେ ଶୋଷକ ତ ଆଉ କେତେବେଳେ 'ଡନଲପ୍ ଏଜେଣ୍ଟ' ର ମୁଁ ପରି naive ବା gullible.

ତାଙ୍କ ଲେଖକୀୟ ଜୀବନର ଦ୍ୱିତୀୟ ପର୍ଯ୍ୟାୟ 'କାଣୀଚିଆଁ' ଗଳ୍ପରେ ଆରମ୍ଭ ହୁଏ । ଗଳ୍ପଟି ଗୋଟିଏ ପିଲାର ପ୍ରିୟ ଚିଆଁଟିକୁ ଏକ ଚିଲ ନେଇଯିବାର ବର୍ଣ୍ଣନାକୁ ଆରମ୍ଭ । କିନ୍ତୁ ଖୁବ ଶୀଘ୍ର ଏହି ବର୍ଣ୍ଣନା ବର୍ଣ୍ଣନାକାରୀର ଗ୍ରାମରେ ଘଟିଥିବା ଏକ ପ୍ରତିଶୋଧ ମୂଳକ ଘଟଣାକୁ ବଦଳିଯାଏ । ''ମବିଡିକ୍'' ଏବଂ ''ଦି ଓଲ୍ଡ଼ମ୍ୟାନ ଆଣ୍ଡ ଦି ସି'' ରେ ବର୍ଣ୍ଣିତ ମହାକାବ୍ୟିକ ସଂଘର୍ଷକୁ ଏହି ଗଳ୍ପଟି ମନେପକାଇ ଦିଏ । କିନ୍ତୁ ଗଳ୍ପଟିର ପ୍ରତ୍ୟେକ ପ୍ରତୀକ ପ୍ରାଚୀନ ଭାରତୀୟ ଗ୍ରନ୍ଥ ଯେପରିକି ''ହିତୋପଦେଶ'' ଓ ''ମହାଭାରତ'' ରୁ ଆନୀତ । ଶିନିର ତୁଳନା ରାବଣ ସହିତ ହୋଇଛି ଏବଂ ଏହାର ନାମ ଶନି ଗ୍ରହର ସାଦୃଶ୍ୟସୂଚକ । ଚିଲର ବିଶାଳ ଛାଇ 'କାଳ'ର ପ୍ରତିରୂପ ପରି ମନେ ହୁଏ । କେବଳ ଉଭୟ ରାକ୍ଷସ ପ୍ରବୃତ୍ତିର ନୁହଁନ୍ତି ବରଂ ନିଜର ସ୍ଥିତି ପାଇଁ ଏପରି ଉପାୟ ଅବଲମ୍ବନ କରନ୍ତି । କିନ୍ତୁ ଶିନିର କର୍ମ ମନୁଷ୍ୟ ଭିତରେ ଥିବା ରାକ୍ଷସକୁ ବାହାରକୁ ନେଇଆସେ ଏବଂ ସେହି ହିଂସାକୁ, ଯାହା ୱିଲିୟମ୍ ଗୋଲଡ଼ିଙ୍ଗଙ୍କ ଅନୁସାରେ ସଭ୍ୟତା ବା ସମାଜର ସୃଷ୍ଟି ନୁହେଁ ମାତ୍ର ମନୁଷ୍ୟର ପ୍ରତିଟି ଶିରାପ୍ରଶିରାରେ ଅବସ୍ଥିତ, ପ୍ରଦର୍ଶିତ କରେ । ଏହି ଗଳ୍ପ ଓ ପରବର୍ତ୍ତୀ ଗଳ୍ପଗୁଡ଼ିକରେ ଗାଳ୍ପିକଙ୍କ ପରସ୍ପର ବିରୋଧୀ ଜୀବନଦର୍ଶନକୁ ନାଟକୀୟ ପରିସ୍ଥିତିରେ ପରିବେଷଣ କରିବାର ଦକ୍ଷତା ଦେଖିବାକୁ ମିଳେ ।

ତାଙ୍କ ଗଳ୍ପଗୁଡ଼ିକରେ ସେ ପ୍ରାୟଶଃ ଗୋଟିଏ ସାଧାରଣ ମଣିଷର ନିତିଦିନିଆ ଜୀବନରେ ବ୍ୟବହୃତ ଭାଷା ହିଁ ବ୍ୟବହାର କରିଆନ୍ତି । ଟାଗୋରଙ୍କ 'ରାଜା' ଓ ଅନେକ ଇଂରାଜୀ ଭାଷାରେ ଲିଖିତ ଏକାଙ୍କିକା ନିଜ ଲେଖକୀୟ ଜୀବନର ପ୍ରାରମ୍ଭରେ ଅନୁବାଦ କରିଥିବାରୁ ଏବଂ ଜଣେ ଛାତ୍ର ଓ ଶିକ୍ଷକ ହିସାବରେ ସେକ୍ସପିୟର ଓ କାଳିଦାସ ଆଦି ଅନେକ ନାଟ୍ୟକାରଙ୍କ ରଚନା ଅଧ୍ୟୟନ କରିଥିବା ହେତୁ, ନାଟକର ପ୍ରଭାବ ତାଙ୍କ ରଚନାରେ ଦେଖିବାକୁ ମିଳେ । ବର୍ଣ୍ଣନାତ୍ମକ ଶୈଳୀ ବ୍ୟବହାର ନ କରି ସଂଳାପଧର୍ମୀ ଭାଷା ମାଧ୍ୟମରେ ଗଳ୍ପକୁ ପରିବେଷଣ କରିବା ହିଁ ତାଙ୍କ ରଚନାର ବୈଶିଷ୍ଟ୍ୟ । ଏପରିକି 'ନୀଡ଼ାଶ୍ରୟୀ' ଗଳ୍ପଟି ସଂପୂର୍ଣ୍ଣ ରୂପେ ସଂଳାପ ମାଧ୍ୟମରେ ପରିବେଷିତ ହୋଇଛି । ଆଉ ଗୋଟିଏ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା କଥିତ ଭାଷାର ପ୍ରୟୋଗ । ତାଙ୍କର ଅଧିକାଂଶ ଭାଷାର ସେଟିଙ୍ଗ ଉତ୍ତର ବା ଉତ୍ତର-ପଶ୍ଚିମ ଓଡ଼ିଶାରେ ହୋଇଥିବାରୁ ସେହି ଅଞ୍ଚଳର ଆଞ୍ଚଳିକ କଥିତ ଭାଷା (dialect) ବିଶେଷ ଭାବେ ପରିଲକ୍ଷିତ ହୁଏ । ଉଦାହରଣ ସ୍ୱରୂପ 'କଣ' ଓ 'କାହିଁକି'

Digitized by srujanika@gmail.com

ସ୍ଥାନରେ 'କେନେ' ଓ 'କିସ' ବ୍ୟବହାର କରିବାକୁ ଶତପଥୀ ଠିକ୍ ମନେ କରନ୍ତି ଏବଂ ବୋଧହୁଏ ଏହା ତାଙ୍କୁ ପାଠକର ହୃଦୟ ଜିତିବାରେ ସହାୟକ ହୁଏ । ଯେଉଁ ଗଳ୍ପ ବା ଚରିତ୍ରଗୁଡ଼ିକ ମୟୂରଭଞ୍ଜର ଆଦିବାସୀ ସଂପ୍ରଦାୟ ସମ୍ବନ୍ଧିତ, ସେହି ଗଳ୍ପଗୁଡ଼ିକରେ ସେ ଆଦିବାସୀଟିଏ ଯେଉଁ ଭଙ୍ଗୀରେ ଓଡ଼ିଆ କୁହେ ତା'ର ଅବିକଳ ପ୍ରୟୋଗ କରନ୍ତି । ଏହା ତାଙ୍କର ଏକ ସଫଳ ପରୀକ୍ଷା । ଉଦାହରଣ ସ୍ୱରୂପ– "ସେ ବଅଁଳ ଗଳାରେ କହିଲା, 'ତୁ ବି ବାବୁ ଏମିତି କାଠୁଆ ହବୁ ତ ଆମର ଗୁରିବ୍ ନୁକ ବଞ୍ଚିବ କିମିତି ? ଚାରଣା ଆଠଣା ଲାଗି ଆମର୍ ସାଙ୍ଗରେ ଝଗଡ଼ା କରିବୁ ? ତତେ ଭଗବାନ ବଡ଼ ନୁକ କରିଛି । କେତେ ପଇସା ତର କେଁ ଆଡ଼େ ଚାଲିଯାଉଛି । ଆମର ଗରିବ ନୁକର ପେଟରୁ କାଟିଲେ ତର ପେଟ ପୂରିବ ?" (କାଠ)

ଯଦିବା କଥିତ ଭାଷାର ପ୍ରୟୋଗ କରିବା କେତେଦୂର ଯୁକ୍ତିଯୁକ୍ତ, ଏହାକୁ ନେଇ କୌଣସି ସହମତି ନାହିଁ; ତଥାପି ଏତିକି କୁହାଯାଇପାରେ ଯେ ଶ୍ରୀଯୁକ୍ତ ଶତପଥୀ ଫକୀରମୋହନଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ କଥିତ ଭାଷା ପ୍ରୟୋଗଯୋଗ୍ୟ ବୋଲି ବିଶ୍ୱାସ କରୁଥିଲେ । ଉପରେ ଉଦ୍ଧୃତ 'କାଠ' ଗଳ୍ପରୁ କାଠୁରିଆର ସଂଳାପ ପରି ତାଙ୍କ କ୍ଷୁଦ୍ରଗଳ୍ପଗୁଡ଼ିକରେ ଏପରି ଅନେକ ଧାଡ଼ି ରହିଛି ଯେଉଁଥିରେ ବ୍ୟାକରଣର ପ୍ରୟୋଗ ଆଦୌ ନାହିଁ କହିଲେ ଚଳେ । ସେହିପରି ତାଙ୍କର ବଙ୍ଗଭାଷୀ ଚରିତ୍ରମାନଙ୍କର ଓଡ଼ିଆ କଥୋପକଥନର ବାସ୍ତବିକ ରୂପ ଦିଅନ୍ତି ଶତପଥୀ । ମାତ୍ର ସେ ଯେ ଅତ୍ୟଧିକ ମାତ୍ରାରେ ଆଞ୍ଚଳିକ କଥିତ ଭାଷାର ପ୍ରୟୋଗ କରନ୍ତି ତାହା କେଉଁଠି ହେଲେ ମଧ ଅନୁଭବ କରିହେବ ନାହିଁ, କେବଳ ଆବଶ୍ୟକତା ଅନୁସାରେ ଯେଉଁଠାରେ ଚରିତ୍ରର ସାମାଜିକ ଶ୍ରେଣୀ, ଜାତି ବା ସେ କେଉଁଠିକାର ମୂଳ ବାସିନ୍ଦା ସୂଚାଇବାର ଥାଏ ସେଠାରେ ସେ ଡାୟାଲେକ୍ଟର ପ୍ରୟୋଗ କରନ୍ତି । ଏପରି ଭାଷା ପ୍ରୟୋଗ ଦ୍ୱାରା ଶତପଥୀ, ମହାଶ୍ୱେତା ଦେବୀ ଓ ଗୋପୀନାଥ ମହାନ୍ତି ଆଦି ଲେଖକ 'ସବ୍‌ଅଲଟନ', ବିଶେଷତଃ ଦଳିତ ଓ ଆଦିବାସୀ ସଂପ୍ରଦାୟର ଲୋକମାନଙ୍କ ପାଇଁ ସ୍ୱର ଉତ୍ତୋଳନ କରିବାରେ ସଫଳ ହୋଇଛନ୍ତି ।

## ଚାରି

ଏହି ସଂକଳନରେ ସନ୍ନିବେଶିତ ଗଳ୍ପଗୁଡ଼ିକ ଶତପଥୀଙ୍କ ପ୍ରଥମ ସଂକଳନ "ଏଣ୍ଟି-ରୋମାଣ୍ଟିକ୍" (୧୯୬୬)ରୁ ଆରମ୍ଭ କରି ମରଣୋତ୍ତର ପ୍ରକାଶନ "ପୁଅ ପାଇଁ ଝିଅ" (୨୦୦୦) ସଂକଳନମାନଙ୍କରୁ ଚୟନ କରାଯାଇଛି । ଏହି ସଂକଳନରେ ତାଙ୍କର ଶ୍ରେଷ୍ଠ କୃତିଗୁଡ଼ିକୁ ସ୍ଥାନ ଦେବା ସଂଗେସଂଗେ ପାଠକମାନଙ୍କୁ ତାଙ୍କ ରଚନାର ବିବିଧତା ସହିତ ପରିଚିତ କରାଇବା ପାଇଁ ମୁଖବନ୍ଧରେ ଯଥାସମ୍ଭବ ଏ ପ୍ରୟାସ । ଏଠାରେ ସଂକଳିତ ଗଳ୍ପଗୁଡ଼ିକ ପ୍ରକାଶନ ସମୟର କ୍ରମାନୁସାରେ ସଂସ୍ଥାପିତ, ଯହିଁର ଅଧ୍ୟୟନରୁ ଜଣେ ପାଠକ ଲେଖକଙ୍କ ସୃଷ୍ଟି–ବିକାଶକ୍ରମ ଅବଧାରଣ କରିପାରିବେ ।

Digitized by srujanika@gmail.com

ଏହି ସଂକଳନର ପ୍ରକାଶନ ଭାର ନ୍ୟାସନାଲ ବୁକ୍ ଟ୍ରଷ୍ଟ ଇଣ୍ଡିଆ ଗ୍ରହଣ ପୂର୍ବକ 'ବସନ୍ତ ଶତପଥୀଙ୍କ ଶ୍ରେଷ୍ଠ ଗଳ୍ପମାଳା' ନିର୍ବାଚନ ଓ ମୁଖବନ୍ଧ ରଚନା ଭାର ମୋ ଉପରେ ଦେଇଥିବାରୁ ମୁଁ ତହିଁର କର୍ମକର୍ତ୍ତାଙ୍କୁ, ବିଶେଷତଃ ସହକାରୀ ସଂପାଦକ (ଓଡ଼ିଆ) ଡକ୍ଟର ପ୍ରମୋଦ ସରଙ୍କୁ କୃତଜ୍ଞତା ଜଣାଉଛି । ଏତଦ୍‌ଭିନ୍ନ ବସନ୍ତ ଶତପଥୀଙ୍କ ପରିବାରର ସମସ୍ତ ସଦସ୍ୟ, ଯଥା- ବୀଣାପାଣି ପାଣିଗ୍ରାହୀ, ଶାନ୍ତନୁ କୁମାର, ସୌଭାଗ୍ୟ ମଞ୍ଜରୀ ତ୍ରିପାଠୀ, ସୁଧାରାଣୀ ପାଣିଗ୍ରାହୀ, ସଞ୍ଜୟ କୁମାର ଓ ସୁରଜିତ କୁମାର ଶତପଥୀ, ଏପରି ଏକ କାର୍ଯ୍ୟରେ ସହଯୋଗ ତଥା ଉସାହିତ କରିନଥିଲେ ଏହି ସଂକଳନଟିର ପ୍ରସ୍ତୁତି ସଂଭବ ହୋଇପାରିନଥାନ୍ତା । ପରିଶେଷରେ ଆଦାନ-ପ୍ରଦାନ କାର୍ଯ୍ୟକ୍ରମରେ, ପୁସ୍ତକଟି ସଂଖ୍ୟାଧିକ ପାଠକଙ୍କ ଦ୍ୱାରା ମିତ୍ରତୁଲ୍ୟ ଆଦର ପାଇଲେ, ଶ୍ରମ ସାର୍ଥକ ହୋଇଛି ବୋଲି ମନେକରିବି ।

ସୁମନ୍ୟୁ ଶତପଥୀ

Digitized by srujanika@gmail.com

# କାଣୀ ଚିଆଁ

କବାଟରେ ଜଞ୍ଜିରର ଖଡ଼ଖଡ଼ ଶବ୍ଦ ଶୁଣିଛି କି ନାହିଁ, ଟୁନ୍ନ ଘର ଭିତରୁ ଧଇଁସଇଁ ହୋଇ ଦଉଡ଼ି ଆସି ଛିଟିକିଣିଟା ଫିଟାଉ ଫିଟାଉ କାନ୍ଦ କାନ୍ଦ ହୋଇ କହିଲା, ''ଶୀଘ୍ର ଆସ ବାପା, କାଣୀ ଆଉ ନାହିଁ ।''

''ମରିଗଲା ?'' ଆମର ଖବରକାଗଜ ଗୁଡ଼ିକର ଭାଷା ଅନୁସାରେ 'ଆଉ ନାହିଁ', 'ଆଉ ନାହାନ୍ତି' ର ଅର୍ଥ ଏହା ହିଁ ।

''ନା, ନା, ବାପା, ଚିଲ ନେଇଗଲା ।'' ଆଖିରୁ ଲୁହଧାର ଝରାଇ ପୁଣି କହିଲା, ''ଚାଉଳ ଦି'ଟା ବୁଣି ଦେଇଥିଲି ଅଗଣାରେ, ତାକୁ ଖାଉଥିଲା ।''

ବହିପତ୍ର ଗୁଡ଼ାକ ଫୋପାଡ଼ି ଦେଇ ଦଉଡ଼ିଗଲି ଅଗଣାକୁ, ଉପରକୁ ଅନାଇ ଦେଖିଲି- ପ୍ରାୟ ତାଳେ ଉଚ୍ଚରେ ଚିଲଟା ପୂର୍ବମୁହାଁ ହୋଇ ଉଡ଼ିଯାଉଛି । ପେଟ ତଳେ କଳା କଳା ଗୋଡ଼ ଭିତରେ ଛୋଟ ଟେନିସ୍ ବଲ ପରି ଧଳା ଚିଢ଼ଟିଏ ଦିଶୁଛି । ଜେଟ୍ ପ୍ଲେନ୍‌ରେ ବହୁତ ପଛରୁ ଯେମିତି ଶବ୍ଦ ଆସେ ଚିଁ ଚିଁ ଶବ୍ଦଟା ଚିଲର ଅନେକ ପଛରୁ ଆସୁଛି । ବିକଳ ହୋଇ ଚିଆଁଟା ଯେମିତି ଡାକୁଛି, ''ମା, ବାପା, ରଖ,'' ''ହରି, ପ୍ରଭୁ, ରଖ'', ''କୁନ୍ନ, ଟୁନ୍ନ ରଖ ।'' ଦୂରରୁ ଏତିକିବେଳେ ଆଉ ଗୋଟାଏ ଚିଲର ଲମ୍ବା ଚିତ୍କାର ଶୁଭିଲା, ଯେମିତି ସିଏ କହୁଛି, ''ନା, ନା, ଛାଡ଼ିବୁ ନାହିଁ, ଲୋକକ୍ଷୟକୃତ୍ ପ୍ରବୃଦ୍ଧଃ ।'' ଚିଆଁର କରୁଣ ଆର୍ତ୍ତନାଦ ଚିଲଟାର ବି ଛାତି ତରଳାଇ ଦେବାକୁ ଯାଉଥିଲା । ବୋଧହୁଏ ସେଥିପାଇଁ ସେଇ କରୁଣ ଡାକ ବନ୍ଦ କରିଦେବା ଉଦ୍ଦେଶ୍ୟରେ ଚିଲଟା ତା ମୁହଁକୁ ତଳ ଆଡ଼କୁ ବଙ୍କାଇ ଆଣି ଧଳା ଜୀବଟା ଆଡ଼କୁ ବଢ଼ାଇ ଦେଲା । କ୍ଷୀଣରୁ କ୍ଷୀଣତର ହୋଇ ଶବ୍ଦ କ୍ରମେ ବନ୍ଦ ହୋଇଗଲା ।

ମହାକାଶ ଶୁନ୍‌ଶାନ୍ ହୋଇଗଲା । ଖୁବ୍ ଉଚ୍ଚ ଶିମୁଳି ଗଛର ଅଗ୍ରେ ଥିବା ଫଟା ଶିମୁଳି ଫଳରୁ ଦମକା ପବନରେ ଯେମିତି ଗୋଛାଏ ତୁଳା ଉଡ଼ିଯାଏ ସେମିତି ଛୋଟ ଛୋଟ ପରର ରୋଷଣି ଆକାଶରେ ଖେଳିଗଲା । ଚିଲର ପିଠି ଉପରେ ବସିବାର ଚେଷ୍ଟା କରି କୁଆଟିଏ ଚିଲକୁ ହଇରାଣ ହରକତ କଲା ସିନା, ଫଳ କିଛି ପାଇଲା ନାହିଁ । ଦେଖୁଁ ଦେଖୁଁ ଚିଲ ଅଦୂରର ବିଶାଳ ଶାଳ୍ମଳୀ ତରୁ ନିକଟରେ ପହଞ୍ଚିଗଲା । ବୀରାଙ୍ଗନା ଓ ବୀର-ସନ୍ତାନଗଣ କୋଳାହଳ କରି ଜଣାଇଲେ ବିଜୟୀ ବୀରକୁ ସମ୍ବର୍ଦ୍ଧନା । କୁଆଟି ନିରାଶ ହୋଇ ଫେରିଆସିଲା । କେବଳ ଧଳା ପରଟିଏ ଧୀରେ ଧୀରେ ପବନରେ ଭାସି

Digitized by srujanika@gmail.com

ଆସି ଲାଗିଲା ଅଗଣାର ସପେଟା ଗଛର ଅଗ ଡାଳରେ ।

ଆଲେକ୍‌ଜାଣ୍ଡାର ମରିଯିବା ପରେ କୁକୁଡ଼ା ରଖିବା ସଉକ ମୋର ଚାଲିଯାଇଥିଲା । ଏକ ପାଖରେ ରଜ୍ଜାଭ ହେଲେନ୍ ଅନ୍ୟ ପାଖରେ ପଦ୍ମିନୀ ମନ୍ଦୋଦରୀକୁ ଧରି ଗର୍ବରେ ସ୍ଫୀତ ହୋଇ ବେକକୁ ଲମ୍ବାଇ ଆଲେକ୍‌ଜାଣ୍ଡାର ଯେତେବେଳେ କେକେରେକେ ଡାକ ଛାଡୁଥିଲା ସେତେବେଳେ ପୁରୀର ହେରାଗୋହିରୀ ସାହିର ଶିବମନ୍ଦିରର ହର ଗୌରୀଙ୍କୁ କହୁଥିଲେ, "ଗୌରୀ, ମନ୍ଦିରଟା ଫାଟିଗଲା ନା କ'ଣ ? ଏଠି ଆଉ ରହିହବ ନାହିଁ ।" ମହାଦେବ କ୍ରୋଧରେ ତ୍ରିଶୂଳ ଫିଙ୍ଗି ଛାତିରେ ତା'ର ବିଦ୍ଧ କରିଦେଲେ ବୋଧହୁଏ । ଡେଣା ତଳର ଘାଆ କ୍ରମେ ମାରାତ୍ମକ ହେଲା ଓ ମାସକ ଭିତରେ ଆଲେକ୍‌ଜାଣ୍ଡାର ସ୍ୱର୍ଗ ଦ୍ୱାରରେ ବିଶ୍ରାମ ନେଲା । ସଦ୍ୟବିଧବା ହେଲେନ୍ ଓ ମନ୍ଦୋଦରୀ ଉଭୟଙ୍କୁ ନୋଳିଆ ସାହିର ଜନୈକ ଦେଶୀ ସାହେବ ସହିତ ବିନା ଯୌତୁକରେ ବିଭା କରିଦେଲି ।

ତା'ପରେ ଆସିଲା ବଦଳି ହୁକୁମ । ଜ୍ଞାତି, ବନ୍ଧୁ, କୁଟୁମ୍ବ ତଥା ଜନ୍ମସ୍ଥାନରୁ ଦୂରେଇ ଆସି ପାରଳାର ନୂଆ ପରିସ୍ଥିତି ଓ ପରିବେଶ ସହିତ ମେଳ ରଖି ଚଳିବାର ଚେଷ୍ଟା କରୁଥାଏ ।

ଦିନେ ଏକ ଶନିବାର ସନ୍ଧ୍ୟାରେ ବନ୍ଧୁ କୁଳମଣି ଆସି ପହଞ୍ଚିଲେ ଆମ ବସାରେ । ବେତଝୁଡ଼ି ଭିତରୁ ପାଞ୍ଚଟି ଲେଗ୍‌ହର୍ଣ୍ଣ ଚିଆଁ ବାହାର କଲେ, "ଏଇ ନିଅନ୍ତୁ, ଆପଣଙ୍କ ପାଞ୍ଚ ମୋର ପାଞ୍ଚ, ପଶୁ ଡାକ୍ତରଖାନାରୁ ଆଣିଛି । ଏଠି କାଳ କାଟିବାକୁ ଚାହିଁଲେ ବଗିଚା କରନ୍ତୁ, କୁକୁଡ଼ା ପାଳନ୍ତୁ, ନ ହେଲେ ସମୟର ବୋଝ ସମ୍ଭାଳି ପାରିବେ ନାହିଁ ।" କୁନୁ, ଟୁନୁ, ମୁନୁ ସମସ୍ତେ ଡେଇଁ ଉଠିଲେ । କହିଲେ, ହଁ ହଁ ବାପା, କୁକୁଡ଼ା ପାଳିବା । ଚାଅନ୍ତା ଖେଳନା ହିସାବରେ କୁକୁଡ଼ା ଚିଆଁ ଗୁଡ଼ାକ ଦାମିକା ଖେଳନା । ମଟର, ରେଲ ଜାହାଜଠାରୁ ଭଲ ଭାବି ହଁ ଭରିଲି । ସେଦିନ ରାତି ବହୁତ ଡେରିରେ ପିଲାମାନେ ଶୋଇଲେ ।

ତହିଁ ଆରଦିନ ଆସିଲା ବାଉଁଶ ଝୁଡ଼ି, ମାଣିଆ, ବାଚରା, ଗହମ, ଶୁଖୁଆ ଆହୁରି କେତେ କ'ଣ । ଅଗଣାରେ ଗୋଟିଏ କଣରେ ଲଗାହେଲା ଦୁବ ଘାସ । ବଡ଼ ହେଲେ କୁକୁଡ଼ା ଗୁଡ଼ାକ ସବୁଜ କିଛି ଖାଇବାକୁ ପାଇବେ । ପିଲାମାନଙ୍କର ଭୋକଶୋଷ ନାହିଁ । ସବୁବେଳେ ଚିଆଁ ଗୁଡ଼ାକୁ ଘେରି ରହିଛନ୍ତି, କିଏ ଚାଉଳ ବୁଣୁଚି, ଆଉ କିଏ ପାଣି ଆଣି ମାଟି ସରାରେ ପୂରାଉଛି । ପାଞ୍ଚ ଛଅ ଦିନର ଚିଆଁ ଗୁଡ଼ିକ ତଥାପି କେଡ଼େ ସ୍ୱାଧୀନ, ଖେଳୁଆଡ଼ ଓ ଜୀବନ୍ତ । ଚିଆଁଟାଏ ବା ବାଛୁରୀଟିଏ ପାଞ୍ଚ ଦିନରେ ଯେଉଁ ଅବସ୍ଥାକୁ ଆସନ୍ତି ମଣିଷ ଛୁଆ ପାଞ୍ଚ ବର୍ଷରେ ସେ ଅବସ୍ଥାକୁ ଆସନ୍ତି ନାହିଁ । କେଡ଼େ ଅସହାୟ ଦୁର୍ବଳ ମଣିଷ ଛୁଆଗୁଡ଼ାକ ! ସେଇଥିପାଇଁ ଏତେ ବାରବ୍ରତ, ପୂଜା, ଉପାସନା ।

ଦିନେ ଦି' ଦିନ ଗଲା । ସ୍କୁଲ ଫିଟିଲା । ପିଲାଙ୍କ ଆଗ୍ରହ ଉତ୍ସାହ କ୍ରମେ ମଉଳିଗଲା । ଟୁନୁ ସ୍କୁଲ ଯାଏ ନାହିଁ; ତେଣୁ ସେ ଏ ଜୀବଗୁଡ଼ିକ କଥା ବୁଝେ । କେତେବେଳେ କିମିତି ଡାଳୁଣି ଖୋଲିଦିଏ ଓ ବାଡ଼ିଟିଏ ଧରି ଜଗିବସେ । ଦିନେ ଖୋଲୁ

Digitized by srujanika@gmail.com

ଖୋଲୁ ଡାଙ୍କୁଣିଟା ଗୋଟିକ ଉପରେ ମାଡ଼ି ହୋଇଗଲା । ତହିଁ ଆରଦିନ ଗୋଟାକୁ ଚିଲ ନେଇଗଲା । ପରଦିନ ଆଉ ଗୋଟାଏ । ମୁଁ ଫେରିଲେ ଆଖି ଛଳଛଳ କରି ଟୁନୁ ତା' ଦୁନିଆଁର ଶୋକସମ୍ବାଦ ଦିଏ । ଅଭୟ ଆଶ୍ରୟ ଦେଉଥିବା ମା'ର ଡେଣା ଟୁନୁ ଯୋଗାଇବ କୁଆଡୁ ? କ୍ରମେ କ୍ରମେ ସଂଖ୍ୟା କମି କମି ରହିଲା ଏକରେ ଓ ସେଇ ଏକ ହେଲା ଛୋଟା । ହୀନକର୍ମାଟାକୁ ଦିନେ କୁଆ ଆକ୍ରମଣ କଲା । ନେଇପାରିଲାନି ଟୁନୁ ପାଖରୁ; କିନ୍ତୁ ଆଖି ଗୋଟିଏ ଖୁମ୍ପି ଫୁଟାଇଦେଲା । ଛୋଟାର ନା ହେଲା କାଣୀ । କାଣୀକୁ ଟୁନୁ ଝୁଡ଼ି ଭିତରୁ ପଦାକୁ ଆସିବାକୁ ଦିଏନି; କିନ୍ତୁ ଆଜି ପୁଣି ଭୁଲ୍ କରି ବସିଲା ଓ ଭାଇଭଉଣୀଙ୍କ ପଥ ଅନୁସରଣ କରି ସ୍ୱର୍ଗମାର୍ଗରେ ଏକମାତ୍ର କାଣୀ ମହାପ୍ରୟାଣ କଲା । ଛୋଟା ଓ କଣା ହେଲେ ବି ସମସ୍ତଙ୍କ ବିଶେଷତଃ ଟୁନୁର ଆଦର ଯତ୍ନ ପାଇ ଭାରି ସୁନ୍ଦର ଦିଶୁଥିଲା ।

ଅଗଣାର ଗୋଟିଏ କଣକୁ ଯାଇ ଟୁନୁ କହିଲା, ''ବାପା, ଏଇଠି ଆଗ ଝାମ୍ପ ମାରିଲା ଚିଲଟା, କାଣୀ କାନ୍ଥ ଧାରରେ ରହିଗଲା, ନେଇ ପାରିଲା ନାହିଁ,'' ପିଣ୍ଡାର ଠିକ୍ ତଳକୁ ଝୁଡ଼ି ପାଖ ସ୍ଥାନଟାକୁ ଦେଖାଇ କହିଲା, ''ଏଇଠୁ ନେଇଗଲା । ମୁଁ ହାଦ୍ ହାଦ୍ କଲି, ଶୁଣିଲା ନାହିଁ ।'' ଏତକ କହି ଭୋ କରି କାନ୍ଦି ଉଠିଲା । କେମିତି ବୋଧଦେବି ଭାବି ନ ପାରି ଖାଲି ଏତିକି କହିଲି, ''ଆଉ ଆଣିବା, କାନ୍ଦନା'' ତା'ପରେ ଚାଲିଗଲି ଛାତ ଉପରକୁ ।

ଚେୟାରଟାଏ ଟାଣିଆଣି ବସିଲି ବାରଣ୍ଡାର ଗୋଟିଏ କଣକୁ । ଆଖି ଦି'ଟା ଓଦାଳିଆ ଲାଗୁଥାଏ । ତଳେ ମଶିଣାରେ ବସିଥାଏ ଟୁନୁ ଚୁପ୍‌ଚାପ୍ ହୋଇ । ମୁଁ ଭାବୁଥାଏ, ମୋ ପିଲାପିଲି ଯେଉଁ କାଣୀକୁ ଘେନି ଖେଳୁଥିଲେ ସେଇ କାଣୀ ଇଲାଗେ ଆହାର, ଜୀବନ ଦେଉଥିବ ଚିଲ ଛୁଆଙ୍କୁ । ହଠାତ୍ ଟୁନୁ ଆଙ୍ଗୁଳି ବଢ଼ାଇ ଚିତ୍କାର କଲା, ''ବାପା, ସେଇ ଗଛର ଅଗରେ ଯେଉଁ ବସା ସେଇଠି ଚିଲମାନେ ଆମ କାଣୀକୁ ରଖିଛନ୍ତି । ଯାଅ, ଚିଲକୁ ମାରି କାଣୀକୁ ନେଇଆସ ।''

ଚାହିଁଲି ଦୁଇଶ' ଗଜ ଦୂରର ଶିମୁଳି ଗଛଟାକୁ । ମାତ୍ର କେତେ ଦିନ ଆଗରୁ ଏଇଠି ବସି ଦେଖୁଥିଲି ଚିଲ ଦି'ଟା ଖଣ୍ଡି ଖଣ୍ଡି କାଠି ଆଣି କିମିତି ବିଚିତ୍ର ନିର୍ମାଣ-କୌଶଳ ଦେଖାଉଥିଲେ । ମହାରାଜାଙ୍କ ପ୍ରାସାଦରୁ ଦଶବାର ଫୁଟ ବେଶି ଉଚ୍ଚରେ ସେମାନଙ୍କ ଆକାଶୀ ପ୍ରାସାଦ । କେଡ଼େ ନିରାପଦ ଭାବିଛନ୍ତି ସେ ସ୍ଥାନଟିକୁ ସେମାନେ । ବନ୍ଧୁକଟାଏ ମିଳନ୍ତା କି ଦେଖାଇ ଦିଅନ୍ତି । କେଡ଼େ ଅହେତୁକୀ ସେମାନଙ୍କ ଆତ୍ମତୁଷ୍ଟି ଓ ନିରାପତ୍ତା । ଗୁଳି ମାରି ଗୋଟା ଗୋଟା ଖସାଇ ଦିଅନ୍ତି ଚିଲ ବଂଶଯାକ । ନ ହେଲେ ବାଜୀକର ଗୁଣକୁ ଲଗେଇ ବାଦୁଡ଼ି ଧରା ଲମ୍ବା ଲମ୍ବା ବାଉଁଶନଳୀ ଯୋଡ଼ି ଖୁଆଖୁଞ୍ଚି କରି ତାଙ୍କ ବସା ଭାଙ୍ଗି ଦିଅନ୍ତି; କିନ୍ତୁ ବନ୍ଧୁକ ବା କାହିଁ ! ବାଜୀକର ବଂଶ ବା କାହାନ୍ତି ? ବନ୍ଧୁକ ଥିଲେ ବି ଲାଭ କ'ଣ ? କାଳୀ ପୂଜାରେ ତ ବାଣଟାଏ ବି ଫୁଟାଇ ନାହିଁ କେବେ ଭୟରେ । ଯେତିକି ଭାବୁଛି ମୋର ନପୁଂସକ କ୍ରୋଧ ସେତିକି ବଢ଼ି ଚାଲିଛି । ଟୁନୁର ଅସ୍ୱାଭାବିକ

Digitized by srujanika@gmail.com

ଗାମ୍ଭୀର୍ଯ୍ୟ ସେତିକି ଇନ୍ଧନ ଯୋଗାଉଛି ସେ ବହ୍ନିକୁ । ଛାତି କ୍ରମେ ବେଶି ବେଶି ଧଡ଼ଧଡ଼ ହେଲାଣି । କ'ଣ କରିବି, କ'ଣ କରନ୍ତି, କ'ଣ କଲେ ମନଟା ଟିକିଏ ଶାନ୍ତ ହୁଅନ୍ତା– ଏଇ କଥା ଭାବୁଛି, ହଠାତ୍ ମନେପଡ଼ିଲା ଗାଁର ଶିନି ମଣ୍ଡଳ କଥା ।

ଶିନି ମଣ୍ଡଳ ? ହଁ, ହଁ, ଶ୍ରୀନିବାସ ମଣ୍ଡଳ । କେଡ଼େ ବୀର, କେଡ଼େ ସାହସୀ, କେଡ଼େ କୌଶଳୀ ସେ ଟୋକାଟା, କେଡ଼େ ସୁନ୍ଦର ତାର ପ୍ରତିଶୋଧ, କେଡ଼େ ଚମତ୍କାର ତାର ପ୍ରତିହିଂସା ।

ଚଉଦ ପନ୍ଦର ବର୍ଷର ତାଗଡ଼ା ଟୋକା ଖଣ୍ଡକ । ବାପ ତାକୁ ଘରୁ ବାହାର କରିଦେଇଛି । କେତେ ଦିନ ଆଗରୁ ଲଙ୍କା, ଲୁଣ, ଧୂଆପତ୍ର, ଜିରା ପିଆଜର ଭାଣ୍ଡୋଇ ଦୋକାନଟାଏ କାନ୍ଧରେ ବୋହି ଗାଁ ଗାଁ ବୁଲିକି ବି ଶିନି କେତେ ପଇସା ରୋଜଗାର କରିଥିଲା । ସେଇ ପଇସାରେ ଗୁରୁବାରକୁ ଗୁରୁବାର ବାରିପଦାରୁ ପାନ ବୋଝଟିଏ ଆଣି ଗାଁ ଗାଁ ପାନ ଯୋଗାଉଥିଲା । ଲାଭ ଦେଖାଇ ପାରିଲା ନାହିଁ ବୋଲି ତା ବାପ କୁଆଡ଼େ ତାକୁ ଘରୁ ବାହାର କରିଦେଇଛି । ବାପ ପୁଅର ମୋଟେ ପଟେ ନାହିଁ, ମୁହଁ ଚାହାଁଚାହିଁ ବି ନାହିଁ ।

ଏମିତି ସେଦିନଟା, ନୁହେଁ ଶୀତ, ନୁହେଁ ଖରା । ଶିମୂଳି ଗଛରେ କଢ଼ ଆସି ନଥାଏ । ପୋଖରୀ ହୁଡ଼ାର ଲଙ୍ଗଳା ଗଛଗୁଡ଼ାକ ଲମ୍ବା ଲମ୍ବା ଅସୁର ପରି ହାତ ଗୋଡ଼ ମେଲାଇ ଛିଡ଼ା ହୋଇଥାନ୍ତି । ଉଦୁଉଦିଆ ଦି' ପହର, ପୁରୁଣା ପୋଖରୀରେ ଜାଲ ପଡ଼ିଛି । ଯଦୁ ମିଶ୍ର, ହରି ନନ୍ଦ, କୈଳାସ ଷଡଙ୍ଗୀ, ପୃଥ୍ୱୀ ଶତପଥୀ ଆଦି ଲାଖରାଜଦାରମାନେ, ଆଉ ଗାଁର ଅନ୍ୟାନ୍ୟ ଲୋକ ପୋଖରୀ ହୁଡ଼ାରେ ରୁଣ୍ଡ ହୋଇଛନ୍ତି । ପୋଖରୀ ଭିତରେ ମାଛ ଯେତେ ଲୋକ ତା'ଠାରୁ ବେଶି କାଦୁଅ ପାଣି ଏକାକାର । ଛୋଟ ଛୋଟ ମାଛଗୁଡ଼ାକ ଭାସି ଉଠିଲେଣି । ଚିଲ କୁଆ କେତେବେଳେ କିମିତି ଗୋଟାଏ ଅଧେ ଉଠାଇବାକୁ ଆରମ୍ଭ କଲେ ।

"ଦେଖ, ଦେଖ, ଶିନିର କାରସାଦି"– ପୁରିଆ ବଗାଳ ଚିତ୍କାର କରି ଉଠିଲା ।

ସମସ୍ତେ ଚାହିଁଲେ ହୁଡ଼ାର ବଡ଼ ଶିମୁଳି ଗଛ ଆଡ଼କୁ । ଶିନି ଆଉ ତା' ସାନ ଭାଇ କୀର୍ତ୍ତି (କୃତ୍ତିବାସ) ପଶ୍ଚିମକୁ ଗଛର ଯେଉଁ ବଡ଼ ଡାଳଟା ପ୍ରାୟ ଦଶ ହାତ ଉଚ୍ଚରେ ପ୍ରଥମ ହୋଇ ଗଣ୍ଡିରୁ ବାହାରିଛି ସେଥିରେ ଯୋଡ଼ାଏ ବଡ଼ ବାଉଁଶ ଲଗାଇଛନ୍ତି ଓ ଉପରକୁ ଚଢ଼ିବା ଚେଷ୍ଟାରେ ଅଛନ୍ତି । ଗଛର ଗଣ୍ଡିଟା ଏତେ ମୋଟ ଯେ, କୁଣ୍ଢେଇ ଉଠିବା ମୋଟେ ସମ୍ଭବ ନୁହେଁ ।

ରାମ ଗଉଡ଼ କହିଲା, "ଆଜି ଚିଲ ବଂଶର ଆଉ ରକ୍ଷା ନାହିଁ । ଗୋଟାଏ ଅଧେ ହୋଇଛି ? ଦଶ ଏଗାରଟା ଚିଆଁ– ଫେର୍ ବିଲାତୀ ।"

"କାଲି ଏଗାରଟା ହୋଇଥିଲା, ଆଜି ଡଜନ ପୂରିଥିବ" କ୍ଷେତ୍ରା ଡୁମ କହିଲା ।

"ଗୋଟାକ ଆଠଣା ଦାମ୍ । ଜେଲ୍‌ଖାନାରୁ ଆଣିଥିଲା ।"

Digitized by srujanika@gmail.com

"ନା, ନା, ବ୍ଲକ୍‌ରୁ । ବାରଟାରୁ ଛୁଆ ଫୁଟିଲେ । ଦୁଇଟା ଅକାମି ହୋଇଗଲା ।"

ଛୋଟା ଧୋବା ଥାଇ କହିଲା, "ମୁଁ ସବୁଦିନ ଲୁଗା କାଚିଲା ବେଳେ ଦେଖେଁ, ଚିଲ ଦୁଇଟା ସେଇ ଶିନି ଘର ଆଡ଼ ଭୂମିଚ ସାହିରୁ ଗୋଟାକୁ ଗୋଟା ଚିଆଁ ଆଣୁଛନ୍ତି ।"

"ବସାରେ ଚିଲ ଛୁଆ ହୋଇଥିବେ ।" ପୂରିଆ କହିଲା ।

ଖଣ୍ଡେ ଦୂରରୁ ଶିନି ମଣ୍ଡଳର ଚେହେରାଟା ଖୁବ୍ ସ୍ପଷ୍ଟ ହେଲାନି, ତେବେ ଏତିକି ଦେଖିଲି ଯେ, ଯେଉଁ କେତେ କେରା ଚୂଳ କପାଳକୁ ଝୁଲି ଆସି ସିନେମା ଅଭିନେତ୍ରୀଙ୍କୁ ପରି କରିଦିଏ ସେମିତି କେତେ କେରା କେରା ନୁଖୁରା ଟାଆଁଶିଆ ବାଳ କପାଳରେ ପଡ଼ି ଶିନିକୁ ଗୋଟାଏ ଆତତାୟୀର ରୂପ ଦେଇଛି ।

"ଟୋକାଟା ବାୟା ହେଲା ନା କ'ଣ ? ଏଡ଼େ ଦୁରନ୍ତ ଶିମୁଳି ଗଛ, ଉଦୁଉଦିଆ ଦି' ପହର ବେଳରେ..." ମୁଁ କହିଲି ।

"ତୁମେ ତାଠୁଁ ବେଶି ବାୟା ହୁଅନ୍ତ । ବିଚରା ପାନ ବେପାର ଛାଡ଼ି ମୂଳ ପଇସାରେ କୁକୁଡ଼ା ଚାଷ କରିବ ଭାବିଥିଲା ପରା" ରାମ ଗଉଡ଼ ସହାନୁଭୂତି ସହିତ କହିଲା ।

ଶିନି କଛାଟା ଭିଡ଼ିଦେଇ ଜଙ୍ଘ ଉପରକୁ ଲୁଗାଟା ଟାଣି ଆଣିଲା । ପୂର୍ବ ପଶ୍ଚିମର ଠାକୁର ଠାକୁରାଣୀଙ୍କୁ ଜୁହାର କରି ଆରମ୍ଭ କଲା ସ୍ୱର୍ଗାରୋହଣ ପର୍ବ । ଦେଖୁଁ ଦେଖୁଁ ଗଛର ଦଶବାର ହାତ ଉଚ୍ଚରୁ ଯେଉଁ ପ୍ରଥମ ଡାଳଟା ପଶ୍ଚିମକୁ ଲମ୍ବି ଆମ୍ବ ଗଛ ଗୋଟାକର ଅଗ ଡାଳକୁ ଛୁଇଁଥିଲା ସେଇଠି ପହଞ୍ଚିଗଲା । ଯା ପରେ ପୁଣି ସିଧାସିଧି ଲମ୍ବ ରାସ୍ତା ।

ପାନ ବଟୁଆର ସୂତାଟା ଟାଣି ମୁହଁଟା ବନ୍ଦ କରୁ କରୁ ଗଦାଧର ଷଡ଼ଙ୍ଗୀ ଗପ ମୁଣି ଖୋଲିଲେ । ଶିନିକୁ ପଚାରିଲେ, "ସେଦିନ ଶିନି ତୁ ପାନ ଦୋକାନ ଛାଡ଼ିଲୁ କାହିଁକି ?" ସେ କହିଲା, "ନନା, ମୋତେ ଏ ସରକାରୀ ବାସ୍‌ଟା ମାରିଦେଲା । ଦାସ-କମ୍ପାନୀ ବିନା ପଇସାରେ ପାନ ବୋଝଟା ଆଣୁଥିଲା । ନୂଆ ସରକାରୀ ବାସ୍‌ର କଣ୍ଡକ୍ଟରଟା ଚାଖଣ୍ଡେ ଲମ୍ବ ଗୋଟାଏ କଳ ଆଣିଛି, ଝୁଡ଼ିରେ କଳର ଅଗଟାକୁ ଗଳାଇ ଦେଇ ଟେକି ଓଜନ କରିଦିଏ । ପାଞ୍ଚ ମହଣ କି ପାଞ୍ଚ ସେର ଜାଣିବ କେମିତି ? ପଥର ଫଥର କିଛି ନାହିଁ, ପଚାରିଲେ କହେ, ଚାଳିଶ କିଲୋ । ଲାଭ-ଗୁଡ଼ ପିମ୍ପୁଡ଼ିରେ ଯିବ ଭାବି ଦୋକାନ ଛାଡ଼ିଦେଲି ।"

"ଚାଲ ଯିବା, ତାକୁ ମନା କରିବା, ଓହ୍ଲାଇ ଆସୁ" ମୁଁ କହିଲି ।

ଦୁଇ ଚାରିଜଣ ଗାଁବାଲା ଏକା ସ୍ୱରରେ କହିଲେ, "ମରୁ ସେଇଟା, ମଲେ ଗାଁରୁ ଚୋରିଚପାଡି ବନ୍ଦ ହୋଇଯିବ ।"

ଦେଖିଲି ଶିନି ଉଠି ଚାଲିଛି ଏକ ଲୟ ଏକ ଧ୍ୟାନରେ । ଛୋଟ କୁରାଢ଼ି ଖଣ୍ଡିକରେ ଗଛର ଗଣ୍ଡିରେ ପାହାଚଟିଏ କାଟୁଛି- ସେଇଠି ଗୋଡ଼ର ବୁଢ଼ା ଆଙ୍ଗୁଳି ପୂରାଇ ଏଠିସେଠି ଗଣ୍ଡିର ଆବୁଗୁଡ଼ାକୁ ଧରି ଉଠିଚାଲିଛି କ୍ଷିପ୍ର ଗତିରେ । ଦେଖିଲି, ଗଛର ଅଧାଅଧି ଉଚ୍ଚତାର

Digitized by srujanika@gmail.com

ଟିକିଏ ଉପରୁ ଦୁଇଟା ବଡ଼ବଡ଼ ଡାଳ ସିଧାସିଧି ହୋଇ ଯେଉଁଠି ଆକାଶ ଆଡ଼କୁ ଯାଇଛି ସେଇଠି ଶିନି ପହୁଞ୍ଚି ଗଲାଣି । ମୂଳରୁ ଶେଷ ପର୍ଯ୍ୟନ୍ତ ଗଛଟାକୁ ଥରେ ଚାହିଁଦେଲି ।

ଏଇ ଗଛଟା ଇମିତି ସିମିତି ଗଛ ନୁହେଁ । ଏହାର ମହିମା ଆଖପାଖ ଦଶ କୋଶର ଲୋକେ ଜାଣନ୍ତି ଓ ସଡ଼କରେ ଗଲାବେଳେ ଦିନବେଳେ ଗଛ ଆଡ଼କୁ ଚାହାନ୍ତି ସିନା ରାତିରେ କେହି ଚାହାନ୍ତି ନାହିଁ । ଏ ଗଛର ମହିମା ବର୍ଣ୍ଣନା କରି "ଗୋଟିଏ ଶିମୂଳି ଗଛର କାହାଣୀ" ବୋଲି ଯେଉଁ ପ୍ରବନ୍ଧ "ଆସନ୍ତା କାଲି" ପତ୍ରିକାରେ ବାହାରିଥିଲା ତାକୁ ନ ପଢ଼ିଛି କିଏ ? ଓଲୁ ମହାକୁଡ଼ ବୈଶାଖ ମାସ ଦି' ପହରରେ ଗୋବର ଗୋଟେଇ ଏଇ ଗଛମୂଳକୁ ଆସିଥିଲା ବୋଲି ସେଇ ଦିନ ସଞ୍ଜରେ ରକ୍ତବାନ୍ତି କରି ପରା ମରିଗଲା । ଗହ୍ମାପୂର୍ଣ୍ଣିମା ରାତିରେ ଧଳା ଫରଫର ଲୁଗା ପିନ୍ଧି ବ୍ରହ୍ମରାକ୍ଷସଟା ଗୋଟାଏ ଗୋଡ଼ ମଶାଣିର ମହୁଲ ଗଛ ଓ ଆର ଗୋଡ଼ଟା ଏଇ ଶିମୂଳି ଗଛରେ ରଖି ଛିଡ଼ା ହୋଇଥିବାର ଖୋଦ୍ କୃଷ୍ଣ ମିଶ୍ରେ ଦେଖିଛନ୍ତି । ଦିଆସିଲି କମ୍ପାନୀର ଲୋକଗୁଡ଼ାକ ଏ ଗଛକୁ କାଟିବାକୁ ସାହସ ନ କରି ଛାଡ଼ି ଚାଲିଗଲେ ପରା ।

କିନ୍ତୁ ଶିନି ମଣ୍ଡଳର ମରଣକୁ ଭୟ ନାହିଁ । ଯାଆଁଳା ଡାଳରୁ ଗୋଟାକର ଶେଷ ଆଡ଼କୁ ଡାଳଟାଏ ଭୂଇଁ ସହିତ ସମାନ୍ତରାଳ ହୋଇ ଲମ୍ବି ଯାଇଛି । ଡାଳଟାକୁ ଦୁଇ ହାତରେ କୁଣ୍ଢାଇ ଧରି ଝିଟିପିଟି କୁମ୍ଭୀର, ପରି ପେଟେଇ ଶିନି ଗୁରୁଣ୍ଡି ଗୁରୁଣ୍ଡି ଚାଲିଛି । ଏଇ ଡାଳର ଶେଷକୁ ଉଠିଛି ଗଛଟାର ଶେଷ ଡାଳ, ଯାହାର ଗୋଟାଏ ତ୍ରିଶୂଳୀ ଅଗରେ ରହିଛି ଶ୍ୟେନ-ଦମ୍ପତିଙ୍କ ସ୍କାଇସ୍କ୍ରେପର ।

"ଦେଖ, ଦେଖ, ଏଥର ଶିନି ମଲା । ଆଉ ରକ୍ଷା ନାହିଁ ।" କିଏ ଜଣେ କହିଲା ।

କେରାଣ୍ଡି ଗଡ଼ିଶାର ଯେଉଁ ବୟାଳିଶ ଭାଗ ସଡାସଡି ଚାଲିଥିଲା ତା' ଉପରୁ ଶ୍ୟେନଦୃଷ୍ଟି ଫେରାଇ ନେଇ ସମସ୍ତେ ଶ୍ୟେନ- ଶିନି ଯୁଦ୍ଧ ଦେଖିଲେ ।

"ଦେଖ ହୋ ଶାନ୍ତନୁ ବାବୁ !"ଗାଁର ପାଣି, ଗିରି ଆରମ୍ଭ କଲେ । "ଦେଖ, ଦେଖ, ତୁମେ ଇଂରାଜୀ ପାଠଶାଠ ପଢ଼ି ଆମର ରାମାୟଣ ମହାଭାରତକୁ ମିଛ ବୋଲି କହୁଥାଅ ପରା, ରାବଣ-ଜଟାୟୁ ଯୁଦ୍ଧ ଦେଖ ଆଖି ଆଗରେ ।"

ଶିମୂଳି ଗଛକୁ ଚାହିଁଦେଇ ଯାହା ଦେଖିଲି ତାହା ପ୍ରକୃତରେ କେବେ କେହି ଦେଖି ନ ଥିବ, କାରଣ ପୃଥିବୀର କେଉଁ ଲୋକ କେବେ ଚିଲ ଶାଗୁଣା ମାରିବା ପାଇଁ ଶହେ ହାତ ଉଚ୍ଚ ଶିମୂଳି ଗଛ ଉପରେ ଚଢ଼ି ଏ ଆକାଶୀ-ସଂଗ୍ରାମ କରିବାର ମୂଢ଼ ପ୍ରୟାସ କରିବ ?

ଚାହିଁ ଦେଖିଲି ଚିଲଟାଏ ତୁହାକୁ ତୁହା କର୍କଶ ରବ କରି ବୋମ୍ବାର ଡାଇଭ୍ ମାଇଲା ପରି ଶିନିର ମୁଣ୍ଡ ମୁହଁ ହାତକୁ ଲକ୍ଷ୍ୟ କରି ଝାମ୍ପ ମାରୁଛି । ଶିନି ଅଦୂରରୁ ଡାଳଟାର ଆଶ୍ରୟ ନେବାପାଇଁ ଯେତେ ଶୀଘ୍ର ଗୁରୁଣ୍ଡି ଗୁରୁଣ୍ଡି ଯାଉଛି ଚିଲଟା ସେତେ ବେଶି ଶୀଘ୍ର ଶୀଘ୍ର ଆକ୍ରମଣ କରୁଛି । ସେ ଚିଲଟା ବସାକୁ ଗଲେ ଅନ୍ୟଟି ବସା ଛାଡ଼ି

Digitized by srujanika@gmail.com

ସେଇ ଆକ୍ରମଣ ଅପ୍ରତିହତ ରଖୁଛି । ଶିନିର ଅବସ୍ଥା କ୍ରମେ ଅତିଷ୍ଠ ଓ ବିପନ୍ନ ହେଉଛି ।

ମାଛ ଧରା ଶେଷ । ଯେଝା ଭାଗ ନେଇ ଲାଖରାଜଦାରଗଣ, ଜାଲୁଆ ଓ ଅନ୍ୟ ଧରାଳିମାନେ ଦଣ୍ଡକ ମଧ୍ୟରେ କିଏ କୁଆଡ଼େ ଚାଲିଗଲେ ।

"ଶିନି ତଳେ ପଡ଼ି ମରିଗଲେ ପୋଲିସ୍ କ'ଣ ଛାଡ଼ି ଦେବ ? ଗାଁ ବାଲା ସମସ୍ତଙ୍କୁ ଫେର ହଇରାଣ ହରକତ କରିବ ।"

"ମିଶ୍ରଙ୍କ ଜଳକୁବି ଆଉ ହରିଣ ଚୋରି ମୋକଦ୍ଦମା ଦୁଇଟାରେ ପୋଲିସ୍ ଫରେଷ୍ଟର ମିଶି ଆମକୁ କମ୍ ଧାଁଧପଡ଼ କରେଇଛନ୍ତି ?"

ଏତିକିବେଳେ ଆକାଶରୁ ଦୈତ୍ୟବାଣୀ ଶୁଭିଲା, "କୀର୍ତ୍ତି ! ଦଉଡ଼ି–ଯା, ଚାଳରେ ଯେଉଁ ଲମ୍ବା ପାହାଡ଼ିଆ ବାଉଁଶଟା ଅଛି ସେଇଟା ଟାଣି ଆଣିବୁ । ଆଉ କନାରେ ଟିକେ କିରାସିନି ନ ହେଲେ ଜଡ଼ାତେଲ ଲଗାଇ ଆଣିବୁ ।"

କୃତ୍ତିବାସ ଦଶ ବାର ବର୍ଷର ପିଲା । ବାପା ସାଥିରେ ରହେ, ଖାଏ, ପିଏ, ଶୁଏ, କିନ୍ତୁ ସୁନାର ହରିଣ ଶିକାର ବେଳ ଆସିଲେ ସେ ବଡ଼ ଭାଇର ପାଖେ ପାଖେ ଥାଏ, କୁଡ଼ିଆରେ ସୀତାଙ୍କୁ ଜଗି ବସେ ନାହିଁ ।

ଶିନି ଆଉ ଅଗ୍ରସର ହୋଇ ପାରିଲା ନାହିଁ । ତାର ଅନାସ୍ଥାଭାବ ଦେଖି ଚିଲ ଦୁଇଟା ଷଣ୍ଢୁଆସି ଆକ୍ରମଣ ଆରମ୍ଭ କରିଦେଲେ । ଶିନି ପେଟେଇ ପଡ଼ି ଡାଳଟାକୁ ଗୋଟାଏ ହାତରେ ଜାବୁଡ଼ି ଧରିଥାଏ । "ହାଦ୍, ଧେତ୍" ଶବ୍ଦ କରି ଅନ୍ୟ ହାତରେ ନିଜ ମୁହଁ ମୁଣ୍ଡକୁ ଯଥା ସମ୍ଭବ ନଖ, ଚଞ୍ଚୁରୁ ବଞ୍ଚାଇବାର ଚେଷ୍ଟା କରୁଥାଏ । ଥରେ ଅଧେ ଚିଲର ଡେଣାକୁ ସେ ପିଟିଲାଣି; ଚିଲ ଦୁହେଁ ବି ତା' ଗାଲ ହାତ ରାମ୍ପୁଡ଼ିଲେଣି, କାରଣ ଶିନି ମଝିରେ ମଝିରେ ମୁହଁଟାକୁ ଆଉଁସା ଆଉଁସୀ କରୁଥାଏ ।

ସାଙ୍ଗରେ ଆଉ ଏକ ଛୋଟ ଦୈତ୍ୟ ଘେନି ମଶାଲଟିଏ ଧରି ଦୌଡ଼ି ଦୌଡ଼ି ଆସିଗଲା କୀର୍ତ୍ତି । ବାଉଁଶ ଦୁଇଟା ଜାବୁଡ଼ି ଧଇଲା, ଛୋଟ ଦୈତ୍ୟଟି । ଅଗ୍ରଜଙ୍କ ମାର୍ଗ ଅନୁସରଣ କରି ଆରୋହଣ କଲା କୃତ୍ତିବାସ ସେଇ ବିଶାଳ ତରୁକୁ । ପୂର୍ବପୁରୁଷଙ୍କ ସୁଯୋଗ୍ୟ ଦାୟାଦ ବୋଲି ପରିଚୟ ଦେଇ ଚାହୁଁ ଚାହୁଁ ପହୁଞ୍ଚିଗଲା ଗଛଟାର ଯାଆଁଳା ଡାଳ ପାଖରେ ଏବଂ ଚିଲ ବଂଶର ପ୍ରେତ ପୁରୁଷଙ୍କ ଲାଗି ଆକାଶଦୀପ ଜାଳିବା ଉଦ୍ଦେଶ୍ୟରେ ଦିଆସିଲି ସହିତ ଲମ୍ବା ମଶାଲଟା ଭାଇ ହାତକୁ ବଢ଼ାଇ ଦେଲା ।

"ମରିବା ତ ଭାଇ ଦିନେ ମରିବା, ଛାଡ଼ିବୁ ନାହିଁ," ଦେଖ, ଏତିକି ଉସାହ ଦେଇ କୀର୍ତ୍ତି ତଳକୁ ଓହ୍ଲାଇବାରେ ଲାଗିଲା ।

ତେଣେ ଉପରେ ହୁଦ୍ ହୁଦ୍ ହୋଇ ଜଳି ଉଠିଲା ଶିନି ମଣ୍ଡଳ ହାତରେ ଅଗ୍ନିଶିଖା । ନିଆଁଳିଆ ଖରାରେ ମଶାଲର ନିଆଁଟା ତଳକୁ ଦିଶୁ ନଥାଏ; କିନ୍ତୁ ଧୂଆଁର ରେଖା ସ୍ପଷ୍ଟ ଦିଶୁଥାଏ । ଏଥର ଶିନି ମଣ୍ଡଳ ଛିଡ଼ା ହେଲା ଡାହାଣ ହାତରେ ପ୍ରଜ୍ୱଳିତ ମଶାଲଟାକୁ ଧରି, ଯେମିତି କୈଳାସରେ ଶିବ ତ୍ରିଶୂଳଟା ଧରି ରୁଦ୍ର–ତାଣ୍ଡବ ନାଚିବାକୁ ପ୍ରସ୍ତୁତ ହେଉଛନ୍ତି ।

Digitized by srujanika@gmail.com

ଆଉ କେତୋଟି ପାହୁଚ, ତା'ପରେ ଲକ୍ଷ୍ୟସ୍ଥଳ ଅତି ପାଖ ହୋଇଯିବ । ଶିନି ଉଠି ଚାଲିଛି । ନାଲି ନେତ ଧରି ଜଗନ୍ନାଥ ମନ୍ଦିରକୁ ଉଠୁଥିବା ଲୋକଟା ଯେମିତି ଛୋଟ ଦିଶେ ଶିନି ତାଠୁଁ ଛୋଟ ଦିଶିଲାଣି । ବର୍ତ୍ତମାନ ଦେଖିଲେ କେତେବେଳେ ଜଣାପଡୁଛି ସେ ଯେପରି ଏକ କୁଶ ଘାସ, ମାରଣରତ, ମୁକ୍ତକେଶ, କୃଷ୍ଣକାୟ କ୍ରୁଦ୍ଧ ଚାଣକ୍ୟ ଶର୍ମା ନ ହେଲେ ଧୂଆଁ ଭିତର ଦେଇ ଦିଶୁଛି ଏଭେରେଷ୍ଟ ଶୃଙ୍ଗ ଉପରେ ସୂର୍ଯ୍ୟକିରଣ ସ୍ନାତ ତେନସିଂ ପରି ! ଏ ସ୍ଥାନରୁ ହୁଏତ ଦଶ ମାଇଲ ଦୂରର ସୁବର୍ଣ୍ଣରେଖା ନଦୀର ନୀଳବେଣୀ ବା ଶିମୂଳିପାଳ ତଳ ରାସ୍ତାରେ ସଁବାଳୁଆ ପରି ଧୀରେ ଧୀରେ ଯାଉଥିବା ସରକାରୀ ବସକୁ ସେ ଦେଖି ପାରୁଥିବ ।

ନିଆଁହୁଳା ଭୟରେ ଶ୍ୟେନ-ଦମ୍ପତି ଆକ୍ରମଣ ଛାଡ଼ି ପ୍ରତିରକ୍ଷା ବ୍ୟବସ୍ଥା ଅବଲମ୍ବନ କଲେ ଓ ନୀଡ଼ର ଅନ୍ତୂର୍ଦ୍ଧ୍ୱରେ ବୃତ୍ତାକାରରେ ଘୂରିବାକୁ ଲାଗିଲେ । ପିତାମାତା ପରିତ୍ୟକ୍ତ ଶାବକମାନଙ୍କର କରୁଣ ଆର୍ତ୍ତନାଦ ବା କର୍କଶ ଚେଁ ଚାଁ ରବ ଶିନି ମଣ୍ଡଳକୁ ମିଠା ଗଜଲ ବା ଚମ୍ପୁ ପରି ଜଣାଯାଉଥାଏ ।

ହଠାତ୍ ଶିନି ମଶାଲଟାକୁ ତଳମୁହାଁ କରିଦେଲା ଯିମିତି ତେଲ ସବୁ ତଳକୁ ନିଗିଡ଼ି ଶିଖାଟାକୁ ଆହୁରି ପ୍ରଦୀପ୍ତ କରିବ । କଣ ଗୁଡ଼ାଏ ମୁରୁମୁରୁ ହୋଇ ଗୋଡ଼ରୁ ମୁଣ୍ଡଟାକୁ ବେଶ୍ ଟାଣ କରି ଦେଇ ଜ୍ୱଳନ୍ତ ହୁଳାଟା ବସାର ତଳ ପଟୁ ଖୁବ୍ ଜୋରରେ ଭୁଷି ଦେଲା । ଝଡ଼ଝଡ଼ ହୋଇ କାଠକାଠି ଧରି ବାଲି ସହିତ ତଳକୁ ଖସି ପଡ଼ିଲା ଗୋଟାଏ ଲାଲ ମାଂସ ପିଣ୍ଡୁଳା । ଶିନି ଉନ୍ମତ୍ତ ହୋଇ ବିକଟ ଚିତ୍କାର କରି ଉଠିଲା- ଗଗନ ପବନ ପ୍ରକମ୍ପିତ କରି "ହରି ନାମ ସତ୍ୟ ହେ" ଯେପରି ସ୍ୱର୍ଗ-ରାଜ୍ୟରେ ଜଣେ ବାସିନ୍ଦାକୁ ମଶାଣିକୁ ନିଆଯାଇଛି ।

ଭୂ-ଉ-ଟ୍ ।

"ଭାଇ, ଗୋଟେ ପଡ଼ିଛି" କୀର୍ତ୍ତି ତଳୁ ପ୍ରତିଗୀର ହେଲା । ଯେମିତି ସ୍ୱର୍ଗରେ ମଧ ତା ଭାଇ ଶୁଣି ପାରିବ ।

"ପୁଣି ଭୂ-ଉ-ଟ୍"

"ଆଉ ଗୋଟେ ଭାଇ ଦେଖ, ଆହୁରି ଥିବେ ।" ପୁଣି କୃତ୍ତିବାସର ଭାଇ ଉଦ୍ଦେଶ୍ୟରେ ବାଣୀ ।

"ବସା ବି ରଖି ଦେବିନି" କହି ଆହୁରି ଜୋରରେ ଖୁଞ୍ଚାଖୁଞ୍ଚି କରିବାରେ ଲାଗିଲା ଶିନି ମଣ୍ଡଳ । ସଡ଼ସାଡ଼ କଡ଼କାଡ଼ ଶବ୍ଦରେ ପ୍ରାୟ ଶଗଡ଼େ ହେବ ଡାଳ କାଠି ତଳେ ପଡ଼ିଲା ।

ମୂଳହୁଆ କାଠ ବିଖଣ୍ଡ ଖସାଇ ଦେଇ ସାରି ବିକଟ ଅଟ୍ଟହାସ୍ୟଟାଏ ହସି ଶିନି ତଳକୁ ଓହ୍ଲାଇଲେ । ଆଶ୍ଚର୍ଯ୍ୟ କଥା ଚିଲ ଦି'ଟା ଆଉ ଆକ୍ରମଣ କଲେ- ନାହିଁ ।

ଭୂଇଁରେ ଗୋଡ଼ ଦେଲାମାତ୍ରେ ଆଶ୍ୱସ୍ତିର ଶ୍ୱାସଟାଏ ଛାଡ଼ିଲା ଶିନି । ତା'ର

Digitized by srujanika@gmail.com

ଚୂଳଗୁଡ଼ାକ ଆହୁରି ଝାଙ୍କଡ଼ା ଦିଶୁଥାଏ । ଦେହରୁ ଧାର ଧାର ହୋଇ ଝାଳ ଝରୁଥାଏ ।

ଅଣ୍ଡାରେ ହାତ ଦି'ଟା ରଖି ବିରିଆ ଦାନ୍ତଗୁଡ଼ାକ ଅଙ୍କ ଦେଖାଇ ମୁହୂର୍ତ୍ତେ ଛିଡ଼ା ହୋଇ ସେ ଦେଖିଲା, ଦି'ଟା ମୋଟା ମୋଟା ନାଲି ଚିଲ ଛୁଆଙ୍କୁ । ଅନ୍ତବୁଜୁଳା ବାହାରି ପଡ଼ି ଦି'ଟା ବିକଟାଳ ଦିଶୁଛନ୍ତି ।

''ଅନ୍ତବୁଜୁଳା ବାହାରିଲେ ବି ଚିଆଁଟା ମରି ନଥିବ ନାଇଁରେ କୀର୍ତ୍ତି !'' ଭାଇକୁ କହିଲା ଶିନି, ''ଦେ ଏଥର କାଠ କାଠି ଗୋଟାଏ ଜାଗାକୁ ଆଣ ।''

ଦୁଇଭାଇ ଲାଗିପଡ଼ି ମୁହୂର୍ତ୍ତକେ ଯୁଇଗାତ ଖୋଳି ଚିତା ପ୍ରସ୍ତୁତ କରିଦେଲେ । ଦି' ଭାଇ ଦି'ଟାର ଗୋଡ଼କୁ ଧରି ଝୁଲାଇ ଝୁଲାଇ ଆଣି ରଖିଲେ ଚିତା ଉପରେ ଓ ନିଆଁ ଲଗାଇ ଦେଲେ ।

ନିଆଁ ଯେତେବେଳେ ଛାତିଏ ଉଞ୍ଚ ହୋଇ ଜଳିଲା ଓ ସଁ ସେଁ ହୋଇ ଚିଆଁ ଦି'ଟା ମୋଡ଼ିମାଡ଼ି ହେଲେ ଓ କାଠଗୁଡ଼ାକ ଚିଡ଼ଚାଡ଼୍ ଠୋ ଠୋ ହେଲା ସେତିକିବେଳେ ତିନିହେଁ ''ହରିବୋଲ ଭାଇ ଗୋବିନ୍ଦ ବୋଲ'' କହି ଚିତା ଚାରିପାଖରେ ସାତଥର ନାଚି ନାଚି ବୁଲିଲେ ଏବଂ ଶବ ସଂସ୍କାର ପରେ ନୈଷ୍ଠିକ ବ୍ରାହ୍ମଣ ଗଙ୍ଗାସ୍ନାନକୁ ବାହାରିଗଲା ପରି ତିନିହେଁ ଚୁପ୍‌ଚାପ୍ ରହି କିଆ ପୋଖରୀ ଆଡ଼କୁ ବାହାରିଗଲେ ।

ସେଦିନ ବେଳବୁଡ଼କୁ ସଡ଼କରେ ବୁଲୁ ବୁଲୁ ଚାହିଁଦେଲି ସେଇ ଅଦୂର' ଶିମୁଳି ଗଛଟାକୁ । ଦେଖିଲି, ଦୁଇ ପ୍ରାଣୀ ବସିଛନ୍ତି ମୁହାଁମୁହିଁ ହୋଇ; ଯେପରି ଏକ ପାଖରେ ସାକ୍ଷାତ୍ କାଳ ଅନ୍ୟ ପାଖରେ କାଳୀ । ଚଷମାଟା ଖୋଲି ଆଖି ପୋଛି ପୋଛି ପୁଣି ଚାହିଁଲି ଦେଖିଲି, ଦିଶୁଛନ୍ତି ସେମାନେ ଯେପରି ଏକ ପାକିସ୍ତାନୀ ବାସ୍ତୁହରା ଦମ୍ପତି ଯାହାଙ୍କର ନିରାପତ୍ତା ଓ ଆତ୍ମପ୍ରସାଦ ମୁହୂର୍ତ୍ତକେ ଅପ୍ରତ୍ୟାଶିତ ରୂପେ ଧ୍ୱସ୍ତି ବିଧ୍ୱସ୍ତ ହୋଇ ଯାଇଛି ।

ପାରଳାର ଦୋତାଲା କୋଠାର ବାରଣ୍ଡାରେ ବସି ଦେଖିଲି ଯାଆଁଳା ହୋଇ ପାହାଡ଼ର ଦୁଇ ମୁଣ୍ଡ ଉପରୁ ବଡ଼ ବଡ଼ ଦୁଇଟା କଳା ଚିଲର ଡେଣା ପରି ଢୀଅନ୍ତା ଅନ୍ଧାର ମାଡ଼ି ଆସି ନଅର ପାଖରେ ସେଇ ଶିମୁଳି ଗଛର ଚିଲ ବସା ଦେଇ ଦୂର ଶବର-ପଲ୍ଲୀ ଆଡ଼େ କ୍ଷଣେ ପ୍ରସାରିତ ହୋଇଗଲା । ପାଖଦେଇ ଗଲାବେଳେ ମୋତେ ଯେପରି କହିଗଲା, ''କ୍ରୋଧଂ ପ୍ରଭୋ ! ସମ୍ବର ସମ୍ବର ।''

Digitized by srujanika@gmail.com

# ଏଣ୍ଟି ରୋମାଣ୍ଟିକ୍

ପ୍ରତିଦିନ ସେ ସେଇଠି ବସେ । ଏକା ଜାଗାରେ । କଚେରୀ ଘଣ୍ଟାରେ ଢଂ ଢଂ କରି ନଅଟା ବାଜିଲେ ସେ ଆସିଯାଏ । ଛିଣ୍ଡା ଅଖାପଟକୁ ଡିପ ଜାଗାରେ ପାରିଦେଇ ବସିପଡ଼େ । ପଖାଳ ଖିଆ ଏଲୁମିନିୟମ ବାଟିଟି ଆଗରେ ଥୁଏ । ଲୁଗାକାନିରୁ କେତୋଟି ନୂଆ ପୁରୁଣା ପଇସା ଓ ଅଚଳ ଅଣି ବାହାର କରି ଠଣ୍ ଠଣ୍ କରି ତହିଁରେ ପକାଇଦିଏ । ଛୋଟ ବାଉଁଶ ବାଡ଼ି ଖଣ୍ଡି ଧରି ଓଡ଼ିଆ-ତେଲୁଗୁମିଶା ଗଳାରେ ଆରମ୍ଭ କରିଦିଏ, ''ଅନ୍ଧପ୍ରାଣୀକୁ ପଇସା ଗୋଟିଏ ଦିଅ ମା !'' କେହି ଶିଖେଇ ଦେଇଥିବା ଏଇ କେତୋଟି ଶବ୍ଦ ଦିନସାରା ଶାରୀ ମୁହଁରୁ ''ଦିଅ ମା' ଭାତ'' ବାହାରିଲା ପରି ତା' ମୁହଁରୁ ବାହାରୁଥାଏ ।

ଅନ୍ଧପ୍ରାଣୀକୁ ତା'ର ଆସ୍ଥାନକୁ ଆଣେ ପାଞ୍ଚ ଛଅ ବର୍ଷର କାଳୀ ଲଙ୍ଗୁଳୀ ଝିଅଟିଏ । ତୋରାଣୀ ପେଟେ ପିଇ ପେଟକୁ ଛୋଟ ହାଣ୍ଡି ପରି ଫୁଲେଇ ଟିକି ପାଦ ଦୁଇଟା ବଙ୍କେଇ ବଙ୍କେଇ ଝିଅଟି ଯେତେବେଳେ ହାତ ଧରି ତାକୁ ବାଟ କଢ଼ାଇ ଘେନିଆସେ, ତା' ଛାତି ମୁହଁ ଫୁଟାଣିରେ ଫୁଲି ଫାଟି ପଡୁଥାଏ । କଖାରୁଆ ଦେହରେ ଓଠରୁ ତୋରାଣି ଧାରଟିଏ ଝରି ଛାତି ପେଟକୁ ସମାନ ଦୁଇଫାଳ କରି ଦେଇଥାଏ ।

ଅନ୍ଧପ୍ରାଣୀ ତା' କାମ ଆରମ୍ଭ କଲେ ଝିଅଟି ବି ନିଜ କାମ ଧରେ । ଧୂଳି ବାଲି ଜମାକରି କୋଠରୀ କୋଠରୀ କରି ଘର କରେ । ଚୁଲୀ କରି ଭାତ ତରକାରୀ ରାନ୍ଧେ । ବରପତ୍ରରେ ସେ ସବୁ ବାଢ଼ି ଚୁକ୍ ଚୁକ୍ କରି ଖାଏ । ମନେ ପଡ଼ିଯାଏ ପାଖ ଚା' ଦୋକାନଟା, ବୁଲାବୁଲି କରି ଖୋଜେ ପତରଠୁଙ୍ଗା ଗୁଡ଼ାକ କାଳେ କେଉଁଠି କିଛି ଖାଇବାର ଲାଗିଥିବ । ଦୋକାନୀ ପାଖକୁ ଯାଇ ଗେହ୍ଲାଇ ହୋଇ ଅନାରକଲି ବିସ୍‌କୁଟ୍ ମାଗେ । ଦୋକାନୀ କେବେ କିମିତି ପଚା ଶୁଖିଲା ପାଉଁରୋଟି ଟୁକୁରାଏ ଫୋପାଡ଼ିଦିଏ । ନହେଲେ କହେ ''ଯା, ବାଟିରୁ ପଇସା ଆଣିବୁ ।'' ଚୁପ୍‌ଚାପ୍ ଯାଇ ଅନ୍ଧୁଣୀର ବାଟିରୁ ଚଳ ଅଚଳ ପଇସା ନେଇ ସେ ଦୋକାନୀକୁ ଦିଏ । କେବେ କିମିତି କଉତୁକରେ ଲଙ୍ଗୁଳୀ ଧୀରେ ଧୀରେ ଯାଇ ବାଟିରେ ଗୋଟାଏ ଦୁଇଟା ଛୋଟ ଗୋଡ଼ି ପକାଇଦିଏ । ପଇସା ପଡ଼ିଲା ଭାବି ଅନ୍ଧପ୍ରାଣୀ ହାତରେ ଅଣ୍ଡାଳେ ଓ ଯେତେବେଳେ ଜାଣିପାରେ ଯେ ଗୋଡ଼ି ପଡ଼ିଛି, ସେ ସାଙ୍ଗେ ସାଙ୍ଗେ ବୁଝିପାରେ ଏ କାହା କାମ । ମୁରୁକି ହସି ହାତ ବଢ଼ାଇ ଧରିନିଏ ଝିଅଟିକୁ । ଦୁହେଁ କୁଣ୍ଢାକୁଣ୍ଢି ହସାହସି ହୋଇ ଗଡ଼ିଯାଆନ୍ତି ।

ଖେଳି ବୁଲି ଥକିଗଲେ, ଖରାରେ ଝାଉଁଳି ପଡ଼ିଲେ ଝିଅଟି ଅନ୍ଧୁଣୀର କୋଳରେ

Digitized by srujanika@gmail.com

ଆଣ୍ତାନିଏ । ବାଆଁ ଥନଟାକୁ ଗେରୁଆ ଧୂଳିଆ ଲୁଗାଭିତରୁ କାଢ଼ି ବେଣ୍ଟଟି ଝିଅ ମୁହଁରେ ମା' ପୂରାଇଦିଏ । ଶୁଖିଲା ବେଣ୍ଟଟିକୁ ଥରେ ଦି'ଥର ଟାଣୁ ନ ଟାଣୁ ଝିଅଟି ଶୋଇଯାଏ । ଦେହ, ମୁହଁ, ଆଖି, କାନ, କାନ-ଚୂଳରେ ହାତ ବୁଲାଇ ବୁଲାଇ କୁନିର ଚେହେରାର ଗୋଟାଏ ମୋଟାମୋଟି ଧାରଣା କରିନିଏ ଏତିକିବେଳେ ଅନ୍ଧପ୍ରାଣୀଟି । ନିଘୋଡ଼ ନିଦରେ ଝିଅ ଶୋଇ ପଡ଼ିଲେ ବାଟିରୁ କଣା ପଇସାଟିଏ ନେଇ ଡାହାଣ ପାଖ ଥନର ଯାଦୁଗୁଡ଼ାକ ଢୋରରେ କୁଣ୍ଡାଇବାକୁ ଲାଗିଯାଏ । ଏଇ ଥନଟା କେବେ ସେ କୁନି ମୁହଁରେ ପୂରାଏ ନାହିଁ । ତା' ଉପରେ କଛାପରି ଯାଦୁ ଏମିତି ଜଡ଼ିଯାଇଛି ଯେ, ଦୂରରୁ ଦେଖିଲେ ଜଣାପଡ଼େ ଯିମିତି ଧଳା ଫୁଟି ଫୁଟିବା କନାର ବ୍ଲାଉସ୍ ତା' ଉପରେ ଢଙ୍କା ହୋଇଛି ।

ହାତ ଏ କାମରେ ଥିଲାବେଳେ ଆଖି ଥାଏ ପଞ୍ଚତପୀ ପାର୍ବତୀଙ୍କ ଆଖି ପରି ଲଲାଟତେପ୍ତ ସୂର୍ଯ୍ୟଙ୍କ ଉପରେ । ଯେଉଁ ଆଖି ଦି'ଟା ପାଇଁ ପ୍ରଥମ ପ୍ରେମର ସମ୍ଭବ ହୁଏ, ଯେଉଁ ଆଖି ପାଇଁ ଦୁନିଆର କାବ୍ୟ କବିତା ଭାରାକ୍ରାନ୍ତ; ସେ ଦୁଇଟି ଆଖି ବିଧାତା ଏଡ଼େ କଦର୍ଯ୍ୟ କରି ଗଢ଼ିପାରେ ? ଅନ୍ଧୁଣୀର ଗୋଟାଏ ଡୋଳାଟା ଭିତରକୁ ଚାଲିଯାଇଛି । କେବଳ ଦୁଇଫାଳ ପରଦା ଯେଉଁ ଗାତକୁ ଢାଙ୍କିଛି ତାହା ବାଆଁ ଆଖି, କିନ୍ତୁ ଡାହାଣ ଆଖିର ଡୋଳାଟି ଉପରକୁ ବାହାରିପଡ଼ି ଏମିତି ଓଲଟି ଯାଇଛି ଯେ, କେବଳ ଧଳା ଡୋଳାଟା ଫୁଟି ଦିଶୁଛି ଚୋପାଛଡ଼ା ଲିଚୁଫଳ ପରି । ଏଇ ଡାହାଣ ଆଖିଟି ଗଲା ପଚିଶ ବର୍ଷ ଚାହିଁଲାଣି ସୂର୍ଯ୍ୟ ଆଡ଼କୁ, କାଳେ ସ୍ୱର୍ଗରୁ "ଲେସାରତୀର" ଟିଏ ଆସି ଅନ୍ଧୁଣୀକୁ କେବେ ଚକ୍ଷୁଷ୍ମତୀ କରିବ ।

ସକାଳ ନଥଟା । ଏକ ସନ୍ଧିବେଳା, ସ୍କୁଲ କଲେଜ ପିଲା, କଚେରିଆ ମାମଲତକାର, ରୋଗୀ, ଭକ୍ତ ସମସ୍ତଙ୍କ ଅନୁକୂଳ ବେଳ, ବହିନି ବେଳ । ଅନ୍ଧୁଣୀ ବି ଏହି ସନ୍ଧି ବେଳରେ ବାହାରେ । ବସେ ବି ଏହି ସନ୍ଧି ସ୍ଥଳରେ ।

କଚେରୀ ଦେଇ ବିଶ୍ୱେଶ୍ୱର ମନ୍ଦିରକୁ ଏଇ ରାସ୍ତା । ମସଜିଦ୍ ଦେଇ ଡାକ୍ତରଖାନାକୁ ଏଇ ରାସ୍ତା । ଗୀର୍ଜା ଦେଇ ଷ୍ଟେସନକୁ ଏଇ ରାସ୍ତା । ସ୍କୁଲ କଲେଜ ଦେଇ ନୂଆବଜାରକୁ ଏଇ ରାସ୍ତା । ଏଇସବୁ ରାସ୍ତା କବରଖାନା ପାଖରେ ଏକାଠି ହୋଇ ଗୋଟିଏ ରାସ୍ତା ଚାଲିଯାଇଛି ସ୍ୱର୍ଗଦ୍ୱାର ବା ରାଜଘାଟ ବା ନିମତଳାକୁ ।

ଗ୍ରାଣ୍ଡ ଟ୍ରଙ୍କ୍ ରୋଡ଼ର ଏଇ ଚୌରଙ୍ଗୀ ଦେଇ ଫଳ, ପନିପରିବା ଶଗଡ଼ ଯାଏ । ଗୋଟାକୁ ଗୋଟା ଏମ୍ବୁଲେନ୍ସ, ସିନେମା ବିଜ୍ଞାପନୀ, ରିକ୍ସା, ଭୋଟ ପ୍ରଚାର ଜିପ୍, ଦୁର୍ଗା ସ୍ୱରସ୍ୱତୀ ମେଢ଼, ଏପରିକି ବିଶ୍ୱସ୍ୱାସ୍ଥ୍ୟ ଦିବସ ପଟୁଆର ବି ଯିବା ଆସିବା କରେ ।

ହେଲେ ଏଡ଼େ ଛକ ଜାଗାରେ ନାନା କିସମର ଏତେ ଲୋକ ଅହରହ ଯିବା ଆସିବା କଲେ ବି କେହି କ'ଣ ତାକୁ ଚାହାଁନ୍ତି ନା, ତା' କଥା ପଦକ ଶୁଣନ୍ତି ? ବାଆଁ ଥନଟା ଛଡ଼ା ତା' ଦେହରେ ଦେଖିବାର କ'ଣ ବା ଅଛି ? କିନ୍ତୁ ଛିଣ୍ଡା ଲୁଗା ଭିତରୁ କେତେବେଳେ କିମିତି ବାହାରି ଦିଶୁଥିବା ଥନ ଅପେକ୍ଷା ପାଖ ଗଛର ପତରଲୁଚା ଆମ୍ବଗୁଡ଼ା

Digitized by srujanika@gmail.com

ଲୋକଙ୍କୁ ଭଲ ଦିଶେ, ତା'ର କର୍କଶ ଗଳାର ଚିତ୍କାର ଅପେକ୍ଷା ନିକଟର ଖଲିଫା ଦୋକାନ ରେଡ଼ିଓରୁ ଭାସି ଆସୁଥିବା ଲତା ମଙ୍ଗେସ୍କରଙ୍କ ବୀଣାସ୍ୱର ଭଲ ଶୁଭେ ।

ପୁରୁଷଙ୍କ ଭିତରେ ଯେଉଁମାନେ ଧର୍ମାତ୍ମା, ନାରୀମାନଙ୍କ ଭିତରେ ଯେଉଁମାନେ ସତୀ ସ୍ୱାଧୀ ସେଇମାନେ କେବଳ ଅନ୍ଧୁଣୀର ସର୍ବୋଦୟ ପାତ୍ରଟିରେ ନୂଆ ପଇସାଟିଏ ଦେଇ ପୁଣ୍ୟ ଅର୍ଜନ କରନ୍ତି ଯିମିତି କି ପରଜନ୍ମରେ ସେମାନଙ୍କୁ ହାତ ପତେଇବାକୁ ପଡ଼ିବ ନାହିଁ କି ଅନ୍ଧତ୍ୱ ଭୋଗିବାକୁ ହେବ ନାହିଁ ।

ମନ୍ଦିରରୁ ଫେରିବା ବାଟରେ ସ୍ତ୍ରୀ ଲୋକଙ୍କ ଭିତରେ ଆଲୋଚନା ଚାଲେ, "ଏ ଅଲୋଡ଼ା ଜୀବନକୁ ଫେର୍ କିଏ ରସିଲା ? ଯାର ପୁଣି ଛୁଆ ।" ବାଞ୍ଝ ବା ପିଲାପିଲି ନ ଥିବା ସ୍ତ୍ରୀ ଲୋକଟିଏ କହେ, "ଯାକୁ ଭଗବାନ୍ ଦଉଛି । ମୁଁ ବର୍ଷ ବର୍ଷ ଧରି ବେଲପତ୍ର ଦେଲି, ସୁନା ଚମ୍ପା ଦେଲି, ମୋ ପାଇଁ କଣା କୁଜାଟିଏ ବି ରଖିଲା ନାହିଁ ?"

"ଇଏ କାହା ସ୍ତ୍ରୀ ? ଇଏ କାହା ଛୁଆ ?" ଏଇ ଦୁଇ ପ୍ରଶ୍ନ ମନ୍ଦିର ଫେରନ୍ତା ସ୍ତ୍ରୀ ଲୋକେ ଯିମିତି ଆଲୋଚନା କରନ୍ତି କଚେରୀ ଫେରନ୍ତା ମାମଲତ୍‌କାର ଟାଉଟର ରାସ୍ତାକଡ଼ର ଫଳନ୍ତି ଆମ୍ବ ଗଛଟାକୁ ଦେଖି ଜାଣିବାକୁ ଚାହାଁନ୍ତି, "ଏ କାହା ଗଛ ? ଏ କାହା ଫଳ ?" ପଧାନେ କହନ୍ତି, "ଆମ ତୋଟାରେ ଫଳଟାଏ ନାହିଁ, ଏ ଥୁଣ୍ଟା ଗଛଟାରେ ଏତେ ଫଳ ?"

ଅନ୍ଧୁଣୀ ବସିଥିବା ସ୍ଥାନର ପ୍ରାୟ ଶହେ ହାତ ଦୂରରେ ଆମ୍ବଗଛ ମୂଳରୁ ଚିତ୍କାର ଶୁଭେ, "ପଦୁଆଁ ! ହେଇ ଗିବ୍‌ସା ଆସିଲା ।" ପଛରୁ ମଟର ଆସୁଛି, ଘୁଞ୍ଚିଯା ମାଆ ପାଖକୁ । ଗଛ ମୂଳର ଲୋକଟା ଓ ଏଇ ଅନ୍ଧୁଣୀ ଭିତରେ ପଦୁଆଁ ଯିମିତି ମହାଶୂନ୍ୟର ଏକ ସେତୁ ।

ଆମ୍ବଗଛଟା ଏ ବର୍ଷ ଦୁନିଆର ଏକ ବିଶେଷ ଆକର୍ଷଣ ହୋଇଉଠିଛି । ସେ'ଟି ଆଉ ଗଛ ନୁହେଁ । ଅନୁଷ୍ଠାନ ବା ବ୍ୟକ୍ତିସ୍ତରକୁ ଉଠିଯାଇଛି । କାହିଁ କେଉଁଠି ଆମ୍ବ ନାହିଁ ଅଥଚ ଏହି ବୁଢ଼ା ଗଛଟାରେ ଏତେ ଆମ୍ବ ! ଗଛଟା କିନ୍ତୁ କେବେ ଫଳୁ ନଥିଲା, ଥୁଣ୍ଟା ବି ନଥିଲା ।

ଶୀତ ଯାଇଛି କି ନାହିଁ ଝଙ୍କା ଝଙ୍କା ବଉଳ, ମାଇଲ୍ ମାଇଲ୍ ମହୁଆ ମହକ ଓ ଆକାଶେ ଗୁଣୁଗୁଣିଆ ମହୁମାଛି ଗଛଟାରେ ଅଜାଡ଼ି ପଡ଼ିଲେ । ଅହଲ୍ୟାବାଈ ଅମଳର ଗଛଟାରେ ସତରେ ଏତେ ପ୍ରାଣ ଥିଲା ! ବୋଧହୁଏ ଗୁଡ଼ାଏ ଥୁଣ୍ଟା ଲୋକ ଗଛ ମୂଳରେ ଆଶ୍ରା ନେଲେ ବୋଲି ଛାଇ ସହିତ ଫଳ ଦେବାପାଇଁ ଗଛଟା ଜୀବନର ବାକିଥିବା ସବୁ ଶକ୍ତି ନେଇ ବଉଳି ଉଠିଲା ।

ଫେବୃୟାରୀ-ମାର୍ଚ୍ଚ ମାସ । ସାଲତମାମି ପାଖ । ମଞ୍ଜୁରି ଟଙ୍କା ବାତିଲ ହେବା ଭୟରେ ହଠାତ୍ ଡିପାର୍ଟମେଣ୍ଟମାନେ ତତ୍ପର ହୋଇ ଉଠିଲେ । ପାଣିକଳବାଲା ପାଇପ୍ ନେବେ ବୋଲି ଆମ୍ବଗଛ ମୂଳେ ତଡାତଡ଼ି ଆରମ୍ଭ କଲେ । ଅଣ୍ଡରଗ୍ରାଉଣ୍ଡ କେବୁଲ ଯିବ

Digitized by srujanika@gmail.com

ବୋଲି ଟେଲିଗ୍ରାଫ ବିଭାଗ ଆରପଟେ ତାଡ଼ିଲେ । ସାନବଡ଼ ଡେରଗୁଡ଼ାଏ କଟିଗଲା । ତାରରେ ଡାଳ ବାଜିଲା ବୋଲି ଇଲେକ୍ଟ୍ରିକ୍‌ବାଲାଏ ପୂର୍ବପଟ ଡାଳ ଛାଣ୍ଟି ଦେଲେ । ପଶ୍ଚିମ ପଟର ଡାଳକୁ ତାର-ବିଭାଗ ଛେଦିଦେଲେ । ବାକି ରହିଲା ସରଗ ଆଡ଼କୁ ଲମ୍ବିଥିବା ଗଛର ମୋଡ଼ା ଡାଳ ଯେଉଁଟା ଛାପଛାପକିଆ ଜହ୍ନ ଆଲୁଅରେ ଦୂରରୁ ଭୂତ ବା ବ୍ରହ୍ମରାକ୍ଷସ ପରି ଦିଶେ । ବାପ୍‌ଟିଷ୍ଟ ମିସନର ଗୀର୍ଜାଟା ପାଖରେ ଅଛି ବୋଲି ଗଛଟା ବୋଧହୁଏ "ଶତ୍ରୁକୁ ପ୍ରେମକର" ନୀତିରେ ଏ ବର୍ଷ ବାଦାନ୍ୟ ହୋଇ ଉଠିଛି ।

ଏଇ ଆମ୍ବଗଛକୁ କେନ୍ଦ୍ର କରି ଗଢ଼ିଉଠିଛି ଏଇ କେତେ ଦିନ ଭିତରେ ଏକ ବିଚିତ୍ର ସାମ୍ୟବାଦୀ ରାଷ୍ଟ୍ର । ଏଠି ସମସ୍ତେ ସମାନ, ସମସ୍ତେ ରୋଗୀ ଓ ଖଣ୍ଡିଆ । ସମସ୍ତେ ଯଥାଶକ୍ତି କାମ କରନ୍ତି, ପ୍ରାପ୍ତି ମତେ ସମାନ ଖାଆନ୍ତି । ହାତ ଥିଲା ବାଲା କାଠ ଆଣେ, ନିଆଁ ଜାଳେ, ରୋଷେଇ କରେ; ଗୋଡ଼ ଥିଲାବାଲା ପାଣି ଆଣେ । ରାଜ୍ୟର ସମସ୍ତେ ଶୂନ୍ୟଚାରୀ, ଜୀବନଯାକ ସେମାନଙ୍କର ମହାଶୂନ୍ୟରେ କଟେ । ହାତ ବା ଗୋଡ଼ର ଅଙ୍ଗୁଳି ସେମାନେ ବାନ୍ଧି ରଖନ୍ତି କାଳେ ମହାଶୂନ୍ୟର ଓଜନ-ହୀନତାରେ ସେଗୁଡ଼ାକ ଉଡ଼ିଯିବ । ରାଷ୍ଟ୍ରାୟତ୍ତ ରୋଷେଇ ଶାଳାରେ ସକାଳେ ପାଣି ତୋରାଣି ପିଇଲା ପରେ ସେମାନଙ୍କୁ ଏଇ ଲଞ୍ଚିଂବେସ୍‌ରୁ ପୂର୍ବ କଳ୍ପିତ ସ୍ଥାନମାନଙ୍କୁ ନିକ୍ଷେପ କରାଯାଏ । କକ୍ଷରେ ପରିକ୍ରମା କାଳରେ ସେମାନେ ଗୀତ ଗାଆନ୍ତି, "ସବୁଥିରୁ ବଞ୍ଚିତ କରି", ନହେଲେ "କୃପାସିନ୍ଧୁ ବଦନ ।" ପରିକ୍ରମା କାଳରେ ସେମାନେ ଅନେକ ଥର ସୂର୍ଯ୍ୟାସ୍ତ ଦେଖନ୍ତି । ପୃଥିବୀ ପର୍ଯ୍ୟଟନ କରି ଫେରିଲେ ଭେଲେଣ୍ଟିନା ମୂଳା ଓ ଗାଜର ଖାଇଲାପରି ସେମାନେ ମଧ୍ୟ ଗୁଡ଼ାଏ ପାର୍ଥିବ ଖାଦ୍ୟ (ଯଥା, ମୂଳା-ଶାଗ ବା ସଜନାଶାଗ) ଖାଇ ଯାଆନ୍ତି କଚ୍ କଚ୍ କରି ।

ଏ ରାଷ୍ଟ୍ରର ସର୍ବମୟ କର୍ତ୍ତାଙ୍କ ଉଭୟ ହାତ ଓ ଗୋଡ଼ ନାହିଁ । କେବଳ ବଡ଼ ବଡ଼ ଆଖି ଦି'ଟା ତାଙ୍କର ବିଶେଷତ୍ୱ । ଗୋଟାଏ କିରାସିନୀ ବାକ୍‌ସକୁ ସିଂହାସନ କରି ଆମ୍ବଗଛର ବକଳରଙ୍ଗ ସହିତ ଦେହ ରଙ୍ଗ ମିଶାଇ ଗଛ ଗଣ୍ଡିକୁ ଆଉଜି ସେ ବସିଥାନ୍ତି । ସୃଷ୍ଟି, ସ୍ଥିତି, ଲୟ ଏଇ ତିନି ରୂପରେ ତାଙ୍କରି ଇଙ୍ଗିତରେ ଦୁନିଆଁ ଚାଲିଛି । ଯାଙ୍କର ଛେରାପହଁରା, ପହୁଣ୍ଡି ବିଜେ, ମଣୋହି ସବୁଭାର ସେହି ଦେବଦାସୀ ଅନ୍ଧୁଣୀ ଉପରେ । ଅନ୍ଧୁଣୀ ଓ ତା'ର ଝିଅଟିର ରାଜ୍ୟର ବାସିନ୍ଦା ହେବାର ଯୋଗ୍ୟତା ନାହିଁ, କାରଣ ସେମାନେ ଏ ପର୍ଯ୍ୟନ୍ତ ରୋଗୀ ବା ଥୁଣ୍ଟା ହୋଇ ନାହାନ୍ତି । ରାଷ୍ଟ୍ରପତିଙ୍କ ସ୍ୱତନ୍ତ୍ର ଫରମାନ୍ ବଳରେ ସେମାନେ ବାସିନ୍ଦା ବୋଲି ଗଣ୍ୟ ହୁଅନ୍ତି ଓ ସମସ୍ତ ଅଧିକାର ଓ ସୁବିଧା ପାଆନ୍ତି । ପ୍ରକୃତରେ ଏଇ ଅନ୍ଧୁଣୀ ହେଉଛନ୍ତି ଏ ରାଜ୍ୟର "ଫାଷ୍ଟ ଲେଡ଼ି ।"

ରାଷ୍ଟ୍ର ପରିଚାଳନା ଏକ ଗୁରୁଦାୟିତ୍ୱ । ବିଷ୍ଣୁ ଶର୍ମାଙ୍କ ଗୋଦାବରୀ ନଦୀ କୂଳର ବିଶାଳ ଶାଲ୍ମଳୀ ତରୁରେ ଯେଉଁ ପକ୍ଷୀ-ରାଜ୍ୟଟି ଗଢ଼ି ଉଠିଥିଲା ତହିଁର ରକ୍ଷଣଭାର ଥିଲା ଜରଦ୍‌ଗବ ନାମକ ଏ ବୁଢ଼ା ଶାଗୁଣା ଉପରେ । ଏ ରାଷ୍ଟ୍ରର ଜରଦ୍‌ଗବଙ୍କ କିନ୍ତୁ ସନ୍ତାନ ରକ୍ଷଣ ଛଡ଼ା ହରରଙ୍ଗୀ ଦାୟିତ୍ୱ ରହିଛି । ନିଜ ଦେହକୁ ମାଛିମଶା କବଳରୁ, ଥୁଣ୍ଟା ଡାଳରେ

Digitized by srujanika@gmail.com

ଝୁଲୁଥିବା କଳାକଳା ହାଣ୍ଡିଡେକ୍‌ଚି ଗୁଡ଼ାକୁ କୁଆ ଓ ମୂଷା ଦାଉରୁ, ଆସ୍ଥାନଟିକୁ ବୁଲାଷଣ୍ଢ, ଘୁଷୁରି ଓ କୁକୁରଙ୍କ ଦୌରାତ୍ମ୍ୟରୁ ରକ୍ଷା କରିବା ତାଙ୍କର ମାମୁଲି କର୍ତ୍ତବ୍ୟ । ଏବେ ପଦୁଆଁ ଚଲାବୁଲା ଧାଁ-ଦଉଡ଼ କରିବା ଦିନଠୁଁ ତା' ଉପରେ ଆଖି ରଖିବା ଓ ଥରକୁ ଥର ସତର୍କବାଣୀ ଶୁଣାଇବା ଅଧିକା କାମ ହେଲାଣି; କିନ୍ତୁ ସବୁଠୁଁ ବେଶି ଦାୟିତ୍ୱ ଓ କଷ୍ଟସାଧ ବ୍ୟାପାର ହୋଇଛି ଥୁଣ୍ଟା ଗଛର ଫଳ ତାକୁ ସମ୍ଭାଳି ବଡ଼ କରିବା । କାରଣ ଆମ୍ବ ଯେତିକି ଯେତିକି ବଢ଼ିଚାଲିଛି ସେତିକି ସେତିକି ମସୁଧା, ମନ୍ତ୍ରଣା, ମେଣ୍ଟ, ଚକ୍ରାନ୍ତ, ଗୁପ୍ତ ଆଲୋଚନା ଚାରିଆଡ଼େ ଚାଲିବାର ସେ ଦେଖିଲେଣି, ଶୁଣିଲେଣି, ଜାଣିଲେଣି । ସର୍ବଜ୍ଞ ଓ ସର୍ବଦ୍ରଷ୍ଟାମାନେ ବି ଏକ ଅଭିଶାପ । ଚର୍ଚ୍ଚଗେଟ୍ ସ୍କୁଲକୁ ଗଲାବେଳେ ଦୁଇ ଭାଇ କଥାବାର୍ତ୍ତା କରନ୍ତି ଏଇ ଆମ୍ବ ବିଷୟରେ ।

"ବାପାଙ୍କୁ କହିବା ଛୁରୀଟାଏ ଆଣିଦେବେ ।"

"କାହିଁକି, ମୁଁ କ'ଣ ଥାକରୁ ପୁରୁଣା ବ୍ଲେଡ୍ ଆଣିପାରିବି ନାହିଁ ? ବାକ୍‌ସରେ ଠିଆହେଲେ ହାତ ଉପରକୁ ପାଇଯିବ ।"

"ଭାଇ, ଲୁଣ ଲଙ୍କାମରିଚ ଗୁଣ୍ଡ ଆଣିବା । କଞ୍ଚା ସୁଆଦୀ ଆମ୍ବ ଖଟା ନା ମିଠା ?"

"ବୋକା, କାକୁଡ଼ି ପରି, ଦାନ୍ତ ମୋଟେ ସିରିସିରି ହେବନି । ତେବେ ଗଛମୂଳରେ ସେ ଲୋକଟାକୁ ଦେଖିଛୁ ନା ? ତା ମୁହଁ ଦେଖିଲେ ମୋତେ ଭାରି ଡରମାଡ଼େ ।"

"ସେ ଦଉଡ଼ି ପାରିବ ନାହିଁ, ଭାଇ ! ତୁ ଗୋଟାଏ ପଥର ମାରିଦେଲେ ପେଣ୍ଡାରୁ ତିନି ଚାରିଟା ଏକା ଥରକେ ଖସିଯିବ । ମୁଁ ଧରି ଦଉଡ଼ି ପଳାଇବି । ଭାଇ, ସୁନ୍ଦରୀ ଆମ୍ବ କଷି ବେଳୁ ଲାଲ, ନୁହେଁ ?"

ପାଖ କୋଠାରେ ଯାହା ଉପର ତିନିରଙ୍ଗ ପତାକା ଉଡ଼େ ତା'ରି ବରଣ୍ଡାରେ ଛିଡ଼ା ହୋଇ ହାତ ବଢ଼ାଇ ଥଇଥାନ ଅଫିସର ପଚାରନ୍ତି-

"ନାଜର ବାବୁ ! ଆଚାର ହେବ ନା ସେ ଆମ୍ବରେ ? ଟାକୁଆ ହେଲାଣି ?"

"ହଁ, ସାର୍ ! ବନି ଗଲାଣି । ଘରେ ରଖିଦେଲେ କୁଟା ଉପରେ ପାଚିଯିବ ଚାରି ପାଞ୍ଚ ଦିନରେ ।"

"କ'ଣ କରିବା ଘରେ କହୁଥିଲେ- । ଏଇଟା ପାଞ୍ଚ ମାସ ଚାଲିଛି, ବଜାରକୁ ବି ମୋଟେ କଞ୍ଚା ଆମ୍ବ ଆସୁନି ।"

"ଦେଖିବା ସାର୍ ! ସେଇ ବୁଢ଼ାଟା କେତେବେଳେ ହେଲେ ଛାଡ଼ି ଯାଉନି ପରା !"

ପ୍ରାତଃ ଭ୍ରମଣରେ ଯାଉଁ ଯାଉଁ ଚେୟାରମ୍ୟାନ୍ ସାହେବ ଏକ୍‌ଜିକ୍ୟୁଟିଭ୍ ଅଫିସରଙ୍କୁ ଗଛ ମୂଳର ରୋଗୀଗୁଡ଼ାକୁ ଦେଖାଇ କହନ୍ତି-

"ଜୁଲାଇ ମାସ ପ୍ରଥମ ସପ୍ତାହରେ ଲାଟ ସାହେବ ଆସୁଛନ୍ତି, ସେତେବେଳକୁ

Digitized by srujanika@gmail.com

ଏଗୁଡ଼ାକୁ ଘଉଡ଼ାଇବାକୁ ପଡ଼ିବ ରାସ୍ତା କଡ଼ଟାରୁ ।''

ମହିମାଗାଦୀରୁ ଯେଉଁ ଦୁଇଟା ନୂଆ ରୋଗୀ ଦଳରେ ଯୋଗ ଦେଇଛନ୍ତି ସେମାନେ ବି ଅନ୍ତର୍ଘାତୀ କାମରେ ବ୍ୟସ୍ତ । ଟିକି ଝିଅଟି ବିଷୟରେ ସେମାନେ ଭାରି ଆଗ୍ରହୀ ।

''ବିସ୍କୁଟ ଦେଲେ ନେଉଛି । ଡାକିଲେ କିନ୍ତୁ ପାଖକୁ ଆସୁନି । କାନ୍ଦି ଉଠୁଛି ଦେହରେ ହାତ ଦେଲେ ।''

''କଦଳୀ ଦେଲି, ଖାଇଲା । 'ଆ କାଖ ହବୁ' କହିବାରୁ ମା' ପାଖକୁ ପଳାଇଲା ।''

''ଏ ଦିନବେଳ କାମ ନୁହେଁ । ଅନ୍ଧୁଣୀଟା ସାଙ୍ଗରେ ଆସୁ ନ ଆସୁ । ବୁଢ଼ାଟା ଦିନ ନାହିଁ ରାତି ନାହିଁ ଜଗିବସିଛି ଦୁହିଁଙ୍କି ।''

ଯେତିକି ଯେତିକି ଆମ୍ବ ପାଚିଲାବେଳ ହେଲା, ଯେତିକି ଯେତିକି ପଦୁଆଁ କଦଳୀ ବିସ୍କୁଟ୍ ନେବାପାଇଁ ଆଗ୍ରହୀ ହେଲା ଜରଦ୍‌ଗବ ସେତେ ବେଶି ଚିନ୍ତିତ ହେଲେ ଓ ଦିନ ରାତି ତାଙ୍କୁ ସଜାଗ ସତର୍କ ରହିବାକୁ ପଡ଼ିଲା । ''ଯା ନିଶା ସର୍ବଭୂତାନାଂ ତସ୍ୟାଂ ଜାଗର୍ତ୍ତି ସଂଯମୀ ।''

ଅଇଥାନ ଅଫିସରଙ୍କ ଘରଣୀଙ୍କର ବୋଧହୁଏ ଛଅମାସ ଗଡ଼ିଗଲାଣି । ଏଣେ ଆମ୍ବ ଗୁଡ଼ାକ ଏମିତି ଲାଲି ଟହଟହ ଦିଶିଲାଣି ଯିମିତି ମୂଳରେ କିଏ ବିନ୍ଦୁ ବିନ୍ଦୁ ରକ୍ତ ଢାଳି ଫଳଗୁଡ଼ାକ ବଢ଼ାଉଛି । କୁନି ଝିଅ ପଦୁଆଁ ବି ଖେଳବୁଲି ସୁଆଗ-ଶରଧା ପାଇ ଚିକିଣିଆ ଦିଶିଲାଣି ।

ଆଜି ଗୁଣ୍ଡିଚା । ମହାପୁଣ୍ୟ ଦିବସ । ଆଜି ବ୍ରହ୍ମାଣ୍ଡକର୍ତ୍ତା ଜଗନ୍ନାଥ ରଥରେ ଚଢ଼ି ମାଉସୀ ଘରକୁ ଯିବେ । ସ୍କୁଲ ପିଲା, କଚେରିଆ ସମସ୍ତଙ୍କ ଛୁଟିଦିନ, ଆନନ୍ଦ ଉତ୍ସବ ଦିନ ।

ଆମ୍ବ ମୂଳିଆଙ୍କର ବି ଆଜି ଉତ୍ସବ । ପୁଣ୍ୟାତ୍ମା ଗୋପବନ୍ଧୁଙ୍କ ଉଦ୍ଦେଶ୍ୟରେ ସହରର କିଏ ଜଣେ ମିଲ୍ ମାଲିକ କାଙ୍ଗାଳ ଭୋଜନର ଡେଙ୍ଗୁରା ଦେଇଛନ୍ତି । ଅନ୍ତେବାସୀମାନେ ପ୍ରଶେସନରେ ବାହାରିବାକୁ ବ୍ୟସ୍ତ । ହାଣ୍ଡିକୁଣ୍ଡି, କନାକନ୍ଥା ଆମ୍ବଗଛର ଥୁଣ୍ଟା ଡାଳରେ ଟଙ୍ଗା ହୋଇ ସାଇତା ହେଲାଣି ।

ଦୁନିଆଁରେ ଆଜି ସବୁଠୁଁ ବେଶି ଖୁସି ଅନ୍ଧୁଣୀ ଓ ତା କୁନି ଝିଅ ପଦୁଆଁ । ଚାରି ପାଞ୍ଚ ବର୍ଷ ପରେ ଅନ୍ଧୁଣୀ ଆଜି ଫେର ବଜାରକୁ ଯିବ । ପୁଣି ପଦୁଆଁ ତାକୁ ବାଟ କଢ଼ାଇବ । ଦିନ ଥିଲା ଖୋଦ୍ ବିଷ୍ଣୁ ତାକୁ ହାତ ଧରି ସାଙ୍ଗରେ ନେଉଥିଲେ; କିନ୍ତୁ ସେ ଅଚଳନ୍ତି ହେବା ଦିନଠୁଁ ଅନ୍ଧୁଣୀକୁ ଢିପ ଜାଗା ଉପରେ ବସି ଦିନଯାକ ଚିତ୍‌କାର କରିବାକୁ ପଡୁଥିଲା । ଏତେ ଦିନ ଯାହାକୁ ଦେହରକ୍ତ ଦେଇ, ଉଷୁମ ଦେଇ ବଢ଼ାଇଛି ସେ ଆଜି ତାକୁ ଭୋଜିକୁ ନେବ ଶୁଭ ଦିନରେ ।

ପଦୁଆଁ ଫ୍ରକ୍ ପିନ୍ଧିଛି । ଚକଚକିଆ ଛିଟର ଫ୍ରକ୍ । ଅନ୍ଧୁଣୀର ସର୍ବୋଦୟ ପାତ୍ରରୁ ସଞ୍ଚିତ ଛଅ ମାସର ଅର୍ଥରେ ଏଇ ଜାମାଟି ତିଆରି । ପୁଣି ଖଲିଫା ସିଲାଇ ପଇସା ଛାଡ଼ି

Digitized by srujanika@gmail.com

ଦେଇଛି । ନୂଆ ଜାମାଟି ପିନ୍ଧି ପଦୁଆଁ ଖିଲି ଖିଲି ହସି ଗଡ଼ିଯାଉଛି । କାଠ ପଥର ପାଲଟି ଥିବା ପ୍ରତିମାଙ୍କ ଆଖିରୁ ବି ଝର ଆସିଛି ଆନନ୍ଦରେ ।

ଶୋଭାଯାତ୍ରା ବାହାରି ପଡ଼ିଲା । ଦଳର ସବା ଆଗରେ "ଲେଡ଼ିସ୍ ଫାଷ୍ଟ" ନୀତିରେ ପଦୁଆଁ ପଛକୁ ରାସ୍ତାର "ଫାଷ୍ଟ ଲେଡ଼ି" । ଧୂଳି ଉଡ଼ାଇ ଉଡ଼ାଇ ଚାଲିଛି କୁନି ବାଡ଼ିର ମୁଣ୍ଡ ଧରି । ଆର ମୁଣ୍ଡଟି ଧରିଛି ଅନ୍ଧୁଣୀ । ଦୁହିଁଙ୍କର ଆଜି ସମାବର୍ତ୍ତନ ଉତ୍ସବ ।

ବିଷ୍ଣୁ ପ୍ରତିମା ଚାହିଁଥାନ୍ତି । ସେ ଦୁହେଁ ଯେତିକି ଦୂରକୁ ଦୂରକୁ ଯାଉଥାନ୍ତି ତାଙ୍କର ହୃଦତନ୍ତ୍ରୀ ସେତିକି ଲମ୍ବି ଲମ୍ବି ଯାଉଥାଏ । କିନ୍ତୁ ବାଉଁଶ ବଣରେ ସେମାନେ ଯେତେବେଳେ ଲୁଚିଗଲେ ସେତେବେଳେ ସେ ବୁଝିଲେ ବିକଳାଙ୍ଗ ଓ ଅକର୍ମଣ୍ୟ ହେଲେ ବି ପ୍ରିୟଜନର ସାନ୍ନିଧ କେତେ ମୂଲ୍ୟବାନ, କେତେ ସନ୍ତାପହାରୀ ।

ସେ ଆଜି ନିଶ୍ଚିନ୍ତ । କାରଣ ସନ୍ଧ୍ୟାରେ ରାଷ୍ଟ୍ରୀୟ ପାକଶାଳା ବନ୍ଦ । ତେଣୁ କିଛି କାଳ ପାଇଁ ତନ୍ଦ୍ରାନ୍ୱିତ ବା ଯୋଗାରୂଢ଼ ହେଲେ । ଯେତିକି ଆମ୍ବଗୁଡ଼ାକ ଲାଲ ହୋଇଛି ସେତିକି ପରିମାଣରେ ସେ ଫିକା ହଳଦିଆ ହୋଇଛନ୍ତି । ଆଖି ଦୁଇଟା ମେଲା ରଖିବା କ୍ରମେ ତାଙ୍କୁ କଷ୍ଟ ହେଉଛି । ଗଲା ଦୁଇ ତିନି ମାସ "ଆଶଙ୍କା ଭୟ ବିପଦ ନିରନ୍ତର ରାଜମନ" ଅସ୍ଥିର କରିଛି । ସକାଳଯାକ ଗୁଳଗୁଳି । ତା'ଛଡ଼ା ଦୂର ସମୁଦ୍ର ବା ମେଘ ବା ପାହାଡ଼ର ଗର୍ଜନ ସେ ଥରେ ଦି'ଥର ସକାଳେ ଶୁଣିଛନ୍ତି । ସମସ୍ତେ ସୁଖରେ ସଞ୍ଜକୁ ଫେରିବେ ତ ?

କଚେରୀ ଘଣ୍ଟାରେ ଦୁଇଟା ବାଜିଲା । ଏଡ଼େ ନିର୍ଜନ ଅପରାହ୍ଣ ଯେ, ଘଣ୍ଟାର ଶେଷ ସ୍ପନ୍ଦନ ଦି'ଥର ବାୟୁମଣ୍ଡଳକୁ ଆଲୋଡ଼ିତ କରି ଆମ୍ବ ଗଛର ପତ୍ରରେ ବି କମ୍ପନ ଆଣିଦେଲା ।

ଘିର୍‌ର ଘିର୍‌ର । ଢପ୍ ଢପ୍ ।

ଧ୍ୟାନଭଙ୍ଗରେ ପ୍ରତିମା ଦେଖିଲେ ପିଚୁ ସଡ଼କରେ ନାଲି ଆମ୍ବଟାଏ ଗଡ଼ି ଗଡ଼ି ଯାଉଛି, ପିଲାଟାଏ ତାକୁ ଧରିବାକୁ ଯାଉଛି । ଆଉ ଗୋଟାଏ ଆମ୍ବ ନର୍ଦ୍ଦମାରେ ପଡ଼ିଛି ଏବଂ ଆଉ ଗୋଟାଏ ପିଲା ତାକୁ ଗୋଟାଇବାକୁ ଯାଉଛି । ଛୁଟି ଦିନରେ ବାପ ମାଆ ଶୋଇ ପଡ଼ିବା ପରେ ଲବକୁଶ ବୋଧହୁଏ ବାହାରିଛନ୍ତି ଗୋଲେଇ, ଭଙ୍ଗାଇଟା, ବ୍ଲେଡ଼, ଲୁଣ, ଲଙ୍କାମରିଚ ନେଇ ଦିଗ୍‌ବିଜୟରେ ।

"ବେଶ୍ ବେଶ୍, ସେଇ ଗୋଟାକ ନେଇ ଚାଲିଯାଅ । ଖରାରେ ବୁଲ ନାହିଁ, ବାପା ରାଗିବେ । ଘରକୁ ଯାଅ ।" ଖଣ୍ଡିଆ ହାତଟା ସଡ଼କ ଉପର ଆମ୍ବଟା ଆଡ଼କୁ ବଢ଼ାଇ ବିଷ୍ଣୁ ପ୍ରତିମା ଏଇ କଥାଗୁଡ଼ାକ କହିଲେ । ଡ୍ରେନର କୁଶ ସାଉଁଟିଲା ବେଳକୁ ସେ ଏମିତି ଗୋଟାଏ କଦର୍ଯ୍ୟ ଗଳା ଶବ୍ଦ ବାହାର କଲେ ସେ ପିଲାଟି ଚମକି ପଡ଼ିଲା ଓ ଆମ୍ବଟି ତାଙ୍କରି ଆଡ଼କୁ ଫୋପାଡ଼ି ଦେଇ ଦଉଡ଼ି ପଳାଇଲା । ଭାଇକୁ ଖଣ୍ଡେ ଦୂରକୁ ଯାଇ କହିଲା, "ବାବା ! ଦେଖିଲୁ ନା ଭାଇ, କେଡ଼େ କଦର୍ଯ୍ୟ ଚେହେରା ସେ ଲୋକଟାର ।"

Digitized by srujanika@gmail.com

ଦଣ୍ଡେ ପରେ । ପୁଣି ଶୂନ୍‌ଶାନ୍ । ଖଲିଫା ଦୋକାନରେ କାଠ କବାଟର କେଁ କଟର ସ୍ୱରଟା ପ୍ରସାରିତ ହେଉଁ ହେଉଁ କଚେରୀ ଘଣ୍ଟା ବାଜିଲା ଦୁଇଥର । ପ୍ରଥମରେ ଧୀରେ ପରେ ଖୁବ୍ ଜୋର୍‌ରେ ଦୋକାନ ଭିତରେ ରେଡ଼ିଓରୁ ଭେରୀ ତୂରୀ ଶବ୍ଦ କଟକ ଷ୍ଟେସନରୁ ଆସି ଆସ୍ଥାନଟିକୁ ଥରାଇ ଦେଲା । ପ୍ରତ୍ୟକ୍ଷଦର୍ଶୀଙ୍କ ବିବରଣୀ ଦୁନିଆଁକୁ ଜଣାଇ ଦେଲା, ‘‘ଜଗନ୍ନାଥ ରଥକୁ ବିଜେ କଲେ । ଏଥର ଯାତ୍ରାରମ୍ଭ ।’’ ‘‘ଜୟ ଜଗନ୍ନାଥଙ୍କ ଜୟ ।’’

ଆଖି ଫିଟାଇ ଜରଦ୍‌ଗବ ଦେଖିଲେ ନାଜର ବାବୁ ଦୁଇଜଣ ପିଅନ ସହିତ ଉପସ୍ଥିତ । ହାତରେ ଏ.ସି.ସି. ଛାପା ଦିଆ ଯୋଡ଼ିଏ ସିମେଣ୍ଟ ବୋରା । ଚାହୁଁ ଚାହୁଁ ମଧୁ କୈଟଭ ସିଂହାସନ ଉପରେ ଗୋଡ଼ ରଖି ରାମଭକ୍ତଙ୍କ ପରି ଗଛକୁ ଉଠିଗଲେ । ନାଜର ବାବୁ ଅଗ ଡାଳର ଲାଲି ଫଳଗୁଡ଼ାକୁ ଦେଖି ଭାବୁଥାନ୍ତି, ଏଥର ଥଇଥାନ ହାକିମଙ୍କ ଘରଣୀ ଅଲବତ୍ ପୁଅ ଜନ୍ମ କରିବେ ଏ ସିନ୍ଦୂରୀ ଆମ୍ବର ଆଚାର ଖାଇଲେ ।

ପ୍ରତିମା ଭାବୁଥିଲେ କହିବେ, ‘‘ବାବୁ ! ଆମେ କୁଡ଼ିଆ ଗୁଡ଼ାକ ଅଟକ କରି ରଖିଛୁଁ । ଚିରୁଳେ ଚିରୁଳେ–’’ !

କିନ୍ତୁ ନାଜର ବାବୁ ଯଦି ଓଲଟି କହନ୍ତି, ‘‘ଚୁପ୍ ରହ । ଝଡ଼ ତୋଫାନରେ କଚେରୀ ପିଣ୍ଡାକୁ ଆଶା ରଖିବୁ ନାହିଁ । କୁତା ଲଗାଇ ଘଉଡ଼ାଇ ଦେବି; କେଉଁ ବାପ ରଖିବ ସେତେବେଳେ ତୋତେ ଦେଖିବି ।’’

ନୀରବ ରହିଲେ ସେ । ତାଙ୍କର ବା ଶକ୍ତି ସାମର୍ଥ୍ୟ କ’ଣ ଅଛି ? ଲୋକେ ମାନନ୍ତି, ବିଶ୍ୱାସ କରନ୍ତି ବୋଲି ଠାକୁର, ନ ମାନିଲେ ? ତାଙ୍କର କଦର୍ଯ୍ୟ ଚେହେରାକୁ, ଭୀଷଣ ଡିଆଁ ରୋଗକୁ ଯଦି କେହି ନ ଡରିବେ, ଖାତିର ନ କରିବେ ତେବେ ସେମାନଙ୍କୁ ତଡ଼ିବାର ପରାକ୍ରମ ତାଙ୍କର କାହିଁ ? ସେ ମକାବାଡ଼ିର ଛାର ହୁରୁଡ଼ାଟାଏ ସିନା !

ଆମ୍ବ ଗୋଟାଏ ଡେମ୍ଫରୁ ତୋଳା ହେଲେ ପ୍ରତିମା ଶିର ଗୋଟିଏ ଛିଡ଼ି ଯାଉଥାଏ । ଦଶ ମିନିଟ ଭିତରେ ବୋରା ଦୁଇଟା ଭର୍ତ୍ତି ।

ମଢ଼ ପଡ଼ିଲେ ଶାଗୁଣାର ଅଭାବ ନାହିଁ । କିମିତି ଖବର ପାଇଲେ ଦାରୋଗା ବାବୁ, ଆସିଲେ ତିନି ଚାରିଜଣ ମେହେନ୍ତର ଟୋକା ନେଇ, ବିଷ୍ଣୁ ପ୍ରତିମା ଭାବିଲେ, କୁକୁର ଗୁଡ଼ାକୁ ଯିଏ ବିଷ ଦେଇ ମାରେ ସେମାନଙ୍କର ବା ତାଙ୍କ ପ୍ରତି ମମତା କେଉଁଠୁ ଆସିବ ? ସେ ନୀରବ ରହିଲେ ବି ଦାରୋଗା ହସି କହିଲେ, ‘‘ଏ ପାଟି ଫିଟାଇବୁ ତ ମଲେ ଏଇଠି ପଡ଼ିଥିବୁ । ଏମାନେ ମୋଟେ ଛୁଇଁବେ ନାହିଁ ତୋତେ । କାଉ କୁକୁର ବି ଖାଇବେ ନାହିଁ ।

ତା’ପରେ ଗଛଟା ସର୍ବସାଧାରଣ ହୋଇଗଲା । ରିକ୍ସାବାଲାଏ ରିକ୍ସା ଛିଡ଼ା କରି ବାଡ଼ି, ଇଟା, ପଥର ସାହାଯ୍ୟରେ ଯାହା ବାକି ଥିଲା ସବୁ ନେଇଗଲେ । କେବଳ ପତରଲୁଚା ଆମ୍ବଟିଏ କେମିତି ଗଣ୍ଡିରେ ଲାଖି ହୋଇ ରହିଗଲା, କେହି ଦେଖି ପାରିଲେନାହିଁ ।

Digitized by srujanika@gmail.com

ମଣିଷର (ପୁରୁଷର) ମଣିଷ ପ୍ରତି ଏ ବ୍ୟବହାର ଦେଖି ପ୍ରକୃତି ମଧ୍ୟ ନଖ ମୁହଁ ଲାଲ କରି ଡ୍ରେଗନ ପରି ମାଡ଼ିଆସିଲା । ଯେମିତି କହୁଥାଏ "ଏଗୁଡ଼ାକୁ ଆଉ ଦୟା ନାହିଁ । ଦୁନିଆଁରେ ଯାଙ୍କ ଚିହ୍ନ ରଖିଦେବି ନାହିଁ । ବର୍ଷା, ବିଜୁଳି, ବଜ୍ର, କୁଆପଥର, ଅଣଚାଶ ପବନ ସମସ୍ତେ ଯିମିତି ଛୋଟିଆ ମେଘ ଖଣ୍ଡିକରେ ଛାକିଲୁକି ରହିଥିଲେ ଏକାବେଳେକେ ମୁକ୍ତି ପାଇଁ ଧାଇଁଲେ ଆମ୍ବଗଛର ଲୁଟତରାଜରେ ଯୋଗ ଦେବେ ବୋଲି ।

ଜଗନ୍ନାଥ ରଥକୁ ବିଜେ କଲେ । ବର୍ଷା ନହୋଇ ଯିବ କୁଆଡ଼େ ? ଖଲିଫାଟି କବାଟ ଅଳ୍ପ ମେଲାକରି ପ୍ରକୃତିର ତାଣ୍ଡବରେ ପଡ଼ୋଶୀ ରାଷ୍ଟ୍ର ଓ ରାଷ୍ଟ୍ରପତିଙ୍କ ଅବସ୍ଥା ଦେଖିବାକୁ ଚେଷ୍ଟା କରିଥିଲା, କିନ୍ତୁ ବିଜୁଳି ଝଲକରେ ଆଖି ତା'ର ଝାପ୍‌ସା ହୋଇଗଲା ।

ସବୁ ସିନ୍ଦୂରୀ ଆମ୍ବର ରଙ୍ଗ ନେଇ ସୂର୍ଯ୍ୟଦେବ ଲୁଚିଗଲେ । ଶୂନ୍ୟ ଚାରିଦଳ ବି ଫେରିଲେ ପରିକ୍ରମାରୁ । ଦେଖିଲେ ଡ୍ରେଗନର ଅତର୍କିତ ଆକ୍ରମଣରେ ପଞ୍ଚବାର୍ଷିକ ଯୋଜନାର ଗୋଟାଏ ପର୍ଯ୍ୟାୟ ବିପର୍ଯ୍ୟସ୍ତ ଓ ଧ୍ୱସ୍ତବିଧ୍ୱସ୍ତ ହୋଇଯାଇଛି । ରାଷ୍ଟ୍ରର ଭଗ୍ନସ୍ତୂପ ଉପରେ ବସିଛନ୍ତି ରାଷ୍ଟ୍ରପତି । ଅନାଇଛନ୍ତି ନିର୍ନିମେଷ ନେତ୍ରରେ ଗୀର୍ଜା ଉପର କ୍ରୁଶକୁ– ଯେଉଁ ପ୍ରଭୁ କେତେ ହସ୍ତପଦହୀନ ଲାଚାରସ୍‌ଙ୍କୁ ସ୍ପର୍ଶ ମାତ୍ରେ ସୁସ୍ଥ ସବଳ କରିଛନ୍ତି, ତାଙ୍କରି ଚିହ୍ନକୁ ।

ପ୍ରାକ୍ ସୃଷ୍ଟି କାଳର ଅନ୍ଧକାର । ଇଲେକ୍‌ଟ୍ରିକ୍ ବତୀ ନାହିଁ । ତଳ ଓଦା, ଉପର ଓଦା, ଦେହ ଭିଜିତିନ୍ତି ଥଣ୍ଡା । ତରବର ହୋଇ କଚେରୀ ବରଣ୍ଡାକୁ ଚାଲିଲେ ସମସ୍ତେ ।

ପ୍ରତିମା ନିର୍ବାକ ନିସ୍ପନ୍ଦ । କିଏ ବା ତାଙ୍କ କଥା ବୁଝୁଛି ? ନିଜେ ନିଜେ ବଞ୍ଚି ଯାଇଛନ୍ତି ଖଣ୍ଡ ପ୍ରଳୟରୁ ଯା ପିଣ୍ଡା ତା ଓଳି ତଳେ ରହି । ଆମ୍ବ ଅଛି କି ନାହିଁ ସେ କାଲିକା କଥା । ପେଟେ ପେଟେ ଖାଇଛନ୍ତି । କଚେରୀ ପିଣ୍ଡାର ମାଙ୍କଡ଼ା ପଥର ଚଟାଣରେ ଦଣ୍ଡକେ ନିଘୋଡ଼ ନିଦରେ ସମସ୍ତେ ଶୋଇ ଗଲେ । ବଜାରଟା ମୁହଁ–ସଞ୍ଜରେ ଶୂନ୍‌ଶାନ୍ ହୋଇଗଲା ।

ଦରାଣ୍ଡି ଦରାଣ୍ଡି ଅନ୍ଧପ୍ରାଣୀ ଓ କୁନିଝିଅ ପହୁଞ୍ଚିଲେ ସିଂହାସନ ପାଖରେ । ଛିଣ୍ଡା କନାରୁ ଭାତ ପୁଟୁଳାଟି ବାହାର କରି ପ୍ରତିମା ଆଗରେ ନୈବେଦ୍ୟ ଥୋଇ ଦେଲେ । ପ୍ରତିମା ଚକ୍ଷୁ କରୁନାହାନ୍ତି କାହିଁକି ? କୁନି ଝିଅ ପିଣ୍ଡଟିଏ ମୁହଁ ପାଖରେ ଧରିଦେଲା, ତଥାପି ପାଟି ମେଲା କରୁନାହାନ୍ତି କାହିଁକି ? ଶୋଇଥିବେ ? ହାତ ଦେଇ ଝିଅଟି ହଲାଇ ଦେଲା । ଦେହ ଏକାବେଳକେ ହୁଳ ପରି ଥଣ୍ଡା ।

ଅନ୍ଧପ୍ରାଣୀ ହାତ ବୁଲାଇ ଜାଣିପାରିଲା । ପ୍ରତିମାଙ୍କ ରଥ ମାଉସୀ ବାଡ଼ିରେ ଲାଗିଗଲା । ଶୁଖିଲା କିରାସିନି ପଟା ଦି'ଖଣ୍ଡରେ ଲୁଗାକାନି ପାରି କୁନିକୁ ଶୁଆଇ ଦେଲା । ବିଷ୍ଣୁଙ୍କ ଗୋଡ଼ ପାଖରେ ଯେଉଁ ଆମ୍ବଟା ପଡ଼ିଥିଲା ତାକୁ ହାତରେ ଧରି ଶୋଇ ପଡ଼ିଲା ପଦୁଆଁ ।

ଅନ୍ଧୁଣୀ କାହାକୁ ଡାକିଲା ନାହିଁ । କାନ୍ଦିଲା ନାହିଁ । ପ୍ରତିମା ବସିଥିବା ବାକ୍‌ସରେ ଯେଉଁ ଟିକକ ଜାଗା ଥିଲା ସେଇଠି ବସିପଡ଼ି ମୂର୍ତ୍ତିରକୁ କୁଣ୍ଢାଇ ଧରିଲା ଯେମିତି ତା'

Digitized by srujanika@gmail.com

ଦେହର ଉଷୁମ ପାଇ ଥଣ୍ଡା ଦେହଟାକୁ ପୁଣି ଗରମ କରିଦେବ । ପାଞ୍ଚ ଛଅ ବର୍ଷ ପୂର୍ବରୁ ଏଇ ବୁଢ଼ାଟା ଦେହରେ କେତେ ପ୍ରାଣ, କେତେ ଉଷୁମ ଥିଲା ଅଥଚ ଆଜି । ନିଦ ଆସିଲାନି ଅନ୍ଧ ଆଖି ଦି'ଟାରେ । ତୁହାକୁ ତୁହା କୋହ ଆସିଲା ।

ବସି ବସି ଭାବୁଥାଏ । ଆଜି ରାତିରେ ପାଞ୍ଚବର୍ଷ ତଳର ଗୋଟାଏ ଅନ୍ଧାର ରାତିର କାହାଣୀ ।

ବର୍ଦ୍ଧମାନ-କୋଠି । ଷ୍ଟେସନ ପାଖରେ- ସେହି ବୁଢ଼ା ବରଗଛଟା ଯାହା ଆଗରେ ଜ୍ଞାନକୋଷ ସଂକଳନ ଚାଲିଛି । ବିରାଟ ଗଛ, ପ୍ରଚୁର ଛାଇ, ପ୍ରଚୁର ଅନ୍ଧାର, ପ୍ରଚୁର ଫଳ । ଚାରି ପାଞ୍ଚ ଦିନ ହବ ସେ ଆନ୍ଧ୍ର ପ୍ରଦେଶରୁ ଆସି ଶୂନ୍ୟଚାରୀଙ୍କ ଦଳରେ ମିଶିଥାଏ ।

ରଜ ସଂକ୍ରାନ୍ତି । ଆଷାଢ଼ର ପ୍ରଥମ ଦିବସ । ମନ୍ଦକ୍ରାନ୍ତା ଛନ୍ଦର ସେହିଦିନ ପରିପୂର୍ଣ୍ଣତା ଲଭିଥିବା ମେଘଦୂତର ଦିନ ! ରଜସ୍ୱଳା ପୃଥିବୀରୁ କିମିତି ଗୋଟାଏ ମଦ ଗନ୍ଧ ବାହାରୁ ଥାଏ । କର୍ଷଣଟାଏ ଲୋଡୁଥାଏ ଧରିତ୍ରି-ମାତା । ବସୁଧା ଏତେ ଉର୍ବର ଯେ ବୀଜଟାଏ ପଡ଼ିଲା ମାତ୍ରେ ଯିମିତି ଅଙ୍କୁରିତ ହେଇ ଉଠିବ । ନରାଜ ପାହାଡ଼କୁ ଜାବୁଡ଼ି ଧରିଥାଏ ମେଘଟା, ଦେବଦାରୁ ଗଛର ଲମ୍ବା ଡାଳଗୁଡ଼ାକ ଥରକୁ ଥର ଝଙ୍କା ବରଗଛର ଓସାରିଆ ମେଲା ପତ୍ରଗୁଡ଼ାକୁ ଆଲିଙ୍ଗନ କରୁଥାନ୍ତି ଭ୍ରମର ଶୁଣ୍ଢ ଦେଇ ଫୁଲକୁ ଛୁଇଁଲାପରି ।

ଅନ୍ଧପ୍ରାଣୀ ଏସବୁ କିଛି ଦେଖି ପାରେନି; କିନ୍ତୁ କଦମ୍ବ ଫୁଲର ପୁଲକ ସେ ଦେହରେ ବେଶ ଅନୁଭବ କରୁଥାଏ କିମିତି ଏକ ଅନାଗତ ଆଶାରେ । କୋଟରଗତ ବାଆଁ ଆଖିର ପତାଟା ବି ହଠାତ୍ ଡେଇଁ ଉଠିଲା । ଡାକବଙ୍ଗଳା ପାଚେରୀ-କାନ୍ଥ ପାଖର ବିଜୁଳିବତୀଟା ବୋଧହୁଏ ସେତେବେଳେ ଲିଭି ଯାଇଥାଏ । ଗଛପତ୍ରର ଅନ୍ଧାର ସାଙ୍ଗକୁ ପୃଥିବୀ ଯାକର କିଟିମିଟିଆ ଅନ୍ଧାର ଭିତରେ ତା'ର ଅନ୍ଧାରୁଆ ଦେହଟା ଆଡ଼କୁ ଆଉ ଗୋଟାଏ ବହଳିଆ ଅନ୍ଧାରଖଣ୍ଡ ଯିମିତି ଘୁଞ୍ଚି ଘୁଞ୍ଚି ଆସି ଜାବୁଡ଼ି ଧରିଲା । ଅନ୍ଧାରଟା ବି ଏତେ ଉଷୁମ, ଏତେ ଆରାମଦାୟକ । ସେହି ଅନ୍ଧାର ପାଖରେ ନିଜକୁ ସମର୍ପଣ କରିଦେଲା, ମିଶାଇ ଦେଲା ଅନ୍ଧୁଣୀ । ସେଇ ଗୋଟିକ ଦିନ ସେ ଜୀବନର ଆଲୋକ ଦେଖିଥିଲା ଅନ୍ଧାର ଭିତରେ । ଆଲୋକ ଅନ୍ଧାରର ଏଇ ଯୁଗପତ୍ ଉପଲବ୍ଧି ଭିତରେ ସେ କେତେ ସମୟ ବୁଡ଼ି ରହିଲା ଜାଣେନି । ଦେବଦାରୁ ଗଛଟାରୁ ଗୁଡ଼ାଏ ଫଳ ଓ ଝଙ୍କା ବରଗଛରୁ ଗୁଡ଼ାଏ ପାଣିଟୋପା ଝଡ଼ଝଡ଼ ହୋଇ ପଡ଼ିଗଲାରୁ ତା'ର ଚେତା ଆସିଲା ।

ସେଇ ଜୀଅନ୍ତା ଉଷୁମ ଅନ୍ଧାରଟା ଆଜି ଏମିତି ପ୍ରାଣହୀନ ଓ ଥଣ୍ଡା । ଆଜିର ଏହି ଭାବନା ଯେଉଁଦିନ ବାସ୍ତବ ଥିଲା ତା'ର ଦୁଇ ତିନି ମାସ ପରେ ସେଇ ବରଗଛଟା କଟାଗଲା ରେଳବାଇ କଲୋନୀର ସମ୍ପ୍ରସାରଣ ପାଇଁ । ଆଜିର ଏଇ ଧ୍ୱଂସସ୍ତୂପରେ ପରିଣତ ରାସ୍ତାର ମୂଳଦୁଆ ତା' ପରଦିନ ଦିଆଯାଇଥିଲା ଏଇ ଆମ୍ବଗଛ ମୂଳରେ । ଗୋଟାଏ ନିଦାରୁଣ ବୈଶାଖ ରାତିରେ କୁମାରୀ ସମ୍ଭବ ହୋଇଥିଲା ଏଇଠି ବିଦ୍ ଦାଣ୍ଡରେ ।

ଅନ୍ଧୁଣୀର ଛାଇ ନିଦ ଚାଉଁକିନା ଭାଙ୍ଗିଗଲା । ହାତ ଅଣ୍ଡାଳି ସେ ଦେଖିଲା, କୁନି

Digitized by srujanika@gmail.com

ନାହିଁ, ଝିଅ ନାହିଁ । ଥରକୁ ଥର ଡାକିଲା "ପଦୁଆଁ"-"ପଦୁଆଁ" ବୋଲି । ଜବାବ୍ ନାହିଁ । ଆଶଙ୍କାରେ ବିହ୍ୱଳ ହୋଇ ପ୍ରତିମାକୁ ହଲାଇ ଦେଲା ଜୋର୍‌ରେ । ପ୍ରତିମା ସିଂହାସନରୁ ତଳକୁ ଢ଼ଳି ପଡ଼ିଲେ ।

ସକାଳ ହେଲା । ଓଦା ଲୁଗାପଟା, ଟିଣଡ଼ବା, ହାଣ୍ଡିକୁଣ୍ଡି, ଲୋଟା କମ୍ବଳ ଧରି ପୁଣି ପଟୁଆର ଚାଲିଲା ଷ୍ଟେସନ ଆଡ଼କୁ । କିନ୍ତୁ ପଟୁଆରରେ ସେଇ ଦି'ଜଣ ଢ଼େଙ୍କାନାଳୀ ମହିମାଗାଦୀବାଲା ନଥିଲେ । ବୁଢ଼ା ଗଛର ଆମ୍ବ ସଙ୍ଗେ ସଙ୍ଗେ ପଦୁଆଁକୁ ବି ସେମାନେ କ'ଣ- ?

ଲାଟ୍ ସାହେବ ଆସିବେ ବୋଲି ସହର ସଫେଇ କାମ ଜୋରସୋର ଚାଲିଛି । ମ୍ୟୁନିସିପାଲିଟି ଟ୍ରକରେ ଦଳବଳ ହୋଇ ଆସିଗଲେ ଦାରୋଗା । ଚାହୁଁ ଚାହୁଁ ଆମ୍ବ ଗଛ ମୂଳଟା ସଫା ହୋଇଗଲା । ଚୁଲୀ ଗୁଡ଼ାକ ଗୋଇଠା ମାରି ସେମାନେ ଭାଙ୍ଗି ଦେଲେ ।

ବିଷ୍ଣୁ ପ୍ରତିମାଙ୍କ ଅଣ୍ଟାରେ ଯେଉଁ ଜାଣିଶୁଣି ବନ୍ଧାଥିଲା ସେଥିରେ ଶହେ ଆଗ ନୂଆ ପଇସା ଥିଲା । କାପେ କାପେ ଚା' ଓ ପାନ ଖଣ୍ଡିଏ ଖଣ୍ଡିଏ ଖାଇ ପାଟି ଲାଲ କରି ନୂଆ ଉତ୍ସାହ ନେଇ ଆସିଲେ ଦାରୋଗାଙ୍କ ଦଳବଳ । ଦଉଡ଼ିରେ ବାନ୍ଧି ଘୋଷାଡ଼ି ଆଣି ପିନ୍ଧୁଳାକେ ଉଠାଇ ନେଲେ ପ୍ରତିମାକୁ ରଥ ଉପରକୁ । ନରମ ପଲ୍ଲବ ଶଯ୍ୟାରେ ଶୋଇ ଶୟନ-ପୂର୍ଣ୍ଣିମା ଆସୁ ନ ଆସୁଣୁ ପ୍ରତିମା ଚାଲିଗଲେ କମୋଷ୍ଟ ପଡ଼ିଆକୁ ।

ଅନ୍ଧପ୍ରାଣୀଟି କିଛି ଦେଖି ପାରିଲା ନାହିଁ, କେବଳ ଶୁଣିଲା ଗୋଟାଏ ବିରାଟ ଅଟ୍ଟହାସ୍ୟ ପରେ ବୁକୁଫଟା ଚିତ୍କାର "ହରି ନାମ ସତ୍ୟ ହୈ", ଆଉ ଟ୍ରକ୍‌ର ଘର୍ ଘର୍ ଶବ୍ଦ ।

Digitized by srujanika@gmail.com

# ଗୋଟାଏ ଆଳୁ

ଗୋଟାଏ କାହିଁକି ଦୁଇ ତିନିଟା ଲେଖାଏଁ ଆଳୁ ଚାରି ପାଞ୍ଚଟା ଖାତା ଉପରେ ବସାଇ ଦେଇ ଦୁଃଖ ଓ ବିରକ୍ତିରେ ଯିମିତି ଉଠିବସିଛି, ଦଶଟଙ୍କିଆ ନୋଟ୍‌ଟିଏ ପକେଟ୍‌ରେ ଗୁଞ୍ଜିଦେଇ ବଡ଼ ଝିଅ କହିଲା, "ସେତକ ଥିଲା ।" ଖାତା ଉପରେ ଆଖି ପକାଇ ହଠାତ୍ ଭାଇ ଭଉଣୀଙ୍କି ସମ୍ବୋଧନ କରି କହିଲା, "ଆସ, ଆସ, ଦେଖିବ ବାପା କେତେଗୁଡ଼ାଏ ନଇନିତାଲ ଆଳୁ ପିଲାଙ୍କୁ ଦେଇଛନ୍ତି ।" (ମୁଁ ବା ଆଉ କ'ଣ କରନ୍ତି ପ୍ରଶ୍ନ ଗୁଡ଼ାକ ସିଲାବସ୍ ବାହାରୁ ପଡ଼ିଥିଲା ଯେ) ।

ଶାର୍ଟରେ ବୋତାମ ଲଗାଉଛି ଆଉ ଶୁଣୁଛି ପିଲାପିଲିଙ୍କ ବରାଦ୍ ।

"ମୋର ତିନି ନମ୍ବର ଖାତା ଦୁଇଟା, ରବର, ପେନ୍‌ସିଲ୍"– କୁନୁର ଗଳାସ୍ୱର ।

"ମୋର ଯୋତା"– ଚୁନୁର ସ୍ୱର ।

"ମୋର ବିସିକୁଟ"– ମୁନୁର ଦରୋଟି ।

ମନେ ମନେ ଭାବୁଥାଏ, ଦରମା ନ ମିଳନ୍ତା କି ! ତରକାରୀପତ୍ର ଶାଗମୁଗ ବା ଅନ୍ୟ ସଉଦା ବଜାରରୁ କାହିଁରୁ କେତେ ଆସିବ ସେ କଥା ବରାଦ କରିବା ଲୋକ ମୁହଁରୁ ବାହାରୁ ନ ବାହାରୁଣୁ ବଡ଼ ପୁଅ ଶ୍ଳେଷ ରଖି କହିଲା, "ସିମେଣ୍ଟ ବୋରାଟା ସାଇକେଲ ପଛରେ ଦେଇଛି । ଆଳୁ ବେଶି କରି ଆଣିବ, ଦର ସୁବିଧା ଅଛି । ମୋରାର୍‌ଜୀ ନୂଆ ନୂଆ ଟେକ୍‌ସ ବସାଉଛନ୍ତି । ଆଳୁ ଦର ବଢ଼ିଯିବ ।" ବଡ଼ ପୁଅର ଆଳୁଦମ୍ ଅତି ପ୍ରିୟ ଖାଦ୍ୟ ।

ନିତି ବଜାର ସଉଦା ବୋହିବା ମୋର ଚବିଶ ପଚିଶ ବର୍ଷର ଅଭ୍ୟାସ, ଗୋଟାଏ ରୋଗ କହିଲେ ଚଳେ । ଖରା, ବର୍ଷା, ଶୀତ ତ୍ରିକାଳ ସନ୍ଧ୍ୟାରେ ଅନ୍ତତଃ ଥରେ ଦିନରେ ବଜାରକୁ ନ ଗଲେ ଭାତ ଘରେ ନାହିଁ । ଆଜି ଟିକିଏ ସହଳ ଯିବାକୁ ପଡୁଛି । ଇମର୍ଜେନ୍‌ସି ପାଇଁ ଅଧିକା କ୍ଲାସ ନେବାକୁ ପଡୁଛି । ବ୍ଲକ ଆଉଟ ପାଇଁ ସହଳ କ୍ଲାସକୁ ଯିବାକୁ ପଡୁଛି ମଧ୍ୟ । ଆଜି କ୍ଲାସ ନଅଟାରେ । ମନଟା ବି ଭଲ ନାହିଁ । ହପ୍ତାଏ ପୁରୁ ନ ପୁରୁଣୁ ଦରମା ଶେଷ । ବରାଦ୍ ଉପରେ ବରାଦ୍ । ଇଆଡ଼େ ଖାତା ଦେଖି ବସିଲେ ବି ଗୁଡ଼ାଏ ଫେଲ୍ ହେଉଛନ୍ତି । ବଜାରରୁ ବୁଲି ଆସିଲେ ଅବା ମନଟା ଟିକିଏ ଭଲ ହୋଇ ପାରେ ।

"ପୁରୁଣା ହେଲେ ବି ବିଦେଶୀ ରାଲେ ସାଇକେଲଟା କେତେ ବିଶ୍ୱସ୍ତ ଏବଂ କେତେ ବଢ଼ିଆ ଚାଲେ । ପଚାଶ ପାଖାପାଖି ହେଲେ ବି ମୁଁ କେଡ଼େ ବେପରୁଆ ସାଇକେଲଟା

Digitized by srujanika@gmail.com

ଚଳାଇ ପାରୁଛି ।''–ଏମିତି ଗୁଡ଼ାଏ ଆତ୍ମଶ୍ଳାଘା, ଆତ୍ମପ୍ରତ୍ୟୟର ଚିନ୍ତା କରୁଥାଏ । ମଝିରେ ମନେ ପକାଉଥାଏ, ଖବରକାଗଜରେ ସେଇ ହରିବଲ୍ଲଭ ସହାୟ ବୋଲି ଦଶମ ଶ୍ରେଣୀର ପିଲାଟି କଥା, ଯେ ସାଙ୍ଗ ପିଲା ସହିତ ବାଜିମାରି ଗୋଟା ଗୁଆଟିଏ ଖାଇ କଲିକତା ହାସ୍ପାତାଳରେ ମରିଗଲା ।

ବଜାରରେ ପହଞ୍ଚି ପ୍ରଥମ କାମ ହେଲା ନୋଟ୍ ଭଙ୍ଗାଇବା । ସେଥିପାଇଁ ଆଳୁ ବଜାରଛଡ଼ା ଗତି କାହିଁ ? ଭିତରକୁ ପଶି ଦେଖେ ତ ଚାରିଆଡ଼େ ଶୂନ୍‌ଶାନ୍ । ଦୋକାନ ଗୁଡ଼ାକରେ ଗରାଖ ନାହାଁନ୍ତି; ଦୋକାନୀ ଗୁଡ଼ାକ ବି ନାହାଁନ୍ତି, କୁଢ଼କୁଢ଼ ହୋଇ ପନିପରିବା ପଡ଼ିଛି । ତାଜା ପନିପରିବା ଗୁଡ଼ାକର ଜୀବନୀଶକ୍ତି ସକାଳେ ଖାଲି ଆଖିରେ ବି ଦେଖି ହୁଏ । ଆଚ୍ଛା ରୋଟି ଦୋକାନୀଟି ତାଓ୍ୱା ଉପରେ ରୋଟି ପକାଇ ଦେଇ କୁଆଡ଼େ ଗଲା ? ରୋଟିଟା ଜଳି ପୋଡ଼ି ଗଲାଣି ଯେ । ତାଜା ଆଳୁଦମ୍, ଆଳୁ ଚପ୍‌ର ମହକ ଦୋକାନ ପାଖରେ ଘୂରି ବୁଲୁଛି ।

ଆଳୁ ଦୋକାନୀ କୃଷ୍ଣ ବି ଗଲା କୁଆଡ଼େ ? ପାଟନାଇ, କଟକୀ, ନଇନିତାଳୀ, ମାନ୍ଦ୍ରାଜୀ, ଦେଶୀ ନାନା କିସମର ଆଳୁ ଆଣ୍ଠୁଏ ଆଣ୍ଠୁଏ ଉଚ୍ଚ ଗଦାରେ ପଡ଼ିଛି । ସବୁ ଆଳୁ ଭିତରେ କିନ୍ତୁ ନଇନିତାଳ ରଜା ।

କେଡ଼େ ଚିକ୍କଣ, ସଫା, ଅଣ୍ଡାଳିଆ ଯେମିତି ଧଳା ଶାଳଗ୍ରାମ, ନିଚ୍ଚେ ଧୂଳିମାଟି, ପଚା କମ୍ପୋଷ୍ଟରେ ବଢ଼ି ସୁଦ୍ଧା ତା' ମାଆ ଗ୍ଳୁକୋସ୍ ଦେଇ ଛୁଆମାନଙ୍କୁ କେଡ଼େ ହୃଷ୍ଟପୁଷ୍ଟ ନ କରିଛି । ଆଉ ଟେରିଲିନ୍ ପିନ୍ଧାଇ ସଫାସୁତୁରା କରି ସୂର୍ଯ୍ୟକିରଣରେ ବୁଲିବାକୁ ଛାଡ଼ି ଦେଇଛି ! ଦେଖି ଦେଲେ ପକ୍କା ସାଧୁ ବି ପିଲାଚୋର ପାଲଟିଯିବ । ଦେଖିଲି ନଇନିତାଳ ଗଦାଟା ଫାଳେ ଭାଙ୍ଗିଯାଇଛି । ଏବଂ ଆଳୁଗୁଡ଼ାକ ଇତସ୍ତତଃ ଭିଣିହୋଇ ପଡ଼ିଛି ।

କୃଷ୍ଣ କାହିଁ ? ଦୋକାନୀ ସବୁ ଗଲେ କୁଆଡ଼େ ? କେଉଁଠି ପାଖରେ ନିଆଁ ଲାଗିଥିବ ବା ଆଉ କିଛି ଦୁର୍ଘଟଣା ଘଟିଥିବ ଅନୁମାନ କରି ଉତ୍ତର ପୂର୍ବ ଦୁଆର ଦେଇ ଦେବୀ ମେଢ଼ ଥିବା ମେଳା ଆଡ଼କୁ ବାହାରିଗଲି । ଦେଖିଲି ଗୁଡ଼ାଏ ଲୋକ ସେଇଠି ଜମା ହୋଇଛନ୍ତି ଓ ହଟଗୋଳ ଭେଦି ଶବ୍ଦ ଶୁଭୁଛି, "ବାଡ଼ା, ଆହୁରି ଜୋର ବାଡ଼ା", "ମାର୍ ଦୋ ଇସ୍‌କୋ", "ମେରେ ଫେଲୋ", କିଏ କହୁଛି, ମୋର ଚାଉଳ ଖାଇଛି, ଆଉ କିଏ କହୁଛି, 'ମୋର ଝଙ୍କାଏ ଶାଗ ଖାଇଗଲା', ଆଉ କିଏ ବା କହୁଛି, "ଯା ହାବୁଡ଼ରୁ ବାଇଗଣ ବି ରକ୍ଷା ପାଇବ ନାହିଁ ।" "ଗୋଡ଼ ସବୁ ବାନ୍ଧି ସେଇଠି ପକାଇ ଦିଅ । ବେଶି ବୁଲିଖିଆ ହୋଇଛି ।" "ଦିହ କିମିତି ଗୋଲଗାଲ ହୋଇଛି ଦେଖୁନ ।" ଏଇ ସବୁ କଥା ଭିତରୁ ଶୁଭିଲା, "ମାଲିକଟା ଖୁବ୍ ହୁସିଆର ଅଛି, ଚଲାକ ଅଛି ।" ଟିକିଏ ଆଗେଇ ଯାଇ ଦେଖିଲି ସବୁ ଦୋକାନୀ ସେଠି ।

ଠେଲି ଠେଲି ଭିଡ଼ ଭିତରକୁ ପଶିଯାଇ ଯାହା ଦେଖିଲି ତାହା ଏକ ବିଚିତ୍ର ଅଦ୍‌ଭୁତ ଦୃଶ୍ୟ । ମୋ ଆଳୁ ଦୋକାନୀ କୃଷ୍ଣ ଏ ଦୃଶ୍ୟର ନାୟକ ଏବଂ ତାକୁ ଏ ରୂପ

Digitized by srujanika@gmail.com

ଦେଇଛି ବର୍ଷକିଆ ଙ୍କୁଆ ଷଣ୍ଢଟାଏ । କୃଷ୍ଣର ଆଜି ବୃଷାସୁର ଦଳନ ବେଶ । ତା'ର କସରା ଟାଉଁଶିଆ ଚୂଳଗୁଡ଼ାକ ଠିଆ ହୋଇଛି । ଆଖିରୁ ତାର ଯେମିତି ନିଆଁ ବାହାରୁଛି । ବାଛୁରୀଟାର ଗଁ ଗଁ ଶବ୍ଦ ସହିତ ତା'ର ହୁଂକାର ମିଶିଯାଉଛି । ବାଁ ହାତରେ ଷଣ୍ଢ ଙ୍କୁଆଟାର ଗୋଟାଏ ପଛଗୋଡ଼ କୃଷ୍ଣ ଧରି ରଖି ଡାକ ଛାଡୁଛି, "ଶନିଆ, ଦଉଡ଼ିଟାଏ ଆଣ ଶୀଘ୍ର, ଥଣ୍ଡା କରି ଦେଉଛି ଆଜି ।" ଡାହାଣ ହାତରେ ତେଣେ ଉପୁରା ଉପୁରି ବିଧା-ଚାପୁଡ଼ା ପ୍ରଚଣ୍ଡ ଜୋର୍‌ରେ ଚଢ଼ାଇ ନେଉଛି । ମାଡ଼ ଜୋର୍‌ରେ ବାଛୁରୀଟା ଆଗକୁ ଯାଉଛି ସିନା କିନ୍ତୁ ପଛ ଗୋଡ଼ଟା କୃଷ୍ଣର ଟାଣ ମୁଠାରୁ ବାହାର କରି ନ ପାରି ଓଲଟି ପଛ ଆଡ଼କୁ ଘୋଷାରି ହୋଇଯାଇଛି ଓ ଗଁ ଗଁ ଶବ୍ଦଟାଏ ସବୁବେଳେ ତା' ପାଟିରୁ ଫେଣଫୋଟକା ସହିତ ବାହାରୁଛି । କେତେବେଳେ ବେକଟା ହାତେ ଖଣ୍ଡେ ଲମ୍ବି ଯାଉଛି ଓ ଆଉ କେତେବେଳେ ଜିଭଟା ପାଟିର ଗୋଟାଏ କଳକୁ ଚାଖଣ୍ଡେ ଯାଏଁ ବାହାରି ପଡୁଛି । କୃଷ୍ଣର ରୁଦ୍ରମୂର୍ତ୍ତି ତେଣେ ଦେଖେ କିଏ ? ବର୍ଷ ବର୍ଷ ଧରି ମହଣ ମହଣ କ୍ୱିଣ୍ଟାଲ କ୍ୱିଣ୍ଟାଲ ଆଳୁ ଓଜନ କରି ବାହୁ ଓ ହାତ ମୁଠାରେ ଯେତେ ବଳ ସଂଗ୍ରହ କରିଛି ତା'ର ସବୁ ପରାକ୍ରମ ପ୍ରୟୋଗ କରୁଛି ଯିମିତି ଶତ୍ରୁ ବର୍ଷକିଆ ବାଛୁରୀ ନୁହେଁ ସ୍ପେନ୍ ଦେଶର ଗୋଟାଏ ଦୁର୍ଦ୍ଦାନ୍ତ ଲଢୁଆ ଷଣ୍ଢ ଓ ସେ ନିଜେ ଜଣେ ବୀର ମେଟାଡ଼ୋର୍ ।

କୃଷ୍ଣର ଖଣ୍ଡିଆ ଖଣ୍ଡିଆ କଥାରୁ ଓ ଅନ୍ୟଜଣଙ୍କୁ ପୁଛି ପଚାରି ଜାଣିଲି ଯେ, ପ୍ରାୟ ଅଧ କିଲୋ ଓଜନର ନଇନିତାଳ ଆଳୁଟାଏ ବାଛୁରୀଟା କୃଷ୍ଣର ଦୋକାନରୁ ଖାଇଛି, ପୁଣି ଠିକ୍ ବଇନି ବେଳରେ ଧୂପଦୀପ ଦେଲାବେଳେ । ସତକୁ ସତ ପ୍ରସଙ୍ଗ ଅନୁମାନ କରି ଜାଣିଲି ଯେ ଗୋଟାଏ କଅଣ ବାଛୁରୀଟାର ତଣ୍ଟିରେ ଲାଗିଯାଇଛି, ଆଉ ଭିଡ଼ା ଓଟରାରେ ସେ ତାକୁ ପେଟ ଭିତରକୁ ନେଇ ପାରୁନି, ପାଟି ଆଡ଼େ ବାହାର କରି ପାରୁନି । ଫଳରେ ଅସ୍ୱାଭାବିକ ଗଁ ଗଁ ଶବ୍ଦଟାଏ ବାହାରୁଛି ।

ଏଣେ ଦୋକାନୀଗୁଡ଼ାକ ବି ବର୍ଷ ବର୍ଷ ଧରି ସମଗ୍ର ବୁଲାଷଣ୍ଢ ଜାତି ପ୍ରତି ଯେଉଁ ଅସୂୟା କ୍ରୋଧ ସଞ୍ଚୟ କରିଥିଲେ ତାହା କୃଷ୍ଣ ଜରିଆରେ ଏଇ ଷଣ୍ଢଙ୍କୁଆ ଉପରେ ଅଜାଡ଼ିବାକୁ ମତଲବ୍ କରିଛନ୍ତି । ଗୁଡ଼ାଏ ଛୋଟ ଛୋଟ ପିଲା ବି ଜମି ମଜା ଦେଖିବାକୁ ଲାଗିଲେଣି ।

ଅମାନୁଷିକ ହତ୍ୟାକାଣ୍ଡଟାଏ ଯେମିତି ସଂଘଟିତ ନ ହୁଏ ସେଥିପାଇଁ ସାହସ ବାନ୍ଧି ବଡ଼ ପାଟିଟାଏ କରି ଡାକିଲି, "କୃଷ୍ଣ ! କୃଷ୍ଣ ! ଥାଉ, ଥାଉ, ଢେର୍ ହେଲା ।" କୃଷ୍ଣର କିନ୍ତୁ ଚେତା ନାହିଁ, ମଣିଷ ଚିହ୍ନିବା ଅବସ୍ଥା ବି ତା'ର ନାହିଁ । ତା' ଚେହେରା ଭାବଭଙ୍ଗୀରୁ ବେଶ୍ ଜଣାଯାଉଛି ଯିମିତି ଙ୍କୁଆ ଷଣ୍ଢ କାହିଁକି, ତା'ର ମାଲିକ ଦୈବକୁ ଯେବେ ଦେଖା ହୁଅନ୍ତା ତା'ର ମଧ ମୁଣ୍ଡ ଫଟାଇ ନିପାତ କରିଦିଅନ୍ତା ।

ଆଉ ପାଦେ ଆଗେଇବାରୁ ବାଛୁରୀଟାକୁ ସ୍ପଷ୍ଟ ଦେଖି ପାରିଲି । "ଏ ମୋ ବାଛୁରୀ ନୁହେଁ ତ ? ଚଷମାଟା କାଢ଼ି ଆଖି ଦି'ଟା ଭଲ କରି ପୋଛି ପାଛି ପୁଣି ଚାହିଁଲି । ଲାଲ ରଙ୍ଗ, ମୁଣ୍ଡରେ ଚାନ୍ଦ, ଆଖିରେ କଜ୍ଜଳ, ଲାଞ୍ଜ ଅଗ ବଙ୍କା; କାଳିଆ କ'ଣ ବାଛୁରୀଟାକୁ

Digitized by srujanika@gmail.com

ବୁଲିଖିଆ ବଛାରିଆ କରି ଦେଇଛି ?

ଛଅ ମାସ ତଳର କଥା । କାଳିଆ ଆମ ଘରକୁ ଆସିଥାଏ ଲେଖା ଯୋଖା ଭାଇ ନବା ସାଙ୍ଗରେ, ସବୁଦିନ ପରି ପିଲାପିଲି ତା' ଚାରି ପାଖରେ ଘେରି ତାକୁ ନାନା ପ୍ରଶ୍ନ ପଚାରି ଥଟ୍ଟା ତାମସା କରୁଥାନ୍ତି । ତା'ର ଆଲକାତରା ରଙ୍ଗ, ବିରିଆ ଛୋଟ ଛୋଟ ଦାନ୍ତ, ଢିମା ଢିମା ଆଖି, ମାଓ-ସେ-ତୁଙ୍ଗ ଭୂଲତା ପିଲାମାନଙ୍କୁ ଅସରନ୍ତି କୌତୁହଳ ଓ ହାସ୍ୟରସ ଯୋଗାଉଥାଏ ।

"ବାବୁ ! କାଳିଆ ଭାଇ ବାହା ହେଲାଣି" ମୋତେ ଦେଖି ନବା କହିଲା । ଏକଥା ଶୁଣି ପିଲାମାନେ ଆହୁରି ଆଗ୍ରହୀ ହୋଇ କାଳିଆକୁ ଭଲ କରି ଚାହିଁଲେ । ତାକୁ ବୋଧହୁଏ ଜଣାଗଲା, କାଳିଆ ଚିଡ଼ିଆଖାନାର ଜୀବ ନୁହେଁ, ଫିଲ୍ମର ରାଜକାପୁର ବା ଜନିୱାକର । କହିଲେ, "କାଳିଆ ! ତୋ ବୋହୂକୁ ଦିନେ ସାଙ୍ଗରେ ଆଣିବୁ ଦେଖିବ," (କଣ୍ଢେଇ ଖେଳ) ?

ନବା କହିଲା, "ବୋହୂ ଆସିନି ।"

ପାନ ଖିଲଟା କଳରେ ଜାକି ଦେଉଁ ଦେଉଁ ଫାଳେ ଦାନ୍ତ ପାଟି ଦେଖାଇ ନବବିବାହିତାର ଗର୍ବ ସୂଚନା କରି କାଳିଆ ଯୋଡ଼ିଲା, "ଛୋଟ କନିଆଁ, ଛୋଟ କନିଆଁ, ଏତିକି ଉଚ୍ଚ ।" -ହାତକୁ ନିଜ ପେଟ ସାମ୍ନାରେ ରଖି କେଉଁଦୂର ମଫସଲ ଗାଁର ବଧୂଟିର ଉଚ୍ଚତା ଦେଖାଇ ଦେଲା ଯିମିତି ଦୁହିଁଙ୍କ ଠିକ୍ ମେଳ ହୋଇଛି ।

"ହଁ, ଦଶ ଏଗାର ବର୍ଷ ହେବ, ନୁହେଁ ?" ମୁଁ ପଚାରିଲି ।

"ହଁ, ସେତିକି ନ ହେଲେ ଦୁଇ ଚାରି ବର୍ଷ ବେଶି"- କାଳିଆ କହିଲା ।

"ତୋର ବୟସ କେତେ, କାଳିଆ ?"- ମୁଁ ପଚାରିଲି ।

ବୟସ ? ମୁଁ କେମିତି କହିବି, ତୁମେ ବାବୁ ଏତେ ପାଠ ପଢ଼ିଛ ହିସାବ କର ।" ପାନ ଛେପ ପକାଇବା ପାଇଁ ଦାଣ୍ଡ ଆଡ଼କୁ ଚାଲିଗଲା; ଫେରିଆସି ଗଳାକୁ ବେଶ୍ ଜୋର ଖଙ୍କାରି ସଫାକରି ଆରମ୍ଭ କଲା ଜୀବନ ପଞ୍ଜିକା, ଏଠାକୁ ଆସିଲି ଦଶବର୍ଷ ବେଳେ, ଉପେନ୍ଦ୍ର ବାବୁ ଘରେ ଗୋରୁ ମୁହିଁଲି ସାତ ବରଷ, ହୋଟେଲ୍‌ରେ ରହିଲି ନଅ ବରଷ, ମେସରେ ରହିଲାଣି ଆଠ ବରଷ । କେତେ ହେଲା, ହିସାବ ଯୋଡ଼, ଚବିଶ ହେଲା ନା ?"

କୌଣସି ପ୍ରକାରେ ହସ ଚାପିରଖି ମୁଁ କହିଲି, "ହଁ, ସେତିକି ହବ, ନ ହେଲେ ଦୁଇ ଚାରିବର୍ଷ ବେଶି ।"

ଏତିକିବେଳେ ନିମ୍ନ ପ୍ରାଥମିକ ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଥିବା ଝିଅଟି କହିଲା, "ଚଉତିରିଶ, ଚଉତିରିଶ ।" ମୁଁ ତାକୁ କଟମଟ କରି ଚାହିଁଲି । କାଳିଆ ବି ଗୁଣୁଗୁଣୁ ହୋଇ କହିଲା, " ପିଲାଗୁଡ଼ାକୁ ହିସାବ ଆସେନି; ଚାଳିଶ ପଚାଶ କହିଯିବେ ।

ମୋର ଭଲ ଗୁଣ, ମୋ ଭାଇର ପାରିବାର ପଣିଆଁ, ଛୁଆ ଗୁଡ଼ାଙ୍କର ମିଠା

Digitized by srujanika@gmail.com

ସ୍ୱଭାବ ବିଷୟରେ ଦୀର୍ଘ ବକ୍ତୃତାଟାଏ ଦେଇ କାଳିଆ ଅତି ନମ୍ରସ୍ୱରରେ ନିବେଦନ କଲା, ବାବୁ କଥାଏ କହିବି କହିବି ବୋଲି ଭାବୁଛି । କହି ପାରୁନି; ନ କହି ରହି ପାରୁନି । ବାବୁ, ଏ ଛେଉଣ୍ଡ ବାଛୁରୀଟାକୁ ମୋତେ ଦିଅ । ଯାହା ହବ ପଛେ ଦେବି । ଶାଶୁ ବୁଢ଼ୀ ଝିଅ ସାଙ୍ଗକୁ ବାଛୁରୀଟାଏ ବି ଦେଇଛି । ଯୋଡ଼ କରନ୍ତି ତା ସାଙ୍ଗକୁ । ମାଣେ ଅଧେ ସଞ୍ଜାବଖରା ନେଇ ଚାଷ କରିବି ଭାବୁଛି । ଆଉ କେତେ ଦିନ ହୀନସେବା କରିବି ?

ଛଅ ମାସ ଧରି କାଳିଆ ମୋ ଗାଈର ସେବା କରିଛି, ଦୁଧ ଦୁହିଁଛି, ଗାଈର ମୂର୍ଦ୍ଧାରର ବି ସତ୍କାର କରିଛି । ତା'ଛଡ଼ା ତା'ର ମିଠା ବୋକାମି, ଗୋବିଚାରି ଗୁଣ ମୋତେ ଓ ମୋ ପିଲାଝିଲାଙ୍କୁ କେତେ ଆନନ୍ଦ ନ ଦେଇଛି !

ହଠାତ୍ କହିଲି, "କାଳିଆ ! ତୁ ମୋତେ ଆଉ ପଇସା ଲୋଭ ଦେଖାନା । ଏମିତି ବାଛୁରୀଟାକୁ ନେଇ ଯା । ଭଲ କରି ଖୁଆଇ ପିଆଇ ଯତନରେ ପାଳିବୁ ଏକା ।"

ଏତିକିବେଳେ ବାଛୁରୀଟା ଖୁବ୍ ଜୋର୍‌ରେ ଗଁ ଗଁ ଶବ୍ଦକରି ହାମୁଡ଼ି ପଡ଼ିଲା । ଜଣାଗଲା ଯିମିତି ଆଉ ଦଣ୍ଡ ଅଧକେ ବାଛୁରୀର ଅବସ୍ଥା ସାଂଘାତିକ ହେବ । ଭାବିଲି ବାହାରି ପଡ଼ି କହେଁ, "ଛାଡ଼, ଛାଡ଼, ଏ ମୋ ବାଛୁରୀ । ତେବେ ଏ ପଶୁଗୁଡ଼ାକର ସବୁ କ୍ରୋଧ ମୋ ଉପରେ ପଡ଼ିବ ଏବଂ କବି ଶିନ୍ନାକୁ ଉନ୍ମତ୍ତ ରୋମୀୟ ଜନତା ଯିମିତି ଟୁକୁରା ଟୁକୁରା କରି ଦେଇଥିଲେ ସିମିତି ଆଖି ବୁଜି ମୋତେ ବାଡ଼େଇ ଚାଲିଯିବେ । ପୁଣି ଭାବିଲି, ଆଇନତଃ, ନ୍ୟାଯ୍ୟତଃ ଏ ବାଛୁରୀ କାଳିଆର, ମୋର ନୁହେଁ । କାରଣ ମୁଁ ତାକୁ ଦାନ କରି ଦେଇଛି । ସେ ମାସ ମାସ ଧରି ତାକୁ ପାଳି ବଡ଼ କରିଛି ।

ତଥାପି ସନ୍ତର୍ପଣରେ ଖୁବ୍ ନରମ ଗଳାରେ କହିଲି,"ଆଉ, ଆଉ, କୃଷ୍ଣ ଢ଼େର ହେଲା । ବିଚରା ମରିଯିବ ଯେ, "କୃଷ୍ଣ ମୋ କଥା ଭଲ କରି ଶୁଣିଛି କି ନାହିଁ ଲାଲ ଲାଲ ଆଖି ଦୁଇଟା କୁରାଳ ଚକ୍ରପରି ବୁଲାଇ ମୋ ଆଡ଼କୁ ଚାହିଁଲା ଓ ଗର୍ଜି ଉଠି କହିଲା, "ଯେ କ'ଣ ତମ ବାଛୁରୀ କି, ଭାରି ଭଦ୍ରଲୋକ ତ ।" ମୁଁ ପାଦେ ଘୁଞ୍ଚିଯାଇ ମନେମନେ 'ନା' କହିଲି ।

ଷଣ୍ଢ ଛୁଆଟା ବୋଧହୁଏ ତା' ପୁରୁଣା ମାଲିକର ବାସନା ବାରି ପାରିଲା, ଗଳାସ୍ୱର ଶୁଣି ପାରିଲା । ହଠାତ୍ କାନ ଠିଆ କରି ନୀଳ ଆଖି ଦୁଇଟା ବୁଲାଇ ଅତି କରୁଣ ଚାହାଁଣିଟାଏ ମୋ ଆଡ଼କୁ ଦେଲାପରି ଜଣାଗଲା ।

କାପୁରୁଷ ନପୁଂସକ ପରି କେତେ କାଳ ଛିଡ଼ା ହୋଇ ଆଖି ଆଗରେ ଧୀରେ ଧୀରେ ବାଛୁରୀଟା ମରିବାର ଦେଖିବି ? ଗୋ-ବଧ ପ୍ରାୟଶ୍ଚିତ କରିବ କିଏ, କୃଷ୍ଣ ନା କାଳିଆ ନା ମୁଁ ?

ହଠାତ୍ ବୁଦ୍ଧିଟାଏ ମନକୁ ଆସିଗଲା, ବଡ଼ ପାଟିଟାଏ କରି ଡାକିଲି, "ଆସ, ଆସ, କୃଷ୍ଣ ! ମୋତେ କୋଡ଼ିଏ କିଲୋ ଆଳୁ ଦିଅ ! ତା'ପରେ ଯାହା କରିବ ।" କୋଡ଼ିଏ କିଲୋ" ଶବ୍ଦ ଦୁଇଟା ଉପରେ ଟିକିଏ ବେଶି ଜୋର ଦେଇ କଥାଗୁଡ଼ାକ

Digitized by srujanika@gmail.com

କହିଗଲି ।

ଛୋଟ ଚାକିଆର ନିଆଁ କଲିକତା ବଡ଼ ଦମକଳରେ ଟପ୍ କରି ଯିମିତି ଲିଭିଯାଏ ବା ଖରାପ ଥାରମୋମିଟରରୁ ୧୧୦ ଡ଼ିଗ୍ରୀରୁ ୯୪ ଡିଗ୍ରୀକୁ ଉତ୍ତାପ ଖସିଆସେ କୃଷ୍ଣର ମୁଣ୍ଡର ଉତ୍ତାପଟା "କୋଡ଼ିଏ କିଲୋ" ଶବ୍ଦରେ ହଠାତ୍ ତଳକୁ ଖସି ଆସିଲା । କିନ୍ତୁ ଥଣ୍ଡା ହେବା ପୂର୍ବରୁ ଦୀପର ଶେଷ ଦପ୍ କରି ଜଳି ଉଠି ଏମିତି ଗୋଟାଏ ଜୋର ଗୋଇଁଠା ବାଛୁରୀ ଉପରେ ଦେଇ ଦୋକାନକୁ ଫେରିଲା ଯାହା ତାର ଶେଷ ନିଶ୍ୱାସକୁ ବାହାର କରିଦେବା ପାଇଁ ଯଥେଷ୍ଟ । ମୁଁ ସିଆଡ଼କୁ ଚାହିଁପାରିଲି ନାହିଁ । ବାଛୁରୀଟାର ଗଁ ଗଁ ଶବ୍ଦ ବନ୍ଦ ହେଲାପରି ମୋତେ ଜଣାଗଲା ।

ବଡ଼ ପୁଅ ଦେଇଥିବା ସିମେଣ୍ଟ ବୋରାରେ କୋଡ଼ିଏ କିଲୋ ଆଳୁ ପୂରାଇ ହୀରାଲାଲ ଦୋକାନରେ ରଖିଦେଲି । ଚିନି, ଲୁଣ ଆଦି ଦି'ଚାରିଟା ସଉଦା କଲି, ମନଟା ଆକୁଳ ହେଲାରୁ ପୁଣି ଘଟଣାସ୍ଥଳକୁ ଗଲି ଦେଖିବା ପାଇଁ ବାଛୁରୀର ଅବସ୍ଥା । ଦେଖିଲି କେହି ସେଠି ନାହାଁନ୍ତି । ଯେଝା ଦୋକାନକୁ ଫେରି ସମସ୍ତେ କାରବାରରେ ଲାଗି ପଡ଼ିଲେଣି । ଦେଖଣାହାରୀମାନେ ବି କୁଆଡ଼େ ଅନ୍ତର୍ଦ୍ଧାନ ହୋଇ ଗଲେଣି । ଷଣ୍ଢଟା ଉପରକୁ ପେଟ ଦେଖେଇ ପଡ଼ିଛି ଓ ଅଣନିଶ୍ୱାସୀ ହେଉଛି । ପାଣି ମୁନ୍ଦିଏ ଦେବି ଭାବିଲି । ଆଣିବି କେଉଁଠୁ, କିମିତି, କାହିଁରେ ? ପାଖ କଳରୁ ଆଣିଲେ ପିଆଇବି କିମିତି ଏକୁଟିଆ, ଏଠି ଶତ୍ରୁଙ୍କ ଭିତରେ ମିତ୍ର ସାଜି ଚିହ୍ନାପଡ଼ି, ଲଣ୍ଡଭଣ୍ଡ ହାସ୍ୟାସ୍ପଦ ହେବା ସାର ହେବା ସିନା ! ଏଇ ବଜାରକୁ ସଞ୍ଜବେଳକୁ ତ ପୁଣି ଆସିବି ଫେର୍ ସଉଦା ପନିପରିବା ପାଇଁ ।

ତଥାପି ଜଣେ ଦୋକାନୀକୁ ଡାକିଲି । ସେ କହିଲା, " ବାୟା ହେଲେ ନା କ'ଣ ? ଜାଣି ଜାଣି ଗୋ-ବଧ ପ୍ରାୟଶ୍ଚିତରେ ନହେଲେ ପୋଲିସ୍ କେସ୍‌ରେ ହାତ ପୂରାଉଛନ୍ତି କାହିଁକି ?" ମୁଁ ନିରସ୍ତ ହେଲି ଏବଂ ଜୀବଟାକୁ ତା ଭାଗ୍ୟ ଉପରେ ଛାଡ଼ି ଦେଇ ଘରକୁ ଆସିଲି ।

ସଞ୍ଜବେଳେ କାଳିଆ ଆସିଲା ନବା ସାଙ୍ଗରେ । କହିଲା, "ବାବୁ ! ଯେଉଁ ବାଛୁରୀଟା ମତେ ଦେଇଥିଲେ ସେଇଟା ରୋଗରେ ବଜାର ଭିତରେ ପଡ଼ି ମରିଗଲା । କଣ ଗୋଟାଏ ନୂଆ ରୋଗ ଆସିଛି, ଡାକ୍ତର ବି ଚିହ୍ନି ପାରୁନାହାନ୍ତି । କେତେକେତେ ଗୋରୁ ବାଛୁରୀ ମରିଯାଉଛନ୍ତି ଆଖି ପିଛୁଳାକେ ।"

"କିଏ ମାରି ଦେଲାକିରେ ବାଛୁରୀଟାକୁ ?" ମୋ ପାଟିରୁ ବାହାରି ପଡ଼ିଲା ।

"ନା ବାବୁ ! ମୋ ବାଛୁରୀକୁ ମାରିବ କିଏ ? ସଦାବେଳେ ଘର ଭିତରେ ବନ୍ଧା ଥାଏ ଯେ ।"

ତହିଁ ଆରଦିନ ବଜାରରେ ପାନବାଲାକୁ ପଚାରିଲି, "ବାଛୁରୀଟା କାହାର ଜଣା ପଡ଼ିଲା ?"

"ହଁ ବାବୁ ! ବାଛୁରୀଟା କାଳିଆ ବୋଲି ନେଶନାଲ୍ ମେସ୍ ଚାକରର ତାକୁ

Digitized by srujanika@gmail.com

କୁଆଡ଼େ ଜଣେ ବାବୁ ବାନ୍ଧୁରୀଟାକୁ ଏମିତି ଦେଇ ଦେଇଥିଲେ । ଧରି ବସିଥିଲେ କାଳିଆ କୃଷ୍ଣଠୁଁ ଅତି କମ୍‌ସମ୍‌ରେ ପଚାଶଟା ଟଙ୍କା ଆଦାୟ କରି ନଥାନ୍ତା ! ତାଠୁଁ ବୋକା ସାଧାସିଧା ଲୋକ ଦୁନିଆରେ ଆଉ ଅଛନ୍ତି ! କୋଡ଼ିଏ କିଲୋ ଆଳୁର ଦାମ୍ ନେଇ ଚୁପ୍ ରହିଲା । ଫେର୍ ନିଜେ ରାତିରେ ନବା ସାଙ୍ଗରେ ବୋହି ମଡ଼ାଟାକୁ ମଶାଣିରେ ଫୋପାଡ଼ି ଦେଇ ଆସିଲା । ନ ହେଲେ କୃଷ୍ଣ ପୋଲିସ୍ କେସ୍‌ରେ ପଡ଼ିଥାନ୍ତା । ଆମେ ବି ତାକୁ ଗୋ-ବଧରେ ପକାଇ ପ୍ରାୟଶ୍ଚିତ କରାଇଥାନ୍ତୁ ।

ବାନ୍ଧୁରୀ ତ ଗଲା କାଳିଆ ବି ଛଅ ମାସର ଗୋରୁମୁହାଁ ମଜୁରି ବାବଦ କୋଡ଼ିଏ କିଲୋ ଆଳୁର ଦାମ୍ ପାଇଗଲା । ମୋ ଘର କଣରେ ସେଇ କୋଡ଼ିଏ କିଲୋ ଆଳୁ ପଡ଼ିଛି । ସେଗୁଡ଼ାକ ଖାଇବ କିମିତି ? ତଣ୍ଟିରେ ଲାଖି ଯିବ ନାହିଁ ତ ?

Digitized by srujanika@gmail.com

# ଶିଲ୍ଡ଼ ଫାଇନାଲ

"ମୁଁ କହୁଛି, ବାଲେଶ୍ୱର ଜିତିବ ।"

"ମୁଁ କହୁଛି, ବାରିପଦା ଜିତିବ ।"

"ମୁଁ କହୁଛି, ବାଲେଶ୍ୱର ।"

"ମୁଁ କହୁଛି, ବାରିପଦା ।"

"ବାଲେଶ୍ୱର ।"

"ବାରିପଦା ।"

"ମାର୍ ବାଜି ।"

"ଦଶ ପଇସାର ଚେନାଚୁର ।"

"ମୋର ରହିଲା ଏଇ ନଟୁଟା ।"

"ଚାଲ୍ ତେବେ ବାପା ପାଖକୁ । ଦଣ୍ଡେ ରହ; ମୁଁ ଆଣେ ଦଶ ପଇସି ।"

ପଢ଼ାଘର ଭିତରକୁ ପଶିଯାଇ ଜ୍ୟାମିତି ବାକ୍ସ ଭିତରୁ ବୁଲୁ (ସପ୍ତମ ଶ୍ରେଣୀ) ଚକଚକିଆ ଦଶ ପଇସିଟିଏ ନେଇ ଆସିଲା, ବାବଲା (କ୍ଲାସ ଫୋର୍) ପକେଟ୍ରୁ ଅଧା ନାଲି ଅଧା ନୀଳ ରଙ୍ଗର ନୂଆ ନଟୁଟି ବାହାର କଲା, ଦୁହେଁ ଦଉଡ଼ିଲେ ବାପାଙ୍କ ପାଖକୁ ।

ବାପା ସେତେବେଳେ ଅଫିସ ଘରେ ବସି ସଞ୍ଜୟକୁ (Uncle Poser Hangs Picture) ଗଳ୍ପଟି ବୁଝାଇ ଦେଉଥାନ୍ତି –

ବାପାଙ୍କ କାନ୍ଧରେ ହାତ ଦେଇ ବାବଲା କହିଲା, "ବାପା, ବୁଲୁଭାଇ ସାଙ୍ଗରେ ବାଜି ମରାମରି ହୋଇଛୁଁ । ତା'ର ଏଇ ଦଶ ପଇସି; ମୋର ନୂଆ ନଟୁ । ତୁମେ ରଖ, କାହାକୁ ଦେବ ନାହିଁ । ଖେଳ ସରିଲେ ଆମେ ଆସିବା । ହାରଜିତ୍ ଦେଖି ବାଣ୍ଟିଦେବ ।" ଟିକିଏ ଦମ୍ ଦେଇ ପୁଣି କହିଲା– "ବାପା, ବାଲେଶ୍ୱର ଜିତିବ ନା ?"

ପିଲା ଦିହିଁଙ୍କ ଖେଳ ପ୍ରତି ଝୁଙ୍କ ଦେଖି ବାପା ଖୁସିହେଲେ । କାରଣ ଦୁହିଁଙ୍କ ମନରେ ଆଗ୍ରହ ଓ ଅନୁରାଗ ସେ ନିଜେ ସୃଷ୍ଟି କରିଛନ୍ତି । ଚେୟାରରୁ ଉଠିପଡ଼ି ସେ ଥାକ ଉପରେ ନଟୁ ଓ ଦଶପଇସି ରଖି ଦେଇ କହିଲେ– ଏଇଠି ରହିଲା, ଖେଳ ସରିଲେ ମୋତେ ଡାକିବ । ମୁଁ ବି ପଡ଼ିଆରେ ଥିବି ଯେ ।"

Uncle poser ବୁଝେଇବାକୁ ବାପା ପୁଣି ଆରମ୍ଭ କରିଛନ୍ତି କି ନାହିଁ କଥାର ଖିଅଧରି ବାବ୍ଲା ଆରମ୍ଭ କଲା, "ବାପା ! ବୁଲୁ ଭାଇ କହୁଛି, ବାରିପଦା କୁଆଡ଼େ

Digitized by srujanika@gmail.com

ଜିତିବ । ମୁଁ କହୁଛି, ବାଲେଶ୍ୱର ଅଲବତ୍ ଜିତିବ । ତୁମେ କ'ଣ କହୁଛ ବାପା ?"

ସଞ୍ଜୟ ଆଖି କଟମଟ କରି ବୁଲୁ ବାବୁଲା ଦୁହିଁଙ୍କୁ ଚାହିଁ କହିଲା, "ବାପା ! ଏ ଦିହିଁଙ୍କି ଟିକିଏ ଡାଗିଦ୍ କର । ତୁମେ କଚେରୀ ଯାଇଛ, ଦେଖୁନ ଏମାନେ କ'ଣ କରୁଛନ୍ତି, ଫୁଟବଲ ଏମାନଙ୍କୁ ପାଗଳ କଲାଣି । ଭୋକ ଶୋଷ କିଛି ନାହିଁ, ଦିନଯାକ ଷ୍ଟେଡ଼ିୟମରେ କଟାଉଛନ୍ତି । ତୁମେ ଫେର୍ ଟିକିଏ ଟେକାଟେକି କରିଦେଲାରୁ ତାଙ୍କ ମନ ଆହୁରି ମୋଟା ହୋଇଯାଇଛି ।

ସତ କଥା । ଗଲା କେତେ ଦିନ ଧରି ରାତିସାରା ବାବୁଲା ଗୋଡ଼ହାତ ଛଟପଟ କରେ । ଦୁଇ ତିନିଥର ଖଟରୁ ତଳକୁ ପଡ଼ିଲାଣି, ବୋଧହୁଏ ଖେଳ ସ୍ୱପ୍ନ ଦେଖି ।

ବାପା ଜୀବନରେ କେବେ କୌଣସି ଖେଳ ଖେଳି ନାହାଁନ୍ତି । ପଢ଼ୁଆ ପିଲା ବୋଲି ତାଙ୍କର ବଦ୍‌ନାମ ଥିଲା । ଝିଅପିଲାଙ୍କ ଉପରେ ଯେପରି ସେ ଦୁର୍ନାମ ନ ପଡ଼େ ସେଥିପାଇଁ ସେ ଏବେ ଗୋଟାଏ ନୂଆ ଫର୍ମୁଲା ବାହାର କରିଛନ୍ତି । ଯଥା :- ପାଠ + ଖେଳ +ସିନେମା = ଆଦର୍ଶଛାତ୍ର । ସମୀକରଣର ସମାଧାନ କରିବାକୁ କହିଲେ ସେ କୁହନ୍ତି, ଭାଗେ ପାଠ (ସେକେଣ୍ଡ ଡ଼ିଭିଜନ ଯଥେଷ୍ଟ) ଭାଗେ ଖେଳ (ହକି, ଫୁଟବଲ, କ୍ରିକେଟ, ଭଲି, ବେଡ଼ମିଣ୍ଟନ ନୁହେଁ) ଆଉ ଭାଗେ ସିନେମା (ଅର୍ଥାତ୍ ନୃତ୍ୟଗୀତ, କଳା ସ୍ଥାପତ୍ୟ, ସଂସ୍କୃତି) ମିଶିଲେ ପୂର୍ଣ୍ଣାଙ୍ଗ ଆଧୁନିକ ସୁଖୀ ମଣିଷ ସୃଷ୍ଟି ହେବେ । ଖୋଜି ବସିଲେ ତାଙ୍କ ଘରେ ନୂଆ ପୁରୁଣା କ୍ରିକେଟ ବଲ, ଫୁଟବଲ, ନାନା ଖେଳ ସରଞ୍ଜାମ ଓ ଥାକ ଥାକ ଇଲାଷ୍ଟ୍ରେଟେଡ଼ ଉଇକ୍‌ଲି ଓ ସ୍ପୋର୍ଟସ ଏଣ୍ଡ ପାସ୍‌ଟାଇମ୍ ମିଳିବ ।

ବାପା କିଛି ଉତ୍ତର ନ ଦେଇ ବହି ଆଡ଼କୁ ଚାହିଁବାରୁ ବାବୁଲା ଅଧୀର ହୋଇ ଗେହ୍ଲାଇ ପୁଣି ପଚାରିଲା, "କୁହ ବାପା ! ବାଲେଶ୍ୱର ଜିତିବ ନା ?"

ଅଷ୍ଟ୍ରେଲିଆ- ଇଂଲଣ୍ଡ କ୍ରିକେଟ ଟେଷ୍ଟରେ କିଏ ଜିତିବ, ବାପା ହୁଏତ କହି ପାରିବେ, ତରଫ ବି ନେବେ, ମାତ୍ର ବାଲେଶ୍ୱର-ବାରିପଦା ଫୁଟବଲ ମେଚ୍ କଥା ପଡ଼ିଲେ ସେ ଚୁପ୍‌ଚାପ୍ ନୀରବ । କାରଣ ତାଙ୍କ ଘର ଭିତରେ ଦୁଇଟି ଦଳ । ପୁଅ ଝିଅ ମିଶି ସାତଜଣ ମଧ୍ୟରୁ ଛଅ ଜଣ ବାରିପଦା ପଟେ, ସେ ନିଜେବି । କାରଣ ସେମାନେ ସମସ୍ତେ ବାରିପଦାରେ ଜନ୍ମିଛନ୍ତି, ବଢ଼ିଛନ୍ତି ! କେବଳ ଏଇ ବାବୁଲାଟା- ଯାହାକୁ ସେ ସବୁଠୁଁ ବେଶି ଭଲ ପାନ୍ତି- ଜନ୍ମିଛି ବାଲେଶ୍ୱରରେ, ବଢ଼ିଛି ଏଇଠି, ପୁଣି ପଢ଼ୁଛି ମିଶନ୍ ସ୍କୁଲର ଦିଦିମାନଙ୍କ ପାଖରେ । ଭାଇ ଭଉଣୀମାନେ ତାକୁ ଅନେକ ସମୟରେ ଚିଡ଼ାନ୍ତି, ବିଶେଷତଃ ଯେତେବେଳେ ସେ ବାପାଙ୍କ ଠାରୁ ପଇସା ନେଇ ଚେନାଚୁର ବାଦାମ ଏକୁଟିଆ ଖାଉଥାଏ ଏବଂ ମାଗିଲେ ମୋଟେ ଦିଏ ନାହିଁ ।

ସବୁଆଡ଼କୁ ନଜର ରଖି ବାପା କହିଲେ, "ଏତେ ବ୍ୟସ୍ତ କାହିଁକି ?" ଖେଳ ଆରମ୍ଭ ହେଉ, ଦେଖିବା କିଏ ଜିତୁଛି କିଏ ହାରୁଛି, ତା' ଛଡ଼ା ବାରିପଦା ଟିମ୍ ଯେ ଆସିବ ତା'ର କ'ଣ କିଛି ବିଶ୍ୱାସ ଅଛି । ନଇନାଳ ବଢ଼ିଥିବ, ବାଟରେ ମୋଟର ଖରାପ ବି ତ

Digitized by srujanika@gmail.com

ହୋଇପାରେ । କଥା ବୁଲାଇ ପୁଣି କହିଲେ, '' ବାବ୍‌ଲାରେ ! ତୁ କ'ଣ ଫୁଟବଲ ଖେଳ କିଛି ବୁଝୁ ? ନା ଖାଲି ଖାଲି ଚେନାଚୁର ଖାଇବା ଆଶାରେ ପଡ଼ିଆକୁ ଧାଉଁ ? କହ ଦେଖି ''କଣାର'' କାହାକୁ କହନ୍ତି ?''

''ଏଇକଥା ! କୋଣରେ ବଲ୍ ରଖି ଗୋଲକୁ ମାଇଲେ, କଣାର ।'' ପ୍ରଶାନ୍ତର ''କଣାର'' କିକ୍ ଦେଖିଛ ନା ? ଏକାବେଳକେ ନେଟ୍ ଭିତରକୁ ପଶିଯାଏ ।

''ବେଶ୍ ! ସାବାସ୍ ! ଆଚ୍ଛା ବୁଲୁ, ତୁ କହ ତ, ଫାଉଲ କାହାକୁ କହନ୍ତି ?''

''ପ୍ଲେୟାରକୁ ମାଇଲେ, ଚାର୍ଜ, କଲେ ଛକିଲେ, ଆଗକୁ କୁଦି ପଡ଼ିଲେ ଫାଉଲ ହୁଏ । ଥରେ ଢଗା ଫାଉଲ କିକ୍ ମାରି ସେଣ୍ଟାରରୁ ଏକାବେଳକେ ଗୋଲ କରିଦେଲା ।''

ସଞ୍ଜୟ ବହିଧରି ଛିଡ଼ା ହୋଇଥାଏ । ମୁହଁରେ ବିରକ୍ତି ଭାବ । ଏ ଦୁହିଁଙ୍କ ପାଇଁ Uncle poser ପଢ଼ାପଢ଼ି ହୋଇପାରିଲା ନାହିଁ । ହେଡ଼ମାଷ୍ଟର ଆଜି ଢରୁର୍ ତାକୁ ବେଞ୍ଚ ଉପରେ ଠିଆ କରାଇ ଦେବେ । ଫୁଟବଲ ଆଲୋଚନାରେ ଯୋଗ ଦେଇ ସେ କହିଲା, ''ବାପା ! ଉପର ଠାଉରିଆ ଅନ୍ଦାଜ୍ କରି କହିଦେଲେ ସିନା ସେମାନଙ୍କୁ ଖେଳ କଥା ମୋଟେ ଆସେନି । ଉଚ୍ଚାରଣ ବି ଜାଣନ୍ତି ନାହିଁ । ପଚାର କହିବେ, ''ପେଲାଣ୍ଟି'', ''ଅଫ୍‌ସାଇଡ୍'' ।

ବାବ୍‌ଲା ସାଙ୍ଗେ ସାଙ୍ଗେ କହିଲା, ''ପେଲାଣ୍ଟିକ୍'', ''ଆପ୍‌ସାଇଟ୍'' । ବୁଲୁ ପଟାପଟ୍ ତାକୁ ସଂଶୋଧନ କରି କହିଲା, ''ଭୁଲ୍, ଭୁଲ୍, ''ପେଲାଣ୍ଟି'', ''ଆଫ୍‌ସାଇଟ୍'' ।

ବାପା ବଡ଼ ପାଟିରେ କହିଲେ, ଭୁଲ୍, ଭୁଲ୍, ଦୁହେଁଯାକ ଭୁଲ୍ କହିଲ। ଯେଝା କାନ ଧର । ଦଶଥର ଉଠ ବସ ହୁଅ । ପାଟିକରି କହୁଥାଅ, ''ପେନାଲଟି, ଅଫ୍‌ସାଇଡ୍'' ।

ଦୁହେଁ ''ପେନାଲଟି, ଅଫ୍‌ସାଇଡ୍'' କହି କହି ଦଶଥର ଉଠବସ ହେଲେ ।

''ଯାଅ ଏଥର, ହାତମୁହଁ ଧୋଇ ପୋଛି ନୂଆ ପେଣ୍ଟଜାମା ପିନ୍ଧି ବାହାରି ଯାଅ ପୋଲିସ ଲାଇନ ପଡ଼ିଆକୁ । ପେରେଡ୍ ଦେଖିବ । ମନ୍ତ୍ରୀ କ'ଣ କହିବେ ମନ ଦେଇ ଶୁଣିବ । ଆସିଲେ ଜଣ ଜଣ କରି ପଚାରିବି । ମୁଁ ବି ତୁମ ପଛେ ପଛେ ଯାଉଛି ।''

ବୁଲୁ ସଜବାଜ ହୋଇ ବାହାରିଗଲା ସଞ୍ଜୟର ସାଇକେଲ ପଛରେ ବସି । ବାବ୍‌ଲାକୁ ବାପା ନେଇଥାନ୍ତେ କିନ୍ତୁ ସେ ନୂଆ ପେଣ୍ଟ ପିନ୍ଧିଲା ନାହିଁ କି ପଡ଼ିଆକୁ ଗଲା ନାହିଁ । ସିଧା ଚାଲିଲା ଷ୍ଟେଡ଼ିୟମ୍ ଭିତରକୁ ।

ପୋଲିସ୍ ଲାଇନ ପଡ଼ିଆରେ ମିଲିଟାରୀ, ପୋଲିସ୍, ହୋମଗାର୍ଡ଼, ସ୍କୁଲ କଲେଜର ଝିଅପୁଅଙ୍କ ମିଶାମିଶି ପେରେଡ୍ ଚାଲିଲା । ମନ୍ତ୍ରୀଙ୍କ ବକ୍ତୃତା ମଧ ଅନର୍ଗଳ ଓଜସ୍ୱିନୀ ଭାଷାରେ ଚାଲିଥାଏ । ବୁଲୁ କାନ ଡ଼େରି ପିଇଯାଉଥାଏ ଶବ୍ଦ ଗୁଡ଼ାକ । ''ଶତ୍ରୁ ଶକ୍ତିଶାଳୀ, ଅଚାନକ ଆକ୍ରମଣ, ବର୍ବର, ପ୍ରତିଶୋଧ, ପଛଘୁଞ୍ଚା ମିଳିମିଶି, ସମସ୍ତେ ସମସ୍ତେ ସୈନ୍ୟ ପଣ କରି ଜିତିବା ।'' ବୁଲୁକୁ ଜଣାଗଲା ଯିମିତି ମନ୍ତ୍ରୀ କହିଲେ ବାରିପଦା ଜିତିବ । ଖାଲି ''ବାଜିମାର'' କଥାଟା ଛାଡ଼ି ଯାଇଛନ୍ତି ।

Digitized by srujanika@gmail.com

ଏଣେ ବାବ୍‌ଲା ଷ୍ଟେଡ଼ିୟମ ପଡ଼ିଆ ଭିତରେ ମାଇକ୍ ଖଞ୍ଜା ହୋଇଥିବା ରିକ୍‌ସାର ଦୁଇ ପାଖରେ ପ୍ଲାକାର୍ଡ଼ରୁ ଅକ୍ଷର ଗୁଡ଼ାକ ଗୋଟି ଗୋଟି କରି ପାଟି କରି ପଢୁଥାଏ, ବି-ଏ-ଏଲ-ଏ-ଏସ୍-ଓ-ଆର-ଇ ବାଲେଶ୍ୱର-ଭି-ଆର,-ଏସ୍ । ଆଉ ପଢ଼ିଲା ନାହିଁ କାଳେ ବାରିପଦା ନାମଟା ପଢ଼ିବାକୁ ପଡ଼ିବ ।

ପଡ଼ିଆର ରଙ୍ଗ ବଦଳି ଯାଇଛି । ନୂଆ ପୋଷ୍ଟ, ନୂଆ ନେଟ୍ ।

"ହେଲୋ", ହେଲୋ କହି ମାଇକ୍ ପରୀକ୍ଷା କରି କିଏ ଜଣେ ରେକର୍ଡ଼ଟିଏ ବସାଇ ଦେଲା, ବାଜି ଉଠିଲା, "ନାମାନୁ, ନାମାନୁ, ନାମାନୁରେ, ଦଗାବାଜ୍ ଡେରା ବାତିୟା", ସଡ଼କ ଉପରକୁ ରିକ୍‌ସା ଉଠିଯିବା ମାତ୍ରେ ଆରମ୍ଭ ହେଲା, ଆଜି ଚାରିଟା ବେଳେ ଷ୍ଟେଡ଼ିୟମ ପଡ଼ିଆରେ ରାଜେନ୍ଦ୍ର ସିଲଡ୍ ଫାଇନାଲ-ବାଲେଶ୍ୱର ଏକାଦଶ ବନାମ-

ବାରିପଦା ନାମଟା କାଳେ ଶୁଭିବ ସେଥିପାଇଁ କାନରେ ଆଙ୍ଗୁଳି ପୂରାଇ ବାବ୍‌ଲା ପଶିଗଲା ଷ୍ଟେଡ଼ିୟମ ଅଫିସ ଭିତରକୁ । ଦେଖିଲା ବ୍ରାସୋ ଲଗାଇ ସିଲଡ଼ଟାକୁ ସଫା କରାଯାଉଛି । ନଇଁପଡ଼ି ରୂପା ଟିକିଲି ଗୁଡ଼ାକୁ ଦେଖିଗଲା ଗୋଟାକୁ ଗୋଟା, ଖୋଜିଲା ବାଲେଶ୍ୱର କେତେଥର ପାଇଛି । ପିଅନକୁ ପଚାରୁଥାଏ, "ରୂପାରେ ତିଆରି, ନୁହେଁ ? ହଜାର ଟଙ୍କା ହେବ ? ଆଜି କିଏ ରେଫରି, ଚକ୍ରବର୍ତ୍ତୀ ନା ମଜୁମଦାର ? ପିଅନଟା ତା' କାମ କରୁଥାଏ, ପ୍ରତି ପ୍ରଶ୍ନର ଜବାବରେ ହୁଁ ହୁଁ କରୁଥାଏ ।

କିରାଣୀ ବାବୁଙ୍କ ପାଖକୁ ଗଲା । ସେ ରବରଷ୍ଟାମ୍ପ ମାରି ଚାଲିଥାନ୍ତି ଟିକଟଗୁଡ଼ିକ ଉପରେ । "ଆଜି ଟିକଟର ଡବଲ୍ ଦାମ ନା ? ଟଙ୍କାଏ ଲେଖାଏଁ ?" ବାବ୍‌ଲା ପଚାରିଲା ।

"ଟଙ୍କାଏ ଜାଗାରେ ଦଶଟଙ୍କା ହେଲେ ବି ତୋର ତ ସବୁ ଦିନ ଫ୍ରି ପାଶ । କହ, ଆଜି କେତେ ପଇସା ଆଣିଛୁ ବାପାଙ୍କ ପାଖରୁ ଚେନାଚୁର ପାଇଁ ?"

"ଆଜି ମାଗି ନାହିଁ । ଖେଳ ସରିଲେ ବୁଲୁ ଭାଇଠୁ ଦଶ ପଇସିଟିଏ ମିଳିଯିବ ।" ତା' ସାଙ୍ଗରେ ବାଜି ମରାମରି ହୋଇଛୁ । ମୋର ନଟ୍ଟ, ତା'ର ଦଶ ପଇସି, ବାଲେଶ୍ୱର ଜିତିବ ନା ?

"ଅଲବତ୍ତ ।" କିରାଣୀବାବୁ ଷ୍ଟାମ୍ପ ମାରି ଚାଲିଥାନ୍ତି ।

"ଆଜି ପାତ୍ର ବାବୁ ଖେଳିବେ ନା ? ଅବନୀ ବାବୁ ? ଆଲିବାବା ? ପ୍ରଶାନ୍ତ ? ସିଂ ଦେଓ ? ଜାନି ?

"ପିଲାଟା କେତେ ଖେଳୁଆଡ଼ଙ୍କ ନାମ ମନେ ରଖିଛି ଜାଣି କିରାଣୀ ବାବୁ ଆଶ୍ଚର୍ଯ୍ୟ ହେଲେ- କିନ୍ତୁ ତା' କଥାକୁ ମନ ଦେଲେ ଦୁଇ ତିନିଟା ଟିକଟ ଏକାଠି ଲାଗିଯାଇ ବେନମ୍ବରି ହୋଇଯିବ ବୋଲି ତାକୁ ଚୁପ୍ କରିବା ପାଇଁ ବିରକ୍ତ ଭାବ ଦେଖାଇ କହିଲେ,- ସମସ୍ତେ ଖେଳିବେ । ତୁ ପାଖରେ ବସି ବକ୍‌ବକ୍ ହଁ ନା ।"

ବାବ୍‌ଲା ବନ୍ଦ ହେବା ପିଲା ନୁହେଁ । ସେ ପଚାରି ଚାଲିଥାଏ, 'ଟେକ୍‌ନିକାଲର ମାଇକେଲ ? ଆଇ.ଟି.ଆଇ. ର ସୁଭାଷ ? ଆଚ୍ଛା, ଆଜି ଗୋଲି କିଏ ଖେଳିବ, ହାଫିଜ

Digitized by srujanika@gmail.com

ନା ଉସ୍‌ମାନ ?''

କିରାଣୀ ବାବୁଙ୍କ ଜବାବ ନାହିଁ ।

''ଆଜି ଏଇ ନୂଆ ବଲଟାରେ ଖେଳ ହେବ ?'' ହାତରେ ଚିପି କହିଲା, ''ବାପ୍‌ରେ କେଡ଼େ ଟାଣ ? କାଠ ପରି,'' କାନ୍ଥରେ ଝୁଲୁଥିବା ହୁଇସିଲକୁ ଦେଖି ପଚାରିଲା ''ଥାଣ୍ଡାର ହୁଇସିଲ ନା ?'' ''ଆଛା, ଆଜି ଲେମ୍ବୁ ଲେମିଲେଡ୍ ।''

କିରାଣୀ ବାବୁ ଖୁବ୍ ଚିଡ଼ି ଗଲେ, କହିଲେ ''ଯା' ଯା' ! ବେଳ ହେଲାଣି ଭାତ ଖାଇବୁ । ଫାଟକ ବନ୍ଦ ହେବ, ଆମେ ବି ସମସ୍ତେ ଯିବୁ ।''

ବାବ୍‌ଲା ବାହାରକୁ ଆସି ଦେଖିଲା ରେଙ୍ଗଟା ମାଝୀ ଫାଟକ ଆଗରେ ବଡ଼ ବଡ଼ ବାଉଁଶ ଦିଟା ପୋତି ଦୁଇଟା ବଡ଼ ବଡ଼ ପତାକା ଉଠାଇ ଦେଲାଣି ତିନି ରଙ୍ଗର ଗୋଟାକରେ ଲେଖାଅଛି ବି.ଡ଼ି.ଏ.ଏ. ।

ଏଣେ ଘରେ ଭାତ ବଢ଼ା ହେଲାଣି, ଥରେ ଦୁଇ ଥର ଝୋଳଟା ଚାଖି ନେଇ ବୁଲୁ କହୁଛି, ମୋତେ ବେଶି କରି କଲିଜା ଦେଇଛ ? ଆଜି ଭାରି ଭୋକ । ଦଣ୍ଡେ ପରେ ପୁଣି କହିଲା, ''ଆଛା ! ବାବ୍‌ଲା ଖାଇଲାଣି ?''

''ଷ୍ଟେଡ଼ିୟମ ଭିତରେ ଥିବ । ଏ ଟାଣ ଖରାରେ ବୁଲି ବୁଲି ପୁଣି ସେ ଜରରେ ନିଶ୍ଚୟ ପଡ଼ିବ ।''

''ନିଶ୍ଚୟ ସେଇଠି ଥିବ । ପୋଲିସ୍ ଲାଇନ ପେରେଡ଼କୁ ଯାଇନାହିଁ ।''

ଘରୁ ବାହାରି ବାପା ବଡ଼ ପାଟିରେ ଡାକିଲେ ବାବ୍‌ଲାକୁ, ବାବ୍‌ଲା ହାଜର ହେଲା, ମୁହଁ ଲାଲ, ଥମ୍‌ଥମ୍, ବାପା ଦିହରେ ହାତଦେଇ ଦେଖିଲେ ଉଷୁମ ଲାଗୁଛି, ପଚାରିଲେ, ''ଜ୍ୱର ଅଛି କିରେ ?''

''ନା, ନା, ଜ୍ୱର ନାହିଁ । ବାପା, ଆଜି ନିଶ୍ଚୟ ବାଲେଶ୍ୱର ଜିତିବ । ସବୁ ବଡ଼ ବଡ଼ ପ୍ଲେୟାର ଖେଳୁଛନ୍ତି । ପ୍ରଶାନ୍ତର 'କଣାର' କିକ୍ ଦେଖିଛ ନା ବାପା ?''

ବାପା ବୁଲୁକୁ ଚାହିଁ ପଚାରିଲେ, ''ମନ୍ତ୍ରୀ କ'ଣ କହିଲେ ରେ ବୁଲୁ ?''

''ଚୀନ-ଭାରତ ଯୁଦ୍ଧ କଥା ।''

''ବୁଲୁ ଭାଇ ! ବାରିପଦାର ଆଜି ରକ୍ଷା ନାହିଁ ।''

''ବାଲେଶ୍ୱର ଆଜି ଦର୍ପନେ ଖାଇବ, ବାରିପଦା ଟାଟାରୁ ପ୍ଲେୟାର ଆଣୁଛି ?''

''ତୁମ ଦିହିଁଙ୍କ ଭିତରୁ ଚୀନ କିଏ, ଭାରତ କିଏ ? ଯିଏ ହାରିବ ସେଇ ଚୀନ ।'' ସଞ୍ଜୟ ପଢ଼ା ଘର ଭିତରୁ କହିଲା । ଭାତ ଥାଳୀରେ ବସିଛି କି ନାହିଁ ବାବ୍‌ଲା ଉଠି ବସିଲା । କହିଲା, ''ଆଜି ଭୋକ ନାହିଁ ।''

''ଆ ଦଣ୍ଡେ ଶୋଇପଡ଼ । ଖରାରେ ଆଉ ବୁଲାବୁଲି କରିବୁ ନାହିଁ ।'' ବାପା କହିଲେ । ବାପାଙ୍କୁ ନିଦ ଘାରିଗଲା ।

ବେପାରୀକୁ ଭୋଦୁଆ ଖରା ବି ବନ୍ଦନ । ଷ୍ଟେଡ଼ିୟମ କାନ୍ଥକୁ ଲଗାଇ ସାଇକେଲ

Digitized by srujanika@gmail.com

ଷାଣ୍ଡଟିଏ ବନ୍ଧାବନ୍ଧି କଲାଣି ଭାସ୍କର । ପ୍ରତିଦିନ ସେ ସଜାଡ଼େ, ପ୍ରତିଦିନ ଟିଫିନ ଛୁଟିରେ ସ୍କୁଲ ପିଲାଏ ଭାଙ୍ଗି ଦିଅନ୍ତି । ଯୋଡ଼ାଏ ପାନ ଦୋକାନୀ ଫାଟକର ଦୁଇ ପାଖରେ ବସି କାଠ ବାକ୍ସ ଉପରେ ଫାଳ ଫାଳ ପାନରେ ଚୂନ ଲଗାଇଲେଣି । କୁଞ୍ଜିଆର ଚା' କେଟିଲିରେ ଟକ୍‌ଟକ୍ କରି ପାଣି ବି ଫୁଟିଲାଣି । କେବଳ ଗରାଖ ଆସିଲେ ବେପାର ଚାଲିଲା ।

ବାପାଙ୍କୁ ଛାଇ ନିଦ ଆସିଯିବା ମାତ୍ରେ ଧୀରେ କବାଟ ମେଲା କରି ବାବ୍‌ଲା ବାହାରି ଆସିଛି । ନୂଆ ଶାର୍ଟ ପେଣ୍ଟ ପିନ୍ଧି ବେଲ୍‌ଟକୁ ଭିଡ଼ି ଦେଇ ଛୋଟିଆ ନେପୋଲିଅନ ପରି ବୁଲି ବୁଲି ଦେଖୁଛି କେଉଁଠି କ'ଣ ହେଉଛି । ସାରା ପଡ଼ିଆ ଆଜି ତା'ର; ତାରି ଇଙ୍ଗିତରେ, ତାରି ତତ୍ତ୍ୱାବଧାନରେ ସବୁ କାମ ଯିମିତି ଚାଲିଛି ।

ଚେନାଚୁର ବାଲା ଆସିଗଲା । ବେତ ଷାଣ୍ଡଟା କାନ୍ଧରୁ ଓହ୍ଲାଇ ତଳେ ମେଲାକରି ଥୋଇଦେଇ ମୁଣ୍ଡ ଉପରର ଭାରି ଡ଼ାଲାଟା ତାରି ଉପରେ ରଖିଲା । ମୁଣ୍ଡର ପଗଡ଼ିଟାକୁ ଫିଟାଇ ଝାଡ଼ିଝୁଡ଼ି ଦିହ ମୁହଁ ମୁଣ୍ଡରୁ ଝାଳସବୁ ପୋଛିଲା ।

ବାବ୍‌ଲା ଦେଖିଲା ଚେନାଚୂର ଗଦାଟା ଆଜି ଦେଉଳ ପରି ଖୁବ୍ ଉଚ୍ଚ ହୋଇଛି । ସିଲ୍‌ଡ଼ ଫାଇନାଲ ଖେଳ କି ନା ! ବାଦାମ ଭାଗ ବି ଆଜି ବେଶି ସେଥିରେ ପଡ଼ିଛି । ବରା, ଗୁଲୁଗୁଲା, ପାମ୍ପଡ଼, ସୋନପାମ୍ପୁଡ଼ି, ଆଳୁଦମ, ଚପ୍ କେହି ଚେନାଚୂରର ସରି ନୁହଁନ୍ତି ।

ନାକକୁ ମହକ ଆସିବା ଭଳି ଜାଗାରେ ଠିଆ ହୋଇ ବାବ୍‌ଲା ପଚାରିଲା, "ଦଶ ପଇସାକୁ ଆଜି ଗୋଟାଏ ପୁଟୁଳା ନା ଦୁଇଟା ?" ପିଲାଟିର ମୁହଁ ଦେଖି ଚେନାଚୂରବାଲା ଜାଣିପାରିଲା ଯେ, ତା ପାଖରେ ପଇସା ନାହିଁ ।

ମନେମନେ ସେ କହିଲା, "ପଇସା ନାହିଁ ମୂଲଉ ଥାଏ, ଦେଖିବାହିଁ ପେଟ ପୂରାଉଥାଏ–" ଏବଂ ଓଲି ପିଆଜ ଓ କଲିକତି ବଡ଼ ଅଦା କର୍‌ କର୍‌ କରି କାଟିବାରେ ଲାଗିଗଲା ।

ସମସ୍ତଙ୍କ ମୁହଁରେ ସେଇ ଏକା କଥା । ଏତେ ଲୋକ କେବେ କେଉଁ ମେଚ୍‌ରେ ଆସି ନଥିଲେ । ଆମ୍ବ ତେନ୍ତୁଳି ଗଛ ଗୁଡ଼ାକରେ ଲୋକ ବାଦୁଡ଼ି ପରି ଝୁଲି ଗଲେଣି । ଫାଟକର ଟିଣ କବାଟ ଭାଙ୍ଗିବା ଉପରେ । ପଡ଼ିଆର ଜାଲି ତାର ବାଡ଼ ଓ ଖୁଣ୍ଟ ଉପୁଡ଼ି ଗଲାଣି ।

ଯେତେ ବେଶି ସେତେ ଭଲ ବାବ୍‌ଲାକୁ । ସ୍କୁଲ ପିଲା ସବୁ ବାଲେଶ୍ୱର ତରଫରୁ ହୁରି କରି ବାରିପଦାକୁ ଇମିତି ନରଭସ୍ କରିଦେବେ ଯେ ମୂଷା ଆଉ କେବେ ଗାତରୁ ବାହାରିବ ନାହିଁ ।

ବାବ୍‌ଲା ଭିତରକୁ ଗଲା । ପ୍ଲେୟାରମାନେ ଜର୍‌ସି ପିନ୍ଧି ପଡ଼ିଆରେ ବସି ପଡ଼ି ବୁଟ୍‌ଲେଶ୍ ଲଗାଉଛନ୍ତି । କେତେଜଣ ମୋଡ଼ିଭାଙ୍ଗି ହୋଇ ଦିହଟାକୁ ମୁଲାଏମ କରୁଛନ୍ତି ।

"ପାତ୍ର ବାବୁର ଗୋଡ଼ କେଡ଼େ ଲମ୍ୱା, ମୋଟା, ଟାଣୁଆ । ଗୋଟାଏ କିକ୍‌ରେ

Digitized by srujanika@gmail.com

ବଲ ଆରପାଖ ପୋଷ୍ଟରେ ପଡ଼ିବ । ଆଲିବାବର ମୁଣ୍ଡଟା ହେଡ୍‌କରି ଚନ୍ଦା ହୋଇଗଲାଣି । ପ୍ରଶାନ୍ତର ବାଆଁ ଗୋଡ଼ କେଡ଼େ ଚିକ୍କଣ, ବଳୁଆ, କଣାର କିକ୍ ସିଧା ଗୋଲ ଭିତରକୁ ପଶିଯାଏ । ବଗଗୋଡ଼ ଦୁଇଟାରେ ଅବନୀଶ କେତେ ସୁନ୍ଦର କଇଁଚି ମାଡ଼ମାରେ ।"

ବାବ୍‌ଲା ବୁଲି ବୁଲି ଦେଖୁଥାଏ ଖେଳାଳୀଙ୍କୁ, ଭାବୁଥାଏ ଏଇପରି ।

ବୁଲୁ ତେଣେ ବାହାରେ ଅପେକ୍ଷା କରିଛି ବାରିପଦା ଟିମ୍‌କୁ ! ଆସିବେ କି ନା ସନ୍ଦେହ । ଆସିଲେ ବି ସେମାନେ ଡେରି କରି ଆସନ୍ତି, ଭଲ ଖେଳି ପାରନ୍ତି ନାହିଁ ।

ପିଜୁଳି ଗଛ ଉପରର ଲୋକଗୁଡ଼ାକ ପାଟିକରି ଉଠିଲେ, "ହେଇ ବାରିପଦା ଆସିଗଲା ।"

ସଙ୍ଗେ ସଙ୍ଗେ ବାଜିଲା ପ୍ରଥମ ହୁଇସିଲ୍ । ରେଫ୍‌ରୀ ଚକ୍ରବର୍ତ୍ତୀ, ଖଡ଼ଗପୁରର । ପଡ଼ିଆ ମାଟି ଚନ୍ଦନମାଟି ମୁଣ୍ଡରେ ଛୁଇଁ ପଶିଲେ ବାଲେଶ୍ୱର ଏକାଦଶ । ତାଳିରେ ପଡ଼ିଆ ଉଛୁଳି ଉଠିଲା । ବାବ୍‌ଲା ଘାସ ପଡ଼ିଆଟାରେ ଏ ମୁଣ୍ଡରୁ ସେମୁଣ୍ଡ ଗଡ଼ି ଯିବାକୁ ମନ କଲା ।

ବୁଲୁ ଦେଖିଲା, ଭଙ୍ଗା ମଟର ଭିତରୁ ବାହାରିଲେ, କାନି, ଗଣି, ଛଗା, ଗଦା, ପତି– ସବୁ ପୁରୁଣା ପ୍ଲେୟାର । ଅଚିହ୍ନା ବି କେତେଜଣ ଆସିଛନ୍ତି ବୋଧହୁଏ ଟାଟାନଗର, ରାଇରଙ୍ଗପୁରର । ଠିକ୍ ଉର୍ଜନେ ପୂରାଇ ଦେବେ ବୁଲୁ ଭାବୁଥାଏ ।

ବାବ୍‌ଲାର କେବଳ ସେଇ ଛାଗାକୁ ଡର । ହେଲେ ପାତ୍ରବାବୁ ତାକୁ ଗୋଟାଏ କିକ୍‌ରେ ବସାଇ ଦେବେ ଯେ ।

ନୂଆ ବଲଟା । ସେଣ୍ଟାରରେ ଚକ୍‌ଚକ୍ କରୁଥାଏ । ମନ୍ତ୍ରୀ ଆସିଲେ; ବେଣ୍ଡ ବାଜି ଉଠିଲା । ସେକ୍ ହେଣ୍ଡ୍ ସରିଲା ।

ବାଲେଶ୍ୱର ଟସ୍ ଜିଣି ଖରାପାଖ ବାରିପଦାକୁ ଦେଇଥାନ୍ତି । ବାଲେଶ୍ୱର ଗୋଲପୋଷ୍ଟ ପଛରେ ବାବ୍‌ଲା ଏବଂ ବାରିପଦା ନେଟ୍ ପଛକୁ ଲାଗି ବୁଲୁ ଠିଆ ହୋଇଥାନ୍ତି ଯିମିତି ଦୁହେଁ ଠିଆ ହେଲେ ତାଙ୍କ ସାଇଡ଼ରେ ଗୋଲ ପଶି ପାରିବ ନାହିଁ ।

ଫ୍ରି ପାସ ସିଟ୍‌ରୁ ଫୁଟବଲ ରସିକ ବୁଢ଼ା ଜଣେ କହିଲେ, "ପଡ଼ିଆ ଓଦା ଅଛି । ବାରିପଦା ଖେଳି ପାରିବ ନାହିଁ ।" ବାବ୍‌ଲା ଏ ପଦକ କଥା ଶୁଣି ତାଙ୍କ ପାଖକୁ ଯାଇ ପଚାରିଲା, "ବାଲେଶ୍ୱର ଜିତିବ ନା ?" ବୁଢ଼ା ବାବୁ ହଠାତ୍ କହିଲେ, "ଯା, ଯା, ଆଗରୁ ଘୁଞ୍ଚିଯା, ଖେଳ ଆରମ୍ଭ ହେଲା ।"

ସତକଥା, ଚକ୍ରବର୍ତ୍ତୀଙ୍କ 'ଅଣ୍ଡାର' ହୁଇସିଲ୍ ବାଜି ଉଠିଲା । "କେଡ଼େ ଆଓ୍ୱାଜ । ରେଲର ହୁଇସିଲ୍ ପରି–" ବାବ୍‌ଲା ଭାବିଲା ।

ବୁଢ଼ାବାବୁ ସତ କହୁଥିଲେ । ପ୍ରଥମ ମିନିଟରେ କଣାର କିକ୍ ବାରିପଦା ବିରୁଦ୍ଧରେ । ପ୍ରଶାନ୍ତ କିକ୍ ମାରିବେ ।

ଆଶା ଓ ଉତ୍କଣ୍ଠାରେ ବାବ୍‌ଲାର ଛାତି ଯେତିକି ସ୍ପନ୍ଦନହ..., ଭୟ ଓ ଆଶଙ୍କାରେ

Digitized by srujanika@gmail.com

ବୁଲୁର ଦୁକୁଦୁକୁ ସେତିକି ଧଡ଼ପଡ଼, ତେବେ ବାରିପଦାର ପୁରୁଣା ଗୋଲି ପଡି ଅଛି ।

'ଢ଼ୋ' କରି ଶବ୍ଦ ହେଲା କିକ୍‌ଟାର, ଚାନ୍ଦିପୁରରେ ଯିମିତି ବୋମାଟାଏ ଫୁଟି ଉଠିଲା । ନୂଆ ବଲଟା ସ୍ପୁଟନିକ ବେଗରେ ସିଧା ଯାଉଁ ଯାଉଁ ହଠାତ୍ ହଳଦିଆ ଚଢ଼େଇ ପରି ରଙ୍ଗ ଗୋଲ ଘର ଭିତରକୁ ଯେମିତି ମୁହାଁଇଲା । ଅଳ୍ପକେ ପଡିର ମୁଅ ଖସି ଯାଇ ହାୱାରେ ବାଜିଲା ।

"ଗୋଲ୍" ଶବ୍ଦରେ ପୃଥିବୀ କମ୍ପିଗଲା, ଛତା ଯୋଡାରେ ଆକାଶ ଭରପୂର । ଆମ୍ଭ ତାଳଟାଏ କଡ଼କଡ଼ ଶବ୍ଦ ହେଲା ।

ବୁଲୁର ଛାତି ଫାଟି ଗଲା ପରି ଲାଗିଲା । ଖଣ୍ଡେ ଦୂରରେ ନେଟ୍ ଭିତରେ ଘୂରି ଘୂରି ମଲା ନଟୁ ବଲଟା ପଡ଼ିଛି । ନୂଆ ଦଶପଇସିର ଚକଚକିଆ ରଙ୍ଗ ମଧ ବଲରୁ ଉଭାଇ ଯାଇଛି ।

ପଡ଼ିଆ ଭିତରକୁ ପଶିଯାଇ ବାବୁଲା ନାରଗିସ୍ ଚପଲ ପଟକ ନେଇ ଆସିଲା । ଚେନାଚୁରବାଲା ପାଖ ଦେଇ ଯାଉଁ ଯାଉଁ ସେତିକିବେଳେ ପାଟିକରି ଗାଇଲା, "ଚେନାଚୁରରେ ଗରମ ମୋ ଲାୟା ମଜାଦାର ।" ଅନ୍ୟପଟରେ ଗୋଲ ପାଖରେ ଠିଆ ହୋଇଥିବା ବୁଲୁକୁ ଠାରି ଚେନାଚୁର ବାଲାକୁ ଦେଖାଇ ଦେଲା ଯେମିତି ସେ ଜାଣି ପାରିବ ତାରି ଦଶପଇସିଟି ଖେଳ ସରିଲେ ସେହି ଲୋକ ପାଖକୁ ଯିବ । ତା'ପରେ ସେ ଚାଲିଗଲା ମନ୍ତ୍ରୀଙ୍କ ପାଖକୁ । ସେ ପରା ଶିଲ୍ଡ଼ ଦେବେ । ଦେଖିଲା ତାଙ୍କ ମୁହଁକୁ । ଇସ୍, ଶିଲ୍ଡ଼ ପରି ଚକ୍‌ଚକ୍ ଚିକ୍କଣ ସେ ମୁହଁ ।

ବୁଲୁ ଭାବିଲା, "ଟାଇମ୍ ଯଥେଷ୍ଟ ଅଛି । ଆସିଲାବେଳେ ସେ କାଳୀମନ୍ଦିରକୁ ଯାଇଛି । ଜଗା, ପଡି, ଅମ୍ବିକେଇଙ୍କ ସିନ୍ଦୂର ମାରିଛନ୍ତି । ଏତେ ସହଜରେ ଦଶପଇସାର ଚେନାଚୁର ବାବୁଲା ପାଇଯିବ ।"

ହାଫ୍ ଟାଇମ୍ । ବାଲେଶ୍ୱର ଏକ ଗୋଲରେ ଆଗେଇଛି । ବାବୁଲା ପ୍ରଶାନ୍ତର ବାଁ ଗୋଡ଼ଟା ଦେଖିବ ବୋଲି ପଡ଼ିଆ ଭିତରକୁ ଯାଇଥିଲା । ଜଣେ କର୍ମକର୍ତ୍ତା କହିଲେ, "ଏ ପିଲା ! ବାହାରି ଯା' ।"

ବୁଲୁ ଚାହିଁଥାଏ ପଡି, ଜଗା ଆଡ଼କୁ । କାହିଁ ସେମାନଙ୍କ ମୁହଁରେ ତ ଦୁଃଖ ନାହିଁ ? ଆଶା ଅଛି ନିଶ୍ଚୟ ଗୋଲ ଶୁଝାଇ ଦେବେ । ନଟୁ ନ ମିଳିଲା ନାହିଁ, ଦଶପଇସି ତ ଫେରି ଆସିବ । ଡ୍ର ହେଲେ ଯେଝା ଜିନିଷ ଫେରସ୍ତ ପାଇବେ ତ ?

ଏଥର ଜଗା ରାଗିଯାଇଛି । ଆଉ ରକ୍ଷା ନାହିଁ, ଗଣେଶ ପାଖରୁ ପାଶ୍ ପାଇ ଜଗା ଚାଲିଛି ବଲ କଟାଇ କଟାଇ । ଗୋଲ ମୁହଁରେ କୋଡ଼ିଏ ହାତ ଦୂରରୁ ମାରିବାକୁ ଯାଇଛି ତୀବ୍ର ସଟ୍ । ଆଖି ପିଛୁଳାକେ ପାତ୍ର ବାବୁ କୁଆଡୁ ଆସି– । ବାଜିଛି ଲମ୍ବା ହୁଇସିଲ୍ । ଜଗା ପଡ଼ିଯାଇଛି । ଫାଉଲ୍ । ପେନାଲଟି । କାନ ଧରି ଉଠବସ ହୋଇ ଏଇ ଶବ୍ଦଟାକୁ ବାବୁଲା ଶିଖିଥିଲା ।

Digitized by srujanika@gmail.com

ଖଣ୍ଡିଆଭୂତ ପରି ଉଠି ବସିଲା ଜଗା, ନିଜେ କିକ୍ କରିବ ଚୁପ୍‌ଚାପ୍ । ବାବ୍‌ଲାର ପାଳି ଏଥର ଛାତିର ଦୁକୁଦୁକୁ ଗଣିବାର । ଆଖି ବନ୍ଦ କରିଦେଲା । ଜଣାଗଲା ଜୋର ପବନଟାଏ ବଲଟାରୁ ଆସି ଦଶପଇସାର ଚେନାଚୂର ପୁଟୁଳା ନେଇଗଲା ଶୂନ୍ୟକୁ । ବାକି ନଟୁଟା ଫେରସ୍ତ ମିଳିବ ନା ଯିବ ? ମୁଣ୍ଡ ବଥାଇଲାଣି ତା'ର, ଆଖି ଦି'ଟା ପୋଡୁଛି ।

କିନ୍ତୁ ଗଣେଶ, ଜଗା ଦୁହେଁ ବଲ ଟାଣି ଆଣିଲେଣି । ପାଖିଆଁ ଖୁଣ୍ଟ ପାଖ ଦେଇ ଆଉଟ୍ ହୋଇ ଯାଉଥିଲା ବିଜୁଳି ବେଗରେ ଦୌଡ଼ି ଆସି ଜାଣି ବୁଢ଼ା ଆଙ୍ଗୁଳିଟାରେ ଛୁଇଁଦେଲା ପରା, ପୁଣି ଆଉ ଗୋଟାଏ ।

ଚାରିଆଡ଼େ ଚୁପ୍‌ଚାପ୍ । ଛଡାଯୋଡା ଆଉ ଉଠିଲା ନାହିଁ । ଆଉ ମିନିଟିଏ ବାକି, ବୁଲୁର ମୁଣ୍ଡ ଭିତରେ ଆନନ୍ଦର ନଟୁଟା ଚକ୍ର ପରି ବୁଲିଲା । ବାବ୍‌ଲା ନେଟ୍ ଭିତରେ ବଲଟାକୁ ଗୋଇଠାଟାଏ ଦେଇ ପଡ଼ିଆ ଭିତରୁ ବାହାରି ଯାଉଥିଲା ମୁଣ୍ଡ ତଳକୁ କରି । ହଠାତ୍ "ଗୋଲ" ଶବ୍ଦ ଶୁଣି ବୁଲି ପଡ଼ିଲା । ବାଲେଶ୍ୱର ଶୁଝି ଦେଲା ପରା ! କାହିଁ ବଲ ତ ସେଣ୍ଟରକୁ ଆସିଲା ନାହିଁ ? ଚକ୍ରବର୍ତ୍ତୀ "ଅଫ୍‌ସାଇଡ୍" ଦେଲା ବୋଧହୁଏ । "ଅଫ୍‌ସାଇଡ୍" ଶବ୍ଦଟି ସେଇ କାନ ଧରି ଉଠବସ ହୋଇ ଶିଖିଥିବା ଶବ୍ଦ ।

"ରେଫେରୀ ! ଆଖିରେ ଚଷମା ଲଗାଅ ।" ସମସ୍ତେ ଚିତ୍କାର କଲେ । ଆଉ ଟାଇମ୍ ନାହିଁ । ମେଘ ଖଣ୍ଡେ ବି ଉଠାଇ ଆସିଲାଣି । ପଡ଼ିଆ ପ୍ରାୟ ଅନ୍ଧାର ।

ହିପ୍ ହିପ୍ ହୁର୍‌ରେ । ଭଙ୍ଗା ମଟରରେ ଶିଲ୍‌ଡ଼ ଚାଲିଗଲା ବାରିପଦା । ବାପା ଆରମ୍ଭ କଲେ, "କାହିଁ ! ବାବୁଲାକୁ ମୁଁ ତ ପଡ଼ିଆରେ ଦେଖିଲି ନାହିଁ । ବାଜିମରା ଜିନିଷ ଗୁଡ଼ାକ ମୋ ପାଖରେ ରହିଲା ଯେ ।" ଥାକରୁ ଆଣିବାକୁ ଯାଇ ଦେଖିଲେ ଜିନିଷ ନାହିଁ, ନଟୁ ନାହିଁ କି ଦଶପଇସି ନାହିଁ ।

ମୁହଁକୁ ଲାଲ ଥମ୍ ଥମ୍ କରି ବାବ୍‌ଲା ପଶିଆସିଲା । ଧୀରେ ଧୀରେ ଆଡ଼ବୁଝା ହୋଇ ବୁଲୁ ପାଖକୁ ଗଲା, କ୍ଷୀଣ ସ୍ୱରରେ କହିଲା, "ବୁଲୁ ଭାଇ ! ନେ ତୋ ଦଶପଇସି, ନେ ମୋର ନଟୁ । ଦୁଇଟିଯାକ ଜିନିଷ ବଢ଼ାଇ ଦେଇ ଚାଲିଯାଉଥିଲା, ପୁଣି ଫେରିଆସି ଦୟନୀୟ କଣ୍ଠରେ କହିଲା, "ବୁଲୁଭାଇ ! ଆଜି ରାତିକି ନଟୁଟା ରଖ, ଯେତେ ଖେଳିବୁ ଖେଳ, କାଲି ସକାଳେ ମୋତେ ଦେବୁ । ନୂଆ କିଣିଛି, ମୋଟେ ଖେଳି ନାହିଁ ମୋର ମୁଣ୍ଡ ଭାରି ଜୋର ବଥାଉଛି ।"

ଏତିକିବେଳେ ବଡ଼ ଭାଇ ସଞ୍ଜୟ ତାକୁ ଶୁଣାଇ କହିଲା, "ହାୟ ! ହାୟ ! ବିଚରା ବାବ୍‌ଲାର ବାଲେଶ୍ୱର ଆଜି ହାରିଗଲା ।"

ଯେତେ କୋହ, ଦୁଃଖ ସଞ୍ଚି ହୋଇ ବାବ୍‌ଲାର ଛାତିରେ ଜମାଟ ବାନ୍ଧିଥିଲା ସବୁ ଯିମିତି ଏହି କଥା ପଦକରେ ତରଳି ବାହାରି ଆସିଲା । ଭୋ କରି ସେ କାନ୍ଦି ପକାଇଲା । କାନ୍ଦ ବୋଲି କାନ୍ଦ, ଏମିତି କାନ୍ଦ ! ତା' ମାଆ ମଲାବେଳେ ବି ଏମିତି କାନ୍ଦ ସେ କାନ୍ଦି ନଥିବ ।

Digitized by srujanika@gmail.com

ରାତିଯାକ ତାକୁ ଭୀଷଣ ଜ୍ୱର । ସକ ସକ ହୋଇ ତନ୍ଦ୍ରାରେ ସେ କାହୁଥାଏ, ବିଳିବିଳାଉ ଥାଏ, କର୍ଣ୍ଣାର, ଚେନାଚୁର, ଫାଉଲ, ପେନାଲ୍‌ଟି, ନଟ୍ସ, ଅଫ୍‌ସାଇଡ୍ ।

Digitized by srujanika@gmail.com

# ଅଶ୍ୱତ୍ଥାମା ହତ

''ଶୁଆ ମାର୍କା ଗୁଣ୍ଡ ଚା'- ଏକ ପେକେଟ୍ ।'' ଛୋଟ ତାଲିକାଟିଏ ପକେଟ୍ରୁ ବାହାର କରି ଅଧ୍ୟାପକ ଜୀବାନନ୍ଦ ଡାକିବାକୁ ଆରମ୍ଭ କଲେ । ଟିପା ଖାତାରେ ଲେଖୁ ଲେଖୁ ହୀରାଲାଲ କହିଲା, ''ଟଙ୍କାଏ ସାତ ପଇସା, ଅଉର୍ ?''

ଅଧ୍ୟାପକ ପୁଣି ଡାକିଲେ, ''ଚିନି ପାଞ୍ଚଶ ।'' ହୀରାଲାଲ କହିଲା, ''ତେସ୍ତରି, ଅଉର୍ ?''

ଅଧ୍ୟାପକଙ୍କ ଛୋଟ ତାଲିକାଟିଏ ବୋଧହୁଏ ଏହି ଦୁଇଟା ଜିନିଷରେ ସରିଗଲା । ହୀରଲାଲ ''ଅଉର୍'' ର ସଉଦା କରି ନ ପାରି ଜୀବାନନ୍ଦ ଟିକିଏ ଲଜ୍ଜିତ ଓ ଅପ୍ରତିଭ ହେଲେ ।

''ଆଉ...'' ଦନ୍ତ ବାନ୍ଧି ପୁଣି କ'ଣ ଗୋଟାଏ ଜିନିଷ ବରାଦ କରିବାକୁ ଯାଉଥିଲେ । ଯିମିତି ସାହସ ପାଇଲାନି, ହଠାତ୍ ଅଟକିଗଲେ । କାନ ମୁଣ୍ଡ ଆଉଁସି କୁଣ୍ଡାଇ, ଦୋକାନ ବାହାର ଭିତର ଚାରିଆଡ଼େ ଆଖି ବୁଲାଇଲେ । ଥାକ ଥାକ ହୋଇ ସାଇତା ହୋଇଥିବା ହମାମ ଓ ସନ୍‌ଲାଇଟ ସାବୁନ ପଛକୁ ଯେଉଁ ଖାକି ରଙ୍ଗର ଚାରି ପହଲିଆ ଲମ୍ବା ମୋଟ କାଗଜର ଖୋଳଟା ଥିଲା ତାରି ଉପରେ ତାଙ୍କର ଦୃଷ୍ଟି ପଡ଼ିଲା । ବଡ଼ ବଡ଼ ଛାପା ଅକ୍ଷରରେ ଲେଖା ଅଛି, "Donated by the poeple of the United States of America-not to be sold or exchanged", ଆମେରିକା ଯୁକ୍ତରାଷ୍ଟ୍ର ଜନସାଧାରଣଙ୍କ ଦାନ- ବିକ୍ରି ବା ବଦଳ ପାଇଁ ନୁହେଁ ।

ଗୋଟିଏ ସମୃଦ୍ଧ ମହାଜାତିର ଏକ ଦରିଦ୍ର ବୁଭୁକ୍ଷୁ ମହାଜାତି ପ୍ରତି କି ଅନବଦ୍ୟ ଅକୁଣ୍ଠ (ଅବାଞ୍ଛିତ) ଅବଦାନ ଓ ବଦାନ୍ୟତା ! ଶ୍ରଦ୍ଧା, ସହାନୁଭୂତି ଓ ମାନବିକତାର କି ଦିବ୍ୟ ବହିଃପ୍ରକାଶ ! ସେଇ ଜିନିଷଟି ତାଲିକାରୁ ଅଧ୍ୟାପକ ଡାକିବାକୁ ସାହସ କଲେନି ! ଟୁକୁରା ଟୁକୁରା କରି କାଗଜକୁ ଚିରି ନର୍ଦ୍ଦମାକୁ ଫୋପାଡ଼ି ଦେଲେ ।

ଥଳିଟିଏ ଦୋକାନୀ ହାତକୁ ଦେଇ କହିଲେ, ନିଅ ଦୁଇଟା ସଉଦା ଏଥିରେ ପୂରାଇବ । ପାଞ୍ଚ ଟଙ୍କିଆ ନୋଟ୍‌ଟିଏ ହାତକୁ ଦେଉଁ ଦେଉଁ କହିଲେ, ''ଟିକିଏ ଶୀଘ୍ର ଦେଇଦବ । କାମ ଅଛି, ବଜାରରୁ ଏଇ ଫେରି ଆସୁଛି ।''

ଦୋକାନରୁ ଓହ୍ଲାଇ ଯାଉ ଯାଉ ହଠାତ୍ କ'ଣ ମନେପଡ଼ିଲା ପରି ଭାବ ଦେଖାଇ ବୁଲି ପଡ଼ିଲେ ଏବଂ ନରମ ଅସ୍ପଷ୍ଟ ଗଳାରେ କହିଲେ, ''ହୀରାଲାଲ, ଗୁଣ୍ଡଦୁଧ ପଚାଶ

Digitized by srujanika@gmail.com

ଶହେ ଗ୍ରାମ ଦେଇପାରିବ ?''

ହୀରାଲାଲ ଠୋ ଠୋ କରି ହସି ଉଠିଲା । କହିଲା, ''ଓହୋ ! ଆପ୍ ଦୁକାନର ଖୋଳ୍ ଅଭ୍ ଡବ୍‌ବାକୁ ଦେଖି ଭାବିଲା, ଦୁକାନରେ ପାଉଡ଼ର ଦୁଧ ବିକ୍ରି ହଉଛି ?'' ବିକାଳି ଆଡ଼କୁ ଚାହିଁ ହୀରାଲାଲ କହିଲା, ''ଡବାକୁ ଡ୍ରେନ୍‌ମେ ଫେକ୍ ଦୋ ।''

ନିରାଶକୁ ଆଶ୍ୱାସ ଦେବା ଭଙ୍ଗୀରେ ଦଣ୍ଡେ ରହିଯାଇ ଦୋକାନୀ ପୁଣି କହିଲା, ''ଆପ୍ ଆସି ଯାଆନ୍ତୁ, ଦେଖିବା ଯବ୍ ଆଉ କିସିକା ଦୁକାନ୍‌ରେ ମିଳିଯିବ । ଆଜ୍‌କାଲ୍ ମୁସ୍କିଲ୍ ଏ ସବ୍ ଚିଜ୍ ପାଇବା ।''

ହୀରାଲାଲ ଆଜି ସକାଳୁ ଗାଧୋଇପାଧୋଇ କଣ୍ଠ କପାଳରେ ଭୂତେଶ୍ୱର ମନ୍ଦିରର ସିନ୍ଦୂର, ବିଭୂତି ଲଗାଇ ଗୋଟାଏ ନିର୍ଲିପ୍ତ ପବିତ୍ରାତ୍ମା ପରି ବସିଯାଇଛି– ଖାଗୁଣା ମଢ଼ ଆଶାରେ ବସିବା ଭଙ୍ଗୀରେ ।

ବାଁ ହାତଟା ବାକ୍ସ ଉପରେ । ଆଖି ଦି'ଟା ''ଧର୍ମଯୁଗ'' ବା 'ସତ୍-ସଙ୍ଗ' କାଗଜ ଉପରେ । ପହିଲା ବଜାର । ସୁନା ଫ୍ରେମର ଚଷମା ଭିତରୁ ସୁରମାଲଗା ଆଖିର ଜ୍ୟୋତି ଉହୁଙ୍କି ଆସୁଛି । ହୀରାଲାଲ ଆଜି ଭାରି ଖୁସି, ବଇନି ବେଳରେ ଅଧାପକ ଆସିଛନ୍ତି ବୋଲି । କାରଣ ଯେଉଁଦିନ ସେ ବଇନି କରନ୍ତି ସେଦିନଟି ହୀରାଲାଲର ଝାଳ ପୋଛିବାକୁ ତର ହୁଏନି । ବାକ୍ସରେ ଚାକିଚୁକି ନୋଟ୍‌ଗୁଡ଼ିକ ରଖିବାକୁ ପଡ଼େ ।

ହୀରାଲାଲ ଦୋକାନଟି ବଜାରର କେନ୍ଦ୍ର ସ୍ଥାନରେ । ଯିଏ ଯୁଆଡୁ ଆସିଲେ ବି ଏଇଠି ପ୍ରଥମେ ହାବୁଡ଼ ଖାଆନ୍ତି । ତା'ଛଡ଼ା ଗରାଖଙ୍କ ସୁବିଧା ଅସୁବିଧାରେ ମିଳିବା ନ ମିଳିବା ଚିଜର ଧାର ନଗଦ କାରବାର (ଦୋକାନରେ ''ଆଜି ନଗଦ କାଲି ଧାର'' ଲେଖା ଥିଲେ ବି) ଚାଲେ ବୋଲି ଦୋକାନରେ ଖୁବ୍ ଭିଡ଼ ହୁଏ । ବାବୁଭାୟାଙ୍କ ଚାକର ଚପରାସି ଏଠାରୁ ସଉଦାପତ୍ର ନିଅନ୍ତି । ମାପ ଓଜନ, ବିକ୍ରିକର, ଆୟକର ଅଫିସର ବଡ଼ ସାନ କର୍ମଚାରୀମାନେ କେତେବେଳେ କେମିତି ଏଇଠି ବସନ୍ତି ଓ ଅନ୍ନପୂର୍ଣ୍ଣା ମିଷ୍ଟାନ୍ନ ଭଣ୍ଡାର ବା ଜୟଦୁର୍ଗା କେବିନ୍‌ରୁ (ଲୋକେ କହନ୍ତି, ଜିଲ୍ଲାର ଯେତେ ଗୁଣ୍ଡଦୁଧ ପଞ୍ଚାୟତକୁ ଯାଏ ତହିଁରୁ ବେଶି ଭାଗ ଏଇ ଦୁଇ ଦୋକାନକୁ ଛେନା ହୋଇ ଫେରିଆସେ) ଛେନାଗଜା ବା ଛେନାପୋଡ଼ ପିଠା ଖାଇ ଧ୍ୱଂସ କରନ୍ତି ।

ଦୋକାନ ବାହାର ଓ ଭିତର ସବୁବେଳେ ସଫାସୁତୁରା ନ ରଖିଲେ ବଡ଼ବଡ଼ ଅଫିସରମାନେ କ'ଣ ଭାବିବେ ? କିନ୍ତୁ ମ୍ୟୁନିସିପାଲିଟିର ଦାରୋଗା ମେହେନ୍ତର ପରି ଛୋଟ ଲୋକଗୁଡ଼ାକ ସାଙ୍ଗରେ ପ୍ରତିଦିନ କଳି କରିବ କିଏ ? ଯେତେ କହିଲେ ବି ତା'ରି ଦୋକାନ ସାମ୍ନାରେ ଅଳିଆଗୁଡ଼ିକ ଜମା କରିଦଉଛନ୍ତି । ଅଳିଆ ଗାଡ଼ି ଆସୁ ଆସୁ କେଉଁ ଦିନ ଏଗାର ବାରଟା ବାଜି ଯାଉଛି ।

ହୀରାଲାଲ ସବୁ ଗରାଖ ମଧ୍ୟରେ ପ୍ରଫେସର ବାବୁଙ୍କୁ ବେଶି ପସନ୍ଦ କରେ, ଭଲପାଏ । ସମସ୍ତଙ୍କ ଆଗରେ କୁହେ, ''କିତନା ସଚା ଆଦିମୀ ଏଇ ପ୍ରଫେସର ଲୋକ !

Digitized by srujanika@gmail.com

କେହି ଗରାଖ ନ ଥିଲେ ଅଧ୍ୟାପକଙ୍କ ସହିତ ନାନା ଖୁସିଗପ କରେ । ପଚାରେ, "ପ୍ରଫେସର୍ ବାବୁ, ଆପ୍‌କା ନଉକର୍ ଚପରାସି କୋଇ ନେହିଁ ?" ଅଧ୍ୟାପକ ତାକୁ ବକ୍ତୃତା ଦେଇ ବସନ୍ତି ନୀତିବାଦ, ଜୀବନ ଦର୍ଶନ, ସ୍ୱାର୍ଥତ୍ୟାଗ ଓ ସ୍ୱାବଲମ୍ବନଶୀଳତା ବିଷୟରେ । କିନ୍ତୁ ପୁଣି ଗରାଖ ଭିଡ଼ ହୁଏ । ବିଚାରା ହୀରାଲାଲ ଏସବୁ ମହତ୍ ଉପଦେଶ ଶୁଣିବାକୁ ବେଳ ପାଏ ନାହିଁ; କେବଳ ସମସ୍ତଙ୍କୁ ଶୁଣାଇ ସେ କୁହେ, "ଜ୍ଞାନୀଲୋକ, ପଣ୍ଡିତ ଲୋକ ।"

ଅଧ୍ୟାପକ ଜୀବାନନ୍ଦ ମାଛ ବଜାର ଆଡ଼କୁ ଯାଉଥିଲେ, ଶୁଣିଲେ ଦୂରରୁ ଚାରିଟଙ୍କା, ସାଢ଼େ ଚାରି, ପାଞ୍ଚଟଙ୍କା । ହଠାତ୍ ରାଇଟ୍ ଏବାଉଟ୍ ଟର୍ଣ୍ଣ କରି ଚାଲିଲେ ପନିପରିବା ବଜାରକୁ । ଡାକ୍ତରଗୁଡ଼ାକ ସବୁବେଳେ ତାଙ୍କୁ ଉପଦେଶ ଦେଉଛନ୍ତି ପ୍ରୋଟିନ ଖାଇବାକୁ । କିନ୍ତୁ ସେମାନେ ମୋଟେ ବୁଝନ୍ତି ନାହିଁ ଯେ ସେମାନଙ୍କର ଏଇ ପ୍ରୋଟିନ ନିଦାନ ପାଶ୍ଚାତ୍ୟ ଚିକିତ୍ସା ବିଜ୍ଞାନର ଅନ୍ଧ ଅନୁସରଣ । ଆମ ଦେଶ ଗରମ ଦେଶ । ଏଠି କେବଳ ଶ୍ୱେତସାର, କାର୍ବୋହାଇଡ୍ରେଟ୍ ଓ ଚର୍ବିହୀନ ଖାଦ୍ୟ ମଣିଷ ପକ୍ଷରେ ଉପାଦେୟ । ତେଣୁ ବୃକ୍ଷଲତାର ସମସ୍ତ ଅଙ୍ଗପ୍ରତ୍ୟଙ୍ଗ ମିଳାଇ ବିଭିନ୍ନ ରଙ୍ଗର ପନିପରିବା କିଣିବାକୁ ସେ ସର୍ବଦା ଚେଷ୍ଟା କରନ୍ତି । ଶାଗୁଆ ପତ୍ର ମଧ୍ୟରେ ପୋଇ ଓ ଧନିଆଁ, ହଳଦିଆ ଫୁଲ ମଧ୍ୟରେ ବୋଇତ କଖାରୁ ଫୁଲ, ଧଳା ଫଳ, କହିଲେ ଲାଉ ବା କଖାରୁ । ରଙ୍ଗ ବିଚିତ୍ର ମୂଳ ମଧ୍ୟରେ ଖମ୍ୱଆଳୁ, କନ୍ଦମୂଳ ବା ଘୋର ପ୍ରକାଣ୍ଡ ଲାଲ ମୂଳା ପ୍ରସିଦ୍ଧ । ଏ ଗୁଡ଼ାକରେ ଖାଦ୍ୟ ପ୍ରାଣ ପ୍ରଚୁର ଅଛି, ସହଜଲଭ୍ୟ ଓ ସୁଲଭ ମଧ୍ୟ । ବହୁ–କୁଟୁମ୍ବୀମାନଙ୍କୁ ଏହା ଭଗବାନଙ୍କ ସ୍ୱତନ୍ତ୍ର ଦାନ ।

ପନିପରିବା ଏଇ ନୀତିରେ କିଣି ଯୋଡ଼ିଏ ଥଳିରେ ପୂରାଇ ପତ୍ରପୁଷ୍ପ ଫଳମୂଳ ଶୋଭିତ ଚଳନ୍ତି ବୃକ୍ଷଟିଏ ଭଳି ଅଧ୍ୟାପକ ଆସି ଛିଡ଼ାହେଲେ ହୀରାଲାଲ ଦୋକାନ ଆଗ ସଡ଼କରେ ଗୋଟାଏ କଡ଼କୁ ।

ମାତ୍ର ଏଇ କେତେ ମିନିଟ୍ ମଧ୍ୟରେ ଦୋକାନ ସାମନା ଲୋକାରଣ୍ୟ ହୋଇଗଲାଣି । ହୀରାଲାଲର ଦୋକାନ ଭିତରେ ଓ ବାହାରେ ଉତ୍ତେଜନା ଭରପୂର । ଭାରି ହୁରିହାଟ, ହଟ୍ଟଗୋଳ । ଖଣ୍ଡଯୁଦ୍ଧ ଲାଗିଯିବା ଉପରେ ।

ହୀରାଲାଲ ଦୋକାନ ଆଗ ନର୍ଦ୍ଦମା ସଫା ହେଉଛି । ଦାରୋଗା ନିଜେ ଛିଡ଼ା ରହି କାମ ତଦାରଖ କରୁଛନ୍ତି । ଚାରି ଛଅଜଣ କଳା କଳା ଭେଣ୍ଡିଆ ନର୍ଦ୍ଦମାରୁ ଅଳିଆ ମଇଳା ସବୁ ବାହାର କରୁଛନ୍ତି ପଙ୍କ କାଦୁଅରେ ଜଡ଼ସଡ଼ ହୋଇ । ଦୋକାନରେ ପାହାଚ କଡ଼କୁ ସଡ଼କ ପାଖରେ ମଇଳା ଢୁଢ଼ ହୋଇଗଲାଣି, କଳାପାଣିର ଝରଣାଟିଏ ସଡ଼କ ଆଡ଼କୁ ସିରି ସିରି ହୋଇ ବହିଯାଉଛି, ଭାରି ଦୁର୍ଗନ୍ଧ । ଲୋକେ ନାକ ବନ୍ଦ କରୁଛନ୍ତି ।

ହୀରାଲାଲ କାଠ ଖଟ ଉପରେ ଛିଡ଼ାହୋଇ ବଡ଼ ପାଟିରେ କହୁଥାଏ "କେତେ ବାର ହାମ୍ ତୁମକୁ କହିଲା ଦୁକାନ ସାମ୍ନାରେ ଏ ସବ୍ ଜମା ନା କରିତେ ? ଯବ୍ ଭିଡ଼ ହେଉଛି ଯବ୍ ସାଫ୍ କରିବା ବେଳେ ହଉଛି । ଆଦିମୀ ଯେ କିତ୍‌ନା ହଇରାନ୍ ହଉଛି ତୁମ୍

Digitized by srujanika@gmail.com

ଲୋକକୁ କ୍ୟା ମାଲୁମ ପଡୁଛି ? କେତେବାର କେତେ ଲୋକ ମୋର ପାଶରେ କମ୍ପ୍ଲେନ୍ କରିଲା, ଜାନତା ?''

ଦାରୋଗା ଜବାବ୍ ଦେଲା, ''ଇଃ ! କମ୍ପ୍ଲେନ୍ ! ଲୋକେ ଯାଙ୍କ ପାଖରେ ନ କରିବେ ତ ଆଉ କଉଁଠି କରିବେ ? ଲୋକମାନଙ୍କ ପାଇଁ ଯାର ଆତ୍ମା ବହୁତ କାନ୍ଦୁଛି ନା ।''

''ନା, ନା ! ତୋର ଆତ୍ମାଟା କାନ୍ଦୁଛି । ସେଦିନ ଯବ୍ ପୋଲିସ୍ ସାଥରେ ମିଲ୍‌କର ଦୋକାନରୁ ବୋରା ବୋରା ସୁଜି, ମଇଦା ଅଉର୍ ବେସନ ଟିଣ ଟିଣ ସରଷାର ତେଲ ବାହାର କରିଲୁ ତୋର ପ୍ରାଣଟା କେତେ କାନ୍ଦିଲା ?''

''ତୁ ତା' ବେ ବା ଛାଡ଼, ଭଦ୍ରଲୋକ ପରି କଥା କୁହ, ହୀରାଲାଲ ବାବୁ ! ମୋ ଉପରେ ଦୋଷ ଲଦୁଛ କାହିଁକି ? ସେ ତ ପୋଲିସ୍‌ବାଲାଙ୍କ କଥା ।''

''ସଇତାନ୍ ! ଆଦିମିକୁ କୋନ୍ ଖବରଟା ଦେଲା ? ଚୋଖ ବନ୍ଦକର କିତିନା ଦିନ ତୁ ବିଡ଼ାଲକା ମାଫିକ୍ ଦୁଧ ପିଇବୁ ?''

ଦାରୋଗା ଚୁପ୍ ରହିଲା ନିଜକୁ ସମ୍ଭାଳି ନେଇ । ହୀରାଲାଲ ବସିପଡ଼ିଲା ଓ ବାକ୍ସଟା ଖୋଲି ପୁଣି ଧଡ଼କରି ବନ୍ଦ କରିଦେଲା । ସେ ଆଜି ସୁଯୋଗଟିଏ ପାଇଛି । ଭେଜାଲ ମୋକଦ୍ଦମାଟା ଭିଆଇ ଦାରୋଗାଟା ତାକୁ ସେଦିନ ଯେଉଁ ହଇରାଣ ହରକତରେ ପକାଇଛି ଚେଠମଲ ହୀରାଲାଲର ପୁଅ ସେକଥା କଣ ଏତେ ଶୀଘ୍ର ଭୁଲିଯିବ ?

ଦାରୋଗା ବି ନଛୋଡ଼ବନ୍ଧା, ଏକେ ତ ମଇଳା ଘାଣ୍ଟିବା ହେଲା ଚାକିରି, ତା ଉପରେ ପୁଣି ପବ୍ଲିକ୍ କର୍ମଚାରୀ ହୋଇ ଏତେ ଲୋକଙ୍କ ଆଗରେ ବିବ୍ ବଜାର ଉପରେ ଅପମାନ ସେ ସହିଯିବ କିମିତି ? ଖାଲି ଟଙ୍କା ବଳରେ କେଡ଼େ ସହଜରେ ପ୍ରମାଣ ଅଭାବରୁ ମକଦ୍ଦମାରୁ ଗଲାବର୍ଷ ଖସିଯାଇଛି ଏଇ ହୀରାଲାଲଟା ।

ଅଧ୍ୟାପକ ଜୀବାନନ୍ଦ ସବୁ ଦେଖୁଥାନ୍ତି ଓ ଠିଆ ହୋଇ ଭାବୁଥାନ୍ତି ବହିରେ କେଉଁଠି କିମିତି ଝିମିଟି ଖେଳରୁ ମହାଭାରତ ହୋଇଛି । ତାଙ୍କର ମନେ ପଡ଼ିଲା ଡନ୍, କୁଇକ୍‌ସୋଟ୍ କଥା । ଦୁନିଆଁରେ ଯେଉଁଠି ଅତ୍ୟାଚାର, ନାରୀଧର୍ଷଣ, ଉତ୍ପୀଡ଼ନ, ରାକ୍ଷସଙ୍କ ଉତ୍ପାତ ସେଇଠି କୁଇକ୍‌ସୋଟ୍ ପରି ବୀରମାନେ ଅବତୀର୍ଣ୍ଣ ହୋଇଛନ୍ତି । ତାଙ୍କ ପରି ଅଧ୍ୟାପକମାନେ ଯଦି ଏ ଯୁଗରେ ନାଇଟ୍ ହୋଇ ନ ବାହାରନ୍ତି ତେବେ ଦେଶର ଦୁର୍ଗତି ଦୂର ହେବ କିପରି ?

ପୁଣି ବଚସା ଜୋର ହେଲା, ବେଶି ବେଶି ଲୋକ ଜମା ହେଲେ । ହୀରାଲାଲ ଦାରୋଗା ଉପରେ ଗାଳି ବର୍ଷଣ କରୁ କରୁ କହିଦେଲା ''ମ୍ୟୁନିସିପାଲିଟିକା କୁତ୍ତା !'' ଦାରୋଗା ଆଉ ସମ୍ଭାଳି ନପାରି ଫାଇଲ ରେଜଷ୍ଟ୍ରି କାଖତଳେ ଯାକି ହୀରାଲାଲ ଆଡ଼କୁ ଭିଡ଼ିଗଲା । ଅଧ୍ୟାପକ ଦେଖିଲେ ମଧ୍ୟସ୍ଥତା ପାଇଁ ଉପଯୁକ୍ତ ବେଳ ଆସିଲା । ସେ ଲୋକଙ୍କୁ ଠେଲି ପେଲି ଉଠିଗଲେ ଓ ଦୋକାନର ଏମିତି ଗୋଟାଏ ଜାଗାରେ ଛିଡ଼ାହେଲେ ଯେଉଁଠି

Digitized by srujanika@gmail.com

ଉଭୟ ଦାରୋଗା ବାବୁ ଓ ହୀରାଲାଲର ଦୃଷ୍ଟି ରେଖା ମିଶୁଛି ।

"ଆଚ୍ଛା, ସେତିକି ହେଉ, ଆଉ..." ବଡ଼ ପାଟିରେ ଅଧ୍ୟାପକ ମଧ୍ୟସ୍ଥତା ଆରମ୍ଭ କଲେ, ଦାରୋଗାଙ୍କୁ ଚାହିଁ ।

ଦାରୋଗାଙ୍କୁ ମନେହେଲା ସେ ଯେମିତି ଭଦ୍ରଲୋକଙ୍କୁ କେଉଁଠି ଦେଖିଛି । ହୁଏତ ଫୁଟବଲ ଖେଳରେ ଚେୟାରମେନ୍ ସାଙ୍ଗରେ ବରାବର ବସି ଚେନାଚୁର ବାଦାମ ଚୋବାନ୍ତି । ୟାଙ୍କୁ କଚେରୀରେ ତ କାମ କରିବାର ଦେଖିନି । ତଥାପି ସେ ନିଶ୍ଚୟ ଭଦ୍ରଲୋକ ହୋଇଥିବେ ।

"ବେଶ୍ ! ଆପଣ ଦୟାକରି କଥାଟା ବୁଝନ୍ତୁ । କୁହନ୍ତୁ, ଦୋଷ କାହାର । ଲୋକଟା ତୁଚ୍ଛାଟାରେ କଳି କରୁଛି ।"

ପ୍ରଫେସର ବାବୁଙ୍କୁ ଦେଖିଲା ମାତ୍ରେ ହୀରାଲାଲ ମୁଣ୍ଡ ଭିତରେ ନୂଆ ଭାବର ଗୋଟାଏ ଢେଉ ଖେଳିଗଲା । ଭାବିଲା, ଏଇ ପ୍ରଫେସର, ସ୍କୁଲମାଷ୍ଟର ଗୁଡ଼ାକ ସବୁ ଅନର୍ଥର ମୂଳ । "କଳାବଜାର", "ମୁନାଫାଖୋର", "ଭେଜାଲ", "ଅଖାଦ୍ୟ" ଏମିତି ଗୁଡ଼ାଏ ଶବ୍ଦ ତିଆରି କଲା କିଏ ? ତା' ବାପା ଅମଳରେ ତ ଏସବୁ ଶବ୍ଦ ନଥିଲା ! ଯେଉଁ କେତେଦିନ ସେ ସ୍କୁଲରେ ପଢ଼ିଥିଲା ସେତେବେଳେ ବି ତ ଏ ଶବ୍ଦ ବହିରେ ନଥିଲା । ଯେତେଯେତେ ନୂଆ ସ୍କୁଲ ଓ କଲେଜ ବଢ଼ୁଛି ସେତେସେତେ ନୂଆ ଶବ୍ଦ, ଟେକ୍ସ୍, ଆଇନ ମାପ ଓଜନ ଓ ପଇସା ବାହାରୁଛି । ଦାରୋଗା, ପୋଲିସ ପ୍ରଭୃତି ବଦ୍‌ମାସଙ୍କୁ ଏ ଶବ୍ଦ ସବୁ ଶିଖାଉଛି କିଏ ? ଏଇ ପ୍ରଫେସର ମାଷ୍ଟରଗୁଡ଼ାକ ସିନା । ବେଶ୍, ବୁଦ୍ଧି ଶିଖାଇ ଦେଉଛି ।

କିଛି ଗୁଣ୍ଡ ଦୁଧ କାଗଜରେ ରଖି ପୁଟୁଳା ମୋଡ଼ିବା ପୂର୍ବରୁ କାଗଜଟାକୁ ଆଙ୍ଗୁଳିରେ ଜୋର ଫଡ଼ଫଡ଼ ଶବ୍ଦ କରି ହୀରାଲାଲ ପିଟିଦେଲା ଯେମିତି ଅଧ୍ୟାପକଙ୍କ ଦୃଷ୍ଟି ସିଆଡ଼େ ପଡ଼େ ।

"ପାଉଡ଼ର ମିଲ୍କ ତୁମ ଦୋକାନରେ ମିଳୁଛି ?" ଜଣେ ଗରାଖ ହଠାତ୍ ପଚାରିଲା ।

ହୀରାଲାଲ ସଙ୍ଗେ ସଙ୍ଗେ ଜବାବ ଦେଲା, "ନା ବାବା ! ସେ ସବ୍ ଚିଜର କାରବାର ଏ ଦୁକାନ ପର ନେଇଁ, କିତ୍‌ନା ବାଲକ୍ ବଚ୍ଚା ଗୁଣ୍ଡ ଦୁଧ ଖାଇ ମରିଛି ମାଲୁମ୍ ଅଛି ତୁମ୍ ଲୋକକୁ ? ରାମ, ରାମ, ସେ କାରବାର୍‌କୁ ଜୁହାର ।"

"ହାତରେ ଧରିଛ କ'ଣ ?"

"ସେଟା ବାର୍ଲିଗୁଣ୍ଡ ଅଛି, ପ୍ରଫେସର ବାବୁର ।" ହୀରାଲାଲ ହାତରେ ଥିବା ଗୁଣ୍ଡଦୁଧକୁ ଅଧ୍ୟାପକ ଚାହିଁଲେ ।

ହୀରାଲାଲ ଏତିକିବେଳେ କ'ଣ ଗୋଟାଏ ବଡ଼ ଆବିଷ୍କାର କଲାପରି ହଠାତ୍ ପାଟିକରି କହି ଉଠିଲା, "କଥା ସମଝିବା ଦରକାର ଥିଲା, ଦେଖ୍, ଚୋଖ୍ ଫିଟାଇ,

Digitized by srujanika@gmail.com

ଦେଖ୍, ଚୋଖ୍ ଫିଟାଇ ଦେଖ, ପ୍ରଫେସର ବାବୁଙ୍କ କପଡ଼ା କେଇସା ଡ୍ରେନ୍ ପାନିରେ ଖରାପ ହୋଇଯାଇଛି ।''

ଚମକି ପଡ଼ି ଅଧ୍ୟାପକ ନିଜ ଲୁଗାପଟା ଆଡ଼କୁ ଚାହିଁଲେ । ମଇଳା ଦିଶୁଛି ସତ, କିନ୍ତୁ ନର୍ଦ୍ଦମା ପାଣିର ଦାଗ ତ କାହିଁ ଲାଗି ନାହିଁ । ପୋଷାକ ବିଷୟରେ ସେ ଭାରି ସାବଧାନ । ଏଇଟି ତାଙ୍କର ଏକମାତ୍ର ସଫା ପେଣ୍ଟ । ଅନ୍ୟଟି ଧୋବା ଘରେ ।

ସନ୍ଦିଗ୍ଧ ହୋଇ ଚାହିଁଲେ ହୀରାଲାଲକୁ । ଲୋକଟାର ମତଲବ କ'ଣ ? ମିଛ ତ କହି ସାରିଲାଣି, ପାଉଡ଼ର ଦୁଧକୁ ବାର୍ଲି କଲାଣି । ଇଏ ପେଚ୍ କି ଦୁରଭିସନ୍ଧି ଫିକ୍‌କର ? ଦେଖିଲେ, ହୀରାଲାଲର ବାଁ ଆଖିଟା ଅନେକ ଇଙ୍ଗିତ ନେଇ ଡାହାଣ ଆଖିଠୁଁ ଛୋଟ ଦିଶୁଛି ।

ଟିକିଏ ମନ୍ଦ ହସି ହୀରାଲାଲର ଚତୁରତାର ତାରିଫ୍ କରିବାକୁ ଯାଇଥିଲେ ଅଧ୍ୟାପକ । କିନ୍ତୁ ତାଙ୍କ ମନରେ ଆଶଙ୍କା ଉପୁଜିଲା ହୀରାଲାଲ ହୁଏତ ତାଙ୍କୁଇ ହାତବାରିସି କରି ଦାରୋଗା ସହିତ ଯୁଦ୍ଧ କରିବାକୁ ଯାଉଛି । ସେ ଦରଫୁଟା ସ୍ମିତ ଟିକକ ଫେରାଇ ନେଲେ ଓ ମୁହଁରେ ତାହା ସଞ୍ଚରି ପାରିଲା ନାହିଁ ।

ଦାରୋଗା ବିଚରା ବଡ଼ ଆଶା କରିଥିଲା ଭଦ୍ରଲୋକ କହିବେ ''କାହିଁ ଦାଗ ଫାଗ ତ କେଉଁଠି କିଛି ନାହିଁ ।'' କିନ୍ତୁ ସେ ନୀରବ ରହିବାରୁ ଦାରୋଗା ବୁଝିଲା କଥାଟା ବୋଧହୁଏ ସତ । ହୀରାଲାଲର ଏ ଅଭିଯୋଗ ହୁଏତ ସେ ଖଣ୍ଡନ କରି ଦେଇଥାନ୍ତା ଯଦି ଅଧ୍ୟାପକ ତା ଆଡ଼କୁ ମୁହଁ କରି ଛିଡ଼ା ହୋଇଥାନ୍ତେ ଓ ସେ ଭିଡ଼ ଭିତର ଦେଇ ତାଙ୍କ ଲୁଗାପଟା ଦେଖି- ପାରୁଥାନ୍ତା । ସେ ଧରିନେଲା ଯେ, ଭଦ୍ରଲୋକଙ୍କ ପୋଷକପତ୍ର ନଷ୍ଟ କରିବାରେ ସେ ପରୋକ୍ଷରେ ଦାୟୀ, ଦାରୋଗାର ଭଙ୍ଗୀ ଓ ଆଚରଣରେ ବିନୟ ପ୍ରକଟିତ ହେଲା ଓ ତାର ଚକ୍ଷୁ ଯୋଡ଼ାକ କ୍ଷମାପ୍ରାର୍ଥୀ ହେଲେ ।

ପ୍ରଥମ ରାଉଣ୍ଡ ଯୁଦ୍ଧ ଶେଷ, ଅଧ୍ୟାପକଙ୍କ ଅହେତୁକୀ ନୀରବତା ଓ ରହସ୍ୟମୟ ଗାମ୍ଭୀର୍ଯ୍ୟ ହୀରାଲାଲୀର ସ୍ପଷ୍ଟ ବିଜୟ ଘୋଷଣା କଲା । କୌଶଳୀ ପହିଲିମାନର ନୀତି ହେଲା ହୀରାଲାଲର, ଶତ୍ରୁ ଯେତେବେଳେ ପଡ଼ିଛି ସେତିକି ବେଳେ ଆଉ ମୁଥେ ଦୁଇ ମୁଥ ବଚାଇ ଦେଲେ ସେ ଆଉ ଉଠିପାରିବ ନାହିଁ । ଏତେଦିନ ପ୍ରଫେସରଙ୍କୁ ଧାର ଉଧାର ଦେଇଛି, ତାଙ୍କ ସାଙ୍ଗରେ ଖୁସି ଗପ କରିଛି, କାହିଁ କିଣିବାକୁ ମିଳୁ ନଥିବା ଗୁଣ୍ଡ ଦୁଧ ବର୍ତ୍ତମାନ ଦେବାକୁ ଯାଉଛି । ଜ୍ଞାନୀ ଲୋକଟା କ'ଣ ଏତେ ଉପକାର ମନେ ପକାଇବ ନାହିଁ ?

କାନ୍ଥରେ ଟଙ୍ଗା ହୋଇଥିବା କ୍ୟାଲେଣ୍ଡରରେ ପେଟା ଗଣେଶ ମୂର୍ତ୍ତିକୁ ଚାହିଁ ତେଜି ଉଠିଲା ହୀରାଲାଲ ।

ଆରମ୍ଭ କରିଦେଲା ଦ୍ୱିତୀୟ ରାଉଣ୍ଡ । ପୁଟୁକାଟା ଅଙ୍କ ଫିଟାଇ ଆଉ ଅଧ ଚାମୁଚେ ଦୁଧଗୁଣ୍ଡ ରବିନସନ୍ ବାର୍ଲି ଟିଣରୁ କାଢ଼ି ପକାଇ ଦେଇ ଏବଂ ପୁଟୁକାରେ ସୂତା

Digitized by srujanika@gmail.com

ଗୁଡ଼ାଉ ଗୁଡ଼ାଉ ଖୁବ୍ ଆତ୍ମପ୍ରତ୍ୟୟ ରଖି କହିଲା, "ଆଜ୍ଞା, ପ୍ରଫେସର ବାବୁ, ଆଜ୍ କୁହନ୍ତୁ ସେମିତି ଲୋକସାନ ନ ହୋଇଛି, ଲେକିନ୍ କାଲ୍ ଭସି ଜାଗାମେ ଆପ୍ ଡେରେନରେ ପଡ଼ି ଯାଇଥିଲେ ନା ଏଇ ସବ୍ ମଇଲାରେ ହାବୁଡ଼ୁ ଖାଇ ? ବଦ୍‌ଲାଇଏ ।"

ଇସ୍ ! କେଡ଼େ ନିର୍ମମ, ସଇତାନ ଏ ହୀରାଲାଲଟା । ଲୋକଟାକୁ ଆଙ୍ଗୁଳି ଦେଖାଇ ଦେଲେ ସେ ବାହୁ ଗ୍ରାସିଯିବ । ଅଧ୍ୟାପକ ଭାବିଲେ କହି ଦେବେ, "ନା ନା ! ମିଛ କଥା, କଞ୍ଚା ମିଛ ! ତାହା ମିଛ ।" ଏକଥା କିନ୍ତୁ କହିବେ କେମିତି ? ପରିସ୍ଥିତି ଯେମିତି ଜଟିଳ ସେମିତି ଅପ୍ରତ୍ୟାଶିତ । ହୀରାଲାଲ ଦୁଧକୁ ବାଲି କହିବା ବେଳେ ଓ ଲୁଗାପଟା ମଇଳା ସମ୍ପର୍କିତ କଥାରେ ସେ ଚୁପ୍ ରହିଛନ୍ତି ଓ ହୀରାଲାଲଙ୍କୁ ସେ ତଦ୍ୱାରା କେବଳ ପ୍ରଶୟ ଦେଇଛନ୍ତି ତା ନୁହେଁ, ଉତ୍ସାହିତ ମଧ୍ୟ କରିଛନ୍ତି ।

ତାଙ୍କୁ ଜଣାଗଲା, ସେ ଜୀବନର ମହାସଂକଟ କ୍ଷଣରେ ପହଞ୍ଚିଛନ୍ତି । ମହାଭାରତ ଯୁଦ୍ଧରେ ଏମିତି ଏକ ମହା ସନ୍ଧିକ୍ଷଣରେ ଯୁଧିଷ୍ଠିରଙ୍କୁ ପଚରା ଯାଇଥିଲା ଏମିତି ଗୋଟିଏ ପ୍ରଶ୍ନ- "କୁହନ୍ତୁ ମହାଭାଗ, ଅଶ୍ୱତ୍ଥାମା ହତ ନା ଜୀବିତ ?" ଧର୍ମରାଜ ମଧ୍ୟ ଥ ବନିଯାଇଥିଲେ । ଏକ ପାଖରେ ସତ୍ୟ, ଅନ୍ୟ ପାଖରେ ସ୍ୱାର୍ଥ- କେଉଁଟି ସେ ବାଛିବେ, କେଉଁଟି ସେ ବଞ୍ଚାଇବେ ? ଉଭୟଙ୍କୁ ବଞ୍ଚାଇବା ପାଇଁ "ନରେ ବା କୁଞ୍ଜରେ" ପଦକ "ଅଶ୍ୱତ୍ଥାମା ହତ" ସହିତ ଯୋଡ଼ି ସତ୍ୟସନ୍ଧ ଧର୍ମ ଓ ବଂଶ ରକ୍ଷା କରିଥିଲେ । ଧର୍ମ ଓ ସ୍ୱାର୍ଥ ଉଭୟ ବଞ୍ଚିଲେ ସିନା, କିନ୍ତୁ ଯୁଧିଷ୍ଠିରଙ୍କ ଆଧ୍ୟାତ୍ମିକ ମୃତ୍ୟୁ ହେଲା ।

ଅଧ୍ୟାପକ ସେମିତି ଦ୍ୱୈର୍ଥବୋଧକ କଥା ପଦେ ଖୋଜୁଛନ୍ତି । ରଘୁବଂଶ, ମହାଭାରତ ଓ ଅନ୍ୟାନ୍ୟ ଶାସ୍ତ୍ର-ସମୁଦ୍ର ମନ୍ଥନ କରିବାରେ ସେ ବ୍ୟସ୍ତ । ଏଣେ ଦାରୋଗା, ମେହେନ୍ତର, ଜନତା ସମସ୍ତେ ଚାହିଁଛନ୍ତି ନିର୍ନିମେଷ ନେତ୍ରରେ ଯୁଧିଷ୍ଠିରଙ୍କୁ, କାରଣ ତାଙ୍କର ଅସ୍ତି ନାସ୍ତି କଥା ପଦକ ମହାଭାରତ ଯୁଦ୍ଧର ଭବିଷ୍ୟତ ଗତି ଘୋଷଣା କରିବ । ଜୀବନରେ ଏମିତି ଉତ୍ତେଜକ ଓ ଉନ୍ମୁଖ ମୁହୂର୍ତ୍ତ ବି ଆସେ !

ଅଧ୍ୟାପକ ଭାବିଲେ, ଏଠି ବା ତାଙ୍କର ସ୍ୱାର୍ଥ କ'ଣ ? ଶହେ ଗ୍ରାମ ଗୁଣ୍ଡ ଦୁଧ ତ ? ଛାର ଏତିକି ପାଇଁ ଯଦି ସେ ନିଜର ମର୍ଯ୍ୟାଦା, ସତ୍ୟ ଓ ଆଦର୍ଶ ଛାଡ଼ୁଛନ୍ତି ତେବେ ପଶୁଟାଏ ମଧ୍ୟ କହିବ, "ଅଳ୍ପସ୍ୟ ହେତୋର୍ବହୁହାତୁମିଛନ୍ ବିଚାର ମୂଢ଼ ପ୍ରତିଭାସି ମେତ୍ୱମ୍ ।" କପେ ଚା' ପାଇଁ ତ ।

ମାତ୍ର ଏଇ ଚା' କପଟି ଯେ ତାଙ୍କର ଜୀବନ । ଆଜି ସକାଳେ ମ୍ୟୁନିସିପାଲଟି ଚେୟାରମେନଙ୍କ ଦୁଧବାଲାକୁ ସେ ମନା କରି ଦେଇଛନ୍ତି । ଗୁଣ୍ଡ ଦୁଧର ମିକ୍ସ୍‌ଚାରକୁ କିଲୋ ଟଙ୍କାଏ ଖାଇବାଠୁଁ ଗୁଣ୍ଡ ଦୁଧ ଖାଇବା ଭଲ । କ'ଣ ପଦେ କହିବାପାଇଁ ଅଧ୍ୟାପକ ଜୀବାନନ୍ଦଙ୍କ ଅଧର ସ୍ଫୁରିତ ହେଉଥିଲା, କିନ୍ତୁ ସେ ଦାରୋଗା ଆଡ଼କୁ ଚାହିଁଦେଲା ମାତ୍ରେ ସେ ସ୍ଫୁରଣ ବନ୍ଦ ହୋଇଗଲା । ତାଙ୍କୁ ଜଣାଗଲା, ଦାରୋଗା ଆଉ ଚେୟାରମେନ୍ ଏକା ଲୋକ । ପରସ୍ପର ସାହାଯ୍ୟକୃତ ସନ୍ଧିରେ ଦୁଧ ତିଆରି ବ୍ୟବସାୟ ଚଳାଇଛନ୍ତି ।

Digitized by srujanika@gmail.com

ସୂତାରେ ଗଣ୍ଠିଟା ଢୋର ଟାଣିଦେଇ ହୀରାଲାଲ ପୁଟୁଳାଟା ହାତରେ ନଚାଇବାକୁ ଲାଗିଲା ଏବଂ କହିଲା, "ବଦ୍‌ଲାଇଏ ପ୍ରଫେସର ବାବୁ ! ଏଥିରେ ଭାବିବାର କି ଅଛି ? ଆପ୍ ତ ଆପ୍‌ନା ଦୋଷରେ ପଡ଼ିଯାଇ ନଥିଲା !"

ଜୀବାନନ୍ଦ ଭାବିଲେ ଲୁଗାପଟା ତା ହାତରୁ ଛଡ଼ାଇ ଆଣି ତା' ମୁହଁକୁ ଜୋରରେ ଫିଙ୍ଗି ଦେବେ ଯେମିତି ଚଷମାଟା ଭାଙ୍ଗି ଚୂର୍‌ମାର୍ ହୋଇଯିବ । କିନ୍ତୁ ଏତେ ଲୋକଙ୍କ ଆଗରେ–

ମୁହଁ ଲାଲ ପଡ଼ିଗଲାଣି ତାଙ୍କର । ଯେମିତି ସେ ବାହାରର ମାମୁଲି ଦ୍ୱନ୍ଦ୍ୱକୁ ଭାଙ୍ଗିବାକୁ ଯାଇ ଭିତରକୁ ଟାଣି ଆଣିଛନ୍ତି ଏକ ବିରାଟ ଅନ୍ତର୍ଦ୍ୱନ୍ଦ୍ୱ, ଯାହା ସେ ବାଡ଼େଇ ଭାଙ୍ଗିବାକୁ ଚେଷ୍ଟା କରୁଛନ୍ତି, କିନ୍ତୁ ଶତ ଚେଷ୍ଟା ବିଫଳ ହେଉଛି । ସର୍ବଗ୍ରାସୀ ଅଜଗରକୁ ଏଡ଼ିବା ପାଇଁ କୁଟାରି ହରିଣ ଯେତିକି ଚେଷ୍ଟା କରୁଛି, ସେତିକି ସେ ବୁଭୁକ୍ଷିତ ଶତ୍ରୁ ପାଖକୁ ଆପେ ଆପେ ଟାଣି ହୋଇ ଯାଉଛି ।

ସତ୍‌ସାହସ ଟିକକ ଆଣିପାରିଲେ ନାହିଁ, ଯିମିତି ହୀରାଲାଲ "ଅଭର" ପାଇଁ ଚିଠାରେ ସଉଦା ନଥିଲା, ସିମିତି "ବଦ୍‌ଲାଇଏ" ପ୍ରଶ୍ନର ଜବାବ ତାଙ୍କ ମୁହଁରେ ନଥିଲା । ନୀରବତା କଥା ପଦକ ଅପେକ୍ଷା ଅଧିକ ବାଙ୍ମୟ ଓ ଫଳପ୍ରଦ ହେଲା । ଦାରୋଗା ଓ ଜନତା ବୁଝିଲେ ଯେ, ଅଧ୍ୟାପକ ପ୍ରକୃତରେ ପୂର୍ବଦିନ ନର୍ଦ୍ଦମାରେ ପଡ଼ିଥିଲେ, ହୀରାଲାଲ ପରୋପକାରୀ ଲୋକ ଓ ମ୍ୟୁନିସିପାଲଟି ଲୋକଗୁଡ଼ାକ ନିମକ ହାରାମ । ମନେମନେ ସମସ୍ତେ ଅଧ୍ୟାପକଙ୍କ ନର୍ଦ୍ଦମାରେ ପଡ଼ିଥିବା ସମୟର ବିକଳ ଓ କୁତ୍ସିତ ରୂପ ଅନୁଧ୍ୟାନ କରି ତାଙ୍କ ପ୍ରତି ଦୟାର୍ଦ୍ର ହେଲେ ।

ମ୍ୟୁନିସିପାଲଟି ଗାଡ଼ି ଆସିଗଲା । ଦାରୋଗା ଚାହିଁଲେ ଅଧ୍ୟାପକଙ୍କୁ, ମେହେନ୍ତର ମାନଙ୍କୁ ଚାହିଁ ଦାରୋଗା କହିଲା, "ଏଠି କାଲି ପାଖରୁ ଆଉ ନର୍ଦ୍ଦମାର ମଇଳା ଜମା କରିବ ନାହିଁ, ଭଦ୍ରଲୋକଙ୍କୁ ଅସୁବିଧା ହେଉଛି ।"

ଦ୍ୱିତୀୟ ରାଉଣ୍ଡ ଯୁଦ୍ଧ ଶେଷ । ହୀରାଲାଲ ବିଶ୍ୱବିଜୟୀ ।

"ଦେଖା ପ୍ରଫେସର ବାବୁ, କେଇସା କୁଭା ଭାଗ୍‌ଗିୟା, ଆପ୍‌କା ବୋଲନା ବାତ୍‌କା ଯେଇସା ଦାମ୍ ନ ବୋଲନାକା ବି ଓଇ ହେ"– ଦାରୋଗା ଚାଲିଯିବା ପରେ ହୀରାଲାଲ କହିଲା ।

ଯନ୍ତ୍ରଚାଳିତ ପରି ସେ ହୀରାଲାଲ ହାତରୁ କିଛି ଖୁଚୁରା ଓ ଦୁଧ ପେକେଟ୍ ଆଣି ପକେଟରେ ପୂରାଇଲେ ଓ ଥଳିସବୁ ସାଇକେଲରେ ଝୁଲାଇ ରଖି ବାହାରିଗଲେ ।

ଅନ୍ନପୂର୍ଣ୍ଣା ମିଷ୍ଟାନ୍ନ ଭଣ୍ଡାର ଓ ଜୟଦୁର୍ଗା ଜେଣ୍ଟିକ୍ସର ପାଖ ମୋଡ଼ରେ ଅଳିଆ ଗାଡ଼ିଟା ଛିଡ଼ା ହୋଇଥାଏ । ଅଧ୍ୟାପକ ଗୁଣ୍ଡଦୁଧର ଛେନାଗଜା ଓ ଛେନା ପୋଡ଼ପିଠା କଥା ମନେ କରୁ କରୁ ମ୍ୟୁନିସିପାଲଟିର ସେଇ ମଇଳା ଗାଡ଼ିରେ ବାଡ଼େଇ ହୋଇଗଲେ । ଥଳୀ ଗୁଡ଼ାକରୁ ଜିନିଷପତ୍ର, ପନିପରିବା ରାସ୍ତା ଉପରେ ଅଡ଼ାଡ଼ି ହୋଇପଡ଼ିଲା । ସାଇକେଲ୍‌କୁ

Digitized by srujanika@gmail.com

ଷେଲ୍ଫ ଉପରେ ଛିଡ଼ା କରାଇ ସେ ସବୁ ଗୋଟାଉ ଗୋଟାଉ ଅଧ୍ୟାପକ ଶୁଣିଲେ ଦାରୋଗା ଓ ମେହେନ୍ତରଙ୍କ କଥାବାର୍ତ୍ତା ।

"ଏଇ ବାବୁ, ସେଇ କଞ୍ଚଳପାତିଆ ଭଲ୍ଲୋକ ନା ? କାହିଁ ତା'ର ଲୁଗାପଟାରେ ମଇଳା ପାଣି ଛିଟିକା ତ ଲାଗିନି ?" ଦାରୋଗା ବାବୁ ଭଲ କରି ଅଧ୍ୟାପକଙ୍କ ପୋଷାକପତ୍ର ଦେଖିଲେ । କହିଲେ, "ଚୁପ୍ ।"

"ଲୋକଟା ବେଶ୍ ଭଦ୍ର ଦିଶୁଛି । ପାଟିରେ ତାର ବିଣ୍ଡା ମାରିଛି ନା କ'ଣ ? କଥା ପଦେ ପାଟିରୁ ବାହାରିଲା ନାହିଁ ?"

ଦାରୋଗା ବାବୁ ପୁଣି ଆଖି ତରାଟି କହିଲେ, "ଚୁପ୍ ।"

"ବାବୁ, ତୁମେ ଏ ବାୟାଟାକୁ ନେଇ ହୀରାଲାଲ ସାଙ୍ଗରେ ଯୁଦ୍ଧ କରୁଥିଲ ? ସିଏ ୟା ରକମ ତିନି ତିନିଟାକୁ ରେମୁଣା ହାଟରୁ କିଣି ବାରିକପୁରରେ ବିକିଦେବ । ଦାରୋଗା ବାବୁ ବିରକ୍ତ ହେଲାପରି ହୋଇ କହିଲେ, "ତୁମ କାମ ତୁମେ କର ।" ଅଧ୍ୟାପକ ଜୀବାନନ୍ଦଙ୍କୁ ଜଣାଗଲା, ସେ ଯେମିତି ନରକ ରାଜ୍ୟରେ ପହଞ୍ଚିଛନ୍ତି । ଏଇ ଦାରୋଗାଟା ତାଙ୍କ ଯମ, ଆଉ ମେହେନ୍ତର ଗୁଡ଼ାକ ଯମଦୂତ । ବଡ଼ ନିର୍ଦ୍ଦୟ ସେମାନେ । ତାଙ୍କୁ ଶିମୁଳି କଣ୍ଟାରେ, ତପ୍ତ ତେଲ ଭାଣ୍ଡରେ କଷଣ ଦେଇ ବି ତାଙ୍କ ମନ ମାନି ନାହିଁ; ଭିଡ଼ିଓଟାରି ଜୋର୍ ଜବରଦସ୍ତ ସେମାନେ ତାଙ୍କ ହାତଟାକୁ ପକେଟ ଭିତରୁ ବାହାର କରୁଛନ୍ତି ନରକ କୁଣ୍ଡରେ ବୁଡ଼ାଇବେ ବୋଲି । ଯୁଧିଷ୍ଠିରଙ୍କ ଆଙ୍ଗୁଳିଟାକୁ ଏଇମାନେ ନରକରେ ବୁଡ଼ାଇ ପାଷାଣ କରିଥିଲେ ।

ସବୁ ଜିନିଷ ଥଳିରେ ଭର୍ତ୍ତିକରି ହୀରାଲାଲ ଦୁଧଗୁଣ୍ଡ ପେକେଟକୁ ଅଧ୍ୟାପକ ହାତ ମାରି ପକେଟରେ ଅଣ୍ଡାଳିଲେ । ମୁହୂର୍ତ୍ତକ ପରେ ଚମକି ପଡ଼ି ହାତଟାକୁ ବାହାର କରି ଆଣି ଆଙ୍ଗୁଳିଗୁଡ଼ାକୁ ଏପାଖ ସେପାଖ ଉପର ତଳ କରି ଦେଖିଲେ । ପାଷାଣ ନ ହେଲେ ବି ଅନେକ ଗୁଣ ବିବର୍ଣ୍ଣ ହୋଇଗଲା ପରି ତାଙ୍କୁ ଜଣାଗଲା ।

ତୃତୀୟ ରାଉଣ୍ଡ ଯୁଦ୍ଧ ଶେଷ ।

ହତ କିଏ ?

Digitized by srujanika@gmail.com

# ହୀରାକୁଦ କରେଣ୍ଟ୍

ଯେଉଁ ସମୟରେ ସରୋଜ ବାବୁ ହୀରାକୁଦ କରେଣ୍ଟକୁ ଡରୁଥିଲେ, ନିନ୍ଦା କରୁଥିଲେ, ସେହି ସମୟର ଗୋଟିଏ ଦିନର କଥା ।

ସବୁଦିନ ପରି ସେଦିନ ସକାଳେ ମଧ୍ୟ ସରୋଜ ବାବୁ ଖବରକାଗଜର ସିନେମା ପୃଷ୍ଠାଟି ପଢ଼ିସାରି ଆଖି ପକେଇଲେ ପାଣିପାଗ ବିବରଣୀ ଉପରେ ।

"ଘଡ଼ଘଡ଼ି ଚଡ଼ଚଡ଼ି ସହ ବିକ୍ଷିପ୍ତ ଭାବରେ ଉପକୂଳବର୍ତ୍ତୀ ଅଞ୍ଚଳରେ ବର୍ଷାର ସମ୍ଭାବନା ।"

ଘଡ଼ଘଡ଼ି ଚଡ଼ଚଡ଼ିକୁ ପିଲାଙ୍କୁ ସିନା ଡର, ଚାଳିଶ ପାଖାପାଖି ସରୋଜ ବାବୁ ଡରିବେ କାହିଁକି ?

ପ୍ରକୃତ କଥା କହିଲେ ସରୋଜ ବାବୁ ଘଡ଼ଘଡ଼ି ଶବ୍ଦକୁ ଡରନ୍ତି ନାହିଁ, ଭୟ କରନ୍ତି ବଜ୍ରଟାକୁ । ମାତ୍ର କେତେଦିନ ତଳେ ତାଙ୍କର ଗାଁର ଦୁର୍ଗା ଚରଣର ସ୍ତ୍ରୀ ତାଳପୋଖରୀ ଗାଧୁଆ ତୁଠରେ ବାସନ ମାଜୁ ମାଜୁ ସେଇ ବଜ୍ରରେ ଢ଼ଳିଛି । ବିଚାରୀର ପିଲା ଯୋଡ଼ାକ ଘରେ ଚାହିଁ ବସିଥିଲେ ମାଆ ଫେରିବାକୁ, ମାଆ ଆସିଲେ ଶାଗପଖାଳ ବାଢ଼ି ଦେଇଥାଆନ୍ତା ।

ସେହି ତାଙ୍କର ଗାଁରେ (ତାଙ୍କ ଗାଁକୁ କୁଆଡ଼େ ବଜ୍ରର ଭାରି ବାଦ) ସାତ ଆଠ ବର୍ଷ ତଳେ ବନ୍ଧୁ ହରିଶଙ୍କର ଭୋର ସକାଳଟାରେ ସେହି ତାଳ ପୋଖରୀ-ହୁଡ଼ାରେ ମରି ପଡ଼ିଥିବାର ସେ ନିଜ ଆଖିରେ ଦେଖିଛନ୍ତି । ଯାହାକୁ କହନ୍ତି ଅକାଳ ବଜ୍ର । ସରୋଜ ବାବୁ ଥିଲେ ବୋଲି କୁହାବୋଲା କରି ଗାଁରେ ଶବ ସଂସ୍କାର କରାଯାଇ ପାରିଲା, ନ ହେଲେ ପୋଲିସ ଲାସଟା ଚାଲାଣ କରିଥାନ୍ତା । ତାଙ୍କରି କଥାରେ ପରା କମଳିନୀକୁ ଲାସ୍‌ଟା ଦେଖିବାକୁ ଦିଆଗଲା ନାହିଁ । ମୁହଁଟା ପୋଡ଼ି ଛଳି ବଡ଼ କଦର୍ଯ୍ୟ ଦିଶୁଥିଲା । ପୁଣି ସରୋଜ ବାବୁ ନଥିଲେ କମଳିନୀକୁ ସମ୍ଭାଳି ଥାଆନ୍ତା କିଏ ? ବର୍ଷେ କାଳ ବାୟାଣୀ ପରି ସେ ହେଲା । ଏବେ ବି କୁଆଡ଼େ ମେଘ ଦେଖିଲେ ଡରେ, ଆଉ ବିଜୁଳି ମାରିଛି ତ, ଗଛ, କାଠ, ଖୁଣ୍ଟ ଯାହା ପାଏ କୁଣ୍ଢାଇ ପକାଏ । ବିଧବା ହୋଇ କମଳିନୀ ବାପଘରକୁ ଯାଇଛି ଯେ ଆଉ ଫେରିନି । ଶ୍ୱଶୁର ଘର ବି ପୁଅ ଖାଇଟାକୁ ଆଣିବାର ନାଆଁ ପକାନ୍ତିନି ।

ସତ କହିଲେ ବଜ୍ର ନ ଡରେ କିଏ ? ପର୍ବତର ବି ଭୟ ବଜ୍ରକୁ । କମଳିନୀର ବି ଭୟ । ସରୋଜ ବାବୁଙ୍କର ବି ଭୟ ।

Digitized by srujanika@gmail.com

କିନ୍ତୁ ଗଲା ଦୁଇବର୍ଷ ହେଲା ସରୋଜ ବାବୁଙ୍କର ବଜ୍ରଠୁଁ ବେଶି ଭୟ ବିଜୁଳିକୁ । ତାଙ୍କ ମତରେ ଏଇ ବିଜୁଳି ହେଲା ଅରଜିନାଲ୍ କରେଣ୍ଟ । ସୃଷ୍ଟିର ପ୍ରାକ୍ କାଳରେ ଭଗବାନ ଯେତେବେଳେ ଗୁରୁଗମ୍ଭୀର ସ୍ୱରରେ କହିଲେ, "ଲେଟ୍ ଦେୟାର୍ ବି ଲାଇଟ୍", ସେତିକିବେଳେ ମହାଶୂନ୍ୟର ଜମାଟବନ୍ଧା ଅନ୍ଧକାରର ବକ୍ଷ ଚିରି ବାହାରିଥିଲା ଏଇ ବିଜୁଳି ଆଲୋକ ରୂପେ । ହୀରାକୁଦ କରେଣ୍ଟ୍ ହେଲା ବିଶ୍ୱାମିତ୍ରୀ ସୃଷ୍ଟି । ସୃଷ୍ଟିକର୍ତ୍ତାର କରେଣ୍ଟ, ମାତ୍ର କେତେ ହଜାରର ।

ପୁଣି ସେଇ ଟିକକ କରେଣ୍ଟ ଆସିଛି ପୃଥିବୀର ସେପାରିରୁ ଏପାରିକୁ, କେତେ ବଣଜଙ୍ଗଲର ମହାଦାରୁକୁ ଏପାଖ ସେପାଖ ରଖି । ଖରାଦିନ । ଜୋର ପବନ ହେଲା ତ ଦପ୍‌ଦପ୍; ବିଜୁଳି ମାଇଲା ତ ଏକାବେଳକେ ଦପ୍ ।

ସବୁଶେଷ । ସରୋଜ ବାବୁଙ୍କ ସିନେମା ଦେଖା ଇତି । ହୁରି, ପାଟି, ଗଣ୍ଡଗୋଳ, ଟର୍ଚ୍ଚପକା, ହୁଇସିଲ । ଅପରେଟର୍‌ର ତିନି ପୁରୁଷ, ମେନେଜରର ଚଉଦ ପୁରୁଷ ଶ୍ରାଦ୍ଧ । ଶେଷରେ "ଟିକଟ ଫେରାଅ" ଚିତ୍କାର । ପିଲାପିଲି ନେଇଛ ତ ମଲ । ହୀରକୁଦ କରେଣ୍ଟକୁ ଡରନ୍ତି, ଘୃଣା କରନ୍ତି ସରୋଜ ବାବୁ ଏଇଥିପାଇଁ ।

ସରୋଜ ବାବୁ ଏବେ ପାଣିପାଗ ଜାଣିବାରେ ଏକସ୍‌ପାର୍ଟ । ଦିନସାରା ଝାଞ୍ଜି ପବନଟା ବହୁଛି । ମେଘ କାହିଁ ? ବିନା ମେଘରେ ବି କ'ଣ ଚଡ଼ଚଡ଼ି ଘଡ଼ଘଡ଼ି ହେବ ? ଆଲିପୁରର ପାଣିପାଗ ମାପିବାର ଯନ୍ତ୍ରଗୁଡ଼ା ବୋଧହୁଏ ବିଗିଡ଼ି ଗଲାଣି । କେତେଥର ସେମିତି ଝଡ଼ବର୍ଷାର ସୂଚନା ଥାଇ ବିନ୍ଦୁପାତ ମଧ ହୋଇ ନାହିଁ ।

ସରୋଜ ବାବୁଙ୍କ ଦୁଃଖ ଯେ, ସେ ଯେବେ ଭଲ କାମଟିଏ କରି ବସନ୍ତି ନାନା ବିଘ୍ନ ଆସି ପହୁଞ୍ଚେ । ସେ ଯେବେ ସିନେମାକୁ ବାହାରନ୍ତି ପିଲାଗୁଡ଼ାଙ୍କର ମୁହଁ ହାଣ୍ଡି ହୁଏ । ସେଇ ଏକଖିଅ ଏକ ରାହାରେ ସେମାନଙ୍କର କଥାବାର୍ତ୍ତା ଚାଲେ ।

"ମାଆ ମରି ଯିବାପରେ ବାପା ଆଉ କେଉଁ ଛବି ବାଦ୍ ଦେଉ ନାହାନ୍ତି । ବାପା ବଦଳି ଗଲେଣି ।"

"ମାଆ ଥିଲାବେଳେ ବାପା ନିଜେ ତ ଯାଉ ନଥିଲେ, ଆମକୁ ବି ଯିବାକୁ ଦେଉ ନଥିଲେ ।"

ସରୋଜ ବାବୁ ଭାବନ୍ତି, ପିଲାଗୁଡ଼ାକୁ କହିଦେବେ, "ଆରେ ପିଲେ ! ତୁମ ମାଆ ତ ଗଲା, ତାହାରି କଥା ଭାବି ଭାବି ମୁଁ ଯଦି ମରେଁ, ତୁମେ ବି ମରିଯିବ ଯେ ।"

କିନ୍ତୁ କିଛି କହନ୍ତି ନାହିଁ । ପିଲାଗୁଡ଼ାକ ଅବା ବାପାଙ୍କ ମନକଥା କ'ଣ ବୁଝିବେ ?

ସାଙ୍ଗସାଥୀ, ବନ୍ଧୁବାନ୍ଧବ ସରୋଜ ବାବୁଙ୍କ ସହିତ ଦେଖାହେଲେ ବ୍ୟଙ୍ଗ ଶ୍ଳେଷ ରଖି ପ୍ରଶ୍ନ ପଚାରନ୍ତି, "କାଲିକା ଛବି କିମିତି ଲାଗିଲା ?" "ଆଜି କଅଣ ଅଛି ?" କାଲି କ'ଣ ନୂଆ ଛବି ପଡ଼ିବ ? "ସରୋଜ" ବାବୁ ଯେମିତି ଏକାଧାରରେ ପ୍ରଡ୍ୟୁଶାର, ଡିଷ୍ଟ୍ରିବ୍ୟୁଟର, ସେନ୍‌ସର, ଫିଲ୍ମକ୍ରିଟିକ୍, ଏଡ଼ିଟର ଅଥବା ରିକ୍ସାବାଲା ।

Digitized by srujanika@gmail.com

ସରୋଜ ବାବୁ ଭାବନ୍ତି ସେମାନଙ୍କୁ କହିଦେବେ, ''ବନ୍ଧୁଗଣ ! କରୋନେରୀ ଥ୍ରମ୍ବୋସିସ ବୋଲି ଏକ ରୋଗ ଆସିଛି, ଯାହା ଚିନ୍ତାଗ୍ରସ୍ତଙ୍କୁ ଅତର୍କିତରେ ଆକ୍ରମଣ କରେ ଓ ନିଶ୍ଚିତ ରୂପେ ଠାଏଁ ମାରେ ।''

କିନ୍ତୁ କିଛି କହନ୍ତି ନାହିଁ । ବନ୍ଧୁବାନ୍ଧବ ତାଙ୍କ କଥା ଅବା କଅଣ ବୁଝିବେ ?

ଥରେ ସେ କେବଳ ତାଙ୍କ ଭାଇକୁ କହିଥିଲେ, ''ନାଚଗୀତ ହୁରିପାଟିରେ ମୋ ମୁଣ୍ଡର କଳଙ୍କବୃନ୍ତାଗୁଡ଼ିକୁ ମୁଁ ମାଡ଼ିମକଚି ଦେବାକୁ ଚାହୁଁଛି, ମୋର ତ ଫେର୍ ବଞ୍ଚିବା ଦରକାର ।''

ପିଲାପିଲିଙ୍କୁ ସମ୍ବୋଧନ କରି ସରୋଜ ବାବୁ କହିଲେ– ''ଟାର୍ଜନ ଛବି ରବିବାର ମେଟିନି ସୋ ଅଛି, ସେଦିନ ଯିବ ବୁଝିଲ ?'' କହି ବଡ଼ ଝିଅକୁ ଶେଷ ମିନିଟ ଉପଦେଶ ଦେଲେ, ''ଟୁନୁ, ମୁନୁକୁ ମୋ'ରି ଶେଯରେ ଶୁଆଇ ପକାଇ ପଙ୍ଖାଟା ଛାଡ଼ିଦେବୁ । କବାଟ–ଝିଡ଼ିକି ସବୁ ବନ୍ଦ କରିଦେବୁ, କାଳେ ଝଡ଼ ହେବ । ଦେଖିବୁ ସେ ଦି'ଟା ଯେମିତି ଓପାସେ ନ ଶୁଅନ୍ତି । ଦିଆସିଲି, ମହମବତୀ ଟେବୁଲ୍ ଉପରେ ।'' ଘଡ଼ି ଦେଖିଲେ । ପାଞ୍ଚଟା ପଇଁଚାଳିଶ । ଛଅ ପନ୍ଦରରେ ସୋ, ପାଣିପାଗ ବିବରଣୀ ମନେ ପକାଇ ଚାହିଁ ଦେଲେ ଆକାଶକୁ ।

ସ୍ୱର୍ଣ୍ଣଚୂଡ଼ ପାହାଡ଼ର ଆରପାଖରୁ ଶେଷଥର ପାଇଁ ପୃଥିବୀରାଣୀର ଲାଲ ମୁହଁଟାକୁ ଚାହିଁଦେଇ ସୂର୍ଯ୍ୟଦେବ କହୁଛନ୍ତି, ''ଆଜି ଏତିକି, ପୁଣି କାଲି ସକାଳେ, ଗୁଡ଼ନାଇଟ୍ ଡିଅର୍ ।

ଈର୍ଷାରେ କଳାପଡ଼ି ମାନଗଡ଼ିଆଁ ଛୋଟ ମେଘଟାଏ ଶିମୁଳିପାଳ ପାହାଡ଼ର କେଉଁ ଅନ୍ଧାରିଆ ଗୁମ୍ଫାରୁ ମୁଣ୍ଡ କାଢ଼ି କହିଲା, ''ଏ ! ଏଠି କ'ଣ କରୁଛ ?

ତାରାଟିଏ ଚନ୍ଦ୍ରକୁ ଚାହିଁ କହିଛି, ''ତୁମେ ଯେବେ କଅଁଳ ଟୋକା ବେଶରେ ମଲ୍ଲୀମାଳଟି ପକାଇ ମୋ ସାଙ୍ଗରେ ଟିକିଏ ଖେଳିବାକୁ, ମଉଚ କରିବାକୁ ଆସ, ଏ କଳା ସଇତାନଟା ସହି ପାରେନି । ଆମ ଦିହିଙ୍କି ଚିପି ମାରି ଦବାପାଇଁ ଖୁସିଲାଗେ ଏଇ ଦୁଶ୍ମନଟାକୁ ।

ଟିକଟ୍ କରି ବୁଲିପଡ଼ିଛନ୍ତି ସରୋଜ ବାବୁ । ଦେଖିଲେ ଜିପ୍‌ରୁ ଜଣେ ସ୍ତ୍ରୀଲୋକ ଓହ୍ଲାଉଛନ୍ତି । ଚିହ୍ନା ଚିହ୍ନା ପରି ଜଣାଗଲା । କେଉଁଠି ଦେଖିଛନ୍ତି ବୋଧହୁଏ । ଧଳା ପାଇପିଙ୍ଗ୍ କାଳିକୋ ଶାଢ଼ୀ, ସବୁଜ ରଙ୍ଗର ବ୍ଲାଉଜ, କପାଳରେ ସିନ୍ଦୂର ନାହିଁ, ତାଙ୍କ ଗାଁର କମଳିନୀ ନୁହେଁ ତ ? ଏତେ ସଫା ରଙ୍ଗ, ଗୋଲଗାଲ ଦେହ ବିଚାରୀର ଆସିବ କାହୁଁ ? କମଳିନୀ କେଉଁଠି, ସେ କେଉଁଠି ? ମାନସୀ ହେଲେ ବି ମର୍ମବାଣୀ ଶୁଣିବାପାଇଁ ଏଠାକୁ ଆସିବ କିପରି ? କେଉଁ ମଫସଲ ଗାଁର ନିଃସଙ୍ଗ ସନ୍ଧ୍ୟାରେ ତୁଳସୀ ମୂଳରେ ନିଷ୍ପଳ ଦୀପ ବା ନିର୍ଜନ ଦିବସରେ ଅର୍ଥହୀନ ଅର୍ଘ୍ୟ କେଉଁ ଏକ ମୂକ–ବଧିର କ୍ରୁର ଅଦୃଶ୍ୟ ଶକ୍ତି ଆଗରେ ଥୋଇ ହୁଏତ ସେ କହୁଥିବ, ''ବଳ୍ପଟାଏ ତିଆରି କରିବାପାଇଁ ଆହୁରି କେତେ

Digitized by srujanika@gmail.com

ଦିନ ଲାଗୁଛି ତୁମକୁ ?''

ଏ ଭିତରେ ତାଙ୍କ ନିଜ ଅବସ୍ଥା କେଉଁ ଅବା ଭଲ ଅଛି ? କୁନ୍ତଳିନି ଦୁଇ ବର୍ଷରୁ ବେଶି ହବ ତାଙ୍କର ସୁନାର ସଂସାର ଭାଙ୍ଗିଦେଇ ଚାଲିଗଲାଣି । ମୁନୁ ଚାରି ବର୍ଷର ହୋଇଗଲାଣି ଯେ । ସରୋଜ ବାବୁ ବି ଚାହାଁନ୍ତି ଗୋଟିଏ ଟାଣୁଆ ବଜ୍ର ଯେମିତି ତାଙ୍କୁ ଏକାଥରକେ ମାରିଦିଅନ୍ତା, କିନ୍ତୁ ଛୋଟ ଛୋଟ ପିଲାଗୁଡ଼ାକ ?

ତାଙ୍କୁ ଦେଖିଲା ମାତ୍ରେ ସ୍ତ୍ରୀ ଲୋକଟିର ମୁହଁରେ ସଲ୍ଲଜ ସ୍ମିତଟିଏ ଫୁଟିଲା ପରି ସରୋଜ ବାବୁଙ୍କୁ ଜଣାଗଲା । କିନ୍ତୁ ସେହି ସ୍ମିତ ଟିକକ ତାଙ୍କରି ଉଦ୍ଦେଶ୍ୟରେ ବା ତାଙ୍କ ପାଖ ଟିକଟ ଘରର ଝିଡ଼ିକି ଆଡ଼କୁ ଛିପର ଯେଉଁ ଡ୍ରାଇଭର ପିଲା ତାରି ପ୍ରତି ସେ ଜାଣିବେ କିମିତି ?

ଡ୍ରାଇଭର ଟିକଟଟି ମହିଳା ଜଣକ ହାତକୁ ବଢ଼ାଇ ଦେଲା । ଗୋଲ ଗୋଲ ହାତରେ ପଟେ ସୁନାଚୁଡ଼ି ହୀରାକୁଦ କରେଣ୍ଟର ଆଲୋକରେ ଝଳି ଉଠୁଥାଏ । ସିଡ଼ି ଦେଇ ମହିଳା ଜଣକ ଉପରକୁ ଉଠି ଚାଲିଗଲେ । ଡ୍ରାଇଭର ଗାଡ଼ି ନେଇ ଚାଲିଗଲା ।

ସେକେଣ୍ଡ ବେଲ୍ ହୋଇଗଲାଣି । ଭିତର ପଟର ସିଡ଼ିଦେଇ ଉପରକୁ ପୁରୁଷଙ୍କ ରାସ୍ତା । ସରୋଜ ବାବୁଙ୍କୁ କାହିଁକି ଟିକିଏ ବେଶି ଗରମ ଲାଗିଲା । ଭିତରକୁ ଯିବା ପୂର୍ବରୁ ଉପର ଆଡ଼କୁ ଥରେ ଚାହିଁ ଦେଲେ । ତାଙ୍କୁ ଜଣାଗଲା ଆକାଶରେ ଗୁପ୍ତରେ କ'ଣ ମନ୍ତ୍ରଣା, ମସୁଧା ଓ ପ୍ରସ୍ତୁତି ଚାଲିଛି ଗୋଟାଏ ଅଚାନକ ଅଭିଯାନ ଆକ୍ରମଣ ପାଇଁ । ଏଣେ ପୃଥିବୀରେ ପବନ ଦେବତାଟା କେଉଁଠି ମରି ପଡ଼ିଗଲାଣି । ମୋଟେ ତାହାର ଆଉ ନିଶ୍ୱାସ ବହୁନି । ବେଡ଼ରୁମ୍‌ରେ ଚନ୍ଦ୍ର ଓ ତାରା ଝିଲିମିଲି ଗୋଟାଏ ପରଦା ଅନ୍ତରାଳରେ ଥାଇ ଥରିବାକୁ ଲାଗିଲେଣି । ବିରାଟ ସିନେମା ଘରର ଠିକ୍ ପଛରେ ପର୍ବତ ପରି ମେଘଟାକୁ ସରୋଜ ବାବୁ ଦେଖି ପାରିଲେନି ସତ, କିନ୍ତୁ ତା'ର ଉପସ୍ଥିତି ସେ ଅନ୍ଦାଜ କରି ଜାଣି ପାରିଲେ ।

ଥାର୍ଡ଼ ବେଲ୍ । ଚକୋଲେଟ୍ ରଙ୍ଗର ପରଦା ଧୀରେ ଧୀରେ ଅପସରି ଗଲା । ରୂପେଲି ପରଦାର ପ୍ରଥମ ଅବଦାନ ହେଲା ହାତଲେଖା ଅକ୍ଷରରେ ''ବିଜୁଳିବତୀ ଗଣ୍ଡଗୋଳ ପାଇଁ କର୍ତ୍ତୃପକ୍ଷ ଦାୟୀ ନୁହନ୍ତି ।'' ପରେ ପରେ ଆଉ ଏକ ନୋଟିସ୍, ''ଅଧା ଟିକଟ ପାଖରେ ରଖିବାକୁ ଅନୁରୋଧ ।''

ଏ ଦୁଇଟିଯାକ ନୋଟିସ୍ ମାମୁଲି । ହୀରାକୁଦରୁ କରେଣ୍ଟ ଆସିବା ପୂର୍ବରୁ ବି ଦିଆହଉଛି; କିନ୍ତୁ ଚାରି ଛଅ ଦିନ ହେଲା ମୂଲ୍ୟ ବଢ଼ିଛି, ଖବରକାଗଜରେ ମଧ ତ ''ବିଜୁଳି ବିଭ୍ରାଟ'' ବାହାରିଲାଣି । ମାତ୍ର ଗଲାରାତି କରେଣ୍ଟ ଅଭାବରେ ଶୋ ବନ୍ଦ ଥିଲା । ଆଜି ସେଥିପାଇଁ ମାଟିନି ଶୋ'ର ବ୍ୟବସ୍ଥା । ଲୋକେ ସତର୍କ ହୋଇ ଅଧା ଟିକଟ ପାଖରେ ରଖିଛନ୍ତି । କେତେବେଳେ କେଉଁକଥା । ହୀରକୁଦ କରେଣ୍ଟ ତ !!

ବିଜ୍ଞାପନ ଓ ସମ୍ବାଦ ଚିତ୍ରଗୁଡ଼ାକ ସରୋଜ ବାବୁଙ୍କୁ ମୂଳଛବିଠୁଁ ଭଲ ଲାଗେ ।

Digitized by srujanika@gmail.com

ସେଥିପାଇଁ ଠିକ୍ ଟାଇମ୍ ରଖି ସେ ଜାଗାରେ ବସି ଥାଆନ୍ତି । ସେଗୁଡ଼ିକ ଛୋଟ ଛୋଟ, ମାତ୍ର କେତେ ଫୁଟ୍ ଲମ୍ବ, ରଙ୍ଗୀନ୍, ହରେକ ରକମର ମଜା ସେଥିରେ ଥାଏ । ସରୋଜ ବାବୁ ଫିଲମ୍ ଦେଖୁଛନ୍ତି, ଅନୁଭବ କରୁଛନ୍ତି ପାଖ ଲୋକଙ୍କ ଉପସ୍ଥିତି । ବାଦାମ ଚୋପାର ଶବ୍ଦ, ଚେନାଚୂରର ହିଙ୍ଗୁ ଓ ମସଲାର ଗନ୍ଧ, ତା ସାଙ୍ଗକୁ ଗଭାର ମଲ୍ଲୀ, ଆଉ ପାଉଡ଼ରର କଡ଼ା ମହକ ।

ସବୁଦିନ ଦେଖିଲେ ବି ଆଜି ବିନା ବିରକ୍ତିରେ ଦେଖୁଛନ୍ତି କିପରି ରୂପରାଣୀ ନଳା "ହମେସା" ଲକ୍ସ ଟଏଲେଟ୍ ସାବୁନ୍ ବ୍ୟବହାର କରି ରୂପଲାବଣ୍ୟ ବଢ଼ାଉଛନ୍ତି । ସ୍ନେହମୟୀ ମା "ହମେସା" ସ୍ନେହଜାତ "ଡାଲଡ଼ା" ବ୍ୟବହାର କରି ଛୁଆପିଲାଙ୍କ ସୁଖ ସ୍ୱାସ୍ଥ୍ୟ ବଢ଼ାଉଛନ୍ତି । "ଏନାସିନ୍"ର "ଚାରଦବା" ଲକ୍ଷଲକ୍ଷ ଲୋକଙ୍କୁ ତାଜା ଓ ତନ୍ଦୁରୁସ୍ତ ରଖୁଛି ଏବଂ କିପରି "ଏଷ୍ଟ୍ରେଲା" ବେଟାରୀର ଜ୍ୟୋତି ଦେଖି ରାମଚନ୍ଦ୍ର ଓ ବଶିଷ୍ଠଙ୍କ ମଧ ଆଖି ଢ଼ିମା ଓଲଟି ଯାଇଛି ।

ରବିବାର ଦୋକାନ ବନ୍ଦ । ସରୋଜ ବାବୁଙ୍କ ଡାହାଣ ପାଖକୁ ଯେଉଁ ଦୋକାନୀଟା ବସିଥିଲା ସେ ଛବି ଦେଖି ହଠାତ୍ ବିଳିବିଳେଇ ଉଠିଲା ।

"ଏ ଚାରୋଁ ଚିଜେଁ ହମାରି ଦୁକାନମେ ମୌଜୁଦ ହେଁ ।" ତା'ପରେ ପ୍ରାମଣିକ ଡକୁମେଣ୍ଟାରୀ ଛବି । ତାଞ୍ଜୋର ବା କୋଣାର୍କର ଅପୂର୍ବ ସ୍ଥାପତ୍ୟ ଶିଳ୍ପକଳା । ସରୋଜ ବାବୁଙ୍କ ବାଁ ପାଖରେ "ନ୍ୟାସନାଲ୍ ହାଇୱେ" କଣ୍ଟ୍ରାକ୍ଟର ଜଣେ ବସିଥିଲା ସସ୍ତ୍ରୀକ । ଯିମିତି ସେ ମନ୍ଦିରର ଏକ କୋଣରେ ଅଶ୍ଳୀଳ ଭଙ୍ଗୀରେ ଯୁଗଳମୂର୍ତ୍ତି ଛିଡ଼ା ହୋଇଥିବାର ଦେଖିପାରିଛି, ନିଜ ସ୍ତ୍ରୀଙ୍କ ଦୃଷ୍ଟି ସେଥି ପ୍ରତି ଆକର୍ଷଣ କରିବାପାଇଁ ଏତେ ଜୋର୍‌ରେ ଦେହରେ ଆଙ୍ଗୁଳି ଦେଇ ଟିପିଦେଲା ଯେ, କୁତୁରୁ କୁତୁରୁ ହୋଇ ମହିଳା ପ୍ରାୟ ଚେୟାରରୁ ତଳେ ପଡ଼ି ଯାଉଥିଲେ ।

ପରଦାରେ ଓ ନିଜ ପାଖରେ ନାନା ମଜା ଦେଖୁ ଦେଖୁ ସରୋଜ ବାବୁ ପାଖରେ "ସ୍କାଇଲାଇଟ୍" ଦେଇ ଦେଖି ପାରିଲେ ଅରଜିନାଲ୍ କରେଣ୍ଟର ଏକ ଜ୍ୟୋତି । ତା'ପରେ ଦେଖିଲେ ହୀରକୁଦ କରେଣ୍ଟର ଗୋଟିଏ ବତୀ ଦୂର ନଡ଼ିଆଗଛର ଡାଳ ପଛରେ ଖୁବ୍ ଦୋହଲିବାକୁ ଲାଗିଲାଣି ।

'ୟୁ' କ୍ଲାସ ଫିଲମ "ଯବ ପ୍ୟାର କିସିସେ ହୋତା ହୈ" ସର୍ବତ୍ର ପ୍ରଦର୍ଶିତ ହେବାପାଇଁ ସେନ୍‌ସର ବୋର୍ଡ଼ ଅନୁମତି ଦେଇ ସାରିଛନ୍ତି କି ନାହିଁ ପୁଣି ଝିଲ୍-ଦପ୍ ।

ଘର ଭିତରୁ ଏତେ ଜୋର ଗଣ୍ଡଗୋଳ ଉଠିଲା ଯେ, ବଜ୍ରର ଶବ୍ଦଟା ବି ଶୁଭିଲା ନାହିଁ । କେତେ ସେକେଣ୍ଡ ଗଡ଼ିଗଲା, ଆଉ ରକ୍ଷା ନାହିଁ । ହୀରାକୁଦ କରେଣ୍ଟ ଅଫ୍; ଅରଜିନାଲ୍ କରେଣ୍ଟ ବି ଅଫ୍ । ଦୁଇ କରେଣ୍ଟର "ପ୍ୟାର" ଚାଲିଲା । ପୁଣି ସେଇ ପ୍ରାକ୍‌କାଳର ଅନ୍ଧକାର "ଲେଟ୍ ଦେୟା ବି ଲାଇଟ୍" ଚିତ୍କାର କରି ଆକାଶ ପାତାଳ ଫଟାଇ ଦେଲେ ବି ଲାଇଟ୍ କାହିଁ ?

Digitized by srujanika@gmail.com

ଏଇଥିପାଇଁ ଡରନ୍ତି ହୀରାକୁଦ କରେଣ୍ଟକୁ ସରୋଜ ବାବୁ, ଥରେ ବନ୍ଦ ହେଲା ତ ଆଉ କେହି ଆଣି ପାରିବ ନାହିଁ । ତା'ର ଯେତେବେଳେ ଇଚ୍ଛା ସେତେବେଳେ ଆସିବ, ତୁମେ ଚାହଁ ବା ନ ଚାହଁ ।

ଏଥର କରିବେ କ'ଣ ? ପକେଟରେ ହାତମାରି ଦେଖିଲେ ଅଧା ଟିକଟ ଅଛି । ଧୀରେ ଧୀରେ ପାହାଚ ଅଣ୍ଡାଳି ପାଦ ପକାଇ ଆସିଲେ ତଳକୁ । ଅଗଣାରେ ଗୋଡ଼ ପକାଇଛନ୍ତି କି ନାହିଁ ଜୋର ପବନରେ ହୋଟେଲର ସିଙ୍ଗଡ଼ା ପରସା ହୋଇଥିବା ଶାଳ ଠୁଙ୍ଗାଟା ଉଡ଼ିଆସି ତାଙ୍କ ଗୋଡ଼ରେ ବାଡ଼େଇ ହୋଇଗଲା । ତରବରରେ ଦଶ କୋଡ଼ିଏ ହାତ ଯାଇ ଫାଟକ ପାଖରେ ଦେଖିଲେ ରିକ୍ସା ଅଛି କି ନାହିଁ; କିନ୍ତୁ ଆଲୁଅର ବା ମଣିଷର କାହିଁ କିଛି ସନ୍ଧାନ ନାହିଁ ।

ଝଡ଼୍ ଝଡ଼୍-ଝଡ଼, ବଡ଼ ଟୋପାରେ ହଠାତ୍ ପ୍ରଚଣ୍ଡ ଅସରା । ସାଇରେନ୍ ବାଜି ଉଠିଲେ "ଏୟାରରେଡ୍" ରୁ ରକ୍ଷା ପାଇଁ ଲୋକେ ଯିମିତି ବ୍ୟସ୍ତ ବିକଳ ହୋଇ ଟ୍ରେଞ୍ଚ ଖୋଜି ବୁଲନ୍ତି ସରୋଜ ବାବୁ ବି ସିମିତି ଇଆଡ଼େ ସିଆଡ଼େ ଧାଁ ଦୌଡ଼ କରିଦେଲେ; କିନ୍ତୁ ଆଶ୍ରୟସ୍ଥଳ କାହିଁ ? ଖାଲି ଲମ୍ବା ଲମ୍ବା କାନ୍ଥଗୁଡ଼ା । ସିନେମା ଘର ଭିତରକୁ ପଶିବାକୁ ବେଳ କାହିଁ ? ବୋମା ସେତେବେଳକୁ ପଡ଼ି ସାରିଥିବ । କିଟିମିଟିଆ ଅନ୍ଧାରରେ ଅକସ୍ମାତ୍ ମୁଣ୍ଡ ଗୁଞ୍ଜିବାକୁ ସ୍ଥାନଟିଏ ପାଇଲେ ଟିକଟ ଘରର ଝରକା ପାଖରେ, ଯେଉଁଠି ବୃଷ୍ଟି ନିବାରଣ ପାଇଁ ତିନିଫୁଟ୍ x ତିନିଫୁଟ ସିମେଟ ପଟା ଖଣ୍ଡିକ ଥିଲା ତାହାରି ତଳେ ।

ଛାତିର ଦୁକୁଦୁକୁ ବନ୍ଦ ହେଲା । ଅନ୍ଧାର-ଭିତରଦେଇ ଚାହିଁଲେ ଆକାଶକୁ । ସର୍ବବ୍ୟାପି ଅସରନ୍ତି କଳା ରୂପ । ଯେତେ ବେଶି କଳା ସେତେ ବେଶି ଆଲୁଅ, ସେତେ ବେଶି ପ୍ରଳୟଙ୍କରୀ ଶକ୍ତି । ସେଇଥିପାଇଁ ଲୋକେ କାଳୀପୂଜା କରନ୍ତି- ଶକ୍ତି ଓ ଆଲୋକର ଏ ମହାନ୍ ଉତ୍ସ ଏଇ କାଳୀ । ଏଇ ରଙ୍ଗର ଗୋଟାଏ ମେଘର ବଜ୍ର କମଳିନୀକୁ ବିଧବା କରିଥିଲା । ଏଇ କଳାରଙ୍ଗର କାଳୀ ସରୋଜ ବାବୁଙ୍କ ସ୍ତ୍ରୀକୁ ତ ପାଗଳୀ କରିଥିଲା । ତାଙ୍କ ସ୍ତ୍ରୀ କଳାମେଘ ଦେଖିଲେ ଚୂଳ ଛାଡ଼ି ନାଚୁଥିଲେ ପରା ।

ଝଲ୍ ! ଇସ୍ ! "ଚଳିଗଲା କିବା ଅନମ୍ବର ସତ ହାବେଳୀ ବାଣେ", ଅନ୍ଧାର ଆରପାରିର ସ୍ୱର୍ଗଟା ଖୋଲିଗଲା ବୋଧହୁଏ, ସ୍ୱର୍ଗ-ରାଜ୍ୟଟା ତେବେ କ'ଣ ବ୍ଲେକ୍ !

ଆଖିରୁ ବିଜୁଳିର କଳାଛାପଟା ନିଭିଛି କି ନାହିଁ ସରୋଜ ବାବୁ ଚମକି ହାଉଳି ଖାଇଗଲେ । କିଏ ଯେପରି ତାଙ୍କୁ ଜୋରରେ କୁଣ୍ଢାଇ ଧଇଲା ।

"କ୍ଷମା କରିବେ, "ଝିଲକିକୁ ମୁଁ ଖୁବ୍ ଡରେ ।" କ୍ଷୀଣସ୍ୱର, "ମୁଁ ବି ବଡ଼ ଡରେ । ସରୋଜ ବାବୁଙ୍କ ପାଟିରୁ ଆପେ ଆପେ ବାହାରିଲା । "କିଏ ଆପଣ ? ସେଇ କୁଣ୍ଢାଇ ଧରିବା ପୁରୁଣା ରୋଗଟା ମୋର ରହିଯାଇଛି ସେହି ଦିନରୁ । ମୋତେ ଆପଣ ଚିହ୍ନନ୍ତି ।" ଦଣ୍ଡେ ରହିଯାଇ "ମୁଁ କମଳିନୀ ।"

"କମଳିନୀ...? ଆଶ୍ଚର୍ଯ୍ୟ ! ତୁମେ ଏଠି... ?"

Digitized by srujanika@gmail.com

"ଆଜି ଆସିଛି । ଇଣ୍ଟରଭ୍ୟୁ ଥିଲା ।"

"ଇଣ୍ଟରଭ୍ୟୁ ? ତୁମର... ?"

"ଗ୍ରାମସେବିକା ପୋଷ୍ଟ ।"

"ମୋ ଛୁଆ ପିଲାଙ୍କ ସେବିକା ପୋଷ୍ଟ ଏ ଯାକେ ଖାଲି ପଡ଼ିଛି । ଘରର ସେବା ଛାଡ଼ି ଗ୍ରାମର ସେବାକୁ ବାହାରି ପଡ଼ିଲ କିମିତି ?"

"ଘରେ ବସି ବସି କଅଣ କରିବି ? ବାପା ମାଆ କହିଲେ, ଗାଁ ଲୋକେ ବି କହିଲେ ।"

"ତେବେ ତୁମେ ଜିପରୁ ଓହ୍ଲାଇଲ ? ମୁଁ ଠିକ୍ ଅନୁମାନ କରିଥିଲି । ଟିକିଏ ମୋଟା ହୋଇଯାଇଛ । ରଙ୍ଗ ବି ବଦଳି ଯାଇଛି । ଭାରି ସୁନ୍ଦର ଦିଶୁଛ । ଆଚ୍ଛା ସେ ଡ୍ରାଇଭର୍‌ଟା କିଏ ?"

"ସେ ଡ୍ରାଇଭର ନୁହନ୍ତି । ବ୍ଲକର ଜଣେ ଚିହ୍ନା ଲୋକ । ଆଉ କେଉଁଠି ତାଙ୍କର ମିଟିଙ୍ଗ ଅଛି । ଫେରିଲା ବେଳେ ମୋତେ ନେଇଯିବେ ।"

"ତୁମେ ତ ନୂଆ ଚାକିରି ଖୋଜୁଛ, ବ୍ଲକ ଲୋକଙ୍କ ସହିତ ଚିହ୍ନା ହେଲା! କିପରି ?"

"ମୁଁ ଗାଁର ମହିଳା ସମିତିର ସେକ୍ରେଟାରୀ ।"

"ସେ ଡ୍ରାଇଭର୍‌ଟା କ'ଣ ବି.ଡ଼ି.ଓ, ସରପଞ୍ଚ, ଚେୟାରମ୍ୟାନ ନା ଡ଼ି.ପି.ଆର.ଓ. ?"

"ସେକଥା ଜାଣି ଲାଭ କିଛି ନାହିଁ, ସରୋଜ ବାବୁ ! ଯେ ଘର ଛାଡ଼ି ଚାକିରି କରିବାକୁ ଥରେ ପଦାକୁ ବାହାରିବ ତା'ର ବିଚାର କ'ଣ ? ମାନ ସମ୍ମାନ କ'ଣ ? ଆପଣ ମୋତେ ଭୁଲ୍ ବୁଝନ୍ତୁ ନାହିଁ । ଆପଣଙ୍କୁ ଓହ୍ଲାଇ ଆସିବାରୁ ମୁଁ ଦେଖିଛି, ପଛେ ପଛେ ଆସିଛି କେବଳ ପଦେ କଥା କହିବା ପାଇଁ ।"

"ପଦେ ! ଶହେ ପଦ ଶୁଣିବା ପାଇଁ ରାଜି । ଛଅ ମାସ ହେଲା ତୁମର 'ହଁ' ପଦକ ପାଇଁ ଅପେକ୍ଷା କରିଛି । ମୋର ପ୍ରସ୍ତାବଟା ତୁମ ବାପା ଶୁଣିଛନ୍ତି ?"

"ହଁ, ବାପା ମା" ଉଭୟେ ଶୁଣିଛନ୍ତି । ମୋ କଥା ତ ମୁଁ କହିଦେଇଛି ଆପଣଙ୍କୁ । ଆପଣ ମୋର ବିପଦରେ ପାଖରେ ଠିଆ ହୋଇଛନ୍ତି । ମୁଁ ଆପଣଙ୍କୁ କେବେ 'ନା' କହିନାହିଁ, କହିବି ନାହିଁ ମଧ୍ୟ । ଜାତକଟା ମେଳ ହୋଇଥିଲେ ଆମେ ଦିହେଁ ସାରାଜୀବନ କଟାଇଥାନ୍ତୁ ଏକା ସାଙ୍ଗରେ । ଏବେ ବି ମୋର ସେଇ ଇଚ୍ଛା । ତେବେ–"

ଏତେ ଜୋରରେ ବଜ୍ରଟାଏ ମାଇଲା ଯେ, ସରୋଜ ବାବୁ ଚମକି ଖୁବ୍ ଜୋରରେ କମଳିନୀକୁ କୁଣ୍ଢାଇ ପକାଇଲେ । ପୁରୁଣା ରୋଗର ବିକାର ସମ୍ଭାଳିବା ପାଇଁ ଆଉ କମଳିନୀକୁ କୌଣସି କାଠ ଖୁଣ୍ଟ ବା ଗଛର ଆଶ୍ରୟ ନେବା ଦରକାର ହେଲା ନାହିଁ । କଥାର ଖିଅ ଦୁହେଁଯାକ ଭୁଲିଗଲେ । ଟିକ୍‌ଟିକ୍ ହୋଇ କେତେ ସେକେଣ୍ଡ କଟିଗଲା । ବାହୁପାଶ କୋହଳ ହେଲା । ଅବିରାମ ବର୍ଷା । ମୁହୂର୍ତ୍ତକେ ଖଣ୍ଡପ୍ରଳୟ ।

Digitized by srujanika@gmail.com

ପ୍ରଳୟ ହେବନା କ'ଣ ? ଏ ଆଡ଼କୁ ଟିକିଏ ଘୁଞ୍ଚିଆସ, ଲୁଗାଟାକୁ ଟିକେ ଟେକି ଧର । ଭିଜି ଯାଉଥିବ । "ସତରେ କମଳିନୀ, ତୁମେ କେଡ଼େ ବଜ୍ରଟାଏ ସମ୍ଭାଳି ପାରିଲ ?"

ଆପଣ କିମିତି ଯୋଡ଼ାଏ ବଜ୍ର ସମ୍ଭାଳିଛନ୍ତି ? ଆପଣଙ୍କ ଦୁଃଖ ମୁଁ କଳ୍ପନା କରିପାରେ ନାହିଁ । କୁନ୍ତଳିନୀ ଆପଣଙ୍କୁ ରଚ୍ଚା କରି ଦେଇଥିଲା ଯେ ! ଆଚ୍ଛା- ଘର କିମିତି ଚଳୁଛି ? "ପିଲାପିଲି ?"

"ସେକଥା ପଚାରି କି ଲାଭ ? ଅଚଳ ହୋଇ ଦୁନିଆରେ କିଛି ରହେ ? ତୁମର ଯିମିତି କେହି ନାହାନ୍ତି ମୋର ବି ସିମିତି କେହି ନାହିଁ । ଆମେ ଦି'ଟା ତେବେ ବଞ୍ଚିବୁ କିପରି ?"

"ଆପଣଙ୍କ ପିଲାଝିଲା ଅଛନ୍ତି । ମୋର ବାପା ମାଆ ଅଛନ୍ତି, କେହି ନାହାନ୍ତି କିପରି ?"

"ବାଜେ କଥା । ମିଛ କଥା । ନିପଟ ଭଣ୍ଡାମି । ସ୍ୱାମୀର ସ୍ତ୍ରୀ ନାହିଁ ତ ତା'ର ଦୁନିଆରେ କେହି ନାହିଁ । ସ୍ତ୍ରୀର ସ୍ୱାମୀ ନାହିଁ ତ ତା'ର ଆଉ ଦୁନିଆରେ କେହି ନାହିଁ । ଯେଉଁଗୁଡ଼ାକ ସ୍ୱାମୀ-ସ୍ତ୍ରୀ ସଂପର୍କ ଜାଣନ୍ତି ନାହିଁ ସେଇମାନେ ତୁମ ପରି କହନ୍ତି ବାପା, ମା, ପିଲାଝିଲା କଥା ।"

"ଲୋକେ ଅଛନ୍ତି, ସମାଜ ତ ପୁଣି ଅଛି ।" "କମଳିନୀ ! ଏଗୁଡ଼ାକ ତୁମର ଶିଖା କଥା, ମନର ନୁହେଁ । ତୁମେ ଯାହା ହରାଇଛ ପାଇବ ନାହିଁ, ମୁଁ ଯାହା ହରାଇଛି ପାଇବି ନାହିଁ । ତଥାପି ନୂଆକରି ଦୁନିଆଟା ପୁଣି ଗଢ଼ି ବସିବାକୁ ଚେଷ୍ଟାକଲେ କ୍ଷତି କ'ଣ ?"

"କିନ୍ତୁ-"

"ଏ ଯେଉଁ ପ୍ରକୃତିର ଅନନ୍ତ ତାଣ୍ଡବ ଚାଲିଛି ଓ ଦେବତାର ବିକଟ ଅଟ୍ଟହାସ୍ୟ ଶୁଭୁଛି ତା'ରି ଭିତରେ ଯଦି କିଛି ସତ୍ୟ ଥାଏ ତେବେ ଏଇ ମୁହୂର୍ତ୍ତଟା- ଏବଂ ତୁମେ ଆଉ ମୁଁ, ଭାବି ପାରୁଛ କମଳିନୀ, ଏ ମୁହୂର୍ତ୍ତଟାର ମୂଲ୍ୟ ।"

"ଆପଣ ଟିକିଏ ଭାବ ପ୍ର..."

"ଏ ଯେଉଁ ମେଘଟା ପୃଥିବୀ ଓ ସୂର୍ଯ୍ୟର, ତାରା ଓ ଚନ୍ଦ୍ରର ଖେଳ ଶେଷ କରି ଦେଇଛି, ସେଇ ମେଘ ବଜ୍ରଟାଏ ପେଶି ତୁମର ଓ ହରିଶଙ୍କରର ଲୀଳାର ଅନ୍ତ କରିଛି । ପୁଣି ସେଇ ମେଘ ପରି କଳା ରଙ୍ଗର କାଳୀ ଭେଳିକି ଲଗାଇ ମୋର କୁନ୍ତଳିନୀକୁ ବାୟାଣୀ କରି ସର୍ବଶେଷରେ ଖାଇ ଦେଇଛି, ଗୋଟାଏ କଳା ଇଞ୍ଜିନ୍ ତଳେ । ଆସ, ଏଇ ମୁହୂର୍ତ୍ତରେ ସେ ମେଘଟା ପାଖରେ ଦୁହେଁ ଆଣ୍ଠୁମାଡ଼ି ପ୍ରାର୍ଥନା କରିବା ଯିମିତି ସେ ଆମ ଦିହିଁଙ୍କି ଏକାବେଳକେ ଖାଇଦିଏ, ନହେଲେ ଦୟାକରି ଦଣ୍ଡେ ଖେଳିବାକୁ ଦିଏ ଏକା ସାଙ୍ଗରେ ଜୀବନର ବାକୀ କେତୋଟି ମୁହୂର୍ତ୍ତ ।"

Digitized by srujanika@gmail.com

ବର୍ଷାର ଜୋର ଟିକିଏ କମିଗଲା ପରି ଲାଗିଲା । କମଳିନୀର ଓଦାଳିଆ ଚୂଳରୁ କେତୋଟି କୁଞ୍ଚକୁଞ୍ଚିଆ କେରା ପବନରେ ଉଡ଼ି ସରୋଜ ବାବୁଙ୍କ ବେକରେ ବାଜୁଥାଏ । ଦୁହେଁ ଜାଣନ୍ତି ନାହିଁ କେତେବେଳେ ଦୁହିଁଙ୍କ ହାତ ଛନ୍ଦି ହୋଇ ଯାଇଛି । କମଳିନୀ ଟିକିଏ ଚମକିଲା ପରି ହୋଇ ନୀରବତା ଭଙ୍ଗ କଲା ।

"ସରୋଜ ବାବୁ, ଆପଣଙ୍କୁ ବୋଧହୁଏ ଜ୍ୱର ଆସିଲାଣି । ଦେହ ତାତିଲା ତାତିଲା ଲାଗୁଛି ।"

ମୁଁ ବି ତ ସେ କଥା ତୁମକୁ ପଚାରିବାକୁ ଯାଉଥିଲି । ତୁମ ଦେହ ମୋ' ଦେହଠାରୁ ବେଶି ତାତିଲା ପରି ଲାଗୁଛି ମୋତେ । ସତ କହିଲେ ମୁଁ କ'ଣ ଭାବୁଛି ଜାଣ କମଳିନୀ, "ତୁମର ଆଉ ମୋର କେରାଏ ଚୂଳ ପଜିଟିଭ ଓ ନେଗେଟିଭ ତାର କରି ଯଦି ବର୍ତ୍ତମାନ କରେଣ୍ଟ୍ ଶକ୍ତି ପରୀକ୍ଷା କରାଯାଆନ୍ତା । ତେବେ ଯେତେ ହଜାର କିଲୋୱାଟ୍ ବାଲବ ହେଲେ ବି ଫିଉଜ ହୋଇଯାଆନ୍ତା ।

କମଳିନୀ କିଛି କହିଲା ନାହିଁ, ତା'ର ନିଶ୍ୱାସ ଜୋରରେ ବହୁଥାଏ । ନାଡ଼ୀଟାର ଗତି ବି ଖୁବ୍ ଜୋର । ଏକଥା ସରୋଜ ବାବୁ ସ୍ପଷ୍ଟ ଅନୁଭବ କରିପାରୁ ଥାଆନ୍ତି । ସେଇ ମେଣ୍ଢାଛୁଆ ବା ହରିଣୀ ଖୁବ୍ ଧାଁ ଧଉଡ଼ କଲେ ଯିମିତି ଧଇଁସଇଁ ହୋଇଯାଆନ୍ତି, ତାଙ୍କ ଛାତି ଧଡ଼ପଡ଼ ଦେଖିହୁଏ, କମଳିନୀର ବୋଧହୁଏ ସେମିତି ହେଉଥିଲା ।

ଦୁହେଁ ନୀରବ । ଘନ ଅନ୍ଧାକାରରେ ପରସ୍ପରର ଅନ୍ତରାତ୍ମା ଦୁଇଟା ଯେମିତି ପ୍ରାଣ ଗୁଡ଼ାଏ ପିଇଯାଉଛନ୍ତି ପାନପତ୍ରର ଶେଷପର୍ଯ୍ୟନ୍ତ ଆଗାମୀ ଜୀବନ ଉପରେ ଲକ୍ଷ୍ୟ ରଖି ।

କେତେ ସମୟ ପରେ ଭଙ୍ଗାଭଙ୍ଗା ଗଳାରେ କମଳିନୀ ନୀରବତା ଭଙ୍ଗ କରି ପୁଣି ପଚାରିଲା, "ସରୋଜ ବାବୁ, ଯଦି ଆଲୁଅ ଏଇ ଲାଗେ ଜଳି ଉଠିବ ଏବଂ ଜଣେ କେହି ଯଦି ପଚାରନ୍ତି ମୁଁ ଆପଣଙ୍କର କିଏ ? ଆପଣ କ'ଣ ଜବାବ ଦେବେ ?" ମୁଁ ଆଦୌ ଦ୍ୱିଧା ନ ରଖି ସିଧା ସଳଖ କହିବି, ଏ ମୋର ବିବାହିତା ସ୍ତ୍ରୀ କମଳିନୀ । ଯଦି ଆଲୁଅ ଜଳିଉଠେ ଏବଂ ଯଦି କେହି ଠିକ୍ ସେମିତି ପ୍ରଶ୍ନ ତୁମକୁ ପଚାରେ, ମୁଁ ତୁମର କିଏ, ତୁମର କ'ଣ ସତ୍‌ସାହସ ଅଛି କହିବାର, "ଏ ମୋର ସ୍ୱାମୀ ବୋଲି କୁହ ?"

"ମୁଁ ଏହାର ଜବାବ ଦେବି..."

ଦପ୍ କରି ହୀରାକୁଦ କରେଣ୍ଟ୍ ଜଳିଉଠିଲା, ସରୋଜ ବାବୁ ହୀରାକୁଦ କରେଣ୍ଟ୍‌କୁ ଡରନ୍ତି ଏଇଥିପାଇଁ– ଯେତେବେଳେ 'ଅଫ୍' ହେବା କଥା 'ଅନ୍' ହୁଏ ।

କମଳିନୀର ଜବାବ ଅକୁହା ରହିଗଲା । ଦି'ଜଣ ଦୋଷୀ ପରି ପରସ୍ପରଠୁଁ ନିରାପଦ ଦୂରତାକୁ ଘୁଞ୍ଚିଯାଇ ଛିଡ଼ାହେଲେ । ଆକାଶରେ ପୁଣି ତାରା । କପାଳର କେତେ କେରା ଚୂଳକୁ ଯଥାସ୍ଥାନରେ ସଜାଡୁ ସଜାଡୁ ସିଡ଼ି ଉପରକୁ ଉଠିଗଲା କମଳିନୀ ଓ ଗମ୍ଭୀର ହୋଇ ଅସମାପ୍ତ ବାକ୍ୟକୁ ପୂରଣ କଲା, "ସିନେମା ପରେ" ପଦଟିକୁ ଯୋଡ଼ି ।

Digitized by srujanika@gmail.com

ଏଥର ଘର ଭିତରେ ହୀରାକୁଦ କରେଣ୍ଟରେ ଚାଲିଲା ଛବି, ''ଯବ୍ ପ୍ୟାର କିସେସ ହୋତା ହୈ ।'' କିନ୍ତୁ ତୋଫାନ ବିକ୍ଷୋଭିତ ପ୍ରକୃତିକୁ ପୃଷ୍ଠପଟ କରି ଛୋଟ ଝରକାଟି ତଳେ ଦଶ ମିନିଟ୍ ଧରି ଯେଉଁ ''ପ୍ୟାର'' ଚାଲିଥିଲା ତାକୁଇ ଭାବି ଭାବି ସରୋଜ ବାବୁ ଦୁଇଘଣ୍ଟା କଟାଇ ଦେଲେ । ପଙ୍ଖା ତଳଟାରେ ବି ଦେହର ଝାଳ ଶୁଖିଲା ନାହିଁ ।

ଚକୋଲେଟ୍ ରଙ୍ଗର ପରଦାଟା ଧୀରେ ଧୀରେ ପୁଣି ସାଧା ପରଦାର "The End" ଉପରେ ଢ଼ାଙ୍କିଗଲା । ସରୋଜ ବାବୁ ବାହାରକୁ ଆସିଲେ, ଅପେକ୍ଷା କଲେ, ଖୋଜିଲେ; କିନ୍ତୁ କମଳିନୀକୁ ପାଇଲେ ନାହିଁ । ମନେମନେ ଭାବିଲେ କମଳିନୀ ବୋଧହୁଏ ତାଙ୍କୁ ଅପେକ୍ଷା କରିଥିବ, ଖୋଜିଥିବ, ପାଇନଥିବ ।

ଦୀର୍ଘଶ୍ୱାସ ଛାଡ଼ି ଘରମୁହାଁ ହେଲାବେଳେ ଦେଖିଲେ ପୃଥିବୀର ନରମ ଛାତଟାକୁ ଯେପରି ଫାଳ ଫାଳ କରି ଚିରି ଜିପ୍ ଗାଡ଼ିଟା ଚାଲିଯାଇଛି କେଉଁ ଏକ ଲକ୍ଷ୍ୟହୀନ ପଥରେ ଗୋଟାଏ କକ୍ଷଚ୍ୟୁତ ତାରକାକୁ ଘେନି ।

ପୁଣି ସେଇ ମେଘ । ଏଥର ଏଇ ଡ୍ରାଇଭରଟା ସେଇ ମେଘର ପାର୍ଟ–ଦୁଶମନ୍‌ର ପାର୍ଟ କଲା । କମଳିନୀ ହରିଶଙ୍କର, କୁନ୍ତଳିନୀ ସରୋଜ– ବର୍ତ୍ତମାନ କମଳିନୀ, ସରୋଜ ବାବୁ ''ପ୍ୟାର''ରେ ସେହି ମେଘ । ସରୋଜ ବାବୁଙ୍କୁ ଜଣାଗଲା ସେ ଯେପରି ଆଉ ଥରେ ବିପତ୍ନୀକ ହେଲେ, ସେ ଜାଣିବାକୁ ଚାହାଁନ୍ତି କମଳିନୀ କ'ଣ ଆଉ ଥରେ ବିଧବା ହେଲା ବୋଲି ଭାବିଥିବ ?

ଏବେ ସରୋଜ ବାବୁ ହୀରକୁଦ କରେଣ୍ଟକୁ ଭଲ ପାଉଛନ୍ତି । ସବୁ ସିନେମା ଦେଖନ୍ତି । କାଳେ ହୀରକୁଦ କରେଣ୍ଟ ଅଫ୍ ହୋଇଯିବ– କାଳେ କମଳିନୀ ଆସିଥିବ ।

Digitized by srujanika@gmail.com

# ଓଇ ଛେଲେଟା

''କି ଗୋ ! ଓଇ ଛେଲେଟା ଆସ୍‌ବେ ତ ? ଏତ ବଡ଼ ବିୟେର ବାଡ଼ି ।'' ଶ୍ରୀମତୀ ସରକାର ପଚାରିଲେ ।

ଓଡ଼ିଆ ସେ ବେଶ୍, ସ୍ପଷ୍ଟ ଭଲ କହନ୍ତି । ବଙ୍ଗାଳୀ ସାହିର ଆଉ ଆଉ ମାଇକିନିଆଁଙ୍କ ପରି ସେ 'ଣ' କୁ 'ନ', 'ଳ' କୁ 'ଲ' ବା 'ର' କୁ 'ରି' ଉଚ୍ଚାରଣ କରନ୍ତି ନାହିଁ । ତାଙ୍କ ପାଟିରୁ ଓଡ଼ିଆ ଶୁଣିବାକୁ ଖୁବ୍ ଭଲ ଲାଗେ, ଲତା ମଙ୍ଗେସକର ଗଳାରେ ବଙ୍ଗଳା-ସଙ୍ଗୀତ ଭଳି । ଗଳାଟା ତାଙ୍କର ଖୁବ୍ ମିଠା, ଦରଦଭରା ତାଙ୍କ କଥାଗୁଡ଼ାକ । କେତେବେଳେ କିମିତି ସ୍ୱାଭାବିକ ଆବେଗରେ ପଦେ ଅଧେ ବଙ୍ଗଳା ସେ କହିଲେ ବି ଆମକୁ ଖରାପ ଲାଗେ ନାହିଁ । ଆପତ୍ତି ବି ନଥାଏ; କିନ୍ତୁ ତାଙ୍କ ସ୍ୱାମୀ ଏ ଦେଶର ପାଣି ପବନ, ପିମ୍ପୁଡ଼ି ବାସ ଚାଉଳ, ଆଉ ଇଲିସି ମାଛରେ ତିନି ପୁରୁଷ ଧରି ରହିଲେ ବି ଓଡ଼ିଆ କହନ୍ତି ନାହିଁ । କହି ଯେ ନ ପାରିବେ ତାହା ନୁହେଁ, କହନ୍ତି ନାହିଁ; କେବେ ଚେଷ୍ଟା ବି କରନ୍ତି ନାହିଁ । ପ୍ରତ୍ୟେକ ବଙ୍ଗଳା ଛବି ଦେଖନ୍ତି । ଗୋଟିଏ ହେଲେ ଓଡ଼ିଆ ଛବି ଦେଖିନାହାନ୍ତି । କଟକ ଷ୍ଟେସନ କେତେ ମିଟରରେ ଧରେ ଜାଣନ୍ତି ନାହିଁ । କଲିକତା ତାଙ୍କର ମେକ୍‌କା । ହୁଏତ ସେ ଆଡ଼କୁ ମୁହଁକରି ପ୍ରାର୍ଥନା କରୁଥିବେ, ''ଏମନ ଦେଶଟି କୋଥାୟ ଖୋଜେ ପାବେ ନା ଗୋ ତୁମି ।''

''କି ଗୋ । ଶୁନ୍‌ଛ ? ଓଇ ଛେଲେଟା ଆସ୍‌ବେ ତ ?'' ପୁଣି ସେଇ ପ୍ରଶ୍ନ । ବିବାହ ପ୍ରସଙ୍ଗ, ପ୍ରସ୍ତାବ, ନିର୍ବନ୍ଧ ଆଦି ପ୍ରତ୍ୟେକ ସ୍ତର ଓ ଅବସରରେ ତିନିବର୍ଷ ଧରି ତାଙ୍କର ସେଇ ପ୍ରଶ୍ନ, ''ଓଇ ଛେଲେଟା ଆସ୍‌ବେ ତ ?''

''ଆସ୍‌ବେ, ଆସ୍‌ବେ ଜରୁର୍ ଆସ୍‌ବେ ।'' ମୁଁ ଜୋର ଦେଇ ପାଟିକରି (ସେ ଟିକିଏ ବଡ଼ଶୁଣା) ଉତ୍ତର ଦେଲି ତାଙ୍କୁ ଶୁଣାଇବା ପାଇଁ, ତାଙ୍କ ମନରେ ପ୍ରତ୍ୟୟ ଆଣିବା ପାଇଁ । ତା'ଛଡ଼ା ମୋର ଅନ୍ୟ ଉପାୟ ବା ଉତ୍ତର ନଥିଲା ।

ଶ୍ରମତୀ ସରକାରଙ୍କ ସହିତ କଥାବାର୍ତ୍ତା କଲାବେଳେ ମୁଁ ମଝିରେ ପଦେ ଅଧେ ବଙ୍ଗଳା କହିଦିଏ । ହୀନମନ୍ୟତାର ଲକ୍ଷଣ ହେଲେ ବି, ମୁଁ ଯେ ତାଙ୍କ ଭାଷା ଜାଣେ, ଭଲ କହିପାରେ ତା'ର ପ୍ରମାଣ ସ୍ୱରୂପ । ସେ ଆମ ଭାଷା କହୁଥିବାରୁ ତାରି ପ୍ରତିଦାନ ସ୍ୱରୂପ । ସଂହତି ତଥା ଭାବ ବିନିମୟର ଏହା ଗୋଟାଏ ମୌଳିକ ସୂତ୍ର । ଜଣେ ଅଧେ କଲିକତୀ ଓଡ଼ିଆ ଭାଇ ଖଡ଼ଗପୁର ପର୍ଯ୍ୟନ୍ତ ବଙ୍ଗଳାରେ କଥାଭାଷା ହୋଇ ଦାନ୍ତୁଣି ପହୁଞ୍ଚିଲେ,

Digitized by srujanika@gmail.com

ଯିମିତି ଘରୋଇ ଭାଷା ଆରମ୍ଭ କରି ବା ସ୍ୱରୂପ ପ୍ରକାଶ କରି କହନ୍ତି, "ହଇରେ ରାମା ଭାଇ ! ଦାନ୍ତୁଣି ପହୁଞ୍ଚିଲା ବା ! ଏଥର ବାହାର କର ଦାନ୍ତକାଠି, ଆକବରୀ, ସିମିତି ମୁଁ ବି ସମ୍ପ୍ରୀତି ସୂଚକ ପଦେ ଅଧେ ଖଣ୍ଡିଆ ଦଣ୍ଡିଆ ବଙ୍ଗଳା କହି ଓଡ଼ିଆ ଚଳାଏଁ ।"

ଶ୍ରୀମତୀ ସରକାର ନଛୋଡ଼ବନ୍ଧା । ପୁଣି ପ୍ରଶ୍ନର ଖିଅଧରି ମନ୍ତବ୍ୟ ଦେଲେ, "ଆଉ କେବେ ଆସିବ ? ଆଜି ବାହାଘର । ବର ପହୁଞ୍ଚିବା ଉପରେ, ବନ୍ଧୁବାସ ତ ସମସ୍ତେ ଆସି ଗଲେଣି । ସେ କାହିଁ ?"

"ଆସିବ ।" ବହୁ କଷ୍ଟରେ ଏ ସାମାନ୍ୟ ପଦଟି ମୋ ମୁହଁରୁ ଆପେ ଆପେ ଫୁଟିଲା ।

ସିମିତି 'ଆସିବ ଆସିବ' ବୋଲି ସମସ୍ତେ ତିନି ବରଷ ହେଲା କହୁଛ । କାହିଁ ତାର ଦେଖା ନାହିଁ । ଝିଆରୀ ବାହାଘରକୁ ଆସିବ, ଆସିବ, କହିଲ- ଆସିଲା ନାହିଁ । ବଡ଼ ଭାଇମାନଙ୍କର ପଇତା ପଡ଼ିଲା, ଆସିଲା ନାହିଁ । ଆଉ କେବେ ଆସିବ ? ମୁଁ ତାକୁ ଦେଖିବି ଦେଖିବି ହୋଇ ମରିଯାଉଛି । ତୁମର ତା' କଥା ବିଲକୁଲ ମନେ ପଡୁନାହିଁ ଦେଖୁଛି ।"

"ପଡ଼େ । ପଡ଼ିଛି । ବହୁତ ପଡୁଛି ।" ରହି ରହି ଅଧମିନିଟରେ ଏଇ ତିନିପଦ କଥା କହିଲି । ହୃଦୟ ଖୁବ୍ ଭାରାକ୍ରାନ୍ତ ଜଣାଯାଉଥିଲା ।

"ଆଜକୁ କେତେ ବଡ଼ ହୋଇ ଯାଇଥିବ ! ନୁହେଁ ? ତିନିବର୍ଷ ହେଲାଣି ଯେ, ଆଜି ଆସିଲେ ଚିହ୍ନି ହବନି ସହଜେ ତାକୁ ।"

"ହଁ ।"

"ଆଚ୍ଛା ! ସେ ଅଛି କେଉଁଠି ? ରାଉରକେଲାରେ ତ ନାହିଁ । ତା' ନାନୀ ତ ଆସିଗଲାଣି । ଭାଇଚାଗ୍ରେ ତ ନାହିଁ ତା' ଭାଇଭାଉଜ ଆସିଗଲେଣି । ଚିରିଂରେ ବି ତ ନାହିଁ । ତା' କକାଖୁଡ଼ିଙ୍କି ପଚାରିଲି; ସେମାନେ କହିଲେ ସେଠି ତାଙ୍କ ପାଖରେ ସେ ନଥାଏ । ଯେଉଁଠି ଥାଉ, କୁହ ସେ ଆସିବେ ତ ?"

ଗମ୍ଭୀର ହୋଇ ପୁଣି କହିବାକୁ ବାଧ ହେଲି "ଆସିବ ।"

ସ୍ୱଷ୍ଟ ବିରକ୍ତି ଭାବ ଦେଖାଇ ଶ୍ରୀମତୀ ସରକାର କହିଲେ, "ମୁଁ ଦେଖୁଛି ତୁମେ ସବୁ ମେଣ୍ଟବାନ୍ଧି ମୋତେ ଠକାଉଛ । କାଳେ ମୁଁ ଦୁଃଖ କରିବି ସେଥିପାଇଁ ସତକଥା ଲୁଚାଉଛ । ତାକୁ ନିଶ୍ଚୟ ଆମେରିକା ପଠାଇ ଦେଇଛ, ତା'ର ମଝିଆଁ ଭଉଣୀ ସାଙ୍ଗରେ ।"

ମୁଁ ଉଁ ଚୁଁ କିଛି ନ କହିଲାରୁ ସେ ଧରିନେଲେ ଯେ ତାଙ୍କ ଅନୁମାନ ସତ, ତେଣୁ ସେ ତାଙ୍କ ଭାବନା କଳ୍ପନାକୁ ଆଉ ଟିକିଏ ଆଗେଇ ନେଲେ । ପଚାରିଲେ, ଆଚ୍ଛା ! ସେଠି ପଢ଼ାଶୁଣା କରୁଥିବ ତ ? ଓଡ଼ିଆ ଭୁଲିଯାଇ ଖାଲି ଇଂରାଜୀ କହୁଥିବ । ନୁହେଁ ? ତୁମର ଯେତେଯେତେ ଝିଅପୁଅ ସମସ୍ତଙ୍କ ଅପେକ୍ଷା ସେ ପିଲାଟି ଅଧିକ ସୁନ୍ଦର । ସେ ବର୍ଷ ଯେତେବେଳେ ଏଇ ପୋଖରୀଟାରେ ପହଁରା ଶିଖାଉଥିଲ ପାଣି ଭିତରେ ତା'ର

Digitized by srujanika@gmail.com

ଲଙ୍ଗଳା ଫୁଙ୍ଗୁଳା ଦିହଟା ଦେବତା ଛୁଆପରି ଦିଶୁଥିଲା । କି ସୁନ୍ଦର ତା'ର ଚୋଖ୍ ଦୁଟୋ । କି ସୁନ୍ଦର ତାର ଚୂଲ୍ । ଛବିର ମତ, ପୁତୁଲେର ମତ, ଚେହେରା ଖାନି ।''

ଉତ୍ତର ଦେଲିନାହିଁ । ମନେମନେ ଭାବୁଥାଏଁ, ''ପୂରା ପହଁରା ବା ଶିଖାଇ ପାରିଲି କାହିଁ ?'' ସେ ମଧ୍ୟ ଉତ୍ତର ଚାହୁଁ ନଥିଲେ । ତାଙ୍କ କଥାରେ କିନ୍ତୁ ଅତିରଞ୍ଜନ ନଥିଲା ।

ପିଲାଟାର ଯେମିତି ରୂପରେଖ ସେ ଆଙ୍କିଲେ ସେଥିରେ ଲିଭି ଲିଭି ଯାଇଥିବା ଛବିଟା ପୁଣି ସ୍ପଷ୍ଟ ଓ ଜୀବନ୍ତ ହୋଇ ଉଠିଲା । ମୁଁ ନିଜକୁ ଧିକ୍କାର କଲି; ସେ ପିଲାଟାକୁ ବାଦ୍‌ଦେଇ ଏ ଉତ୍ସବଟାକୁ ଏତେ ଆଡ଼ମ୍ବରମୟ କଲି କାହିଁକି ?

ମୋ ଉପରେ ବାସୁକୀର ଭାର। । ଏକୁଟିଆ ଲୋକ; ସାହା ସାହସ ବଡ଼ କମ୍ । ପିଲାଙ୍କ ପକ୍ଷରେ, ବାପା କହିଲେ ମୁଁ, ମାଆ କହିଲେ ମୁଁ । ପୁଣି ନିଜର ନା ତାତ ନା ମାତା । ବାହାଘର କଥା । କାହାରି କାହିଁରେ ଊଣା ହବ ନାହିଁ । ଭାଇଭଉଣୀ ବନ୍ଧୁବାସ ସମସ୍ତେ ଟାକି ରହିଛନ୍ତି ଯେଝା ପାଉଣାକୁ । ସାଇପଡ଼ିଶା ପିଠା ଖାଇବାକୁ, ବିନ୍ଧ ଗଣିବାକୁ । ବରଯାତ୍ରୀ ତ ସହଜେ ବଜ୍ଜାତ୍ । ଏତେ କାର୍ଯ୍ୟବ୍ୟସ୍ତ, ଏତେ ମୁଣ୍ଡଭାରି ଯେ ଏଠି ଦଣ୍ଡେ ଠିଆ ହେଲେ କେଜାଣି ଟିକିଏ ଭଲ ଲାଗନ୍ତା; କିନ୍ତୁ ମୁଁ ଯେ ସର୍ବମୟ କର୍ତ୍ତା । ଏଠି ଠିଆ ହେଲେ ସିଆଡ଼େ ସବୁ ଅଟକି ଯିବ । ନାନ୍ଦୀମୁଖୀ ଶ୍ରାଦ୍ଧ ସାରି ଧୂଆଁ ଓ କୋଳାହଳରୁ ଖସିଆସି ଟିକିଏ ବାରିପଛପଟ ପୋଖରୀ କୂଳର ନିରୋଳତା ଓ ନିର୍ମଳତା ଉପଭୋଗ କରୁଥିଲି; ମୋଡ଼ି ଭାଙ୍ଗି ହେଉଥିଲି ଏବଂ ପରବର୍ତ୍ତୀ କଠୋର ସଂଗ୍ରାମ ଓ ସାଧନାପାଇଁ ଟିକିଏ ଦମ୍ ସଂଗ୍ରହ କରୁଥିଲି ; କିନ୍ତୁ ଶ୍ରୀମତୀ ସରକାର ମୋର ସମସ୍ତ ଫୁରସତ ସମୟତକ ଖାଇଗଲେ ।

ମୁଁ ଯେତେ ଅନ୍ୟମନସ୍କ ହେଲେ ବି ସେ ମୋତେ ତାଙ୍କ କଥା ଓ ପ୍ରଶ୍ନ ଆଡ଼କୁ ଟାଣି ନେଉଥିଲେ । ତାଙ୍କୁ ହଠାତ୍ ଛାଡ଼ି ଏଡ଼ାଇ ଯିବା ମୋ ପକ୍ଷରେ ଭଦ୍ରାମି ହେବ ନାହିଁ, ସମ୍ଭବ ନୁହେଁ ମଧ୍ୟ, ତାଙ୍କ ସହିତ ମୋର ସମ୍ବନ୍ଧ ଦୃଷ୍ଟିରୁ । ବଡ଼ ଦରଦୀ, ସ୍ନେହୀ ସ୍ତ୍ରୀ ଲୋକଟି । ଆଖି ଦୁଇଟା ଏମିତି ଯେ ସ୍ୱର୍ଗର ସବୁ ଦୟା, ଅନୁକମ୍ପା ଯିମିତି ସେଥିରୁ ଝରି ପଡୁଛି । ପୁଣି ମୁହଁରେ ଗୁଡ଼ାଏ ଅମୃତ । ତା'ଛଡ଼ା ମୁଁ ଜାଣିଥିଲି, ସେ ବି ମୋ ପରି ଦୁଃଖୀ, ହୀନକପାଳୀ । ଦୁହିଁଙ୍କ ଦୁର୍ଦ୍ଦଶା ଦୁର୍ବିପାକ ସମାନ ଧରଣର । ତେଣୁ ଆମେ ଏତେ ଆତ୍ମୀୟ ଅନ୍ତରଙ୍ଗ ।

''ବାପା ! ଆଉ କେତେବେଳଯାଏ ତା' ସାଙ୍ଗରେ ଛିଡ଼ା ହୋଇ ଗପୁଥିବ ? ପାଟି ଥକି ଯିବ ଯେ । ଘର ଭିତରକୁ ଆସ । ପିଉସା (ପୁରୋହିତ) ଡାକୁଛନ୍ତି । ବାଟବରଣ ସରଞ୍ଜାମ ନେଇ ଫାଟକ ପାଖକୁ ଯାଅ ।'' ଶ୍ରୀମତୀ ସରକାର ସାମାନ୍ୟ କାଲ, ତେଣୁ ଟିକିଏ ଜୋରରେ କଥା କହିବାକୁ ପଡ଼େ । ଝିଅ ସେଇ କଥାକୁ ଲକ୍ଷ୍ୟ ରଖି ''ପାଟି ଥକି ଯିବ'' କହିଲା ।

ମୋ ଛୁଆ ପିଲାଏ ବା ବନ୍ଧୁବାନ୍ଧବ ଶ୍ରୀମତୀ ସରକାର ବା ତାଙ୍କ ବଂଶ ପ୍ରାଣୀଙ୍କି

Digitized by srujanika@gmail.com

ଭଲ ଆଖିରେ ଦେଖନ୍ତି ନାହିଁ । ଯୁଗ ଯୁଗ ଧରି ଓଡ଼ିଆ–ବଙ୍ଗାଳୀ ବିଦ୍ୱେଷ ଯିମିତି ଅସ୍ଥିମଜ୍ଜାଗତ ହୋଇଯାଇଛି ସେମାନଙ୍କର । ମୁରବୀ ସ୍ତରରେ କେତେକ ସ୍ଥଳରେ ସହୃଦୟତା ଓ ଆତ୍ମୀୟତା ଯଥେଷ୍ଟ ମାତ୍ରାରେ ଥିଲେ ବି ତାଙ୍କ ପିଲାଝିଲାଏ ଓ ମୋ ପିଲାଏ ଏକାଠି ହେଲେ ଓଡ଼ିଆ–ବଙ୍ଗାଳୀ କଳି ଆରମ୍ଭ ହୋଇଯାଏ । ତାଙ୍କ ସ୍ତୁଆଏ ମୋ ସ୍ତୁଆଙ୍କୁ ଗାଳି ଦେବାର ଆରମ୍ଭ କରନ୍ତି, 'ଉଡ଼େ' କହି ଅର୍ଥାତ୍ ଉଡ଼ନ୍ତା ଚଢ଼େଇ । ''ସେମାନେ କଲିକତା ପାଣି କଳରେ କୁଲି କାମ କରନ୍ତି, ଚାହାଳ ରଙ୍ଗ କରନ୍ତି ।'' ଶେଷକୁ ''ଭୋକେ ଓଡ଼ିଆ ନିଦଯାଏ, ଭୋକେ ବାଙ୍ଗାଲୀ ଗୀତ ଗାଏ'' ପର୍ଯ୍ୟନ୍ତ ତାଙ୍କ ପୂର୍ବପୁରୁଷେ ତାଙ୍କୁ ଯାହା ଲେଖି କହି ଶିଖାଇଛନ୍ତି । ଆମ ପିଲେ ବି ନଛୋଡ଼ବନ୍ଧା । 'ଦାରୁନ୍ ଫୁଟାନିଆ' ରୁ ଆରମ୍ଭ କରି 'ବଙ୍ଗାଳୀ ଟଙ୍ଗଟଙ୍ଗାଳି ଟେଙ୍ଗରା ମାଛ ଖାଥ' ପର୍ଯ୍ୟନ୍ତ ଏବଂ ଶେଷରେ ନାନା ଅଶ୍ଳୀଳ ପ୍ରତିବଚନ ପ୍ରୟୋଗ କରନ୍ତି । ପରସ୍ପରକୁ ଟାହୁଲିଟାପରା, ଚିଡ଼ାଚିଡ଼ି କରୁକରୁ ଗାଳିଗୁଲଜ, ଝଗଡ଼ା, ମାରପିଟ ପର୍ଯ୍ୟନ୍ତ  ଯାଏ । ଅବଶେଷରେ ବଡ଼ ବଡ଼ିଆଏ ଭର୍ତ୍ସନା କରି ଯେଝା ସନ୍ତାନ ସନ୍ତତିଙ୍କି ଘର ଭିତରକୁ ନେଇଯାଆନ୍ତି । ବଙ୍ଗାଳୀ ସାହିରେ ଘରଭଡ଼ା ନେଇଛି । ପୁଣି ବଙ୍ଗାଳୀ ଘରେ ଥାଏ ତଳ ମହଲାରେ । ଏଣୁ ଖଣ୍ଡାଧାରରେ ମୋତେ ଚାଲିବାକୁ ପଡ଼େ । କେତେବେଳେ କେଉଁ କଥା ! ଶିଷ୍ଟାଚାର, ପ୍ରତିବେଶୀତ୍ୱ, ମନୁଷ୍ୟତା, ଶିଷ୍ଟତା ବୋଲି ତ କଥାଗୁଡ଼ାଏ ଅଛି ।

ମୋ ପିଲାଏ ଶ୍ରୀମତୀ ସରକାରଙ୍କୁ ଭଲ ପାଆନ୍ତି, ଏକଥା ମୁଁ କହି ପାରୁନି । ମୋର କିନ୍ତୁ ତାଙ୍କ ପ୍ରତି ଅଗାଧ ସ୍ନେହ ଓ କୃତଜ୍ଞତା । ମୋ ସହିତ କଥାବାର୍ତ୍ତା କଲାବେଳେ ସେ ଟିକିଏ ହାକିମାତି ବି କରିଥାନ୍ତି । ତାଙ୍କର ମୃଦୁ ଭର୍ତ୍ସନା ମୋତେ ମିଠା ଲାଗେ । ପରିବାରର ଅନ୍ୟାନ୍ୟ ସଭ୍ୟମାନଙ୍କ ଭିତରେ ନାନା ବାଦବିସମ୍ବାଦ ହୁଏ । ହିଂସା, କ୍ରୋଧ, ଦ୍ୱେଷ, ଘୃଣା ଆଦି ନାନା ଦୁର୍ଗୁଣ ପ୍ରକାଶ ପାଇଥାଏ ସେମାନଙ୍କ ଚାଲିଚଳନ, ଆଚାର ବ୍ୟବହାରରେ । କିନ୍ତୁ ଶୀମତୀ ସରକାର ଏ ସବୁର ଊର୍ଦ୍ଧ୍ୱରେ । ସେ ବୁଝନ୍ତି କେବଳ ଗୋଟାଏ ସଂପର୍କ । ମା ଓ ପିଲାର ସଂପର୍କ କଥା । ସ୍ନେହ, ଶ୍ରଦ୍ଧା, ବାତ୍ସଲ୍ୟ ଛଡ଼ା ଦୁନିଆରେ ନାରୀ ହୃଦୟରେ ଆଉ କିଛି ନାହିଁ ଯିମିତି । ଏଇ ଆଦର ହିଁ ମାଆଦୁଧ ଆକାରରେ ଝରି ଶିଶୁକୁ ପରିପୁଷ୍ଟ କରି ମଣିଷ ଜାତି ଗଢ଼େ । ମାଆ ନ ଥିବା 'ଓଇ ଛେଲେଟା' ପ୍ରତି ତାଙ୍କର ସମସ୍ତ ସ୍ନେହଶ୍ରଦ୍ଧା ସେ ଅଜାଡ଼ି ଦେଇଥିଲେ ସେଇଥିପାଇଁ ବୋଧହୁଏ । ତାକୁ ସେ ହଳଦୀ ତେଲ କରିଛନ୍ତି, ଜାକିମାଡ଼ି ବା ସୁଦୁରାଇ ଦୁଧ ଖୁଆଇଛନ୍ତି, ବଙ୍ଗଳାଗୀତ ଓ ଗପକୁ ଓଡ଼ିଆ କରି ଶୁଣାଇଛନ୍ତି । ତିନିବର୍ଷ ଧରି ପାଳିଥିଲେ ତାକୁ । ମାଆ ଛେଉଣ୍ଡର ଆକସ୍ମିକ ଅନ୍ତର୍ଦ୍ଧାନରେ ସେ ମୁହ୍ୟମାନ ହୋଇ ଯାଇଥିଲେ ଏବଂ ଆମର ସେଇ ''ଆସିବେ, ଆସିବେ, ଛଗୁର ଆସିବେ' କଥା ପଦକ ତାଙ୍କୁ ଆଶା ଓ ଆଶ୍ୱାସ ଦେଇଥିଲା ।

ଦୁଇ ତିନିଟା ବଡ଼ ବଡ଼ ପାରିବାରିକ ମିଳନ ଉତ୍ସବରେ ମଧ 'ଓଇ ଛେଲେଟା'କୁ ଦେଖିବାକୁ ନ ପାଇ ତାଙ୍କର ନୈରାଶ୍ୟ ଅଭିମାନ ଟିକିଏ ବଢ଼ିଯାଇଛି । ଖୁବ୍ ରାଗିଯାଇ

Digitized by srujanika@gmail.com

ସେ ବକ୍ତୃତା କଲେ, "ତୁମେ ସବୁ ପୁରୁଷ ଲୋକ ଛୁଆପିଲା ଜନ୍ମ କରି ଜାଣ, କିନ୍ତୁ ତାଙ୍କ କଥା କିଛି ବୁଝନାହିଁ । ତୁମେ ତା'ର ବାପ, ମା' ଛେଉଣ୍ଡ ପିଲାଟା କେଉଁଠି ରହୁଛି, କି ଖାଉଛି ନ ଖାଉଛି କିଛି ନ ବୁଝି କିମିତି ନିଶ୍ଚିନ୍ତ ରହିଛ ? ତା'ଛଡ଼ା ଏତେ ବଡ଼ ଗୋଟାଏ ବାହାଘର । ତା' ମାଆ ବଞ୍ଚିଥିଲେ କାନ ନାକ ରଗଡ଼ି ସେ ପିଲାକୁ ଅଣାଇଥାନ୍ତା ।"

ବୋକାଙ୍କ ପରି ଦୁଇଥର 'ଆସିବ' 'ଆସିବ' କହି ଘର ଭିତରକୁ ପଶି ଆସୁଥିଲି । ସେ ମୋ ପଛେ ପଛେ କହି କହି ଆସିଲେ, "ତୁମେ ସବୁ ମାଛ, ମାଂସ, ପଲାଉ, ପାନତୁଆ, ରସଗୋଲା ଖାଇବ । ସେ ତ କିଛି ଖାଇ ପାରିଲା ନାହିଁ, ତୁମେ ଭାବିଛ ସେ ସବୁ ମୋତେ ରୁଚିବ ? ପିଲାଟା ଯଦି ଆସିଥାନ୍ତା ମୁଢ଼ି, କାକୁଡ଼ି, ଲଙ୍କା, ସୋରିଷ ତେଲ ଖାଇଥିଲେ ବି ଇଲିଶି ପରି ଲାଗିଥାନ୍ତା । ଯାହା କରିବ କର, କିନ୍ତୁ ତାକୁ ଆଗ ଅଣାଅ, ନହେଲେ ତୁମର ଏ ବାହାଘରର କିଛି ମୂଲ୍ୟ ରହିବ ନାହିଁ ।" ଏ ଛୋଟ ବକ୍ତୃତାଟି ଏକା ନିଃଶ୍ୱାସରେ ଦେଇ ସିଧା ଦାଣ୍ଡ ପିଣ୍ଡାକୁ ବାହାରିଗଲେ ଯେଉଁଠି ଚାହୁଆ ତଳେ ପିଲାପିଲିଙ୍କ କୋଳାହଳ ଶୁଭୁଥାଏ ।

'ଓଇ ଛେଲେଟାକେ' ପାଇବାର, ଦେଖିବାର ଆଗ୍ରହ ଯେ ମୋର ଊଣା ଥିଲା ତାହା ନୁହେଁ । ସେ ଆଗ୍ରହକୁ ପରିସ୍ଥିତି ଦୃଷ୍ଟିରୁ ନାନା ଚାପ ଦେଇ ମୁଁ ଘୋଡ଼ାଇ ରଖିଥିଲି ଯିମିତି ଅନ୍ତତଃ ଏ ମଧୁମୟ ମଙ୍ଗଳୋତ୍ସବରେ ନ ବାହାରେ । ଶ୍ରୀମତୀ ସରକାର ତ ତାକୁ ଦେଖିବାକୁ ପାଇଲେ ନାହିଁ, ମୁଁ କାହିଁକି, ଘରର ସମସ୍ତେ ତା'ର ସୁମଧୁର ସାନ୍ନିଧରୁ ବଞ୍ଚିତ ହେଲେ । ମାତ୍ର ଶ୍ରୀମତୀ ସରକାରଙ୍କର ଜିଜ୍ଞାସା, ଅନୁସନ୍ଧିତ୍ସା ମୋର ଅବଚେତନକୁ ତା'ର ସ୍ମୃତିକୁ ଏମିତି ଭାବରେ ଓଟାରି ଆଣିଲା ଯେ ତାକୁ ମସ୍ତିଷ୍କର ଅନ୍ତଃତମ ପ୍ରଦେଶକୁ ପୁଣି ଫେରାଇ ଦେବା ଅସମ୍ଭବ ହେଲା, ବରଂ ତାହା କଲାବେଳକୁ ଦ୍ୱିଗୁଣ ପରାକ୍ରମରେ ତାହା ମୁହୁର୍ମୁହୁ ପ୍ରଚଣ୍ଡ ଆକ୍ରମଣ ଓ ତୀବ୍ର ଦଂଶନ କଲା । ତଦ୍ଧିତ ଅବସ୍ଥାରେ ଘୂରା ଫେରା କଲା ପରି ମୋତେ ଲାଗିଲା ଏବଂ ସବୁ କଥା ଓ କାର୍ଯ୍ୟରେ ମୁଁ ସେଇ ପିଲାଟିର ସାନ୍ନିଧ ଅନୁଭବ କଲି, ଏପରି କି ଦେଖି ପାରିଲି ।

ଗୁଡୁମ, ଗୁଡୁମ, ଗୁଡୁମ । ବୋମା ଫୁଟିଲା । ବର ଆସୁଛି । ଅସଂଖ୍ୟ ବୋମା । ପ୍ରତି ବୋମାର ଶବ୍ଦ ଅସଂଖ୍ୟ ହୃଦୟରେ ବିଭିନ୍ନ ପ୍ରତିକ୍ରିୟା ସୃଷ୍ଟି କରି ସ୍ପନ୍ଦନକୁ ବଢ଼ାଇ ଦେଲା । 'ଏଇଟା ଆଣ', 'ସେଇଟା ଦିଅ', 'ଏଠି ରଖି', ସେଠାକୁ ନିଅ, 'ଶୀଘ୍ର କର', 'ଡେରି ହୋଇ ଯାଉଛି', 'ଆସି ଗଲେ ଯେ' ଚିତ୍କାର କ୍ରମେ କ୍ରମେ ବେଶି ହେଲା ଓ ପୁରୁଷଙ୍କ ଧାଁ ଧପଡ଼ ବଢ଼ିଯିବା ସଙ୍ଗେ ସଙ୍ଗେ ନାରୀ ମହଲରେ ଅଚାନକ ତତ୍ପରତା ଦେଖାଗଲା ଓ ରୂପସଜାର ପ୍ରତିଯୋଗିତା ତ୍ୱରାନ୍ୱିତ ହେଲା । ଶଙ୍ଖ ହୁଳହୁଳି ପାଇଁ ଫାଟକ ପର୍ଯ୍ୟନ୍ତ ଯିବାକୁ ପଡ଼ିବ, ପୁଣି ଅତିଥି ଅଭ୍ୟାଗତ ଆଗନ୍ତୁକଙ୍କ ପ୍ରଶଂସମାନ ବା ସମାଲୋଚନା ପ୍ରବଣ ଚକ୍ଷୁ ସମକ୍ଷରେ ଆଲୋକ ଉଦ୍ଭାସିତ ରାଜ ଦାଣ୍ଡରେ ଛିଡ଼ା ହେବାକୁ ପଡ଼ିବ । ଗହଣାଗାଣ୍ଠିର ରୁଣୁଝୁଣୁ ସାଙ୍ଗକୁ ଶାଢ଼ିର ରଣସଣ ଶବ୍ଦ ଏବଂ ଅତର ସ୍ନୋ ପାଉଡ଼ରର

Digitized by srujanika@gmail.com

ତୀବ୍ର ମହକ ସହିତ ପଲାରେ ପାୟସର ସୁଗନ୍ଧ ଏପରିକି ବାଟଗଲା ଦେଖଣାହାରୀଙ୍କ ପର୍ଯ୍ୟନ୍ତ ଚାଲିଗଲା ।

ରୂପ, ବିଭବ, ଆନନ୍ଦ ଓ ଆଲୋକର ବିପୁଳ ସମ୍ଭାର ଓ ମନୋଜ୍ଞ ପରିବେଶ ଭିତରେ ଦୁର୍ବାକ୍ଷତଗୁଡ଼ାକ ନେଇ ବାଟବରଣକୁ ବାହାରିଲି, କିନ୍ତୁ ମୋତେ ଜଣାଗଲା ସର୍ବମୟ ଆନନ୍ଦ କୋଳାହଳରେ ସୁବିସ୍ତୃତ ସ୍ରୋତରେ ମୋତେ ଉଜାଣି ଉଠିବାକୁ ପଡୁଛି । ହେଞ୍ଜେଡାଙ୍କ 'ଜୀବନ-ଯମୁନାରେ ଜୁଆର ଆସେରେ, ଗୀତ ତଥା ଉନ୍ମାଦ ନୃତ୍ୟର ତାଳରେ ନାଚୁଥିବା ଶିଶୁବାଳକଙ୍କ ମଧ୍ୟରେ ମୋ ଆଖି ଖୋଜି ବୁଲିଲା ସେଇ ପିଲାଟିକୁ । ବର୍ଣ୍ଣାଢ୍ୟ ରୋଷଣୀ ଓ ରଙ୍ଗବେରଙ୍ଗ ବୈଦ୍ୟୁତିକ ଆଲୋକରେ ରୂପାନ୍ତରିତ ଅଗଣିତ ବାଳକ ବାଳିକାଙ୍କ ଭିତରେ ଆଖି ଖୋଜି ବୁଲୁଥିଲା ସେଇ ପିଲାଟିକୁ, ବେଣ୍ଡର ତାଳେ ତାଳେ ନୃତ୍ୟରତ ଶିଶୁଙ୍କ ଭିତରେ ସେଇ ପିଲାର ନୃତ୍ୟଚପଳ ପାଦ ଦୁଇଟିକୁ । ସ୍ୱପ୍ନଜାଗ୍ରତ ଅବସ୍ଥାରେ ବାଟବରଣ ସରିଲା । ଆଗନ୍ତୁକମାନେ ମୋର ବିଷର୍ଣ୍ଣ ମୁଖ ଓ ବିଚିତ୍ର ଆଚରଣର କାରଣ ସ୍ୱରୂପ ବୋଧହୁଏ ଭାବିଥିବେ ଆସନ୍ନ କନ୍ୟା ବିଦାୟକୁ ।

ବୁଢ଼ା ଆଙ୍ଗୁଳି ଧରି ବରକୁ ବେଦୀକୁ ନେଲାବେଳେ ଶଙ୍ଖ ହୁଳହୁଳି ଦେଉଥିବା ନାରୀ ଓ କନ୍ୟାମେଳରେ ଶ୍ରୀମତୀ ସରକାର ନ ଥିଲେ । ବେଦୀରେ ବରକୁ ବସାଇ ଦେଇ କାର୍ଯ୍ୟାନ୍ତରରେ ଘର ଭିତରକୁ ଯାଇଛି, ଭେଟିଲି ଶ୍ରୀମତୀ ସରକାରଙ୍କୁ । ସେ ବାଟବରଣକୁ ଯାଇନାହାନ୍ତି । ମୁଁ ଦେଇଥିବା ଓସାର ନାଲି ଧଡ଼ିର ଶାଢ଼ିଟି କାନ୍ଧ ଉପରେ ପକାଇ ସେ ଦ୍ୱିତୀୟ ଦୁଆରରେ ଛିଡ଼ା ହୋଇ କାହାକୁ ଖୋଜୁଥାନ୍ତି । ମୋ ଆଡ଼କୁ ଅଶ୍ରୁଳ ଚାହାଣି ଦେଇ କହିଲେ- 'କୋଇ ଓଇ ଛେଲେଟା ତ ଏଖନ ଓ ଆସେନି ?' ମୁଁ ହଠାତ୍ ଚିଡ଼ିଯାଇ କହିଲି ''କ'ଣ ଆପଣ ଓଇ ଛେଲେଟା ଓଇ ଛେଲେଟା' ଭଜି ଭଜି ବୁଲୁଛନ୍ତି ! ଶାଢ଼ିଟା ପିନ୍ଧି ଦିଅାଥୁଆ କାମ ତଦାରଖ କରନ୍ତୁ । ଶୁଭ କାମଟାକୁ ଏମିତି ନଷ୍ଟ କରନ୍ତୁ ନାହିଁ ।'' ମୋ କଥା ବୁଝିଲା ଭଙ୍ଗୀ ଦେଖାଇ 'ଆଚ୍ଛା' କହି ଚାଲିଗଲେ ସେ ଅନ୍ତଃପୁରକୁ ।

ବାହାଘରର ଧୂମଧାମ, ପୂଜାମନ୍ତ୍ର ଉଚ୍ଚାରଣ, ବାଜା ମହୁରୀର ନିନାଦ, ବେଣ୍ଡ ବାଜାରେ ସିନେମା ସଙ୍ଗୀତର ପରିବେଷଣ, ଗୋଟିପୁଅ ନାଚ, ଡାକବାଜି ଯନ୍ତ୍ରର କର୍ଣ୍ଣକଟୁ ଶବ୍ଦ ସାଙ୍ଗକୁ ଭୂପୃଷ୍ଠର ଅପୂର୍ବ ଆଲୋକସଜ୍ଜା ସହିତ ବୈଶାଖୀ ଆକାଶରେ ତାଳ ଦେଉଥିବା କଟକୀ ଉଷ୍ମାନଗୋଲା ଓ ହାବେଳୀର ହର୍‌ରଙ୍ଗୀ ନକ୍ଷତ୍ରମାଳା ଉଭୟ ବରକନ୍ୟା ପକ୍ଷର ସମ୍ବର୍ଦ୍ଧିତ ଉଲ୍ଲାସ ଓ ଆଡ଼ମ୍ବର ଦର୍ଶକବର୍ଗଙ୍କୁ ଚକିତ ଅଭିଭୂତ କରୁଥିଲା ବେଳେ ଘର ଭିତରେ ଛାୟାମୂର୍ତ୍ତି ପରି ଇତସ୍ତତଃ ଏ ଘର ସେ ଘର ଘୂରି ବୁଲୁଥିବା ଶ୍ରୀମତୀ ସରକାରଙ୍କ ପ୍ରହେଳିକାମୟ ଆଚରଣ ନାରୀ ମହଲରେ ବିସ୍ମୟ ସୃଷ୍ଟି କରୁଥିଲା ।

ଯେଉଁଠି ଦଳେ ପିଲା ଭୂରି ଭୋଜନରତ ସେଇଠି ଶ୍ରୀମତୀ ସରକାର ଖୋଜି ବୁଲିଲେ 'ଓଇ ଛେଲେଟା' କୁ । ଲବଣଚାମରୀ, ହାତଗଣ୍ଠି, ଖଇପୋଡ଼ା ଆଦି ପ୍ରତ୍ୟେକ କର୍ମାଙ୍ଗ ବେଳକୁ ପିଲାଝିଲାଙ୍କ ମେଳା ଆରମ୍ଭ ହେଲା ମାତ୍ରେ ଶ୍ରୀମତୀ ସରକାର ପହଞ୍ଚିଯାଇ

Digitized by srujanika@gmail.com

ଖୋଜି ବୁଲିଲେ 'ଓଇ ଛେଲେଟା' କୁ । ସର୍ବତ୍ର ପରିଷ୍କାର ପରିଚ୍ଛନ୍ନତା ଓ ବର୍ଣ୍ଣ ବୈଭବର ଲୀଳାଖେଳା ଭିତରେ ସେ ଏକାକିନୀ ପୁରୁଣା ଲୁଗାଟାକୁ ପିନ୍ଧି ଆଲୁଳାୟିତ କୁନ୍ତଳ ହୋଇ ପାଗଳୀ ପରି ଏଣେ ତେଣେ କ'ଣ ଯେ ଖୋଜି ବୁଲୁଥାନ୍ତି ତାହା ତାଙ୍କୁ ଜଣା, ଆଉ ଜଣା ମୋତେ ।

ଅବଶେଷରେ ଯାଇ ପହୁଞ୍ଚିଲେ ପୁଷ୍ପମାଳା ବିଭୂଷିତକଣ୍ଠ ହୋଇ ଉପବେଶନ କରିଥିବା ବର ପାଖରେ । ଆଠ ନଅ ବର୍ଷର ସୁନ୍ଦର ଗୁଲୁଗୁଲିଆ ମାର୍କଣ୍ଡିଆ ପିଲାକୁ ଦେଖି ତା' ପାଖକୁ ଯାଇ କାନ ପାଖରେ ସ୍ନେହ ବିଗଳିତ କଣ୍ଠରେ ପଚାରିଲେ, "ତୋର ନାଆଁ କ'ଣ ?" ସେ ଭାବିଥିଲେ 'ଓଇ ଛେଲେଟା' ହୁଏତ ବରଧରା ଯାଇଥିବ; କିନ୍ତୁ ତାଙ୍କର ସମସ୍ତ ସ୍ନେହାର୍ଦ୍ର ସମ୍ଭାଷଣ ପ୍ରତ୍ୟାଖ୍ୟାନ କରି ପିଲାଟି ରୂଢ଼ କର୍କଶ ଗଳାରେ ଯିମିତି 'ଗୌତମ' ବୋଲି କହିଲା ସେ ନିରାଶ ହୋଇ ଫେରିଲେ ।

'ଓଇ ଛେଲେଟା ଆସେ ନି ?' 'ଓଇ ଛେଲେଟା କୋଥାୟ ?' ମନ୍ତ୍ରମୁଗ୍ଧ ହୋଇ ଏମିତି ପ୍ରଶ୍ନ ପଚାରି ଘର ଭିତରେ ବ୍ୟତିବ୍ୟସ୍ତ ହୋଇ ଯା'ଆସ କରୁଥିଲା ବେଳେ ଯଦି କେହି ଆଗନ୍ତୁକା ପଚାରେ- 'ଇଏ କାହାକୁ ଖୋଜୁଛନ୍ତି ?' ମୋ ଲୋକଙ୍କ ଭିତରୁ କେହି କାନ ପାଖରେ ଅନୁରୂପ ମୁଖଭଙ୍ଗୀ ସହିତ କହନ୍ତି, କାହିଁକି ତା' କଥା ପଚାରୁଛ ? ପାଗଳୀ ଛିଟା ତା'ର ରହିଯାଇଛି । କେତେ ବର୍ଷ ତଳେ ସେ ଏକାବେଳେ ପାଗଳୀ ହୋଇ ଦାଣ୍ଡଘାଟରେ ଲଙ୍ଗଳା ହୋଇ ଏଣେତେଣେ ବୁଲୁଥିଲା । ରେଳ ତଳେ ଥରେ ଡ଼େଇଁ ପଡ଼ିଥିଲା । ସେ ବହୁତ କଥା । ପରେ ଜାଣିବ ।"

ରାତି ପ୍ରାୟ ଦୁଇଟା । ବାହାଘର ସରିଯାଇଛି । ମୁର୍ଦ୍ଦାର ପରି ସମସ୍ତେ ଶୋଇ ଯାଇଛନ୍ତି- କର୍ମକ୍ଳାନ୍ତ, ଆନନ୍ଦକ୍ଳାନ୍ତ ଅଥବା ଭୋଜନକ୍ଳାନ୍ତ ହୋଇ । ଲମ୍ୱତମ୍ୱ ହୋଇ ପଡ଼ି ଯାଇଛନ୍ତି ଏ ଘରେ, ସେ ଘରେ, ଗଳିରେ, ବାରଣ୍ଡାରେ, ଚାନ୍ଦୁଆ ତଳେ, ବେଦୀ ଉପରେ । ଆଲୁଅ ଗୁଡ଼ାକ ସଂଯମୀ ପରି ଚାହିଁ ରହିଛନ୍ତି । ଯେତେବେଳେ ଭୂତମାନଙ୍କର ଘୋର ନିଶାକାଳ । ସର୍ବତ୍ର ଶୂନଶାନ । ପଙ୍ଖାଗୁଡ଼ାକ ଜାଗ୍ରତ ପ୍ରହରୀ ପରି ହ୍ୟାଦ୍ ହ୍ୟାଦ୍ କରି ମଶାଗୁଡ଼ାକୁ ଘଉଡ଼ାଇବାରେ ଲାଗିଛନ୍ତି । ଯେଉଁ ଲୋକ ଦୁଇଟା ଅଧିକା ମଜୁରିରେ ଡେୟାର ଜଗିବା କାମରେ ଥିଲେ ସେମାନେ ବି ଶୋଇ ଗଲେଣି । ଭରତଙ୍କ ଅଭିଶପ୍ତ ମଣିଷଙ୍କ ପରି ଯେଉଁ ଲୋଭୀ ଅସନ୍ତୁଷ୍ଟ କୁକୁରଗୁଡ଼ାକ ଘାଉ ଘାଉ ହୋଇ ରାତିକୁ ବିକଟତର କରୁଥିଲେ ସେମାନେ ବି ଶୋଇ ଅଇଁଠା ପତରର ସ୍ୱପ୍ନ ଦେଖୁଛନ୍ତି ।

ଏକା ଶ୍ରୀମତୀ ସରକାର ଜାଗ୍ରତ । ପୁତ୍ର ଶୋକବିଧୁରା ସୁଭଦ୍ରା ବି ବୀରଶିଶୁ ଅଭିମନ୍ୟୁକୁ କୁରୁକ୍ଷେତ୍ର ରଣପ୍ରାଙ୍ଗଣରେ ଏକାକିନୀ ସତର୍କ ପଦକ୍ଷେପରେ ଲୁଚିଛପି ଏମିତି ଅନୁସନ୍ଧାନ କରି ନଥିବେ, ଯିମିତି ଶ୍ରୀମତୀ ସରକାର ସୁଷୁପ୍ତ ଶିଶୁମାନଙ୍କ ଭିତରେ 'ଓଇ ଛେଲେଟା'କୁ ନିରିଖି ନିରିଖି ଖୋଜି ବୁଲୁଥିଲେ । ହେଲେ 'ଓଇ ଛେଲେଟା' ର ପ୍ରତିଛବିର କୌଣସି ସନ୍ଧାନ କାହା ମୁହଁରେ ପାଇଲେ ନାହିଁ । ଗତ ରାତ୍ରିଯାକ ଏଇ କାମରେ ସେ

Digitized by srujanika@gmail.com

ଅନିଦ୍ରା । ଆଜି ବି ନିରବଚ୍ଛିନ୍ନ ସାଧନା ଓ ଅନୁସନ୍ଧାନ ଚାଲୁ ରହିଛି ।

ଷ୍ଟୋରରୁମ୍‌ର ଗୋଟାଏ କଣରେ ମୋ ଭଉଣୀ ତା'ର ଦଶବର୍ଷର ପୁଅକୁ ଧରି ଶୋଇଥିଲା । ସିଏ ଆସିବା କଥା କିଏ ଜାଣିଛି, କିଏ ଜାଣିନି । ବାହାଘର ଅଧାଅଧି ହେଲା ବେଳକୁ ଆସି ପହୁଞ୍ଚିଲେ, ଟେକ୍‌ସି ବା ଯାନବାହନର ଅସୁବିଧା ହେତୁ । ତା' ସହିତ କଥାବାର୍ତ୍ତା କରିବା ପାଇଁ ମୁଁ ବି ଫୁରସତ୍ ପାଇନଥିଲି । ମଫସଲରେ ତା' ଘର । ଛଅ ସାତ ବର୍ଷ ପରେ ସେ ଆସିଛି ।

ଚାରିଆଡ଼ୁ ନିରାଶ ହୋଇ ଶ୍ରୀମତୀ ସରକାର ତା' ପାଖରେ ଯାଇ ପହଞ୍ଚିଲେ । ଶୋଇଥିବା ଭଣଜାଟିକି ଭଲ କରି ଦେଖି ଆନନ୍ଦାଶ୍ରୁପ୍ଲୁତ ନୟନରେ କହିଲେ, "ଏଇ ଯେ । ଏଥର ପାଇଛି । ବହୁତ ଡ଼େରିରେ ଆସି ପହଞ୍ଚିଲା ।" ନିଦ୍ରିତ ଭଣଜା ପିଲାଟିକି ଚୁମ ଦେଇ ଚେତା କରିଦେଲେ । ଭଉଣୀ ଧଡ଼୍‌ପଡ଼୍ ହୋଇ ଉଠିବସି ନିଦ୍ରାଳୁ ଆଖିରେ ଯିମିତି ଦେଖି ଦେଇଛି ତାକୁ ଡାଆଣୀ ଭ୍ରମ ହେଲା ବୋଧହୁଏ । ପଚାରିଲା, "ଏ କ'ଣ କରୁଛ ? ନିଦେଇଲା ଛୁଆକୁ ଚୁମ ଦିଅନ୍ତି ?" ଶ୍ରୀମତୀ ସରକାର କହିଲେ, ଓଇ ଛେଲେଟାକୁ କେତେ ଖୋଜିଲାଣି । ଏଥର ପାଇଛି । ଯାକୁ ଏଠି ଲୁଚାଇଛ ? ମୋ ମନ କଥା କେହି ବୁଝିବେ ନାହିଁ ।" ଭଉଣୀ କହିଲା, "କାହାକୁ ଖୋଜୁଛ ? ଏ ପରା ମୋର ସାନପୁଅ କୁନୁ ।"

"କ'ଣ କହିଲ ? କୁନୁ ! ମୁନୁ ନୁହେଁ ?"

"କେଉଁ ମୁନୁକୁ ଖୋଜୁଛ ।"

"କାହିଁକି କି ? ଶତପଥୀ ବାବୁର ମୁନୁ । ମୋର ମୁନୁ । ତା' ବାପା, ଭାଇ, ଭଉଣୀ ସମସ୍ତେ କହିଛନ୍ତି ସେ ଆସିବ ବୋଲି । ଏଇ ତ ମୁନୁ । ଅବିକଳ ତା'ରି ପରି । କୁଞ୍ଚକୁଞ୍ଚିଆ ଚୁଳ, ଉଁଚା କପାଳ, ଖଣ୍ଡାଧାର ପରି ନାକ ।"

ବିରକ୍ତି ସୂଚକ ଗଳାରେ ପାଟି କରି ଭଉଣୀ କହିଲା, "ପାଗଳୀ ନା କ'ଣ ? ମୁନୁକୁ ଖୋଜୁଛ ? ସେ ପରା ତିନି ବରଷ ହେଲା ବାଡ଼ିପଛ ପୋଖରୀରେ ବୁଡ଼ି ମରିଯାଇଛି ।"

ଯନ୍ତ୍ରଚାଳିତ ପରି ସେ ଭଉଣୀର କଥାଗୁଡ଼ାକ ପୁନରାବୃତ୍ତି କରି କହିଲେ, "ତିନି ବରଷ ହେଲା ବାଡ଼ିପଛ ପୋଖରୀରେ ବୁଡ଼ି ମରିଯାଇଛି । ଶତପଥୀ ବାବୁର ମୁନୁ ପାଣିରେ ବୁଡ଼ି ମରିଯାଇଛି ।"

"ହଁ, ହଁ, ମୁନୁ ବୁଡ଼ି ଯାଇଛି ।" ଜୋର ଦେଇ ପାଟି କରି ଭଉଣୀ ଯିମିତି କହିଛି ଶ୍ରୀମତୀ ସରକାର ଠାଏଁ ଢ଼ଳି ପଡ଼ିଲେ । ଉତ୍ସବର ଲକ୍ଷ ଲକ୍ଷ ଆଲୁଅ ଲିଭିଗଲା ମୁହୂର୍ତ୍ତକେ । ମିଠାଇ ହାଣ୍ଡିଟାଏ ଭାଙ୍ଗି ଚୁର୍‌ମାର ହୋଇଗଲା ।

କିଂକର୍ତ୍ତବ୍ୟବିମୂଢ଼ା ହୋଇ ଭଉଣୀଟି ମୋ ପାଖକୁ ସିଧା ଧାଇଁ ଆସିଲା । କହିଲା, "ନନା ! ଆସ ଦେଖିବ କିଏ ଜଣେ ସ୍ତ୍ରୀ ଲୋକ ସେ ଘରେ ମୂର୍ଚ୍ଛା ହୋଇ ପଡ଼ିଛି । ସେ

Digitized by srujanika@gmail.com

ମୁନ୍ନକୁ ଖୋଜୁଥିଲା । ଆମ କୁନ୍ନକୁ ମୁନ୍ନ ଭାବି ଚୁମା ଦେଉଥିଲା । ପାଗଲୀ ନା ଡାଆଣୀ । ମୋତେ ଡର ମାଡ଼ିଲା । ମୁଁ ଯିମିତି କହି ଦେଇଛି ମୁନ୍ନ ତିନି ବରଷ ହେଲା ପୋଖରୀରେ ବୁଡ଼ି ଚାଲିଗଲାଣି, ସେ ଦୁଲଦାଲ ହୋଇ ତଳେ କଚାଡ଼ି ପଡ଼ିଗଲା । ଡାକିଲେ, ହଲେଇଲେ ହଲଚଲ ନାହିଁ ।''

ମୁଁ କ୍ଷଣେ ଜାଣିପାରିଲି ସର୍ବନାଶ ହୋଇଛି । ନିର୍ମମ ସତ୍ୟକୁ ଲୁଚାଇବାର ଆମର ଯାବତୀୟ ପ୍ରୟାସ ପଣ୍ଡ ହୋଇଛି । ଦିନେ ନା ଦିନେ ଏମିତି ହୋଇଥାନ୍ତା; କିନ୍ତୁ ଆଜି ଦିନଟାରେ ଅନ୍ତତଃ...

ତରବର ହୋଇ ଉଠିଗଲି ଶ୍ରୀମତୀ ସରକାରଙ୍କ ପାଖକୁ । କାହାକୁ ଡାକିଲି ନାହିଁ । ମୁହଁରେ ପାଣି ଦେଇ ଟେବୁଲ ପଙ୍ଖାଟାକୁ ଦଣ୍ଡେ ଯାଏ ତାଙ୍କ ଆଡ଼କୁ ବୁଲାଇ ଦେଲି । ଆଖି ଫିଟାଇଲେ ସେ । ଆଖି ! ସଦ୍ୟ ପୁତ୍ରସନ୍ତାନ ହରାଇଥିବା ବତ୍ସଳା ଜନନୀ ପରି; ଆତଙ୍କ ଭୟ ମିଶ୍ରିତ ଶୋକାର୍ତ୍ତ ଚକ୍ଷୁ । ମୋତେ ବି ଭୟ ଲାଗିଲା । ଯିମିତି ମୋ ପାଟିରୁ ବାହାରିଛି କ'ଣ ହେଲା ?'' ସେ ଧଡ଼ପଡ଼ ହୋଇ ଉଠି ବସି ଏମିତି ବୁକୁଫଟା ଆର୍ତ୍ତନାଦ ଚିତ୍କାରଟାଏ କଲେ ଯେ ଯେତେ ଯେତେ ମୁର୍ଦ୍ଦାର ଇଲାକାରେ ଥିଲେ ପ୍ରଳୟକାଳୀନ ତୂରୀନାଦ ଶ୍ରବଣରେ ଥରି ଥରି ଉଠି ବସିଲେ ଯିମିତି ।

''ଓଇ ଛେଲେଟା କୋଇ ? କାହିଁ ଓଇ ଛେଲେଟା ? ଆମାର ଛେଲେ କୋଇ ? ତୋମାର ଛେଲେ କୋଇ ? ମୁନ୍ନ କୋଇ ? ନନୀ ଗୋପାଲ କୋଇ ? ସମସ୍ତେ ମିଳିମିଶି ମୁନ୍ନକୁ, ନନୀକୁ, ମୋ ଛୁଆକୁ, ତୁମ ଛୁଆକୁ ବୁଡ଼ାଇ ମାରିଛନ୍ତି, ଖାଇଛନ୍ତି ।'' ସ୍ୱରୂପା, ସୌମ୍ୟା, ସ୍ନିଗ୍ଧା, ଦେବୀ ସ୍ୱରୂପା, ମାତୃମୂର୍ତ୍ତିର ଏ କି ବିରୂପଦଂଷ୍ଟ୍ରା କରାଳ, ବିକଟ ଛବି ।

ଦଶବର୍ଷ ପୂର୍ବେ ଶ୍ରୀମତୀ ସରକାରଙ୍କ ଏଇ ରୂପ ସାଇପଡ଼ିଶା ଦେଖିଥିଲେ ତାଙ୍କର ଏଇ ନୂଆ ଘରକୁ ଆସିବା ବେଳେ । ସରକାର ପରିବାର ଥିଲେ ସୁଦୂର ମଫସଲର ବିଲବଣ ଘେରା ସମୃଦ୍ଧ କୂଳିଆ ଗାଁରେ । ସେଇଠି ଅତର୍କିତରେ ତାଙ୍କର ପାଞ୍ଚ ବର୍ଷର ପୁଅ ନନୀ ଗୋପାଳ ବାଡ଼ି ପଛପଟ ପୋଖରୀରେ ଜଳସମାଧି ଲାଭ କରିଥିଲା । ପୁତ୍ରବିଧୂରା ଶ୍ରୀମତୀ ସରକାର ପାଗଳୀ ହୋଇ ଏଣେ ତେଣେ ଧାଇଁ ବୁଲୁଥିଲେ ଏବଂ ଆତ୍ମହତ୍ୟାର ନାନା ପନ୍ଥା ଖୋଜୁ ଥିଲେ । ସେଇ ଅବସ୍ଥାରେ ସରକାର ପରିବାର ଏଇ ଘରକୁ ଆସିଥିଲେ, ସ୍ଥାନ ପରିବର୍ତ୍ତନ କଲେ ମନ ପରିବର୍ତ୍ତନ ହୋଇପାରେ ଭାବି । ତାଙ୍କ ସ୍ୱାମୀ ସେଠାକାର ସଂପତ୍ତି ବିକିଦେଇ ସହରର ଏଇ ଘରଟି କିଣି ଉଠି ଆସିଥିଲେ ।

ଆମେ ଆସିଲା ବେଳକୁ ମଧ୍ୟ ଶ୍ରୀମତୀ ସରକାରଙ୍କ ମାନସିକ ବିକୃତି ଥିଲା । ସର୍ବଦା ନୀରବ ରହି କେତେବେଳେ ଅର୍ଥହୀନ କେତେବେଳେ ବିସ୍ମୟାନ୍ୱିତ ଦୃଷ୍ଟିରେ କାହାକୁ ଖୋଜି ବୁଲୁଥିଲେ । କିନ୍ତୁ କି ଆଶ୍ଚର୍ଯ୍ୟ କଥା; ମୁଁ ଆସି ତାଙ୍କ ଘରେ ଭଡ଼ାଟିଆ ହୋଇ ରହିବାରୁ କେତୁଟା ଦିନରେ ତାଙ୍କ ଅବସ୍ଥାର ଅଭାବନୀୟ ପରିବର୍ତ୍ତନ ଘଟିଲା । ମୋର ଦେଢ଼ବର୍ଷର ମାତୃହରା ଶିଶୁ ପୁତ୍ରର ଆକସ୍ମିକ ଆବିର୍ଭାବ ତାଙ୍କୁ ନିଜ ସନ୍ତାନ ଫେରି

Digitized by srujanika@gmail.com

ପାଇବାର ଭ୍ରମ ଦେଇଥିଲା ବୋଧହୁଏ । ପ୍ରଥମେ ପ୍ରଥମେ ମୁଁ ଡରୁଥିଲି ମୋ ଶିଶୁ ପୁତ୍ରକୁ ତାଙ୍କ ହାତକୁ ଦେବାକୁ । ମାତ୍ର ବିଧିର କି ବିଚିତ୍ର ବିରଚନ ! ମୋର ଶିଶୁପୁତ୍ର ମାଆ ହରାଇ ନୂଆ ମାଆ ପାଇଲା ପରି ଆଉ ଜଣେ ମାଆ ପୁତ୍ର ହରାଇ ନୂଆ ପୁତ୍ର ପାଇବାର ଆନନ୍ଦ ପାଇଲା; ମାତ୍ର ସେଇ ବିଧିର କି ଅଘଟଣ, ଭାଗ୍ୟର କି ବିଡ଼ମ୍ବନା ! ମୋର ଶିଶୁପୁତ୍ର ବି ତିନି ବରଷ ତଳେ ଶ୍ରୀମତୀ ସରକାରଙ୍କ ପୁତ୍ର ପରି ସଲୀଳ ସମାଧି ଲାଭକଲା ।

କାଳେ ଶ୍ରୀମତୀ ସରକାର 'ମୁନ୍ନ'ର ତିରୋଧାନ ସମ୍ବାଦରେ ବିହ୍ୱଳା ହେବେ ଏବଂ ପୁଣି ତାଙ୍କର ମସ୍ତିଷ୍କ ବିକୃତି ଦେଖା ଦେବ, ସେଇ ଭୟରେ ଆମେ ସମସ୍ତେ ତାଙ୍କ ପ୍ରଶ୍ନର ଉତ୍ତର ଏମିତି ଦେଉଁ ଯିମିତି ସେ ଜାଣିବେ ମୁନ୍ନ ଅନ୍ୟତ୍ର ରହୁଛି, ବଢ଼ୁଛି, ଏପରିକି ପଢ଼ୁଛି । ନବାଗତ ନବାଗତାଙ୍କୁ ଆମେ ବାରମ୍ବାର ସତର୍କ କରିଦେଇ ଥାଉଁ ଯିମିତି ସେମାନେ କଦାପି ଭୁଲ୍‌ରେ ବି 'ମୁନ୍ନ' ର ମୃତ୍ୟୁ କଥା ଶ୍ରୀମତୀ ସରକାରଙ୍କ ଆଗରେ ପ୍ରକାଶ ନ କରନ୍ତି । ଆଗନ୍ତୁକା ଭଉଣୀଟିକି କେହି ଏ ବିଷୟରେ କିଛି କହିବାକୁ ସୁଯୋଗ ବା ବେଳ ପାଇନଥିଲେ । ଭଉଣୀଟି ସତ କଥାଟି କହିଦେଇଛି ଏବଂ ଯେଉଁ ଭ୍ରାନ୍ତି ମଧ୍ୟରେ ଥାଇ ଶ୍ରୀମତୀ ସରକାର ସୁସ୍ଥା ଥିଲେ ତାହା ଦୂରୀଭୂତ ହୋଇ ଯାଆନ୍ତେ, ନଗ୍ନ ବାସ୍ତବତା ପୁନଶ୍ଚ ତାଙ୍କୁ ଟାଣିନେଇଛି ସେଇ ରାଜ୍ୟକୁ, ଯେଉଁଠି ବାସ୍ତବତା ଭ୍ରାନ୍ତି ଓ ଭ୍ରାନ୍ତି ବାସ୍ତବ ବୋଲି ପ୍ରତୀୟମାନ ହୁଏ ବା ଭ୍ରାନ୍ତି ଓ ବାସ୍ତବତାର ବ୍ୟବଧାନ ଓ ସୀମାରେଖା ପ୍ରାୟ ନଥାଏ ।

ଭୋର ହେଲା । ନୂଆ ସମୁଦିଙ୍କ ତେଣେ ଚିତ୍କାର ଶୁଭିଲା, "ବାରିକ ! ଯା, ଯା ଭିତରେ କହିବୁ ଶୀଘ୍ର ବରକନ୍ୟା ବିଦାୟ ବ୍ୟବସ୍ଥା କରିବେ ।" ତାଙ୍କ ଆଖିରେ ନିଦ ନାହିଁ, ପୁତ୍ର ପୁତ୍ରବଧୂ ନେଇ ସଗୌରବେ ବିଜୟୋଲ୍ଲାସରେ ସ୍ୱଦେଶକୁ ଫେରିବେ । ମୋର ବି ନିଦ ନାହିଁ । ରାତି ପାହିଲେ ଗୁରୁବାର । ଜିନିଷପତ୍ର ସବୁ ସଜାସଜି ସରିଛି । ବରଯାତ୍ରୀ ଦାନ୍ତପତ୍ର ଘଷିବେ, ଚା'ଖାଇବେ, ବରକନ୍ୟା କଉଡ଼ି ଖେଳିବେ । ସୂର୍ଯ୍ୟ ନ ଉଠୁଣୁ ବାହାରିଯିବେ । ଜିନିଷପତ୍ର ଫେରାଇବା କାମ ଉପରବେଳା କଥା ।

ସବୁଠାରୁ ବଡ଼ ବୋଝ, ଭାରି ଦାୟିତ୍ୱ ହେଲେ ଶ୍ରୀମତୀ ସରକାର । ବରଯାତ୍ରୀ, ଅତିଥି, ଅଭ୍ୟାଗତଙ୍କ ଆଗରେ ପାଗଳିନୀ ହୋଇ ଯଦି ନାଚକୁଦ ଧାଁ ଧପଡ଼ ଆରମ୍ଭ କରି ଦିଅନ୍ତି ତେବେ ନିହାତି କରୁଣ ପରିସମାପ୍ତି ହେବ ଏ ମହୋତ୍ସବର । ତେଣୁ ବଡ଼ ଝିଅକୁ ପଠାଇ ତାଙ୍କ ସ୍ୱାମୀଙ୍କି ଉପର ମହଲାରୁ ଡକାଇଲି ଓ ତାଙ୍କୁ ଚୁମ୍ବକରେ ସବୁକଥା କହିଦେଲି ।

ସରକାର ବାବୁ ଓ ତାଙ୍କ ବଡ଼ ପୁଅ ଧରାଧରି ଟଣାଟଣି କରି ଶ୍ରୀମତୀ ସରକାରଙ୍କୁ ଉପର ମହଲାକୁ ନେଉଥିବା ବେଳେ ସେ କେତେବେଳେ ମୃଦୁ ସ୍ୱରରେ କେତେବେଳେ ଅବା ବଡ଼ ପାଟିକରି କହୁଥାନ୍ତି "ଓଇ ଛେଲେଟା"; କେଉଁଠି ପିଲାଟିଏ ଶୋଇଛି ଦେଖିଲେ କହନ୍ତି 'ଏଇତ' ନ ହେଲେ 'ଓଇଯେ' । ସେ ଚାଲିଯିବା ପରେ ଆମ ବନ୍ଧୁବାସ କୁଟୁମ୍ବ ମହଲରେ ଘଟଣା ପ୍ରସାରିତ, ଆଲୋଚିତ ହେଲା । କିଏ ଟ୍ରେଜେଡ଼ି କିଏ ବା କମେଡ଼ି ଆକାରରେ ଘଟଣାକୁ ଦେଖିଲା ।

Digitized by srujanika@gmail.com

ମୁଁ ଅପରାଧୀ ଭଳି ଛିଡ଼ା ହୋଇଥାଏ । କେତେବେଳେ ବା ଆତ୍ମସ୍ଥ ହୋଇ ଭାବୁଥାଏ କେତେଦୂର ମୁଁ ଦାୟୀ ଏ ଦୁର୍ବିପାକ ପାଇଁ, ଶ୍ରୀମତୀ ସରକାରଙ୍କ ମାନସିକ ବିପର୍ଯ୍ୟୟ ପାଇଁ ।

ବଡ଼ ବଡ଼ ଭାରି ଜିନିଷ ଟ୍ରେନରେ ଆଗରୁ ପଠା ସରିଥାଏ । ସାମାନ୍ୟ ହାଲୁକା ଜିନିଷପତ୍ର; ବାକ୍ସ ଓ ମିଠେଇ ହାଣ୍ଡି ଅଞ୍ଜକେ କାର୍ ଓ ଟେକ୍ସିରେ ପୂରାଇ ଦିଆଗଲା । ଯେଉଁ ଝିଅ କେବେ ଓଢ଼ଣା ନ ଟାଣି ଲମ୍ବା ସାପ ବେଣୀଟାଏ ଛାଡ଼ି ମୁଣ୍ଡ ଉଚ୍ଚ କରି ହରିଣୀ ପରି ନିଃସଙ୍କୋଚରେ ସାଇରେ ଡେଇଁ ବୁଲୁଥିଲା ସେ ଯେତେବେଳେ ଜୁଡ଼ା ବାନ୍ଧି, ନାନା ଅଳଙ୍କାର ଭୂଷିତା ହୋଇ ସିନ୍ଦୂର କଜ୍ଜ୍ୱଳ ହଳଦୀ ସିନ୍ଥୀ ଲଗାଇ ବରବଧୂ ରୂପରେ ମୋ ପାଦତଳେ ମୁଣ୍ଡଥୋଇ ସାଶ୍ରୁଳ ବିଦାୟ ନେଲା । (କେଉଁ ବାପ ସେ ଛବି ଭୁଲି ପାରିବ ?) ସେତିକିବେଳେ ମୁଁ ଶୁଣି ପାରିଲି ଉପର ମହଲାରୁ ଶ୍ରୀମତୀ ସରକାର ''ଓଇ ଛେଲେଟା କୋଥାୟ'', ''ଓ ତ ଏଲୋନା'' ଚିତ୍କାର । ମୋତେ ଜଣାଗଲା ଯିମିତି ସ୍ୱର୍ଗରେ ଥାଇ ମୋର ସ୍ୱଗତା ପତ୍ନୀ କହୁଛି ''କାହିଁ, ମୋର ମୁନୁ କାହିଁ ?'' ''ତାକୁ ଦେଇ ଆସିଥିଲି, ବଞ୍ଚାଇ ରଖି ପାରିଲ ନାହିଁ !'' ବରକନ୍ୟା ଗାଡ଼ିରେ ବସିଲାବେଳକୁ ଯେତେ ଯେତେ ନାରୀ ଅଶ୍ରୁ ବିସର୍ଜନ କରୁଥିଲେ ତାଙ୍କୁ ଦେଖି ଭାବିଲି ଦୁନିଆଯାକର ସନ୍ତାନହରା ମାତା ଭ୍ରାତୃହରା ଭଗିନୀ ଯିମିତି କାନ୍ଦି କାନ୍ଦି ଖୋଜୁଛନ୍ତି ମୁଁ ଓ ଶ୍ରୀମତୀ ସରକାର ହରାଇଥିବା, ମୋ ଝୁଆପିଲାଏ ହରାଇଥିବା ସେଇ ପିଲାଟିକୁ, ଶ୍ରୀମତୀ ସରକାର ହରାଇଥିବା 'ଓଇ ଛେଲେଟା' କୁ ।

ବରପକ୍ଷ ଭାବିଲେ ତାଙ୍କ ବଧୂଟିକୁ ତା' ବାପା, ଆତ୍ମୀୟସ୍ୱଜନ ସାଇପଡ଼ିଶା ଭାରିଭଲ ପାଉଥିଲେ, ନ ହେଲେ ଏତେ ଅଶ୍ରୁ କାହିଁକି ଝରୁଛି ? ବରକନ୍ୟାଙ୍କ ଗାଡ଼ିଟା ଅପସରି ଯାଆନ୍ତେ ଦେଖିଲି ବଡ଼ ବଡ଼ ଅକ୍ଷରରେ ଶିଶୁମାନଙ୍କ ଦ୍ୱାରା ଅଭିନୀତ ଥିଏଟର ବିଜ୍ଞାପନଟା 'ଶେଷ ଅଶ୍ରୁ' ।

ଜବାକୁସୁମ ସଙ୍କାଶ ଧ୍ୱନ୍ତାରିଙ୍କ ଅରୁଣ ଆଭା ପ୍ରକଟିତ ହେଲା । ସେଇ ଅରୁଣାଲୋକ ସହିତ ଶୀତଳ ପବନରେ ଉପରୁ ଭାସି ଆସୁଥିଲା । ସେଇ ମର୍ମନ୍ତୁଦ ଚିତ୍କାର ''ଓଇ ଛେଲେଟା'', ''ଓଇ ଛେଲେଟା'' ।

Digitized by srujanika@gmail.com

# ଚାଉଳ

ମାତ୍ର ଆଉ ଗୋଟାଏ ହପ୍ତା, ସାତୁଟା ଦିନ; ଅତି ବେଶି ହେଲେ ଆଠଦଶ ଦିନ । ଟାଣିଓଟାରି କଷ୍ଟେମଷ୍ଟେ ଏତେଦିନ ବଞ୍ଚାଇ ଆଣିଲା; କୌଣସିମତେ ଆଉ କେତୁଟା ଦିନ ସମ୍ଭାଳି ପାରିବ ନାହିଁ ? ବଡ଼ ହୁଏତ ବଞ୍ଚିଯିବ, ତିଷ୍ଠିଯିବ; କିନ୍ତୁ ସାନ...କେଜାଣି ? ଦୁଇଟଙ୍କା ସତୁରି ଦେଇ ବ୍ଲେକରେ କିଣା ପୋକା ପୋଚରା ଅଟା ପାଣି ପିଇ କେତେ ଦିନ ବଞ୍ଚିବ ? ବୁକୁଜା ବାହାରି ପଡ଼ିଲାଣି । ଗାଲ ପାଦ ଫୁଲା ଫୁଲା ଦିଶିଲାଣି ।

ଠିକ୍ ସମୟରେ ପଇସା ଯୋଗାଡ଼ କରି ପାରିଥିଲେ ଲକ୍ଷ୍ମୀପ୍ରିୟା ହୁଏତ ଲଘୁଧାନ ତଳି ପାଇଥାନ୍ତା । ଶେଷ କାର୍ତ୍ତିକ ନ ହେଲେ ବି ଆଦ୍ୟ ମଗୁଶିର ବେଳକୁ କାଟିଥାନ୍ତା । କିନ୍ତୁ କପାଳ ଖରାପ ପଡ଼ିଛି, ତଳି ମିଳିଲା ନାହିଁ, ଯାହା ମିଳିଲା ତାହା ବଡଣା ପଡ଼ିଗଲା । କେଣ୍ଡାର ଅଗଧାନ ଗୋଟାଏ ଦୁଇଟା ରଙ୍ଗ ହୋଇଛି ସିନା, ହେଲେ କେଣ୍ଡାର ତଳ ବାରପଣି ବିଲକୁଲ କଞ୍ଚା, ଦାନା ବାନ୍ଧିଛି କି ନାହିଁ ସନ୍ଦେହ ।

ପୁଣି ଯାହା ଉପରେ ଆଶା ବାନ୍ଧିଚି ତାହା ବା କେତେ ? ମାଣେ ଦୁଇମାଣ ନୁହେଁ; ନିଜର ବି ନୁହେଁ । ସଡ଼କ କର ଛୋଟ ଛୋଟ ଚାରିଟା କିଆରି । ହଳପାନ ନାହିଁ । ଗୋଡ଼ରେ ମାଡ଼ି ନିଜ ହାତରେ ରୁଆ । ପିଲାମାନଙ୍କ ବାପା ଦାଦି କାହାକୁ କେତୁଟା ପାନଖିଆ ଦେଇ ପାଞ୍ଚବର୍ଷ ପୂର୍ବେ ଆବାଦ କରିଥିଲେ । ଯିଏ ବେଶି ଟଙ୍କା ଦେଲା ଏ ଜମି ତା'ର; ପୁଣି ଏ ବର୍ଷ ଅଛି ତ ଆରବର୍ଷ ଆଉ ଜଣକର । ବାପା ଦାଦି ଯିବାପରେ ବି ବର୍ଷକୁ ବର୍ଷ ଯାକୁତାକୁ ଦୁଇଟା ଗୋଟେ ଟଙ୍କା ଲାଞ୍ଚ ଦେଇ ସେ ଓ ଚମ୍ପିନାନୀ ଦଖଲ କରୁଛନ୍ତି ।

ବାପାଦାଦି ଥିଲାବେଳେ ଦୁଃଖକଷ୍ଟ ଜଣା ପଡୁନଥିଲା । କଲିକତାରେ ଦୁହେଁ କାମ କରୁଥିଲେ; ଜାହାଜରେ କି ଚଟକଳରେ କିବା ପାଣି କଳରେ । ଏକାବେଳେ ଦୁହେଁ ଯାକ ଅଘଟଣରେ କି ଦଙ୍ଗା ହେଙ୍ଗାମରେ ଗଲେ ଯେ କିଛି ଖବର ମିଳିଲାନି । ନିଜ ଦେଶରେ କାମଧନ୍ଦା ମିଳୁଥିଲେ ବା ବନବତାସି ଆସୁନଥିଲେ ସେମାନେ କ'ଣ ବାଉଦପୁର ଛାଡ଼ି ପିତଳକଣୀକୁ ଆସିଥାନ୍ତେ ଏଇ କାଙ୍ଗାଳ ଇଲାକାଟାକୁ ?

କି କାଳ ପଡ଼ିଲା ! ଆଈମା ଗପୁଥିଲା ନଅଙ୍କ ବେଳେ କୁଆଡ଼େ ଟଙ୍କାକୁ ଚାରିସେର ଚାଉଳ ଦେଲା ଯେ ଲୋକେ କିଣି ନପାରି ଭୋକ ଉପାସରେ ମାଳ ମାଳ ହୋଇ ମଲେ । ନିଜ ମାଆ ମୁହଁରୁ ମାଳିକା ବଚନ ଶୁଣିଛି, "ଟଙ୍କାକୁ ହୋଇବ ସେରେ ଚାଉଳ ।"

Digitized by srujanika@gmail.com

ସେତେବେଳର କେଡ଼େ ଭୟାବହ ବଚନ ! ମାଳିକା କଥା ସତ ହୋଇ ଭଲା ଟଙ୍କାକୁ ସେଇ ସେରେ ଚାଉଳ ମିଳୁଥାନ୍ତା । ଚାରି ଟଙ୍କାକୁ ତ ସେରେ ମିଳୁନି । ତା' କାନ ଶୁଣିଛି, ଆଖି ବି ଦେଖିଲାଣି, ମହା ମହା ଲୋକେ ଟଙ୍କା ମୁଣ୍ଡ ତଳେ ଗୁଞ୍ଜି, ହାତରେ ମୁଠାଇ, ଭୋକ ଉପାସରେ ଶୋଇ ଯାଉଛନ୍ତି । ଗୋରୁଗାଈ, ଛେଳିମେଣ୍ଢା, କଂସା ପିତ୍ତଳ, ଗହଣା-ଗଣ୍ଠି କଥା ଛାଡ଼, ପୋଷି ନ ପାରି ନିଜ ଛୁଆ ପିଲାଙ୍କୁ ବି ବିକୁଛନ୍ତି । କିଏଛି ବା କିଏ ? ଅଖାଦ୍ୟ ଖାଇ ମରୁଛନ୍ତି; କିଏ ବା ବିଷ ଦେଇ ଆଗ ଛୁଆପିଲାଙ୍କୁ ମାରି ନିଜେ ମରୁଛି । ତା'ରି ଭଳି ସ୍ତ୍ରୀଲୋକ ଡିହ ବିକି ଦିହ ବିକୁଛନ୍ତି । ଖାଇବା ଚିଜ ଛଡ଼ା ଅନ୍ୟ ସବୁ ଦେଶରେ ମିଳୁଛି, ହୁଏତ ଶସ୍ତାରେ । ତା' କପାଳରେ କ'ଣ ଅଛି ବା କେଜାଣି । ପୁଣି ଲଞ୍ଜାତାରା କୁଆଡ଼େ ଉଠିବ ବୋଲି ଲୋକେ କୁହାକୁହି ହେଉଛନ୍ତି- ଏଇ ମାସକ ଭିତରେ ।

ଆଜି ମଙ୍ଗଳବାର । ପଅରି ଦିନକୁ ତିନିପାଳି ଗୁରୁବାର ପଡ଼ିବ । ଚାରିପାଳି ମାଣବସା ଗୁରୁବାରକୁ ତା' ନିଜ ଧାନ ଅମଳ ହୋଇଥିବ । ନଡ଼ାଗୁଡ଼ାକ କଞ୍ଚା ଥିଲେ ସେ ଖାଲି ଶୀସାଗୁଡ଼ାକୁ କାଟି ଆଣି ମାଣ ପୂରାଇ ପୂଜା କରିବ । କିଣା ବା କରଜ ଚାଉଳରେ ଝୋଟି ଲେଖିବାକୁ ତାକୁ କିମିତି କିମିତି ଲାଗେ । ଗାଁ ସାହିରେ ବୁଲି ଆସିଲେ କଣାଟିଏ ଅରୁଆ ଚାଉଳ ମିଳିବ ନାହିଁ । ଦିନ ଥିଲା ସେ କାନ୍ଥରେ ଏତେ ସୁନ୍ଦର ପଦ୍ମଫୁଲ ଆଙ୍କୁଥିଲା ଯେ ଦାଣ୍ଡଗଲା ଲୋକ ବି ଦଣ୍ଡେ ଛିଡ଼ା ହୋଇ ଦେଖୁଥିଲା । ଅଗଣାରେ ଆଉ ଘର ଭିତରେ ଟିକ ଟିକି ଲକ୍ଷ୍ମୀ ପାଦ ଏତେ ସୁନ୍ଦର କରି ଲେଖୁଥିଲା ଯେ ଲକ୍ଷ୍ମୀଦେବୀ ପାଦକୁ ପାଦ ମିଳାଇ ଦାଣ୍ଡପଟୁ ବାରିପଟୁ ଅଧା ରାତିରେ ବିଜେ କରି ଆସୁଥିଲେ, ବର୍ଷଯାକ ନ ରହିଲେ ବି ତିନି ଚାରି ମାସ ରହୁଥିଲେ ।

ଏ ପଟେ ସାଇପଡ଼ିଶା କେହି ମାଣବସା ଜାଣନ୍ତି ନାହିଁ । ଜାଣିଲେ ବି ମାନନ୍ତି ନାହିଁ । ତାଙ୍କର ଲକ୍ଷ୍ମୀପୂଜା କେଉଁଦିନରୁ ଗଲାଣି, ତାଙ୍କର ଝୋଟି ନାହିଁ, ଝୋଟିକି ସେମାନେ କହନ୍ତି ଆଲ୍ପନା । ତାଙ୍କର ଚିତଉ ଉଆଁସ, ଗହ୍ମାପୁନେଇ; ଖୁଦୁରୁକୁଣୀ, ରାସପୁନେଇ, ଅଗିରା ପୁନେଇଁ ଏସବୁ ବାରବ୍ରତ ପୂଜା ପାର୍ବଣ କିଛି ନାହିଁ । ତାଙ୍କର ସେଇ ଦୁଇଟା ପୂଜା ମାଆର ପୂଜା ଆଉ କାଳୀପୂଜା । 'ଳ' କୁ 'ଲ' କହନ୍ତି 'ଣ' କୁ 'ନ' କହନ୍ତି ।

ତିନି ଚାରି ପୁରୁଷ ଧରି ଘରେ ଜଗନ୍ନାଥ ଦାସଙ୍କ ଭାଗବତ, ବଳରାମଙ୍କ ରାମାୟଣ ଆଉ ସାରଳା ଦାସଙ୍କ ମହାଭାରତ ଗାଦି ପୂଜା ପାଉଛନ୍ତି । ଲକ୍ଷ୍ମୀପ୍ରିୟା ସେଇ ଗାଦି ଆଡ଼କୁ ଚାହିଁଲା । ସେଇ ଗାଦି ଆଉ ଲକ୍ଷ୍ମୀପେଡ଼ି ଆଉ ମାଣ ତାର ସବୁ ସଂପତ୍ତି । ଲକ୍ଷ୍ମୀଙ୍କ ତିନି ଚାରିଘର ପିତଳ ହାତୀ ପୁରୁଷ ପୁରୁଷ ଧରି ସଞ୍ଚୟ ବାକ୍ସ କାମ କରୁଛନ୍ତି । ତା'ର ମନେପଡ଼ିଲା ଭା'ଗତ ବଚନ "ଅନ୍ନ ବିହୁନେ ହଂସ ହାନି ।" ସତକଥା । ଅନ୍ନ ନାହିଁ ଓ ହଂସ ନାହିଁ । ଗହମରୁ କଣ ଅନ୍ନ ହୁଏ ? ହୁଏ ରୋଟି, ଚପାଟି, ପୁରୀ ପରେଟା । ଏଇ ଅନ୍ନ ମୁଠିକ ପାଇଁ ଜଗା-ବଳିଆ ଦୁହେଁଯାକ କମ ହଇରାଣ ହରକତ ନ ହୋଇଛନ୍ତି । ସେ ତ ଲକ୍ଷ୍ମୀପୁରାଣ କଥା, ଶେଷରେ ପରା ଦୁହେଁ ପେଟ ବିକଳରେ ଚଣ୍ଡାଳୁଣୀଟା ହାତରୁ

Digitized by srujanika@gmail.com

ବି ଅନ୍ନ ଖାଉଛନ୍ତି । ପେଟ କାନ୍ଦିଲେ ଜାତିପତି ମାନୁଛି କିଏ ? ଏଇ ଅନ୍ନର ମହତ୍ତ୍ୱ ଜାଣି ଜଗନ୍ନାଥ ଦୈନିକ ଷାଠିଏ ପଉଟି ଅନ୍ନ ଭୋଜନ କରୁଛନ୍ତି ବୋଲି ଆମ ଜାତି ଭାଇ ଗର୍ବ କରନ୍ତି ।

ପ୍ରଭୁ ! ତୁମ କୁଣ୍ଡିତଳେ ଲାଗିଥିବା ଅନ୍ନରୁ କଣିକାଏ କଣିକାଏ ଦେଲେ ତ- ସବୁଦିନ ନ ଦେଲ ନାହିଁ ସାତ ଦିନ ପାଇଁ ଦିଅ- ମୋ କଥା ଛାଡ଼, ମୋ କୁନା- ଟୁନା ତ ବଞ୍ଚିଯିବେ ପ୍ରଭୁ ! ଏ ତିରୋଟ ଦିନରେ କିଛି କମ୍ ଖାଅ, ଗରିବଗୁରୁବାଙ୍କୁ କିଛି ବାଣ୍ଟିଦିଅ । ଚକାଡୋଳା ! କଟିଲୁଆ ଯେ, ହାଡ଼କଣ୍ଟା ଅସ୍ଥି ଚର୍ମ ହେଲାଣି । ଏଇ କେତେବର୍ଷ ତଳେ ପ୍ରଭୋ ! ତୁମରି ପୁରୀ ଯାଜପୁର ଇଲାକାର ଲୋକେ ତୁମରି ନାଁ ଧରି 'ଜଗନ୍ନାଥେ ମଙ୍ଗଳ କରନ୍ତୁ, କହି ଥଳିକି ଥଳି ପୂରାଇ ଆମରି ଇଲାକାରୁ ଚାଉଳ ନେଇ ଯାଉଥିଲେ, ଏଥର ଆମେ ଥଳି ପାତୁଛୁ ? ଆମରି ଜାତିଭାଇଙ୍କ ପାଖରେ 'ଜଗନ୍ନାଥେ ମଙ୍ଗଳ କରନ୍ତୁ' କହୁଛୁ, ମିଳୁ କିଛି । ଶ୍ରୀକ୍ଷେତ୍ର ଆଡ଼କୁ ଚାହିଁ ଲକ୍ଷ୍ମୀପ୍ରିୟା ନମସ୍କାର କଲା ହାତଯୋଡ଼ି ।

ସତରେ ଜଗନ୍ନାଥଙ୍କ ଦୟାର କ'ଣ ସୀମା ଅଛି ? ଚନ୍ଦନ ଅର୍ଗଳି ପାର ହୋଇ କିଏ ନ ଯାଇଛି ତାଙ୍କ ପାଖକୁ ଧଣ୍ଡା, ମହାପ୍ରସାଦ, ଚରଣୋଦକ ପାଇଁ ? କୃଷ୍ଣୀ ଦିନକୃଷ୍ଣ, ଯବନ ସାଲବେଗ, ଗରୁଡ଼ସ୍ତମ୍ଭ ପାଖରେ ଅଟକି ସୀମା ବାହାରେ ଥାଇ ବି ଯାହା ଚାହୁଁଥିଲେ ପାଇଛନ୍ତି । କିନ୍ତୁ ଗତ କେଇବର୍ଷ ହେଲା ମଣିଷ ଯେଉଁ ଅର୍ଗଳି କରିଛି ତାକୁ ପାରିହବ କିଏ ?

ପାର ହୋଇଥିଲା, ଭେଦିଥିଲା ତା' ଜାଆ ଚମ୍ପା, ଗାଁର ଚମ୍ପି ନାନୀ, ଅକ୍ଳେଶରେ ସେ ଅର୍ଗଳି, ବାଡ଼ବନ୍ଧ, ଧଡ଼ା ଡେଇଁ ଗଳି ପାରିହୋଇ ଜଗାବଳିଆ ଦେଶକୁ ଯାଉଥିଲା । ଗଣ୍ଡିରି ଗଣ୍ଡିରି ଚାଉଳ ଆଣୁଥିଲା । ତାକୁ ବିକିଭାଙ୍ଗି ସମସ୍ତେ ବଞ୍ଚୁଥିଲେ, ସେ କ'ଣ ଏକା ? ଗାଁ ସାଇଚ ମଲ ପଲ ସ୍ତ୍ରୀରି ଝିଆପିଲା ବି ତା' ସାଙ୍ଗରେ ଯାଇ ଆଣୁଥିଲେ ଚାଉଳ । ସେ ଥିଲା ସମସ୍ତଙ୍କର ନେତା । ସମସ୍ତଙ୍କ ଦେଇ କ'ଣ ସବୁକଥା ହୁଏ ।

କିନ୍ତୁ ଚମ୍ପିନାନୀ ଯେ, ସାତ ଦିନ ହବ ଗାଁକୁ ଫେରିନି । ଶୁଣାଶୁଣିରେ ସେ ଆଉ ଫେରିବ ନାହିଁ । ବାଲେଶ୍ୱର ଷ୍ଟେସନରେ ରହିଗଲା । କଳରୁ ପାଣିପିଇ ଫେରୁଥିଲା, ରେଳ ଛାଡ଼ିଦେଲା । ଚଳନ୍ତା ଗାଡ଼ିରେ ଚଢୁ ଚଢୁ ଗୋଡ଼ ଖସିଗଲା, ପଡ଼ିଗଲା, ଦୁଇଖଣ୍ଡ ହୋଇ କଟିଗଲା, ତା'ର ଛେଉଣ୍ଡ ଦୁଇ ପୁଅ ସାଙ୍ଗକୁ ନିଜର ଦୁଇ, ଟୁନା ଆଉ କୁନା, କାନ୍ଦି କାନ୍ଦି ଭୋକ ଉପାସରେ ଲହୁଲୁହ ଶୁଖିଗଲାଣି- ଚହଲବିକଳ ଦେଖିଲେ ମାଆ ଛାତି କ'ଣ ପଥର ବି ତରଳି ଯିବ । ତିନିମାସ ଧରି ଜାଆ ନିଜ ଛୁଆଙ୍କ ସାଥିରେ ତା' ଛୁଆଙ୍କୁ, ତାକୁ ବି ପୋଷିଥିଲା, ଗୋଟାଏ ଗୋଟାଏ ଦିନ ତାକୁ ଯୁଗ ପରି ଲାଗୁଛି ।

ତାକୁ ବି କ'ଣ ଜାଆର ରାହା ଧରିବାକୁ ପଡ଼ିବ ? ଆଉ ଅନ୍ୟ ଉପାୟ କ'ଣ ବା ଅଛି ? କି ଦୁଃଖ ! କି ବିଡ଼ମ୍ବନା ! ଦେଶକୁ ଭାଗ ଭାଗ କଲା କିଏ ? ଦୁଇଦେଶ ମଝିରେ ଗାର ଟାଣିଲା କେଉଁ ଲକ୍ଷ୍ମଣ ? ତିନିଗାର ନୁହେଁ, ମାତ୍ର ଗୋଟାଏ । ଏଇ ଯେ,

Digitized by srujanika@gmail.com

ଗାଁର ଖଣ୍ଡେ ଦୂରରେ ସେଇ ଗାରଟା ! ଗାର ଉପରେ ସାକ୍ଷାତ୍ ଜଗନ୍ନାଥ ପରି ଖୁଣ୍ଟଟାଏ ରହିଛି, ସିମିତି ଖଣ୍ଡେ ଦୂର ଛାଡ଼ି ଛାଡ଼ି ରହିଛନ୍ତି ବଳଭଦ୍ର, ସୁଭଦ୍ରା, ସୁଦର୍ଶନ । ଗାଁର ସୀମା ସରହଦ୍ ଚିହ୍ନାଇ ଦେଉଛନ୍ତି ଦୁଇ ଦେଶର ଲୋକଙ୍କୁ । ସୀତା ଠାକୁରାଣୀ ସୁନାର ହରିଣର ମାଂସର ଚମଡ଼ା ଲୋଭରେ ସ୍ୱାମୀଙ୍କି ବଣକୁ ପଠାଇ ନିଜେ ସବାଶେଷରେ ଏକା-ନିଃଶ୍ୱାସକେ ତିନିଟିନଟା ଗାର ଡେଇଁଗଲେ । ତାର ତ ମାଂସ ଚମଡ଼ାକୁ ଲୋଭ ନାହିଁ । ମୁଠାଏ ଅନ୍ନ ପାଇଁ, ଛୁଆଙ୍କ ଜୀବନ ବଞ୍ଚାଇବା ପାଇଁ ସେ କଣ ଗୋଟିଏ ଗାର ଡେଇଁ ପାରିବ ନାହିଁ ।

ଗାଁର ଆରପାଖେ ଖଣ୍ଡେ ଦୂରରେ ଟଙ୍କାଏ ସତୁରିକି, ଏଠି ଚାରି ଟଙ୍କା ସତୁରି । ପିତଳକଣ୍ଠା ଗାଁର ପର୍ଣ୍ଣକୁଡ଼ିଆରୁ ବାହାରି ସେ ଯେବେ ଡାକେ-ବାଟରେ ପଡ଼ିଥିବା ଗାର ଡେଇଁଯାଏ ତେବେ, କେଉଁ ରାକ୍ଷସରାବଣ ମାୟାବୀ ତପସ୍ୱୀ ବେଶ ଧରି ତାକୁ ଶୂନ୍ୟ ମାର୍ଗରେ ଉଡ଼ାଇ ନବ ନାହିଁତ ! କିନ୍ତୁ ସେ କ'ଣ ନିଜ ପାଇଁ ସୁଖ ଲୋଡ଼ୁଛି ? ନିଜେ ମରୁ ପଛକେ ଛୁଆମାନଙ୍କୁ ବଞ୍ଚାଇବାକୁ ହେବ । ସେଇ ଛୁଆମାନଙ୍କ ପାଇଁ ତ ଛାଆ ମଲା-କମ୍ ଲାଞ୍ଛନା;କଦର୍ଥନା ସେ ସହିଛି ! ତା ଛୁଆଙ୍କୁ ମୋ ଛୁଆଙ୍କୁ ବଞ୍ଚାଇବାକୁ ଯାଇ ଦିହ ବି ବିକିଲା, ଶେଷରେ ମଲା ବି ।

ଯେଡ଼େ ବିପତ୍ତି ପଡୁନା କାହିଁକି ଲକ୍ଷ୍ମୀପ୍ରିୟା ଯିବ, ଘରୁ ଗୋଡ଼ କାଢ଼ି ତା ଚମ୍ପିନାନୀ ଯେଉଁ ରାସ୍ତାରେ ଯାଇଥିଲା, ଅଗମ୍ୟକୁ ଦୁର୍ଗମକୁ ସହଜଗମ୍ୟ କରିଥିଲା । ସେ କ'ଣ ବିଦେଶକୁ ଯାଇଛି କି ? ସେଇ ଜଗନ୍ନାଥ ରାସ୍ତା ଏଇଠୁ ତ ଡୋରି ପରି ଲମ୍ବିଯାଇଛି ପୁରୀଧାମଯାକେ । ସେଇଠି ଭଦ୍ରଖ ଆରପାରି ବାଉଦପୁରରେ ତା' ଜ୍ଞାତିକୁଟୁମ୍ବ ଏବେ ବି କ'ଣ ନାହାନ୍ତି ? ଜଗନ୍ନାଥଙ୍କ ମହାପ୍ରସାଦ ହାଣ୍ଡିରୁ ମାତ୍ର କେଇବର୍ଷ ପୂର୍ବେ ସମସ୍ତେ ତ ଏକାଠି ବସି ଖାଇଥିଲେ କମାରୂପରୁ କାଞ୍ଚି ପର୍ଯ୍ୟନ୍ତ । ସେତେବେଳେ କଣ ଗାର ନଥିଲା । ଏ ନୂଆ ଗାର ଟାଣି ନିଜକୁ ପର, ନିଜ ଦେଶକୁ ପରଦେଶ କଲା କିଏ ? ସେ ଯିବ, ଯିବ, ଯିବ ।

କିନ୍ତୁ ଏ ପ୍ରାନ୍ତରେ ଜନମତ ହିଂସ୍ର ଭାବରେ ଜାଗ୍ରତ । ଜନତା ଯେକୌଣସି ଦୁଷ୍କର୍ମ କରିବାକୁ ଉଦ୍ୟତ । ଭାରତର ଭାତହାଣ୍ଡି ନ ହେଲା ଓଡ଼ିଶାର ଭାତ ହାଣ୍ଡିଟି ଶୂନ୍ୟ ହେବା ଉପରେ । ପିମ୍ପୁଡ଼ି ବାପୁଡ଼ା ଧାଡ଼ି ଧରିଲେ ଗୁଡ଼କୁନ୍ଦା ବି ଏକା ରାତିକେ ଶେଷ । ପୁଣି ସେଇ ଭାତହାଣ୍ଡି ବଙ୍ଗୋପସାଗରକୁ ଭାସିଯିବା ବିଚିତ୍ର ନୁହେଁ । ଯେଉଁ କେତୁଟା ଅନ୍ନ ତଳରେ ଲାଗିଛି, ତାକୁ ବି ଏଣୁ ତେଣୁ କୁଆକୁକୁର ଉଡ଼ିଆସି ଖାଇବାକୁ ଲାଗି ପଡ଼ିଲେଣି । ସେଗୁଡ଼ାକୁ ମାରି, ଘଉଡ଼ାଅ- ବାଟୁଳି, ଧନୁଶର, ବନ୍ଧୁକ ମୁନ ଏମିତି କି ଗୁଳିରେ । ଜାତି ଓ ଜାତୀୟତା ଆଜି ଜାଗ୍ରତ ଅଭାନୀୟ ଉଗ୍ରତାରେ ।

ସରକାର, ନେତା, ଜନତା, ଛାତ୍ର, ରେଡ଼ିଓ, ଖବରକାଗଜ ସମସ୍ତେ ସର୍ବତ୍ର ଆଜି ସଚେତ, ସକ୍ରିୟ । ଯାହା ହେଲା ହେଲା ଆଉ ବରଦାସ୍ତ କରାଯିବ ନାହିଁ, ଆମେ

Digitized by srujanika@gmail.com

ମରିଯିବା ଯେ ପରକୁ ବଞ୍ଚାଇବାକୁ ଯାଇ । ଟ୍ରେନ, ବାସ୍, ଟେକ୍ସି, ବୋଟ, ଡଙ୍ଗା, ବଳଦଗାଡ଼ି କାହିଁରେ କାହାକୁ ମୁଠାଏ ଚାଉଳ ଗାଁର ଏପାରିରୁ ସେପାରିକି ନବାକୁ ଦିଆଯିବ ନାହିଁ, ଚୂଡ଼ା, ମୁଢ଼ି, ଖଇ ଏପରିକି ଛତୁ ଆକାରରେ । ସର୍ବତ୍ର ଧର ଧର ମାର ମାର ଡାକ, ଏଁ ଏଁ ମେଁ ମେଁ ଆର୍ତ୍ତନାଦ, କରୁଣ ଚିତ୍କାର । କିନ୍ତୁ ଚାଉଳ ଚାଲିଯାଇଛି । କେଉଁଠି କେତେ ଶହ ବସ୍ତା କିଏ ଧରିଛି ବାରମ୍ବାର ରେଡ଼ିଓ କହିଚାଲିଛି, ସ୍କୁଲ-କଲେଜ ପିଲାଏ ପାଠ ଛାଡ଼ି ଚାଉଳ ଧରୁଛନ୍ତି; ଚୋରି ଡକାୟତି ନ ଧରି ଚୋରାଚାଲାଣ ଧରୁଛନ୍ତି, ଧାନ ସଂଗ୍ରହ କାମ ଛାଡ଼ି ଏଫ୍.ସି.ଆଇ, ଶିଭିଲ୍ ସପ୍ଲାଇବାଲା ଚାଉଳ ଧରୁଛନ୍ତି । ଲୋକଙ୍କ ପେଟକୁ ଚାଉଳ ନ ପଶି ମୁଣ୍ଡକୁ ପଶିଛି । କିଏ ଯେ କିପାଇଁ ଧରୁଛି ସେ କଥା କିଏ କହିବ ?

ଯାହାହେଉ, ଜିଲ୍ଲା ଜିଲ୍ଲାକୁ ଅର୍ଗଳି, ଥାନା ଥାନାକୁ ଚେକ୍‌ପୋଷ୍ଟ, ରାସ୍ତା ରାସ୍ତାକୁ ଅକ୍‌ଟ୍ରାଇ ଧଡ଼ା । ହେଲେ ବୁଭୁକ୍ଷୁ ଜନତା ସମୁଦ୍ରକୁ ବାଡ଼ବତା ଦବ କିଏ ? କେଉଁ ବନ୍ଧବାଡ଼ ବଳଙ୍ଗ ସୁବର୍ଣ୍ଣରେଖା ବନ୍ୟାକୁ ରୋକି ପାରିଲା ? ଇଆଡ଼େ ବନ୍ଧ ବାନ୍ଧିଲେ ସିଆଡ଼େ ବନ୍ଧ ଭାଙ୍ଗିଲା । ବାପପୁଅ ରାତିଯାକ ଉଜାଗାର, ମୁଗୁରା ମୁହଁ ତେଣେ... ।

ଧାନ ଚାଉଳର ସରକାରୀ କିଣା ଦର ଯେତେ ବୃଦ୍ଧି କଲେ ବି ଚୋରା ଚାଲାଣ ରୋକିବା ମୂଢ଼ ପ୍ରୟାସ । ଜନମତ ତଥା ସରକାରୀ ପ୍ରଚେଷ୍ଟା ଯେତେ ଟାଣୁଆ, ଚୋରା ଚାଲାଣକାରୀଙ୍କ ମେଣ୍ଟ ଓ ବୁଦ୍ଧି କଉଶଳର ଉଦ୍ଭାବନ ଓ ପ୍ରୟୋଗ ସେତେ ବିଚକ୍ଷଣ ଓ ଚମତ୍କାର । ଏ ଚକ୍ରବ୍ୟୂହ ଅଭିମନ୍ୟୁ ଅବା ଭେଦ କରି ପାରନ୍ତା, ସୁଭଦ୍ରା କଣ ପାରିବ ?

ଚମ୍ପିନାନୀ ଭେଦ କରିଥିଲା, ବାରମ୍ବାର ଫେରୁଥିଲା ବିଜୟିନୀ ବେଶରେ ସପ୍ତରଥୀ (ସୁପ୍ତରଥୀ) ଙ୍କୁ ପରାଭୂତ କରି । ସେ ଦିନେ ଦିନେ ତାର ରୋମାଞ୍ଚକର ଅଭିଜ୍ଞତା ବର୍ଣ୍ଣନା କରେ । ଭାରି ଗପୁଡ଼ୀ । କୁହେ, କିମିତି ଭୋର ସକାଳୁ ବାହାରି ଦୁଇକୋଶ ଗଲେ ନେକୁରୁଣୁଣୀ ବୋଲି ଗୋଟାଏ ଟେସନ ପଡ଼େ । ସେଇଠି ରେଲ, ବିନା ଟିକେଟରେ ଚଢ଼ି ହୁଏ । ଆମର ସରକାର, ଆମରି ରେଳ, ଟିକେଟ କି ଦରକାର ? କେହି ଟିକଟ କାଟନ୍ତି ନାହିଁ । ଭାରି ବଢ଼ିଆ ରେଳ ସେଇଥିପାଇଁ ଖୁବ୍ ବେଶି ଭିଡ଼ । ସବୁ ଚିଜ ମିଳେ; ଭିତରେ ଦୋକାନ ବଜାର ସବୁ ଅଛି । ଘୋଳ ସରବତ ମିଳେ, କଳଚୁଲି ରଖି ଲୋକ ଚା' ବିକନ୍ତି । ମୁଢ଼ି, ବରା, ଘୁଗୁନି, ଫଳମୂଳ, ପାନବିଡ଼ି ଯାହା ଖୋଜିବ ପାଇବ । ନାଚ କୀର୍ତ୍ତନ ବି ହୁଏ । ଦାସକାଠିଆ, ବାଇନାଚ, ନାନା ମଉଜ ମଜଲିସ୍‌ର ଗାଡ଼ିଟା । ଛୋଟା ଅନ୍ଧ କୁଷ୍ଠ ରୋଗୀ ସମସ୍ତେ ଖୁସିରେ ନାଚିକୁଦି ଯାଇପାରନ୍ତି । ସମସ୍ତେ ସମାନ, କେହି କାହାର ମାଲିକ ନାହିଁ । ଦେଶଯାକର ଲୋକ ଚାଲିଛନ୍ତି ଯିମିତି ସେ ଗାଡ଼ିଟାରେ । ସମସ୍ତେ ସ୍ୱାଧୀନ । ଯେଉଁଠି ଇଚ୍ଛା ଛିଡ଼ା କରାଅ । କାମ ସାରି ଫେର୍ ଚଳାଅ । ଏସବୁ ବର୍ଣ୍ଣନା ଦେଇ ଚମ୍ପିନାନୀ କୁହେ, 'ଦେଖ, ରେଳ ସମସ୍ତଙ୍କର, ଏ ପାଖ ରେଳ ସେପାଖକୁ, ସେପାଖ ରେଳ ଏପାଖକୁ ଯାଆସ କରୁଛି । ହେଲେ ସେପାଖ ଚାଉଳ ଏପାଖକୁ ଆସି ପାରିବ ନାହିଁ ।

Digitized by srujanika@gmail.com

"ଚମ୍ପିନାନୀର କି ବୁଦ୍ଧି ! କେତେ ଗିଆନ ! କେଡ଼େ ଉଆଡ଼ିବ କଥା, ଖାଣ୍ଟି କଥା କହେ ।" କିଏ ଜଣେ ଶ୍ରୋତା ମନ୍ତବ୍ୟ କରେ ।

ଗପର ଖିଅ ଧରି ଚମ୍ପିନାନୀ କୁହେ "ଚାରି ଛଅ ଘଡ଼ିବେଳକୁ ବାଲେଶ୍ୱର । ଏଡ଼େବଡ଼ ଟେସନ ପୃଥିବୀରେ ନଥିବ, କଲିକତା ପରି ବଡ଼ ସହର କେଜାଣି । ଇଞ୍ଜିନ ଏଇଠି ପାଣିପିଏ । ଟେସନ ପହୁଞ୍ଚିବା ପୂର୍ବରୁ କିନ୍ତୁ ରେଳ ବଜାର ପାଖରେ ଠିଆ ହୁଏ । କୋର୍ଟ କଚେରୀ ପାଖରେ । ଲୋକେ ଧାଁ ଦଉଡ଼ କରି ମାଲି ମୋକଦ୍ଦମା କରନ୍ତି । ବଡ଼ବଡ଼ ଇସ୍କୁଲ ବି ସେଇଠି । ଥରେ ମୁଁ ଦୁଇଜଣ ପିଲାଙ୍କୁ ଦେଖିଥିଲି । ଝିଅଙ୍କ ପରି ଚୂଳ । କୁରାଢ଼ି ପରି କଲି ଆଉ ଫୁଲ ପକା ଶାର୍ଟ । ଲୋକେ କୁହାକୁହି ହେଉଥିଲେ, ସେମାନେ କୁଆଡ଼େ ଯାତ୍ରୀଙ୍କି ଡରାଇ ହଲାଇ ପଇସା ନିଅନ୍ତି । ସେଇ ପଇସାରେ ପାଖ ବଜାରରୁ ଚାଉଳ କିଣି ଆମରି ଗାଡ଼ିରେ ଜଳେଶ୍ୱର ପାଖ ଷ୍ଟେସନକୁ ଆସନ୍ତି, ଚାଉଳ ଚଢ଼ା ଦରରେ ବିକି ଫେରି ଯାଆନ୍ତି । ଥରକୁ ପଚାଶ ଶହେ ପାଇଯାନ୍ତି ।"

"ଲାଭ କ'ଣ ପାନ୍ତି ?"

"ଲାଭ ! ଯାହା ମିଳିଲା; ଖାଆନ୍ତି, ପିଅନ୍ତି, ଦେଖନ୍ତି । ତାଙ୍କର ଦଳ ଅଛି । ଥରେ ମୁଁ ଦୁଇଜଣ ବଜାରୁଣୀ ଝିଅଙ୍କ ସାଙ୍ଗରେ ସେ ଦୁଇଜଣଙ୍କୁ ଯିବାର ଦେଖିଛି ।"

"କ'ଣ ଯେ କୁହେ ନାନୀ !' ଲକ୍ଷ୍ମୀ କୁହେ ।

"ଏଇ ବାଲେଶ୍ୱର ଟେସନ ଅସଲ ଟେସନ । ଏଇଠି ଅସଲ ଚିଜ ମିଳେ । ବଡ଼ ପାଣିଟାଙ୍କି ପାଖରେ ଯେଉଁ ଭଙ୍ଗା ରେଳଡ଼ବା ଅଛି ତାରି ଭିତରେ ଗୁଡ଼ାଏ ଭିଖାରୀ, କୁଷ୍ଠରୋଗୀ ଥାଆନ୍ତି । ସେମାନେ ବୁଲାବିକାଳି ବି, ଚୋର ବି । ରେଳ ଠିଆ ହେଲେ ଲୋକେ ତାଙ୍କ ପାଖକୁ ଦଉଡ଼ନ୍ତି । ନାନା ସାଇଜର ଛିଣ୍ଡା କନା, ଅଖାପଟାର ଥଳି । ଅଧକିଲିଆରୁ ପାଞ୍ଚ କିଲିଆ ପର୍ଯ୍ୟନ୍ତ । ମୁଁ ମୋ ପେଟ ପାଇଁ ପାଞ୍ଚକିଲିଆ ଓ ଛାତିପାଇଁ ଦୁଇଟା କିଲିକିଆ ଥଳି କିଣିଲି ଟଙ୍କାକରେ ।"

"ନାଚ ନାଇଁ ଚମ୍ପି ନାନୀର"– କୃତ୍ତିବାସ ମାଇତିର ସ୍ତ୍ରୀ ମନ୍ତବ୍ୟ ଦେଲା ।

ଚମ୍ପିନାନୀର ସମଧର୍ମୀ ପ୍ରୌଢ଼ାଟିଏ ତା କଥାର ଜବାବରେ କହିଲା, "ଆଲୋ, ଅଭାବରେ ସ୍ୱଭାବ ନଷ୍ଟ । ପଡ଼ିକାର୍ଡ଼ରେ ତିନି ଜାଗାରେ ତେର ଲେଖାଇ ଥଳିକି ଥଳି ଚାଉଳ ଶନିବାରରୁ ଶନିବାର କୁଡିଆ ବଣ୍ଡାଇରୁ ଆଣୁଛି ବୋଲି ତୋର ନାଚସରମ ବେଶି ହେଉଛି ।"

"ତା କଥାକୁ କାହିଁକି କାନ ଦଉଛ ? ଆଚ୍ଛା ନାନୀ ! ତୁମେ ତେବେ ସେଇ ବାଲେଶ୍ୱରରୁ ଚାଉଳ ଆଣ ?"

"ନା, ବାଲେଶ୍ୱରବାଲାଏଁ ଶହ ଶହ ସାଇକେଲ ପଠାଇ ଯେଉଁଠୁଁ ଆଣନ୍ତି ଆମେ ସେଇଠୁଁ ଆଣୁ । ସେଠି ଚାଳିଶ ପଚାଶ ପଇସା ଶସ୍ତାରେ ମିଳେ । ଆମେ ଆଣୁ ଗୋଟାଏ ସାନ ସହରଭଳି ଜାଗାରୁ । ସେଠି ପୂର୍ବେ ବୀରମାନେ ଥିଲେ– କୁଆଡ଼େ ମୋଗଲ

Digitized by srujanika@gmail.com

ବର୍ଗୀମାନଙ୍କ ସହିତ ଯୁଝୁଥିଲେ । ଏବକୁ ଖଣ୍ଡା ଖଡ଼ଗ ଛାଡ଼ି ଲଙ୍ଗଳ ଧରି ବହୁତ ଧାନ ଅମଳ କରୁଛନ୍ତି । ଫେର୍ ତାଙ୍କ ହାଟକୁ ପାହାଡ଼ପାଖ ମଫସଲ ଗାଁରୁ ଶଗଡ଼ ଶଗଡ଼ ଚାଉଳ ଆସେ । ପାଟଣି ବୋଲି ଗୋଟାଏ ଚାଉଳ ମିଳେ– ଯବେ ଲମ୍ବା; ମାଛକଣ୍ଟା ବୋଲି ଆଉ ଗୋଟାଏ ଚାଉଳ ଏତେ ସରୁ ଯେ ଆଖିକି ଦିଶିବ ନାହିଁ । ଆମେ କ୍ଷେପା ନ ହେଲେ ଭୁତିଆ ଧାନର ଚାଉଳଆଣୁ, ମୋଟା ବଗଡ଼ା ।''

''ଷ୍ଟେସନ୍‌ରେ ଚାଉଳ ମିଳେ ?''

'ଟେସନ ପାଖରୁ ଖଣ୍ଡେଦୂର ଗଲେ ମହାଜନ ଅଛନ୍ତି, ଭାରି ଭଲ ଜାଗା, ଭାରି ଭଲ ଲୋକ । ଟେସନରୁ ଓହ୍ଲାଇଲା ବେଳକୁ ଲୋକ ଆସି ବାଟ କଢ଼ାଇ ନେଇଯିବେ ଠିକଣା ଜାଗାକୁ, ଯେତେ ନବ ନିଅ, ଦଶଘଡ଼ି ବେଳକୁ ଟେସନରେ ପହଞ୍ଚିଲା, ତିନିପହର ବେଳକୁ ସେଇ ରେଳ ଫେରି ଆସିବ । ଚାଉଳ କିଣିବାକୁ ବେଳ ଢେର୍ । ଚାଉଳ ଧରି ଷ୍ଟେସନକୁ ପୁଣି ଫେରିଲ, ସେଇଠି ପାଣିକଳରେ ଗାଧୁଆପାଧୁଆ କଲ, ରେଳଷ୍ଟେସନ ବାଡ଼ରେ ଲୁଗା ଶୁଖାଇଲ, ଏଥର ରୋଷେଇ କର । କାଲି ଯେଉଁମାନେ ରାନ୍ଧିଥିଲେ ତାଙ୍କରି ତିଆରି ଅଧାପୋଡ଼ା ଚୂଲି ଆଉ ଦରଜଳା ଅମରୀକାଠ ପଡ଼ିଛି । ମୁଠେ ଫୁଟାଅ; ଖାଇସାରିଲା ବେଳକୁ ଶୁଭିବ କୁଉଉଉଉ । ମାଛ ବି ବହୁତ ଶସ୍ତା, ଟିକିଏ ପଚିଥିବା ଇଲିସି କିଲୋ ଦୁଇଟଙ୍କା । ଚମ୍ପିନାନୀର ପଦ ପଦ କଥା ଲକ୍ଷ୍ମୀପ୍ରିୟା ଶୁଣୁଥାଏ । ସେଇ ନାନୀ ତାର ଅନ୍ନଦାତ୍ରୀ । ନାନୀର ପ୍ରଗଳ୍ଭତା, ରସିକତା, ଫୁଟାଣି ସବୁଦୋଷ ସେ ମାର୍ଜନା କରେ । ଗପ ମଝିରେ ମଝିରେ ଉଠିଯାଇ ଘରକାମ କରେ । ନାନୀକି ଘରକାମ କରିବାକୁ ଦିଏନାହିଁ ।

ଫେରିବା ବେଳର ନାନା ଘଟଣା ଉପାଖ୍ୟାନ କହୁ କହୁ ସେ କୁହେ କେତେ କ'ଣ କାହାକୁ ଦବାକୁ ପଡ଼େ । ବଡ଼ ବଡ଼ ପଢୁଆ ପିଲାଏ ନାଚତାମସା, ଯାତ୍ରା ସୁଆଙ୍ଗ କରିବେ ବୋଲି ଚାନ୍ଦା ମାଗନ୍ତି । ବଜାରର ଟୋକାଏ ବି ଦଳବାନ୍ଧି କାଳୀପୂଜା, ଜଗଦ୍ଧାତ୍ରୀ ପୂଜା କରିବେ ବୋଲି ଚାନ୍ଦା ନିଅନ୍ତି । ଓଡ଼ିଆ ଦେଶରେ ଅନେକ ଠାକୁର, ଜଣକର ପୂଜା ଊଣା ହେଲେ ଚାଉଳ ଉଭେଇଯିବ । ଏ ପ୍ରସଙ୍ଗରେ ସେ କୁହେ ଜଣେ ବୁଢ଼ା ପଏଣ୍ଟମେନ୍ କଥା । ଦିନେ ସେ ବୁଢ଼ା ଅଥର୍ବ ଦେଖିଲା ଯେ ସମସ୍ତେ କିଛି ପାଇଲେ । ସେ ଆସି ଚମ୍ପି ପାଖରେ କହିଲା, ''ଦେ, ଦେ, ଚାନ୍ଦା ଦେ ।'' ଚମ୍ପି ପଚାରିଲା 'କି ଚାନ୍ଦା', ସେ କହିଲା 'ଗଣେଶ ପୂଜା', ''ଗଣେଶ ପୂଜା ତ କେତେ ଦିନୁ ଗଲାଣି ।'' ବୁଢ଼ା କହିଲା, ''ନାଇଁମ, ଭୁଲ କହିଲି ରଥ ଚାନ୍ଦା'', ଯାହାକୁ ଦଣ୍ଡେ ଆଗରୁ ଚାନ୍ଦା ଦେଇଥିଲା ସେଇ ପଏଣ୍ଟମେନ୍‌କୁ ଚମ୍ପି ପଚାରିଲା, 'ଏ କି ଜାତିର ଲୋକ ?' ଉତ୍ତର ଆସିଲା । ସେ ବୁଢ଼ା ମୁସଲମାନ କି ଖ୍ରୀଷ୍ଟାନ୍ ଅଛି ।''

ଟ୍ରେନ ଭିତରେ ବି କେତେକଥା ଘଟେ । ବାଟରେ ଗୋଟାଏ ଟେସନ ଅଛି ଯାହାର ନାଆଁ ଶୁଣିଲେ ହସିବ– ବାହାନଗାବଜାର । ସେଠିକାର ଦଳେ ଟୋକା ଦିନେ

Digitized by srujanika@gmail.com

ଆସି ଟ୍ରେନରେ ପଶିଲେ ଆଉ ଯେତେ ପାରିଲେ ଚାଉଳ ଓହ୍ଲାଇନେଲେ । ଭାରି ସଙ୍କୋଚ ପିଲା, କହୁଥାନ୍ତି "ଆମେ ବାହାରକୁ ଚାଉଳ ଛାଡ଼ିବୁ ନାହିଁ, ଆମେ କ'ଣ ମରିବୁଁ ନ ଖାଇ ଭୋକ ଉପାସରେ । କାଳେ ମୋ ବୁକୁ ଚାଉଳ ଓହ୍ଲାଇ ନେବେ ବୋଲି ଭୟକରି ମୁଁ ଯିମିତି ହାତ ଟେକିଛି, ପାଖରେ ଚଷମା ପିନ୍ଧି ବସିଥିବା ଦରବୁଢ଼ାଟା ଦୁଇଅର୍ଥ ରଖି କହିଲା, 'ନାନୀ, ସବୁ ଦିଶୁଛି ଯେ ।' ମୁଁ ତ ପେଟରେ ଛାତିରେ ଚାଉଳ ରଖି ପୁଡ଼ିଆ ବାନ୍ଧିଥାଏ । ମୋତେ ବି ହସ ମାଡ଼ିଲା । ମୁରୁକି ହସି ଦେଲି; ଆଖିକି ଥରେ ମାରିଦେଲି । ସେ ବଣ୍ଡାରୀକୁ ମୁଁ ବଣ୍ଡାରୁଣୀ । ଏତେ ଲୋକରେ ଦିନ ଦି'ପହରେ ସେ ମୋର କ'ଣ କରନ୍ତା ।

"ନାନୀ ! ତୁମେ ଟିକେ ଅତି ହୋଇ ଯାଉଛ" କହି ଲକ୍ଷ୍ମୀପ୍ରିୟା ଉଠି ଚାଲିଗଲା । ନାନୀ ଫେରିବା ବେଳର ଦୁଃଖଦୁର୍ଦ୍ଦଶା ବା ବୁଦ୍ଧି କୌଶଳ ପ୍ରୟୋଗ ସେ ଶୁଣି ପାରିଲା ନାହିଁ । ଚକ୍ରବ୍ୟୂହ ଭେଦ କରିବା ଉପାୟ ସେ ଜାଣି ପାରିଲା ସିନା, ଫେରିବା କଥା ଅଭିମନ୍ୟୁ ପରି ସେ ବି ଜାଣିପାରିଲା ନାହିଁ, ନାନୀ ତ ଆଉ ନାହିଁ, କାହା ପାଖରୁ ବୁଦ୍ଧି ନବ ? ଲକ୍ଷ୍ମୀପ୍ରିୟା କିନ୍ତୁ ଯିବ ଚାରିଛୁଆଙ୍କୁ ଧରି, ଫେରିବା ନ ଫେରିବା ସେଇ ଜଗା ହାତରେ ।

ରାତିରେ ବସି ବସି କେତେବେଳେ ଜହ୍ନ ଆଲୁଅରେ କେତେବେଳେ ଡିବିରି ଆଲୁଅରେ ପୁରୁଣା ଛିଣ୍ଡା ଫଟା କନାରେ ଛୋଟବଡ଼ ବେତୁଟା ଥଳି ସିଇଁଲା । ବୁଧବାର ବଡ଼ି ଭୋରରୁ ଉଠି ଗାଧୁଆପାଧୁଆ ସାରି ମଠା ଲୁଗା ପିନ୍ଧି ଲକ୍ଷ୍ମୀଙ୍କ ପେଡ଼ି ଖୋଲିଲା । ଲକ୍ଷ୍ମୀହାଡୀ ପେଟ ଖୋଲି ନୂଆ ପୁରୁଣା ସୁକି, ଅଧୁଲି ବାହାର କରି ଅଚଳକୁ ରଖି ବାକିତକ ଗଣାଗୁନ୍ଥା କରି ଦେଖିଲା ସର୍ବମୋଟ ସତେଇଶି ବାରଣା ହେଲା, ଯେଉଁ ଲୁଗା ପିନ୍ଧିକରି ଯିବ ତାରି କାନିରେ କିଛି ବାନ୍ଧି ବାକିତକ ଅଣ୍ଟା ପାଇଁ ଗୁଞ୍ଜିଲା । ବିନା ଗୁଡ଼ରେ ଛୁଆଙ୍କ ପାଇଁ କେତୁଟା ଚକୁଳି କଲା । ଘରେ କୋଲପ ପକାଇ ରେଳ ଟେସନକୁ ବାହାରିଲା ବେଳେ ଭା'ଗତ ଗାଦି ପାଖରେ ଜୁହାର ହେଲା, ଲକ୍ଷ୍ମୀପେଡ଼ି ଆଡ଼କୁ ଚାହିଁ କହିଲା, "ମାଆ ! ମୁଁ ଚଣ୍ଡାଳୁଣୀ, ଘରେ କେବେ କେହି ଯାହା କରି ନଥିଲେ ତାହା ମୁଁ ଅଲକ୍ଷଣୀ କଲି, ତୋ ପେଟରୁ ଧନ ନେଲି । ଛୁଆଗୁଡ଼ାକୁ ଥରେ ବଞ୍ଚାଇ ଦେ ମା' । ମୁଁ ତୋର ଦୋରେହା ହେବିନି । ଧାନ ବିକି ତୋ ଟଙ୍କା ତୋତେ ଦେଇଦେବି ।"

ଚମ୍ପି ନାନୀକି ସ୍ମରଣା କରି ତାରି ବର୍ଣ୍ଣନା ଓ ବିବରଣୀ ଅନୁସରଣରେ ଲକ୍ଷ୍ମୀପ୍ରିୟା ଗନ୍ତବ୍ୟ ସ୍ଥାନରେ ପହଞ୍ଚିଲା ଏବଂ ସୁରୁଖୁରୁରେ ସବୁ କାମ କରି ଚାଉଳ ଧରି ଫେରନ୍ତା ରେଳରେ ଚଢ଼ିଲା । ଝୋଟି, ଭୋଗପାଇଁ ପିଠାପଣା ଲାଗି କିଛେ ଅରୁଆ ଚାଉଳ ବି କିଣିଥିଲା । ପାଞ୍ଚ ଛଅଟି ଟଙ୍କା ଦାନ ଖଇରାତିରେ ଯାଇଥାଏ । ନିଚ୍ଚେ ସେ ଖୁବ୍ ମୋଟାସୋଟା ଦିଶୁଥାଏ, ଛୁଆମାନେ ଜାଉଁକି ଯେତେ ଲୁଚାଇବାର ଚେଷ୍ଟା କରୁଥିଲେ ବି ପାରୁନଥାନ୍ତି । ଚାଉଳିଆ ହେଲେ ବି କେତେଦିନ ପରେ ଭାତ ମୁଠାଏ ମୁଠାଏ ଖାଇ

Digitized by srujanika@gmail.com

ସେମାନେ ଟିକିଏ ସତେଜ ଦିଶୁଥାନ୍ତି । ଏପାଖ ସେପାଖର ନାନା ଦୃଶ୍ୟ ଦେଖି ଚଳନ୍ତା ରେଳରେ ଯିବାର ଆନନ୍ଦ ଟିକକ ପାଉଥିଲେ ବି ସେମାନେ ଯେ ନ କରିବା କାମ କରୁଛନ୍ତି, ତାରି ସଜ୍ଞାନତା ତାଙ୍କୁ ଆତଙ୍କିତ କରୁଥାଏ । ପାଇଖାନା ପାଖ କଣଟିରେ ସମସ୍ତେ ଏକାଠି ଛାକିଚୁକି ହୋଇ ଛିଡ଼ା ହୋଇଥାନ୍ତି; ଥଣ୍ଡା ବାଧୁ ନଥାଏ ପରସ୍ପର ଦିହର ଉଷ୍ମମରେ, ହେଲେ ସାନ ପିଲାଟି ଘୁମେଇବା ଆରମ୍ଭ କଲାଣି; ଘୁମା ରୋଗ ଧଇଲେ କୁକୁଡ଼ା ଚିଆଁ ଆଖି ବୁଜି ଯିମିତି ନିସ୍ତେଜ ହୁଏ ଠିକ୍ ସିମିତି ତା'ର ରୂପ ଆଚରଣ । ରେଳର ସମସ୍ତ ଯାତ୍ରୀ ଗୋଦର, କୁଷ୍ଠ, ଫୁଲା ରୋଗରେ ଆକ୍ରାନ୍ତ ପରି କିମିତି ଅସ୍ୱାଭାବିକ ଦିଶୁଥାନ୍ତି । ବିଚରା ରେଳଟି ବି ଉପର, ତଳ, ଭିତର, ସର୍ବତ୍ର ପୁଡ଼ିଆ ଥଳି, ବୋରାରେ ଅତି ଭାରାକ୍ରାନ୍ତ ହୋଇ ଥଙ୍ଗେଇ ଥଙ୍ଗେଇ ଚାଲୁଥାଏ । ପ୍ରତି ଚାରିପାଞ୍ଚ କିଲୋମିଟରରେ ନିଃଶ୍ୱାସ କୁଳାଏ ନାହିଁ, ଠିଆହୁଏ; ନିଃଶ୍ୱାସ ଫେରିଲେ ଦମ ଆସେ, ପୁଣି ଚାଲେ ।

ଜଳେଶ୍ୱର । ଏଇ ହେଲା ଚକ୍ରବ୍ୟୂହର ପ୍ରବେଶ ଓ ପ୍ରସ୍ଥାନ ପଥ । ପ୍ରବେଶ କାଳରେ ବ୍ୟୂହର କୌଣସି ପଥରେ ରଥୀ ବା ସୈନିକ କାହାରି ଦେଖାନଥିଲା । ବାଲେଶ୍ୱରରେ ଯାତ୍ରୀମାନେ ଆତଙ୍କିତ ହୋଇଥିଲେ, କାରଣ ଚାରିଆଡ଼େ ଶୁଣାଗଲା ପ୍ରସ୍ଥାନ ପଥ ଅବରୁଦ୍ଧ । ଜମାନା କୁଆଡ଼େ ବଦଳ ହୋଇ ଯାଇଛି ଏଇ ଭିତରେ । ସତକୁ ସତ ଗାଡ଼ି ଯିମିତି ଷ୍ଟେସନରେ ଛିଡ଼ା ହୋଇଛି ମୁହୂର୍ତ୍ତକେ ଜଣାଗଲା ବ୍ୟୂହର ସମସ୍ତ ରଥୀ, ମହାରଥୀ, ପଦାତି, ଅଶ୍ୱାରୋହୀଙ୍କ ଏଇ ଗୋଟିଏ ଦ୍ୱାରରେ ସମାବେଶ । ଯେଉଁଆଡ଼େ ଚାହିଁବ ଲୌହ ଶିରସ୍ତ୍ରାଣ, ଲାଠି, ବନ୍ଧୁକ । ପରିଚାଳନା ଭାର ନିଷ୍ଠୁରତା ଓ ନିର୍ମମତାରେ ଶ୍ରେଷ୍ଠ ସ୍ଥାନର ଯୁଗ୍ମ ଅଧିକାରୀ ଦୁର୍ଯ୍ୟୋଧନ ସ୍ୱାଇଁ ଆଉ ଦୁଃଶାସନ ମହାନ୍ତି ।

ଟ୍ରେନ ସେଇଠି ରହିଲା, ଆଉ ଆଗକୁ ଯିବନାହିଁ ଯେ ପର୍ଯ୍ୟନ୍ତ ଫଉଜ ତନଖି କରି ଟ୍ରେନର ସମସ୍ତ ଚାଉଳ ଉଦ୍ଧାର ନ କରିଛନ୍ତି । ଅଧଘଣ୍ଟାଏ ମଧ୍ୟରେ ରେଳବାଇ ଥାନା ଆଗରେ ଜମା ହେଲା ଶହ ଶହ ପୁଡ଼ିଆ, ଥଳି, ବୋରା, ଡୁଙ୍ଗୁରି ପ୍ରମାଣରେ । ରେଳର ଏମିତି କେଉଁ ଲୁଚାଚୋରା ସ୍ଥାନ ନାହିଁ ଯେଉଁଠି ଚାଉଳ ନଥିଲା । ସମସ୍ତ ଚାଉଳ ବାଜ୍ୟାପ୍ତି ବୋଲି ଘୋଷଣା କରାଗଲା । ଏଥର ହୁକୁମ ହେଲା ଯାତ୍ରୀମାନଙ୍କ ଦିହ ସର୍ଚ୍ଚ କର । ସ୍ତ୍ରୀ ପୁରୁଷ ପିଲାଝିଲା ସମସ୍ତଙ୍କୁ ପ୍ଲାଟଫର୍ମକୁ ନିଆଗଲା । ଲଙ୍ଗଳା ମୁକୁଳା କରି କେଉଁଠି ବା ସ୍ତ୍ରୀ ଲୋକ ସାହାଯ୍ୟରେ ଆଉ କେଉଁଠି ବା ଖୋଦ ରଥୀମାନଙ୍କ ଦ୍ୱାରା ଖାନତଲାସୀ ଚାଲିଲା । ଚୋର ଚୋରଣୀଙ୍କି ଦୟାମାୟା ଦେଖାଇବ କିଏ ? ଦେଶ ଜାତି ରାଷ୍ଟ୍ର ପ୍ରତି କର୍ତ୍ତବ୍ୟର ଅବହେଳା କେଉଁ ସରକାର ସହ୍ୟ କରିବ ।

ଲକ୍ଷ୍ମୀ ଓ ତାର ଚାରିପିଲା ଧାଡ଼ିରେ ଛିଡ଼ା ହୋଇଥାନ୍ତି ଥରି ଥରି । ରାତି ଦୁଇଘଡ଼ି ହେଲାଣି । ସୁଲୁସୁଲିଆ ଉତୁରା ବହିବାକୁ ଆରମ୍ଭ କରିଛି । ଖାଲି ପେଟକୁ ଶୀତ ବେଶି । ସାନ ପିଲାଟି ଠିଆ ହେବାକୁ ପ୍ରାୟ ଅସମର୍ଥ । ଲକ୍ଷ୍ମୀ ତାକୁ ଦିହର ଅନ୍ୟାନ୍ୟ ବୋଝ ସାଙ୍ଗରେ କାଖ କରି ରେଳରୁ ଆଣିଛି । ଚାହୁଁ ଚାହୁଁ ଅକ୍ଲେଶରେ ପିଲାମାନଙ୍କ ପେଟରେ ଓ

Digitized by srujanika@gmail.com

କାନ୍ଧରେ ଥିବା ବୁଜୁଳା ଓ ଥଳି ଖସାଇ ନେଇ ଗଦା ଉପରେ ମିଶାଇ ଦିଆଗଲା । ନାନା ବିଦ୍ରୂପ ବାକ୍ୟ ଓ ଅଶ୍ଳୀଳ ମନ୍ତବ୍ୟ ଭିତରେ ଲକ୍ଷ୍ମୀର ସାତ କିଲୋ ଚାଉଳ ତା ଦିହରୁ ଓହ୍ଲାଇ ନିଆଗଲା ।

ଦୁର୍ଯ୍ୟୋଧନଙ୍କ ଏକ୍ସରେ ଆଖି, କାଚ, ପଥର, ଲୁହା, କାଠ ଭିତର ଦେଇ ଚାଉଳ ଦେଖିପାରେ, ଗୋଟାଏ ଦରମଲା ବୁଢ଼ା କନେଷ୍ଟବଲର ପଛପଟେ ବେଟନ ବାଡ଼ିଟା ଖୁଞ୍ଚିଦେଇ ସେ ଗର୍ଜନ କଲେ "ଏ ବୁଢ଼ା ! ତୋ ଆଖିକି ଦିଶୁନି ଏ ସାନ ପିଲାର ପେଟରେ କ'ଣ ଅଛି ?" ଏ ପଦକ କଥା ସହିତ ଲକ୍ଷ୍ମୀର ସାନ ପୁଅର ବୁଜୁଳା ବାହାରିଥିବା ପେଟରେ ଚାଉଳ ପୁଡ଼ିଆ ବନ୍ଧା ହୋଇଛି ଭାବି ବେଟନରେ ଜୋର୍‌ରେ ଖୁଞ୍ଚି ଦେଲେ । "ମା...ଆ...କହୁଁ କହୁଁ ପିଲାଟି ତଳେ ପଡ଼ି ଛଟପଟ ହେଲା । ଲକ୍ଷ୍ମୀ ତଦଣ୍ଡେ ତାକୁ ଉଠାଇ କିଂକର୍ତ୍ତବ୍ୟବିମୂଢ଼ ଚକ୍ଷୁରେ କାନ୍ଧରେ ଆଉଜାଇ କାଠଟି ପରି ଛିଡ଼ା ହୋଇ ରହିଲା । ସର୍ବତ୍ର କରୁଣ ରୋଦନ ଧ୍ୱନି ସାଙ୍ଗକୁ ଇଞ୍ଜିନର କ୍ରନ୍ଦନ ପ୍ଲାଟଫର୍ମକୁ ଗୋଟାଏ ବିରାଟ ଶ୍ମଶାନରେ ପରିଣତ କରିଥାଏ ।

ଚାଉଳ ଗଲା, ମାନ ମହତ ବି । ଯାହାକୁ ବଞ୍ଚାଇବ ବୋଲି ଏତେ କଥା ସେ ଜୀବନରେ ରହିବ କି ନାହିଁ ସେ ଚିନ୍ତା ତାକୁ ଶଙ୍କାକୁଳ କଲା ! ଏଥର ଭଲା ଗାଡ଼ି ଚାଲନ୍ତା । ଘରେ ଶୀଘ୍ର ପହଞ୍ଚିଲେ ବା ଯଦି କିଛି... । କିନ୍ତୁ ରେଳ ଚାଲିବାକୁ ନାହିଁ, ସିମିତି ସିଂ ସିଂ ।

ଛଅଟି ବୋରା ଚାଉଳ ଯିବ ନ ଯିବ ତାରି ନିଷ୍ପତ୍ତି ଉପରେ କୁଆଡ଼େ ରେଳ ଚାଲିବ । ସମସ୍ତେ ଅପେକ୍ଷା କରିଛନ୍ତି ସେଇ ନିଷ୍ପତ୍ତିକୁ, ଆଉ ଶୁଣୁଛନ୍ତି ବଚସା, ଦୁର୍ଯ୍ୟୋଧନ ଆଉ ଜଣେକ ଦୀର୍ଘକାୟ ଚାଉଳମାଲିକମାନଙ୍କ ଭିତରେ । ଡ୍ରାଇଭର, ଗାର୍ଡ଼, ଷ୍ଟେସନ ମାଷ୍ଟର ସମସ୍ତେ ମୂକ ଦ୍ରଷ୍ଟା ।

ଏ ଚାଉଳ ଯାଇପାରିବ ନାହିଁ ।

ଅଲବତ୍ ଯିବ । ଚାଉଳ ଅଟକାଇବାର ଆପଣମାନଙ୍କର ଅଧିକାର ନାହିଁ ।

ଆଇନ ନିୟମ ଅଛି ।

ଆପଣ ନିୟମ କାନୁନ ବିଲକୁଲ ଜାଣନ୍ତି ନାହିଁ । ମୋ ଚାଉଳ ପୁଣି ଗାଡ଼ିକି ଉଠାନ୍ତୁ, ଗାଡ଼ି ଛାଡ଼ିବାକୁ କୁହନ୍ତୁ ।

ରାଜ୍ୟ ଭିତରେ ଦଶ କୁଇଣ୍ଟାଲ ଚାଉଳ ଯାଇପାରିବ ।

ଆପଣ ରାଉରକେଲା ନେଉଛନ୍ତି ।

ରାଉରକେଲା କ'ଣ ପଶ୍ଚିମ ବଙ୍ଗଳାରେ ନା ବିହାରରେ ? ଆପଣ ଭଲ ଭୂଗୋଳ ପଢ଼ିଛନ୍ତି । ଚାଉଳ ମୁଁ ବୁକ୍ କରିଛି । ଖାଲି ଖାଲି ନେଉନାହିଁ ।

ଆପଣଙ୍କର ପରମିଟ୍ ନାହିଁ ।

ପରମିଟ୍ ଦରକାର ନାହିଁ । କଟକରେ ଚାଷଜମି, ଚାଉଳ ରାଉରକେଲାରେ

Digitized by srujanika@gmail.com

ମୋ ଛୁଆପିଲାଏ ଖାଇବେ ନାହିଁ ।

ନା ଖାଇପାରିବେ ନାହିଁ, ପରମିଟ୍ ଦେଖାନ୍ତୁ ଅଥରିଟିର ।

ଆପଣ ପରମିଟ୍ ଅଥରିଟି ପାଖରୁ ଆଣନ୍ତୁ । ଫୋନ କରନ୍ତୁ ଆପଣଙ୍କ ଅଥରିଟିକି । ଡେରି ହୋଇ ଯାଉଛି, ପାସେଞ୍ଜରମାନେ କ'ଣ ରାତିଯାକ ଏଇଠି ଅପେକ୍ଷା କରିବେ ? ମୋ ଚାଉଳ, ମୁଁ ବୁକ୍ କରିଛି, ନିଶ୍ଚୟ ନେବି ଏବଂ ରାଉରକେଲାକୁ ନେବି ।

ଆମେ କହୁଛୁ ନେଇ ପାରିବେ ନାହିଁ, ମୁଁ ଅବି ଫୋନ୍ କରୁଛି । ହୁକୁମ୍ ନ ପାଇଲା ଯାକେ ରାତିଏ କ'ଣ ତିନି ଦିନ ଗାଡ଼ି ଛିଡ଼ା ହେବ ।

କାହାକୁ ଦୁର୍ଯ୍ୟୋଧନ ଏଣ୍ଟ କୋ ଫୋନ୍ କଲେ ଜଣାପଡ଼ିଲା ନାହିଁ । ସେପଟୁ କ'ଣ ଜବାବ ଆସୁଥାଏ ତାହା ସ୍ୱାଇଁ, ମହାନ୍ତି ବା ଷ୍ଟେସନମାଷ୍ଟର ଛଡ଼ା ଆଉ କେହି ଶୁଣି ପାରିଲେ ନାହିଁ । କିନ୍ତୁ କିଛି ସମୟ ପରେ ସେ ଫୋନ୍ ଚାଉଳର ମାଲିକକୁ ଧରାଇ ଦେଲେ । ଏପଟୁ ବଡ଼ ପାଟିରେ ଯାହା କୁହାଯାଉଥାଏ ତାହା ସମସ୍ତଙ୍କୁ ଶୁଭୁଥାଏ ।

"ଓ ! ଆପଣ ! ଇଭିନିଂ, ମୁଁ–ସିଂହ, ଜଳେଶ୍ୱରରୁ କହୁଛି ।"

"କ'ଣ ଆଉ କହିବି ? ଆପଣମାନେ ତ ଗୋଟାଏ ପାଲା, ଫାର୍ଶ, ତାମସା ଲଗାଇଛନ୍ତି ।"

"ହଁ, ହଁ ଫାର୍ଶ ନୁହେଁ ତ କ'ଣ ? ଆପଣ ଆଗ ଏ ଦୁଇଜଣଙ୍କୁ କୁହନ୍ତୁ ମୋ ଚାଉଳ ଛାଡ଼ି ଦିଅନ୍ତୁ । ଏଠି ଯେଉଁ କାଣ୍ଡକାରଖାନା ଚାଲିଛି ଆସି ଦେଖିଯାଆନ୍ତୁ ଦିନେ ।"

"ହଁ, ମୁଁ ରାଉରକେଲା ନଉଛି । କ'ଣ ଅପରାଧ ହେଲା ? ଓଡ଼ିଶାର ଚାଉଳ ଓଡ଼ିଶାକୁ ଯିବ ।"

"କି ଆଶ୍ଚର୍ଯ୍ୟ ! ବିହାର, ବଙ୍ଗଳା ଦେଇଗଲା ବୋଲି ରାଉରକେଲା ଯିବ ନାହିଁ, ଆପଣ ସିଧାସଳଖ ରେଳ ଲାଇନଟା କଟକରୁ ରାଉରକେଲା, ସମ୍ବଲପୁର ଟାଣି ଦେଲେନି ? ଛାଡ଼ନ୍ତୁ, ଯୁକ୍ତି କରନ୍ତୁ ନାହିଁ ।"

"ଆପଣ କ'ଣ ଏତିକି ବୁଝି ପାରୁନାହାନ୍ତି ଗୋଟାଏ ରାଜନୈତିକ ସୀମାସରହଦ ଟାଣି ଦେଶଟାକୁ ଚୋର କରି ସାରିଲେଣି । ମୋ ନିଜ ଚାଉଳ ମୁଁ ନେବି ନିଜ ଦେଶକୁ ଅଥଚ ଚୋର ହେବି ମୁଁ ।"

"ହଁ, ବଢ଼ିଆ କଥା କହିଲେ । ଟଙ୍କାଏ ଷାଠିଏରେ କଟକରେ ଚାଷ ଚାଉଳ ବିକି ରାଉରକେଲାରେ ତିନି କୋଡ଼ିଏର କିଣିବି ।"

"ଡେର ହେଲା । ଏଥର କୁହନ୍ତୁ ଦୟାକରି– ମନ୍ତ୍ରୀ ସାର୍କିଟ୍ ହାଉସକୁ ଫେରିଲେଣି କି ନାହିଁ । ମୁଁ ଟିକିଏ ତାଙ୍କୁ ପଚାରି ଦିଏ । ସେ କେମିତି ମୋତେ କହିଲେ ନବା ପାଇଁ ।"

"ମୁଁ ତାଙ୍କର ଶଳା । ଏଥର ହୁକୁମ ଦିଅନ୍ତୁ ।" ଦୁର୍ଯ୍ୟୋଧନ ବାବୁ ହୁକୁମ ଶୁଣିସାରି ଯିମିତି ଫୋନ୍ ରଖିଛନ୍ତି, ଚାଉଳର ମାଲିକ ତାଙ୍କର ପଦେ ମିଠାକଥାର ଉତ୍ତରରେ

Digitized by srujanika@gmail.com

କହିଲେ- ଓହୋଃ ! ଖଡ଼ଗପୁର କଥା ଛାଡ଼ନ୍ତୁ । ଆଠଣା ପଇସା ଦେଇ ମୁଁ ବାର୍ଥ ରିଜର୍ଭ କରିଛି । ଚାଉଳ ଛଅ ବୋରାକୁ ଷାଠିଏ ପଇସା ଲାଗିବ । ଆପଣ କନେଷ୍ଟବଳଙ୍କୁ କୁହନ୍ତୁ ମୋ ବୋରା ସ୍ଲିପରକୋଚ୍‌କୁ ଉଠାନ୍ତୁ । ଶୀଘ୍ର, ଶୀଘ୍ର, ବହୁତ ଡ଼େରି ହେଲା । ଗୁଡ଼ାଏ ଭୂତ ଏ ଦେଶକୁ ପାଇଲେ ।

ଗାଡ଼ି ଚାଲିଲା ଖଡ଼୍‌ଗପୁର ଅଭିମୁଖେ ଛଅ ବୋରା ଚାଉଳ ନେଇ । ଡୁଙ୍ଗୁରି ପ୍ରମାଣ ଛୋଟ ଛୋଟ ଥଳି ପୁଡ଼ିଆଗୁଡ଼ିକ ବୁହାହୋଇ ଗଲା ରେଳବାଇ ପୋଲିସ ହାଜତଖାନାକୁ । ଭାଗ୍ୟ ଭଲ ବିନା ଟିକଟ ଯାତ୍ରୀଗୁଡ଼ାକୁ ହାଜତରେ ନ ପୂରାଇ ଯେଝା ଗନ୍ତବ୍ୟ ସ୍ଥାନକୁ ଯିବାକୁ ଅନୁମତି ଦିଅଗଲା ।

ରେଳ ନେକୁଡ଼ଶ୍ରେଣୀ ଷ୍ଟେସନ ପହୁଞ୍ଚିଲା ବେଳକୁ ରାତି ପ୍ରାୟ ନଅଟା । ନବମୀ ଚନ୍ଦ୍ର ଆଲୁଅ ବେଶ୍ ଫୁଟିଆରା ଥାଏ । ଲକ୍ଷ୍ମୀ ସାନ ଝୁଅଟିକୁ କାଖେଇ ରିକ୍ତ ହସ୍ତରେ ଗାଡ଼ିରୁ ଓହ୍ଲାଇଲା । ସପ୍ତରଥୀଙ୍କ ହାବୁଡ଼ରୁ ସେ ବର୍ତ୍ତି ପାରିଲା ନାହିଁ । ବାଟଯାକ ଭାବୁଥାଏ । ତାର ଭୁଲ୍ ହୋଇଯାଇଛି । ସୀତା ଠାକୁରାଣୀ ତିନିଗାର ଡେଇଁ ରାବଣ ହାବୁଡ଼ରେ ପଡ଼ିଥିଲେ ହେଁ ଅବଶେଷରେ ରାମ ଲକ୍ଷ୍ମଣ ତାଙ୍କୁ ଉଦ୍ଧାର କରିଥିଲେ । ମାତ୍ର ତାର ରାମ ଲକ୍ଷ୍ମଣ ତ କଲିକତାରେ ନିପାତ ହୋଇଛନ୍ତି ।

ସର୍ବତୋଭାବେ ଅସମାନ ଏକତରଫା ଯୁଦ୍ଧ ଚଳାଇ ଲକ୍ଷ୍ମୀପ୍ରିୟା ହାଲିଆ ହୋଇ ପଡ଼ିଥିଲା । ଯମରାଜ ସହିତ ସାନପୁଅଟିର ଜୀବନ ବଞ୍ଚାଇବା ପାଇଁ ଲଢ଼ିବା ଲାଗି ସତୀ ସାବିତ୍ରୀର ବଳସମ୍ବଳ କିଛି ନଥିଲା ତାର । ରାତିଯାକ ଏକୁଟିଆ କାଠପରି ବସି ଦିହମୁଣ୍ଡ ଆଉଁଷିବା, ସେକାସେକି କରିବା ଛଡ଼ା ଆଉ ସେବାଶୁଶ୍ରୁଷା କ'ଣ କରିପାରନ୍ତା ।

ରାତି ପାହିଲେ ଗୁରୁବାର, ଦଶମୀ । ସୁଦଶାବ୍ରତ । ମଗୁଶିର ମାସ ଭୋରୁ ଉଠି ଗାଧୁଆପାଧୁଆ ସାରି ଯେତେବେଳେ ସେ ଝୋଟି ଲେଖୁଥିଲା ଠିକ୍ ସେକିତିବେଳେ ଚାଉଁକିନା ତାର ଘୁମ ଭାଙ୍ଗିଗଲା । ଯାହା ଆଶଙ୍କା କରୁଥିଲା ଦେଖିଲା ଠିକ୍ ତାହାହିଁ ଘଟି ଯାଇଛି । ପୋଡ଼ା ଆଖି ଦୁଇଟାକୁ ଉପାଡ଼ି ଆଣିବାକୁ ଇଚ୍ଛା କଲା । ଯେଉଁ ଝିମିଟିଏ ମୁଦି ହୋଇଗଲା ସେଇ ଝିମିଟିକେ ସବୁ ଶେଷ ।

କାହାକୁ ଡାକିଲା ନାହିଁ । କ'ଣ କେତୁଟା ଚିଜ ଏଣୁ ତେଣୁ ଗୋଟାଇ ବୁକୁଟା କଲା । ତାକୁ ଆଉ ଥୁଣ୍ଟା ଖଣ୍ଡିଆ କୋଦାଳଟାକୁ କାନ୍ଧରେ ଧଇଲା । ନିଦେଇଲା ଝୁଅକୁ ବେକତଳେ ଗୋଡ଼ତେଳେ ଦୁଇ ହାତରେ ଖୁବ୍ ସତର୍କରେ ସରାଗରେ ଧରି ମାଆମାନେ ଯିମିତି ଏ ଖଟରୁ ସେ ଖଟକୁ ନିଅନ୍ତି ସେଇ ଭଙ୍ଗୀରେ ସାନକୁ ଧଇଲା । ମାଛି ଅନ୍ଧାରରେ ଚାଲିଲା ସେ ସୀମାଳି ପଥର ଗୋଟାକ ପାଖକୁ, ଅଗଭୀର ଗାତଟିଏ ଖୋଳି ଲମ୍ବେଲମ୍ବ ଉତ୍ତରକୁ ମୁଣ୍ଡ କରି ଏମିତି ଶୁଆଇ ଦେଲା ଯିମିତି ଦିହର ଅଧେ ଏ ରାଜ୍ୟରେ ଆଉ ଅଧକ ଅନ୍ୟ ରାଜ୍ୟରେ ରହିବ । ରୋହିତର ସତ୍କାର କରିବାକୁ ଶୈବ୍ୟା ସହିତ ହରିଶ୍ଚନ୍ଦ୍ର ଶ୍ମଶାନରେ ଥିଲେ । ଏଠି ଲକ୍ଷ୍ମୀପ୍ରିୟା ଏକାକିନୀ । ମାଟି ଘୋଡ଼ାଇବା ଆଗରୁ ଲକ୍ଷ୍ମୀପ୍ରିୟା ଛୋଟ

Digitized by srujanika@gmail.com

ଶିଳଟଟି, ଛିଣ୍ଡା ଛାମାପଟାକୁ ଏକାଠି କରି ଗୋଟାଏ ରକମ ତକିଆ କରି ମୁଣ୍ଡ ତଳେ ରଖିଲା । ଯେଉଁ ଛୋଟ ରବର ବଲଟିରେ ସେ ଖେଳୁଥିଲା ତାକୁ ହାତ ପାଖରେ ଥୋଇଦେଲା, ତାଳକୁ ତଳିପା ଯାଏଁ ଥରେ ଆଉଁଷି ଦେଲାବେଳେ ଦେଖିଲା, ପେଟରେ ବେଟନ ବାଜିଥିବା ଦାଗଟା ଫୁଲି ରହିଛି । ଗୋଟାଏ ଆଖି ସାମାନ୍ୟ ଫିଟାଇ ଦେଖି ଦେଇ ଭୋ କରି କାନ୍ଦି ଉଠିଲା ଏବଂ ବାଷ୍ପଭରା କଣ୍ଠରେ କହିଲା, ''କିରେ ବାପା ! ଚାଲିଗଲୁ ।''

କାମ ସାରି କୋଦାଳଟି ଧରି ଉଠିଲା ବେଳକୁ ଦେଖିଲା ପୁଅର ଖଡ଼ିଟି ଦେବାକୁ ଭୁଲି ଯାଇଛି । ଏଇ ଖଡ଼ିଟିରେ ଗଣେଶ ପୂଜାରେ ''ସିଦ୍ଧିରସ୍ତୁ'' ଚାରି ଅକ୍ଷର ପୁଅ ମଡ଼ାଇଥିଲା । ଆଉ ଖୋଲିବାକୁ ମନ ହେଲା ନାହିଁ । କ'ଣ ମନରେ ପାଞ୍ଚିଲା ପୁଣି ବସିପଡ଼ିଲା । କଇଁ କଇଁ ହୋଇ ପାଗଳୀ ପରି ସେଇ ସୀମାଳି ପାହିଆ ପଥର ଉପରେ ଖଡ଼ିକି ଧରି ଛବି ଆଙ୍କିବାକୁ ଲାଗିଲା । ଚାଉଳ ନାହିଁ, ଝୋଟି ଆଙ୍କିବ କିମିତି ଏଇ ସୁଦଶା ଦିନରେ ? କେତେ ସମୟ ସେ ଆଙ୍କିଲା କେଜାଣି । ଛିଡ଼ା ହୋଇ ନଜର କଲା ସେଇ କାଳିଆ ପଥର ଦିହରେ ଅବିକଳ ଚକାଡ଼ୋଳାକୁ ଆଙ୍କି ପାରିଛି କି ନାହିଁ । ଦେଖିଲା ବଡ଼ ବଡ଼ ଦୁଇ ଆଖି, ପାଟି, ଆଉ ନାକ, ସୂର୍ଯ୍ୟ, ଚନ୍ଦ୍ର, ରାହୁ ଆଉ କେତୁ ସମସ୍ତେ ସେଇ ଏକ ମୁହଁରେ । ଅନନ୍ତବାହୁ, ଶଶିସୂର୍ଯ୍ୟ–ନେତ୍ର, ଅନନ୍ତରୂପ । ସେଇ ମୂର୍ତ୍ତି ଯେ କି ଅସୀମ, ସୀମାହୀନ । ସେଇ ସୀମାସୂଚକ ପଥରଟାକୁ ଅସୀମ କରିଦେଇ ମୁଣ୍ଡ ଭୂଇଁରେ ଲଗାଇ ଲକ୍ଷ୍ମୀପ୍ରିୟା ସୁଦଶାବ୍ରତ ଉଦ୍‌ଯାପନ କଲା ।

Digitized by srujanika@gmail.com

# ଗରିବୀ ହଟାଅ

''ଏୟ, ତୁ ସେଇ ଲୋକ ନା ସେଦିନ ସଞ୍ଜବେଳେ ଏଇଠି ବସି ମୋତେ ଡରାଇଥିଲୁ ?'' ବାଡ଼ି ପଛପଟ ଗଡ଼ିଆ ଘାଟର ସିମେଣ୍ଟ ବେଞ୍ଚରେ ବସୁଁ ବସୁଁ ତାକୁ ପଚାରିଲି ।

କିଛି ଉତ୍ତର ଦେଲା ନାହିଁ ସେ । ଟର୍ଚ୍ଚ ଆଲୁଅ ସେଦିନ ସଞ୍ଜରେ ତା' ମୁହଁରେ ଯେଉଁ ମାୟା ରଚିଥିଲା ଆଜି ସକାଳ ନଅଟା ବେଳର ତୀବ୍ର ସୂର୍ଯ୍ୟାଲୋକରେ ତାହା ଅପସରି ଯାଇଥିଲା । ତେଣୁ ଦେହମୁହଁର ସର୍ବମୟ କୁତ୍ସିତତା ଅତ୍ୟନ୍ତ ସ୍ୱଷ୍ଟ ହେଉଥିଲା । ଦଣ୍ଡେ ପରେ ଭଲକରି ନିରିଖି ଜାଣିଲି ଏ ନିଶ୍ଚୟ ସେଇ ଲୋକ ।

ଆଖି ଦୁଇଟାରେ ପ୍ରଜ୍ୱଳିତ ବୁଭୁକ୍ଷା ଓ ପିପାସା ସାଙ୍ଗକୁ ଥିଲା ନିର୍ନିମେଷ ଭୟ ଓ ଆତୁରତା । ଜେଲ ଭେନ୍‌ର କଏଦୀଗୁଡ଼ାକ ଯିମିତି ଚିଡ଼ିଆଖାନାର ଅସହାୟ ହିଂସ୍ର ଜାନୁଆରଙ୍କ ପରି ଲୁକୁଲୁକୁ ବାହାର ଦୁନିଆଁଟାକୁ (ଯେଉଁ ଦୁନିଆଁଟା ତାକୁ ଅପରାଧୀ ବା କ୍ରୀଡ଼ନକ ବୋଲି ବିବେଚନା କରିଛି) ଚାହିଁଥାନ୍ତି ଠିକ୍ ସେମିତି ଆଖିରେ ସେ ମୋ ଆଡ଼କୁ ଚାହିଁଲା, ଚାପା କ୍ରୋଧରେ ମୋ ପ୍ରଶ୍ନର ଜବାବ୍ ନ ଦେଇ । ଓଠର ଦି' ଚାରିଗଣ୍ଡା ଦାଢ଼ି ଥର ଥର ହେଲା, ମୁଣ୍ଡର ଚୁଳଗୁଡ଼ାକ ଠିଆ ଠିଆ ଅବାଗିଆ ହେଲା । ଚେହେରା ସହିତ ମେଳ ଥିବା ଅପରଛନିଆଁ ଜାଗାଟା ତାକୁ ଅଳିଆଗଦାର ଏକ ଅଂଶ ବା ଏକ ଅପାର୍ଥିବ ପାପ-ଭାବରେ ପରିଣତ କରିଥିଲା ।

ଦଣ୍ଡେ ପରେ ସାମାନ୍ୟ ମୁଣ୍ଡ ଟେକି ମୋ ଆଡ଼କୁ କଣେଇ ଚାହିଁଲା ଓ ପୁଣି ମୁଣ୍ଡ ତଳକୁ କରି ତା'କାମରେ ଲାଗିଗଲା । ଦାଆଟିଏ ଧରି ଠୁକୁରୁ ଠୁକୁରୁ ପାଉଁଶ-ଅଳିଆ ଗଦାକୁ ସେ ଚିରିଭିଣି ପକାଉଥାଏ, ଯିମିତି ଘୁଷୁରି ବା କୁକୁଡ଼ା ଖାଦ୍ୟ ପାଇଁ ନିର୍ମମ ଭାବରେ ଭୂଇଁକୁ ବିଦାରି ଦିଅନ୍ତି । ଟୁକୁରା କାଚଖଣ୍ଡେ ପାଇଗଲେ ତା' ଆଖିରେ ନୂତନ ମୂଲ୍ୟବାନ୍ ପଦାର୍ଥ ପ୍ରାପ୍ତିରେ ଆବିଷ୍କାରକଙ୍କ ଆଖିର ଆଭା ଓ ଜ୍ୟୋତି ଉକୁଟି ଉଠେ । ନବାବିଷ୍କୃତ ସମ୍ପଦକୁ ଆଦରରେ ଗୋଟାଇ ନେଇ ଛିଣ୍ଡା ଅଖାଟାରେ ସେ ପୂରାଇ ଦିଏ । କି ନିଷ୍ଠା, କି ଅଭିନିବେଶ ! କି ଅମୂଲ୍ୟ ଦ୍ରବ୍ୟ !

ଦିନେ ମୁହଁ ସଞ୍ଜରେ ଘରେ ମୁଁ ଏକା ଥାଏ । ପିଲାଝିଲାଏ ମୋତେ ବାରମ୍ବାର କହିଥାନ୍ତି ଘରେ କେହି ନଥିଲେ କିଏ ଗୋଟାଏ ଛାୟାମୂର୍ତ୍ତି ପରି ଘର ଭିତରେ ଘୂରାଫେରା କରେ, ଏ କୋଠରୀରୁ ସେ କୋଠରୀକି ଯାଏ । ପରଦା ତଳକୁ ତା' ନଳୀ ଗୋଡ଼ଟା ସ୍ୱଷ୍ଟ ଦିଶେ । ଭୂତ, ପ୍ରେତ, ଅଶରୀରିଙ୍କି, ଭୟ କ'ଣ, ବିଶ୍ୱାସ ନଥିଲେ ବି, ଏକୁଟିଆ

Digitized by srujanika@gmail.com

ଥିଲାବେଳେ ବାଡ଼ି ଦୁଆର ପରଦାଟା ଧୀର ପବନରେ ଦୋହଲିଲେ ମୋତେ ବି ଛଣାପଡୁଥିଲା ଯିମିତି କିଏ ପ୍ରକୃତରେ ଯା'ଆସ କରୁଛି । ବେଳେବେଳେ ଛନକା ବି ପଶୁଥିଲା । ଛଲି ବୋଲି କୁତୀଟା ଗୋଡ଼ ପାଖରେ ଶୋଇଥିବାରୁ ମୋତେ ସେତେ ଏକୁଟିଆ ଲାଗୁ ନଥାଏ । ଟିକିଏ ଅହେତୁକୀ ଭୟ ପଶିଲେ ତା' ସହିତ କଥାବାର୍ତ୍ତା ଆରମ୍ଭ କରି ପଚାରେଁ "କିରେ ଛଲି । ମଶା କାମୁଡୁଛନ୍ତି ?"

ଗୋଟାଏ ଗଳ୍ପ ଉତ୍ତାରୁଥାଏଁ । ହଠାତ୍ ଭୋ ଭୋ କରି ଛଲି ଭୁକି ଉଠିଲା । ଦଡ଼ାମ୍ ଚମକି ପଡ଼ିଲି । ଦେଖିଲି ସେ ସିଧା ଅଗଣା ଦୁଆରକୁ ଗଲା ଏବଂ ତୁହାକୁ ତୁହା ଭୁକିଲା । ପ୍ରଥମେ ଭାବିଲି ବିରାଡ଼ି ବା କଟାଶର ଗନ୍ଧ ବାରିଥିବ । ଉଠିଲି ନାହିଁ । ମୁଁ ନ ଗଲାରୁ ସେ ଫେରି ଆସିଲା ଏବଂ ପୁଣି ଦୁଆରକୁ ଯାଇ ପୁଣି ଭୁକିଲା । ମୁଁ ଭାବିଲି ବୋଧହୁଏ ସେ ମୋତେ ଠାରୁଛି ବାଡ଼ି କବାଟ ଫିଟାଇବା ପାଇଁ ବା ବାହାରକୁ ଯାଇ ଦେଖିବା ପାଇଁ । କୁତୀଟା ବୋଲି ଘରର ସମସ୍ତେ ଛିଛାକର କଲାରୁ ତାକୁ ବିଦାୟ ଦେଇ ତା ପୁଅ ଟୀମ୍‌କୁ ରଖିଛି । ଏବେ କିନ୍ତୁ ଦେଖୁଛି ତା ମାଆ ଯଦି ବାହାର ଲୋକଙ୍କୁ ଦେଖି ଭୁକୁଥିଲା ପୁଅ ମୋତେ ଓ ଘରଲୋକଙ୍କୁ ଭୁକୁଛି ।

ଅଗଣାର ଆଲୁଅ ଜାଳି ଟର୍ଚ୍ଚ ଧରି ଛଲି ସାଙ୍ଗରେ ଦୁଆର ପର୍ଯ୍ୟନ୍ତ ଯାଇ ଧୀରେ ଧୀରେ କବାଟ ଫିଟାଇଲି । ଛଲି ଭିଡ଼ିଗଲା ନଡ଼ିଆଗଛ ଆଡ଼କୁ । ଛାତି ଧପ୍ ଧପ୍ କରୁଥିଲେ ବି ଛଲି ଉପରେ ନିର୍ଭର କରି ଟର୍ଚ୍ଚଟା ଫୁଟାଇଲି । ଦେଖିଲି ପାଚିରୀ କାନ୍ଥକୁ ଲାଗି କଳା ଜୀବଟାଏ । ହାଉଳି ଖାଇବା ଗଳାରେ ଭୟ ଓ ମିଥ୍ୟା ସାହସ ସୂଚାଇ ଚିତ୍କାର କରି ଉଠିଲି "କିଏ ସେ ?" ଭାବିଲି ଚୋରଟିଏ ଧରିଛି, କିନ୍ତୁ ଟର୍ଚ୍ଚ ଆଲୁଅରେ ପର ମୁହୂର୍ତ୍ତରେ ଦେଖିପାରିଲି ଲୋକଟା ଭଙ୍ଗାକାଚ ହାତରେ ଅନୁଭବ କରି କରି ଗୋଟାଇବାରେ ଲାଗିଛି । ସୁନା ଖଣିରେ ଠିକାରେ ଓଭରଟାଇମ୍ ଅଧିକା ମଜୁରି ନେଇ ବି ଏତେ ଆଗ୍ରହ ଓ କର୍ତ୍ତବ୍ୟନିଷ୍ଠା ଦେଖାଇ ଏତେ ସମୟଯାଏ କେହି କାମ କରିବ ନାହିଁ । ଫେର୍ ଖୋଜିବା ଚିଜ କ'ଣ ନା ଭଙ୍ଗା କାଚ ! ଯେଉଁଗୁଡ଼ାକୁ ଅତି ସତର୍କ ଓ ସାବଧାନ ହୋଇ ଆମେ ଚଲା ରାସ୍ତାରୁ ଦୂରକୁ ଅନ୍ତର କରି ଦେଉଁ, କାଳେ ମାଡ଼ି ଦେଲେ ଦୁରାରୋଗ୍ୟ ଧନୁଷ୍ଟଙ୍କାର ବ୍ୟାଧି ଜୀବନକୁ ବିପନ୍ନ କରିଦେବ ।

ବହେ ଗାଳି ଦେଲି ଲୋକଟାକୁ । କହିଲି, "ଖବରଦାର ! କେବେ ଆଉ ଏମିତି ଅନ୍ଧାରରେ, ଏଠି କ'ଣ କାହା ବାରିପଟେ ବସି ଏ ବେପାର କରିବୁ ନାହିଁ । ଲୋକେ ଭୂତ ପ୍ରେତ ବୋଲି ଚମକି ମରିବେ ନହେଲେ ଚୋର ଭାବି ଥାନାରେ ପୂରାଇବେ । ବୁଝିଲୁ ? ଯାଆ, ପଳା !"

ଆଜି ଫେର୍ ସେଇ ଲୋକ ସେଇଠି । କିନ୍ତୁ ସକାଳେ ଆସିଛି ନଡ଼ିଆଗଛ ମୂଳ ଅଳିଆ ପାଉଁଶଗଦା ଉପରେ ବସି ଏକ ଧ୍ୟାନ ଏକ ମନରେ ଖୋଳାବଛା କାମ କରି ଚାଲିଛି । ମନେମନେ ଭାବିଛି ଅଳିଆଗଦାଟା ଭଙ୍ଗାକାଚର ଅସରନ୍ତି ଖଣି । ଲୋକଟା

Digitized by srujanika@gmail.com

ଖାଣ୍ଟି ବେକାର ନ ହେଲେ ବୃଦ୍ଧ ଅଳସୁଆ । କାମଧନ୍ଦା ନ ଥିବାରୁ ଏଇ ଅପରଛନିଆ ଜାଗାଟାରେ ସକାଳ ସନ୍ଧ୍ୟା ବସି ଠୁକ୍‌ଠାକ୍ କରି ଚାଲିଛି । ତା'ର ସମୟର ମୂଲ୍ୟ ନାହିଁ କି କାମର ବି ମୂଲ୍ୟ ନାହିଁ । କୌତୁହଳ ହେଲା ତା' ବିଷୟରେ କିଛି ଜାଣିବା ପାଇଁ ।

ବହୁଦିନ କ୍ରମାଗତ ବର୍ଷା ପରେ ଆଜି ରବିବାର ସକାଳଟାରେ ଗାଡ଼ିଆ କୂଳର କାଶତଣ୍ଡୀ ଫୁଲର ମେଳାରୁ ଶରତ୍‌କାଳର ଆଗମନ ଜଣା ପଡୁଥାଏ । କାଳୀମନ୍ଦିର ସାମ୍ନା ତାଳଗଛରେ ବସା ବାନ୍ଧିଥିବା ବାଇଚଢ଼େଇ ଗୁଡ଼ାକ ଥରକୁ ଥର ଉଡ଼ି ଆସି କାଶଫୁଲର ଅଗଗୁଡ଼ାକ ଚୁଞ୍ଚି ଅଣ୍ଟରେ ଧରି ବ୍ୟସ୍ତରେ ଉଡ଼ିଯାଉଛନ୍ତି, ଛୁଆଙ୍କ ପାଇଁ ନରମ କୁଶନ ଶେଜ କରିବେ ଏବଂ ଛୁଆଙ୍କୁ ଝୁଲାଇ ଝୁଲାଇ ଶୁଆଇବେ; ''ବାୟାର କି ଯାଏ ବାଆ କଲେ ବସା ଦୋହଲୁଥାଏ'' ଗୀତ ଗାଇ ।

ଅପରପାର୍ଶ୍ୱ ଘାଟରେ ଲୁଗାପଟା ସଫା କରି ଆରାମରେ ନିର୍ମଳ ଜଳରେ ସ୍ନାନ ପରେ ଲୋକେ ମନ୍ଦିରମୁହାଁ ହେଲେଣି । ସର୍ବତ୍ର ସଫେଦ୍ ପ୍ରତି ଶ୍ରଦ୍ଧା ଥିଲେ ବି ମୋ ଆଖି ସାମ୍ନାର ଲୋକଟାର ସେଥିପ୍ରତି ଆଗ୍ରହ ଭ୍ରୂକ୍ଷେପ ନାହିଁ । ଏକେ ତ କଳା ଦୁଜେ ଧୂଳିମଳି ପାଉଁଶ-ପ୍ରଲେପ-ବୋଳା । ଦାଆ ଖଣ୍ଡିକରେ ଅଇଁଠାପତ୍ର, ପୋଡ଼ା କୋଇଲା, ପାଉଁଶ, ଭଙ୍ଗା ହାଣ୍ଡିଖପରା, ପିଲାପିଲିଙ୍କ ଗୁହଲେଣ୍ଡିଆ ଏପାଖ ସେପାଖ ଖେଳାଇ ଚାଲିଛି । କେତେବେଳେ କିମିତି ଭଙ୍ଗା ଆଇନାଟିଏ, ଗିଲାସ ଟୁକୁରାଟିଏ, କେଉଁ ସଦ୍ୟ ବିଧବାର ଭଙ୍ଗାଚୁଡ଼ି ଖଣ୍ଡେ ମିଳିଯାଉଛି ତ ଅଖା ଭିତରକୁ ସେ ପୂରାଇ ଦେଉଛି । କଳ ପରି ତା ହାତ । କେତେବେଳେ ଚୋର ପରି, କେତେବେଳେ ବୋକା ପରି ଆଉ କେତେବେଳେ ପାଗଳ ପରି ଦିଶୁଛି ।

ପଚାରିଲି, ''ସେଦିନ ତ ଅଣ୍ଡାଳି ଦରାଣ୍ଡି ସବୁତକ ନେଇ ଯାଇଛୁ । ପାଞ୍ଚ ସାତ ଦିନରେ ଏତେ କାଚ କାହା ଘରେ ଭାଙ୍ଗିବ ଯେ ତୁ ପୁଣି ଖୋଳାଖୋଳି ଆରମ୍ଭ କରି ଦେଇଛୁ ? ଏଇଟା କ'ଣ କାଚଭଙ୍ଗା ବୋତଲର ଖଣି ? ଆହୁରି ଅଛି ଭାବିଛୁ ?''

ଖୁବ୍ କ୍ଷୀଣ ସ୍ୱରରେ କିନ୍ତୁ ଆତ୍ମପ୍ରତ୍ୟୟ ସହିତ କହିଲା- ''ଅଛି'' । ପ୍ରମାଣ ଦେବାପାଇଁ ବୋତଲର ମୁହଁ ଖଣ୍ଡିଏ ଉଠାଇ ଠଣ୍‌ଠାଣ୍ କରି ବୋରା ଭିତରକୁ ଫୋପାଡ଼ି ଦେଲା ।

''ଏସବୁ ନେଇ କ'ଣ କରୁ ?''

''ବଜାରରେ ବିକେ ।''

''କିଏ କିଣେ ?''

''ମହାଜନ ଅଛି ।''

''କିମିତି ଦାମ୍, ଦର ।''

''କିଲ ଦର । କଉଁ ଦିନ କିମିତି । ପାଞ୍ଚ ପଇସା, ଛଅ ପଇସା, ଜିନିଷ ଦେଖି ଦାମ ।''

Digitized by srujanika@gmail.com

''ଦିନକରେ କେତେ ପାଉ ?''

''ଟଙ୍କାଏ ଦେଢ଼ ଟଙ୍କା ।''

କାମ ବନ୍ଦ କରେ ନାହିଁ । ଠୁକ୍‌ଠୁକ୍ ଶବ୍ଦର ଅନ୍ତର୍ବର୍ତ୍ତୀ କାଳରେ ସେ ପ୍ରଶ୍ନଟା ଶୁଣେ, ପର ଅନ୍ତର୍ବର୍ତ୍ତୀ ମୁହୂର୍ତ୍ତ ଗୁଡ଼ାକରେ ତା'ର ଉତ୍ତର ଦିଏ । ଜଣାପଡୁଥାଏ ଯିମିତି ମୋ ପ୍ରଶ୍ନ ଗୁଡ଼ାକ ତା' ପକ୍ଷରେ ଅବାନ୍ତର, ଅଯଥା ତା' କାର୍ଯ୍ୟରେ ବାଧା ବ୍ୟାଘାତ ସୃଷ୍ଟି କରୁଛି । ତା'ଛଡ଼ା ତା' ବ୍ୟକ୍ତିଗତ ଜୀବନ ଜୀବିକା ଓ ସ୍ୱାଧୀନତା ଭିତରେ ଅପରର ଅନୁପ୍ରବେଶ ବୋଧହୁଏ ସେ ଆଦୌ ପସନ୍ଦ କରୁ ନଥାଏ । ଗରିବଙ୍କ ଜୀବନ କାହାଣୀ ପ୍ରତି ଧନୀ ଲୋକଗୁଡ଼ାକର କୌତୂହଳ ସେମାନଙ୍କ ଆତ୍ମଶ୍ଳାଘା ଓ ଆତ୍ମତୁଷ୍ଟିର ପରିତୃପ୍ତି ନିମନ୍ତେ । ତଥାପି, ଯେଣୁ ସେ ମୋ ଅଳିଆଗଦାରୁ ଧନ ବା ଦାନାପାଣି ସଂଗ୍ରହ କରୁଛି, ମୋ ପ୍ରତି କୃତଜ୍ଞତା ଜଣାଇବାରେ ସେ ତ୍ରୁଟି କରିବା ଅପରାଧ ବୋଲି ମୁଁ ବିବେଚନା କରୁଥାଏ ।

ଦେଖିଲି, କାଚ ଖଣ୍ଡଗୁଡ଼ାକୁ ଗଣି ଓ ଡାଳିଦିଆ ଅଖା ଭିତରକୁ ଫୋପାଡ଼ିବା ସଙ୍ଗେ ସଙ୍ଗେ ଖଣ୍ଡେ ଖଣ୍ଡେ ଦରପୋଡ଼ା କୋଇଲା ମଧ୍ୟ ପାଉଁଶ ଅଳିଆ ଭିତରୁ ମିଳିଲେ ଉଠାଇ ନେଉଛି, ମାତ୍ର ନିଜେ ସେଗୁଡ଼ାକ ନ ରଖି ଝାଡ଼ିଝୁଡ଼ି ଦେଇ ନଡ଼ିଆଗଛ ଆଡ଼କୁ ଫୋପାଡ଼ି ଦେଉଛି । ପ୍ରଶ୍ନୋତ୍ତର ଜରିଆରେ କର୍ମଚାରୀମାନେ ଯିମିତି ପରିବାରର ଇତିହାସ ସଂଗ୍ରହ କରନ୍ତି ସେଇ ରୀତି ଅନୁସରଣ କରି ପରବର୍ତ୍ତୀ ପ୍ରଶ୍ନ ପଚାରିଲି, ''ଘରେ କେତେ ପ୍ରାଣୀ, କୁଟୁମ୍ବ ?''

ବୋକାଙ୍କ ପରି ଚାହିଁଲା ମୋ ଆଡ଼କୁ । ପ୍ରଶ୍ନଟା କଷ୍ଟ ହେଲା ବୋଧହୁଏ । ସହଜ କରି ଦେଇ ପଚାରିଲି, ''ଘରେ ଖାଇବାକୁ କେତେ ଜଣ ?''

ଉତ୍ତର ଦେଲା, ''ଇୟେ, ମାଆ ଆଉ ଭଉଣୀ ।''

ଏତେବେଳଯାଏ ଜାଣି ନଥିଲି ତା' ସାଙ୍ଗରେ ଆଉ ଜଣେ କେହି ଅଛି ବୋଲି । ବେଞ୍ଚରେ ପଛପଟକୁ ଆଉଜି ବେକ ଲମ୍ବାଇ ନଡ଼ିଆ ଗଛ ଆରପାଖକୁ ଚାହିଁଲି । ପାଉଁଶଗଦା ଓ ନଡ଼ିଆଗଛ ଗଣ୍ଡିର ସମାନ ରଙ୍ଗର ଲୁଗା ପିନ୍ଧି ସେ ଇମିତି ନିସ୍ତବ୍ଧ ନିଶ୍ଚଳ ହୋଇ ବସିଥିଲା ଯେ ଜଣାଯାଉଥିଲା ଯିମିତି ସେ ବି ଧରିତ୍ରୀର ଏକ ପ୍ରାକୃତିକ ଅଙ୍ଗ । 'ଇୟେ' ଶବ୍ଦଟା ଶୁଣି ସାମାନ୍ୟ ଚଳପ୍ରଚଳ ହେଲାରୁ ମୁଁ ଜାଣିଲି ସେ ଗୋଟାଏ ଜୀବ ।

ଦରପୋଡ଼ା କୋଇଲାଖଣ୍ଡ ସବୁ ଗଛର ଅନ୍ୟ ପାଖ ପାଉଁଶ ଗଦାରୁ ସଂଗ୍ରହ କରୁଥିଲା 'ଇୟେ' ଏବଂ 'ସିଏ' କାଚ ସାଙ୍ଗକୁ ମିଳୁଥିବା ଦରପୋଡ଼ା କୋଇଲା ଗୁଡ଼ାକୁ 'ଇୟେ' ଆଡ଼କୁ ଫୋପାଡ଼ି ଦେଉଥିଲା । ଦରଭଙ୍ଗା ଆୟଝୁଡ଼ି ଗୋଟାକରେ ସେସବୁ ସଂଗ୍ରହ କରୁଥିଲା 'ଇୟେ' ।

ଅନାବନା ଡାହାଣୀ ଲଟିକୁ ଲାଗି ସେ ବସିଥିଲା । କୋଇଲା ପାଉଁଶ ବୋଳି ହୋଇଥିବାରୁ ତା' ଦେହର ସ୍ୱାଭାବିକ ରଙ୍ଗ ବାରି ହେଉନଥିଲା । 'ଇୟେ' ପିନ୍ଧିଥିଲା

Digitized by srujanika@gmail.com

ମୋଟା ମସିଆ ଧୋତିଟାଏ ଯାହାର ଧଡ଼ିର ନାଲି ଗାରଟା ଅନବରତ ବ୍ୟବହାରରେ ଫିକ୍କା ପଡ଼ିଯାଇଥିଲା । ଜଣାପଡୁଥିଲା 'ସିଏ' ଯିମିତି ଅଳିଆଗଦାରୁ ଟୁକୁରାଏ କନା ଅକସ୍ମାତ୍ ପାଇ ନିଜେ ପିନ୍ଧି ଦେଇଛି ଏବଂ ନିଜେ ପିନ୍ଧିଥିବା ଛ'ଗଜୀ ଧୋତିଟାକୁ ପାଳଟି 'ଇୟେ' କୁ ପିନ୍ଧିବାକୁ ଦେଇଛି ।

ମୁଁ ତାକୁ ଦେଖିବାକୁ ଯେତେ ଆଗ୍ରହୀ ଓ କୌତୂହଳୀ ନଥିଲି 'ଇୟେ' ମୋତେ ଦେଖିବାକୁ ତା'ଠାରୁ ବହୁତ ବେଶୀ ଉତ୍ସୁକ ଥିଲା । ମୋତେ ଭଲକରି ଦେଖିବା ପାଇଁ ସେ ଛିଡ଼ା ହେଲା । ମୋ ପେଟର ତ୍ରିବଳି, ସ୍ତନଦ୍ୱୟର ଅସ୍ୱାଭାବିକ ଅଭିବୃଦ୍ଧି ଓ ଦେହର ପାଚିଲା ଆମ୍ବ ପରି ରଙ୍ଗ ସାଙ୍ଗକୁ ବ୍ରିଲକ୍ରୀମ୍ ଦିଆ ଚହଟ ଚିକ୍କଣ ଚୂଳ ତା'ଆଖିରେ ବିସ୍ମୟ ସୃଷ୍ଟି କଲାପରି ସ୍ପଷ୍ଟ ଜଣାପଡୁଥିଲା । ଚିଡ଼ିଆଖାନାର ମଖମଲଦେହୀ ବାଘଗୁଡ଼ାକୁ କେହି ଦର୍ଶକ ଏତେ ନିର୍ନିମେଷ ନୟନରେ ଅନାଇ ନଥିବେ ।

କ'ଣ ଭାବିଲା କେଜାଣି ଧୀରେ ଧୀରେ ବୁଲି ଆସି ଗାଧୁଆ ଘାଟର ପାହାଚ ଡେଇଁ ଗଡ଼ିଆ ପାଣିରେ ଗୋଡ଼ ହାତ ଭଲ କରି ଧୋଇଲା ଏବଂ ମୋ ସାମନା ବେଞ୍ଚରେ ମୁହାଁମୁହିଁ ନିର୍ବିକାର ବସିଗଲା । ମୋ ପାଦ ଦୁଇଟା ଆରାମରେ ବାଟା ଚପଲରେ ରହିଥିବା ବେଳେ ତା ଛୋଟ ଗୋଡ଼ ଦୁଇଟା ବେଞ୍ଚର ଅଧା-ଅଧିରେ ଝୁଲୁଥାଏ, ଭୂଇଁ ପହୁଞ୍ଚିବାକୁ ପ୍ରାୟ ଛଅଇଞ୍ଚ ଥାଏ । ବେଞ୍ଚକୁ ଉଠିବା କଷ୍ଟସାଧ ହେବାରୁ ସେ ହାତରେ ଭରା ଦେଇ ଛୁଆଙ୍କ ପରି ହାମୁଡ଼େଇ ଉଠିଥିଲା । ଦେଖିଲି ତା' ହାତରେ ଦାଆ କଟୁରୀ କିଛି ନାହିଁ, ଆଙ୍ଗୁଳିରେ ବା କାଠ ଖଣ୍ଡିକରେ ସେ କୋଇଲାଖଣ୍ଡ ବାନ୍ଧୁଥିଲା ।

ତା'ର ଚୂଳ ଓ ଆଖିରୁ ଅନୁମାନ କଲି 'ଇୟେ' ଝିଅ, ପୁଅ ନୁହେଁ । ବୟସ ଦଶ କି ଏଗାର ହୋଇପାରେ ଆକାର ପ୍ରକାର ଅନୁସାରେ । ଗାଲ ଦୁଇଟା ଫୁଲ୍‌କା ଫୁଲ୍‌କା, ରକ୍ତକଣିକା ବା ଚର୍ବିର ପ୍ରାଚୁର୍ଯ୍ୟର ନୁହେଁ ପୁଷ୍ଟିହୀନତା ଓ ଶୋଥଯୋଗୁଁ, ଦେହରେ ଜଳକଣିକାର ଆଧିକ୍ୟ ଯୋଗୁଁ । ହୁଏତ ଚିପିଦେଲେ ଆଙ୍ଗୁଳି ପଶିଯିବ । ଦେହଯାକର ସୁନ୍ଦର ବୋଲି ଥିଲା ଆଖିଯୋଡ଼ିକ । ଗୋଲଗୋଲ, ଛୋଟ, ଜୁଳୁଜୁଳୁ । ଇରାନୀ ଝିଅର ଆଖି ପରି ନୀଳ । ମୁହଁ ହସିଲା ପରି ନୁହେଁ କି କାନ୍ଦିଲା ପରି ନୁହେଁ । ଛୋଟ ଛୁଆଟି ପରି ବସି ନିପଲକ ଆଖିରେ ଚାହିଁଥାଏ ମୋରି ଆଡ଼େ । ଜଣାପଡୁଥାଏ ଯିମିତି ସେ ଚାହେଁ କେହି ତାକୁ ଟିକିଏ ଶରଧା କରୁ, ପଦେ ମଧୁର କଥା କହୁ । ତେଣେ କାଚ ଗୋଟାଉଥିବା ଲୋକଟା ତା'ର ଏ ଆଚରଣକୁ କେଉଁ ଆଖିରେ ଦେଖିବ ସେ କଥା ସେ ଆଦୌ ଭାବୁ ନଥିଲା ପରି ଜଣାପଡୁଥିଲା ।

ବହୁତ ଗବେଷଣା ପରେ ଏତକ ଜାଣିଲି ଯେ 'ଇୟେ' ପୁଅ ନୁହେଁ ଝିଅ । ତେବେ ଲୋକଟା ସହିତ ତାର ସଂପର୍କ କ'ଣ ? ସାନ ଭଉଣୀ ? କିନ୍ତୁ ଚେହେରା, ରଙ୍ଗ କାହିଁରେ କୌଣସି ସୌସାଦୃଶ୍ୟ ନ ରହିବ କିମିତି ? ଭାବିଲି କିଏ ଦୂର ସଂପର୍କିତା ଭଉଣୀ, କି ଶାଳୀ, କି ଭାଣିଜୀ ହୋଇପାରେ । ତା' ବିଷୟରେ ମୋର କୌତୂହଳର

Digitized by srujanika@gmail.com

ତୁରନ୍ତ ଅବସାନ ପାଇଁ ମୁଁ ଅନୁଚ୍ଚ ଗଳାରେ ପଚାରିଲି, ''ସିଏ ତୋର କ'ଣ ହୁଏ ?'' ଆଦୌ ସମୟ ନ ନେଇ ଲାଜ ଲାଜ ଭାବ ନ ଦେଖାଇ କହିଲା ''ସିଏ ମୋତେ ବାହା ହେଇଛି ।'' ମୋର ପରବର୍ତ୍ତୀ ପ୍ରଶ୍ନ ହେଲା ''ତୁମ ଜାତିରେ କ'ଣ ଏତେ ସାନବେଳୁ ବାହାଘର ହୁଏ ?'' ସେ ପ୍ରଶ୍ନର କିଛି ଉତ୍ତର ଦେଲାନାହିଁ । ପାଖରେ ପଡ଼ିଥିବା ଚାରି ପାଞ୍ଚଟା ମଳା ଗେଣ୍ଡା ଖୋଳପାକୁ ଏକାଠି କରି ଛୋଟ ଛୋଟ ଝିଅମାନେ ଯିମିତି ପାପୁଲି ଏପଟ ସେପଟ କରି ଗୋଡ଼ି ଖେଳନ୍ତି ସିମିତି ତା ଟିକି ଟିକି ହାତରେ ଫୋପାଡ଼ା ଫୋପାଡ଼ି କରି ଖେଳ ଆରମ୍ଭ କରିଦେଲା- ଯିମିତିକା ଦୁନିଆରେ ତା'ର ଦାୟିତ୍ୱ ବୋଲି କିଛି ନଥିଲା ।

ପଚାରିଲି, ''ଦରପୋଡ଼ା କୋଇଲା ସବୁ କ'ଣ କର ?'' ପ୍ରଶ୍ନର ଉତ୍ତର ଜଣାଥିଲେ ବି ପଚାରିଲି ।

''ସିଏ ବଜାରରେ ନେଇ ବିକିଦିଏ, ବେଶି ହେଲେ ।'' ଗେଣ୍ଡା ଖୋଳପା ଖେଳ ଚାଲିଥାଏ, ସେ ମୋ ପ୍ରଶ୍ନର ଉତ୍ତର ଦେଉଥାଏ । ଦୈବାତ୍ ବଡ଼ ଖୋଳପାଟିଏ ଛୋଟ ହାତ ପାପୁଲି ପିଠିରେ ନ ରହି ତଳକୁ ଗଡ଼ିଗଲା । ବେଞ୍ଚରୁ କଷ୍ଟେ ମଷ୍ଟେ ଓହ୍ଲାଇ ନଇଁପଡ଼ି ଗୋଟାଇବାକୁ ଯିମିତି ସେ ହାତ ବଢ଼ାଇଛି ସିମିତି ମୋଟ ବହଳ ଧୋତିଟା ତା' ଉପର ଦେହରୁ ତଳକୁ ଗୋଟିକଯାକ ଖସିଗଲା ।

କି ଆଶ୍ଚର୍ଯ୍ୟ ! ସୁସ୍ଥା ବିବାହିତା ଯୁବତୀର ପଦ୍ମକୋଷରେ ଅଭିଲୀନ ଭ୍ରମରର ଭ୍ରମ ସଞ୍ଚାର କରୁଥିବା ପଦ୍ମଯୋଡ଼ିକ ଗଲା କୁଆଡ଼େ ? କେବଳ ବଡ଼ ବଡ଼ ଭ୍ରମର ପରି ଯୋଡ଼ିଏ ଚୂଚୁକାଗ୍ର । କାଳିଦାସଙ୍କ ପୁରାଣ ପ୍ରସିଦ୍ଧା ରୋମାଣ୍ଟିକ୍ ନାୟିକାର ପଙ୍କଜ ବନରେ ବଡ଼ଛେନାଙ୍କ ମାର୍ଜାରମୁଖୀର ଦିଓଟି ଗୁବାକ ବା 'ଇଯେ' ଖେଳୁଥିବା ଯୋଡ଼ାଏ ଗେଣ୍ଡା ଆସିଲା କେମିତି ? ତରୁଣୀ ନାରୀ ପ୍ରତି ଭଗବାନଙ୍କର ଏ କି ବିଦ୍ରୂପ ! ଯେତିକି ବୀଭତ୍ସ ସେତିକି କରୁଣ । ଏତେ କମ୍ ବୟସ ଅଥଚ-ବିଚିତ୍ର ଦେଶ ଆମର ! 'ସୋନା' ସାରରେ କେଉଁଠି ଛୋଟ ଛୋଟ କଲମୀ ଗଛରେ ବଡ଼ ବଡ଼ ଆମ୍ବ, ଆଉ କେଉଁଠି ନଡ଼ିଆ ସ୍ଥାନରେ ଗୁବାକ, କି ବିଡ଼ମ୍ବନା !

''କେତେ ବର୍ଷ ହେଲା ତୁମେ ବାହା ହୋଇଛ ?'' ପଚାରିଲି ।

''ଚାରି''

ଆଉ ଗବେଷଣା ଅନୁସନ୍ଧାନ କରିବାକୁ ଇଚ୍ଛା ହେଲା ନାହିଁ । ଏତିକି ହୃଦ୍‌ବୋଧ ହେଲା ନାନା ବିପ୍ଳବ ବିକ୍ଷୋଭ ପରେ ମାନବଜାତି ଯେତେଯେତେ 'ବାଦ' ପ୍ରତିଷ୍ଠା କରିଛି ବା ପ୍ରଭୂତ ଅଧ୍ୟବସାୟ ଓ ତ୍ୟାଗ କରି ଯେତେଯେତେ ବୈଜ୍ଞାନିକ ଆବିଷ୍କାର ଓ ଉଦ୍ଭାବନ କରିଛି ତା'ର ସୁଫଳ ମାନବଜାତିର ଅନେକ ଭାଗ ଲୋକ ପାଇନାହାନ୍ତି । ଗାନ୍ଧୀ, କାର୍ଲମାର୍କସ, ମାଓ, ସବୁଜ ବିପ୍ଳବ ବା 'ହରମୋନ' ଆମର ଅସହାୟ ଅବସ୍ଥାକୁ ଦୂର କରିନାହାନ୍ତି ।

ଭାବିଲି ଏ ଦୁଇଟାକୁ କୌଣସିମତେ କିଛି ସାହାଯ୍ୟ ଦେଇ ପଠାଇ ଦେଲେ

Digitized by srujanika@gmail.com

ଦୁଶ୍ଚିନ୍ତା ଯାଆନ୍ତା, କରୁଣ ଦୃଶ୍ୟ ମର୍ମଭେଦୀ ହୁଅନ୍ତା ନାହିଁ । କିଛି ଖାଦ୍ୟ ପଦାର୍ଥ ବା କିଛି ପଇସା ଦେଇ ବିଦା କରିଦେଲେ ତ ହୁଅନ୍ତା । ନା, ନା, ଦେଶରେ ଆଳସ୍ୟ ବଢ଼ିବ, ଭିକ୍ଷାବୃତ୍ତି ଉତ୍ସାହିତ ହେବ, ପରମୁହୂର୍ତ୍ତରେ ଭାବିଲି ।

ହଠାତ୍ ମନେପଡ଼ିଲା ମୁଁ ତ ଜଣେ ପୁଞ୍ଜିପତି, ଅନ୍ତତଃ ବୋତଲରେ; ଫମ୍ପା ବୋତଲର ମୁଁ ଜଣେ ବେଙ୍କର । ଧାର ଉଧାର ଦାନଦକ୍ଷିଣା ଯେତେ ଦେଲେ ବି ମୋ ପୁଞ୍ଜି ଅସରନ୍ତି । ଖୋଜି ବସିଲେ ଶହ ଶହ ଅଦରକାରୀ କିସମର ଶିଶି ବୋତଲ ବାହାରି ପଡ଼ିବ । ଭଙ୍ଗା ଟୁକୁରା କାଚ ଅପେକ୍ଷା ଗୋଟା କାଚ ବୋତଲ ଦାମ୍ ହୁଏତ ବେଶି ହୋଇପାରେ ।

ଚୈତନକୁ ଡାକିଲି । ବଡ଼ ବଡ଼ ଲୋକଙ୍କ ଜୀବନ ଚରିତରେ ଯିମିତି କୁହାଯାଇଥାଏ "ସେ ଏକାଧାରରେ କବି, ଚିତ୍ରକାର, ସଙ୍ଗୀତଜ୍ଞ ଓ ଯୋଦ୍ଧା ଥିଲେ" ସିମିତି ଚୈତନ ସଂପର୍କରେ କହିଲେ କୁହାଯିବ "ସେ ଏକାଧାରରେ ପୂଜାରୀ ଚାକର, ଗାଈଦୁହାଁଳି, ସାଥି ଓ ପୁତ୍ର ଆଦି ।" ସେ ବଜାରରୁ ଫେରି ରବିବାରିଆ ମାଂସ କଷିବାକୁ ଆରମ୍ଭ କରିଦେଇ ଥିବାର ଜାଣିପାରିଲି, ମହକରୁ ।

'ଇୟେ' କୁ ପଚାରିଲି "ଗୋଟା ଶିଶି ବୋତଲ ନବ ।"

'ଇୟେ' 'ସିଏ'କୁ ପଚାରିଲା ମୋ ପ୍ରଶ୍ନଟାକୁ ତା'ଠାର ବା ଭାଷାରେ ରୂପାନ୍ତରିତ କରି ଏବଂ ସଙ୍ଗେ ସଙ୍ଗେ ଉତ୍ତରଟା 'ରିଲେ' କରିଦେଲା । "ହଁ ନବା । ପଇସା ଆଣିନି । ବଜାରରେ ବିକି ପଇସା ଦେଇଦେବା ।"

ପଚାରିଲି, "ବୋତଲ ଗୋଟା ଦରରେ ନବ ନା ଓଜନ ଦରରେ ।"

ପୁଣି 'ଇୟେ' 'ସିଏ' କୁ ପଚାରିଲା । ଉତ୍ତର ମିଳିଲା "ଓଜନରେ, କିଲ ପାଞ୍ଚ ପଇସା ।"

ଟିଣ ଡ଼ବା ଆଉ ଶିଶି ବୋତଲ ଗୁଡ଼ାକ କାଳକ୍ରମେ ଗୃହସ୍ଥକୁ ବୋଝ ହୋଇ ପଡ଼ନ୍ତି । ଏସବୁ ରଖିବାପାଇଁ ଜାଗା ଦରକାର । ଫୋପାଡ଼ି ଦେବା ସମ୍ଭବ ହୁଏନାହିଁ । କାରଣ ଫମ୍ପା ହେଲେ ବି ଦେଖିବାକୁ ସୁନ୍ଦର । ଠିକ୍ ସମୟରେ ଗରାଖ ମିଳନ୍ତି ନାହିଁ । ମିଳିଲେ ବା ଯାଚିକରି ବିକ୍ରି କଲେ ଏତେ କମ ଦାମ୍ ମିଳେ ଯେ ବିକିବାକୁ ଇଚ୍ଛା ହୁଏ ନାହିଁ । ଟଙ୍କାଏ ଟିଣକୁ ପଚିଶି ପଇସାରେ, ଆଠଣା ଶିଶିକୁ ଦଶ ପଇସାରେ କିଏ ବିକିବ ? ବରଂ ଘରେ ପଡ଼ିଥାରେ ।

ମାଂସରେ ପାଣି ଢ଼ାଳି ଡେକ୍‌ଚିରେ ଢ଼ାଙ୍କୁଣି ଦେବାର ଶବ୍ଦ ଶୁଭିଲା । ଧୂଆଁରେ ଆଖି ଲାଲ ଛଳଛଳ କରି ଚୈତନ ଆସି ଠିଆ ହେଲା ଆଦେଶ ଅପେକ୍ଷାରେ । ସତର ଅଠର ବର୍ଷର ଟୋକା । ନିଶ ଗାରେ ସ୍ପଷ୍ଟ । ଯାତ୍ରା ଥିଏଟର୍ ସିନେମା ଦେଖେ । ସୁସୁରି ଫୁଙ୍କି ସିନେମା ଗୀତର ସୁର ଦିଏ । ମୋର ଅଠର ଇଞ୍ଚିଆ ଢ଼ିଲା ପେଣ୍ଟକୁ କଟାକଟି କରି ନଅ ଇଞ୍ଚିଆ ନଳି କରି ପିନ୍ଧେ । ସ୍ତ୍ରୀଲିଙ୍ଗ ଦେଖିଲେ ତା'ଛାତି ଧଡ଼ପଡ଼ ହେବା ସ୍ୱାଭାବିକ,

Digitized by srujanika@gmail.com

ମାତ୍ର ଦେଖିଲି 'ଇୟେ'କୁ ଦେଖି ତା'ର କୌଣସି ସ୍ୱାୟବିକ ପ୍ରତିକ୍ରିୟା ହେଲା ନାହିଁ । ଅରେ ଚାହିଁ ଅଦରକାରୀ ଚିଜ ବୋଲି ମୁହଁ ଫେରାଇ ମୋ ଆଡ଼କୁ ଚାହିଁଲା । ସେ ଭାବିଥିଲା ମୁଁ କଫି ବା ହରଲିକ୍ସ ବରାଦ କରିବି ଏବଂ ପ୍ରତିଦିନ ପରି ଗଡ଼ିଆ ଘାଟରେ ପାନୀୟ ଉପଭୋଗ କରିବି ।

ପଚାରିଲି, ''ଚୈତନ ! କାଚ ବୋତଲ ସବୁ ବଜାରକୁ ନେଇ ବିକିବାକୁ କହିଥିଲି । ବିକି ଦେଇନୁ ନା ଅଛି ?''

ଦୋଷୀ ଅପରାଧୀର ଗଳାରେ ସେ କହିଲା ''ଅଛି ?''

ମୁଁ ବୁଝିଗଲି । ସେ ବିକିବାକୁ ନେବ ନାହିଁ । କାରଣ ଚପଲ ଲଗାଇ, ନଳିପେଣ୍ଟ ପିନ୍ଧି, ମଫସଲ ହାଟରେ କିଣା ଗୋ-ଗୋ ଗଗ୍ଲସ ଆଖିରେ ଦେଇ ଶିଶି ବୋତଲଭରା ଅଖାଟିଏ କାନ୍ଧରେ ପକାଇ ବଜାରକୁ ଗଲେ ତାରି ମାନସମ୍ମାନ ଉପରେ ଆଞ୍ଚ ଆସିବ । ବଜାରରେ ତାର କେତେ ସାଙ୍ଗସାଥି ଚିହ୍ନା ପରିଚୟ ଚପରାଶି ଅଛନ୍ତି । କିଏ ସଙ୍ଗାତ ତ କିଏ ମଇତ୍ର । କାହା ବାବୁ କାହା ସାଇବ କେତେ ବଡ଼ ସେ ବିଷୟରେ ସେମାନଙ୍କ ପ୍ରତିଯୋଗିତା ଚାଲେ । ବାବୁ ବଡ଼ ତ ଚପରାଶି ଚାକର ବଡ଼ । ପୁଣି, ଚତୁର୍ଥ ପାହିୟା କର୍ମଚାରୀ ଘରକାମ କରୁଛି ଦେଖିଲେ ସଂଘର ସଭାପତି ବିଗିଡ଼ିଯିବେ । ବୋତଲ ବିକା ପଇସାରେ ମୋର ଲୋଭ ନଥିଲା । ସେଇ ପଇସାରେ ହୁଏତ ପୂଜାକୁ ତା'ପାଇଁ ହାଫ୍‌ପେଣ୍ଟଟାଏ କରି ଦେଇଥାନ୍ତି ।

କହିଲି, ''ତୁ ଛେଲା ବୋହି ବଜାରକୁ ଯିବୁ ନାହିଁ, ଏଇ ତ ? ବେଶ୍ । କେଉଁଠି ଅଛି ସବୁ ଆଣି ଜମା କର ।''

ଚୈତନ କହିଲା, ''ଏଇଠି ସବୁ ଅଛି, ମୁଁ ଜମାକରି ରଖିଛି । ପାଚିରୀ କଣର କାଠ ବାକ୍‌ସଟାରେ ଆଉ ପୁରୁଣା ଫଟା ବଡ଼ ପାଣି ଟବ୍ ଭିତରେ ।''

ମୁଁ 'ଇୟେ' କୁ କହିଲି, ''ଆ ବୋତଲ ନବୁ ପରା । ଡାକ୍ ତାକୁ ।''

'ଇୟେ' 'ସିଏ' କୁ ଡାକିଲା । ଅଗଣାକୁ ଯାଇ କଣରେ ଥିବା ଆବର୍ଜନାକୁ ହାତ ବଢ଼ାଇ କହିଲି ''ନିଅ, କେତେ ନେଉଛ ନିଅ । ଚୈତନ । ବଡ଼ ବୋରାଟାଏ ଦେ ତ ।''

ଚୈତନ ବଡ଼ ବୋରାଟାଏ ତାଙ୍କ ଆଡ଼କୁ ଫୋପାଡ଼ି ଦେଲା । 'ସିଏ ଗୋଟାକୁ ଗୋଟା ଶିଶି ବୋତଲ ବାହାର କରି 'ଇୟେ' ହାତକୁ ବଢ଼ାଇ ଦେଉଥାଏ । ପ୍ରତିଟି ଅଖା ଭିତରେ ପୂରାଇବା ପୂର୍ବରୁ 'ଇୟେ' ଠିପି ଖୋଲି କେଉଁଟାରେ କଣ ଥିଲା ତାହା ଶୁଙ୍ଘି ପୁଣି ଠିପି ବନ୍ଦକରି ଅଖାରେ ପୂରାଉଥାଏ । ଜିନ୍, ବିଅର ବୋତଲଗୁଡ଼ାକ ସଙ୍ଗେ ସଙ୍ଗେ ଅଖାକୁ ଫୋପାଡ଼ି ଦିଏ; କିନ୍ତୁ ବ୍ରିଲକ୍ରୀମ୍ ବା କୋଲଗେଟ୍ ବୋତଲରୁ ଟୋପାଏ ଦୁଇଟୋପା ତେଲ ମିଳିଗଲେ ଜୀବନରେ କେବେ ତେଲ ଲାଗି ନଥିବା ଚୁଳରେ ବୋଳିଦିଏ । ସସ୍ ବା ଜେଲି ବା ଜାମ୍ ବା ସିରାପ୍ ବୋତଲରୁ ଯାହା ମିଳେ ତାକୁ ଆଙ୍ଗୁଳିରେ ପୋଛିନେଇ ଜିଭରେ ଚାଟି ଦିଏ । 'ସିଏ' ମନେ ମନେ ବୋତଲ ସଂଖ୍ୟା ଗଣୁଥିଲା; ମୋରି ତରଫରୁ

Digitized by srujanika@gmail.com

ହୁଏତ ମୁଁ କହିଲି ''ଗଣିବା ଦରକାର ନାହିଁ ।''

ଦଣ୍ଡେ ଛିଡ଼ା ହୋଇ ଚୈତନ ଦେଖିଲା କିମିତି ମାନସମ୍ମାନ ଢଗିବାକୁ ଯାଇ ଯାହା ସେ ହରାଇଲା ତାହା ଅନ୍ୟ ଜଣକ (ଦୁଇ ତିନି ଜଣଙ୍କ) ର ପେଟ ପୋଷିବାକୁ ଯାଉଛି । ତା'ପରେ ନିଜକୁ ଧିକ୍କାର ଓ ସେ ଦିହିଁଙ୍କ ଈର୍ଷା କରି ରାଗରେ ଗର୍ ଗର୍ ହୋଇ ମାଂସରେ ନୈନିତାଳ ଆଳୁ ପକାଇବାକୁ ବାହାରିଗଲା ।

'ସିଏ' ଅଖା ଉଠାଇ କାନ୍ଧରେ ପକାଇ ଆଗେ ଆଗେ ଚାଲିଲା ବାଡ଼ି ଦୁଆର ଦେଇ ବଜାରମୁହାଁ । 'ଇୟେ' ଯିମିତି ତା ପଛେ ପଛେ ଯିବାକୁ ଉପକ୍ରମ କଲା ମୁଁ ଭାବିଲି ଦୁହେଁଯାକ ଯଦି ଆଗପଛ ହୋଇ ଚାଲିଯିବେ ତେବେ ମୁଁ ସବୁ ହରାଇ ବସିବି ସିନା । ମୁଁ ପଚାରିବାକୁ ଯାଉଥିଲି ''କଅଣ । ତୁ ବି ଯିବୁ ତା ସାଙ୍ଗରେ ? ନା, ନା, ସେ ଚଲାକି ପଟିବ ନାହିଁ ।'' 'ଇୟେ' ବୁଲିପଡ଼ି ପୁଣି ସେଇ ସିମେଣ୍ଟ ବେଞ୍ଚ ଉପରକୁ ଉଠିଗଲା ଏବଂ ଗେଣ୍ଡା ଖୋଳପା ଖେଳ ଆରମ୍ଭ କରିଦେଲା । ମୋ ଆଡ଼କୁ ଏମିତି ଚାହାଁଣି ଦେଲା ଯହିଁରୁ ମୁଁ ବୁଝିଲି, ''ଡରିବୁ ନାଇଁ ବାବୁ । ମୁଁ ଏଇଠି ବସିଛି 'ସିଏ' ଫେରିବା ଯାଏ; ବନ୍ଧା ପଡ଼ିଛି ତୋ ପାଖରେ ।'' ଛୋଟ ଲୋକିରୁ ରକ୍ଷା ପାଇଗଲି ଭାବି ମନେ ମନେ ତାକୁ ଧନ୍ୟବାଦ ଦେଲି ।

ଦଣ୍ଡେଯାଏ ଦୁହେଁ ମୁହାଁମୁହିଁ ଚୁପ୍‌ଚାପ୍ ବସିବା ପରେ ଆରମ୍ଭ କଲି ''ରହ କେଉଁଠି ?''

ଗୋଟାଏ ଦିଗକୁ ହାତ ବଢ଼ାଇ 'ଇୟେ' କହିଲା, ''ସେଇ ଯେ ସରକାର ବାବୁର ବସା ଦେଖୁଛୁ ତାରି ବାଡ଼ି କୁଣରେ ଆମର ଘର କରିଛି ।''

''ନିଜ ଘର ନା ସରକାର ବାବୁର ?''

ପ୍ରଶ୍ନଟା ବୁଝିଲା ନାହିଁ । କହିଲା ଆମର ତିଆରି କରିଛି ଝାଟିମାଟିରେ । ତାର ବାଗାନ୍ ଜଗିବା ବୁଲି ଜାଗାଟା ଦେଇଛି ସରକାର ବୁଢ଼ା ।''

''ଘରେ ଆଉ କିଏ ଅଛି ?''

''ଏ ବାବୁ ! ତୁ କେଡ଼େ ଚଟ୍ ଭୁଲି ଯାଉଛୁ ।'' ସିଏ କହିଲା ''ତତେ ଟିକେ ଆଗରୁ ଆଉ ଭଉଣୀ ଅଛି ବୁଲି କହିଥିଲି ଯେ ।''

ଟିକିଏ ଘନିଷ୍ଠତା ଦେଖାଇ ପଚାରିଲି, ''ତୋତେ ସିଏ ଭଲ ପାଏ ?''

''ନାଇଁ, ତାର ମାଆ ଭଉଣୀ କଥାରେ ଚାଲେ ।''

ଗେଣ୍ଡାଖୋଳ ଦେଖୁଁ ଦେଖୁଁ ମନେ ପଡ଼ିଲା ଆଉ ଗୋଟାଏ ପ୍ରଶ୍ନ । ଟିକିଏ ଅଭଦ୍ରାମି ଓ ଅସଭ୍ୟତାର ପରିଚୟ ଦେଲେ ବି ପ୍ରଶ୍ନଟାର ଉତ୍ତର 'ଇୟେ' ଦେବାକୁ କୁଣ୍ଠାବୋଧ କରିବନି ବା ଗାଳି ଗୁଲଜ କରିବନି ଭାବି ପଚାରିଦେଲି ''ତୋର ଛୁଆପିଲା ହେଇନି ?''

''ହେଉଥିଲା ଗୁଟେ, ଗଲା ଖରାଦିନରେ ମରିଗଲା; ପୁଅଟା, ଦୁଧ ଦେଲେ

Digitized by srujanika@gmail.com

ସିନା ବଞ୍ଚିବ । ଖାଇତେ ପେଟ ବି ମିଳିଲା ନି । ଦୁଧ ଶୁଖିଗଲା । ପାଣିରେ କେତେ ଦିନ ବଞ୍ଚିବ ? ରଥଯାତରା ଦିନ ମରିଗଲା ।''

କଥାଗୁଡ଼ାକ କହିଲାବେଳେ ତା ଆଖିରେ ଆର୍ଦ୍ରତା ନଥିଲା ବା କୌଣସି ଶୋକର ଚିହ୍ନ ପ୍ରକାଶ ନଥିଲା । ମାତୃତ୍ୱ ତା' ହୃଦୟରୁ ଶୁଖି ଯାଇଥିଲା । ସ୍ତନ୍ୟପାନ କରୁଥିବା ଶିଶୁର ଟହଟହ ମୁଖ ତାର ମନେ ପଡୁନଥିଲା । ସଭ୍ୟ ଅଭିଜାତ ଦୁନିଆଁର ଭାବପ୍ରବଣତାର ଲେଶ ନଥିଲା ସେତେବେଳେ ତା ପାଖରେ ।

ପ୍ରଶ୍ନଟା ନ ପଚାରିବା ଉଚିତ ଥିଲା ଭାବିଲି । ଅପରର ଜୀବନ ସମ୍ବନ୍ଧରେ ଅତି ବେଶି ଅନୁସନ୍ଧିତ୍ସାର କୁଫଳ ମିଳିଗଲା ମୋତେ । ବନ୍ଧା ପଡ଼ିଥିବା 'ଇୟେ' କୁ ଠକିବାଦ୍ୱାରା ମୁଁ ଯେ ସେମାନଙ୍କ ପାଖରେ ବନ୍ଧା ପଡ଼ିଛି ଏ ଭାବ ମନରେ ଉଦିତ ହେଲାମାତ୍ରେ ମୁଁ ଉଠି ଆସିଲି ଘର ଭିତରକୁ । ବରଂ 'ଇୟେ' ଆଉ 'ସିଏ' ବୋତଲ ଦାମ ନେଇ ଖସି ଯାଆନ୍ତୁ ।

ଖବରକାଗଜର ରବିବାସରୀୟ ମେଗାଜିନ୍ ବିଭାଗରୁ ବ୍ରିଜ୍ ଟିପ୍ପଣୀ ପଢ଼ିସାରି ଗାଧୁଆପାଧୁଆ କରିବାକୁ ଯାଉଛି ବାରିପଟୁ ଠୁକ୍‌ଠୁକ୍ ଶବ୍ଦ ଶୁଭିଲା । ମନେ ପଡ଼ିଲା 'ଇୟେ' ଆଉ 'ସିଏ' ସହିତ, ଶିଶି ବୋତଲ ବିକା-କିଣା କରିବାର କାରବାର । ବାହାରକୁ ଯାଇ ଦେଖିଲି 'ଇୟେ' ସିମେଣ୍ଟ ବେଞ୍ଚରେ ଯେଉଁଠି ବସିଥିଲା ସେଇଠି କାଠପୁତୁଳି ପରି ବସିଛି । ନଡ଼ିଆଗଛ ମୂଳ ଅଳିଆଗଦାରେ 'ସିଏ' ବସି ଯିମିତି କାଚ ବାଛୁଥିଲା ସିମିତି ଖୋଳାତଡ଼ାରେ କଳପରି ଲାଗିଯାଇଛି । ଏତେ କାଚ ଦେଲି, ସନ୍ତୋଷ ନାହିଁ । ଭରତଙ୍କ ଅଭିଶାପ !

ପାଖକୁ ଯାଇ ଦେଖିଲି ବାଆଁ ପାପୁଲିଟି ବେଞ୍ଚରେ ପାତି 'ଇଏ' ବସିଛି । ପାପୁଲିର ଛୋଟ ଛୋଟ ରେଖାକୁ କିୟଦଂଶ ଢ଼ଙ୍କାଇ ପଡ଼ିଛି ଗୋଟିଏ ନେହେରୁ ମାର୍କା ପଚାଶ ପଇସି, ପାଖକୁ ଲାଗି କଳ୍ପିତ ରାମରାଜ୍ୟର ଧାନଶୀଷାଁ ଥିବା ପଚିଶ ପଇସିଟିଏ । ଠିକ୍ ସେମିତି 'ସିଏ' ଆଉ 'ଇୟେ' ଲଗାଲଗି ହୋଇ ବସିଥିଲେ ଦିଶିଥାନ୍ତେ । ପାଉଁଶ ଅଙ୍ଗାରରେ କାଳିଝିଆ ପାପୁଲିଟା ଉପରେ ଅଶୋକଚକ୍ର ଧାନକେଣ୍ଡା ଚିହ୍ନିତ ମୁଦ୍ରା ସୁନ୍ଦର ଦିଶୁଥାନ୍ତି । ମୋର ଅନୁମାନ ହେଲା 'ଇୟେ' ସେଇଠି ସେଇ ଭଙ୍ଗୀରେ ଘଣ୍ଟା ଘଣ୍ଟା ବସିଲାଣି; ସିମିତି ଅନନ୍ତକାଳ ପର୍ଯ୍ୟନ୍ତ ବସିଥିବ ହୁଏତ ।

ମୁଁ ପାପୁଲି ଆଡ଼କୁ ଚାହିଁ ତା ମୁହଁକୁ ଅନାଇଲି । ସେଠି ଚିନ୍ତା ଭାବନା ବା ଅନୁଭୂତିର କିଛି ପ୍ରକାଶ ଦେଖିଲି ନାହିଁ । ନିଷ୍ପଳ ଡୋଳା ଦୁଇଟାକୁ ଥରେ ମାତ୍ର ମୋ ଆଡ଼କୁ ବୁଲାଇ ପୁଣି ପାପୁଲି ଆଡ଼କୁ ଫେରାଇନେଲା । ଯହିଁରୁ ମୁଁ ବୁଝିଲି ''ତୁ ଯେଉଁ ଶିଶି ବୋତଲ ଆମକୁ ବିକିବାକୁ ଦେଇଥିଲୁ, ସେଥିରୁ ଏତିକି ମିଳିଛି, କେତେ ନବୁ ନେ, କେତେ ଦବୁ ଦେ ।''

ଏତେ କମ୍ ଦାମରେ ପ୍ରାୟ କୋଡ଼ିଏ କିଲୋ ନିଶୂନ ଅଭଙ୍ଗା କାଚ ବିକ୍ରି ହେବ ଏ ଧାରଣା ମୋର ନଥିଲା । ଯିମିତି ଭାବ୍‌ରେ ପାପୁଲିରେ ଆଠଣି ଚାରଣିକୁ 'ଇୟେ'

Digitized by srujanika@gmail.com

ସଜାଇ ରଖିଥିଲା ସେଥିରୁ ମୋତେ ସ୍ପଷ୍ଟଇଙ୍ଗିତ ମିଳୁଥିଲା ଯିମିତି ମୁଁ ଆଠଣିଟା ନେଇ ତାକୁ ପରିଶ୍ରମ ବାବଦ୍ ଚାରଣିଟା ଦେବି । ବଡ଼ ଅଡୁଆ ପରିସ୍ଥିତିରେ ପଡ଼ିଲି ।

ପାଞ୍ଚ ଦଶ କିଲୋ ଓଜନର ସାମାନ୍ୟ ବୋଝଟାଏ ପ୍ଲାଟଫର୍ମରୁ ରିକ୍ସା ଷ୍ଟେଣ୍ଡ ପାଖକୁ ଏମିତିକି ୱେଟିଂ ରୁମ୍‌ର ବାହାରକୁ ନେଲେ ଦୁଇ ତିନି ମିନିଟରେ କଟକର ରେଳବାଇ କୁଲି ଚାଳିଶ ପଇସା ପାଏ । ଯାକୁ ଚାରିଅଣା ଦେବି କିମିତି ?

ମୁଁ ଯେତେବେଳେ କ'ଣ ଦେବି କ'ଣ ନେବି ଦ୍ୱନ୍ଦ ଦେଇ ଗତି କରୁଛି, 'ଇଏ' ସ୍ଥାଣୁ ନିର୍ବିକାର ହୋଇ ପାପୁଲି ପାତି ଏକା ଧ୍ୟାନରେ ମୋ ଆଡ଼କୁ ଚାହିଁ ନିଷ୍ପତ୍ତିର ଅପେକ୍ଷା କରୁଥାଏ ।  ଭାବିଲି ତା ମୁଦ୍ରା ତା' ହାତରେ ଥାଉ । ଆଠଣି ଚାରଣିଟାଏ କେତେ ଥର ହୁଏତ ପକେଟରୁ ରୁମାଲ କାଢ଼ିଲା ବେଳେ ଗଳି ପଡ଼ିଥିବ ବାଟଘାଟରେ । ମୁଦ୍ରା ଦୁଇଟା ପୁଣି ଏତେ କମ୍ ଦାମର ଯେ ଫାଣ୍ଟା ବୋତଲେ ପିଇଲେ କୋକାକୋଲାକୁ ନିଅଣ୍ଟ ହେବ । ଘର ଭିତରକୁ ପଶି ଆସିଲି ।

ଅଗଣାରେ ଦଣ୍ଡେ ବୁଲାବୁଲି କଲି । କୁକୁଡ଼ାପଲ୍ଲଙ୍କ ଆଡ଼େ ଚାହିଁଲି, କାଳେ କିଛି ନିଷ୍ପତ୍ତି ଚିର ବୁଭୁକ୍ଷୁଗୁଡ଼ାକ ଦେଇ ପାରିବେ କି ନା, ନାହିଁ କିଛି ସୂଚନା ପାଇଲି ନାହିଁ । ଏକତରଫା ନିଷ୍ପତ୍ତି ନେଲି– ସେମାନଙ୍କୁ ଚାରଣିଟା ଦେବି କାରଣ 'ସିଏ' ନିଶ୍ଚୟ ବୋତଲ ବିକା ପଇସାରୁ ବେଶ୍ କିଛି ଭାଗ ମାରି ନେଇଥିବ । ଏତେଗୁଡ଼ାଏ ଶିଶି ବୋତଲର ଦାମ୍ କ'ଣ ମାତ୍ର ପଞ୍ଚସ୍ତରି ପଇସା ! ଲୋକଟାର ଚେହେରା ସୁବିଧା ନୁହେଁ, ସାଧୁତା ସଚ୍ଚରିତ୍ରତା ବା କୃତଜ୍ଞତାର କାହିଁ କିଛି ଲକ୍ଷଣ ନାହିଁ । ତା'ଛଡ଼ା 'ଇୟେ' କୁ ସେ ଭଲପାଏ ନାହିଁ, ଯନ୍ତ୍ରଣା ଦେଉଥିବ ବୋଧହୁଏ ।

ବାହାରକୁ ଗଲି । 'ଇୟେ' ସିମିତି ବସିଛି । ସେଇ ଏକା ଭଙ୍ଗୀ । ଆଠଣି ବା ଚାରଣିରୁ କିଛି ନ ନେଲାଯାଏ ସେ ହାତ ପାପୁଲି ବନ୍ଦ କରିବ ନାହିଁ ଦେଖୁଛି । ହାତ ବଢ଼ାଇ ଆଠଣିଟା ଉଠାଇବାକୁ ଯାଉଥିଲି ଆଙ୍ଗୁଳି ଦୁଇଟା ଆପେ ଆପେ ପଚିଶି ପଇସିଟାକୁ ଉଠାଇ ନେଲେ । 'ଇୟେ' ର ପାପୁଲି ବନ୍ଦ ହୋଇଗଲା, ଛୁଇଁଲା ମାତ୍ରେ ଲାଜକୁଳିର ମେଲା ପତର ବନ୍ଦ ହେଲା ପରି ବା ଫଳ ମିଳିଲେ ଗର୍ଭାଶୟର ମୁହଁ ଆପେ ଆପେ ବନ୍ଦ ହେଲା ପରି ମୋ ଆଡ଼କୁ ଚାହିଁ ତୃପ୍ତି ଓ କୃତଜ୍ଞତାର ଚାହାଣି 'ଇୟେ' ଦେବ ଭାବି ତା' ଆଖି ଆଡ଼କୁ ଚାହିଁଲି । କିଛି ସୂଚନା ପାଇଲି ନାହିଁ । ବରଂ ଭୟ ଓ ଆଶଙ୍କାର ଅସ୍ପଷ୍ଟ ରେଖା ମୁହଁରେ ଖେଳୁଥିବାର ଲକ୍ଷ୍ୟ କଲି ।

ଟିକିଏ ଆଶ୍ୱସ୍ତି ଲଭି ଭିତରକୁ ଆସିଲି । ଲେଖା ଟେବୁଲ୍‌ର ସବୁଜ କଭର ଉପରେ ପଚିଶି ପଇସିକୁ ଥୋଇ ଦେଲି । ବାକ୍ସ ଭିତରର ପାଣ୍ଠି ସହିତ ମିଶାଇବାକୁ ମନ ବଳିଲା ନାହିଁ, ହାତ ଗଲା ନାହିଁ । ଗାଧୋଇବା ପୂର୍ବରୁ ଓ ପରେ ଖାଇବା ପୂର୍ବରୁ ଯେତେବେଳେ କୋଠରୀ ଭିତରକୁ ପଶିଲି ଦେଖିଲି 'ଇୟେ' ର ଛୋଟ ଆଖିଭଳି ଚାରଣିଟି ମୋ ଆଡ଼େ ଚାହିଁ ଯେମିତି କହୁଛି କ'ଣ କରିବୁ କର, ଏଠି ସର୍ବସାଧାରଣ ଜାଗାରେ ମୋତେ ଲଙ୍ଗଳା

Digitized by srujanika@gmail.com

ଫୁଙ୍କୁଳା କରି ଶୁଆଇ ରଖିଛୁ କାହିଁକି ? ଚୈତନ ହାତକୁ ବଢ଼ାଇ ଦେଲେ ସବୁକଥା ଶେଷ ହୁଅନ୍ତା, ମାତ୍ର ବାରମ୍ବାର କହିବା ସତ୍ତ୍ୱେ ସେ ଶିଶିବୋତଲ ସବୁ ବଜାରକୁ ବିକିବାକୁ ନେଇ ନାହିଁ । ଅନ୍ୟର ପରିଶ୍ରମ ଲବ୍ଧ ଧନ ତାକୁ ସମର୍ପିବି କାହିଁକି ? ଦୋଦୋମନା ହୋଇ ଇତସ୍ତତଃ ହେଉଥାଏ । ଚୈତନକୁ ଦେଖିଦେଲି ସାଇକେଲ ବାହାର କରୁଛି । ତା' ଆଡ଼କୁ ଲକ୍ଷ୍ୟ କରି ଚାରଣିଟାକୁ ଚୋରରେ ଫୋପାଡ଼ି ଦେଲି । ସେ ଦାନ୍ତ ନିକୁଟି ଆନନ୍ଦରେ ଉଠାଇ ନେଲା । ଯଥା ଲାଭ ।

ପରଦିନ ସକାଳେ ବାଡ଼ି ଦୁଆରକୁ ଯାଇ ଦେଖେଁ, 'ସିଏ' ତା' କାମ ଆରମ୍ଭ କରିଦେଇଛି, 'ଇଯେ' ନଡ଼ିଆମୂଳ ଅଳିଆଗଦାର ଆସ୍ଥାନକୁ ନ ଯାଇ ସିମେଣ୍ଟ ବେଞ୍ଚରେ କାଲି ଯେଉଁଠି ବସିଥିଲା ସେଇଠି ବସିଛି । ପାଖକୁ ଯାଇ ଦେଖିଲି ଗୋଟାଏ ରାତି ଭିତରେ ତା'ର ଚେହେରାର ଅଭାବନୀୟ ଦୁର୍ଗତି ଘଟିଛି । ନୁଖୁରା ଚୁଳଗୁଡ଼ାକ ଅତି ମାତ୍ରାରେ ଅବନ୍ୟସ୍ତ ବିପର୍ଯ୍ୟସ୍ତ, ବିମଳିନ ଗାଲ ଦୁଇଟାରେ ଗୁଡ଼ାଏ ନଖ ବା ଦାନ୍ତ ବା ଆଙ୍ଗୁଳିର ଦାଗ । ଆଖି ଦୁଇଟା ପେଟୁଆ ।

ଶୁଭିବା ନ ଶୁଭିବା ସ୍ୱରରେ ପଚାରିଲା, "ବାବୁ, ଆଉ ବୁତଲ ଅଛି ?" ମୁଁ କହିଲି ଥିବ । ପଚାରିଲି, "ଚେହେରା ଏମିତି ହେଲା କାହିଁକି ? ରାତିରେ ଖାଇ ନାହୁଁ କିଛି ? ପଇସା ନେଇଥିଲ ଯେ !" ଖୁବ୍ ବିକଳ କଣ୍ଠରେ ଉତ୍ତର ଦେଲା "ନାଇଁ ବାବୁ ! ଢ଼େର ପଇସା ତତେ ଠକେଇ କରିଥିଲା । ରାତିରେ ମଦ ଖାଇ ସବୁ ଉଡ଼ାଇ ଦେଲା, ମତେ ବହୁତ ମାରିଛି । ଏଇ ଦେଖ ।" କହି ଗାଲ ଦୁଇଟାକୁ ଆଙ୍ଗୁଳିରେ ଦେଖାଇ ଛାତିର ସେଇ ମୋଟା ମସିଆ ଦାଗ ଦାଗ ଲୁଗାଟାକୁ ଖୋଲି ଦେଇ କହିଲା, "ଏଇ ଦେଖ, ଏଇ ଦେଖ ବାବୁ !"

"ଥାଉ ଥାଉ, ଆଉ ଦେଖିବା ଦରକାର ନାହିଁ" କହି କହି ପଛକୁ ଘୁଞ୍ଚି ଯାଉ ଯାଉ ଦେଖିଲି 'ଇଯେ' ର ଖେଳିବା ଗେଣ୍ଡା ଖୋଳପା ଦୁଇଟା ମାଡ଼ି ମକଚି ହୋଇ ଯାଇଛି । ରକ୍ତର ଦାଗ ବି...

ଅଫିସ ବେଳ ହୋଇ ଯାଇଛି ଭାବି ତରବର ହୋଇ ଘରକୁ ଯାଉଁ ଯାଉଁ 'ଇଯେ' କୁ ପଚାରି ଦେଲି, "କାଲି ଏତେ ମାଡ଼ ଖାଇଲୁ ଆଜି ଫେର୍ ଆସିଲୁ ଯେ !"

ଚୁପେ ଚୁପେ ବିଶ୍ୱାସରେ ସେ କହିଲା, "ବାବୁ ! ମୋତେ ସାଙ୍ଗରେ ଆଣିଛି ଆହୁରି କାଚବୋତଲ ତୋ ପାଖରୁ ମଗେଇ ଦେବି ବୋଲି ।" ତଦଣ୍ଡେ ଯୋଡ଼ିଲା, "ଏ ବାବୁ ! ତତେ ଜୁହାର ହେଉଛି ଆଉ ତାକୁ ଶିଶି ବୋତଲ ଦବୁ ନାହିଁ । ଫେର ପିଇବ, ମାରିବ, ମରିଯିବି ।"

ଯନ୍ତ୍ରଣାରେ ଛଟପଟ ହେଉଥାଏଁ । ସେତିକି ବେଳେ ଚୈତନକୁ ସାମ୍ନାରେ ଦେଖିଲି । ଦୁଃଖ ଅନୁଶୋଚନା ଏଡ଼ାଇବାକୁ ଯାଇ ଖାମଖିଆଲ ପ୍ରଶ୍ନଟାଏ ତାକୁ ପଚାରି ଦେଲି "କିରେ ! କାଲି ରାତି ସିନେମା ଯାଇଥିଲୁ ପରା ? କି ଛବି ଦେଖିଲୁ ? କେମିତି

Digitized by srujanika@gmail.com

ଲାଗିଲା ?'' ଲମ୍ବା ଚଉଡ଼ା ହସ ମୁହଁରେ ଖେଳାଇ ଚୈତନ କହିଲା ''ବଢ଼ିଆଁ ହେଲା ବାପା ! ମେରେ ନାମ ଜୋକର । ଖୁବ୍ ଭିଡ଼ । ସେହି ବୋତଲ ବିକ୍ରା ଚାରିଅଣିଟା ଅଧିକ ଦେଇ ବ୍ଲାକରେ ଟିକଟଟା ପାଇଗଲି । ବଢ଼ିଆ ଫିଲିମ । ହସି ହସି ପେଟ ବଥା କରିଗଲା ।''

'ଇୟେ' ର ଖେଳନା ସେଇ ଗେଣ୍ଡା ଖୋଳପା ଦୁଇଟା ଅଜାଣତରେ ଭାଙ୍ଗି ଦେଇଥିବାରୁ ଆଉ ରାତାରାତି ଚୈତନର ଚାରିଛଅଟା ଡ୍ରେଗନ ଦାନ୍ତ ଗଜୁରାଇବାରେ ସାହାଯ୍ୟ କରିଥିବାରୁ ଦିନଯାକ ମନଟା କିମିତି କିମିତି ଲାଗିଲା । ସେଇଦିନ ରାତି ବୋତଲ-ବେଙ୍କରେ ଲାଲବତୀ ଜଳୁଥିଲା ।

Digitized by srujanika@gmail.com

# ଗଙ୍ଗା ଓ ଗାଙ୍ଗୀ

''ଦେ ଦେ, ତୁ ଆଗ ମଶିଣାଟା ପାରି ଦେ ତ ।'' ଧଇଁସଇଁ ହୋଇ ଅନୁଚ ପିଣ୍ଡା ଉପରକୁ ଉଠିଲା ମାତ୍ରେ ଗଙ୍ଗା କହିଲା ।

ଅନ୍ଧାରୁଆ ଝାଟିମାଟିର ପଲାଘର ଭିତରେ ବସି ଶିବୁ ବୁଢ଼ା ଢୁଳାଉଥିଲା ଅଫିମିଆଙ୍କ ପରି । କେତେବେଳେ କିମିତି ମଶାଟାଏ ଯଦି ବୁଢ଼ା ଚମଡ଼ା ଭିତରକୁ ଇଞ୍ଜେକ୍ସନ ଛୁଞ୍ଚିଟା ପୂରାଇ ଦେଇ ପାରିଲା ସେକିତିବେଳେ ଠାଏ ଠାଏ କରି ସେ ଅନ୍ଦାଜରେ ଏଠି ସେଠି ଛାଗା ଅଛାଗାରେ ବାଡ଼େଇ ହେଉଥିଲା । ଗଙ୍ଗାର ଗଳା ଶୁଣି ଟିକିଏ ଧଡ଼ପଡ଼େଇ ଉଠି ବସିଲା ଶିବୁ, ଗଙ୍ଗାକୁ ସ୍ୱାଗତ ଜଣେଇବା ପାଇଁ ।

ଡାହାଣୀ ଚିରଗୁଣୀ କି ପିତାଶୁଣୀ ପରି ଚେହେରା କରି ଗଙ୍ଗା ଘର ଭିତରକୁ ପାଦ ଦେଇଛି କି ନାହିଁ ବୁଢ଼ା ତରବରରେ ବାଆଁ ହାତ ବଢ଼ାଇ ତାଟିକଣରୁ ଛିଣ୍ଡା ସଉପକୁ ଓଟାରି ଆଣି ସେଇଠି ହାତ ପାଖରେ ତଳେ ପାରିଦେଲା । ଆଦୌ ବୋତାମ ନ ଥିବା ରଙ୍ଗଛଡ଼ା, ମାଗିଅଣା ବ୍ଲାଉସ୍‌ର ଆଗପଟୁ ସେଫ୍‌ଟିପିନଟା ଗଙ୍ଗା ତରବରରେ ବାହାର କରି ବାଁ ହାତର କେତୁଟା ରେଶମୀ କାଚରେ ଲଟକାଇ ଦେଲା । ଝାଳୁଆ ବ୍ଲାଉସ୍‌ଟାକୁ ଫୋପାଡ଼ିଦେଇ ଅଧା କଞ୍ଚା ଅଧା ପାକଲା ଚୂଳଗୁଡ଼ାକୁ କେରାକେରା କରି ଖେଳାଇ ପେଟେଇ ପଡ଼ିଗଲା, ଅଣ୍ଟାତଳକୁ ମସିଆ ଶାଢ଼ିଟାକୁ ପେଲିଦେଇ, ଝାମ୍ପୁଡ଼ା ମୁଣ୍ଡଟାକୁ ଅଛି ଚର୍ମସାର ବାହାକୁ ତକିଆ ଉପରେ ଥୋଇ । ଦଶ ବାର ବର୍ଷର ଝିଅ ଚେମଟି ବସିପଡ଼ିଲା ମାଆ ଗୋଡ଼କୁ ଲାଗି ।

''ଦେ ଦେ ଅଣ୍ଟା କମରଟା ଆଗ ଖୁବ୍ ଜୋରେ ଚିପି ମାଡ଼ି ଦେ ତ । ବଡ଼ ଖେଞ୍ଚୁଛି । ମୁଣ୍ଡଟା ବି ଟିପି ଦେ, ବାବା ! କି କଷ୍ଟ ।''

ଆଜ୍ଞାକାରୀ ଭୃତ୍ୟ ପରି ବୁଢ଼ା ଲାଗି ପଡ଼ିଲା, ଗଙ୍ଗାର ଅଣ୍ଟାମୁଣ୍ଡ ଚିପାମଡ଼ା ଟିପାଟିପି କରିବା ପାଇଁ । କାହିଁକି ଅଣ୍ଟାମୁଣ୍ଡ ଦିହହାତ ଘୋଳାବିନ୍ଧା କରୁଛି ସେ ବିଷୟ ସେ ପଚାରିଲା ନାହିଁ । ଅନେକ ଦିନ ସଞ୍ଜରେ ସେ ସିମିତି ଫେରେ, ସିମିତି ଅବସ୍ଥାରେ ବି । ଘରେ ନୁହେଁ ଦି ଘର ନୁହେଁ, ଚାରି ଚାରି ଘରେ ସେ କାମୁଣୁଣୀ କାମ କରେ । ହାଡ଼ଭଙ୍ଗା ଖଟଣି ସକାଳୁ ସଞ୍ଜଯାଏ । ଆଜିକାଲି ଯେଉଁ ଯୁଗ ପଡ଼ିଲାଣି କିଏ ଭଲା ପଇସା ଦେଇ କଷି କରି କାମ ଆଦାୟ ନ କରି ଛାଡ଼ି ଦବ ? ଦୟାଧର୍ମ କଥା ଆଗକାଳିକା କଥା । ଅବଶ୍ୟ କେଉଁଦିନ କାହା ଘରେ ବଳି ପଡ଼ିଲେ ବାସି ଅଇଁଠା ମିଶାମିଶି କରି ମୁଠେ ଅଧେ

Digitized by srujanika@gmail.com

ଦିଅନ୍ତି ସିନା, କିନ୍ତୁ ହତମ ହେଲାଯାଏ କାମ ଉପରେ କାମ ବରାଦ କରିବାକୁ ଛାଡ଼ନ୍ତି ନାହିଁ । ସେମାନେ ପୁଣି ବିଦେଶୀ । କିଏ ବଙ୍ଗାଳୀ, ତ କିଏ ବିହାରୀ, ତ କିଏ ପଞ୍ଜାବୀ । ଉପରବାଲୀ ଦେଶୀ ଆମ ଏଠିକା ଲୋକ ହେଲେ ବି ଦୟାମାୟା ନ ଦେଖାଇ ହାଣ୍ଡି ହାଣ୍ଡି ଧାନ ଉଷେଇବାକୁ ଦିଏ । ତଳବାଲୀ ମୁଖରା, ବାଲ୍‌ଟି ବାଲ୍‌ଟି ଲୁଗା କାଚିବାକୁ ଦିଏ ଯିମିତି ଗଙ୍ଗା କାମୁନ୍ଦୁଣୀ ନୁହେଁ, ଧୋବଣୀ । ପାଖବାଲୀର ଦିଅର ଟୋକାଟା ବାଦୁଆ କେମ୍ପା, ସାପ, କୋଚିଲା ଖାଇ, ଝିଟିପିଟି, କଚିମ, ଅସରପା, କଙ୍କଡ଼ାବିଛା ଆଦି ନାନା ଜୀବଜନ୍ତୁର ଆଲକାତରା ରଙ୍ଗର ଗନ୍ଧିଆ ଅପରଛନିଆ ତେଲରେ ଦିନକୁ ତିନି ତିନିଥର ମାଲିସ୍ କଲେ ବି କ୍ଷଣେ ତାର 'ଗଙ୍ଗା ଗଙ୍ଗା' ଡାକ ବନ୍ଦ ହୁଏ ନାହିଁ । ଝୁଡ଼ି ଝୁଡ଼ି ବାସନକୁସନ ସାଙ୍ଗକୁ ହଣ୍ଡା କରେଇ ଡେକ୍‌ଚି ମାଜିବା କାମ ତ ନିତିଦିନିଆ ପ୍ରତି ଘରର । ପଚା ଗାଡ଼ିଆ ପାଣିରେ ସଦାବେଳେ ଘାଣ୍ଟିଚକଟି ହୋଇ ହାତଗୋଡ଼ର ଅଙ୍ଗୁଳି ସନ୍ଧିରୁ ବର୍ଷକଯାକ ପାଣିଖିଆ ଦାଗ ଲିଭିବାକୁ ନାହିଁ; ନ ଜାଣିଲା ଲୋକେ ବଡ଼ରୋଗ ବୋଲି କହିବେ । ଗଙ୍ଗାର କ'ଣ ଆଉ ବୟସ ଆସୁଛି ? ଚାଳିଶ ଛୁଇଁବ ଆଜି କି କାଲି । ଏ ବର୍ଷର ଯେଉଁ ଅସରନ୍ତି ବର୍ଷା ସେଥିରେ ଭିଜିତିନ୍ତି ଆଜି ଶର୍ଦ୍ଦି ତ କାଲି ଭାଲୁଜର । ଅଣ୍ଟାବିନ୍ଧା ତ ସ୍ତ୍ରୀଲୋକ ମାତ୍ରେ ଭୋଗନ୍ତି । କାହାର ଅଣ୍ଟାପିଚା ମୋଟା ମାଉଁସିଆ ବୋଲି ଘୋଡା ବିନ୍ଧା ତ, କାହାର ଖାଲି ହାଡ଼ଚମ ବୋଲି ଅଳ୍ପ ପରିଶ୍ରମରେ ଭାଙ୍ଗି ଭାଙ୍ଗି ପଡ଼େ ।

"ଚିପୁନ୍ଥୁ ନା ଆଉଁଶୁନ୍ଥୁ । ହାତର ବଳ ସବୁ ଗଲା କୁଆଡ଼େ ?" ଗଙ୍ଗା ସେ ହାତର ବଳ ଜାଣିଛି । ଦିନ ଥିଲା ସେଇ ହାତ ଗଙ୍ଗାକୁ ଜାବୁଡ଼ି ଧଇଲେ ହାଡ଼ ବାଙ୍କି ଯାଏ, ପଞ୍ଜରା ହାଡ଼ କଡ଼ମଡ଼ କରେ । ଗଙ୍ଗା ଅତିଷ୍ଠ ହୁଏ 'ଓଃ ଆଃ ଛାଡ଼ ଛାଡ଼' ଚିତ୍କାର କରେ । ଦିନ ଥିଲା ଗୋଟାଏ ହାତରେ ଗଙ୍ଗାର ଅଣ୍ଟାକୁ ଧରି ଶିବୁ ତାକୁ ଚକପରି ବୁଲାଉ ଥିଲା । ଏକା ଓଳିକେ ଶଗଡ଼େ ଦି' ଶଗଡ଼ କାଠ ଚିରି ପାରୁଥିଲା ସେଇ ହାତ । ଥରେ ମାରଣା ଢୁଆନ ଷଣ୍ଢଟାର ଶିଙ୍ଗକୁ ଧରି ପେଲି ପେଲି ନେଇ ଗୋଟାଏ ଖାତରେ ପକାଇ ଦେଇଥିଲା ଏଇ ଶିବୁ ।

ଆଜି ସେ ସତୁରି ବର୍ଷର ବୁଢ଼ା । ପ୍ରଥମ ଭାରିଜା ଗୋଟାଏ ପୁଅକୁ ଛାଡ଼ି ଚାଲିଯିବାର ବହୁବର୍ଷ ପରେ ସେ ଗଙ୍ଗାକୁ ଦ୍ୱିତୀୟ କରିଛି । ତାକୁ ପାଇବା ପଛରେ ବି ରୋମାନ୍‌ସ ଥିଲା; କିନ୍ତୁ ଭାଗ୍ୟର ବିଡ଼ମ୍ବନା । ଶିବୁ ବେମାରିଆ ହୋଇଗଲା । ସେ ଗତରକୁଡ଼ୀ ନୁହେଁ । ଟିକିଏ ଭଲ ଲାଗିଲେ ତା ହାତଗୋଡ଼ କଥା କହନ୍ତି । ବିଲ କାମ ଲାଗିଲେ ସେ ରହିପାରେ ନାହିଁ । ରୋଜଗାରକୁ ବାହାରି ପଡ଼େ । ହେଲେ, ଗଙ୍ଗାର ଧନ୍ଦା, ପରିଶ୍ରମ ଓ ବୁଦ୍ଧିରେ ତା ସଂସାର ଚଳେ । ଏବେ ଘର ଜଗିବା ଛଡ଼ା ବୁଢ଼ାର ଅନ୍ୟ କାମ ନାହିଁ ।

ଘର କହିଲେ ଆଠ ହାତରେ ଆଠହାତ, ସନ୍ତସନ୍ତିଆ ମାଟିଚାଳ କୋଠରୀଟା । ହାତିକିଆ ପିଣ୍ଡା ଚାଖଣ୍ଡେ ଉଚ୍ଚ । ପଦାକୁ ଯିବ ବୋଲି ଯେଉଁ ଜାଗା ତାହା ଖୋଲା

Digitized by srujanika@gmail.com

ସର୍ବସାଧାରଣ ରାସ୍ତା । ବହୁ କଷ୍ଟରେ ପୁଣି ଏ ପଲାଖଣ୍ଡି ମିଳିଛି । ଭାଗବତ ବାବୁ ଓକିଲଙ୍କ ପିଣ୍ଡାରେ ଛ'ମାସ କଟିଲା । ଦୈବାତ୍ ଟୋକୀ କାମୁଡୁଣୀଟା ନୂଆ ଏସ.ଡ଼ି.ଓ. ଙ୍କ ଆଉଟ୍ ହାଉସ୍‌କୁ ଚାଲିଗଲା ବୋଲି ଏ ଘରଟା ମାସକୁ ଆଠଟଙ୍କାରେ ଦେଇ ଯାଇଛି । ଘରେ ସଂପତ୍ତି ବୋଇଲେ କଳା ହାଣ୍ଡିଟାଏ, ମଙ୍ଗଭଙ୍ଗା କଳସି ଗୋଟେ, ମୁଣ୍ଡି ଛାଞ୍ଚୁଣି, ଛିଣ୍ଡା ମଶିଣାଟି ଆଉ କେତୁଟା ଗୋବର ଟିକିଆ, ଚୂଲୀ କେଉଁଦିନ ଜଳେ, କେଉଁଦିନ ନାହିଁ । ଏ ବର୍ଷ ଯେଉଁ ଝଡ଼ିବର୍ଷା ଚୂଲୀରେ ନିଆଁ ଧରାଇବା କି କାଠିକର ପାଠ । ରାତିରେ ଯଦି ସଡ଼କର ବିଜୁଳିବତି ନ ଜଳେ ତେବେ ଘର ଅନ୍ଧାର । ପହିଲା ବଜାରରେ କିରାସିନି ଟୋପାଏ ଅଧେ ଯେବେ ଭଙ୍ଗା ବୋତଲରେ ଥାଏ ତ ତେବେ ଘଡ଼ିଏ ଅଧେ ଡିବିରି ଜଳେ । ତା' ନହେଲେ ବାଁ ହାତରେ ଜଳନ୍ତା ଟିକିଆ ବା ନିଆଁ ଖୁଣ୍ଟାଟା ହଲାଇ ହଲାଇ ଓଳିକିଆ ପଖାଳ ପେଜ ତୋରାଣିଖିଆ ସାରି ଦିଅନ୍ତି ।

ବୁଢ଼ା ଆଣ୍ଠୋଇ ଗଙ୍ଗାର ପିଠି ପିଚା ଘଷି ସାରିଲାବେଳକୁ ଚେମଟୀ ନିଘୋଡ଼ ନିଦରେ ଶୋଇ ଯାଇଥିଲା, ମାଆର ନଳୀଗୋଡ଼କୁ ତକିଆ କରି । ଗଙ୍ଗାର ଗୋଡ଼ ଦୁଇଟାକୁ ଘଷିଦବ ଭାବି ଶିବୁ ଝିଅର ମୁଣ୍ଡକୁ ତଳକୁ ଦେଲାବେଳେ ଶଙ୍କାକୁଳ ସ୍ୱରରେ ପଚାରିଲା ''ଚେମଟୀ ଖାଇଛିନା ?'' ଗଙ୍ଗା କେବଳ କଡ଼ ଲେଉଟେଇ ଚିତ୍ ହୋଇ ଶୋଇଲା ହାତ ପାପୁଲି ଛନ୍ଦି ମୁଣ୍ଡ ତା' ଉପରେ ଦେଇ । କିଛି ଉତ୍ତର ଦେଲା ନାହିଁ । ବୁଢ଼ା ବୁଝିଗଲା; ତା' ମନ ବେଶି ଶଙ୍କେଇଲା କାଳେ ଆହୁରି ବେଶି ଦୁଃସମ୍ବାଦ ମିଳିବ ବୋଲି ।

ଦଶ ଏଗାର ବର୍ଷ ହେଲେ ବି ଚେମଟୀ ମାଆ ପଣତ ଛାଡ଼ିବାକୁ ନାହିଁ । ବଡ଼ଘର ଝିଅ ହୋଇଥିଲେ ଆଜିକୁ ଗାଲ ମୁହଁ ଲାଲ ଲାଲ ଫୁଲକା ଫୁଲୁକା ଦିଶୁଥାନ୍ତା । ଫ୍ରକ୍‌ର ଡ଼ିଜାଇନ୍ ବଦଳିଥାନ୍ତା । ସ୍କୁଲ ପିଲାଏ ଚକ୍‌କର ମାରି ହୁଇସିଲ୍ ବଜାଇ 'ଆଓ ପ୍ୟାର କରେ' ଗୀତ ଆରମ୍ଭ କରିଦେଇ ଥାନ୍ତେ, କିନ୍ତୁ ଚେମଟୀର ଚେହେରା ଆକୃତି ଦେଖିଲେ ଲୋକେ ତା ବୟସ ଛଅ ବୋଲି କହିବେ । ପାଞ୍ଚବର୍ଷ ହେଲା ସ୍କୁଲରେ ପଢୁଛି ଯେ ଦୁଇରୁ ତିନି କ୍ଲାସ ଯାଇନାହିଁ । ଉକୁଣୀ ମୁଣ୍ଡୀ, ଚୋରଣୀ ବୋଲି ତାର ବଦନାଆଁ, ସ୍କୁଲରେ ବି ସେ ନଥାଏ । ମାଆ ପାଖକୁ ଫେରିଆସେ । ବାସନକୁସନ ମଜାମଜି, ଘରଦ୍ୱାର ଖରକାଖରକିରେ ସେ ତାକୁ ସାହାଯ୍ୟ କରେ । ଗଛରେ ଚଢ଼ି କଷି ପିଚୁଳି ଚୋବାଇ ଭୋକ ମାରେ, ତରକାରୀ ପାଇଁ ଗାଡ଼ିଆରୁ ଗେଣ୍ଡା କଙ୍କଡ଼ା ଧରେ, ସୁନସୁନି ଶାଗ ସାଉଁଟେ । ମୁଢ଼ି ମୁଠେ ବା ଚଣାଭଜା ପାଞ୍ଚ ପଇସାର ପାଇଁ ମାଆ ପାଖରେ ଅଳି କରେ, ହଟ ଲଗାଏ, ନ ମିଳିଲେ ଗାଳିଗୁଲଜ, କଳି କରେ । ହେଲେ ବାପାମାଆଙ୍କ ଗେଲବସର ଝିଅଟି ।

ଚେମଟୀ କିଛି ଖାଇଛି କି ନାହିଁ, ଏ ପ୍ରଶ୍ନଟି ବୁଢ଼ା ପଚାରିବାରେ ଯଥେଷ୍ଟ ତାତ୍ପର୍ଯ୍ୟ ଥିଲା । ଆଜି ସକାଳେ କାହା ପେଟକୁ ଦାନାପାଣି ଯାଇନଥିଲା । ଛକରେ ବାୟା ଯେଉଁ ପାନ, ଚା' ଦୋକାନ କରିଛି ବୁଢ଼ା ସେଇଠି ବସାବସି କରେ, ଚା' କପପ୍ଲେଟ୍ ଧୁଆଧୋଇ

Digitized by srujanika@gmail.com

କରେ, ଦୋକାନରୁ ମାଗି ଅଣା ଚା’ ସିଠାକୁ ପୁଣି ଫୁଟାଇ ଜମାଟବନ୍ଧା ଗନ୍ଧିଆ ଗୁଣ୍ଡଦୁଧରୁ ଚକଟିଏ ଦେଇ ଟୋପାଏ ଅଧେ ଗୁଡ଼ ମିଶାଇ ତିନିହେଁ ଚା’ ଖାଇ ଯେଝା କାମକୁ ଯାଇଥିଲେ । ପାଞ୍ଚ ପଇସାର ମତିହାରି ଧୂଆଁପତ୍ରକୁ ଅଧାଅଧି କରି ଶିବୁ ଓ ଗଙ୍ଗା ଲୁଗାକାନିରେ ଗଣ୍ଠେଇ ସୂର୍ଯ୍ୟଦେବଙ୍କୁ ସ୍ୱାଗତ କରିବା ସଙ୍ଗେ ସଙ୍ଗେ ପରସ୍ପରକୁ ବିଦାୟ ଦେଇଥିଲେ । ତାପରେ ଦିନଯାକ ଅନ୍ଧାର । ରାସ୍ତାର ଆଲୁଅରେ ବର୍ତ୍ତମାନ ସାମନାଟା ଖୁବ୍ ଆଲୋକିତ ହେଲେ ବି କୋଠରୀ ଭିତରର ଅନ୍ଧାରୁଆ ପରିବେଶରେ ମଶାଣି ସରଞ୍ଜାମ ଲଗାଲଗି ହୋଇ ରହିଥିବା ତିନିଟା ଜୀବକୁ ଦେଖିଲେ ହରିଶ୍ଚନ୍ଦ୍ର ନାଟକର ଶ୍ମଶାନ ଦୃଶ୍ୟର ସେଟ୍ ପରି ଜଣାଯିବ ।

ପ୍ରାୟ ଘଡ଼ିଏ ଯାଏ ବୁଢ଼ା ହାତର ଚିପାମୋଡ଼ା ଘଷା ଖାଇ ଗଙ୍ଗା ଟିକିଏ ତାଜା ହୋଇ ଉଠି ବସିଲା । କହିଲା, ‘‘ବୁଢ଼ାରେ ! ବେଶ୍ ଚଞ୍ଚଳ ଲାଗିଲା । ହେଲେ ତଣ୍ଟିଟା ଶୁଖି ଶୁଖି ଯାଉଛି । ଏତିକିବେଳେ ଯଦି ତୋରାଣି ପାଣି ବେଲାଏ ଦେଇ ଦିଅନ୍ତୁ ତ ଦେଖନ୍ତୁ କାଲି ସକାଳୁ କିମିତି ଫେର କାମକୁ ବାହାରି ଯାଆନ୍ତି । ରନ୍ଧାରନ୍ଧି କରିଚୁ ନା ?’’ ଗୋରୁଗାଈ ଗନ୍ଧ ବାରି ଘାସ ପାଣିର ସନ୍ଧାନ ପାଆନ୍ତି । ଗଙ୍ଗା ଶୋଇ ଶୋଇ ପ୍ରାୟ ଜାଣିସାରିଥିଲା ଯେ ରାତିଟା ଖାଡ଼ା ଓପାସ ।

ବୁଢ଼ା ବି ବେଶ୍ ଜାଣିଥିଲା ଯେ ଗଙ୍ଗା ଆସି ପହୁଞ୍ଚିଲା ମାତ୍ରେ ଖାଇବାକୁ ମାଗିବ; କିନ୍ତୁ ପରିସ୍ଥିତି କିମିତି ସମ୍ଭାଳିବ ସେ ପାଇଁ ତା’ର ଭିନ୍ନ ଚିନ୍ତା ଓ ପରିକଳ୍ପନା ଥିଲା । ନିମ୍ନ ମଧ୍ୟବିତ୍ତ ଏପରିକି ମଧ୍ୟବିତ୍ତ ପରିବାରର ସ୍ୱାମୀ ସ୍ତ୍ରୀ କଠୋର କର୍ମମୟ ଦିବାବସାନରେ ଏ ନିର୍ମମ ଅବସ୍ଥାର ଯେବେ ମୁହାଁମୁହିଁ ହୁଅନ୍ତେ ତେବେ କଳିତକରାଳ, ଭୁଷାଭୁଷି ଏପରି କି ମାରପିଟ୍ ହତ୍ୟା ପର୍ଯ୍ୟନ୍ତ ଯାଇଥାନ୍ତା ପରସ୍ପରକୁ ଦୋଷୀ ଆକ୍ଷେପ କରି । କେଉଁଠି ହୁଏତ ଆତ୍ମହତ୍ୟା ବ୍ୟବସ୍ଥା ଉଭୟେ ବା ଜଣେ କରିଥାନ୍ତେ; କିନ୍ତୁ ଅସହିଷ୍ଣୁତା ଭାବପ୍ରବଣତା ବା ପରସ୍ପର ଦୋଷ ଦର୍ଶିତାର ଉର୍ଦ୍ଧ୍ୱରେ ଥିଲେ ଏ ଦୁଇ ପ୍ରାଣୀ । ଶ୍ରେଣୀ–ସଂଘର୍ଷ, ସମାଜବାଦ ବା ବିଦ୍ରୋହୀ ମନୋବୃତ୍ତି ନେଇ ସମାଜ ବଦଳ କରିବା ମନ୍ତ୍ରଦୀକ୍ଷା ସେମାନେ ହର୍ତ୍ତା କର୍ତ୍ତା ବିଧାତାଙ୍କ ଠାରୁ ପାଇନାହାନ୍ତି (ଯାହା ତାଙ୍କ ପରବର୍ତ୍ତୀ ବଂଶଧର ପାଇବେ ।) ଜୀବନ ସ୍ରୋତରେ ସେମାନଙ୍କର ଆଉ ଫେଣ ନାହିଁ । ଅଛି ଗୋଟାଏ ପ୍ରକାର ମୂକ ଗ୍ରହଣଶୀଳତା, ଅଧୀର ନିଶ୍ଚଳତା ଓ ହୃଦ୍ୟ ବୈଚିତ୍ର୍ୟହୀନତା ।

ବୁଢ଼ା ଗଙ୍ଗାର ରନ୍ଧାରନ୍ଧି ପ୍ରଶ୍ନର ଉତ୍ତର ଦେଇ କହିଲା, ‘‘ମଲା ! ମୁଁ ତତେ ଚାହିଁ କରି ବସିଛି କ’ଣ ଆଣିଥିବୁ ବୋଲି । ଦିନଯାକ ମୋର ଉପାସ । ପେଟକୁ ପାଣି ବି ଯାଇନି, ସେଇ ଯାହା ଚାହା ଟିକକ ସକାଳୁ ଦେଇଥିଲୁ ।’’

‘‘କି ! ଆଜି ବି କାମଦାମ କିଛି ପାଇଲୁ ନାହିଁ । ମିଲ୍ ବାଲା ଘରକୁ ଯାଇଥିଲୁ ପରା !’’

‘‘ଯାଇଥିଲି । ହେଲେ ସେଠି ତ କାମ କରିବାକୁ ଲୋକ ଖୁନ୍ଦାଖୁନ୍ଦି । ଏ ବର୍ଷ

Digitized by srujanika@gmail.com

ପାଣିପାଗରେ ସବୁ ଏକ ମୁଣ୍ଡିଆ କାମ । ରୁଆ ସରିଲା ତ ବଛା ନାହିଁ । ବନ୍ୟାରେ ଅଧେ ବିଲ ଭରପୂର । ଏ ଟୋକା ମିଲ୍ ବାଲାଟା ଧାଙ୍ଗଡ଼ାଧାଙ୍ଗଡ଼ି ଦେଖି କେତେ ଜଣ ସାନ୍ତାଳୁଣୀ ମୂଲିଆଣୀ ରଖିଲା; ମୋତେ ଫେରାଇ ଦେଇ କହିଲା, "ତୁ ଆଉ ଆସିବୁ ନାହିଁ, ବହୁତ ବୁଢ଼ା ହେଲୁ । ଦୁର୍ଭିକ୍ଷ ବଜାରରେ ବିନା କାମରେ ବସି ଉଠି ପେଟ ପୋଷିବାକୁ ତୋତେ କିଏ ଦବ ? ଆମର ତ ମିଲ୍ ଦଶମାସ ବନ୍ଦ । ତା' ବୁଢ଼ାବାପ ଥିଲେ ମୋତେ ଅଲବତ ରଖିଥାନ୍ତା, ନ ହେଲେ ମୁଠାଏ ଖୁଦ ହେଲେ ଦେଇଥାନ୍ତା । ତା'ର ଦୟାମାୟା ଥିଲା । ସେଇଠୁ ଫେରିଆସି ଘରେ ବସିଛି ।' ଦଣ୍ଡେ ରହି ଫେର୍ କହିଲା 'ବାୟାଠୁଁ କଲୋ ଅଧେ ଆଣିଥାନ୍ତି–ହେଲେ ତ'ାର ପିଛିଲା ଉଧାର ତ ଶୁଝିନି, ମାଗିଲିନି, ଭାବିଥିଲି ତୁ ଆସିଲେ..."

"ମୁଁ ଆସିଲେ ଚାଉଳ କିଣା ହେବ । ହାଣ୍ଡି ଚୁଲୀକି ଯିବ, ଭାତ ହବ ମୁଁ ଖାଇବି । ତୋର ଲଜ୍ଜା ନାହିଁରେ ବୁଢ଼ା ! କ'ଣ କହନ୍ତି..."

"ଦେ ନା ତୁ ପଇସା ଦେ, ମୁଁ ସାଙ୍ଗେ ସାଙ୍ଗେ ଯାଇ ଚାଉଳ ନେଇ ଆସିବି । ଘଷି ତ ଅଛି, କାଠିକୁଟା ଗୋଟେଇ ରଖିଛି, ଦିଆସିଲି କାଠି ଦୁଇଟା ବି ମାଗି ଆଣିଛି । ଘଡ଼ିକୁ ସବୁ ହୋଇଯିବ ।"

"ତୁ ଆଗ ଦୋକତା ଚୂନ ଟିକେ ବାହାର କର ତ ।" ଗଙ୍ଗା ଜାଣିଗଲା ରାତିର ବ୍ୟବସ୍ଥା । ବୁଢ଼ା ଗଣ୍ଠି ଫିଟାଇ ଯେଉଁ ଚିମୁଟାଏ ରାତି ଖାଇବା ପରେ ପାଟିରେ ପକାଇ ଆମ୍ବିଳା ମାରିଥାନ୍ତା ତାକୁ ଗଙ୍ଗାର ପାପୁଲିର ସାବଧାନରେ ଥୋଇ ଦେଲା । ତଥାପି ତା'ର ଆଶା ଗଙ୍ଗା ଯା'ହେଉ କୋଡ଼ିଏ ପଚିଶି ପଇସା ହେଲେ ଅଭାବକୁ ବାହାର କରିବ ।

ଗଙ୍ଗା ବୁଢ଼ାର ସବୁ ଆଶାକୁ ଏକାବେଳକେ ଚୁରମାର କରିବା ଗଳାରେ କହିଲା, "ମୋ ପାଖରେ ଫଟା ପଇସାଟାଏ ବି ନାହିଁ । ତୋ ରାଣ ।"

"ତିନି ଘରୁ କେହି ଘରେ ହେଲେ ବି ଭଲା ଟଙ୍କାଏ ମସାଏ ଆଗତୁରା ଦେଇଥାନ୍ତେ ।"

"ଦେଇଥାନ୍ତେ, ନ ଦେଇଥାନ୍ତେ ଅଲଗା କଥା । ମୁଁ କି ଦିଆସି ଯେ ଜାଣିଥାନ୍ତି ତୋତେ କାମ ମିଳିନି । ତା'ଛଡ଼ା ସବୁ ଦରମା ଟଙ୍କା ତ ଆଗତୁରା ଆଣି ଖାଇ ସାରିଛି । ଉପରବାଲୀ ଦେଇଛି ବାର, ବାକୀ ତିନି, ତଳବାଲୀ ପାଖରୁ ଆଣିଛି ଦଶ ବାକୀ ଦୁଇ, ଆଉ ସେ କେମୋର ଭାଉଜ ପାଖରୁ ଆଠରୁ ସାତ । ବାକୀ ଦରମା ସବୁ ମିଶିଲେ ବି ଘରଭଡ଼ା ଆଠ ଟଙ୍କାକୁ ନିଅଣ୍ଟ । ପୁଲିସ ନିଶ୍ଚେ ଲଗେଇବ ସେ ଘରବାଲୀ ଖାନକୀ ମାଇକିନାଟା ଏଥର ।"

"କରଜ ଶୁଝି ନ ଥିଲେ ଏମାସ ଦୁଃଖକଷ୍ଟେ ଚଳିଯାଇଥାନ୍ତା । ଓଳିଏ ଅଧେ ଉପାସ ରହି ।"

"କରଜ ଶୁଝିଲୁ ନା ସୁଧ ଗଣିଲୁ ? ମୂଳ ଆଉ ଶୁଝି ହବନି; ଗହଣାଗାଣ୍ଠି ବେଲାବାସନ ମହାଜନ ଘରେ ପଡ଼ିଥାଉ । ତାକୁଇ ଦେଇ ରଣ ସୁଧମୂଳ ଦେଇଦବା ।

Digitized by srujanika@gmail.com

ପୁଅକୁ ଏତେ ଆଡ଼ମ୍ବର କରି ବାହା କରାଇଥିଲି ଯେ ସେ ଘରଜୋଇଁଆ ହେଲା ସଂପତ୍ତି ଲୋଭରେ, ଶିକ୍ଷାପାଟଣା ଛାଡ଼ି । ଆମକୁ ପଚାରିଲା ନାହିଁ ।''

''ଥାଉ ଥାଉ; ରାତି ଅଧରେ ତାକୁ ଗାଳିଦେଲେ କି ଲାଭ ? ଆମ କପାଳ ଆମକୁ ସିମିତି କରାଉଛି ?''

''ଆଚ୍ଛା ବୁଢ଼ୀ ! ସତ କହନି କାହିଁକି ତୁ ମୋତେ ଚାକି ବସିଥିଲୁ ? ଏତେ ଏତେ ଟଙ୍କା ଆଗଦୁରା ଆଣି ମାସ ଚଳାଇଲି ତେବେ ବି ତୁ କିମିତି ଭାବିଲୁ ଯେ ମୁଁ ଯାହାହେଉ କିଛି ହାତରେ ଧରି ଫେରୁଛି । ଫେର୍ କାଠିକୁଟା ଦିଆସିଲି କାଠି ପର୍ଯ୍ୟନ୍ତ ଯୋଗାଡ଼ କରି ବସିଛୁ ।

''ବେଳବୁଡ଼ ତକ କିଛି ଭାବି ନଥିଲି । ସଞ୍ଜ ଟିକିଏ ବେଶି ଗଡ଼ିଲାରୁ ଭାବିଲି ତୁ ନିଶ୍ଚେ ଖାଲି ହାତରେ ଫେରିବୁ ନାହିଁ । ମୋ ମନ କଥା ସଫା ସଫା କହିଦେଲି, ରାଗିବୁ ନାହିଁ ।

ବୁଢ଼ାର ଇଙ୍ଗିତ ବୁଝିପାରି ଗଙ୍ଗା 'ହୁଁ' କଲା । ସାମାନ୍ୟ ଚିଡ଼ି ଯାଇଥିଲା ବୋଧହୁଏ । ''କିଛି ରୋଜଗାର କରି ଫେରିଥିବି ଭାବିଥିଲୁ ?''

ନିଜ କଥାର ଖିଅଧରି ବୁଢ଼ୀ କହିଗଲା, ''ଆଜି ତ ନୂଆ କଥା ନୁହେଁ । ନିତିଦିନିଆ ନ ହେଲେ ବି ଅଭାବକୁ କେବେ କିମିତି ଟଙ୍କାଏ ମସାଏ ଆଣିଥାଉ । ଯେବେ ଆଣିଥାଉ ସେଦିନ ଏମିତି ଟିକିଏ ଡେରିକରି ଆସୁ । ଅଣ୍ଟା ପିଠି ଦରଜ ଭାଙ୍ଗିଦିଏଁ । ସତରେ ଆଜି ମୁଁ ବଡ଼ ଦମ୍ଭ ବାନ୍ଧି ବସିଥିଲି ତୁ କିଛି ନ ହେଲେ ଆଠଣିଟାଏ ଆଣିବୁ ଯିମିତି ହେଲେ ଯୋଗାଡ଼ଯନ୍ତ କରି । ଧାଇଁଯାଇ ବାୟା ଦୋକାନରୁ ଚାଉଳ ପାଏ ଅଧେ ଆଣିଥାନ୍ତି, ଦଣ୍ଡକୁ ମୁଠାଏ ଫୁଟାଇ ଦେଇଥାନ୍ତି ଯେ...''

''ତୁ ଆଉ ମୁଁ ପେଟେ ପେଟେ ଖାଇ ଆରାମରେ ନମ୍ବତମ୍ବ ପଡ଼ି ଯାଆନ୍ତେ । ବୁଢ଼ୀରେ ! ଚିଲିକା ଚିଙ୍ଗୁଡ଼ିକି ଆକାଶ କୟାଁ କଥା ହେଲା ।''

''ତୋର ସେଇ ଚିହ୍ନା ବୁଢ଼ାଟା ପାଖରୁ ଦଶ କୋଡ଼ିଏ ପଇସା ବି ମାଗି ଆଣି ପାରିଲୁ ନାହିଁ ? ତାକୁ ପରା ତୁ ଗପ କହୁ । ତୋ ଗପକୁ ସେ ତାରିଫ୍ କରେ ଆଉ ଲେଖେ । ସେ ପରା ତୋର ସବୁଦିନିଆ ଗରାଖ ।

''ମଲା ମଲା ଯିଏ ମୋ ସାଙ୍ଗରେ ଗପ କଲା ସିଏ ମୋର ଗରାଖ । ଫେରେ ସବୁଦିନିଆ ! ତୋ ମୁଣ୍ଡ ବିଗିଡ଼ଗଲା ଏଥର ଦେଖୁଛି ।''

ଗଙ୍ଗା ଦେଖିଲା ବୁଢ଼ୀକୁ ବାଇ ଲାଗିଛି, ବୁଢ଼ୀ ଭାବିଛି ମଣାଣିକି ଗଲାଯାଏ ତା' ଦିହର ଦାମ ଥିବ । କ୍ରୋଧ ଛଡ଼ା ଅନ୍ୟ ପ୍ରତିକ୍ରିୟା ତା' ମନକୁ ନ ଆସିବା କଥା; କିନ୍ତୁ 'ଗଙ୍ଗା ଜୀବନଯାକ ରସିକ, ଦରଦୀ, ସେ ହସି ଜାଣେ । ଅନ୍ୟକୁ ଖୁସି କରିପାରେ ଯିମିତି ବିଦ୍ରୁପ ବା ଉପହାସ କରିପାରେ, ନିଜକୁ ସେମିତି, ଏପରିକି ଦୁର୍ଭାଗ୍ୟ ସହିତ । ଗଙ୍ଗାରେ କେତେ ପାଣି ବରଂ ମାପିହବ, ଗଙ୍ଗାର ମନର ଗଭୀରତା ଜାଣି ହବନି । ଯେଉଁଦିନ ସେ

Digitized by srujanika@gmail.com

ଖୁବ୍ ହସେ ସେଦିନ ତାର ହୁଏତ ଖୁବ୍ ଦୁଃଖ । ତା' ମନରେ ଦୁଃଖ ଅଛି ଏକଥା କାହାରିକି ଏମିତି କି ବୁଢ଼ାକୁ ବି ଜାଣିବାକୁ ଦିଏନି ।

ହାହତୋଽସ୍ମି ଅବସ୍ଥାରେ ବି ମଣିଷ ଥରେ ଥରେ ମିଛୁଟାରେ ନିଜକୁ ଥଟ୍ଟା କରି ଠୋ ଠୋ କରି ହସି ମନର ଦ୍ୱନ୍ଦ ଓ ବିମର୍ଷକୁ ଉଡ଼ାଇ ଦେବାକୁ ଚେଷ୍ଟା କରେ । ଗଙ୍ଗା ସେଇୟା କରିବାକୁ ଚେଷ୍ଟା କଲା ।

ଉଠିଯାଇ ବଙ୍କାଟଙ୍କା ଚେପାମୋଡ଼ା ଏଲୁମିନିୟମ ବାଟିରେ ମଙ୍ଗଭଙ୍ଗ କଳସୀରୁ ପାଣି ଗଡ଼ାଇ ଢକଢ଼କ କରି ପିଇଗଲା । ଲୁଗାକାନି ଫିଟାଇ ଶେଷ ସମ୍ବଳ ଦୋକତା ଟିକକ ବାହାର କରି ପାପୁଲିରେ ରଖିଲା । ମାଟିସରାରୁ ଚୂନଟିକିଏ ଆଣି ଦଳି ଠୋ ଠୋ କରି ଦୁଇଥର ଝାଡ଼ିଦେଇ ଦି'ଆଙ୍ଗୁଳିଆ ଚିମୁଟାଏ ବୁଢ଼ାକୁ ଦେଲା । ଜିଭଟା ବାହାର କରି ଗହ୍ୱର ପରି ପାଟିରେ ବାକି ଟିକକ ଥୋଇଦେଲା ।

କହିଲା, "ବୁଢ଼ାରେ । ଗପ ଶୁଣିବୁ ତ କହ କହିବି, କାହିଁକି ମୋର ଆଜି ଏତେ ଡେରି ହେଲା ।"

ବୁଢ଼ା କହିଲା, "କହ ଯାହା କହିବୁ, ରାତି ତ ଉପାସ, ନିଦ ହବନି, କହ କ'ଣ କହୁଚୁ । ଏତେ ଉପକରମ କାହିଁକି ? ତୁ ତ ମୋତେ କେଉଁକଥା ଲୁଚାଉନି । ନଅ ଦଶ ବରଷ ହେଲା ମୁଁ ତ କେବେ ତୋତେ କିଛି କହିନି । ମୁଁ ତ ବୁଢ଼ା ଅଥର୍ବ । ତୋତେ ପରା ଛାଡ଼ପତ୍ର ଦେଇ ଦେଇଛି । ତୁ ଯାହା କଲେ ବି ମୋର କିଛି ନାହିଁ । ତୁ ମତେ ପାଳୁଚୁ ନା ମୁଁ ତତେ ପାଳୁଛି ? ଦଣ୍ଡେ ପାଖରେ ବସିଲେ ପଦେ ଅଧେ ଦୁଃଖସୁଖ ହେଲେ ତ ମୋର ଢେର । ମୁଁ ନିଜେ ତ ତତେ ନ କରିବା କାମ କରିବାକୁ କହିଛି । ତୁ ତ ନିଜ କଥା କହିବୁ, କହ, ଏ କାନ ସବୁ ଶୁଣିଛି, ଶୁଣିବ ।"

ଯେଉଁ କଥା ଶୁଣିଲେ ହୁଏତ ଅନ୍ୟ କେହି ସ୍ୱାମୀ ପାଖ ପନଖିଟାକୁ ଉଠାଇ ସ୍ତ୍ରୀର ବେକ ଛେଦି ଦିଅନ୍ତା ସିମିତି କଥା ନିର୍ବିକାର ହୋଇ ଶୁଣିବାକୁ ଶିବୁ ପ୍ରସ୍ତୁତ ହେଲା । ଅପ୍ରତ୍ୟାଶିତ ବା ଅପ୍ରିୟ କଥା ଗୁଡ଼ାକ ବି ତା' ପକ୍ଷରେ ନିତିଦିନିଆ, ପ୍ରେୟ ଏପରିକି ଶ୍ରେୟ ମଧ୍ୟ । ଯିଏ ନିଜେ ଶବ ତା'ର ମଙ୍ଗଳ ଅମଙ୍ଗଳ କ'ଣ ।

ଗଙ୍ଗା ଚେମଟୀ ଆଡ଼କୁ ଚାହିଁଲା । ଭୋକର ନିଦ ଏମିତି ଯେ ମଲା ବଞ୍ଚିଲା ବାରି ହବନି । ଗଙ୍ଗା କାହିଁକି କେଜାଣି ହାତଟା ବୁଲାଇ ଆଣିଲା ଝିଅ ଦେହରେ । ଉଷୁମ ଅଛି ।

ଦୋକତା ଚୂନର ବୋଳ ପାଟିରେ ପୂରାଇ ଗେଲେଇ ହୋଇ ଗଙ୍ଗା ଆରମ୍ଭ କଲା, "ବୁଢ଼ାରେ । ଢେର ଢେର ବଡ଼ ବଡ଼ ଗରାଖ ଲାଗିଥିଲେ । ହେଲେ ବିଗିଡ଼ିଗଲା । ତୋରି ଯୋଗୁଁ, ଏଇ ଛୁଆଟା ପାଇଁ । ନ ହେଲେ...

"ମୋରି ପାଇଁ ।"

"ହଁ ହଁ ତୋରି ପାଇଁ, ଚେମଟୀ ପାଇଁ । ସହଜ ସହଜ କାମ ସାରି ମନ ହେଲା

Digitized by srujanika@gmail.com

ଚାଲିଗଲି ବାପ ଘରକୁ ଚେମଟୀକୁ ଛାଡ଼ି ଦେଇ ।''

''ବାପ ଘର ଗାଁରେ ବଡ଼ ଗରାଖ ।''

''ହଁ ହଁ ବାପ ଘର ଗାଁରେ, ଶୁଣ । ଆଗ ମୁଠାଏ ପାଟିରେ ପକା ।'' ଲୁଗାକାନିର ଗଣ୍ଠି ଫିଟାଇ ମୁଠେ ମୁଢ଼ି ବୁଢ଼ା ପାଟିରେ ଦେଲା । ନିଜେ ବି ମୁଠିଏ ଖାଇଲା । ଦିହେଁ ପାଣି ଢକଢକ କରି ପିଇଲେ ଓ ଯେଝା ସ୍ଥାନ ଦଖଲ କଲେ ।

ଗଙ୍ଗା କହିଲା, ''ପ୍ରଥମେ ଜୁଟିଲା ସେଇ ପଧାନ ଘର ଟୋକା । ପାନ ଯାଚିଲା, ଶାଢ଼ୀ ଯାଚିଲା ମକରକୁ । ମୁଁ ମନା କଲି, ଗାଳି ଦେଲି ।''

''କାହା କଥା କହୁଛୁ । ସେ ପଧାନ ଘର ଟୋକା ପରା ରୋଗରେ ଅକାଳରେ ମଲା । ସେ ଫେର୍ ଜୁଟିଲା କିମିତି ?''

''ଶୁଣି ଯା । ତା'ପରେ ଜୁଟିଲା କାନତରାଟି । କାମ ଦବ କହିଲା । ତା' ପାଖରେ ରହିଲେ ଘର କରିଦେବ, ଜମି ଦବ ବୋଲି କହିଲା । ତାକୁ ବି ବେଶ୍ କଡ଼ା କରି ଶୁଣାଇ ଦେଲି । ତା'ପରେ...''

''ଏସବୁ ପଚା ପୁରୁଣା କଥା । ଚଷୁ କୁଟୁଛୁ ।''

''ମୁଁ ଆଉ ନୂଆ କଥା କେଉଁଠୁ ପାଇବି ? ଶୁଣିଯା, ତା' ପରେ ସେଇ ସରପଞ୍ଚ ବୁଢ଼ା । ପେଞ୍ଚପାଞ୍ଚ କରି ମଙ୍ଗେଇବାକୁ ଚେଷ୍ଟାକଲା, ପାରିଲା ନାହିଁ । ମାଡ଼ ଦିଆଇଲା ବିନା ଦୋଷରେ । ବଳତ୍କାର କଲା, ନାଡ ଖାଇଲା ଥରେ ଦି'ଥର ।''

''ଗଙ୍ଗା ! ଏସବୁ ଗାଁ କଥା, ବାପ ଘର କଥା । ଏବକା କଥା ନୁହେଁ । ଆଉ ପରା ଗରାଖ ଜୁଟିଥିଲେ ?''

ଗଙ୍ଗା ଟିକିଏ ସଳଖି କହିଲା, ''ବୁଢ଼ାରେ । ପୁରୁଣା କଥା ନ କହି ନୂଆ କଥା କେଉଁଠୁ କହିବି ? ତୋରି ପାଇଁ ରସ ଛାଡ଼ିଛି, ଲୋଭ ଛାଡ଼ିଛି, ମାଡ଼ ଖାଇଛି । ଫେର୍ ତୋରି ପାଇଁ ବୁଢ଼ୀ କାଳକୁ ଦିହ ବିକିଛି । ହେଲେ ତୁ କିମିତି ଭାବୁଛୁ ଆହୁରି ବାଦିରି ପରି ଝୁଲୁଥିବା ଛାତିର ଏଇ ମଲା ଚମ ଦି'ଖଣ୍ଡକୁ ଲୋକେ ଲୋଭାଇ ମତେ ଚାରଣା ଆଠଣା ଦେଉଥିବେ ମଲାଯାକେ ! ଗଲା ମାସ କେବେ କିମିତି ଦଶପଇସା କୋଡ଼ିଏ ପଇସା ଆଣୁଥିଲି ଜାଣୁ ?''

''କିମିତି ?''

''ଦିହ ବିକି ନୁହେଁ । ଗପ ବିକି । ଗୋଟାଏ ବୁଢ଼ାକୁ । ସିଏ ଗପ ଲେଖେ, ଛାପେ, ପଇସା ପାଏ । ମୋଠୁ ଗପ ଶୁଣେ ସଞ୍ଜରେ ।''

''ସିଏ ତ ଢେର ଢେର ପଇସା ପାଇଥିବ । ତୋତେ ଏତେ କମ୍ ଦିଏ ?''

''ଆଗ ଆଗ ପାଉଥିଲା, ତୋର ମୋର ରସରସିଆ କଥା ଲେଖି, ପଧାନ ପୁଅ, କାନତରାଟି ସରପଞ୍ଚର କଥା ଲେଖି ।''

''ଏସବୁ ଗପରେ ପଇସା ମିଳେ । ତୋର ମୋର ସେଇ ଝଡ଼ା କଥାରେ ?''

Digitized by srujanika@gmail.com

"ହଁ । ସେ ବୁଢ଼ାଟା ବି ଏବେ ମୋରିପରି ବିକଳ ହେଉଛି । ସେ ଦିନେ ଭଲ ପ୍ରେମ ଗପ ଲେଖୁଥିଲା । ତା'ର ବହୁତ ଗରାଖ ଥିଲେ । ଏବେ ତା' ଲେଖାରେ ରସ ନାହିଁ । ଟୋକା ଟୋକୀଙ୍କ ପ୍ରେମ ନାହିଁ । ତାକୁ ଭୋକ ଉପାସରେ ଦିନ କାଟିବାକୁ ପଡୁଛି ।"

"ଆଜି ତେବେ ତାରି ପାଖରେ ଥିଲୁ ? ବୁଢ଼ା କିଛି ଦେଲାନି ?"

"ଆଜି ଯେଉଁକଥା କହିଲି ସେଥିରେ ରସ ନଥିଲା । ଆମ ହୀନିମାନିଆ ଜୀବନ କଥା କହୁଥିଲି । ବୁଢ଼ା କାନ୍ଦିଲା କହିଲା, "ଗଙ୍ଗାରେ ! ତୋର ଅଧେ ଜୀବନ ଗଲା ପ୍ରେମ ଦେଇ, ଆଉ ଅଧେ ଗଲା ରକ୍ତମାଉଁସ ବିକି, ଏବେ ମୋତେ ଗପ ବିକୁଛୁ ।" ବୁଢ଼ାଟା ସତରେ ମୋତେ ବହୁତ ଭଲପାଏ ।"

"ଆଉଁଷା-ଆଉଁଷି କରୁଥିବ, ନ ହେଲେ..."

"ତୁ ପୋଡ଼ାମୁହାଁ ଅଲାଜୁକ ବୋଲି ଏ କଥା କହୁଛୁ ସିନା ଆଉ କେହି ଗିରସ୍ତ କଥା କହନ୍ତା ନାହିଁ ?"

"ହଉ ଥାଉ । କେତେ ଦେଲା ଆଜିର ଗପ ପାଇଁ ?"

"ଯେମିତି ଗପ, ସିମିତି ମୂଲ । ମୁଢ଼ି ଦିମୁଠା ଦେଇଛି । ଖାଇଲୁ ଯେ ।"

"ଅଭିଶାପ ଦେଲି ତା ଗପ ବି ସିମିତି କାଗଜ ଠୁଙ୍ଗା ହବ ।"

"ରାତି ଅଧରେ କାହିଁକି ଅଭିଶାପ ଦଉଛୁ ? ଧାରଉଧାର ଦେଇ ସେ ଢେର ଦିନ ବଞ୍ଚାଇଛି । ହେଲେ ସେ ବୁଢ଼ାଟା ଗପ ବିକି ବଞ୍ଚିବ ବୋଲି ଯିମିତି କାଇବାଇ ହେଉଛି ତୁ ବି ସିମିତି ମତେ ଆଉ ବିକାବିକି କରି ବଞ୍ଚିବା ଆଶା ଛାଡ଼ । ସେ ଗଙ୍ଗା ଆଉ ନାହିଁ ।"

"ସତ କଥା । ଗଙ୍ଗା ଏବେ ଗାଙ୍ଗୀ ହୋଇଯାଇଛି । ମୁଁ ତ ତତେ ଗାଙ୍ଗୀ କରି ଦେଇଛି ।" ବୁଢ଼ା ଆତ୍ମସମର୍ପଣ କରି କହିଲା । ତାର ସ୍ୱର କ୍ଷୀଣ ।

"ବୁଢ଼ା ! ତୁ ମତେ ଗାଙ୍ଗୀ କହିଲୁ ? ଭାଗବତ ବାବୁ ଘରେ ଭାରତ ପଢ଼ା ହେଉଥିଲା ମନେ ଅଛି ? ଗଙ୍ଗା ଥିଲା ଯେ ସେ ତା' ଗିରସ୍ତକୁ ବାହା ହବା ଆଗରୁ କବୁଲ କରାଇଥିଲା ଗଙ୍ଗା ବୋଇଲେ ଅଛି, ଗାଙ୍ଗୀ ବୋଇଲେ ନାହିଁ । ତୁ ମତେ ଗଙ୍ଗା କହ ଗାଙ୍ଗୀ କହ ମୁଁ ତୋ ପାଖରେ ମରିବାଯାଏ ଥିବି । ତୋରି ଛାତି ଉପରେ ମରିବି । ତୋରି ଗୋଡ଼ ତଳେ ମରିବି ।"

"ଗୋଡ଼ ତଳେ ? କିମିତି ? ଶାସ୍ତ୍ର ପଢ଼ିଛୁ ପରା ? ଗଙ୍ଗା ଶିବୁର ମୁଣ୍ଡରେ । କାଳୀମେଢ଼ରେ ଦେଖିନୁ ମହାଦେବଙ୍କ ମୁଣ୍ଡରୁ କିମିତି ଗଙ୍ଗା ଝର୍ଝର୍ ହୋଇ ବହୁଥାଏ ।"

ଦୁହେଁ ଚୁପ୍‌ଚାପ୍ ହୋଇ କଡ଼ ଲେଉଟାଇ ମୁହାଁମୁହିଁ ଶୋଇଲେ । ନିଃଶ୍ୱାସରେ ନିଃଶ୍ୱାସରେ ଯିମିତି କଥାଭାଷା ଚାଲିଥାଏ । ଦୁହିଁଙ୍କ ଛାତିର ସ୍ପନ୍ଦନ କେବଳ ଶୁଣାଯାଉଥାଏ । ମୁଢ଼ି ମୁଠାଏ, ପାଣି ଢୋକେ ସାଙ୍ଗକୁ ଦୁଃଖ ସୁଖ ଗପ ଚାଖଣ୍ଡେ । ଦୁହିଁଙ୍କୁ ପାସୋରା

Digitized by srujanika@gmail.com

ରାଜ୍ୟ ଆଡ଼କୁ ଟାଣି ଟାଣି ନେଲାଭଳି ସେମାନଙ୍କୁ ଜଣାଯାଉଥାଏ ।

ଗଙ୍ଗାର ପିଠି ପଟେ ଚେମିଟୀ, ପେଟ ପାଖକୁ ଲାଗି ଶିବୁ । ଛାଇ ଛାଇ ନିଦ ମାଡ଼ି ଆସୁଛି; ରାସ୍ତାରେ ସେଇ ପୁରୁଣା ବୁଢ଼ା ଷଣ୍ଢଟା ହୁଙ୍କାରି ଦେଲା । ଆକୁଳ ବ୍ୟାକୁଳ ସ୍ୱରରେ ।

ତନ୍ଦ୍ରାନ୍ୱିତ ଅବସ୍ଥାରେ ଶିବୁକୁ ଜଣାଗଲା ଯିମିତି ବୁଢ଼ା ଷଣ୍ଢଟା ଜୀବନଯାକ ଏ ବିଲରୁ ସେ ବିଲକୁ ତଡ଼ା ଖାଇ ମାଡ଼ ସହି ଚାହୁଁଛି ପୁଣି କିମିତି ବାଛୁରୀ ହୋଇ ମାଆ ପହ୍ନାରେ ମୁହଁ ଲଗାଇ ଚଁ ଚଁ କରି ଦୁଧ ପିଇଯାଆନ୍ତା ମୁଣ୍ଡେଇ ମୁଣ୍ଡେଇ ମାଆ ତଳି ପେଟକୁ ।

ତନ୍ଦ୍ରା ଅବସ୍ଥାରେ ଗଙ୍ଗା କାହିଁକି କେଜାଣି ଭାବିଲା, ଯିଏ ପାଖକୁ ଲାଗି ମୋଡ଼ିମାଡ଼ି ହୋଇ ଶାନ୍ତ ଶିଶୁ ପରି ଶୋଇ ଯାଇଛି ସେ ତା'ର ବୁଢ଼ା ନା ପୁଅ ।

ହାତ ବୁଲାଇ ଥରେ ଦେଖି ନେଲା ।

Digitized by srujanika@gmail.com

# ଭଡ଼ା

ସିକ୍‌ସ ଅପ୍ ହାଓଡ଼ା-ପୁରୀ ପାସେଞ୍ଜରରୁ ସକାଳୁ ସାଢ଼େଟା ପନ୍ଦରରେ ଓହ୍ଲାଇ ଦେଖିଲି ରିକ୍ସା ନାହିଁ କହିଲେ ଚଳେ । ଯେଉଁ ଦୁଇ ଚାରିଟା ଥିଲା ସେଗୁଡ଼ାକ ଭଙ୍ଗା ଦଦରା; ସିଟ୍‌ଗୁଡ଼ାକରୁ ଚୋପା ଛାଡ଼ି ନଡ଼ିଆକତା ବାହାରି ପଡ଼ିଛି; ଟାର୍‌ପଲିନ୍ ଛିଡ଼ି ଉପର ଛାତ ଗୋରୁ କଙ୍କାଳ ପରି ଦିଶୁଛି । ପୁଣି ବରଫ ଦିଆ ସମୁଦ୍ର ମାଛ ଟାଣୁଥିବାରୁ ଉତ୍କଟ ଗନ୍ଧ ବାହାରୁଚି ।

ଏ ଷ୍ଟେସନରେ କୁଲି ନଥାନ୍ତି । ରିକ୍ସାବାଲାଏ ଯାତ୍ରୀଙ୍କ ସାମାନ୍ ନବାଆଣିବା କରନ୍ତି । ବୋଝଟା ପାଇଗଲା ମାତ୍ରେ ବୋଝର ମାଲିକ ବି ଆୟତ୍ତକୁ ଆସିଗଲା । ଅଧିକାଂଶ ମୋଫସଲ ପାସେଞ୍ଜର । ବୋଝ ସହିତ ପିଲାକବିଲା ପାଞ୍ଚ ଛଅ ଜଣ ଏକାବେଳକେ ବସି ଯାଆନ୍ତି । ଓଜର ଆପତ୍ତି ନାହିଁ ବରଂ ଗର୍ବିତ ଯେ ରିକ୍ସା ଚଢ଼ିଛନ୍ତି । ବେଶି ପଇସା ବି ଦିଅନ୍ତି । ମୋତେ କିଏ ଚାହିଁବ ? ମୋର ତ ସାମାନ୍- ପାନଝୁଡ଼ି, ଶୁଖୁଆ ବା କଲିକତୀ ଟ୍ରଙ୍କ, ଚୂନାଚାଲୁଣି- ନାହିଁ, ମୁଁ ଏକୁଟିଆ ପୁଣି ଚାକିରିଆ ।

ପୁଣି ଏତେ ସକାଳେ କିଏ ବା ରେଳଗାଡ଼ିକି ଅନାଇ ଷ୍ଟେସନରେ ବସିଥିବ ଯାତ୍ରୀ ଆଶାରେ ? ପୁଣି ନୂଆ କରି ଥଣ୍ଡା ପଡ଼ିଛି, ଏକାବେଳକେ ପୂରା ପାଓ୍ୱାରରେ । ଦିହ ହାତ ଓଠ ଥରାଇ ଦେଉଛି ।

ଫର୍ଲଂ ଦୂରରେ ବସ୍‌ଷ୍ଟାଣ୍ଡ । ସେଠି ବି ମିଳିପାରେ । ଚା' ଦୋକାନ ଆଗରେ ରିକ୍ସା ଉପରେ ସକାଳିଆ ଖରାରେ ରଜା ପରି ବସି ରିକ୍ସାବାଲାଏ ଚା' ଖାଇ ଉଷୁମ ଟାଣୁଥିବେ । ରେଲ ହୁଇସିଲ୍ ବାଜୁ, ଯିବା ଭାବୁଥିବେ । ହେଲେ ଚା' କାପ୍ ସରିଛି କି ନାହିଁ ଏକାବେଳକେ ରେଳ, ସକାଳିଆ ରାଜଧାନୀ ବାସ୍ ଆସିଗଲେ । ତେଣୁ ଷ୍ଟେସନରେ ଯିମିତି ରିକ୍ସା ଅଭାବ, ଏଠି ଷ୍ଟାଣ୍ଡରେ ବି ସିମିତି । ଅଗତ୍ୟା ଚାଲିବାକୁ ଆରମ୍ଭ କଲି ଜାତୀୟ ରାଜପଥ ଆଡ଼କୁ । ଖଣ୍ଡେ ଦୂର ଯାଇଛି କି ନାହିଁ ଦେଖିଲି ଦୂରରେ ରିକ୍ସାଟାଏ ଆସୁଛି । ଆଣ୍ଠୁ ତଳକୁ ଛାଡ଼ି ବାକି ଦେହ ଆବୃତ । ମୁଣ୍ଡଟାକୁ ଚାଦର ଦେଇ ଢାଙ୍କିଛି । ରିକ୍ସା ଓ ରିକ୍ସାବାଲା ଦେଖି ଦେଲା ମାତ୍ରେ ଜାଣିପାରିଲି ଉଭୟେ ସମକାଳୀନ ।

'ଯିବୁ ନା ? କଲେଜକୁ ?'

'କଲେଜ ? ଯିବା ।'

ଚଢ଼ିଗଲି । କାଳେ ପରେ କଲେଜ୍ ଭିତରେ ପିଲାପିଲିଙ୍କ ସାମନାରେ ଝଗଡ଼ାଝାଟି

Digitized by srujanika@gmail.com

ବାକ୍‌ବିତଣ୍ଡା ହେବ ସେଥିପାଇଁ ଭଡ଼ାଟା ଠିକ୍ କରି ନେବା ଉଦ୍ଦେଶ୍ୟରେ ରୋକ୍‌ଠୋକ୍ କହିଲି, ''ବାରଣା ଦେବି ।'' (ପଞ୍ଚସ୍ତରି ପଇସା ଯୁଗର ସେ ନୁହେଁ କି ମୁଁ ନୁହେଁ ।)

'ନା ସାହେବ ଟଙ୍କାଏ ରେଟ୍ ।'

'ଟଙ୍କାଏ ରେଟ୍ ? କିଏ ବାନ୍ଧିଛି ? ମୁଁ ତିନିମାସ ହେଲାଣି ବାରଣା ଦେଉଛି, ପଇସାଟିଏ ବେଶି ନୁହେଁ । ତୋ ପାଇଁ କ'ଣ ନୂଆ ରେଟ୍ ।'

କିଛି ଆଉ ସେ କହିଲା ନାହିଁ । ପାଟିରୁ ଧୂଆଁ ସହିତ କେତୁଟା କଥା ବାହାରିବାର ଦେଖିଲି ଶୁଣିଲି 'ନସିବ ମାଲିକ, ଖୋଦା ବଡ଼ଲୋକ; ଆମେ ଗରିବ ।'

କେବଳ ଗୋଟିଏ ତିରିଶ ୱାଟ ବଲ୍‌ବଟିଏ ଜଳୁଥିଲେ ଆମ ଘରର ଇଲେକ୍‌ଟ୍ରିକ୍ ମିଟର ଯିମିତି ଧୀରେ ଚାଲେ ସେମିତି ଗତିରେ ଚକ ଦୁଇଟା ଚାଲୁଥାଏ । ଚୁପ୍‌ଚାପ୍, କଥାବାର୍ତ୍ତା ନାହିଁ । ମୁଣ୍ଡର ଓଢ଼ଣାକୁ ଟାଣିଟୁଣି କାନ ଦୁଇଟା ବନ୍ଦ କରୁଥାଏ ସେ ଥରକୁ ଥର । ମଝିରେ ମଝିରେ ଦୁଇ ଆଙ୍ଗୁଳିରେ ନାକରୁ ପାଣି ପୋଛି ସାବଧାନରେ ଛିଟିକେଇ ଦେଉଥାଏ ।

କହିଲି, ସାଢ଼େଟା ପଚାଶରେ କ୍ଲାସ । ଟିକିଏ ଶୀଘ୍ର ଚାଲ ।

ଜବାବ୍ ନାହିଁ । ତିରିଶ ୱାଟ୍ ବଲ୍‌ବ ସ୍ଥାନରେ ଚାଳିଶ ୱାଟ୍ ଖଞ୍ଜା ହେଲା ବୋଧହୁଏ ।

ସାମନାରେ ପାଞ୍ଚ ନମ୍ବର ରାଜପଥ । ଉଠାଣି । ଟା' ନ ଖାଇଲେ ଜୁଆଣ ସାନ୍ତାଳ ରିକ୍‌ସାବାଲା ବି ପେଡ଼ଲ କରି ଉଠିପାରନ୍ତି ନାହିଁ ସଡ଼କକୁ । ମୋ ରିକ୍‌ସାବାଲା ବୁଢ଼ା, ପ୍ରାୟ ଅଥର୍ବ । ଆଶ୍ଚର୍ଯ୍ୟ, ଧଡ଼ଡ଼ା ରିକ୍‌ସାଟାକୁ ମୋ ସହିତ ଅକ୍ଳେଶରେ ଉଠାଇ ନେଲା । ବୁଲି ପଡ଼ି ସିଧା କଲେଜ ମୁହାଁ ପିଚୁ ରାସ୍ତା ଧଇଲା ।

ନୀଳଗିରିର ସ୍ୱର୍ଣ୍ଣଚୂଡ଼ା ପାହାଡ଼ ପଟୁ ପଛୁଆ ପବନ ସାଇଁ ସାଇଁ ହୋଇ ଖୋଲା କାକରଭିଜା ବନପ୍ରାନ୍ତରୁ ବହୁଥାଏ । ଗୋଡ଼ରୁ ମୁଣ୍ଡଯାକେ ପଶମର ମୂଲ୍ୟବାନ ପରିଚ୍ଛଦ ପିନ୍ଧିଥିଲେ ବି ମୋ ଛାତିଟା ହାଉଳ ମାଉଳ ହେଉଥାଏ '

ରିକ୍‌ସାବାଲା ପିନ୍ଧିଛି ତାଳିପକା କନା ପଞ୍ଜାବୀ, ଉପରେ ଛିଣ୍ଡା ଜବାହର ଫତୁଆଟି କେତେବେଳେ କିମିତି ଦିଶୁଛି, ବୋତାମ ନାହିଁ । ପଞ୍ଜାବୀ ତଳକୁ ଲୁଗା ପେଣ୍ଟ ଅଛି କି ନାହିଁ ଜାଣି ହଉନି । ମୁହଁଟା କେତେବେଳେ କେତେବେଳେ ମୌଲାନା ଭାସାନିଙ୍କ ମୁହଁ ପରି ନ ହେଲେ ବିନୋବାଜୀଙ୍କ ମୁହଁ ପରି ଦିଶୁଛି ।

ବାରଣା ପଇସା । ବୁଢ଼ା ରିକ୍‌ସାବାଲା ଚାଲିଛି କଲେଜ ଆଡ଼କୁ । ଦୁଇ ଫର୍ଲଂ ରାସ୍ତା । ସାଢ଼େଟା ପଚାଶରେ କ୍ଲାସ ।

ବୁଢ଼ା ଗଳାରୁ ସକାଳୁ ସକାଳୁ କଥାଗୁଡ଼ାକ ଓଲଟା ପବନରେ ଅନ୍ୟ ଆଡ଼କୁ ଭାସି ଯାଉଥିଲେ ବି ମୁଁ ଶୁଣିଲି ବୁଢ଼ା ଆପେ ଆପେ କହି ଚାଲିଛି–

ଡବଲ କୁକୁଡ଼ା ଅଣ୍ଡାର ଆମ୍‌ଲେଟ, ଚିକେନ କରି, ବାସନା ଭୋଗ (ବାଦଶା

Digitized by srujanika@gmail.com

ଭୋଗ) ଚାଉଳର ପଲାଉ, ଗାଓ୍ୱା ଘିଅର ପରେଟା–

'ଏଗୁଡ଼ା କଣ ? ଖାଇବାକୁ ଇଚ୍ଛା ହେଉଛି ?' ପଚାରିଲି ।

ମୋ କଥାରେ ଉତ୍ତର ନ ଦେଇ ସେ କହି ଚାଲିଲା, 'ଏଇ ସବୁ ଚିଜ ଖାଇବୁ ବୋଲି ଅଣ୍ଡା ଖୋଳୁଥିଲା ପରା ! ଏଥର ତ ହାଡ଼ ଭଙ୍ଗା ଶୀତ ପଡ଼ିଲା, ଖାଆ କେତେ ଖାଇବୁ ! ପେଟକୁ ଉଷୁମ ଖୋଳୁଥିଲା ପରା ?'

କେଉଁ କାଳ୍ପନିକ ଅଦୃଶ୍ୟମାନ ଜୀବକୁ ଲକ୍ଷ୍ୟ କରି ସେ ଏସବୁ ସମ୍ବୋଧନ କରୁଥିଲା । କେଜାଣି ମୁଁ ଖାଲି ଏତକ ବୁଝିଲି ଯେ ହଠାତ୍ ପଡ଼ିଥିବା ଟାଣୁଆ ଶୀତକୁ ସେ ଭଲ ଆଖିରେ ଦେଖୁନାହିଁ ।

ପଚାରିଲି, ଏ ସବୁ କିଏ ଖାଇବ ? ଅଣ୍ଡା କିଏ ଖୋଳୁଥିଲା ? କାହିଁକି ଏ ସବୁ ଖାଇବା ଜିନିଷ କଥା କହୁଛୁ ?

'ଆପ୍, ସମଝଦାର ଆଦମି । ମୁଁ ସାବ୍ ଆପଣଙ୍କୁ ଏ ସବୁ ବୁଝେଇ ପାରିବି ? ବଡ଼ ବଡ଼ ଲୋକଙ୍କ କଥା, ବଡ଼ା ଆଦ୍‌ମିଙ୍କ କଥା କହୁଥିଲି ।'

ନିଜକୁ ଅଭିଯୁକ୍ତ ଆସାମୀ ଭାବି ସଫେଇ ଦେଇ କହିଲି, 'ରିକ୍‌ସାବାଲା, ମୁଁ ଏ ସବୁ ଚିଜ ଖାଏନାହିଁ, ଏ ସବୁ ମୋ ଦିହରେ ଯାଏ ନାହିଁ; ମୁଁ ପଖେୟା ପାଳୁଅ ଖାଇ ବଞ୍ଚେ । ମୋ ଦିହକୁ କିଛି ଉଷୁମ ଚିଜ ଆଉ ଆଣି ପାରିବ ନାହିଁ ।

ସାବ ଏ ଗୋଟିଏ କିସମର ବଡ଼ଲୋକ । ଆହୁରି ଦଳେ ବଡ଼ଲୋକ ଅଛନ୍ତି ଯେଉଁମାନଙ୍କ ସାଙ୍ଗରେ ବସିବ, ତାଙ୍କ କଥା ଶୁଣିବ, ତାଙ୍କ ସାଙ୍ଗରେ କଥାବାର୍ତ୍ତା କରିବ । ମୁଁ ସେଇମାନଙ୍କୁ ବଡ଼ଲୋକ କୁହେଁ; ପଲାଉଖିଆଙ୍କୁ ନୁହେଁ ।

କଥାଟା ଟିକିଏ ଲଘୁ କରିଦେବା ପାଇଁ ପଚାରିଲି, 'ଏ ସବୁ ଜିନିଷ ତିଆରି କରି ଆସେ ?'

ସେ କହିଲା, 'ସବୁ ଆସେ । ମୁଁ କଲିକତାରେ ସାହେବର ବିବୁର୍ଚି ଥିଲି । ଜବାନ କାଳଟା ମୋର କଲ୍‌କତାରେ କଟିଛି, ମେଜାଜ୍ ଓ ମେଜାଜ୍ ବଡ଼ଲୋକର ମେଜାଜ୍ । ନସିବ୍ ଥିବା ଦରକାର । ସାହେବ ଖୁସି ହେଲା ତ ପକେଟରୁ ଯାହା ବାହାରିଲା ଫୋପାଡ଼ି ଦବ । ତୁମର ନସିବ୍ ନାହିଁ କି କିଛି ପାଇବ ନାହିଁ । ଦେଶୀ ସାହାବ ବିଦେଶୀ ସାହାବର ଜମିବ୍ ଅସ୍ମାବ୍ ଫରକ୍ ।'

ରିକ୍‌ସାବାଲା ପ୍ରତି ଶ୍ରଦ୍ଧା ଚାଲିଯାଇ କ୍ରମେ ଭକ୍ତି ଆସିଲା । ତାର ବୟସ ଓ କଥାର ମର୍ମ ବୁଝି ମନେମନେ ସ୍ଥିର କଲି ବାରଣା ଜାଗାରେ ଟଙ୍କାଟିଏ ଦେଇଦେବି । ବଡ଼ ଇଣ୍ଟରେଷ୍ଟିଂ ଲୋକଟା ।

ପୁଣି ଦଣ୍ଡେ ଯାଇଛି ମୁର୍‌ମୁର୍ ହୋଇ ଅସଂଲଗ୍ନ କଥା ଆରମ୍ଭ କଲା– ଭାଇ ମୋର, ଦେଶ ମୋର, ରାଜ୍ୟ ମୋର, ଭାଇ ମୋର, ଦେଖନ୍ତୁ, ଭାଇ ମୋର ରାଜା ହେଲା ।

Digitized by srujanika@gmail.com

ମୁଁ କିଛି ବୁଝିଲି ନାହିଁ ।

ଖଣ୍ଡେ ଦୂର ଯାଇଛି ପଚାରିଲା, 'ସାର୍, ଆପଣ ଭୋଟ ଦେଇଛ ?'

ମୁଁ 'ନା' କହିଲି ଏବଂ ଯୋଡ଼ିଲି 'ମୁଁ ଭୋଟ ଦିଏଁ ନାହିଁ କି ଦେବିନାହିଁ ।'

'ଭଲ କରିଛନ୍ତି ସାର୍ । ମୁଁ କିନ୍ତୁ ଭୋଟ ଦେଇଥିଲି । ମୋରି ଭାଇକି ।' xxx

'କ'ଣ ହେଲା ?'

'ଦେଖନ୍ତୁ ସାର୍, ମୋରି ଦେଶ, ମୋରି ରାଜ୍ୟ, ମୋରି ଭାଇ । ମୋରି ଭାଇକି ଭୋଟ ଦେଲି । ରାଜା ହେଲା । ମୋରି ଭାଇ ରାଜା ହେଲା ।'

'କ'ଣ ହେଲା ?'

'କ'ଣ ହବ ସାର୍ । ଭାଇ ରାଜା ହେଲା । ମୋରି ଭାଇ, ମୋରି ଦେଶରେ, ମୋରି ରାଜ୍ୟରେ । କ'ଣ ହେଲା, କହୁଛନ୍ତି ସାର୍, ମୁଁ ଆପଣଙ୍କ ପରି ବଡ଼ ଲୋକଙ୍କୁ ବସାଇଛି କ'ଣ ନା କ'ଣ ପାଟିରୁ ବାହାରି ଆସୁଛି–

'ବାହାରୁ ଯାହା ବାହାରୁଛି । ମୁଁ ସେତେ ବଡ଼ଲୋକ ନୁହେଁ । କହିଯାଅ ।'

'କଣ କହିବି ସାର ! ମୋରି ଭାଇ ରାଜା ହେଲା, ମୋରି ଭୋଟରେ ରଜା ହେଲା । ମୋତେ ଦିଅନ୍ତା କ'ଣ ଓଲଟା ଲୁଗାକାଢ଼ି... କ'ଣ କହନ୍ତି ସାର୍ !'

'କହିବା ଦରକାର ନାହିଁ । ବୁଝିଗଲି ।'

'ଏଇ ମୋର ଭାଇ ସାର୍ ! ଏ ମୋର ଭାଇ !' ଭାଇକି ଖୁବ୍ ଚିଡ଼ି ଯାଇଥିଲା ଲୋକଟା । ଆଉଥରେ ଯଦି କେହି ଭୋଟ ଦବାକୁ କହନ୍ତା ତେବେ ବଂଶପ୍ରାଣୀ ସହିତେ ଭାଇକୁ ଶେଷ କରି ଦିଅନ୍ତା ।

କ୍ରୋଧ ଓ ଭାବପ୍ରବଣତାରେ ତଣ୍ଟି ନାକ ତାର ସଡ଼ସଡ଼ ହେଲା ।

ଆଉ ଖଣ୍ଡେ ଦୂର ଯାଇଛି ତାର ନଜର ପଡ଼ିଲା ସଡ଼କ ଦୁଇ ପାଖରେ ଧାନଖେତ ଆଡ଼କୁ । ମନ୍ତବ୍ୟ କଲା, 'ଏଇ ଦେଖନ୍ତୁ ବାବୁ ! ଏଇ ଜମିରେ ମାଣପିଛା ଛଅଛେଲା ଧାନ ଫଳିବାର ଏଇ ଆଖି ଦେଖିଛି । ଏବେ ଫଳୁଛି ତିନିଛେଲା । କାହିଁକି କହି ପାରିବେ ?'

ମୁଁ ଛେଲା ଫେଲା ମାପ ଓଜନ ବୁଝେନାହିଁ; କିଛି ଉତ୍ତର ଦେଲିନାହିଁ । ଭାବିଲି, ଟଲଷ୍ଟୟଙ୍କ 'A grain as big as hen's egg' ଗପ ପଢ଼ାଇବାକୁ ଯାଉଛି । ପୁଞ୍ଜିବାଦ, ସମାଜବାଦ, ରାଜନୀତି ବିଜ୍ଞାନ ପଢ଼ାଇ ସାରି କୃଷିବିଜ୍ଞାନ ବା କୃଷିତତ୍ତ୍ୱ ପଢ଼ାଇବ ।

ଆପେ ଆପେ ମୁହଁରୁ ମୋର ବାହାରିଲା, 'କାହିଁକି ବେଶି ଫଳୁନାହିଁ ?'

'ଆପଣ କହନ୍ତୁ ବାବୁ ! ଭାବିକରି କହନ୍ତୁ ।'

'ମୁଁ ତ ଭାବୁଛି ବେଶି ଫଳନ ହେଉଛି । ସାର ପାଣି ଯନ୍ତ୍ରପାତି ବିହନ ସବୁ ମିଳୁଛି, ପ୍ରୟୋଗ ହେଉଛି, ଫଳନ ବେଶି ହେବାର କଥା ।'

''ସବୁ ମିଳିଲେ ବି ସାର୍ ଛ'ଛେଲାରୁ ବେଶି ହେଉନି, ହେଲେ ବି ଖରଚ ଉଠୁନି । ଏ ଜିଲ୍ଲାରେ ଚାରିଟା ଚକ ଅଛି ଯେଉଁଠି ଧାନଗଛ ଏତେ ଲମ୍ବା ହୁଏ ଯେ

Digitized by srujanika@gmail.com

ମୋଭଳି ବାଙ୍ଗରା ଲୋକ କାନ୍ଧରେ ବୋହିଲେ ଶୀଷା ଭୂଇଁରେ ଘୁଷୁରିବ । ଧାନ ହେଉଥିଲା ଆଗେ, ବଢୁଥିଲା, ଫଳୁଥିଲା । ଲୋକେ କଥା କମ୍ କାମ ବେଶି କରୁଥିଲେ । ଦେଖନ୍ତୁ ବାବୁ; ଯେତେ ବେଶି ସାର, ବିହନ, ଔଷଧ ମିଳିଲେ ବି କାମରେ ନିଷ୍ଠା ଆଗ୍ରହ ନଥିଲେ ଠକାମିରେ ଫଳ କେଉଁଠୁ ଆସିବ ? ମେହେନତ କାହିଁ ?

କଥା ବହୁତ ଗୁରୁଗମ୍ଭୀର ହେଲା, ମୋ ମୁଣ୍ଡ ଧରିଲା ପରି ଲାଗିଲା । ପଚାରିଲି ଏ ରିକ୍ସା ତୋର ନିଜର !

'ନା ସା'ବ ! ମାଲିକର !'

'କେତେ ନିଏ ?'

'ଅଢ଼େଇ ।'

'କେତେ ପାଉ ?'

'ହାରାହାରି ଛଅଟଙ୍କା'

'ବାକି ସାଢ଼େ ତିନିରେ ବଂଶପ୍ରାଣୀ ପୋଷୁ ?'

'ମୁଁ ଏକା ।'

'ପୁଅ ?'

'ଅଲଗା ।'

'ସ୍ତ୍ରୀ ?'

'ପୁଅ ପାଖରେ । ନାତିନାତୁଣୀ ଖେଳାଉଛି ବୁଢ଼ୀ ।'

'ବୁଢ଼ାକୁ ଦେଖିବ କିଏ ?'

'ବୁଝନ୍ତୁ ସାର୍ ଦୁନିଆକୁ । କୋଠାବାଡ଼ି ଟଙ୍କା ଯାହାର ତାର ସିନା ପୁଅ । ମୋର କଣ ଅଛି ଯେ ପୁଅକୁ ପୁଅ ବୋଲି କହିବି । ପୁଅ ବାପକୁ ଖୋଜିବ ଦେଖିବ କାହିଁକି କୁହନ୍ତୁ ସାର୍ । ମୋତେ ଯୁକ୍ତିରେ ଜିଣିଗଲା ପରି ଚେହେରା କଲା । ରାଜନୀତି ବିଜ୍ଞାନ ପରେ ଗାର୍ହସ୍ଥ୍ୟ ବିଜ୍ଞାନ ପଢ଼ିଲି ।

କଲେଜ ଦିଶିଲା । ପିଲାଗୁଡ଼ାକ ଏଣେ ତେଣେ ହେଉଛନ୍ତି । କ୍ଲାସ ଭାଙ୍ଗିଲା ବୋଧହୁଏ । ସେମାନଙ୍କୁ ଦେଖି ରିକ୍ସାବାଲା ମନ୍ତବ୍ୟ କଲା, 'ବୁଝିଲେନା ସାର୍, ଆପଣଙ୍କ ଏଇ ପିଲାମାନେ ଯାହା କରିବା କାମ କରନ୍ତି ନାହିଁ, ନ କରିବା କାମ କରନ୍ତି । ଯଦି କରିବା କାମ କରୁଥାନ୍ତେ ତେବେ କଲେଜ ସ୍ୱର୍ଗ ହୋଇଯାନ୍ତା ।' ନଜର କଲି ଲାଇନ ଟ୍ରକଗୁଡ଼ାକ ଆଗପଟୁ ପଛପଟୁ ଆସୁଥିବାର ସେ ସହଜାତ ବୁଦ୍ଧିରୁ ଜାଣିପାରୁଥିଲା । କଥା କହୁଁ କହୁଁ ସେ ଧୀରେ ଗୋଟାଏ କରକୁ ଆଡ଼ ହୋଇଯାଏ । ମୋତେ ତାକୁ ସତର୍କ କରିବାକୁ ଆଦୌ ପଡ଼େନା 'ମାଡ଼ିଗଲେ ଆମେ ଦୁହେଁଯାକ ମରିଯିବା ।' କହିବାକୁ ପଡୁନଥିଲା ।

'ଆଉ ଟିକିଏ ଶୀଘ୍ର ପେଲିଦେ, ଘଣ୍ଟା ବାଜିଗଲାଣି ।'

Digitized by srujanika@gmail.com

'ଆଉ ଦମ୍ ଅଛି ସାର୍ ? ଯେଉଁ କପେ ଚା ଖାଇଥିଲି ତାର ବା କେତେ ଦମ୍ ? ହାତଗୋଡ଼ ଥଣ୍ଡା ହୋଇଯାଉଛି । ବଧିରା ହୋଇଯାଉଛି ।'

'ଓମର କେତେ ହେଲା ।'

'ତିନି କୋଡ଼ି ଦଶ ହବ ।'

'କଣ ଖାଉ ? ରାତିରେ ରୋଟି ?'

'ନା ସାର୍, ରାତିରେ ଭାତ ଖାଏଁ, ହୋଟେଲରେ । ରୋଷେଇ କରେନି ।'

'ଦିନବେଳେ ?'

ଏଠି ସେଠି ଜଳଖିଆ ଖାଏଁ । ବରା ଗୁଲୁଗୁଲା, ଘୁଗୁନି, ମୁଢ଼ି ଯେତେବେଳେ ଯାହା ମିଳିଲା; ଯାହା ଇଚ୍ଛା ।

ପିଉ ନାହିଁ ? ସାହସ କରି ପଚାରି ଦେଲି ।

କହିଲି ଯେ ଚା ପିଏଁ ଆଠ ଦଶ କାପ୍ ।

ଆଉ କିଛି ?

ଚମକି ପଡ଼ି ସେ କହିଲା 'ନା ବାପା ! ନିଶାପାଣି, ଧୂଆଁ ପାଖକୁ ଯାଏନାହିଁ । ତୁମ ଭଳି କେତେ ବଡ଼ ବଡ଼ ଲୋକଙ୍କୁ ପେସେଞ୍ଜର କରୁଛି । ମୋ ପାଟିର ଗନ୍ଧ ତାଙ୍କୁ ବାଧିବ ।'

ଦଣ୍ଡେ ପରେ ଗଳାସ୍ୱର ନରମ କରି ଲାଜ ଲାଜ ହୋଇ କହିଲା ଅଳ୍ପ ଟିକେ ପାପଚିଛ ଖାଏଁ । ଚା' ସାଙ୍ଗକୁ ବିରି ସାଇଜ୍‌ର ଦୁଇ ତିନିଥର ।

ଏଇଟି ତା ଜୀବନର ସବୁଠାରୁ ଗୋପନୀୟ କଥା, ଗୁପ୍ତ ଜ୍ଞାନ ।

କିଛି ଦୋଷ ନାହିଁ ସେଥିରେ ମୁଁ କହିଲି । ଭାବିଲି, ଅନ୍ୟତମ ଶ୍ରେଷ୍ଠ କବି କୋଲରିଜ୍ ଟେଳା ଖାଇ ଦେଉଥିଲେ ।

'ନାଇଁ ସାର୍ ଦୋଷ ଅଛି ଯେ ପୁରୁଣା ଅଭ୍ୟାସ । ସୁଖ ଦୁଃଖରେ ପଡ଼ି ଖାଇଦେଇଛି । ଏ ବୟସରେ ଅଭ୍ୟାସ ବଦଳାଇ ପାରିବି ନାହିଁ ।'

ମୁଁ କହିଥାନ୍ତି ତୁ କୋଳି ପ୍ରମାଣ, ବେଳ ପ୍ରମାଣ ଖାଆ ମୋର ଆପତ୍ତି ନାହିଁ, କହିଲି ନାହିଁ ।

କିମିତି ପଚିଶ ତିରିଶ ମିନିଟରେ ଲୋକଟା ମୋତେ ଆତ୍ମୀୟ କରିନେଲା, ଆଶ୍ଚର୍ଯ୍ୟ ଲାଗିଲା । ପୂରାପୂରି ଅପରିଚିତ ଅପରିଚ୍ଛନ୍ନ ଏପରିକି ନାନା ଦିଗରୁ ଘୃଣ୍ୟ ସେ କିମିତି ମୋର ଗୁରୁ ସ୍ଥାନ ଦଖଲ କଲା ମୋତେ ଭାବିବାକୁ ପଡ଼ିଲା ।

କଲେଜର ଦୁଇ ବ୍ଲକ ମଝିରେ ରିକ୍‌ସା ଛିଡ଼ା କରିବା ମତଲବରେ ଫାଟକ ଭିତର ଦେଇ ଗାଡ଼ି ଚଳାଇଲା । ଅତି ସନ୍ତର୍ପଣରେ ଦୁଇ ପାଖରେ ଚାଲିଥିବା ଛାତ୍ରଛାତ୍ରୀଙ୍କି ସମ୍ମାନ ଦେଖାଇ ଧୀରେ ଧୀରେ ବ୍ରେକ୍ ଦେଇ ଦେଇ ଯାଉଥାଏ ।

କଲେଜ ହତା ଭିତରେ ଯାଉଥିଲା ବେଳେ ମୁଁ ଭାବୁଥିଲି, ଏଇ କଲେଜରେ ମୁଁ

Digitized by srujanika@gmail.com

କି ଆଛେବାଛେ ଆବର୍ଜନା ପଢ଼ାଏଁ ଯେ ଲୋକେ ମୋତେ ହଜାରେ ଟଙ୍କା ଦିଅନ୍ତି । ଯାହାକୁ ପଢ଼ାଏ ସେ ପୁଣି କ'ଣ ବୁଝନ୍ତି କେତେ ମନେ ରଖନ୍ତି ପୁଣି କେତେ କାମରେ ଲଗାନ୍ତି ତାହା ଜଣାନାହିଁ ମୋତେ । ତା ତୁଳନାରେ ନିଜକୁ ସାନ ଭାବିଲି ।

ଓହ୍ଲାଇ ପଡ଼ିଲି ଦର୍ପିତ ପଦକ୍ଷେପରେ । ଏଥର ପୂରାପୂରି ତା ମୁହଁଟା ଭିନ୍ନ ରୂପରେ ଦେଖିଲି । ଆଚାର୍ଯ୍ୟ ଭାବେ, ସେଣ୍ଟପଲ, ଖ୍ରୀଷ୍ଟ, ବୁଦ୍ଧଦେବ, କାର୍ଲମାର୍କସ, ଗାନ୍ଧିଜୀ ଆଦି କେତେ କେତେ ଲୋକଙ୍କ ଚେହେରା କୁହୁଡ଼ିଭିଜା ତା ମୁହଁରେ ଦେଖି ପାରିଲି କ୍ଷଣକ ମଧ୍ୟରେ ।

ପକେଟ୍‌ରେ ଟଙ୍କାକିଆ ନୋଟ୍‌ଟା ବାହାର କରି ବଢ଼ାଇ ଦେଲି । ସେ ବିନମ୍ର ହୋଇ ନୋଟ୍‌ଟି ନେଇ ମୁଣ୍ଡରେ ଛୁଆଇଁଲା, ବଇନି କଲା ନା ମୋତେ କୃତଜ୍ଞତା ଦେଖାଇଲା ପ୍ରଥମ ପାସେଞ୍ଜର ବୋଲି ? ମୋର ରେଟ୍ ବାରଣା; ତାର ରେଟ୍ ଟଙ୍କାଟିକୁ ମୁଁ ଅସ୍ୱୀକାର କରିଛି । ସେ ବୋଧହୁଏ ଏ ଭିତରେ ତା ଲୁଗାକାନି ପଞ୍ଜାବୀ ପକେଟ୍‌ରେ ଅଣ୍ଡାଳୁଥିଲା ସୁକି ଗୋଟାକୁ ମୋତେ ଫେରାଇ ଦବ ବୋଲି । ମୁଁ କିନ୍ତୁ ଗର୍ବ କରୁଥିଲି ତାକୁ ଭଡ଼ା ଦେଲି ବୋଲି, ବାରଣା ଜାଗାରେ । ଟଙ୍କାଏ !

ଷ୍ଟାଫ୍ କମନରୁମ୍‌ରେ ଏ ଘଟଣାକୁ ଯେତେବେଳେ ମୁଁ ବର୍ଣ୍ଣନା କରୁଥିଲି ସେତେବେଳେ ନାନା କଥା ସହିତ ମିଳାଇ ଅନୁଶୋଚନା କରୁଥିଲି ମୁଁ କାହିଁକି ତାକୁ 'ବାପା' ବୋଲି ଥରେ ହେଲେ ସମ୍ବୋଧନ କରି ପାରିଲି ନାହିଁ । ଯଦିଓ ସେ ମୋତେ ସାର୍, ସାହେବ, ବାବୁ ବୋଲି ବାରମ୍ବାର ସମ୍ବୋଧନ କରୁଥିଲା ଏବଂ ମୋତେ ପୁଅ ବା ଛାତ୍ର ଭାବି କେତେ କଥା ପଢ଼ାଇ ପଢ଼ାଇ ପଚିଶ ତିରିଶ ମିନିଟର ବାଟରେ ଲମ୍ବା ଲମ୍ବି ଜୀବନ ରାସ୍ତାକୁ ସୁଖମୟ ନିରାପଦମୟ କରିବାର ବାଟ ବତାଇ ଦେଲା । ବାପାଙ୍କ ପରି ତା ମୁହଁଟା କ'ଣ ଦିଶୁ ନଥିଲା ? .

Digitized by srujanika@gmail.com

# ଅନପଢ଼

ମଧୁଶଯ୍ୟା ରାତ୍ରି ଆଜକୁ ଚାରିଦିନ ହେଲା ଗଲାଣି । ବନ୍ଧୁବାନ୍ଧବ ଜଣେ ଅଧେକୁ ଛାଡ଼ି ଆଉ ସମସ୍ତେ ଚାଲିଗଲେଣି । ବାପାମାଆଙ୍କ ଇଚ୍ଛା ପୁଅବୋହୂ ବାହାରକୁ ଆସି ଖୁଡ଼ୀ, ପିଉସୀ, ମାମୁଁ ଆଦିଙ୍କ ଦଳକୁ ଜୁହାର ହୋଇ ବିଦାୟ ଦିଅନ୍ତୁ, କିନ୍ତୁ ବାସର ଘର କବାଟ ଖୋଲିବାକୁ ନାହିଁ । କ'ଣ ଯେ ସେମାନେ ଭାବୁଥିବେ...

ଦିନ କି ରାତି ସେଇ ଘର ଭିତରେ । ଚପଲ ଲଗେଇ ବାଥରୁମ୍‌କୁ ଗଲାବେଳେ କେତେବେଳେ ଚଟିର ଫଟ୍‌ଫଟ୍ ଶବ୍ଦ ନ ହେଲେ ଗହଣାର ଝମ୍‌ଝମ୍ ଦୁଇ ମିନିଟ୍ ପାଇଁ, ପୁଣି କବାଟ ବନ୍ଦ । ସକାଳ ଚା'ଠାରୁ ଆରମ୍ଭ କରି ରାତିର ଦୁଧ ପର୍ଯ୍ୟନ୍ତ ସବୁ ନେଇ ଘରେ । ଚକରା ଖାଇବା ପିଇବା ଜିନିଷ ଧରି ଠକ୍‌ଠକ୍ କଲେ କବାଟ ଟିକେ ଖୋଲେ । କୌତୁକସୂତ୍ର ବନ୍ଧା ପୁରୁଷ ବା ସ୍ତ୍ରୀ ହାତଟିଏ କବାଟ ଫାଙ୍କ ଦେଇ ସେ ସବୁ ନେଇଯାଏ । ଏଇ ଅବସରରେ କଡ଼ା ଧୂପକାଠିର ଗନ୍ଧ ହାବୁକାଏ ବା ରେଡ଼ିଓ ନହେଲେ ଟେପ୍ ରେକର୍ଡ଼ରରୁ ମିଠା ରସରସିଆ ସିନେମାଗୀତ କଳିଏ ବାହାରି ଆସେ । ପୁଣି କବାଟ ବନ୍ଦ, ସବୁ ପୁଣି ଧୀରସ୍ଥିର । କିନ୍ତୁ ସ୍କାଇଲାଇଟ୍ ବା କବାଟ ପଟାର ସୂକ୍ଷ୍ମ ଫାଙ୍କରୁ ଗୁଚୁରୁ ଗୁଚୁରୁ ଶବ୍ଦ ସବୁବେଳେ ଶୁଭୁଥାଏ । ପ୍ରକୃତରେ ନ ଶୁଭିଲେ ବି ଶୁଭିଲା ପରି ଜଣାଯାଉଥାଏ ।

ଲୋକେ ବା ବାପାମାଆ ଯାହା ଭାବନ୍ତୁ, ଭିତରେ ଯେ ଗୋଟାଏ ଜୀବନମରଣ ସମସ୍ୟାର ସମାଧାନ ଚାଲିଛି ଏକଥା ପୁଅବୋହୂ ବେଶ୍ ଜାଣନ୍ତି । ଲୋକାଚାର ବା ଲୋକାପ-ବଦାର ବାହାରେ ସେମାନେ । ଜୀବନଟା ଷାଠିଏ ସତୁରୀ ବର୍ଷ ନୁହେଁ । କେତୁଟା ଦିନର ବୁଝାମଣା କେତେଟା ଦିନ ଖାପ୍‌ଖୁଆଇ ପାରିବାରେ ହିଁ ସାରାଜୀବନର ସୁଖ ନିର୍ଭର କରୁଛି ।

ତା ଛଡ଼ା ଏ ବିବାହ ପ୍ରେମ ବିବାହ ନୁହେଁ । ପ୍ରଶାନ୍ତର ଇଚ୍ଛାଥିଲା ମହିଳା ଛାତ୍ରୀ ନିବାସରୁ ସେଇ ଦୁଇ ତିନିଟା ଭିତରୁ ଜଣକୁ ସଂଗ୍ରହ କରିବ । ପାଣି, ପାଠ, ପ୍ରେମ ଓ ପଇସା ପାଇଁ ତ ସମସ୍ତେ ସେଠାକୁ ଯାଇ ଥାଆନ୍ତି । କିଏ ଚାରିଟା ଯାକ ପାଏ ଆଉ କିଏ ବା ପ୍ରଥମଟି ପାଇ ଫେରେ ।

ଖୁବ ସାହସ କରି ପ୍ରଶାନ୍ତ ବାପାଙ୍କ ପାଖରେ ମାଆ ଜରିଆରେ ପ୍ରସ୍ତାବଟି ପେଶ୍ କରିଥିଲା । କିନ୍ତୁ ବାପା ଅସବର୍ଣ୍ଣ ବିବାହ, ସମବୟସ୍କଙ୍କ ବିବାହ, ଏପରି କି ପାଠପଢୁଆ ଝିଅକୁ ବୋହୂ କରିବାର ଘୋର ବିରୋଧୀ ଥିବାରୁ ପୁଅର ଅଭିଳାଷ ପୂରଣ ହେଲା ନାହିଁ ।

Digitized by srujanika@gmail.com

ପନ୍ଦର ବର୍ଷ ବୟସର ସୁନ୍ଦର ସ୍ୱାସ୍ଥ୍ୟବତୀ ମୋଫସଲ ଝିଅଟିଏ ଠିକଣା କରି ପୁଅକୁ ଯେତେବେଳେ ପଚାରିଲେ 'କନିଆଁ ଦେଖିବୁ ?' ପିତୃଭକ୍ତିର ପରାକାଷ୍ଠା ଦେଖାଇ ବା ଚିଡ଼ିଯାଇ ପ୍ରଶାନ୍ତ ସଜୋରରେ 'ନା' କରି କହିଥିଲା "ବାପା ମାଆ ଯାହାକୁ ଠିକ୍ କରିବେ ତାକୁଇ ବାହା ହେବି ।" ସେଇ କଥାଇ ହେଲା । ଏତେବେଳେ କେବଳ ଏଡ୍‌ଜାଷ୍ଟମେଣ୍ଟ ଦରକାର । ଆଙ୍ଗିକ ସୌଷ୍ଠବରେ ପ୍ରଶାନ୍ତ ସନ୍ତୁଷ୍ଟ, ମାତ୍ର ଆତ୍ମିକ ସୌନ୍ଦର୍ଯ୍ୟ ? ଛାତ୍ରୀ ନିବାସରେ ଦୈହିକ ବା ଆଙ୍ଗିକ ମହିମା ନଥିଲେ ବି ଆତ୍ମିକ ବା ବୌଦ୍ଧିକ ସୌନ୍ଦର୍ଯ୍ୟ ପ୍ରଚଣ୍ଡ ମାତ୍ରାରେ ଥାଏ ।  ପ୍ରଶାନ୍ତର ଜୀବନର ଟ୍ରେଜେଡ଼ି ଯେ ସେ ଅଶିକ୍ଷିତାକୁ ବାହା ହୋଇଛି ଏବଂ ତାର ଜୀବନାଦର୍ଶ କ୍ଷୁର୍ଣ୍ଣ ହୋଇଛି । ତେଣୁ ସେ ଚେଷ୍ଟା କରୁଛି ସର୍ବତୋଭାବେ ଦୁଇଟି ତ୍ରିଭୁଜକୁ କିପରି ସମାନ କରିପାରିବ ।

ପ୍ରଥମ ମିଳନ ପାଖରୁ ସେଇ କଥାବାର୍ତ୍ତା ଭୁଟୁରୁଭୁଟୁରୁର ଜନ୍ମ । ପ୍ରଶାନ୍ତ ଜାଣେ ଝିଅର ଅନୁଭୂତି ନାହିଁ, ଅଭିଜ୍ଞତା ନାହିଁ ଏବଂ ସେ କୌଣସି କାମରେ ଆଗେଇବ ନାହିଁ । ଗୁମ୍ଫା ଭିତରୁ ତାକୁ ଟାଣି ଆଣିବା ପାଇଁ ନାନା କଥା, ଉପାଖ୍ୟାନ କହି ଚାଲିଛି । ସବୁ ସେଇ ଛାତ୍ରୀନିବାସର ନାୟିକାମାନଙ୍କୁ କେନ୍ଦ୍ର କରି । କିଏ କେଉଁ ହୋଟେଲକୁ ଯାଏ, କିଏ କାହା ଗାଡ଼ିରେ ଯାଏ ଏବଂ କିଏ କାହାକୁ ଅବଶେଷରେ ପିତାମାତାଙ୍କୁ ବିରୋଧ କରି ବାହାହେଲା, ଏମିତି କେତେ ଗପ । ନିଜେ ଯେଉଁ ଗପର ନାୟକ ସେ ଗପର ପରିଣତି ହୁଏ ନାୟକର ଅସାଫଲ୍ୟ ଓ ପ୍ରେମ ବିପର୍ଯ୍ୟୟରେ । ମାନିନୀ ନବ ବଧୂଟି ଖୁବ୍ ଖୁସି ହୁଏ ଯେ ତାର ସ୍ୱାମୀ ଅନ୍ୟ ସଙ୍ଗମ ପତି ନୁହେଁ ।

ପ୍ରଶାନ୍ତର ଗଳ୍ପର ଷ୍ଟକ୍ ସରି ଆସିଲା । ଚାରିଦିନ ପୂର୍ବରୁ ଯେଉଁ ଝିଅ ମୁହଁ କଣ ଗୋଡ଼ ହାତର ଆଙ୍ଗୁଳି ଲୁଚାଉଥିଲା, 'ହୁଁ', 'ନା' ପଦକରୁ ପଡ଼ିଯିବା ଭୟରେ ଆଗଉ ନଥିଲା ସେ ଆଜି କେତେଦୂର ଆଗେଇ ଗଲାଣି ପ୍ରଶାନ୍ତ କଳ୍ପନା କରିପାରୁ ନଥିଲା । ଖୁବ୍ ପ୍ରଗଲ୍‌ଭା ହୋଇ ତା ସହିତ ଟକ୍‌କର ଦେଲାଣି ପ୍ରତି କଥାରେ, ହୁକୁମ କରିବା ଅବସ୍ଥାକୁ ବି ଆସିଗଲାଣି ।

"ଏଥର ତୁମ ଜୀବନର ଅନୁଭୂତି ଅଭିଜ୍ଞତା କୁହ ମୋଠୁ ଏତେ ଶୁଣିଲ ।"

"ତୁମର ସିନା ଅନୁଭୂତି ଅଭିଜ୍ଞତା ଅଛି, ସହର ବଜାରରେ ବୁଲୁଛ, କେତେ କଣ ଦେଖୁଛ ଜାଣୁଛ, ପଢ଼ାପଢ଼ି କରିଥିଲେ ବା କିଛି ଜାଣିଥାନ୍ତି । କପାଳକୁ ତା' ତ ହେଲା ନାହିଁ ।

"ମୁଁ ଶୁଣିଥିଲି ତୁମେ ପଢୁଥିଲ । ଅଧାରୁ ବନ୍ଦ କରିଦେଲ କାହିଁକି ? ଛାଡ଼, ତୁମର ସବୁ ଭଲ କିନ୍ତୁ ଏଇ ପାଠ ନ ପଢ଼ିବାଟା... ଛାଡ଼, ଏଥର କୁହ ଗୋଟାଏ ଅଧେ ଅଭିଜ୍ଞତା...

"ନାହିଁ କହୁଛି, ତୁମେ ବାଧ କରୁଛ, କହିବି, କିନ୍ତୁ କହିବି ଗୋଟାଏ ସର୍ତ୍ତରେ । ତୁମେ ବଡ଼ ଛଟପଟ ହେଉଛ ସବୁବେଳେ । ରାଣ ପକାଅ ପନ୍ଦର ମିନିଟ ମୋତେ ଡିଷ୍ଟର୍ବ

Digitized by srujanika@gmail.com

କରିବ ନାହିଁ । କିନ୍ତୁ ପ୍ରଶ୍ନ ପଚାରିବ ନାହିଁ ପନ୍ଦର ମିନିଟ୍ । ରାଣ ଭାଙ୍ଗିଲେ ତୁମର ପାପ ତ ହବ, ମୋର ଗପ ବି ଖଣ୍ଡିଆ ରହିବ ।''

''ରାଣ ପକାଇଲି । କୁହ । ଆଳୁଅଟା କମାଇ ଦେବି ?''

'ନା, ନା ଥାଉ । ଆରମ୍ଭ କରୁଛି । ଶୁଣ ଧୀରସ୍ଥିର ହୋଇ ।'' ପ୍ରତିଦିନ ତୁରୁଡ଼ା ଛକରୁ ସେ ଉଠେ । ଝିଅଟି...

'ବଡ଼ ଝିଅ ନା ସାନ ?'

ନିୟମ ଭାଙ୍ଗିଲ । ଗପ ବନ୍ଦ । ବଡ଼ ଝିଅ ସବୁ ଏକା ଏକା ତୁମ ଛାତ୍ରୀ ନିବାସରୁ ସିନା ବାସ୍‌ରେ ଉଠୁଥିବେ । ମୁଁ ସାନ ଝିଅଙ୍କ କଥା କହିବି ସିନା । ଜୀବନରେ ଢେର ପ୍ରେମ ଗପ ଶୁଣିଲଣି । ପ୍ରେମ ନଥିବା ଗୋଟିଏ ଗପ ଶୁଣ ।

''ଯାହା କଥା କହୁଛ ସେ ତୁମେ ନୁହଁ ତ ?''

''ଶେଷଥର ପାଇଁ କହିଲି ଚୁପ କର ନ ହେଲେ ଆଉ ଗପ ଶୁଣିବା ଆଶା ଛାଡ଼ ।''

''ପନ୍ଦର ମିନିଟ୍ ! ବାବା କେତେ ସମୟ ।''

''କି ସ୍ୱାର୍ଥପର । ନିଜେ ଘଣ୍ଟା ଘଣ୍ଟା ଧରି ଗପିବ । ମୋର ପନ୍ଦର ମିନିଟ୍ ବେଳକୁ ଧୈର୍ଯ୍ୟ ନାହିଁ । ଶୁଣ ଫେର ଆରମ୍ଭ କରୁଛି ।''

ପ୍ରତିଦିନ ତୁରୁଡ଼ା ଛକରୁ ସେ ଉଠେ । ଝିଅଟି । ରବିବାର ଆଉ ସ୍କୁଲ ଛୁଟିଦିନ ଛାଡ଼ି । ସାଢ଼େ ଆଠଟା ବାସ୍‌ରେ । ଖରାବର୍ଷା । ଶୀତକାକର କିଛି ନମାନି ଠିକ୍ ସମୟରେ ଠିକଣା ଜାଗାରେ ସେ ନିଶ୍ଚୟ ଠିଆ ହୋଇଥିବ । ଜାଗାଟା ନିଛାଟିଆ । ଝଙ୍କା ବରଗଛ ସାଙ୍ଗକୁ ଆଉ ଆଉ ଗଛ ମିଶି ସେଠି ଗୋଟାଏ ଛୋଟ ଜଙ୍ଗଲ କରିଛନ୍ତି । ଠାକୁରାଣୀ ଶାଳଟା । ଅପୂଜା ଭଙ୍ଗାରୁଜା ଗୁଡ଼ାଏ ହାତୀଘୋଡ଼ା ଉଇହୁଙ୍କା ଭିତରେ ଅଧେ ପୋତି ହୋଇଗଲାଣି । ଜାଗାଟାକୁ ଭୟ ଲାଗେ ।

ଛକ ପହଞ୍ଚିବାକୁ କିଲୋମିଟରେ ଥିବ ଗାଡ଼ିର ଗତି ଧିମାଏ । ପୋଲ ଉପରକୁ ରାକ୍ଷସ ପରି ବାସ୍‌ଟା ଯେତେବେଳେ ଚଢ଼ି ଆସେ ସେତେବେଳେ ଝିଅଟା ତା ସାଜ ସରଞ୍ଜାମ ଧରି ପ୍ରସ୍ତୁତ ହୋଇଯାଏ । ଗାଡ଼ି ପୂରାପୂରି ଛିଡ଼ାହୁଏ । ହେଲ୍‌ପର କବାଟ ଖୋଲି ଶରଧାରେ ଡାକେ 'ଆ, ବୁଢ଼ୀ ଆ' । ଝିଅଟି ଉଠିବା ମାତ୍ରେ ଡ୍ରାଇଭର ଚିତ୍କାର କରି କୁହେ ''ହେଇଯେ ହାମର ବୁଢ଼ୀ ଆସିଗଲା, ବୁଢ଼ୀ ହାମର ସବୁଦିନ ଠିକ୍‌ବେଳେ ଆସି ଠିଆ ହୋଇଥିବ ।'' ଝିଅଟି ନିଦକ ହୋଇ କୁଦିପଡ଼େ । ଟିକିଏ ଟାଣ ହୋଇ ଛିଡ଼ା ହେଲା ମାତ୍ରେ ଟ୍ରିଂ ଟ୍ରିଂ ।

ବାସ୍ ଯାତ୍ରୀମାନେ ନୂଆ ଛୋଟିଆ ଯାତ୍ରୀଟିକି ଦେଖନ୍ତି । ଉପରେ ସଫେଦ୍ ଜାମା, ଅଳ୍ପ ଦିଶୁଥିବା ନୀଳ ପେଣ୍ଟ । ସହର ବଜାରର ମାଆମାନେ ମିସନ ସ୍କୁଲକୁ ଯାଉଥିବା ଝିଅଙ୍କୁ ଯିମିତି ପରିପାଟୀରେ ସଜାନ୍ତି ତାକୁଇ ଅନୁକରଣ କରି ସହର ପାଖ

Digitized by srujanika@gmail.com

ଗାଁର ମାଆଟି ତା ଝିଅକୁ ସଜାଇଛି । ହେଲେ ମଫସଲର ମଳିଧୂଳି ପୂରାପୂରି ପୋଛି ପାରିନି । ଝିଅଟିର ଗାଲ ଦୁଇଟା ଫୁଲୁକା ଫୁଲୁକା, ସାମାନ୍ୟ ନାଲି । ତେଲ ଜବଜବ ଚୂଳ ଉପରେ ପଞ୍ଚମୁଖୀ ମନ୍ଦାର ପରି ନାଲି ରିବନ ଫୁଲଟି ସୁନ୍ଦର ଦିଶେ । ନଜର ବାଜର ଏଡ଼ିବା ପାଇଁ କଳା ଟୀକାଟିଏ ।

ସକାଳୁ ଗାଧୁଆପାଧୁଆ ଖିଆପିଆ ସାରି ଆସିଥିବାରୁ ଝିଅଟି ତୋଫା ଦିଶେ । ବଡ଼ କାମଟାଏ କରି ପାରିଥିବାରୁ ତା' ମନରେ ଗର୍ବ । ନାକରେ ବିନ୍ଦୁ ବିନ୍ଦୁ ଝାଳ ।

ସିଟ୍ ଧରିଲାମାତ୍ରେ ଖାତାପତ୍ର ବହି ଯନ୍ତ୍ରବାକ୍ସ ବୋଝ ସାଇତି ସମ୍ଭାଳି ନିଏ । ସତରେ ତା ଆକୃତିକୁ ଚାହିଁ ପାଠ ବୋଝଟା ଟିକିଏ ବେଶି ଜଣାପଡ଼େ । ଏକାଦଶ ଶ୍ରେଣୀର ମୋଟି ଝିଅଟି ଛାତିରେ ଚାକି ଯେଉଁ ବୋଝଟା ନେବାକୁ ଶଙ୍କି ଯାଆନ୍ତା ବା ଲାଜ କରନ୍ତା ଯାକୁ ସେତିକି ନେବାକୁ ପଡୁଛି । ସାଇତି ସମ୍ଭାଳି ହୋଇ ବସିଗଲେ ସାଏଁ କରି ଝିଅଟି ନିଃଶ୍ୱାସଟିଏ ଛାଡ଼େ ହରିଣୀ ଛୁଆଟି ପରି । (ମଝିରେ ମଝିରେ ଭାଷା କବିତା ନ ଦେଲେ ତୁମକୁ ଗପ ଭଲ ଲାଗିବ ନାହିଁ) ମାଆ ପାଖରେ ନଥିବା ହରିଣୀ ଛୁଆଟି ପରି କନକନ ହୋଇ ବାସ୍ ଭିତରେ ଆଗପଛ ସିଟ୍‌ଗୁଡ଼ାକର ଯାତ୍ରୀଙ୍କ ଉପରେ ଆଖି ପକାଇଯାଏ । ମାଆ ବାପ ଯେଉଁ ଗାଁଟାରେ ଅଛନ୍ତି ସେଇ ଆଡ଼କୁ ଚାହୁଁ ଚାହୁଁ ଗଛପତ୍ର ଉହାଡ଼ରେ ଗାଁ ଉଭେଇ ଯାଏ, ଦୂରେଇ ଯାଏ । ଝିଅଟା ସତରେ ଅସହାୟ ବିମର୍ଷ ହେଉଥାନ୍ତା ଯଦି ଡ୍ରାଇଭର, କଣ୍ଡକ୍ଟର, ହେଲପରଠାରୁ ଆରମ୍ଭ କରି ବୁଢ଼ା ଟୋକା ସମସ୍ତେ ତାକୁ ଆଦର ଯତ୍ନ କରୁ ନ ଥାନ୍ତେ ।

ଚେକିଂ ହେବାର ଯେଉଁଦିନ ଭୟଥାଏ, କେବଳ ସେଇ ଦିନ ଝିଅ ହାତକୁ ଟିକଟ ଖଣ୍ଡିକ ବଢ଼ାଇଦେଇ (କଣ୍ଡକ୍ଟର ବୋଧହୁଏ ହାତରୁ ପଇସା ନିଏ) । ହେଲପର ପଚାରେ "ବୁଢ଼ୀ ଆଜି କି ଖାଇ କରି ଆସିଛୁ ?"

"ପଖାଳ"

"ଆଉ ତରକାରୀ ?"

"ଆଳୁ ପୋସ୍ତ ଚଡ଼ଚଡ଼ି, ଚୁନ୍ଗୁଡ଼ି ପତୁଆ ।"

ଯେଉଁଦିନ ଭିଡ଼ ବେଶି, ତିଳାର୍ଦ୍ଧେ ଜାଗା ନଥାଏ, ସେଦିନ ଝିଅଟି କଣ୍ଡକ୍ଟର ପାଖରେ ବସେ । ପଇସା ଗଣୁ ଗଣୁ ବା ଟିକଟ ତନଖି କରୁ କରୁ କଣ୍ଡକ୍ଟର ପଚାରେ, "ବୁଢ଼ୀ, କାଲି କେଉଁ ବାସ୍‌ରେ ଫେରିଲୁ ? ଆମେ ଆସିବାକୁ ଢେର ଡେରି ହୋଇଗଲା ।"

"ସେଇ ଧଡ଼ଡ଼ା ଭଡ଼ା ଗାଡ଼ିଟାରେ"

"କେତେ ପଇସା ନେଲା ?"

"ପଚିଶ ପଇସା ।"

କେତେବେଳେ ସୁବିଧା ପାଇଲେ ଡ୍ରାଇଭର ବି ବେକ ଭାଙ୍ଗି ପଛକୁ ଅନାଏ, କୁହେ "ଅଭି ମନେ ପକେଇ ଦବୁତ ବୁଢ଼ୀ ପାଇଁ କଲେଜ ଛକରୁ ଶହେ ଅଧେ ହାଇଦରାବାଦ

Digitized by srujanika@gmail.com

ଅଙ୍କୁର ଆଣିବା ।''

ଝିଅଟି ବିରକ୍ତ ହୁଏନାହିଁ ସତ, କିନ୍ତୁ ବେଶି କଥାବାର୍ତ୍ତା କରିବାକୁ ଇଚ୍ଛା ନଥାଏ । କିନ୍ତୁ ବେଶି ଦିନ ଧରି ପୁରୁଷଯାତ୍ରୀଙ୍କ ସହ ଯିବା ଆସିବା କରି ଡ଼ର ଭାଙ୍ଗିଯାଇଛି । ପ୍ରଶ୍ନର ଉତ୍ତର ଟାଏଁ ଟାଏଁ ଦେଇଦିଏ । ପ୍ରଶ୍ନର ଉତ୍ତର ଦେଲେ ଲୋକେ ଶରଧା କରୁଛନ୍ତି ଉତ୍ତର ନ ଦେଲେ ମୁହଁ ହାଣ୍ଡି କରୁଛନ୍ତି । ତାର ଅନ୍ତରାତ୍ମା ଚାହେଁ ଯିମିତି ତା ଛୋଟ ଦୁନିଆଁ ଭିତରେ ଏ ବଡ଼ ବଡ଼ ଲୋକଗୁଡ଼ାକ ନ ପଶନ୍ତୁ । ସେ କେତେବେଳେ ତା ସ୍କୁଲ ପଢ଼ାପଢ଼ି କଥା ବା ବାପମାଆ କଥା ଭାବୁଥିବ ହଠାତ୍ ତାକୁ ଚମକାଇ ଦେଇ ଗୋଟାଏ ବୁଢ଼ା ଅଯଥାରେ ପଚାରିବ, 'ଏ ଝିଅ, ତୋ ନାଁ କଣ ? ଥରେ ଯଦି ଉତ୍ତର ଦେଇଛି ତେବେ ଆଗକୁ ଆଗକୁ ।

ଲୋକଙ୍କ ମୁହଁକୁ ସେ କମ ଚାହେଁ । ହେଲେ ଲୋକଗୁଡ଼ାକ ତା ପିଲାଳିଆ ମୁହଁକୁ ଚାହାଁନ୍ତି, ତା କଥା କହିବା ଭଙ୍ଗୀକୁ ନଜର ଦିଅନ୍ତି, ତା କଥାଗୁଡ଼ାକ ପିଇଯାଆନ୍ତି ।

ମୋଟର ଷ୍ଟାଫ୍ ଆତ୍ମୀୟସ୍ୱଜନଙ୍କ ପରି ତା ସାଙ୍ଗରେ କଥାବାର୍ତ୍ତା କରୁଛନ୍ତି ଦେଖି, ଯାତ୍ରୀମାନେ ବି ନାନା କଥା ପଚାରନ୍ତି । ସେଇ ''ତୋ ନାଆଁ କଅଣ''ରୁ ଆରମ୍ଭ ।

'ବାପା କ'ଣ କରନ୍ତି ?'

'କିଛି କରନ୍ତି ନାହିଁ ଘରେ ଥାଆନ୍ତି, ଚାଷ କରନ୍ତି ।'

'ଜମି ଜାଇଗା କେତେ ?'

ଏତେ ବଡ଼ ପ୍ରଶ୍ନର ଉତ୍ତର ଦେଇପାରେ ନା, କୁହେ ଜାଣେନି । ସେ ବା କାହିଁକି ଝିଅକୁ ଶରଧା ନ କରିବ ଭାବି ପାଖ ଯାତ୍ରୀ ଉତ୍ସାହ ପାଇ ଖିଅ ଧରି ଚାଲେ ।

''ତୁମେ କେତେ ଭାଇଭଉଣୀ ?''

''ଦୁଇ ଭାଇ, ଭଉଣୀ ମୁଁ ଏକା ।''

''ଭାଇମାନେ ବଡ଼ ?''

''ନା ମୁଁ ବଡ଼ ।'

ପଛ ସିଟ୍‌ରୁ ଥାଇ ଟାଉଟରିଆ ଯାତ୍ରୀଟି ଯେ 'ଆମେ' ଛଡ଼ା କଥା କହେ ନାହିଁ, ପଚାରେ

'ତୁ କ'ଣ ପ୍ରତିଦିନ ଆମ ବାସ୍‌ରେ ଯାଉ ?'

''ହୁଁ''

''ଗାଁ ପାଖରେ କ'ଣ ସ୍କୁଲ ନାହିଁ ?''

ଆମେ ଇନ୍‌ସପେକ୍ଟରକୁ କହି ଏ ଇଲାକାରେ ସ୍କୁଲ ତ କରି ଦେଇଛୁ । ଘର ଘରକେ ସ୍କୁଲ ନ ବସାଇଲେ ଆମେ ଛାଡ଼ିବୁ ନାହିଁ । ଆମ ପାର୍ଟି ନିଷ୍ପତ୍ତି ନେଇଛି ।''

''ଗାଁରେ ଚାଟଶାଳୀ ଅଛି । ପାଖ ଗାଁରେ ମାଇନର ସ୍କୁଲ ।''

''ଆମ କଥା ତେବେ ଠିକ୍ ହେଲା ତ ! ଆମର ସେଠି ପଢ଼ିଲୁ ନାହିଁ, ବାସ୍‌ରେ

Digitized by srujanika@gmail.com

ଆମର ତେବେ ଯାଇ ଆସି ପଢୁଛୁ ?''

''ମଝିରେ ନଇଁ । ବାପ ମାଆ ଛାଡ଼ିବେ ନାହିଁ । ମୋର କୁମ୍ଭୀରକୁ ଭାରି ଡ଼ର ।''

ପୁଣି ଆଉ ଜଣେ ପଚାରେ, ''କେଉଁ ସ୍କୁଲରେ ପଢୁ ।''

'ଆଗରେ ଅଛି ।'

'କେତେ ଭଡ଼ା ?'

'ଯିବାକୁ ସତେଇଶି ଫେରିବାକୁ ସତେଇଶି ।'

ବାବା ! ଏତେ ପଇସା ସାରି ପଢୁଛୁ । ଚାଖଣ୍ଡେ ଝିଅ । ବାପମାଆର କି ସଉକ । ପାଠ ନ ପଢ଼ିଲେ ଝିଅ ଯିମିତି ଘର ଯୋଗ୍ୟ ହୁଅନ୍ତା ନି ।''

ଆଶ୍ଚର୍ଯ୍ୟ ହୁଏ । କିନ୍ତୁ ଶରଧା କରେ । ସମସ୍ତଙ୍କ ନଜର ସେଇ ଝିଅଟି ଉପରେ । ସମସ୍ତେ ଶରଧା କରନ୍ତି ତାକୁ । କିଏ ଖୁସି ହୁଏ, କିଏ ଆଶ୍ଚର୍ଯ୍ୟ ହୁଏ, କିଏ ତା ସାହସର ତାରିଫ କରେ, କିଏ ତା ପଢ଼ାପଢ଼ିର ଆଗ୍ରହକୁ ପସନ୍ଦ କରେ, କିନ୍ତୁ ଦିନେ ଦିନେ ମଝିରେ ଚଉଦ ବର୍ଷିଆ ହାଇସ୍କୁଲ ପିଲାଟା ବାସ୍‌ରେ ଯଦି ଚଢ଼େ ତା' ସାଙ୍ଗରେ ସେ ଆତ୍ମୀୟତା କରିପାରେ ନାହିଁ । ଝିଅକୁ ଲାଜ, ବିରକ୍ତ ଲାଗେ । ପିଲାଟା ଚୋରଟି ପରି ଚୁପ୍‌ଚାପ୍ ବସିଥାଏ । ତା ଆଡ଼କୁ କଣେଇ କଣେଇ ଚାହେଁ । ପିଲାଟାର ବି ଭିତରେ ଭିତରେ ଶରଧା ଉଚ୍ଛୁଳୁଥାଏ ।

ଅଳ୍ପ ରାସ୍ତା । ଦଶ ମିନିଟକୁ ସରିଯାଏ । ବାସ୍ ଅଟକେ । ଯିମିତି ବହିପତ୍ର ବୋଝ ଧରି ଉଠିଥିଲା ସିମିତି ଝିଅଟି ଓହ୍ଲେଇ ଯାଏ । ସେ ଓହ୍ଲେଇ ଯିବା ପରେ ପରେ ପୁଣି ମାଲି ମକଦ୍ଦମା, ନିର୍ବାଚନ, ମନ୍ତ୍ରୀମଣ୍ଡଳ, ଚାଷବାସ, ପାଣିପାଗ କଥାରେ ବାସ୍ କୋଳାହଳମୟ ହୋଇ ଉଠେ ।

(ଶୁଣ, ତୁମେ ଶୋଇ ପଡୁଛ ବୋଧହୁଏ, ମୋ କଥାକୁ ତୁମକୁ ଭଲ ଲାଗୁନି । ଦଶ ମିନିଟ୍ ଗଲା, ଘଡ଼ି କଣ ଦେଖୁଛ ? ମୋତେ ଗପ କହିବାକୁ କହିଲ ଅଥଚ ଶୁଣୁନ, ଭଦ୍ରାମି ନୁହେଁ, ତା'ଛଡ଼ା ତୁମେ ମଝିରେ ମଝିରେ କୁତୁକୁତୁ ସଲ ସଲ କରି ମୋର ମନକୁ ଯାଡ଼େ ସିଆଡ଼େ କରୁଛ । ରାଣ ଅଛି, ଆଉ ଦଣ୍ଡେ ଥୟ ଧରି ଶୁଣ ।)

ସାଢ଼େ ଚାରିଟା ବେଳକୁ ବାସ୍ ଫେରେ । ପୁଣି ସେଇ କଥା ଓ ଘଟଣାର ପୁନରାବୃତ୍ତି । ଝିଅଟି ସିମିତି ବହିପତ୍ର ଚାକି ଠିଆ ହୋଇଥାଏ । ହେଇ ଯେ ହାମର ବୁଢ଼ୀ ଠିଆ ହୋଇଛି'' ଠାରୁ ପୁଣି ଆରମ୍ଭ । ସେ ଉଠିଲାମାତ୍ରେ ତେଲଲୁଣ ଦୁନିଆଁ ବାସ୍ ଷ୍ଟାଫ ଭୁଲିଯାଆନ୍ତି; ଯାତ୍ରୀମାନେ ସିମିତି ମାନ ଅପମାନ ଜଞ୍ଜାଳ ଭୁଲି ଯାଆନ୍ତି । କିଏ ଘରେ ନାତୁଣୀ ଛାଡ଼ି ଆସିଛି, କିଏ ଝିଅ ଝିଆରୀ, କିଏ ଶାଳୀ କିଏ ବା ଭଉଣୀ ଛାଡ଼ି ଆସିଛି କିଏ ବା ସିମିତି ଗୋଟିଏ ସବୁ ଦିନ ପାଇଁ ହରାଇଛି । ଏଇ ଝିଅଟି ଭିତରେ ସମସ୍ତେ ନିଜ ନିଜ ବୁଢ଼ୀକି ଦେଖି ପାରନ୍ତି ।

ଝିଅଟି ବସିଗଲା ମାତ୍ରେ ପ୍ରଶ୍ନ ଆରମ୍ଭ ହୁଏ 'କେଉଁଟା' ତୁମ ସ୍କୁଲ ? ଟିଣ

Digitized by srujanika@gmail.com

ଛପର ଥିବା ଲମ୍ବା ଘର ଆଡ଼କୁ ହାତ ବଢ଼ାଇ ଝିଅଟି କହେ– ସେଇ ଘରଟା ।'

'ଖାଲି ଝିଅ ପଢ଼ନ୍ତି ନା ଝିଅପୁଅ ମିଶାମିଶି ?'

'କେତେଜଣ ପଢ଼ନ୍ତି ?'' ଆଉ ଜଣେ ପଚାରେ ।

'ସବୁ ମିଶି ଶହେବାର ଜଣ, ଝିଅ ପୁଅ ସବୁ ।''

'ତୋରି ପରି ସବୁ ସାନ ସାନ ?'

'ମୋଠୁ ବି ଢେର ବଡ଼ ଅଛନ୍ତି ।'

'ତୁ କେଉଁ କ୍ଲାସରେ ପଢୁ ?'

ଡ୍ରାଇଭର ପ୍ରଶ୍ନଟା ଶୁଣି ପାରି କହିଲା ''ହାମର ବୁଢ଼ୀ କି ସାନ ଭାବିଛି । ସାତ କି ଆଠ କିଲାସ ପଢ଼ିଲାଣି । ବଢ଼ିଆ ପଢ଼େ । ଫାଷ୍ଟ ହୁଏ କ୍ଲାସରେ ।

''ତୁମ ସ୍କୁଲରେ ହେଡ଼ମାଷ୍ଟର ନା ହେଡ଼ମିଷ୍ଟ୍ରେସ ?'' ବୁଢ଼ାଟିଏ ପଚାରିଲା ।

''ହେଡ଼ମାଷ୍ଟର ଅଛନ୍ତି ଦିଦିମାନେ ବି ଅଛନ୍ତି ।''

''ଏ କାନ ଫୁଲ ଦୁଇଟାର ଦାମ କେତେ ?'' ନାରୀ ଯାତ୍ରୀଟିଏ ଚାପା ଗଳାରେ ପଚାରେ । ସ୍ତ୍ରୀ ଲୋକମାନଙ୍କର ପ୍ରଶ୍ନର ଉତ୍ତର ଦେବା ଝିଅଟି ପକ୍ଷରେ କଷ୍ଟ ହୁଏ ।

ତୁରୁଡ଼ା ଛକ ପହଞ୍ଚିବାକୁ ଏକ କିଲୋମିଟର ରାସ୍ତା ଥାଏ ଝିଅଟି ଉଠି ଛିଡ଼ା ହୁଏ । ଡ୍ରାଇଭର କୁହେ ''ଏମିତି ତରତର କାହିଁକି ବୁଢ଼ୀ, ଛକ ପହଞ୍ଚୁ, ବାସ୍ ଛିଡ଼ା ହବ, ହାମେ କଣ ତୋତେ ନେଇ କରି ଚାଲିଯିବୁ ?'' ଶୀତ ଦିନରେ ହିମାଳ ପବନ ବହିଲେ କିଏ ଯାତ୍ରୀ ତା ଚାଦରରେ ତାକୁ ଘୋଡ଼ାଇ ଦିଏ । ବର୍ଷା ହେଉଥିଲେ କଣ୍ଡକ୍ଟର ନିଜ ଦାୟିତ୍ୱରେ ଛତା ମଗାଇ ଦିଏ ।

ଦିନେ ଝିଅଟି ଓହ୍ଲେଇଲା ବେଳେ ତରବରରେ ଚ୍ୟାମିଡି ବାକ୍ସଟା ଖସିପଡ଼ିଲା ଝଣଝାଣ ଶବ୍ଦରେ । ସାଙ୍ଗେ ସାଙ୍ଗେ ଇଞ୍ଜିନ ବନ୍ଦ । ଆଲୁଅ ଜଳି ଉଠିଲା । କଣ୍ଡକ୍ଟର ହେଲ୍ପର ଯାତ୍ରୀ ଜଣେ ଦୁଇଜଣ ଖୋଜାଖୋଜି କରି ରବର, ତ୍ରିଭୁଜ, ଚକ୍ଖଡ଼ି, କେତୁଟା ପାଞ୍ଚପଇସି, ପେନ୍ସିଲ, ସେପ୍ଟିପିନ୍ ଆଉ କେତେ ଚିଜ ଉଦ୍ଧାର କରି ବାକ୍ସ ସାଜି ବୁଝିଦେଲେ । ଗାଡ଼ି ପାଞ୍ଚ ମିନିଟ୍ ଛିଡ଼ା ହେଲା । କାହାରି ଆପତ୍ତି ନାହିଁ ।

ଆଉ ଦିନକର କଥା । ତୁରୁଡ଼ା ଛକରେ ବାସ୍ ପହଞ୍ଚିଲା ବେଳକୁ ସଞ୍ଜ ଗଡ଼ି ଯାଇଥାଏ । ଝଙ୍କା ବରଗଛର ଓହଳ ଗୁଡ଼ାକ ଅସୁରୁଣୀ ଗୋଡ଼ ପରି ଦିଶୁଛନ୍ତି । ଅନ୍ଧାର ଗୁଡ଼ାକ ଧୀରେ ଧୀରେ ତରଳି ପୁଳାପୁଳା ହୋଇ ତଳକୁ ଖସୁଥାନ୍ତି ବାଦିରି ଗୁଡ଼ାକର ଡେଣାରୁ । ଜୁକୁଜୁକିଆ ପୋକ ଗୁଡ଼ାକ ଜଣାଇ ଦେଉଥାନ୍ତି ବର୍ଷା ଆଉ ଡେରି ନାହିଁ । ଝିଅଟି ଓହ୍ଲେଇ ପଡ଼ି ଦେଖିଦେଲା କେହି ଆସି ନାହାନ୍ତି, ତାକୁ ନେବାପାଇଁ, ମାଆ ଦିହ ବେଶି ଖରାପ ହେଲା ବୋଧହୁଏ । ବୁଢ଼ୀର ଅସହାୟ ଅବସ୍ଥା ଡ୍ରାଇଭରକୁ ଜଣାଇ ଅଭି ପାଟିକରି କହିଲା ''ବୁଢ଼ୀ କି ନେବାକୁ କେହି ଆସି ନାହାନ୍ତି ।'

ଇଞ୍ଜିନ ବନ୍ଦ, କଣ୍ଡକ୍ଟର କହିଲା ''ଅଭି, ଯା, ଛାଡ଼ି ଦେଇ ଆସିବୁ ।'' ଅଭି

Digitized by srujanika@gmail.com

ଓହ୍ଲାଇ ଆସିଲା । ଝିଅର ଗାଁ ଦୁଇଶହ ଗଜ ଦୂରରେ । ଆଜି ଗାଡ଼ି ଡେରି ହୋଇଛି ଯାତ୍ରୀ ଓ କଣ୍ଡକ୍ଟରଙ୍କ ମଧ୍ୟରେ ବଚସା କଳି ତକରାଳ ପାଇଁ । କାରଣ ଜଣେ ଯାତ୍ରୀଙ୍କ ବାପାଙ୍କ ପାଇଁ ବାସ୍‌ଟା ପାଞ୍ଚ ମିନିଟ ଅପେକ୍ଷା କଲା ନାହିଁ । ବାଟରେ ସେ ବିଷୟରେ ଯାତ୍ରୀମାନେ କଥାବାର୍ତ୍ତା ହେଉଥିଲେ । ପ୍ରାୟ ପନ୍ଦର କୋଡ଼ିଏ ମିନିଟ୍ ଧରି ବାସ୍ ଛିଡ଼ା ରହିଲା, କେହି ଯାତ୍ରୀ ଉଁଚୁଁ କଲେ ନାହିଁ । ଏହି ଶରଧା ବୁଢ଼ୀ ଉପରେ ।

ରବିବାର ଦିନ ଝିଅ ଆସେ ନାହିଁ । ଯାତ୍ରୀମାନେ ସମସ୍ତେ ତା' କଥା ମନେ ପକାନ୍ତି । "ଆଜି ବୁଢ଼ୀ ଆସିବନି" କାହା ମୁହଁରୁ ଅଜାଣତରେ ବାହାରି ପଡ଼େ ।

ଏମିତି ଶରଧାରେ ବୁଢ଼ୀ ବର୍ଷେ ଦେଢ଼ବର୍ଷ ବଢ଼ିଲା । ଯାତ୍ରୀ, ବାସ୍ ଷ୍ଟାଫ ସମସ୍ତେ ତାକୁ ଶରଧା ତ କଲେ, ତାର ପ୍ରମାଣ ସ୍ୱରୂପ ଟଫି, ଚକୋଲେଟ, ଅଙ୍ଗୁର, କଦଳୀ ନାହିଁ ନଥିଲା ଚିଜ ତାକୁ ଦେଲେ । ଶରଧା ଚିଜ, ବୁଢ଼ୀ ନିଏ 'ନା' କରି ପାରେନା ।

କିନ୍ତୁ ଆଶ୍ଚର୍ଯ୍ୟ କଥା ଏତେ ଶରଧା ପାଇ ବୁଢ଼ୀ କ୍ରମେ କ୍ରମେ ମ୍ରିୟମାଣ ହେଲା । ସମସ୍ତେ ନଜର କଲେ ଝିଅଟିର ସରସତା ଉଭେଇ ଯାଇଛି । ପତଳାରୁ ଅଧିକ ପତଳା ହୋଇଛି । ଆଖି ମୁହଁ ସବୁଠି ଦୁଃଖର ଛାଇ । ଗାଡ଼ିରେ ଚଢ଼େ, ବସେ, ଓହ୍ଲାଏ, କାହିଁରେ ଯିମିତି ଆଗ୍ରହ ନାହିଁ । ଜୀବ ନୁହେଁ ସେ ଯନ୍ତ୍ର ପାଲଟି ଯାଇଛି । ବର୍ଷେ ଦେଢ଼ବର୍ଷ ଆଗରୁ ଯେଉଁ ପ୍ରଶ୍ନ ପଚାରୁଥିଲେ ଆଜିବି ସେଇ ପଚା ପୁରୁଣା ପ୍ରଶ୍ନ । ଉତ୍ତର ଦେବାରେ ବୁଢ଼ୀର ଆଗ୍ରହ ନାହିଁ । ବିରକ୍ତିଭାବ, ଖିଟିମିଟିଆ ମିଜାସ । ଯେଉଁ ଲୋକଗୁଡ଼ାକୁ ଦେଖିଲେ ତାକୁ ଭଲ ଲାଗୁଥିଲା ସେଇମାନେ ତାକୁ ଖାଇଯିବେ ବୋଲି ଏବେ ତାର ଧାରଣା ହେଲାଣି ।

"ବୁଢ଼ୀ ତୋର କଣ ହେଇଛି ? ଚୁପ୍‌ଚାପ୍ ହୋଇ ଯାଉଛୁ ? ମାଆ ଦିହ ଭଲ ହେଲାଣି ?"

'ହୁଁ'

'ମୁହଁ ଶୁଖି ଯାଇଛି, ସାନ ହୋଇ ଯାଇଛି, ଗାରେ ଲୁହ ବି ଶୁଖିଲା ପରି ଦିଶୁଛି । ଆଖି ତଳ କଳା କଳା । ମାଷ୍ଟରମାନେ କଣ ଗାଳିଗୁଲଜ କଲେ ! ପରୀକ୍ଷାରେ ଖରାପ କଲୁ ?"

'ନା' ସେଇ ଏକାକ୍ଷରୀ ଉତ୍ତର ।

ସମସ୍ତେ ଅନୁଭବ କଲେ ବୁଢ଼ୀର କଣ ଗୋଟାଏ ବଡ଼ ଅଭାବ ଅସୁବିଧା ହୋଇଛି ନ ହେଲେ ଏତେ ସ୍ନେହ ଶରଧା ପାଇ ଫୁଲିଯିବା ପରିବର୍ତ୍ତେ ହାଲି ଯାଇଛି କାହିଁକି ।

ସେମାନେ ବା କିମିତି ଜାଣିବେ ବୁଢ଼ୀ ସ୍କୁଲରେ କିମିତି ରହିଛି, କଣ କରୁଛି । ଝିଅଟିକି ବାସ୍‌ରେ ଯେମିତି ଶରଧା ମିଳୁଥିଲା ତା'ଠାରୁ ବହୁତ ବେଶି ତାକୁ ସ୍କୁଲରେ ମିଳୁଛି । ଶରଧା ଦବାପାଇଁ ମାଷ୍ଟର ମାଷ୍ଟରଙ୍କ ଭିତରେ କଳିତକରାଳ ମରାମରି । ବୁଢ଼ୀ ଭଲ ପଢ଼େ । ଅଙ୍କ, ଇଂରାଜୀ, ସାହିତ୍ୟ ମାଷ୍ଟର ସମସ୍ତେ ତାକୁ ସାହାଯ୍ୟ କରିବା ପାଇଁ ତାର ସନ୍ଦେହ ମୋଚନ କରିବା ପାଇଁ ଆଗ୍ରହୀ । ଝିଅଟିର ଗାଲ, ପାଟି, ଚୁଳ, ଆଖି

Digitized by srujanika@gmail.com

କେଡ଼େ ସୁନ୍ଦର । କିଏ କେତେ ପ୍ରକାର ତାକୁ ଆଦର ସ୍ନେହ କରନ୍ତି । ଅନ୍ୟାନ୍ୟ ଝିଅମାନେ ବୁଢ଼ୀକି ହିଂସା କରନ୍ତି । ବୁଢ଼ୀ କଣ ସ୍ନେହ ଶରଧା ମାଗି ବୁଲୁଛି ? ତାକୁ ତ ସମସ୍ତେ ଯାଚି କରି ଦେଉଛନ୍ତି । ପରୀକ୍ଷାରେ ବରାବର କ୍ଲାସରେ ସେ ଫାଷ୍ଟ ହେଲା । ସାଙ୍ଗସାଥୀ ସମସ୍ତେ କହିଲେ ସାର୍‌ମାନେ (ଦିଦିମାନେ ବଡ଼ ହିଂସକୁଡ଼ୀ) ସବୁ କହି ଦେଉଛନ୍ତି ବୁଢ଼ୀକି । ନ ହେଲେ... ବୁଢ଼ୀର ନିଜ ପରିଶ୍ରମ ଗଲା କୁଆଡ଼େ । ଶରଧା ଯୋଗୁ ସେ ଫାଷ୍ଟ ।

ଝିଅ ଆଉ ବାସ୍‌ରେ ଯା'ଆସ କରେ ନାହିଁ । ଯେଉଁ ଝିଅ ଅନ୍ତତଃ କେତେଟା କିଲୋମିଟର ଲୋକଙ୍କୁ ଆନନ୍ଦ ଦେଉଥିଲା ତାର ଛୋଟ ସ୍ମୃତି ଲିଭିଲିଭି ଯାଇ ନିଶ୍ଚିହ୍ନ ହୋଇଗଲା । ଝିଅ ପଢ଼ା ଛାଡ଼ିଦେଲା ?

ଦିନେ ହେଡ଼ମାଷ୍ଟର ବୁଢ଼ୀର ବାପାକୁ ଡାକି କହିଲେ ବୁଢ଼ୀ ଆଉ ଆସୁନି, କଣ ହେଲା ? ଭଲ ପଢୁଥିଲା ସମସ୍ତେ ତାକୁ ଆଦର ଶରଧା କରୁଥିଲେ, ତାକୁ ପଠାନ୍ତୁ ଗୋଟାଏ ଦେଢ଼ଟା ବର୍ଷ ପଢ଼ି ଦେଲେ ମାଟ୍ରିକ୍ ପାଶ୍ କରିଯିବ ଫାଷ୍ଟ ଡିଭିଜନରେ । ଷ୍ଟେଣ୍ଡ ବି କରିପାରେ ।

ବାପା କହିଲେ, "ମୁଁ ଝିଅକୁ ବହୁତ ବୁଝାଇଲି ଆଜ୍ଞା, ସେ ଏକା ଜିଦ ଧରିଛି ପଢ଼ିବ ନାହିଁ । ବେଶି ବୁଝାଇଲା ବେଳକୁ ଅନର୍ଗଳ କାନ୍ଦିଲା । ତା'ଛଡ଼ା ଝିଅର ଦେହ ମନ ବି ଭଲ ରହୁନାହିଁ । ମୁଁ ଭାବିଲି ନ ପଢୁ । ପାଠ ସ୍ୱର୍ଗକୁ ନବ ? କେଉଁଠି ଦେଖି ବାହା କରିଦେଲେ ଯେତିକି ପଢ଼ିଲାଣି ସେତିକିରେ ଘର କରିପାରିବ ।

ଝିଅ 'ଅନପଢୁ' ରହିଗଲା, ଆଠଦିନ ହେଲା ସେ ବାହା ହୋଇଗଲା ।

"ପ୍ରଶାନ୍ତ ବାବୁକୁ ! ଏଇ ତୁମର ପନ୍ଦର ମିନିଟିଆ ଗପ ! ମୁଁ କେତେବେଳୁ ଜାଣିଲିଣି ବୁଢ଼ୀଟି କିଏ । ହେଲେ ତୁମେ ଆତ୍ମଚରିତ କହୁଛ ବୋଲି ଧୀରସ୍ଥିର ଚୁପଚାପ୍ ରହିଲି, ନ ହେଲେ କିଏ ଏତେ ସମୟ ନଷ୍ଟ କରନ୍ତା ।"

"କାହିଁକି ଏ ଗପ କହିଲି ବୁଝି ପାରିଲ ?"

"ମୁଁ କହୁ ନଥିଲି ତୁମେ ପଢ଼ିଥିଲେ ମୁଁ ତୁମକୁ ଆହୁରି ଅଧିକ ଶରଧା କରିଥାନ୍ତି ।"

ଫେର୍ ଶରଧା କଥା କହୁଛ । ଏଇ ଶରଧା ପାଇଁ ତ ମୋ ପାଠପଢ଼ା ଅଧାରେ ରହିଲା । ତୁମ ଗୋଡ଼ ବୋଇଲେ ହାତ ଓଠ ବୋଇଲେ ପାଟି, ଯିମିତି ସବୁବେଳେ ଖଲବଲ ହେଉଛି ମୋର ଭୟ ହେଲାଣି ଏ ଯେଉଁ ନୂଆ ପାଠ ପଢ଼ାଉଛ ତା ବି ଅଧାରେ ରହିଯିବ ।

"ତୁମେ ଖଣ୍ଡେ ଗୁରୁ ଅଛ ଦେଖୁଛି" କହି ପ୍ରଶାନ୍ତ କହିଲା ଏଥର ବାରଲାଇଟ୍‌ଟା ଲିଭାଇ ବେଡ୍ ଲେମ୍ପଟା ଜାଳ ।"

Digitized by srujanika@gmail.com

# ଚାରିଚକ୍ଷୁ

ରାଉରକେଲା କୋଣାର୍କ ଟକିଜ୍ ଆଗରେ ଛିଡ଼ା ହୋଇ ରିକ୍ସାଟାକୁ ଅପେକ୍ଷା କରୁଛି, ହଠାତ୍ ବଡ଼ ପାଟିରେ କିଏ ଜଣେ ଡାକିଲା, '' ଶୁଭେନ୍ଦୁ ! ଚାହିଁ ଦେଖିଲି ଆନନ୍ଦରେ ଗଦଗଦ ହୋଇ ଜଗମୋହନ ପୁଣି ଡାକୁଛି, ''ଶୁଭେନ୍ଦୁ ! ମୋତେ ଚିହ୍ନି ପାରୁଛ, ମୁଁ ଜଗମୋହନ ।'' ପାଖକୁ ଗଲି । ପିଲାକିଆ ସ୍ୱଭାବ ପୂରା ଯାଇ ନାହିଁ କିନ୍ତୁ ଚେହେରା ଓ ବୟସରେ ଅନେକ ବଦଳି ଯାଇଛି ।

ଏକା ରାହାରେ ସେ କହିଗଲା, ''ଶୁଭେନ୍ଦୁ ! ଏଇ ମୋର ସ୍ତ୍ରୀ, ଏଇ ମୋର ଦୁଇ ପୁଅ ଆଉ ଇଏ ମୋର– । ସିନେମା ଦେଖିବାକୁ ଆସିଥିଲୁ ।'' ତା'ର ସ୍ତ୍ରୀ ଓ ଶାଳୀ ଟିକିଏ ଅପ୍ରତିଭ ହୋଇ ମୋତେ ନମସ୍କାର କଲେ ଏବଂ ମୁଁ ପ୍ରତିନମସ୍କାର ଜଣାଇଲି ଏବଂ ପୁଅ ଦିହିଁଙ୍କ ଓଠ ଧରି ଶ୍ରଦ୍ଧା ଜଣାଇଲି । ଦେଖିଲି ତା'ର ସ୍ତ୍ରୀ ଅତୀବ ସୁନ୍ଦରୀ, ଦୁଇଟି ପିଲାର ମାଆ ଭଳି ଆଦୌ ଦିଶୁ ନାହାନ୍ତି । ଶାଳୀଟି ପଞ୍ଜାବୀ ବା କାଶ୍ମିରୀ ଝିଅଙ୍କ ପରି ନାଲି ରଙ୍ଗ ଧଳା ଶାଢ଼ୀରେ ତୋରା ପଦ୍ମଫୁଲ ପରି ଦିଶୁଛି । ପୁଅ ଦୁହେଁ ଗୋଲଗାଲ, ଯେ କୌଣସି ଘର ଉଜ୍ୱଳ କରିଦେବେ, ଯେ କୌଣସି ବାପ ଗର୍ବିତ ହେବ । ଜଗମୋହନ ଏକ ଭାଗ୍ୟବାନ ପ୍ରାଣୀ ବୋଲି ମୋର ସଙ୍ଗେ ସଙ୍ଗେ ହୃଦବୋଧ ହେଲା ।

କହିଲା, ''ଶୁଭେନ୍ଦୁ ! ଅନେକ କଥା ଅଛି ତୋ ସାଙ୍ଗରେ । ବହୁଦିନ ହେଲା ଦେଖା ହୋଇନି । ଏଇଠି କେଣ୍ଟିନ୍‌ରେ ଦଣ୍ଡେ ଅପେକ୍ଷା କର । ମୁଁ ଚା' କପେ ଅର୍ଡ଼ର କରି ଦଉଛି, ପିଉଥା । ମୋ କ୍ୱାର୍ଟର ଏଠାକୁ ଦୁଇ ତିନି ମିନିଟ ବାଟ । ମୁଁ ସଙ୍ଗେ ସଙ୍ଗେ ଏମାନଙ୍କୁ ଛାଡ଼ି ଦେଇ ଆସୁଛି । କିଛି ଭାବିବୁ ନାହିଁ ।'' ଜଗମୋହନ ଓ ତା' ପିଲାପିଲିଙ୍କି ଦେଖି ମୁଁ ବାସ୍ତବିକ ବଡ଼ ଖୁସି ହେଲି । ବାଣୀବିହାରରେ ଦୁଇ ବରଷ ପାଖାପାଖି କୋଠରୀରେ ଥିଲୁ । ଅଳ୍ପଦିନ ଭିତରେ ଫକୀରମୋହନ କଲେଜରେ ସେଇ ଆତ୍ମୀୟତା ଆହୁରି ବଢ଼ି ଯାଇଥିଲା । ଘରକୁ ଶୀଘ୍ର ଫେରିବାର ଇଚ୍ଛା ଓ ଆବଶ୍ୟକତା ଥିଲେ ବି ତା' ସହିତ କଥାବାର୍ତ୍ତା କରିବାର ଆଗ୍ରହ ପ୍ରବଳତର ହେଲା । ମୋତେ ସେ କେଣ୍ଟିନ୍ ଭିତରକୁ ନେଇ ଗୋଟାଏ କେବିନରେ ବସାଇ ଦେଲା ଏବଂ ଚା' ଅର୍ଡ଼ର ଦେଇ ପୁଣି କହିଲା, ''ଶୁଭେନ୍ଦୁ ! ମୁଁ ପାଞ୍ଚ ମିନିଟ୍ ଭିତରେ ଫେରି ଆସୁଛି, ଛୁଆ ଦିହିଁକି ନିଦ ଘାରିଲାଣି, କିଛି ମନେ କରିବୁନି'' ଏବଂ ତରବର ହୋଇ ବାହାରିଗଲା ।

ଚା' ଆସିବାକୁ ଅପେକ୍ଷା କରି ବସିଥାଏଁ, ଆଉ ଭାବୁଥାଏଁ ଏଇ ଜଗମୋହନ

Digitized by srujanika@gmail.com

କଥା । ସାତ ବର୍ଷ ତଳେ, ମୋର ମାସେ ପରେ, ସେ ଫକୀର ମୋହନ କଲେଜରେ ଯୋଗ ଦେଇଥିଲା ଇଂରାଜୀ ଅଧ୍ୟାପକ ଭାବରେ । ରୋମାଣ୍ଟିକ୍ ଚେହେରା, ଆଖି ଦୁଇଟା ଗିଳିଯିବା ଆଖି । ସେ କବିତା ଲେଖେ, ଲୋକେ ଭଲ କହନ୍ତି । ଅର୍ଥନୀତି ମୋର ପାଠ । ମୋତେ ସେସବୁ ଅଶ୍ଲୀଳ ଓ ଦୁର୍ବୋଧ ବୋଧ ହୁଏ ।

ପ୍ରଥମ ଦିନ ହିଁ ସେ କି ଛାତ୍ର କି ଅଧ୍ୟାପକ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରି ପାରିଥିଲା । ସେଦିନ ଥାଏ କଲେଜର ସଂଗୀତ ପ୍ରତିଯୋଗିତା । ଆମେ ଦୁହେଁ ପଙ୍ଖା ତଳେ ଆଗ ସିଟ୍ ଦୁଇଟାରେ ପାଖାପାଖି ବସିଥାଉଁ । ଶାନ୍ତା ବୋଲି ଝିଅଟି ଗୀତ ଗାଇବାକୁ ଆସିବା ମାତ୍ରେ ପ୍ରକୋଷ୍ଠ କରତାଳିରେ ପ୍ରକମ୍ପିତ ହେଲା । ସେ ସଂଗୀତରେ କୁଆଡ଼େ ବରାବର ପ୍ରଥମ ପୁରସ୍କାର ପାଏ । ଝିଅଟିର ଚେହେରା ଯିମିତି ସୁନ୍ଦର, ଗଳା ସେହିପରି ମନୋମୁଗ୍ଧ କର । ଯେଉଁ ଗୀତଟି (ଭଙ୍ଗୀ ଚାହାଁ) ଗାଇଲା, ତାହା ଆହୁରି ମନମତାଣିଆ, ତାଳ ଦେବାକୁ ଏପରିକି ନାଚିବାକୁ ରସିକ ଲୋକର ଇଚ୍ଛା ହବ । ପ୍ରଥମ ଧାଡ଼ିରେ ପେଣ୍ଡାଲକୁ ଲାଗି ଆମେ ଦୁହେଁ ବସିଥିବାରୁ ଗୀତ ଗାଇଲା ବେଳେ ଶାନ୍ତାର ଆଖି କେତେବେଳେ ହୁଏତ ଜଗମୋହନ ଉପରେ ପଡ଼ିଯାଇଥିବ । ଆଖିକି ଆଖି ମିଳିଯିବା ମାତ୍ରେ ଜଗମୋହନର ଅଭାବନୀୟ ପରିବର୍ତ୍ତନ ଲକ୍ଷ୍ୟ କଲି । ତାର ଆଖି ବିସ୍ଫାରିତ ହେଲା, ଦେହ ଘର୍ମାକ୍ତ ହେଲା ଏବଂ ଗୀତର ତାଳେ ତାଳେ ତାଳି ଦେଇ ଏମିତି ଅଙ୍ଗଭଙ୍ଗୀ ଓ ବ୍ୟବହାର ଦେଖାଇଲା ଯେ ଜଙ୍ଘରେ ହାତ ମାରି ତାକୁ ସଚେତ ଓ ସତର୍କ କରିବାକୁ ପଡ଼ିଲା, ନ ହେଲେ ନିଜେ ତ ଅଡୁଆ ଅବସ୍ଥାରେ ପଡ଼ିଥାନ୍ତା, ମୋତେ ବି ଖରାପ ଅବସ୍ଥାରେ ପକାଇଥାନ୍ତା ।

ତଥାପି ସେ ଅସ୍ୱାଭାବିକ ପରିସ୍ଥିତିଟିଏ ଏଡ଼ି ପାରିଲା ନାହିଁ । ପ୍ରତିଯୋଗିତାରେ ଶାନ୍ତା ପ୍ରଥମ ସ୍ଥାନ ଅଧିକାର କଲା । ଜଗମୋହନ ଏତେ ଖୁସୀ ହେଲା ଯେ ନିଜକୁ ସମ୍ଭାଳି ନ ପାରି ହଠାତ୍ ଛିଡ଼ା ହୋଇ କହିଲା "ଦର୍ଶକମାନଙ୍କ ତରଫରୁ ମୁଁ ଅନୁରୋଧ କରିବି ମିସ୍ ଶାନ୍ତା ଆଉ ଗୋଟିଏ ସଂଗୀତ ପରିବେଷଣ କରନ୍ତୁ । ଦର୍ଶକମାନେ ମଧ ତାର ଏ ପ୍ରସ୍ତାବକୁ କରତାଳି ଦେଇ ସମର୍ଥନ ଜଣାଇଲେ । ଅଗତ୍ୟା ଶାନ୍ତା ଆଉ ଗୋଟିଏ ସଂଗୀତ (ଏ ବେଶ ହୋଇବ ନାହିଁ) ପରିବେଷଣ କଲା । ଅତ୍ୟନ୍ତ ମର୍ମସ୍ପର୍ଶୀ ହେଲା ଗୀତଟି, ଅନ୍ତତଃ ଜଗମୋହନ ପାଇଁ ।

ତହିଁ ପରିଦିନଠୁଁ ଜଗମୋହନ ତନ୍ଦ୍ରାନ୍ୱିତ ଅବସ୍ଥାରେ ରହିଲା । କ'ଣ ହେଲା ବା କ'ଣ କରିବାକୁ ଯାଉଛି ସେ କିଛି ଜାଣି ପାରିଲା ନାହିଁ । ଏକାନ୍ତରେ ମୋତେ କହିଲା, ପ୍ରଥମ ଦର୍ଶନରେ ଶାନ୍ତା ସହିତ ତାର ପ୍ରେମ ହୋଇଯାଇଛି । ଶାନ୍ତାର ଆଖି ଯୋଡ଼ିକ ତାକୁ ମନ୍ତ୍ରମୁଗ୍ଧ କରି ଦେଇଛି । ତାର ନିଜର ଚାହାଣି ଅସ୍ୱଚ୍ଛ ଓ ନିଷ୍ପ୍ରଭ ହେଲା, ଚାଲିଚଳନ ଓ ଭାବଭଙ୍ଗୀରେ ଅନ୍ୟମନସ୍କତା ପରିଲକ୍ଷିତ ହେଲା ।

ଆଶ୍ଚର୍ଯ୍ୟ କଥା, ଶାନ୍ତାର ଆଚରଣରେ ମଧ ଅନୁରୂପ ପରିବର୍ତ୍ତନ ତାର ସାଙ୍ଗସାଥୀ

Digitized by srujanika@gmail.com

କାହିଁକି କଲେଜ ପିଲାଏ ମଧ୍ୟ ଲକ୍ଷ୍ୟକରି ପାରିଲେ । ଗାର୍ଲସ କମନ୍‌ରୁମ୍ ଆଗ ଦେଇ ଜଗମୋହନ ବାରମ୍ବାର ଯିବା ଆସିବା କରିବାର ଯିମିତି ଲକ୍ଷ୍ୟ କରାଗଲା କମନ୍‌ରୁମ୍ ଦରଜା ପାଖରେ ଛିଡ଼ା ରହି ସତୃଷ୍ଣ ନୟନରେ ଜଗମୋହନ ଗତିବିଧିକୁ ଶାନ୍ତା ଲକ୍ଷ୍ୟ କରୁଥିବାର ମଧ୍ୟ ଦେଖାଗଲା । କେତେ ଦିନ ପରେ ଟିଉଟରିଏଲ ରୁଟିନ ବଦଳ ହେଲା ଏବଂ ଜଗମୋହନ ଶାନ୍ତାର ଯେତିକିଯାକ ଟିଉଟରିଏଲ ନେଲା । ଶାନ୍ତାର ସନ୍ଦେହ ମୋଚନ ପାଇଁ ଜଗମୋହନର ଯିମିତି ଆଗ୍ରହ, ସନ୍ଦେହ ଉପସ୍ଥାନ ପାଇଁ ଶାନ୍ତାର ସିମିତି ଔତ୍ସୁକ୍ୟ, କ୍ଲାସରେ ସମସ୍ତେ ନଜର କଲେ । ପିଲାମାନଙ୍କ ଆଖିକୁ କେଉଁ ଝିଅ ବା ଅଧ୍ୟାପକ ଏଡ଼ାଇ ପାରିବ ? ବହି ଆଦାନପ୍ରଦାନ ମଧ୍ୟ ଚାଲିଲା ଦୁହିଁଙ୍କ ମଧ୍ୟରେ । ଏପରିକି କଲେଜ ଫେରିବା ବାଟରେ ଦୁହେଁ କେବେ କିମିତି କଥାବାର୍ତ୍ତା କରୁଥିବାର ମଧ୍ୟ ଦେଖାଗଲା ।

ତା'ପରେ ସହରରେ ଯେଉଁଠି ସାଂସ୍କୃତିକ ଉତ୍ସବ ଅନୁଷ୍ଠିତ ହେଲା ସେଠାକୁ ଗୀତ ଗାଇବା ପାଇଁ ଶାନ୍ତାକୁ ଡକରା ପଡ଼ିଲା ଏବଂ ଜଗମୋହନ ସେସବୁ ଅନୁଷ୍ଠାନରେ ନିଶ୍ଚିତ ଭାବରେ ଉପସ୍ଥିତି ଥିବାର ଦେଖାଗଲା । ତିନିମାସ ଭିତରେ କଥା ଏତେ ଦୂର ଗଲା ଯେ ବ୍ଲାକବୋର୍ଡ଼ କାନ୍ଥ ପାଚେରୀରେ ଦିହିଙ୍କ ନାଆଁ ଯୋଡ଼ା ହୋଇ ଲେଖା ସବୁ ବାହାରିଲା । ଏପରିକି ଅଧ୍ୟକ୍ଷ ଦିହିଙ୍କି ପୃଥକ ଡାକି ତାକିଦ୍ କରିଦେଲେ । ହେଲେ ଝିଅ ବା ପୁଅ କାହାରି ଉପରେ ଏ ତାକିଦ୍‌ର କିଛି ପ୍ରଭାବ ପଡ଼ିଲା ନାହିଁ ।

ଦିନେ ମୁଁ ଜଗମୋହନକୁ ରୋକଠୋକ କହିଲି, "ଜଗମୋହନ ! ତୁ ଏ ଧନ୍ଦା ଛାଡ଼ । କୁକୁର ବିରାଡ଼ି ପରି ଦାଣ୍ଡଘାଟରେ ପ୍ରେମ କରିବା ଛାଡ଼ିଦେ । ଯଦି କବିତା ଲେଖିବା ପାଇଁ ନିହାତି ରୋମାଣ୍ଟିକ ପ୍ରେମ ଦରକାର, ତେବେ ତୁ କବିତା ଲେଖା ଛାଡ଼ିଦେ । ଯଦି ଶାନ୍ତାକୁ ବାହା ହେବାର ଇଚ୍ଛା, ତେବେ ବାପାଙ୍କୁ କହ ସେ ବିବାହର ବ୍ୟବସ୍ଥା କରିଦେବେ । ବାଣୀବିହାରରେ ବି ସେମିତି ଝିଅଙ୍କ ପଛରେ ଲାଗିଥିଲୁ ।

ଜଗମୋହନ କହିଲା, "ମୁଁ ବାପାଙ୍କୁ ଜାଣେ । ସେ ମୋ ପାଇଁ କେଉଁଠି ଏକ ନିପଟ ମଫସଲୀ ଯୋଗାଡ଼ କରୁଥିବେ । ମୁଁ ନିଷ୍ପତ୍ତି କରିଛି ଶାନ୍ତାକୁ ବାହାହେବି, ଏକ କଥା ମୋର– ଶାନ୍ତା ନୁହେଁ ତ ଆଉ କେହି ନୁହେଁ ।

ଗ୍ରୀଷ୍ମ ଛୁଟି ଆସିଲା । ଏମ୍ବାସାଡ଼ାର କାରଟାଏ ଆସି ଜଗମୋହନକୁ ନେଇଗଲା । କଲେଜ ଅଣ୍ଡା ପଡ଼ିଲା । ଆପାତତଃ କୁହୁା ଓ ଗୁଜବର ପରିସମାପ୍ତି ହେଲା । ଛୁଟି ପରେ ଜଗମୋହନ ଆଉ କଲେଜକୁ ଫେରି ନାହିଁ । କେହି ତା କଥା ମନେ ପକାଇଲେ ନାହିଁ । ଛୁଟିରେ ମୋର ବାହାଘର ହେଲା । ନିମନ୍ତ୍ରଣ ପତ୍ରଟାଏ ଦେଇଥିଲି, ସେ ପାଇଲା କି ନାହିଁ ଜାଣିଲି ନାହିଁ । ଏଇ ସାତବର୍ଷ ତା ସାଙ୍ଗରେ ମୋର ସଂପର୍କ ନାହିଁ ।

ଚା' ଚୁମୁକେ ପିଇ ମୁଣ୍ଡଟା ଚା' କପରୁ ଉଠାଇଛି କି ନାହିଁ ଦେଖିଲି ଜଗମୋହନ ବୀର ପରି ପ୍ରବେଶ କରୁଛି । କେବିନ୍‌ର ପରଦାଟା ଟାଣି ଦେଇ ମୋ ସାମନା ଚେୟାରରେ ବସିଗଲା ଓ କ'ଣ ଗୁଡ଼ାଏ ଚଳଖିଆ ବରାଦ କଲା । ଆମେ ଯଥାସମ୍ଭବ ନିରୋଳା ହେଲୁ

Digitized by srujanika@gmail.com

ଏବଂ ସାତବର୍ଷ ବ୍ୟବଧାନର ଦୁଇମୁଣ୍ଡକୁ ଟାଣିଓଟାରି ଯୋଡ଼ିବାକୁ ଚେଷ୍ଟା କଲୁ ।

ଜଗମୋହନ ପ୍ରଥମେ ଆରମ୍ଭ କଲା, "ମୁଁ ଗୋଲାର୍ଦ୍ଧ ବୁଲି ଆସିଲି ଏଇ ସାତ ବର୍ଷରେ । ଇଉଲିସିସ୍‌ର ଭ୍ରମଣ କାହାଣୀ । ଫକୀର ମୋହନରୁ ସୁନ୍ଦରଗଡ଼, ସେଠୁ ସମ୍ବଲପୁର, ତା'ପରେ ବଲାଙ୍ଗୀର ଏବଂ ସେଠୁ ଜୟପୁର ରାଉରକେଲା । ଡି.ପି.ଆଇ. ଙ୍କ ଦୟା ଥିଲେ ଆଉ ସାତ ବର୍ଷକୁ ସର୍କଲ ପୁରା ପୂରିଯିବ ।

"ବୁଲିଲୁଣି ତ ବହୁତ । ଏ ଅନିନ୍ଦ୍ୟ ସୁନ୍ଦରୀ ହେଲେନ୍‌କୁ ଯୋଗାଡ଼ କଲୁ କେଉଁଠୁ ?"

"ମୁଁ ଯୋଗାଡ଼ କରିନାହିଁ । ବାପା ଯୋଗାଡ଼ କରି ଦେଇଛନ୍ତି । ଆମରି ଭୁବନେଶ୍ୱର ପାଖ ଏକ ଗାଁରୁ, ଆମରି ଦୂର ସଂପର୍କିତ ଏକ ସାଧାରଣ ପରିବାରରୁ । ପଢ଼ାପଢ଼ି ବି ସେମିତି କମ୍ ।"

"ସେ କେମିତି ସମ୍ଭବ ହେଲା ? ବାପାଙ୍କ ପସନ୍ଦରେ ତୋରି ବି ପସନ୍ଦ ! ବିନା ପ୍ରେମ, ରୋମାନ୍‌ସରେ ତୁ ବାହାହେବୁ ଏ ଧାରଣା ମୋର ନଥିଲା । ତମେ ସାହିତ୍ୟିକ ଦଳ ଏକ ରୋମାଣ୍ଟିକ ଜାତି । ଲଭ୍ ଏଟ୍ ଫାଷ୍ଟ ସାଇଟ୍, ଆଖୋଁ ଆଖୋଁ ମେ, ଚାରିଚକ୍ଷୁ ମିଳନ ଏମିତି କେତେ କଥା ଅଛି । ପ୍ରଥମେ ଆଖିକୁ ଆଖି, ତା'ପରେ ପ୍ରେମ, ତା'ପରେ ବିବାହ । ବାପା ଯୋଗାଡ଼ କରିବେ, ପୁଅ କିମିତି ବାହା ହେବ ?"

"ସେ ଆଦର୍ଶ ଫକୀରମୋହନ କଲେଜ ପର୍ଯ୍ୟନ୍ତ ଥିଲା । ବାପା ମୋର ସବୁ କାହାଣୀ ଯିମିତି ଶୁଣିଲେ, ସିମିତି ମୋଟର ପଠାଇ ଧରାଇ ନେଲେ ଗ୍ରୀଷ୍ମଛୁଟି ହେବା ଦିନ । ତା'ପରେ ଯେଉଁ ଗାଳି ଭର୍ତ୍ସନା !"

"ବାପାଙ୍କୁ କହିଲୁ ନାହିଁ ତୋର ଇତିବୃତ୍ତି ?"

ମୁଁ କହିଲି ସବୁକଥା ଖୋଲି । କହିଲି, ଝିଅଟି କେଡ଼େ ସୁନ୍ଦରୀ, କେତେ ଗୃହକର୍ମ ନିପୁଣା, ସଂଗୀତପ୍ରିୟା ଏବଂ ସଦ୍‌ବଂଶଜା, ପାହିଆ ଅଛି ମଧ ତା ବାପାଙ୍କର । କହିଲି, ବିବାହ ପାଇଁ ମୁଁ ପ୍ରତିଶ୍ରୁତିବଦ୍ଧ । ମୁଁ ବାହା ନ ହେଲେ ସେ ଝିଅ ପାଗଳୀ ହୋଇଯିବ, ଆତ୍ମହତ୍ୟା କରିପାରେ ମଧ । ବାପା ସବୁ କଥା ଶୁଣିଲେ, ମାତ୍ର ତାଙ୍କଠୁଁ ବଳି ଜିଦ୍‌ଖୋର ପାଷାଣ ହୃଦୟ କେହି ଦୁନିଆରେ ନଥିବେ । ଖୁବ୍ ରାଗିଯାଇ ତାଙ୍କୁ କହିଲି, ତୁମେ ପୁରୁଣାକାଳିଆ ମରହଟ୍ଟି ଲୋକ, ପ୍ରେମ ବୋଲି ଚିଜ ତମ ଅମଳରେ ନ ଥିଲା, ନିଜେ ତମେ ବାଲ୍ୟବିବାହ କରିଥିଲ । ତମେ ଜାଣିପାରିବ ନାହିଁ ଆଧୁନିକ ଯୁଗର ପ୍ରଣୟୀ ହୃଦୟ । କି ଦୁଃଖ କି ଯନ୍ତ୍ରଣା ସେମାନେ ନ ଭୋଗନ୍ତି ଏଇ ପ୍ରେମ ପାଇଁ !"

"ତୋ ବାପା ଠେଙ୍ଗାରେ ତୋ ମୁଣ୍ଡ ଫଟାଇ ଦେଇ ନାହାନ୍ତି ତ ! ଖୁବ୍ ସାହସ ତୋର ଦେଖୁଛି ।"

"ମାଆଙ୍କୁ ମୁଁ କହିଲି, ଯଦି ସେ ଝିଅ ସହିତ ବିବାହରେ ବାପା ରାଜି ନ ହୁଅନ୍ତି ତେବେ ମୁଁ ଘର ଛାଡ଼ି ଚାଲିଯିବି, ନ ହେଲେ କ'ଣ ନା କ'ଣ କରି ବସିବି । ମାଆ ବି

Digitized by srujanika@gmail.com

ବାପାଙ୍କ ପଛରେ ଚାଲିଲେ । ମୁଁ ଏବେ ବି ଆଶ୍ଚର୍ଯ୍ୟ ହେଉଛି ଏ ସବୁ କଥା କିମିତି ସେମାନଙ୍କୁ କହି ପାରିଲି । ମନର ଘୋର ଅନ୍ଧକାରମୟ ଅବସ୍ଥାରେ ମୁଁ କିଂକର୍ତ୍ତବ୍ୟବିମୂଢ଼ ହୋଇ ଯାଇଥିଲି । ମଣିଷ ପ୍ରେମ ନାଆଁରେ ବି.ଏ.,ଏମ.ଏ. ପଢ଼ି ବି ଏମିତି ପାଗଳଙ୍କ ଭଳି ପ୍ରଳାପ କରିପାରେ ?''

''ସେମାନେ ତୋ ବିବାହ କେଉଁଠି ଠିକ୍ କରି ସାରିଥିଲେ ବୋଧହୁଏ ? ନ ହେଲେ ଏମିତି ଏକ ଜିଦିଆ ହୁଅନ୍ତେ ନାହିଁ ।''

''ମୋତେ ସିମିତି ଜଣାଗଲା । ମୋର ସଂକଳ୍ପର ଦୃଢ଼ତା ଅନୁଭବ କରି ସେମାନେ ଅନନ୍ୟୋପାୟ ହୋଇ ମୋତେ ଗାଡ଼ିରେ ନେଇ ଏକ ଦୂର ସଂପର୍କିତା ମାଉସୀ ଘରେ ଛାଡ଼ିଦେଲେ । ମୋର ମନର ଅବସ୍ଥା ସେତେବେଳକୁ କହିଲେ ନ ସରେ । ଚିନ୍ତା ମୋ ଛାତିକୁ କୋରି ଦେଉଥାଏ । ମଉସା ମାଉସୀ ମୋତେ ବହୁତ ବୁଝାଇଲେ ଏବଂ ଯେଉଁ ଝିଅ ସହିତ ମୋର ବିବାହ ସ୍ଥିର ହୋଇଛି ତାରି କଥା କହିଲେ । ତାଙ୍କ ମତରେ ବିବାହ ସବୁ ଦୃଷ୍ଟିରୁ କାମ୍ୟ । ଗରିବ ଘର; ହେଲେ ଟଙ୍କା ଆମର କ'ଣ ଦରକାର ? ମୁଁ ସେମାନଙ୍କ ପ୍ରତି କଥାର ଉତ୍ତରରେ ଶାନ୍ତାର ରୂପ-ଗୁଣର ଉଲ୍ଲେଖ କରୁଥାଏଁ । ଶେଷରେ ସେମାନେ ବି ଉଦ୍ବ୍ୟସ୍ତ ହେଲେ ଏବଂ ଘରଛାଡ଼ି ଚନ୍ଦନଯାତ୍ରା ଦେଖିବା ଆଳରେ ପୁରୀ ଚାଲିଗଲେ ମୋତେ ଆଉ ମୋର ସେହି ଦୂର ସଂପର୍କିତା ଭଉଣୀ ରତ୍ନା ସହିତ ଛାଡ଼ି ଦେଇ, ଯାହା ସାଙ୍ଗରେ ସେମାନେ ମୋର ବିବାହ ସ୍ଥିର କରିଥିଲେ ।

''ତା'ପରେ ଚାରିଚକ୍ଷୁର ମିଳନ ?''

''ଥଟ୍ଟା ୧୦ ନାହିଁ । ଜୀବନ ମରଣ ସମସ୍ୟା । ସେମାନେ ସେ ଝିଅକୁ ଇଙ୍ଗିତ ଦେଇଥିଲେ ବୋଧହୁଏ । ରତ୍ନା ମୋତେ ସହଜରେ ଜିଣିନେଲା, କିଣିନେଲା । ମଉସା ମାଉସୀ ଫେରିଲାବେଳକୁ ମୁଁ ବିବାହରେ ସମ୍ମତି ଦେଲି ଏବଂ ଦେବସ୍ନାନ ପୂର୍ଣ୍ଣିମାରେ ଆମର ବିବାହ ସଂପନ୍ନ ହେଲା ।''

''ଆଉ ଶାନ୍ତା ଅବଚେତନ ଅଚେତନ ସ୍ତରକୁ ଚାଲିଗଲା । ତୁ ଏମିତି ପ୍ରେମିକ ! ବନ୍ଧୁ ଆକାରରେ ମୋତେ ନିମନ୍ତ୍ରଣ ପତ୍ର ଖଣ୍ଡିଏ ବି ଦେଲୁନି ? ତୁ ଭାରି ସ୍ୱାର୍ଥପର । ଶାନ୍ତାର କ'ଣ ହେଲା ସେ କଥା କେବେ ଜାଣିବାର ଚେଷ୍ଟା ବି କଲୁନି ?''

''ସବୁ କାମ ତରବରରେ ହେଲା, ସେମାନେ ସବୁ ବ୍ୟବସ୍ଥା କଲେ, ମୋର ତହିଁରେ କର୍ତ୍ତୃତ୍ୱ ନଥିଲା । ଶାନ୍ତା କଥା ଭାବିଲେ ମୋତେ ଲାଜ ମାଡ଼ୁଛି ମୁଁ କିମିତି ଏତେ ଶୀଘ୍ର ତାକୁ ଭୁଲିଗଲି ।''

''ଆଚ୍ଛା ! ତୁ ତୋ ରତ୍ନାକୁ ଏ ପ୍ରେମକାହାଣୀ କହିଛୁ ? ତୁ କିମିତି ଆତ୍ମହତ୍ୟା କରିବାକୁ ଯାଇଥିଲୁ; କହି ନଥିବୁ ବୋଧହୁଏ ।''

''ସବୁ କହିଛି ଏବଂ ଚପଳତା ପାଇଁ କ୍ଷମା ମଧ୍ୟ ମାଗିଛି ।''

''ତୁ ତେବେ ବେଶ୍ ସୁଖୀ ଅଛୁ ? ଭଲ ଅଛୁ ?''

Digitized by srujanika@gmail.com

"ଭଲ ମାନେ ? ମୁଁ ଏକପ୍ରକାର ସ୍ୱର୍ଗରେ ଅଛି । ରତ୍ନା ମୋତେ ରଜା କରି ଦେଇଛି । ମୁଁ ଯେ କୁଆଡ଼େ ଭାସି ଯାଇଥିଲି ।"

"ଜଗମୋହନ ! ତୁ ପରମ ସୌଭାଗ୍ୟବନ୍ତ ଲୋକ । ରତ୍ନା ଭଳି ସ୍ତ୍ରୀ, ଅଶ୍ୱିନୀ କୁମାର ପରି ପୁଅ, ପୁଣି ତାଙ୍କ ନାଆଁ ? ଶାନ୍ତୀଙ୍କ ?"

"ପଦ୍ମା ।"

"ବାଃ ! ପଦ୍ମ ଫୁଲଟି ତ ! ଦେଖ ଜଗମୋହନ, ଶାନ୍ତାଠୁ ପ୍ରେମ ଆରମ୍ଭ ହୋଇ ଯିମିତି ଶେଷ ହେଲା, ସିମିତି ରତ୍ନାଠି ଆରମ୍ଭ ହେଇ ପଦ୍ମାଠି ଯିମିତି ଶେଷ ନ ହୁଏ । ତୋର ପ୍ରଥମ ଦର୍ଶନରେ ପ୍ରେମ ଦ୍ୱିତୀୟ ଦର୍ଶନ ବେଳକୁ ନଥାଏ ।"

"ଅଚ୍ଛା ଟିକିଏ ବେଶି ହୋଇ ଯାଉଛି । ଛାଡ଼ ବାଜେ କଥା । ସୁନ୍ଦରଗଡ଼ରେ ଆମର ପ୍ରଥମ; ବଲାଙ୍ଗୀରରେ ଦ୍ୱିତୀୟର ଜନ୍ମ ।"

ଜଗମୋହନ ଆଉ କପେ ଚା' ବରାଦ କଲା । କହିଲା, ମୁଁ ତ ଚୁମ୍ବକରେ ମୋ କଥା ସବୁ କହିଗଲି । ତୋତେ ମନେମନେ ମୁଁ ବହୁତ ଖୋଜୁଥିଲି, ଆଜି ପାଇଗଲି । ଛାତି ଉଶ୍ୱାସ ହେଲା । ଆବେଗରେ ଭାସି ଯାଇ ତୋ କଥା କିଛି ପଚାରି ନାହିଁ । ମୋତେ ଆଗ କହ ତୁ ଏଠି କିମିତି ?"

"ମୁଁ ବଦଳି ହୋଇ ଆସିଛି । ଦୁଇଦିନ ହେଲା ଆସିଲି ଏଇ କଲେଜକୁ । ଏ ବର୍ଷ ଏଠି ଆର୍ଟସ ଖୋଲିଛି । ସୋମବାର ଦିନ ଜଏନ୍ କରିବି ।"

"ତୁ କ'ଣ ଏଇ ସାତ ବର୍ଷ ଯାକ ସେଇ ଏଫ.ଏମ୍. ରେ ଥିଲୁ ?"

"ହଁ, ଦଶ ବର୍ଷ ରହିବା ଲୋକ ବି ଅଛନ୍ତି । ଧରାଧରି..."

"ରହିବୁ କେଉଁଠି ? ଘର ପାଇଛୁ ? ଏଠି ଘର ପାଇବା ବଡ଼ ମୁସ୍କିଲ ପାଠ । ଯଦି ବା ମିଳେ ଭଡ଼ା ଖୁବ୍ ବେଶି ।"

"ମୁଁ ଜାଣେ । ଏଠି ସାନଭାଇ ଅଛି । ଉଣେଇଶ ନମ୍ବରରେ ।"

"ଘର କଥା ତ କିଛି କହିଲୁ ନାହିଁ ?"

"କହିବାର କ'ଣ ଅଛି ? ସବୁ ମାମୁଲି ।"

"ତଥାପି ।"

"ତଥାପି ଫେର୍ କ'ଣ ? ଜଗମୋହନ, ତୁ ଭଲ କରି ଜାଣିଚୁ ମୁଁ କେମିତି ମଣିଷ । ପୂରାପୂରି ଏଣ୍ଟି ରୋମାଣ୍ଟିକ୍ । ମୋ ଜୀବନରେ ରୋମାନ୍ସ ନାହିଁ । ଯାକୁ ଛାଡ଼ି ତାକୁ ଧର ବିଚାର ନାହିଁ । ପୂରା ଗଦ୍ୟମୟ ମୋ ଜୀବନ । ଜଣେ ସାହେବ ଲୋକ କହିଛି ପ୍ରତି ପଚାଶ ଜଣରେ କେବଳ ଜଣେ ଲୋକ ଜୀବନରେ କେବେ କବିତାର ନାମ ଧରେ ନାହିଁ । ସେ ଜଣକ ହେଉଛି ଅର୍ଥନୀତିର ଅଧାପକ ।

"ତୁ ନିଜକୁ ଗାଳି ଦେଉଛୁ ନା ମୋତେ ଗାଳି ଦେଉଛୁ ? ଏଥର ଦୟା କରି ଘର କଥା କହ ।"

Digitized by srujanika@gmail.com

"ତୋତେ ପ୍ରଥମେ ଆଶ୍ଚର୍ଯ୍ୟ ଲାଗିବ ଏ ଲୋକଟା ପ୍ରେମ ନ କରି କିପରି ବାହାହେଲା । ତେବେ ତୁ ତ ନିଜେ ଚୋରଜବରଦସ୍ତ ବିବାହରେ ଖୁବ୍ ସୁଖୀ ଅଛୁ ବୋଲି କହିଲୁ । ମୋର ବି ବିବାହ ବାପା ମାଆ ବନ୍ଦୋବସ୍ତ କରିଛନ୍ତି । ମୋର ଥିଓରି ହେଲା, ଜଣେ ନାରୀ ଆଉ ଜଣକ ପରି ଭଲ ଅଥବା ଖରାପ । ଭାଗ୍ୟ ସବୁ । ବିନା ଚକ୍ଷୁରେ ତ ଅନ୍ଧ ଅନ୍ଧୁଣୀ ସୁଖୀ । ଆଗ ସେକ୍ସ ତା'ପରେ ପ୍ରେମ ।"

"ତୁ ମୋତେ ଦେଖି ଟିକିଏ ଅଫ୍ ମୁଡ୍ ହୋଇଗଲୁ ବୋଧହୁଏ । ମୁଁ ତୋ ଘରସଂସାର ପିଲାପିଲି କଥା ପଚାରୁଛି ତୁ ମୋତେ ଗାଳି ଦେଇ ଚାଲିଛୁ ।"

"ଶୁଣ ତେବେ । ମୁଁ ବି.ଏ. ପଢୁଥିବା ଗୋଟିଏ ଝିଅକୁ ବାହା ହୋଇଛି । ଦେଖିବାକୁ ତୋ ଆଖିରେ ଖୁବ୍ ରୋମାଣ୍ଟିକ୍ ହେଲେ ବି ମୋ ଆଖିରେ 'ମନ୍ଦ ନୁହେଁ' କିସମର । ଆମର ବି ଦୁଇପୁଅ । ହଠାତ୍ ବାହାଘର ହୋଇଗଲା । ଯେଉଁ ଗ୍ରୀଷ୍ମଛୁଟିରେ ଆମେ କଲେଜ ଛାଡ଼ିଲୁ ସେଇ ଛୁଟିରେ । ଶୁଣି ଆଶ୍ଚର୍ଯ୍ୟ ହେବୁ ତୋ ଶାନ୍ତାର ବି ସେଇଦିନ ବାହାଘର ହୋଇଗଲା । ନିମନ୍ତ୍ରଣ ପଠାଇଥିଲି । ଗ୍ରୀଷ୍ମଛୁଟିରେ କିଏ ଫୋପାଡ଼ି ଦେଇଥିବ ।"

"ଶାନ୍ତାର ବାହାଘର ! କେଉଁଠି, କାହାକୁ ବାହା ହେଲା ।"

"ପୁରୁଣା ପ୍ରକୃତି ତୋର ଏବେ ବି ଛାଡ଼ି ନାହିଁ । ସେ ବାହା ହେଲାଣି, ପିଲାଝିଲା ଜନ୍ମ କଲାଣି ହୁଏତ ପର ଘରେ ଯାଇ । ତୁ ନିଜେ ଏଡ଼େ ସୁନ୍ଦର ସ୍ତ୍ରୀ ପାଇଛୁ, ଶାନ୍ତି ପାଇଛୁ, ତଥାପି ଶାନ୍ତା ନାଆଁଟା ଶୁଣିଲା ବେଳକୁ ଏମିତି ଅଧୈର୍ଯ୍ୟ ହେଉଛୁ, ଉଲୁସି ଉଠୁଛୁ ! ଦେଖୁଛି ତାକୁ ପାଇଲେ ଏହିକ୍ଷଣି ନିଜ ସ୍ତ୍ରୀକୁ ଛାଡ଼ି ତାକୁ ବାହା ହୋଇ ପଡ଼ିବୁ ।"

"ଶାନ୍ତାକୁ ମୁଁ ପୂରା ଭୁଲିଯାଇଛି । ସତରେ କେଡ଼େ ଆଶ୍ଚର୍ଯ୍ୟ !"

"ତେବେ ଆଉ କାହିଁକି ଶାନ୍ତା କଥା ? ନିଜ ସ୍ତ୍ରୀ ପ୍ରତି ଦ୍ରୋହ ଆଚରଣ ହେବ । ଏତିକି ଜାଣିଥା', ସେ ଯେଉଁଠି ଅଛି ରହ୍ନା ପରି ଭଲରେ ଅଛି । ତୁ ତ ତାର ସର୍ବନାଶ କରି ଦେଇଥିଲୁ ପ୍ରାୟ । ବାହା ହୋଇ ଶାନ୍ତା କ'ଣ ତୋତେ ଆଉ ମନେ ପକାଉଥିବ ଭାବୁଛୁ ? ଏତିକି ହେଉ ତା' ବିଷୟରେ ।"

ତା' ଖିଆ ସରିଲା । ଆମେ ଉଠିଲୁ । ଜଗମୋହନ ଗଲାବେଳେ କହିଲା "ଆଜି ଏତିକି । କାଲି ଶନିବାର ଅଛି । ଠିକଣାଟା ଦେ । ଦେଖେଁ ଯଦି ତୋ ଘରକୁ ଯାଇ ପାରିବି ।"

"ପାରିବି କ'ଣ କହୁଛୁ ? ଆସିବୁ ତ । ମିସେସ୍‌କୁ ଧରି କାଲି ପାଞ୍ଚଟାକୁ । ତା'କୁ ନିମନ୍ତ୍ରଣ ରହିଲା, ସାଲିପୁର ମିଠା ଯେତେ ଖାଇବୁ ଦେବି । ମୁଁ ଅପେକ୍ଷା କରିଥିବି । ମୋର କ୍ୱାଟର ନମ୍ବର ୧୪୭, ଏ ବ୍ଲକ, ସେକ୍ଟର ନାଇନିଟିନ୍ ।"

ତହିଁ ପରଦିନ ଠିକ୍ ପାଞ୍ଚଟାରେ ଜଗମୋହନ ଓ ତାର ସ୍ତ୍ରୀ ପହଞ୍ଚିଲେ । ଜଗମୋହନକୁ ମୁଁ ଭର୍ତ୍ସନା କଲି କାହିଁକି ସେ ତା' ଦୁଇ ପୁଅକୁ ସାଙ୍ଗରେ ନ ଆଣିଲା ।

ଡ୍ରଇଁ ରୁମ୍‌ରେ ସେମାନେ ବସିଲେ । ଘର ଭିତରକୁ ପଶିଯାଇ ତା' ଜଳଖିଆର

Digitized by srujanika@gmail.com

ବ୍ୟବସ୍ଥା କରି ଆଣିବାକୁ କହି ଆସିଲି ।

କୁଶଳ ମଙ୍ଗଳ ପ୍ରଶ୍ନୋତ୍ତର ପରେ ମୁଁ ଗାମ୍ଭୀର୍ଯ୍ୟର ଛଳ କରି ଆରମ୍ଭ କଲି ରତ୍ନା ଦେବୀଙ୍କୁ ଚାହିଁ– "ଆପଣ ଏ ମୂର୍ତ୍ତିକୁ ଚିହ୍ନିଲେଣି ? ଭଲ କରି ତାକୁ ଜାଣିଲେଣି ?"

ରତ୍ନାଦେବୀ କହିଲେ, "ସାତ ବର୍ଷରେ ଯାହା ଜାଣିଛି ।"

"କ'ଣ ଜାଣିଛନ୍ତି ? କାଲି କେଣ୍ଟିନ୍‌ରେ ଦେଖା ହେଲାବେଳେ 'ଶାନ୍ତା' 'ଶାନ୍ତା' ଭଜୁଥିଲା । ଶାନ୍ତା କିଏ ଜାଣନ୍ତି ?'

"ଜାଣେ ଯାଙ୍କର..."

"ସେତିକି କ'ଣ ଯଥେଷ୍ଟ ? ତାଙ୍କର ସମସ୍ତ କ୍ରିୟାକାଣ୍ଡ ଜଣାଅଛି ? ଯାଙ୍କୁ କେବେ ହାତଛଡ଼ା କରିବେନି । ଗଣ୍ଠି ଫିଟିଛି ତ ପାଇବେ ନାହିଁ । ମହା ରୋମାଣ୍ଟିକ୍ ଲୋକ । ଆଖି ଦି'ଟା ସହିତ ଆଉ କେଉଁଠି କେବେ କାହା ଆଖି ମିଳିଛି ତ ରକ୍ଷା ନାହିଁ । ଯାଙ୍କୁ ନେଇ ଘରସଂସାର କରି ପାରୁଛନ୍ତି ତ । ରୋମାଣ୍ଟିସିଜିମ୍ ଏକ ରୋଗ ।"

"ଜାଣେ । ଏ ଯାକେ ଠିକ୍ ଚାଲିଛି ତ । ପଛକୁ କ'ଣ ହେବ କିଏ କହିବ ?"

"କିମିତି ସମ୍ଭବ ହେଲା ?"

"ଡେଣା କାଟି ଦେଲେ ଚଢ଼େଇ କେତେ ଦୂର ଉଡ଼ିବ ?"

ଜଗମୋହନ ମୋ ଆଡ଼କୁ ସନ୍ଦିଗ୍ଧ ଚକ୍ଷୁରେ ଚାହିଁଲା, ସତେ ଯିମିତି ଚାହୁଁଥିଲା ଏ ସବୁ କଥାର ଅବତାରଣା କାହିଁକି ?

ମୁଁ ପୁଣି ଆରମ୍ଭ କଲି, "ଆପଣ ଏତିକି ଜାଣିଥାନ୍ତୁ, ଏଇ ଜଗମୋହନ ଦିନେ ଗୋଟିଏ ଜୀବନ ନଷ୍ଟ କରି ଦେଉଥିଲା । ଚାରି ମାସ ଧରି କଲେଜ ହୁଲସ୍ଥୁଲ । ଦିନରାତି 'ଶାନ୍ତା' 'ଶାନ୍ତା' ଭଜି ଆତ୍ମହତ୍ୟା କରିବ ବୋଲି ପ୍ରତିଶ୍ରୁତି ଦେଉଥିଲା । ସେ ଝିଅ ବି କୁଆଡ଼େ ପାଖରେ ଟିକ୍-ଟୁଏଣ୍ଟି ରଖିଥିଲା । ଯେତେ ବୁଝାଇଲେ କେହି କାହାକୁ ଛାଡ଼ିବାକୁ ପ୍ରସ୍ତୁତ ନଥିଲେ । ସେ ଝିଅର ବଦନାମ ହୋଇଗଲା । ଏତେ ବଦନାମ ଥିବା ଝିଅକୁ କିଏ ବାହାହେବ ?

"ଆପଣ ତ ଜାଣିଥିବେ ସେ ଝିଅ ବାହା ହେଲାଣି ନା ନାହିଁ ?"

"ବାହା ହେଲା ପରା । କାଲି ଜଗମୋହନକୁ କହିଛି, ମୋ ବାହାଘର ଦିନ ତା'ର ବି ବାହାଘର । ହେଲେ ତା'ର ବାପାକୁ ନଗଦ ଦଶ ହଜାର ଓ ସ୍କୁଟରଟାଏ ଜୋଇଁକି ଦେବାକୁ ପଡ଼ିଲା ।"

ଜଗମୋହନ ପଚାରିଲା, "କିଏ ସେ ଜୋଇଁ ? କ'ଣ କରନ୍ତି ?"

"ପୁଣି ଆଗ୍ରହ ! ତୋ'ର ଠିକ୍ ଓଲଟା ପ୍ରକୃତିର ଲୋକକୁ ସେ ବାହା ହେବାକୁ ବାଧ ହେଲା । ଦେଖିବାକୁ ଅସୁନ୍ଦର, ନିହାତି ମଫସଲୀ କହିଲେ ଚଳେ । ସିନେମା, ଥିଏଟର, ନାଚଗୀତ, ତାମସା କିଛି ସେ ଭଲ ପାଏ ନାହିଁ । ଯାହାକୁ କହନ୍ତି ନିପଟ ପ୍ରୋଭାଇକ୍ । ବିଚାରୀ ! ଜୀବନଟା ତାର ନଷ୍ଟ ହୋଇଗଲା ।"

Digitized by srujanika@gmail.com

ରତ୍ନାଦେବୀ କହିଲେ, ''ଠିକ୍ ହୋଇଛି । ଝିଅର ଯିମିତି ପ୍ରକୃତି ସେମିତି ଫଳ ସେ ପାଇଛି ।''

ଏତିକିବେଳେ ଚା'ଢକଖିଆ ନେଇ ମୋ ସ୍ତ୍ରୀ ପ୍ରବେଶ କଲେ । ଯେମିତି ଜଗମୋହନକୁ ଦେଖି ଦେଇଛନ୍ତି, ସେମିତି ସେ ଚମକି ପଡ଼ିଲେ ଏବଂ ସିଙ୍ଗଡ଼ା ଗୋଟାଏ ଦୁଇଟା ତଳେ ପଡ଼ିଗଲା ଓ ଚା' କପରୁ ଉଛୁଳି ପ୍ଲେଟରେ ପଡ଼ିଲା । ଜଗମୋହନ ବି ସେମିତି ଚମକିଲେ ଏବଂ ତାଙ୍କ ପାଟିରୁ ବାହାରି ପଡ଼ିଲା ''ଶାନ୍ତା, ତମେ ?''

ମୁଁ କହିଲି, ''ସେ ଏଠାକୁ ଆସିଛନ୍ତି ।''

ଜଗମୋହନ ପଚାରିଲା, ''ଶାନ୍ତା ! ତୁମେ ଏଠି କିମିତି ? କେଉଁଠି ଅଛ ? କିମିତି ଅଛ ?'' ଏମିତି ଏକା ନିଶ୍ୱାସରେ ଗୁଡ଼ାଏ ପ୍ରଶ୍ନ ।

ଶାନ୍ତା କହିଲେ, ''ଯେଉଁଠି ଦେଖୁଛନ୍ତି ସେଇଠି ମୁଁ ଅଛି ଏବଂ ବେଶ୍ ଭଲ ଅଛି ।''

''ଏମାନେ କ'ଣ ସଂପର୍କ ହୁଅନ୍ତି । ଏଠି କ'ଣ କାମ ଥିଲା ?''

''ଏମାନେ ମୋର ଘନିଷ୍ଠ ସଂପର୍କ । ଏଠି ମୋର ଅନେକ କାମ । ୟାଙ୍କରି ପାଖରେ ଥାଏଁ, ଯେଉଁଠାକୁ ବଦଳି ହୁଅନ୍ତି ସେଠାକୁ ଯାଏଁ । ରୋଷେଇ ବାସେଇ କରେଁ, ଛୁଆପିଲା ପାଳେ ।''

ଜଗମୋହନ ପଚାରିଲେ, ''ଆଉ ଗୀତ ଫୀତ ଗାଅ ନାହିଁ ? ପ୍ରୋଢ଼ାଇକ୍ ହୋଇ ଯାଇଛ ବୋଧହୁଏ ।''

''ନା, ନା ଗୀତ ଗାଇ ଦୁଇ ପୁଅକୁ ଶୁଆଏଁ । ୟାଙ୍କୁ ବି ବେଳେବେଳେ ଗୀତ ଗାଇ ଚିଡ଼ାଏଁ, ବିରକ୍ତ କରେଁ । ଗୀତ ତାଙ୍କୁ ଭଲ ଲାଗେ ନାହିଁ ।''

ମୋତେ ଅନାଇ ରତ୍ନାଦେବୀ ପଚାରିଲେ, ''ଆପଣ ଏମିତି ସ୍ତ୍ରୀଙ୍କି ନେଇ ଦିନ କାଟୁଛନ୍ତି କିପରି ? ସିଏ ପରା ଆଉ କାହାପାଇଁ ଆତ୍ମହତ୍ୟା କରିବାକୁ ଯାଇଥିଲେ ? ୟାଙ୍କୁ ସମ୍ଭାଳୁଛନ୍ତି କିପରି ?

''ଡେଣା କାଟି ଦେଇ ଯିମିତି ଆପଣ ସମ୍ଭାଳିଛନ୍ତି ଜଗମୋହନକୁ ।''

''ଜୁଲାଇ ମାସରେ ଆପଣ ଆମକୁ ଏପ୍ରିଲ ଫୁଲ୍ କଲେ ଦେଖୁଛି । ଆଚ୍ଛା, ଆପଣ ତ ଜାଣିଥିଲେ ଶାନ୍ତା କିମିତି ପ୍ରକୃତିର ଝିଅ, ତଥାପି କିମିତି ବାହାହେଲେ ?''

''ତାଙ୍କ ବାପାଙ୍କ ପାଖରୁ ନଗଦ ଦଶହଜାର ଆଉ ସ୍କୁଟରଟାଏ ପାଇଲି ଝିଅର ଦୁଷ୍ଟାମି ଓ ମାଙ୍କଡ଼ାମି ବାବଦ ।''

ଶାନ୍ତା ମୋ ଉପରେ ପଡ଼ି କହିଲେ, ''ମିଛ କହୁଛ । ବାପା ତୁମକୁ କିଛି ଦେଇ ନାହାନ୍ତି ।''

''ତେବେ ସେ ତୁମକୁ କାହିଁକି ବାହାହେଲେ ?''

''ତାଙ୍କୁ ପଚାର ।''

Digitized by srujanika@gmail.com

ମୁଁ କହିଲି, "ଅସଲି କଥା ହେଲା ଯେଉଁ ଝିଅଗୁଡ଼ାକ ପ୍ରଥମ ଜୀବନରେ ଏମିତି ଟିକିଏ ରୋମାଣ୍ଟିକ୍ ବେଆଡ଼ିଆ ହୁଅନ୍ତି, ସେମାନେ ପଛ ଜୀବନରେ ଭାରି ବଢ଼ିଆ ଗୃହିଣୀ ହୁଅନ୍ତି, ବୋଧହୁଏ ନିଜ ଅପକର୍ମର ପ୍ରାୟଶ୍ଚିତ କରିବାକୁ ଯାଇ । ତା'ଛଡ଼ା କେଉଁଝିଅ କେବେ କାହାକୁ ଚାହିଁଦେଲା ବା କାହା ସାଙ୍ଗରେ ପଦେ କଥାବାର୍ତ୍ତା ହେଲା ତାକୁ ଦଣ୍ଡ ଦେବା ବ୍ୟବସ୍ଥା ମୋ ପରି ପ୍ରୋଗ୍ରେସିଭ୍ ଲୋକଦେଇ ହବ ନାହିଁ । ଶାନ୍ତାକୁ ତୁମେ ବାହା ହବ ଜଗମୋହନ ? ମୁଁ ଛାଡ଼ି ଦେବାକୁ ପ୍ରସ୍ତୁତ ।"

"ଯାଃ, କ'ଣ ନା କ'ଣ କହୁଛ, ମଥା ଠିକ୍ ଅଛି ତ ?" ଶାନ୍ତା ମୋତେ କହିଲା ।

"ମୋର ଆପତ୍ତି ନାହିଁ ।" ରତ୍ନା କହିଲେ ।

"ଯାଃ ! କ'ଣ ନା କ'ଣ କହୁଛ, ମଥା ଠିକ୍ ଅଛି ତ ?" ଜଗମୋହନ ଓ ଶାନ୍ତା ପରସ୍ପରକୁ ଚାହିଁଲେ । ଚାରିଚକ୍ଷୁର ପୁଣି ମିଳନ ହେଲା । ମାତ୍ର ସେ ଚାହାଁଣିରେ ପ୍ରେମ ନଥିଲା, ଥିଲା ରହସ୍ୟ ଓ ବିସ୍ମୟ ।

ମୁଁ ରତ୍ନା ଦେବୀ ଆଡ଼କୁ ଚାହିଁ ହୋ ହୋ ହସି କହିଲି, "ଏ ଦୁହେଁ ପରସ୍ପରକୁ ନ ପାଇଲେ କୁଆଡ଼େ ଆତ୍ମହତ୍ୟା କରିବେ ବୋଲି କହୁଥିଲେ ।"

Digitized by srujanika@gmail.com

# କାଠ

ବହୁ ତର୍କବିତର୍କ ପରେ ନିଷ୍ପତ୍ତି ହେଲା ଚିରା କାଠ କିଣିବା ଅପେକ୍ଷା ଗୋଦାମରୁ ଗୋଟା ଗଡ଼ ବା ମୁଣ୍ଡା କାଠ କିଣି ଆଣି ଘରେ ଚିରାଇବା ଲାଭଜନକ ହେବ ।

ତଦନୁଯାୟୀ ଭାରତ କାଠ ଗୋଦାମରୁ ଦୁଇ କୁଇଣ୍ଟାଲ ଗଣ୍ଡି କାଠ ଠେଲାଗାଡ଼ିରେ ଆଣି ଘର ସାମନା ପଡ଼ିଆରେ ପକାଇ ଦେଲି ।

ଗୋଦାମବାଲା କହିଲା, "ଏଇ ଯେଉଁ ଶୁଖିଲା ମୁଣ୍ଡା ଦେଖୁଛନ୍ତି ତାହା ଦୁଇ ବରଷର ପୁରୁଣା; ଶୁଖି ଠଣଠଣ୍ କରୁଛି । ଧଅ କାଠ । ଚିରିଦେଲେ ବାରୁଦ ପରି ଜଳିବ । ବାର ଟଙ୍କା କୁଇଣ୍ଟାଲ, କମ୍ ଦାମର ନେବେ ତ ଶାଳଗଣ୍ଡି ଅଛି; କଞ୍ଚା ପଡ଼ିବ; ଢେଲି ଅଛି; ଧୂଆଁ ହବ ।"

ଜଙ୍ଗଲ ରାଜ୍ୟର ଲୋକ ମୁଁ, ଜାଣିଛି କେଉଁ କାଠ କିମିତି ଜଳେ । ବେଶି ଦାମ୍ ପଡୁ ପଛକେ ଫୁରୁଫୁରୁ ହୋଇ ଜଳିବା କାଠକୁ ପସନ୍ଦ କଲି । ଘର କଣରେ ଅଳନ୍ଧୁ ଜମିବ ନାହିଁ କି ଧୂଆଁରେ ପଙ୍ଖାଗୁଡ଼ିକ କଳା ହେବ ନାହିଁ ।

କିନ୍ତୁ ଆଜକୁ ହପ୍ତାଏ ହେଲା କାଠ ଯେଉଁଠି ସେଇଠି ପଡ଼ିଛି । ଚିରା ହେବାର ନାଆଁ ଗନ୍ଧ ନାହିଁ । ମକର ପର୍ବ ଯୋଗୁଁ ସାନ୍ତାଳଙ୍କ ଦେଖା ଦର୍ଶନ ମିଳୁ ନାହିଁ । ତାଙ୍କର ହାଣ୍ଡିଆ, କୁକୁଡ଼ା ଲଢ଼େଇ, ଧୂମୁଷା ମାଦଳ ସରିବ ନା ମୋ' କାଠ ଚିରା ହେବ !

ଏଣେ ଘରେ ଫାଳିଏ ବୋଲି କାଠ ନାହିଁ । କାଠ କଟା ହେଲେ ଜଳାଯିବ । ଆଜି ରବିବାର, ବେଳ ନଅଟା ହେଲାଣି, ପ୍ରଚଣ୍ଡ କଣିକଣି ଶୀତ ସାଙ୍ଗକୁ ହିମାଳ ପବନ । ବାରଣ୍ଡାରେ ଆରାମ ଚେୟାରଟା ପକାଇ ଖରାକୁ ପିଠି କରି ବସିଥାଏଁ ଏବଂ ଖବର କାଗଜରୁ ଆଦିବାସୀମାନଙ୍କ ପାଇଁ ଗତ ତିରିଶ ବର୍ଷ ଧରି ଆମେ କ'ଣ କ'ଣ କରିଛୁଁ ତା'ର ବିବରଣୀ ଓ ହିସାବକିତାବ ଅନୁଧ୍ୟାନ କରୁଥାଏଁ ।

ହଠାତ୍ ମୋତି ଭୋ ଭୋ ଭୁକି ଉଠିଲା । ଚମକିପଡ଼ି ଦେଖିଲି କାନ୍ଧରେ କୁରାଢ଼ୀ ପକାଇ ଗୋଟାଏ ଦରବୁଢ଼ା କାଠ ଚିରାଳି ସଡ଼କରୁ ମୋ' ଆଡ଼କୁ ଢ଼ଳି ଆସୁଛି । ସିଧା ସାମନାକୁ ଆସି ସେ ପଚାରିଲା, "କାଠ୍ କାଟିବୁ ବାବୁ ?"

ମନେମନେ ଭାବିଲି ବର୍ଷ ବର୍ଷ ଧରି କୋଟି କୋଟି ଟଙ୍କା ଖର୍ଚ୍ଚ କରି ଏମାନଙ୍କୁ ଆମ ସମକକ୍ଷ କରିବାର ଚେଷ୍ଟା କଲୁଁ ସିନା, ଲାଭ କିଛି ହେଲାନି; ଭାଷା ଟିକକ ବି ଶିଖାଇ ପାରିଲୁନି । କହୁଛି କ'ଣ ନା "କାଠ୍ କାଟିବୁ ବାବୁ ?" କି କ୍ରିୟା ! କି କର୍ତ୍ତା !

Digitized by srujanika@gmail.com

ଖଡେଇ ହୋଇ ତା'ରି ଗଳା ସ୍ୱର ଅନୁକରଣ କରି କହିଲି "ହଁ ହଁ, କାଟିବି, କାଟିବି; କେତେ ନବୁ ?"

ସେ କାଠ ଆଡ଼କୁ ଚାହିଁଲା । କହିଲା, ଦୁଇ କୁଇଣ୍ଟାଲ ହବ । ଗୁଦାମରେ ତ ବାବୁ ଆମକୁ ଦୁଇ ଟଙ୍କା କରି ଦଉଛି କୁଇଣ୍ଟାଲ । ଏଇ ବଜାର୍‌ଟାରେ ଗୁଟେ ଦର ନା ଦୁଇଟା ? ତୁ ଚାର୍ ଟଙ୍କା ଦବୁ, ଆର୍ କେତେ ?

"ନାହିଁ, ନାହିଁ; ଚାରିଟଙ୍କା ହବନି, ମୋତେ ବହୁତ ପଡ଼ିଯାଉଛି । ସାଢ଼େ ତିନି ଦେବି, କାଠବାଲା ନେଲା ଚବିଶି, ଠେଲାବାଲା ଚାରି, ତୁ ନବୁ ଚାରି, ବତିଶି ଟଙ୍କା ପଡ଼ିଗଲା । ଗେସ୍ ଚୁଲୀ ତ ବରଂ ଶସ୍ତା ହବ । ତିନି ଟଙ୍କା ଆଠଣାରେ କାଟିବୁ ତ କାଟ୍, ନ ହେଲେ ଚାଲିଯା ।"

ସେ କଅଁଳ ଗଳାରେ କହିଲା, "ତୁ ବି ବାବୁ ଏମିତି କାଠୁଆ ହବୁ ତ ଆମର ଗୁରିବ୍ ନୁକ ବଞ୍ଚିବ କିମିତି ? ଚାରଣା ଆଠଣା ନାଗି ଆମର ସାଙ୍ଗରେ ଝଗଡ଼ା କରିବୁ ? ତତେ ଭଗବାନ୍ ବଡ଼ ନୁକ କରିଛି । କେତେ ପଇସା ତର କେଁଆଡ଼େ ଚାଲିଯାଉଛି । ଆମର ଗରିବ ନୁକ୍‌ର ପେଟ୍‌ରୁ କାଟିଲେ ତର ପେଟ ପୂରିବ ? ଗୁଦାମବାଲା ଗୁଦାମରେ ଚାବି ଦେଇ କରି ପାହାଡ଼କୁ ଗେଲା ବୁଲି ତର ଏଠାକୁ ଆସିଛି, ନ ହେଲେ..."

କଲେଜ ପଢୁଆ ପୁଅ (ଯେ ଜୀବନରେ ପଇସାଟିଏ ବି ରୋଜଗାର କରି ନାହିଁ) ଦରଜା ପାଖରେ ଛିଡ଼ା ହୋଇ ଶୁଣୁଥିଲା । ହଠାତ୍ ତରଳିଯାଇ କହି ପକାଇଲା, "ହେଲା, ହେଲା, ଚୁପ୍‌କର, ଆଉ ଚାରିଅଣା ନବୁ ।"

ପୁଅ ଆଡ଼କୁ କଟ୍‌ମଟ୍ ଚାହିଁ ଇଂରାଜୀରେ କହିଲି, "ପଇସା ତତେ ଶସ୍ତା ହୋଇଛି । ଦେଖିଥାନ୍ତୁ ସେ ସେତିକିରେ କାଟିଥାନ୍ତା କି ନାହିଁ ।" କାଠ କଟାଳିକୁ କହିଲି, "ଯା ଯା ଏଥର କାଟ୍ । ପୁଅ ତ କହିଦେଲାଣି ।"

ଦୁଇ ପରସ୍ତ କରି ଘୋଡ଼ିଥିବା ଅଳପ ଓସାର ନାଲି ଧଡ଼ିର ଶାଢ଼ିଟାକୁ ସେ ଦେହରୁ କାଢ଼ି ପାଖ ବେଗୁନିଆଁ ଗଛ ଡାଳରେ ଲଟକାଇ ଦେଲା । କାନିର ଗଣ୍ଠି ଫିଟାଇ ଦୋକତା ଚୂନ ବାହାର କରି କଳରେ ଜାକି କୁରାଢ଼ୀ ଧଇଲା ।

ବୟସ ଓ ଚେହେରାରୁ ତା'ର ପାରିବାର ପଣିଆଁରେ ମୋର ଘୋର ସନ୍ଦେହ ହେଲା । ଭାବିଲି, ଲୋଭରେ କାମ ଧରିଛି ସିନା, ଦି'ଦିନ ଲାଗିବ କାଟିବାକୁ ।

ଗୋଟାଏ ଗଡ଼ ଉପରେ ଲମ୍ୱେ ଲମ୍ବ ଆଉ ଗୋଟାଏ ଗଣ୍ଡିରଖି ମାରିଲା ପ୍ରଥମ ଚୋଟ । ପ୍ରାୟ ଦୁଇ ଇଞ୍ଚ ଭିତରକୁ କୁରାଢ଼ୀଟା ଭେଦି ଗଲା । ଟାଣି ବାହାର କରିବାକୁ କଷ୍ଟ ହେଲା ତାକୁ ।

ପଚାରିଲି : କାଠ କିମିତି ଦେଖୁଛୁ ? ଭଲ ଜଳିବ ନା ?

ସେ କହିଲା, "କାଠ ଭଲ୍ ଯେ ବାବୁ ! ହେଲେ ତର ନାଭ, ମର ନୁକ୍‌ସାନ । ଦେଖ୍‌ନା କାଠ କିମିତି ବାଙ୍କୁଆ, ଗଣ୍ଠିଆ । ଯେତିକି ଚେମଡ଼ ସେତିକି ଟାଣ । ଧଅ କାଠ

Digitized by srujanika@gmail.com

ବାବୁ ! କୁରାଢ଼ୀ ବାଙ୍କିଯିବ । ଆମର ଗୁଦାମରେ ତ ଏଗା ଦୁଇ ବରଷ ପଡ଼ିଥିଲା । କେହି ନେଲା ନାହିଁ, କେହି କାଟିତେ ଖୁଛେ ନାହିଁ, ଭଲ ଜଳିବ । ହେଲେ ଯିଏ କାଟିବ ତା'ର ହାତ ଫୁଟୁକା ହେଇଯିବ, ଚମଡ଼ା ଛାଡ଼ିଯିବ ।''

ଆଉ ପାହାରେ ହେଲା । ଠିକ୍ ଜାଗାରେ ମାଡ଼ ବସିଲା । ପୁଣି ପାହାରେ । ଫାଳିଏ କାଠ ଖଣ୍ଡେ ଦୂରରେ ଛିଟିକି ପଡ଼ିଲା ଘୂରିଘୂରି ।

ମୁହୂର୍ତ୍ତେ ଅପେକ୍ଷା ନ କରି କହିଲି, ''ଏତେ ବଡ଼ ଫାଳ କରିବୁ ନାହିଁ । ଆମର ଚୁଲୀ ସାନ । ଆହୁରି ଛୋଟ, ପତଳା କରିଦେ ।''

ତାଚ୍ଛିଲ୍ୟରେ ମୋ ଆଡ଼କୁ ଚାହିଁ ସେ କହିଲା, ''ଏ ବାବୁ ! ତୁ ଚୁପ୍‌କରି ବସିଥା ନା । ଦେଖ୍, ମୁଁ ଠିକ୍ ସାଇଜ କରି ଦଉଛି କି ନାଇଁ । ଏତେ ବରଷ ଆମର ବଜାରକୁ ଆସିଲା, ତର କାଠ କି ରକମ ଦରକାର ଜାଣେ ନାଇଁ ଭାବିଲୁ ?''

କୌତୂହଳୀ ହୋଇ ପଚାରିଲି, ''କେତେ ବରଷ ହେଲା ବଜାରକୁ ଆସିଲୁ ? କେଉଁଠୁ ଆସିଲୁ ?''

''ମୟୂରଭଞ୍ଜରେ ମର ଘର ବାବୁ ! ବେତନଟୀ ପାଖରେ । ଯୁଦ୍ଧ ଲାଗିଲା ବରଷ ଆମର ରେମୁଣାକୁ ପଳେଇ ଆସିଲା । ମୟୂରଭଞ୍ଜରେ ଦେଢ଼େ ଡାହାଣୀ ଦେବତା, କଞ୍ଚା ଖାଇଦେବେ । ମର ଡ଼ଗର ଡାଗର ପୁଅ ଦୁଇଟା ଆର ଆଗ ତିର୍ଲୋଟା ଏକା ଦିନରେ ମରିଗଲେ । ଜମିଜାଇଗା ଖୋଳିତାଡ଼ି ଯାହା କରିଥିଲା ସବୁ ତୁମର ହାଟୁଆମାନେ ନେଇଗଲା ।''

''ସରକାରଠୁଁ ଜମି ନେଲୁଣି ? ସରକାର ଘର, ଜମି ସବୁ ଦଉଛି, ତୋର ତ ଜମିଜାଇଗା ଘର ଦ୍ୱାର କିଛି ନାହିଁ ।''

''ଦେନା ବାବୁ ଘରଦୁଆର ଜମିଜାଇଗା କରେଇ ଦେ । ଦେଖେଁ କେଢ଼େ ଅଣ୍ଡିଆ ଦେଖେଇ ହେଇଛୁ । ଆମର ଯେତେ ନୁକର ଘର, ଜମି ନାଇଁ ସମସ୍ତଙ୍କୁ ଦେଲେ ତୁମରମାନେ କି କରିବ, କାହିଁ ରହିବ ?''

''ଛୁଆମାନଙ୍କୁ ପାଠ ପଢ଼ଉଛୁ ?''

''ଏ ବାବୁ ! ପାଠ ଶାଠ୍ ତାକୁ ପଢ଼େଇଲେ ତର ସଡ଼ପ କାମ କରିବ କିଏ ? ଜମି ଚଷିଦବ କିଏ ?''

ପରିବାର କଲ୍ୟାଣ ବିଷୟରେ ପଚାରିଲାରୁ ସେ କହିଲା, ''ତୁମର ମାନଙ୍କର ସିନା ବାବୁ ବେଶି ଛୁଆ । ଆମର ଜାତିରେ ଜଣକା ଗୁଟେ ନ ହେଲେ ଦୁଇଟା । ତର ତିରିଲା ଛୁଆପିଲା ତ କାମଦାମ କିଛି କରେନି, ସେଇନାଗି ତ ହଇରାଣ ହଉଛୁ, କଟେଇ ହଉଛୁ ।''

ଏଥର ସେ ମୋତେ ପଚାରିଲା, ''ହେଁ ବାବୁ ! ଆମ୍ଭର ମୟୂରଭଞ୍ଜର ମହାରାଜା ଗେଲାଠୁଁ ଆର୍ ତ ରଜା ନାଇଁ । ଖାଲି ମନ୍ତ୍ରୀ ଆସୁଛବ୍ ଯାଉଛବ୍ । ନାଇଁ ?''

Digitized by srujanika@gmail.com

ଭାବିଲି ଏ ଏକବାଗିଆ ମୂର୍ଖକୁ ହିତକଥା ପଚାରି ବା ଶୁଣାଇ କିଛି ଲାଭ ନାହିଁ । ବରଂ ମୋ କାମ ଧିମେଇ ଯାଉଛି । ତେଣୁ ତା କାଠକଟା ଚାତୁରୀ ଦେଖିବାକୁ ଲାଗିଲି ।

ପୋଖତ ସମାଲୋଚକ ଯିମିତି ଡେଇଁ ପଡ଼ି ଆଧୁନିକ କ୍ଲିଷ୍ଟ, ଅବୋଧ କବିତାକୁ ତନ୍ନତନ୍ନ ବିଶ୍ଳେଷଣ କରି ଅନ୍ତର୍ନିହିତ ସାରତତ୍ତ୍ୱ ପ୍ରକଟ କରନ୍ତି, ଏ କାଠୁରିଆ ବି ସିମିତି ଅତୀବ ଆଗ୍ରହରେ ଗ୍ରନ୍ଥିଳ ଶିରାଳ କାଠକୁ ଛିନ୍ନଭିନ୍ନ କରି ମଞ୍ଜା ବାହାର କରି ଦେଉଛି । ଭଗବାନ ତାର ଶିରାପ୍ରଶିରା ରକ୍ତମାଂସକୁ ଏମିତି ନୈସର୍ଗିକ ଶକ୍ତି ଦେଇ ଗଢ଼ିଛନ୍ତି, ଯିମିତି ଜୀବନସାରା ଏଇ ବୃକ୍ଷରାକ୍ଷସ ଗୁଡ଼ାକୁ ସେ ଖଣ୍ଡ ଖଣ୍ଡ କରି କାଟି ଆନନ୍ଦ ପାଉଥିବ ।

ଦେଖୁଁ ଦେଖୁଁ ସେ ଘଣ୍ଟାଏ ଦେଢ଼ ଘଣ୍ଟା ଭିତରେ ଅଧାଅଧି କାଠ ଚିରିଦେଲା । ଗତଥର ତାରି ଜାତିର ଲୋକଟା କାଠସବୁ ମୋଟା ଲମ୍ୱା ଲମ୍ୱା କରି ଚିରିଥିଲା । ମାସେ ଜାଗାରେ ଅଠାଇଶ ଦିନ ଗଲା । ଏଥର କାମ ଆଦାୟ କରିବାପାଇଁ ନିଜେ ମୁଁ ଜଗି ବସିଛି । ଯିବ କୁଆଡ଼େ ?

ତା' ପାଖକୁ ଯାଇ କେତୁଟା ଫାଳ ଅଲଗା କରି ଦେଇ କହିଲି ''ଏଗୁଡ଼ାକ ପତଳା କରିଦେବୁ ।'' ଯଦିଓ ସେଗୁଡ଼ାକ ଛୋଟ ଛୋଟ ଥିଲା ।

ଲୋକଟା କ୍ରମେ କ୍ରମେ ଥକି ହାଲିଆ ହୋଇଗଲାଣି ବୋଲି ମୋର ଭୟ ହେଲା । ପ୍ରତିଥର ଚୋଟ ସାଙ୍ଗକୁ ତା ପାଟିରୁ ଏଁଃ ଏଁଃ ଶବ୍ଦ ବାହାରୁ ଥାଏ ।

କୌତୂହଳବଶତଃ ତା ହାତରୁ କୁରାଢ଼ୀଟା ନେଇ ଉଠାଇଲି । ବାବା ! କେଡ଼େ ଭାରି ! ଥରେ କାଠଗଣ୍ଡିରେ ଚୋଟେ ପକାଇଲି । ଲକ୍ଷ୍ୟ ସ୍ଥଳର ଆଠ ଆଙ୍ଗୁଳି ଦୂରରେ ଠିକିରି ପଡ଼ିଲା କୁରାଢ଼ୀଟା । ପଚାରିଲି ''କେତେ ଓଜନ ଅଛି ?''

ଡିମା ପଥର ଗୋଟାକରେ କୁରାଢ଼ୀ ମୁନ ପଜାଉ ପଜାଉ ସେ କହିଲା, 'ଦୁଇ କିଲ ନୁହାରେ କରିଛି ବାବୁ ! ଗୁଦାମରଟା ଦୁଇ କିଲ ଆଉ ଅଧେ ।'

ପଚାରିଲି 'ବାର ବାଜିବ । ଆଜି ସାରି ପାରିବୁ ତ ?'

'ତୁ ତ ବାବୁ ଖାଲି ବକରବକର ହେଉଛୁ, ତର କାମ ତୁ କର । ତର କାଠ କେଡ଼େ ଟାଣ ଦେଖିଲୁ ଯେ ।'

ଦେଖିଲି, ତାର ପେଟ ପିଠି ଏକାଠି ଲାଗିଯାଇଛି । ମୋ ପେଟରେ ଯେତେ ଚର୍ବି ତା'ର ଶହେ ଭାଗରୁ ଭାଗେ ଭଲା ତା'ର ଥାଆନ୍ତା । ଭୁଲରେ ପାଟିରୁ ବାହାରି ପଡ଼ିଲା 'ସକାଳୁ କି ଖାଇ କରି ଆସିଛୁ ?'

ଗରିବ ନୁକର ଘରେ କି ଅଛି ଯେ ସକାଳୁ ଉଠି ବସି କରି ଖାଇବ ? ଖାଲି ତୋରାଣି କଂସାଏ ପିଇ କରି ଆସିଛି । ତିଲା ଆଉ ଛୁଆ ଦୁଇଟା ପଖାଳ ମୁଠାଏ ମୁଠାଏ ଖାଇ କରି ସଡ଼ପ୍ କାମକୁ ଗଲା ।

ରୋଷାଇ ଘର ଆଡୁ ଆସୁଥିବା ମହକ ଶୁଙ୍ଘି ମୁଢ଼ି ଆଉ କଷା ମାଉଁସ ଖାଇବି ବୋଲି ଘର ଭିତରକୁ ଗଲି । ଚାକର ପିଲା ଚୈତନ କହିଲା, 'ବାପା ! ଡାକୁ ରୁଟି ଦୁଇଟା

Digitized by srujanika@gmail.com

ଦେବା ? ବଳିଛି ।'

'କୁକୁରକୁ ଦେଲୁନି ? ଏତେ ରୁଟି କରୁଛୁ କାହିଁକି ? ରୁଟି ଦିଖଣ୍ଡର ଦାମ ଚାରଣା । ସେ ସେଇ ଚାରଣା ଛାଡ଼ୁ ନାହିଁ ପରା ।'

'କାଲି ସକାଳର ରୁଟି ବାପା ! ଅସରପା ବୁଲି ଯାଇଛନ୍ତି । କୁକୁର ବି ଛୁଇଁଲା ନାହିଁ ।'

ବାହାରକୁ ଆସି ମୁଢ଼ି, କଷା ମାଉଁସ ପାଟିରେ ପକାଇ ପକାଇ ଶରଧାରେ ପଚାରିଲି 'ରୁଟି ଖାଇବୁ କିରେ ?'

'ଦବୁ ତ ଦେ ବାବୁ ! ତର ଛୁଆପିଲାର ପେଟରୁ ବଳୁଛି ଯଦି ।'

ରୁଟି ଓ ଏଲୁମିନିୟମ ପାଇଖାନା ଲୋଟାରେ ପାଣି, ଚୈତନ ଥୋଇ ଦେଇ ଗଲା । ପାମ୍ପଡ଼ ଚୋବାଇଲା ପରି ରୋଟି ଦୁଇଟା କଡ଼କଡ଼ ଚୋବାଇ ଢକଢକ କରି ପାଣି ଲୋଟାକ ପିଇଗଲା ସେ ଏବଂ ଲୋଟାକୁ ପାଉଁଶରେ ମାଜି ସଫା କରଦେଲା, ଏବଂ ପୁଣି ଚୂନ ଦୋକତା ପାଟିକୁ ପକାଇ ଶେଷ ପ୍ରସ୍ତ କାମ ଧଇଲା ।

କହିଲି, ଦେଖ୍, ମୁଁ ଭାତ ଖାଇବାକୁ ଯାଉଛି । କାଠ ସବୁ ଘର ଭିତରକୁ ବୋହିଦବୁ, ଯଦିଓ କାଠ ବୋହିବା କାମ ତା'ର ନୁହେଁ, ମୋର ।

ସେ କିନ୍ତୁ ତଦଣ୍ଡେ କହିଲା, 'ଏ ବାବୁ ! ମୁଁ କାଟିବି, ତୁ ବୋହିବୁ ? କୁକୁରଟା ବାନ୍ଧିଦେ । କାଠ ଘରଟା ଦେଖା । ଚୈତନ କୁକୁର ବାନ୍ଧି କାଠ ଘର ଦେଖାଇଦେଲା ।

ଗାଧୋଇ ପାଧୋଇ ରବିବାରିଆ ଗରିଷ୍ଠ ଭୋଜନ ପରେ ସିଗାରେଟ୍ ଲଗାଇ ଅଗଣାକୁ ଯାଇ ଦେଖିଲି କାଠ ସବୁ ବଢ଼ିଆ ସଜା ହୋଇ ସାଇତା ହୋଇଛି । ବାହାରକୁ ଯାଇ ଦେଖିଲି ଇଞ୍ଚେ ଦି' ଇଞ୍ଚିଆ ଟୁକୁରା କାଠ ସବୁ ଭିଣି ହୋଇ ପଡ଼ିଛି । ଗୋଟାଇ ଆଣିଲେ ପ୍ରାୟ ଆଠଣାର କାଠ ବାହାରିବ । ବିନା କିରୋସିନିରେ ଚୂଲୀ ଧରାଇ ହେବ । ନିଜେ ଝୁଡ଼ି ଓ ଖରକା ଆଣି ତା ହାତକୁ ବଢ଼ାଇ ଦେଇ କହିଲି, "ଚେନାଚୋପରା ସବୁ ଭଲ କରି ଖରକି ଗୋଟାଇ ଦେ । କୁକୁର ପାଦରେ ଫୁଟିଯିବ । ସେ ଏଇଠି ଖେଳେ ।"

ବିନା ଉତ୍ତର ଆପତ୍ତିରେ ସେ କାମ ବି ସେ କଲା ଏବଂ ବେଗୁନିଆ ଗଛରୁ ଓଢ଼ଣି ଆଣି କୁରାଢ଼ୀ କାନ୍ଧରେ ପକାଇ ଛିଡ଼ା ହେଲା ପାଉଣା ଆଶାରେ ।

ଦି'ଖଣ୍ଡି ଦି'ଟଙ୍କିଆ ନୋଟ୍ ତା ହାତକୁ ବଢ଼ାଇ ଦେଇ କହିଲି "ଦେ ଚାରଣା ପଇସା ।"

ଅସହାୟ ଚକ୍ଷୁରେ ଚାହିଁ ସେ କହିଲା, "ମର୍ ପାଖରେ ପଇସା କାଇଁ ବାବୁ ! ଖାଲି ହାତଟାରେ ତ ସଖାକୁ ଘରୁ ଆସିଲା ।"

ମୋ ଘରେ ଖୁଚୁରା ଯେ ନଥିଲା ତା ନୁହେଁ କିନ୍ତୁ ପଞ୍ଚସ୍ତରି ପଇସା ଦେଉଛି କିଏ ? କହିଲି "ଗୋଟାଏ ନୋଟ୍ ନେଇ ବଜାରରୁ ଭଙ୍ଗେଇ ଆଣ ।"

"ଆଜ ରଇବାର ପରା ବାବୁ ! ଦୁକାନବଜାର ସବୁ ବନ୍ଦ ଯେ । ଚାରଣା

Digitized by srujanika@gmail.com

ପଇସା ଥାଉ ମର ଉପରେ । ଆଉ ମାସକୁ କଟେଇ ନବୁ ।"

"ନା ନା, ସେକଥା ହବ ନାହିଁ । ତୁ ଆସିବୁ ନ ଆସିବୁ କି ବିଶ୍ୱାସ !"

ହାଣ୍ଡିଆ ଖାଇଲେ ଆଖି ଯିମିତି ଲାଲି ହୁଏ ସେମିତି ଆଖିରେ ମୋ ଆଡ଼କୁ ଚାହିଁ ଯୁଗଯୁଗର ସଞ୍ଚିତ ଚାପା କ୍ରୋଧ ବିସ୍ଫୋରଣ କରି ସେ କହିଗଲା, " କି କହିଲୁ ବାବୁ ! କି ବିଶ୍ୱାସ ! ଏତେବେଳ ଯାଏଁ ମତେ ଟେକାଟେକି କରି ଭୁଲେଇ ତୁକେଇ ତର ସବୁ କାମ ଆଦାୟ କରି ନେଲୁ । ମର ଜମିଜାଇଗା ବି ସବୁ ତୁମରମାନେ ନେଲା, ମର ନ କରିବା କାମ ବି କରିଦେଲି । ଦୁଇଟା ଶୁଖିଲା ରୁଟି ଦେଲୁ ଯେ ଭାବିଲୁ ଢେର ଦେଲୁ । କହୁଛୁ 'କି ବିଶ୍ୱାସ ! ଆମର କି ମଣିଷ ନାଇଁ ବଣର ଭାଲୁ ହେଇଛି ? ପଇସାରେ ବଡ଼ ନୁକି ଦେଖେଇ ହେଇଛୁ । ମୁଁ ତର ଚାଲାକି ସବୁ ବୁଝିଛି । ନେ ତର ପଇସା ।

ନୋଟ ଦୁଇଟା ମୋ ଆଡ଼କୁ ଫଡ଼୍‌ଫାଡ଼୍ ଫୋପାଡ଼ି ଦେଇ ମୁହଁ ଥମଥମ କରି ଏକମୁହାଁ ଫାଟକ ପାରିହୋଇ ସଡ଼କ ଧଇଲା ।

ତା'ର ରୁଦ୍ରମୂର୍ତ୍ତି ଦେଖି ସେଇ ମୁହୂର୍ତ୍ତରେ ମୁଁ ଉପଲବ୍ଧି କଲି ଏ ଲୋକଟାକୁ ସଜାଗ ସଚେତନ କରି ଚାଳି ଉସୁକାଇ ମୁଁ ବଡ଼ ଭୁଲ୍ କରିଛି । ଯଦି ସେ ବୁଝି ପାରିବ ଏ ଯାବତ୍ ତା ପ୍ରତି ମୋର ଆଚରଣ ଓ ବ୍ୟବହାରରେ ଆତ୍ମୀୟତା ବା ଆନ୍ତରିକତା ନଥାଇ, ଥିଲା ଖାଲି ସ୍ୱାର୍ଥ ଓ ପ୍ରତାରଣା, ତେବେ ସେ ହୁଏତ ଉତ୍ତ୍ୟକ୍ତ ଓ ଉତ୍‌କ୍ଷିପ୍ତ ହୋଇ ବୁଲି ପଡ଼ିବ । ଥାଉ ଗୋଟାଏ ଧଅ କାଠଗଡ଼ ରହିଗଲା ଭାବି ଦୁଇକେଜିଆ କୁରାଢ଼ୀରେ ହୁଏତ ମୋର ଛାତି ମୁଣ୍ଡକୁ ଚିରି ଦୁଇ ଫାଳ କରିଦବ । ଏ ଭୟାବହ ପରିଣତିର କଳ୍ପନାରେ ଆତଙ୍କିତ ହୋଇ ତତ୍‌କ୍ଷଣାତ୍ ଚୈତନ ହାତରେ ନୋଟ ଦୁଇଟା ତାକୁ ଦେବାପାଇଁ ପଠାଇ ଦେଲି ଏବଂ ଘର ଭିତରକୁ ତରବରରେ ପଶି ଆସି ଧଡ଼୍ କରି କବାଟ ବନ୍ଦକରି ଦେଲି । ସର୍ବାଙ୍ଗ ଝାଳରେ ବୁଡ଼ିଯାଇଥାଏ ।

ND-7, VIP AREA, BBSR ACC No.

SIKSHASANDHAN ACC No. ND-7, VIP AREA, BBSR

Digitized by srujanika@gmail.com

# ଆଈବୁଢ଼ୀ

ପଟ୍ଟନାୟକ ବାବୁ ଦୁଃଖ-ବିରକ୍ତି ମିଶା ଗଳାରେ ଘରୋଇ କଥା ଗପି ଚାଲିଥାନ୍ତି । ''ଦେଖନ୍ତୁ'', ଆମ ଘରେ ଚାରି ପାଞ୍ଚଟା ପିଅନ, ଚପରାସି ସକାଳୁ ସଞ୍ଜ ଦିନରାତି ଖଟୁଛନ୍ତି । କିଏ ପାଣି କାଢୁଛି, କିଏ କାଠ କାଟୁଛି, କିଏ ରୋଷେଇ କରୁଛି, କିଏ ବଜାର କରୁଛି, କିଏ ଘର ପୋଛୁଛି, କିଏ ପିଲାଝିଲାଙ୍କୁ ସାଇକେଲରେ ବସାଇ କନଭେଣ୍ଟ ସ୍କୁଲକୁ ନିଆଅଣା କରୁଛି; ତଥାପି ଆମ ମିସେସ୍‌ଙ୍କ ମନ ମାନୁନାହିଁ, କହୁଛନ୍ତି, 'ଏଗୁରାକୁ ନେଇ ତମେ ଅଫିସ କିମିତି ଚଳାଉଛ, ଗୁରାଏ ଅପଦାର୍ଥ, ବୁଢ଼ା ଅଳସୁଆ, ମୁଁ ଆଉ ପାରିବି ନାହିଁ, ପାଞ୍ଚ ପାଞ୍ଚଟା ପିଲାପିଲିଙ୍କି ନେଇ ଯିବାଆସିବା ତ ସଦାବେଳେ ପୁଣି ଲାଗିଛି, ପ୍ରତିଦିନ ଚାଳିଶ ପଚାଶ କପ୍ ଚା' ତୁମେ ଏଗୁରାକୁ କୁଆଡ଼େ ବଦଳି କରି ଦେଇ ନୂଆ ଲୋକ ଆଣ, ନ ହେଲେ ଘର ଚଳାଅ; ତୁମ ପରି ନରମ ଲୋକ ନେଇ ସରକାର ଯେ କିମିତି ଚାଲିଛି...

ପାଖପଡ଼ୋଶୀ ବାଲ୍ୟବନ୍ଧୁ ଆମର ଏଇ ଅମାୟିକ ଅଫିସରଟିଙ୍କୁ ସାନ୍ତ୍ୱନା ଆଶ୍ୱାସନା ଦେବାପାଇଁ କହିଲି, ''ଆଉ ସେସବୁ କୁହନ୍ତୁ ନାହିଁ, ଆଜିକାଲି ଚାକରବାକର ସମସ୍ୟା ଏମିତି ଉତ୍‌କଟ ହେଲାଣି ଯେ ଚାକାରଚାକରାଣୀଙ୍କ ସହିତ ମିଳିମିଶି ନିଜେ ମୂଲିଆ କାମୁତୁଣୀ ନ ହେଲେ ଘର ଚଳିବ ନାହିଁ । ଆସୁଥିବେ, ଯାଉଥିବେ, ଦିନେ ଦୁଇଦିନ ପରେ ଚଖାଚଖି କରି ଅନ୍ତର୍ଦ୍ଧାନ ହୋଇ ଯାଇଥିବେ ।

ପଚାରିବି ଭାବୁଥିଲି, ''ପଟ୍ଟନାୟକ ବାବୁ ! ଚତୁର୍ଥ ପାହିଆ କର୍ମଚାରୀ ସଂଘ ଏମାନଙ୍କୁ ସମସ୍ତଙ୍କୁ ଆପଣଙ୍କ ଘର କାମ କରିବାକୁ ଦେଉଛି କିପରି ? ଆପଣ ନିଜେ କ୍ଲାସ ଉଆନ୍ ଅଫିସର ହୋଇ ଏଗୁଡ଼ାକୁ ଘର କାମରେ ଲଗାଇଛନ୍ତି କିପରି ?'' ପଚାରିଲି ନାହିଁ ଅପ୍ରିୟ ସତ୍ୟ କଥା । ବରଂ ଯୋଡ଼ିଲି, ''ଆମର ସେ ବୁଢ଼ୀଟା ଗଲା ଦିନରୁ ସାତ ଆଠଟା ଆସିଲେଣି, କିଏ ଦିନେ ତ କିଏ ଓଳିଏ । ହଇରାଣ ହରକତର ସୀମା ନାହିଁ । ନିଜେ ସବୁ କାମ କରୁଛୁଁ, ବାସନ ମାଜୁଛୁଁ, ମସଲା ବାଟୁଛୁ...

କଥା ସେତିକିରେ ରହିଗଲା, ବାହାର ଦରଜା ଜଞ୍ଜିରର ଖଡ୍‌ଖଡ୍ ଶବ୍ଦରେ । ବ୍ଲାକି ମୋ କୋଳରେ ଶୋଇଥିଲା । ଡେଇଁପଡ଼ି କାନକୁ କାନ୍ଧ ଉପରେ ଲମ୍ବାଇ ଶଶା ପରି ଡେଇଁ ଡେଇଁ ଦଉଡ଼ିଲା ଦାଣ୍ଡଦରଜା ପାଖକୁ । ଭୁକିଲା ନାହିଁ । ଚିହ୍ନା ଅଚିହ୍ନା କୁକୁରଗୁଡ଼ାକ ଅକ୍ଳେଶରେ ଜାଣିପାରନ୍ତି ଅଥଚ ଆମେ ନିଜ ଆତ୍ମୀୟସ୍ୱଜନଙ୍କୁ ନ ଦେଖିଲାଯାକେ ଚିହ୍ନି

Digitized by srujanika@gmail.com

ଜାଣି ପାରୁନାହିଁ । ବ୍ଲାକିର ପ୍ରତିକ୍ରିୟାରୁ ମୁଁ ଜାଣିଲି କିଏ ଚିହ୍ନା ଅତିଥି । ସିଧା ତା' ପଛେ ପଛେ ଚାଲିଲି । କଇଁ କଇଁ ହୋଇ ମୋତେ ଶୀଘ୍ର କବାଟ ଫିଟାଇବାକୁ କହୁଥାଏ ନଖରେ କବାଟକୁ ରାମ୍ପି । କିଳିଣି ଫିଟାଇଲି । କବାଟ ଖୋଲିଗଲା । ଆଈବୁଢ଼ୀ ।

ପାଟିରୁ ବାହାରି ପଡ଼ିଲା "ଆସିଗଲୁ ? ସାମାନ୍ୟ ଟିକେ ହସ ଆଖି ଓ ଓଠରେ ଖେଳାଇ ବୁଢ଼ୀ କହିଲା, କହିଥିନି ଆସିମି ବୋଲି, ଆସିମିନି ?"

ବୁଢ଼ୀ ମୋତେ 'ତୁ' 'ତା' କରେ, ପିଲାଙ୍କୁ 'ବେ' 'ବା' କରେ । ଆମ ପରିବାରର ଯୁଗଯୁଗ ଧରି ଅଭିଭାବିକା ଯିମିତି ।

ଘର ଭିତରକୁ ପଶି ଆସି ଆଗ୍ଗୁଳି ଆଗରେ ଛିଡ଼ାହୋଇ ବହୁ କଷ୍ଟରେ ହାତ ପହୁଞ୍ଚାଇ ବୋଲ୍‌ଟାଟାକୁ ଲଗାଇ ଦେଲା ।

ବାଙ୍ଗିରୀ ବୁଢ଼ୀଟା, ମୋର ଛାତିଏରୁ ଊଣା ହେବ । ଝୁରୁଝୁରି ମୁଣ୍ଡୀ । ଧଳା ଚୁଳଗୁଡ଼ାକୁ ରଖି କଳାକୁ ସବୁ ନିର୍ମୂଳ କରି ଦେଇଛି ଯିମିତି । ନାହୀହାଡ଼ କାଟି ତା ମାଆ ଓଠରେ ଘଷି ଯେଉଁ ନାଲି ରଙ୍ଗ ଦେଇଥିଲା, ସେଇ ରଙ୍ଗ ଆଜିଯାକେ ଲାଖି ରହିଛି । ପାନ ଖାଇଲେ ନ ଖାଇଲେ ବି ସେଇ ଏକ ମିଠା ନାଲି ରଙ୍ଗ । ତିନିମାସର ଟିକି ଝିଅଟି ଯେଉଁ ପ୍ରଥମ ହସ ହସିଥିଲା, ତାହା ବୁଢ଼ୀ ହେବାଯାକେ ତାର ଓଠରେ ଲାଖି ରହିଛି । ଜୀବନର ଦୁର୍ଦ୍ଦିନରେ ସାମୟିକ ଲିଭିଲେ ବି ପୁଣି ଫୁଟି ଉଠେ ।

ଦିହ ହଳଦୀ ଗରଗର । ସାଇୟା ବ୍ଲାଉସ୍ କିଛି ନାହିଁ । ଗାରେ ନାଲି ଧଡ଼ିଥିବା ଆଠଗଜୀ ଧୋତିକି ଶୁଆରଙ୍ଗ ସାବୁନ ଦେଇ ରଙ୍ଗ କରି ନେଇଛି । ଆଠ ଆଠୁଟା ଛୁଆଙ୍କୁ ସେ ବେଇଛି, ପେଇଛି, ପାଳିଛି, ବଡ଼ କରିଛି, ବିଭା ଦେଇଛି । ଏବେ ବି ଦିହର ସୁଆଙ୍ଗ ଖଟାଇ ଠୁକୁରୁମୁରୁବ୍ କାମ କରି ପାରୁଛି । ଆଗରୁ ତିନି ଚାରି ଘରେ ଖଟୁଥିଲା । ଏବେ 'ଗତର ପଡ଼ିଆସିଲାରୁ' ସେ କେବଳ ମୋ ଘରେ ବାସନକୁସନ ଦିଖଣ୍ଡ ମାଜୁଥିଲା, ଘର ପୋଛୁଥିଲା, ଲୁଗାପଟା ଧୋଉଥିଲା, କୂଅରୁ କେତେ ବାଲଟି ପାଣି କାଢୁଥିଲା । ଏ ସମସ୍ତ କାମପାଇଁ ମୁଁ ତାକୁ ଦେଉଥିଲି ମାସକୁ ଆଠଟଙ୍କା । ମକର ଆଉ ଦୁର୍ଗାପୂଜାରେ ଦି'ଖଣ୍ଡି ହାତବୁଣା ଧୋତି । ଖାଇବାକୁ ଦିଏନାହିଁ । ଆଜିକାଲି ବଜାରରେ ଦି'ବେଳା ଖାଇବାକୁ ଦେଲେ ମାସକୁ ଶହେ ପଡ଼ିଯିବ, ଲୁଗାପଟା କାଚିଲେ କପେ ଚା' ନ ହେଲେ ମୁଠେ ମୁଢ଼ି ।

ବୁଢ଼ୀ ଭିତରକୁ ଆସୁଛି । ବ୍ଲାକି ତା ଆଗକୁ ଛାଡ଼ିବାକୁ ନାରାଜ । ଖୁସିରେ ଡିଆଁ ମାରୁଛି ତା କାନ୍ଧ ପର୍ଯ୍ୟନ୍ତ । ଅସମ୍ଭାଳରେ କେତେ ଟୋପା ମୂତି ପକେଇଲାଣି ବୁଢ଼ୀର ଲୁଗାରେ । ବୁଢ଼ୀ କହୁଥାଏ, "ହେଲା, ହେଲା ଆଉ କେତେ ଶରଧା କରିବୁ; ଚାଲ ଚାଲ ଘର ଭିତରକୁ ଚାଲ ।" କାନମୁଣ୍ଡ ଆଉଁଷି ଦେଉଁ ଦେଉଁ କହୁଥାଏ "ଆରେ ଆରେ ମୋ ଲୁଗା ଚିରି ଯିବରେ ବ୍ଲାକି ! ପଚା ପୁରୁଣା ଲୁଗାଟା ପରା !" ଏମିତି ସମ୍ବର୍ଦ୍ଧନା ପାଇ ସାରିବା ପରେ ସେ ଘର ଭିତରକୁ ଆସିଲା । ମୋ ପଛକୁ ଦୁଇ ପୁଅ, ତାଙ୍କ ପଛକୁ ବ୍ଲାକି,

Digitized by srujanika@gmail.com

ତା ପଛେ ପଛେ ବୁଢ଼ୀ ।

ଆମ ଶୋଭାଯାତ୍ରା ଦେଖି ପଟ୍ଟନାୟକ ବାବୁଙ୍କୁ ଜଣା ପଡ଼ିଥିବ କୁଇନ୍ ଭିକ୍ଟୋରିଆଙ୍କ ଭାଗ୍ୟରେ ଏମିତି ସୌହାର୍ଦ୍ଦ୍ୟପୂର୍ଣ୍ଣ ସମ୍ବର୍ଦ୍ଧନା ଘଟିନଥିବ । ବୁଢ଼ୀ ତା ନିଜ ଘରେ ବହୁଦିନ ପରେ ପାଦ ଦେଲା ପରି ଭୂଇଁରେ ପାଦ ଜୋରେ ମାଡ଼ି ମାଡ଼ି ସିଧାସଳଖ ଚାଲିଥାଏ । ମୁହଁରେ ବିମଳ ଆନନ୍ଦ ଓ ଗର୍ବ ଖେଳାଇ ।

ପୁଅ ଦୁହେଁ, ଭ୍ଲାକି ଓ ମୁଖ୍ୟ ଅତିଥି ଅଗଣା ଆଡ଼କୁ ଚାଲିଲେ । ପଟ୍ଟନାୟକ ବାବୁ ଆଖି ଡିମା ଠାରି ମୋତେ ଇଙ୍ଗିତ ଦେଲେ "ଆପଣ ତ ରକ୍ଷା ପାଇଲେ, ବୁଢ଼ୀ ଆସିଗଲା ।" ଦଣ୍ଡେ ପରେ ସ୍ଫୀତ ବପୁକୁ ସୋଫାରୁ ଉତ୍ତୋଳିତ କରି ମୋଡ଼ିଭାଙ୍ଗି ହେଇ, କହିଲେ, "ଯାଏଁ, ଘରେ ଚିନ୍ତୁଥିବେ । ବହୁତ ସମୟ ବସିଗଲି ।" ମୁଁ ତାଙ୍କୁ ବାଟ ଦେଖାଇ ଦେଇ ଚାଲିଗଲି ଅଗଣା ଆଡ଼କୁ ।

ଦେଖିଲି ବୁଢ଼ୀ ରୋଷେଇ ଘରୁ ଅଇଁଠା ବାସନକୁସନ ସବୁ ନେଇ କୂଅ ପାଖରେ ମେଲି ଦେଇଛି । ବାଲ୍ଟି ପାଣି କୂଅରୁ କାଢୁଛି । ସାନ ପୁଅ ତା ପାଖରେ ଛିଡ଼ା ହୋଇ ପଚାରୁଛି ତାର ସେଇ ଗୋଟିଏ ପୁରୁଣା ପ୍ରଶ୍ନ 'ଆଈ ! ଆଜି ବର୍ଷା ହବ ନା ? ଆଈବୁଢ଼ୀ ରାଗିବାର ଛଳକରି କହୁଛି "ତୋ ବାପାକୁ ପଚାର । ସେ ସିନା କହିପାରିବ । ପାଠଶାଠ ପଢ଼ିଛି । ମୁଁ ତ ମହାମୁରୁଖ । ଗୁଣିଆଁ ନା ଦିଆସି ନା ଜ୍ୟୋତିଷ ହୋଇଛି ଯେ ମେଘ କଥା କହିମି । ଜହ୍ନରେ ମଣ୍ଡଳ କାଟିଛି, ବର୍ଷା ହବ ବୋଲି ସାଇ ଲୋକ କୁହାକୁହି ହେଉଥିଲେ ।"

ସାନ ପୁଅ ହାତଟା ତା' ଆଡ଼କୁ ବଢ଼ାଇ ଦେଇ ପଚାରିଲା "ଆଈ ! ମୋ ହାତ ଦେଖି କହତ ମୁଁ କେତୁଟା ବାହା ହେବି ?" ବୁଢ଼ୀ ଟିକିଏ ହସିଲା । ମୋତେ ଦେଖି ଟିକିଏ ଲାଜ କରି ଜିଭ କାମୁଡ଼ିଲା ଏବଂ ଓଢ଼ଣାଟାକୁ ଟିକିଏ ଟାଣି ଧୀର ଗଳାରେ କହିଲା, "ବାପା ! ପରଜାପତି ଘଟସୂତ୍ର କଥା ମୁଁ କେମିତ କହିମି ? ଯିଏ ଯାହା ହାଣ୍ଡିରେ ଚାଉଳ ପକାଇଛି ସେ ତାକୁ ବାହା ହବ ।" ଟିକିଏ ହସି ଆଖିମିଟିକା ମାରି ପୁଣି କହିଲା "ତୁ ଯାହାକୁ ଚାହିଁବୁ, ତାକୁ ବାହା ହବୁ, ଯେତେଟା ଚାହିଁବୁ ସେତେଟା ବାହା ହବୁ । ମନ ମାନିଲା ?"

ବଡ଼ ପୁଅ ଫେଚେକା ନୁହେଁ, ବୁଢ଼ୀ ଜାଣେ । ତା ଆଡ଼କୁ ଚାହିଁ ବୁଢ଼ୀ କହିଲା, "ବାପା ! ସେ କାଗଜଫୁଲ ଗଛରେ, ହେନା ଗଛରେ ପାଣି ଢାଳେ ଅଧେ ଦେଲନି ? ମରିଗଲା ଗଛସବୁ ।" ବଗିଚାର ଏ କଣ ସେ କଣକୁ ଚାହିଁ କହିଲା "ଗୋଲାପ ଟବ୍ ଗଲା କୁଆଡ଼େ ?" ମାସ ଗୋଟାକରେ ବଗିଚାଟକୁ ସାରିଦେଲ ବାପା !"

ବାସନକୁସନ, କାପ୍‌ପ୍ଲେଟ୍ ଗୁଡ଼ାକୁ ଖେଳାଉଁ ଖେଳାଉଁ ମୁରୁମୁରୁ ହେଲା ଏବଂ ମୋ ଆଡ଼କୁ ଚାହିଁ କହିଲା ବାପା ଯେ ! ଯେଉଁ ବଡ଼ ବେଲାଟାରେ ତୁ ମୁଢ଼ି ବାଇଗଣ ପୋଡ଼ା ଖାଉଥିଲୁ ସେଇଟା କାହିଁ ? ଲଖନଉରୁ ଯେଉଁ ଚା' ବାସନ ଆଣିଥିଲୁ ତାର ପିଲେଟ୍ ଅଛି କପ୍ କାହିଁ ? ଯେଉଁ ସାନ ଷ୍ଟିଲ ଡାଟିଆରେ ଲେମ୍ବୁ ଆଚାର ଚକଟି ଖାଉଥିଲୁ,

Digitized by srujanika@gmail.com

ସେଟା ବି ତ ଦେଖୁନି ।''

ମୋର ପ୍ରଥମ ଜ୍ଞାନ ଉଦୟ ହେଲା ଯେ ମୋର ପ୍ରିୟ ଚିଜଗୁଡ଼ିକ ବୁଢ଼ୀର ମାସ ଗୋଟାକର ଅନୁପସ୍ଥିତିରେ ଅନ୍ତର୍ଦ୍ଧାନ ହୋଇଯାଇଛନ୍ତି । ଏ ଭିତରେ ସାତ ଆଠଜଣ ବୁଢ଼ୀ, ଟୋକୀ ଆସିଲେଣି, ଗଲେଣି । ଖୋଜି ବସିଲେ ଆହୁରି କେତେ କେତେ ଚିଜ ହୁଏତ ଉଭେଇ ଯାଇଥିବେ । ସରଳ ବିଶ୍ୱାସଠୁଁ ମଣିଷର ବଳି ଶତ୍ରୁ କିଏ ଅଛି ?

ଯେଉଁ ଆଠୋଟି ବର୍ଷ (ମାସକୁ ଆଠୋଟି ଟଙ୍କାରେ) ସେ ରହିଥିଲା, ସେ ଭିତରେ ଆମ ସହିତ କାହିଁକି କୁକୁର, ବିରାଡ଼ି, ଗଛ, ବୁରୁଛ, ବାସନକୁସନ ସମସ୍ତଙ୍କ ସହିତ ତାର ଆତ୍ମୀୟତା ଜମି ଯାଇଥିଲା । ସେଥିପାଇଁ ମୁଁ ବେଳେବେଳେ ବୁଢ଼ୀକୁ କହୁଥିଲି ''ବୁଢ଼ୀ, ତୁ ଆମକୁ ଛାଡ଼ିଗଲେ ଆମେ କ'ଣ କରିବୁଁ ? ଛେଉଣ୍ଡ ହୋଇଯିବୁ ସିନା ।'' ସେ କହୁଥିଲା, ''ମୁଁ ବାପା ଆଉ କେତେଦିନ ବଞ୍ଚିମି ଯେ ତୋ ଘରେ ଖଟିମି ? ମୋ ପୁଅ ଝିଅ ସମସ୍ତେ ମୋତେ ଚିଡ଼ୁଛନି, କହୁଛନି, ଆମେ ଥାଉଁ ଥାଉଁ ତୁ ପର ଘରେ କାମତୁଣୀ ହବୁ, ଆମକୁ ଅପମାନ ହଉଛି । ମୋର ତତେ ଛାଡ଼ି ଯିବାର ଇଚ୍ଛା ନାହିଁ । ମୋର କେଡ଼େ କେଡ଼େ ବିପଦ ପଡ଼ିଯାଇଛି ବାପ ! ତେବେ ତୁ ଲୋକ ଦେଖୁଥା, ଦଶରା ବେଳକୁ ମୁଁ ଚାଲିଯିବି ।''

ଦଶରା ଆସିଲା । ବୁଢ଼ୀ ପାଇଁ ଏଥର ଟିକିଏ ଭଲ ଧୋତି ଆଣିଥିଲି । ବୁଢ଼ୀ ପରସ୍ତ ପରସ୍ତ କରି ଆଙ୍ଗୁଳିରେ ପରଖିଲା । ବେକରୁ ଗୋଡ଼ଯାକେ, ଛାତି ଉପରେ ରଖି ଚଉଡ଼ା ମାପିଲା । ଖୁସିରେ ମୁହଁଟାକୁ କୁଞ୍ଚା କୁଞ୍ଚା କରି କହିଲା; ''ଏତେ ଦାମର ନୁଗା ଆଣିଲୁ ବାପା ! ଆଉ ବଳବଅସ ଅଛି, ନା ସଉକ ଅଛି ?'' ଲୁହ ଛଳଛଳ ଆଖିରେ କହିଲା;''ମୋତେ ତ ସିଏ ମାରିଦେଇ ଯାଇଛି । ଖାଲି ମୋ ଛୁଆପିଲାଙ୍କୁ ଆଉ ତମମାନଙ୍କୁ ଦେଖି ସିନା ବଞ୍ଚିଛି ।''

ଦଶହରା ଗଲା, ବୁଢ଼ୀ ଗଲା ନାହିଁ । କୁଆଁର ପୁନେଇଁ ଆସିଲା । ବୁଢ଼ୀ କାମଦାମ ସାରି ଯିମିତି ପଣସକାଠର ପିଢ଼ାଖଣ୍ଡିକ ପ୍ରତିଦିନ ଆଗରେ ଥୋଇ ପାନ ଭାଙ୍ଗେ, ସେମିତି କଲା । ଏଇ ପିଢ଼ାଖଣ୍ଡି ବାପାମାଆଙ୍କ ଶ୍ରାଦ୍ଧ ଦିନରେ ମୁଁ ବାହାର କରେଁ । କାମକୁ ଆସିଲା ବେଳେ ପୁଟୁଳାରେ ବୁଢ଼ୀ ପାନ ସରଞ୍ଜାମ ସବୁ ଆଣିଥାଏ; ପାନ, ଚୂନ, ଖଇର, ଗୁଆ, ଗୁଣ୍ଡି । ସବୁ କାମ ସାରି ମୁହଁ ହାତ ଭଲ କରି ଧୋଇ ନିଶ୍ଚିନ୍ତ ମନରେ ପିଢ଼ାକୁ ଆଗରେ ଥୋଇ ବସିଥାଏ ଯିମିତି ପୂଜାପଣା କରିବ । ଯେତେବେଳେ ସେ ଘରର ବଡ଼ ବୋହୂ ଥିଲା, ସେତେବେଳେ ଯିମିତି ମୁଣ୍ଡରେ ଓଢ଼ଣା ଦେଇ ସ୍ୱାମୀ, ଶାଶୁଶ୍ୱଶୁର ପାଇଁ ପାନ ଭାଙ୍ଗୁଥିଲା, ଠିକ୍ ସେଇ ଭଙ୍ଗୀରେ, ପିଚା ମାଡ଼ି ଜଙ୍ଘ ପାତି ।

ଖବରକାଗଜରୁ ସମ୍ବାଦଟାଏ ପଢୁଥାଏଁ, ଯହିଁରେ ଲେଖାଥିଲା କିମିତି ଚାକରାଣୀ ଗୃହକର୍ତ୍ତାଙ୍କି ହତ୍ୟା କରିବା ଷଡ଼ଯନ୍ତ୍ରରେ ଲିପ୍ତ ଥିଲା । ବୁଢ଼ୀ ପାନ ଖିଲିକୁ କଳରେ ଚାକି ମୋ ଆଡ଼କୁ କଣେଇ ଛିଡ଼ା ହେଲା ଏବଂ ଓଢ଼ଣା ତଳୁ ଧୀର ଗଳାରେ କହିଲା, ''ବାପା !

Digitized by srujanika@gmail.com

ମୁଁ ଆଉ କାଲି ପାଖରୁ ଆସିମି ନାହିଁ । ସାନ ବହୂ ଅସଜ ଅଛି । ମାସ ହୋଇ ଆସିଲାନି ।''

ମୁଁ କହିବି ଭାବୁଥିଲି, ''ବୁଢ଼ୀ ! ତୁ ଯିବା ଆଗରୁ ଆମକୁ ମାରି ଦେଇ ଯା ।'' କହିଲି, ''ବୁଢ଼ୀ ତୁ ଯାଇପାରିବୁ ନାହିଁ । ମଗୁଶିରରେ ପୁଅ ବାହାଘର । ବାହାଘର କାମ ତୁଲେଇବ କିଏ ? ବାହାଘର ହୋଇପାରିବ ନାହିଁ ତୁ ଗଲେ ।'' ପୁଅ ମୋ ସାଙ୍ଗରେ ଯୋଗଦେଇ କହିଲା, ''ଆଇବୁଢ଼ୀ, ତୁ ନ ଥିଲେ ଭାଇନା ବାହା ହେବେ ନାହିଁ କହୁଛନ୍ତି ।'' ସେ ବୁଢ଼ୀ ସାମନାରେ ହାତ ମେଲା କରି ଛିଡ଼ାହୋଇ କହିଲା, ''ଯା ନା, କିମିତି ଯିବୁ ଯାଆ ଛାଡ଼ିବି ନାହିଁ ତୋତେ ।''

ବୁଢ଼ୀ ଖୁବ୍ ଶରଧାରେ ହସି କହିଲା, ''ତୁମ ଦୁଇଟା କଥା ମାନିଲି, ବାହାଘର ଯାଏ ରହିମି, ଖିରିପିଠା ଖାଇମି । ହେଲେ ତୁମେ କିମିତି ଭାବୁଛ ମୁଁ ଏତେ ବଡ଼ ବାହାଘର କାମଟା ସମ୍ଭାଳିମି ? କୂଅରେ ଦିଇଟା ଦଉଡ଼ି ଖାଇବ ସେତେବେଳକୁ, ବୁଢ଼ୀ ପୁଅ ବାହାଘରରେ ବସି କରି ଖାଇବ । ମୋତେ ବି ଖଟେଇବ ଭାବିଛ ? ମୁଁ କିଛି କାମ କରିମି ନାହିଁ, ବସିଥିମି, ଖାଉଥିମି, ଦେଖୁଥିମି । ବାହାଘର ଯିବ, ଚଉଠି ଯିବ, ଆଠ ମଙ୍ଗଳାକୁ ପୁଅବହୂ କଟକ ଯିବେ । ମୁଁ ମୋ ପୁଅଘରକୁ ଯିମି । ''ହେଲା ?''

ବୁଢ଼ୀ କାମ କରି ଚାଲିଲା ।

ଡିସେମ୍ବର ନଅ । ମଗୁଶିର, ପୂଚ୍ଛାପାଳି, ଗୁରୁବାର । ମହାଲକ୍ଷ୍ମୀ ଆସିଛନ୍ତି ପୁରପଲ୍ଲୀକି । ଧାରା ଶ୍ରାବଣରେ କାଇଁଚ ଅଗରେ ପାଣି; ମଗୁଶିରରେ କାଙ୍ଗାଳ, ଚାଣ୍ଡାଳ ସମସ୍ତଙ୍କ ଘରେ ଧାନଚାଉଳ । ବସି ଖାଇବା ଦିନ । କଣକଣି ଶୀତରେ କାମକୁ ବାହାରିବ କିଏ ? ପଇସାର ପ୍ରଲୋଭନ ବଡ଼ ନୁହେଁ । ଖିରିପିଠା, ଲୁଗାପଟା, ଆମୋଦପ୍ରମୋଦ ମିଳିବ ବୋଲି ପାଣି ଟାଣିବ କିଏ, ବାସନକୁସନ ମାଜିବ କିଏ ?

ଦିନ ପାଖେଇ ଆସିବା ବେଳକୁ ବୁଢ଼ୀ ବାରମ୍ବାର ମୋତେ ତାଗିଦ କରୁଥାଏ । ''ନୂଆ ଦେଖ୍ ବାପା ! ମୁଁ ବାହାଘର ଢ଼େଉ ସମ୍ଭାଳି ପାରିମିନି, ତିନିଚାରି ଜଣିଆ ଘରର କାମ ସିନା ପାରୁଥିନି । ତୁ ଆଗରୁ ଦେଖ । ଧାନକଟା ନାଗିଥିବ, ନୂଆ ଜମା ମିଳିବେନି ।''

ମୁଁ ବହୁତ ଖୋଜାଖୋଜି କଲି, ପାଇଲି ନାହିଁ । ଠାପେଇ ରହିଗଲି, ଓଲଟି ମନେମନେ ଭାବିଲି ଏତେ ଝିଅବୋହୂ ବନ୍ଧୁବାସ ଥାଉଁ ଥାଉଁ କେଉଁ କାମ ବା ରହିଯିବ ? ବନ୍ଧୁବାସ ଆସିଗଲେ । ଦଳ ପରେ ଦଳ । ତିନି ଝିଅ, ତିନିଜ୍ୱୋଇଁ, ଦଶ ନାତିନାତୁଣୀ, ତିନି ଭାଇବୋହୂ, ପୁତୁରା ଝିଆରୀ, ତାଙ୍କ ଜ୍ୱୋଇଁ ନାତିନାତୁଣୀ ।

ବିଶୃଙ୍ଖଳା ଚୂଡ଼ାନ୍ତ । କେହି କୁଟାଖଣ୍ଡିକ ଦିଖଣ୍ଡ କରିବାକୁ ନାହିଁ । ମୋ ଘରକୁ ଆସିଛନ୍ତି କ'ଣ କାମତୁଣୀ କାମ କରିବାକୁ ? ଗହଣାଗାଣ୍ଠି, ଲୁଗାପଟା, ଖାଦ୍ୟପାନୀୟ, ଆଲୋକସଜ୍ଜା, ଗୀତବାଦ୍ୟ ସମସ୍ତଙ୍କୁ ମଜାଇ ରଖିଛି । ଆଇବୁଢ଼ୀକି ଦେଖୁଛି, ପଚାରୁଛି କିଏ ?

ଗୁଣ୍ଡୁଣି ହାତୀଟି ପରି ବୁଢ଼ୀ ଦିନରାତି ଏପଟ ସେପଟ ହେଉଛି । ପାଣି ଟାଣୁଛି,

Digitized by srujanika@gmail.com

କାଠ ବୋହୁଛି, ଲୁଗା କାଚୁଛି, ଶୁଖାଉଛି, ଟେକୁଛି, ସାଉଟୁଛି । ନିଜ ପାଇଁ ପାନ ଦିଖଣ୍ଡ ଭାଙ୍ଗିବାକୁ-ଯାହା ତାର ଜୀବନର ସବୁଠାରୁ ଆଦରର କାମ- ବେଳ ନାହିଁ । ରାତିରେ ଘରକୁ ଯାଏନାହିଁ । ବାରଣ୍ଡାରେ ମଶାପଲଙ୍କ ଭିତରେ ଶୋଇଯାଏ । ଦିହଯାକ ଝାଳ, ମାଛି ପରି ମଶାକାମୁଡ଼ା ଦାଗ ।

ମଙ୍ଗଳକୃତ୍ୟରୁ ବାହାଘର ଦିନଗୁଡ଼ାକ ସରିବାଯାକେ ଏଇ ବାଛେ କାମ ଗୁଡ଼ାକ କିମିତି ଚାଲିଛି ଦେଖିବାର ମୁଁ ସାହସ କରିନି । କାଳେ ବୁଢ଼ୀକି ଦେଖିଲେ ବାଧି ପକାଇବି ବା ତାର ଅଭିଶାପ ପାଇବି । ବୁଢ଼ୀ ମନେ ମନେ ମୋତେ ଖୁବ୍ ଚିଡୁଥିବ ବୋଲି ଭାବେଁ, ପୁଣି ଥରେ ଭାବେଁ ସେ ଭାବୁଥିବ ତା ପୁଅ ବହୁତ କାମରେ ବ୍ୟସ୍ତ ହୋଇଥାଇ ତା କଥା ବୁଝିବାକୁ ବେଳ ପାଇନାହିଁ ।

ଯାହାହେଉ ଲୋକ ଯୋଗାଡ଼ କରୁଁ କରୁଁ ଚତୁର୍ଥୀ ରାତି ଅଧାଅଧି ହେଲା । ଲୋକ ମିଳିଲେ ନାହିଁ । ଅତିଥି ଅଭ୍ୟାଗତ ଭୂରି ଭୋଜନରେ ଆପ୍ୟାୟିତ ହୋଇ ଖାଦ୍ୟ ପାନୀୟ ତଥା ଶୃଙ୍ଖଳା ସତ୍କାରର ତାରିଫ୍ କରି ବିଦାୟ ନେଲେ ।

ଅଇଁଠାପତ୍ର ଉଠିଗଲେ ଶେଷ ଦଳ ଝିଅଝିଆଣୀ ବସିଯିବେ । ରାତି ଗୋଟାଏ ବାଜିଲାଣି । କିଏ ଜଣେ ବଡ଼ ପାଟିରେ ମନ୍ତବ୍ୟ କଲା, ''ବରକନ୍ୟା ବରଘରକୁ କଣ ସକାଳେ ଯିବେ ?''

''କିନ୍ତୁ ଅଇଁଠାପତ୍ର ଉଠେଇବା ଲୋକ ନାହିଁ ? ବାପା ସବୁ ବନ୍ଦୋବସ୍ତ କରିପାରିଲେ, ଛାର କାମଦୁଣୀ ଗୋଟାଏ ପାଇଁ କାମ ବେଳକୁ ବେଳ ଅଟକି ଯାଉଛି । ଆମକୁ କହିଥିଲେ ଦି'ଗଣ୍ଡା କାହିଁଗଲା ସେ ବୁଢ଼ୀଟା ? ଚାରିଆଡ଼େ ଏକ ସଙ୍ଗରେ ବିକଟ ଚିତ୍କାର 'ବୁଢ଼ୀ, ବୁଢ଼ୀ', ଆଈ, ଆଈବୁଢ଼ୀ । ଡାହାଣୀ ବୁଢ଼ୀ, କିନ୍ତୁ ଆଈବୁଢ଼ୀ କାହିଁ ? କୂଅରେ ପଡ଼ି ବୁଡ଼ିମଲା, ନା ଘରକୁ ପଳାଇଲା କାମ ଡ଼ରରେ ? ଲୋକ ଆଣିଥାନ୍ତେ ସାଙ୍ଗରେ ।''

ନିଜକୁ ଦୋଷୀ ମନେକରି ଆଈବୁଢ଼ୀକି ଖୋଜିବାରେ ଲାଗିଲି । ଘରର ପ୍ରତ୍ୟେକଟି କୋଠରୀର ଅଦିକନ୍ଦି ଖୋଜି ଚାଲିଲି ଯିମିତି ଆଈବୁଢ଼ୀ ମଣିଷ ନୁହେଁ ମୂଷାଟିଏ । କବାଟ ଝରକା କଣ, ପରଦା ଭିତରେ, ଆଲମାରି ପଛ ତନ୍ନ ତନ୍ନ କରି ଖୋଜିଲି ।

ଘର ଭିତରେ ବାରଣ୍ଡାରେ ଗୋଟାଏ ଛିଣ୍ଡା ସତରଞ୍ଜି ଧୂଳିମଳି ହୋଇ ପଡ଼ିଥାଏ । ତାରି ଉପରେ ଗୁଡ଼ାଏ ପିଲାଝିଲା ଅରକ୍ଷିତଙ୍କ ପରି କୁକୁଡ଼ୁପୁକୁଡୁ ହୋଇ ଉପରାଉପରି ଲଦାଲଦି ହୋଇ ପଡ଼ିଥାନ୍ତି, ଯିଏ ଯାହା ପାଇଛି ଘୋଡ଼ିଘାଡ଼ି ହୋଇ । ଦେଖିଲି ଗୋଟାଏ ସ୍ଥାନରେ ସତରଞ୍ଜିଟା ସାମାନ୍ୟ ଉଠି ରହିଛି ଯିମିତିକି ତା' ତଳେ ଛୋଟ ତକିଆଟିଏ କିଏ ଥୋଇ ଦେଇ ଯାଇଛି, ପରେ ଆସି ଶୋଇବ । ଟିକିଏ ଉଠାଇ ଦେଖିଲି ତକିଆଟି ମଣିଷ । ଆଈବୁଢ଼ୀ ଶୀତର ପ୍ରକୋପରୁ ରକ୍ଷାପାଇବା ପାଇଁ ଶୋଇ ଯାଇଛି ସତରଞ୍ଜି ତଳେ । ତା ଲୁଗାପୁଟୁଳିକୁ ତକିଆ କରି । ତା ଦିହକୁ ଲାଗି ଜାକିଜୁକି ହୋଇ ଶୋଇଛି ଆମ ବ୍ଲାକି ।

Digitized by srujanika@gmail.com

ନିଦ ବାଉଳାରେ ବୁଢ଼ୀ ଧଡ଼ପଡ଼ ହୋଇ ଉଠି ବିସ୍ଫାରିତ ଆଖିରେ ମୋ ଆଡ଼କୁ ଚାହିଁଲା ଏବଂ ଅପ୍ରତିଭ ହୋଇ ଛିଡ଼ାହେଲା । ଶୀତରେ ତା ଓଠ ଥରୁଥାଏ । ଖ୍ୟାକି ବଡ଼ ହାଇଟାଏ ମାରି ମୋର ପାଖକୁ କରୁଣ ଦୃଷ୍ଟି ଦେଇଥାଏ, ''ଆମକୁ କାହିଁକି ଉଠାଇଲୁ'' ଅଭିଯୋଗ କରି ।

କହିଲି, ''ବୁଢ଼ୀ, ପତ୍ରଗୁଡ଼ାକ ଉଠେଇବାକୁ କେହି ନାହିଁ । ଯେଉଁ ମେହେନ୍ତର ଗୁଡ଼ାକ ଆସିଥିଲେ ସେମାନେ ହାଣ୍ଡି ପୁଟୁଳା ବନ୍ଧାବନ୍ଧି କରି କୁଆଡ଼େ ଚାଲିଗଲେଣି । ଖାଲିପତର ସବୁ ଉଠିଲେ ଯାଇ ଆମ ଘର ଲୋକେ ଖାଇବେ । ଢେର ରାତି ହେଲାଣି । ତୁ ବହୁତ କଲୁଣି, ଆଉ ଟିକିଏ । ଯାଆ, ଯାଆ; ସହଜ ।''

ବୁଢ଼ୀର ବିଶାଳ ନୟନରୁ ଛଳଛଳ ହୋଇ ବଡ଼ ବଡ଼ ଲୁହ ଟୋପା ଗାଲ ଦେଇ ଗଡ଼ିବାକୁ ଆରମ୍ଭ କଲା । ବାହୁ ଦୁଇଟାରୁ ପିନ୍ଧା ଲୁଗାଟା ଉଠାଇ କହିଲା, ''ଦେଖ୍ ବାପା ପାଣି ଟାଣି ଟାଣି ହାତ ଦୁଇଟା କିମିତି ଫୁଲି ଯାଇଛି । ପାପୁଲିର ଫୋଟକା ବି ଫାଟି ଗଲାଣି । ଏଇ ଦେଖ୍ ଆଙ୍ଗୁଳି ସନ୍ଧିରେ ସରିଫ୍ ଆଉ ପାଉଁଶ ଲାଗି ବଡ଼ ରୋଗୀର ହାତ ପରି ଦିଶିଲାଣି । ମୋତେ ଅଇଁଠା ପତର ଉଠାଇବାକୁ ସବା ଶେଷରେ କହିଲୁନା । ଜାତି ଅଜାତିର ଲୋକଙ୍କୁ ଡାକିଛୁ ଓ ମୋ ପୁଅବହୂ ଏକଥା ଜାଣିଲେ ମତେ ପରାଶ୍ଚିତ ନ କରି ଛାଡ଼ିବେ । ମୋର ଡାକିବା ଶୁଣିଲୁ ନାହିଁ, ମୋତେ ହୀନିମାନିଆ କଲୁ, ତୁ ବି ହଇରାଣ ହେଲୁ ।''

ଏତେଗୁଡ଼ା କଥା କହିଲା କିନ୍ତୁ ଚାଲିଲା ବାଧ ଛୁଆଟି ପରି । ଥୁରୁଥୁରୁ ଅଡ଼ବଡ଼ ହୋଇ । ନୂଆ ପତର ପଡ଼ିଲା, ପାଣି ଛିଞ୍ଚାହେଲା । ସମସ୍ତେ ହସଖୁସିରେ ମନ ମନାଇ ଖାଇଲେ । ଘୋଡ଼ିଘାଡ଼ି ହୋଇ ଉଷୁମରେ ଶୋଇଲେ, ଥଣ୍ଡାରେ ବି ପଙ୍ଖା ଜୋରରେ ଛାଡ଼ି । ବୁଢ଼ୀକି କେହି ବସିବା ପାଇଁ କି ଖାଇବା ପାଇଁ କହିଲେ ନାହିଁ । ମୋତେ ବି ମରଣ ହେଲାନାହିଁ ।

ପରଦିନ ସକାଳୁ ଜାଣିଲି ବୁଢ଼ୀ ରାତିରେ ଖାଇ ନାହିଁ । ତାକୁ କମ୍ପ, ଦିହବଥା, ଘୋଳାବିନ୍ଧା ଓ ଜ୍ୱର ।

ବନ୍ଧୁବାସ ଝିଅଝିଆଣୀ ବିଦା ହୋଇଗଲେ । କାନ୍ଦ ଖେଳିଗଲା । ଅଷ୍ଟମଙ୍ଗଳାକୁ ପୁଅବୋହୂ କଟକ ଚାଲିଗଲେ । ଘରେ ମୁଁ ଆଉ ସାନପୁଅ ।

ବୁଢ଼ୀ ବାହାରି ବସିଲା । ପାନ ଭାଙ୍ଗିବାର ଦେଖି ମୁ ଜାଣିନେଲି । ମୋ ଆଗରେ ଆସି ଠିଆହେଲା କିଛି ନ କହି ସବୁ କହିଗଲା ଭଙ୍ଗୀରେ । ସେଇ ସରସ ମୁହଁ । ସେଇ ତରଳ ଦୟାର୍ଦ୍ର ବଡ଼ ବଡ଼ ଆଖି, ପାନଖିଆ ନାଲି ଓଠ, ଇଞ୍ଚେ ଓଢ଼ଣା– ଯିମିତି ଆଠ ବର୍ଷ ପୂର୍ବେ ଦିନେ ଆସିଥିଲା, ଲାଜ ଲାଜ ହୋଇ ଧୀର ଗଳାରେ କହିଥିଲା କାମ କରିମି ।''

ଦୁଃଖରେ ମୋ ପାଟିରୁ ଭାଷା ବାହାରିଲା ନାହିଁ । ବାହାଘର ଦିନ ବୁଢ଼ୀ ତା ପ୍ରାପ୍ୟ ଲୁଗା ଖଣ୍ଡିକ ପିନ୍ଧିଥିଲା ।

Digitized by srujanika@gmail.com

ଗୋଟାଏ ଠୁଙ୍ଗାରେ କେତୁଟା ମିଠେଇ ଆଉ ବାରିକାଣୀ ପାଇଁ ସମୁଧି ଘରୁ ଆସିଥିବା ଛିଟ ଶାଢ଼ୀ ଖଣ୍ଡିକ ବୁଢ଼ୀକି ଦେଇ କହିଲି "ବୁଢ଼ୀ ଏ ଶାଢ଼ୀ ତୋ ସାନ ବୋହୂକୁ ଦେବୁ, ମୋ ସାନବୋହୂ ଆଣିଥିଲା ।

ଦରମା ବାଦ୍ ଆଉ ପାଞ୍ଚଟଙ୍କା ଦେଲି । ବୁଢ଼ୀ ସାନ ପୁଅର ଓଠ ଧରି ଚୁମା ଖାଇଲା; ବ୍ଲାକିକୁ ଆଉଁସି ଦେଇ କହିଲା, "ମୁଁ ଯାଉଛିରେ ବ୍ଲାକି ! ଭଲ କରି ଘର ଜଗୁଥିବ ।" ମୋ ଆଡ଼କୁ ଚାହିଁ କହିଲା, "ବାପା ! ମୁଁ ଜାଣେ ତୁ ମତେ କେବେ ଖୁସିରେ ଛାଡ଼ିବୁ ନାହିଁ । ହେଲେ ମୁଁ କ'ଣ କରିମି ବାପା ! ମୋ ବହୂ ଆଜି କି କାଲି ପୁଆତି ହବ । ଘରେ ମୋର କେହି ନାହିଁ । ପୁଅ ନୂଆ ରେକସା କରିଛି ଯେ ଦିନରାତି ଘରେ ରହୁନାହିଁ । ତେବେ ପୁଆତି ଉଦ୍ଧାର ହେଲେ, ଏକୋଶିଆ ଗଲେ ଆସିମି ।"

ବହୁତ ଆଶାନ୍ୱିତ ଆଗ୍ରହରେ କହିଲି, "ବୁଢ଼ୀ, ମୁଁ ମାସେ ଯାଏ ଆଉ କାହାକୁ ରଖିବି ନାହିଁ, ତୁ ଆସିବାକୁ ଚାହିଁଥିବି ।"

ବୁଢ଼ୀ କହିଥିଲା, "ଏକୋଶିଆ ଗଲେ ଆସିମି" ବୋଲି ପ୍ରତିଶ୍ରୁତି ପାଳି ଆସିଛି । ତାର ନାତି ହୋଇଛି ।

ସଞ୍ଜ ହୋଇ ଆସିଲା । ବୁଢ଼ୀ ତା ଘରକୁ ଯିବ । ମୋର ତାକୁ ଗୋଟିଏ ପ୍ରଶ୍ନ ପଚାରିବା କଥା, ତାର ଉତ୍ତର ଉପରେ ମୋର ଭବିଷ୍ୟତ ନୈଶ୍ଚିନ୍ତ୍ୟ ଓ ପୁଅବୋହୂଙ୍କ ସୁଖ ସୁବିଧା ନିର୍ଭର କରୁଛି । ଆଜି ବୁଢ଼ୀ ଯିମିତି ମୋ ଘରର କାମଦାମ ତନଖି-ତଦାରଖ କରିଛି ସେଥିରୁ ଆମେ ଆଶା ବାନ୍ଧିଛୁଁ ବୁଢ଼ୀ କାମ କରି ଚାଲିବ । ମନକୁ ଖୁବ୍ ଡେ଼ରି ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ନ ଦେଇ ପଚାରିଦେଲି ଖୁବ୍ ସନ୍ତର୍ପଣରେ "ତେବେ ବୁଢ଼ୀ କଣ ନିଷ୍ପତ୍ତି କଲୁ ? ମୋ ଘରକଥା ବୁଝିବୁ ନା ନୂଆ ନାତିକୁ ପାଳିବୁ ?"

ହସକାନ୍ଦର ଥଣ୍ଡା ଉଷୁମ ଲୁହ ଯୁଗପତ୍ ଗଡ଼ାଇ ବୁଢ଼ୀ ଥରଥର କଣ୍ଠରେ କହିଲା, "ବାପା, ମୋତେ ବଳାନା, ପୁଅବୋହୂ ମତେ ଆଉ ଛାଡ଼ିବେ ନାହିଁ । ପାଳି କରି ମୋତେ ପାଖରେ ରଖିବେ । ମୁଁ ଯାଉଛି ବାପା ।" ସ୍ପଷ୍ଟ ଦେଖିପାରିଲି ସେ କୋହ ସମ୍ଭାଳିବା ଚେଷ୍ଟା କରୁଛି ।

ବୁଢ଼ୀ ଧୀରେ ଧୀରେ ଚାଲିବାକୁ ଆରମ୍ଭ କଲା । ପଛକୁ ଚାହିଁଲା ନାହିଁ । ଆମେ ବାରଣ୍ଡାରେ କାଠ ହୋଇ ଛିଡ଼ା ହୋଇଥାଉଁ । ବୁଢ଼ୀ ଫାଟକ ପାଖେ ପହୁଞ୍ଚୁଛି କି ନାହିଁ ବ୍ଲାକି ଧାଇଁ ଯାଇ ଲୁଗାକୁ ଟାଣିଲା । କିଛି ନ କହି ବୁଲିପଡ଼ି ବୁଢ଼ୀ ତାକୁ ଟିକିଏ ଆଉଁଷି ଦେଲା । ମୁହୂର୍ତ୍ତେ ପରେ ତାର ଛୋଟ ଚେହେରାଟି ଲୁଚିଗଲା ପାଚେରୀ ଉଢ଼ାଳରେ ।

ବୁଢ଼ୀ ଗଲାବେଳେ ଯେଉଁ ପାନ ଖିଲଟି ଦେଇଥିଲା, ତାକୁ ଯନ୍ତ୍ରଚାଳିତ ପରି ପାଟିରେ ପୂରାଇଲି ।

ମିସେସ୍ ପଟ୍ଟନାୟକ ଏତିକିବେଳେ ବାହାରି ପଡ଼ି ପୁଅକୁ ପଚାରିଲେ "ବୁଢ଼ୀ କ'ଣ କାମ ଛାଡ଼ିଦେଲା ?" ପୁଅ ଯେମିତି ହଁ କରିଛି, ସେ କହି ଚାଲିଲେ, "ରକ୍ଷା

Digitized by srujanika@gmail.com

ପାଇଲ । ଏ ଅଥର୍ବ ଡାହାଣୀ ବୁଢ଼ୀଟାକୁ ରଖି କ'ଣ ଲାଭ ପାଇଥିଲରେ ଟୁନୁ ? କୁକୁରଟାକୁ ବି ଖରାପ କରିଦେଲା । ବିଧବାର ମୁହଁ ଚାହିଁଲେ ଶୁଭ ନାହିଁ । ମାର୍ ତ ଗୋଟାଏ ହୁଡ଼ା ! ଯିମିତି ସେ କୁକୁର ମୁଣ୍ଡରେ ବାଜି କପାଳ ଫାଟିଯାଉ ।

ମାଆ ମାଆ ଡାକି ଭେଁ ଭେଁ ରଡ଼ି ଛାଡ଼ି ବୁଢ଼ୀ ପଛରେ ଖଣ୍ଡେଦୂର ଯାଇଥିଲେ ହୁଏତ ମୋ ମନ ମାନିଥାନ୍ତା ।

Digitized by srujanika@gmail.com

# ମୁଖାଗ୍ନି

ଗଲା କେତେଦିନ ହେଲା ବାପାଙ୍କ ମୁଣ୍ଡରେ କ'ଣ ଗୋଟାଏ ଖିଆଲ ପଶିଛି, ଝୁଙ୍କ ଉଠିଛି, ସଞ୍ଜ ହେଲା ମାତ୍ରେ ଖୁବ୍ ଆଦର ଶରଧାରେ କୁନ୍ଥେଇ କୁନ୍ଥେଇ ଡାକିବେ ''ବାପା ବୁଢ଼ ! ଟିକିଏ ପାଖକୁ ଆସିବୁ ?''

ମୁଁ ଜାଣେ ତାଙ୍କର କିଛି ସିମିତି କହିବାର ନାହିଁ; ତଥାପି ବୁଢ଼ାଟା କାହିଁକି ଶେଷ ବେଳକୁ ମନଦୁଃଖ କରି ବସିବ, ସେଥିପାଇଁ ଯାଏଁ । ଛଅମାସ ହେଲାଣି ପଡ଼ିଛନ୍ତି । ସବୁବେଳେ ଓଃ, ଆଃ, କୁନ୍ଥ, ଖଣ୍ଟିକାଶ । ନିଦ ପ୍ରାୟ ହୁଏନାହିଁ ବୋଧହୁଏ । ମୋର ସବୁବେଳେ ଭୟ, ପାଚିଲାପତ୍ର, କେତେବେଳେ ଖସିପଡ଼ିବ । ମୁଁ ହୁଏତ ପ୍ରସ୍ତୁତ ନଥିବି ।

ଯାଇ ପାଖ ପହଞ୍ଚିଲେ ଛଣ ଦଉଡ଼ି ଖଟଟାରୁ ଗୋଟାଏ କଡ଼କୁ ଟିକିଏ ଘୁଞ୍ଚି ଯିବାର ଅଭିନୟ କରନ୍ତି, କହନ୍ତି ''ବସ୍ ବାପା ବସ୍ ।'' ବସିଲାମାତ୍ରେ ବିକୃତ ମସ୍ତିଷର ସେଇ ଗୋଟିଏ ଅଦ୍ଭୁତ ଉଦ୍ଭଟ ଉଭଟ ପ୍ରଶ୍ନ ମୁଖାଗ୍ନି ଦେବୁ ନା ?

ମୋତେ ସେଇ ପ୍ରଶ୍ନଟି ଶୁଣି ଶୁଣି ଏତେ ବିରକ୍ତ ଲାଗିଲାଣି ଯେ କହିଦେବା ପାଇଁ ଇଚ୍ଛା ହୁଏ, ''ତୁମେ କାହିଁକି ଏମିତି ବ୍ୟସ୍ତ ହେଉଛ, ମୁଁ ମୁଖାଗ୍ନି ଦେବି କି ତୁମେ ଦବ, ସେକଥା କିଏ କହି ପାରିବ, ବାପ ଆଗଯିବ କି ପୁଅ ଆଗ ଯିବ ।''

ଦଣ୍ଡେ ପରେ ମୋଠାରୁ କିଛି ଉତ୍ତର ନ ପାଇ ପୁଣି କହନ୍ତି ''ତୁ ଅଚ୍ଛା ଭାବନି ବାପା ! ମୁଁ ଜାଣିସାରିଲିଣି ମୋର ଆଉ ବେଶି ଦିନ ନାହିଁ । ଏଇ ଭୋଦୁଅରେ ମୋର ମରଣ, ଜ୍ୟୋତିଷ କହିଛି । ତୁ ମତେ ଆଗ କହ ତ ସବୁ ସଜଡ଼ାସଜୁଡ଼ି ସାଇତାସାଇତି କରି ରଖିଲୁଣି ନା ନାହିଁ ମୁଖାଗ୍ନି ପାଇଁ, ଦାହ ପାଇଁ ?''

ମୁଁ ଚିଡ଼ିଯାଇ ଏଥର କହିଲି, ''ମଣିଷ ଆଗ ମଲେ ଯାଇ ସିନା ସତ୍କାର ବିଧି ବ୍ୟବସ୍ଥା କରାଯାଏ !'' ବଞ୍ଚିଥିଲା ବେଳେ, ନାଡ଼ି ଛାଡି ଧକ୍‌ପକ୍ ହେଉଥିବା ଯାଏଁ, କେଉଁ ପୁଅ ବାପାର ମୁଖାଗ୍ନି ବା ଦାହକ୍ରିୟାର ବ୍ୟବସ୍ଥା କରେ ଭଲା ? ତୁମେ ଏବେ ଖାଲି ଅକଥା କୁକଥା କହୁଛ । ତୁମ ମଥା ଖରାପ ହେଲା । ତୁମେ ଚୁପ୍ ରହ । ମୁଁ ପରା ତୁମ କଥାକୁ ମାନି କୁଆଡ଼େ ଯାଉନି, ତୁମ ପାଖେ ପାଖେ ଜଗି ରହିଛି । ଘରେ ଲୁଣ ଅଛି ତ ତେଲ ନାହିଁ, ମୁଢ଼ି ଅଛି ତ ପାଣି ନାହିଁ ।

''ମୁଁ ତ ସେଇ କଥା କହୁଛି; ବେଳ ଥାଉଁ ଥାଉଁ ସବୁ ବ୍ୟବସ୍ଥା କରି ରଖିଥିଲେ ତୁ ହଇରାଣ ହରକତ ହବୁ ନାହିଁ । ତେଲ, ଲୁଣ, ମୁଢ଼ି, ଭାତ ନହେଲେ ଚଳିବ; କିନ୍ତୁ

Digitized by srujanika@gmail.com

କାଠ ନଥିଲେ ? ଅସଲ କଥା ରହିଲା କାଠ ପାଖରେ । ବର୍ଷାଦିନ । କାଠର କି ବ୍ୟବସ୍ଥା କରିଛୁ ମୋତେ ଆଗ କହ ।''

ରାଗ ମୋର ମେଣ୍ଟି ନଥାଏ । କହିଲି, ''ମୁଁ ବାପା ତୁମ ପାଇଁ ଚନ୍ଦନ କାଠ ଯୋଗାଡ଼ କରିପାରିବି ନାହିଁ । ସେ କାଳରେ ଲୋକ ଶସ୍ତାରେ ଅଗୁରୁଚନ୍ଦନ ଘରପାଖ ଜଙ୍ଗଲରୁ ପାଉଥିଲେ ବୋଲି ପିତୃ ପୁରୁଷଙ୍କ ଶବ ସେଥିରେ ଦାହ କରୁଥିଲେ । ଏବେ ପ୍ରକୃତ ଚନ୍ଦନ କାଠ କିଏ ଦେଖିଛି ନା ବଡ଼ ଠାକୁରେ ଗୁଆଘିଅ ଶୁଙ୍ଘିଛନ୍ତି ? ତୁମେ ବାପା ସେ ଘିଅଚନ୍ଦନ ଆଶା ଛାଡ଼ । ଦେଖିବା, ସେତେବେଳେ ଯାହା ମିଳିବ, ଲୋକେ ତ ଫେର୍...

''ମୁଁ ତ ସେଇ କଥାକୁ ଡରୁଛି ବାପା ! ଶ୍ରାବଣ ଭୋଦୁଅରେ ପାପୀମାନେ ମରନ୍ତି । ତାଙ୍କ ଶବ ଝଡ଼ିବର୍ଷାରେ ଭଲ ଦାହ ହୋଇପାରେ ନାହିଁ । ଭଲ ଭସ୍ମ ହୋଇ ନ ପାରି ପ୍ରେତଗୁଡ଼ାକ କାଶୀବଣରେ ଓଲଟା ଝୁଲୁଥାନ୍ତି; ତାଙ୍କର ଆତ୍ମାଗୁଡ଼ାକର ମୋକ୍ଷ ପ୍ରାପ୍ତି ନାହିଁ । ସେଇଥିପାଇଁ ଦିହଟାକୁ କାଠରେ ଭଲ କରି ପୋଡ଼ି ଭସ୍ମକୁ ଗଙ୍ଗାରେ ବିସର୍ଜନ କରିବାର ବ୍ୟବସ୍ଥା ପୂର୍ବପୁରୁଷେ କରି ଯାଇଛନ୍ତି । ମୁଁ ବର୍ଷାଝଡ଼ି ଦିନରେ ମରିବି, ଭଲ କାଠ ନ ମିଳିଲେ ଦରପୋଡ଼ା ରହିଯିବି । ତୁ ଆଗ କାଠ କଥା କୁଆଡ଼େ ବୁଝାବୁଝି କରି, ଯାହା ଦାମ ହେଉ ଆଣି, ଏଇଠି ଘରପିଣ୍ଡାରେ ରଖିଥା ।''

ମୁଁ କହିଲି, ''କାଠ ଚିନ୍ତା ମୋତେ ଲାଗିଲା ବାପା, ତୁମେ ଧୀର ସ୍ଥିର ହୋଇ ଭଗବାନଙ୍କୁ ଚିନ୍ତାକର । କିଛି ନ ମିଳିଲେ ଢିଙ୍କି ଢିଙ୍କିଗଡ଼ ଆଉ ମୂଷଳ ତ ଅଛି । ଧାନ କୁଟାକୁଟି ତ କେତେ ବର୍ଷ ହେଲା ନାହିଁ ।

''ବଂଶନାଶ ବେଳକୁ ଘୋଡ଼ାମୁହାଁ ପୁଅ ଜାତ କଥାଟା ତୁ ପ୍ରଥମେ କରିବୁରେ ବୁଢ । ତିନିପୁରୁଷ ହେଲା ସେ ଢିଙ୍କି ଆମକୁ ଦାନା ଦେଉଛି । ଅସଲ ଶାଳ ମଞ୍ଜର ଢେଙ୍କି, ଗଡ଼ଟା ମହୁଲ ଗଛର ଗଣ୍ଡି, ଏବେ ବି କାଟିଲେ ତେଲ ଚିକିଚିକି ବାହାରିବ । ପୂର୍ବପୁରୁଷଙ୍କ ଚିହ୍ନବର୍ଣ୍ଣ ରଖିବୁ ନାହିଁ ଜାଳିପୋଡ଼ି ଦେବୁ ?''

ମୁଁ ଲଜ୍ଜିତ ହେଇ କହିଲି, ''ଦି ଶଗଡ଼ କାଠ ନ ହେଲେ କ'ଣ ଚଳିବ ? ଦଶଟା ଟଙ୍କା ନ ହେଲେ...''

ମୋ କଥାକୁ କାଟି ଦେଇ ବାପା କହିଲେ, ଏଗୁଡ଼ାକ କି କାଠ ଆଣିବୁରେ ବୁଢ, ଦଶ ଟଙ୍କାରେ ଦି' ଶଗଡ଼ । ଚାକୁଣ୍ଡା ନା ଅମରୀ ନା ଗବ ? ବାପାକୁ ଶେଷରେ ଏମିତି ଠକେଇବୁ ? ତୋ ପାଇଁ କିଛି ରଖି ପାରିଲି ନାହିଁ । ଗରିବ ଭିଖାରୀ ବ୍ରାହ୍ମଣ, ଜମି ଗୋଷଦେ ବି ନାହିଁ, ଯଜନ ଯାଜନ କରି ମା' ଛେଉଣ୍ଡ ଗୋଟାଏ ବୋଲି ପୁଅକୁ ବଡ଼ କରିଛି । ତୁ ବି ତ ମୋ ରାହା ଧଇଲୁ । ହେଲେ କୁଡ଼ିଆ ଖଣ୍ଡେ କରିଛୁ, ଚ-ଠ କରି ତିନିଟିନିଟା ଛୁଆପିଲାକୁ ପାଳୁଛୁ । ବାଉଁଶ ଚାଳ ହେଲେ ବି ପାଞ୍ଚପରାଣି ମୁଣ୍ଡ ଗୁଞ୍ଜିଛୁ ।''

ଦେଖିଲି ବୁଢ଼ା କାନ୍ଦ କାନ୍ଦ ହେଉଛନ୍ତି । କହିଲି ମୁଁ ଚାଲିଲି ବାପା ଏଇ ରାତାରାତି ।

Digitized by srujanika@gmail.com

ତୁମ କଥା ହେଲା, ଯେଉଁଠୁ ହେଉ, ଯାହା ଗଛ ହେଉ, ଆଣି ଏଇଠି ତୁମ ଆଖି ଆଗରେ ରଖିଥିବି । ତୁମ କ୍ରିୟାରେ କିଛି ବିଘ୍ନ ହବନି । ତୁମ ଆତ୍ମାକୁ ଶାନ୍ତି ଦେବି ।''

ମୁଁ ନିଜକୁ ଖୁବ୍ ଅପମାନିତ ଭାବୁଥାଏ । ମରିବା କଥା ଓ ମରଣ ପର କଥା ବାପା ଯିମିତି ଗମ୍ଭୀର ଭାବରେ ମାସ ମାସ ଧରି ଭାବି ଚାଲିଛନ୍ତି, ମୁଁ ମୋ ଜୀବନ୍ଦଶାର ଚିନ୍ତା ସେତିକି କରିଥିଲେ, ଏତେ ଦୁର୍ଗତି ଆମ ଘରର ହୋଇ ନଥାନ୍ତା ।

ବାପା ଜାଣନ୍ତି, ଆମ ଘରର ସଂପଦ କଥା । ଘରେ ଯାହା ଥିଲା ଅର୍ଥାତ୍ ମାଆର ସ୍ତ୍ରୀର ବାଜୁ, ବଟଫଳ, ଖାଡୁଆ, ଚମ୍ପାକଢ଼ି ସେସବୁ ବାପାଙ୍କ ଚିକିତ୍ସା ଓ ପିଲାଛୁଆଙ୍କ ମୁଢ଼ି ଭାତ ଖର୍ଚ୍ଚରେ ଚାଲିଯାଇଛି ।

ମୁଣ୍ଡତଳୁ ମସିଆ ଅଠାଳିଆ ମୁଣିଟିଏ ବାହାର କରି ବାପା ମୋ ହାତକୁ ବଢ଼ାଇ ଦେଇ କହିଲେ, ''ଏଇଠି କେବେ ଟଙ୍କାଏ ମସାଏ ରଖିଥାଏଁ । ଦେଖ କେମିତି କେତୁଟା ଟଙ୍କା ଅଧୁଲି ଥିବ । ସେତିକିରେ ଦି' ଶଗଡ଼ କାଠ ହୋଇଯିବ ।''

ବାପା ଏ କଥାଗୁଡ଼ାକୁ କହୁଥିଲାବେଳେ ମୁଁ ଭାବୁଥାଏଁ ''ମୋଠୁ ଅଧମ ପୁଅ ଏ ଦୁନିଆଁରେ କିଏ ଅଛି ? ବାପାଙ୍କ ଟଙ୍କାରେ ବାପାଙ୍କୁ ପୋଡ଼ିବ ?''

ବୁଢ଼ାର ମୋ ପ୍ରତି ଜୀବନରେ ଅଶେଷ ସ୍ନେହ । ମାଇଲ ମାଇଲ ଧରି ଖରାବର୍ଷାରେ ଯାଇ କେଉଁଠୁ ଟୋପାଏ ଦୁଧ ପିଲାପାଇଁ ଆଣିବାଠୁଁ ଯାହା ଯେଉଁଠି ମିଳିଛି ତାକୁ ନିଜେ ଯାଇ ନ ଖାଇ ମୋ ପାଇଁ ପେଟରୁ କାଟି ସେ ରଖିଥାନ୍ତି । ମୋ ଦିହ ଥଣ୍ଡା ହେଲେ ତାଙ୍କ ଦିହରୁ ଉଷୁମ ଦେଇ ଏବଂ ମୋ ଦେହ ଗରମ ହେଲେ ତାଙ୍କ ଦିହରୁ ଥଣ୍ଡା ଦେଇ ମୋତେ ସୁସ୍ଥ ରଖିଛନ୍ତି । କାଳେ ତାଙ୍କ ପାଇଁ ମୁଁ ହଇରାଣ ହେବି, ତଣ୍ଟି ପଡ଼ିଗଲେ କାଳେ ତାଙ୍କ ବୁଢ଼ାପୁଅକୁ କିଛି ଉପଦେଶ ଦେଇପାରିବେ ନାହିଁ, ସେଇଥିପାଇଁ ସେ ଆଗରୁ ମୋତେ ସତର୍କ ଓ ପ୍ରସ୍ତୁତ କରିବାରେ ଲାଗିଛନ୍ତି । ପଚାଶ ବର୍ଷ ଧରି ଯାହା ବୁଦ୍ଧି ଦେଲେ, ତାହା ଯଥେଷ୍ଟ ନ ହେବାରୁ ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ ହିତଅହିତ ଶୁଣାଉଛନ୍ତି ।

ଯିମିତି ବାପା ଜାଣିପାରିଲେ ଯେ ତାଙ୍କ ପୁଅ ମେଘ ଅନ୍ଧାର ରାତିରେ କାଠ ପାଇଁ କୁଆଡ଼େ ବାହାରି ବସୁଛି, ସେ ସାଙ୍ଗେ ସାଙ୍ଗେ କହିଲେ, ''ବାପା ! ଥାଉ । କାଲି ସକାଳୁ ଯିବୁ । ଦେଖିବୁ, ଯେମିତି ମୁଣ୍ଡା ମୁଣ୍ଡା ଗଣ୍ଠିକାଠ ଆସେ । ଭଲ ଜଳିବ, ବେଶି ସମୟ ନିଆଁ ରହିବ ।''

''କେଉଁ କାଠରେ ତୁମର ମନ, କେଉଁ କାଠକୁ ତୁମର ଲୋଭ ମୋତେ ଆଗରୁ କହିଥାଅ । କଥା ପକେଇଛ ତ ମୁଁ ଅଳାଜୁକ ପରି ତୁମକୁ ପଚାରୁଛି ।''

''ଭଲ କଥା ପଚାରିଲୁ ବୁଢ଼ା ! ମୋତେ ବରଂ ପୋତି ଦବୁ, ନଈ ନାଳରେ ଫୋପାଡ଼ି ଦବୁ, ତେବେ (ଇଉ)କାଲିପଟାସ ବା (ଆ)କାଶିଆ କାଠରେ ପୋଡ଼ିବୁ ନାହିଁ । କୁହୁଳି କୁହୁଳି ଜଳିବ, ଦୁର୍ଗନ୍ଧ ହବ । ଜୀବନଯାକ ଶାଳ, ଅସନ, ମହୁଲ କାଠରେ ରନ୍ଧା ଭାତ ତିଅଣ ଏ ପେଟ ଖାଇଛି । ଆଜି ସେଇ କାଠ ଛଡ଼ା ଆଉ କେଉଁ କାଠରେ ଯଦି

Digitized by srujanika@gmail.com

ପୋଡ଼ିବୁ, ମୋର ଅନ୍ତବୁଢ଼ୁନା ପୋଡ଼ିବ ନାହିଁଟି, ସାବଧାନ ! ଲୋକଗୁଡ଼ାକ ପାଗଳ ହେଲେ ନା କ'ଣ ? ଶାଳ ପିଆଶାଳ ଜଙ୍ଗଲକୁ କଲିକତା ପଠେଇ ଗେଣ୍ଡୁ ସୁବା ତାଡ଼ି ଦେଲେ । ସେ ଜାଗାରେ ଲଗାଉଛନ୍ତି ବିଦେଶୀ ଗଛ, ଯାହାର ଛାଇ ନାହିଁ କି ଫଳ ନାହିଁ । ଜୀବଜନ୍ତୁ ଚଢ଼େଇଚଟା କେହି ବସା ବାନ୍ଧନ୍ତି ନାହିଁ । କାହିଁ ଘାସ ବି ନଥିବରେ ବୃଚ, ତୋ ପୁଅଝିଅ ଅମଳକୁ ।

ପରଦିନ ସକାଳେ ବାହାରି ପଡ଼ିଲି ବାପାଙ୍କ ଟଙ୍କାମୁଣି ଧରି । ସର୍ବମୋଟ ତିନି ଚାରୋଟି କୁଡ଼ିଆ ଘରର ସମାବେଶରେ ଆମର ଏ ଗାଁଟି । ନୂଆ ଗାଁ । ବାପାଙ୍କ କଥା ନ ମାନି ବଣଜଙ୍ଗଲର ବାଘ ଭାଲୁକୁ ଭୟକରି ଏଇ ଟାଙ୍ଗର ଡୁଙ୍ଗୁରି କଡ଼ରେ ଛୋଟ ନାଳଟିକୁ ଆଶ୍ରା କରି ଆମେ ରହିଲୁଣି ଦଶ କୋଡ଼ିଏ ବର୍ଷ ଧରି ।

କୁଡ଼ିଆଟିର ଦକ୍ଷିଣକୁ ଚାହିଁଲେ ପ୍ରାୟ କୋଡ଼ିଏ ପଚିଶ ମାଇଲ ଦୂରରେ ସହର, ଯେଉଁଠି କାଠଗୋଦାମ ଥାଏ, କୋଇଲା ଥାଏ, ଏମିତିକା ଇଲେକ୍ଟ୍ରିକ୍ ଚୁଲୀ ଥାଏ ମୁର୍ଦ୍ଦାର ପୋଡ଼ିବା ପାଇଁ । ପଶ୍ଚିମକୁ ଚାହିଁଲେ ସିମିତି ପ୍ରାୟ ପଚିଶ ତିରିଶ ମାଇଲ ଦୂରରେ ନୀଳରଙ୍ଗର ପାହାଡ଼ ଯାହା ଭିତରେ କୁଆଡ଼େ ବଡ଼ ବଡ଼ ଶାଳ ପିଆଶାଳ ଥାଏ ଏବଂ ସାହସୀ ଶଗଡ଼ିଆ କାଠୁରିଆ ଗାର୍ଡ଼ମାନଙ୍କୁ ଅଣ୍ଡାଗୁଣ୍ଡା ଦେଇ ଚୋରାରେ କାଠ ସମତଳକୁ ଆଣି ରାତାରାତି ବେପାର ଶେଷ କରନ୍ତି ।

ପୂର୍ବ ଦିଗକୁ ପ୍ରାୟ ମାଇଲିଏ ଦୂରରେ ନାଳଟିଏ, ଯାହା ଖରାଦିନରେ ବାଲିଚୁଆ ଜରିଆରେ ଆମକୁ ପାଣି ଢୋକେ ଢୋକେ ଦିଏ ଏବଂ ଯାହା କୂଳରେ ବାପା ଶୋଇବେ ଏବଂ ମୁଁ ଗଣ୍ଡିକାଠ ତାଙ୍କ ଉପରେ ଥୋଇ ମୁଖାଗ୍ନି ଦେବି ।

ବାପାଙ୍କର କପାଳ ଓ ମୋ ଭାଗ୍ୟ; ଦିନେ ରାତିଅଧରେ ଯୋଡ଼ାଏ ଶଗଡ଼ କାଠ ଆସି ଆମ ଘରେ ପହୁଞ୍ଚିଗଲା । ଭାରି ବଢ଼ିଆ କାଠ । ଖାଲି ଶାଳ ଓ ମହୁଲ । ଦରପୋଡ଼ା ନୁହେଁ, ଫମ୍ପା ନୁହେଁ ବା ଉଈଖିଆ ନୁହେଁ । ଜଙ୍ଗଲ ଗାର୍ଡ଼ କୁଆଡ଼େ ତା ବାପାଙ୍କ ଦାହକ୍ରିୟା ପାଇଁ ଏ କାଠ ରଖିଥିଲେ । ପଇସା ପ୍ରଲୋଭନରେ ଦେଇଦେଲେ ।

ବାପା ବୋଧହୁଏ ଅପେକ୍ଷା କରିଥିଲେ ଏତେଦିନ ଏଇ କାଠ ପାଇଁ । ଡିବିରି ଲଣ୍ଠନଟା ଧରି ଉଠି ଆସିଲେ ବାହାରକୁ । ମୁଁ ଆଶ୍ଚର୍ଯ୍ୟ ହେଲି ବାପାଙ୍କ ଏତେ ଶକ୍ତି କେଉଁଠୁ କିମିତି ଆସିଲା । ନିଜେ ଭଲ ଭାବରେ ଦଗ୍ଧୀଭୂତ ହେବାର ଆଶାରେ ବି ମଣିଷ ଏତେ ଖୁସି ହୁଏ । ଖୁସି ବୋଲି ଖୁସି, ଜୀବନ ବି ହରାଇ ଦିଏ ଖୁସିରେ ।

ତାଙ୍କର ଛାତିର ଦୁକ୍‌ଦୁକ୍ ହଠାତ୍ ବନ୍ଦ ହୋଇଗଲା ନା ସେ ଶଗଡ଼ଟାରେ ଝୁଣ୍ଟି ପଡ଼ିଲେ ଠାଏଁ, ପଡ଼ିଗଲେ ଏବଂ ଯୋଉଁ ଡିବିରି-ଲଣ୍ଠନଟି ସେ ଜାକି ରଖିଥିଲେ ତାହା ନିଭିଗଲା । ଘରବାହାର ଅନ୍ଧକାର ହୋଇଗଲା । ଅନ୍ଧାରରେ ଗଙ୍ଗାଜଳ ଖୋଜି ବାହାର କରି ଆଣୁ ଆଣୁ ତଣ୍ଟି ପାଟି ବନ୍ଦ ହୋଇଯାଇଥିଲା । ଏତେଦିନ ଜଗିବସି ପାଖରେ ଥାଇ ବି ପୁଅର ପ୍ରଥମ ବଡ଼ କର୍ତ୍ତବ୍ୟ- ପାଟିରେ ପାଣି ଦେବା- କରି ପାରିଲି ନାହିଁ ।

Digitized by srujanika@gmail.com

ବାସିମଡ଼ା ଯିମିତି ତାକୁ ନ କରେ, ସେଥିପ୍ରତି ବାପା ମୋତେ କଥା ପ୍ରସଙ୍ଗ (ତାଙ୍କର ପ୍ରସଙ୍ଗ ସେଇ ଗୋଟିଏ କିମିତି ତାଙ୍କର ମୁଖାଗ୍ନି ଓ ଶବସଂସ୍କାର ହେବ) ରେ ତାକିଦା କରିଥିଲେ । ନିଜେ ମଧ୍ୟ ସେ କାମରେ ଆଗେଇ ଯାଇଥିଲେ । କାଠ ବ୍ୟବସ୍ଥା କରିବାକୁ ବାରମ୍ବାର କହି ସେ ନିଶ୍ଚିନ୍ତ ହୋଇ ନଥିଲେ । ମୋ ଅଗୋଚରରେ କେତେବେଳେ ମୋ ସ୍ତ୍ରୀକୁ ଡାକି ଯାହା ଚିଜ ଦରକାର ଗୋଟିକି ଗୋଟି ସଜାଇ ଖଟତଳେ ଅନ୍ଧାରିଆ ଜାଗାରେ ସାଇତି ରଖେଇ ଥିଲେ । ନୂଆ ଲୁଗାଠୁଁ ଘିଅ, ସଳିତା, ଖଇ କଉଡ଼ି ଯାଏ । କେତୋଟି ତମ୍ବା ପଇସା ମଧ୍ୟ ଗୋଟାଏ ପତ୍ର ଠୁଙ୍ଗାରେ ଥିଲା ଯାହା ତାଙ୍କ ଶବ ଆଗରେ ଫୋପଡ଼ାଯିବ, କେହି ଗୋଟାଇ ନେବାକୁ ଥାଆନ୍ତୁ ନ ଥାଆନ୍ତୁ । ପାଖରେ କେହି ବ୍ରାହ୍ମଣ ଏସବୁ ଅଶୌଚ କର୍ମର ବିଧିବିଧାନ ଜାଣି ନ ଥିଲେ । ତେଣୁ ତାଳପତ୍ର ପୋଥିଖେଦାର ଠିକ୍ ଜାଗା ମୋ ପାଇଁ ଚିହ୍ନିତ କରି ମନ୍ତ୍ରଯନ୍ତ୍ର ଓ କର୍ମକାଣ୍ଡର ଅନୁଷ୍ଠାନ ବିଷୟରେ ନିଶ୍ଚିନ୍ତ ହୋଇ ଯାଇଥିଲେ ।

ମୋ ସ୍ତ୍ରୀ ଯେତେବେଳେ ଏସବୁ କଥା କହିଲେ, ମୁଁ ବାପାଙ୍କ ମାହାତ୍ମ୍ୟ ଆହୁରି ଭଲକରି ବୁଝିଲି । ପୁଅ କ'ଣ ତାଙ୍କର ଏଡ଼େ ଅଯୋଗ୍ୟ । ମଲା ବାପକୁ ଠିକ୍ ଭାବରେ ପୋଡ଼ି ପୋତି ଜାଣିବ ନାହିଁ ?

ଆମେ କାନ୍ଦି ସାରିଥିଲୁ ବାପା ଯିବା ଆଗରୁ । ପିଲାଝିଲାଏ ଭାଗ୍ୟକୁ ଶୋଇ ଯାଇଥିଲେ । ଝିଅ ଝିଆଣି ବନ୍ଧୁବାସ କାହାକୁ ଖବର ଦେବାର ନଥିଲା ।

ଶଗଡ଼ରୁ କାଠ ଓହ୍ଲାଇବାର ଦରକାର ପଡ଼ିଲା ନାହିଁ । ଶଗଡ଼ିଆଏ କହିଲେ ବାପା କାଠର ସାଇଜ୍ ଓ ଚେହେରା ଆଲୁଅ ଟେକି ଭଲ କରି ଦେଖିଛନ୍ତି । ଯାହା ବାପାଙ୍କୁ ଦେବାର ଥିଲା (ଯାହା ଯାହା ବାପା ନେବେ ବୋଲି ଆଗରୁ ସଜାସଜି କରି ରଖିଥିଲେ) ସେସବୁ ସହିତ ବାପାଙ୍କୁ ଓଲଟ ଖଟରେ ଶଗଡ଼ ଉପରେ ଥୋଇ କହିଲି, ଆସ ବାପା ! ଏଥର ଯିବା ।

ପାହାଡ଼ିଆ ନାଳ । ବର୍ଷା ହେଲେ ହଠାତ୍ ପାଣି ମାଡ଼ିଆସି କୂଳରେ ପଶିଯିବ । ସେଇ ଭୟରେ ନଈବାଲିରେ ଗାତ ନ ଖୋଳି କୂଳର ଢିପ ଜାଗାରେ ଦାହ ବ୍ୟବସ୍ଥା କଲି । ଯେଉଁଠି ଯାହା ବୁଦ୍ଧି ଆସୁ ନଥାଏ ବାପାଙ୍କୁ ପଚାରିଦେବି ବୋଲି ଭାବେଁ । କିନ୍ତୁ ବାପା ଯେ... ।

ଯାହା ଯିମିତି ମନକୁ ଆସିଲା, ଶଗଡ଼ିଆ ଦୁଇଟା ତାଙ୍କ ଅଭିଜ୍ଞତାରୁ ଯାହା କହିଲେ ସେଇ ଅନୁସାରେ ବାପାଙ୍କୁ ଗାଧୋଇ ପାଧୋଇ ନୂଆଲୁଗା ପିନ୍ଧାଇ ତ୍ରିପୁଣ୍ଡକ କପାଳରେ ଲଗାଇଦେଲି । ତାଙ୍କ ମୁହଁ ଦାଉ ଦାଉ ଦିଶିଲା । ପିଣ୍ଡଟିଏ ଧରାଇ ଦେଲି ଏବଂ ଆଖିବୁଜି ତାଙ୍କୁ ଧ୍ୟାନକରି ଘିଅ ସଳିତାରେ ମୁଖାଗ୍ନି ଦେଲି ।

ଚାହୁଁ ଚାହୁଁ ଆକାଶ ଧୂମମୟ ହେଲା ଏବଂ ଧୂ ଧୂ ହୋଇ ଅଗ୍ନିଶିଖା ପ୍ରଜ୍ୱଳିତ ହେଲା । କି କାଠ । ବାରୁଦ ପରି ଜଳୁଛି । ଲେଲିହାନ ଅଗ୍ନିଶିଖା ଭିତରେ ବାପାଙ୍କ ହସ

Digitized by srujanika@gmail.com

ହସ ମୁହଁଟି ଡେଉଁଥାଏ, ତାଙ୍କ ଦେହବିମୁକ୍ତ ଆତ୍ମାଟି ବି ସେମିତି ଅନନ୍ତ ଆକାଶର ଊର୍ଦ୍ଧ୍ୱକୁ ଉଠି ଉଠି ଯାଉଥାଏ ।

କିନ୍ତୁ ଏ କି ଅଘଟଣ ! ବାପା ଚାଲି ଯାଉ ନ ଯାଉଣୁଁ କୁଆଡ଼େ ଥିଲେ ପାହାଡ଼ ପରି ମେଘ । ବଜ୍ର ବିଦ୍ୟୁତ ଝଡ଼ଝଞ୍ଜା ସହିତ ପ୍ରଳୟଙ୍କରୀ ବର୍ଷା ତୋଫାନ । ଆମେ ଆତଙ୍କିତ ହେଲୁଁ । ଶଗଡ଼ିଆମାନେ ଗାଡ଼ି ଯୋଚି ଘରମୁହାଁ ଧରିଲେ । ମୁଁ ବି ତରବରରେ ଆଉ ଯେଉଁ ଦୁଇଟା ଗଣ୍ଡିକାଠ ଥିଲା ତାକୁ ଚିତାରେ ଶୁଆଇ ଦେଇ (ବାପାଙ୍କ ଅନ୍ତଗୁଡ଼ାକ ନିଃଶେଷ ହୋଇ ପୋଡ଼ିବ ଯିମିତି) ଗାଧୋଇ ପଡ଼ି ଅଶ୍ୱତ୍ଥ ବୃକ୍ଷ କୁଣ୍ଢେଇ ଥରି ଥରି ଘରକୁ ଦଉଡ଼ିଲି ।

ମୁଣ୍ଡରୁ ନାକରୁ ସରସର ପାଣି ଝରିଯାଉଥାଏ । ଘର ଭିତରକୁ ପଶିଛି କି ନାହିଁ ତିନିତିନିଟା ପୁଅଝିଅ ମୋ ଆଡ଼କୁ ଧାଇଁ ଆସିଲେ । ମୁଁ ଭାବିଥିଲି ସେମାନେ ସମସ୍ୱରରେ କହିବେ, ‘‘ଜେଜେ କାହିଁ, ଜେଜେ କୁଆଡ଼େ ଗଲେ, ଜେଜେଙ୍କୁ କେଉଁଠି ଛାଡ଼ିଦେଇ ଆସିଲ ?’’ କିନ୍ତୁ ପରିବର୍ତ୍ତରେ ସେମାନେ କହିଲେ ‘‘ବାପା ! ଆମେ କଣ ଖାଇବୁ ?’’ ‘‘ଭାରି ଭୋଖ’’ କାଲି ରାତିରେ ବି କିଛି ଖାଇନାହୁଁ ।’’ କିଛି ଉତ୍ତର ନ ଦେଇ ପୋଛିପାଛି ହେଉଥାଏଁ ସ୍ତ୍ରୀ ଆସିଗଲେ । ମୁଁ ଭାବିଥିଲି ସେ ପଚାରିବେ ‘‘ମୁଖାଗ୍ନି ଦେଲ ?’’ ତା ପରିବର୍ତ୍ତେ କହିଲେ ‘‘ମୁଁ କଣ କରିବି କହିଲ ? ଏ ଛୁଆଗୁଡ଼ାକ ଭୋର ସକାଳଠାରୁ ମୋତେ କଲବଲ କରୁଛନ୍ତି; ଘରେ ନା ଅଛି ମୁଢ଼ି, ନା ଅଛି ଚୁଡ଼ା । ଏ ଛୁଆଙ୍କ ଭୋଖକୁ ମୋର ଅଲାଜୁକ ପେଟ ବି କେଁକାଁ ହେଉଛି ।’’ ସେ ବି କାନ୍ଦିବା ପରି ହେଲେ । ଶ୍ୱଶୁରଙ୍କ ମୃତ୍ୟୁରେ ଯେତେ ଶୋକାକୁଳ ନୁହନ୍ତି ପରିସ୍ଥିତିର ତାଡ଼ନାରେ ।

ମୁଁ ଜାଣେ ତାକୁ ଖୁବ୍ ଭୋକ କରୁଥିବ; ତାଙ୍କ ପେଟରେ ପିଲା ଅଛି; ଗୋଟାଏ ପେଟ ନୁହେଁ ଦୁଇଟା ପେଟକୁ ପୋଷୁଛନ୍ତି ସେ । ମୋତେ ଖୁବ୍ ବିରକ୍ତ ଲାଗିଲା । କଣ କରିବି ଭଲା ! ଯେ ମଲା ସେ କହୁଛି ମୋତେ ମୁଖାଗ୍ନି ଦିଅ, ଯେଉଁଗୁଡ଼ାକ ବଞ୍ଚିଛନ୍ତି ସେ ବି କହୁଛନ୍ତି ଆମ ପେଟରେ ନିଆଁ ଜଳୁଛି ମୁହଁରେ କଠା ଦିଅ, ଯେ ଦୁନିଆକୁ ଆସିବ ଆସିବ ହେଉଛି ସେ ବି କହୁଛି ମୋ ମୁଖରେ ନିଆଁ ହେଉ ପାଣି ହେଉ କିଛି ଦିଅ । ପେଟ ପୋଡୁଛି ।’’

ସ୍ତ୍ରୀକୁ ପଚାରିଲି ‘‘କ’ଣ ଅଛି କୁହ । କଣ କରିବା ?’’ ସେ କହିଲେ ‘‘କିଛି ନାହିଁ, ଅରୁଆ ଚାଉଳ ଦିଗଣ୍ଡା କଳସିରେ ପଡ଼ିଛି, ବାପା କାହା ଶ୍ରାଦ୍ଧରୁ ଆଣିଥିଲେ । ଏ ଯେଉଁ ଝଡ଼ିବର୍ଷା ଚାଲିଛି କାହା ଘରକୁ ଯାଇହେବ ନା କିଏ ଆମକୁ ଅଶୌଚରେ କିଛି ଦବ । ତୁମେ ଦି’ଖଣ୍ଡ କାଠ ଯୋଗାଡ଼ କରନ୍ତ କି ମୁଠେ ଫୁଟେଇ ଦିଅନ୍ତି ଓପରଓଳିକୁ ପିତା ଭାତ ଖାଆନ୍ତି । ଦିଆସିଲି ବି ନଥିବ ।

ପୁଣି କାଠ । ବାପାଙ୍କ କାଠରୁ ଖଣ୍ଡେ ଦି’ଖଣ୍ଡ ରଖି ଦେଇଥିଲେ ହୋଇଥାନ୍ତା । ମୋର ନିଜ ପେଟ କଥା ଚିନ୍ତା କରିପାରୁ ନାହିଁ । କିଏ ମୋତେ ହାତଧରି ଟାଣି ନେଇଗଲା

Digitized by srujanika@gmail.com

ବାହାରକୁ କୁରାଢ଼ୀଟାଏ କାନ୍ଧରେ ଦେଇ ।

ଦୁଃଖ, ଦୁର୍ଦ୍ଦିନ ଓ ଦୁଃଶ୍ଚିନ୍ତାରେ ମୋର ଚେତାଚୈତନ୍ୟ ପ୍ରାୟ ବୁଡ଼ି ଯାଇଥାଏ । ମୁଁଇ ଏକମାତ୍ର ଜୀବ ଯେ ଏ ପ୍ରକୃତିର ତାଣ୍ଡବର ଦ୍ରଷ୍ଟା । ମୃତ୍ୟୁର ଏ ନୃତ୍ୟ ଶେଷରେ ଯିମିତି ମୁଁ ଆଉ ପ୍ରକୃତିର ଶେଷ ହେବ ।

କାଠ ପାଇଁ ମୁଁ ଏବେ ପାଗଳ । ବାପା ଯେମିତି ଶେଷ ବେଳକୁ ବାୟା ହୋଇ ଯାଇଥିଲେ । ଘର ଛପର ବାଉଁଶ ଓ ପାଳ ଏମିତି ଓଦା ଓ ପଚା ଯେ ସେଥିରେ ନିଆଁ ଧରିବ ନାହିଁ । ବାହାର ଦୁନିଆଁରେ କେଉଁଠି କେମିତି ବେଗୁନିଆଁ ଓ ଅମରୀ ବୁଦାଏ ଦି'ବୁଦା ଅଛି । କେଉଁ ଗଛରେ ଶୁଖିଲା ଡାଳ ନାହିଁ । ତୋଫାନରେ ଚଢ଼ିବ କିଏ ? ଭୂଇଁରେ ବି କେଉଁ ଗଛର ଚେର ଦିଶୁ ନାହିଁ । ଅବିରାମ ବର୍ଷାରେ ଭିଜିବା ଯାହା ସାର । ହା, ହତାଶ ହୋଇ ଘରକୁ ଫେରିବି ଭାବୁଛି, ଦେଖିଲି ଦୂରରେ ଯେଉଁଠି ବାପାଙ୍କୁ ମୁଖାଗ୍ନି ଦେଇଥିଲି ସେଇଠି ନିଆଁ ଦପ୍‌ଦପ୍ ହୋଇ ଜଳୁଛି । ସନ୍ଧ୍ୟା ହେବାକୁ ବହୁତ ଡ଼େରିଥିଲେ ବି ପ୍ରାୟାନ୍ଧକାର ।

ଶ୍ମଶାନରେ ପହଞ୍ଚି ଦେଖିଲି ବାପା ଯେତିକି ନିଆଁ ଖାଇବାର ଖାଇ ସାରିଛନ୍ତି ଏବଂ ନିଆଁ ଯେତିକି ମନ ମନେଇ ବାପାଙ୍କୁ ଖାଇବ ଭାବିଥିଲା ଖାଇ ସାରିଛି । ଉଭୟେ ସନ୍ତୁଷ୍ଟ ଓ ପରିପୂର୍ଣ୍ଣ । ଆସିଲାବେଳେ ଯେଉଁ ଦି'ଖଣ୍ଡ କାଠଗଡ଼ ଜୁଇରେ ଲଦି ଦେଇଥିଲି ତାହା ଅଦ୍ୟାପି ଜଳୁଛି । ବର୍ଷା ଚିତାଗ୍ନିକୁ ଲିଭାଇ ପାରିନାହିଁ ।

ସେ ଦି'ଖଣ୍ଡ ଅର୍ଦ୍ଧଦଗ୍ଧ ଗଡ଼କୁ ଟାଣି ଆଣିଲି ଏବଂ କେତେ କଳସ ପାଣି ଆଣି ଲିଭାଇ ଦେଲି ନିଆଁ । ମୁଁ ଜୀବନରେ କେବେ କାଠ ଚିରି ନାହିଁ କିନ୍ତୁ; ବାପା ମୁଠାଏ ମୁଢ଼ି ପାଟିରେ ପକାଇ ଶଗଡ଼େ କାଠ ଚିରି ଦେଇ ପାରୁଥିଲେ ଭାତ ଖାଇବା ଆଗରୁ । ତାଙ୍କର ସେଇ ଅଦ୍ଭୁତ ଶକ୍ତି ମନେ ପକାଇ କାଠ ଚିରି ସଂଗ୍ରହ କରିବାରେ ଲାଗିଲି ଏବଂ କିଛି ଦରପୋଡ଼ା କାଠ ଓ ଉହ୍ନେଇରୁ କିଛି ଜ୍ୱଳନ୍ତ ଅଙ୍ଗାର ନେଇ ଘରକୁ ଫେରିଲି । ଝଡ଼ିବର୍ଷା କମି ଯାଇଥିଲା ।

ମୋତେ ଏ ରୂପରେ ଦେଖି ସ୍ତ୍ରୀ ହୁଏତ ବାପା ଫେରି ଆସିଲେ ଭାବି ଚମକି ପଡ଼ିବେ; ଭୟ ହେଉଥିଲା ମାତ୍ର ପିଲାଛିଲାଙ୍କ ପେଟ ଓ ତାଙ୍କ ନିଜ ପେଟ ଚିନ୍ତା ତାଙ୍କୁ ଭୂତ ଭୟର ଊର୍ଦ୍ଧ୍ୱରେ ରଖିଥିଲା ।

ରୋଷେଇ ଆରମ୍ଭ ହେଲା ଏବଂ ନିଆଁ ଜଳିଲା ପରେ ସ୍ତ୍ରୀଙ୍କୁ ପଚାରିଲି, "କିମିତି ମଡ଼ା ଗନ୍ଧ ଆସୁଛି ନା ?" ସେ କହିଲେ "ଅନେକ ସମୟ ଧରି ମଶାଣୀ ନିଆଁ ପାଖରେ ଥିଲ ଓ ସେଇ ଗନ୍ଧ ନାକରେ ରହି ଯାଇଥିବ ।"

ଖୁସି ଲାଗିଲା ଯେ ସଞ୍ଜ ପୂର୍ବରୁ ଆମେ ସମସ୍ତେ ଏକାଠି ବସି ପିତାଭାତ ଖାଇଲୁଁ; ବାପାଙ୍କ ସଂଗୃହୀତ ଅରୁଆ ଚାଉଳ ମୁଠାରୁ ।

ଚାଉଳିଆ ତତଲା ଭାତ ଚୋବାଇ ଖାଇଲା ବେଳେ ଜୀଅନ୍ତା ଅଙ୍ଗାର କୁଢ଼ରୁ

Digitized by srujanika@gmail.com

କୁଦ୍ରୁ ଖାଉଛା ପରି ଲାଗୁଥାଏ ।

ବାପାଙ୍କ ମୁଖାଗ୍ନି ପାଇଁ ଯେଉଁ କ୍ଳେଶ ଓ କ୍ଳାନ୍ତି ସହ୍ୟ ଓ ଅନୁଭବ କଲି ତାର ଶେଷରେ ବାପାଙ୍କ ଖାଲି ଖଟିଆରେ ପଡ଼ି କେବଳ ଗୋଟିଏ କଥା ଭାବୁଥାଏ; ମୁଁ ବାପାଙ୍କୁ ମୁଖାଗ୍ନି ଦେଲି ନା ବାପା ମୋତେ ମୁଖାଗ୍ନି ଦେଲେ ।

Digitized by srujanika@gmail.com

# ଉନ୍ନୟନ

ନାଲା ତେଲେଙ୍ଗା ଓରଫ ଲାଲମୋହନ ତେଲେଙ୍ଗା ସେଦିନ ରଥ ପୋଖରୀର ଡୋମସାହି ଘାଟରେ ଆଣ୍ଠୁଏ ପାଣିରେ ଛିଡ଼ାହୋଇ ଜବାକୁସୁମ ସଙ୍କାଶ ଉଦୀୟମାନ ସୂର୍ଯ୍ୟ ଦେବଙ୍କୁ ଯେତେବେଳେ ସାତ ଆଞ୍ଜୁଳା ପାଣି ଟେକୁଥିଲା ସେତେବେଳେ ଯେବେ କେହି ଅଭିଜ୍ଞ ଗୁଣୀଜ୍ଞାନୀ ବ୍ୟକ୍ତି ତାକୁ ଦେଖିଥାନ୍ତା ତେବେ ସେ ଅବଶ୍ୟ ମନେ ପକାଇଥାନ୍ତା ଶତଦ୍ରୁ ନଦୀରେ ସେଇ କାମ କରୁଥିବା ଜନୈକ ଆର୍ଯ୍ୟ ଋଷିଙ୍କି ।

ନ ହେଲେ ମନେ ପକାଇଥାନ୍ତା କର୍ଣ୍ଣାର୍ଜୁନ ନାଟକର ପ୍ରଥମ ଦୃଶ୍ୟରେ ସ୍ୱୀୟ ପିତୃଦେବଙ୍କୁ ଅର୍ଘ୍ୟ ଦେଉଥିବା କର୍ଣ୍ଣରୂପୀ ଅଭିନେତା ଅହୀନ୍ଦ୍ର ଚଉଧୁରୀ ବା ଆମ ବଲାଇ ବେନାର୍ଜୀଙ୍କୁ । ଅଥବା ମନେ କରନ୍ତା ଅଧୁନାତନ ଯୁଗରେ ପ୍ରାୟ ବିବସ୍ତ୍ର ହୋଇ ଗଙ୍ଗାରେ ସ୍ନାନ କରୁଥିବା ଜନୈକ ପ୍ରାକ୍ତନ ପ୍ରଧାନମନ୍ତ୍ରୀଙ୍କ ପତ୍ର ପତ୍ରିକାରେ ମୁଦ୍ରିତ ଫଟୋକୁ ।

ମାତ୍ର ସେମାନେ ସମସ୍ତେ ହେଲେ ପୁରାଣ ଇତିହାସ ସ୍ରଷ୍ଟା ଆର୍ଯ୍ୟ, ଆମର ନାଲା ହେଲା ଏକ ଅଜ୍ଞାତ ଈଶ୍ୱର ପରିତ୍ୟକ୍ତ ପଲ୍ଲୀର ଅନୁସୂଚିତ ଜାତିର ଏକ ଅନାମଧେୟ ବୃଦ୍ଧ ।

ହୁଡ଼ାର ତାଳ ଗଛର ଛାଇ ସହିତ ତାର ନିଜ ଛାଇ ସମାନ୍ତରାଳ ହୋଇ ଲମ୍ବେ ଲମ୍ବ ପଡ଼ିଥାଏ । ଜାଣି ହବ ନାହିଁ କେଉଁଟା କାହାର । ନାଲା ଦୀର୍ଘଦେହୀ ତଥା ନିରୋଗ । ଓଠରେ ନାତିଦୀର୍ଘ ବିରଳ ଶ୍ୱେତ ଶ୍ମଶ୍ରୁ ସେ ଗୋଛାଏ ପଇତା କାନ୍ଧରେ ପକାଏ । କିଏ ଲୋଭୀ ବ୍ରାହ୍ମଣ କିଛି ପ୍ରାପ୍ତି ଆଶାରେ ଗହ୍ମା ପୂର୍ଣ୍ଣିମାରେ ତାକୁ ପ୍ରତିବର୍ଷ ଦିଅନ୍ତି ଏଇ ପଇତା ।

ନାଲାର ବ୍ରାହ୍ମଣ ହେବାର ଅଭିଳାଷ ନଥିଲା । ସେ ବ୍ରାହ୍ମଣମାନଙ୍କ ମୁହଁରୁ ଶୁଣିଥିଲା ଭଗବାନ୍ ଚାରିଜାତି ସର୍ଜନା କରିଥିଲେ ପ୍ରାଣୀମାନଙ୍କ ହିତ ପାଇଁ । ସେ ନିର୍ମଳ ଜୀବନ ଯାପନ କରୁଥିଲା । ଗୋ-ମାଂସ ଭକ୍ଷଣ କରୁ ନଥିଲା, ମଦ ହାଣ୍ଡିଆ ଆଦି ନିଶାଦ୍ରବ୍ୟ ସେ ଘୃଣା କରୁଥିଲା । ଗୋଟିକି ଗୋଟି ଅକ୍ଷର ଚିହ୍ନି ଚିହ୍ନି ଭାଗବତ ବି ପଢୁଥିଲା । ସ୍ୱାଧୀନତା ପର୍ଯ୍ୟନ୍ତ ସେ ଥିଲା ସାହିର ମୁରବୀ । ଦେଶ ସ୍ୱାଧୀନ ହେଲା ପରେ ତା'ର ପ୍ରତିପତ୍ତି ଚାଲିଗଲା । ସାହିର ଟୋକାଏ ଯିମିତି ତାକୁ ମାନିଲେ ନାହିଁ, ବ୍ରାହ୍ମଣ ସାହିର ବ୍ରାହ୍ମଣମାନେ ବି ନ୍ୟାୟ ନିଶାପ ଚାନ୍ଦା ଭେଦା ପୂଜାପାର୍ବଣରେ ତାକୁ ଡାକିଲେ ନାହିଁ ।

ବ୍ରାହ୍ମଣ ସାହିକୁ ଘେରି ଭୂମିଜ ସାହି, ଶୁଣ୍ଢି ସାହି, ଭୂୟାଁ ସାହି, ବାଥୁଡ଼ି ସାହି ଏବଂ

Digitized by srujanika@gmail.com

ମାଝି ସାହି ଥିଲା । ଗୋଟାଏ ବଡ଼ ଦେଶରେ ବିଭିନ୍ନ ରାଜ୍ୟ ସହାବସ୍ଥାନ କଲା ପରି । କେନ୍ଦ୍ରରୁ ବନ୍ୟା ମରୁଡ଼ିରେ ରାଜ୍ୟମାନେ ଅର୍ଥ ଓ ଖାଦ୍ୟ ଶସ୍ୟ ଆଣିଲା ପରି ଛୋଟ ଛୋଟ ସାହିର ଲୋକେ ଅଭାବ ନିଅଣ୍ଟରେ ଟଙ୍କାଏ ମସାଏ ବ୍ରାହ୍ମଣ ସାହିରୁ ଧାର କରଜ ଆଣୁଥିଲେ; କେତେବେଳେ ପଧାନ, କେତେବେଳେ ପାଣିଗ୍ରାହୀ ଘରେ ବନ୍ଧାଛନ୍ଦା ଦେଇ । ଶାସନର ବ୍ରାହ୍ମଣଙ୍କ ଯିମିତି ରାଜାଙ୍କୁ ଆଶୀର୍ବାଦ କରିବା ପାଇଁ ନିଷ୍କର ଜମି ଥିଲା ଡୋମମାନେ ବି ସିମିତି ବ୍ରାହ୍ମଣଙ୍କଠାରୁ ପାଞ୍ଚମାଣ ଜମି ଭୋଗ କରୁଥିଲେ ପର୍ବପର୍ବାଣୀ, ଜନ୍ତାଳ, ଛଉନାଚ, ଚଢ଼େୟା ନାଚରେ ବାଜା ବଜାଇବା ପାଇଁ । ବିବାହ ବ୍ରତରେ ବ୍ରାହ୍ମଣମାନେ ଡୋମମାନଙ୍କୁ ଗୁଆ ମଧ ଦେଉଥିଲେ । ମକର ସଂକ୍ରାନ୍ତି ବା ଗହ୍ମା ପୂର୍ଣ୍ଣିମାରେ ଏଇ ଲାଲମୋହନ ତେଲେଙ୍ଗା ଗାଁର ମୁଖିଆ ମୁଖିଆ ବ୍ରାହ୍ମଣ ଗୋସେଇଁ ଯଥା କ୍ଷେତ୍ର ଓତା, ଯଦୁ ପାଣିଗ୍ରାହୀ, ରାଧୁ ଷଡ଼ଙ୍ଗୀ, ଶଙ୍କର ନନ୍ଦ, ଭୋଳା ଶତପଥୀ ପ୍ରମୁଖଙ୍କୁ ବାଜା ମହୁରି ବଜାଇ ସ୍ନାନ ପାଇଁ ଏଇ ରଥ ପୋଖରୀକି ଆଣୁଥିଲା ତା' ସାହିର ମୁରବୀ ସାଙ୍ଗରେ । ହେଲେ ସେମାନେ ସମସ୍ତେ ଚାଲିଗଲେଣି । ଅଯୋଧ୍ୟା ନାହିଁ କି ରାମ ନାହାନ୍ତି । ବିରାଟ ଆମ୍ବତୋଟାରୁ ଛେଳିଶିଙ୍ଘୀ, ନାକୋଇ, ବେଲୁଇ, ମାଙ୍କଡ଼ଗାଣ୍ଡିଆ, କଦଳିଆ, ପାଣିମୁଡ଼ି ଆଦି ସବୁ ବଡ଼ ବଡ଼ ପ୍ରଖ୍ୟାତ ଆମ୍ବଗଛ ବର୍ଷା ଝଡ଼ତୋଫାନରେ ଅବା ବୁଢ଼ା ହୋଇ ମରିଗଲେଣି । କେବଳ ରହିଯାଇଛି ଲାଲମୋହନ ।

ଆଜିକାଲି ଯିମିତି ଦୁର୍ଭିକ୍ଷ ମରୁଡ଼ି ଅଭାବ ଅନଟନ ପଡୁଛି ଏବଂ ସାଇଲୋକେ ଭୋକ ଉପାସରେ କାଳ କାଟୁଛନ୍ତି ନାଲା ତେଲେଙ୍ଗା ତାହା ଦେଖି ଶୁଣି ବ୍ୟଥିତ ହୁଏ । ତା ଅମଳରେ ଲୋକେ ଭାତ ସଜନାଶାଗ ଖାଇ ବଞ୍ଚୁଥିଲେ, ହେଲେ ଏତେ ଠକାମୀ ଅନୀତି ନଥିଲା । ଡୋମମାନଙ୍କର ପ୍ରଧାନ ବେଉସା ଥିଲା ଗୋରୁ କିଣାବିକା । ୟାଠୁ ତା'ଠୁ ଧାରକରଜ ନେଇ ଏ ହାଟରୁ କିଣି ସେ ହାଟରେ ବିକିବା । ମଲା ଗୋରୁ ଛେଳି ତା' ଚମଡ଼ା ଓ ଛେଳି ଚମଡ଼ା ପଟାଦାରଙ୍କୁ ବିକିବା । ସ୍ତ୍ରୀ ଲୋକମାନେ ଓ ପିଲାଝିଲାଏ ଘରେ ବସି ବାଉଁଶିଆ, ବୁରୁଣି, କୁଲା, ଚଲା, ଡଲା, କୁଞ୍ଚି ବିଞ୍ଚଣା ଆଦି ଅଳ୍ପ ଦାମର ଅତି ଦରକାରୀ ଘରକରଣା ଜିନିଷ ତିଆରି କରୁଥିଲେ । ପୁରୁଷମାନେ ଦଳବାନ୍ଧି ଟାଟାନଗର ଖଡ଼ଗପୁର ପର୍ଯ୍ୟନ୍ତ ଚାଲିଚାଲି ଯାଇ ସେସବୁ ବିକୁଥିଲେ । ହାଡ଼ଭଙ୍ଗା ପରିଶ୍ରମ ଲଘୁ କରିବା ପାଇଁ ହୁଏତ କିଏ କିମିତି ହାଣ୍ଡିଆ ବା ହାଟବାଟରୁ ମଦ ଟୋପିଏ ପିଉଥିଲେ ।

ଲାଲମୋହନ ବୁଝିପାରେନି ରଜାରାଜୁଡ଼ା ଯିବା ପରେ ପରେ କାହିଁକି ସାଇ ଲୋକେ ଏଇ କର୍ମକୁଣ୍ଠ ହୋଇ ଯାଇଛନ୍ତି । ଠକାମୀ ଭଣ୍ଡାମୀରେ ଯିଏ ବଞ୍ଚିପାରିଲା ଭଲ; ନହେଲେ ଛୁଆପିଲା ମଲେ । ତାଙ୍କ ସାଇରେ ଆଉ ସଞ୍ଜବେଳେ ବାଜା ମହୁରି ବାଜେ ନାହିଁ; କିମ୍ବା ବାଉଁଶ କାମ ବି ହୁଏ ନାହିଁ । ଯିଏ ଟିକିଏ ପାରିବାର ହେଲା ସେ ଚାଲିଲା ସହର ମୁହାଁ ।

ସବୁ ଅଭାବ ସାଙ୍ଗକୁ ଗାଁର ପ୍ରଧାନ ଅଭାବ ହେଲା ପାଣି । ଶୁଣାଯାଏ ଏ ଗାଁର

Digitized by srujanika@gmail.com

ପିତୃପୁରୁଷ ଅର୍ଥାତ୍ ବ୍ରାହ୍ମଣମାନେ ବନ୍ୟାକୁ ଡରି ଯାଜପୁର ଅଞ୍ଚଳରୁ ଉଠିଆସି (ଉନ୍ନୟନ ?) ରାଜା ମହାରାଜାଙ୍କ ଠାରୁ ନିଷର ଯମୁନାଦେଈପୁର ଗାଁଟି ଦାନ ସୂତ୍ରରେ ପାଇଥିଲେ । ଗାଁଟି ପାହାଡ଼ର ଗଡ଼ାଣିଆ ଜାଗାରେ । ପଥୁରିଆ । ବର୍ଷା ଦିନରେ ବି ଶୁଖିଲା ଠୋ ଠୋ । ଖରାଦିନରେ ଗାଁର କିଆ ପୋଖରୀ, ବଣପୋଖରୀ, ବିଲ ପୋଖରୀ, ତାଳ ପୋଖରୀ ଶୁଖି ଫାଟିଯାନ୍ତି । ଗୋରୁ ଛେଳି ପିଇବା ପାଇଁ ବି ଟୋପେ ପାଣି ନଥାଏ ।

ସାତମାଣ ଜମି ମାଡ଼ି ବସିଥିବା ଏଇ ରଥପୋଖରୀ ଯାହାର ପ୍ରତିଷ୍ଠା ଉତ୍ସବରେ ନାଲା ଯୋଗଦେଇ ବାଜା ପିଟିଛି ଓ ରଥବୁଢ଼ା ପାଖରୁ ଶିରିପା ପାଇଛି- ବି ଖରାଦିନେ ଗୋଟାଏ ପଙ୍କୁଆ ଗାଡ଼ିଆ ହୋଇଯାଏ । ଅଠର ହାତ ଦୀପଦଣ୍ଡି ଚାରିହାତକୁ ଆସିଲାଣି ପଙ୍କ ପୋତି ହୋଇ । ଗାଁର ପ୍ରାୟ ଦେଢ଼ ହଜାର ଲୋକ ସହିତ ଇଲାକାର ପଶୁପକ୍ଷୀ କୀଟପତଙ୍ଗ ଏଇ ରଥ ପୋଖରୀକି ଆଶ୍ରା କରିଥାନ୍ତି । ପାଖ ଭୂମିଜ ସାହି ଓ ମାଝୀ ସାହିର ଲୋକେ ଏ ପାଣି ପିଅନ୍ତି ମଧ୍ୟ । ପୋଖରୀଟା ସବୁବେଳେ ଲୋକାରଣ୍ୟ, ବହୁତ ରାତି ପର୍ଯ୍ୟନ୍ତ ଖରାଦିନ ସାରା ।

ସକାଳେ ଅପେକ୍ଷାକୃତ କମ୍ ଭିଡ଼ । ପାଣି ଅପେକ୍ଷାକୃତ ନିର୍ମଳ ଓ ଥଣ୍ଡା ଥାଏ । ଲାଲମୋହନ ଭୋର ସକାଳେ ଖରା ବର୍ଷା ଶୀତରେ ଠିକ୍ ଏକା ସମୟରେ ଏଇ ରଥ ପୋଖରୀରେ ଗାଧୁଆ ପାଧୁଆ ସାରିଦିଏ । ପୋଖରୀରେ ପ୍ରତି ସାହି ପାଇଁ ଗୋଟିଏ ଘାଟ । ବ୍ରାହ୍ମଣ ସାହିର ଦୁଇଟା, ଗୋଟାଏ ପୁରୁଷଙ୍କ ପାଇଁ ଅନ୍ୟଟି ସ୍ତ୍ରୀଙ୍କ ପାଇଁ । ଡୋମସାହି ଘାଟର ଠିକ୍ ବିପରୀତ ପାର୍ଶ୍ୱରେ । ପୋଖରୀରେ ପାଣି ଭରପୂର ଥିଲେ କିଛି ଅସୁବିଧା ନଥାଏ; କିନ୍ତୁ ଖରାଦିନେ ପାଣିର ଆୟତନ ଖୁବ୍ ସଙ୍କୁଚିତ ହୋଇଗଲେ ପୁରୁଷ ସ୍ତ୍ରୀ ଡୋମ ବ୍ରାହ୍ମଣ ମଣିଷ ପଶୁ ଏକତ୍ର ବ୍ୟବହାର କରିବାକୁ ବାଧ୍ୟ ହୁଅନ୍ତି । ମନୁଷ୍ୟତ୍ୱ ପଶୁତ୍ୱର ବ୍ୟବଧାନ ଏତେ କମ୍ ଯେ ଜାତିଭେଦ କଥା ଉଠେ ନାହିଁ । ତଥାପି ୟା ଦିହ ପାଣି ତା' ଦିହକୁ ଛିଟିକି ଡୋମଣି ବ୍ରାହ୍ମଣୀ ମଧ୍ୟରେ କେତେ ଗଣ୍ଡଗୋଳ କଳିତକରାଳ ସୃଷ୍ଟି ନ ହୋଇଛି ଏଇ ରଥ ପୋଖରୀରେ ।

ଡୋମ ସାହିକୁ ଏ ପୋଖରୀଟା ଖୁବ୍ ଦୂର । ପ୍ରାୟ ଗୋଟାଏ କିଲୋମିଟରେ ହେବ । ସେଥିପାଇଁ ଡୋମମାନେ ମିଳିମିଶି ଅଧ କିଲୋମିଟର ଦୂର ଗୋଟାଏ ଗହୀର ଜମିରେ କୂଅ (ଗାତ ?) ଗୋଟାଏ ଖୋଳି ପିଇବା ପାଣି ସଂଗ୍ରହ କରନ୍ତି । ଦୁର୍ବୃତ୍ତଙ୍କ ଭୟରେ ଦିନ ଦ୍ୱିପ୍ରହରେ ବି ସେଠାକୁ କେହି ଯୁବତୀ ଏକାକୀ ଯିବାକୁ ସାହସ କରନ୍ତି ନାହିଁ । କାରଣ ଏଇ ନାମମାତ୍ର କୂଅକୁ ଲାଗି ଆକାଶିଆ ଓ ଉଇକାଲିପଟାସ୍ ଜଙ୍ଗଲ ।

ଲାଲମୋହନ ପ୍ରତି କଥାରେ ରାମଚନ୍ଦ୍ର ଭଞ୍ଜ, କୃଷ୍ଣଚନ୍ଦ୍ର ଭଞ୍ଜ ବା ଯଦୁନାଥ ଭଞ୍ଜ ନାମ ଉଚ୍ଚାରଣ କରେ । କୁହେ ସେଇମାନେ ଥିଲେ ପ୍ରକୃତ ରଜା ମହାରାଜା । ପ୍ରଜାଙ୍କ ମା' ବାପ । ସେମାନେ ଚାଲିଗଲେ, ଲକ୍ଷ୍ମୀ ଚାଲିଗଲେ । ସେ ଗର୍ବ କରେ ଯେ କୃଷ୍ଣଚନ୍ଦ୍ର ଭଞ୍ଜଙ୍କୁ ସେ ଦେଖିଛି, ପ୍ରଥମ କିରାସିନିଆଲ, ପ୍ରଥମ ଘୋଡ଼ା ବଗି ସେ ରାଜବାଟୀରେ

Digitized by srujanika@gmail.com

ଦେଖିଛି ତାର ଛୁଆଁଣ ବେଳେ ।

ତା'ର ଦୁଃଖ ଜୀବନଯାକ ଅପେକ୍ଷା କରି ନିଜ ବଂଶର ବା ସାଇର କିଛି ଉନ୍ନତି କରି ପାରିଲିନି । ପିଇବା ପାଣି ଟୋପାଏ ଯେଉଁଠି ଅମିଳ ସେଠି ମଣିଷ କଣ ବଣଜଙ୍ଗଲର ଜନ୍ତୁ ବି ରହିବେ ନାହିଁ । ସେ ନିଜେ ଅନେକଥର ଭାବିଛି ଅଣନାତି ଦୁଇଟାକୁ ଧରି ଆଉ ଯୁଆଡ଼େ ହେଉ ଚାଲିଯିବ, ଯେଉଁଠି ପାଣି ମିଳିବ, ଛୁଆ ପିଲାଏ ଗରମ ଦିନରେ ମନ ମନାଇ ଗାଧୋଇବେ, ନିର୍ମଳ ଥଣ୍ଡା ପାଣି ଆଞ୍ଜୁଳାଏ ପିଇବେ । ହେଲେ ଭିଟାମାଟି, ଜନ୍ମଭୂଇଁ ଛାଡ଼ି ଅଜଣା ଜାଗାରେ ଆଶ୍ରୟ ଲୋଡ଼ିବ କିଏ ?

ତା'ର ନିଜର ଅବଶ୍ୟ କେହି ନାହାନ୍ତି ଅଣନାତି ଦୁଇଟା ଛଡ଼ା, ଯେଉଁମାନଙ୍କୁ ସାନ ଛେଉଣ୍ଡ ଅବସ୍ଥାରୁ ପାଳିଛି, ବଡ଼ କରିଛି, ବଂଶର ବିହନ ରଖିଯିବା ପାଇଁ । ତା'ର ବଡ଼ପୁଅ ମଲା ଟାଟାନଗରରେ ତତଲା ଲୁହା ତଳେ । ସାନପୁଅ ଗଲା ବାଦାମ-ପାହାଡ଼ରେ ରେଳ ଇଞ୍ଜିନ୍‌ରୁ ପାହାଡ଼ ତଳେ ପଡ଼ି । ଆଉ ଯିଏ ବଂଶପ୍ରାଣୀ ଥିଲେ, ସେମାନେ ମଲେ କଲେରାରେ ଭଲ ପାଣି ନ ପିଇ ନ ପାଇ ।

ସେ ମହାତ୍ମାଗାନ୍ଧୀଙ୍କ ନାଆଁ ଶୁଣିଛି । ରାମ ରାଜ୍ୟ ନାଆଁ ଶୁଣିଛି, ହରିଜନ ଆନ୍ଦୋଳନ କଥା ବି ଜାଣେ । ତାର ବିଶ୍ୱାସ ଜନ୍ମିଥିଲା ସାହେବ ଯିବା ପରେ ରାମରାଜ୍ୟ ଆସିବ । ଛୁଆଁ ଅଛୁଆଁ ରହିବ ନାହିଁ । ସେଇଦିନର ଅପେକ୍ଷାରେ ସେ ବଞ୍ଚିଛି ଏବଂ ଅଣନାତି ଦୁଇଟାକୁ ସେଇ ଅଭୟାଶ୍ରମରେ ରଖି ଆଖି ମୁଦିବ ଭାବିଛି ।

ବ୍ରାହ୍ମଣ ସାହି ତିରିଲା ଘାଟରେ ଦୁଇଟା ସାନଝିଅ ପାଣିରେ ବେକଯାକେ ବୁଡ଼ି କଥାବାର୍ତ୍ତା ହେଉଥାନ୍ତି ହିଡ଼ରେ ଚାଲିଥିବା ନାଲାକୁ ଚାହିଁ ।

କଣ୍ଢେଇ କହୁଥାଏ ଫୁକଲିକୁ "ଫୁକଲି ଲୋ ! ଏଇ ଯେଉଁ ବୁଢ଼ାଟା ହିଡ଼ ଉପରେ ଯାଉଛି ସେଟା ଜାତିରେ ଡୋମ; ପଚା ଗୋରୁ ମାଂସ ଖାଏ; ମଦ ହାଣ୍ଡିଆ ଖାଏ; ଝାଡ଼ା ଫେରି ପାଣି ଛୁଏଁ ନାହିଁ; ପାଣିରେ ମୁତେ । ବାପା କହୁଥିଲେ । ପଇତା ପକେଇଛି । ଡମ କି ବ୍ରାହ୍ମଣ ହବ କେଉଁ ଜନ୍ମରେ !"

ଫୁକଲି କହିଲା, "ଏମାନଙ୍କୁ ବ୍ରାହ୍ମଣମାନେ ଗାଁରୁ ଉଠାଇ ଦେଉନାହାନ୍ତି ! ଆଜି ମାଆ ଅଲୁଗୁଣିଏ ଲୁଗା ଧୋଇଛି । ସ୍କୁଲରୁ ଆସି ବିଠଳ ଭାଇ ଛୁଇଁଦେଲା ଅଲୁଗୁଣିଟା । ସିଏ ଡମ ଛୁଆ ଗୋଟାକ ସାଙ୍ଗରେ ଏକା ବେଞ୍ଚରେ ବସିଥିଲା । ଅଲଗା ହୋଇ ବସିଲେ ବି ଏକା କାଠ । ଛୁଆଁ ଦୋଷ କଟିଯିବ ?"

କଣ୍ଢେଇ ଯୋଡ଼ିଲା "ମାଆ କହୁଥିଲା ଛୁଆଁ ଅଛୁଆଁ ନ ମାନିଲେ ବଡ଼ ରୋଗ ହୁଏ, ହାତଗୋଡ଼ ଛିଡ଼ିଯାଏ ।"

ଲାଲମୋହନ ଏ କଥୋପକଥନ ଶୁଣିଲା । ଭାବିଲା, ନିନ୍ଦା ଅପବାଦ ଯୁଗ ଯୁଗ ଗଲା କାଟିଲା ନାହିଁ । ଆମେ ବଣର ଜାନୁଆରଠୁଁ ହୀନ । ଖଇର ବାଘୁଣୀ ପଛରେ ଲକ୍ଷ ଲକ୍ଷ ଖର୍ଚ୍ଚ ହୁଏ । ଶୋଇବା ଘରେ ହଗେମୁତେ; ମଣିଷ ତିରିଲା ସାଙ୍ଗରେ ଶୁଏ, ଖାଡା

Digitized by srujanika@gmail.com

ପେନ୍‌ସିଲ ଧରି ଛଅଟା ଲୋକ ତା' ହଗିବା ମୁତିବା ବେଳ ଟିପି ନିଅନ୍ତି । ତା'ର ମଣିଷ ମାରିବା ଅପବାଦ ଗଲା, ଅଥଚ... ।

ଆଗକୁ ଚାହିଁଲା, କାନୁ ମିଶ୍ରେ । ବ୍ରାହ୍ମଣ ସାହିର କେହି ହୋଇଥିଲେ ମିଶ୍ରଙ୍କୁ ଦେଖିଲାମାତ୍ରେ ଅଶୁଭ ଦର୍ଶନ ହେଲା ବୋଲି ଫେରିଯାଇ ପୋଖରୀରେ ପୁଣି ବୁଡ଼ଟିଏ ଦେଇଥାନ୍ତା । ଲାଲମୋହନ ମଣିଷକୁ ଘୃଣା କରେ ନାହିଁ । ସେ ମିଶ୍ରଙ୍କୁ ଦେଖି କୃତକୃତ୍ୟ ହୋଇ ଦୁଇହାତ ଯୋଡ଼ି ପ୍ରଣାମ କଲା, କହିଲା "ଜୁହାର ମିଶ୍ରେ ସାଆନ୍ତେ, ପାଆଁଶ ଜୁହାର । ଗାଧୋଇ ସାରି ମିଶ୍ର ଗୋସେଇଁଙ୍କି ଦେଖିଛି, ଆଜି ମୋର ଖୁବ୍ ଭଲ ହବ ।"

କାନୁ ମିଶ୍ରେ ଇଲାକାର ଜଣେ ମାତବର ଲୋକ, ତାଙ୍କୁ ନ ଜାଣିବା ଲୋକ ନାହାନ୍ତି । ଗାଁ ଲୋକେ ତାଙ୍କୁ 'ସରକାର' ବୋଲି ଡାକନ୍ତି; କାରଣ ସେ ପ୍ରତି କଥାରେ ଆମ ସରକାର ଏଇୟା କରୁଛି, କରିଛି, କରିବ ବୋଲି କହନ୍ତି । ତାଙ୍କ ବାପାଙ୍କ ପ୍ରଥମ ସ୍ତ୍ରୀ ତରଫରୁ ସେମାନେ ତିନିଭାଇ, ତାଙ୍କ ନାଆଁ କାନୁ, କେନୁ, କେଉଟା । ଦ୍ୱିତୀୟା ତରଫରୁ ଆଉ ଦୁଇଭାଇ, ସେମାନେ କୁଆଡ଼େ ବିଜାତୀୟ, ମିଶା । ଅପ୍ରାପ୍ତ ବୟସ୍କ ଷଣ୍ଢ ପରି ଯା ପଛେ ତା'ପଛେ ଶୁଙ୍ଘି ଶୁଙ୍ଘି ଜୀବନ ଆରମ୍ଭ କରୁଛନ୍ତି, ଲାଇନ୍ ଧରି ନାହାନ୍ତି ଏଯାକେ ।

ପାଞ୍ଚଭାଇଙ୍କ ଘର ତଥା ଦୋକାନ ସଡ଼କ କଡ଼ରେ । ସବୁ ଟ୍ରକ୍, ବାସ୍, ସାଇକେଲ ବା ଆଉ ସବୁ ଯାନବାହନ ସେଇଠି ଅଟକେ । ଖବର ସଂଗ୍ରହ ଓ ବିତରଣର ସେଇଟା କେନ୍ଦ୍ର । ଗୋଟାଏ ଉନବିଂଶ ଶତାବ୍ଦୀର ରେଡ଼ିଓ ଅଛି, ସବୁବେଳେ ଘରଘର, କାନ ପାଖରେ ରଖି ଶୁଣିବାକୁ ପଡ଼େ, ବଡ଼ ତିନିଭାଇ ତା'ର ଭାଷା ବୁଝନ୍ତି ।

ଏମାନଙ୍କର ମିଠା ଦୋକାନ ଥିଲା । ନିଜେ ଖାଇ ସବୁ ବୁଡ଼ାଇ ଦେଲେ । ଏବେ ଚା ଦୋକାନ ଅଛି । ପଚା ଶାଳ ପତରର ଚା, ଗୁଣ୍ଡ ଦୁଧରେ କମ୍ ଚେନି ଦେଇ ତିରିଶ ପଇସାରେ ଅଧଗ୍ଲାସେ ମିଳେ ଖୁବ୍ ଦେରିରେ । ଭଙ୍ଗା ଚେୟାର ଟେବୁଲ କେତୁଟା ପଡ଼ିଛି । ଗଲାଆସିଲା ଲୋକେ ବିଶ୍ରାମ କରନ୍ତି, ଖବର ଜାଣନ୍ତି ନିଅନ୍ତି, ଗାଁମାନଙ୍କରେ ବଣ୍ଟାବଣ୍ଟି କରନ୍ତି । ଏମାନେ ଖବରକାଗଜର ଏଜେଣ୍ଟ, ସମ୍ବାଦଦାତା । ପାଞ୍ଚ ଭାଇଙ୍କ ପାଞ୍ଚ କାଗଜ । 'ସମାଜ', 'ପ୍ରଜାତନ୍ତ୍ର', 'ଧରିତ୍ରୀ', 'ପ୍ରଗତିବାଦୀ', 'ମାତୃଭୂମି' । ଜଣଙ୍କର ଗୋଟିଏ ଗୋଟିଏ । କେବଳ 'ଉତ୍କଳ ପ୍ରସଙ୍ଗ' ଟି ବଡ଼ ଭାଇର, କାନୁ ମିଶ୍ରଙ୍କର ।

ଏ ପାଞ୍ଚ ଭାଇଙ୍କ ଘର କିମିତି ଚାଲେ, ପଇସା କେଉଁଠୁ ପାଆନ୍ତି, ବଡ଼ଲୋକି, ଢମ, ଫୁଟାଣି କାହିଁକି ଏତେ କେହି ଜାଣନ୍ତି ନାହିଁ । ଏମାନଙ୍କ ଦେଇ ପାଠ ହେଲାନି, କିନ୍ତୁ ଖବରକାଗଜ ପଢ଼ିବା ପାଇଁ ଯଥେଷ୍ଟ ପାଠ ରହିଛି ପ୍ରତ୍ୟେକର । ବ୍ୟବସାୟ ବାଣିଜ୍ୟ-ଏପରିକି ଜେଲ ଯିବା ଏମାନଙ୍କ ଦେଇ ହେଲାନି । ହେଲା ସେଇଆ ଯାହା କେବଳ ପାଜିମାନଙ୍କ ଦେଇ ହୁଏ ।

ଏମାନେ ଗାନ୍ଧିଜୀଙ୍କ କଳ୍ପିତ ରାମରାଜ୍ୟରେ ବିଶ୍ୱାସୀ ଏବଂ ବାରୁଣୀ ଘାଟରେ ଯେଉଁଠି ଗାନ୍ଧିଜୀଙ୍କ ଚିତାଭସ୍ମ ଅଛି ସେଇଠି ଶପଥ ନେଇଛନ୍ତି ରାମରାଜ୍ୟ ଆଣିବାକୁ ।

Digitized by srujanika@gmail.com

ହେଲେ କେହି ଏକୁଟିଆ ଗାନ୍ଧିଜୀଙ୍କ ତିନୋଟି ମାଙ୍କଡ଼କୁ ନଚାଇ ପାରିଲେ ନାହିଁ । ତେଣୁ ଭାଇ ତିନିହେଁ ତିନୋଟିକୁ ବାଣ୍ଟି ନେଇଛନ୍ତି । କାନୁଙ୍କ ଭାଗରେ ପଡ଼ିଥିବା ମାଙ୍କଡ଼ଟି କାନରେ ଆଙ୍ଗୁଳି ଦେଇ ବସିଛି । ତେଣୁ ଘରେ ଯେତେ ହୁରିପାଟି ଗଣ୍ଡଗୋଳ ହେଲେ ବି ତାକୁ ଶୁଭେ ନାହିଁ । କେଲୁଙ୍କ ମାଙ୍କଡ଼ଟି ଆଖିରେ ଦୁଇ ହାତ ଦେଇ ବସିଛି । ଆଖି ଆଗରେ ଘର ଭିତରେ ହଣାକଟା, ମାରପିଟ୍, ଦଙ୍ଗାହଙ୍ଗାମ, ରେପ୍, ମର୍ଡ଼ର ଯାହା ହେଲେ ବି ଦିଶେ ନାହିଁ । କେଉଟାଙ୍କ ମାଙ୍କଡ଼ ପାଟିରେ ହାତ ଦେଇ ବସିଛି । ଅତଏବ ଯିଏ ଯାହା କରୁ ବା କହୁ ଯାଙ୍କର ପାଟି ଫିଟେ ନାହିଁ । ଆଶ୍ଚର୍ଯ୍ୟ କଥା ତିନିଜଣ ଅନ୍ଧ ହାତୀ ଦେଖି ଭୁଲ ଛବି ଆଙ୍କିଲା ପରି ଏ ତିନି ଭାଇଙ୍କ ଭୁଲ ହୁଏ ନାହିଁ । ସମସ୍ତଙ୍କ ନାକଟା ଖୋଲା; ତେଣୁ କେଉଁଠି ମଢ଼ ପଡ଼ିଛି ଶୁଙ୍ଘି ଶୁଙ୍ଘି ଠିକ ଜାଣିପାରନ୍ତି । ଦୈବାତ୍ ତିନିହେଁ ଏକାଠି ହେଲେ ଖୁବ୍ ପାଟିରେ ''ଜୟ ମହାତ୍ମାଗାନ୍ଧୀ କି ଜୟ'' ଚିତ୍କାର କରନ୍ତି ଯିମିତି ସାରା ଦୁନିଆଁ ଶୁଣିବ । ସାନ ଦୁଇଭାଇ କୁଆଡ଼ୁ ଧାଇଁଆସି ଗାନ୍ଧୀ କିଏ ଜାଣି ନଥିଲେ ବି ବଡ଼ ଭାଇମାନଙ୍କ ସହିତ ତାଳ ଦେଇ ନାଚନ୍ତି । ସମସ୍ତଙ୍କ ଚେହେରା ବଢ଼ିଆ, ପୁଥୁଳ ଶରୀର ।

ମଇଁଷି ଶିଙ୍ଘ ଫଟା ଯୁଝିଲା ବେଳକୁ ଗୋଟା । ଘର ଭିତରେ କାହାରି କାହା ସହିତ ପଟେ ନାହିଁ, ଘରେ କେତେଜଣ ଲୋକ ସଠିକ୍ କେହି କହିପାରିବ ନାହିଁ । ଦଶଜଣ ଘରେ ଥିଲେ ପାଞ୍ଚଜଣ ବାହାରେ । ସମସ୍ତେ ସମସ୍ତଙ୍କ ବିରୋଧୀ । ପ୍ରତ୍ୟେକେ ପ୍ରତ୍ୟେକକୁ ସନ୍ଦେହ କରନ୍ତି । ପ୍ରତ୍ୟେକଙ୍କର ହାତପାଣ୍ଟି ଅଲଗା । ଗାଁ ଲୋକେ ଭାବନ୍ତି ଦିନେ ନା ଦିନେ ଏଗୁଡ଼ା ଅଲଗା ହୋଇଯିବେ, ମାର୍‌ପିଟ୍ ବି ଲାଗିଯିବେ ।

ଏ ମହାତ୍ମାମାନଙ୍କ ଚରିତ୍ର ଓ ଗୁଣାବଳୀ ଲାଲମୋହନ ଜାଣେ । ହେଲେ ପାଠଶାଠ ନ ଥିବାରୁ ବାଧହୋଇ ଏମାନଙ୍କ ଆଶ୍ରା ନେବାକୁ ପଡ଼େ । ଏଇମାନେ ତ 'ସରକାର' ରାଜା ମହାରାଜାଙ୍କ ଜାଗାରେ ମା' ବାପ । ସ୍ୱଭାବ ସୁଲଭ ନମ୍ରତାରେ ଲାଲମୋହନ ହାତଯୋଡ଼ି କହିଲା ''ମିଶ୍ରେ ମାହାପ୍ରୁ ! ବସି ବସି କି ଦେଖୁଛ ଆଜ୍ଞା ! ଗାଁ ଶେଷ ହବାକୁ ବସିଲା ଯେ, ପାଣି ଫାଣି ଠୁପାଏ ଆମ ଡୋମମାନଙ୍କୁ ମିଳିବାର ବେବସ୍ଥା କର । ଆପଣ ବଡ଼ ଲୋକ । ଛତିଶ ବର୍ଣ୍ଣର ରଜା ! ସବୁ ଦେଖୁଛ ଶୁଣୁଛ ସରକାର ଚଳଉଛ । ଗରିବ ଅଧମକୁ ବଞ୍ଚାଅ । ଜ୍ୟେଷ୍ଠ ଖରାରେ ତୁଳସୀ ଗଛ ମରିଯିବ ବୋଲି ପାଣି ଠେକି ଟାଙ୍ଗୁଛ । ବାଟ ଗଲା ଲୋକଙ୍କର କାକେ ଶୋଷରେ ହଂସା ଉଡ଼ିଯିବ ବୋଲି ପାଣି ବାଣ୍ଟି ଧର୍ମ ଅର୍ଜୁଛ । ନିଜର ଗାଁ ସାହିର ମଣିଷ କଥା ଟିକେ ବୁଝ । ଆମେ ପୁରୁଷ ପୁରୁଷ ଧରି ହଜୁରଙ୍କୁ ଚାହିଁ ପଡ଼ିଛୁ, ଆଜ୍ଞା !''

ମିଶ୍ରେ ରାଗିଗଲା ପରି ଚେହେରା କରି କହିଲେ, ''ଲାଲମୋହନ ବାବୁ, ତୁମର ସାମନ୍ତ ମନୋବୃତ୍ତି ଏ ଯାକେ ଗଲାନି । ମୋତେ ସାଆନ୍ତେ ମାହାପ୍ରୁ କହୁଛ । ଧର୍ମ ନିରପେକ୍ଷ ରାଷ୍ଟ୍ରରେ କେହି ବ୍ରାହ୍ମଣ ନାହିଁ କେହି ଡୋମ ନାହିଁ । ସାଂପ୍ରଦାୟିକତାର ଏ ଦେଶରେ ସ୍ଥାନ ନାହିଁ । ତୁମର ଏଥର ଘର, ଜମି, ଗୋରୁଗାଈ, କୁକୁଡ଼ା, ଶିକ୍ଷାଦୀକ୍ଷା

Digitized by srujanika@gmail.com

ସବୁର ବ୍ୟବସ୍ଥା ହୋଇଯାଉଛି । ହରିଜନ ଉନ୍ନୟନ ସଂସ୍ଥା ଜଳ ସରବରାହକୁ ଅଗ୍ରାଧିକାର ଦିଆଯାଉଛି ।''

''କାନ୍ଦୁ ମିଶ୍ରେ ଆଜ୍ଞା ! ଆପଣ କି କହୁଛ କିଛି ବୁଝିପାରିଲି ନାହିଁ । କି ଉନ୍ନୟନ କି ଜଳ ସରବରାହ କିଛି ବୁଝୁନି । ଉନ୍ନୟନ ଆଜ୍ଞା ପଛେ କରିବେ । ଆଗ ପାଣିର ବ୍ୟବସ୍ଥା କରନ୍ତୁ । ଜଳ ବିହୁନେ ହଂସ ହାନୀ; ଆପଣଙ୍କ ଭାଗବତରେ ଅଛି । ପାଣି ନଥିଲେ ହଂସ ମରିଯିବେ, ମଣିଷ ତ ଆଗ ମରିବ । ଯାହା କୁହନ୍ତୁ ଆଜ୍ଞା ଏ ବୁଢ଼ାଟା ଆମକୁ ହରିଜନ କରି ମାରିଦେଇ ଯାଇଛି । ସମସ୍ତେ ତ ହରିଜନ, ଭଗବାନ ଖାଲି ଆମକୁ ଗଢ଼ିଛନ୍ତି ? ଆପଣ ହରିଜନ ନୁହଁନ୍ତି ? ସେ ଯାହା କରିଥିଲେ ଏଥର ଆପଣମାନେ ସମସ୍ତେ ଆମକୁ ଉଠେଇବାକୁ ଲାଗିଛନ୍ତି । ଆମେ ଅଥର୍ବ ଅକାମୀ ହୋଇଯିବୁଁ ଯେ । ଆପଣମାନଙ୍କ ଉତ୍ସାହ ଦେଖି ଆମକୁ ଡର ମାଡୁଛି ।

ମିଶ୍ରେ ମୁହଁ ଧୋଇଆସି ଲାଲମୋହନକୁ ପୁଣି କହିବାକୁ ଲାଗିଲେ ''ବ୍ୟସ୍ତ ହୁଅନି, ଗୋଟାଏ ଦିନ ଭିତରେ ସବୁ ଠିକ୍‌ଠାକ୍ କରିଦେବା, ଖବର ଚାଲିଗଲାଣି ଖବର କାଗଜକୁ, ରେଡ଼ିଓକୁ, ମନ୍ତ୍ରୀପାଖକୁ, ଧଡ଼ାଧଡ଼ ଆସି ପହଞ୍ଚିଯିବେ ମନ୍ତ୍ରୀ, ଡି.ଏମ୍., ଏ.ଡ଼ି.ଏମ୍., ଏସ୍.ଡି.ଓ., ବି.ଡ଼ି.ଓ. ଥାନା ଅଫିସର । ତୁମେ ଖାଲି ସାଇଲୋକଙ୍କୁ ରେଡ଼ି କରି ରଖିଥାଅ । ଖବର ପାଇଲେ ଧାଁ କରି ପହୁଞ୍ଚିଯିବ । ଆମର ପାର୍ଟିର ସମ୍ମାନ କଥା, ବୁଝୁନ ।''

''କାନ୍ଦୁ ମିଶ୍ରେ ଆପଣେ ! ମୋତେ ତ ଥରକୁ ଥର ହାକିମହୁକୁମା, ମନ୍ତ୍ରୀ, ଏମ୍.ଏଲ୍.ଏ. ପାଖକୁ ମୁହେଁଇ ଦଉଛ । ମୁଁ କହିବା ଅନୁସାରେ ଟଙ୍କା ବି ସବୁକାମ ପାଇଁ ମଞ୍ଜୁର ହେଉଛି । ହେଲେ ଆମେ କିଛି ପାଇଲୁନି ଆଜ୍ଞା । ପୋଖରୀରୁ ପଙ୍କ ଉଠିବ, ଟଙ୍କା ଆସିଲା, ଦେଖିବ ଯାଅ ପୋଖରୀ ମଝିରେ ଗୋରୁ ଚରୁଛନ୍ତି । ମୋତେ ଠିଆ କରାଇ ଆପଣଙ୍କ ଭାଇ ଇଲେକ୍‌ଟ୍ରି ଆଣିଲେ ଗାଁକୁ, ଆପଣଙ୍କ ସାଇ ଆଲୁଅ, ଡୋମସାହି ଅନ୍ଧାର । ନଳକୂଅ ଆମ ସାଇ ମଝିରେ ବସିବା କଥା ଆପଣଙ୍କ ଦୁଆର ମୁହଁରେ ବସିଲା, ଆମେ ପାଣି ଆଣିଲେ ପମ୍ପ ଖରାପ ହୋଇଯିବ କହିଲ । ଆମ ପାଇଁ ଗହମଗୁଣ୍ଡ ଆସିଲା ବ୍ରାହ୍ମଣମାନଙ୍କ ଗାଈଗୋରୁର ଚର୍ବି ହେଲା ।''

କାନ୍ଦୁ ମିଶ୍ରେ ଦେଖିଲେ ବୁଢ଼ାଟା କୁହାଳିଆ ହୋଇଯାଉଛି । ଏମିତ ଗୋଟାଏ ଲୋକ ସାରା ଡୋମସାହିକୁ ସରକାର ବିରୋଧୀ କରିଦେବ । ସର୍ବୋଦୟ, ଅନ୍ତ୍ୟୋଦୟ, ସମନ୍ୱିତ ଯୋଜନା, ହରିଜନ ଉନ୍ନୟନ ଖାଦ୍ୟ ପାଇଁ କାମ ସବୁ ପଣ୍ଡ କରିଦବ । କହିଲେ 'ଲାଲୁ ବାବୁ ! ରାଜନୀତି ଯାଦୁ ନୁହେଁ, ମେଜିକ୍ ନୁହେଁ । ଏକା ଦିନରେ ଟାକୁଆ ପୋତି ପାଚିଲା ଆମ୍ବ ଖାଇହବନି । ସବୁରରେ ମେଓ୍ୱା ଫଳେ । ସରକାରର ନୀତି ହେଲା କାହାକୁ ଭୋକରେ ମରିବାକୁ ଦିଆଯିବନି ।

''ବରଂ ଶୋଷରେ ମରନ୍ତୁ । ତିରିଶ ଏକତିରିଶ ବର୍ଷରେ ପାଣି ଟୋପାଏ ପିଇବାକୁ

Digitized by srujanika@gmail.com

ଦେଇପାରିଲ ନାହିଁ । ପାଞ୍ଚପାଞ୍ଚଟା ପୋଖରୀ ଶୁଖିଲା ପଡ଼ିଛି । ତିନିଟା ସାଇର କୂଅ, ଇସ୍କୁଲ କୂଅସବୁ ଶୁଖିଲା; ଖାଲି ଆପଣଙ୍କ ସାଇର... ଏ ପୋଖରୀ କୂଅସବୁ ପଇସା ଦେଇ ଖୋଳା ହୋଇଥିଲା ନା ଖାଲି ମାଟି ରାମ୍ପି ଦେଇ ।''

''ଆମେ ବି ହଇରାଣ ହେଉଛୁଁ । ଆମ ଘର ଆଗ ପମ୍ପ ଅକାମୀ । ଗାଁର କୂଅ ବି ଉଝାଳିବା ଦରକାର । ସବୁ ଠିକ୍‌ଠାକ୍ ହୋଇଯିବ, ତୁମେ ରଜା ଅମଳର ମନୋବୃତ୍ତି ଛାଡ଼; ନହେଲେ ସାମ୍ପ୍ରଦାୟିକତା, ଏକଛତ୍ରବାଦ ଆମକୁ ଖାଇଦବ । ଦେଖ ଦେଶ କିମିତି ଆଗେଇ ଚାଲିଛି ।''

''ଆଉ କାହିଁକି କହୁଛନ୍ତି ? ଢେର ଢେର ଦେଖିଲି । ରଜା ଗଲେ ତାଙ୍କର ଲକ୍ଷ ଲକ୍ଷ ଟଙ୍କାର ଗାଧୁଆ ଘରେ ଲୋକେ ମୁତିଲେ, ଛେପ ପକେଇଲେ । ସାହେବ ଗଲେ, ନେହେରୁ ଗାନ୍ଧୀ ଆସିଲେ, ରଜା ଗଲେ ମନ୍ତ୍ରୀ ଆସିଲେ । ଦେବାନ ଗଲେ ଡ଼ି.ଏମ୍. ଆସିଲେ । ରାମରାଜ୍ୟକୁ ମୁଁ ଷାଠିଏ ବର୍ଷ ହେଲା ଅପେକ୍ଷା କରିଛି । ଛୁଆ ଅଛୁଆଁ ଗଲାନି । ଆପଣଙ୍କ ଝିଅ ଦୁହେଁ ଘାଟରେ କଣ କଥା ହେଉଥିଲେ ଶୁଣିଲେ ତ । ବାପ ମାଆ ଇମିତି ଛୁଆପିଲାଙ୍କୁ ଶିକ୍ଷା ଦେଲେ ଯାହା ହେବାର ହବ । ହେଲେ ଏ ରାମରାଜ୍ୟରେ ଆମ ସାଇ ଫାଙ୍କା । ସମସ୍ତେ ସହରକୁ ଚାଲିଗଲେଣି, ବରଂ ଭିଖମାଗି ଖାଇବେ ତେବେ ଶୋଷରେ ମରିବେ ନାହିଁ । ଝିଅଝିଆଣି ପୁଅନାତି ଯିଏ ଥିଲେ ସେମାନଙ୍କୁ ଖାସୁ ନ ହେଲେ ବାଞ୍ଛ କରି ଦିଆଗଲା । ଆମର ବଂଶ ଶେଷ । ଆମର ବାଜାମହୁରୀ, କଂସାବାସନ, ଦାଆହାତୁଡ଼ି କତୁରୀ ସବୁ ଆପଣଙ୍କ ଘରେ । ଦେଶର ନ ହେଲେ ଆମର ଉନ୍ନତି ହେଉଛି ମାହାପ୍ରୁ !

ମିଶ୍ରେ ଅପ୍ରତିଭ ହେଲେ । ଭାବୁଥିଲେ ଏମିତି ଅଯୌକ୍ତିକ କଥା ପାଇଁ ବୁଢ଼ାଟା ଗୁଳିରେ ମଲା । କହିଲେ, ''ଲାଲମୋହନ, ତୁମେ ବଡ଼ ବଡ଼ କଥା ମୁଣ୍ଡରେ ପୁରାଅ ନାହିଁ, ଆମକୁ ଭାବିବାକୁ ଦିଅ । ତୁମର ପାଣି ଦରକାର ଏଇତ ?''

''ଦରକାର ଥିଲାନି ଆଜ୍ଞା ! ଆମେ ଆମ ନିଜର ବେବସ୍ଥା କରିଥିଲୁଁ । ଆପଣଙ୍କ ଉପରେ ନିର୍ଭର ନରଖି । ଆମେ ବେଢ଼ା ଜମିରେ ଚୁଆ ନିଜେ ନିଜେ ଖୋଳି ଅଧମାଇଲ ଦୂରରୁ ହେଲେ ବି କୁଆ ଆକ୍ଷିପରି ନିର୍ମଳ ପାଣି ଆଣୁଥିଲୁଁ । କାଲି ରାତି କିଏ ପଚା ମଲା ଧଣ୍ଡଟାଏ କୂଅରେ ପକାଇ ଦେଇଛି, ପାଣି ଏମିତି ଗନ୍ଧଉଛି ଯେ ମୁହଁରେ ଦେଇ ହେଉନି । ଦିନେ ଦୁଇଦିନ ପାଇଁ କିଛି ବ୍ୟବସ୍ଥା କର, ହଜୁର ।''

ମିଶ୍ରେ କହିଲେ, ''ହେଲା, ମୁଁ ଆଜି ଏଇକ୍ଷଣି କରିଦେଉଛି । କହିଲି ତ ଆମ ଘର ଆଗ ପମ୍ପ ଖରାପ ହୋଇଯାଇଛି । ତୁମେ ସବୁ ଆମ ବ୍ରାହ୍ମଣ ସାହିର ଦାଣ୍ଡକୂଅରୁ ପାଣି ନିଅ ଆଜି ଉପର ଓଳିଠାରୁ ।''

ନାଲା ପ୍ରାୟ ଚମକି ପଡ଼ି କହିଲା, ''ଏ କି କଥା କହିଲ ସାଆନ୍ତେ ! ଆପଣଙ୍କ କୂଅରୁ ଠାକୁର ପାଇଁ ପାଣି ଯାଉଛି, ଆପଣମାନେ ପିଉଛନ୍ତି, ଗୋଡ଼ହାତ ଧୋଉଛନ୍ତି । ଆମେ ଅଛୁବ ଲୋକ । ଆମର ବାଳଟି ଗରା କିଛି ନାହିଁ । ମାଟି କଳସୀ କୂଅରେ

Digitized by srujanika@gmail.com

ପକାଇବୁ ? କଳସୀ ଭାଙ୍ଗିଯିବ, ଖପରା ବାଟରେ ଘାଟରେ ପଡ଼ିବ । ଆପଣମାନେ ଆପଣମାନଙ୍କ ବୋହୂଝିଅ ସେସବୁ ମାଡ଼ି ଠାକୁର ଦେବତା ପାଇଁ ପାଣି ନେବେ ?''

''ତୁମେ ମର ତେବେ ସାଇଯାକ ଲୋକ । ହିତକଥା ଗର୍ହିତ ହେଉଛି । ମୋତେ ଜବାବ୍ ଦିଅ ତୁମେ ସାଇର ବୋହୂଝିଅଙ୍କୁ ଧରି ବେଙ୍କବୁଢ଼ଙ୍କୁ ଆଗ ଗାଁ ଦାଣ୍ଡ କୂଅକୁ ଆସିବ'' ନା ନାହିଁ ।

ଲାଲମୋହନ ମିଶ୍ରଙ୍କୁ ପରୀକ୍ଷା କରୁଥିଲା ସେ ଛୁଆ ଅଛୁଆଁ ନ ମାନି ଡୋମମାନଙ୍କୁ ତାଙ୍କ କୂଅ ପାଖକୁ ଯିବାକୁ ଦେବେ କି ନାହିଁ । କାନୁଙ୍କ କଥାରେ ସେ ପ୍ରତ୍ୟୟ ରଖି ରାଜି ହେଲା ସମସ୍ତଙ୍କୁ ନେଇଆସିବ । ମାତ୍ର ତା'ର ସନ୍ଦେହ ଓ ଭୟ ହେଲା କେନୁବାବୁ, କେଉଟା ବାବୁ ଏବଂ ତାଙ୍କ ସାନ ଦି'ଭାଇ ବଡ଼ ଭାଇଙ୍କ କଥାକୁ କାମରେ ପରିଣତ କରାଇ ଦେବେ କି ନାହିଁ । ଶେଷରେ କାନୁଙ୍କ ଅଭୟବାଣୀ ପାଇ ସେ ରାଜି ହେଲା ।

ଦୁହେଁ ସାଙ୍ଗସାଥୀ ହୋଇ କିଛି ଦୂର ଯିବାପରେ ମିଶ୍ରେ ବାଟଭାଙ୍ଗି ଘରମୁହାଁ ଧଇଲେ । ଟିକିଏ ଲଘୁମନା ହୋଇ ଲାଲମୋହନ ମିଶ୍ରଙ୍କୁ କହିଲା, ''କାନୁ ବାବୁ ! ଅନେକ ଦିନ ହେଲା ଗୋଟାଏ କଥା ପଚାରିବି ବୋଲି ଭାବିଛି, ପଚାରିବି ?'' ''ପଚାର, ପଚାର'' ସଙ୍ଗେ ସଙ୍ଗେ ଖୁବ୍ ଶରଧାରେ କେନୁ କହିଲେ ।

''ଆଜ୍ଞା ସାଆନ୍ତେ ! ଆଗରୁ ସମସ୍ତେ ଗାନ୍ଧିଜୀ ଜିନ୍ଦାବାଦ, ନେହେରୁଜୀ ଜିନ୍ଦାବାଦ, ଇନ୍ଦିରାଗାନ୍ଧୀ ଜିନ୍ଦାବାଦ କହୁଥିଲେ । ଏବେ ନୂଆକଥା ଶୁଣୁଛି ଚାରିଆଡ଼େ ଇନକିଲାବ ଜିନ୍ଦାବାଦ । ଇନ୍‌କିଲାବ କିଏ ? ପୁରୁଷ ନା ସ୍ତ୍ରୀ ?''

କେନୁ ମିଶ୍ରଙ୍କୁ ବି ଇନ୍‌କିଲାବର ଅର୍ଥ ଜଣାନାହିଁ । ସେ ତ ସବୁବେଳେ 'ଉନ୍ନୟନ' କଥା ଭାବୁଛନ୍ତି । ସେ କହିଲେ ଇନ୍‌କିଲାବ ଅର୍ଥ ଉନ୍ନୟନ । ଗୋଟାଏ ସ୍ଥାନରୁ ଆଉ ଗୋଟାଏ ସ୍ଥାନକୁ ଯିବା ।''

''ଆଜ୍ଞା ଗଣେଶ ପୂଜା, ସରସ୍ୱତୀ ପୂଜାରେ ବି ସମସ୍ତେ ଇନ୍‌କିଲାବ କହୁଛନ୍ତି ଯେ ।''

''ତାର ମାନେ ବି ସେଇ ଉନ୍ନୟନ । ଉଠାଅ । ଇନ୍‌କିଲାବ ଗଣେଶଜୀ, ମାନେ ଗଣେଶଙ୍କୁ ଉଠାଅ, ସରସ୍ୱତୀଜୀ ଇନ୍‌କିଲାବ ମାନେ ସରସ୍ୱତୀଙ୍କି ଉଠାଅ । ସିମିତି ହରିଜନ ଇନ୍‌କିଲାବ ମାନେ ହରିଜନଙ୍କୁ ଉଠାଅ । ଲାଲମୋହନ, ତୁମେ ପ୍ରୌଢ଼ଶିକ୍ଷା କ୍ଲାସରେ କିଛିଦିନ ବସ, ଏ କଷ୍ଟ କଷ୍ଟ ନୂଆ ନୂଆ ଶବ୍ଦର ମାନେ ଅକ୍ଳେଶରେ ବୁଝିଯିବ । ହଁ, ତୁମେ ସବୁ ପ୍ରସ୍ତୁତ ଥିବ, ମୁଁ ଠିକ୍ ସମୟରେ ତୁମ ସାହିରେ ପହୁଞ୍ଚିଯିବି ।''

ତାପରେ ମିଶ୍ରଙ୍କ ଭବନରେ ବସିଲା କେବିନେଟ୍ ବୈଠକ । ପ୍ରଧାନମନ୍ତ୍ରୀ, ଉପପ୍ରଧାନମନ୍ତ୍ରୀ, ପ୍ରତିରକ୍ଷାମନ୍ତ୍ରୀ ତଥା ଦୁଇ ଜୁନିୟର ରାଜ୍ୟମନ୍ତ୍ରୀଙ୍କ ଗୁରୁତ୍ୱପୂର୍ଣ୍ଣ ବୈଠକ । ପଲିସି ନିୟନ୍ତ୍ରଣ ପାଇଁ ।

ପ୍ରଥମେ କାନୁ ପଚାରିଲେ, ''କେନୁ, କେଉଟା ! ଅଭିଯୋଗ ହୋଇଛି ହରିଜନ

Digitized by srujanika@gmail.com

ସାହିର କୂଅରେ କିଏ ଗୋଟିଏ ମଲା ପଚା ଧଣ୍ଡ ପକାଇ ଦେଇଛି । ତୁମ ଦୁହିଁଙ୍କ ଭିତରୁ ଏ କାହାର କାଣ୍ଡ ? ମଣିଷ ଜୀବନ ନେଇ ଖେଳ ଭଲକଥା ନୁହେଁ । କିଏ ଏ କୁକର୍ମ କଲା ?''

କେନ୍ଦୁ କହିଲେ, ଭାଇ ! ଏ ସନ୍ଦେହ ଭିତ୍ତିହୀନ । ସେମାନଙ୍କର ଅନିଷ୍ଟ କରିବାକୁ ଗଲେ ମୁଁ ଏମିତି ଛୋଟ ଲୁଚା କାମ କରିବି ନାହିଁ । ମୋର ବିଶ୍ୱାସ କେଉଟା ବି ତାହା କରି ନଥିବ । ତାର ନୀତିନିୟମ କର୍ମପନ୍ଥା ମୋଠୁଁ ବା ତୁମଠୁ ଅଲଗା । ସାନ ଦିହିଙ୍କି ପଚାର । ସେମାନେ ବି ଏମିତି ଚୋରାଲୁଚା ଭଙ୍ଗାରୁଜା କାମ ଶିଖିବା ଆରମ୍ଭ କରିଛନ୍ତି ।''

କାନ୍ଦୁ ମିଶ୍ରେ ଯିମିତି ସେ ଦୁହିଁଙ୍କ ଆଡ଼କୁ ପ୍ରଶ୍ନସୂଚକ ଆଖିରେ ଚାହିଁଛନ୍ତି, ସେ ଦୁହେଁ ଏକାବେଳେକେ ଉଠିପଡ଼ି କହିଲେ ଇସ୍ତଫା ନିଅ ।'' ସରକାର ଭାଙ୍ଗି ଯାଇପାରେ ଏବଂ ଭତ୍ତା, ପେନ୍‌ସନ ନ ମିଳିପାରେ ଏ ଭୟରେ ଏ ବିଷୟରେ ଆଲୋଚନା ଆଉ ଆଗେଇଲା ନାହିଁ । ମୁଲତବୀ ରହିଲା ।

ମିଶ୍ରେ କହିଲେ, ''ଦେଖ ଲାଲମୋହନ ତେଲଙ୍ଗାକୁ ମୁଁ ଆଜି ଜବାବ୍ ଦେଇଛି, ସେ ତା ସାହିର ଡିର୍ଲା ଛିଲ୍ଲା ଧରି ଆମ ଦାଣ୍ଡ କୂଅକୁ ପାଣି ନବା ପାଇଁ ଆସିବ । ବିଚିରାଏଁ ବଡ଼ କଷ୍ଟ ପାଉଛନ୍ତି ଜଳା ଭାବରେ ସକାଳ ଠାରୁ । କିଛି ଅପ୍ରୀତିକର ଘଟଣା ଯିମିତି ନ ଘଟେ । ତମେ ଦୁହେଁ ସଜାଗ ଥିବ ।''

କେନ୍ଦୁ କହିଲେ, ଦେଖ ଭାଇନା ମୁଁ ତୁମକୁ କିଛି ଗେରେଣ୍ଟି ଦେଇପାରିବି ନାହିଁ । ଯୁବ' ମୋ ପଛରେ ଅଛନ୍ତି ସିନା କିନ୍ତୁ ତାଙ୍କର କେତେବେଳେ କି ମତଲବ କହି ହବନି । ସେ ଯାହାହେଉ ଦେଖାଯିବ ସେତେବେଳକୁ; ସମ୍ଭାଳିବାର ଚେଷ୍ଟା କରିବି ।''

ଦଣ୍ଡେ ରହି ପୁଣି କେନ୍ଦୁ କହିଲେ, ନନା ମୁଁ ଖୋଲାଖୋଲି କହୁଛି ତୁମର ଏ ହରିଜନ ପ୍ରୀତି ଟିକିଏ ଅତିବେଶୀ ହୋଇଯାଉଛି । ତୁମେ ଜାଣ ସାହିଯାକ କିମିତି ରକ୍ଷଣଶୀଳ । ଏକାଦିନକେ ସେମାନେ ଯୁଗ ଯୁଗର ଘୃଣା ହିଂସା ଭୁଲିଯିବେ ? ତା'ଛଡ଼ା ଅସାମାଜିକ ଲୋକ ଅଛନ୍ତି ।''

''ମୁଁ ଜାଣେ ସବୁ କେନ୍ଦୁ ! କିନ୍ତୁ ସେମାନଙ୍କ ପାଇଁ କିଛି କିଛି ନ କଲେ ତାଙ୍କୁ ହାତରେ ନ ରଖିଲେ ଆମେ ଭବିଷ୍ୟତକୁ ବଞ୍ଚିବା କିମିତି ?''

''ତୁମେ ଜମା ବଞ୍ଚିପାରିବ ନାହିଁ । ସେମାନଙ୍କ ଆଡ଼କୁ ଯେତେ ଯେତେ ଢଳୁଥିବ, ସେତେ ସେତେ ଲୋଭ ଅସନ୍ତୋଷ ବଢ଼ିବ । ତା'ଛଡ଼ା ସେମାନେ ତ ସବୁ ନେଇଯିବେ, ଜମି, ଘର, ଟଙ୍କା, ଚାକିରି । ଆମେ ଆଉ ଆମ ଝୁଅପିଲା ? ସରକାର ଭାବିଛି ବ୍ରାହ୍ମଣମାନେ ଧନୀ ଶକ୍ତିଶାଳୀ, ତୁମେ ଏତେ ଶୀଘ୍ର ଭୁଲିଗଲ କିମିତି । ସେମାନେ ଦଳବାନ୍ଧି ଆମ ବିରୁଦ୍ଧରେ କେତେକଣ କହିଲେ, ଛାପିଲେ । ଆମେ ଗହମ ଗୁଣ୍ଡ ଖାଇଲୁ, ଘର ଟଙ୍କା ଖାଇଲୁ, କିରାସିନି, ଚିନି ଚୋରାରେ ବିକିଲୁ । ଆମକୁ ଦୋକାନ ଛାଡ଼ିବାକୁ ପଡ଼ିଲା । ମୋର ଇଚ୍ଛା ହୁଏ ଏଗୁଡ଼ାକୁ କିଏ ଜୋର ବାଡ଼ାନ୍ତା କି ନହେଲେ କିଏ ଘରଦ୍ୱାର ପୋଡ଼ି

Digitized by srujanika@gmail.com

ଦିଅନ୍ତା ଯେ ପୁଣି ନୂଆ ଘରପାଇଁ ସାହାଯ୍ୟ ଆସନ୍ତା । ଆମକୁ ଆଉ କିଛି ମିଳିବ ନାହିଁ, ଯାଙ୍କ ନାଁରେ, ଯାଙ୍କ ଉପରୁ ଯାହା ଉଠାଇ ପାରିବା ।''

କେଉଟା ଦୁଇ ବଡ଼ଙ୍କ କଥା ଶୁଣୁଥିଲେ । କହିଲେ, ''ଜବାବ ଦେଇ ସାରିଛ । ଦେଖିବା ଯେତେବେଳେ ଯାହା । ହେଲେ ଏ ହରିଜନ ଟୋକାଗୁଡ଼ାକ ଯିମିତି ପାଜି ତାଙ୍କ ଟୋକୀଗୁଡ଼ାକ ବି ସିମିତି ଅସଚ୍ଚରିତ୍ରା; ମାଷ୍ଟରମାନେ ପ୍ରତ୍ୟେକ ପାଞ୍ଚ ପାଞ୍ଚଜଣଙ୍କୁ ବାଞ୍ଛ ବା ଖାସୁ କରିବାର ଯେଉଁ ନିୟମ ଥିଲା । ସେଇଟା ପୁଣି ଜାରି କରିବାକୁ ହବ ।''

ଜୁନିୟର ମନ୍ତ୍ରୀ ଦୁହେଁ ଚୁପ୍‌ଚାପ୍ ରହି ଅନ୍ୟମନସ୍କ ହେଉଥାନ୍ତି । ଧଣ୍ଡସାପ କଥା ଆଉ ଉଠିଲା ନାହିଁ ବୋଲି ସେମାନେ ଖୁସି ।

ସନ୍ଧ୍ୟା ପ୍ରାୟ ଛଅଟା । ବ୍ରାହ୍ମଣ ଶାସନ ମଝି ଦାଣ୍ଡର ଶହେ ବର୍ଷର ଏଇ ପଥର ବନ୍ଧା କୂଅରେ ଯେଉଁ ଘଟଣା ଘଟିବାକୁ ଯାଉଛି ତାହା ମହାତ୍ମାଗାନ୍ଧୀ ସ୍ୱର୍ଗରେ ଥାଇ ତାଙ୍କର ସ୍ୱପ୍ନର ପରିଣତ ବୋଲି ନିଶ୍ଚୟ ଦେଖୁଥିବେ । ଏ କୂଅରୁ ବ୍ରାହ୍ମଣେତର କେହି ବ୍ୟକ୍ତି ପାଣି ଟାଣିବାର କେବେ କେହି ଦେଖି ନଥିବେ । ହରିଜନ ସାହିର ପ୍ରାୟ ପନ୍ଦର ଜଣ ଯୁବତୀ ପେଡ଼ି ସାଇତା ଛିଟଶାଢ଼ି ପିନ୍ଧି ପାଉଡ଼ର ମାଖି ମୁଣ୍ଡ କୁଣ୍ଡାଇ ଆଗପଛ ଚାହିଁ ଲାଜ ଲାଜ ହୋଇ ବ୍ରାହ୍ମଣ ସାହି ଦାଣ୍ଡରେ ଚାଲିଛନ୍ତି କାଖରେ କଳସି ଧରି । ସବା ପଛରେ କାନ୍ନୁ ମିଶ୍ରେ । ଆଗରେ ଲାଲମୋହନ ତେଲେଙ୍ଗା । ଗାଁର ପିଣ୍ଡାରେ ଅବଗୁଣ୍ଠନବତୀ ଅସ୍ଥି ଚର୍ମସାର ଗୁଡ଼ାଏ ବ୍ରାହ୍ମଣୀ ମାତା ଓ ମୁମୂର୍ଷୁ ପୁତ୍ର ପୁତ୍ରୀଗଣ । ମହାତ୍ମାଗାନ୍ଧୀକି ଜୟ କହି ଲାଲମୋହନ ପ୍ରଥମେ ବାଲ୍‌ଟି କୂଅ ଭିତରକୁ ଛାଡ଼ିଲା । କାନ୍ନୁ ମିଶ୍ର କାଠଚମ୍ପା ଫୁଲର ହାରଟିଏ ନାଲା ବେକରେ ଦେଇଥାନ୍ତି । କାନ୍ନୁ ଏବଂ ନାଲା ଦୁହେଁ ମିଶି ବାଲ୍‌ଟିଏ ପାଣି ଉଠାଇଲେ । ତା'ପରେ ଯେତେବେଳେ ଯୁବତୀମାନେ ପାଣି ଟାଣୁଥାନ୍ତି ସେତେବେଳେ କାଛ ଉଡ଼ାଳରୁ ବା ବାଡ଼ତନୁ ଗାଁର 'ଯୁବ'ମାନେ କଟମଟ ଚାହିଁଥାନ୍ତି । କିଏ କହିଲା ମିଶ୍ରଙ୍କୁ ଗ୍ଲାସେ ପାଣି ଦିଅ ସେ ପିଅନ୍ତୁ । କିନ୍ତୁ ମିଶ୍ରେ ନାହାନ୍ତି । ପାଣି ଟଣାସାରି ସମସ୍ତେ ଫେରିବା ବେଳକୁ ମାଛି ଅନ୍ଧାର ହୋଇ ଆସୁଥାଏ । ଲାଲମୋହନ ଖୁସି ଯେ ମନ୍ଦାଏ ଭଲ ପାଣି ଅତି ଅତୁଆ ବେଳରେ ସାଇର ପିଲାଝିଲାଙ୍କୁ ଦେଇ ପାରିଲା । ବଡ଼ ପାଟିରେ କଥା ହୋଇ ହସି ହସି ଦଳଟି ଫେରୁଥାନ୍ତି ।

ଠୋ ଠୋ, ଠୋ ଠୋ, ଶବ୍ଦ ପଛକୁ ଆର୍ତ୍ତ ଚିତ୍କାର ''ଏ ମା ! ମୋ କଳସି କିଏ ଭାଙ୍ଗି ଦେଲା । କ'ଣ ହେଲା କ'ଣ ହେଲା'' କହି, ଯୁବଶକ୍ତି ତାଙ୍କ ସାମନାରେ ପଛରେ ଉଭା ହୋଇଗଲା । ''କିଏ ଭାଙ୍ଗିଲା, କିଏ ଭାଙ୍ଗିଲା'' କହୁ କହୁ ପ୍ରାୟ ସମସ୍ତ କଳସି ଭାଙ୍ଗି ଚୁରମାର ହୋଇଗଲା । ଖାଲି ମଙ୍ଗଟି କାହା କାହା ହାତରେ ରହିଲା ମାତ୍ର । ବ୍ରାହ୍ମଣ ସାହି କୂଅର ସବୁ ପାଣି ଦାଣ୍ଡରେ ଗଲା ।

ଏ ଯୁବ ଦଳଟି କେନୁ ମିଶ୍ରଙ୍କ ତାଲିମ ପ୍ରାପ୍ତ ଦଳ । ବାଗୁଡ଼ି, ଡୁ ଡୁ, ଫୁଟବଲ ଇତ୍ୟାଦି ଖେଳରେ ଯୁବକମାନେ ରଥୀ । ଗାଁ ଗାଁ ଯାଇ ଟୁର୍ଣ୍ଣାମେଣ୍ଟ ଖେଳନ୍ତି । ଯୁବତୀ

Digitized by srujanika@gmail.com

ନାଆଁ ଶୁଣିଲେ ଦେଖିଲେ ଯାଙ୍କୁ ତାଙ୍କ ଗୁରୁଦେବ କେଳୁ ବି ଅଟକାଇ ପାରିବେ ନାହିଁ । ଏଠି ନାଟ ଲଗେଇ ଦେଇ କେଳୁ ଡୋମ ସାହିକି ଯାଇ ଖବର ଦେଇ ଦେଲେ ଡୋମଣିମାନଙ୍କ ଇଜ୍ଜତ ମହତ ବ୍ରାହ୍ମଣ ସାହିରେ ଗଲା । ବାଉଁଶ ଠେଙ୍ଗା ଓ କଟୁରା ଧରି ଧାଇଁଲେ ଡୋମ ଯୁବଗଣ । ଯାହା ହେବାର ହେଲା । ଝିମିଟିରୁ ମହାଭାରତ । ଲାଲମୋହନ ମଧ୍ୟ ଠେଙ୍ଗାଏ ଅଧେ ପାଇଲା ଏବଂ ଲଙ୍ଗଳା ବାତୁଳା ହୋଇ ସାହିର ଗୋପୀମାନେ ପ୍ରାଣ ଘେନି ଘରକୁ ଫେରିବାକୁ ଲାଗିଲେ ।

କାନୁ କେଳୁଙ୍କ ବାଟରେ ଭେଟଘାଟ ହେଲା । କାନୁ କହିଲେ 'ଏସବୁ ତୋରି କାଣ୍ଡ ।' କେଳୁ କହିଲେ "ଭାଇ ତୁମେ ନାଟର ଗୋବର୍ଦ୍ଧନ, ଏ ବୁଦ୍ଧି କରୁଥିଲ କାହିଁକି ? କାନୁ କହିଲେ, "ତୁ ଦେଖୁଥା ଉନ୍ନୟନ ସଂସ୍ଥାରୁ କିମିତି, କଣ ଆସୁଛି, ଥାନାକୁ ଖବରଟା ଦେଇଦବା ?"

କେଳୁଙ୍କ ଡୋମକୁ ରାଗିବାର କାରଣ ସେ ଜୋର ଜବରଦସ୍ତ ଡୋମଙ୍କ ଅମଳନାମା ଜମି ଦଖଲ କରିବା ପାଇଁ ଚେଷ୍ଟାକରି ବିଫଳତା ସାଙ୍ଗକୁ ଠେଙ୍ଗାଏ ଅଧେ ପାଇଥିଲେ । କାନୁ ବି ଖୁସି, ଲାଲାର ସାମନ୍ତ ମନୋବୃତ୍ତି ଓ ରାଜା ରାଣ୍ଡୁଡ଼ା ପ୍ରୀତିର ଦଣ୍ଡ ବ୍ୟବସ୍ଥା କରି ପାରିଲେ ।

ବାକୀ ରହିଲେ କେଉଟା । ପାଣି ଆଣିବାକୁ ଯେଉଁ ଯୁବତୀମାନେ ଆସିଥିଲେ ସେମାନେ ଆଠ ଦିନ ତଳେ ତାଙ୍କୁ ପୁରୁଷମାନଙ୍କ ସାହାଯ୍ୟରେ ଧରି ନିସ୍ତୁକ ମାଡ଼ ମାରିଛନ୍ତି କାରଣ ସେ ଡୋମ ସାହିର ବାଉଁଶ ବୁଦା ମୂଳରେ କଣ ଅପକର୍ମ କରୁଥିଲେ ତାଙ୍କରି ସାହିର କାହା ସଙ୍ଗରେ ।

ମହାତ୍ମାଗାନ୍ଧୀଙ୍କ ଦୁଇ ମାଙ୍କଡ଼ ଏତେ କାଣ୍ଡ କରି ପାରିଲେ କେଉଟା ପଛକୁ ପଡ଼ିଯିବେ ? ହରିଜନ ଉନ୍ନୟନ କର୍ମ ଅସଂପୂର୍ଣ୍ଣ ରହିଯିବ ଯେ ! ଯେତେବେଳେ ବ୍ରାହ୍ମଣ ସାହି ଓ ଡୋମ ସାହି କୋଳାହଳମୟ, ଆର୍ତ୍ତନାଦ ଚିତ୍କାରରେ ପରିପୂର୍ଣ୍ଣ ସେତିକିବେଳେ କେଉଟା ଖସିଗଲେ । ଡୋମ ସାହିରେ ସେତେବେଳେ କେତୁଟା ଅସହାୟ ପିଲାଝିଲା ଛଡ଼ା ଆଉ କେହି ନଥାନ୍ତି । କେଉଟା ସିଗାରେଟ ଖାଆନ୍ତି । ଗୋଟାଏ ବାଉଁଶ ମୂଳେ ଛିଡ଼ା ହୋଇ ଧରାଇଲେ ଏବଂ ଶୁଣ୍ଡିସାହି ଆଡ଼େ ଚାଲିଗଲେ ଅନ୍ଧାରର ଆଢୁଆଳରେ ଭୂତ ପରି ।

ଦଣ୍ଡେ ପରେ ଡୋମ ସାହିର ଗଗନ ପବନରେ ଲେଲିହାନ ଅଗ୍ନିଶିଖା, ସାଙ୍ଗକୁ ଜ୍ୟେଷ୍ଠର ଝାଞ୍ଜି, ବାଉଁଶର ଠୋ ଠୋ ଶବ୍ଦ, ଗୁଡ଼ାଏ ଆର୍ତ୍ତନାଦ କ୍ରନ୍ଦନ, ଏବଂ ପାଣି ପାଣି ଚିତ୍କାର । ବ୍ରାହ୍ମଣ ସାହିର କୂଅ ଛଡ଼ା ଆଉ ପାଖରେ କାହିଁ ଟୋପାଏ ପାଣି ନାହିଁ ।

ପରଦିନ ସକାଳେ ସୂର୍ଯ୍ୟ ଉଦୟ ବେଳକୁ ସହରରୁ ନିଆଁ ଲିଭାଳି ଦଳ ଆସିଲେ । କୁଢ଼ କୁଢ଼ ପାଉଁଶ ଓ ମାଟି । କାନ୍ଥ ଭିତରେ ଝାଟି ବାଉଁଶ ବି ଜଳି ଯାଇଛି ।

ପରେ ପରେ ଆସିଲେ କେତେ କିଏ; ହେଲିକପ୍ଟର, ଇମ୍ପାଲା, ଜିପ୍, ସ୍କୁଟରରେ,

Digitized by srujanika@gmail.com

ଏପରିକି ହାତୀରେ । ସମସ୍ତଙ୍କ ମୁହଁରେ ''ଲାଲମୋହନ, ଲାଲମୋହନ କାହିଁ ?''

ସହାନୁଭୂତିରେ ଭରପୂର ଏ ସମସ୍ତ ମହିମାନ୍ୱିତ ବ୍ୟକ୍ତି ତଥା ବ୍ରାହ୍ମଣ ଗୋସେଇଁମାନେ ଡୋମସାହି ମୁଣ୍ଡରେ ଛିଡ଼ା ହୋଇ ଦେଖିଲେ ଦୂର ଦିଗ୍‌ବଳୟରେ ଗୋଟାଏ ବୁଢ଼ାର ସିଲ୍‌ହୁଟ୍ ଛବି, କାନ୍ଧରେ ତାର ଝୁଲାଟାଏ, ଦୁଇ ପାଖରେ ଦୁଇଟା ପିଲା । ଚାଲିଛି ଅନ୍ୟ ଏକ ରାମରାଜ୍ୟର ସନ୍ଧାନରେ ପଛକୁ ଭ୍ରୂକ୍ଷେପ ନ କରି ।

Digitized by srujanika@gmail.com

# ଡବ୍ଲିଂ/ଦୋହରି

ଆଖି ଆଗରେ ସୁମି ଦେଖିଲା ତାର ସେଙ୍ଗେଲ ଢଳିପଡ଼ିଲା । ସେଙ୍ଗେଲଇ ତ ଥିଲା ତାର ସର୍ବସ୍ୱ ।

ମଫସଲର ଛୋଟ ରେଳଷ୍ଟେସନଟିଏ । ସେଇଠି ବିକ୍ଷୋଭ ପ୍ରଦର୍ଶନର ନିଷ୍ପତ୍ତି ନିଆଯାଇଥାଏ । ରେଳବାଇ ଶ୍ରମିକ, କୁଲି, ମଜୁରିଆମାନଙ୍କର ରେଳଲାଇନର ଡବ୍ଲିଂ ବା ଦୋହରି କାମ ବନ୍ଦ କରିବାର ବିରୋଧ କରି । କାମ ବନ୍ଦ ଫଳରେ ଅନେକ ଲୋକ ଛଟେଇ ହୋଇଯିବେ, ବେକାର ହୋଇଯିବେ । ରେଳବାଇ ତେଣେ ନାଚାର; ରେଳଲାଇନର ସମଗ୍ର ଅଞ୍ଚଳରେ ଦୋହରି କାମ ତ ଶେଷ ହୋଇଗଲା । ଆଉ କଣ କାମ ଅଛି ଯେ ଦିନ ମଜୁରିଆ ବା ପୂରାପୂରି ଅସ୍ଥାୟୀ ଲୋକଗୁଡ଼ାକ ରଖିବ ? କିନ୍ତୁ କାମ ବନ୍ଦ ହେଲେ ପଲିଟିକାଲ ପାର୍ଟି ଚାନ୍ଦା ଉଠାଇବେ କାହା ପାଖରୁ ? ପାର୍ଟି ବଞ୍ଚିବ କିମିତି ? ସେମାନେ ତେଣୁ ଉସୁକାଉଛନ୍ତି ଶ୍ରମିକମାନଙ୍କୁ, ଲେବର ଇଉନିୟନ ମଧ୍ୟ ସେମାନଙ୍କ ପ୍ରତି ସହାନୁଭୂତି ଦେଖାଇ ସହଯୋଗ କରୁଛନ୍ତି ଏ ବିକ୍ଷୋଭରେ । ପନ୍ଦର ଦିନ ଧରି ନାନାପ୍ରକାର ବିକ୍ଷୋଭ-ମିଟିଂ, ଧର୍ମଘଟ, ଧାରଣା, ଅନଶନ-ନିଷ୍ଫଳ ହେବା ପରେ ଶେଷ ପନ୍ଥା ରୂପେ ରେଳଇଞ୍ଜିନ ଅଟକାଇବା ଆହ୍ୱାନ ଦିଆଯାଇଛି ।

ଅଗଷ୍ଟ ପନ୍ଦର । ସ୍ୱାଧୀନତା ଦିବସରେ ନାନା ଭାବରେ ଉତ୍ସବୋଚିତ ଭଙ୍ଗୀରେ ସଜ୍ଜିତ ମେଲ୍ ଗାଡ଼ି ଯିମିତି ଷ୍ଟେସନ ପହୁଞ୍ଚିବାକୁ ଯାଇଛି ଗୁଡ଼ାଏ ଲୋକ ରେଳ ଲାଇନ୍‌ରେ ବସି, ଛିଡ଼ାହୋଇ, ନାଚିକୁଦି, ମହାତ୍ମାଗାନ୍ଧୀଙ୍କ ଜୟ ଧ୍ୱନି ସହିତ ରେଳବାଇ ମନ୍ତ୍ରୀଙ୍କି 'ମୁର୍ଦାବାଦ' କରି ଉନ୍ମତ୍ତ ପ୍ରାୟ ହୋଇ ଆକ୍ରମଣାତ୍ମକ ମନୋବୃତ୍ତିରେ ଇଞ୍ଜିନ ଆଗରେ ଛିଡ଼ା ହେଲେ। ଅଗତ୍ୟା ଟ୍ରେନ୍ ଛିଡ଼ା ହେଲା ଏବଂ ସଙ୍ଗେ ସଙ୍ଗେ ଗୁଡ଼ାଏ ଲୋକ ଇଞ୍ଜିନ୍ ତିନିପଟେ ଘେରିଗଲେ । ଏଇ ଅବସରରେ ସେଙ୍ଗେଲ ଇଞ୍ଜିନ୍ ଭିତରକୁ ଯାଇ ଡ୍ରାଇଭର ଓ ତାର ସହକର୍ମୀଙ୍କୁ ଭିଡ଼ି ଓଟାରି ତଳକୁ ଖସାଇ ପକାଇଲା । ପୋଲିସ ଆଗରୁ ସତର୍କ ଥିଲା ଏବଂ ସଙ୍ଗେ ସଙ୍ଗେ ବିଶୃଙ୍ଖଳ ଜନତା ଉପରେ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଦେଲା । ଲାଠିଚାର୍ଜ ଓ ତାପରେ ଟିଅର ଗେସ୍ ସେଲ୍‌ର ଆବାଜ । ଗୋଟାଏ ସେଲ ସିଧାଯାଇ ବାଜିଲା ସେଙ୍ଗେଲ ଦେହରେ ଏବଂ ସେ ଠାଏଁ ଟଳି ପଡ଼ିଲା ।

ସେଙ୍ଗେଲ ଅର୍ଥନିଆଁ ଏବଂ ଯଥାର୍ଥରେ ସେ ଥିଲା ନିଆଁହୁଳା । ଯେଉଁ କାମରେ ଲଗାଇ ଦବ ସେଥିରେ ସେ ପାଦେ ଜାଗାରେ ଦୁଇପାଦ ଯିବ । ଗୋଟାଏ ଘର ପୋଡ଼ିବାକୁ

Digitized by srujanika@gmail.com

କହିଲେ ସାରା ରାଜ୍ୟର ଘର ଜାଳିଦେବ । ନେତାମାନେ ନିଜ କାର୍ଯ୍ୟ ହାସଲ ପାଇଁ ଠିକ୍ ଯିମିତି ଲୋକ ଖୋଜୁଥାନ୍ତି ଏବଂ ନିଜେ କିଛି ନକରି ସେମାନଙ୍କୁ ଲଗାଇ ଦୂରୁହ କାର୍ଯ୍ୟ ସାଧନ କରି ବାହାଦୂରୀ ନିଅନ୍ତି, ସେଙ୍ଗେଲ ସେଇ କିସମର ଲୋକ । ଏ ଧରଣର କାମରେ ନେତୃତ୍ୱ ନେବାପାଇଁ ସଦା ଆଗ୍ରହୀ, ତେଣୁ ବର୍ତ୍ତମାନର ଯୁକ୍ତିଯୁକ୍ତ ପରିଣତି ।

ସୁମି ସେଙ୍ଗେଲର ବଣୁଆଁ ଚରିତ୍ର ଓ ପ୍ରକୃତି ଠିକ୍ ଭାବରେ ଜାଣିଛି । ତେଣୁ ଟ୍ରେନ୍ ପହୁଞ୍ଚିଲାବେଳକୁ ସେ ଅଦୂରର ଟାର୍‌ପଲିନ୍ ଢଙ୍କା କୁଡ଼ିଆଘରୁ ବାହାରି ଆସି ଦେଖୁଥାଏ ନାହିଁ ନ ଦେଖା ଘଟଣା । ସେମାନେ ବା କେତେଦିନ ହେଲା ଏ ପୂରାପୂରି ନୂଆ ଜାଗାକୁ ଆସିଛନ୍ତି ? ଏଠିକାର ଚରିତ୍ର, ବ୍ୟବହାର, ଚାଲିଚଳନ, ପ୍ରକୃତି ବିକୃତି ତାଙ୍କୁ ବା କେତେ ଜଣା ?

କାରଣ ଏଇ ମୁହୂର୍ତ୍ତ ପର୍ଯ୍ୟନ୍ତ ତାର କାମ ଥିଲା ଅତି ଘରୁଆ, ଶାନ୍ତିମୟ । କୋଇଲା ଚୁଲିରେ ଭାତ ରାନ୍ଧିବା, ପଖାଳ କରିବା, ପାଖ ସଜନାଗଛରେ ହାତ ପହୁଞ୍ଚା ଡାଳ ଭାଙ୍ଗି ଆଣି ଶାଗ ଖରଡ଼ିବା, ଲୁଣଲଙ୍କା ଦେଇ ଗେଣ୍ଡା, କଙ୍କଡ଼ା ବା ଶୁଖୁଆ ପୋଡ଼ା ଦେଇ ମେଲାମୁହାଁ ବେଲାରେ ପଖାଳ ଭାତ ପିଡାଲାଉର ଡଙ୍କାରେ ବାଢ଼ିଦେବା ଏବଂ ଉଦୁଉଦିଆ ଦିପହରେ ବିଶ୍ରାମ ବେଳେ ସେଙ୍ଗେଲର କେନ୍ଦେରାରେ ବା ବଇଁଶିରେ ସେଇ ଗୋଟିଏ ଗୀତ ସେଇ ଗୋଟିଏ ସୁରରେ ଶୁଣିବା ।

''ବୁରୁ ନାଲାରେ ଡିରଂ ଅରଂ ହୋ, ଇଞ୍ଜ୍ ଆଞ୍ଜମ୍ ଦାଃଲୁ ଘାଟରେ ହୋ ।''

''ତୋର ମୋର ସେଇ ଯେଉଁ ପାହାଡ଼ିଆ ଝରଣା କୂଳର ପାଣି ଘାଟରେ ପ୍ରଥମ ଭେଟ ଘାଟ ହୋଇଥିଲା...''

ସୁମିର ଏଇ ରୋମାଣ୍ଟିକ୍ ଜୀବନ ଓ ସ୍ୱପ୍ନର ପ୍ରାରମ୍ଭ ଓ କରୁଣ ପରିଣତି ଭିତରେ ଏତେ କମ୍ ବ୍ୟବଧାନ ରହିବ ବୋଲି ସେ ଭାବି ନଥିଲା । ଏମିତି ଅପ୍ରତ୍ୟାଶିତ ଭାବରେ ହଠାତ୍ ସେଙ୍ଗେଲ ତା ପାଖରୁ ଅନ୍ତର ହୋଇଯିବ, ଏହା ସେ ଦଣ୍ଡେ ଚକିତ ହୋଇ ସମ୍ଭାଳି ନେଲା । ଏସବୁ ପରିସ୍ଥିତିରେ ତା ଜାତିର ପୁରୁଷ ସ୍ତ୍ରୀ ଅସମ୍ଭାଳ ହୁଅନ୍ତି ନାହିଁ । ତଥାପି ସେଙ୍ଗେଲ ହୀନ ଜୀବନ ତା ପକ୍ଷରେ ଏକ ଅବାସ୍ତବ ଜୀବନ ପରି ଜଣାଗଲା ।

କିନ୍ତୁ ବାସ୍ତବତା ଉପଲବ୍ଧି କରୁ ନ କରୁଣୁ ସେ ଅନୁଭବ କଲା ଅତି ବାସ୍ତବ ବାୟୁମଣ୍ଡଳ ଚିଅର ଗେସ୍ ସେଲ୍‌ରେ ଧୂଆଁ ମେଘ । ସେ ଆଉ ଚାହିଁ ପାରିଲା ନାହିଁ । ଆଖି ଗୁଡ଼ାକ ଭୀଷଣ ପୋଡ଼ିଲା । ପାଣି ପାଇଁ ସେ ଅନ୍ଦାଜ କରି ଗଲା ରେଳବାଇ ଯୋଗାଇଥିବା କେମ୍ପ କୁଡ଼ିଆକୁ । ବହୁ କଷ୍ଟରେ ଲୁହମୟ ଆଖି ମେଲାକରି ପଲକରେ ଦେଖି ପାରିଲା ସେଠି ଜୁହୁଳୁଥିବା କୁଡ଼ିଆର ଭସ୍ମାବଶେଷ ତାର ସମସ୍ତ ସଂପତ୍ତି– ବାଉଁଶିଆ, ଝଙ୍କା, ଛାଞ୍ଚୁଣି, ଲାଉତୁମ୍ବୀ, ସେଙ୍ଗେଲର କେନ୍ଦେରା, ଧନୁଶର, ବଇଁଶୀ । ତାର ନିଜସ୍ୱ ସଂପତ୍ତି ବୋଇଲେ ବାହାଘର ବେଳର ନାଲି ବ୍ଲାଉସ୍, ରଙ୍ଗଶାଢ଼ୀ, ଯାହା ତା ବାପା ଗେହ୍ଲା ଝିଅ ପାଇଁ ଟାଟାନଗରରୁ ଆଣି ଦେଇଥିଲା ଏବଂ ଯାହାକୁ ସେ ତା ମାଆର ଭିକ୍ଟୋରିଆ

Digitized by srujanika@gmail.com

ଟଙ୍କାମାନ, ବାକ୍ସବଟଫଳ ଓ ଝୁମ୍ପା ସହିତ ପେଡ଼ିଟିରେ ରଖିଥିଲା, ସେସବୁ ପୋଡ଼ି ପାଉଁଶ ହୋଇଯାଇଛି; ନହେଲେ କୁଆଡ଼େ ଅନ୍ତର୍ଦ୍ଧାନ ହୋଇଯାଇଛି । ଧୂମମୟ ମଶାଣିରୁ କିଏ କୁଆଡ଼େ ଛିନ୍ନଛତ୍ର ହୋଇ ପଳାଇ ଯାଇଛନ୍ତି ପ୍ରାଣ ବିକଳରେ । ସେ ସଂପୂର୍ଣ୍ଣ ଏକାକିନୀ, ନିରାଶ୍ରୟା । କ୍ଷଣକେ ସେ ବୁଝିଗଲା ତାର ସମସ୍ତ ଭୁଲ ହୋଇଯାଇଛି । ଟ୍ରେନ୍ ନିର୍ବିରୋଧରେ ଗନ୍ତବ୍ୟ ସ୍ଥାନକୁ ଚାଲିଗଲା ଲମ୍ବା ହୁଇସିଲ୍ ମାରି ।

କାଳେ କିଏ ସାଙ୍ଗସାଥୀ ଚିହ୍ନା ପରିଚୟ ଲୋକ ଥିବେ ଖୋଜୁ ଖୋଜୁ ସେ ଦେଖିଲା ବଡ଼ ବଡ଼ ପୋଲିସ୍ ଭେନ୍‌ରେ ସଶସ୍ତ୍ର ମିଲିଟାରୀ ଗୁଡ଼ାଏ ଲୋକଙ୍କୁ ବନ୍ଧାବନ୍ଧି କରି ବୋଝାଇ କରି କୁଆଡ଼େ ନେଇଗଲେ । ସେଙ୍ଗେଲ ପ୍ରାଣରେ ଅଛି କି ନାହିଁ ଜାଣିପାରିଲା ନାହିଁ । ସେ ନିଜ ଆଡ଼କୁ ଚାହିଁ ଦେଖିଲା ପିନ୍ଧା ଲୁଗାଟି ଛଡ଼ା ତାର ଆଉ କିଛି ନାହିଁ, ଏପରିକି ଅନ୍ତର୍ବାସ ମଧ୍ୟ ନାହିଁ ।

ଏଥର ସୁମି କଣ କରିବ ? ଯିବ କୁଆଡ଼େ ? ସେଙ୍ଗେଲ ଛଡ଼ା ତାର ଦୁନିଆଁ କାହିଁ ? ଏଣେ ଦୂର ଶିମିଳିପାଳ ପାହାଡ଼ ପଛରେ ସୂର୍ଯ୍ୟ ଅସ୍ତମିତ । ଅନ୍ଧାର ରାତି ଆସିଯିବ ଆଉ କେତେ ସମୟ ପରେ । ଏ ଇଲାକା ତଥା ମଣିଷଗୁଡ଼ା ତାର ଅପରିଚିତ । ମୋଟ ଉପରେ ତା ପକ୍ଷରେ ଏହା ବିଦେଶ । ଲୋକଗୁଡ଼ା ବିଦେଶୀ । ଏଠାକୁ ଆସିଛନ୍ତି ଦୁହେଁ ପନ୍ଦର କୋଡ଼ିଏ ଦିନ ହେବ । ସେଙ୍ଗେଲକୁ ନଦେଖି, ନପାଇ ସେ ନିରାଶ ଓ ଉଦ୍ଦେଶ୍ୟହୀନ ହୋଇ ଏଣେ ତେଣେ ବାୟାଣୀ ପରି ବୁଲି ବୁଲି ଶେଷରେ ପହଞ୍ଚିଲା ପାଞ୍ଚ ନମ୍ବର ଜାତୀୟ ରାଜଦାଣ୍ଡରେ ପୂରାପୂରି ଦିଶାହରା ହୋଇ ।

ଏଣେ ତେଣେ ଚାହିଁ ଯାହା ଦେଖିଲା ତାକୁ ବିଷପିତା ଲାଗିଲା । ଅଥଚ ମାତ୍ର କେଇଘଣ୍ଟା ଆଗରୁ ସେଇ ସେଇ ଚିଜ ପାଇବା ପାଇଁ ତା ମନ ବ୍ୟାକୁଳ ଆଗ୍ରହରେ ଚାହିଁ ରହୁଥିଲା । ହେଇ ତ ଡାହାଣ ପାଖକୁ ଖଣ୍ଡେ ଦୂରରେ ରେଶମୀ ଚୁଡ଼ି ଦୋକାନ । ସେଇଠୁ ସେ ସେଙ୍ଗେଲ ସାଙ୍ଗରେ ଯାଇ ଯେଉଁ ଧଳା ଚୁଡ଼ି ତା କଳା ହାତ ପାଇଁ ଆଣିଥିଲା, ତା ଝଟକୁଛି । ତା ଟିକିଏ ଆଗକୁ ଖଲିଫା ଦୋକାନ, ଯେଉଁ ଦାଢ଼ିଆ ଲୋକଟା ପାଖରେ ଦେହ ଛାତିରେ ଚିପା ମାପ ଦେଇଥିଲା ବଡ଼ ବେକ ଓ ପଛ ବୋତାମର ବ୍ଲାଉସ ପାଇଁ ସେଇ ସେଙ୍ଗେଲ ସାଙ୍ଗରେ ଯାଇ । ଆଉ ଗୁଡ଼ାଏ ଜିନିଷ ଦେଖିଲା ଯାହା ସେଙ୍ଗେଲକୁ ଭଲ ଲାଗୁଥିଲା । ସେ ଆଡ଼କୁ ଚାହିଁଲେ ତାର କୋହ ଉଠି ତଣ୍ଟିକୁ ରୁନ୍ଧିସନ୍ଧି ଦେଉଥିଲା । ସବୁ ତ ଯାଇଛି, ସବୁ ସେ ହରାଇଛି ସେଙ୍ଗେଲ ସହିତ । ଶିମିଳିପାଳର ମେଘାସନରୁ ଖସି ଆସି ଗହିରିଆ ସମୁଦ୍ର ଭିତରେ ବୁଡ଼ିଲା ପରି ତାକୁ ଲାଗିଛି ।

ସାମାନ୍ୟ ପ୍ରକୃତିସ୍ଥ ହେଲେ ସେ ଦେଖେ ସଡ଼କରେ ଯାଉଥିବା ଲୋକଗୁଡ଼ାଙ୍କ ତା ପାଖରେ ଦଣ୍ଡେ ରହିଯାଇ ତାର ଅର୍ଦ୍ଧ ଅନାବୃତ ଦିହର ରଙ୍ଗ ପ୍ରତ୍ୟଙ୍ଗକୁ ଚାହୁଁଛନ୍ତି ଯିମିତି କ୍ଷୁଧିତ ଜାନୁଆର ମାଂସପିଣ୍ଡୁଳାକୁ ଲୁବ୍ଧ ଆଖିରେ ଚାହେଁ । ଯିମିତି ସେମାନେ ତାକୁ ଗିଳିଦେବେ । ମନେ ମନେ ଭାବେ, ଏଗୁଡ଼ା କି ପ୍ରକାର ମଣିଷ ? ବଣଜଙ୍ଗଲରେ ଏମିତି

Digitized by srujanika@gmail.com

ମଣିଷ ନ ଥିଲେ ! କିଏ କେତେ ପ୍ରଶ୍ନ ପଚାରୁଛନ୍ତି, ତୋର ଘର କେଉଁଠି ? କେଉଁଠାକୁ ଯାଉଛୁ ? ତୋର ଆଉ କିଏ ଅଛି ? କାହିଁକି କାନ୍ଦ କାନ୍ଦ ହେଉଛୁ ? କିଏ ଖୁବ୍ ସାହାସରେ କୁହେ, ଆ ମୋର ସାଙ୍ଗରେ, ଚା' ଜଳଖିଆ ଖାଇବୁ । ପାନ ଖାଇବୁ । ସୁମି କିଛି ଉତ୍ତର ଦିଏ ନାହିଁ ବରଞ୍ଚ ଆଣ୍ଠୁ ଭିତରେ ମୁଣ୍ଡ ଲୁଚାଇ ଦିଏ । ଭାବେ, ସେଙ୍ଗେଲ ତା ପାଖରେ ଥିଲାବେଳେ କେହି ତ କେବେ ତା ଆଡ଼କୁ ଚାହାନ୍ତି ନାହିଁ କି କଥା କହିବାର ସାହସ କରନ୍ତି ନାହିଁ । କେତେ ଡରୁଆ ଲୋକ ଗୁଡ଼ାକ ଏ ରାଜ୍ୟର । ପୁଣି ଭାବେ, କାହିଁକି ବା ଆମେ ଆସିଲୁଁ, ନିଜକୁ ଧିକ୍କାର କରେ କାହିଁକି ସେ ସେଙ୍ଗେଲକୁ ବାଧ କଲା, ସେ ତ ବଣ ପାହାଡ଼ ଛାଡ଼ିଆସିବନି କହୁଥିଲା ।

ବେଳେବେଳେ ମୁଣ୍ଡ ଉଠାଇ ସେ ଚାହେଁ ମାଇଲ ମାଇଲ ଧରି ବ୍ୟାପିଥିବା ଶ୍ୟାମଳ ଧାନକ୍ଷେତକୁ ଏବଂ ସେଇ କ୍ଷେତ ପରେ ବିରାଟ ପାଚେରୀ ପରି ଉତ୍ତର ଦକ୍ଷିଣ ମାଡ଼ି ବସିଥିବା ଶିମିଳିପାଳ ପାହାଡ଼କୁ । ମାତ୍ର କାଲି ସଞ୍ଜ ବେଳେ ଓଭରବ୍ରିଜ୍‌ଟା ଉପରେ ଦୁହେଁ ଲଗାଲଗି ହେଇ ଛିଡ଼ା ହୋଇଥିଲା ବେଳେ ସେଙ୍ଗେଲ ହାତ ବଢ଼ାଇ ତାକୁ କହିନଥିଲା, "ଏଇ ଦେଖ ଆମର ମୟୂରଭଞ୍ଜର ଶିମିଳିପାଳ ପାହାଡ଼, ଏଇ ଯେ ବାଆଁ ଆଡ଼େ ହାତୀ ପିଠି ରକମ ଯେଉଁଟା ଦିଶୁଛି ସେଇଟା ମେଘାସନ । ଏଇ ଯେ ନୀଳଗିରି ପାହାଡ଼ର ଡାହାଣ ପାଖର ଉଚା ପର୍ବତ, ସେଇଟା ଗଡ଼ ଶିମିଳିପାଳ ଆମେ ଯେଉଁଠୁ ଆସିଲୁଁ । ଆଉ ଏଇ ଯେ ସବା ଶେଷରେ ପାହାଡ଼ଟା ଯେଉଁଠି ଭୂଇଁରେ ମିଶିଛି ସେଇଟା ତ ମୟୂରଭଞ୍ଜର ଶେଷ । ତିରିଙ୍ଗରେ ତାର ବାପଘର । ତାର ଟିକିଏ ଆଗକୁ ଗଲେ ଟାଟାନଗର ।" ସୁମି ଏସବୁ ଭାବୁଥିଲା ବେଳେ ତାକୁ ଜଣାଯାଉଥାଏ ଯେମିତି ସେଙ୍ଗେଲ ତାକୁ କୁଣ୍ଢେଇ ଧରିଛି ।

ତିରିଙ୍ଗରୁ ବଙ୍ଗହଦା, ବଙ୍ଗହଦାରୁ ରାଇରଙ୍ଗପୁର, ରାଇରଙ୍ଗପୁରରୁ ଯଶିପୁର ଏବଂ ଟ୍ରକ୍‌ରେ ଯଶିପୁରରୁ ଗଡ଼ ଶିମିଳିପାଳ । ସେଙ୍ଗେଲର ଘରକୁ । ଅଧା ଗୁମ୍ପା ଅଧା ଚାଳ । ଶାଳ ଗଛ ଘେରା ସ୍ଥାନ, ଏତେ ଥଣ୍ଡା ଯେ ଶାଳଗଛ ଗୁଡ଼ାକର ଅଗଗୁଡ଼ାକ ତୁଷାରପାତରେ ଶୁଷ୍କ ଓ ବିବର୍ଣ୍ଣ ହୋଇ ଯାଇଛି । ସେଇଠି ରହିଲେ ସାଙ୍ଗେଲ ଓ ସୁମି, ପାଗଳ ଅସନ୍ତୁଷ୍ଟ ଦୁନିଆଁର ବହୁ ଦୂରରେ, ଏକ ଇଡ଼େନ ଗାର୍ଡ଼େନରେ ଯେଉଁଠି ଥିଲା ସରଳତା, ସତ୍ୟ ଓ ବିଶ୍ୱାସ । ଆଡ଼ାମ ଆଉ ଇଭ୍ । ଗଳ୍ପର ଟିପାଟିପି ପରି । ଏକ ଯେ ଥିଲେ ଟିପାଟିପି । ଟିପା ଆଣିଲା ଚାଉଳଟିଏ ଟିପି ଆଣିଲା ବିରିଟିଏ । ପିଠା କଲେ; କିନ୍ତୁ ବାଘମାମୁଁ- ?

ଏ ଦେଶ ବାଘମାମୁଁ, ଭାଲୁ, ସମ୍ବର, ହରିଣ, କୁଟାର, ବାର୍‌ହା, ହେଟାବାଘ ଏବଂ ହାତୀପଲର ଦେଶ; ଏ ଦେଶ ମୟୂର, ଶୁଆଶାରୀ, କପୋତ କପୋତୀର ଦେଶ; ଏଠି ମିଳେ ଝରଣା, ଆମ୍ବ, କାଙ୍କଡ଼, ବଣକୁହୁରୀ, ପଣସ, ଭୁରୁଡ୍ଡ, ଚାର, କେନ୍ଦୁ, ଆଦିଫଳ, ପାଳୁଅ ଓ କେତେକେତେ ଚେରମୂଳ; ଏଠି ମିଳେ କେତେ କେତେ ଫୁଲ, ପତର, ଛାଲିର, ମହକ ଓ ରଙ୍ଗ; ଅତାଣ୍ଡି ଶାଳେଇ ସୁନାରୀ, ପଳାଶ, ଚମ୍ପା, ଆହୁରି କେତେ କଣ । ଗଛରୁ ପଥରରୁ ତ ମହୁ ଝରୁଛି । ଭୂଇଁ ଫୁଟାଇ ଛତୁ ଉଠୁଛି । ସୁମି ସେଙ୍ଗେଲର ଦୁନିଆଁ ହିଁ

Digitized by srujanika@gmail.com

ପୁରୁଷ ପ୍ରକୃତିର ଦୁନିଆଁ । ଖାଅ ଖୁଆଅ, ପିଅ ପିଆଓ । ଅସରନ୍ତି ଦୁନିଆଁ । କିନ୍ତୁ ସଇତାନ ଅଛି, ଇଭ୍ ବି ଅଛି, ବିଷଫଳ ବି ଅଛି । ଏ ଉଡ଼େନ୍‌ର ଆଡ଼ାମ ଇଭ୍ କେତେ ଦିନ ରହିପାରିବେ ?

ସେଙ୍ଗେଲ ଯାଏ ଜଙ୍ଗଲକୁ । ରାକ୍ଷସ ପରି ଆଦିମ ବଡ଼ ବଡ଼ ଶାଳ, ପିଆଶାଳ, ଚମ୍ପା, ଶିଶୁ ଓ କଇମ ଗଛଗୁଡ଼ାକୁ ହାଣିବା ପାଇଁ । ସଭ୍ୟତା ଚାହେଁ, ବସିବା ପାଇଁ ସୋଫା, ଡାଇନିଂ ଚେୟାର, ଶୋଇବା ପାଇଁ ଖଟ, ରଖିବା ପାଇଁ ଆଲମାରି, ରେଳ ପାଇଁ କାଠପଟା । କାଟ ଏଗୁଡ଼ାକ । ସେଙ୍ଗେଲ କାଟେ । ସୁମି ଦୁଇଥର ଖାଇବାର ନେଇଯାଏ ଏବଂ ଦୁହେଁ ଏକାଠି ବସି ଗଛ ଛାଇରେ ପଥର ଉପରେ ଖାଆନ୍ତି । ତାପରେ "ବୁରୁ ନାଲାରେ ତିରଂ ଅରଂ ହୋ" କେନ୍ଦରା ବା ବଂଶୀରେ ବାଜି ଉଠେ । ସଭ୍ୟ ଦୁନିଆଁର ଦୈତ୍ୟ ବିରାଟ ଟ୍ରକ୍ ଗୋଟାଏ ଘର୍‌ଘର୍ ଶବ୍ଦରେ ପଶୁପକ୍ଷୀ କୀଟପତଙ୍ଗଙ୍କ ହୃଦୟରେ ମୃତ୍ୟୁ ଆତଙ୍କ ଆଣିଦିଏ ।

ଏଇ ଟ୍ରକ୍ ଗୋଟାକରେ ଆସେ ସଇତାନ୍‌ର ଏଜେଣ୍ଟ ମକୁ । ଏଇ ମକୁ କେତେଥର ଆସି ଦେଖି ଯାଇଛି ଇଡ଼େନ ଓ ଆଡ଼ାମ ଏବଂ ଇଭ୍‌କୁ । ଏମାନଙ୍କ ସହିତ ନାନା ଆଳରେ ମିଳିମିଶି ସେ ବୁଝି ସାରିଛି ତାଙ୍କ ଚରିତ୍ର । ତାଙ୍କ ଜୀବନ ପ୍ରଣାଳୀ, କବିତାମୟ ଭୂସ୍ୱର୍ଗ ଆଦି ନାନା କଥା ମାଲିକଙ୍କ ଆଗରେ ବର୍ଣ୍ଣନା କରିଛି ଏବଂ ମାଲିକ ଓ ତାଙ୍କ ସହଧର୍ମୀମାନେ ଏମାନଙ୍କୁ ଉନ୍ନତତର ଅବସ୍ଥାକୁ ଆଣିବାକୁ ଉତ୍କଣ୍ଠିତ ହେଉଛନ୍ତି । ଗଛ କାଟିବା, ମାଟି କୋଡ଼ିବା, ପଥର ଟେକିବା, ରୋଲର ଚଲାଇବା ଆଦି ଯେତେଯେତେ ଦୁଃସାଧ୍ୟ ଶ୍ରମସାପେକ୍ଷ କାର୍ଯ୍ୟ ଏମାନେ କୁଆଡ଼େ ଆନନ୍ଦରେ ଗୀତ ଗାଇ ଗାଇ ଅଳ୍ପ ପଇସାରେ କରନ୍ତି । ଦୁନିଆଁକୁ ଏମାନେ ଆହୁରି ସଭ୍ୟତା ଅକ୍ଳେଶରେ କରି ଦେବେ । ଏଣୁ ଏଜେଣ୍ଟ ପଠାଇଲେ ଆଡ଼ାମ ଇଭ୍‌କୁ ପ୍ରଲୋଭିତ କରିବା ପାଇଁ । ବିଷଫଳ ହାତରେ ଧରି (ଶିମିଳିପାଳ ଇଡ଼େନରେ ସେ ଫଳଗଛ ଜନ୍ମେ ନାହିଁ) ମକୁ ଜଣେ ସ୍ଥୂଳ ଦୀର୍ଘାକୃତି ଚାଳିତ ଚାଳିକ ଟ୍ରକ ନାମକ ଅପୁଷ୍ପକ ଯାନରେ ଅକସ୍ମାତ୍ ଆବିର୍ଭୂତ ହେଲା ସୁମି ସେଙ୍ଗେଲଙ୍କ ଉଦ୍ୟାନ ଖଣ୍ଡରେ ଏବଂ ପ୍ରଲୁବ୍‌ଧ କରିବା କାମ ତୁରନ୍ତ ଆରମ୍ଭ କରିଦେଲା ।

ମାତ୍ର ଖୁବ୍ ଶୀଘ୍ର ଜାଣିଲା ଯେ ଆଡ଼ାମ୍ ସହଜେ ତା ପାଲରେ ପଡ଼ିବ ନାହିଁ । ଇଡ଼େନ୍ ତାକୁ ଭଲ ଲାଗେ, ଏଠି ରୋଗ ବୈରାଗ୍ୟ, ଶୋକ ମୃତ୍ୟୁ ନାହିଁ, ଲଜ୍ଜା ବି ନାହିଁ । (ହରିଣୀ, ହାତୀଙ୍କ ପରି) । ମକୁ ତା ପାଇଁ ନେଇଥିଲା ଅନେକ ଲୋଭନୀୟ ପଦାର୍ଥ । ଚା ଗୁଣ୍ଡରେ ଗୁଣ୍ଡ ଦୁଧ ପକାଇ ଚା' ପିଇବାକୁ ଦେଲା, ସେଙ୍ଗେଲ ଛୁଇଁଲା ନାହିଁ, ଚିନି ଚାଖିଲା ନାହିଁ, ସିଗାରେଟ୍ ମୁହଁକୁ ନେଲା ନାହିଁ । ଏକଜିଦିଆ ଲୋକଟା । ବାଙ୍ଗା ତା ବାଙ୍ଗା ନାହିଁ ତ ନାହିଁ । କାଠ ଲୋଡ଼ିଂ ଯେତେବେଳେ ସେଙ୍ଗେଲ କରୁଥାଏ ତାକୁ ଫୁସୁଲାଇ ନାନା ପ୍ରଲୋଭନ, ପ୍ରତିଶ୍ରୁତି ଦେଇ ସଭ୍ୟତା ପାଖରେ ନେଇ ହାଜର କରିବାର ସମସ୍ତ ଚେଷ୍ଟା ମକୁ କଲା, କିନ୍ତୁ ପାରିଲାନି । ଟ୍ରକ୍ କାମ ଧରିଛି ମକୁ, ଏକ ନୂଆ ଲାଭଜନକ

Digitized by srujanika@gmail.com

ବେଉସା । ବଣଜଙ୍ଗଲର ସୁମି, ସେଙ୍ଗେଲ ପରି ଜାନୁଆରଙ୍କୁ ସଭ୍ୟ କରିବା ପାଇଁ ସେ ସହରକୁ ନେଇ ଯାଉଛି, "ହାତୀ ଦେବି ଘୋଡ଼ା ଦେବି, ମୋ ପେଁକାଳି ବାଜ ।" ଅନେକ ପେଁକାଳି ବାଜିଲେଣି ଏବଂ ଦିଲ୍ଲୀ ପଞ୍ଜାବର ସହରମାନଙ୍କରେ ସଭ୍ୟତା ପାଖରୁ ଟ୍ରେନିଂ ନେଉଛନ୍ତି । କିନ୍ତୁ ସୁମି, ସେଙ୍ଗେଲ ତା ପାଲରେ ପଡ଼ିବେ ନାହିଁ– ଏହା ମକୁ ପକ୍ଷରେ ଏକ ଚେଲେଞ୍ଜ୍ ।

ସାପ ରୂପ ଧରି ମକୁ ସୁମିକୁ ଏକାନ୍ତରେ ଭେଟି କହିଲା, "ଦେଖ୍ ଭଲ୍, ଏ ଫଳଠୁଁ ଭଲ ଫଳ କିଛି ନାହିଁ, ଏହା ଜ୍ଞାନ ଫଳ, କେବଳ ସଭ୍ୟ ଦେଶରେ ହୁଏ । ତୁ ଖା କହି ବୋତଲରୁ ଅଧାଅଧି ସୁମିକୁ ଯିମିତି ପିଆଇଛି ସେ ମକୁର ହିନ୍ଦୀ ସିନେମା ଗୀତ "ଜାନେ କ୍ୟା ପିଲାୟା ମୁଝେ ବଡ଼ା ମଜା ଆୟା" ଗାଇଲା । ଭୁଲିଗଲା ତାର ସାନ୍ତାଳୀ ଗୀତ "ବୁରୁ ନାଲାରେ" ଏବଂ ସେଙ୍ଗେଲକୁ ମଧ ଜ୍ଞାନ ଫଳରୁ ଚଖାଇଲା । ସୋମରସ ପିଇଲା ମାତ୍ରେ ସେଙ୍ଗେଲ ଭାବିଲା ସେ ଦେବତା ପାଲଟି ଗଲା ପାରାଡ଼ାଇସ୍‌ର ।

ବର୍ଷାଦିନ ହେବା ସଙ୍ଗେ ସଙ୍ଗେ ଜଙ୍ଗଲକୁ ଟ୍ରକ୍ ଯିବା ବନ୍ଦ ଆସନ୍ନ ଜାଣି ମକୁ ଉଭୟ ସୁମି ଓ ସେଙ୍ଗେଲକୁ ଟ୍ରକର ଟିମ୍ବର ଉପରେ ବସେଇ ନେଇ ଆସିଲା ସଭ୍ୟତାର ରାଜ୍ୟକୁ । ସେଠାରୁ ପୁଣି ଦିଲ୍ଲୀ ବା ପଞ୍ଜାବକୁ ଆହୁରି ଅଧିକ ସଭ୍ୟତାରେ ତାଲିମ ପାଇବା ପାଇଁ ପଠାଇବା ପୂର୍ବରୁ କୁଲି ଆକାରରେ ତକ୍ଲିଂ ବା ଦୋହରି କାମରେ ରଖାଇଲା । ବେଳ ଆସିଲେ ପୂଜାବେଳକୁ ସେମାନଙ୍କୁ ପଠାଇ ଦିଆଯିବ ଉପ୍‌ସିତ ସ୍ଥାନକୁ । ସେଙ୍ଗେଲ ଟାର୍ପଲିନ୍ ଢଙ୍କା ଛାଉଣୀରେ ରହିଲା ସୁମି ସହିତ । ଏବଂ ଆସିଲା ଅଗଷ୍ଟ ପନ୍ଦର, ଯେଉଁଦିନ କେତେ ହଜାର ବର୍ଷର ପୁରୁଣା ରାଜ୍ୟ ପୁଣି 'ରାମରାଜ୍ୟ' ବୋଲି ଆଖ୍ୟା ପାଇଲା ।

ସୁମିର ତନ୍ଦ୍ରା ଭାଙ୍ଗିଲା ସଭ୍ୟତାର ଆଉ ଏକ ଯନ୍ତ୍ରଦାନବ ମାଦ୍ରାଜ–କଲିକତାଗାମୀ ଅତିକାୟ ହାତୀଠୁ ବଡ଼ ଟ୍ରକର ଭୀଷଣ ଗର୍ଜନରେ । ଉଜ୍ଜ୍ୱଳ ଆଲୋକରେ ପଞ୍ଜାବୀ ଡ୍ରାଇଭରଟା ସୁମିର ଅର୍ଦ୍ଧ ଅନାବୃତ୍ତ ଶରୀର ଦେଖି ଗାଡ଼ି ଦଣ୍ଡେ ତା ପାଖରେ ଅଟକାଇଲା । ତାରି ପାଖରେ ଅନ୍ଧାରରେ ବସିଥିବା ଜନୈକା ସଭ୍ୟତା ପ୍ରେମୀ ଆଦିବାସୀ ମହିଳା ଓହ୍ଲାଇ ପଡ଼ି ସୁମି ସହିତ ତାରି ଭାଷାରେ କଥାବାର୍ତ୍ତା କରିବା ପରେ ସୁମି କିଂକର୍ତ୍ତବ୍ୟବିମୂଢ଼ ଅବସ୍ଥାରେ ଟ୍ରକ୍ ଭିତରକୁ ଯାଇ ଡ୍ରାଇଭର ପାଖରେ ବସିଲା । ଟ୍ରକ୍ ଚାଲିବା ମାତ୍ରେ ସୁମିର ନଜର ପଡ଼ିଲା ଦିଗ୍‌ବଳୟରେ ଏକ ଜ୍ୟୋତିର୍ବଳୟ ଉପରେ, ଯିମିତି ବଳୟ ସେ ତାର ତିରିଙ୍ଗର 'ବୁରୁ ନାଲାର' ଘର ଅଗଣାରେ ଛିଡ଼ା ହୋଇ ପ୍ରତି ରାତି ଟାଟାନଗରର ସଭ୍ୟ ଦୁନିଆଁକୁ ସତୃଷ୍ଣ ଆଖିରେ ଚାହୁଁଥିଲା ଏବଂ ଭାବୁଥିଲା ସେ ରାଜ୍ୟ କଣ ହୋଇ ନଥିବ ।

ପ୍ରାୟ ପନ୍ଦର କୋଡ଼ିଏ କିଲୋମିଟର ପରେ ସହର ତଳି ରାସ୍ତାକଡ଼ରେ ଗୋଟାଏ ପଞ୍ଜାବୀ ହୋଟେଲ ପଡ଼ିଲା ଏବଂ ଯିମିତି ଡ୍ରାଇଭର ସେ ଆଡ଼କୁ ଯାଉଛି ସୁମି କଣ ହେଲା କେଜାଣି ସନ୍ତ୍ରସ୍ତ ହୋଇ ଏକମୁହାଁ ଅନ୍ଧକାର ଭିତରେ ମିଶିଗଲା ।

ଯେତେବେଳେ ସହରର କେନ୍ଦ୍ରସ୍ଥଳର ଆଲୋକ ଉଦ୍ଭାସିତ ଅଞ୍ଚଳରେ ସେ

Digitized by srujanika@gmail.com

ପହୁଞ୍ଚିଲା, ସେତେବେଳକୁ ମୁହାଁମୁହିଁ ଯୋଡ଼ିଏ ସିନେମାର ଦ୍ୱିତୀୟ ସୋ ସଦ୍ୟ ଶେଷ ହୋଇଥାଏ ଏବଂ ଯୋଡ଼ିକି ଯୋଡ଼ି ହୋଇ ଦର୍ଶକମାନେ ରିକ୍ସା ଷ୍ଟାଣ୍ଡ ଆଡ଼କୁ ଯାଉଥାନ୍ତି । ଚାରିଟା ବାର ଲାଇଟ୍ ତଳେ ସୁମି ଯେତେବେଳେ ଦ୍ରୁତ ପଦରେ ଛକଟା ଅତିକ୍ରମ କରୁଥାଏ ସେତେବେଳେ ଶହ ଶହ ଆଖି ତାର ଅନାବୃତ ଅଙ୍ଗ ପ୍ରତ୍ୟଙ୍ଗକୁ ଜାନୁଆର ପରି ଚାହିଁ ରହିଥାନ୍ତି । ସୁମି ବୁଝି ପାରିଲାନି କାହିଁକି ନିଜ ପାଖରେ ଲଗାଲଗି ହୋଇ ଚାଲିଥିବା ଗୋରା ତକତକ ଦିହକୁ ନ ଦେଖି ସେମାନେ ତାର ମୁଗୁନି ପଥର ରଙ୍ଗର ଦିହକୁ ଚାହୁଁଛନ୍ତି । ଅନ୍ଧାର ତାକୁ ଭଲ ଲାଗୁଥାଏ ।

ଛକ ଜାଗାଟା ପାରି ହୋଇଛି, ଗୁଡ଼ାଏ ରିକ୍ସାବାଲା ଓ ଦଳେ ବଜାରୀ ଟୋକା ତାକୁଇ ଲକ୍ଷ୍ୟକରି "ଶଣ୍ଡା ସୁନ୍ଦର ମଜବୁତ" କାହିଁକି ଚିତ୍କାର କରୁଛନ୍ତି ସେ ବୁଝିଲା ନାହିଁ ଏକମୁହାଁ ଚାଲିଥାଏ ତାର ଲକ୍ଷ୍ୟହୀନ ଗତି ପଥରେ । ଦୁର୍ଯୋଗକୁ ମେଘଟାଏ ଆସି ପ୍ରଚଣ୍ଡ ଜୋର୍‌ରେ ବର୍ଷିବାକୁ ଲାଗିଲା । ସୁମି ଅନନ୍ୟୋପାୟ ହୋଇ ଚଢ଼ିଗଲା ଗୋଟାଏ ପିଣ୍ଡା ଉପରକୁ ଏବଂ କଣରେ ଯେଉଁ ଅନ୍ଧାର ସ୍ଥାନଟାଏ ଥିଲା ସେଇଠି ଆଶ୍ରା ନେଇଥିବା ଗୋଟାଏ କୁତୀ ସାଙ୍ଗରେ ବସିଲା । ଭିତରୁ ପ୍ରଚଣ୍ଡ ଘର୍ଘର ଶବ୍ଦ ଆସୁଥାଏ । ଗୋଟାଏ ଅଟାକଳରୁ ।

କବିତା ବା ଶ୍ଳୋକର ଶବ୍ଦଗୁଡ଼ାକ ଯେତେ କଡ଼ା ହେଲେ ମଧ୍ୟ ଯଦି ଯତି ଅନୁପ୍ରାସ ଆଦି କ୍ରମ ଓ ବ୍ୟବଧାନରେ ପଡୁଥାଏ ତେବେ ତାହା ଯିମିତି ଶ୍ରୁତିମୟ ହୁଏ । ଅଟାକଳର ଭୀଷଣ ଘର୍ଘର ଶବ୍ଦ ମଧ୍ୟ ଠିକ୍ ଅନୁକ୍ରମ ଓ ଅନୁପାତରେ ଜାତ ହେଉଥିବାରୁ ମଧୁର ଶୁଭେ ଓ ସୁଷୁପ୍ତି ମଧ୍ୟ ଆଣିପାରେ । ସୁମି କାନ୍ଥକୁ ଆଉଜି କୁତୀ ଦିହରୁ ଉଷୁମ ଟାଣି ଶୋଇଗଲା ।

ତେଣେ ଅଟାକଳ ଚାଲିଛି । ଅନର୍ଗଳ । ଘର୍ ଘର୍ । ନିର୍ଜନ ଘରେ, ନିଝୁମ ବର୍ଷା ରାତିରେ ବୈଦ୍ୟୁତିକ ଶକ୍ତିରେ । ଶିବଲାଲ୍ ପ୍ରଭୁ ଦୟାଲର । ପ୍ରଭୁ ଦୟାଲ ଭଗତର ବଂଶଧର । ସଭ୍ୟ ଜଗତର ବଡ଼ ବଡ଼ିଆଠାରୁ ଆରମ୍ଭ କରି ସେଇ କଳ ଆଗରେ ବସି ଆଡ଼୍‌ଡ଼ା ଜମାଇଥିବା ଛଟରା ସମସ୍ତଙ୍କ ମୁହଁରେ ଏକ କଥା "ଶିବଲାଲ୍ ପ୍ରଭୁଦୟାଲ୍ ଯେଉଁ ଅଟାକଳ ବସାଇଛି, ଗହମ ସାଙ୍ଗରେ ରାଇ ଦିଅ, ବାଲି ଦିଅ, ଗୋଡ଼ି ଦିଅ ଭୁଷି କାଠ ପଥର ଯାହା ଦିଅ ଚାହୁଁ ଚାହୁଁ ପେଷି ଏକାକାର କରିଦବ । କି କଳ !" ସୁମି ଏଇ ଅଦ୍ଭୁତ ଅପାରଶକ୍ତି ସଂପନ୍ନ କଳ ଆଗରେ ଶୋଇଛି । ସେଙ୍ଗେଲ ବି ହୁଏତ ଆଉ କେଉଁଠି ସେଇ କଳ ବା ଘଣା ନିଜ ଦିହର ଶକ୍ତିରେ ଚଳାଉଥିବ, ଘର୍‌ଘର୍ କେଁ କଟ୍‌କଟ୍ । ଶୁଆଶାରୀ, କାପ୍ତାକାପ୍ତି, କୋଇଲି କୁମ୍ଭାଟୁଆର ସ୍ୱର ଏଠି ସ୍ୱପ୍ନ ।

ସକାଳ ହେଲା । ପାଖ କବାଟ ଖୋଲା ହେବାର ଶବ୍ଦରେ ଚମକି ପଡ଼ି ସୁମି ନିଦରୁ ଯିମିତି ଉଠିଛି ଦେଖିଲା ଆଗରେ ବୃଷରାଜ ନିକେତନ ଶିବଲାଲକୁ । ଧଡ଼୍‌ପଡ଼୍ ହୋଇ ଉଠି ଛିଡ଼ା ହେଲା ବେଳକୁ "ଚଟାଳ ବାଳା ସ୍ତନଭିନ୍ନ ବଲ୍‌କଲା ।" ଏବଂ ଶିବଲାଲ ତାକୁ କୁଣ୍ଢେଇ ଅଟାକଳ ଭିତରକୁ ନେଇଗଲା ଓ ଦରଜା ବନ୍ଦ କରିଦେଲା ।

Digitized by srujanika@gmail.com

ଗଲା ଦୁଇମାସ ଧରି ଶିବଲାଲ ଏକୁଟିଆ । ଇମର୍ଜେନସି ସମୟ । କଲେକ୍ଟରଙ୍କ ହୁକୁମ ଦିନରାତି କଳ ଚାଲିବ । ବନ୍ୟା ପ୍ରପୀଡ଼ିତଙ୍କୁ ଅଟା ଯୋଗାଇବାକୁ ହବ । ଶହ ଶହ ବୋରା ସରକାରୀ କୀଟଦ୍ରୁଷ୍ଟ ଗହମ ଘରଦ୍ୱାର ଚାରିଆଡ଼େ ଜମା ହୋଇଛି, ଏ ଅଟାକଳର ସହକାରିଣୀ ଥିଲା ଶିବଲାଲର ସ୍ତ୍ରୀ । ତାର ପିଲାଝିଲା ହବ, ତେଣୁ ସେ ବାପଘରକୁ ଯାଇଛି ଆସିବ ସନ୍ତାନ ପ୍ରସବ ପରେ । ଶିବଲାଲ ସାଥୀ ଖୋଜୁଥିଲା, ପାଇଗଲା । ସଭ୍ୟତାର ଖାଦ୍ୟ ପୋକରା ଅଟା, ପାନୀୟ ବ୍ଲିଚିଂ ପାଉଡ଼ର ଦିଆ କଳପାଣି ସୁମିକୁ ଖୁଆଇ ପିଆଇ ଖୁବ୍ ଆଦର ଯତ୍ନରେ ସାଷ୍ଟମ କଲା । ଦୋକାନର ଟେଲିଫୋନକୁ ଦେଖାଇ କହିଲା, ସେ ଫୋନ କରି ତାକୁ କହିଦେବ ସେଙ୍ଗେଲର ଖବର; ଜେଲ୍‌ରେ ବା ଡାକ୍ତରଖାନା ବା ଆଉ କେଉଁଠି ଅଛି, ମକୁ ଯେଉଁ ଫଳ ତାକୁ ଚଖାଇଥିଲା ସେ ପ୍ରଚୁର ମାତ୍ରାରେ ତାକୁ ଖାଇଲା ଏବଂ ଶିବ ଦୟାଲ ପାଖରୁ ଅଚିରେ ସଭ୍ୟ ଦୁନିଆଁର ସଭ୍ୟା ବନିଗଲା ।

ଶିବଲାଲର ଅଟାକଳ ଏଥର ରୀତିମତ ଚାଲିଲା । ଦିନରାତି ବିରାମ ନାହିଁ । ଘର୍ ଘର୍ ଘର୍ ଘର୍ । ସେଇ ଶବ୍ଦ ସାଙ୍ଗକୁ ତାଳ ଦେଇ ଶିବଲାଲ ଗୁଣୁ ଗୁଣୁ ଗାଉଥାଏ । "ଏ ସୁମି, ତୁ ମାନ୍ ଯା, ହସିନା ମାନ୍ ଯା" ଏବଂ ବେଳେବେଳେ ମୁଠାଏ ଅଟା ନେଇ ତାର ଦିହ ମୁହଁରେ ପାଉଡ଼ର ବୋଲିଲା ପରି ବୋଳିଦିଏ । ମସଲାଦିଆ ପାନ ଖଣ୍ଡେ ଖଣ୍ଡେ ବି ନିଜେ ଖୁଆଇ ଦିଏ । କାନ୍ଧକୁ ମୁଣ୍ଡକୁ ଗହମ ବୋରା ବି ଟେକି ଦିଏ । ଦୁଃଖକୁ ସାଥୀ କରି ମଣିଷ କେତେ ଦିନ ବଞ୍ଚିବ ? ବଞ୍ଚିଛି ଯେତେ ଦିନ ଟଙ୍କା କର, ସୁଖ କର- ଶିବଲାଲର ନୀତି ମାନି ସୁମି ତାକୁ ସାଥୀ କଲା । ହାସିନା ମାନିଗଲା । ଅଟାକଳ ପୂରା ଦମ୍‌ରେ ଚାଲିଲା, ହପ୍ତାଏ, ପକ୍ଷେ, ମାସେ, ଦୁଇମାସ ଧରି ।

କଳ ଆଗର ଯେଉଁ ପାନ ଦୋକାନ, ସେଠି ଯେଉଁ ଛତରା ବଜାରୀ ଜୁଟନ୍ତି, ସେମାନେ ସୁମିକୁ ଦେଖିଦେଲା ମାତ୍ରେ ବଡ଼ ପାଟିରେ କହନ୍ତି, "ଶସ୍ତା ସୁନ୍ଦର ମଜବୁତ" ଏବଂ ବିରାଟ ହସରେ କୁହାକୁହି ହୁଅନ୍ତି, "ଶିବଲାଲ ଯେଉଁ ଅଟାକଳ ବସାଇଛି, ତାହା କାଠ ପଥର ଭୁଷି କୁଟାକାଠି ସବୁ ପେଷି ଏକାକାର କରିଦେବ ।" ସୁମି ସେମାନଙ୍କୁ କିଛି ଜବାବ ଦିଏ ନାହିଁ କି ଲାଲ ଆଖି ଦେଖାଏ ନାହିଁ, ବଡ଼ା ଜରଦାଦିଆ ପାନ ଆଣି ଶିବଲାଲକୁ ଦିଏ, ଖୁଆଇ ଦିଏ, ମନେ ପକାଏ, "ବଡ଼ା ମଜା ଆୟା" । ଗୀତର ସୁର୍‌ଟା ।

ଯଥାସମୟରେ ଶିବଲାଲର ସ୍ତ୍ରୀ ପୁତ୍ର ସନ୍ତାନଟିଏ ନେଇ ଫେରିଲେ । ତହିଁ ପୂର୍ବଦିନ ସୁମି ଚାଲିଲା ଆନନ୍ଦବଜାରର କଲୋନୀକୁ ଯେଉଁଠି ଚାରି ହାତରେ ଚାରିହାତ ଚାଳ କୋଠରୀଟିଏ ମାସକୁ ଦଶଟଙ୍କା ଭଡ଼ାରେ ଶିବଲାଲ ଯୋଗାଡ଼ କରି ଦେଇଛି ତା ପାଇଁ । ମାତ୍ର ଦିନଟିଏ ସେ ଅଟାକଳକୁ ଆସିଥିଲା । ଯେତେବେଳେ ପାନ ଦୋକାନର ଛତରା ବଜାରୀମାନେ ତାକୁ ଦେଖିଲେ ବନହଂସୀଟିଏ ଡିମ୍ବଦେବାକୁ ଯାଉଥିବା ବେଳର ଗତି କରି ଯାଇଛି, ପୁଣି ଅଟ୍ଟହାସ୍ୟ ସହିତ ପୁରୁଣା କଥା ଚିତ୍କାର କରି କହିଲେ, "ଶିବ ଦୟାଲ ଯେଉଁ ଅଟାକଳ ବସାଉଛି-" କଣ ହେଲା କେଜାଣି ସୁମି ତା ପରଦିନଠୁଁ

Digitized by srujanika@gmail.com

ଲେଭେଲ କ୍ରସିଂ ପାଖ ତା କୁଡ଼ିଆ କୋଠରୀରୁ ଆଉ ବଜାରର ଅଟାଳକକୁ ଯାଇନାହିଁ ।

ପୁଣି ଆସିଲା ଅଗଷ୍ଟ ପନ୍ଦର । ନାନା ରଙ୍ଗର ପୋଷାକ ଓ ପତାକା ନେଇ, ସର୍କସ ଜୋକର ପରି । କୁଡ଼ିଆରୁ ବାହାରି ଅଦୂରର ଚିଡ଼ିଆ ପୋଲ ଉପରେ ଟିକିପୁଅକୁ ଧରି ବସିଥାଏ ସୁମି । ଗୋରା ତକ୍‌ତକ୍ (ସଭ୍ୟତାର ରଙ୍ଗ !) ଶିବଲାଲ ପରି ରଙ୍ଗ ଛୁଆଟାର । ସକାଳ ସୂର୍ଯ୍ୟର କିଛି କିରଣରେ ଆଖି ଫିଟାଇ ପାରୁନଥାଏ ଆଠ ପାଉଁଣ୍ଡିଆ ଶିବଲାଲ ବଚ୍ଚା । ବାବାରେ ଆଲୁଅ ! ସୁମିର ଆଗରେ ଯାଇଥାଏ ଗୋଟାଏ ପ୍ରାଥମିକ ସ୍କୁଲର ଛାତ୍ରଛାତ୍ରୀଙ୍କ ଶୋଭାଯାତ୍ରା ପରେଡ୍ ପଡ଼ିଆ ଆଡ଼କୁ । ସବ୍‌କୋ ସନ୍‌ମତି ଦେ ଭଗବନ୍ ! ଗାଇ ଶେଷ ପିଲାଟି ତାକୁ ଅତିକ୍ରମ କରିଯାଇଛି । ସେ ଚାହିଁ ଦେଲା ସାମନା ରାସ୍ତା ଆଡ଼କୁ, କଚେରୀରୁ ଜେଲ୍‌କୁ ଯାଇଛି ଯେଉଁ ରାସ୍ତା ।

ଇଏ କିଏ ? ସେଙ୍ଗେଲ ? ଏତେ ବଦଳ ! ମଣିଷ ପଶୁ ପରି ଦିଶୁଛି !

ହଁ, ଇଏ ନିଶ୍ଚୟ ସେଙ୍ଗେଲ । ଏମିତି ଝୁଲି ଝୁଲି ଚାଲେ ସେ, ନାଟୁଆ ପରି । ସୁମିର ମନଟା ଦଣ୍ଡେ ପାଇଁ କୋଡ଼ର ଛୁଆ ପାଖରୁ ଧାଇଁଯାଇ ଆସୁଥିବା ଲୋକଆଡ଼କୁ ଛୁଟିଲା । କଣ ଭାବି ଭାବି ଚାଲିଛି କେଜାଣି ।

ପୋଲ ପହୁଞ୍ଚିବାକୁ ଆଉ ଆଠ ଦଶ ହାତ ଅଛି, ସୁମିର ପାଟିରୁ ସଂଶୟାନ୍ୱିତ ଗଳାରେ ବାହାରି ପଡ଼ିଲା ଗୋଟିଏ ଶବ୍ଦ, "ସେଙ୍ଗେଲ" ?

ସେଙ୍ଗେଲ ଚାହିଁଲା ସୁମି ଆଡ଼କୁ । ସୁମି ଚାହିଁଲା ତାର ସେଙ୍ଗେଲକୁ । ଦୁହିଁଙ୍କ ଚାହାଣି ଦେଖିଲେ ଜଣାଯିବ ଯିମିତି ସେଙ୍ଗେଲ ପଚାରୁଛି, "ତୁଇ ଏଠେ ? ସୁମି ସେଙ୍ଗେଲକୁ ପଚାରୁଛି, "ତୁଇ ଏଠେ ଯେ ।" କେହି କିନ୍ତୁ କଥା କହି ନାହାନ୍ତି ।

"ଆୟ୍ ଯିବୁନି ?"-ସେଙ୍ଗେଲ ଡାକିଲା ।

"କନ୍‌ଠିକି ? (କେଉଁଠାକୁ ?) ସୁମି ପଚାରିଲା ।

"ଘର୍‌କେ । ଆଉ କନ୍‌ଠିକି ? ସେଙ୍ଗେଲ କହିଲା ।

"ଏଟା ଯେ ?" -ଶିବଲାଲର ବଚ୍ଚା ଆଡ଼କୁ ଚାହିଁ ସୁମି ଏଇ ପ୍ରଶ୍ନଟି ସହିତ ସେଙ୍ଗେଲକୁ ଚାହିଁଲା ଉତ୍ତର ଅପେକ୍ଷା କରି ।

"ଏଟା କନ୍‌ଠ ଆଣିଲୁ ?"

"ବଜାରରୁ; ଅଟାଳକରୁ ।" ଦଣ୍ଡେ ରହି ପୁଣି ପଚାରିଲା, "କି କହୁଛୁ ? ନବା ନା ଏଇଠେ ଫିଙ୍ଗି ଦେଇଯିବା ? କହିବୁ ତ ଏଇଠେ ପୋଲର ତଳକେ ଗଡ଼େଇ ଦେବି ।"

ବର୍ଷକ ପରେ ସାମାନ୍ୟ ଟିକିଏ ହସର ଛିଟା ଓଠରେ ଖେଳାଇ ସେଙ୍ଗେଲ କହିଲା, "ନେଇଯିବା ନାହିଁ ତ, ଆଉ୍ କି କର୍‌ବା ? ବଜାରକୁ ଆସିଥିଲୁ ଗୁଟେ ଚିହ୍ନ ନ ନେଇଗଲେ ଆମାର ଗାଁ ସାଇର ନୁକ୍‌ଗା (ଲୋକମାନେ) କିମ୍‌ତି ଜାଣିବେ ? ଏଟା ବଜାରିଆ ଫଳଟା ପରା !

Digitized by srujanika@gmail.com

ନିଜ କପାଳର ଟିଅର ଗେସ୍ ଶେଲ୍‌ର ଚିହ୍ନକୁ ଆଙ୍ଗୁଳିରେ ଦେଖାଇ ପୁଣି କହିଲା, “ହେଇ ଦେଖ, ମୁଇଁ ବି ତ ଛୋଟ ଗୁଟେ ଚିହ୍ନ ନେଇ ଯାଉଛି ।”

ପଣ୍ଡୁପାଣି ମେଳାରେ ଏବଂ ତାପରେ ବୁରୁ ନାଳାରେ ଦୁହେଁ ଦୁହିଁଙ୍କି ଯେମିତି ଆଖିରେ ପ୍ରଥମେ ଦେଖିଥିଲେ ପୁଣି ସେଇ ଆଖିରେ ପରସ୍ପରକୁ ଚାହିଁଲେ ଏବଂ ଚାଲିଲେ ପୁଣି ଶିମିଳିପାଳ ଗଡ଼କୁ ।

ପାରାଡ଼ାଇସ୍ ଲଷ୍ଟ; ପାରାଡ଼ାଇସ୍ ରିଗେନ୍‌ଡ୍ ( ? )

Digitized by srujanika@gmail.com

# ନୀଡ଼ାଶ୍ରୟୀ

"ଶୁଣୁଛ ?"

"ହଁ, କୁହ ।"

"ଏ କୋଠରୀକୁ ଆସି ଟିକେ ଦେଖିଯାଅ ।"

"ଦଣ୍ଡେ ରୁହ । ବୁଲ୍‌ବୁଲ୍‌ର ପାଟିରେ ଥାର୍‌ମୋମିଟର ଦେଇଚି ।"

"ଟୁନୁଟୁନିର କେତେ ଜର ଅଛି ?"

"ତାର ନାହିଁ । ବୁଲବୁଲର ବୋଧହୁଏ ନ ଥିବ । ଦିହଟ ବେଶ୍ ଥଣ୍ଡା ଜଣାପଡୁଚି ।"

"ରାତି ତିନିଟାରେ ଔଷଧ ଦେଇଥିଲ ?"

"ମଲା, ମଲା ! ତୁମେ ପରା ମତେ ଡାକିବା କଥା । ଘଡ଼ିରେ ଏଲାରାମ୍ ଦେଇଥିଲ ପରା ?"

"ଦେଇଥିଲି ସିନା । କିନ୍ତୁ ଶୋଇପଡ଼ିଲି ଯେ । ଦିନଯାକ ଧାଁଧପଡ଼ କରି ହାଲିଆ ହୋଇଯାଇଥିଲି । ଡାକ୍ତରଖାନାକୁ ଅତି କମ୍‌ରେ ଦଶଥର ଯାଇନଥିବି ! ତିନି ତିନି ରାତି ଧରି ଉଜାଗର । ତୁମେ ଏଲାରାମ ଶୁଣି ଉଠିଲ ନା କ'ଣ ?"

"କାନ ପାଖରେ ଘଡ଼ି ଥୋଇ ତୁମେ ଶୁଣିପାରିଲନି । ମୁଁ ସେ ଘରେ ଥାଇ କିମିତି ବା ଶୁଣନ୍ତି, ପୁଣି ରାତି ତିନିଟା ବେଳେ ?"

"ବଡ଼ ମୁସ୍କିଲ ହେଲା ତେବେ । ଡାକ୍ତର ବାରମ୍ୱାର ତାକିଦ୍ କରି କହିଥିଲେ ଯିମିତି ଠିକ୍ ସମୟ ଜଗି ଔଷଧ ଦିଆଯାଏ । ନହେଲେ ଔଷଧର ଗୁଣ କୁଆଡ଼େ ରହିବ ନାହିଁ ।"

"ତେବେ ତୁମେ ଏତେ ନିଦକ ହୋଇ ଶୋଉଥିଲ କାହିଁକି ? ଛାଡ଼ ସେ କଥା । ଦିହିଙ୍କ ଜର ତ ଛାଡ଼ିଗଲାଣି । ବୁଲବୁଲର ବି ଛିଭ ତଳେ ସତାନବେ । ଡାକୁଥିଲ କାହିଁକି ? କ'ଣ ଏତେ ଜରୁରୀ କାମ ଅଛି ? ଦଣ୍ଡେ ସବୁର ସହିବ ତ ? ହରଲିକ୍ସ କପେ କପେ ଦିହିଙ୍କି ଦେଇ ଯାଉଚି ।"

"ସିମିତି କିଛି ଜରୁରୀ ନୁହେଁ । ଏ ଘରଚଟିଆ ବସାଟା ଭାଙ୍ଗି ଦେଉଚି । ଏ ବରଷ ଫେର୍ ଆସିଲେଣି ବୋଧହୁଏ । ଘର ଚଟାଣଯାକ ଫୁଟିଫୁଟିକା ମଇଳାର ଝୋଟି ପଡ଼ିଚି । କେରା କେରା ଘାସକୁଟା । ଏଃ ! ରେଡ଼ିଓ ଉପରେ ବି ଗୁଡ଼ାଏ ପଡ଼ିଚି ।"

Digitized by srujanika@gmail.com

"ଖବର୍ଦ୍ଦାର ! ଚଟିଆ ବସା ଛୁଇଁବ ନାଇଁଟି । ମୁଁ ଯାଏଁ ।"

"କି ଅପରାଧ କଥା ! ଗଲା ବରଷର ମଲା ବସାଟା । ନଭେମ୍ବର ମାସରେ କ'ଣ ଚଟିଆ ତା ଭିତରେ ଶୋଇଥିବେ ? ଗୁଡ଼ାଏ କୁଟାଘାସ ଝୁରାଝୁରା ହୋଇ ଝୁଲୁଚି । ଗଲା ବରଷ ଦେଖିଲ ତ ଏହାଙ୍କ ଯୋଗୁଁ କେତେ ହଇରାଣ ହରକତ ହେଲୁ । ଡିମ୍ବ ଭାଙ୍ଗିଲା, ଛୁଆ ଦି'ଦି'ଟା ତଳେ ପଡ଼ି ମଲେ । କେତେ ରାଗରୁଷା, ମନ ଫଟାଫଟି । ଏ ବରଷ ବେଳହୁଁ... ।"

"ମୋ ରାଣ ! ଚଟିଆ ବସାରେ ମୋଟେ ହାତ ଦବନି; ମୁଁ ଯାଏଁ । ବୁଲ୍‌ବୁଲ୍ ! ବାପାଟି ମୋର ! ମାଆ ଟୁନି ! ଟିକିଏ ଭଲ ଲାଗୁଚି ନା ? ହର୍‌ଲିକ୍ସ ମିଠା ଲାଗିଲା ନା ? ଦିଅ, ଏଥର ସୁନାପିଲା ପରି ଅଣେଇ ହୋଇ ଦିହେଁ ଘୋଡ଼ିଘାଡ଼ି ହୋଇ ଦଣ୍ଡେ ଶୋଇଯାଅ । ଥଣ୍ଡା ଲାଗିଯିବଟି । ଆମର ବୁଲ୍‌ବୁଲ ଟୁନ୍‌ଟୁନି ପରି ସୁନାପିଲା କାହିଁ ନଥିବେ । ଦିଅ, ଶୋଇପଡ଼ । ଉଠିଲେ ଫଳରସ ଦେବି । ହୁଁ, ସିମିତି । ମୁଁ ଆସୁଚି, ସେ ଘରୁ ବାପା ଡାକୁଛନ୍ତି ପରା ।"

"ଶୋଇଦେଲ ? ଦେଖ ଏ ବସାଟାକୁ । ଚାହଁ ସେ କଣକୁ, ଘର ମଝି ଚଟାଣକୁ, ରେଡ଼ିଓ ଟେବୁଲ ପାଖ କାନ୍ଥକୁ । ସତରେ ଏଗୁଡ଼ାକ ପୁଣି ଆସିବାକୁ ଆରମ୍ଭ କଲେଣି ଦେଖୁଚି । ପୁଣି ବସା ବାନ୍ଧିବେ । ଚେୟାରଟା ଦିଅତ ମୋ ଆଡ଼କୁ । ଭାଙ୍ଗିଦିଏ ବସାଟା । ଝାଞ୍ଜୁଣୀ ମୁଠାଟା ଆଣ । ଖରକି ଦେବା ଘରଟା । ଲୋକେ ଆମକୁ ଜଙ୍ଗଲୀ କହିବେ ଯେ । ଏତେ ଅପରିଷ୍କାର ।"

"ସକାଳେ ତୁମର କ'ଣ ଆଉ କିଛି କାମଧନ୍ଦା ନାଇଁ ? ନିରୀହ ଚଢ଼େଇଗୁଡ଼ାକ ପଛେ ଲାଗିଚ ? ଘରେ କୁକୁର, ବିରାଡ଼ି, ଚୂଚୁନ୍ଦରା, ଝାରପୋକ, ମଶାମାଛି, ମୂଷା, ଝିଟିପିଟି, ଅସରପା କେତେ କ'ଣ ନାହାନ୍ତି ! ଦାଣ୍ଡ ବାଟରେ ପୁଣି ଧୂଳି କେତେ ନ ପଡ଼ୁଚି ? ସେ ସବୁର ଉତ୍‌ପାତ ଅତ୍ୟାଚାର ରୋକି ପାରୁଚ ଭଲା ?"

"ଗଲା ବରଷ ଚଢ଼େଇଚଟାଙ୍କୁ ଏତେ ଚିଡୁଥିଲ; ଏ ବର୍ଷ କେଉଁଠୁ ମନ୍ତ୍ର ନେଲ ନା କ'ଣ ? ବୌଦ୍ଧ, ଜୈନଧର୍ମର ଦୀକ୍ଷା କିଏ ଦେଲାଣି ବୋଧହୁଏ ?"

"ନା, ନା । ସେ ଭୟ କାହିଁକି କରୁଚ ? ଗୀତା ଭାଗବତ କଥା ମୁଁ କହୁନାଇଁ । କପୋତକୁ ଗୁରୁ କରି ଅବଧୂତ ସାଜିବାର ଇଚ୍ଛା ବି ନାଇଁ । ତେବେ କେଳକାଳକୁ ଏଇ ଛୋଟ ଛୋଟ ଜୀବଗୁଡ଼ାକ ଆମର କେତେ ଆପଣାର ହୁଅନ୍ତି ସେ କଥା କେବେ ଭାବିଚ ?"

"ଏଇ ବାଇଚଟିଆ, ଘରଚଟିଆଗୁଡ଼ାକ ?"

"ପକ୍ଷୀଟିଟ୍ଟିଭମାଦ୍ରେଣ ସମୁଦ୍ରଃ ବ୍ୟାକୁଳୀକୃତଃ ।"

"ହଁ । ଛାର ଟେଣ୍ଟେଇ ଚଢ଼େଇଟା ସମୁଦ୍ରକୁ ବ୍ୟାକୁଳ କରି ଦେଇଥିଲା । କାହିଁକି ? ସମୁଦ୍ର କୁଆଡ଼େ ତା' ଡିମ୍ବ ଓ ବସାକୁ ଭସାଇ ନେଇଥିଲା ପରା । ତୁମେ ତେବେ କାହିଁକି ?

Digitized by srujanika@gmail.com

ତୁମେ ସବୁ ହେଲ ଆଉ ଏକ କିସମର ଚଢ଼େଇ । 'ବାୟାର କି ଯାଏ, ବାଆ କଲେ ବସା ଦୋହଲୁଥାଏ' ଶ୍ରେଣୀର । ଦି' ଦି'ଟା ଜରୁଆ ପିଲାଙ୍କୁ ମୋ ଜିମା ଦେଇ ନିଜେ ଆରାମରେ ଶୋଇଗଲ । ରାତିଯାକ ମୋତେ, ଆମ ପିଲାପିଲିକି ସାଙ୍ଗ ଦେଲା କିଏ, ଜଗିଲା କିଏ, ଦମ୍ଭ ଦେଲା କିଏ ?''

''କଣ ସେଇ ଚଢ଼େଇଗୁଡ଼ା ଦେଲେ ? ମୁଁ ତ ସେ ଘରେ ଶୋଇଥିଲି । କାନ୍ଥ ଗୋଟାକର ତଫାତ୍ । ଏତେ ଡରଭୟ କାହାକୁ ?''

''ତୁମ ପରି ଲୋକଙ୍କୁ ଦମ୍ଭ କରିବା ଯାହା ନ କରିବା ସେଇଆ । ଗଲାରାତିର କାଳ ରାତି ମୁଁ ଜୀବନରେ କେବେ କଟାଇ ନାହିଁ । ଉଆଁସ, ସୂର୍ଯ୍ୟଗ୍ରହଣ, ଲଞ୍ଜା ତାରା ସବୁ ଏକାଠି । ତା' ଉପରକୁ ପାଞ୍ଚଦିନ ହେଲା ତାଙ୍କ ଘରୁ ଗଳା ଦଉଡ଼ିଆ ମଡ଼ାଟାଏ ଉଠିଚି । ଦି' ଦି'ଟା ଛୁଆଙ୍କୁ ନାହିଁ ନଥିବା ଜର; ଦିହରେ ଖଇ ଫୁଟିବା ତାତି । ହୋସ୍ କେତେବେଳେ ରହୁଚି, କେତେବେଳେ ନାହିଁ । ଯେତେ ଦମ୍ଭବାଲୀ ମାଇକିନା ହେଲେ ବି ତାର କଳିଜା ପାଣି ଫାଟିଯିବନି ! ପୁରୁଷମାନେ କେବେ କଣ ସ୍ତିରୀଙ୍କ ଦୁଃଖ ବୁଝନ୍ତି ? କେବଳ ସେମାନଙ୍କୁ ଟେକାଟେକି କରି ଫୁସୁଲାଇ ନିଶ୍ଚିନ୍ତ ହୋଇ ଅଣ୍ଡିରା ମହୁମାଛିଙ୍କ ପରି ଜୀବନ କଟାନ୍ତି ସିନା !''

''ଜୟ ମା କାଳୀ ! ସକାଳଟାରେ କାହିଁକି ଆରମ୍ଭ କଲ କଳି ଭାଗବତ ? ଯେବେ ନିଦ ମାଡ଼ିଲା ମୋତେ ଉଠାଇଲ ନାହିଁ କାହିଁକି ? ପାଳି କରି ଚେଇଁଥିଲେ ତ ଏତେ ବାଧି ନଥାନ୍ତା; ମୋ ଉପରେ ଏତେ ଚିଡ଼ୁ ନଥାନ୍ତ ।''

''ତୁମେ ଚେଇଁଥାନ୍ତ । ତୁମେ ଯେ ଜଣେ କୁମ୍ଭକର୍ଣ୍ଣ । ମନେକର ଶୋଇଲ କେତେବେଳେ । ଏଗାରଟା ବେଳେ ତ ? ଏଗାର ବାଜି ଦୁଇ ମିନିଟ୍ ବେଳକୁ ତୁମର ନାକ ଡାକିଲା । କେଡ଼େ ଜୋର ଘୁଙ୍ଗୁଡ଼ି ମାର ତୁମେ ! ଘର ଉଠୁଛି ପଡୁଚି । ସେତେବେଳେ କିଏ ଏଡ଼େ ନିର୍ଦ୍ଦୟ ଯେ ତୁମ ନିଦ ଭାଙ୍ଗିବ ।''

''ଯାହା ତ ହେବାର ହେଲା । ପିଲାଙ୍କ ଉତ୍‌ତାପ କମିଲା କେତେବେଳେ ? ପଟି ଦେବାକୁ ପଡ଼ିଥିବ ନିଶ୍ଚୟ । ସାଢ଼େ ଦଶଟାରେ ଦିହିଙ୍କ କାଖତଳେ ଶହେ ତିନି ଥିଲା ଦେଖିଥିଲି ।''

''ମୋ ଉପରେ ବି କାଳ ନିଦ ମାଡ଼ି ଆସିଲା । ହସ ମାଡୁଚି ଭାବିଲେ ସେ କଥା । ଘର ବୁଡ଼ିଲା ବେଳେ ମଣିଷକୁ ନିଦ ମାଡ଼େ କିମିତି । ଏତେବେଳକୁ ଆମର କଣ ଯେ ଅବସ୍ଥା ହୋଇଥାନ୍ତା । ସେ କଥା କିଏ କହିବ । ମୋତେ ସବୁ ସ୍ୱପ୍ନ ପରି ଲାଗୁଛି । ଆରାମ ଚେୟାରଟାରେ ଆଉଜି ବସୁଁ ବସୁଁ କେତେବେଳେ ଯେ ଆଖି ବୁଜିଗଲା ମୁଁ ମୋଟେ ଜାଣି ପାରିଲିନି ।''

''ସର୍ବନାଶ ! ଔଷଧ ତେବେ ଦେଇନ ? କି ବିପଦ !''

''ଇମିତି ଅଥୟ ହେଉଚ କାହିଁକି ? ହଠାତ୍ ନିଦଟା ଭାଙ୍ଗିଗଲା ଯିମିତି କାହା

Digitized by srujanika@gmail.com

ଡାକରେ, ମୋତେ ଜଣାଗଲା ବୁଲବୁଲ ଟୁନ୍‌ଟୁନି ଦୁହେଁ ଯିମିତି ଏକା ସୁରରେ 'ମା', 'ମା' ବୋଲି ମୋତେ ଡାକୁଛନ୍ତି । ଚମକି ଧଡ଼୍‌ପଡ଼୍ ହୋଇ ଉଠି ବସିଲି । ଦିହିଙ୍କ ଦିହରେ ହାତ ଦେଇ ଦେଖିଲି ଯିମିତି ନିଆଁ । ଦୁହେଁଯାକ ଅଚେତ; ଡାକିଲେ ହାକିଲେ ହଲାଇଲେ ବି ଉଁ ଚୁଁ ନାଇଁ । ଛାତିରେ ମୋର ଛନକା ପଶିଲା । କିଏ ଡାକିଲା ମୋତେ ? ତୁମ କୋଠରୀକି ଗଲି । ଘଡ଼ିରେ ସାଢ଼େ ବାର । ଦି'ଥର ତୁମକୁ ଡାକିଲି । ତୁମେ ଶୁଣିଲ ନାଇଁ । ବାଉଳା ହୋଇ ପିଲାଙ୍କ ପାଖକୁ ଫେରି ଆସିଲି । ମନେ ମନେ ଦିଅଁଙ୍କୁ ଡାକି ଜଣକ ପରେ ଜଣକ କପାଳରେ ପଟି ଦେଉଥାଏଁ । ନିଜ ଆଖିରେ ବି ପାଣି ହାତଟା ବୁଲାଇ ନେଲି କାଳେ ନିଉଛୁଣାଗୁଡ଼ାକ ପୁଣି ଶୋଇଯିବେ । ବାବା ! ଏକେଲାକୁ ରାତିଟା କେଡ଼େ ଭୟଙ୍କର, କେଡ଼େ ଅସରନ୍ତି । ବିଶେଷ କରି ରୋଗୀ ଶେଯ ପାଖରେ । ଏକା ଧିଆନରେ ଅଧଘଣ୍ଟାଏ ବସି ରହିଲି । ହାତଟା କଳପରି ପଟି ଭିଜାଉଥାଏ । ଜର ଟିକିଏ କମିଲା ପରି ଲାଗିଲା, ନିଃଶ୍ୱାସ ମାରିଲି । ବଡ଼ ଆଲୁଅଟା ନିଭାଇଦେଲି । ବେଡ଼ ଲେମ୍ପଟା ଜଳୁଥାଏ । ସେ କେତେ ସମୟ ଭୟ, ଆଶଙ୍କାରେ ମୋ ନାଡ଼ୀରେ ଜୀବନ ନଥିଲା ।

''ଏତେ ଡରିଗଲ କାହିଁକି ? ଡାକ୍ତରଙ୍କ କଥା ବିଶ୍ୱାସ ହେଲାନି, ତା'ଛଡ଼ା ଘର ଭିତରେ ଆଲୁଅ ଥିଲା । ଝରକା କବାଟ ସବୁ ବନ୍ଦ । ପାଖ ଘରେ ମୁଁ-''

''ସକାଳ ହେଲା ବୋଲି ସିନା ଏତେ କଥା କହିଯାଉଚ । ତୁମେ ମୋ ଅବସ୍ଥାରେ ଥିଲେ ହାଉଳି ଖାଇଥାନ୍ତ । ନିଶାଭୋର ରାତିର ଗର୍ଜନ ଶୁଣିଛ ? ରାତିର ବି ଗୋଟାଏ ଭାଷା ଅଛି । ''ନିଶା ଗରଜୁଚି'' ବୋଲି ଆଇବୁଢ଼ୀମାନେ ଯାହା କହନ୍ତି ତାହା ମୁଁ ନିଜେ ଶୁଣିଲି କାଲି ରାତିରେ ଏତେ ବୟସରେ । ନିଶା ଗରଜନ, ତା ଉପରେ ଛୁଆ ଦିହିଙ୍କ ନାକର ସଁ ସଁ, ବାହାରେ ଝିଙ୍କାରୀର ଝିଁ ଝିଁ, ମଶାଙ୍କ ଗୁଣୁଗୁଣୁ, ଇଲେକ୍‌ଟ୍ରି ମିଟରର ରେଁ ରେଁ । ଏତେ ଶବ୍ଦ ଭିତରେ ବି ମୁଁ ନିଜ ନିଶ୍ୱାସ ଶୁଣିପାରୁଥାଏଁ । ପିଲାଙ୍କ ଛାତିର ଦୁକ୍‌ଦୁକି, ମୋ ନିଜ ଛାତିର ଡପ୍ ଡପ୍, ତୁମର ଘୁଙ୍ଗୁଡ଼ି, ଘଡ଼ିର ଟିକ୍‌ଟିକ୍ କୌଣସି ଶବ୍ଦ ମୋ' କାନକୁ ବାଦ୍ ଯାଉନଥାଏ । ଥରେ ଥରେ ଇମିତି ଜଣାଯାଉଥାଏ ବାହାରର ବହଳି ଅନ୍ଧାରଟା ବି ଯମିତି କଟ୍‌କଟ୍ କରି ଝରକାରେ ବାଡ଼େଇ ହୋଇ ମୋତେ ସଙ୍କେତ ଦେଉଥାଏ କବାଟ ଖୋଲିବାକୁ । ଭିତରେ ସେ ଯିମିତି ଟିକିଏ ଆଶ୍ରା ନବ । ଭ୍ରମରେ ଥରେ ଝରକା ଫିଟାଇ ବାହାରକୁ ଅନାଇଲି । କି କିଟିକିଟିଆ ଅନ୍ଧାର ! ଆଉ ଦଣ୍ଡେ ଚାହିଁଥିଲେ ହୁଏତ ମୋ ଆଖିଦିଟା ଫୁଟି ଯାଇଥାନ୍ତା । ମନେ ପଡ଼ିଲେ ବର୍ତ୍ତମାନ ବି ଦିହ ଥରି ଉଠୁଚି, ଛାତିର ଶବ୍ଦ ବଢ଼ିଯାଉଚି ।''

''ତୁମର ବର୍ଣ୍ଣନା ଶୁଣି ଭୋର ସକାଳଟାରେ ବି ମୋତେ ଡର ମାଡ଼ିଲାଣି ।''

''ତୁମେ ମୋଟେ ଅନୁମାନ ବି କରିପାରିବ ନାଇଁ ସେତେବେଳର ମୋ ମନର ଅବସ୍ଥା, ଅଜଣା ଭୟ ଆଶଙ୍କାରେ ବଡ଼ ଯନ୍ତ୍ରଣା ପାଇଲି । ସେତେବେଳେ ଯେବେ ପେଚାଟାଏ ବା ଭେରଣ୍ଡାଟାଏ ଡାକିଥାନ୍ତା ବା ଚେମିଣିଆଁଟାଏ ଫଡ଼୍‌ଫଡ଼୍ କରିଥାନ୍ତା, ତେବେ

Digitized by srujanika@gmail.com

ଏତେବେଳକୁ ମୋ ପାଇଁ କୋକେଇ ସଜ ହେଉଥାନ୍ତା ।''

''କ'ଣ ଯେ ତୁମେ ଗୁଡ଼ାଏ କହିଯାଉଚ । ଜୀବନଟା କ'ଣ ଏଡ଼େ ସହଜରେ ଚାଲିଯାଏ ? କ'ଣ କଲ ତା'ପରେ ? ବଡ଼ ଆଲୁଅଟା ଜାଳି ଦେଲନି ?''

''ଜାଳିଲି ତ । ତା'ଛଡ଼ା ଆଉ ଉପାୟ ନଥିଲା ଯେ ମୋର । କିନ୍ତୁ ଇଏ ଫେର କ'ଣ ? ପୁଣି ସେଇ ଚିଁ ଚିଁ ଶବ୍ଦ । ଠିକ୍ ସେଇ ସ୍ୱର ଯାହାକୁ ମୁଁ ତନ୍ଦ୍ରାରେ ବା ସ୍ୱପ୍ନରେ ବୁଲବୁଲ, ଟୁନ୍‌ଟୁନିର 'ମାଆ' 'ମାଆ' ଡାକ ଭାବି ଉଠି ବସିଥିଲି ଦଣ୍ଡକ ଆଗେ । ଅବିକଳ ସେଇ ସ୍ୱର ।''

''ଚୁଚୁନ୍ଦ୍ରାଟା, ନୁହେଁ ?''

''ମୁଁ ବି ପ୍ରଥମେ ସେଇଆ ଭାବିଥିଲି । ବହି ସେଲ୍‌ଫ ତଳ, ଝରକା କବାଟ ସନ୍ଧି, ମଶିଣା ଚୋଡା ଥୁଆ ହୋଇଥିବା କ'ଣ ସବୁଆଡ଼େ ନଜର ପକାଇଲି । କିନ୍ତୁ କାହିଁ ? କୁଆଡ଼େ କିଛି ନାଇଁ । ଭାବିଲି, ପିଲାଙ୍କ ଛାତିରେ କଫ ଜମିଚି । ଜଣ ଜଣ କରି ଦୁହିଁଙ୍କ ଛାତିରେ କାନ ଦେଇ ଶୁଣିଲି । ଗଳାର ସେଁ ସେଁ ଘଡ଼ ଘଡ଼ କିଛି ନାଇଁ । ନିଃଶ୍ୱାସ ଜୋର ଚାଲିଥିଲେ ବି କାହିଁ କେଉଁଠି ଅଟକି ଯାଉ ନାଇଁତ । ପୁଣି ଡର ମାଡ଼ିଲା ।''

''ମୋତେ ଡାକିଲ ନାଇଁ ତଥାପି ?''

''ପାଖ ଡାକ ଶୁଣିଲ ନାଇଁ । ଏଘର ଡାକ ସେଘରକୁ କ'ଣ ଶୁଭିଥାନ୍ତା ?''

''ଚାଲିଗଲନି ?''

''ସାହସ କୁଳାଇଲେ ତ । ଗଳି, ବରଣ୍ଡା ସବୁ ଅନ୍ଧାରୁଆ । ପାଟିକରି ଡାକିବି ଭାବିଲି । ଗଳା ଫିଟିଲାନି ମୋଟେ । ଏତିକିବେଳେ ପୁଣି ସେଇ ଚିଁ ଚିଁ ଶବ୍ଦ ଶୁଭିଲା । ଦୈବକୁ ବଡ଼ ଆଲୁଅଟା ଜାଳିଥିଲି । ନ ହେଲେ ଏଥର ମୂର୍ଚ୍ଛା ହୋଇଯାଇଥାନ୍ତି । ଦୈବାତ୍ ଉପରକୁ ଚାହିଁ ଦେଲି । ଏଇ ଯେଉଁ ଇଲେକ୍‌ଟ୍ରି ତାର ଚାଖଣ୍ଡେ ଲାଗି ଝୁଲିଚି ତାରି ଉପରେ-''

''ସେଇ ପୁରୁଣା ପଟା ଖଣ୍ଡକରୁ ଯେଉଁ ତାର ତଳକୁ ଓହଳିଚି ଚାରିକୋଣିଆଁ ପଟା ପାଖରେ !''

''ହଁ, ହଁ, ସେଇଠି । ଦେଖିଲି ମଳିଛିଆ ତୂଳା ପରି ଦିଟା ଗୋଲ ଚିଜ କ'ଣ ଦେଖାଯାଉଚି । ଭାବିଲି, ଶେଯ ସିଲାଇ ବେଳର ତୂଳାବଳ ଦିଟା ପବନରେ ଉଠି ସେଇଠି ଲାଖିଚି; ପୁଣି ଭାବିଲି ବୁଲବୁଲ୍ ଟୁନ୍‌ଟୁନି ପାଇଁ ଉଲ୍‌ର ଯେଉଁ ବେଡ଼ମିଣ୍ଟନ୍ ବଲ୍ ଆଣିଥିଲ ଧୂଳି-ଧୂସିରିଆ ଦିଟା ସେଠି ଲାଖିଯାଇଚି । କିନ୍ତୁ ସେଥିରୁ ଶବ୍ଦ କିମିତି ଆସିବ ଭାବୁଚି-ଦେଖିଲି ତାର ଖଣ୍ଡିକ ଅଳ୍ପ ହଲିଲା, ତା' ସାଙ୍ଗକୁ ସେ ଦି'ଟା ମଧ୍ୟ ହଲଚଲ ହେଲେ । ଚାହୁଁ ଚାହୁଁ କଳା କଳା ଗୋଲ ଗୋଲ ଦି'ଦି'ଟା ଆଖି ସାଙ୍ଗକୁ ବାହାରିଲା ନାଲି ଗହମ ପରି ଟିକି ଟିକି ଦିଟା ଥଣ୍ଟ ।''

''ଜୟ ପ୍ରଭୋ ! ସେ ଦିଟାକୁ ବାଡ଼ି ଖଣ୍ଡକରେ ଶେଷ କରି ଦେଲନି ।''

Digitized by srujanika@gmail.com

"ଦେଖିଥିଲେ ତୁମେ ଏକଥା ମୁହଁକୁ ଆଣନ୍ତ ନାହିଁ । ଦି'ଟା ଛୋଟ ଛୋଟ ଜୀବ; ପାଖକୁ ପାଖ ଲଗାଲଗି ହୋଇ ବସିଛନ୍ତି କାଠି ଖଣ୍ଡିକରେ, ଯିମିତି ମୃତ ଶିଳ୍ପୀଟିଏ କଣ୍ଢେଇ ପ୍ରଦର୍ଶନୀରେ ଥୋଇ ଦେଇଚି । ଆଲୁଅରେ ଚକକା ହୋଇ ଦିହେଁ ବୋକା ପାଲଟି ବସିଛନ୍ତି । ହେଲେ ମୋତେ ଜଣାଗଲା ଶୂନ୍ୟରୁ ଛାତ ଭିତର ଦେଇ କିଏ ଯିମିତି ମୋତେ, ଆଉ ମୋ ପିଲାପିଲିଙ୍କି ଜଗିବା ପାଇଁ, ସାଙ୍ଗ ଦବା ପାଇଁ, ଅଭୟ ଦବା ପାଇଁ ଗଳାଇ ଦେଇଚି । ସତକୁ ସତ, ମୁଁ ଆଉ ନିଜକୁ ନିରାଶ୍ରୟ ନିଛାଟିଆ ବୋଲି ଭାବିଲି ନାହିଁ । ଏଥର ଆମେ ପାଞ୍ଚଜଣ ହେଲୁଁ ଯେ ।"

"ସଞ୍ଜବେଳୁ ଚୋରଙ୍କ ପରି ସେଇଠି ଲୁଚିଛପି ବସିଥିଲେ । ଆଲୁଅ ଜାଳିବାରୁ ଗହମ ନିଦ ଭାଜିଗଲା ତାଙ୍କର ।"

"ହୋଇଥିବ । କିନ୍ତୁ ମୁଣ୍ଡ ଉପର ଦୋଳିରେ ଟିକି ଚଢ଼େଇ ଦିହିଁଙ୍କ ନିଦ ଭାଜିବାର ଦେଖି ମୁଁ ଜାଣିଲି ମୋ ପିଲାଙ୍କ ଆଖିକି ବି ଆଲୁଅ ପୀଡ଼ା ଦଉଥିବ । ବୁଲ୍‌ବୁଲ୍ ଚୁନ୍‌ଚୁନି ଉଁ ଆଁ କରି କର ଲେଉଟାଇଲେ ମଧ୍ୟ । ଏଥର ସାହସ ଆସିଲା । ତୁମ କୋଠରୀକି ଯାଇ ଘଡ଼ି ଦେଖିଲି କାଳେ ତିନି ବାଜିଥିବ । ଦେଖିଲି ମାତ୍ର ଗୋଟାଏ ବାଜି ଦଶ ମିନିଟ୍ । ଏତେବେଳେ ଦଶ ମିନିଟ୍ ମୋତେ ଦଶ ଘଣ୍ଟା, ଦଶ ଦିନ । ଫେରି ଆସି ବଡ଼ ଆଲୁଅଟା ଲିଭାଇ ଦେଲି । ପିଲାଙ୍କ ଜର ବଢ଼ିଲା କି କମିଲା ଦେଖିଲି ନାହିଁ । କାରଣ ଦେଖିବାରେ କିଛି ଲାଭ ନଥିଲା ସେତେବେଳେ ।"

"ଏ ଦି'ଟା ଗଲା ବର୍ଷର । ଯେଉଁ ଦି'ଟା ଆମକୁ ଏତେ ହଇରାଣ ହରକତ କରିଥିଲେ । ଏ ବର୍ଷ ଆଗରୁ ଆସିଲେଣି । ଭାରି ଚଲାକ ଦେଖୁଛି । ପୁରୁଣା ବସାଟାକୁ ଭୁଲି ନାହାନ୍ତି ବୋଧହୁଏ ।"

"ଏ ଗୁଡ଼ାକ ଡିମ୍ବଫୁଟା ଛୁଆ । ଆମେ ଅଣ୍ଡା ଭାଙ୍ଗିଦେଲୁଁ, ଘଉଡ଼ାଇ ଦେଲୁଁ ସେଇଥିପାଇଁ, ଆଉ କେଉଁଠି ଆଉ ଥାକେ ଛୁଆ ଫୁଟାଇ ପୁରୁଣା ଦେଶକୁ ଫେରିଛନ୍ତି । ଚଢ଼େଇ ହେଲେ ବୋଲି ମାତୃଭୂମି ପ୍ରତି ତାଙ୍କର ମାୟା କ'ଣ କମ୍ ଭାବିଛ ? ଏଇଠି ଛୁଆପିଲାଙ୍କୁ ଥଇଥାନ କରିବା ମତଲବରେ ଅଛନ୍ତି ବୋଧହୁଏ ।"

"ନଭେମ୍ବରରେ ଘରଚଟିଆ ଛୁଆ ? ଅସମୟରେ ?"

"ମଣିଷଙ୍କ ଘରେ ରହି ମଣିଷଠୁଁ ସବୁ ଶିଖୁଛନ୍ତି । ଶୁଣନା ଆହୁରି ମଜା କଥା । ବେଡ଼୍ ଲେମ୍ପ ଆଲୁଅରେ ବସିଥାଏ । ହାତ ସିମିତି କଳ ପରି ପଟି ଭିଡାଉଥାଏ, କପାଳରେ ବସାଉଥାଏ । ଏମିତି ପ୍ରାୟ କୋଡ଼ିଏ ପଚିଶ୍ ମିନିଟ୍ ବସିଲି । ଏଥର ଭୟ ସେତେ ଲାଗୁ ନଥାଏ । କାରଣ 'ଆମେ ପାଞ୍ଚଜଣ' ବୋଲି ଭାବନା ମନକୁ ଦମ୍ଭ ଦେଉଥାଏ । ଶବ୍ଦ କହିଲେ ତୁମ ଘଡ଼ିର ଟିକ୍ ଟିକ୍ ଶବ୍ଦ ସହିତ ମୋ ଛାତିର ଧପ୍ ଧପ୍ ଶବ୍ଦର ତାଳ । ଏଇ ତାଳ ଶୁଣି ଶୁଣି ପୁଣି ଘୁମ ଆସିଲା ମୋତେ । ସ୍ୱସ୍ତି ମଣିଷକୁ ନିଦ ଦିଏ ।"

"ସକାଳ ଯାଏଁ ସେଇ ସ୍ୱସ୍ତି ଭାବ ରହିଲା ତେବେ ? ଔଷଧ ?"

Digitized by srujanika@gmail.com

"ରୁହ ନା' । କାହିଁକି ମିଛରେ ଔଷଧ ଔଷଧ ହେଉଚ ? ପୁରୁଷମାନଙ୍କ ମୋଟେ ଧୈର୍ଯ୍ୟ ନାହିଁ ଦେଖୁଚି । ତା'ପରେ ବାବା ! କି ଦୁଃସ୍ୱପ୍ନ । ମୋତେ ବର୍ତ୍ତମାନ ବି ସତ ପରି ଲାଗୁଚି । ମୋତେ ଜଣାଗଲା ଯିମିତି ବୁଢ଼ୀ ଡାହାଣୀଟାଏ ମୋ ଛୁଆ ଦିହିଁଙ୍କି ହାତମୁଠାରେ ଗପ୍ କରି ଧରି ନେଇଯାଉଚି । ତାଙ୍କରପୋଡ଼ା କରିବ । ହାଉଳି ଖାଇ ତୁମକୁ ଡାକିଲି, "ଦଉଡ଼ି ଆସ, ଦଉଡ଼ି ଆସ", କହିଲି "ଆମ ଛୁଆଙ୍କୁ କିଏ ନେଇଗଲା, ମାରିଦେଲା ।" ମୋ କଥା ପାଟିରୁ ବାହାରିଲା କି ନାହିଁ "ଚେଚେର, ଚେଚେର" ଶବ୍ଦରେ ଘର ଭରପୂର ହୋଇଗଲା, କାନ ଅତଡ଼ା ପଡ଼ିଲା । ଦରଚେତା ଅବସ୍ଥାରେ ବି ମୁଁ ବୁଝିପାରିଲି ପୂର୍ବର ଚେଁ ଚେଁ ଶବ୍ଦରୁ ଏହା ଫରକ୍ । ଭାବିଲି ଏ ଫେର୍ କିଏ ଆସିଲା । ରାତିଯାକ ଏମିତି ଅତିଥି ଅଭ୍ୟାଗତ ଆସୁଥିବେ । ମୁଁ ଉଠୁଥିବି ଆଲୁଅ ଜାଳୁଥିବି । ବାଧହୋଇ ବଡ଼ ଆଲୁଅ ଜାଳି ଉପରକୁ ଚାହିଁ ଦେଖିଲି ଆଲକାତରା ଦିଆ କଡ଼ି ଓ ଧଳା ଛାତ ମଝିରେ ବଡ଼ ଚଟିଆଟିଏ ।"

"ବିଲ ବାଡ଼ିର ଦଳଟାଯାକ ଚଟିଆ ପଲପଲ ହୋଇ ଘର ଭିତରକୁ ଆସିବା ମତଲବ୍‌ରେ ଥିଲେ ନା କ'ଣ ?"

"ତୁମେ କିଛି ବୁଝୁନ, ବୁଝିବାର ବି ଚେଷ୍ଟା କରୁନ । ଦେଖୁନ, ସେ ବି ମୋରି ପରି ରାତିଯାକ ଉଜାଗର ହୋଇ ତା' ଦୁଇ ଛୁଆଙ୍କୁ ଜଗି ବସିଚି । ଏ ନୂଆ କାକରରେ ବୁଲିବୁଲି ତା ଦି ଛୁଆଙ୍କୁ ବି ଜର । ନ ହେଲେ ପାଖକୁ ପାଖ ଲଗାଲଗି ହୋଇ ଭାଇଭଉଣୀ ପରି ତା' ଛୁଆ ଦିହେଁ ଆଖି ବୁଜି ବସିଥାନ୍ତେ କାହିଁକି ? ଶୀତ ଲାଗୁଥିବ ତାଙ୍କୁ । ମୋ ମୁଣ୍ଡକୁ ଖିଆଲ ପଶିଲା ଯିମିତି ସେ ବି ମୋରି ପରି ଦୁଃସ୍ୱପ୍ନ ଦେଖି ଚମକି ଚିତ୍କାର କରି କାହାକୁ ଡାକୁଚି, "ଧାଇଁ ଆସ, ଡାଆଣୀ ବୁଢ଼ୀ ଆମ ପିଲାଙ୍କୁ ନେଇଯାଉଚି, ପୋଡ଼ିପାଡ଼ି ପଖାଳ ଖାଇବ ବୋଲି ।" ମୋର ବୁଝିବାକୁ ବାକି ରହିଲା ନାହିଁ ସେ ବି ମୋର ପରି ଅଭାଗିନୀ ମାଆ । ପିଲାଙ୍କ ଲାଗି ବ୍ୟତିବ୍ୟସ୍ତ ହୋଇପଡ଼ିଚି । ଦୂର ପୋଖରୀ ହୁଡ଼ାର ଝଙ୍କା ବରଗଛର ପେଚାର ଡାକ ସେ ବି ଶୁଣିଥିବ ନିଶ୍ଚୟ । ମୋର ଭୟ ହେଲା ମୁଁ ମୋ ପିଲାଙ୍କ ଜୀବନ ଡାହାଣୀ ବୁଢ଼ୀ ହାବୁଡ଼ରୁ ଫେରାଇ ଆଣିପାରିବି ତ ।"

"ଏତେ କଥା ହେଲା, ଏତେ ଅବସ୍ଥା ଭୋଗିଲ, ତଥାପି ମୋତେ ଡାକିଲ ନାହିଁ– ତୁମେ ସବୁ ଦେଖିଲ, ଶୁଣିଲ, ସହିଲ ଜାଣିଲ; ମତେ ସାଙ୍ଗ କଲନି, କାହିଁକି ?"

"ଖାଲି କ'ଣ ଏତିକି ? କାଲି ରାତିରେ ମୋର ବେଶ୍ ଜ୍ଞାନ ହେଲା ଆମେ ଯେତେବେଳେ ମୂର୍ଚ୍ଛାର ହୋଇ ଶୋଇଯାଉଁ ଦୁନିଆଁର କେତେକେତେ ଆଶ୍ଚର୍ଯ୍ୟ ଦୃଶ୍ୟ, ରହସ୍ୟମୟ ଶବ୍ଦ ଓ ଘଟଣା ଆମର ଅଦେଖା, ଅଶୁଣା, ଅଜଣା ରହିଥାଏ । କଷ୍ଟ କରି କୃଚ୍ଛ୍ର ସାଧନା କରି ଯେ ସଂଯମୀ, ନିଶା ଜଗିରହେ, ସେ ସିନା ସବୁ ଦେଖିପାରେ, ଜାଣିପାରେ । କାଠ ମୁଣ୍ଡାଟାଏ ହୋଇ ଶୋଇ ରହିଲେ ଅଜବ୍ ଦୁନିଆଁ ଅନ୍ଧାର ଦୁନିଆଁ ପରି ଜଣାଯିବ ।"

Digitized by srujanika@gmail.com

"ମୋତେ ଉପଲକ୍ଷ୍ୟ କରି କାହିଁକି ଆଉ ଗାଳିଗୁଲଜ କରୁଚ ? ଯାହା ତ ହେବାର ହେଲା । ଔଷଧ ଦେଲ ନା ନାହିଁ ।"

"ତୁମେ କ'ଣ ଭାବିଛ ପାନେ ଔଷଧରେ ରୋଗ ଭଲ ହୋଇଯାଏ ? ବିନା ଔଷଧରେ ମୋର ଦୁର୍ବଳତା କିମିତି ଉଭେଇଗଲା ? ପ୍ରକୃତରେ ଏଥର ମୋର ସାହସ ବଢ଼ିଲା । ଦୁଇ ମାଆ ଚାରି ଛୁଆଙ୍କୁ ଧରି ଏକାପରି ଏକାଠି ଜାଗର ଜାଳିଲୁଁ "ଏକା" ମନ୍ଦିରରେ ତା ଏକା ଉଦ୍ଦେଶ୍ୟ ରଖି । ମୋର ଆଉ ସନ୍ଦେହ ରହିଲା ନାହିଁ ତା ପିଲାଙ୍କ ଅସୁଖ ବିଷୟରେ । ନ ହେଲେ ତାଙ୍କ ମାଆ ଉଜାଗର ରହନ୍ତା କାହିଁକି, ଏତେ କାନ ପତଳା ହୁଅନ୍ତା କାହିଁକି ? କ୍ରମେ କଢ଼ି ବରଗାର ସେଇ ଚଢ଼େଇଟିକୁ ମୋ ନିଜ ମା' ପେଟର ଭଉଣୀ ପରି ଲାଗିଲା । ଯେମିତି ଦି' ଭଉଣୀ ନିଜ ପିଲାପିଲି ନେଇ ବାପ ଘରକୁ ଆସିଛୁଁ, ଏଠି କେତେ ଦିନ ସୁଖ ଦୁଃଖରେ କଟାଇ ପୁଣି ନିଜ ନିଜ ଘରକୁ ଫେରିଯିବୁ ।"

"ଏବଂ ଔଷଧ ତା' ଜାଗାରେ ପଡ଼ିଥିବ; ଏବଂ ଡାକ୍ତର ସକାଳୁ ମୋତେ ଗାଳିଗୁଲଜ କରୁଥିବେ ।"

"ନା, ସେ ଭୟ କରନି । ତେବେ ଆରାମ ପ୍ରକୃତରେ ହାରାମ । ନିରାପତ୍ତା ମଣିଷକୁ ଦାୟିତ୍ୱହୀନ କରେ । ପୁଣି ଆଲୁଅ ଲିଭାଇ ମୁଁ ଶୋଇଗଲି । ଭାବିଲି ମୁଁ ଶୋଇଲା ବେଳେ ଭଉଣୀ ଜଗିଦବ ମୋ' ପିଲାପିଲିଙ୍କୁ । ମୁଁ ଦଣ୍ଡେ ଶୋଇଯାଏ, ଆଖିପତା ପୋଡ଼ିଲାଣି ।"

"ମାଉସୀ ଜଗିଦବ, ଔଷଧ ଖୁଆଇ ଦବ, ଜଳପଟି ଦବ, ଜର ଦେଖିବ, ତୁମକୁ ତିନିଟା ବେଳେ ଡାକିଦବ । କ'ଣ ଯେ କୁହ ।"

"ଏଥିରେ ଆଶ୍ଚର୍ଯ୍ୟ କ'ଣ ? ବିଶ୍ୱାସ କଲେ ହେଲା । ତୁମେ କ'ଣ ଭାବିଛ ଏଲାରାମ ଘଡ଼ି ଛଡ଼ା ଆଉ କେହି ମଣିଷକୁ ଠିକ୍ ସମୟରେ ଚେତା କରାଏ ନାହିଁ ? ଏ ଯନ୍ତ୍ର ତିଆରି ପୂର୍ବରୁ ଲୋକେ ତ ପୁଣି ଠିକ୍ ସମୟରେ ଉଠୁଥିଲେ, ଛୁଆପିଲାଙ୍କ ନାଡ଼ୀ ଦେଖୁଥିଲେ, ଅନୁପାନ ବାଟି ଘୋରି ଔଷଧ ପିଆଉଥିଲେ ।"

"ଔଷଧ ସବା ଶେଷରେ ଦେଲ ତେବେ ?"

"ତୁମ ଘଣ୍ଟାର ଏଲରାମ ବାଜିଲା କି ନାହିଁ ମୁଁ କହିପାରିବି ନାହିଁ । କେତେ ସମୟ ଶୋଇଲି ବି କହିପାରିବି ନାହିଁ । ପୁଣି ଚେରେ, ଚେର୍‌ରେ, ଚେଚେର, ଶବ୍ଦରେ ନିଦ ଭାଜିଗଲା । ଏ ଶବ୍ଦଟା ବଡ଼ ରୁକ୍ଷ, କର୍କଶ, ମିଠା ମୋଟେ ନୁହେଁ । ହେଲେ ହୁକୁମ ଦେବା ଗଳା, ମାଲିକାନା ସ୍ୱର । ଏ ସ୍ୱର ଶବ୍ଦ ଯିମିତି ବନ୍ଦ ହେବାର ନୁହେଁ । ତୁହାକୁ ତୁହା ଆସୁଥାଏ । ଏଇ ଶବ୍ଦ ସାଙ୍ଗକୁ କାନକୁ ଅତଡ଼ା କରି ବାଜି ଉଠିଲା ଜେଲଖାନା ଘଣ୍ଟା, କଚେରୀ ଘଣ୍ଟା, ପାୱାର ହାଉସ୍ ଘଣ୍ଟା, କରତକଳ ଘଣ୍ଟା; ଆହୁରି କେତେ ଅଜ୍ଞାତ ସ୍ଥାନର ଘଣ୍ଟା । ଠଂ ଠଂ ଠଂ– ତିନିଟା ଯିମିତି ଦୁନିଆଁର ସବୁ ଘଣ୍ଟା ଏଇ ଆଦେଶ ଅପେକ୍ଷାରେ ରହିଥିଲେ । ନିଥର ବାୟୁ ତରଙ୍ଗରେ ଘଣ୍ଟାଗୁଡ଼ାକର ଶବ୍ଦ ମିଳାଇ ଯାଇଚି ବି ନାହିଁ

Digitized by srujanika@gmail.com

ଚେର୍‌ରେ, ଚେର୍‌ରେ, ଚିଁ ଚିଁ, ଚେଚେର୍ ଚେଚେର୍, ଚେଁ ଚେଁ ରାବରେ କୋଠରୀଟା ଭରପୂର ହୋଇଗଲା । ବୁଲ୍‌ବୁଲ୍ ଟୁନ୍‌ଟୁନି ବି ଚେତା ହୋଇ 'ମାଆ' 'ମାଆ' ଡାକିଲେ । ମୋତେ ସତକୁ ସତ ଜଣାଗଲା ଘରଚଟିଆ ବଂଶ ଆମ କୋଠରୀଟାକୁ ଦଖଲ କରିଗଲେ ।''

''ମୁଁ ହୋଇଥିଲେ ଭାବିଥାନ୍ତି ଗୋଟାଏ ଭୌତିକ କାଣ୍ଡ ବୋଲି, ଯିମିତି ଗଳା ଦଉଡ଼ିଟାଆ ଆଶ୍ରା କରିଗଲା ଆମ ଘରେ ।''

''ଯେ କେହି ଅଜାଣୁଆ ସେମିତି ଭାବନ୍ତା । ପୁଣି ଆଲୁଅ ଜାଳିଲି । ପୁଣି ଉପରକୁ ଚାହିଁ ଦେଖେଁ ତ ଏଇ ପୁରୁଣା ବସା ଭିତରେ ଥାଇ ମୁଣ୍ଡ କାଢ଼ି ଅନାଉଚି ଘରର ମାଲିକ । ଚଢ଼େଇ ପିଲାଙ୍କ ବାପା । ବେକତଳେ ତା'ର କଳା ଦାଗ । ଝାନିଝୁଡ଼ି ହୋଇ ଏପାଖ ସେପାଖ ଡେଣା ମେଲାଇ ଅଳସ ଭାଙ୍ଗି ନେଉଚି । ଆଲୁଅଟା ଆଖିରେ ଅଭ୍ୟାସ ହେଲାପରେ ସେ ଚାହିଁଲା କଡ଼ି ବରଗା ଉପରର ତା ମେମ୍ ସାହେବକୁ ଓ ପରେ ଦୋଳିରେ ଝୁଲନ୍ତ ଅବସ୍ଥାରେ ଥିବା ତାର ବୁଲ୍‌ବୁଲ୍ ଟୁନ୍‌ଟୁନିକୁ । ଗୁଡ୍ ମର୍ଣ୍ଣିଂ ଶବ୍ଦରେ ଘରଟା ଆନନ୍ଦମୁଖର ହେଲା ।''

''ଯା ପରେ ଘଡ଼ି ଶବ୍ଦ ଦେଖି ଔଷଧ ଦେଲ ତ ?''

''ମଲା ! ଦୁନିଆଯାକର ଘଡ଼ି ଘଣ୍ଟାରେ ତିନି ବାଜିଲା, ତୁମ ଘଡ଼ି ଦେଖିଲେ କ'ଣ ବାରଟା ବାଜିଥାନ୍ତା । କାହାକୁ ଡାକିବାକୁ ପଡ଼ିଲା ନାହିଁ । ଔଷଧ ଦେଇଦେଲି । ହାତ ଦେଇ ଦେଖେଁ ଦୁହିଁଙ୍କ ଦିହରେ ତାତି ନାହିଁ । ଦୁହେଁ ଖାଇବାକୁ ମାଗିଲେ । ଉପର ତାର ଖଣ୍ଡକରେ ଟିକି ଚଢ଼େଇ ଦିଟା ଅଲଗା ଅଲଗା ହୋଇ ପରସ୍ପର ଥଣ୍ଟକୁ ଖୁମ୍ପିବାକୁ ଲାଗିଲେ । ତାଙ୍କୁ ବି ବୋଧହୁଏ ଭୋକ ଲାଗିଲା । ଦଣ୍ଡେ ପରେ ଦୁହେଁ ପାଖକୁ ପାଖ ଘୁଞ୍ଚିଯାଇ ଥଣ୍ଟ, ଆଖି, ମୁଣ୍ଡ ପର ଭିତରକୁ ଟାଣିନେଲେ । ଆଉ ଚଢ଼େଇ ପରି ଦିଶିଲେ ନାହିଁ । ମୋତେ ଜଣାଗଲା ସେମାନେ ସବୁ ପରୀରାଜ୍ୟର ଜୀବ । ସକାଳେ ଉଠି ଦେଖେଁ କେହି ନାହାନ୍ତି, ଯେଉଁ ଶୂନ୍ୟରୁ ଆସିଥିଲେ ସେଇ ଶୂନ୍ୟରେ ଉଭାଇଗଲେ ।''

''ସ୍କାଇଲାଇଟ୍ ଦେଇ ଉଡ଼ି ଯାଇଥିବେ । ମୋତେ ଟିକେ ଡାକିଲ ନାହିଁ । ଆଚ୍ଛା ! ନ ଡାକିଲ ନାହିଁ, ସେ ନେକ୍‌ଟାଇବନ୍ଧା ଅଣ୍ଡିରା ଚଢ଼େଇଟାକୁ ପଚାରିଲ ନାହିଁ କାହିଁକି ସେ ସ୍ତ୍ରୀ ପିଲାପିଲିଙ୍କି ବାହାରେ ରଖି ନିଜେ ଆରାମରେ ନିଦକ ହୋଇ ବସା ଭିତରେ ଶୋଇଥିଲା ?''

''ତା' ହେଲେ ତ ମୋତେ ତୁମକୁ ଉଠାଇବାକୁ ପଡ଼ିଥାନ୍ତା । ତୁମେ ସବୁ କଣ ଘର ଚଳାଅ ନା ଘର କଥା ବୁଝ ? ଆମେ ସବୁ ଦେଖୁଁ ବୁଝୁଁ; ତୁମେ ସବୁ ଗୋଟାଏ ଗୋଟାଏ ଦମ୍ଭ ଖୁଣ୍ଟ ମାତ୍ର ।''

''ଆଉ ଯେତେବେଳେ ସେ ଆସିବ ମୋତେ ଟିକେ ତାକୁ ଦେଖାଇ ଦବ ତ ।''

Digitized by srujanika@gmail.com

''ମଲା, ଏଭଳାଗେ କହୁଥିଲ ପରା ତା' ବସାଟାକୁ ଭାଙ୍ଗିଦବ ବୋଲି ।''
''ମୁଁ କ'ଣ ତାକୁ ଚିହ୍ନିଥିଲି, ନା ସ୍ୱରୂପ ଜାଣିଥିଲି ?''
''ତେବେ ଏ ବର୍ଷ ବି ଆମ ଘରେ ସେମାନେ ରହିବେ ?''
''ହୁଁ, ମୁଁ ଆଗ ଠିକ୍ କରେଁ, ଏ ଘର ତାଙ୍କର ନା ଆମର ।''

Digitized by srujanika@gmail.com

# ବାଉଁଶ ଗଳି

କି ଭୀଷଣ ଦୁଃସ୍ୱପ୍ନ ! ଗଁ ଗଁ ଶବ୍ଦ କରି ଧଡ଼ପଡ଼ ହୋଇ ଉଠିବସିଲି । ଏତେ ଜୋର ସେ ଚିତ୍କାର ଯେ ପିଲାଝିଲାଏ ଉଠି ବସିଲେ । ମୋତେ ନିଜକୁ ବି ଲାଜ ମାଡ଼ିଲା । ଛିଃ ଛିଃ ପିଲାଙ୍କ ଭଳିଆ : ସମସ୍ତେ ପରସ୍ତେ ହୋ ହୋ ହୋଇ ପୁଣି ଶୋଇଗଲେ । ହାତ ମାରି ଦେଖିଲି ଗାଲ ଆଖିପତା ଲୁହରେ ଓଦା । ସତରେ ସ୍ୱପ୍ନରେ ମୁଁ କାନ୍ଦୁଥିଲି ।

ଆଶ୍ଚର୍ଯ୍ୟ ! ଏତେକାଳ ପରେ ସେମାନେ କିପରି କାହିଁକି ମୋ ପାଖକୁ ଆସିଲେ, ବିଶେଷ କରି ଆଜି ରାତିରେ ? ବାରବର୍ଷ ହେଲା ତ ଦୁହେଁ ମୋ ଦୁନିଆଁରୁ ବିଦାୟ ନେଲେଣି ।

ସେମାନଙ୍କ ଚେହେରା, କଥା, କାମ ଗୋଟି ଗୋଟି ହୋଇ ମନରୁ ପୋଛି ହୋଇଗଲାଣି । ରାତି ଅଧରେ ତେବେ ମୋତେ ଏମିତି ଡହଳବିକଳ କରୁଛନ୍ତି କାହିଁକି ? ଉଲ୍ଲାସ ଉତ୍ସବମୟ କର୍ମତତ୍ପର ଦିନର ରାତିଟା ସ୍ୱଭାବତଃ ପ୍ରଶାନ୍ତିପୂର୍ଣ୍ଣ ଓ ସୁସୁପ୍ତିମୟ ନ ହୋଇ ବିକ୍ଷୁବ୍ଧ ଓ ଦୁଃସ୍ୱପ୍ନଭରା ହେଲା କିପରି ?

ଭାବିବାକୁ ଲାଗିଲି, ଅଚେତନ ଓ ଅବଚେତନକୁ ମନ୍ଥି ଚକଟି ସେମାନଙ୍କୁ ଚେତନକୁ ଆଣିଲା କିଏ ?

ଜାଗ୍ରତରେ ମଧ ମୁଁ ସ୍ପଷ୍ଟ ଦେଖିପାରୁଛି ଦୁହିଁଙ୍କ ବିଷଣ୍ଣ ମୁଖମଣ୍ଡଳ । ଉଭୟଙ୍କ ଚକ୍ଷୁରେ ଜମାଟବନ୍ଧା ଅଧୀରତା, କାତରତା ଓ ଅଜଣା ଆଶଙ୍କା । ଫିକା ଜହ୍ନ ଆଲୁଅରେ ସେମାନେ କେଉଁ ଦୁରାତ୍ମା ବା ଅଶରୀରୀ ପ୍ରେତାତ୍ମାଟାଏ ଦେଖିପାରିଛନ୍ତି ବୋଧହୁଏ । ସତରେ ସେ ଅଜଗର ସାପଟା କେତେ ବଡ଼ ! କେଉଁ ପିଲା ଦେଖିଲେ ଡରିମରି ମୂର୍ଚ୍ଛା ନ ଯିବ ? ଆଉ ସେ ବିକଟ ଲାଲମୁଣ୍ଡିଆ ଶାଗୁଣାଟା ! ଝିଅଟାକୁ ଅକ୍ଳେଶରେ ଝାମ୍ପି ନେଇ ଶୂନ୍ୟକୁ ଉଡ଼ିଯିବ । କେତେ ଭୟାର୍ତ୍ତ ଅସହାୟ ସେମାନେ ! ସେମାନଙ୍କ ଦଶା ଦେଖି ସ୍ୱପ୍ନରେ ବି ମୁଁ ନିଜେ ଭୀତତ୍ରସ୍ତ ହୋଇ ଚିତ୍କାର କରି କାହାର ସାହାଯ୍ୟ ଲୋଡୁଥିଲି । ମୁଁ ଯେ ନିଜେ ନିରାଶ୍ରୟ, ନିଃସହାୟ; ସେମାନଙ୍କୁ ଆଶ୍ରା ଦେବାର ମୋର ଶକ୍ତି କାହିଁ ? ସେମାନେ ମୋତେ 'ସାର୍' 'ସାର୍' ବୋଲି ବାରମ୍ବାର ଡାକୁଥିଲେ କାହିଁକି ? ମୁଁ ତ ସେମାନଙ୍କର 'ସାର୍' ନୁହେଁ, ଜଣକର ବାପା ଆଉ ଜଣକର ଅଜା । ଏତେ ଆନନ୍ଦ ଦିନର କି କରୁଣ ତଥା ବିପରୀତ ପରିସମାପ୍ତି !

ମାତ୍ର ଦୁଇଘଣ୍ଟା ତଳର କଥା । ରାତି ଦଶଟା । ଶେଷ ବାସ୍ ଆସିଯାଇଛି ।

Digitized by srujanika@gmail.com

ପୁଣି ସେଇ କୋଳାହଳ, ହୁରିହାଟ, ଧାଁଧପଡ଼, ମଡ଼ାଦଳା, ଧକ୍କାଧକ୍କି । ଯିମିତି ହେଉ ଘରକୁ ଫେରିବାକୁ ହେବ । ଘରକୁ ଫେରିବାକୁ ନ ଚାହେଁ କିଏ ? ତା'ଛଡ଼ା ଏ ନିର୍ଜନ ବେଳାଭୂମିରେ ଅନ୍ଧାର ରାତିରେ ଆଶ୍ରୟସ୍ଥଳ ବା ବିଶ୍ରାମ ସ୍ଥାନ କାହିଁ ? ନେହେରୁ ବଙ୍ଗଳା ତ ବନ୍ଦ ହେବା ଉପରେ । କର୍ମଚାରୀଗଣ ଭିତରପଟୁ ଲୁହାଶିକୁଳି ଲଗାଇ ଶୋଇଯିବେ ଆରାମରେ ଡନ୍‌ଲପ ପିଲୋଶଯ୍ୟାରେ । ଯିମିତି ହେଉ ସମସ୍ତଙ୍କୁ ଘରକୁ ଫେରିବାକୁ ପଡ଼ିବ । ଚାଲିକରି ଏତେ ରାତିରେ ଆଠଦଶ ମାଇଲ ବାଟ ଫେରିବାର ଶକ୍ତିସାମର୍ଥ୍ୟ ବା କାହାର ଅଛି ? ଦିନଯାକର କ୍ଳାନ୍ତି ବୁଭୁକ୍ଷା ଉପରକୁ ଆନନ୍ଦ ଉଲ୍ଲାସରେ ଭାରି ପ୍ରତିକ୍ରିୟା ସମସ୍ତଙ୍କୁ ପ୍ରାୟ ନିର୍ଜୀବ ଓ ଚଳତ୍‌ଶକ୍ତିହୀନ କରିଦେଇଛି । ସମସ୍ତେ ଚାହୁଁଛନ୍ତି ଗୃହ, ଖାଦ୍ୟ, ଆଶ୍ରା ଓ ବିଶ୍ରାନ୍ତି ।

ଶେଷ ବାସ୍ ଆସିଛି । ଅବସ୍ଥା ସମ୍ଭାଳେ କିଏ ? ଥରକୁ ଥର ଚାରିଥର ବାସ୍ ଆସି ଫେରିଗଲାଣି । ପ୍ରତିଥର ବାସ୍ ଆସିଗଲେ ସେଇ ଏକ ଦୃଶ୍ୟ, ଏକ ଅଭିନୟ । ସେମାନେ କ'ଣ ଦଶ ପଚିଶ ? ଶହ ଶହ କରି ସାତଶହରୁ ଊର୍ଦ୍ଧ୍ୱ ସେମାନେ । ଆଗାମୀ ବାସ୍‌ର ଆଲୁଅ ଯିମିତି ଝାଉଁବଣର ସରୁଆ ଅଗକୁ ଛୁଇଁଦିଏ ସିମିତି ସର୍ବତ୍ର ଗୋଟାଏ ଶିହରଣ ଜାଗେ ଓ ବେଳାଭୂମି ମୁଖରିତ ହୋଇଉଠେ ହୋ ହୋ ଶବ୍ଦରେ । ଶହ ଶହ ଘେରିଯାନ୍ତି ବାସ୍‌ଟାକୁ, ପିମ୍ପୁଡ଼ି ଗୁଡ଼ ମାଠିଆକୁ ଘେରିଲା ପରି । ପାହାଡ଼ ପରି ବାସ୍‌ଗୁଡ଼ାକର ଦିହରେ କେତେ କମ୍ ସ୍ଥାନ ! ଖୁନ୍ଦିଖାନ୍ଦି ଅଣନିଃଶ୍ୱାସୀ ହୋଇ, ବସି ଠିଆହୋଇ, ହାମୁଡ଼େଇ ସତୁରି ଅଶୀଙ୍କ ସ୍ଥାନରେ ଶହେ ଦେଢ଼ଶ' ବସି ବାସ୍‌ଟାକୁ ଥରାଇ ଦିଅନ୍ତି ବୋଝରେ । ଡ୍ରାଇଭର, କଣ୍ଡକ୍ଟର, କ୍ଲିନର କିଛି କହିପାରନ୍ତି ନାହିଁ । ଛାତ୍ରସମାଜ ବା ଯୁବଶକ୍ତି ଆଗରେ ଡିକ୍‌ଟେଟର ବି ନତମସ୍ତକ । ଯେତେବେଳେ ଆଉ ତିଳାର୍ଦ୍ଧେ ସ୍ଥାନ ମିଳିବାର ମଧ ଆଶା ଚାଲିଯାଏ ସେତେବେଳେ ଅନେକେ ତାଙ୍କ ହାରକ୍ୟୁଲସ୍ ପ୍ରଚେଷ୍ଟାରୁ ନିବୃତ୍ତ ହୁଅନ୍ତି । କ୍ଲିନର ଗାଡ଼ି ଦେହରେ ଢ଼ପ୍‌ଢ଼ପ୍ କରି ବାଡ଼ାଏ, କାରଣ ଘଣ୍ଟିର ଦଉଡ଼ିକୁ ଯେତେ ଝିଙ୍କାଟଣା କଲେ ବି ସେପଟୁ ଠଂ ଠଂ ଶବ୍ଦ ଆସେ ନାହିଁ । ଗାଡ଼ି ଚାଲିବାକୁ ଆରମ୍ଭ କରେ ଘରମୁହାଁ ହୋଇ । ଆହୁରି କେତେଜଣ ଗାଡ଼ି ପଛପଟ ଶିଡ଼ିରେ ଚଢ଼ିଯାନ୍ତି । ହିପ୍-ହିପ୍-ହୁର୍‌ରେ ।

ଚିତ୍କାରରେ ଝାଉଁବଣ ଥରି ଉଠେ । ପୁଣି ଦମ୍ ନେଇ ଦ୍ୱିଗୁଣ ଉତ୍ସାହରେ ଗାଇ ଚାଲେ ସାଇଁ ସାଇଁ କରି ତାର ଆଜନ୍ମ କରୁଣ ଜୀବନ ସଙ୍ଗୀତ । ଦୂରବର୍ତ୍ତୀ ସମୁଦ୍ରର ବିବର୍ଦ୍ଧମାନ ଉଚ୍ଛୃଙ୍ଖଳ ଢ଼େଉଗୁଡ଼ାକ ବାଧା ନିଷେଧ ନ ମାନି ଡେଇଁ ଡେଇଁ ସେ ସଙ୍ଗୀତର ତାଳେ ତାଳେ ନାଚିବାକୁ ଧାଇଁ ଆସନ୍ତି କୂଳକୁ; ଯେଉଁଠି ଦିନଯାକ ଶହ ଶହ ତରୁଣ ତରୁଣୀ ଲୀଳାଖେଳାରେ ଉନ୍ମତ୍ତ ଥିଲେ । ପ୍ରସ୍ଥିତ ବାସ୍‌ର ହୁର ହୁର ଶବ୍ଦ ଦମକା ପବନରେ ଥରେ ଥରେ ଘରର ସୁଖସ୍ୱାଚ୍ଛନ୍ଦ୍ୟରେ ସନ୍ଦେଶ ପରଶି ଦେଇଥାଏ ।

ଚାନ୍ଦିପୁର । ଚାନ୍ଦିପୁର-ଅନ୍-ସି । ପୁରୀର ସମୁଦ୍ର କୂଳ ପରି ଜନାକୀର୍ଣ୍ଣ ବା ବସତିବହୁଳ ନୁହେଁ । ମଣିଷ ଏଠି ଏକାନ୍ତ ଏକାକୀ । ଏଠି ଥାଏ ନୀରବତାର ମାଦକତା

Digitized by srujanika@gmail.com

ଓ ନିର୍ଜନତାର ନିଶାମ ଧୂରୀ । ଅତୀତର କେଉଁ ଏକ ଶାଳବନର ରାଜା ଝାଉଁବଣ ଡାକରେ ଭୁଲି ବିହାର ପ୍ରାସାଦଟିଏ ତିଆରି କରିଥିଲା । ପତନୋନ୍ମୁଖ ଜରାଜୀର୍ଣ୍ଣ ସେ ପ୍ରାସାଦ ତା'ର ଧକ୍କାରେ । କବାଟ ଝରକା ନଥିବା ତା' ରୂପଟା ଦଶମୁଣ୍ଡିଆ ରାକ୍ଷସର କରୋଟି ପରି ଭୀତିପ୍ରଦ । ପାଖ ବାଲି ପିରାମିଡ଼ ଭିତରେ କେଉଁ ଅତ୍ୟାଚାରିତା ଓ ଧର୍ଷିତା କୁମାରୀର ପ୍ରେତାତ୍ମାର ଚିତ୍କାର ଶୁଭେ । କେତେକେତେ ଟୁରିଷ୍ଟଙ୍କ ଅଭୀପ୍ସା, ଜିଗୀଷା ଓ ଜୁଗୁପ୍ସା ଉଦରସ୍ଥ କରି ନେହେତୁ ବଙ୍ଗଳାଟା କୁମ୍ଭୀର ଅଜଗର ପରି ନିର୍ଦ୍ଦୟ ଓ ନିର୍ବିକାର । ବଙ୍ଗଳା ସାମନା ଝାଉଁବଣଟା ବି ରାତିରେ ହିଂସ୍ର ହୋଇ ଜହ୍ନଟାକୁ ଗିଳିଦେଇ କଳାମେଘର ରୂପ ପରିଗ୍ରହ ଧରେ ।

ଏଇ ଶେଷ ବାସ୍ । ଦୈବାତ୍ ଯାଇ ନ ପାରିଲେ... । ଯେଉଁ ସ୍ଥାନ ଦିନବେଳର ଆହାର ବିହାର ଆମୋଦ ପ୍ରମୋଦ ସ୍ଥଳୀ ଥିଲା ସେଇଠି ଛାୟାକବଳିତ ଝାଉଁବଣରେ ଇଂରାଜୀ, ଫରାସୀ, ପର୍ତ୍ତୁଗୀଜ, ଓଲନ୍ଦାଜ, ଦିନାମାରଙ୍କର ଲମ୍ବା ଲମ୍ବା ପ୍ରେତଗୁଡ଼ାକ ପବନ ହିଲ୍ଲୋଳରେ ଲୀଳା ଆରମ୍ଭ କରିବେ, ବାଲିକୁଦ ଉପରୁ ତାଙ୍କର ବିକଟ ହସ ଶୁଭିବ । କାହାର ଛାତିରେ ଏତେ ଦମ୍ଭ ଓ ସାହସ ସେସବୁ ଦେଖିବାକୁ ଶୁଣିବାକୁ ? ତେଣୁ ଆସିବା ବେଳର ସଂହତି ଓ ନିବିଡ଼ ବନ୍ଧୁତା ଘରକୁ ଫେରିବା ବେଳକୁ ଭାଙ୍ଗି ପଡ଼େ । ସମସ୍ତେ ସ୍ୱାର୍ଥପର ହୁଅନ୍ତି– ଏକେଲା ଚଲୋ ରେ ।

ବାସ୍‌ରେ ଯେଉଁମାନେ ଯାଇ ନ ପାରନ୍ତି ସେମାନେ ଧାଇଁଯାଇ ପୁଣି ସିନେମା ଦେଖିବାକୁ ବାଲିରେ ବସି ଯାଆନ୍ତି । ବଙ୍ଗଳା ପଛରେ ଚାଲିଥାଏ 'ପ୍ୟାର କା ସାଗର' । ହେଲେ, ଯେଉଁ ଛବିପାଇଁ ଦିନେ ସେମାନେ ଜାମାପଟା ଛିଣ୍ଡାଇଥିଲେ, ଗୋଡ଼ ଆଙ୍ଗୁଠି ମାଡ଼ିମକଚି ହୋଇ ଯାଇଥିଲା, ସେ ଛବି ବି ତାଙ୍କୁ ଆନନ୍ଦ ଦିଏ ନାହିଁ । ବେଳାଭୂମିର ଆସନ୍ନ ଟ୍ରେଜେଡ଼ିର ବାସ୍ତବ ବ୍ୟଥା ରୂପେଲୀ ପରଦାର କଳ୍ପିତ ମଧୁର ଯନ୍ତ୍ରଣାକୁ ବଳି ପଡ଼େ । ସତରେ ସମୟ କଟାଇବା ପାଇଁ ସିନେମାଟା ଗୋଟାଏ ଫନ୍ଦି ନୁହେଁ ତ ଆଉ କ'ଣ ? ଘରର ମୋହ, ମନୋରଞ୍ଜନ ଓ ଆସକ୍ତି ତୁଳନାରେ ଚଳଚ୍ଚିତ୍ରର ମୋହିନୀ ଶକ୍ତି କିଛି ନୁହେଁ ।

ଗୋଟାଏ ବାସ୍ ଚାଲିଗଲେ ଭିଡ଼ କିଛି କମିଯାଏ, ଗୋଳମାଳ ବି ଊଣା ପଡ଼େ । ଚାରି ଚାରିଟା ବାସ୍ ଚାଲିଯିବା ପରେ ସଂଖ୍ୟା ଅପେକ୍ଷାକୃତ କମିଛି । ହେଲେ ନାନା ଜିନିଷ ଆସବାବପତ୍ର ତ ଅଛି । ଯିମିତି ବଙ୍ଗଳା ଘଡ଼ିରେ ଠଂ ଠଂ କରି ଦଶ ବାଜିଛି ସିମିତି ଶେଷ ବାସ୍ ଆସିଗଲା । ଆଲୁଅଟା ଝାଉଁବଣ ଭିତର ଦେଇ ଲୁଚିଛପି ଆସି ଅଣେଇ ହୋଇ ଶୋଇଥିବା ଘୁମନ୍ତ ବଙ୍ଗଳାକୁ ଯିମିତି ହଲାଇ ଦେଇଛି ସିମିତି ଚିତ୍କାର ଶିହରଣ । ସଙ୍ଗେ ସଙ୍ଗେ 'ପ୍ୟାର କା ସାଗର'ର ଅକାଳ ପରିସମାପ୍ତି । ମେସିନ ବନ୍ଦ । ଲାଇଟ୍ ଅଫ୍ । ବଙ୍ଗଳା ପଛପଟ ଶୂନଶାନ୍, ସୃଷ୍ଟି ପ୍ରାକ୍‌କାଳର ଅନ୍ଧକାର ।

ଏଇ ଶେଷ ବାସ୍‌ଟା କିନ୍ତୁ ବଙ୍ଗଳା ସାମନା ଗୋଲେଇଯାକେ ଆସିଛି ବରାଦ

Digitized by srujanika@gmail.com

ମୁତାବକ । ଚାହୁଁ ଚାହୁଁ ଛିଡ଼ା ହେଉ ନ ହେଉଣୁ ବାସ୍ ଭରପୂର । ସଡ଼କ କଡ଼ରେ ଜମା ହୋଇଥିବା ହଣ୍ଡା, ଡେକ୍‌ଚି, ଭଙ୍ଗା କାଠ ବାକ୍‌ସ, ଖାଲି ଝୁଡ଼ି, ଅଖା ଓ ସତରଞ୍ଜି (ଦିନଯାକ ଆନନ୍ଦର ମୂର୍ଦ୍ଧାର ଗୁଡ଼ାକ !) ଉଠାଉଠି ଚାଲିଲା ବାସ୍ (ଶବାଧାର ?) ଉପରକୁ । ହରରଙ୍ଗୀ ଚୂଡ଼ି, ରିବନ୍, ବେଲୁନ୍ ବା ପ୍ରଜାପତି ପରି ସାତ ଶହ ତରୁଣ ତରୁଣୀଙ୍କ ଲୀଳାସ୍ଥଳୀ ସମୁଦ୍ର ସୈକତ ଓ ଝାଉଁବଣଟା ପ୍ରାୟ ଶୂନ୍‌ଶାନ୍ ହୋଇଗଲା । ଦିନଯାକ କେତେ ଫଟୋ ତୋଳା, କେତେ ଟୁଇଷ୍ଟ ନାଚ, ରଙ୍ଗରସ, ଗୀତ, କବିତା ପାଠ, ବକ୍ତୃତା, ହସ କଉତୁକ ସାଙ୍ଗକୁ ତରୁଣ ଓ ତରୁଣୀଙ୍କ କେତେ କୁହା ଅକୁହା କଥା, କେତେ କେତେ ହରରଙ୍ଗୀ ଶାମୁକା ଓ ଉପଳ ସଂଗ୍ରହ, ବିନିମୟ; କେତେ କେତେ ଲାଲି କଙ୍କଡ଼ା ଓ ରୂପା ପାତିଆ ମାଛ ଧରାର ବାହାଦୂରୀ ଓ ଗୌରବ ।

ଆନନ୍ଦାତ୍ ହିଁ ଖଳୁ ଇମାନି ଭୂତାନି- । ଗୋଟିଏ ଅପରାହ୍ଣରୁ ତିନି'ଶ ପଅଁଷଠି ଦିନର ଖାଦ୍ୟ ସଂଗ୍ରହ, ବଞ୍ଚିବା ପ୍ରୟାସ । ସେ ସ୍ମୃତି କେତେ ମଧୁର; କିନ୍ତୁ ଘରେ ପହୁଞ୍ଚିବା ପରେ ଯାଇ ସେ ମଧୁରତା ।

ତତ୍ତ୍ୱାବଧାରକ ତଥା ଦଳପତି ପ୍ରୌଢ଼ ଅଧ୍ୟାପକଟି ଇତସ୍ତତଃ ହେଉଛନ୍ତି । ଉତ୍ସବର ପରିସମାପ୍ତି ତାଙ୍କ ପ୍ରାଣରେ ଆଶ୍ୱସ୍ତି ପରିବର୍ତ୍ତେ ଆଣିଛି ବ୍ୟସ୍ତତା ଓ କାତରତା; ଡ୍ରାଇଭର, କଣ୍ଡକ୍ଟର ଓ କ୍ଲିନର ପରି ସେ ବି ଅସହାୟ । ଏଇଟି ଶେଷ ବାସ୍ । ଯେତେଯେତେ ଜିନିଷପତ୍ର ଆସିଥିଲା ସେସବୁ ମନେ ପକାଇ ଖୋଜାଖୋଜି କରି ଫେରାଇବାକୁ ହେବ । ଯେଉଁମାନେ ଆଣିଥିଲେ ସେମାନେ ହୁଏତ ଆଗ ବାସ୍‌ରେ ଚାଲିଗଲେଣି । ବଣଭୋଜିଟି ଯେ ସର୍ବାଙ୍ଗ ସୁନ୍ଦର ହେଲା ତା' ନୁହେଁ; ତ୍ରୁଟି, ଅବ୍ୟବସ୍ଥା ଓ ବିଶୃଙ୍ଖଳା ରହିଯାଇଛି । ଗୋଳମାଳିଆ ଅବସ୍ଥା ପୂରାପୂରି ଦୂର ଏ ପର୍ଯ୍ୟନ୍ତ ହୋଇନାହିଁ । ଏଇ ବାସ୍‌ରେ ଚଢ଼ିବ ସିନେମା ପ୍ରୋଜେକ୍ଟର ରିଲ୍, ସ୍କ୍ରିନ୍ । ତଳନେ ଖଣ୍ଡେ ସାଇକେଲ ତ ଅଛି । 'ପ୍ୟାର କା ସାଗର' ଦେଖିବା ପାଇଁ ଜଣେକ ଅଧ୍ୟାପକ ସସ୍ତ୍ରୀକ ରହିଯାଇଛନ୍ତି- ସେମାନେ ଯିବେ । ନିଜ ପାଇଁ ସ୍ଥାନ ହେଲେ ନ ହେଲେ ଚଳେ । ନିର୍ବିଘ୍ନରେ ନିରାପଦରେ କୌଣସିମତେ ବାସ୍‌ଟାକୁ ସହରରେ ପହୁଞ୍ଚାଇ ପାରିଲେ ମୁଣ୍ଡର ବୋଝ ଖସିବ । ଏତେ ଲୋକଙ୍କ ଦାୟିତ୍ୱ ନେବା ଉଚିତ ନଥିଲା । ବଙ୍ଗଳା ଆଗ ପତାକା-ବେଦୀରେ ଛିଡ଼ା ହୋଇ ବୋଝେଇ ତନଖି ତଦାରଖ କରୁଛନ୍ତି । ତିନି ଗୋଡ଼ିଆ କୁକୁରୀଟାଏ ତାଙ୍କ ପାଖେ ପାଖେ ଘୂରି ବୁଲୁଛି । ସେ ବି ଯିବ । ରାଓ ବାବୁ ପ୍ରଫେସରଙ୍କ 'ଅହଲ୍ୟା' । ତାକୁ କିଏ ନେଇ ଆସିଛି ଖେଳରେ ।

"ସାର୍ !" ବାଆଁ ପଟୁ ଅସ୍ପଷ୍ଟ ଗଳାସ୍ୱର । ଦିନଯାକ କେତେକେତେ ପିଲାଙ୍କ 'ସାର' 'ସାର୍' ଡାକ ଶୁଣି କାନ ବଧିର ହୋଇଯାଇଛି । ଏ କ୍ଷୀଣ ଡାକ ପ୍ରତି ଆଦୌ ଅବହିତ ହେଲେ ନାହିଁ । ତାଙ୍କର ଏକାଗ୍ର ଦୃଷ୍ଟି ରହିଛି କେତେ ଗଲେ- କେତେ ରହିଲେ- କେତେ ଉଠିଲା- ବାକିତକ ଯାଇପାରିବ କି ନାହିଁ ।

"ସାର୍ !" ପୁଣି ସେଇ ଡାକ, ସେଇ କରୁଣ ସମ୍ବୋଧନ । ଏଥରର ଡାକ

Digitized by srujanika@gmail.com

ସ୍ପଷ୍ଟତର ଏବଂ ସଂକଳ୍ପବଦ୍ଧ । କାରୁଣ୍ୟ ଓ କାତରତାର ମାତ୍ରା ଅଧିକତର ।

"ଓହୋ ! କାହିଁକି ଏମିତି 'ସାର୍' 'ସାର୍' ହେଉଛ । କେଉଁଠି ଜାଗା ପାଉଛ ତ ବସିଯାଅ । ମୋତେ ଡାକିଲେ ମୁଁ କଣ କରିବି ?" ବିରକ୍ତିର ରୁକ୍ଷ ସ୍ୱରରେ ଜବାବ ଦେଇ ବାଆଁପଟକୁ ବୁଲି ଦେଖିଦେଲେ ଅସ୍ପଷ୍ଟ ଆଲୋକରେ ଛିଡ଼ା ନାରୀମୂର୍ତ୍ତିକୁ । ତାଙ୍କର କ୍ରୋଧାଗ୍ନି ଦ୍ୱିଗୁଣିତ ହେଲା । ସମସ୍ତ ଧୈର୍ଯ୍ୟ ହରାଇ ସେ ଭର୍ତ୍ସନା ଆରମ୍ଭ କରିଦେଲେ ।

"ତୁମେ ଫେର୍ ରହିଯାଇଛ ନା ? ସମସ୍ତଙ୍କ ପିକ୍‌ନିକ୍ ସରିଲା, ତୁମର ସରି ନାହିଁ ! ସିନେମା ଦେଖୁଥିଲ ନା କ'ଣ ? କେଉଁଠି ଥିଲ ଏଯାକେ ? ତୁମ ସାଙ୍ଗ ତ ସବୁ ପ୍ରଥମ ବାସ୍‌ରେ ଚାଲିଗଲେ । ତୁମର ମଉଜ ଏଯାକେ ସରିନାହିଁ ? କି ଆଶ୍ଚର୍ଯ୍ୟ ! କେଉଁ ଇଅରରେ ପଢ଼ ?"

ସମ୍ଭାଳି ନେଲେ ନିଜକୁ । ନ ହେଲେ ବୋଧହୁଏ କହିଥାଆନ୍ତେ, "ଏଇ ଝିଅ ଗୁଡ଼ାକ ସବୁ ଅନର୍ଥର ମୂଳ । ସମାଜରେ ଯେତିକି ସଂହତି ଓ ଶୃଙ୍ଖଳା ଆଣନ୍ତି ତାଠୁଁ ବେଶି ବିଭେଦ ଓ ବିଶୃଙ୍ଖଳା ଓ ମୁଣ୍ଡବ୍ୟଥା ସୃଷ୍ଟି କରନ୍ତି ଏଇମାନେ । ନିଜକୁ ରକ୍ଷା କରିବା ପାଇଁ ଯିଏ ପ୍ରସ୍ତୁତ ବା ଆଗ୍ରହୀ ନୁହେଁ ତାକୁ ରକ୍ଷା କରିବ କିଏ ? ମର ଯାଅ, ଯାହା କରିବ କର । ତୁମକୁ କେଉଁଠି ସ୍ଥାନ ଦେବି ?"

ସତକଥା । କିଏ ବିରକ୍ତ ନ ହେବ ? ପ୍ରଥମ ବାସ୍‌ଟି ଉଦ୍ଦିଷ୍ଟ ଥିଲା କେବଳ ଝିଅଙ୍କ ପାଇଁ । ଅଧକ୍ଷ, ଅଧ୍ୟାପକଗଣ ଓ ତଦୀୟ ପତ୍ନୀମାନଙ୍କ ପାଇଁ । ଜଣ ଜଣ କରି ସମସ୍ତଙ୍କୁ ତାଲିକା ମୁତାବକ ଗଣାଗୁଣ୍ଟା କରି, ଅଧଘଣ୍ଟାଏ କାଳ ମାଇକ ସାହାଯ୍ୟରେ ଡକାହକା କରି ସମସ୍ତଙ୍କୁ ପଠାଇ ଅସଲ ଚିନ୍ତାରୁ ମୁକ୍ତି ପାଇଛନ୍ତି । ଏ ଝିଅଟି କାହିଁକି କିମିତି ରହିଗଲା ?

ବୁଢ଼ା କେଉଟର ଛିଣ୍ଡା ଜାଲ ଓ ଘେର ଭିତରୁ ପଲକୁ ପଲ ଝିଲିମିଲିଆ ଟିକିଟିକି କୋକୋଲି ଡେଇଁ ବାହାରି ପଳାଇଲା ପରି ସେତେବେଳକୁ ଫଟା ଫଟା ମେଘ ଭିତରୁ ଜହ୍ନ ଆଲୁଅ ଗୁଡ଼ାକ ବାହାରୁଥାନ୍ତି । ଅଧ୍ୟାପକଙ୍କ ଭର୍ତ୍ସନା ସତ୍ତ୍ୱେ 'ସାର୍ ସାର୍' ଡାକୁଥିବା ପିଲାଟି ନୀରବରେ ଛିଡ଼ା ହୋଇଥାଏ । ଝିଅଟି ବି ସିମିତି ମୁଣ୍ଡପାତି ଛିଡ଼ା ହୋଇଥାଏ । ସେତେବେଳକୁ ଅନେକଙ୍କ ଦୃଷ୍ଟି ସେମାନଙ୍କ ଉପରେ ପଡ଼ିଲାଣି ।

ଅଧ୍ୟାପକ ସେ ପିଲାଟି ଓ ଝିଅଟିକି ଦେଖି ଚିହ୍ନି ପାରିଲେ ନାହିଁ ବା ତାଙ୍କ ପରିଚୟ ଜାଣିପାରିଲେ ନାହିଁ । ସବୁ ପିଲାଙ୍କୁ ତ ସେ ପଢ଼ାନ୍ତି ନାହିଁ ବା ପଲପଲ ଝିଅଙ୍କ ଭିତରୁ କେଉଁଟି କିଏ ତାଙ୍କ ଜାଣିବାରେ କି ଲାଭ ? ମୋଟାମୋଟି ସେ ଭାବିନେଲେ ଯେ ଏ ଦୁହିଁଙ୍କ ଉଦ୍ଦେଶ୍ୟ ଓ ପ୍ରକୃତି ମୋଟେ ଭଲ ନୁହେଁ । ଚୋର, ଚୋରଣୀଙ୍କ ପରି ଦିଶୁଛନ୍ତି । ଅନ୍ଧକାର ବେଳାଭୂମି, ନିର୍ଜନ ଦିଗନ୍ତବିସ୍ତାରୀ ଝାଉଁବଣ, ଅନ୍ୟମାନଙ୍କର କର୍ମତତ୍ପରତା ଏମାନଙ୍କୁ ରୋମାନ୍‌ସ ପାଇଁ ଅନୁକୂଳ ସୁବିଧା ସୁଯୋଗ ଓ ପରିବେଶ ଯୋଗାଇଛି । ପୂର୍ବ ବାସ୍‌ରେ ସ୍ଥାନ ନ ମିଳିବାରୁ ନିଶ୍ଚୟ ଗୋଟେ ଆଳ କରି ବସିବେ । ହଅ, ମରନ୍ତୁ ଯିଏ

Digitized by srujanika@gmail.com

ମରିବେ, ବୁଲାଇବାକୁ ଆଣିଛି ବୋଲି ସବୁବେଳେ ତାଙ୍କ ପାଖେ ପାଖେ ଜଗି ରହିଥିବି ? ରାଗରେ ଥମଥମ ହୋଇ କିଛି ନ କହି ପୁଣି ବାସ୍ ଆଡ଼କୁ ଚାହିଁଲେ ।

ସେତେବେଳକୁ କେତେଜଣ ପିଲା ନିଜ ନିଜ ସାଇକେଲ ବାସ୍ ଉପରକୁ ଉଠାଇବା ଚେଷ୍ଟାରେ ଥାଆନ୍ତି । ଆସିବା ବେଳର ଦମ୍ ଉତ୍ସାହ ତାଙ୍କର ଶୀତଳ ହୋଇଯାଇଛି । ପଥଶ୍ରମ ନକରି କିପରି ସାଇକେଲ ଓ ନିଜେ ବାସ୍‌ରେ ଯିବେ ସେ ଚେଷ୍ଟାରେ ଅଛନ୍ତି । 'ପ୍ୟାର କା ସାଗର' ର ଅଧ୍ୟାପକଟି ବି ଚଞ୍ଚଳ ବ୍ୟତିବ୍ୟସ୍ତ ହେଲେଣି; ଯଦିଓ ତାଙ୍କ ପାଇଁ ସ୍ଥାନ ସଂରକ୍ଷିତ । ଅପରିହାର୍ଯ୍ୟ ବିଳମ୍ବକୁ ସହିବା ଅବସ୍ଥାରେ ସେମାନେ ନାହାନ୍ତି, ଘର ଡାକୁ ଡାକିଲାଣି । ପିଲାପିଲି ଘରେ ଛାଡ଼ି ଆସିଥିବେ ଅବା । କ୍ରମେ ସବୁ ଜିନିଷପତ୍ର ଉଠିବା ଉପରେ ।

'ସାର୍' । ପୁଣି ସେଇ ଡାକ ।

"ଯାକୁଇ କହନ୍ତି ମାଡ଼ଖିଆ କଥା !" କହିଲେ ନାହିଁ; କିନ୍ତୁ ପିଲାଟି ଆଡ଼କୁ ଚାହିଁଲେ କଡ଼ା ଚାହାଣୀରେ ।

ଝିଅଟି ଆଡ଼କୁ ହାତ ଦେଖାଇ ଯୁବକଟି କହିଲା "ସାର୍ ଇଏ କଲେଜରେ ପଢ଼ନ୍ତି ନାହିଁ । ସେ କଲେଜ ଛାତ୍ରୀ ନୁହନ୍ତି ।"

ଅପ୍ରତ୍ୟାଶିତ ଏ ସମ୍ବାଦ । ଏ ନୂତନ ଜ୍ଞାନୋଦୟ ପାଇଁ ଅଧ୍ୟାପକଙ୍କ ମାନସପଟ ପ୍ରସ୍ତୁତ ନଥିଲା ଯିମିତି । ଯନ୍ତ୍ରଚାଳିତ ପରି ପ୍ରତିକ୍ରିୟାରେ ଗର୍ଜି ଉଠିଲେ, "ତୁମେ ତେବେ କିଏ ? ତାଙ୍କ ପାଇଁ ତୁମେ ଏତେ ବ୍ୟସ୍ତ କାହିଁକି ?" ତାଙ୍କ ପାଇଁ ତୁମର ଦରଦ ବଳି ପଡୁଛି କାହିଁକି ? ଟିକିଏ ସୀମା ଟପିଯାଇ ଅଧ୍ୟାପକ ଏ କଥାଗୁଡ଼ାକ କହିଲେ । ତାଙ୍କ ପ୍ରାଣର ବଦ୍ଧମୂଳ ଧାରଣା ଥିଲା ଯେ ଝିଅଟି କଲେଜ ଛାତ୍ରୀ ଓ ତା' ପାଇଁ ନିବେଦନ କରୁଥିଲା ପିଲାଟି ତା'ର ସଙ୍ଗୀ ସହପାଠୀ, ହୁଏତ ପ୍ରେମିକ ।

"ମୁଁ ବି କଲେଜ ଛାତ୍ର ନୁହେଁ, ସାର୍ ।"

ଅଧ୍ୟାପକ ସେଇ ମୁହୂର୍ତ୍ତରେ ଆଶ୍ୱସ୍ତିର ନିଃଶ୍ୱାସ ଛାଡ଼ିଲେ । ରକ୍ଷା, ଦୁହିଁଙ୍କଯାକର କଲେଜ ସହିତ କୌଣସି ସଂପର୍କ ନାହିଁ । ବଦନାମରୁ ରକ୍ଷା ମିଳିଗଲା ।

ପଚାରିଗଲେ ପ୍ରଶ୍ନ ପରେ ପରେ ଉଶ୍ୱାସ ହୃଦୟରେ । "କାହିଁକି ଆସିଥିଲ ? କିମିତି ଆସିଥିଲ ? ଫେରିବାର ମନେମନେ କ'ଣ ବନ୍ଦୋବସ୍ତ କରିଥିଲ ? ଆମେ ଆସିବୁ ବୋଲି ତୁମକୁ କ'ଣ ନୋଟିସ ଦେଇଥିଲୁ ? କି ମୁଷ୍କିଲ ! ଦୁନିଆଁଯାକର ଯେତେ ଲୋକ ଚାନ୍ଦିପୁର ଆସିବେ ସମସ୍ତଙ୍କୁ ଫେରାଇ ନେବା ଦାୟିତ୍ୱ କ'ଣ ମୋର ?"

ଯୁବକଟି ଦମ୍ଭ ବାନ୍ଧି ଉତ୍ତର ଦେଲା, "ସାର୍ ! ଆମେ ଦୁହେଁଯାକ ଦିନବେଳେ ଏଠାକୁ ଆସିଥିଲୁ । ବୁଲିବାକୁ ରିକ୍ସାରେ । ରିକ୍ସାବାଲା, ଏଇଠି ପାଖରେ ଘର, ସଞ୍ଜବେଳକୁ ଆସିବ କହି ଆସିଲାନି । ଆମଠୁ ଫେରିବାର ବି ଭଡ଼ା ନେଇଛି । ଅଜଣା ଜାଗା ଅଜଣା ଲୋକ; କ'ଣ କରିବୁ ? ଦୟାକରି... ।"

Digitized by srujanika@gmail.com

''ବଙ୍ଗଳାରେ ରାତି କଟାଇ ଦିଅ, ସକାଳୁ ଗୋଟାଏ ବାସ୍ ଅଛି ସେଥିରେ ଚାଲିଯିବ ।''

''ସାର୍ ?''

''ଆଉ 'ସାର୍' 'ସାର୍' ଭଳ ନାହିଁ । ଆମ ବାସରେ ଜଣକ ପାଇଁ ବି ଜାଗା ହବନି । ନିଜ ଆଖିରେ ତ ଅବସ୍ଥା ଦେଖୁଛ । ଯେଉଁମାନେ ପଇସା ଖରଚ କରି ଆସିଛନ୍ତି ସେମାନେ ଯିବେ ନାହିଁ, ତୁମେ ଯିବ ! ବଙ୍ଗଳାକୁ ଯାଅ ।''

''ବଙ୍ଗଳାରେ ରହିବା ପାଇଁ ଆମ ପାଖରେ ପଇସାପତ୍ର କିଛି ନାହିଁ । ଆମେ ସାଙ୍ଗ ସାଙ୍ଗେ ଫେରିଯିବୁ ବୋଲି ଭାବିଥିଲୁଁ । ଯାହା କିଛି ଥିଲା ବଙ୍ଗଳାରେ ଚା' ଜଳଖିଆରେ ସରିଗଲା । ମୋଟେ କିଛି ନାହିଁ ଆମ ପାଖରେ ।''

କିଛି କହିଲେ ନାହିଁ ଅଧାପକ । ଯେଝା ଜାଗା ଧରି ବସିବାରୁ ହେଉ ବା ସଳଖି ବସିବାରୁ ହେଉ ହଠାତ୍ ବାସ୍‌ର ଝରକା ଦେଇ ହାବୁକାଏ ଆଲୋକ ଏକାବେଳେ ଯାଇ ଅଚାଡ଼ି ପଡ଼ିଗଲା ସେଇ ଝିଅଟି ଉପରେ । ଅନନ୍ୟ ସାଧାରଣ ସୁନ୍ଦରୀଟିଏ, କେରାଏ ଦି କେରା ଚୂଳ ଅସ୍ତବ୍ୟସ୍ତ ହୋଇ ଗାଲର ଏପାଖ ସେପାଖ ହେଉଚି । ମୁହଁଟି ବହୁଦିନ ଧରି ବୁରୁଖା ଭିତରେ ଲୁଚିଥିଲା ଯିମିତି । ସୂର୍ଯ୍ୟକିରଣ ଯିମିତି ମୁହଁଟି ପାଇଯାଇଛି ସିମିତି ବହୁଦିନର ଅଚୁମ୍ବିତ ଗାଲଗୁଡ଼ାକୁ ଦିନଯାକ ଏତେ ଚୁମି ଯାଇଛି ଯେ ଚୁମ୍ବନର ଆର୍ଦ୍ରତା ଓ ଚିହ୍ନ ଏ ପର୍ଯ୍ୟନ୍ତ ରହିଯାଇଛି । ଆଲୁଅକୁ ଅନଭ୍ୟସ୍ତ ଆଖି ମାଇ ହରିଣର ଆଖି ପରି ତରକୁଳା, ତରକମରକ, ଢଳଢଳ । ଚୁମ୍ବକ ଶାଣିତ ପରି ଅନ୍ୟର ଆଖିକୁ ଓଟାରି ରଖେ । କିନ୍ତୁ ବିପରୀତ ରୂପ ତା' ପାଖରେ ଛିଡ଼ା ହୋଇଥିବା ପିଲାଟାର । ସିନେମା ଛକ ପାନ ଦୋକାନ ଆଗରେ ଟିକଟର କଳାବଜାର କରୁଥିବା ନଳୀପେଣ୍ଟ ପିନ୍ଧା ଗାରେ ନିଶ ରଖିଥିବା ଛତରା ଅନ୍ଧାରୁଆ ଚରିତ୍ରର ଚେହେରା ତା'ର ।

ଠିକ୍ ଶାସ୍ତି ହୋଇଛି । ଚେହେରାରୁ ଜଣାପଡୁଛି, ଏ ଦୁହିଁଙ୍କ ''ମତଲବ ଆଦୌ ଭଲ ନୁହେଁ ।''

ମନେମନେ ଅଧାପକଟି ଏଇକଥା ଭାବୁଥିଲା ବେଳେ ଯୁବକଟି ତାଙ୍କ ନୀରବତାରେ ଆଶାର ସୂଚନା ପାଇ ପୁଣି କହିଲା, ''ସାର୍, ଏଇ ସାନ ଝିଅଟିକୁ ବି ଆମେ ଆଣିଥିଲୁ, ବଙ୍ଗଳା ପିଣ୍ଡାରେ ଶୋଇ ପଡ଼ିଥିଲା, ଏବେ ଉଠି ବହୁତ କାନ୍ଦୁଛି, ତାକୁ ଭୋକ କରୁଛି । ଯୋଡ଼ାଏ ନ ହେଲେ ଗୋଟାଏ ସିଟ୍ ଦେଲେ ଆମେ ଜାକିଜୁକି ହୋଇ ଯିମିତି ହେଉ ଚାଲିଯିବୁ ।''

ସମସ୍ୟା ଓ ରହସ୍ୟ ଜଟିଳତର ହେଲା ଏତିକିରେ । ତରୁଣ ତରୁଣୀଙ୍କ ସଂପର୍କ କ'ଣ ? ଯେବେ ସେମାନେ ସ୍ୱାମୀ ସ୍ତ୍ରୀ ତେବେ ଦୁହିଁଙ୍କ ବୟସ ଓ ଚେହେରା ଦୃଷ୍ଟିରୁ ପାଞ୍ଚ ଛଅ ବର୍ଷର ଝିଅ ଏମାନଙ୍କର ଆଇ ନପାରେ । ତା'ଛଡ଼ା ଝିଅଟି ପାଖରେ ସେ ଦୁହିଁଙ୍କ ଚେହେରାର କିଛି ସାମଞ୍ଜସ୍ୟ ନାହିଁ । ପୁଣି ଝିଅ ହୋଇଥିଲେ ତ ମାଆ ପାଖରେ ରାତିରେ

Digitized by srujanika@gmail.com

ସୁବବେଳେ ଲାଗି ରହୁଥାନ୍ତା । ଅନେକ ସମୟରେ ସଚରାଚର ଦେଖାଯାଏ ପିଲାଟାଏ ସାଙ୍ଗରେ ଧରି ଚଲାବୁଲା କରିବା ଦୁଷ୍ଟ ପ୍ରେମିକ ପ୍ରେମିକାଙ୍କ ରୀତି, ଫିକ୍‌କର । ଅପରିଚିତ ସଂଖ୍ୟାଗରିଷ୍ଠ ଦୁନିଆଁର ଅନୁକମ୍ପା ଓ ବିବେଚନା ଉପରେ ସନ୍ଦିହାନ ହୋଇ ଟୋକାଟି ଯିମିତି ବ୍ୟବହାର ଦେଖାଇଥାଏ ସେଥିରେ ତା' ଭାବଭଙ୍ଗୀ ସନ୍ଦେହଜନକ ହେଉଥାଏ ।

ଅଧ୍ୟାପକଟି ଦୁର୍ଭେଦ୍ୟ ଗୋଲକଧନ୍ଦାରେ ପଡ଼ି ରାଖାଲ ଉପରେ ମନର ସମସ୍ତ ବିରକ୍ତି ଓ ଅପାରଗତା ଅଡାଡ଼ି ଦେଲେ କ୍ରୋଧରେ । ତରୁଣୀଟିର ଅପାର୍ଥିବ ସୌନ୍ଦର୍ଯ୍ୟ ସମସ୍ତଙ୍କୁ ଜାବୁଡ଼ି ଧରିଥାଏ । ରାଖାଲ ପିଲାଟି କିନ୍ତୁ ଝାଉଁବଣର କେଉଁ ନିଭୃତ କୋଣରେ ବସି ମାଇକ୍‌ରେ ଗୀତ ପରେ ଗୀତ ଗାଇ ଚାଲିଥିଲା । ତନ୍ମୟ ସେ । ଜୀବନର ଶେଷ ସଙ୍ଗୀତ ସେ ଗାଇଦେବ ଏଇଠି ଯିମିତି ! ସେ ନିଜେ ଗାୟକ, ଶ୍ରୋତା; ଅନ୍ୟ କାହା ରୁଚିର ଅପେକ୍ଷା କରେ ନାହିଁ । ଯିମିତି ସେ 'ସାର୍'ଙ୍କ ଚିତ୍କାର ଶୁଣିଛି ସିମିତି ସେ ମାଇକ୍ ଓ ବେଟାରି ସେଟ୍ ଧରି ପହୁଞ୍ଚିଗଲା ଏବଂ ଭିତରେ କେଉଁଠି ଛିଡ଼ା ହୋଇଗଲା । ମାଲମତା ସବୁ ବୋଝେଇ ସରିଛି । ବାକି କେତେଜଣ ଯାତ୍ରୀ ଚଢ଼ିଲେ ବାସ୍ ଚାଲିବ ।

"ଆମେ ଏମିତି ବୋଝେଇ ଗାଡ଼ି ନେଇପାରିବୁ ନାହିଁ । ଆମର ତ ଫେର୍ ରେସ୍‌ପନ୍‌ସିବିଲିଟି ଦାୟିତ୍ୱ ଅଛି ।" କଣ୍ଡକ୍ଟର କହିଲା ।

"ପୋଲିସ ଦୁଇଥର ଏସୋସିଏସନକୁ ଫୋନ୍ କରିଥିଲା ବୋଲି ଶୁଣିଲି । ଓଭରଲୋଡ଼ିଂ କେସ୍ କରିଦବ ।" କ୍ଲିନର ଇନ୍ଧନ ଦେଲା ।

ଡ୍ରାଇଭର ନିଷ୍ପତ୍ତିମୂଳକ ଗଳାରେ କହିଲା, "ମୁଁ ଗାଡ଼ି ନେବି ନାହିଁ । ଏକ୍‌ସିଡେଣ୍ଟ କ'ଣ କମ୍ ହଉଛି ? ଏତେ ରିସ୍କ ନବ କିଏ ? ଆଜି ସକାଳ କାଗଜରେ ବାହାରିଛି, ରେଳଛାତ ଉପରେ ବସିଯାଇଥିଲେ, ପୋଲ ଭିତରେ ଗାଡ଼ି ଗଲାବେଳେ ୪୪ ଜଣ ଠାଏଁ ମରିଗଲେ । ବେଶି ଲୋଡ଼ିଂ ହେଲେ ଟାୟାର ଜଳିଯିବ । ଗୋଟେ ଗୋଟେ ଟାୟାର ଦାମ୍ ସାତଶ' ଟଙ୍କା ।"

ତ୍ରିମୂର୍ତ୍ତି ବିଡ଼ି ସିଗାରେଟ ଲଗାଇ ଗୋଡ଼କୁ ଗୋଡ଼ ଛନ୍ଦି ତ୍ରିଭଙ୍ଗୀ ଠାଣିରେ ଛିଡ଼ା ହୋଇ ରହିଲେ ।

ତେମୁହାଣିର ସମୁଦ୍ର ଗର୍ଜନ ଭିତରେ ଛୋଟ ନଈଟିଏ କୁଳୁକୁଳୁ ନିନାଦରେ ପଶିଲାପରି ନାରୀ ସୃଷ୍ଟିର ସମସ୍ତ ନୈସର୍ଗିକତା, ବୈଚିତ୍ର୍ୟ ଓ ଲାବଣ୍ୟ ନେଇ ସେମାନଙ୍କର ରୁକ୍ଷ ଆସ୍ଫାଳନ ଭିତରକୁ ପ୍ରବେଶ କଲା ତରୁଣୀଟିର ବିନମ୍ର କରୁଣ କଣ୍ଠସ୍ୱର । ପାଦେ ଦୁଇପାଦ ଅଧ୍ୟାପକଙ୍କ ଆଡ଼କୁ ଆଗେଇ ସେ କହିଲା "ସାର୍ ! ଆମକୁ ସାଙ୍ଗରେ ନେଇ ଯାଆନ୍ତୁ । ଆପଣଙ୍କ ଦୟାମାୟା ଅଛି । ନିଜର ଝୁଅପିଲା ନାତିନାତୁଣୀ ଥିବେ । ଆମକୁ ଆପଣଙ୍କ ନିଜର ପୁଅଝିଅ ଭାବି ନେଇଯାଆନ୍ତୁ । ଏଠାକୁ ଆସି ଆମେ ଭୁଲ କରିଛୁ । ରିକ୍ସାବାଲା ଆମକୁ ତଣ୍ଡରେ ପକାଇ ଦେଲା । ଆମର ସିଟ୍ ଦରକାର ନାହିଁ, ସମସ୍ତଙ୍କ ସାଙ୍ଗରେ ଜାକିଭିଡ଼ି ହୋଇ ଚାଲିଯିବୁ । ଝିଅଟା ଅଛି, ନ ହେଲେ ଏଇଠି ପଦାରେ ପଡ଼ି

Digitized by srujanika@gmail.com

ରାତି କଟାଇ ଦିଅନ୍ତି । ଅଚଳା ଜାଗା । ତା'ଛଡ଼ା ଯାଙ୍କର ଆଜି ଗାଡ଼ିରେ ପୁରୀ ଯିବାର ଅଛି ।''

ଏତେଗୁଡ଼ାଏ କଥା ଝିଅଟି ଜୀବନରେ ବୋଧହୁଏ କହି ନଥିବ । ଅଜଣା ଅପରିଚିତଙ୍କ ସହିତ କଥାବାର୍ତ୍ତା କରିବା ଯିମିତି ତାର ନୀତି ଓ ପ୍ରକୃତି ବିରୁଦ୍ଧ । ଆପଦ ବିପଦରେ ପଡ଼ି ଲଜ୍ଜା ସଙ୍କୋଚ ଫୋପାଡ଼ି ଦେଇ ଖଣି ପଥର ତରଳାଇବାକୁ ସେ ବାହାରିଛି । ପରୀକ୍ଷା ଦେଇସାରି ଉତ୍କଣ୍ଠାରେ ଅଧ୍ୟାପକଙ୍କ ମୁହଁର ନୋଟିସ ବୋର୍ଡ଼ରେ ଫଳାଫଳ ଖୋଜିବାରେ ଲାଗିଛି !

'ଛୁଆପିଲା' 'ପୁଅଝିଅ' 'ନାତିନାତୁଣୀ' ଗୋଟାଏ ଗୋଟାଏ ଚାବିକାଠି ପରି ଅଧ୍ୟାପକଙ୍କ ଆଇରନ ଚେଷ୍ଟର ଗୋଟି ଗୋଟି ଦୁଆର ଫଟାଇ ଦେଲା ଯିମିତି । ତରଳିଯିବା ଗଳାରେ ସେ କହିଲେ, ''ଆଚ୍ଛା, ଆଚ୍ଛା, ବ୍ୟସ୍ତ ହୁଅ ନାହିଁ, ଦେଖେ କ'ଣ କରାଯାଇପାରେ । ଯେଉଁମାନେ ଆସିଛନ୍ତି ତାଙ୍କୁ ବାଦଦେଇ ତୁମକୁ ନେବା କ'ଣ ଉଚିତ ହବ ? ତୁମ ଘର କେଉଁଠି ?''

ଶେଷ ପ୍ରଶ୍ନଟା ପଛରେ ଆନ୍ତରିକତା ନାହିଁ । ମାମୁଲି ଖାମଖିଆଲି ପ୍ରଶ୍ନ; ବରଂ ତାଙ୍କ ହୃଦୟ ପରିବର୍ତ୍ତନରେ ଇଙ୍ଗିତ ବା ସୂଚନା ସେଥିରୁ ମିଳିପାରେ । ସେ ପ୍ରଶ୍ନର ଉତ୍ତର ସେ ଦରକାର କରୁ ନଥିଲେ । ଦୟା ଦେଖାଇବାକୁ ଯାଇ ଘରଦ୍ୱାର, ପିତାଙ୍କ ନାମ, ବାସସ୍ଥାନ, ଜାତି ବିଷୟରେ ପଚରାଉଚରାରେ ଲାଭ କ'ଣ ? ନେବାକୁ ତ ସେ ପ୍ରାୟ ନିଷ୍ପତ୍ତି କରିସାରିଲେଣି ।

ଗାର ଥରେ ଡେଇଁସାରି ଆଉ ପଛଘୁଞ୍ଚା କାହିଁକି ? ତା' ଛଡ଼ା ଅଧ୍ୟାପକଙ୍କ ମନୋଭାବର ପରିବର୍ତ୍ତନରେ ଉତ୍ସାହିତ ହୋଇ ତରୁଣୀଟି କହିଲା, ମୋ ଘର ଏଇ ବାଲେଶ୍ୱରରେ, ଟାଉନରେ ମୋ ଘର । ଡ୍ରାଇଭର ତ ଆମ ସାହିର । ମୁଁ ତାଙ୍କୁ ଚିହ୍ନେ ।

ଗୋଟାଏ ସୁଇଚ୍ ଚିପିଲେ ବିବାହ ଭୋଜୀ ଉତ୍ସବରେ ଯିମିତି ଗୁଡ଼ାଏ ଫ୍ଲୋରୋସେଣ୍ଟ ବତୀ ଏକାବେଳେ ଜଳିଉଠେ ସିମିତି ତାର ଏଇ ଶେଷ ପଦକ କଥା ଡ୍ରାଇଭର, କ୍ଲିନର, ସାଇକେଲ ଚଢ଼ାଳୀ ପିଲା, ଏପରିକି ସପତ୍ନୀକ ଅଧ୍ୟାପକ ସମସ୍ତଙ୍କ ରୋମାଣ୍ଟିକ ବତୀକୁ ଜଳାଇ ଦେଲା । ଘଟଣାକ୍ରମରେ ସମସ୍ତେ ଆଗ୍ରହୀ ହୋଇ ଉଠିଲେ ।

ଗାଡ଼ି ଭିତରେ ଥିବା ପିଲାଏ କହିଲେ, ''ହଁ ମ, ଯିମିତି ହେଉ ଗୁଞ୍ଜାଗୁଞ୍ଜି ହୋଇ ଚାଲିଯିବା । ସେମାନେ ଆସନ୍ତୁ । ସାର୍ ବି ତ ମନାକରୁ ନାହାନ୍ତି ।''

ସାଇକେଲ ପିଲାଏ କହିଲେ, ''ନ ହେଲେ ଆମେ ସାଇକେଲରେ ଚାଲିଯିବା । ଜହ୍ନ ତ ଆସିଲାଣି । କେତେ ମାଇଲ ବାଟ ଯେ । ସେମାନେ ଯାଆନ୍ତୁ । ଆମଠୁ ତାଙ୍କର ଦରକାର ବେଶି ।''

ସସ୍ତ୍ରୀକ ଅଧ୍ୟାପକଟି କହିଲେ ''ହଁ, ହଁ ଆସନ୍ତୁ, ଏକାଠି ଆମ ଯାଙ୍କ ସହିତ ବସି ଚାଲିଯିବେ ।''

Digitized by srujanika@gmail.com

ଅଧ୍ୟାପକ-ପତ୍ନୀଟି ଅନେକବେଳୁ କଣେଇ କଣେଇ ସ୍ୱାମୀଙ୍କ ମୁଖମଣ୍ଡଳରେ ରକ୍ତବାହୀ ଶିରା-ପ୍ରଶିରାର ଗତିବିଧି ନିରୀକ୍ଷଣ କରୁଥିଲେ- ବିଶେଷ କରି ସେ ଯେତେବେଳେ ତରୁଣୀଟି ଆଡ଼କୁ ଲୁଚାଚୋରାରେ ଚାହୁଁଥିଲେ । ସ୍ୱାମୀଙ୍କ ଶୁଣିବା ଭଳି ସ୍ୱରରେ ଦାନ୍ତ ଚିପି କହିଲେ, ''ହଁ, ହଁ, କାହିଁକି ଚାଲି ନ ଯିବେ ? କୋଡ଼ରେ ବସାଇ ତାଙ୍କୁ ନେଇଯିବା । ବୁଢ଼ା ହେଲଣି । ତଥାପି ଲଜ୍ଜା ନାହିଁ, ଯାହାକୁ ଇଚ୍ଛା ତାହାକୁ ପାଖରେ ବସାଇ ପିଲାଗୁଡ଼ାକ ସାଥିରେ ...କ'ଣ କହନ୍ତି ତୁମକୁ ।''

ବିଚରା ଅଧ୍ୟାପକଟି ! କାବୁ ହୋଇଗଲେ ଏଇଥିରେ । ପତ୍ନୀ ଯେ ସାକ୍ଷାତ ଆଦ୍ୟାଶକ୍ତି !

ତରୁଣୀଟି କଲେଜ ଝିଅ ନୁହେଁ, ଏହା ଜଣାପଡ଼ିବା ସାଙ୍ଗେ ସାଙ୍ଗେ ବେୱାରସି ମାଲ୍ ଉପରେ ନାନାଲୋକେ ଦାବୀପତ୍ର ପେଶ୍ କଲାପରି ଅନେକେ ନାନାଭାବରେ ତରୁଣୀକି ନିଜସ୍ୱ କରିବା ପ୍ରୟାସରେ ଥିଲେ । ଝିଅଟି ଯିମିତି କହିଛି ''ଡ୍ରାଇଭର ତ ଆମ ସାହିର, ମୁଁ ତାଙ୍କୁ ଜାଣେ'' ସିମିତି ଡ୍ରାଇଭର, କଣ୍ଡକ୍ଟର, କ୍ଲିନର ସମସ୍ତେ ସମଧିକ ଆଗ୍ରହୀ ହୋଇ ରିସ୍‌କ, ରେସ୍‌ପନସିବିଲିଟି ଭୁଲି ଗଲେ । ଡ୍ରାଇଭର ଭାବିଲା ତା'ର ଦାବୀ ସେ ଝିଅ ନିଜେ ନିଜେ ସାବ୍ୟସ୍ତ କରିଛି ନିଜ ମୁହଁରେ ।

ଅସ୍ତିବ୍ୟସ୍ତ ଟେକା ବାହୁକୁ ପ୍ରଦର୍ଶନ କରି ଡ୍ରାଇଭର ସଦର୍ପେ ଅଗ୍ରସର ହୋଇ ଝିଅଟିକି ପଚାରିଲା, ''ଟାଉନରେ ? ମୋତିଗଞ୍ଜ, ଷ୍ଟେସନ ବଜାର, ଅରଡ଼ବଜାର, ଗୋପାଳଗାଁ ? ଟାଉନର ମୁଁ ଗଳି, ଅନ୍ଦିସନ୍ଦି ସବୁ ଜାଣେ । ସମସ୍ତଙ୍କୁ ଚିହ୍ନେ, କାହା ଘରେ ?''

''ନୂଆବଜାର, ଆବିଦ୍ ଆଲିଙ୍କ ଘର'' ତରୁଣୀଟି ନିଃସଙ୍କୋଚରେ ଉତ୍ତର ଦେଲା ।

''ତାଙ୍କ ଝିଅ ? ନାଆଁ ?''

''ୱାହିଦା ।''

''ହୋଇଥିବ । ମୁଁ ସାନବେଳେ ତୁମକୁ ଦେଖିଥିବି । ଚେହେରା ବହୁତ ବଦଳ ହୋଇଯାଇଛି ତ । ତୁମ ଡାକ ନାଁ ନୁରଜାହାନ୍ ଥିଲା ନା ?''

''ମୁଁ ଜାଣେ ନାହିଁ ।'' ରୋକ୍‌ଠୋକ୍ ଉତ୍ତର ।

''ହଉ ଯିବା ଏଥର । ଗାଡ଼ି ତ ନୂଆବଜାର ଦେଇଯିବ । ସେଇଠି ତୁମକୁ ଓହ୍ଲାଇ ଦେବା । ଆଗରୁ ପରିଚୟଟା ଦେଉ ନଥିଲ, ସେଥିପାଇଁ ତ ଏତେ କଥା । ଆସନ୍ତୁ ଆଜ୍ଞା, ଏଥର ଯିବା । ଏଗାର ବାଜିବା ଉପରେ ।''

ସବୁ ଠିକ୍‌ଠାକ୍ । ନିଷ୍ପତ୍ତି ହେଲା ସେମାନେ ତିନିହେଁ ଯିବେ । ସତକୁ ସତ ସାଇକେଲବାଲାଏ କିଛି କନ୍ଦଳ ନକରି ଭଲ ପିଲାପରି ଓହ୍ଲାଇଗଲେ ଏବଂ ଘଣ୍ଟି ଟିଂ ଟିଂ କରିଗଲେ । ସାନ ଝିଅଟି ଠିଆ ହୋଇ ଢୁଲାଉଥିଲା, ତରୁଣୀଟି 'ଆ' ବୋଲି ଡାକନ୍ତେ ଚମକି ପଡ଼ି ଗାଡ଼ିଆଡ଼କୁ ଗଲା । ଡ୍ରାଇଭର, କଣ୍ଡକ୍ଟର ଓ କ୍ଲିନର ବିଡ଼ି ସିଗାରେଟ୍ ଶେଷଥର ପାଇଁ ଧୂଆଁ ଟାଣି ନେଇ ଖଣ୍ଡିଆ ଫୋପାଡ଼ି ଦେଇ ଚଢ଼ିଗଲେ । କେବଳ ତିନିଗୋଡ଼ିଆ

Digitized by srujanika@gmail.com

'ଅହଲ୍ୟା' କଇଁ କଇଁ ହୋଇ ଗାଡ଼ିରେ ପ୍ରବେଶ ପଥ ଲୋଡୁଥାଏ । ତା' କଥା କାହାରି ମନେଥିଲା ପରି ଜଣାଯାଉ ନଥାଏ ।

ଆଗନ୍ତୁକା ତରୁଣୀଟି ସାନଝିଅଟି ସହିତ ବସିଲେ ଅଧ୍ୟାପକ ପତ୍ନୀଙ୍କ ପାଖରେ । ତାଙ୍କ ଆଗକୁ ଅଧ୍ୟାପକ ସ୍ୱାମୀ । ଡ୍ରାଇଭରର ବାଁ ପାଖରେ ଦଳପତି ଅଧ୍ୟାପକଟି । ତାଙ୍କ ପଛରେ ଆଗନ୍ତୁକ ଯୁବକଟି ଗୁଞ୍ଜିଗାଞ୍ଜି ହୋଇ ଛିଡ଼ା ହୋଇଥାଏ ।

ହର୍ଣ୍ଣ ବାଜିଲା । ଗାଡ଼ି ଷ୍ଟାର୍ଟ ନେଉଛି ।

ଆଗନ୍ତୁକାଙ୍କ ସାନ୍ନିଧ ଅଧ୍ୟାପକ ପତ୍ନୀଙ୍କୁ ବିବ୍ରତ ଓ ଅତିଷ୍ଠ କରିଛି । ଘୃଣା ଓ ଈର୍ଷାରେ ଜର୍ଜରିତା ସେ । ରୂପରାଜ୍ୟରେ ମାଆ ଝିଅ ଭିତରେ ତ ଦ୍ୱନ୍ଦ୍ୱ ପ୍ରତିଯୋଗିତା ଚାଲେ, ଅପରିଚିତା ଆଗନ୍ତୁକାଙ୍କ ମଧ୍ୟରେ ତୀବ୍ରତର ସେ ହିଂସା । ସର୍ବସାଧାରଣ ଆଗରେ ଅପମାନିତ ଯଦି କରିପାରନ୍ତି ସେଇ ଲକ୍ଷ୍ୟ ରଖି ସେ ପଚାରିଲେ, "ତୁମ ସାଙ୍ଗରେ ଏଇ ଯେଉଁ ଟୋକାଟି ଆସିଛନ୍ତି ସେ ତୁମର କ'ଣ ହୁଅନ୍ତି ? ଏ ଝିଅଟି ବା ତୁମର କ'ଣ ହୁଏ ? ତୁମ ସାଙ୍ଗ ଲୋକଙ୍କ ଘର ବି କ'ଣ ବାଲେଶ୍ୱରରେ ?"

କେଉଁ ଉଦ୍ଦେଶ୍ୟ ରଖି ଏ ସବୁ ପ୍ରଶ୍ନ ପଚରାଯାଇଛି ସେଥିପ୍ରତି ଖାତିର ନ କରି ତରୁଣୀଟି କହିଗଲା, "ସେ ଆମ ଲୋକ, ଏ ଝିଅ ବି ଆମର । ତାଙ୍କ ଘର କଟକରେ, ଆଜି ରାତି ଗାଡ଼ିରେ ସେ ଫେରିଯିବେ । ପୁରୀରେ ଜରୁରୀ କାମ ଅଛି । ସେଇଥିପାଇଁ ତ ଏତେ କଥା । ଆଜି ସକାଳେ ଆସିଥିଲେ ।"

ସବୁ ପ୍ରଶ୍ନର ଉତ୍ତର ଯିମିତି ଅଧ୍ୟାପକ ପତ୍ନୀଟି ପାଇଗଲେ । ସେ ରହିରହି ଧୀରେ କହିଗଲେ, "ଘର କଟକ, ଆଜି ସକାଳେ ଆସିଥିଲେ, ପୁଣି ରାତିରେ ଫେରିଯିବେ, ପୁରୀକୁ..."

ଠିକ୍ ସେତିକି ବେଳେ ଡ୍ରାଇଭର ପଛକୁ ଚାହିଁ ଯୁବକଟିକୁ ହାକିମାତି ଗଳାରେ ପଚାରିଲା "ବାବୁ ଆପଣଙ୍କ ନାଆଁ ?"

ଯୁବକଟି ଉତ୍ତର ଦେଲା 'ଶ୍ୟାମସୁଦ୍ଦିନ ଅହମ୍ମଦ ।'

ବାସ୍‌ର କେଉଁ ଏକ କୋଣରୁ ପାପ-ସୂଚନା ନେଇ ପରିହାସ ଛଳରେ ବା ଅଭିପ୍ରାୟ-ହୀନ ମାରାତ୍ମକ ବିଦ୍ୱେଷରେ ବଶବର୍ତ୍ତୀ ହୋଇ ମୁହଁକୁ ଲୁଚାଇ ଚାପା ଗଳାରେ ସଇତାନ୍ ମନ୍ତବ୍ୟ କଲା "ଏମାନେ ବାଉଁଶଗଳିର ନୁହନ୍ତି ତ ?"

ସଦ୍‌ଭାବ ଓ ସଂପ୍ରୀତି ଉପରେ ନାଆଁକୁ ସୁପ୍ରତିଷ୍ଠିତ ବହୁ ଧର୍ମାବଲମ୍ବୀ ଏକ ଧର୍ମ-ନିରପେକ୍ଷ ରାଷ୍ଟ୍ରରେ ଅଚାନକ ଭାବରେ ସାଂପ୍ରଦାୟିକ ବୋମା ଫୁଟିଲେ ଯେପରି ଦେଶର ମୂଳଭିତ୍ତି ଦୋହଲିଯାଏ ସିମିତି ଏଇ ପଦକ କଥାରେ ବାସରେ ଭୂମିକମ୍ପ ହୋଇଗଲା ଏବଂ ଅଜଣା ଭୟ ଆଶଙ୍କା, ଘୃଣା ଓ ସନ୍ଦେହର ଧୂଆଁରେ ବାୟୁମଣ୍ଡଳ ଦୂଷିତ ହୋଇଗଲା ।

ତତ୍ତ୍ୱାବଧାରକ ଅଧ୍ୟାପକଟି ଚମକି ପଡ଼ିଲେ । ତାଙ୍କୁ ଜଣାପଡ଼ିଲା ବାସ୍‌ର ସମସ୍ତେ ଯେପରି କହୁଛନ୍ତି ଏ ତିନିହେଁ ଅବାଞ୍ଛିତ ବ୍ୟକ୍ତି । ଏମାନଙ୍କୁ ନେବା ଅର୍ଥ ବିପଦ ବରଣ

Digitized by srujanika@gmail.com

କରିବା ।

ଅଧ୍ୟାପକ ତୁରନ୍ତ ଗାଡ଼ିର ଷ୍ଟାର୍ଟ ବନ୍ଦ କରିବା ପାଇଁ କହିଲେ ଏବଂ ତଳକୁ ଓହ୍ଲାଇ ଆସି କହିଲେ, "ସେ ଭଦ୍ରଲୋକ ଓ ତାଙ୍କ ସଙ୍ଗୀମାନଙ୍କୁ ଓହ୍ଲାଇ ଆସିବାକୁ କୁହ । ସେମାନଙ୍କୁ ସାଙ୍ଗରେ ନେଇ ହବନି । ଶୀଘ୍ର ଶୀଘ୍ର ଓହ୍ଲାଇ ପଡ଼ନ୍ତୁ । ଡେରି ହେଉଛି ।"

ଡ୍ରାଇଭର ମଧ କହିଲା, ଆଜିକାଲି କେତେକେତେ ଅଜଣା ଲୋକ ଗୋଇନ୍ଦାଗିରି କରି ବୁଲୁଛନ୍ତି । ଏଇ ପାଖ ପ୍ରୁଫ ଅଫିସ୍‌ରୁ ସେଦିନ ଜଣେ ଧରାପଡ଼ିଛି । ବାବା କି ଷଡ଼ଯନ୍ତ୍ର ! କଟକ ସହରଟା ଉଡ଼ିଯାଇଥାନ୍ତା । କି ବିଶ୍ୱାସ ! ଏମାନେ କଟକ କି କଲିକତା କି ବମ୍ବେଇର ହୋଇଥିବେ ।

ସଂପୃକ୍ତ ତିନିଜଣ ନୀରବରେ ଓହ୍ଲାଇଗଲେ । ସେମାନଙ୍କ ସ୍ଥାନରେ କଇଁ କଇଁ ହୋଇ କାନ୍ଦୁଥିବା ତିନିଗୋଡ଼ିଆ କୁକୁରଟାକୁ ନିଆଗଲା ।

ଏଥର ନିର୍ବିବାଦରେ, ନିର୍ବିଘ୍ନରେ ଶେଷ ବାସ୍ ଚାଲିଲା ସହର ଅଭିମୁଖରେ । ହିପ୍ ହିପ୍ ହୁର୍‌ରେ ।

ବାସ୍‌ଟା ଗୋଲେଇ ବୁଲିବାରୁ ଅସ୍ପଷ୍ଟ ଆଲୋକରେ ଦେଖିଲି ରାସ୍ତାକଡ଼ରେ ସେମାନେ ଚାଲିବାକୁ ଆରମ୍ଭ କରିଛନ୍ତି । ତରୁଣୀଟି ନିଦ୍ରିତା ଝିଅଟିକି କାଖେଇଛି; ପ୍ଲାଷ୍ଟିକ୍ ବେଗଟିକୁ ଯୁବକଟି ବାଁ ହାତରେ ଧରିଛି । ସେମାନଙ୍କ ଆଗରେ ଅନନ୍ତପଥ, ଅମାଅନ୍ଧାର ରାତି, ଅଜଣା ବାଟ । ନିରାଶ୍ରୟ ତିନିପ୍ରାଣୀ । ଅଜଗର ଦୁର୍ବୃତ୍ତ ତ ଅଛନ୍ତି । ସ୍ୱପ୍ନରେ ଯେଉଁ ଦୁହିଁଙ୍କୁ ଦେଖିଥିଲି ସେମାନଙ୍କ ପରି ତରୁଣୀଟି ଆଉ କାନ୍ଧରେ ମୁଣ୍ଡ ଆଉଜାଇ ଶୋଇଥିବା ସେ ଝିଅଟି । ସ୍ୱପ୍ନରେ କାତର ଚାହାଣୀ ସେ ଝିଅଟିର ଆଖିରେ । ହେଇ ତ ସେମାନେ ମୋତେ 'ବାପା' 'ଅଜା' ବୋଲି ଡାକିବାକୁ ଆରମ୍ଭ କଲେଣି । ମୁଁ ଚେଇଁଛି ନା ଶୋଇଛି ?

Digitized by srujanika@gmail.com

# ସଲାମ୍ ବାବୁ !

ଝୁଣ୍ଟି ପଡ଼ିଲି । ଜୋର୍‌ରେ ।

ପ୍ରତିବର୍ତ୍ତୀ ପ୍ରକ୍ରିୟାରେ ଆପେ ଆପେ ନଇଁପଡ଼ିଲି ଏବଂ ଡାହାଣ ହାତ ବୁଢ଼ା ଆଙ୍ଗୁଠିଟା ବାଆଁ ଗୋଡ଼ର ବୁଢ଼ା ଆଙ୍ଗୁଳିଟାକୁ ଜୋରରେ ଚାପି ଧରିଲା ।

ଶୀତଦିନ । ଉଭରା ପିଟୁଥାଏ । ଟାଣୁଆ ଖରା ସତ୍ତ୍ୱେ ଆଙ୍ଗୁଠିଗୁଡ଼ାକ ବଧିରା ପଡ଼ିଯାଇଥାଏ । ଏକେ ତ ବୁଢ଼ା ଆଙ୍ଗୁଠିର ବହଳ ଚମ, ତୁଛେ ବୁଢ଼ା ଚମ । ଆଘାତ କେତେ ଜୋର ଦଣ୍ଡେ ଯାଏ ଜଣାପଡ଼ିଲାନି । ଫିତାଟା ଛିଡ଼ି ଚପଲଟା ଖଣ୍ଡେ ଦୂରରେ ଛିଟିକି ପଡ଼ିଲା । କାଳେ ରକ୍ତ ଜୋରରେ ବାହାରିବ, ସେଇ ଭୟରେ ଆଙ୍ଗୁଠିକୁ ଚାପିଧରି କାଳେ କିଏ ମୋର ଏଇ ଲଜ୍ଜାକର ଦୁର୍ଗତି ଲକ୍ଷ୍ୟ କରୁଥିବ ତାହା ଜାଣିବା ପାଇଁ ମୁଣ୍ଡ ଟେକିଛି କି ନାହିଁ ଝିଅଟିଏ ଧାଇଁ ଆସି ମୋ କାନ ପାଖରେ ପରିଚିତ ଅମୃତ କଣ୍ଠରେ ହସି ହସି କହିଲା ''ସଲାମ୍ ବାବୁ !''

ଏଇ ଝିଅଟିକି ସେଇ ରାସ୍ତାରେ କେତେଦିନ ହେଲା ପ୍ରତ୍ୟହ ଦେଖିଛି । ଚିହ୍ନା ଚିହ୍ନା ଲାଗେ ତା' ମୁହଁଟି । କେଉଁଠି କେବେ ଦେଖିଥିବି ମନେ ପକାଇବାର ଚେଷ୍ଟା ଓ କଷ୍ଟ କରିନି । ପରିଚୟ ବି ଲୋଡ଼ିନି । ଅଟକିବାକୁ ହୁଏତ ବେଳ ନଥାଏ । ସେ କିନ୍ତୁ ମୋତେ ଦେଖିଦେଲା ମାତ୍ରେ ଆତ୍ମୀୟ ସ୍ୱଜନକୁ ସ୍ୱାଗତ କଲା ପରି ଗଳାରେ ସାମାନ୍ୟ ଟିକିଏ ହସ ଓଠରେ ଫୁଟାଇ ସେଇ ପଦକ କଥା କହେ 'ସଲାମ୍ ବାବୁ !' ଏବଂ ତାହୁଁ ତାହୁଁ ସାଙ୍ଗସାଥିଙ୍କ ଭିତରେ ମିଶିଯାଏ । ଦିନେ ଦିନେ ଅତିବେଶି ହେଲେ ପଚାରେ, ''କେତେଟା ବାଜିଲା ବାବୁ ?'' ସାଙ୍ଗମାନେ ତା'ର ଏ ପ୍ରଶ୍ନ ବା ଅଯାଚିତ ସମ୍ଭାଷଣକୁ 'ଫୁଟାଣି' ବା 'ଫାଜିଲାମି' ବା ବାହାଦୂରିଆପଣ ବୋଲି ଭାବନ୍ତି । ମୁହଁ ମୋଡ଼ନ୍ତି ବା ଖିଲିଖିଲି ହସନ୍ତି ।

ଆଜି କିନ୍ତୁ ଝିଅଟି ସାଙ୍ଗସାଥି ମେଳକୁ ଗଲା ନାହିଁ । ଯିମିତି ମୋର ଅବସ୍ଥା ଦେଖିଛି ସିମିତି ତା'ର ମୁହଁର ହସ ମଉଳିଗଲା । ଅଟକି ଆହତ ଆଙ୍ଗୁଠିଟା ଆଡ଼କୁ ଚାହିଁ ରହିଲା ।

ଏ ରାସ୍ତାରେ ଆସିବା ଆଦୌ ଉଚିତ ନଥିଲା । ଏ ରାସ୍ତା ଦେଇ ଆମ ଲୋକେ କେହି ଯାଆନ୍ତି ନାହିଁ । ଯଦିଓ ଷ୍ଟେସନକୁ ଏଇଟା ସିଧାସଳଖ ରାସ୍ତା, ଯାହାକୁ କହନ୍ତି ସର୍ଟକାଟ୍ । ବସ୍ତି ଭିତର ଅସନା ଗଳି ରାସ୍ତା ବୋଲି କେହି କେବେ ଆସି ଦୂରତ୍ୱ ପରୀକ୍ଷା

Digitized by srujanika@gmail.com

ଓ ତୁଳନା ମଧ୍ୟ କରିବାକୁ ସାହସ କରନ୍ତି ନାହିଁ । ଗୋଡ଼ିପଥର ବିଛା ରୋଲାରଦିଆ ପିଚୁ ରାସ୍ତା ଏ ନୁହେଁ । ମଣିଷ ପାଦ ଯାହା ଯେତିକି କରିପାରିଛି ଆବାହମାନ କାଳରୁ ଚାଲି ଚାଲି । ଜାତୀୟ ରାଜପଥରେ ଅଭ୍ୟସ୍ତ ପାଦକୁ ବା ତୋରଣ ସଜା ନାଲି କାର୍ପେଟ ଦିଆ ରାସ୍ତାରେ ବିଜେ କରୁଥିବା ଲୋକଙ୍କୁ ଏ ରାସ୍ତା ଆଦୌ ପସନ୍ଦ ହେବ ନାହିଁ । ସୁହାଇବ ନାହିଁ । ମୋ ଭଳି କେହି ମୂର୍ଖ ଯେବେ ଏ ରାସ୍ତାକୁ ସର୍ଟକାଟ୍ ଭାବି ନର୍ଗିସ ଚପଲ ପିନ୍ଧି ଷ୍ଟେସନ ଧରିବାକୁ ଚାହିଁବ ସେ ନିଶ୍ଚୟ ଝୁଣ୍ଟିବ ଏବଂ ମୋ ଦଶା ଭୋଗିବ । ଏ ରାସ୍ତାରେ ମୋର ଆସିବା ଉଚିତ ନଥିଲା ।

ପୁଣି ଏ ବସ୍ତିଟା ! ଆମ ପରିଚିତ ଦୁନିଆଁର ଅନ୍ତରାଳରେ ଏହାର ଅବସ୍ଥିତି । ଆମ ରୁଚି ସଂସ୍କାର ଓ ସଭ୍ୟତାର ବାହାରେ, ବିପରୀତ ମଧ୍ୟ । ଏଠି ମଣିଷ, ଜୀବଜନ୍ତୁ, ଗଛବୃକ୍ଷ ସବୁ କିମିତି କିମିତି । ଏଇ ସାଇଭିତରେ ଯାଇଁ ଯାଇଁ ଏଇ କେତେଟା ଦିନରେ ମୁଁ ନାନା କଥା ଲକ୍ଷ୍ୟ କରିଛି ଓ ନାନା କଥା ଭାବିଛି ପଚା ଶୁଖୁଆର କଞ୍ଚାପୋଡ଼ା ମହକ ଭିତରେ ।

ଏଠିକା ପିଲାଗୁଡ଼ାକ ନଙ୍ଗଳା, ଯିମିତି ତାଙ୍କ ବାପମାଆ ନାହାନ୍ତି, ଛେଉଣ୍ଡ । ସ୍ତ୍ରୀ ଲୋକଗୁଡ଼ାକ ହୁଏତ ଅବିବାହିତା, ନ ହେଲେ ବିଧବା; କାହାରି କପାଳରେ, ମୁଣ୍ଡରେ ସିନ୍ଦୂର ନାହିଁ । ପୁରୁଷଗୁଡ଼ାକ ଯିମିତି ବସ୍ତିରୁ ନିର୍ବାସିତ । କିଏ କେଉଁଠି ରିକ୍ସା ଚଳାନ୍ତି, ଯୋତା ମରାମତି କରନ୍ତି, ବିଡ଼ି ମୋଡ଼ନ୍ତି, ନ ହେଲେ ତୁଳାଭିଣା ଯନ୍ତ୍ରଟାଏ ଟୁଂ ଟାଂ କରି ରାସ୍ତାରେ ବଜାଇ ଶେଯ ସିଲାଇକୁ ଆହ୍ୱାନ ଦିଅନ୍ତି । ଗୋରୁଗାଈ, ଛେଳି ଏପରିକି କୁକୁର ଆଦି ଜୀବଜନ୍ତୁ ଏ ସାଇକୁ ଆସନ୍ତି ନାହିଁ । ଏଇଟା ତାଙ୍କର ମଧ୍ୟଭୂମି ବୋଲି ପ୍ରକୃତି ତାଙ୍କୁ ଯିମିତି ବତାଇ ଦେଇଛି । ସାଇର ମଇଳାରେ ବଞ୍ଚୁଥିବା ପରହୀନ ବେରଙ୍ଗ ମୁରୁଗୀ ମଣିଷ ବସତିର ସୂଚନା ଦିଅନ୍ତି ମାତ୍ର । ବୁଢ଼ା କେତୁଟା ବୁଢ଼ୀଛେଳିଙ୍କ ପରି ଚେହେରା କରି ଦାଣ୍ଡ ଦୁଆରେ ବସି ପାକୁଳି କରୁଥାନ୍ତି । ସାଇ ମଝିର ଡେଙ୍ଗା ତାଳଗଛଟାରେ ଲାଲମୁଣ୍ଡିଆ ଶାଗୁଣାଟା ପଞ୍ଚାଏ ବଂଶପ୍ରାଣୀ ନେଇ ବସତି କରିଥାଏ । ଖାଦ୍ୟ ପାଇଁ ବାହାରକୁ ଯିବାପାଇଁ ପଡ଼େ ନାହିଁ, ବୁଢ଼ାହଡ଼ାଙ୍କ ହାଡ଼ତଳର କଂସେଇଖାନାରୁ ମିଳେ । ଦାଢ଼ିବାଲା ବରଗଛ ଆଉ ଧୂଳିଧୂସରିଆ ବାଉଁଶବୁଦା ସାଇ ରଙ୍ଗ ସହିତ ନିଜକୁ ମିଶାଇ ଗୋଟାଏ ଧୂସରିଆ ଦିଗ୍‌ବଳୟ ସୃଷ୍ଟି କରିଥାଏ । ଏ ରାସ୍ତାରେ ଆସିବା ଉଚିତ ନଥିଲା ସତରେ ।

ଏଥର ଆହତ ସ୍ଥାନରୁ ତୀବ୍ର ଯନ୍ତ୍ରଣା ସହିତ ରକ୍ତସ୍ରାବ ଅନୁଭବ କଲି । ଧୀରେ ଧୀରେ ଶଙ୍କାକୁଳ ମନରେ ଟିପ କୋହଳ କରି ଯିମିତି ଆଙ୍ଗୁଳି ଉଠାଇଛି ସିମିତି ପିଚ୍‌ପିଚ୍ କରି ବହଳ ରକ୍ତ ବାହାରି ଆସିଲା । ଇସ୍ ! ବୁଢ଼ା ଧମନୀ ଶିରା-ପ୍ରଶିରାରେ ଏତେ ରକ୍ତ ଥିଲା ! ଆଙ୍ଗୁଠିଟା ବେଶ୍ ଜୋର ପଥରଟାରେ ଛେଚି ହୋଇଯାଇଛି ନିଶ୍ଚୟ । ନଖଟା ହୁଏତ, ଚମଡ଼ା ଭିତରକୁ ପଶିଯାଇଛି । ନ ହେଲେ ଏତେ ଯନ୍ତ୍ରଣା, ଏତେ ରକ୍ତସ୍ରାବ ବୁଢ଼ା ଚମଡ଼ାରୁ କାଲୁଆ ଶୀତରେ ସମ୍ଭବ ହୁଅନ୍ତା କିପରି ! ହଠାତ୍ ରକ୍ତ ବନ୍ଦ ହେବାର କୌଣସି

Digitized by srujanika@gmail.com

ଲକ୍ଷଣ ନାହିଁ, ଉପାୟ ବି ନାହିଁ । ଏ ଈଶ୍ୱର ପରିତ୍ୟକ୍ତ ସାଇଟାରେ ବା ଔଷଧ ଡାକ୍ତରଖାନା ବା ପଟି କେଉଁଠି ମିଳିବ ? ମରୁପ୍ରଦେଶରେ ଜଳ ଆସିବ କୁଆଡୁ ? ପକେଟରେ ରୁମାଲଟାକୁ ଅଣ୍ଡାଳିଲି; ପାଇଲି ନାହିଁ, ଅନ୍ୟ ପେଣ୍ଟ୍ ପକେଟରେ ରହିଯାଇଛି ବୋଧହୁଏ । ଷାଠିଏ ଟଙ୍କା ଦାମ୍‌ର ଟେରେଲିନ ସାର୍ଟ ବା ରେମଣ୍ଡ କୋଟକନା ଚିରି ପଟି କରିବି ? ଆଙ୍ଗୁଳିଟା ଯାଉ ପଛକେ ।

ମୋର ଅସହାୟ କରୁଣ ଅବସ୍ଥାର ମୂକସାକ୍ଷୀ ସେଇ ଝିଅଟି । ରକ୍ତ ବହି ଚାଲିଥାଏ । ଆଙ୍ଗୁଳିର ଚାପ ଆଉ ପ୍ରବାହ ବନ୍ଦ କରିବାକୁ ସମର୍ଥ ନୁହେଁ । ସେତେବେଳେ ଦୁନିଆଁରେ ମୋର ଆଉ କୌଣସି ପଦାର୍ଥର ଲୋଡ଼ା ନଥାଏ । ଏକାଗ୍ର ଚିତ୍ତରେ ଖୋଜୁଥାଏ ଖାଲି ଚାଖଣ୍ଡେ ଅଧେ ସଫା କନା । ଏପରିକି ସେ ଝିଅଟାର ଛାମା ଆଡ଼କୁ ଥରେ ଅଧେ ବି ଲୁବ୍‌ଧକ ଦୃଷ୍ଟିରେ ଚାହିଁଛି; କିନ୍ତୁ କନାଟା ଅତି ମସିଆ, ଅପରିଷ୍କୃତ, ଧୂଳିମୟ, ଜୀବାଣୁପୂର୍ଣ୍ଣ ।

ଝିଅଟି ବୋଧହୁଏ ପ୍ରଥମେ ତା' ଘରକୁ ଦଉଡ଼ିଯିବ ବୋଲି ଭାବିଥିଲା । ପୁଣି କ'ଣ ଭାବିଲା, କହିଲା "ବାବୁ ! ଆମ ଘରକୁ ଆସ । ଏଇ ପାଖରେ, ଦିଶୁଛି । ନାନୀ ଘରେ ଅଛି, ପଟି ବାନ୍ଧିଦବ ।" କ'ଣ କରିବି ମୁହୂର୍ତ୍ତେ ଭାବିଛି କି ନାହିଁ– ଝିଅଟି ସାହସ କରି ମୋ ବାଆଁ ହାତ କାଣି ଆଙ୍ଗୁଳିଟା ଧରି ଟାଣିଲା; କହୁଥାଏ– 'ଏଇ ଯେ ଆମ ଘର ଦିଶୁଛି ।' ପ୍ରାୟ ପଚାଶ ହାତ ଦୂରରେ ଭଙ୍ଗା କୁଡ଼ିଆଟାଏ ଦେଖିଲି ।

ବିପଦ ବେଳେ ମଣିଷର ଗମ୍ୟାଗମ୍ୟର ବାଛବିଚାର ନଥାଏ; ଅଗନ୍ତବ୍ୟ ବି ଗନ୍ତବ୍ୟ ହୁଏ । ମୁଁ କେତେ ଦରର ଲୋକ, ଏମାନେ ପୁଣି କେଉଁ ସ୍ତରର ! ସାମାନ୍ୟ ଚାଖଣ୍ଡେ ଅଧେ ସଫାକନା ପାଇଁ (ଘରେ ଔଷଧ ବାକ୍‌ସରେ ବଣ୍ଡିଲ୍ ବଣ୍ଡିଲ୍ ତୁଳା ଓ ବେଣ୍ଡେଜ୍ କନା ଥାଉଁ ଥାଉଁ) ଜୀବନରେ ଏତେ ଦର ଦେବାକୁ ପଡ଼ିବ ! ଚାଲିଲି ଝିଅଟିର ପଛେ ପଛେ ବାଁ ଗୋଇଠି ଉପରେ ଭରା ଦେଇ ଦେଇ । ଖଣ୍ଡେ ଦୂରରେ ପଡ଼ିଥିବା ଛିଣ୍ଡା ଚପଲଟାକୁ ଝିଅଟି ଗୋଟାଇ ନେଲା ।

ଚାଳ ଘରଟା ନିହାତି ଛୋଟ, ଛିଡ଼ା ହେଲେ ମୁଣ୍ଡ ପ୍ରାୟ ବାଜିବ । ସର୍ବତ୍ର ଦୈନ୍ୟର ମୁଦ୍ରାଙ୍କନ । କୁଟା ଓ ବାଉଁଶ ପରସ୍ପର ରାଜିନାମାରେ ଅଲଗା ହୋଇ ଯାଇଛନ୍ତି ଅନେକ ଦିନରୁ । ସାମନାର ବେଗୁନ୍‌ଭିଲା ଲତାଟା ଆଖାପାଖର ପରିବେଶରୁ ନିଜକୁ ଅଲଗା ରଖି ଗୋଟାଏ ନିଷ୍ପଳ ସୌନ୍ଦର୍ଯ୍ୟର ସ୍ଥିତି ଅନୁଭବ କରୁଥିଲା । ଯେତେଯେତେ ଛେଳି କୁକୁଡ଼ା ତାରି ମୂଳରେ ଜମେ ହୋଇଛନ୍ତି ତାଙ୍କରି ରକ୍ତରେ ଫୁଲଗୁଡ଼ାକର ରକ୍ତିମା । ସେତେବେଳେ ମୋତେ ସର୍ବତ୍ର ରକ୍ତ ଦିଶୁଥାଏ । ପଛକୁ ଅନାଇ ଦେଖିଲି ଟୋପା ଟୋପା ହୋଇ ବହଳିଆ କାଳିଚିଆ ରକ୍ତ ବାଟଯାକ ପଡ଼ି ପଡ଼ି ଯାଇଛି । ଆଖି ଖୋଜି ଚାଲିଥାଏ ଚାଖଣ୍ଡେ ଅଧେ ସଫେଦ କନା ସାଙ୍ଗକୁ କିଛି ଏଣ୍ଟିସେପ୍‌ଟିକ୍ ।

ଚାଳ ବାଡ଼ରେ କେତୋଟି କନ୍ଥା ଶୁଖୁଥିଲା । ଯେତେଯେତେ ରଙ୍ଗର ଧୋତି, ଶାଢ଼ୀ ଓ କନା ମିଳିରେ ପ୍ରସ୍ତୁତ ହୋଇପାରେ ସେ ସବୁର ପୁରୁଣା ପଚା ଟୁକୁରା ଏକାଠି

Digitized by srujanika@gmail.com

କରି ଏ କନ୍ଥା ସବୁ ସିଲାଇ । ସେଥିରୁ ବି ଝୁରିଝୁମ୍ପା ପରି କନା ଓହଳିଛି । କୁଡ଼ିଆର ପିଣ୍ଡା ନାହିଁ; ଖଣ୍ଡିଏ ଚଟାଣ ପଥର ଉପରେ ଗୋଡ଼ ଦେଇ ମୁଣ୍ଡ ନୁଆଁଇ ଘର ଭିତରକୁ ଯିବାକୁ ପଡ଼ିଲା । ଆଗରେ ଯାଇ ଝିଅଟି ଘର ଭିତରେ ସମ୍ବାଦ ଦେଇ ପୁଣି ବାହାରକୁ ଆସୁ ଆସୁ ମୋତେ ଡାକିଲା, "ଭିତରକୁ ଆସ ବାବୁ ! ନାନୀ ଅଛି ।"

ଭିତରକୁ ଯାଉଛି, ଜଣାଗଲା ଛାୟାମୂର୍ତ୍ତି ଅଶରୀରୀ ପରି ନାରୀଟିଏ କୋତରା ଘୋଡ଼ି ହୋଇ ଖଟରୁ ତଳକୁ ଅପସରି ଗଲା । ଚାରି ପାଞ୍ଚ ହାତ ଦୂରରେ ପଛକରି ଛିଡ଼ା ହୋଇ ଅସ୍ପଷ୍ଟ ଗଳାରେ କହିଲା, 'ଅମିନା ! ଖଟରେ ବସିବାକୁ କହ ।' ବସିବାକୁ ଦୋଦୋମନା ହେବାର ଜାଣିପାରି ପାପୁଲି ଆଡ଼କୁ ଝରି ପଡୁଥିବା ନାଲି କାଚ ପିନ୍ଧା ପତଳା ଦୁର୍ବଳ ହାତରେ ପିଢ଼ାଟାଏ ମୋ ଆଡ଼କୁ ବଢ଼ାଇ ଦେଇ ଦରଦଭରା କଣ୍ଠରେ କହିଲା 'ବସନ୍ତୁ' । ବସିଲି ଏବଂ ରକ୍ତରେ ବୁଡ଼ି ଯାଇଥିବା ଆଙ୍ଗୁଳିକି ପୁଣି ଚିପି ଧଇଲି । ଏଯାକେ ରକ୍ତ ବନ୍ଦ ହେବାକୁ ନାହିଁ; ରାସ୍ତାର କିଛି ଧୂଳି ଆଙ୍ଗୁଳି ତଳେ ଲାଖିଯାଇଛି । ଚାଳର ଫାଙ୍କାଦେଇ ଯେତିକି ସୂର୍ଯ୍ୟକିରଣ ଆସୁଥିଲା ତାହା ଉଭୟ ଘର ଭିତର ଓ ଘରଣୀର ଫଟୋ ତୋଳିବା ପାଇଁ ମୋ ଆଖିର କେମେରା ପକ୍ଷରେ ଯଥେଷ୍ଟ ପରି ମନେ ହେଲା । ଉଭୟତଃ ଦାରିଦ୍ର୍ୟର ଛବି, ଭଙ୍ଗା କୁଲା, ପାଛିଆ, ଛିଣ୍ଡା ଛାଞ୍ଚୁଣୀ, ଦୁଇଟା ଛୋଟ କଳାହାଣ୍ଡି, କଳେଇକରା କେଟ୍ଲୁଟା ଚୀନା ବାସନ ଘରର ସର୍ବମୋଟ ସଂପଦ । ଗୋଟାଏ କଣରେ ଭଙ୍ଗା ଟିଣ ବାକ୍ସଟାଏ । ଖଟ ଉପରେ ଯେବେ କେହି ଜଣେ ଘୋଡ଼ିଘାଡ଼ି ହୋଇ ଚୁପ୍‌କରି ପଡ଼ି ରହେ ତେବେ ମଶାଣିର ଭ୍ରମ ହେବ ଘର ଭିତରର ଆସବାବ୍‌ପତ୍ରରୁ ।

ପରଦା ଉଠାଇ ମୁହଁ ଖୋଲି କଣେଇ ଯେମିତି ନାରୀ ମୂର୍ତ୍ତିଟି ମୋ ଆଡ଼କୁ ଚାହିଁଛି, ସିମିତି ଚାପା ଗଳାରେ ଚିତ୍କାର କରି ଉଠିଲା "ମା ! କେତେ ଖୁନ୍ !" ଏବଂ ତତ୍‌କ୍ଷଣାତ୍ ବଡ଼ ଚଞ୍ଚଳ ଅସ୍ତବ୍ୟସ୍ତ ହୋଇପଡ଼ିଲା ।

ମୁଁ ଏଥର ତା ମୁହଁଟି ସ୍ପଷ୍ଟ ଦେଖିପାରିଲି । ସୂର୍ଯ୍ୟକିରଣରୁ କ୍ଲୋରୋଫିଲ ସଂଗ୍ରହ କରି ନ ପାରି ଲତାପତର ରଙ୍ଗ ଯିମିତି ହୁଏ, ବୋରଖା ଘୁଂଘଟ ଭିତରେ ଥାଇ ମୁହଁଟା ସିମିତି ଫିକ୍‌କା ହଳଦିଆ । ଆଖି ଦୁଇଟା ଆକାଶୀ ରଙ୍ଗର, ଢଳଢଳ । ଦୟାରେ ଏତେ ଛଳଛଳ ଯେ ସାମାନ୍ୟ ସ୍ପର୍ଶରେ ଧାର ଧାର ହୋଇ ନିମିଷକେ କରୁଣାର ଝର ଝରିଯିବ । ଦୁଇ ତିନିଥର ଘର ଭିତରେ ଅନ୍ଧାର ଆଲୁଅ ମିଶା ପରିବେଶ ମଧ୍ୟରେ ଦେଖିବା ପରେ ଅବଚେତନରୁ ସୂଚନା ଓ ସଙ୍କେତ ମିଳିଲା କେଉଁଠି କେବେ ଅସ୍ପଷ୍ଟ ଆଲୁଅରେ ଏଇ ମୁହଁଟିକୁ ଦେଖିଥିବି ଅବା ।

ଅମିନା ଥରେ ମୋ ଆଡ଼କୁ ଥରେ ତା ନାନୀ ଆଡ଼କୁ ଚାହୁଁଥାଏ ଏବଂ କ'ଣ କରିବାକୁ ହେବ ସେଇ ଆଜ୍ଞାକୁ ଅବଧାନ ଥାଏ । ହୁଏତ ସେ ମନେ ମନେ ଇଚ୍ଛା କରୁଥାଏ କଥାବାର୍ତ୍ତା ଜରିଆରେ ଆମେ ଦୁହେଁ ପରସ୍ପର ନିକଟତର ହେଉଁ ।

ମାତ୍ର ଦୁଇ ତିନି ମିନିଟ୍ ହେଲା ଦୁର୍ଘଟଣା ଘଟିଛି; ହେଲେ ଯନ୍ତ୍ରଣାଦାୟକ

Digitized by srujanika@gmail.com

ମୁହୂର୍ତ୍ତଗୁଡ଼ାକ ବହୁତ ଲମ୍ବା ଜଣା ପଡୁଥାଏ । ଏ କୁଡ଼ିଆ ଭିତରକୁ ଆସିବାରେ ଅନ୍ତତଃ ଏତିକି ଲାଭ ହୋଇଛି ଯେ ମୁଁ ନିଃସହାୟ ନୁହେଁ, ମଲମ ବା ପ୍ରଲେପ ବା ପଟି ନ ମିଳିଲେ ମଧ୍ୟ ଅମିନା ଓ ତା 'ନାନୀ' ର ଉପସ୍ଥିତି ଓ ସେବା କରିବାର ଆଗ୍ରହ ଯନ୍ତ୍ରଣାକୁ କିଞ୍ଚିତ୍ ଉପଶମ କରିଛି । ଆଉ ଥରେ 'ନାନୀ' ଯିମିତି ମୋର ଦୟନୀୟ ଅବସ୍ଥା ଦେଖିଛି, ସିମିତି ସେ ଅମିନାକୁ ଠାରି ପାଖକୁ ଡାକିଲା ଓ କାନ ପାଖରେ ଫିସ୍‌ଫିସ୍ କରି କ'ଣ କହିଲା । ଅମିନା ତଦଣ୍ଡେ ଘରୁ ବାହାରି ତେଇଁ ତେଇଁ କୁଆଡ଼େ ଅନ୍ତର୍ହିତ ହୋଇଗଲା ।

ଯନ୍ତ୍ରଣା ସାଙ୍ଗକୁ ଅସ୍ୱସ୍ତିର ଅନୁଭବ ମୋତେ କିମିତି କିମିତି ଲାଗିଲା । ଅସ୍ୱସ୍ତିର କାରଣ ବିଚିତ୍ର ପରିବେଶ ମଧ୍ୟରେ 'ନାନୀ' ସହିତ ମୋର ସହାବସ୍ଥାନ । ଆଶ୍ଚର୍ଯ୍ୟ କଥା 'ନାନୀ'କୁ ଏ ଅସ୍ୱସ୍ତିଭାବ ସ୍ପର୍ଶ କଲାନାହିଁ । ସେ ଏଣେତେଣେ ଘର ଭିତରେ ଦୁର୍ବଳ ପଦକ୍ଷେପରେ ଘୂରାଫେରା କରି କ'ଣ, ସିନ୍ଧି, ଠଣା, କାଛକୁରା, ବାକ୍ସ, ଡବା ଅଣ୍ଡାଳିବାରେ ଲାଗିଥାଏ । ସ୍ପଷ୍ଟ ଜଣାପଡୁଥାଏ ଯେମିତି ସେ ଟୁକୁରାଏ କନା ସାଙ୍ଗକୁ ପଞ୍ଚଗୁଣା, ପଚାଶଗୁଣା ବା ସହସ୍ରଗୁଣା ମଲମ ବା ପ୍ରଲେପର ସନ୍ଧାନରେ ଅଛି, ଯାହା ନିମିଷକେ ଅତିଥିର ଯନ୍ତ୍ରଣା ହରଣ କରିନେବ; କିନ୍ତୁ କାହିଁ କିଛି ବୋଧହୁଏ ନ ପାଇ ନୈରାଶ୍ୟମୟ ଯନ୍ତ୍ରଣାର ଦୀର୍ଘଶ୍ୱାସଟାଏ ଛାଡ଼ି ଖୋଦାଙ୍କ ପାଖରେ ଯିମିତି ଅଭିଯୋଗ କଲା, କାହିଁକି ଦୟାମୟ ସେମାନଙ୍କୁ ଏମିତି ଅବସ୍ଥାରେ ରଖିଛନ୍ତି । ଧୈର୍ଯ୍ୟଚ୍ୟୁତି ସୂଚକ ମୋ ପାଟିରୁ ଆପେ ଆପେ ପଦେ କଥା ବାହାରି ପଡ଼ିଲା, 'କ'ଣ କରିବା ?'

ମୋ ଆଡ଼କୁ ସିଧାସଳଖ ଅନାଇ ବିକଳ କଣ୍ଠରେ ସେ ପଚାରିଲା "ରୁମାଲ ଅଛି ?"

ପକେଟରେ ହାତ ମାରିବା ସଙ୍ଗେ ସଙ୍ଗେ ମୁଣ୍ଡ ନାଡ଼ି ଦେଇ 'ନା' ଜଣାଇଲି ।

'ନାନୀ' ଆହୁରି ହତବୁଦ୍ଧି ହୋଇଗଲା । ନିଜର ଶାଢ଼ୀ ଆଡ଼କୁ ଚାହିଁଲା । ମୁଁ ତା ମତଲବ ଜାଣିପାରିଲି ଏବଂ ଦାଗ ଦାଗ ମସିହା ଲୁଗାଟାକୁ କାମ ପାଇଁ ନାପସନ୍ଦ କରୁଥିବା ଭାବ ଦେଖାଇଲି । ତା' ମୁହଁରେ ବି ନାପସନ୍ଦ ଲକ୍ଷଣ ପ୍ରକାଶ ପାଇଲା ।

ଏଇ ସ୍ତ୍ରୀ ଲୋକଟିକୁ ଦିବାଲୋକରେ ଏତେ ପାଖରେ ବାରମ୍ବାର ଦେଖି ଏବଂ ଏତେ ଉପକାର ପାଇ ମଧ୍ୟ ଯେତେବେଳେ ମୋ ମୁହଁରୁ "ତୁମକୁ କେଉଁଠି ଦେଖିଥିଲା ପରି ମନେ ହେଉଛି" ପଦକ ନ ବାହାରିଲା 'ନାନୀ' ମୋ ଆଡ଼କୁ ସିଧାସଳଖ ଚାହିଁ ପଚାରିଲା, "ଆପଣ ମୋତେ ଚିହ୍ନି ପାରୁଛନ୍ତି ? ଅମିନାକୁ ଚିହ୍ନି ପାରିଲେ ?"

ମୁଁ ବୋକାଙ୍କ ଭଳି ଚାହିଁ ଭ୍ରୂଲତା ଉପରକୁ ଟେକି ମନେ ପକାଇବାର ଚେଷ୍ଟା ଓ ଅଭିନୟ କଲି ଏବଂ ଚଷମା ଓ ଆଖି ଦି'ଟାକୁ ଥରେ ଅଧେ ପୋଛିପାଛି ପୁଣି ନୂଆ କରି ତାକୁ ଦେଖି କହିଲି, "କେଉଁଠି ଦେଖିଲା ପରି ମନେ ହେଉଛି ।" ଯଦିଓ ମୋର ଆଦୌ ମନେ ହେଉ ନଥିଲା ।

"ଚାନ୍ଦିପୁରରେ । ସେଦିନ ରାତିରେ, ମନେ ପଡ଼ିଲା ? ମୁଁ ଆଉ ଅମିନା ଆଉ

Digitized by srujanika@gmail.com

ସେଇ ପିଲାଟି ବାସ୍‌ରେ ଆସିବାପାଇଁ ଆପଣଙ୍କୁ ଗୁହାରି କରିଥିଲୁଁ ।''

ନିମିଷକେ ମୋର ମନେ ପଡ଼ିଗଲା ସେ କାଳରାତିର କଥା, ମୋର ମାନସିକ ଦ୍ୱନ୍ଦ୍ୱ ଓ ଶେଷ ନିଷ୍ପତ୍ତି, ଯାହା ଫଳରେ ଏଇ 'ନାନୀ' ଓ ଅମିନାକୁ ବାସ୍‌ରୁ ଓହ୍ଲାଇ ଦିଆଗଲା ମଧ୍ୟରାତ୍ରିର ନିର୍ଜନତାରେ ଖାଲି ବାଉଁଶଗଳି ନାଆଁ ଶୁଣି, ଗୋଟାଏ କୁକୁରକୁ ସ୍ଥାନ ଦିଆଗଲା ଅଥଚ ଏଇ ଦୁଇଜଣଙ୍କ ପାଇଁ ସ୍ଥାନ କରିପାରିଲି ନାହିଁ । ମୋର ସ୍ପଷ୍ଟ ମନେ ପଡ଼ିଲା କିମିତି ଏଇ ନିରାଶ୍ରୟ ଜୀବଗୁଡ଼ାକୁ ବିପନ୍ନ କରି ଶେଷ ବାସ୍ କିମିତି ଚାଲି ଆସିଥିଲା ଝାଉଁବଣ ଭିତରୁ ଏମାନଙ୍କ କାକୁତିପୂର୍ଣ୍ଣ ଆଖିର କାତର ପ୍ରାର୍ଥନାକୁ ଏଡ଼ି ଦେଇ । ଲଜ୍ଜା ଓ ଆତ୍ମଗ୍ଲାନି ସହିତ ଭୟ ବି ଆସିଲା । ମୁଁ ତେବେ କ'ଣ ବାଉଁଶଗଳି ଦେଇ ଯାଉଥିଲି ? କଥା ଟିକିଏ ଆଡ଼େଇ ନେବାପାଇଁ ପଚାରିଲି, ''ଆଚ୍ଛା ! ସେ ପିଲାଟା କ'ଣ ତମର– ?''

''ହଁ ସେ ଫେରାର, ପୁଲିସ ତାକୁ ଖୋଜୁଛି । ଚାନ୍ଦିପୁରର ସେଇ ରାତିର ଦୁର୍ଦ୍ଦଶା ପରେ ମୋର ଦେହ ଖରାପ; ତା ଉପରେ ପୁଣି ପୁଲିସର ଜୁଲୁମ ଆଉ ଅତ୍ୟାଚାର । ମୋର ନିଜର ଆଉ ଏ ଘରର ଅବସ୍ଥା ଦେଖୁଛନ୍ତି ତ ?''

ମୁଣ୍ଡପୋତି ଚୋରଙ୍କ ପରି ଯାଡ଼େ ସିଆଡ଼େ ଅନାଇବା ଛଡ଼ା ଅନ୍ୟ ଉପାୟରେ ସହାନୁଭୂତି ଦେଖାଇ ପାରିଲି ନାହିଁ । ଖୁନୀ ଅପରାଧୀ ପରି ମୁଁ ନିଜକୁ ଭାବୁଥାଏଁ । ସମସ୍ତ ପ୍ରକାର ଦଣ୍ଡ ସହି ପ୍ରାୟଶ୍ଚିତ୍ତ କରିବାପାଇଁ ନିଜକୁ ପ୍ରସ୍ତୁତ କରୁଥାଏଁ, ପୁଣି କିମିତି ଖସି ଚାଲିଯିବି ଏକଥା ବି ଭାବୁଥାଏଁ ।

ଏତିକିବେଳେ 'ନାନୀ' ଅନୁନୟଭରା କଣ୍ଠରେ କହିଲା, ''ଆଚ୍ଛା, ଆପଣ ଟିକିଏ ଦୟାକରି ଆମର ଉପକାର କରିପାରିବେ ? ଆପଣଙ୍କ ହାତରେ ଆମର ମୁକ୍ତି ରହିଛି । ଆପଣଙ୍କ ମୁହଁର ପଦେ କଥାରେ ସେ ରକ୍ଷା ପାଇଯିବେ, ଘରକୁ ଫେରି ଆସିବେ, ଆମେ ବଞ୍ଚିଯିବୁ ।''

''କ'ଣ କହନ୍ତୁ । ପଦେ କଥାରେ ଯଦି...''

''ଦୁଇଦିନ ପରେ ତାରିଖ, ଆପଣ ହାକିମ ପାଖରେ ଯଦି ଖାଲି ପଦେ କଥା କହିପାରନ୍ତେ...''

''କ'ଣ ?''

ସତର ତାରିଖ ରାତି– ଯେଉଁ ରାତିରେ ବୋମା ଫୁଟିଲା, ସେ ରାତିରେ ଆପଣ ମୋତେ, ଅମିନାକୁ ଆଉ ତାକୁ ଚାନ୍ଦିପୁରରେ ଦେଖିଥିଲେ ବୋଲି ।''

ଏକାବେଳକେ ଘାବରେଇ ଗଲି । ମୁଣ୍ଡ ଭିତରେ କୁରାଳଚକ୍ର ବୁଲିଲା ପରି ଲାଗିଲା । ବାକ୍‌ସ୍ଫୂର୍ତ୍ତି ହେଲାନାହିଁ । ସାମାନ୍ୟ ହଁ କରିବା କଷ୍ଟ ଝୁଣ୍ଡିହେବା କଷ୍ଟକୁ ବଳିଗଲା ।

ଥଅମଥ ହୋଇ କହିଲି, ''ଟିକିଏ ଭାବେଁ । ଜଣେ ଓକିଲକୁ ପଚାରେଁ । କାଲି ଏ ବାଟେ ଗଲାବେଳେ କହିବି ।''

Digitized by srujanika@gmail.com

ଦୈବାତ୍ ସେତିକିବେଳେ ଧଡ଼ଧଡ଼ ଝଣଝଣ ଶବ୍ଦ କରି ଦରଭଙ୍ଗା ରିକ୍‌ସାଟାକୁ ଚଳାଇ ଚଳାଇ ରିକ୍‌ସାବାଲାଟାଏ ସାମନା ବାଟଦେଇ ଯାଉଥାଏ । ଡାକିଦେଲି, ଭାଗ୍ୟକୁ ସେ ଛିଡ଼ାହେଲା । ଅମିନାର 'ନାନୀ' ବି ମୋତେ ବିଦାୟ ଦେବାକୁ ପ୍ରସ୍ତୁତ ହେଲା ।

ମୁଁ ଉଠିବାକୁ ଉପକ୍ରମ କରୁଛି, ଅଣନିଶ୍ୱାସୀ ହୋଇ ଧାଇଁ ଧାଇଁ ଆସି ଅମିନା ପହୁଞ୍ଚିଗଲା । ହାତରେ ତାର ଗଛେ ଲମ୍ବ ସଫା କନା ଆଉ କଣ ଗୋଟାଏ ମଲମ ଡବା । ନାନୀ ହାତକୁ ସେ ସବୁ ବଢ଼ାଇ ଦେଇ କିମିତି କେତେ ପରିଶ୍ରମ କରି ସେସବୁ ଯୋଗାଡ଼ କରିଛି ବର୍ଣ୍ଣନା କରିଗଲା । ଯିମିତି ମୋ ପଟିବନ୍ଧା ଆଙ୍ଗୁଠିଟା ଦେଖି ଦେଇଛି ତା ମୁହଁରେ ଗୋଟାଏ ନୈରାଶ୍ୟର ଛାୟା ଖେଳିଗଲା । ସବୁ ପରିଶ୍ରମ ପଣ୍ଡସୂଚକ ଭଙ୍ଗୀ ମଧ ଦେଖାଗଲା । 'ନାନୀ' ପ୍ରତି ସାମାନ୍ୟ ବିରକ୍ତି ଭାବ ମଧ ଦେଖାଇଲା ।

ରିକ୍‌ସାଟା ଦୁଆରମୁହଁ ପର୍ଯ୍ୟନ୍ତ ଆସିଗଲା । ବହୁତ ପରିଶ୍ରମ କରି 'ଧନ୍ୟବାଦ' ବା ସିମିତି କୃତଜ୍ଞତାସୂଚକ ଶବ୍ଦଟାଏ କହିବି ବୋଲି ଚେଷ୍ଟାକଲି । ମୁହଁରେ ରହିଗଲା, ବାହାରକୁ ଶବ୍ଦଟା ଫୁଟିଲା ନାହିଁ ।

ରିକ୍‌ସାରେ ବୀରପରି ଚଢ଼ିଗଲି । ଗାଡ଼ି ଚାଲିବାକୁ ଆରମ୍ଭ କରିଛି କି ନାହିଁ ବେଶ୍ ସଫା ଗଳାରେ ଅମିନା କହିଲା, 'ସଲାମ୍ ବାବୁ' । ତା' ପଛେ ପଛେ 'ନାନୀ' ବି କ୍ଷୀଣ ସ୍ୱରରେ ବିଦାୟ ଦେଇ କହିଲା, 'ସଲାମ୍ ବାବୁ' ।

ଆଙ୍ଗୁଠିର ପଟିଟା ଛିଡ଼ିଯାଇ ମଲମ ଭେଦ କରି ପୁଣି ପିଚ୍ ପିଚ୍ କରି ରକ୍ତର ସୁଅ ବାହାରିଲା ପରି ମୋତେ ଲାଗିଲା । ମୁଁ ଏତେ ଜୋରରେ 'ଓଃ' କରି ଉଠିଲି ଯେ ରିକ୍‌ସାବାଲାଟା ବି ଚମକି ପଡ଼ିଲା ।

ମୁଁ କୁଆଡ଼େ ଯାଉଛି ଠିକଣା କରିପାରିଲି ନାହିଁ । ରାସ୍ତାଟା ଖୁବ୍ ଦୂର ଲାଗିଲା । ଷ୍ଟେସନଟା ମଧ । ଟ୍ରେନଟା ସେତେବେଳକୁ ଚାଲିଯାଇଥିଲା । ବାସ୍ ବି ନଥିଲା । ମନ୍ଦିର ଓ ମସଜିଦ୍‌ଗୁଡ଼ାକ ପରସ୍ପର ଠାରୁ ଦୂରେଇ ଯାଉଥିଲେ ।

Digitized by srujanika@gmail.com

# ନଙ୍ଗୁଳି

''ଆଉ କେତେଦିନ ଯାଏଁ ପିଲାଟା ଲଙ୍ଗଳା ହୋଇ ବୁଲୁଥିବ ? ଘରେ କ'ଣ ଜାମାପଟା କିଛି ନାହିଁ ?'' –ଲିଙ୍ଗରାଜ ବାବୁ ପଚାରିଲେ ।

ଆଦ୍ୟାଶକ୍ତି ଦେବୀ ପଟାପଟ ଉତ୍ତର ଦେଲେ, ''ବୁଲୁଥାଉ ଆଉ କେତେ ବର୍ଷ ଖୋଲା ହାୱାରେ, ବଢୁଥାଉ ଉନ୍ମୁକ୍ତ ପ୍ରକୃତି କୋଳରେ । ଅନ୍ତତଃ ବଡ଼ଭାଇମାନଙ୍କ ପରି ନଳୀ ପେଣ୍ଟ ଚୁଚୁନ୍ଦ୍ରା । ଚୋଡା ପିନ୍ଧିବା ଯାକେ । ବଡ଼ ହେଲେ ଆଉ କ'ଣ ସେ ଲଙ୍ଗଳା ହେଇପାରିବ ? ମୋତେ ବଡ଼ ଆଶ୍ଚର୍ଯ୍ୟ ଲାଗୁଛି ତମେ ସବୁବେଳେ 'ଲଙ୍ଗଳା' 'ଲଙ୍ଗଳା' କଥାଟାକୁ ଖୁବ୍ ଜୋର ଦେଉଛ । କାହିଁକି ?''

''ତୁମେ କାରଣ ଜାଣିପାରୁନ । ପିଲାଟା ଅସଭ୍ୟଙ୍କ ପରି ସବୁବେଳେ ଲଙ୍ଗଳା ହୋଇ ବୁଲୁଛି । ଦୋ–ଅକ୍ଷରି ବି ଆରମ୍ଭ କରିଦେଲାଣି । ତୁମକୁ ସବୁ ଦିଶୁଛି, ଶୁଭୁଛି । କିନ୍ତୁ ତମେ ଆଖି କାନ ବନ୍ଦକରି ଦଉଛ । ତିନିଟିନିଟାର ସର୍ବନାଶ ହେଲା । ଏଇଟାକୁ ବି ସାରିବ, ଦେଖୁଛି ।

''କି ଆଶ୍ଚର୍ଯ୍ୟ କଥା । ପିଲା ଦିହରେ ମୋଟେ ଲୁଗାଜାମା ରଖୁନି । ମୋ ଦୋଷ ? ତୁମେ ନିଜେ ଯେଉଁ ଚାକର ରଖିଥିଲ ସେ ତାକୁ ଦୋ–ଅକ୍ଷରି ଶିଖାଇଲା; ମୋର ଦୋଷ ? ତୁମେ ନିଜେ ତ ସକାଳ ସଞ୍ଜରେ ହରି, ରାମ, କୃଷ୍ଣ ଆଦି ଦୋ–ଅକ୍ଷରି ଜପୁଛ । ତୁମେ ତ ଅସଭ୍ୟ ନୁହଁ, ତମ ତୁଣ୍ଡ ଖରାପ ହଉନି । ବଡ଼ ପିଲାଙ୍କୁ ତ ତୁମେ ଶିକ୍ଷାଦୀକ୍ଷା ଦେଇଛ । ବୁଢ଼ାକାଳରେ ତୁମେ ପ୍ରକୃତିଛଡ଼ା ହେଲଣି ଦେଖୁଛି ।''

''ତୁମକୁ ସେ ବୁଢ଼ା ହନୁମାନ ଖାଇଲାଣି । ଜାଣିଥାଅ ତାଙ୍କ ଫ୍ରୟେଡ୍ ଏକ ବିରାଟ ଫ୍ରଡ୍, ଭଣ୍ଡାମି । ସେ ଲୋକଟା ସବୁବେଳେ ଅଶ୍ଳୀଳ ଭିତରେ ବୁଡ଼ି ରହିଥାଏ । ତା ମୁହଁରେ ବାଡ଼ବତା ନଥାଏ । ଉଦ୍ଭଟ ତାର ଚିନ୍ତାଧାରା । ଫ୍ରୟେଡ୍ ସାଙ୍ଗକୁ ଚାର୍ବାକ, ଓମର ତା'ର ଆଦର୍ଶବାଦ ଗଢୁଛନ୍ତି । ତୁମେ ପୁଣି ତାରି ଦର୍ଶନ ସାଙ୍ଗକୁ ପଇସା ଲୋଭରେ ପରିବାର ନିୟନ୍ତ୍ରଣରେ ପଶିଲଣି । ତୁମର ଲଜ୍ଜା ସରମ ସବୁ ଗଲାଣି ।''

''ତମଠୁ ବଡ଼ ଦୁର୍ବୃତ୍ତ ଯୌବନରେ ଆଉ କିଏ ଥିଲା ? ମୁଁ ତୁମ ଇତିହାସ ଭୂଗୋଳ ସବୁ ଜାଣେ । ଚୌରଙ୍ଗୀ ବିଶ୍ୱବିଦ୍ୟାଳୟର ଛାତ୍ର ତମେ । କାଳିଦାସ, କୀଟସ, ବାଇରନ, ଜଏସ, ଲରେନ୍‌ସ ତୁମ ଜିହ୍ୱାଗ୍ରେ । କାମଶାସ୍ତ୍ର ତୁମର କଣ୍ଠସ୍ଥ । ରୁଚିଗର୍ହିତ ଛବିସବୁ କାନ୍ଥରେ ଝୁଲାଇ ତକିଆ ତଳେ ପତ୍ରିକା ରଖି ଜୀବନ କଟାଇଛ । ଏବେ ପଣ୍ଡିଚେରୀ

Digitized by srujanika@gmail.com

ଯାଇ ଓଁକାର ପତ୍ରିକା ଛରିଆରେ ଧର୍ମ ପ୍ରଚାର ଆରମ୍ଭ କରିଦେଇଛ । କିନ୍ତୁ ମନେରଖ, ପରିବାର ନିୟନ୍ତ୍ରଣ ବିଜ୍ଞାପନ ନ ପାଇଲେ ତମ କାଗଜ ବୁଡ଼ିଯାଆନ୍ତା ।''

''ଥାଉ ଥାଉ ତୁମର ବକ୍ତୃତା । ବେଥୁନ ବା ବେବୁନ କଲେଜର ପାଠଗୁଡ଼ାକ ମୋତେ ପଢ଼ାଅ ନାହିଁ । ତମେ ତ ନିଜେ ଅଧାଲଙ୍ଗଳା ପୋଷାକ ପିନ୍ଧି ବୁଲୁଛ; ସ୍ୱାମୀ ହୋଇ ବି ମୋର ଲଜ୍ଜା ହୁଏ ତୁମ ପୋଷାକ ପରିପାଟୀରେ । ଆମର ସଂସ୍କୃତି, ସଭ୍ୟତା, ପରମ୍ପରା ଆଚାର ବ୍ୟବହାର ସବୁ ବୁଡ଼ିଛି ତୁମ ପରି ସ୍ତ୍ରୀଙ୍କ ଯୋଗୁଁ । ମାଆ ନିଜେ ଲଙ୍ଗଳା ହେଲେ ପିଲାଏ ଲୁଗା ପିନ୍ଧିବେ କାହିଁକି ? ସେମାନେ ଅବଶ୍ୟ ଅସଭ୍ୟ ହେବେ ।''

''ଦେଖ, ସବୁ ଲଙ୍ଗଳା ଅସଭ୍ୟ ନୁହନ୍ତି । ସଭ୍ୟ ଦେଶରେ ଅନେକ ଲଙ୍ଗଳା ଉପନିବେଶ ଅଛି । ସବୁ ଲଙ୍ଗଳା ଅସଭ୍ୟ ହେଲେ ଲୋକେ କୋଣାର୍କ, ଖଜୁରାହୋ, ଅଜନ୍ତା, ଗ୍ରୀସ୍ ଓ ରୋମକୁ ଯାଆନ୍ତେ କାହିଁକି ?''

''ମୁଁ ଗ୍ରୀସ୍, ରୋମ କଥା ବୁଝେ ନାହିଁ । ନିଜ ଘର ସଜାଡ଼ିବା ଏଥର ।''

''ଆଉ ସଜାଡ଼ିବାକୁ ଅଛି ? ବଡ଼ ପୁଅ ତ କଳା ନାଆଁରେ ଲଙ୍ଗଳା ଛବି ଆଙ୍କୁଛି, ସେଥିପାଇଁ ସେ ନାମଜାଦା କଳାକାର । ମଝିଆଁ ପୁଅ ଗାଇନୋ, ଏନାଟମି ଓ ଜୁରିସ୍ ପଢ଼ି ଡାକ୍ତର ହବାକୁ ଯାଉଛି । ଝିଅ ତ 'କ୍ଷମାନୁକମ୍ପାଧର', 'ଖେଳାଖଞ୍ଜାରିଟ' ଓଡ଼ିଶୀ ନାଚ ଦେଖାଇବାକୁ ଦେଶ ଦେଶ ବୁଲିଲାଣି । ସେମାନଙ୍କୁ ନେଇ ତୁମେ ଗର୍ବ କରନା, ତାଙ୍କୁ ଅଶ୍ଳୀଳ ଅପଦାର୍ଥ, ଅସଭ୍ୟ ବୋଲି ଭାବ ?''

''ତୁମ ସାଙ୍ଗରେ ଯୁକ୍ତିତର୍କ କରି ଲାଭ ନାହିଁ । ତୁମେ ଟିକିଏ ଅତି ବେଶି ଆଧୁନିକା, ପ୍ରଗତିଶୀଳ, ପାଶ୍ଚାତ୍ୟପ୍ରେମୀ ହୋଇଯାଇଛ । ତା'ଛଡ଼ା ପଇସା ଲୋଭରେ ନାନା ଲୋକଙ୍କ ସଂଶ୍ରବରେ ଆସି ଦ୍ୱାର ଦ୍ୱାର ବୁଲି ପରିବାର ନିୟନ୍ତ୍ରଣ ପ୍ରଥା ବୁଝାଇ କଳକବ୍‌ଜା ଯନ୍ତ୍ରପାତି ଔଷଧ ବଡ଼ିବଟିକା ବାଣ୍ଟି ନାରୀତ୍ୱ ହରାଇଲଣି । ଯାହା ହେଲା ତ ହେଲା । ଏଥର ଆସ ସାନ ପିଲାଟାକୁ ନୂଆକରି ଗଢ଼ିବା । ତାକୁ ଲଙ୍ଗଳା ପାଠ ପଢ଼ାଅ ନାହିଁ ।''

ଓଁକାର ପତ୍ରିକାର ସଂପାଦକ ଲିଙ୍ଗରାଜ ବାବୁ ଏବଂ ପରିବାର ନିୟନ୍ତ୍ରଣ ଉପଦେଷ୍ଟିକା ତଦୀୟ ପତ୍ନୀ ଆଦ୍ୟାଶକ୍ତି ଦେବୀ ଏବେ ଏବେ ଦାମ୍ପତ୍ୟ-ପ୍ରେମ ଅପେକ୍ଷା ସଂଘର୍ଷ ଓ ବାଦବିସମ୍ବାଦକୁ ପସନ୍ଦ କରନ୍ତି । ବୌଦ୍ଧିକ ସ୍ତରରେ ସେମାନଙ୍କ କଥାବାର୍ତ୍ତା, କଳିତକରାଳ । ଉଭୟେ ଉଚ୍ଚଶିକ୍ଷିତ, ତୀକ୍ଷଣ ବୁଦ୍ଧି ସଂପନ୍ନ । ଅନ୍ୟଥା ଏକ ଦେହ ଓ ମନ ହେଲେ ହେଁ ଦୁହିଁଙ୍କର ଆଦର୍ଶଗତ ବ୍ୟବଧାନ ଅପୂରଣୀୟ । ଦେଖାସାକ୍ଷାତ୍ ମାତ୍ରେ ସଂସ୍କୃତି ଓ ସଭ୍ୟତା ସଂପର୍କରେ ଉଗ୍ର ଆଲୋଚନା ଆରମ୍ଭ ହୁଏ ।

ଲିଙ୍ଗରାଜ ବାବୁଙ୍କ ଆନ୍ତରିକ ଇଚ୍ଛା ଯେ ଶେଷ ସନ୍ତାନ ପଦ୍ମଯୋନିକୁ ଆର୍ଯ୍ୟ ସଂସ୍କୃତି, ପରମ୍ପରା ଓ କୌଳିକ ପନ୍ଥାରେ ଚଳାଇବେ । ସେଥିପାଇଁ ପାଶ୍ଚାତ୍ୟ ତଥା ପାରିପାର୍ଶ୍ୱିକୀର ସମସ୍ତ କୁ-ପ୍ରଭାବରୁ ପିଲାକୁ ବଞ୍ଚାଇ ତାକୁ ସୁସ୍ଥ ଓ ସଂଯତ ମଣିଷ କରିବେ ।

Digitized by srujanika@gmail.com

ତାଙ୍କ ଧାରଣା ତାଙ୍କ ସର୍ବମୟ ପ୍ରଚେଷ୍ଟାର ଅନ୍ତରାୟ ସ୍ୱୀୟ ପତ୍ନୀ ଆଦ୍ୟାଶକ୍ତି ଦେବୀ ଯେ କି ପ୍ରତିବେଶୀ ଡକ୍ଟର ହନୁମନ୍ତ ମିଶ୍ରଙ୍କ ପରାମର୍ଶରେ ପରିଚାଳିତା ଓ ଆଦର୍ଶରେ ଅନୁପ୍ରାଣିତା । ଡକ୍ଟର ମିଶ୍ର ପ୍ରୟେଡ଼ବାଦୀ, ବସ୍ତୁବାଦୀ ବା ସିମିତି କିଛି । ପଦ୍ମଯୋନି (ଲିଙ୍ଗରାଜ ବାବୁଙ୍କୁ ଚିଡ଼ାଇବା ପାଇଁ ଆଦ୍ୟାଶକ୍ତି ଦେବୀ ତାକୁ ନଙ୍ଗୁଳି ବୋଲି ଡାକନ୍ତି) ଘର ଭିତରେ ଆବଦ୍ଧ ଥାଏ । ବାହାରକୁ ତାକୁ ଯିବାକ ଦିଆହୁଏ ନାହିଁ । ଚାକରବାକର ପିଲାଙ୍କ ଯୌନ ଶିକ୍ଷାର ଆଦିଗୁରୁ । ତେଣୁ ଘରେ ଚାକର ନାହାନ୍ତି । ସ୍କୁଲରେ ପିଲାଏ ଅଶ୍ଳୀଳତା ଶିଖନ୍ତି । ଅତଏବ ପଦ୍ମଯୋନି ସ୍କୁଲକୁ ଯାଏ ନାହିଁ । ଘରପାଖରୁ କୁକୁର, ଷଣ୍ଢ, ଛେଳି, ଗଧ, ପାରା, ଘରଚଟିଆ ଆଦି ପଶୁପକ୍ଷୀଙ୍କି ତଡ଼ି ଦିଆଯାଏ । ସେଗୁଡ଼ାଙ୍କ ମଧ୍ୟରୁ ଅଧିକାଂଶ ଲୁଗା ପିନ୍ଧନ୍ତି ନାହିଁ, ଉଭା ଲଙ୍ଗଳା । ତା'ଛଡ଼ା ସେଗୁଡ଼ାକଙ୍କର ଅଶ୍ଳୀଳ ବ୍ୟବହାର । ଲାଇବ୍ରେରୀରୁ ବଛାବଛି କରି ଖରାପ ବହି ଅନ୍ତର କରି ଦିଆଯାଇଛି କାଳେ ପିଲା ଛବି ଦେଖି ନାନା କଥା ଜାଣିଯିବ ।

ବାପମାଆ ଥାଇ ମଧ ପଦ୍ମଯୋନି ଛେଉଣ୍ଡ । ଦୁଇଭାଇ ଓ ଭଉଣୀ ଘର ବାହାରେ ଦେଶ ବିଦେଶରେ ଥାଆନ୍ତି । ବାପମାଆ ଅଧିକାଂଶ ସମୟ ପତ୍ରିକା ସଂପାଦନା ଓ ପରିବାର ନିୟନ୍ତ୍ରଣ ଯୋଜନା ପ୍ରଚାରରେ ନ ହେଲେ ଯୁକ୍ତିତର୍କରେ ବ୍ୟସ୍ତ । କେବଳ ପଡ଼ୋଶୀ ହନୁମନ୍ତ ମଉସା ଆସିଲେ ପିଲାଟି ସାମାନ୍ୟ ଆନନ୍ଦ ପାଏ । ମଉସା ତାକୁ ସିଂହ, ମୂଷା, କୁଆଖିଆଳ ଗପ କହନ୍ତି, ରଜାରାଣୀ ଗପ କହିବାକୁ ତାଙ୍କୁ ମନା ।

ସେଦିନ ବଳିଗୋଳ ଭୁଷାଭୁଷି ପରେ ଲିଙ୍ଗରାଜ ବାବୁ ଓ ଆଦ୍ୟାଶକ୍ତି ଦେବୀ ପଛକୁ ପଛ କରି ଦୂରେଇ ହୋଇ ବସିଥାଆନ୍ତି ଶୋଇବା ଘରେ । ପଦ୍ମଯୋନି ଦାଣ୍ଡ ଘରେ ବସି ସିଦ୍ଧିରସ୍ତୁ ଅକ୍ଷର ଚାରିଟା ମଡ଼ାଉଥାଏ ବାପାଙ୍କ ଦିଆ ଏକ ମସ୍ତବଡ଼ ପଥର ଖଡ଼ିରେ । ଏତିକିବେଳେ ଦାଣ୍ଡରେ ଡ଼ିବିଡ଼ିବି ଡ଼ମ୍ବରୁ ଶୁଭିଲା । ଧଡ଼ପଡ଼ ହୋଇ ନଙ୍ଗୁଳି ଖଡ଼ି ଫୋପାଡ଼ି ଦେଇ ଝରକାକୁ ଉଠିଗଲା । ଦେଖିଲା ପଗଡ଼ିବାଲା ଲୋକଟାଏ ଗୁଡ଼ାଏ ରଙ୍ଗବେରଙ୍ଗ ବେଲୁନ ଉଡ଼ାଇ ଉଡ଼ାଇ କହୁଛି "ଦଶ ଦଶ ପଇସା ବେଲୁନ । ନାଲି ରଙ୍ଗର ଠିଆ ଠିଆ ଲମ୍ବ ସାପଭଳି ବେଲୁନଗୁଡ଼ାକୁ ହାତମୁଠା ଭିତରେ ରଖି କଅଁର କଅଁର କଡ଼ା ଶବ୍ଦ ବାହାର କରୁଛି ଗରାଖ ଡାକିବା ପାଇଁ । ମାଆ ଥନ ପରି ଫିକା ହଳଦିଆ ରଙ୍ଗର ବେଲୁନ ଦୁଇଟା ଦେଖିଦେଲା ମାତ୍ରେ ଲୋଭ ସମ୍ଭାଳି ନ ପାରି ଘର ଭିତରକୁ ଯାଇ ବଡ଼ ପାଟିରେ ଆଗ୍ରହରେ କହିଲା, "ମାଆ ମାଆ ! ପଇସା ଦିଅ, ବେଲୁନ କଣିବି ।" ଆଦ୍ୟାଶକ୍ତି ଦେବୀ ଯିମିତି ତକିଆ ତଳୁ ଦଶ ପଇସିଟିଏ କାଢ଼ି ପୁଅ ହାତକୁ ଦେଇଛନ୍ତି ସିମିତି ଲିଙ୍ଗରାଜ ବାବୁ ଗର୍ଜି ଉଠିଲେ "ପଦ୍ମା ! ମୁଁ କହୁଛି ବେଲୁନ କିଣା ହବନି । ସେଗୁଡ଼ାକ ଅଳ୍ପକେ ନରମିଯାଏ, ବେଶିଦିନ ରହେନା, ବାଜେ ଜିନିଷ ।"

ପିଲାଟି ମୁହଁ ଶୁଖାଇ ଫେରିଗଲା । ଦଶ ପଇସିଟି ଧରିଥାଏ ଆଉ ଚାହିଁଥାଏ ପଡ଼ିଶା ବାଡ଼ିର ପିଜୁଳି ଗଛକୁ । ଦେଖିଲା ମାଙ୍କଡ଼ଟାଏ କଚକଚ କରି କଷି ପିଜୁଳିକୁ

Digitized by srujanika@gmail.com

ଚୋବାଇ ଖାଇଯାଇଛି, ତା ଆଡ଼କୁ ଦାନ୍ତ ନିକୁଟିଛି । ଏକା କୁଦାକେ ଗଛକୁ ଝରକା ଦେଇ ଡେଇଁଯିବ ଭାବିଲା । ହେଲେ ବାପା ଅଛନ୍ତି ମାଙ୍କଡ଼ ପରି ଡେଇଁବାକୁ ମନା କରିବେ ।

ପୁଣି ଡିବି ଡିବି ଡିବି ।

ସାପୁଆ କେଳାଟାଏ ଭାରେ ସାପପେଡ଼ି ନେଇ ଚାଲିଛି । ଗୁଡ଼ାଏ ପିଲା ପଛେ ପଛେ ଚାଲିଛନ୍ତି ।

"ବାପା ! ବାପା ! ସାପ ଖେଳ ଦେଖିବି । ଡାକିବି ତାକୁ ?"

ଲିଙ୍ଗରାଜ ବାବୁଙ୍କ ହଠାତ୍ ମନେପଡ଼ିଲା ସାଂପ୍ରତିକ ସାହିତ୍ୟର ସାପୁଆ କେଳା ବୋଲି କବିତାଟି, ଯହିଁରେ ଅତିମାତ୍ରାରେ ଯୌନ ସଙ୍କେତ ଓ ରୂପକଳ୍ପ ଥିଲା । କହିଲେ, "ନା, ନା, ସାପଖେଳା ହୋଇପାରିବ ନାହିଁ ଆମ ଘରେ । ବଡ଼ ବିଷ ସାପଗୁଡ଼ାକର । କାଳନାଗ ଗୁଡ଼ାକ ବିଶେଷ କରି । ପିଲାଝିଲାଙ୍କୁ ଗୋଡ଼ାଇ କାମୁଡ଼ନ୍ତି ।" ଯା, ଯା, ଖଡ଼ି ଧରି ଅକ୍ଷର ମଡ଼ା ।

ନଙ୍ଗୁଳି ନିରାଶ ହୋଇ ପୁଣି ସ୍ୱ-ସ୍ଥାନକୁ ଗଲା । ଝରକା ଦେଇ ଦେଖିଲା ତାରି ଭଳି କେତେ ପିଲା ନାଚି ନାଚି କୋଳାହଳ କରି କେଳା ପଛରେ ଚାଲିଛନ୍ତି, କେଉଁଠି କାହା ଘରେ ଖେଳ ହେଲେ ଦେଖିବେ ବୋଲି ।

ପ୍ରଧାନ ରାସ୍ତା ଉପରେ ଘରଟା । ସହରର ଯାନିଯାତ, ନାଚ ତାମସା, ପଟୁଆର, ଶୋଭାଯାତ୍ରା ସବୁ ସେଇ ରାସ୍ତା ଦେଇ ଚାଣିହୁଏ । ପୁଣି ଡିବି ଡିବି ଡିବି । ଏଥର ଶୁଭିଲା, "ଯାଦୁ, ମେଜିକ ଖେଳ ।" ମାଆ ବୋଧହୁଏ ହଁ ଭରିଥାନ୍ତେ ନଙ୍ଗୁଳିର ଅନୁରୋଧରେ । ମାତ୍ର ଲିଙ୍ଗରାଜ ବାବୁ କହି ଉଠିଲେ "ଛିଃ ଛିଃ, ଭଦ୍ରଲୋକ ସେ ଖେଳ ଦେଖନ୍ତି ନାହିଁ । ଝିଅଟା ଲଙ୍ଗଳା ହୋଇ ଖେଳ ଦେଖାଏ ପେଟତଳେ ବାଉଁଶ ଦେଇ । ଝୁଆଙ୍କୁ ସେମାନେ ଥଳିରେ ପୂରାଇ ନେଇଯାଆନ୍ତି ।"

ଯାଦୁଖେଳ ପ୍ରତି ନଙ୍ଗୁଳିର ସେତେ ଆଗ୍ରହ ନଥିଲା । ପିଲା ତ । ଯାହାହେଲେ ପରିବର୍ତ୍ତନ ଚାହେଁ ତା ମନ । ବୁଢ଼ାବୁଢ଼ୀ ଦି'ଟା ସାଙ୍ଗରେ କେତେ କାଳ ରହିବ ସେ ରଙ୍ଗବେରଙ୍ଗ ଜୀବନ୍ତ ଦୁନିଆଁଠାରୁ ଦୂରେଇ ହୋଇ ।

ପୁଣି ଡିବି ଡିବି ଡିବି; କୋଳାହଳ ସାଙ୍ଗକୁ କୁକୁର ଗୁଡ଼ାକର ଭୋ ଭୋ ।

ଅତିଷ୍ଠ ହୋଇ ନଙ୍ଗୁଳି ପୁଣି ଚାହିଁଲା ବାହାରକୁ । ବାବା ! କେଡ଼େ ବଡ଼ ଭାଲୁଟାଏ ! କେତେ ପିଲା । ପୁଣି ବାପାଙ୍କ ପାଖକୁ ଯାଇ କହିଲା 'ବାପା ! ଭାଲୁ ନାଚ ଦେଖିବି ।'

ଲିଙ୍ଗରାଜ ବାବୁଙ୍କ ମୁଣ୍ଡରେ ଶିର ଗୋଟାଏ ଦି'ଟା ଛିଡ଼ିଗଲା ବୋଧହୁଏ । ପିଲାଟା ବି ମାଆ ସାଙ୍ଗରେ ଯୋଡ଼ି ବାନ୍ଧି ଆଜି ତାଙ୍କ ମୁଣ୍ଡଟାକୁ ପୂରାପୂରି ବିଗିଡ଼େଇ ଦବ ପରା । ତାଙ୍କର ହଠାତ୍ ମନେ ପଡ଼ିଲା ବୀର ପଣ୍ଡାଙ୍କ 'ଭାଲୁ ନାଚ' ବୋଲି ଆଧୁନିକ କବିତାଟି; ଭୀଷଣ ଅଶ୍ଳୀଳ ! କି ଆଶ୍ଚର୍ଯ୍ୟ ସଙ୍କେତ ! ଏତେ ଜୋରରେ 'ନା' ବୋଲି

Digitized by srujanika@gmail.com

ଚିତ୍କାର କଲେ ଯେ ନଙ୍ଗୁଳି ନାଁ ନଙ୍ଗୁଳି ତା' ମାଆ ବି ଧଡ଼୍‌କିନା ଚମକି ପଡ଼ିଲେ । ମାଆ ତତକ୍ଷଣେ ନିଜ ଛାତିରେ ଓ ନଙ୍ଗୁଳି ଦିହରେ ମୋଖାଏ ଛେପ ଥୁକିଦେଲେ । ଭାଲୁଟା ଆଗରେ ପଡ଼ିଥିଲେ ବି ପିଲାଟା ଏତେ ଜୋର ଚମକି ନଥାନ୍ତା ।

ଦୈବକୁ ମଉସା ଡକ୍ଟର ହନୁମନ୍ତ ମିଶ୍ର ସେତିକିବେଳେ ପ୍ରବେଶ କଲେ ବୋଲି ନଙ୍ଗୁଳି କାନ୍ଦ ସମ୍ଭାଳି ନେଲା । ସମସ୍ତେ ଚୁପଚାପ, ଘର ଶୂନ୍ଶାନ ଦେଖି ମଉସା ଆରମ୍ଭ କଲେ, "ଭାତ ଖାଇବା ବେଳଟାରେ ଦି'ଜଣ ଏତେ ବ୍ୟତିବ୍ୟସ୍ତ ହେଲା ପରି ଜଣାଯାଉଛ । କଥା କ'ଣ ?"

ଲିଙ୍ଗରାଜ ବାବୁ ଦଣ୍ଡେ ଗୁମ୍ ମାରି କହିଲେ, "ଆମର ପଦ୍ମଯୋନି ପିଲାଟା କିମିତି ମଣିଷ ହବ ସେଇ ଚିନ୍ତା ଆମକୁ ଖାଉଛି । ବଡ଼ କଷ୍ଟ । ସର୍ବତ୍ର ଅଶ୍ଳୀଳତା ।"

"ଗୋଟାଏ ଦୁଃସମ୍ବାଦ ନେଇ ଆସିଛି, ଲିଙ୍ଗରାଜ ବାବୁ !"

"ଦୁଃସମ୍ବାଦ ! କିଏ ମଲେ ?"

"ଆପଣଙ୍କ ସଂସ୍କୃତି, ପରମ୍ପରା, ସଂଯମ, ସଭ୍ୟତା ସମସ୍ତେ । ଖୋସଲା କମିଶନ ସୁପାରିଶ୍ କରିଛନ୍ତି ଏଣିକି ଚଳଚ୍ଚିତ୍ରରେ ନଗ୍ନତା ଓ ଚୁମ୍ବନ ଦେଖାଯାଇ ପାରିବ, ଅବଶ୍ୟ ଯଥା ସ୍ଥାନରେ ।"

"ଅର୍ଥାତ୍ ଗଳ୍ପ ଉପନ୍ୟାସ ରାଜ୍ୟରେ, ଦାଣ୍ଡରେ ଘାଟରେ ସର୍ବତ୍ର ସବୁ ସମୟରେ ସବୁ ଦେଖିହବ ? ଏଇୟା ତ ? ଦାଣ୍ଡଘାଟର ଅଶ୍ଳୀଳତା ତ ମୋତେ ଏଇ ମୁହୂର୍ତ୍ତରେ ଅବ୍ୟବସ୍ଥିତ କରିଛି । ମୋର ବିଶ୍ୱାସ ଆତ୍ମହତ୍ୟାର ଦିନ ଆସିଗଲା ବିବେକୀ ପକ୍ଷରେ, ଜାତି ପକ୍ଷରେ, ଦେଶ ପକ୍ଷରେ ।"

"ପ୍ରକୃତିସ୍ଥ ହୋଇ କଥାଗୁଡ଼ାକ ଭାବନ୍ତୁ । ଏମିତି ଛାନିଆଁ ହେଲେ ଚଳିବ ? ଏଥିରେ ନୂଆ କଥା କ'ଣ ଅଛି ? ଜୀବନ ଓ କଳାର ସଂପର୍କ ସ୍ୱୀକାର କଲେ ଆପଣଙ୍କୁ ଅନେକ କଥା ଗ୍ରହଣ କରିବାକୁ ପଡ଼ିବ । ଜ୍ଞାନର ପରିସର ସଙ୍କୁଚିତ କଲେ ମଣିଷ ଖର୍ବ ହୋଇଯିବ ଯେ ।"

"କି ଜ୍ଞାନ ! ସାହିତ୍ୟରେ, କଳାରେ, ସମାଜରେ ଘୋର ଅଶ୍ଳୀଳତା ତ ଅଛି, ତାକୁ ଆଇନସମ୍ମତ କରି ଲାଭ କ'ଣ ? ନଗ୍ନତା ଏଥର ଆଇନର ସ୍ୱାକ୍ଷର ପାଇବ ତେବେ ? ବିବେକ ତ ଫେର୍ ଅଛି ।"

'କିନ୍ତୁ ସବୁ ନଗ୍ନତା ଅଶ୍ଳୀତଳା ନୁହେଁ- ଏକଥା ଭୁଲି ଯାଉଛନ୍ତି କାହିଁକି ? ବିବେକ ଆମକୁ ଡରୁଆ କରି ଦିଏ ।'

'ଖରାପ କଥା ଜାଣିବା ପାଇଁ ଦୁନିଆଁ ବିଶେଷତଃ ଅପ୍ରାପ୍ତ-ବୟସ୍କମାନେ ବଡ଼ ଆଗ୍ରହୀ । ଗୋଟାଏ ହେଲେ ପିଲାକୁ ରକ୍ଷା କରିବି ଭାବିଥିଲି ।

'ଜାଣନ୍ତୁ କ୍ଷତି କ'ଣ ? ଆମେରିକା ପରି ଦେଶରେ ଛୋଟ ଛୋଟ ପିଲାଙ୍କୁ ଯୌନତଥ୍ୟ ଶିକ୍ଷା ଦିଆଯାଉଛି । ଡେନ୍‌ମାର୍କ, ଫ୍ରାନ୍‌ସ, ଇଂଲଣ୍ଡରେ ଯୌନ ସାହିତ୍ୟ ପ୍ରଚାର

Digitized by srujanika@gmail.com

ଓ ପରିପ୍ରସାର ଆଇନତଃ ସମ୍ମତି ପାଇଛି । ତା' ସତ୍ତ୍ୱେ ଉତ୍କଟ ଯୌନ-ସାହିତ୍ୟ ଓ ସିନେମାର ଆଦର ନାହିଁ ।'

'ସେଇଥି ପାଇଁ ସେ ଦେଶମାନଙ୍କରେ ଏତେ ବ୍ୟଭିଚାର ଅସଭ୍ୟତା ।'

'ଆମର ଅର୍ଦ୍ଧମତ ସଭ୍ୟତା, ଅସ୍ୱାଭାବିକ ରୀତିନୀତି ଅପେକ୍ଷା ସେମାନଙ୍କ ଅସଭ୍ୟତା ଦିବ୍ୟ ଜୀବନର ପରିପୋଷକ, ପରିପନ୍ଥୀ ନୁହେଁ । ତା'ଛଡ଼ା ଶ୍ଳୀଳ ଅଶ୍ଳୀଳ ଧାରଣା ମନ ଉପରେ ନିର୍ଭର କରେ । ତାହା ଆପେକ୍ଷିକ । ଆପଣଙ୍କୁ ଯାହା ଅଶ୍ଳୀଳ ନଙ୍ଗୁଳିକୁ ତାହା ସ୍ୱାଭାବିକ, ଶ୍ଳୀଳ । ମନେ କରନ୍ତୁ, କଳାକାହ୍ନୁ କୁହୁକ ଜାଣେ, ଯେଣିକି ଚାହିଁଲେ ଦିଶଇ ତେଣେ ।'

ଆଦ୍ୟାଶକ୍ତି ଦେବୀ ଡକ୍ଟର ହନୁମନ୍ତଙ୍କୁ ସମର୍ଥନ କରି କହିଲେ, 'ଡକ୍ଟର, ଆମର ଜଏ ତ କଥାରେ 'ଲଙ୍ଗଳା' କୁ ଜଗୁଛନ୍ତି । ମୁଁ କଣ କରିବି ?'

''ଦେଖନ୍ତୁ, ସେମିତି ଖୋଜି ବସିଲେ ପୃଥିବୀର ସର୍ବତ୍ର ଯୌନ-ସଙ୍କେତ ମିଳିବ । ବିକାରଗ୍ରସ୍ତ ମନ ସବୁବେଳେ ଶ୍ଳୀଳରେ ଅଶ୍ଳୀଳତା ପାଇଯିବ । ଯାହା ସହଜ, ସୁନ୍ଦର, ସ୍ୱାଭାବିକ ତାହା ମଧ୍ୟ ଆମକୁ ଭୟର କାରଣ ଯୋଗାଏ । ଆମର ଦଣ୍ଡବିଧି ଆଇନ ଏତେ କଠୋର ହେଲେ ମଧ୍ୟ ଅଶ୍ଳୀଳତା କ'ଣ କମିଛି । ଲେଡ଼ି ଚେଟାର୍ଲି ଅଶ୍ଳୀଳ ବୋଲି କହି ହଜାର ହଜାର ସଂଖ୍ୟାରେ କୁରୁଚିପୂର୍ଣ୍ଣ ବୀଭତ୍ସ ଯୌନ ପୁସ୍ତକ ଓ ପତ୍ରପତ୍ରିକାରେ ପ୍ରଚାର କ'ଣ ରୋକିପାରିଛୁ ?''

''ସତ କଥା । ପାଣି ପବନକୁ କିଏ କେତେଦିନ ବାଧା ଦବ ।''-ଆଦ୍ୟାଶକ୍ତି ଦେବୀ ମନ୍ତବ୍ୟ କଲେ । ''ନା, ନା, ଏଥର ପିଲାଝିଲାଙ୍କୁ ଧରି ସିନେମାରେ ଚୁମ୍ବନ ଓ କୁଣ୍ଢାକୁଣ୍ଢି ଦେଖିବ, ନାଲି ତ୍ରିଭୁଜ ବିଜ୍ଞାପନ କାନ୍ଥବାଡ଼ରେ ମାରିବ । ତୁମେ ଯେଉଁ ଦୂଷିତ ବାଷ୍ପ ଓ ବିଷାକ୍ତ ବାୟୁମଣ୍ଡଳ ସୃଷ୍ଟି କରୁଛ ତାରି ବିରୁଦ୍ଧରେ ମୋର ଅଭିଯାନ । ପ୍ରାଚ୍ୟ ପାଶ୍ଚାତ୍ୟ ନୁହେଁ ।''

''ଡକ୍ଟର କହିଲେ, ପୂର୍ବ ପଶ୍ଚିମର ପ୍ରଭେଦ କାଳ୍ପନିକ । ସେମାନେ ଓ ଆମେ ଏକ ଥିଲୁଁ, ଅଛୁଁ ମଧ୍ୟ । 'ଜ୍ଞାତ ସ୍ୱାଦୁଃ ବିବୃତ ଜଘନାଂ...' ବା କୀଟସ୍‌ଙ୍କ ଶେଷ ସନେଟ୍‌ର ଧାଡ଼ିଗୁଡ଼ିକ କୌଣସି ଦେଶ କାଳରେ ଅଶ୍ଳୀଳ ନୁହେଁ । ସେଗୁଡ଼ାକ ପଢ଼ାଇଲା ବେଳେ ଉତ୍ତେଜନା, ଶିହରଣ ଅନୁଭବ କରି କେହି ଛାତ୍ରଛାତ୍ରୀ ପୂର୍ବପଶ୍ଚିମରେ ଅଧୈର୍ଯ୍ୟ ହୋଇ କୁହନ୍ତି ନାହିଁ 'ସାର୍, ଆଉ ପଢ଼ାନ୍ତୁ ନାହିଁ ମୋତେ ଖରାପ ଲାଗୁଛି ।' ଯାହା ରୁଚିବିଗର୍ହିତ ତାହା ଆପେ ଆପେ ମରିଯିବ ।''

''ଡକ୍ଟର !''

''ହଁ ହଁ ଠିକ୍ କଥା । ସୁସ୍ଥ ସବଳ ମନ କଦାପି ଗୋଟାଏ ଜିନିଷ ଉପରେ ସବୁବେଳେ ଅତି ମାତ୍ରାରେ ବ୍ୟସ୍ତ ରହେ ନାହିଁ । ସେମିତି ମନ ଥିବା ଲୋକଙ୍କୁ ମୋନୋ-ମେନିଆକ୍ କହନ୍ତି । ମାନସିକ ଧୈର୍ଯ୍ୟ ହରାଇ ସହଜରେ ସେମାନେ ପାଗଳ ହୁଅନ୍ତି ।

Digitized by srujanika@gmail.com

ତା'ଛଡ଼ା ଯିଏ ଯାହା କହୁନା କାହିଁକି ଭାବି ବସିଲେ ଆମେ ସମସ୍ତେ ଲଙ୍ଗଳା, ଯିଏ ଯେତେ ପରସ୍ତ ଲୁଗା ପିନ୍ଧୁନା କାହିଁକି ଅଶ୍ଳୀଳତାରେ ଆମର ଜନ୍ମ ।''

ଲିଙ୍ଗରାଜ ବାବୁ ମୁଣ୍ଡଟାକୁ ଚାପି ଧରି ଘରର ଏପଟ ସେପଟ ହେବାକୁ ଲାଗିଲେ । ଆଦ୍ୟାଶକ୍ତି ଦେବୀ ଏତିକିବେଳେ ଅର୍ଥପୂର୍ଣ୍ଣ ମୋନାଲିସା ହସ ଅଧରରେ ଫୁଟାଇ ଡକ୍ଟର ହନୁମନ୍ତଙ୍କୁ ଚାହିଁ ରୋଷେଇଘର ଆଡ଼କୁ ଚାଲିଗଲେ ।

ନିଷ୍ପତ୍ତିମୂଳକ ଯୁକ୍ତି ଛଳରେ ଡକ୍ଟର କହିଲେ, 'ଦେଖନ୍ତୁ ଲିଙ୍ଗରାଜ ବାବୁ; ଆତ୍ମ-ପ୍ରବଞ୍ଚନା ଆତ୍ମ-ଗାରିମାରେ କିଛି ଲାଭ ନାହିଁ । ଆପଣଙ୍କ ସ୍ତ୍ରୀ ଠିକ୍ କହିଛନ୍ତି । ଆମେ ସମସ୍ତେ ଲଙ୍ଗଳା ଆବରଣ ତଳେ । ଆପଣ ଲିଙ୍ଗରାଜ, ଆପଣଙ୍କ ସ୍ତ୍ରୀ ଆଦ୍ୟାଶକ୍ତି, ମୁଁ ହନୁମାନ । ଆମର ଠାକୁର ଲିଙ୍ଗ; ସେ ଆମର ଦେବାଦିଦେବ । ଉପାସ୍ୟ, ଆରାଧ୍ୟ । ଧର୍ମ ନାଁରେ ତାଙ୍କୁ ସହିଛୁଁ, କଳା ସାହିତ୍ୟ ଓ ଜୀବନରେ ସେ ଅଶ୍ଳୀଳ ହେବେ କାହିଁକି ? ତାଙ୍କୁ ତ ଆମେ ଲଙ୍ଗଳା ରଖି ପୂଜାକରୁଁ । ଲଙ୍ଗଳାକୁ ଏତେ ଭୟ କାହିଁକି ? ସେ ତ ଶିବ, ମଙ୍ଗଳମୟ । ସୃଷ୍ଟିର ମୂଳ ପ୍ରକ୍ରିୟାକୁ ଆଖି ବୁଜିଲେ ଚଳିବ କିପରି ? ସମସ୍ତ କଳା ବିଜ୍ଞାନର ମୂଳ ସେଇ, ଫ୍ରୟେଡ଼ଙ୍କ ମଧ୍ୟ ସେଇ ଯୁକ୍ତି ।

''ବାଜେ ଏକତରଫା ଯୁକ୍ତି । ଫ୍ରୟେଡ୍‌କୁ ନେଇ ଆପଣ ଏଥର ଘରକୁ ଯାଆନ୍ତୁ । ମୋ ମୁଣ୍ଡ ଆପଣମାନେ ଖରାପ କରି ଦେବେ ।''

ଡିବି ଡିବି ଡିବି ।

ନଙ୍ଗୁଳି ଝରକା ବାଟେ ପୁଣି ବାହାର ଦୁନିଆଁକୁ ଦେଖି ଦେଇ ଦଉଡ଼ି ଦଉଡ଼ି ଘର ଭିତରକୁ ଆସି କହିଲା- ''ବାପା ! ମାଙ୍କଡ଼ ନଚାଇବା ଆମର ।'' ମଉସାଙ୍କ ଉପସ୍ଥିତି ଓ ସାନ୍ନିଧ୍ୟରେ ଆଶାନ୍ୱିତ ଓ ଉତ୍ସାହିତ ହୋଇ ପୁଣି କହିଲା ''ରାମଦାସ ଆଉ ଫୁସ୍ ଫୁସି ବୁଢ଼ୀ କେତେ ଖେଳ ଦେଖାଇବେ । ଅବିକଳ ମଣିଷ ପରି । ଆମର ବି ନଚାଇବା ବାପା !''

ଲିଙ୍ଗରାଜ ବାବୁ ଜଳି ଯାଉଥିଲେ କ୍ରୋଧରେ । ଡକ୍ଟର ମିଶ୍ର ନଥିଲେ ପିଲାଟିର ଗାଲରେ ଥାପଡ଼ଟାଏ ବସାଇଥାନ୍ତେ । ସମ୍ଭାଳି ନେଲେ ନିଜକୁ । କିନ୍ତୁ ଆଖି କୁରାଳଚକ୍ର ପରି ଘୂରୁଥାଏ । କହିଲେ, ''ମାଙ୍କଡ଼ ଗୁଡ଼ାକ ତୋରି ପରି ଲଙ୍ଗଳା ଓ ସେଇଥିପାଇଁ ତାଙ୍କ ନାଚ ଦେଖିବା ପାଇଁ ତୋ ମନ ଧାଇଁଛି । ଆମେ କ'ଣ ଜଙ୍ଗଲୀ ହେଇଛୁଁ ଯେ ଦାଣ୍ଡରେ ମାଙ୍କଡ଼ ନାଚ କରିବୁଁ, ଦେଖିବୁଁ । ଯାଆ ମାଙ୍କଡ଼ିଆକୁ କହିବୁ ମାଙ୍କଡ଼କୁ ଲୁଗା ପିନ୍ଧାଇ ଆଣିବ; ଯାଇ ନାଚ ହେବ ।''

''ଲିଙ୍ଗରାଜ ବାବୁ ! ମୋର ମନେ ହେଉଛି ବାହାର ଦୁନିଆଁର ଘାତ ସହିତ ଆପଣଙ୍କ ପ୍ରତିଘାତର ସମନ୍ୱୟ ଓ ସାମଞ୍ଜସ୍ୟ ରହୁନାହିଁ । ଗାଣିତିକ ନ ହୋଇ ଜ୍ୟାମିତିକ ହୋଇଯାଉଛି । କଳାପାହାଡ଼ ଏମିତି ମାନସିକ ଅବସ୍ଥା ନେଇ ମନ୍ଦିରର କଳା ଧ୍ୱଂସ କରିବାର ଚେଷ୍ଟା କରିଥିଲେ ।''

Digitized by srujanika@gmail.com

''ହନୁମାନଜୀ, ବନ୍ଧୁତ୍ୱର ସୁବିଧା ନେଇ ଆପଣ ମୋ' ସ୍ତ୍ରୀ, ପୁଅକୁ ମୋ ବିରୁଦ୍ଧରେ ଲଗାଇ କଉତୁକ ଦେଖୁଛନ୍ତି । ଯାଆନ୍ତୁ ଏଥର ଦୟା କରି । ମୋ ମୁଣ୍ଡ ବୁଲେଇଲାଣି ।''

ଡକ୍ଟର ହନୁମନ୍ତ ଚାଲିଗଲେ । ଯିବା ପୂର୍ବରୁ ପିଲାଟିକି ଆଶ୍ୱାସନା ଦେଇ କହିଗଲେ, ''ନଙ୍କୁଳି, ତୋ ବାପା ନ ନଚାଇଲେ ଆମ ଘରେ ନଚାଇବା । ତୁ ଦେଖିବୁ । ମାଙ୍କଡ଼ିଆ ବୁଢ଼ା ତ ନିତିପ୍ରତି ଏ ବାଟଦେଇ ଆସୁଛି ।''

ଉଦୁଉଦିଆ ଦିପହର, ହଠାତ୍ ଲିଙ୍ଗରାଜ ବାବୁଙ୍କ ଘୁମ ଭାଙ୍ଗିଗଲା । ଯୁକ୍ତିତର୍କରେ ମୁଣ୍ଡ ଗରମ ହୋଇ ଯାଇଥିଲା, ନିଦ ଭଲ ହେଲା ନାହିଁ । ଉତପ୍ତ ମସ୍ତିଷ୍କରେ ନିଦ କୁଆଡ଼େ ହବ ? ଉଠି ଦେଖନ୍ତି ଦାଣ୍ଡ କବାଟ ମେଲା । ନଙ୍କୁଳି ନାହିଁ । ପିଣ୍ଡାରେ ବୁଲା କୁତାଟାଏ ସିମେଣ୍ଟ ଚଟାଣରେ ଲମ୍ବତମ୍ବ ଅଲାଜୁକ ପରି ଶୋଇଯାଇଛି । ଲିଙ୍ଗରାଜ ବାବୁ ଜୋର ନାତଟାଏ ପକାଇ ଲଙ୍କୁଳିକୁ ଖୋଜି ବାହାରିଲେ ।

ପାନ ଦୋକାନୀକି ପଚାରିଲେ, ''ପଦ୍ମ ଇଆଡ଼େ ଆସିଥିଲା ?'' ଦୋକାନୀ କହିଲା, ''କିଏ ? ନଙ୍କୁଳି ? ହଁ, ଅବି ଆସିଥିଲା । ମିଶ୍ରବାବୁଙ୍କ ଘରଆଡ଼େ ଗଲା । ମାଙ୍କଡ଼ିଆ ବୁଢ଼ା ପଛେ ପଛେ ।''

ଥମ୍‌ଥମ୍ ହୋଇ ପାଦର ଗତି ଜୋର କରି ଲିଙ୍ଗରାଜ ବାବୁ ଚାଲିଲେ । ତେଣେ ମାଙ୍କଡ଼ିଆ ବୁଢ଼ାକୁ ଡ଼ାକିନେଇ ନଙ୍କୁଳି ଡକ୍ଟର ମିଶ୍ରଙ୍କ ଘରେ ହାଜର । କବାଟରେ ଖଡ଼ଖଡ଼ ଶବ୍ଦ ଶୁଣି ହନୁମନ୍ତ ବାବୁ ଉଠି ଆସି ଦେଖନ୍ତି ସଦଳବଳେ ବାନରସେନା ସହିତ ନଙ୍କୁଳି ।

''ମଉସା, ମାଙ୍କଡ଼ ନଚାଇବେ ପରା !'' ମଉସାଙ୍କ 'ହଁ' କୁ ଅପେକ୍ଷା ନ କରି ନଙ୍କୁଳି ହୁକୁମ ଦେଲା, ''ଏ ବୁଢ଼ା ! ଏଥର ମାଙ୍କଡ଼ ନଚା ।'' ମଉସା ଚେୟାରଟିଏ ଆଣି ପିଣ୍ଡାରେ ବସିଲେ । ବାହାର ଅଗଣାରେ ଖରାରେ ନାଚ ।

ରାମଦାସ ବୁଢ଼ା ଡେଙ୍କିକୁଟେ, ବାଡ଼ି ଧରି ଚାଲେ, ଭାର ବୁହେ, ଜୁହାର କରେ, ହାତକଡ଼ିରେ ଚୋର ପରି ଚାଲେ, ଫୁସ୍‌ଫୁସି ବୁଢ଼ୀ କାନରେ ଚୁପ୍‌ଚାପ୍ କ'ଣ କହେ; ବୁଢ଼ୀ କାନ୍ଦେ, ଦୁହିଁଙ୍କ ବାହାଘର ହୁଏ । ସବୁକଥା ମଣିଷ ପରି । ନଙ୍କୁଳି ନିରିଖି ସବୁ ଦେଖେ । ଆଖିରେ ପଲକ ପଡ଼େ ନାହିଁ । ବିଭୋର । ଯିମିତି ରାମଦାସ ଓ ଫୁସ୍‌ଫୁସି ବୁଢ଼ୀ ଟୁଇଷ୍ଟ ବା ଅଣ୍ଟାଭଙ୍ଗା ନାଚ ଆରମ୍ଭ କରିଦେଇଛନ୍ତି; ନଙ୍କୁଳି ଉଠି ବସିଲା । ତାକୁ ଦେଖି ଆଉ ଯେତେ ନଙ୍କୁଳି ଉଠିଲେ । ମାଙ୍କଡ଼କୁ ଅନୁକରଣ କରି ମଣିଷ ପିଲା ନାଚିଲେ । ଚିହ୍ନ ହେଲା ନାହିଁ କିଏ ମାଙ୍କଡ଼ କିଏ ମଣିଷ, ସବୁ ସମାନ, ଏକ ଭଙ୍ଗୀ, ଏକ ନାଚ, ଏକାକାର । ଡକ୍ଟର ହନୁମନ୍ତ ଯିମିତି ମାଙ୍କଡ଼ିଆ ବୁଢ଼ୀ ।

ସର୍ବବ୍ୟାପୀ ଆନନ୍ଦ ଉଲ୍ଲାସର ଚରମ ମୁହୂର୍ତ୍ତରେ ଘୂର୍ଣ୍ଣିବାୟୁ ପରି ଆସି ଲିଙ୍ଗରାଜ ବାବୁ ପହଞ୍ଚିଗଲେ । ଦୃଶ୍ୟର ଗୋଟାଏ ସମ୍ୟକ୍ ଧାରଣା ମୁହୂର୍ତ୍ତକେ କରିନେଇ ଯିମିତି ନଙ୍କୁଳିର ମାଙ୍କଡ଼ ନାଚ ଏବଂ ଡକ୍ଟର ହନୁମନ୍ତଙ୍କ ପ୍ରଶଂସମାନ ଚକ୍ଷୁ ଦେଖି ଦେଇଛନ୍ତି ସିମିତି ସେ ଉଦ୍ଦାମ ଅଟ୍ଟହାସ୍ୟଟାଏ ଦେଲେ ପ୍ରଳୟକାଳର ତୂରୀ ଶବ୍ଦ ପରି । ଯିମିତି ତାଙ୍କୁ

Digitized by srujanika@gmail.com

ଛଣାପଡ଼ିଲା ସାରା ଦୁନିଆ ଲଙ୍ଗଳା, ପିଲାମାନେ ନଙ୍ଗୁଳି, ଡକ୍ଟର ହନୁମନ୍ତ । ତାଙ୍କୁ ନିଜକୁ ବି ଲଙ୍ଗଳା ପରି ଲାଗିଲା । ଯୁଆଡ଼େ ଚାହିଁଲେ ତ୍ରିଭୁଜ, ରେଖା, କାଠି, ବେଙ୍ଗ, ଫଳ ନାନା ରୂପ ନେଇ ଯୌନ ସଙ୍କେତ । ଲୁଗା ପିନ୍ଧିଥିଲେ ମଧ୍ୟ ସେ ପୁଣି ନିଜକୁ ଲୁଗାରେ ଢ଼ାଙ୍କାଇବାକୁ ଉଦ୍ୟମ କଲେ । ଡକ୍ଟର ହନୁମନ୍ତଙ୍କୁ କହିଲେ, "ଲୁଗା ପିନ୍ଧନ୍ତୁ, ଲଙ୍ଗଳା ହୋଇ ବସିଛନ୍ତି କାହିଁକି ? ଥାଉ, ଥାଉ, ଆମେ ତ ସମସ୍ତେ ଲଙ୍ଗଳା । ଆମର ଠାକୁର ବି ଲଙ୍ଗଳା । ଆମର ଦେବାଦିଦେବ ସେ ତ ଶିବ । ହାଃ–ହାଃ–ହାଃ । ଆପଣ ହସୁ ନାହାନ୍ତି କାହିଁକି ?"

ଲଙ୍ଗୁଳିକି ଧରି ଘରମୁହାଁ ଚାଲିଲେ, ମାଙ୍କଡ଼ ନାଚ ଶେଷ, ସାମାନ୍ୟ ପ୍ରକୃତିସ୍ଥ ହେଲେ । ପୁଣି ମନେପଡ଼ିଲା କିପରି ଲଙ୍ଗୁଳିକି ସଭ୍ୟ କରିବା ପ୍ରୟାସ ବ୍ୟର୍ଥ ହୋଇଗଲା; ସକେଇ ସକେଇ କାନ୍ଦିଲେ ମଧ୍ୟ ଟିକେ ।

ଘର ଦୁଆର ମୁହଁ ପହଞ୍ଚୁ ନ ପହଞ୍ଚୁଣୁ ଯିମିତି ସଂତ୍ରସ୍ତା ଆଲୁଳାୟିତା କେଶା ଆଦ୍ୟାଶକ୍ତି ଦେବିଙ୍କି ଦେଖିଲେ ସେ ତାଙ୍କ ଆଡ଼କୁ ଅଙ୍ଗୁଳି ଦେଖାଇ କହିଲେ, "ବେଶ ଭଲ କରିଛ, ଆମର ମା' କାଳୀ ତ ଲଙ୍ଗଳା । ମୁଁ ତ ଦେଖି ଆସିଲି, ଦେଖୁଛି ମଧ୍ୟ ଦୁନିଆଁ ସାରା ଲଙ୍ଗଳା । କି ସୁନ୍ଦର ! କି ମଜା !"

ଆଦ୍ୟାଶକ୍ତି ଦେବୀଙ୍କ ମନରେ ଛନକା ପଶିଲା । ନିଜକୁ ଦୋଷୀ ଭାବିଲେ । ଭାବିଲେ, ନଙ୍ଗୁଳିକି ଲଙ୍ଗଳା ଦେଖି ସ୍ୱାମୀଙ୍କ ଏମିତି ମସ୍ତିଷ୍କ ବିକୃତି ଘଟିଛି । ଖଣ୍ଡିଏ ପେଣ୍ଟ ଆଣି ତାକୁ ଯିମିତି ପିନ୍ଧାଇଛନ୍ତି, ସିମିତି ଲିଙ୍ଗରାଜ ବାବୁ କହିଲେ, "ଆରେ ଥାଉ କାହିଁକି ତାକୁ ସେମିତି ହଇରାଣ କରୁଛ । ତୁମେ ଆଗେ ଲୁଗା ପିନ୍ଧି ଆସ । ତୁମର ଅଙ୍ଗପ୍ରତ୍ୟଙ୍ଗ ମୁଁ ସବୁ ଦେଖିପାରୁଛି ।"

ଆଦ୍ୟାଶକ୍ତି ଦେବୀ କିଂକର୍ତ୍ତବ୍ୟବିମୂଢ଼ ହୋଇ ବାପ ପୁଅକୁ ଧରାଧରି କରି ଘର ଭିତରକୁ ନେଲେ । ଟଣାଟଣିରେ ନଙ୍ଗୁଳି ହାତରୁ ଖଣ୍ଡେ ଦିଖଣ୍ଡ ଛବି କାଗଜ ଖସି ପଡ଼ିଲା । ଲିଙ୍ଗରାଜ ବାବୁ ଦେଖିଲେ ସେଗୁଡ଼ାକ ନାଲି ତ୍ରିଭୁଜ ବିଜ୍ଞାପନ । ନଙ୍ଗୁଳି କେଉଁ କାନ୍ଥରୁ ଉଠାଇ ଆଣିଛି । ତରବର ହୋଇ ଆଦ୍ୟାଶକ୍ତି ଦେବୀ ସେଗୁଡ଼ାକ ମୋଡ଼ାମୋଡ଼ି କରି ଝରକା ଦେଇ ଫୋପାଡ଼ି ଦେଲେ ଏବଂ ତରବର ହୋଇ ଡାକ୍ତେ ପାଣି ଆଣିବାକୁ ଘର ଭିତରକୁ ଗଲେ ।

ନଙ୍ଗୁଳି ଭାରି ଖୁସି । ମାଙ୍କଡ଼ ନାଚରେ ସେ ଯାଦୁ ମେଜିକ୍, ଭାଲୁନାଚ ସବୁ ପାଇଁ ମନର ଓରମାନ ମେଣ୍ଟାଇଛି । ପାନ ଦୋକାନୀ ପାଖରୁ ଦଶ ପଇସା ଦେଇ ଯେଉଁ ଦୁଇଟା ରବର ବେଲୁନ କିଣିଥିଲା ତାହା ମୁଠାରୁ ବାହାର କରି ଯିମିତି ଫୁଙ୍କିବାକୁ ଆରମ୍ଭ କରିଛି, ଲିଙ୍ଗରାଜ ବାବୁ ଦେଖିଲେ ତାହା ପରିବାର ନିୟନ୍ତ୍ରଣ ରବର ଚିଜ । ଜିଦି ଧରି ବସିବାରୁ ଦୋକାନୀ ଦଶ ପଇସି ନେଇ ନଙ୍ଗୁଳିକି ଦେଇଛି ।

'ବେଲୁବ୍ ! ବେଲୁବ୍ ! ବେଲୁବ୍ ନବ ଆସ । ଏଣେ ଦେଇଥିଲେ ତେଣେ ପାଇବ ।' ଯାହା ଲୋକଙ୍କୁ ଦେଇଥିଲା ତାହା ଘରକୁ ଆସିଲା । ନଙ୍ଗୁଳି, ତୁ ଡିବି ଡିବି

Digitized by srujanika@gmail.com

ଡିବି ଡମ୍ବରୁ ବଜା । ମୁଁ ନାଚେ । ତାଣ୍ଡବ ନାଚିବି ।'

ଆଦ୍ୟାଶକ୍ତି ଦେବୀ କ୍ଷଣକେ ଘଟଣା ବୁଝିଗଲେ । ବେଲୁନ୍ ଛଡ଼ାଇ ନେଇ ଫୋପାଡ଼ି ଦେଲେ । ଯିମିତି ପାଣି ଢାଳକ ଲିଙ୍ଗରାଜ ବାବୁଙ୍କ ମୁଣ୍ଡରେ ଢାଳି ଦେଇଛନ୍ତି ସିମିତି ନାଚି ନାଚି ଚିତ୍କାର କଲେ, "ମୁଁ ତାଣ୍ଡବ ନାଚିବି ସୋଽହମ୍ । ଦୁନିଆଯାକ ଲିଙ୍ଗମୟ । ମୁଁ ଲିଙ୍ଗରାଜ, ଆଉ ଲିଙ୍ଗରାଜ କାହିଁକି ମନ୍ଦିରରେ ରହିବେ ?" ତାକୁ ମୁଁ ଶେଷ କରିବି । କୁରାଢ଼ିଟାଏ ଧରି ପକାଇ ଲଙ୍ଗଳା ବାତୁଳା ହୋଇ ଦଉଡ଼ିଲେ ମନ୍ଦିର ଆଡ଼କୁ ।

"ନଙ୍ଗୁଳି ! ତୁ ଧାଇଁଯା ମଉସାକୁ ଡାକିଦବୁ । ମୁଁ ଯାଉଛି ତୋ ବାପା ପଛେ ପଛେ ।

ଠକୁର ମିଶ୍ର ଆସି ଦେଖନ୍ତି ଘର ଶୂନ୍ଶାନ । ରାସ୍ତାରେ ଗୁଡ଼ାଏ ଲୋକ ଦଳକୁ ଦଳ ଧାଇଁଛନ୍ତି । କହୁଛନ୍ତି ବାୟା ଲିଙ୍ଗା ମନ୍ଦିରରେ ମହାଦେବଙ୍କ ମୁଣ୍ଡ ଚୂନା କରି ଦେଇଛି । ଆମେ ତା' ମୁଣ୍ଡ ଫଟାଇ ଦେବୁ । ଶୁଣୁଛୁ ଦୁର୍ଗା ମୂର୍ତ୍ତିର ମୁଣ୍ଡ ବି କାଟି ପକାଇଛି । ତା' ବାୟା ପଣିଆ ଛଡ଼ାଇଦେବୁ । ତା' ଘରେ ସେ ବାୟା । ବେଶି ପାଠ ପଢ଼ିଲା ତ, ତା' ତିରିଲା ବି କୁଆଡ଼େ ବାୟାଣୀ ହୋଇଯାଇଛି । ଭଗବାନ ନାଇଁ କ'ଣ ଦୁନିଆରେ !

ମାସକ ପରେ । ଲିଙ୍ଗରାଜ ବାବୁଙ୍କ ଦୁଇ ପୁଅ ଓ ଝିଅ କାଙ୍କେରୁ ଫେରିଛନ୍ତି । ମଉସା ପଚାରିଲେ, 'କେମିତି ଦେଖିଲ ?'

ଡାକ୍ତରୀ ପଢୁଥିବା ପୁଅଟି କହିଲା, 'ବାପାଙ୍କ ଅପେକ୍ଷା ମାଆଙ୍କ ଅବସ୍ଥା ବେଶି ଖରାପ ହୋଇଥିଲା । ପ୍ରଥମେ ଡାକ୍ତରମାନେ ଆଶା ଛାଡ଼ି ଦେଇଥିଲେ । ପରେ ଘଟଣା ସବୁ ବୁଝି ଭଲ ଆଡ଼କୁ ଆଣିଲେ । ଦି'ଜଣକୁ ଅଲଗା ରଖିହେଲା ନାହିଁ । ଏକାଠି ରଖିଲେ, ଦୁହେଁ ଦୁହିଁଙ୍କି ଲଙ୍ଗଳା କରିବାରେ ଲାଗିଲେ । ବର୍ତ୍ତମାନ ଭଲ । ଆଠ ଦଶଦିନ ପରେ ସେମାନେ ଫେରିବେ ।

'କ'ଣ କହୁଥିଲେ ବାପା ?'

'ଆପଣଙ୍କ ପାଇଁ ଏଇ ଧାଡ଼ିଟି ଲେଖି ଦେଇଛନ୍ତି ବାପା ।'

ଠକୁର ହନୁମନ୍ତ ଟୁକୁରା କାଗଜ ଖଣ୍ଡିକ ଆଣି ପଢ଼ିଲେ, ଲେଖାଥିଲା 'ଯାହା ଲଙ୍ଗଳା, ଅଶ୍ଳୀଳ, ତାକୁ ଭଲ ଭାବରେ ଢଙ୍କାଇ ପାରିଲେ ତାକୁ ଧର୍ମ, ସାହିତ୍ୟ, କଳା ବୋଲାଯାଏ ।'

ଦାଣ୍ଡରେ ଖେଳାଖେଳି ସାରି ଧାଇଁ ଧାଇଁ ଆସି ଭାଇ ଓ ଭଉଣୀକୁ ଦେଖି ନଙ୍ଗୁଳି କହିଲା "ବଡ଼ ନନା, ସାନ ନନା, ନାନୀ, ବାପା ଗଲାଦିନ କ'ଣ କହୁଥିଲେ ଶୁଣିଲୁଣି ? ମୁଁ ଲୁଗା ପିନ୍ଧିଲେ କହୁଥିଲେ ଲଙ୍ଗଳା, ଲୁଗା ନ ପିନ୍ଧିଲେ କହୁଥିଲେ ତୁ ଅସଭ୍ୟ, ଜଙ୍ଗଲୀ । ମୁଁ ଏଥର ସବୁବେଳେ ପେଣ୍ଟ ପିନ୍ଧେ, ଆଉ ଲଙ୍ଗଳା ମୋତେ ହୁଏ ନାହିଁ ।"

Digitized by srujanika@gmail.com

# ରୋମାଣ୍ଟିକ୍ ବା ଅବଗୁଣ୍ଠନବତୀ

ପରସ୍ପରକୁ ଟେକାଟେକି, ଠକାଠକି, ଭଣ୍ଡାଭଣ୍ଡି କରି (ଏପରି କି ସନ୍ଦେହ କରି) ଡାକ୍ତରୁଙ୍କରେ ଥାଇ ବର୍ଷେ ନୁହେଁ, ଅଧେ ନୁହେଁ ଦୀର୍ଘ ସାତ ବରଷ (ପଚିଶ ପଚାଶ ବରଷ ବି ସିମିତି କଟି ଯାଇଥାନ୍ତା) କିପରି ସେମାନେ ଦୁହେଁ ତାଙ୍କ ସମାଜରେ ଆଦର୍ଶ ଦମ୍ପତି ବୋଲି ଖ୍ୟାତି ଲଭିଥିଲେ, ତାହା ଅନ୍ୟମାନେ କାହିଁକି, ସେମାନେ ନିଜେ ମଧ୍ୟ ବିଶ୍ୱାସ କରିପାରୁ ନଥିଲେ । ବିବାହର ଲାଇସେନ୍‌ସ ନେଇ ରୋମାଣ୍ଟିକ୍ ଗଗ୍‌ଲସ ଓ ଅବଗୁଣ୍ଠନ ତଳେ ଏତେ ପ୍ରକାର ମେଜିକ୍ ଖେଳ ସେମାନେ ଯେ ଖେଳିପାରୁଥିଲେ ତାହା କୌଣସି ସେଣ୍ଟିମେଣ୍ଟାଲ ତରୁଣ ମଧ୍ୟ କଳ୍ପନା କରିପାରିବ ନାହିଁ । କିନ୍ତୁ ଖେଳ ଖେଳୁ ଖେଳୁ ଦିନେ ସେମାନଙ୍କର ମୁଖା ଖସିପଡ଼ିଲା ।

ଡକ୍ଟର ରାୟ ଉଠିବସିଲା ମାତ୍ରେ ଟୁକ୍‌କରି ରେଡ଼ିଓଟା ଖୋଲି ଦେଇ ବାହାରକୁ ଗଲେ । ଫେରି ଆସି ପୂର୍ବପଟ ଝରକାଟି ଯିମିତି ଖୋଲିଛନ୍ତି ସିମିତି ହେମନ୍ତ ସକାଳର ହାଲୁକାଏ ସୁନେଲି କିରଣ ଅବାଞ୍ଛିତ ଅତିଥି ପରି ଘର ଭିତରକୁ ପଶି ଆସିଲା । ଏଣେ କଣ୍ଟା ଷ୍ଟେସନ୍‌ଚ୍ୟୁତ ହୋଇଥିବାରୁ ରେଡ଼ିଓରୁ ଘର୍ ଘର୍ ଫଡ଼୍‌ଫଡ଼୍ ଶ୍ରୁତିକଟୁ ଶବ୍ଦ ବାହାରୁଥାଏ; ତେଣେ କିରଣଗୁଡ଼ାକ ନିଦ୍ରାଳୁ ଆଖିକୁ ବଡ଼ ଅପ୍ରୀତିକର ହେଉଥାଏ । ଶ୍ରୀମତୀ ତେଣୁ ଅତ୍ୟନ୍ତ ଅସ୍ୱସ୍ତିସୂଚକ 'ଓଃ', 'ଆଃ', 'ଉଃ' ଶବ୍ଦ ଉଚାରଣ କରୁଥାନ୍ତି ଏବଂ ନାନା ଲୀଳା ଭଙ୍ଗୀରେ ଏପଟ ସେପଟ ହୋଇ ତକିଆଟାକୁ ଜାବୁଡ଼ି ଧରୁଥାନ୍ତି,: କହୁଥାନ୍ତି ଯିମିତି–

''ମୋ ନିଦ କିମ୍ପା ଦେଲ ଭାଙ୍ଗି ହେ,
ଦେଖୁଥିଲି ମୁଁ ମୋ ପ୍ରିୟସଙ୍ଗୀ ।''

ହଳଦିଆ ନାଲି ରଙ୍ଗମିଶା ଚିକ୍କଣ, ମସୃଣ, ସୁଗୋଲ ଗୋଡ଼ ଦୁଇଟିର ସୌଷ୍ଠବ ଏବଂ ଅଳତାଦିଆ ଲକ୍ଷ୍ମୀ ପାଦ ଦୁଇଟି ଦେଖି ମୁଗ୍‌ଧ ହୋଇ ଜୟଦେବ ରୀତିରେ ଡକ୍ଟର ରାୟ ଆରମ୍ଭ କଲେ ସ୍ୱର ଧରି ''ଦେହି ପଦପଲ୍ଲବ ମୁଦାରମ୍ ।'' ପରେ ପରେ ତାଙ୍କ ରସିକତାଭରା କାବ୍ୟପ୍ରାଣରେ ଜୁଆର ଢେଉ ମାଡ଼ି ଆସିଲା । 'ଲେଡ଼ି ଗେଟାର୍ଲି', 'କେକ୍‌ସ ଏଣ୍ଡ୍ ଏଲ୍' ଏବଂ 'ଡନ୍ ଜୁଆନ୍' ଜାତୀୟ ବିବିଧ ଉପନ୍ୟାସ ଓ କାବ୍ୟର ନାୟକ-ନାୟିକାଙ୍କ ରୂପ ଯୌବନ ଓ କ୍ରୀଡ଼ା ବର୍ଣ୍ଣନା ଓ ବଛା ବଛା ସିନ୍ ସବୁ ସେ ଲେଉଟାଇଲେ ମନେ ମନେ । ଏପରିକି କୀଟ୍‌ସ୍‌ଙ୍କ ପ୍ରଖ୍ୟାତ ପଂକ୍ତିନିଚୟ "Pillowed upon my love's ripening breast, to feel for ever its soft fall and swell." ଏବଂ କାଳିଦାସଙ୍କ

Digitized by srujanika@gmail.com

"ଜ୍ଞାତସ୍ୱାଦୁଃ ବିବୃତଜଘନାଂ କୋ ବିହାତୁଂ ସମର୍ଥଃ ?" ଉଦ୍‌ଫୁଲ୍ଲିତ ହୋଇ ସେ ପାଟିକରି ଗାଇଗଲେ ।

"ଓଃ ! ବନ୍ଦ କର, ସକାଳଟାରେ ବାୟାଙ୍କ ପରି ଏମିତି କାହିଁକି ହେଉଛ ? ଝରକା କାହିଁକି ଖୋଲିଲ ? ଏତେ ସକାଳୁ ମଣିଷ- ? କାଲି ରାତି କେତେବେଳେ ଶୋଇଲୁ ମନେ ନାହିଁ ନା କ'ଣ ?"

ଏତକ କହି ଶ୍ରୀମତୀ ଯିମିତି କଡ଼ ଲେଉଟାଇ ପଛ କରି ଶୋଇଛନ୍ତି- ଡକ୍ଟର ରାୟ ସ୍ୱର ଧରି ପୁଣି ଆରମ୍ଭ କଲେ । ଏଥର ତୋଷି ରାଗରେ ଲାବଣ୍ୟବତୀରୁ ଗାଇଲେ-

"ଅଣିମାଦି ସୁଖଦାୟୀ
ଶୋଇଅଛି ଅଣି ହୋଇ
ପଲ୍ୟଙ୍କ ଅଙ୍କରେ ଅବା କି ଦିଶେ ଶୋଭା !"

ଏବଂ

"ଜାନୁ ଧରି ଦେଲା ହଲାଇ"

ପଦକ ଗାଇଲା ସଙ୍ଗେ ସଙ୍ଗେ କୁତୁରୁ କୁତୁରୁ କରି ତାଙ୍କ ଜାନୁ ଏତେ ଜୋର୍‌ରେ ହଲାଇ ଦେଲେ ଯେ ଶ୍ରୀମତୀ ପ୍ରାୟ ବିବସ୍ତ୍ରା ହୋଇଗଲେ । ଡକ୍ଟର ରାୟ ପିଲାଙ୍କୁ ବର୍ଣ୍ଣବୋଧ ପଢ଼ାଇବା ରୀତିରେ କହିଲେ, "ସକାଳ ହେଲାଣି, କାଉ ରାବିଲେଣି । ଉଠ ଉଠ ମଠ ନ କର ଆଉ । ଚା' କର । ଆଠ ବାଜିବ ଯେ ।"

"ସକାଳୁ ମନଟା ଏତେ ଉଲୁସି ଉଠୁଛି କାହିଁକି ? ଲୋଟୋସ-ଇଟରଙ୍କ ଡ୍ରିମଲେଣ୍ଡ୍ ବୁଲି ଫେରିଛି କି ?" ଅନିଚ୍ଛାସତ୍ତ୍ୱେ ଅରୁଣ ଆଖି ମଳି ଦଳି ଶ୍ରୀମତୀ ଉଠିଲେ; ଭୁଜ ଟେକି ଅଳସ ଭାଙ୍ଗି ପାଖଦେଇ ଯାଉଛନ୍ତି । ଚଣ୍ଡୀଦାସ ରୀତିରେ ଡକ୍ଟର ରାୟ ଆରମ୍ଭ କଲେ, "ଛୋଁୟନା ଛୋଁୟନା ବନ୍ଧୁ, 'ମୁକୁର ଲଇୟା ଚାନ୍ଦ ମୁଖଖାନି ଦେଖ ।" ଶେଷରେ ପଂକ୍ତି ବଦଳ କରି ଗାଇଲେ "ହରିଦ୍ରାର ଦାଗ ଆଛେ ସର୍ବଗାୟ ମରାହଲ ବନ୍ଧୁ ଲାଜେ ।" ଗାଲ ଚିପି ଦେଇ କହିଲେ, "ଏଥର ଏମିତି ଗୁଡ଼ାଏ ହଳଦୀ ଲେପି ହେଉଛ କାହିଁକି ?"

ଶ୍ରୀମତୀ ଦେଖିଲେ ଡକ୍ଟର ରାୟଙ୍କ ବାହୁ ଓ ଛାତିରେ ହଳଦୀ ଲାଗିଛି । ଲାଜ ଲାଜ ହୋଇ କହିଲେ, "ମୁଁ କ'ଣ ଜାଣିଥିଲି ତୁମେ କାଲି ରାତିରେ ଫେରିବ ବୋଲି ?" ବ୍ଲାଉସ ବୋତାମ ଠପ୍‌ଟାପ୍ ଟିପି, ଖସି ଯାଇଥିବା କୁନ୍ତଳ ସାଜି ସେ ଘରୁ ବାହାରିଗଲେ । ଡକ୍ଟର ରାୟ ସିଲୋନ୍ ଷ୍ଟେସନ ଖୋଜି ଖୋଜି ରେଡ଼ିଓ କଣ୍ଟା ଚଳାଇବାରେ ଲାଗିଥାନ୍ତି !

ଶ୍ରୀମତୀ (ବିବାହ ବେଳେ ତାଙ୍କ ନାମ ଥିଲା ପଦ୍ମାବତୀ; ଡକ୍ଟର ରାୟଙ୍କୁ କିନ୍ତୁ ଏ ନାମଟି ମରହଟ୍ଟୀ ଜଣାଯିବାରୁ ସେ ଶରଧା ନାମ ଶ୍ରୀମତୀ ଦେଇଛନ୍ତି) ଫେରିଆସି ଡ୍ରେସିଂ ଟେବୁଲ ପାଖରେ ଟର୍କିସ୍ ତଉଲିଆରେ ମୁହଁ ପୋଛୁଛନ୍ତି, ରେଡ଼ିଓରୁ ଶୁଭିଲା, "ଭେକ୍ୟୁଲେକ୍‌ସ- ଦୋ'ଗୋଳିକା ଟିକିୟା-ପିଲେ ଅର ନୀଲେ-ପେଟକୋ ଆରାମ ପୌଞ୍ଚାଥା ହୈ ।"

Digitized by srujanika@gmail.com

"ବୁଝିଲ ନା, ରେଡ଼ିଓ ବିଜ୍ଞାପନରୁ ଇଙ୍ଗିତ ବା ସୂଚନା ପାଇ ଡକ୍ଟର ରାୟ ଆରମ୍ଭ କଲେ, ବରପାଲି ନ ହେଲେ ସେପ୍‌ଟିକ୍-ଟ୍ୟାଙ୍କରୁ ଯାହାହେଉ ଗୋଟାଏ ଏ ମଧ୍ୟରେ କରିବାକୁ ପଡ଼ିବ ।" ଡକ୍ଟର ରାୟ କବିତାରୁ ଗବିତାକୁ ଖସି ଆସିଲେ ।

"ମଲା, ମଲା ! ବିଜ୍ଞାପନଟା ଶୁଣିବା ମାତ୍ରେ ପାଇଖାନା କଥା ! ପୁରୁଷଙ୍କ ପେଟ ଚିନ୍ତା ନ ହେଲେ ପାଇଖାନା ଚିନ୍ତା ଛଡ଼ା ଆଉ କ'ଣ କିଛି ନଥାଏ ? ମେଞ୍ଚାକୁ ମେଞ୍ଚା ଆକବରୀ, କାପ୍‌କୁ କାପ୍ ବୁକ୍‌ବଣ୍ଡ, ପୁଞ୍ଜାକୁ ପୁଞ୍ଜା ଚାର୍ମିନାର- ଏସବୁ ଯେବେ କାମ ନ ଦେଲା ତେବେ ଦୋ'ଗୋଲିକା ଟିକିୟା । ଆଚ୍ଛା, ସକାଳଟାରେ ତୁମ ମୁଣ୍ଡକୁ ଏ ପବିତ୍ର ପାଇଖାନା ଚିନ୍ତାଟା କିମିତି ପଶିଲା ?"

"ଥୁରୁଥୁରିଆ ବୁଢ଼ୀଟା ସକାଳଟାରେ ଟିଣଟାଏ କାଖେଇ ଏଇ ଝରକା ବାଟଦେଇ ନିତି ପ୍ରତି ଯାଉଥିବାର ମୁଁ ଆଉ ଦେଖି ସହିପାରିବି ନାହିଁ । ମ୍ୟୁନିସିପାଲିଟି କିଛି ନ କଲା ବୋଲି ଆମର କ'ଣ କିଛି- ?"

"ଥାଉ ଥାଉ । ବୁଢ଼ୀ ମେହେନ୍ତରାଣୀଟା ପ୍ରତି ଏତେ ଦୟା ! ତୁମର ନିଜ ମଣିଷଟା ଯେ ଚାକର ଅଭାବରୁ କିମିତି ହଇରାଣ ହରକତ ହେଉଛି ସେ କଥା ଦିଶୁନି, କି ମନେପଡୁନି । ହଜାରେ ଥର ପଟ୍ଟନାୟକ ବାବୁଙ୍କ ଘରକୁ ଦଉଡ଼ି ଦଉଡ଼ି ଚାକର ଟୋକାଟା ଯୋଗାଡ଼ କରିଥିଲି । କେତେ କାମିକା ବୋଲକରା ଟୋକାଟା । ପଟ୍ଟନାୟକ ବାବୁ ଆମ ପାଖ ପଡ଼ିଶା ନ ହୋଇଥିଲେ ମୋର ଯେ କି ଦଶା ହୁଅନ୍ତା, କେତେ ଅସୁବିଧା ହୁଅନ୍ତା-"

"ସ୍ତ୍ରୀଲୋକ ସ୍ତ୍ରୀଲୋକର ଶିରୀ ଦେଖି ସହିପାର ନାହିଁ, ଦେଖୁଛି । ବୁଢ଼ୀଟା କଥା କହିଲାବେଳକୁ ବି ଡେଇଁ ପଡୁଛ ମୋ ଉପରକୁ । ଆଚ୍ଛା କୁହ ତ, ମୋତେ ଚାରି ପାଞ୍ଚଶହ ଟଙ୍କା ଦେଇପାରିବ କି ନା ?"

"ତୁମେ ସେ ପାଇଖାନା କଥା ଆଉ ଉଠାଅ ନାହିଁ । ପଇସା କେଉଁଠୁ ଆସିବ ? ଘର ଲୋନ୍ ଶୁଝାରେ ତ ଦରମା ଅଧେ ଗଲା । ଗଲା ବର୍ଷ ଏଠି ସେଠି ବକ୍ତୃତା ଦେଇ ଉପୁରି ଯେଉଁ ପାଞ୍ଚ ଛଅଶହ ଆଣିଥିଲ ସେସବୁ ତ କୂଅରେ ଗଲା । ଯେବେ ଜିଦ୍ ଧରିବ, ତେବେ ପଟ୍ଟନାୟକଙ୍କ ପାଖରୁ ହାତ ଉଧାର କରି ଆଣିବି ସିନା । ତାଙ୍କ ଛଡ଼ା ଏଠି ଆମର ଚିହ୍ନା ପରିଚୟ, ଆତ୍ମୀୟ କିଏ ଅଛି ଯେ- ? ଦେଖୁଛି, ତୁମେ ବଡ଼ ଜିଦ୍‌ଖୋର ।"

"କ୍ରୋଧ;ସଖୀ ! ସମ୍ବର, ସମ୍ବର । ପଇସା ପତ୍ର ହିସାବକିତାବ ଦେଇ ମୋତେ ଦୁଃଖ ଦିଅନା । ପାଇଖାନା କଥା ଏତିକିରେ ଥାଉ । ଏଥର ମୋତେ ଟିକିଏ ତୁମ ପଟ୍ଟନାୟକ ବାବୁଙ୍କ କଥା କହ । ଏ ବାବୁଟି କିଏ ? ତାଙ୍କ ସହିତ ତୁମର ଭାବ ବଡ଼ ବେଶି ଜମି ଉଠୁଛି ।"

"ସେ ପରା ଆମ ଗାଁ ଲୋକ । ଲେଖାଯୋଖା ଭାଇ, ଆଉ ଗୋଟାଏ ଦୂର ସଂପର୍କରେ ଶଳା, ଭାଇ ନ ହେଲେ ଦିଅର । ଭୀମା ବି ଦୂର ସଂପର୍କୀୟ ଭାଇ । ନ ହେଲେ ଏତେ କମ୍ ଦରମାରେ ତୁମ ଘରେ ଖଟୁଥାନ୍ତା । ତୁମରି ପେଣ୍ଟ, ଜାମା, ଲୁଗାପଟା

Digitized by srujanika@gmail.com

ଦେଇ ଆଦର ଶରଧାରେ ତାକୁ ରଖିଛି ବୋଲି ସିନା ରହିଛି । ତୁମେ ତ ତାକୁ ସବୁବେଳେ ଚିଡ଼ିଲ । ପଟ୍ଟନାୟକ ବାବୁଙ୍କ ଘରକୁ ପିଠାପଣା, ତିଅଣ ତରକାରୀ ଦେଲି ବୋଲି ମୋ ଉପରେ ଚିଡ଼ିଲ । ବିଚରା ନୂଆ ବାହା ହୋଇଛନ୍ତି । ବୁଢ଼ା ବାପ-ମା'ଙ୍କ ଯୋଗୁଁ ବୋହୂକୁ ଆଣିପାରୁ ନାହାନ୍ତି । ନିଜେ ଷ୍ଟୋଭରେ ରୋଷେଇ କରନ୍ତି; ଜାଣ । ପୁରୁଷ କେବେ ପୁରୁଷଙ୍କ ସୁଖ ଶିରୀ ସହିପାରନ୍ତି ନାହିଁ । ଯେବେ ସେ ଚାକର ଟୋକାଟା ନ ଆସେ ତୁମେ ଏଥର ନିଜେ ରୋଷାଇ କରିବ ଯେ ।''

''ଆରେ ! ଚାକର ରଖ । କିଏ ମନା କରୁଛି । ଦି'ଜଣଙ୍କ ପାଇଁ ଏଡ଼େ ଭେଣ୍ଡିଆଟାଏ କାହିଁକି ପୋଷିବ । ଦେଖିଛ ନା ତା ଭୋଜନ ? ତିନି ଜଣଙ୍କର ଖାଦ୍ୟ ଏକା ସେ ଜଣେ ଖାଏ, ପୁଣି ଫେସନ; ବଢ଼ାରିଟାଏ, ସିନେମା ଗୀତ-''

''କି ଆଶ୍ଚର୍ଯ୍ୟ ! ଚାକର ହେଲା ବୋଲି ଖାଇବ ନାହିଁ, ପିନ୍ଧିବ ନାହିଁ, ଘିନିବ ନାହିଁ, ଗୀତ ଗାଇବ ନାହିଁ; ଖାଲି ଖାଲି ତୁମର ବାଡ଼ି ବଗିଚାରେ ଖଟୁଥିବ, ତୋର ଚାମୁଣ୍ଡା ଘଉଡ଼ାଉଥିବ । ଦେଖୁନ, କେଡ଼େ ସୁନ୍ଦର ବଗିଚାଟାଏ କରିଦେଇଛି ଅଗଣାରେ । ଡିମ୍ବଫୁଟା ଛୁଆଟାଏ ରଖି କଣ ମୁଁ ତାକୁ ଦୁଧ ପିଆଉଥିବି । ନିଜର ତ ନାହିଁ । ତୁମେ ଫେର୍ ଘରେ ଅଧେ ଦିନ ରାତିରେ ରହୁନ । ଏକେଲା ମୋତେ ଡ଼ର ମାଡ଼ିବ ନି ?''

ଇତିମଧ୍ୟରେ ଶ୍ରୀମତୀ ରାୟ ଷ୍ଟୋଭରୁ ଚା' କେଟିଲି ଓହ୍ଲାଇ ଚା ପତର ପକାଇଲେଣି । ଚା' ରଙ୍ଗ ହେବାକୁ ଅପେକ୍ଷା କରି ଗୁଣୁଗୁଣୁ ହୋଇ 'ଗୁଣିଆ ଝାଡ଼େ ଲୋ ଡାହାଣୀ'' ଗୀତଟି ଗାଇ ସକାଳର ପ୍ରସାଧନୀ ସାରି ଆକ୍ଷିରେ ଲଞ୍ଜାଟାଏ ଟାଣୁଥାନ୍ତି । ଏଣେ ଡକ୍ଟର ରାୟ ''ଆପ୍ ହି କା ଗୀତ'' ଶୁଣୁଥାନ୍ତି ଓ ଗୀତ ସହିତ ତାଳ ରଖି ଖିଅର ହେଉଥାନ୍ତି, ଟୁଇଷ୍ଟ ବି ମଝିରେ ମଝିରେ କରୁଥାନ୍ତି ।

ଚା-ଖୋର ଯିମିତି ସାଗ୍ରହରେ ଚା ଆସିବାକୁ ଅପେକ୍ଷା କରିବା ବେଳେ ମେଜାଜରେ ଥାଏ, ଡକ୍ଟର ରାୟ ସିମିତି ମେଜାଜରେ ଥାନ୍ତି । ମୁହଁରେ ପାଉଡ଼ର ଲଗାଇ ଅପେକ୍ଷା କରୁଥାନ୍ତି କେତେବେଳେ ସୁନା ଚୁଡ଼ିପିନ୍ଧା ଗୋରା ହାତଟି ଧଳା କାପ୍‌ରେ ସୁନେଲି ଚା ନେଇ ଆସିବ । ସିଗାରେଟ ପେକେଟ୍ ଉପରେ ସିଗାରେଟ୍‌ଟିଏ ପାଞ୍ଚ ମିନିଟ୍ ହେଲା ଭସ୍ମୀଭୂତ ହେବାକୁ ଅପେକ୍ଷା କଲାଣି ।

ଶ୍ରୀମତୀ ଚା-କପଟି ବଢ଼ାଇ ଦେଇ କହିଲେ, ''ଦେଖିଛ ନା ଚନ୍ଦ୍ରମଲ୍ଲିକା ଫୁଲଟି କେତେ ଆଗତୁରା ଫୁଟିଛି ଆମ ଅଗଣା ବଗିଚାରେ । କିଏ ଗଛ ଲଗାଇଥିଲା ମନେ ପଡୁଛି ? (ଚାକର ଟୋକା ଭୀମା ନୁହେଁ ତ ? ଡକ୍ଟର ରାୟ ଭାବିଲେ) ମୁଁ ନିଶ୍ଚୟ ଆଜି ପିନ୍ଧିବି ରିଙ୍ଗ୍ ଜୁଡ଼ାରେ ପ୍ରଥମ ଫୁଲଟି ।''

''ନା, ନା, ନା'' ରେଡ଼ିଓ ବନ୍ଦ କରି ଉଠି ବସିଲେ ଡକ୍ଟର ରାୟ । ''ସେ କଥା କୁହ ନାହିଁ । ତୁମର ଗଞ୍ଜାମୀ ଅଭ୍ୟାସ ଛାଡ଼ି ନାହିଁ ଦେଖୁଛି । ସେଠି ଫୁଲକୁ ଫୁଲ ବୋଲି ବିଚାରନ୍ତି ନାହିଁ ସ୍ତ୍ରୀ-ପୁରୁଷ । ଫୁଲ ବିକା-କିଣା ହୁଏ । ଶ୍ରୀମତୀ ରାୟ କାହିଁକି, ମିସ୍

Digitized by srujanika@gmail.com

ଇଣ୍ଡିଆ ବା ମିସ୍ ଇଉନିଭର୍ସ ଆସିଲେ ବି ସେ ଫୁଲ ପାଇବେ ନାହିଁ ।''

ଇଲାଷ୍ଟ୍ରେଟେଡ୍ ଉଇକ୍ଲିରୁ ଛବି ଲେଉଟାଉଥାନ୍ତି ଶ୍ରୀମତୀ ଏବଂ ପ୍ରଶଂସମାନ ଚକ୍ଷୁରେ ଚାହୁଁଥାନ୍ତି ଡକ୍ଟର ରାୟଙ୍କୁ । ପ୍ରଥମ ଚୁମ୍ବକରେ ପୁଣି ମୁଡ୍ ଆସିଗଲା ଡକ୍ଟରଙ୍କର; ସେ ଗାଇଲେ, 'ଆଖି ମାଗେ ଚିର ପରିଚିତ କାରୁକାନ୍ତ କମନୀୟ କରେ ଆସିବାର ସ୍ୱର୍ଣ୍ଣ-ବର୍ଣ୍ଣ ଚା' ।' ତା' ବୋଲି ତୁମେ କ'ଣ ଭାବିଛ ଚା-କପ୍ ବିନିମୟରେ ଚନ୍ଦ୍ରମଲ୍ଲିକା ପାଇବ ? ଦେଖୁଛି ସଖୀ ! ତୁମେ ବି କ୍ରମେ ରସିକା ସାଜୁଛ । ଆଖିରେ ଲାଞ୍ଜିକଜଳ, ବାଣୀବିହାର ଡାଞ୍ଚାରେ କାନ ଉପରେ ଚୂଳ, ସ୍ଲିଭ୍‌ଲେଶ୍ ବ୍ଲାଉଜ ପୁଣି ଗଭାରେ ଚନ୍ଦ୍ରମଲ୍ଲିକା ଖୋଚିଲଣି ।''

''ରସିକତାରେ ତୁମର କେଉଁ ଊଣା ହେଉଛି କି ? କବିତା, ଗପ, ଫୁଲ, ମିସ୍, ମିସେସ୍ ଭିତରେ ମଜ୍ଜି ତୁମର କାନମୂଳ ଚୂଳ ବି କଳା ହେଲାଣି, କଲର ଲଗେଇବା ଦରକାର ପଡୁନି । ପଟ୍ଟନାୟକ ବାବୁଙ୍କ ପରି ବୀଟଲ ଚୂଳ ତୁମକୁ ବେଶ୍ ମାନନ୍ତା ।''

''ତୁମକୁ ପଟ୍ଟନାୟକ ଭୂତ ଲାଗିଛି ଦେଖୁଛି । କଥା କଥାକେ ପଟ୍ଟନାୟକ ବାବୁ । ରାଧାଙ୍କ ପରି ତୁମେ ତାଙ୍କର ଅଷ୍ଟୋତ୍ତରଶତ ନାମ ଜପିବାକୁ ଆରମ୍ଭ କଲଣି । ଆଚ୍ଛା, ସତରେ କ'ଣ ମୋଠି ରସିକତା ଦେଖୁଛ ? କାଲି ସଭାରେ ଜଣେ ମୋତେ ରସିକ ଗାଳ୍ପିକ ବୋଲି କହିଲା । ତା'ଛଡ଼ା ଯେଉଁ କାଣ୍ଡ ହେଲା ସେଇ ସଭାରେ ତାହା ରସିକତାର ଚୂଡ଼ାନ୍ତ ।''

''ଆମେ କ'ଣ ସେ କଥା ଶୁଣିବା ପାଇଁ ଯୋଗ୍ୟ ? ସଭାକୁ ତ ଯିବାର ସୌଭାଗ୍ୟ ଘଟି ନାହିଁ; ଶୁଣିଥାଏ ଭଲା ।''

''ତୁମେ ଓଢ଼ଣାଟାଏ ଏଥର ଟାଣ । ଏଇ ଓଢ଼ଣା ନେଇ ଏତେ କଥା । ଆଉ ବିଚାରୀ ସେ ସ୍ତ୍ରୀ ଲୋକଟିର ଅବସ୍ଥା-''

''କିଏ ସେ ଭାଗ୍ୟବତୀ ?''

''ଭାଗ୍ୟବତୀ କି ନା କହିପାରିବି ନାହିଁ, ଅବଗୁଣ୍ଠନବତୀ ଅବଶ୍ୟ । ବୋଇତ-ବନ୍ଦାଣ ସଂପର୍କରେ ମୋର କିଛି କହିବାର ଥିଲା; କିନ୍ତୁ ଉତ୍ସବର ଇତିହାସ ମୋତେ କିଛି ଜଣା ନଥିଲା । ଅନ୍ଦାଜରେ ପଦେ ଅଧେ କହି 'ବୋଇତ ଲାଗିଲା ଯାଇ ସିଂହଳ ଦ୍ୱୀପରେ' ସୁର ଧରି ଗାଇଲି । ଦୈବକୁ ସେତିକିବେଳେ ମୋତେ ଜଣେ ଶ୍ରୋତା ଅନୁରୋଧ କଲେ, ମୁଁ କିପରି ଗଳ୍ପ ଲେଖେ, ସେଇ କଥା କହିବା ପାଇଁ ।''

''ତୁମକୁ ପଇସା ଦେଇ ଲୋକେ ଏଇଥିପାଇଁ ଡାକନ୍ତି । ମୋତେ ଡାକିଲେ ବିନା ପଇସାରେ ଦୁଇ ମିନିଟ୍ ଭିତରେ କହିଦିଅନ୍ତି, ତୁମେ କିମିତି ଗପ ଲେଖ ।''

''ମୋ କଥା ଆଗ ଶୁଣିସାର । ଗପ ପଛେ କହିବ । ସଭାରେ ଜଣେ ଅବଗୁଣ୍ଠନବତୀ ଥିଲେ । ମୁ ତାଙ୍କୁ ଚାହିଁ ଉଦାହରଣ ଛଳରେ କହିଲି, ''ଧରନ୍ତୁ, ମୁଁ ଜଣୈକା ପୀତବସନା ଅବଗୁଣ୍ଠନବତୀଙ୍କୁ ଦେଖିଲି । ସେ କିନ୍ତୁ ମୋତେ ଚାହିଁଲେ ନାହିଁ । ସ୍କୁଲ-କଲେଜର ଛାତ୍ରୀ, ଶିକ୍ଷୟିତ୍ରୀ, ଅଧ୍ୟାପିକା ସମସ୍ତେ ମୋତେ ଦେଖିବାକୁ, ମୋ ବକ୍ତୃତା

Digitized by srujanika@gmail.com

ଶୁଣିବାକୁ ପାଗଳୀ । ଅଥଚ ସେ କାହିଁକି ମୋତେ ଚାହିଁଲେ ନାହିଁ । ଏଇ ଅଭିମାନ, ଅପମାନର ନିଦର୍ଶନ ମୁଁ ମୋ ମସ୍ତିଷ୍କ–ଗହ୍ବରରେ ରଖିଲି– ଯିମିତି ପାତିମାଙ୍କଡ଼ ଗାଲମୁଣାରେ ଖାଦ୍ୟ ସାଇତି ଥାଏ ।'' ଦଣ୍ଡେ ରହି ଡକ୍ଟର ରାୟ କହିଲେ, ''ଏତକ କହିସାରି ମୁଁ ରହିଗଲି ଏବଂ ସିଧା ସେଇ ଅବଗୁଣ୍ଠନବତୀଙ୍କୁ ଚାହିଁ ରହିଲି, ଯିମିତି ଯାତ୍ରା ପାର୍ଟିର ଓସ୍ତାଦ୍ ଗୀତ ଗାଉଁ ଗାଉଁ ହାରମୋନିୟମରୁ ଆଙ୍ଗୁଳି ଉଠାଇ ହାତ ଛାଡ଼ି ଦେଇ ଦର୍ଶକଙ୍କୁ ଚାହିଁ ରହେ । "Wonderful" Wonderful 'Hear' 'Hear' ଶବ୍ଦରେ ସଭା କମ୍ପି ଉଠିଲା । ମହିଳାଟି ଅପ୍ରସ୍ତୁତ ହେଲା ପରି ଭାବ ଦେଖାଇଲେ, କିନ୍ତୁ ମୁହଁ ତଳକୁ ପୋତିଲାବେଳେ କଣେଇ ମୋ ଆଡ଼କୁ ଓଢ଼ଣା ତଳୁ ଏମିତି ଚାହିଁଲେ ଯେ ସେ ସ୍ମିତ–ଜୀବନରେ ମୁଁ ସୁନନ୍ଦା, ସୁଷମା, ସାବିତ୍ରୀ, ଝରଣା, ନନ୍ଦିତା ବା ଭଟ୍ଟାଚାର୍ଯ୍ୟ ବାବୁଙ୍କ ସ୍ତ୍ରୀ କାହା ପାଖରେ ଦେଖି ନାହିଁ । ସଭା ଶେଷରେ ସ୍ୱାମୀ ସ୍ତ୍ରୀ ମୋତେ ଅଭିନନ୍ଦନ ଜଣାଇ ତାଙ୍କ ଘରକୁ ନିମନ୍ତ୍ରଣ କଲେ ।''

''ଯାଃ, ଯାଃ ! ତୁମର ନାବାଳକି କଟି ନାହିଁ, ମଥା ପାଗଳ ବି ହେଲାଣି ଦେଖୁଛି । ନିଜ ସ୍ତ୍ରୀ ଆଗରେ ଶହ ଶହ ସ୍ତ୍ରୀଙ୍କ ନାମ କହିଯାଉଛ, ଲଜ୍ଜା ନାହିଁ । ରସିକତାରୁ, ଡିଗ୍ରୀଏ ଉପରକୁ ଯାଇ ଅଭଲ ନମ୍ବର ବେହିଆ ହେଲଣି । ଏଇଥିରେ ଡକ୍ଟରେଟ୍ କ'ଣ ନୋବେଲ ପ୍ରାଇଜ୍ ପାଇବ । ବେଶ୍, ଆସ, ମୋତେ ବି ବେହିଆ, ଅଲାଜୁକ ସାଜି ଆସେ । ଆସ, ଆଇନା ପାଖକୁ, ପାଖକୁ ପାଖ ଲାଗି ଛିଡ଼ା ହୁଅ । ଦେଖ, ଉଇକିର 'ନିଉ ଉଏଜ୍‌ସ' ପୃଷ୍ଠାକୁ । ଆମେ ସୁନ୍ଦର ନା ସେମାନେ ? ଆମେ ଠିକ୍ ମେଚ୍ କରିଛୁଁ ନା ସେମାନେ ?''

''ସାତ ବର୍ଷ ଭିତରେ ଯୋଡ଼ ପଟୁଥିବା ଗୋଟାଏ ସୁନ୍ଦା ପେୟାର ଦେଖିନାହିଁ । ଏବେ ବି ଆମେ ଆମ ଛବି ଯେବେ ପଠାଉଁ ତେବେ ପୃଷ୍ଠା ଝଲି ଉଠିବ ।''

ମୁଁ ତ ସେଇ କଥା କହୁଛି । ତୁମେ ଯେଉଁ କର୍ପୂର ମାଳ ଆଣିଛ ତାକୁ ଗଳାରେ ପକାଅ । ମୁଁ ଫୁଲ ମାଳଟାଏ ନାଇବି । ଫଟୋ ପଠାଇବା । ପାଞ୍ଚ ଟଙ୍କା ଦେବାକୁ ପଡ଼େ କୁଆଡ଼େ । କେହି ଜାଣିବେ ନାହିଁ, ଆମେ ଏବେ ବାହା ହୋଇଛୁଁ କି ସାତବର୍ଷ ପୂର୍ବେ ।''

''ବେଶ୍, ରାଜି । ତୁମେ ଓଢ଼ଣା ଟାଣିବ ତ ? ଅବଗୁଣ୍ଠନବତୀ ପ୍ରତି ମୋର ଟିକିଏ ଦୁର୍ବଳତା ଅଛି, ସେ କଥା ତୁମେ ତ ଜାଣ ।''

''ହେଲା । ତୁମେ କିନ୍ତୁ ବୀଟ୍‌ନିକ୍ ସାଜିବ ପଟ୍ଟନାୟକ ବାବୁଙ୍କ ପରି ।''

ପ୍ରେମାତିଶଯ୍ୟାରେ ଦୁହେଁ ଲଗାଲଗି ହୋଇ ଛିଡ଼ା ହେଉଁ ହେଉଁ ଗୋଟାଏ କ୍ଲାଇମେକ୍ସ ବା ଫିନିସିଂ ଟାଚ୍ ଆଡ଼କୁ ଯାଉଥାନ୍ତି, ଏତିକିବେଳେ ବାଡ଼ି ଦୁଆରପଟୁ ଡାକ ଶୁଭିଲା, ''ମାଆ ! କବାଟ ଫିଟାଅ ।''

ସ୍ୱାମୀ–ସ୍ତ୍ରୀ ଅଲଗା ଅଲଗା ହୋଇଗଲେ । ଶ୍ରୀମତୀ ରାୟ ନୂଆ ଗଳାସ୍ୱର ବାରି ନ ପାରି ସବୁଦିନ ପରି ବାଡ଼ି ଦୁଆର ଫିଟାଇ ଦେଲେ । ଡକ୍ଟର ରାୟ କିନ୍ତୁ ନିଜ ରୂପ

Digitized by srujanika@gmail.com

ଅନୁଧ୍ୟାନ କରିବାରେ ଲାଗିଥାନ୍ତି ଏବଂ କେଉଁଠି ବ୍ରଣ ଦାଗ ବା ଅର୍ଦ୍ଧପକ୍ୱ ଚୂଳ ଅଛି ତାକୁ ଖୋଜିବାରେ ବ୍ୟସ୍ତ ଥାନ୍ତି । ହଠାତ୍ ବାୟୁତରଙ୍ଗରେ ଭାସି ଆସି ଅନ୍ୟ ଏକ ପୀତବସନା ଅବଗୁଣ୍ଠନବତୀର ଛବି ଠିକ୍ ଯେଉଁଠି ଶ୍ରୀମତୀ ଛିଡ଼ା ହୋଇଥିଲେ ସେଇଠି ଆଇନାରେ ତାଙ୍କ ସାଙ୍ଗକୁ ଯୋଡ଼ି ହୋଇ ଛିଡ଼ା ହୋଇଗଲା । ଆନନ୍ଦ ଓ ଆଶ୍ଚର୍ଯ୍ୟରେ ଅଭିଭୂତ ହୋଇ ଡକ୍ଟର ରାୟ ଦଣ୍ଡେ ନିଶ୍ଚଳ ହୋଇ ରହିଲେ । ତା'ପରେ ଅନାଇଲେ ପଛକୁ, ମୂକ ପ୍ରତିମାଟିକୁ ଦେଖିବା ଉଦ୍ଦେଶ୍ୟରେ । ବିସ୍ମୟର ସୀମା ରହିଲା ନାହିଁ ତାଙ୍କର ଆଗନ୍ତୁକାକୁ ଦେଖି ।

କିଏ ଏ ଅବଗୁଣ୍ଠନବତୀ ? ସ୍ୱାଭାବିକ ସହଜାତ ଦୁର୍ବଳତାକୁ ଏଡ଼ି ନ ପାରି ଡକ୍ଟର ରାୟ ଅଗଣାକୁ ବାହାରି ଯାଉଥିଲେ ନିକଟରେ ଥାଇ ତା'ର ରୂପ ବ୍ୟବଚ୍ଛେଦ କରିବାକୁ; କିନ୍ତୁ ପରକ୍ଷଣରେ ଭାବିଲେ ଯେ ଶ୍ରୀମତୀଙ୍କ ତୀକ୍ଷ୍ଣ ତୀବ୍ର ଦୃଷ୍ଟିର ଅନ୍ତରାଳରେ ଥାଇ ଆଗନ୍ତୁକାର ରୂପ ଗୁଣ ଲକ୍ଷ୍ୟ କରିବା ଶ୍ରେୟସ୍କର ହେବ । ତେଣୁ ତନ୍ମୟ ହୋଇ ଚକ୍ଷୁ କର୍ଣ୍ଣ ଏକାବେଳେ ସଜାଗ ରଖିବା ଆଳରେ ଆଇନା ଦେଖୁଥାନ୍ତି ।

"ତୁମେ- ତୁ କିଏ ?" -ଶ୍ରୀମତୀ ପ୍ରଶ୍ନୋତ୍ତର ଆରମ୍ଭ କଲେ ।

"ମୁଁ ବେହେରାଣୀ । ଶାଶୁକୁ ଜର, ତା' ବଦଳ ମୁଁ କାମ କରୁଛି ।"

"ଏବେ ବାହା ହେଇଛୁ ? ଗେରସ୍ତ କ'ଣ କରେ ?"

"ଦୁଇ ମାସ ହେଲା । ଗେରସ୍ତ ମ୍ୟୁନିସିପାଲିଟି ଗାଡ଼ି ଡ୍ରାଇଭର । ଭୀମା ତାଙ୍କ ନାଆଁ ।"

"ଗେରସ୍ତ ନାଆଁ ଧଇଲୁ ?"

"ଆମର ଧରନ୍ତି ।"

"ତୋ ନାଆଁ ?"

"ପଦୁଆଁ ।"

ଡକ୍ଟର ରାୟ ଇତିହାସର ଏକ ରୋମାଞ୍ଚକର ଅଧ୍ୟାୟ ମନେ ପକାଇଲେ- ଯେଉଁଠି ଆଲ୍ଲାଉଦ୍ଦିନ୍ ଖିଲଜି ଦର୍ପଣରେ ଭୀମ ସିଂହଙ୍କ ପତ୍ନୀ ପଦ୍ମିନୀଙ୍କ ଅପରୂପ ଲାବଣ୍ୟ ଦେଖୁଥିଲେ । (ଯାଦୁ ଦର୍ପଣରେ ବାହାର ଦୁନିଆଁ ଦେଖୁଁ ଦେଖୁଁ ଲାନସ୍‌ଲଟ୍ ନାମକ ଯୁବାକୁ ଦେଖି ଲେଡ଼ି ଅଫ୍ ଶେଲ୍‌ଟର କି ଟ୍ରେଜେଡ଼ି ହେଲା ତାହା ସୁବିଧା ମୁତାବକ ଡକ୍ଟର ରାୟ ମନେ ପକାଇଲେ ନାହିଁ) ।

"ନୂଆ ବାହା ଶାଢ଼ୀଟା ପିନ୍ଧି ମଇଳା ସଫା କରୁଛୁ ?" -ଶ୍ରୀମତୀ ରାୟ ପଚାରି ଚାଲିଥାନ୍ତି । ପଦୁଆଁକୁ ସେ ଦେଖାଇବାକୁ ଚାହାନ୍ତି ଯେ ବଡ଼ ଘରର ସ୍ତ୍ରୀ ମଧ୍ୟ ଗରିବ ଅଧମର ସ୍ତ୍ରୀ ବିଷୟରେ ଆଗ୍ରହୀ, ସହାନୁଭୂତିସଂପନ୍ନା ।

"କ'ଣ କରିବି ମାଆ ! ମୋର ଏଇ ଖଣ୍ଡିକ ଶାଢ଼ୀ । ବାପା ଦେଇଥିଲା ।" ଡକ୍ଟର ରାୟ ଆଇନାରେ ଦେଖିଲେ ପଦୁଆଁର ଆଖି ଅଶ୍ରୁ ଛଳଛଳ ଯିମିତି ।

"ବାପଘର କେଉଁଠି ? ଆମ ଗଞ୍ଜାମ ଆଡ଼େ ? କଥାର ଟାଣ ବରହମପୁରୀ

Digitized by srujanika@gmail.com

ଜଣାପଡୁଛି । ପୁଣି ଫୁଲ ନାଇଛୁ ଜୁଡ଼ାରେ ।''

''ନା, ମା ! ମୋ ଘର ଏଇଠି । ମୋ ମାଆ ଥିଲା ଦକ୍ଷିଣୀ, ତେଲେଙ୍ଗାଣୀ । ହେଲେ ବାପା କଟକ ଆଡ଼ର ଲୋକ ।''

''ତୋ ବାପା କ'ଣ କରେ ?''

''ଏତେ କଥା କାହିଁକି ପଚାରୁଛ ମାଆ ! ମୁଁ ବଡ଼ ଦୁଃଖୀ । ପିଲାଦିନରୁ ମାଆ ବାପା ନାହାନ୍ତି । ମାଆ ଥିଲା ଅନ୍ଧୁଣୀ; ବାପା ବଡ଼ରୋଗୀ । ବାପା ଚଲାବୁଲା ବି କରିପାରୁ ନଥିଲା । ଏଇ କଚେରୀ ଆଗର ଆମ୍ବଗଛ ମୂଳେ ତା' ଜୀବନ ଗଲା । ପୋଡ଼ା ପୋତା କରିବା ପାଇଁ କେହି ନଥିଲେ । ମାଆ ଶୋଇଥିଲା ବେଳେ ଦୁଇଟା ବାବାଜି ମୋତେ ଚୋରିକରି କଲିକତା ନେବାକୁ ବସିଥିଲେ । ଟେସନର ମେହେନ୍ତର ବୁଢ଼ା ମୋତେ ଉଦ୍ଧାର କରି ପାଳିଥିଲା । ସେ ବି ମଲାଣି ମାସେ ହେଲା ।

ଦୟାରୁ ସହାନୁଭୂତି, ସହାନୁଭୂତିରୁ ପ୍ରେମ– କବିମାନେ କହନ୍ତି । ଗାଛିକ ଡକ୍ଟର ରାୟଙ୍କ ରୋମାଣ୍ଟିକ୍ ସରସ ହୃଦୟ ପଦୁଆଁର କରୁଣ ଜୀବନ–ଗୀତିକାରୁ ଗୋଟିଏ ସୁନ୍ଦର ମିଳନାନ୍ତକ ଗଳ୍ପ ହେବ ବୋଲି ସ୍ଥିର କରିସାରିଲେଣି । ଭୀମ ସିଂର ସ୍ତ୍ରୀ ପଦୁଆଁର ଯେତିକି ରୂପ ଆଇନାରେ ସେ ଦେଖିଲେ ତାହା ନାୟିକା ପାଇଁ ଯଥେଷ୍ଟ । କେବଳ ଉପମା ଖୋଜିଲେ ହେଲା । ଶ୍ରୀମତୀ ରାୟଙ୍କ ହଳଦୀମଖା ଦେହ ଅପେକ୍ଷା ପଦୁଆଁର ଦେହକାନ୍ତି ଉଜ୍ଜ୍ୱଳତର । 'ବିଭୂଷଣପୁଷ୍ଟେ ଯା' କାନ୍ତି ଜାଣ', ଏଥିରେ ସନ୍ଦେହ ନାହିଁ । ଖାଲି ବି–ଭୂଷଣ କଲେ ହେଲା ।

''ଟିକିଏ ସାଉଁଟି ସଜାଡ଼ି ଲୁଗାଟା ପିନ୍ଧ, ପିଠି ବୋଇଲେ ପେଟ ଗୋଡ଼ ବୋଇଲେ ମୁଣ୍ଡ ଦିଶିଯାଉଛି ଯେ । ଫଟା ତୁଟା ସାଇୟା ବ୍ଲାଉସ୍ ବି ଖଣ୍ଡେ କାହିଁ ପାଇଲୁ ନାହିଁ । ଘରେ ବାବୁ ଅଛନ୍ତି ଯେ''– ଶ୍ରୀମତୀ ରାୟ ନିଜ ସାନ ଭଉଣୀକୁ ବେଶବସନରେ ଟ୍ରେନିଂ ଦେବାକୁ ଆରମ୍ଭ କଲେ । ତାଙ୍କୁ ଜଣା ନାହିଁ ଯେ ବାବୁ ନିର୍ନିମେଷ ନୟନରେ ଅନେକ ସମୟ ଧରି ଚାହିଁ ସବୁ ଦେଖି ସାରିଲେଣି । ପଦୁଆଁ ବି ଥରେ ଅଧେ ଦେଖିନେଇ ବାବୁଙ୍କ ରୋମାଣ୍ଟିକ୍ ବୋହିମିଆନ୍ ସ୍ୱଭାବ ବୁଝିସାରିଲାଣି ।''

ସ୍ତ୍ରୀ ଲୋକମାନେ ପଟ୍‌କରି ପୁରୁଷଙ୍କ ସ୍ୱରୂପ ଓ ପ୍ରକୃତି ବୁଝିପାରନ୍ତି ।

ସଲ୍ଲଜ ସ୍ମିତ ଓ ଭଙ୍ଗୀରେ ପଦୁଆଁ ଶ୍ରୀମତୀ ରାୟଙ୍କ ହିତୋପଦେଶ ମାନି ଛିଣ୍ଡା ଡ଼ୋରିଆ ଗାମୁଛାଟାରେ ନିଜର ଅସଂବୃତ ଉଦ୍ଧତ ଯୌବନକୁ ଏମିତି ବାଗରେ ସଂନିବଦ୍ଧ କରିନେଲା ଯେ ଟେଡ଼ିଡ୍ରେସ୍ ପେଟାର୍ଣ୍ଣରେ ତା' ଦେହର ପ୍ରଫାଇଲ୍, କଣ୍ଟୁର୍, ଆଉଟ ଲାଇନ ସବୁ ଆହୁରି ସୁନ୍ଦର ଭାବରେ ପ୍ରକଟିତ ଓ ପରିସ୍ଫୁଟ ହେଲା ।

ଡକ୍ଟର ରାୟ ପଦୁଆଁ ମୁହଁରେ ଯେଉଁ ସ୍ମିତ ଦେଖିଲେ ତାହା ପୂର୍ବ ରାତିର ଅବଗୁଣ୍ଠନବତୀର ସ୍ମିତକୁ ବଳିଗଲା । ତାଙ୍କୁ ଜଣାଗଲା ସହର–ବଜାର, ସ୍କୁଲ କଲେଜର ଶହ ଶହ ସୁନନ୍ଦା, ନନ୍ଦିତା, ସାବିତ୍ରୀ, ସୁନୀତା, ସୁଷମା, ଝରଣା, ପ୍ରେମଲତା ବା ଭଟ୍ଟାଚାର୍ଯ୍ୟ

Digitized by srujanika@gmail.com

ବାବୁଙ୍କ ସ୍ତ୍ରୀ, ଏପରି କି ମୋନାଲିସାର ସ୍ମିତ ଠାରୁ ମଧ ତାହା ମାଧୁରୀପୂର୍ଣ୍ଣ । କାରଣ ତାଙ୍କ ପରି କଳ୍ପନାବିଳାସୀର ଦୃଷ୍ଟିରେ ସେ ସ୍ମିତରେ କୈତବ, ଛଳନା ନଥିଲା; ଥିଲା ଖାଲି ସରଳ। ନିଷ୍ପାପର ମୋହିନୀ ମାୟା । ସେ ଭାବିବାକୁ ଆରମ୍ଭ କଲେ, ଭୀମ ସିଂହ ଓ ପଦ୍ମିନୀ ମଝିରେ ଆଲ୍ଲାଉଦ୍ଦିନ୍ ଛିଡ଼ା ହେବା ଏବଂ ଭୀମ ସିଂ ଓ ପଦୁଆଁ ମଝିରେ ଡକ୍ଟର ରାୟ ଛିଡ଼ାହେବା ହଠାତ୍ ରୋମାଣ୍ଟିସିଜିମ୍‌ରୁ ସୁରରିଆଲିଜମ୍‌କୁ ଖସି ଆସିବା ପରି ହାସ୍ୟକର ହେବ ନାହିଁ ତ ?

ପଦୁଆଁ କିନ୍ତୁ ରୋମାନ୍ସ ବା କୌଣସି ଇଜମ୍ ବୁଝେ ନା । ଦୟା, ଅନୁକମ୍ପା, କରୁଣା, ସହାନୁଭୂତି, ପ୍ରେମ ବୋଲି ଗୁଡ଼ାଏ କିଛି ଅଛି ଏ କଥା ବି ସେ ସ୍ୱୀକାର କରିବାକୁ ନାରାଜ । ସେ ଏତିକି ଜାଣେ ତା'ର ସ୍ୱଳ୍ପ ମୂଳଧନକୁ କେଉଁଠି କେତେ ଚଢ଼ା ସୁଧରେ ଖଟାଇ ପାରିବ । ସେଇଥିରୁ ହୁଏତ୍ କିଛିଦ୍ କେଉଁ ମ୍ୟୁନିସିପାଲିଟି କର୍ମଚାରୀ ବା କମିଶନରକୁ ଦେଇ ଗେରସ୍ତକୁ ଡ୍ରାଇଭର କରିପାରିଛି । ସମାଜର ତୀବ୍ର ଘୃଣା, ହତାଦର ଓ ଅବିଚାରର ଶିକାର ହୋଇଛନ୍ତି ତାର ଚିରରୋଗୀ ବାପା ଓ ଜନ୍ମାନ୍ଧ ମାଆ । ସେମାନେ ଯେଉଁ ନିର୍ଯ୍ୟାତନା ଭୋଗିଛନ୍ତି ତା'ର ପ୍ରତିଶୋଧ ନେବାପାଇଁ ପଦୁଆଁର ରକ୍ତ ଟକ୍ ଟକ୍ ହୋଇ ଫୁଟି ତା'ର ଓଠ ଗାଲକୁ ରଞ୍ଜିତ କରିଛି ଯିମିତି । ଐତିହ୍ୟ, ପରମ୍ପରା ବୋଲି ତା'ର କିଛି ନାହିଁ । ଯେଉଁ ଉତ୍ସରୁ ତା'ର ଜୀବନ ସ୍ରୋତ ପ୍ରବାହିତ ତାହା କର୍ଦ୍ଦମାକ୍ତ, ଦୂଷିତ ଏପରି କି ବିଷାକ୍ତ । ଭାଙ୍ଗୀ କଲୋନୀର ଯେଉଁ ପରିବେଶ ଓ ବାତାବରଣ ତାହା ତାକୁ ରକ୍ତ-ମାଂସ-ମଦ ଓ ଜୁଆର ପୂଜାରିଣୀ କରିଛି ଏବଂ ଜଙ୍ଗଲୀ ଜୀବନାଦର୍ଶରେ ବ୍ରତୀ କରିଛି । ଆଜି ସେ ଅଷ୍ଟପଦୀ ରୂପରେ ଜୀବନର ଅନ୍ୟତମ ବଡ଼ ଶିକାର କରଗତ କରିବା ଉପରେ । ଡକ୍ଟର ରାୟଙ୍କ ଆଖି-ଭାବଭଙ୍ଗୀରୁ ରୋମାଣ୍ଟିକ୍ ଥୋପ ଗିଳିବାର ତାଙ୍କର ଆଗ୍ରହ ସେ ବେଶ ନଜର କରି ସାରିଲାଣି ।

ଶ୍ରୀମତୀ ରାୟଙ୍କ ଏତେ ଗଭୀରତାକୁ ଚାଷ ନାହିଁ । ସ୍ୱାମୀଙ୍କର ରୋମାଣ୍ଟିକ୍ ପ୍ରକୃତି ମଧ ମୋହାବିଷ୍ଟ କରିଛି । ସେ ଭାବୁଛନ୍ତି ସମାଜରେ କେତେ ଉଚ୍ଚରେ ତାଙ୍କର ସ୍ଥାନ ଏବଂ କେଡ଼େ ଭାଗ୍ୟବତୀ ମଧ; ଏହି ପରିଚୟ ହତଭାଗିନୀ ଭଉଣୀକୁ ଦେଇ ଆତ୍ମଶ୍ଳାଘା ଅନୁଭବ କରିବା ଉଦ୍ଦେଶ୍ୟ ତାଙ୍କର । ପୁଣି ସ୍ୱାମୀଙ୍କ ଆଗରେ ଠାଏଁ ପ୍ରମାଣ ଦେବାକୁ ଚାହାନ୍ତି ଯେ ନାରୀ ଈର୍ଷାପରାୟଣା ନୁହେଁ, ନାରୀ ନାରୀର ଶତ୍ରୁ ନୁହେଁ, ବରଞ୍ଚ, ସେ ସର୍ବତ୍ର ଦୟାର ପ୍ରତିମୂର୍ତ୍ତି ।

"ଫିନାଇଲ୍ ଦେଇ ନର୍ଦ୍ଦମା, ପାଇଖାନା ଭଲ କରି ଧୋଇ ଦେବୁ । ବୋତଲ ବାଥରୁମ୍ ଥାକରେ ।" ଦଣ୍ଡେ ପରେ ପୁଣି କହିଲେ, "ତିନିଟା ବେଳକୁ ଆସିପାରିବୁ ? ହାଣ୍ଡିଏ ପଖାଳ ଅଛି । ତିଅଣ ତରକାରୀ ସବୁ ରଖିଥିବି, ଆସିବୁ ? ପୁନେଇଁ ବକ୍‌ସିସ୍ ବି ଦେବି ।"

ଶ୍ରୀମତୀ ବର୍ତ୍ତମାନ ଆତ୍ମୋତ୍ସର୍ଗ, ଏପରିକି ଆତ୍ମବଳି ଦେବା ମେଜାଜ୍‌ରେ ।

Digitized by srujanika@gmail.com

ବୁଢ଼ା ଚୁଙ୍ଗୁଡ଼ି କାହାଣୀରେ ପ୍ରାୟଶ୍ଚିତ କରିବାକୁ ଯାଇ ଯିମିତି ବୁଢ଼ାଟା ବୁଢ଼ୀକୁ 'ହଳଦୀ କାଠୁଆ ନବୁ' 'ସିନ୍ଦୂର ଫରୁଆ ନବୁ' ଏବଂ ଶେଷରେ 'ମତେ ନବୁ' କହି ନିଧନ ଟାଣିଆଣିଲା ଶ୍ରୀମତୀ ବୋଧହୁଏ ସେଇଆ କରିବାକୁ ଯାଉଛନ୍ତି । ଅନ୍ୟ କେହି ଏ କ୍ଷେତ୍ରରେ ହୁଏତ ପଦୁଆଁକୁ ଘଉଡ଼ାଇ ଦେଇଥାନ୍ତା, ବିଶେଷ କରି ସ୍ୱାମୀକୁ ଯେଉଁ ସ୍ତ୍ରୀ ସଂଶୟ ନେତ୍ରରେ ଦେଖେ; କିନ୍ତୁ ଏଠି ସନ୍ଦେହର ଅବକାଶ ନାହିଁ, ମେହେନ୍ତରାଣୀ କୁଷ୍ଠରୋଗୀର ଝିଅଟା ପ୍ରତି ତାଙ୍କ ସ୍ୱାମୀ ଆକୃଷ୍ଟ ହେବେ ? ସେ ନିଜେ ତା' ସାଙ୍ଗରେ ପ୍ରତିଦ୍ୱନ୍ଦ୍ୱିତା କରିବେ ? ଛିଃ !

ଶ୍ରୀମତୀଙ୍କ ସମସ୍ତ ଚିତ୍ତ ଲୁଟ୍‌ତରାଜ କରିବାର ଛିଦ୍ର ପାଇ ପଦୁଆଁ କହିଲା, ''ଆସିବି ମା' ! ନିଶ୍ଚେ; ରଖିଥିବ । ଘରେ ଦି'ଦିନ ହେଲା ହାଣ୍ଡି ଚୂଲୀକୁ ଯାଇନି । ପୁରୁଣା କନାକପଟା, ଜାମା ଖଣ୍ଡେଅଧେ ଦବ ମା' ?''

ଆଗ୍ରହାତିଶଯ୍ୟରେ ଶ୍ରୀମତୀ ଘର ଭିତରକୁ ତରବରରେ ପଶିଯାଇ ବାକ୍‌ସଟା ଧଡ଼୍‌କରି ଫିଟାଇ ଶାଢ଼ିଟାଏ ବାହାର କରି ଆଣିଲେ । ଡକ୍ଟର ରାୟଙ୍କ ଆଗରେ ପରସ୍ତ ପରସ୍ତ କରି ଫିଟାଇ ଦେଖାଉଥାନ୍ତି ଓ କହୁଥାନ୍ତି, ''ଦେଖିଲ ! ଦେଖିଲ ! କେଡ଼େ ଭଲ ଶାଢ଼ିଟା କିମିତି ହୋଇଗଲା । ନାଗପୁର ସିଭିଲ୍ ଡିଫେନ୍‌ସ ଟ୍ରେନିଂରୁ ଫେରିଲାବେଳେ ଆଣିଥିଲ, ମନେଅଛି ? ହଳଦିଆ ରଙ୍ଗଟା ଫିକ୍‌କା ପଡ଼ି ମଝିରେ ଛେବଲା ହୋଇଯାଇଛି । ଅଞ୍ଚଳଟା ପୋକ କାଟି ଦେଇଛି । ଦେଇଦିଏଁ ବିଚାରୀକୁ । ଦେଖୁଛ ତା'ର ଲୁଗାପଟା ।''

ସେତେବେଳକୁ ଡକ୍ଟର ରାୟଙ୍କ ରସିକତା କୁଆଡ଼େ ହଜି ଯାଇଥିଲା ଓ ସେ ମନେ ମନେ ଭାବୁଥିଲେ ରିଆଲିଜିମ୍‌ର ତୀବ୍ର ଉତ୍ତାପରେ ରୋମାଣ୍ଟିସିଜମ୍ କେତେ ଶୀଘ୍ର ତରଳିଯାଏ । ପଦୁଆଁକୁ ତାଙ୍କର ଅଦେୟ ବୋଲି କିଛି ଚିଜ ନାହିଁ; ଏ ଭାବ ଲୁଚାଇ ରଖି ଯିମିତି ତାକୁ ସେ କିଛି ଦେବାକୁ ଚାହାନ୍ତି ନାହିଁ ସେଇ ଭଙ୍ଗୀ ପ୍ରକାଶ କରି ଡକ୍ଟର ରାୟ କହିଲେ ''ଦବ ତ ଦିଅ । ବଡ଼ ଦାମିକା ଶାଢ଼ୀଟା, ଖାଣ୍ଟି ସିଲ୍‌କ । ତୁମେ ଆଉ ସେଇଟା ପିନ୍ଧିବ ନାହିଁ ନା କ'ଣ ? ତୁମକୁ ହଳଦିଆ ଶାଢ଼ି ଭାରି ଭଲ ମାନେ ।''

ପଦୁଆଁ ଆଡ଼କୁ ଲକ୍ଷ୍ୟ କରି ଅତି ତୁଚ୍ଛ ଜିନିଷଟାଏ ଫୋପାଡ଼ିଲା ପରି ଶ୍ରୀମତୀ ରାୟ ଅତି ଆଦରର ଶାଢ଼ିଟାକୁ ଦେଇଦେଲେ ଏବଂ ନିଜକୁ ଯଥାର୍ଥ ମଣିଲେ । ପଦୁଆଁ କୃତଜ୍ଞତାର ମୁଣ୍ଡ ନୁଆଁଇ ଦିହିଙ୍କି ଜୁହାର ହେଲା । ''ଦୀନହୀନ ଅବସ୍ଥାରେ ମଧ ନାରୀର କେତେ ସହଜାତ ଛଟକ ଥାଏ''– ମନ୍ତବ୍ୟ କରି ଶ୍ରୀମତୀ ପଦୁଆଁକୁ କହିଲେ, ''ପଦୁଆଁ ! ତୁ ବରାବର ଆସିପାରିବୁ ନି ? ଥୁରୁଥୁରିଆ ବୁଢ଼ୀଟା ଶୀତ–କାକରରେ ଥରି ଥରି ଆସିବାକୁ ବାବୁ ପସନ୍ଦ କରୁନାହାନ୍ତି । କାମ ବି ସେ ଭଲ କରି ପାରୁନି । ତୁ ଏଥର ଆ । ବେଳ ହେଲେ ଖୋଜାଖୋଜି କରି ସାଇଆ ଜାମା ଦେବି ଆଉ ଦିନେ ।''

''ମୁଁ ସବୁଦିନ କେଉଁଠି ଆସିପାରିବି ମା' । ବୁଢ଼ୀ ମୋତେ କ'ଣ କାମ କରାଇଦବ । ହପ୍ତାଏ ଅଧେ ଆସି ପାରିବି, ବୁଢ଼ୀ ଫେର୍ କାମ ଧଇଲାଯାକେ ।''

Digitized by srujanika@gmail.com

ଚାନ୍ସ, ଏକ୍ସିଡ଼େଣ୍ଟ, ଲାକ୍, ଫେଟ୍, କଏନ୍ସାଇଡ଼େନ୍ସ, ଆଜ୍ଞରନି ଆଦି ଯେଉଁ ଉପାଦାନରେ ଟ୍ରେଜେଡ଼ି ଗଢ଼ି ଉଠେ ସେଇସବୁ ଉପାଦାନରେ କମେଡ଼ି ମଧ ତିଆରି ହେବାର ସମ୍ଭାବ୍ୟତା ଗବେଷଣା କରୁଁ କରୁଁ ଡକ୍ଟର ରାୟ ଅଗଣା ଧୁଆଧୋଇ କରୁଥିଲା ବେଳେ ପଦୁଆଁର ଅଙ୍ଗସୌଷ୍ଠବ ଆଉ ଥରେ ତନ୍ନ ତନ୍ନ କରି ଦେଖିନେଲେ ।

"ନିଶ୍ଚେ ଆସିବି ମା' ତିନିଟାକୁ ।" କାମଦାମ ସାରି ଏଇ ପଦକ କହି ପଦୁଆଁ ଚାଲିଯାଉଥିଲା; ଦେଖିଲା ଚନ୍ଦ୍ରମଲ୍ଲିକା ଫୁଲଟାକୁ । ବୁଲିପଡ଼ି କହିଲା, "ମାଆ ! ଏ ଫୁଲଟା ଦବ, ଭାରି ଲୋଭ ହଉଛି ନାଇବାକୁ ।"

ଶ୍ରୀମତୀ ରାୟ କହିଲେ, "ମୋତେ ଯାହା ମିଳିନି, ତୋତେ ମିଳିବ ? ଯା, ଯା, ପଳା; ବାବୁ ଶୁଣିଲେ ବିରକ୍ତ ହେବେ ।"

ପଦୁଆଁ ଚାଲିଗଲା । ତାର ଦୁଃଖ ନାହିଁ, ଯାହା ମିଳିଲା ସେଇ ଢେର୍ । ମୁରୁମୁରୁ ହୋଇ ଶ୍ରୀମତୀ କହିଲେ, "ଆଜି ଗୋଟାଏ ବାଜିବ ଖାଇଲା ବେଳକୁ । ଭାଗ୍ୟକୁ ଆଜି ରବିବାର । ଚାକରବାକର ନଥିଲେ କଥାବାର୍ତ୍ତା କାହା ସାଙ୍ଗରେ ଦଣ୍ଡେ ହେବାକୁ ବି ଫୁରୁସଦ୍ ମିଳିବ ନାହିଁ । କେତେ ଇଣ୍ଟରେଷ୍ଟିଂ ଚମତ୍କାର ପଦୁଆଁର ଜୀବନ ।"

ଯନ୍ତଚାଳିତ ପରି ଡକ୍ଟର 'ହୁଁ' କଲେ ।

ପ୍ରାୟ ଅଢ଼େଇଟା ବେଳକୁ ଡକ୍ଟର ରାୟଙ୍କ ନିଦ ଭାଙ୍ଗିଲା କ'ଣ ଗୋଟାଏ ଶବ୍ଦରେ । ବିରାଡ଼ି ଲହୁଣୀ ଡବାଟା ଟେବୁଲ ଉପରୁ ପକାଇଲା ଭାବି ଆଖି ମେଲାଇଲେ । ଝରକା କବାଟ ସବୁ ବନ୍ଦ ଥିବାରୁ ପ୍ରଥମେ ରାତି କି ଦିନ ଜାଣିପାରିଲେ ନାହିଁ । ଅନ୍ଧାର ସହିତ ଆଖିର ପରିଚୟ ହେବାରୁ ଦେଖିଲେ ମୁଣ୍ଡ ଉପରେ ଶ୍ରୀମତୀ ପ୍ରସାଧନରତା । ଭିଜା ଚୂଳ ଓ ଜବାକୁସୁମର ମିଠା କଡ଼ା ଗନ୍ଧ ଘର ଭିତରେ । ପଣ୍ଡସ୍‌କ୍ରୀମ୍ ମୁହଁରେ ଘଷିସାରି ସେ କଜଳଲାଞ୍ଜି ଟାଣୁଛନ୍ତି । ଡକ୍ଟର ରାୟ ମୋଟା ଗଳାରେ ପଚାରିଲେ, "ଅଭିସାରରେ ବାହାରିଲ ନା କ'ଣ ?"

"ତୁମକୁ ଖେଳ କଉତୁକ ଲାଗିଛି । ତତଲା ପେଚ ପଡ଼ି ଗୋଡ଼ ଦି'ଟା ପୋଡ଼ି ଯାଇଥାନ୍ତା । ମୁଁ ଯାଉଛି ପଟ୍ଟନାୟକ ବାବୁଙ୍କ ଘରକୁ । ଦେଖେଁ ଭୀମାକୁ ଅଣାଇବାର କଣ ବ୍ୟବସ୍ଥା କଲେ ।" ଯୋତା ଗୋଡ଼ରେ ଲଗାଉଁ ଲଗାଉଁ କହିଲେ, "ହଁ, ସେ ମେହେନ୍ତରାଣୀଟା ଆସିବ ତିନିଟା ବେଳକୁ । ପଖାଳ ତିଅଣ ତରକାରୀ ଚୁଲୀ ମୁଣ୍ଡରେ କିଛି କରିବାକୁ ହେବ ନାହିଁ । ବଢ଼ାଇ ଦେଲେ ହେଲା । ଘର ଛାଡ଼ି କୁଆଡ଼େ ଯିବ ନାହିଁ । ଦିନ ଦ୍ୱିପହରେ ବଜାରରେ ଚୋରି ହେଉଛି ।"

ଶ୍ରୀମତୀ ଚାଲିଗଲେ । କବାଟରେ ବୋଲ୍ଟ ଲଗାଇ ଫେରିଆସି ପୁଣି ଶୋଇଲେ । ଗୋଟାଏ କାନରେ 'ବିବିଧ ଭାରତୀ' ର ମନୋରଞ୍ଜନ କାର୍ଯ୍ୟକ୍ରମ ଶୁଣୁଥାନ୍ତି; ଅନ୍ୟ କାନଟି ବାଡ଼ି କବାଟର ଜଞ୍ଜିର ଖଡ଼୍‌ଖଡ଼୍ ଶବ୍ଦକୁ ଡେରିଥାନ୍ତି । ମନେମନେ ଭାବୁଥାନ୍ତି ଶ୍ରୀମତୀ ଯେବେ ଖିଆଲରେ ପଟ୍ଟନାୟକ ବାବୁଙ୍କୁ ଧରି ଭୀମାକୁ ଖୋଜିବାକୁ ହପ୍ତାଏ ଅଧେ

Digitized by srujanika@gmail.com

ଗାଁକୁ ଚାଲିଯାନ୍ତେ ତେବେ ମନ୍ଦ ହୁଅନ୍ତା ନି । ହୋଟେଲରେ ଖାଇ ଚଳାଇ ନିଅନ୍ତେ ବରଂ କେଇଟା ଦିନ ।

କାନ୍ଥ ଘଡ଼ିରେ ଠଂ ଠଂ କରି ତିନି ବାଜିଲା । କଲିଂବେଲ୍ ବି ଖଡ଼୍‌ଖଡ଼୍ ହେଲା ।

ଡକ୍ଟର ରାୟ ଲମ୍ଫଦେଇ ଉଠି ପଡ଼ିଲେ ଏବଂ ସିଧା ଯାଇବାଡ଼ି ଦୁଆର ଫିଟାଇ ଦେଖିଲେ ପଦୁଅାଁକୁ । ସକାଳର ପଦୁଅାଁ ଏ ପଦୁଅାଁ ନୁହେଁ; ସାକ୍ଷାତ୍ ପଦ୍ମିନୀ । ବର୍ଷା-ଝଡ଼-ତୋଫାନରେ ମାଡ଼ ଖାଇଥିବା ଚଢ଼େଇଟିଏ ଥିଲା ପଦୁଅାଁ ସକାଳେ । ବର୍ତ୍ତମାନ ସଯତ୍ନ ଲାଳିତପାଳିତ ଖେଳୁଆଡ଼ ଶିକାରୀ ଚଢ଼େଇ ପରି ସେ । କି ପରିବର୍ତ୍ତନ ! ଡକ୍ଟର ରାୟ ଅତି ଉଦ୍ଭଟ କଳ୍ପନାରେ ମଧ୍ୟ ଏ ରୂପର ଛବି ମନରେ ଆଙ୍କି ନଥିବେ । ହଳଦିଆ ରଙ୍ଗର ନୂଆ ସିଲକ ଶାଢ଼ିରେ ଅବଗୁଣ୍ଠିତା ଶ୍ରୀମତୀ ରାୟ ବି ତେବେ ଏମିତି ଦିଶୁ ନଥିଲେ । ପଦୁଅାଁ ବର୍ତ୍ତମାନ ଯିମିତି ଦିଶୁଛି; ତାଙ୍କରି ସେଇ ଫିକା, ଡାଳିପକା ବେରଙ୍ଗ ଶାଢ଼ିଟିରେ । ଡକ୍ଟର ରାୟ ଭାବିଲେ ଯିମିତି ବର୍ଷ-ବର୍ଷ ଧରି ନିଜ ଆତ୍ମାକୁ ସୟତାନ ପାଖରେ ବିକି ଦେଇଥିଲେ ଏଇ ମୁହଁଟି ଲୋଭରେ ଏବଂ ସ୍ୱତଃସ୍ଫୂର୍ତ୍ତ କଣ୍ଠରେ ବାହାରି ପଡୁଥିଲା- "Is this the face...make me immortal with a kiss"-

କିନ୍ତୁ ରହିଗଲେ ।

"ତୁ ଦଣ୍ଡେ ବସ । ମୁଁ ଆସୁଛି ମିନିଟକ ଭିତରେ"... କହି ଡକ୍ଟର ରାୟ ତରବର ହୋଇ ଶାର୍ଟଟାଏ ଗଳାଇ ବାହାରିଗଲେ ଦାଣ୍ଡକବାଟ ଖୋଲି ।

ଘର ଶୂନ୍‌ଶାନ୍ । ପଦୁଅାଁ ଏକୁଟିଆ । ପଖାଳ ଭାତ କାହିଁକି ସୁନାମୁଣ୍ଡାର ପ୍ରଲୋଭନ ମଧ୍ୟ ଏଡ଼ିଦେଇ ଅନ୍ୟ କେହି ସ୍ତ୍ରୀ ଏ ଅବସରରେ ପଳାଇଯାନ୍ତା; କିନ୍ତୁ ପଦୁଅାଁ ଯିମିତି ପଣ କରିଛି ଆଭିଜାତ୍ୟ, ରୋମାଣ୍ଟିସିଜିମ୍‌ର ବୁର୍ଜୁୟା ମୁଖାକୁ ଚିରି ଟୁକୁରା ଟୁକୁରା କରିବାର ଆନନ୍ଦ ସେ ପାଇବ । ଅବସ୍ଥା ଚକ୍ରରେ ସେ ଅପରୁଚ୍ୟୁନିଷ୍ଟ ସାଜିଛି ଏବଂ ସବୁଧାର ଗୋଲ୍‌ପୋଷ୍ଟ ସର୍ବତ୍ର; ଯେଉଁଆଡ଼େ ମାଇଲେ ଗୋଲ୍ । ଉଇକ୍ଲିର ଯେତେ ଯେତେ ନିଉ ୱେଭ୍‌ସ ସମସ୍ତଙ୍କ ମଝିରେ (ଇନ୍ଦ୍ରଜାଲରେ ପି.ସି. ସରକାର କରତ ଚଳାଇ ଝିଅଟିକୁ ଦୁଇଖଣ୍ଡ କରି ଗଣ୍ଡି ମୁଣ୍ଡ ଅଲଗା ଅଲଗା କରିଦେଲା ପରି) ସେ ବ୍ୟବଧାନ ସୃଷ୍ଟି କରିବା ପାଇଁ ଜିଦ୍ ଧରିଛି । ସୁନ୍ଦରୀ ବାଘୁଣୀ ଲାଞ୍ଜ ପିଟିପିଟି ଶିକାରର ନିଶ୍ଚିତ ପ୍ରତ୍ୟାଗମନକୁ ଅପେକ୍ଷା କରୁଛି ।

ଡକ୍ଟର ରାୟ ପଟ୍ଟନାୟକ ବାବୁଙ୍କ ଘରକୁ ଯାଇ ଦେଖନ୍ତି କବାଟ ଭିତରପଟୁ ବନ୍ଦ । "ପୁରୁଷ ପୁରୁଷଙ୍କ ସୁଖ-ଶିରୀ ସହିପାରନ୍ତି ନାହିଁ"- ଶ୍ରୀମତୀଙ୍କ ସକାଳର ଉକ୍ତି ମନେ ପଡ଼ିଲା । ତା'ଛଡ଼ା ଛୁଟି ବିଶ୍ରାମ ଅବସର ବିହୀନ ଷ୍ଟେନୋ ଜୀବନରେ ଗୋଟାଏ ଯୁଗ ପରେ ରବିବାର ଅପରାହ୍ଣ ଆସେ ସପ୍ତାହର ଶାନ୍ତି, କ୍ଳାନ୍ତି ଅପନୋଦନ କରିବାପାଇଁ । ଶ୍ରୀମତୀ ଗଲେ କୁଆଡ଼େ ? କ'ଣ ମାଟିନି ଶୋ'ରେ ? କବାଟ ଫାଙ୍କରେ ଉଙ୍କି ମାରିବେ ? ଛି; ଅନ୍-ରୋମାଣ୍ଟିକ୍, ଏଣ୍ଟି-ରୋମାଣ୍ଟିକ୍ ! ଖଟ୍‌ଖଟ୍ କରିବେ କି ନାହିଁ ଭାବୁଛନ୍ତି ବୁଲା

Digitized by srujanika@gmail.com

କୁତୀଟାଏ ଭୋ ଭୋ କରି ମାଡ଼ି ଆସିଲା । ବିବେକର ଦଂଶନରୁ ରକ୍ଷା ପାଇଲେ ।

ଡକ୍ଟର ରାୟ ଫେରି ଆସିଲେ ତରବର ହୋଇ । ଆସିଲାବେଳେ ମୁଣ୍ଡକୁ ଆଉଁସିଲେ ଥରେ ଅଧେ । ଚନ୍ଦ୍ରସେଣାମାନଙ୍କର କୁଆଡ଼େ ମୁଣ୍ଡରେ ଶିଙ୍ଗ ବାହାରେ । ଅନୁଭବ କଲେ ତାଙ୍କ ମୁଣ୍ଡଟା ଆବୁଡ଼ାବୁ ଲାଗୁଛି ।

ଶ୍ରୀମତୀ ରାୟଙ୍କ ଆଦେଶ ପାଳନ କରି ଡକ୍ଟର ରାୟ ଯାହା ଦବାର କଥା ସବୁ ଦେଲେ ଏବଂ ଅତ୍ୟନ୍ତ କର୍ମଠ କର୍ମଚାରୀ ପରି ନିଜ ମାଲିକାଣୀଙ୍କ ପ୍ରଶଂସା ଲାଭ ଆଶାରେ ଅଧିକ କିଛି ଦେଲେ ମଧ । ପଦୁଆଁ ଚାଲିଗଲା ଭାର ସମ୍ଭାର ନେଇ; ପ୍ରତ୍ୟାଖ୍ୟାତା ରୂପେ ନୁହେଁ ବହୁ ପ୍ରତୀକ୍ଷିତାର ଛାପ ନେଇ ।

ଡକ୍ଟର ରାୟ ଶୋଇ ଶୋଇ ଆଶ୍ଚର୍ଯ୍ୟ ହୋଇ ଭାବୁଥାନ୍ତି କିପରି ଡକ୍ଟର ଜେକିଲ୍ ଖୋଳ ଭିତରୁ ମିଷ୍ଟର ହାଇଡ୍ ପ୍ରଜାପତିଟି ଏବଂ କାବ୍ୟପ୍ରାଣରୁ ପଶୁପ୍ରାଣଟି ଏତେ ଶୀଘ୍ର ବାହାରିପଡ଼ି ସ୍ୱଚ୍ଛନ୍ଦରେ ଖେଳିପାରିଲା । ଫେର୍ ମନେ ପଡ଼ିଗଲା ସକାଳ ବେଳା ଶ୍ରୀମତୀ ଉଠିବା ବେଳ ଦୃଶ୍ୟ, ''ଚଟାଳ ବାଳା ସ୍ତନଭିନ୍ନ ବଳ୍କଳା... ସ୍ୱରୂପମାସ୍ଥାୟ... ସମାଜ୍ଜଲଘ୍ନେ ବୃକ୍ଷରାଜଃ...ଅଦ୍ୟ ପ୍ରଭୃତ୍ୟବନତାଙ୍ଗି ତବାସ୍ମି ଦାସଃ ।'' ଅଣ୍ଟା ପଡ଼ିଯାଇ ଭାବିଲେ, ଅବଗୁଣ୍ଠନ ତଳେ ସୁନନ୍ଦା, ନନ୍ଦିତା, ଝରଣା, ସୁଷମା, ସାବିତ୍ରୀ, ଭଟ୍ଟାଚାର୍ଯ୍ୟ ବାବୁଙ୍କ ସ୍ତ୍ରୀ ଏପରି କି ଭୀମ ସିଂହର ସ୍ତ୍ରୀ ପଦୁଆଁ ସମସ୍ତେ କ'ଣ ସମାନ ନୁହନ୍ତି ? ପଦୁଆଁ ତେବେ କ'ଣ ମୋହମୁଦ୍‌ଗର ?

''ଫିଟାଅ''– ଦାଣ୍ଡରେ ଶ୍ରୀମତୀ । ରୋବୋଟ୍ ପରି ସ୍ୱୟଂଚାଳିତ ହୋଇ ଡକ୍ଟର କବାଟ ଫିଟାଇଲେ ।

''ଲଭ୍ ଏଟ୍ ଫାଷ୍ଟ ସାଇଟ୍'' ପରି 'ହେଟ୍ ଏଟ୍ ଫାଷ୍ଟ ସାଇଟ୍' ଅଛି । ଏ କଥା ଦୁହେଁ ଦୁହିଁକୁ ଦେଖି ଜାଣିପାରିଲେ । ଦଣ୍ଡକ ଆଗରୁ ଦୁହେଁ ଥିଲେ କେତେ ଆପଣାର; ଦଣ୍ଡକ ପରେ କେତେ ପର । ଅଧଘଣ୍ଟାଏ ଆଗରୁ ଦୁହେଁ ଥିଲେ ଏକ ବୃନ୍ତର ଦୁଇ ଫୁଲ, ଅଧଘଣ୍ଟାଏ ପରେ ଏକୋଦର ପୃଥକ୍‌ଗ୍ରୀବ ଭାରଣ୍ଡ ପକ୍ଷୀ । ବାଘ-ବାଘୁଣୀ ଏକତ୍ର ଭୋଜନ ନ କରି ପୃଥକ୍ ଶିକାରରୁ ଆଜି ଫେରିଛନ୍ତି । ସ୍ୱାମୀ ସ୍ତ୍ରୀ ଉଭୟେ ଅନ୍ୟର ସ୍ତ୍ରୀ ଓ ଅନ୍ୟର ସ୍ୱାମୀ ରୂପେ ବିଭିନ୍ନ ରଙ୍ଗମଞ୍ଚରେ ଅଭିନୟନର କଣ୍ଟ୍ରାକ୍ଟ ସାରି ଏକ ଗ୍ରୀନ୍‌ରୁମ୍‌କୁ ଫେରିଛନ୍ତି । ''ମରା ହଲ ବନ୍ଧୁ ଲାଗେ ।''

ତେଣୁ ଉଭୟେ ମୁକ୍ତରୀ, ତେଣୁ ହେଁସ ଧୁଆଧୋଇ ପ୍ରଶ୍ନ ଉଠିଲା ନାହିଁ ।

''ଗାବଃ ଗନ୍ଧେନ ପଶ୍ୟନ୍ତି । ସ୍ତ୍ରୀମାନେ ମଧ । ଶ୍ରୀମତୀ ରାୟ ଘର ଭିତରକୁ ପଶି ଆସିଲା ମାତ୍ରେ ବାରିପାରିଲେ ଏକ ବିଦେଶୀ ଭାରି ଗନ୍ଧର ଲହରୀ । ତାଙ୍କୁ ଜଣାଗଲା ପ୍ରତି ଘରର ଅନ୍ଧାରୁଆ କୋଣରେ ଯିମିତି କିଏ ଲୁଚିଛି । ଯିମିତି ଏଇଥିଲା, ଚାଲିଗଲା । ଯିମିତି ତାଙ୍କରି ଆଗେ ଆଗେ ସପ୍‌ସପ୍ କରି କିଏ ଚାଲିଯାଇଛି, ମୁରୁକି ହସୁଛି, ମୁହଁ ମୋଡୁଛି । ଯିମିତି ଖଟରେ କିଏ ଶୋଇଥିଲା ସେ ପଶିଆସିବା ପୂର୍ବରୁ ତରବରରେ

Digitized by srujanika@gmail.com

ଚାଦରଟା ଝାଡ଼ିଝୁଡ଼ି ବିଛାଇ ଦେଇ ପଳାଇ ଯାଇଛି ।

ଯେଉଁ ଆଡ଼କୁ ଚାହିଁଲେ ସେହି ମୂର୍ତ୍ତି, ସେହି ସ୍ମିତ, କେଲେଣ୍ଡର ଛବିରେ, ରେଡ଼ିଓରେ, ଆଇନାରେ । ଜୀବନଯାକ ଯେତେ ଯେତେ ସ୍ମିତ ସେ ପଟ୍ଟନାୟକ ବାବୁ ବା ଭୀମାକୁ ଦେଇଥିଲେ ସବୁଠୁଁ ବଳି ଶକ୍ତିଶାଳୀ ପଦୁଆଁର ଏ ସ୍ମିତ । ସାତ ବରଷରେ ସେ ଯାହା କରିପାରି ନାହାନ୍ତି ଦଶ ମିନିଟ୍‌ରେ ସେଇ ମେଜିକ୍ ମେହେନ୍ତରାଣୀଟାଏ ଦେଖାଇ ଦେଲା । ଡକ୍ଟର ରାୟଙ୍କ ଜ୍ଞାନଗାରିମା, ରୋମାଣ୍ଟିସିଜିମ୍ ଆଭିଜାତ୍ୟର ବଡ଼ିମା ଅକ୍ଲେଶରେ ଚୁରମାର କରିଦେଲା ସାମାନ୍ୟ ଅବଗୁଣ୍ଠନରେ । ସେ ଧିକ୍କାର କଲେ ନିଜକୁ, ବିହ୍ୱଳ ମଧ ହେଲେ ।

ରୋଷେଇ ଘରକୁ ଯାଇ ଦେଖିଲେ ପଦୁଆଁ ସବୁ ପାଇଛି, କିଛି ଅଧିକ ମଧ । ବଡ଼ି ଡ଼ବା ଖୋଲା, ଆଚାର ବୋତଲ ନିଃଶେଷ, ଖସାଲଡୁ ଅଦୃଶ୍ୟ, ପନିପରିବା ଝୁଡ଼ି ଖାଲି; ଭୀଷଣ ଜୋରରେ ଛାତି ଧଡ଼ପଡ଼ ହେବାକୁ ଆରମ୍ଭ କଲା ତାଙ୍କର । ତକିଆତଳୁ ଚାବିପେଚ୍ଛା ଖୋଜିବାକୁ ଆସି ଦେଖନ୍ତି କେତୁଟା ନୋଟ ଥିଲା ତାହା ମଧ ନାହିଁ । ନିଃଶ୍ୱାସର ଗତି ପ୍ରଖର ହେଲା । ଖୋଲା ଅଗଣାରୁ ତାଜା ହାୱା କିଛି ନେବାପାଇଁ ଯାଇ ଦେଖନ୍ତି ଚନ୍ଦ୍ରମଲ୍ଲିକା ଫୁଲଟି ନଖରେ ଲୂନ ହୋଇଛି । ଛୋଟ ବୁନ୍ଦାଏ ରସ ବୃନ୍ତରେ ଲାଗିଛି ଯିମିତି; ଲତାଟି କାନ୍ଦୁଛି ତାର ସର୍ବସ୍ୱ ଅପହରଣରେ ।

ଝାଳ ବହି ଯାଉଥାଏ ଦେହରୁ; ମୂର୍ଚ୍ଛିତା ହେଲାପରି ଲାଗିଲା ତାଙ୍କୁ । ସମ୍ଭାଳି ନପାରି ବାଷ୍ପରୁଦ୍ଧ ଦରଫୁଟ ଗଳାରେ ପଚାରିଲେ, ''ଫୁଲଟା କିଏ ଛିଣ୍ଡାଇଲା ?''

ଗୋଟାଏ ପକ୍କା ବୁଢ଼ା ଚୋର ମାଡ଼ ଦାଉରେ, ବିବେକର ଦଂଶନରେ ବା ଭୁଲ୍‌ରେ ଖନି ମାରିବା ଗଳାରେ ସତ କଥାକୁ ବଙ୍କେଇ ଟଙ୍କେଇ କହିଦିଏ; ଡକ୍ଟର ରାୟ ସିମିତି ଅବସ୍ଥାରେ ଉତ୍ତର ଦେଲେ, ''ନା, ନା, ମୁଁ ? ମୁଁ ତୋଳିଲି କେତେବେଳେ, ମନେ ପଡୁନାହିଁ ତ ।''

ଆବିଷ୍କାରର ମାରାତ୍ମକ ଗୁରୁତ୍ୱ ଉଭୟଙ୍କ ମନରେ ଭିନ୍ନ ଭିନ୍ନ ପ୍ରତିକ୍ରିୟା ସୃଷ୍ଟିକଲା । ସ୍ୱଭାବତଃ ଦୁର୍ବଳତା ଯୋଗୁଁ ନାରୀମାନେ ଅନ୍ୟ ଉପରେ ଅନିଷ୍ଟ କରିବା ପୂର୍ବରୁ ନିଜର କ୍ଷୟକ୍ଷତି କରିବସନ୍ତି । ଶ୍ରୀମତୀ ରାୟଙ୍କ ଆଗରେ ଦୁର୍ବଳମନାର ସେଇ ସମସ୍ୟା "To be or not to be", ବଞ୍ଚିବେ କି ମରିବେ । ପୁରୁଷର ପଶୁବଳ ବେଶି ଥିବାରୁ (ଆଦିବାସୀମାନେ ଏ ପରିସ୍ଥିତିରେ କାଳ ବିଳମ୍ବ ନକରି ସ୍ତ୍ରୀକୁ ହତ୍ୟା କରନ୍ତି) ଡକ୍ଟର ରାୟଙ୍କ ଆଗରେ ଏକମାତ୍ର ସମାଧାନ ପନ୍ଥା ହେଲା "Put out the light and then put out the life" ପ୍ରଥମେ ଆଲୁଅ ଲିଭାଇ ଦେବି ତା'ପରେ ତାର ଜୀବନଦୀପ ଫୁଙ୍କି ଦେବି ।

ସନ୍ଧ୍ୟାଟି ବାହାରେ ଯେତିକି ଅଶାନ୍ତ; ଘର ଭିତରେ ରହସ୍ୟମୟ ଶାନ୍ତ ବାତାବରଣରେ ସମଧିକ ପୀଡ଼ାଦାୟକ । ଡକ୍ଟର ରାୟ ବାହାରର ତୋଫାନକୁ ମାନସିକ ଦ୍ୱନ୍ଦ୍ୱ ଅପେକ୍ଷା ସହନୀୟ ଓ ଶ୍ରେୟ ମଣି ବାହାରିଗଲେ । ଗଲାବେଳେ କାଛ-ବାଡ଼କୁ

Digitized by srujanika@gmail.com

ଶୁଣାଇ କହିଲେ, "ରାତି ଖାଇବି ନାହିଁ, ନିମନ୍ତ୍ରଣ ଅଛି ।"

ନାନା ଦୁଶ୍ଚିନ୍ତା, ଅନୁଶୋଚନା, ଆକୁଳତା ଓ ବ୍ୟଥା ଭିତରେ ସେ କାଳ ସନ୍ଧ୍ୟାରେ ଶ୍ରୀମତୀ ଏତିକି ତଥ୍ୟ ଆବିଷ୍କାର କଲେ ଯେ ସ୍ୱାମୀ-ସ୍ତ୍ରୀ ପରସ୍ପରକୁ ସନ୍ଦେହ କରି ସାରା ଜୀବନ ସୁଖରେ କଟାଇ ପାରନ୍ତି; କିନ୍ତୁ ବର୍ତ୍ତମାନ ପରି ସନ୍ଦେହ ବିମୁକ୍ତ ଜୀବନର ପ୍ରତ୍ୟେକ ମୁହୂର୍ତ୍ତ ଯେପରି ଅସ୍ୱାଭାବିକ ସେମିତି ଅସହ୍ୟ ଓ ଯନ୍ତ୍ରଣାଦାୟକ । ପ୍ରତ୍ୟେକ କଥାର, ବିଶେଷ କରି ଧର୍ମ ଓ ପ୍ରେମ-କ୍ଷେତ୍ରରେ, ଚାକ୍ଷୁଷ ପ୍ରମାଣ ଖୋଜିବାର ଏଇ ଟ୍ରେଜିକ୍ ପରିଣତି ।

ଦଶ ବାଜିଲା । ଡକ୍ଟର ରାୟ ଲୁଗା ବଦଳାଇ ସିଧା ଶୋଇଗଲେ ଖଟରେ ।

ଭାଙ୍ଗୀ କଲୋନୀରେ ସେତେବେଳକୁ ମଝି ରାତି । ପତଳା ନିଦରେ ପଦୁଆଁ ହୁଏତ ତାର ବିଜୟର ସ୍ୱପ୍ନ ଦେଖୁଥିବ- କିମିତି ପକ୍କା ଘରେ ନାଲି ଚାଦରବିଛା ଶେଯରେ ସେ ଶୋଇଛି ଜଣେ ରଜା ସାଙ୍ଗରେ; ଯାହାର କୁକୁର ସାଙ୍ଗରେ ମଧ ତାର ଭୀମ ସିଂ ସରିତୁଲ ହେବ ନାହିଁ । ସ୍ୱପ୍ନରେ ମଧ ଉଲ୍ଲାସରେ ସେ କିରିକିରି ହସିଥିବ, ମାତ୍ର ବୁଢ଼ୀ କାଳେ ଶୀଘ୍ର ଭଲ ହୋଇଯିବ ଭାବି ଦୁଃଖ କରିଥିବ, କାରଣ ତେବେ ସେ ଆଉ ବାବୁଘରକୁ ଯାଇପାରିବ ନାହିଁ ।

ପ୍ରତି ମୁହୂର୍ତ୍ତରେ ଡବଲ ଟ୍ରେଜେଡ଼ି ଅଭିନୀତ ହେବାର ଭୟ ଓ ଆଶଙ୍କାରେ ଡକ୍ଟର ରାୟ ଅତି ମାତ୍ରାରେ ଅଧୀର ହେଉଥାନ୍ତି । ବଡ଼ ମର୍ମନ୍ତୁଦ ଓ ଯନ୍ତ୍ରଣାଦାୟକ ଏ ପ୍ରତୀକ୍ଷା । ଡକ୍ଟରେଟ୍ ଉପାଧି ପାଇବା କେଡ଼େ ସହଜ ! ଚିନ୍ତା ନାହିଁ, ଭାବନା ନାହିଁ, ପରିଶ୍ରମ ନାହିଁ, ପୃଷ୍ଠାକୁ ପୃଷ୍ଠା କାଗଜ ଓଲଟାଇ ଥୋଇ କାହାକୁ ଧରାଧରି କଲେ ହେଲା । କେତେବେଳେ ସେ ଭାଗ୍ୟକୁ ନିନ୍ଦୁଥାନ୍ତି, ଆଉ କେତେବେଳେ 'ଯାହା ହେବାର ହେଉ' ବା ଡ୍ରିଫଟ୍ ନୀତିର ଆଶ୍ରା ନେଉଥାନ୍ତି । ତେବେ 'ମାରିବ ଏବଂ ମରିବି' ସିଦ୍ଧାନ୍ତ କାର୍ଯ୍ୟରେ ପରିଣତ କରିବା ପୂର୍ବରୁ ସେ ଶ୍ରୀମତୀଙ୍କ ପରବର୍ତ୍ତୀ କର୍ମପନ୍ଥା ଓ ନିର୍ଦ୍ଧାରଣ ଅନୁସରଣ କରିବା ଉଚିତ ମନେକଲେ ।

ଅବହିତ ହୋଇ ଶୁଣୁଥାନ୍ତି ବାକ୍ସ ଖୋଲାଖୋଲି ଗହଣାଗଣ୍ଠି ରୁଣୁଝୁଣୁ ଓ କବାଟ ଝରକା ବନ୍ଦ ଶବ୍ଦ । ଶ୍ରୀମତୀ କ'ଣ ରାତାରାତି ଘର ଛାଡ଼ି କୁଆଡ଼େ ଚାଲିଯିବେ ? ଯେବେ ବିଷ, ଅଫିମ, ସ୍ଲିପିଙ୍ଗପିଲ୍ ବା ଆଉ କିଛି ଖାଇ ଆତ୍ମହତ୍ୟା କରନ୍ତି ତେବେ ମାଦକ ଦ୍ରବ୍ୟର ଅବଶିଷ୍ଟାଂଶ ଖାଇଦେଇ ସେ ଶ୍ରୀମତୀଙ୍କ ମୃତଦେହ ଉପରେ ପଡ଼ିଯାଇ ରୋମାଣ୍ଟିକ୍ ଏଣ୍ଡିଂ କରିପାରିବେ ତ ?

ଆର୍ତ୍ତ ଛାୟାମୂର୍ତ୍ତି ପରି ଶ୍ରୀମତୀ ଅବଶେଷରେ ପ୍ରବେଶ କଲେ । ସାତ ବର୍ଷ ପୂର୍ବେ ମଧୁଶଯ୍ୟା ରାତିରେ ବସନଭୂଷଣ ଅଳଙ୍କାର ପିନ୍ଧି ଅବଗୁଣ୍ଠିତା ହୋଇ ସନ୍ତର୍ପଣରେ ଯେଉଁ ଭଙ୍ଗୀରେ ପ୍ରବେଶ କରିଥିଲେ ଠିକ୍ ସେହିପରି ସେ ପଶିଲେ ଧୀରେ ପଦଚାଳନା କରି ।

Digitized by srujanika@gmail.com

ଡକ୍ଟର ରାୟଙ୍କ ମୁହଁରୁ ଆପେ ଆପେ ହଠାତ୍ ବାହାରି ପଡ଼ିଲା "ଏ ବେଶ ?"

"ତୁମରି ପାଇଁ, ଅବଗୁଣ୍ଠନବତୀ ପ୍ରତି ତୁମର ପରା ଦୁର୍ବଳତା ଅଛି ।"

"ରହସ୍ୟ ବୁଝିପାରୁନି । ହାତରେ କ'ଣ ?"

"ଚୁଡ଼ି ଚାରିପଟ । ବରପାଲି ନ ହେଲେ ସେପ୍‌ଟିକ୍ କଣ କରିବ ପରା । ଏ ହାତରେ କଣ ଅଛି ଦେଖ ।"

ଏତକ କହି ଶିଶିରୁ କିଛି ପିଇ ଛାତିରେ ହାତଦେଇ "ଓଃ ମରିଗଲି !" "ଆଃ, ଭାରି କଷ୍ଟ ।" ଛାତି ଫାଟିଗଲା ।" ମୋତେ ଧର ।" କହି ଡକ୍ଟର ରାୟଙ୍କ ଉପରକୁ ପଡ଼ିଯିବା ଭଙ୍ଗୀ କଲେ ।

"କ'ଣ ହେଲା ? କ'ଣ ହେଲା ?" ଡକ୍ଟର ରାୟ କହିଲା ମାତ୍ରେ ଦେଖିଦେଲେ ଶ୍ରୀମତୀଙ୍କ ବାଁ ହାତରେ ଟିକ୍-ଟୁଏଣ୍ଟି ଶିଶି । କରୁଣ ଚିତ୍କାର କରି କହିଲେ "ଏ କ'ଣ କଲ ?"

"ପିଇ ଦେଇଛି । ଜୀବନରେ ବଡ଼ ଭୁଲ କରିଛି । ତୁମରି ନିଷ୍ଫଳା ରୋମାଣ୍ଟିସିଜିମ୍‌ରେ ଅନୁପ୍ରାଣିତ ଏବଂ ପ୍ରଲୁବ୍ଧ ହୋଇ ମୁଁ ବଡ଼ ଭୁଲ୍ ବାଟରେ ଯାଇଛି । ପାପ କରିଛି । ବଡ଼ ଡିଆଁରୋଗ ତୁମର । ସନ୍ଦେହ କରି ବଞ୍ଚିପାରୁଥିଲି, ସନ୍ଦେହମୋଚନ ପରେ ବଞ୍ଚିବା ସ୍ତ୍ରୀ ପକ୍ଷରେ ସମ୍ଭବ ନୁହେଁ । ଧର, ମୋତେ ଧର । ଆଗ କ୍ଷମା ଦିଅ । ଓଃ । "

ସ୍ୱଭାବତଃ ଭାବପ୍ରବଣ ଡକ୍ଟର ରାୟ ବିହ୍ୱଳ ହୋଇ ପଡ଼ିଲେ । ଅତି ମାରାତ୍ମକ ବିଷର ପ୍ରକ୍ରିୟା ଓ ପରିଣତି ଅବହିତ ଥାଇ ହଠାତ୍ ଶ୍ରୀମତୀଙ୍କ ବାଆଁ ହାତରୁ ଶିଶିଟା ଛଡ଼ାଇ ନେଇ ଯାହା ଥିଲା ସବୁତକ ଏକାଥରକେ ପିଇଦେଇ ଶୀଘ୍ର ମରିଯିବା ଭୟରେ ଶେଷ ବାଣୀ ଶୁଣାଇ କହିଲେ "ଦେଖ ତୁମେ ଥିଲ ବୋଲି ସିନା ମୋର ରୋମାଣ୍ଟିସିଜମ୍, ରସିକତା ବଞ୍ଚିଥିଲା, ତୁମେ ଚାଲିଗଲେ ପଦୁଆଁ କାହିଁ, ଅବଗୁଣ୍ଠନବତୀମାନେ ବା କାହାନ୍ତି ? ଧର, ଏଥର ମୋତେ ଜାବୁଡ଼ି ଧର; ତୁମରି କୋଳରେ ମୁଁ ମରିବାକୁ ଚାହେଁ- To die upon a kiss.

ଦୁହେଁ କୁଣ୍ଢାକୁଣ୍ଢି ହୋଇ ଦଣ୍ଡେ ରହି ମୃତ୍ୟୁକୁ ଅପେକ୍ଷା କଲେ । ମୃତ୍ୟୁ ଆସିଲା ନାହିଁ । ବରଂ ଅଙ୍ଗାଙ୍ଗୀ ସଂପର୍କରେ ଦୁହେଁ କ୍ରମେ ପୁଲକ ଅନୁଭବ କଲେ । ପରସ୍ପର କ୍ରୋଡ଼ରେ ସ୍ୱାମୀ-ସ୍ତ୍ରୀ ଆଶ୍ରା କରି ରହିଥାନ୍ତି ସବୁଜ ରଙ୍ଗର ନେଟ୍ ମଶାରୀ ଦୁହିଁଙ୍କୁ ଅବଗୁଣ୍ଠନ ଯୋଗାଇଲା । ମିଳନାତ୍ମକ !

ବହୁତ ରାତିରେ ଆଜି ମଧ ସେମାନେ ଶୋଇଲେ । ଶ୍ରୀମତୀ ହସି ହସି ପଚାରିଲେ, "ସିଂହଳ ଦ୍ୱୀପରେ ବୋଇତ ଲଗାଇ ଲାବଣ୍ୟବତୀକୁ ଖୋଜୁଥିଲ, କେତେଦୂର ସଫଳ ହେଲ ସେ ଚେଷ୍ଟାରେ ? ବୋଇତ ଲାଗିଲା ?"

ଡକ୍ଟର ରାୟ କରୁଣ ହସଟିଏ ଦେଇ ଉତ୍ତର ଦେଲେ, "ବୋଇତ ପାଲ ସବୁ

Digitized by srujanika@gmail.com

କାଟି ନିଆଁ ଧରାଇ ଦେଇଛି ପଦୁଆଁ । ସିଂହଳର ଲଳିତ ଲବଙ୍ଗଲତା ଓ ତମାଳତାଳୀ ବନରାଜିରେ ଲବଣ ଢେଉ ଲାଗି ପୋଡ଼ିଯାଇଛି । ଆମର ନିଜ ଦେଶ ବି ଉଏଷ୍ଟ ଲେଣ୍ଡରେ ପରିଣତ ହୋଇଛି; ଖାଲି ବାଲି, ସିଜୁ ଓ କଣ୍ଟା । ଏଥର ତାକୁଇ ଉର୍ବର ଫଳପ୍ରସୂ କରିବାର ଚେଷ୍ଟା କରିବା ଆସ । ବୁଝିପାରୁନ ଆମର ଊନବିଂଶ ଶତାବ୍ଦୀର ବା ତା' ପୂର୍ବର ରୋମାଣ୍ଟିକ୍ ଆତ୍ମା ମରିଗଲାଣି ।''

''ବରପାଲି ନ ହେଲେ ସେପ୍‌ଟିକ୍ ?''

''ଆମେ କଣ ଆହୁରି ନର୍ଦ୍ଦମାରେ ଘାଣ୍ଟିଚକଟି ହେବା ? ମ୍ୟୁନିସିପାଲିଟି ଅଛି ସେ କାମ ପାଇଁ ।''

''ଅବଗୁଣ୍ଠନ ?''

''ସେଇ ଅବଗୁଣ୍ଠନ ଲାଗି ତ ଏତେ କଥା । ରୋମାଣ୍ଟିକ୍ କବିତାର ଭାଷା ଯେପରି ଅନେକ ଅପରିପକ୍ୱ ଓ ଦରିଦ୍ର ଭାବନାକୁ ଘୋଡ଼ାଇ ରଖେ ଏଇ ଅବଗୁଣ୍ଠନ ବା ଗଗ୍‌ଲସ୍ ବା ବୀଟନିକ୍ ଚୁଳ ଅନେକ ବ୍ୟାଧି ଓ କୁତ୍ସିତତାକୁ ଢାଙ୍କୁଣି ଯୋଗାଏ । ପଟ୍ଟନାୟକ ବାବୁଙ୍କ ବିଟଲ ଚୂଳ ଓ ସଭାର ସେଇ ସ୍ତ୍ରୀଙ୍କ ଅବଗୁଣ୍ଠନରୁ କ'ଣ ଏତିକି ଶିଖିଲ ନାହିଁ ? ସେମାନଙ୍କ ମୋହିନୀ ଶକ୍ତିରେ ମୁଗ୍‌ଧ ଅନ୍ଧ ହୋଇ ବିଶ୍ଳେଷଣର ଅବକାଶ ମଧ୍ୟ ଆମେ ପାଇଲୁ ନାହିଁ ପରା ।''

''ପୃଷ୍ଠା ଲେଉଟାଇବା ?''

''ଏକାବେଳେ କ୍ରସଓ୍ୱାର୍ଡ଼ ପାଝଲ ପୃଷ୍ଠାକୁ ।''

''କିଏ ଜିତିଲା, ତୁମେ ନା ମୁଁ ?''

''ସେ ତ ଆଉ ଗୋଟାଏ ଗପ ।''

Digitized by srujanika@gmail.com

# କଟାମୁଣ୍ଡ

ପେଥିଡ୍ରିନ୍ ଆଉ ମରଫିନର ଯୋଡ଼ା ଯୋଡ଼ା ସାଞ୍ଜୁବର୍ମ ଭେଦ କରି ମୋ ବଥର ଯନ୍ତ୍ରଣା ତାର ଦାଢୁଆ ଛୁରୀରେ ନିଦର ଗଣ୍ଡି ମୁଣ୍ଡ ଅଲଗା ଅଲଗା କରିଦେଲାରୁ ଚାଉଁକିନା ଚେତା ହୋଇ ଆଖି ମେଲାଇଲି ।

ଦଣ୍ଡେ ପରେ କୁହୁଡ଼ିଆ ଭାବ ଆଖିରୁ ଚାଲିଗଲା । ଗୋଡ଼ତଳ କାନ୍ଥ ଘଡ଼ିର କଣ୍ଟାଦିଟା ସ୍ପଷ୍ଟ ଦିଶିଲା । ଗୋଟାଏ ବାଜିବାକୁ ଯାଉଛି ।

ଗୋଡ଼ଟା ଏତେ ଭାରି ଲାଗୁଛି କାହିଁକି ? ଆରେ ! ହେମ ବଥଗୋଡ଼କୁ ତକିଆ କରି ଶୋଇ ଯାଇଥିଲା ନା କ'ଣ ? ମୋ ଗୋଡ଼ର ହଲ୍‌ଚଲ୍‌ରେ ସେ ବି ଚମକି ଉଠି ପଡ଼ିଲା । ଆଖି ଦି'ଟା କାନି ପଣତରେ ପୋଛି ପୋଛି ମୋ ଆଡ଼କୁ ଚାହିଁଲା । ''ଗୋଡ଼ରେ ପାଣି ପଡ଼ିଲା କେମିତି ?'' ଅସ୍ପଷ୍ଟ ଗଳାରେ ପଚାରିଲି । ''କାନ୍ଦୁଥିଲ ନା କ'ଣ ? ନିଦ ମାଡ଼ିଲା ତ ଖଟରେ ଶୋଇ ପଡ଼ିଲନି ?''

ହେମର ମୁହଁକୁ ଚାହିଁ ଜାଣି ପାରିଲି ରାତିଯାକ ଶୋଇନି ସେ । ଯିମିତି ଗୋଡ଼ତଳେ ଧୀରେ ଧୀରେ ହାତ ବୁଲାଉଥିଲା, ସିମିତି ରାତିଯାକ କରି ଚାଲିଛି । ଭୋକ ଶୋଷ ତା'ର କିଛି ନାହିଁ । ପୁଞ୍ଜାଏ ପିଲାଝିଲାଙ୍କ ଅଳିଦଳି ସହି ମୋ ସେବା ଶୁଶ୍ରୁଷା କରି ଚାଲିଛି, ଏକନିଷ୍ଠ ହୋଇ, ଛଅ ମାସ ହେଲା । ମୁଁ ଧରି ନେଇଛି ଏଇ ମୋର ଶେଷ ଶଯ୍ୟା, ମୃତ୍ୟୁ ଶଯ୍ୟା । ଏ ଦୁରାରୋଗ୍ୟ ବ୍ୟାଧିରୁ ଆଉ ମୁକ୍ତି ନାହିଁ । ହେମର ବି ଛାତିକି ଛନକା ପଶିଲାଣି, ତାର ବିଧବା ଯୋଗ ଆସନ୍ନ ।

''କ'ଣ ନିଦ ଭାଙ୍ଗିଗଲା ? ବେଶି କଷ୍ଟ ହେଉଛି ? ତୁମେ ଶୋଇବାର ଚେଷ୍ଟାକର । ମୁଁ ଧୀରେ ଧୀରେ ହାତ ବୁଲାଉଛି । ଆଖି ପତାଟା ଦଣ୍ଡେ ପଡ଼ିଯାଇଥିଲା ।''

''ମିଛ କଥା ! ତୁମେ ଶୋଇନ । କାନ୍ଦୁଥିଲ, ଲୁହବୁନ୍ଦା ଗୁଡ଼ାକ ଗୋଡ଼ରେ ଲାଗିଛି, ତୁମ ଆଖି କହି ଦେଉଛି, କାନ୍ଦୁଥିଲ । ଢେର କଲଣି, ତୁମକୁ ମୁଁ କି ଆଶ୍ୱାସ ଦେବି ? ଯାହା ବା ଭଲ ହେବାର ସାହସ ବାନ୍ଧିଥାନ୍ତି ତୁମ କଥା ପିଲାଝିଲାଙ୍କ ଭବିଷ୍ୟତ, ଘର ବାବଦ୍ ଦେଣା, ବଂଶପ୍ରାଣୀଙ୍କ ଆମ ପ୍ରତି ବ୍ୟବହାର ଆଦି ଭାବି ମୁଁ ପ୍ରତି ମୁହୂର୍ତ୍ତରେ ଭାଙ୍ଗି ପଡୁଛି । ଯାଅ, ତୁମେ ଶୁଅ ଯାଅ, ରାତି ଗୋଟାଏ ହେଲାଣି । ଓଃ ! ଭାରି କଷ୍ଟ, ଜୀବନ ବାହାରିଯିବା ପରି ଲାଗୁଛି ।''

''କ'ଣ ଆଉ କରିବି କୁହ ! ସବୁ ପ୍ରକାର ଚିକିତ୍ସା ତ ହେଲା । ଗୁଣି ଗାରିଡ଼ି ବି

Digitized by srujanika@gmail.com

ବାଦ୍ ଦେଇନି । ଯିଏ ଯାହା କହିଲା ହୋମ, ଗ୍ରହଶାନ୍ତି, ସହସ୍ର କୁମ୍ଭ ସବୁ ତ ହେଲା । ଚବିଶ ବର୍ଷ ଧରି ତୁହେଁ ଯେଉଁ ମହାଦେବ ଗୋସାଇଁଙ୍କି ଢାବୁଡ଼ିଥିଲୁ, ସେ ବି ଆମକୁ ଚାହିଁଲା ନାହିଁ । ଏଥର କଣ ଭାବୁଛି କହିବି ? କାଲି ସକାଳୁ ଠିକ୍ କରିଛି ଗଜେନ୍ଦ୍ର ବାବୁଙ୍କ ବୋହୂ, ଅମୂଲ୍ୟର ମାଆ, ଆଉ କୁନ୍ତଳା ନାନୀ ସାଙ୍ଗରେ କାଳୀ ମନ୍ଦିରକୁ ଯିବି । ସମସ୍ତେ କହୁଛନ୍ତି ପ୍ରତ୍ୟକ୍ଷ ଠାକୁରାଣୀ । ସମସ୍ତେ, ଯିଏ ଯାଇଛି, ଫଳ ପାଉଛନ୍ତି । ବଜାର ଭିତରର କାଳୀ କଥା କହୁନି, ଶ୍ମଶାନ କାଳୀ । ତୁମେ ହଁ କରିବତ ଯିବି । କ'ଣ କହୁଛ ?"

"ଯାଅ, ମନା କରୁନି । ଲାଭ କିଛି ହେବନି । ତଥାପି ଦେଖ, ସାବିତ୍ରୀ ଯମ ମୁହଁରୁ ସତ୍ୟବାନକୁ ଆଣିଥିଲେ । ତୁମର ଯଦି ସେ ସତୀତ୍ୱ ଥିବ ମୋତେ ମାଆଙ୍କ ଦୟାରୁ ମୃତ୍ୟୁରୁ ରକ୍ଷା କରିପାର । ଓଃ ! ବହୁତ କଷ୍ଟ ହେଉଛି, ଗୋଡ଼ଟା କିଏ କାଟି ଦିଅନ୍ତା କି ଦିଖଣ୍ଡ କରି । ଯାଅ, ଦେଖ, ମନା କରୁନି । ତେବେ ମୋର କଣ ଭୟ ଜାଣ, ତୁମ ଆମ ପରି ନରମା ଲୋକ ବିଶେଷତଃ ସ୍ତ୍ରୀମାନେ ଏ ଶକ୍ତି ଉପାସନା ନ କରିବା ଉଚିତ୍ । ରକ୍ତ, କଟାମୁଣ୍ଡ, ଲାଲ ଜିଭ, ତନ୍ତ୍ରମନ୍ତ୍ର, କପାଳ, କଙ୍କାଳ ଦେଖିଲେ ତ ମୁଣ୍ଡ ବିଗିଡ଼ି ଯିବ;  ପୂଜା ପଣା କରିବ କ'ଣ ? ମୁଁ ଧର୍ମତତ୍ୱ ବୁଝେନି ସାଧାରଣ ଲୋକ... ଯାଅ ଶୋଇବ ଯାଅ, ସକାଳୁ ଫେର୍ ଯିବ ପରା । ଟିକେ କେଉଁଠି ଭୁଲଭଟକା ରହିଗଲେ କଞ୍ଚା ଖାଇଯିବ । ସାବଧାନ !

ହେମ ମୋ କଥା ମାନି ଝାଡ଼ିଝୁଡ଼ି ହୋଇ ଉଠିଲା । ଦୀର୍ଘଶ୍ୱାସଟିଏ ପକାଇଲା ଓ ମୋ ଖଟ ପାଖ ଖଟିଆରେ ଅଣି ହୋଇ ମୋ ଆଡ଼କୁ ମୁହଁ କରି ଶୋଇଗଲା । ତଳେ ଚଟାଣରେ ମଶିଣା ଖଣ୍ଡିକରେ ପିଲାଝିଲାଏ କଖାରୁ ବୋଇତାଳୁ ପରି ଗଡୁଥାନ୍ତି । ଛେଉଣ୍ଡ ପରି ଚେହେରା ଦିଶିଲାଣି । ଆଶ୍ଚର୍ଯ୍ୟ କଥା ! ସେ ଶୋଇ ପଡ଼ିବା ସଙ୍ଗେ ସଙ୍ଗେ ମୋତେ ବି ନିଦ ହୋଇଗଲା । ନିଶାର ପ୍ରଭାବରେ ହେଉ ବା ମା' କାଳୀର ନାମୋଚାରଣରେ ହେଉ । ନିଦ ପୁଣି ଭାଙ୍ଗିଲା, ଝରକା ପାଖ ଗୁହାଳ ଘର ଚାଳିଆରୁ ଗାଈ ବାଛୁରୀଙ୍କ ଡକାହକାରେ ଏବଂ ଗାଈ ଦୁହାଁ ଚର୍‌ଚର୍ ଶବ୍ଦରେ । ହେମ ନିଜେ ଗାଈ ଦୁହେଁ, ବୋଧହୁଏ ସେ କ୍ଷୀର ନେଇ ଶ୍ମଶାନ କାଳୀଙ୍କ ପାଖକୁ ଯିବ ବୋଲି ଆଜି ସହଳ ଉଠି ପଡ଼ି ଦୁହୁଁଛି ।

ମୋତେ ବଞ୍ଚାଇବା ପାଇଁ ଆଉ ଜଣେ ଯେ ମୋ ପାଇଁ ତପସ୍ୟା କରୁଛି ଏପରି କି ସୀମା ଓ ପ୍ରକୃତି ବହିର୍ଭୂତ କୃଚ୍ଛ୍ର ସାଧନ କରିବାରେ ଲାଗିଛି ଏବଂ ଶ୍ମଶାନ କାଳୀର ଲେଲୀହାନ ସର୍ବଗ୍ରାସୀ ଜିହ୍ୱାର ମୁକାବିଲା କରିପାରୁଛି ସେହି କଥା ଭାବି ମୁଁ ଯଦ୍ କିଞ୍ଚିତ୍ ଶକ୍ତି ସାମର୍ଥ୍ୟ ସଂଗ୍ରହ କରି ରୋଗଯନ୍ତ୍ରଣା ସହିବାର ସଂକଳ୍ପ କଲି ।

ପ୍ରାୟ ସାତ୍ଟା ବେଳକୁ ପୂଜାଥାଳି ନେଇ ହେମ ଶ୍ମଶାନ କାଳୀ ମନ୍ଦିରରୁ ଫେରିଲା । ପିଲାଝିଲାଙ୍କୁ ସ୍କୁଲ ପଠାଇ ଦେଇ ମୋ ପାଖକୁ ଆସିଲା । ସଫେଇ ଶେଷକରି ଚାଦର ବଦଳ କଲା, ମୋତେ ଏପଟ ସେପଟ ଓଲଟାଇ, ମୁହଁରେ ପାଉଡ଼ର ବୋଳିଲା, ଚୂଳ କୁଣ୍ଡାଇ ଦେଲା । ତା'ପରେ ପଞ୍ଚମୁଖୀ ଜବା ଫୁଲଟିଏ ମୋ ମୁଣ୍ଡରେ ଛୁଆଇଁ କାଳୀଙ୍କର

Digitized by srujanika@gmail.com

ସିନ୍ଦୂର ମୋ ବେକରେ ଲଗେଇ ଦେଲା, ମୋ ଦିହର ସିନ୍ଦୂର ତା ସୁନ୍ଥାରେ ଲଗେଇବା ପରେ ମୋତେ ହରଲିକ୍ସ ପିଆଇ ଦେଇ ଔଷଧ ଦେଲା ଏବଂ ଅନ୍ୟ କାମକୁ ଗଲାବେଳେ କହିଗଲା କୃତାର୍ଥ ହୋଇ ''ଏଥର ଦଣ୍ଡେ ଶୋଇବାର ଚେଷ୍ଟାକର କାଲି ରାତି ଭଲ ଶୋଇନ ।''

ନିମ୍ନ ମଧ୍ୟବିତ୍ତ ଘରର ସ୍ତ୍ରୀ ଗୁଡ଼ାକର ଜୀବନ ପରିବାର ପକ୍ଷରେ କେତେ ମୂଲ୍ୟବାନ ! ସେମାନେ କ'ଣ କରି ନ ପାରନ୍ତି ! ପିଲାଝିଲା ଜନ୍ମ କରି ତାଙ୍କର ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ନେବାଠାରୁ ଆରମ୍ଭ କରି ସ୍ୱାମୀ ସେବା, ଗୋ ସେବା, ପୋଷା ଜୀବଜନ୍ତୁଙ୍କ ସେବା କରନ୍ତି ଭୋର ସକାଳରୁ କେତେ ରାତିଯାଏ । କଣ କାମ ନ ଆସେ ତାଙ୍କୁ ! ଢିଙ୍କି କୁଟିବା, ମୁଢ଼ି ଭାଜିବା, ଭାତ ତିଅଣ ପିଠାପଣା କରିବା ଏମିତି କି ଗାଈ ବାଛୁରୀଙ୍କ ପାଇଁ ବେଳ ପାଇଲେ ମୁଠାଏ ଘାସ ବାଡ଼ିରୁ କାଟି ଆଣିବା; ଠକାମି ନାହିଁ, ଆଳସ୍ୟ ନାହିଁ । କଳା ବିଦ୍ୟାରେ କଣ ଊଣା ! ଯେଉଁ ଝୋଟି ଆଙ୍କିବେ, କାନ୍ଥରେ ଯେଉଁ ଲତାଫୁଲ ଜୀବଜନ୍ତୁ ଆଙ୍କିବେ ତାହା ପୋଖତ ଶିଳ୍ପୀ ଦେଖିଲେ ଦଣ୍ଡେ ଚାହିଁ ରହିବ । ସ୍ୱାମୀମାନେ ଦାଣ୍ଡରେ ବିକାଶନ୍ତି ତାଙ୍କ ସ୍ତ୍ରୀଙ୍କ ଘରକରଣା ଗୁଣ ଯୋଗୁ ସିନା ! ସେବା ଶୁଶ୍ରୁଷାରେ ନାରୀ ଜାତିକୁ ବଳିବ କିଏ ? ନା ଭୋକ, ନା ଶୋଷ, ନା ନିଦ, ନା ସ୍ୱଚିନ୍ତା । ହେମ ମୋତେ ତା ପୁଅମାନଙ୍କ ଭିତରୁ ଗୋଟାଏ ଭାବି ପାରୁଛି । ସେକ୍ସ ଆଉ ନାହିଁ ଆମ ସଂପର୍କରେ, ଜୀବନ ନିୟନ୍ତ୍ରିତ କରୁନାହିଁ ।

ଓପରଓଳି ମୋ ପାଖରେ ବସି ବଲବଲ ହୋଇ ମୋ ମୁହଁକୁ ଚାହିଁଥାଏ । ପଚାରିଲି ''କାଳୀ କଣ କହିଲେ ? ରକ୍ଷା କରିବେନା ଆମକୁ ? ଶ୍ମଶାନ କାଳୀ କଥା ଛାଡ଼, ମୁଁ ତ କେବେ କେଉଁ କାଳୀଙ୍କୁ ଏମିତି କି କଲିକତା କାଳୀଙ୍କି ଦେଖିବାର ସାହସ କରି ପାରିନି, ସତରେ ମୋତେ ଭାରି ଭୟ ଲାଗେ । କୁହ ନା କ'ଣ ଦେଖିଲ ।''

ହେମ ମୋ ବଥ ଗୋଡ଼ରେ ହାତ ବୁଲାଉଥାଏ ଓ କହୁଥାଏ । ସତରେ ମୂର୍ତ୍ତି ଏମିତି ଆସ୍ଥାନ ସହର ବଜାରରେ ମିଳିବେ ନାହିଁ । ଯିମିତି ସୁନ୍ଦର ସେମିତି ଭୟଙ୍କର ଏ ପୀଠ । ଚାରିପଟେ ଶ୍ମଶାନ, ଦୁଇଟା ଝରଣା ମଝିରେ, ଯାହାକୁ କହନ୍ତି ମଶାଣିକୁଣ୍ଡ; ଅଙ୍ଗାର ପୋଡ଼ାକାଠ, କୋଚିଲା ଗଛ, ଶାଗୁଣା ପଲ, ବୁଲା କୁକୁର ଗଣ୍ଡା ଗଣ୍ଡା । ଦିନବେଳେ ବି ଡାହାଣୀ ଚିରିଗୁଣୀ ଭୂତ ପ୍ରେତ ବି ଦିଶିବେ । ଆମେ ଥିଲାବେଳେ ମୁର୍ଦ୍ଦାରଟାଏ ପୋଡ଼ା ହେଉଥିଲା ପାଖରେ । ମୁଁ କହିଲି ''ଆଉ ମଶାଣି ମୁର୍ଦ୍ଦାର କଥା କୁହନି ମୋର ଦୁକ୍‌ଦୁକ୍ ବନ୍ଦ ହୋଇଯିବ ତୁମ କଥା ବର୍ଣ୍ଣନା ଶୁଣିଲେ ।''

''ଆଉ କାଳୀ ମୂର୍ତ୍ତି ? ମୁଁ ବି ଡରୁଥିଲି କିନ୍ତୁ ତାଙ୍କୁ ଦେଖିଲା ମାତ୍ରେ ମୋର ଭୟ ଚାଲିଗଲା । ବୁଦୁବୁଦିଆ ଜଙ୍ଗଲ ଭିତରେ ଛୋଟ ମନ୍ଦିର । ଚାରିପଟେ କୁରୁଚି, କୋଚିଲା, କେନ୍ଦୁ ଗଛ । ଠାକୁରାଣୀର ମୁହଁ ଦାଉ ଦାଉ ଜଳୁଛି, ଖଣ୍ଡା ଖଡ଼୍‌ଗ ଚକ୍ ଚକ୍ କରୁଛି । ଡାହାଣ ହାତରେ ତାଜା ଜୀଅନ୍ତା କଟା ମୁଣ୍ଡଟା । ବେକରେ ଛୋଟ ଛୋଟ ଫୁଲହାର ।

Digitized by srujanika@gmail.com

ତଳେ ଚିତ୍ ହୋଇ ପଡ଼ିଛନ୍ତି ଦେବାଦିଦେବ ମହାଦେବ । ମୋର ମନରେ ଦଣ୍ଡକେ କିମିତି କିମିତି ଭାବ ଆସିଗଲା । ଆଉ ସେ ପୂଜାରୀ ଯିମିତି ଠାକୁରାଣୀ ସିମିତି । ତିରିଶ ବତିଶି ବର୍ଷର ଟୋକା ଗୋରା ତକତକ ଦିହ, ମୁହଁରୁ ଆଲୁଅ ବାହାରୁଛି । ଏମିତି ପବିତ୍ର ସ୍ଥାନ ! ତୁମେ ଭଲ ହୁଅ ଦିନେ ଯିବା । ଆଶ୍ଚର୍ଯ୍ୟ କଥା ! ମୋ ମନ୍ଦାର ଫୁଲକୁ ପୂଜାରୀ ମାଆଙ୍କ ହାତରେ ଦେଇଛି ଦଣ୍ଡେ ପରେ ଖସି ପଡ଼ିଲା । ଭାରି ଭଲ ଲକ୍ଷଣ ବୋଲି ବ୍ରାହ୍ମଣ କହିଲେ ।'' ମୁଁ ତନ୍ମୟ ଚକ୍ଷୁରେ ଚାହିଁଥାଏ ଚାରିପଟୁ ଛ'ଇଞ୍ଚର ପୁଞ୍ଜାଏ ସନ୍ତାନସନ୍ତତିର ମାଆକୁ, ମୋର ଦେବୀମୂର୍ତ୍ତି ହେମକୁ ।

ମୋର ଭୟ ହେଉଥାଏ ହେମର ଦିହ ଖରାପ ହୋଇଯିବ ଅତି ବେଶି ଘଟଣା ଓ ମନ ଉପରେ ପଡୁଥିବା ଚାପରେ । ମାତ୍ର ତାର କିଛି ହୁଏନାହିଁ, ମନର ବଳ ଟାଣ ଅତୁଟ ରହିଥାଏ ସଦା ସର୍ବଦା ଏକାପରି । ତାର ଆଶଙ୍କା ଯିମିତି ଦ୍ରୁତ ମିଳାଇ ଯାଉଥାଏ ମୋର ସ୍ୱାସ୍ଥ୍ୟର ଉନ୍ନତି ମୁଁ ନିଜେ ଅନୁଭବ କରୁଥାଏ । ଏବେ ନିଜେ ଉଠି ବସି ପାରିଲାଣି । ଦଶ ଯୁକ୍ତ ଦୁଇ ଯୁକ୍ତ ତିନିରେ ଛାତକଟିଏ ଉତୁରିଲା ପରି ଔଷଧ ଯୁକ୍ତ ହେମର ସେବା ଯୁକ୍ତ ଭାଗ୍ୟ ଅବା ମାଆଙ୍କ ଦୟାରେ ମୁଁ ପାରିବା ପଣିଆ ଫେରି ପାଇଲିଣି ।

କାଲି କାଳୀପୂଜା, ଓପରବେଳା ମୋ ପାଇଁ ଚା' କପ୍ ଥୋଇଦେଇ ହେମ କହିଲା, ''ଶୁଣୁଛ, ପଦେ କଥା କହିବି ନ କହିବି ଭାବୁଛି କାଳେ ତୁମେ ରାଗିବ, କହିବି ନା ?'' ମୁଁ କିଛି ଉତ୍ତର ନ ଦେଇ ତାରି ମୁହଁକୁ ପ୍ରଶଂସମାନ ଚକ୍ଷୁରେ ଚାହିଁ ରହିଲି । କେମିତି ତାର ଋଣ ଶୁଝିବି ଏଇ ଚିନ୍ତାରେ ମଗ୍ନ ହୋଇ ।

କହିଲା ''ମାଆଙ୍କ ଦୟାରୁ ତୁମେ ତ ପ୍ରାୟ ଭଲ ହୋଇଗଲ । ଘାଆ ଶୁଖିଗଲା, ଗୋଡ଼ ହାତର ଫୁଲା ଫୁଲା ଭାବ ଚାଲିଗଲା, ମୁହଁ ଆଖିର ରଙ୍ଗରଙ୍ଗ ବି ଫିକ୍କା ସାଧାରଣ ହୋଇଗଲା; କାଲି ପଅରିଦିନକୁ ପାଦେ ପାଦେ ଚାଲି ବି ପାରିବ । ମୁଁ ଠାକୁରାଣୀ ପାଖରେ ସହଣି ମାନସିକ କରିଥିଲି ତାକୁ କଳାଝିମିରି ଶାଢ଼ୀ ଦେବି, ଭଲ ଢାଳଟାଏ ଦେବି ଆଉ ତାଙ୍କ ପୂଜାରୀ ବ୍ରାହ୍ମଣକୁ ଧୋତି ଯୋଡ଼ ଦେବି ବୋଲି ।''

ରୋଗରେ ପଡ଼ିବା ଦିନରୁ ଅଚ୍ଛା ତାମସାର କଥା ମୁଁ ହେମକୁ କହି ନଥିଲି । ପୂଜାରୀ ବ୍ରାହ୍ମଣ ଟୋକା ଯାହାର ରୂପଗୁଣ ବିଷୟରେ କେତେଥର ସେ ମୋତେ କହିଥିଲା ତାରି ନାଁ ଶୁଣି କହିଲି, ତୁମେ ଠାକୁରାଣୀ ପାଖକୁ ଯାଅନା ଠାକୁର ପାଖକୁ ଯାଅ ? ପ୍ରଥମ କରି ହେମର ଓଠର ସ୍ମିତ ଦେଖିଲି ।

ପରଦିନ ସକାଳେ କାଳୀ ପୂଜାର ସ୍ମାରକ ସ୍ୱରୂପ ଠୋ ଠୋ ଆୱାଜ ଚାରିପଟୁ ଆସୁଥାଏ । ମୁଁ ପିଣ୍ଡାରେ ବେଞ୍ଚରେ ବସି ପଡ଼ିଆରେ ଚରୁଥିବା ଗାଈ ପାଟ ଓ ତା ବାଛୁରୀ ନେତକୁ ଚାହିଁଥାଏ । ହେମ କାଳୀମନ୍ଦିରରୁ ଫେରିଲା ଛୋଟିଆ ତୋଫାନ ବେଗରେ । ମୋର ଚଳଖିଆ ବେଳ ଗଡ଼ିଗଲାଣି, ସେଥିପାଇଁ ହୁଏ ତ । ଦଣ୍ଡେ ପରେ ଦେଖିଲି ମହନା ବୋଲି ଦିନ ମଜୁରିଆଟା ଓଦା କରିଆଟାଏ ପିନ୍ଧି ଥାଳିରେ କ'ଣ ଧରି ଯାଉଛି, ବୋଧହୁଏ

Digitized by srujanika@gmail.com

ଶ୍ମଶାନ କାଳୀ ପାଖକୁ । କଦଳୀ ପତ୍ର ଉଠାଇ ଦେଖିଲି ବଡ଼ ଡାଳଟାଏ, ଲାଲ ଧଡ଼ିର ଧୋତି ଯୋଡ଼ ଏବଂ କଳାଝିମିରି ଶାଢ଼ି । ଡାଳଟି ହେମ ଆମ ଘରକୁ ଆସିବା ବେଳର; ବାକ୍ସରେ ସାଇତା ହୋଇଥିଲା; ସଫାସୁତୁରା ହୋଇ ନୂଆପରି ଚକ୍‌ଚକ୍ ଦିଶୁଛି । ଧୋତି ଯୋଡ଼ଟା ମୋତେ ମିଳିଥିଲା ମୋ ବଡ଼ ପୁଅର ଉପନୟନ ବେଳେ, ରୋଗରେ ପଡ଼ିବାର କେତେ ମାସ ଆଗରୁ, ଆଉ କଳାଝିମିରି ଶାଢ଼ୀଟା କେତେବେଳେ କାହା ଦେଇ ହେମ ବଜାରରୁ ଅଣାଇଛି । ଏ ସବୁ ସରଞ୍ଜାମ ସାଙ୍ଗକୁ ପିଲାଙ୍କ ଗୁଲଟଣା ଖାତା ଟୁକୁରାରେ ଲେଖା କେତୋଟି ଅକ୍ଷରର ଚିଠି । "ନନା ! ଠାକୁରାଣୀଙ୍କ ପାଇଁ ଶାଢ଼ି, ଡାଳ; ତୁମପାଇଁ ଲୁଗା । ତୁମର ଦାସୀ ହେମ ।"

ମୋର ରୋଗଟା ବାହାରି ପଡ଼ିଲାକି ଆଉଥରେ ! ମୁଣ୍ଡ ଭିତରଟା କେମିତି କେମିତି ହେଲା, ଛାତି ଭିତର ନଡ଼ିଆ କୋରଣୀରେ କିଏ କୋରିଲାକି ଆଉ ? ସର୍ବାଙ୍ଗ ଝାଳରେ ଭିଜିଗଲା । କଣ ଲେଖିଛି 'ତୁମର ଦାସୀ' । ଏଇଥିପାଇଁ ଶ୍ମଶାନ କାଳୀ ମନ୍ଦିର, ଅନ୍ଧାରି ବିଲେ, ପୂଜାରୀ ଟୋକାର ରୂପଗୁଣର ବାରମ୍ବାର ଏତେ ପ୍ରଶଂସା, 'ତୁମର ଦାସୀ' ! ମୁଁ କ'ଣ ତୋର ଦାସ ତେବେ ? ମୋର ମୁହଁ ଆଖିକି ପୁଣି ରକ୍ତ ପ୍ରବାହ ଛୁଟିଲା । ବଥ ମୁହଁଟା ପୁଣି ଫିଟି ଯିବକି ?

ଚିତ୍କାର କଲି "ହେମ ! ହେମ !" ମୋର ମଥା ଖରାପ ଅବସ୍ଥାରେ ମହନା ଅବସର ପାଇ ଗନ୍ତବ୍ୟ ସ୍ଥାନକୁ ଚାଲିଗଲା ।

ମୋର ହୁକୁମୀ ଗଳା ସ୍ୱରରେ ହେମ ସଙ୍ଗେ ସଙ୍ଗେ ହାଜିର ହେଲା ଏବଂ ଏକାବେଳେକେ ନିଷ୍ପାପ ଚକ୍ଷୁରେ ସାମନା ସାମନି ମୋତେ ଚାହିଁଲା, ସେ ଚାହାଁଣିକୁ ମୁଁ ଛଳନା ଧରିନେଲି । ଦୁର୍ବଳ ଦେହକୁ କଦଳୀପତ୍ର ପରି ଥରାଇ ଚିତ୍କାର କଲି "ଦାସୀ କାହାକୁ କୁହାଯାଏ ଜାଣ ? କାଳୀମନ୍ଦିରରେ ପୂଜାପଣା ହୁଏ ନା ନାଚ ତାମସା ହୁଏ ? ତୁମେ ଆଜିଠୁ ଆଉ ପୂଜାକୁ ଯିବ ନାହିଁ । ମୋର ବଞ୍ଚିବାର ଇଚ୍ଛା ବା ଆଗ୍ରହ ନାହିଁ ତୁମର ପୂଜା ଉପାସନା ଜରିଆରେ । ବୁଝିଲ ?"

"ହଁ, ହେଲା । ବୁଝିଲି । ତିନି କ୍ଲାସ ପାଠ ପଢ଼ି ଦାସଦାସୀର ଫରକ୍, ଅର୍ଥ, ମୁଁ ବୁଝୁନି, ଯାକୁ ତୁମେ ଚିଠି କହୁଛ ? ବେଶ୍ ଯିବିନି ଆଜିଠୁ । ତୁମେ ହଁ କହୁଥିଲ ଯାଉଥିଲି, ଆଜି 'ନା' କହିଲ ଯିବିନି । ତୁମେ ଆଉ ସାନ କଥାକୁ ବଡ଼କରି ମନ ଖରାପ କରନି । ଯାଅ, ବିଛଣାରେ ଶୋଇବ ଯାଅ । ଛୁଆଙ୍କ ଇସ୍‌କୁଲ ବେଳ ହେଲାଣି; ନା ନା ଆଜି କାଳୀପୂଜା ଛୁଟି । ମୋର ବି ମଥା ଖରାପ କରିଦବ ତୁମେ ।"

ହେମ କଥା ମାନି ପୁଣି ଖଟକୁ ଯାଇ ଶୋଇଲି । ଦଣ୍ଡେ ପରେ ପ୍ରକୃତିସ୍ଥ ହେଲି ଏବଂ ବୁଝିଲି ଯେ ରୋଗିଣା ମିଜାଜ୍‌ରେ ହେମ ଉପରେ ଅଯଥା ଅତିବେଶି ଚିଡ଼ିଗଲି । ଅନୁତାପ କଲି ଏବଂ ପ୍ରାୟଶ୍ଚିତ୍ତ ବିଧାନ ଉଦ୍ଦେଶ୍ୟରେ ବେଳ ବୁଡ଼କୁ ମହନାକୁ ଡାକି ରିକ୍ସାଟାଏ ଆଣିବାକୁ କହିଲି । ତାକୁଇ ଘର ପିଲାଝିଲାଙ୍କୁ ଜଗିବାକୁ କହି ମୁହଁ ସଞ୍ଜରେ

Digitized by srujanika@gmail.com

ହେମ ଆଉ ମୁଁ ବାହାରିଲୁ ବଜାର ଭିତରେ ଏକ ସୁପ୍ରସିଦ୍ଧ ମାହାତ୍ମ୍ୟମୟ ଆଉ ଏକ ଠାକୁରାଣୀ ମନ୍ଦିରକୁ; ସଂଧ୍ୟା ଆରତି ଦର୍ଶନ ପାଇଁ । ଆଠ ମାସରେ ଆମର ଏ ଯୁଗଳ ଭ୍ରମଣର ସୁଯୋଗ । ଶ୍ମଶାନ କାଳୀଠାରୁ ସେ ଠାକୁରାଣୀ ଆଉ ପାହ୍ନୁଚେ ଉଚ୍ଚ । ସେ ନିଜେ ନିଜ ପୁଅମୁଣ୍ଡ କାଟୁଛନ୍ତି ପନିକୀରେ । ହେମ ପାର୍ଶ୍ୱ ଦର୍ଶନ କରି ଫେରିଲାରୁ ଦୁହେଁ ମାର୍ବଲ ଚଟାଣରେ ଲମ୍ୱତମ୍ୱ ହୋଇ ଯୋଡ଼ି ହୋଇ ପଡ଼ିଲୁଁ । ଭାବାବେଗରେ ଭାବ ବିହ୍ୱଳ ହୋଇ ମୁଁ ଠାକୁରାଣୀକି ମନାସିଲି ଏକ ଚିଜ ଯାହା ମୁଁ ଚେତା ଅବସ୍ଥାରେ କେବେ କଳ୍ପନା କରି ବା ଠଉରାଇ ପାରି ନଥାନ୍ତି । ଫେରିଲାବେଳେ ସିନ୍ଦୂର ବେଲପତ୍ର ଧରି ହେମକୁ କହିଲି 'ମୁଁ ମାଆଙ୍କୁ ବୋଦାଟିଏ ଦେବି ବୋଲି ମନାସି ଆସିଲି; ମକର ବେଳକୁ ।'' ହେମ ଦଣ୍ଡେଯାଏ ଗୁମ୍ ମାରି ରହିଲା, ସେଇ ହେଲା ତା'ର ମୋ ମନାସର ଜବାବ୍, ପ୍ରତିକ୍ରିୟା ।

ମକର ଯେତିକି ଯେତିକି ପାଖ ହୋଇ ଆସୁଥାଏ ମୁଁ ସେତେ ସକ୍ରିୟ ଫେରି ପାଉଥାଏଁ । ପକ୍ୱ ଶସ୍ୟର ସମ୍ଭାର ସହିତ ମଣିଷର ବଞ୍ଚିବା ଆଶା ବି ବଢ଼ି ବଢ଼ି ଚାଲିଥାଏ । ମୁଁ ସାଇକେଲ ଚଢ଼ି ପାଖ ଆଖରେ ହାଟ ବୁଲାବୁଲି କରି ଖୋଜୁଥାଏଁ ସହଣି ବୁଝିବା ଜୀବଟାକୁ । ହେଲେ ଯାହା ଦେବଦେବୀଙ୍କ କାମ୍ୟ ବାଞ୍ଛିତ ମଣିଷର ତାହା ନୁହେଁ । ଦେବୀ ବୋଦା ପ୍ରିୟ, ମଣିଷ ଖାସି ଚାହେଁ । ଚାରି ପାଞ୍ଚ ହାଟ ବୁଲି ମଧ୍ୟ ଗୋଟିକର ସନ୍ଧାନ ପାଇଲି ନାହିଁ । ମକର ଆଉ ସାତଦିନ । ମୁଁ ପ୍ରାୟ ବିଚାରବୁଦ୍ଧି ଶୂନ୍ୟ । ଭାବିଲି, ସୁନାମୁଖି ଖିରାହାର ଠାକୁରାଣୀକି ନ ଯାଚି ବୋଦା ଯାଚିଲି କାହିଁକି ? ମଣିଷ ମୁଣ୍ଡଠୁ ବୋଦା ମୁଣ୍ଡର କଣ ବେଶି ଦାମ୍ ହେବ ? ମହନାକୁ ଡାକି କହିଲି 'ମହନା ! ତୁ ପଚାଶ ଟଙ୍କା ନେଇ ଯାଆ ସାଇ ସାଇ ବୁଲିବୁ । ଯେତେ ଛୋଟ ହେଲେ ବି ବୋଦାଟାଏ ଯୋଗାଡ଼ କରି ମକର ଦିନ ଠାକୁରାଣୀ ପାଖରେ ବଳିଦବୁ । ମାଆକୁ (ହେମକୁ) କିଛି କହିବୁ ନାହିଁ । ମୁଣ୍ଡରେ ଛୁଆଁଇବା ପାଇଁ ସାମାନ୍ୟ ଟିକିଏ ପ୍ରସାଦ ଆଣିଦେବୁ ।

ମହାମୂର୍ଖ ମହନା ମକର ଦିନ ଓପର ଓଳି ପ୍ରାୟ ପାଞ୍ଚଟା ବେଳେ ଶାଳପତ୍ର ଦନାରେ ଫୁଲ ପ୍ରସାଦ କଣ ଧରି ଆସିଲା । ଯେବେ ଦନାଟି ରଖି ଦେଇ ଘରକୁ ଚାଲିଯାଇଥାନ୍ତା ତେବେ କିଛି ଅନର୍ଥ ଘଟିନଥାନ୍ତା । ତା ନ କରି ସେ ନିଜର କରାମତି, ସମର୍ଥ, ବାହାଦୂରୀ ଆମ ଆଗରେ ଦେଖାଇବାକୁ ଯାଇ ମୋ ଆଗରେ ନୁହେଁ ହେମ ଆଗରେ ଏକା ନିଃଶ୍ୱାସକେ କହିଗଲା, ''ବାବାରେ ଭିଡ଼ ! ବେଳ ଘଡ଼ିଏରୁ ଠିଆ ହେଇଛି ଯେ ଚଉଦ ଘଡ଼ିରେ ଯାଇ ଭୋଗ ସରିଲା । ଏଡ଼ିକି ସାନ ବୋଦାଟା; କିଲେ ମାଉଁସ ବାହାରିବ କି ନାହିଁ । ନା ଚାଲିପାରୁଛି ନା ଠିଆ ହୋଇପାରୁଛି । ସେଇ ଚାଖଣ୍ଡକ ବୋଦାକୁ ଚାଳିଶ ଟଙ୍କା । ମାସେ ଦୁଇମାସର ଛୁଆ, ମା'ଠୁ ଦୁଧ ଖାଉଥିଲା, ଘାସ ବି ଭଲକରି ଖାଇପାରୁ ନଥିଲା । ଯଦି ବା କାଖେଇ କାନ୍ଧେଇ ନେଲି ମନ୍ଦିର ବେଢ଼ାଯାକ ଛେକି, ଶହେ କି ହଜାରେ ହେବେ । ଜଣେ ଦେହୁରୀ କେତେ ହାଣିବ, ଶୀତ ଦିନରେ ବି ଝାଳନାଳ

Digitized by srujanika@gmail.com

ହୋଇ ଯାଇଥାଏ । ମୁଣ୍ଡ ଗଦା ହୋଇଥାଏ ପାହାଡ଼ ଉଞ୍ଚା । ଦକ୍ଷିଣା ଦଶଟଙ୍କା ନେଲା, ମୁଣ୍ଡ ବି ନେଲା । ବାକି ଏତିକି ଯେ ଠଣ୍ କରି ମୁଣ୍ଡଟା ଏକାଥରକେ ଛିଣ୍ଡିଗଲା । ଶୁଭ ହବ; ଦେହୁରୀ ବୁଢ଼ା କହିଲା । ଭୋଗ ରହିଲା ମା' ମୁଁ ଯାଉଛି । ପାଇଦବ ଟିକେ ଟିକେ ମୁଣ୍ଡରେ ଛୁଆଇଁ, ବେଲପତ୍ର ବି ସେଇ ସାଙ୍ଗରେ ଅଛି ।''

ହେମ ଢୁଲୁଢୁଳୁ ଚାହିଁ ରହିଥାଏ, ଶାଳପତ୍ରର ଦନା ଆଡ଼କୁ ଯେଉଁଠି ଭୋଗ ଆଉ ବେଲପତ୍ର ଥିଲା । ମୁଁ ଯେମିତି ସନ୍ତର୍ପଣରେ କହିଛି ନେଇଯାଅ, ରାନ୍ଧିଦବ, ସମସ୍ତେ ଟିକେ ଟିକେ ପାଇଦେବା । ''ହେମ ମୁହଁ ଛିଞ୍ଚାଡ଼ି କହିଲା ଭୋଗ ହେଉ ଯାହା ହେଉ ମୁଁ ଛୁଇଁବି ନାହିଁ, ଠାକୁରାଣୀ ମତେ ଖାଇଯାଆନ୍ତୁ ବରଞ୍ଚ, କି ମୁଷିଲ କଥା । ତୁମେ ମତେ କଣ କରି ପାଇଲ ? ମୁଁ ସତ୍ୟଯୁଗର ମଣିଷ ଯେ କର୍ଣ୍ଣ ଓ ତାର ସ୍ତ୍ରୀ ପରି ପୁଅମୁଣ୍ଡ କରତରେ କାଟି ହାତରେ ନିଜେ ରୋଷେଇ କରି ବୁଢ଼ା ବ୍ରାହ୍ମଣକୁ ଦେବି ?'' ସାପ ପରି ଫଁ ଫଁ ଶବ୍ଦ ବନ୍ଦ କରି କହିଲା ନରମ ଗଳାରେ ''ବୁଝିଲ ନାଁ ! ଆଉ କେଜାଣି ସହି ପାରିବିନି । ମୋ ମୁଣ୍ଡ ଭିତରଟା କିମିତି ହୋଇଯାଉଛି । ମୋତେ ଜଣାପଡୁଛି ଗୋଟାଏ ମୁଣ୍ଡ ଦେଇଦେଲ ଆଉ ଗୋଟାଏ ମୁଣ୍ଡ ଖାଇଦେଲ ।'' ଭୋଗଦନା ଉଠାଇ ସମସ୍ତଙ୍କ ମୁଣ୍ଡରେ ଛୁଆଇଁ ଦେଲି । ବାସ୍ ସେତିକି । ରାନ୍ଧି ପ୍ରସାଦ ପାଇବା ନୋହିଲା ।

ସତ କଥା । ମଣିଷ କାଠ ପଥର ନୁହେଁ । ପୁଣି ନାରୀ; ଯୁଗେ ଯୁଗେ କୋମଳତା ପାଇଁ ସେମାନଙ୍କ ଖ୍ୟାତି ଅଛି । ସହିବାର ଶକ୍ତି କଣ ଅମାପ ? ଛଅ ମାସ ଧରି ମୋରି ପାଇଁ ସେ ଦିହକୁ ଦିହ ନ ଭାବି ଦିନରାତି ଖଟି ଚାଲିଥିଲା । ମୋତେ ଔଷଧ ହେଉ ସେବା ଶୁଶ୍ରୁଷା ହେଉ, ଗୁଣିଗାରିଡ଼ି ପୂଜାପଣାରେ ହେଉ ଆରୋଗ୍ୟ ମଧ କରିଥିଲା । କିନ୍ତୁ ମୋର ଦୁର୍ବୁଦ୍ଧି ସାଙ୍ଗକୁ ମହାମୂର୍ଖ ମହନାର ବର୍ଣ୍ଣନା ଚାତୁରୀ ଉଭୟ ନାରୀତ୍ୱ ଓ ମାତୃତ୍ୱ ଉପରେ ନିଦାରୁଣ ଚାପ ଓ ଯନ୍ତ୍ରଣା ଦେଲା ଯାହା ଫଳରେ ମନର କବଜାଗୁଡ଼ିକ ଢିଲା ହେବା ସ୍ୱାଭାବିକ ।

ସେଦିନ ରାତି ହେମ ଶୋଇନାହିଁ । ରାତିଯାକ ଇତସ୍ତତଃ ଘୂରାଫେରା କରୁଥିବାର ମୋତେ ଜଣାପଡ଼ିଲା । ''ଶୋଇନ ?'' ''ଶୋଇପଡ଼ ଦଣ୍ଡେ ଘଡ଼ିଏ''–ଏମିତି ପଦେ ଅଧେ କେତେବେଳେ ରେକର୍ଡ଼ ବଜାଇଲା ପରି କହୁଥାଏ । ଥରେ ଅଧେ ଉଠିଯାଇ ଦେଖିଲେ କିମିତି ଅପାର୍ଥିବ ଚାହାଣିଟାଏ ସେ ମୋ ଆଡ଼କୁ ପକାଏ । ଏଗୁଡ଼ା ସେଗୁଡ଼ା ସାଇତା ସାଇତି ଫୋପାଡ଼ାଫୋପଡ଼ି କରୁଥାଏ ଯିମିତି ସମସ୍ତ କାର୍ଯ୍ୟ ଲକ୍ଷ୍ୟହୀନ, ଉଦ୍ଦେଶ୍ୟହୀନ । ରାତିଯାକ କିନ୍ତୁ ମୁଁ ଶୁଣୁଥାଏ ଗୋଟିଏ ବାକ୍ୟ ''ଗୋଟିଏ ମୁଣ୍ଡ ଦେଇଦେଲ, ଗୋଟିଏ ମୁଣ୍ଡ ଖାଇଦେଲ ।''

ମକର ଦିନର କଟାମୁଣ୍ଡ ଘଟଣା ପରେ ଯେଉଁ ପ୍ରତ୍ୟାଶିତ ଅଘଟଣ ପରଦିନ ଘଟିଲା ମୁଁ କେବଳ ନୁହେଁ ସର୍ବସାଧାରଣ ଦେଖିଲେ ଏବଂ କେତେକ ଉପଭୋଗ କଲେ ମଧ । ସକାଳ ପ୍ରାୟ ସାତଟା ହେବ କଣ ଏକ କିଳିକିଳା ନାଦ ଶୁଣି ପିଣ୍ଡାକୁ ବାହାରି

Digitized by srujanika@gmail.com

ଦେଖେ ତ ହେମ ଚୂଳ ଛାଡ଼ି କଳା ଶାଢ଼ୀ ପିନ୍ଧି କଲିକତାରୁ ଅଣା ବହୁବର୍ଷ ତଳର ଶିବଙ୍କ ଫଟୋ (ଯାହା ବର୍ଷ ବର୍ଷ ଧରି ଆମେ ଦୁହେଁ ପୂଜା କରୁଥିଲୁ) ଛାତୁଡ଼ି ଧରି ଧାଇଁଛି ଶ୍ମଶାନ କାଳୀ ମନ୍ଦିର ଉଦ୍ଦେଶ୍ୟରେ । ଗାଈବାଛୁରୀ, କୁକୁର ଏମିତି କି ସାଇପଡ଼ିଶା, ତାର ଗତି ରୋକି ପାରୁନାହାନ୍ତି । ବିକଳ ସ୍ୱରରେ ମୋ ପୁଅଝିଅ ପିଲାଝିଲା ଅସହାୟ ହୋଇ ମାଆ ମାଆ ରଡ଼ି ଛାଡୁଛନ୍ତି । କିନ୍ତୁ ଏ ସମସ୍ତ ଗୋଳମାଳ ଭେଦି ହେମର ସ୍ୱର ଶୁଭୁଛି "ଗୋଟିଏ ମୁଣ୍ଡ ଦେଇଦେଲ ଗୋଟିଏ ମୁଣ୍ଡ ଖାଇଦେଲ । ବାରମ୍ବାର ସେଇ ପଦକ ଯାହାର ଅର୍ଥ ମୋ ଛଡ଼ା କେହି ବୁଝୁନାହାନ୍ତି । ମୁଁ ଏକ ମୂକଦ୍ରଷ୍ଟା, ଅବିମୃଶ୍ୟକାରୀ, ନିଷ୍କ୍ରିୟ, ହେମକୁ ଛାଡ଼ି ମୋର ଅସ୍ତିତ୍ୱ ନାହିଁ; ସେ ଭାଙ୍ଗିପଡ଼ିଲେ ମୋର ଧ୍ୱଂସ ଅନିବାର୍ଯ୍ୟ ।

ଦୁଃଖ କାହାଣୀ ଆଉ ବିଶଦ୍ ବର୍ଣ୍ଣନା ନ କରି ଏତିକି କହିଲେ ଯଥେଷ୍ଟ ହେବ ଯେ ପରବର୍ତ୍ତୀ କେତେ ମାସ ଗୁଣିଆଁ, ପୁରୋହିତ, ଡାକ୍ତରମାନଙ୍କ ଦାୟିତ୍ୱରେ ଠାକୁରାଣୀ ପୀଠ, ମନ୍ଦିର ଏବଂ ମେଣ୍ଟାଲ ହାସପାତାଳରେ ହେମ କଟାଇଲା । ପ୍ରାୟ ମାସେ ପରେ ଅନ୍ୟ କିଛି ଉଲ୍ଲେଖ୍ୟଯୋଗ୍ୟ ଉନ୍ନତି ହେଉ ନ ହେଉ ଏତିକି ଅନ୍ତତଃ ଦେଖିଲି ଯେ 'ଗୋଟିଏ ମୁଣ୍ଡ' ପଦକ ସେ ଆଉ ଭଜୁନାହିଁ । ଧୀର ସ୍ଥିର ନିରୀହ ଝିଅଟି ପରି ଶୂନ୍ୟ ଚାହାଣୀରେ ବସିଥାଏ । କଥା ଓ କାମରେ କେତେବେଳେ କେମିତି ଭୁଲ୍‌ଭଟକା ହୁଏ ଦିନବେଳା, ସନ୍ଧ୍ୟାବେଳକୁ ଟିକେ ଅଣ୍ଡା ପଡ଼ିଲେ ପାଖକୁ ଆସେ, ବସେ, ସୁଖ ଦୁଃଖ ହୁଏ ଏବଂ କୁହେ "କାହିଁକି ମୋ ମୁଣ୍ଡଟା ଖୁବ୍ ଭାରି ବେଳେବେଳେ ଜଣାଯାଉଚି, କିଏ କାଟି ଦିଅନ୍ତା କି ଆରାମ ଲାଗନ୍ତା ।" ଆଉ କେବେ ଦିନେ କହେ "ତୁମେ ଭାରି ଭଲ ମଣିଷ, ମୁଁ ଅଯୋଗ୍ୟ ତୁମର, ମୋତେ କାହିଁକି ରଖିଛ ? ମୁଁ ତ ତୁମର କୌଣସି କାମରେ ଆସୁନି, ମୋ ବେକଟା ଧାରୁଆ ଖଣ୍ଡାରେ ଛକ୍ କରି କାଟିଦିଅ, ମୁଁ ମୁକ୍ତି ପାଇଯିବି, ମୁଁ ବଞ୍ଚିଥିଲେ ଛୁଆପିଲାଙ୍କ ଭବିଷ୍ୟତ ଖରାପ ହୋଇଯିବ । ମୁଣ୍ଡଟା ବେଳେବେଳେ ଖୁବ୍ ମଛି ଚକଟି ଗୁଡ଼ାଏ ପୋକ ବିଛା ସିଲିବିଲି ହେଉଛନ୍ତି, କାମୁଡୁଛନ୍ତି, କୋରି ଖାଇ ଯାଉଛନ୍ତି । ମୋତେ ଖଣ୍ଡାରେ ଛକ୍ କରି ଦିଗଡ଼ କରି କାଟିଦିଅ । ଆରାମ ଲାଗିବ ।"

ହେମକୁ ମୁଁ କିଛି କାମ କରିବାକୁ ଦିଏନି, ପୂର୍ଣ୍ଣ ବିଶ୍ରାମ ଦିଏ, କିଛି ଚିନ୍ତା ଭାବନା ମୁଣ୍ଡକୁ ଯିମିତି ନ ପଶେ ତା'ର ବ୍ୟବସ୍ଥା କରେ । ସ୍ଥାନ ଓ ପରିବେଶ ପରିବର୍ତ୍ତନ ପାଇଁ ଯେଉଁ ପରାମର୍ଶ ଓ ନିଦାନ ମିଳିଥିଲା, ତାହାର ସୁଯୋଗ ମିଳିଲା ସରକାର ବାହାଦୂରଙ୍କ ଏକ ବଦଳି ଆଦେଶରେ ଦୂର ଦିଗନ୍ତର ସ୍ଥାନକୁ । ଯେଉଁ ଘରକୁ ହେମ ବେଦନାର ମଞ୍ଜିପରି ସ୍ୱଚ୍ଛ ଜାଗାରେ ସଜାଇ ରଖିଥିଲା ତାର ଭଙ୍ଗାରୁଜା, ଇତସ୍ତତଃ ଜିନିଷପତ୍ରର ଫୋପଡ଼ା ଫୋପଡ଼ି ବିଶେଷତଃ ପାରା ଭାଡ଼ିରେ ପାରାମାନଙ୍କ ନିରାଶ୍ରୟ ପାକପାକୁମ୍‌କୁମ୍ ଶବ୍ଦ ଓ ପୁଷି ବିରାଡ଼ିର ଅସହାୟ ନୀଳ ଚାହାଣି, ସର୍ବୋପରି ଗାଈ ବାଛୁରୀଙ୍କ ମୋଫସଲକୁ ପ୍ରସ୍ଥାନ ହେମର ଧୈର୍ଯ୍ୟ ଓ ସହନଶୀଳତାକୁ ଶେଷ ସୀମାରେ ଥୋଇଦେଲା । ଅଳ୍ପଦିନ ତଳେ ମୁଁ ଯେପରି ତା ପକ୍ଷରେ ଏକ ବିରାଟ ବୋଝ ଓ ଦାୟିତ୍ୱ ହୋଇଥିଲି ସେ ଆଜି

Digitized by srujanika@gmail.com

ମୋର ପ୍ରତିଶୋଧ ନେଉଛି । "ଭିଟାମାଟି ଉଚ୍ଛନ୍ନ" ପରିବାରଟି ଅବଶେଷରେ ପହଞ୍ଚିଲା ଯେଉଁ ସ୍ଥାନରେ ତାହା ଆମ ପକ୍ଷରେ କଳାପାଣି । ସଂପୂର୍ଣ୍ଣ ବିପରୀତ ପରିବେଶ ସଭ୍ୟତା ସଂସ୍କୃତିର ପୀଠ । ସଭ୍ୟତାର ପ୍ରତୀକ ଆକାରରେ କେବଳ ଛୋଟିଆ ଟ୍ରେନଟା କୁଉ କୁଉ କରି ଦିନରେ ଦି'ଥର ସକାଳେ ସଞ୍ଜରେ ଯା'ଆସ କରେ ଏକ ପାହାଡ଼ରୁ ଅନ୍ୟ ଏକ ପାହାଡ଼କୁ ।

ନୂତନ ପରିସ୍ଥିତି ଓ ପରିବେଶର କଳନା ପରିଚୟ ପାଇଁ ଏବଂ ମନକୁ ବାକ୍‌ପ୍ରବଣ କରିବାପାଇଁ ଦିନେ ସକାଳେ ଛୋଟ ସହର ମୁଣ୍ଡଯାବେ ଦୁହେଁ ଯାଇଥାଉଁ । ଦେଖିଲୁ ଧାଡ଼ିପରି ତିନିଚାରିଟା କଂସେଇ ମାଂସ ଦୋକାନରେ ଦଶ କୋଡ଼ିଏ ଯାକେ କଟା ଛେଳି ମୁଣ୍ଡ ସାମନାରେ ଥୋଇଛନ୍ତି ଓ କେତୁଟା ଗଣ୍ଡି ମଧ୍ୟ ଝୁଲାଇଛନ୍ତି । ବାସ୍ ! ଯାହା ପଦେ ଅଧେ 'ଏଇଟା କ'ଣ ?' 'ସେଇଟା କ'ଣ ?' ହେମ ପାଟିରୁ ବାହାରୁଥିଲା ତାହା ବନ୍ଦ ।

ଦୁର୍ଭାଗ୍ୟ ଓ ଦୁର୍ଯ୍ୟୋଗର ଶେଷ ପର୍ଯ୍ୟାୟରେ ଆମେ ଫେରିଲାବେଳେ ରାସ୍ତା କଡ଼ର ମନ୍ଦିର ଗୋଟାକୁ ପଶିଯାଉଛୁ ଆମ ଆଖି ଆଗରେ ଚାରିହାତ ଦୂରରେ ଯୁପକାଠରେ ଥିବା ଛେଳିଟାକୁ ଦେହୁରୀ ଠଣ କରି ହାଣିଦେଲା । କେହି କାହାକୁ କିଛି ନ କହି ଦୁହେଁ ଘରକୁ ଫେରିଲୁ । ବାଟଯାକ ହେମର ଗୋଡ଼ ଦି'ଟା ଏଠି ସେଠି ପଡୁଥାଏ, ସେ ପ୍ରାୟ ସର୍ବାଙ୍ଗ ଥରୁଥାଏ । କେଉଁ ମଣିଷ ବା ଗୋରୁଗାଈର ମୁଣ୍ଡ କଟିଯିବ ସେଥିପାଇଁ ସତର୍କ କରିବାକୁ ଟ୍ରେନ୍ କୁକୁଉଉଉ ବଂଶୀ ନାଦରେ ସେ ଥରେ ମାତ୍ର ସିଆଡ଼କୁ ଅନାଇ ଥିଲା । ଦିନଯାକ ନ ଖାଇ ନ ପିଇ ଶୋଇ ରହିଲା ।

ସେଦିନ ରାତି ଦଶଟା ବେଳେ ଦୁଃଖ ସୁଖ ହେବାପାଇଁ (ଯାହା ସେ ପ୍ରତିଦିନ କରେ) ହେମ ଆସି ଖଟରେ ବସିଲା ଏବଂ ଧୀରେ ଧୀରେ ଯେଉଁ ଗୋଡ଼ରେ ମାରାତ୍ମକ ବଥଟା ହୋଇଥିଲା । ତାରି ଉପରେ ହାତ ବୁଲାଇଲା । ଆଖିରେ କିନ୍ତୁ ଆଜି ଲୁହ ନଥିଲା ।

ଆରମ୍ଭ କଲା "ଗୋଟିଏ ମୁଣ୍ଡ ଦେଇଦେଲ ଗୋଟିଏ ମୁଣ୍ଡ ଖାଇଦେଲ ।" ମୁଁ ଆତଙ୍କିତ ହେଲି ପୁଣି ବିକୃତି ବାହାରିଲା ଜାଣି । "ତୁମକୁ ରେଳ ହୁଇସିଲ୍ ବଂଶୀ ପରି ଶୁଭେନି ? ମୋତେ ଶ୍ରୀକୃଷ୍ଣଙ୍କ ବଂଶୀ ପରି ଶୁଭେ । କୃଷ୍ଣ କଳା ଇଞ୍ଜିନ୍ କଳା ।" ଟିକିଏ ବିରକ୍ତ ହୋଇ କହିଲି "ସକାଳୁ ତ କୃଷ୍ଣ ଡାକୁଥିଲେ, ଗଲନି କୁଣ୍ଢେଇ ଧରିଥାଅ ।" ମୋ କଥା ନ ଶୁଣିଲାପରି କହିଲା, 'କୃଷ୍ଣ ଯିଏ କାଳୀ ସିଏ ।' ମୁଁ କହିଲି 'ଗଣ୍ଡି ଯିଏ ମୁଣ୍ଡ ସିଏ ।' ସେ ଯିମିତି ତା ପରେ କହିଛି 'ମୁଣ୍ଡ ଗଣ୍ଡି ସିଲେଇ କରି ଯୋଡ଼ି ହବନି ?' ମୁଁ କହିଲି 'ତୁମ ମୁଣ୍ଡ ଠିକ୍ ନାହିଁ, ଯାଅ ଶୋଇବ ଯାଅ, ଆଜେ ବାଜେ ବକନି; ମୋତେ ନିଦ ମାଡ଼ିଲାଣି ।' ଧୀର ପଦରେ ନାରୀମୂର୍ତ୍ତିଟି ନୀଳ ଆଲୁଅ ଦେଇ ଅନ୍ୟ କୋଠରୀକି ଅପସରି ଗଲା ।

ପରଦିନ ଭୋର ସକାଳେ ସାନଝିଅର ମାଆ ମାଆ ଡାକ ଶୁଣି ଉଠିଗଲି । ଯାଇ ଦେଖିଲି ହେମ ନାହିଁ, ବାକ୍‌ସ ଖୋଲା । ବହୁ ଦିନର ସାଇତା ବାହାଘର ଉପୁରାଣ

Digitized by srujanika@gmail.com

ଶାଢ଼ି ସାଙ୍ଗକୁ ନୂଆ ଲୁଗାପଟା ପିନ୍ଧି ଅଭିସାରିକା ଘର ଛାଡ଼ି ଶାମକୁ (ମରଣ ହେ ତୁହୁଁ ନାମ ଶାମ ସମାନ) ଭେଟିବାକୁ ଚାଲିଯାଇଛି ରେଳ ଲାଇନ୍ ଯମୁନା କୂଳକୁ ।

ତା'ପରେ ଯାହ ଘଟିଲା ତାହା ପୁଲିସ୍, ପୁଅ ଓ ପଡ଼ିଶାମାନେ ଜାଣନ୍ତି । ଲୋକେ ଯାହା ମନକୁ, ମୁହଁକୁ ଆସିଲା କହିଲେ । କିଏ କହିଲା, 'ପାଗଳୀଟା, ଏଣେ ତେଣେ ବୁଲୁଥିଲା ।' କିଏ କହିଲା 'ପାପଗର୍ଭ ଥିଲା', କିଏ କହିଲା 'ତା ସ୍ୱାମୀ ତାକୁ ବାଡ଼ଉଥିଲା' ଆଉ କିଏ କହିଲା 'ତା ସ୍ୱାମୀ ମାରିଦେଇ ରେଳ ଲାଇନରେ ଶୁଆଇ ଦେଇଛି' ଆଉ କିଏ ବା କହିଲା 'ଯାହା କୁହ ଭାରି ସୁନ୍ଦର ମୁହଁଟା, ଦିହର କି ରଙ୍ଗ !' ଯିଏ ଯାହା କହୁ ହେମ ହାତର ବ୍ରୋଞ୍ଜ ସୁନାଚୁଡ଼ି ଚାରିପଟ ମିଳିଲା ନାହିଁ ।

ହେମ ସ୍ୱାମୀ ବଞ୍ଚିଛି ପୁତ୍ରପୌତ୍ରାଦି ଧରି, ମଣିଷ ପ୍ରକୃତି ଓ ପୁରୁଷ ସହିତ ସଂଗ୍ରାମ କରି । ତା ପକ୍ଷରେ ମୃତ୍ୟୁ, ହତ୍ୟା, ଦେହତ୍ୟାଗ, ଅପମୃତ୍ୟୁ, ଆତ୍ମହତ୍ୟା ବା ଆତ୍ମୋତ୍ସର୍ଗ ଏକା ଜିନିଷର ବିଭିନ୍ନ ନାଆଁ ଭଗବାନଙ୍କ ଶତ ଅଷ୍ଟୋତ୍ତର ନାଆଁ ପରି ।

ଅନେକ ବର୍ଷ ପରେ ଆଜି କାଳୀ ପୂଜାରେ କାହିଁକି କେଜାଣି ଶ୍ମଶାନ କାଳୀ ମନ୍ଦିରକୁ ଯାଇଥିଲି ଏବଂ ଖୋଜୁଥିଲି ମାଆର ମୁଣ୍ଡମାଳ ଭିତରେ ଫୁଲ ପରି ହେମର କଟାମୁଣ୍ଡଟା କାଳେ ଶୋଭା ପାଉଥିବ ।

Digitized by srujanika@gmail.com

# କବିତା କର୍ମଶାଳା

"ଅଜା ଧୋତି ପଞ୍ଜାବୀରେ ଅଲ୍‌ବତ୍‌ ଯିବେ ।"

"ଆଜି ଜେଜେଙ୍କୁ ପେଣ୍ଟ ସାର୍ଟରେ ଯିବାକୁ ଦେବୁ ନାହିଁ ।"

"ଜେଜେ ଆଜି ବରବେଶରେ ଯିବେ ।"

"ମଉସାଙ୍କୁ ଧୋତି ପଞ୍ଜାବୀ ଭାରି ମାନେ ।"

"ସାହିତ୍ୟ ସଭାକୁ କିଏ ପେଣ୍ଟ ସାର୍ଟରେ ଯାଏ ?"

"କାଲି ବ୍ରହ୍ମଚାରୀକି ଭିକ୍ଷା ଦେଲା ବେଳେ ଯେଉଁ ବେଶ ସମଧିଙ୍କ ଥିଲା ଆଜି ସେଇ ଧୋତି ଗିଲକରା ପଞ୍ଜାବୀରେ ଯାଆନ୍ତୁ ।"

"ଆଚ୍ଛା, କନୌଜର ଖସ୍‌ଖସ୍‌ ନ ହେଲେ ଇଣ୍ଟିମେଟ୍‌ ଅତର କାଠି କାନରେ ଗୁଞ୍ଜି ଗଲେ ବି କ୍ଷତି କ'ଣ ? ସାହିତ୍ୟ ସଭା ପରା !" ଇମିତି କିଏ କେତେ ମତେ ଅଜାଙ୍କୁ ସାଜିବାରେ ଦେଖିବାରେ ଇଚ୍ଛା କରୁଥାନ୍ତି । ଅଜା କ'ଣ ଇମିତି ସିମିତି ସାହିତ୍ୟିକ ! କାବ୍ୟିକ, ଗାଳ୍ପିକ, ରମ୍ୟରଚକ ଏପରି କି ବୃଦ୍ଧ ସାହିତ୍ୟିକ ହିସାବରେ କେତେକେତେ ସଂସ୍ଥା, ଅନୁଷ୍ଠାନ ତଥା ଏକାଡ଼େମୀରୁ ବର୍ଷକୁ ବର୍ଷ ଉପଢ଼ୌକନ, ନଗଦ ପୁରସ୍କାର ପାଇ ଆସୁଛନ୍ତି । କେଉଁ ସଭା ବା ପୁସ୍ତକ ସେ ଉଦ୍‌ଘାଟନ ନ କରିଛନ୍ତି !

ସମବେତ ବନ୍ଧୁ କୁଟୁମ୍ବ (ବଟାନିକାଲ ଗାର୍ଡ଼େନର ବଟ ବୃକ୍ଷର ସଂପ୍ରସାରଣଠୁଁ ବଳି ଅଜାଙ୍କ ବଂଶଲତା) ମେଜାଜ ଉପରେ ଥାନ୍ତି । ସତ୍ୟଜିତ ରାୟ, ମୃଣାଳ ସେନ, ତ୍ରିପେନ ଚକ୍ରବର୍ତ୍ତୀ, ଜ୍ୟୋତି ବସୁ ଆଦି ବଡ଼ ବଡ଼ିଆଙ୍କ ନାଆଁ ଚେହେରା ଏ ଅଭିଜାତ ସଂପ୍ରଦାୟରେ ବାରମ୍ବାର ପଡୁଥାଏ, ଉଠୁଥାଏ ଏଇ ପୋଷାକ ନଜିରରେ ।

ତେତାଲାର ଉପର ଛାତରେ ବୈଠକୀ ବସିଥାଏ । କାଲି ନାତିର ଉପନୟନ ଶେଷ ହୋଇଛି । ବ୍ରତ ବିବାହ ଦିନ ଗୁଡ଼ାକ କର୍ମ ବ୍ୟସ୍ତତାରେ କଟେ । ବାସି ଦିନଟି ପ୍ରକୃତରେ ତାଜା ଦିନ । ଆତ୍ମୀୟ କୁଟୁମ୍ବଙ୍କ ପାଇଁ ସ୍ପେଶିଆଲ ଦିନ । ପିଓର ଖାସି, ଫ୍ରାୟେଡ଼ ରାଇଶ୍‌ (ରାଞ୍ଚିରୁ ଅଣା ଖରାଦିନିଆ କୋବି, ମୋଟର, ବିଲାତି ବାଇଗଣ, ବିଟ୍‌, ଗାଜର ଆହୁରି କେତେ କଣ) ଲଞ୍ଚ୍‌ରୁ ମେନ୍ୟୁ ଉପରେ ଥାଏ । ଗରିଷ୍ଠ ଭୋଜନ ପରେ ଦିପହର ଯାକ ଶୋଇ ପାଞ୍ଚ ଛଅଟା ବେଳକୁ ଛାତ ଉପରେ ସମସ୍ତେ ଜମା ହୋଇଛନ୍ତି । ପୁରୁଷ ସ୍ତ୍ରୀ, ଝିଅଝିଆଣି, ସମୁଦିସମୁଦୁଣୀ, ତିନି ପୁରୁଷର ଏକତ୍ର ସମାବେଶ । କାଠଯୋଡ଼ି ପଟୁ ସୁଲୁସୁଲିଆ ପବନ, ନରାଜ ଆର ପଟେ ସୂର୍ଯ୍ୟଦେବ ମାତାଲ ପରି ଟଳିଟଳି ଘରକୁ

Digitized by srujanika@gmail.com

ଫେରୁଛନ୍ତି । ଏଣେ ଛାତ ଉପରେ ପାଚକ ପାଣି, ଭାଙ୍ଗ, ମଦନାନନ୍ଦ । ଏକଦମ ମଡ଼ର୍ଣ୍ଣ ଗେଟ୍-ଟୁଗେଦର ।

ପ୍ରଥମେ କଥା ପଡ଼ିଲା ଗତ କାଲିର ଉପନୟନ କଥା । କିମିତି ରଙ୍ଗୀନ୍, ଆଡ଼୍ଡ଼ା, ଛାକଚ୍ଚମକରେ ବିନା ଭୁଲ ତ୍ରୁଟିରେ ଉତ୍ସବ ସଂପନ୍ନ ହେଲା । ଖାଦ୍ୟପାନୀୟ ଖାଣ୍ଟଖୁଣ୍ଟ, ନିଅଣ୍ଟ ହୋଇନି କି ବଳକା ବି ହେଇନି । ଲୁଗାପଟା ସମସ୍ତଙ୍କ ମନକୁ ପାଇଛି । ଦିଲ୍ଲୀରୁ ଆସିଥିଲା ତ ! ସନ୍ଧ୍ୟାରେ କଟକର ରୋଷଣୀ ଆକାଶକୁ ବର୍ଣ୍ଣାଢ଼୍ୟ ଶୋଭାରେ ଚମକୃତ କରିଥିଲା । ଉତ୍ସବର ହିରୋ ହିରୋଇନ୍ ଝିଅ, ଆଉ ଜୋଇଁ ଏବଂ ବାଳକ ଅଭିନେତା ନାତି ଦେବଦତ୍ତ । ଅଜାଙ୍କ ସାହିତ୍ୟିକ ଛାତି ଫାଟି ପଡୁଛି ।

ଶୁଭ୍ର କେଶ ଥାକୁଲ ଥୁକୁଲ ଅଜାଟି ନଣ୍ଡା ମୁଣ୍ଡିଆ ନାତି ବ୍ରହ୍ମଚାରୀ ସହିତ ନୂଆ ମଶିଣା ଖଣ୍ଡିକରେ ବସିଥାନ୍ତି, କୃତକୃତ୍ୟ ହୋଇ । ବଞ୍ଚିଥିଲେ ବୋଲି ତ ନାତିର ଉପନୟନ ଦେଖିଲେ ! ମନେ ପକାଉଥାନ୍ତି ଧୃତରାଷ୍ଟ୍ରଙ୍କ ଶହେ ପୁଅ, ସଗରଙ୍କ ଷାଠିଏ ହଜାର ପୁଅ ଏବଂ ପିଲାଦିନେ ପଢ଼ିଥିବା ନେସ୍‌ଫିଲ୍ଡ୍‌ର ଦି ମୋର ଦି ମେରିଆର ନୀତି । ହାତରେ ଖଣ୍ଡିଏ ପୁରୁଣା ଡାଏରୀ, ପୃଷ୍ଠା ଓଲଟାଉଥାନ୍ତି, ଆପେ ଆପେ ହସୁଥାନ୍ତି ମୁରୁକି ମୁରୁକି । ଭଲ ମନେ ରହୁନି ତ । କେତେବେଳେ ଆଇଡ଼ିଆଟିଏ ମନରେ ଉଦୟ ହେଲେ ଅସ୍ତ ହେବା ପୂର୍ବରୁ ଖାତାରେ ତାକୁ ରଖିଦେଲେ ଦରକାର ବେଳେ କର୍ମରେ ଆସିବ ।

କିଏ ତାଙ୍କୁ କହି ଦେଇଛି ନାତି ନାଲୁ (ଡାକ ନାଆଁ) ଗପ, କବିତା ଲେଖାଲେଖି ଆରମ୍ଭ କରି ଦେଲାଣି । ଲେଖନ୍ତା ନାହିଁ ? ତେର ବର୍ଷ ପୂରି ଚଉଦ ଚାଲିଲା । ପଇତା ଘର ଶୁଝିଲାନି ବୋଲି ବୟସ ଗଡ଼ିଗଲା ଉପନୟନର । ବେଦିରେ ଓଦାକରିଆ ଲୁଗା ପାଲଟିଲା ବେଳେ ବାଜାବାଲା ତା ଆଡ଼କୁ ଚାହିଁ ହସୁଥିଲେ । ପିଲାଟା ପାଠ ବି ଡେରିରେ ଆରମ୍ଭ କରିଛି । ଅଲିଅଳ ପିଲା, ସିମିତି ହବ । ଏବେ ସପ୍ତମକୁ ଯାଇଛି । କଣ ଫେର ହେଲା ଯେ ବର୍ଷେ ସେଇ କ୍ଲାସରେ ରହିବ । ଆଗକାର ଏଗାର ନାହିଁ, ଦଶ ହୋଇଗଲା । ହେଲେ ଗପ, କବିତା ଆରମ୍ଭ କଲାଣି । ପାକଳର ଲକ୍ଷଣ ତ । ଇଞ୍ଜିନିୟର, ମନ୍ତ୍ରୀ, ଗଭର୍ଣ୍ଣର, କିଏ କବିତା ନ ଲେଖୁଛି । ଆଉ କାହିଁରେ କିଛି ନ ହେଲେ ତ ନାଆଁ ଆଗରେ କବି ଲେଖିପାରିବ । ତା'ଛଡ଼ା ବଂଶରେ ସାହିତ୍ୟର ରକ୍ତ ରହିଛି, ସୁଅ କେଉଁଠି କିମିତି ବନ୍ଦ ହୋଇଗଲେ କେବେ କିମିତି ଆଉ କେଉଁଠି ବାହାରିବ । ଅଜା ଖୁବ୍ ଖୁସି, ଗର୍ବିତ, ନାତି ବଂଶର ପାଣି ରଖିବ । ନାତିର ବି ଛାତି କୁଣ୍ଢେମୋଟ ! ଉପନୀତ ଧାରଣ କରି ବ୍ରହ୍ମଚାରୀଟି ବସିଛି ଚଣ୍ଡୀଖୋଲ ପାହାଡ଼ ପରି ଉଚ୍ଚ ଅଜାଙ୍କ ପାଖରେ । ଅନ୍ୟମାନଙ୍କ ପରି ସେ ବି ଅପେକ୍ଷା କରିଛି ଗାଡ଼ି କେତେବେଳେ ଆସିବ ଅଜାଙ୍କୁ ନେଇଯିବ । କେଉଁଠି ଏକ ବିରାଟ ସାହିତ୍ୟ ସଭା ହେବ । ହଜାର ହଜାର ସାହିତ୍ୟିକ, କବି ଆସିବେ ବିନା ପଇସାରେ ଦୂରଦୂରାନ୍ତରୁ ଗାଡ଼ି, ଘୋଡ଼ା, ପ୍ଲେନ ଚଢ଼ି । ଅଜା ମୁଖ୍ୟ ବରେଣ୍ୟ ଅତିଥି ।

ନାରୀମହଲ ଏ ସାହିତ୍ୟ ଫାହିତ୍ୟ କଥା ବା କାହିଁକି ଆଲୋଚନା କରିବେ ?

Digitized by srujanika@gmail.com

''ନାଲୁରେ ! କେତେ ଭିକ୍ଷା ମିଳିଲା ?'' କିଏ ଜଣେ ମଫସଲୀ ବିଧବା ବୁଢ଼ୀ ପଚାରିଲା । ବ୍ରହ୍ମଚାରୀ ନାଲୁ ଲାଜ ଲାଜ ହୋଇ କହିଲା ''ମୁଁ ଜାଣେନି, ମାମୁଁ ମୋତେ ନେଇଗଲେ ଠାକୁର ଘରକୁ । ମାମୁଁ ମାଆ ହାତକୁ ଥାଳି ବଢ଼ାଇ ଦେଲେ ।'' ଦଶ ବାର ବର୍ଷର ଝିଅଟିଏ କହିଲା ''ଆଙ୍ଗୁଳାଏ ମୁଦି । ମୁଁ ଗଣିଥିଲି ଷାଠିଏ ହବ ।'' ତା ତଳ ଝିଅ କହିଲା ''ଶହେ ଟଙ୍କିଆ ନୋଟ ପଚାଶ ହେବ ।'' ବୋକା ନାଲୁ ସେମାନଙ୍କୁ ଟପି ଯିବାପାଇଁ କହିଲା ''ମନ୍ତ୍ରୀ ଲାଟସାହେବ ଚେନ୍ ହୀରାମୁଦି ଦେଇଛନ୍ତି ।'' ବଡ଼ ବୋହୂ କହିଲେ ''ନାନୀ ଦଶ ହଜାର ଖର୍ଚ୍ଚ କରି ପ୍ରାୟ ଲକ୍ଷେ ପାଇଗଲେ, ''ଆଉ ପାଞ୍ଚ ଛଅ ବର୍ଷକୁ ନାଲୁର ବାହାଘରକୁ କ'ଣ ହେବ ଫେର୍ ଅଛି ।'' କିନ୍ତୁ ସମୁଦୁଣୀ ଥମଥମ ହୋଇ କହିଲେ ''ଏବେ ଗୋଟାଏ ଫେଶନ ବାହାରିଛି ଥାଳିରେ ବହି ଦେଉଛନ୍ତି । ଏଡ଼ିକି ଛୋଟ ପିଲା ବହି ନେଇ କ'ଣ କରିବ ? ପାଞ୍ଚ ଦଶଟା ଟଙ୍କା ଦେଇଥିଲେ ବେଦୀକି ଶୋଭା, ବ୍ରହ୍ମଚାରୀ ଖୁସି । ଯୁଗ କ'ଣ ହେଲା ! କାଙ୍ଗାଳଗୁଡ଼ାକ ଏଇ ଲେଖାଲେଖି ବାଲାଏ ।''

ଏତିକିବେଳେ ତଳେ ରାସ୍ତାରେ ଖୁବ୍ ଝାକିଝୁକି ହୋଇ ବସିଥିବା ଗୁଡ଼ାଏ ସାହିତ୍ୟିକଙ୍କୁ ଧରି ସୁପର ଡ଼ିଲକ୍ସ ବାସ୍‌ଟାଏ ଆସି ଛିଡ଼ା ହୋଇଗଲା ଏବଂ ଯୋଜନା ପରିକଳ୍ପନା ଅନୁଯାୟୀ ଅଜାଙ୍କୁ ସଜ୍ଜିତ କରି ଡ୍ରାଇଭର ପାଖ ସ୍ଥାନ ଆଡ଼କୁ ନିଆଗଲା ।

ନାଲୁ ପଛପଟୁ ଡାକି କହିଲା ''ଜେଜେ, କାଲି ଯେଉଁ ଗପଟା ମୋର ପଢ଼ିଥିଲେ ସେଟା ନେଇଯିବେ, ମୋ ନାଆଁରେ ପଢ଼ିବେ ?'' ଅଜା କହିଲେ ''ସେଠି ଖାଲି କବିତା ପଢ଼ା ଯିବରେ ।'' ଆଗ୍ରହରେ ନାଲୁ କହିଲା ''କବିତା ଗୋଟେ ବି ଲେଖିଥିଲି, ସେଇଟା ନବ, ଖାତାଟି ଆଣିଦେବି ?'' ଜେଜେ କହିଲେ ''ଖାତା ଦରକାର ନାହିଁ, ମୋର ମନେ ଅଛି । ଭଲ କବିତା ଛାଏଁ ଛାଏଁ ମନେ ରହିଯାଏ ।'' ''ଜେଜେ ! ମନେ କରି ମୋ କବିତାଟି ପଢ଼ିବ ନିଶ୍ଚୟ ।'' ନାଲୁ କହୁଥାଏ, ମେଞ୍ଚାଏ କଳା ଧୂଆଁ ଉଡ଼େଇ ଚାଲିଗଲା ଗାଡ଼ିଟା ।

ଜେଜେ ବର୍ତ୍ତମାନ ଏକ ଅନିଶ୍ଚିତ ପଥର ପଥିକ ଏବଂ ତାଙ୍କ ଭାଗ୍ୟ ଡୋରି ଯୁଗ ପ୍ରବର୍ତ୍ତକ କବିବର୍ଗଙ୍କ ହାତରେ । କେବେ ଦିନେ ସେ ଭଞ୍ଜୀୟ ରାଧାନାଥୀ ରୀତିରେ 'କେଉଁ ନାମ ଧରି ତୁମକୁ ଡାକିବି' ପରି ଭଜନ ଲେଖୁଥିଲେ ଏବେ ଆତ୍ମଚରିତ ଲେଖୁଛନ୍ତି । ସଂପୂର୍ଣ୍ଣ ନୂତନ ପରିସ୍ଥିତି ଓ ପରିବେଶ ସହିତ ନିଜକୁ ଖାପ୍ ଖୁଆଇ ବୃଦ୍ଧ ଯୁବ ହେବା ଚେଷ୍ଟାରେ ଅଛନ୍ତି ଏବଂ ସହାନୁଭୂତି ଓ ସମ୍ବେଦନଶୀଳତା ତଥା ଧୈର୍ଯ୍ୟର ପରାକାଷ୍ଠାରେ ପହୁଞ୍ଚିବାର ଚେଷ୍ଟାରେ ଅଛନ୍ତି ।

ଆଧୁନିକ କବିତାର ପରିବ୍ୟାପ୍ତି ଓ ପରିସର ସହିତ ମେଳ ରଖି ଏକ ବିସ୍ତୀର୍ଣ୍ଣ ଉଦ୍ଭାସିତ ଅଞ୍ଚଳରେ ଏ ଆସର ସଜାଯାଇଛି । ବଦାନ୍ୟତାର ସୀମା ଟପି ପୃଷ୍ଠପୋଷକ ବର୍ଗ ଜାତିର ମେରୁଦଣ୍ଡ ସାହିତ୍ୟିକଗଣଙ୍କୁ ଉତ୍ସାହ ଉଦ୍ଦୀପନା ଦେଉଛନ୍ତି ।

ମୋଟାମୋଟି କହିଲେ 'କବିତା କର୍ମଶାଳା'ଟି ଟାଟା ବା ରାଉରକେଲାର ଷ୍ଟିଲ

Digitized by srujanika@gmail.com

ପ୍ଲାଣ୍ଟ ମଡ଼େଲରେ ତିଆରି । ଫାଟକଟି ବିରାଟ ପ୍ରତୀକମୟ । କେବଳ ଜ୍ୟାମିତି ବହିର ବୃତ୍ତ, ତ୍ରିଭୁଜ ଓ ପାଇପ ସମ୍ମିଶ୍ରଣରେ ଆଧୁନିକ ଆର୍ଟରେ ପ୍ରତୀକଧର୍ମୀ ଛବିରେ ଭରପୂର ସେ ଫାଟକ । ସ୍ଲୋଗାନ ଆକାରରେ ଲେଖା ଅଛି 'ଯୁଗ ଚେତନା ଓ ସମାଜ ଚେତନା ଛଡ଼ା କବିର ଗତି ନାହିଁ ।'' ''ଯୁଗ ଯନ୍ତ୍ରଣା ତାର ପାଥେୟ ।'' ''ମୃତ୍ୟୁ ଚେତନା ନ ଥାଇ କବିତା ନାହିଁ ।'' ''କମିଟ୍‌ମେଣ୍ଟ ଓ କବି ଏକ ।'' ''ବୃଦ୍ଧ ତୁମେ ହଟ, ତୁମେ ଛାଠ ।'' ଜେନେରେଶନ ଗେପ୍ ଏକ ହିଁ ଗେପ୍ ।'' ''କବିତା କିଛି ନୁହେଁ ବେଦନା ଓ ସମ୍ବେଦନାର ପରିପ୍ରକାଶ ।''

ଭିତରେ ଯେଉଁ ତୋରଣମାନ ଥିଲା ସେଗୁଡ଼ିକର ନାଆଁ ହେଲା ''କାଫ୍‌କା ତୋରଣ'' ''ଫ୍ରୟେଡ଼ ତୋରଣ'' ''ବଦ୍‌ଲେୟାର ତୋରଣ'' ''ସାର୍ତ୍ରେ ତୋରଣ'' ଏପରିକି ଇଲିୟଟ, ଲିଭିସ୍, ଇଏଟ୍‌ସ୍‌ଙ୍କ ସହିତ ଦେଶୀ କେତେକ କବିଙ୍କ ନାମିତ ତୋରଣ । ପ୍ରଧାନ ମଞ୍ଚଟି ଉତ୍ସର୍ଗୀକୃତ ହୋଇଥିଲା ଭାରତୀୟ କ୍ଷିତିବାଦୀ ମହାମହିମ ଚାର୍ବାକଙ୍କ ନାଆଁରେ । ଆଶ୍ଚର୍ଯ୍ୟର କଥା ସର୍ବତ୍ର ଯୁଗଯନ୍ତ୍ରଣାର ଛବି ଥିଲେ ବି ଶାନ୍ତି ନିକେତନୀ ମୁଣି କାନ୍ଧରେ ଝୁଲାଇ ଘୂରାଫେରା କରୁଥିବା କବିବର୍ଗଙ୍କ ମୁହଁରେ ଅପୂର୍ବ ଉତ୍ସାହ ଓ ଜ୍ୟୋତି ଆଭା ଉକୁଟି ଉଠୁଥିଲା ଏବଂ ପାନ ଭୋଜନର ଅପୂର୍ବ ମହକ, ଧୂପ ପୁଷ୍ପର ଗନ୍ଧ ସମସ୍ତଙ୍କ ଦିହରେ ମଧ ଚରି ଯାଇଥିଲା । ଯେ ଯେତେ ସ୍ଥୂଳ ସେ ସେତେ ବଡ଼ ସାହିତ୍ୟିକ ବୋଲି ବିବେଚିତ ଓ ପରିଗଣିତ ହେଉଥିଲେ ।

ଭିତରକୁ ପଶି ଅଜା/ଜେଜେ ପ୍ରଥମେ ପ୍ରଦର୍ଶନୀ ଇଲାକାକୁ ଗଲେ । ସ୍କୁଲ କଲେଜ ପିଲାଏ ବିଜ୍ଞାନ ପ୍ରଦର୍ଶନୀରେ ଆୟୋଜନ କରି ଯିମିତି ଦଳଦଳ ଦର୍ଶକଙ୍କୁ ପେଟଚିରା ବେଙ୍ଗର ଦୁକଦୁକି ବା ଏଇଚ୍-ଟୁ-ଓ ର ମିଶ୍ରଣରେ ଢ଼ୋ ଶବ୍ଦ ପରେ ପାଣିର ଉତ୍ପତ୍ତି ବୁଝାଇଲା ପରି ଲେଖକମାନେ ଚିହ୍ନରା କବିତା ରସିକଙ୍କୁ ବୁଝାଉଥାନ୍ତି କବିତାର ଗୂଢ଼ତଥ୍ୟ, ତଥ୍ୟାଦି । ପ୍ରବେଶଦ୍ୱାର ମାନଙ୍କରେ ଲେଖା ହୋଇଛି ''ଏଠାରେ ମିଥ୍ ତିଆରି ହୁଏ'' ''ଏଠାରେ କବିତାରୁ ଆବେଗ, ସେଣ୍ଟିମେଣ୍ଟ ବା ଇମୋଶନ ଓ ପ୍ରେରଣାର ଆବର୍ଜନା ବାହାର କରି ଦିଆଯାଏ'', ''ଇମେଜ ଓ ପ୍ରତୀକ ତିଆରି ଯନ୍ତ୍ର ଏଠି ମିଳେ'', ''ଅବ୍‌ଜେକ୍ଟିଭ କୋରିଲେଟିଭ, ନିଗେଟିଭ୍ କେପାବିଲିଟି କ'ଣ ସାଇଡ଼ରେ ଦେଖନ୍ତୁ ।'' ''ଏଠି ଦେଖନ୍ତୁ ପୁନଃ ମୂଲ୍ୟାୟନ ଓ ନବ୍ୟ ମୂଲ୍ୟାୟନରେ ଗଙ୍ଗାଧରଙ୍କ ଛାନ୍ଦର ସ୍ୱରୂପ ।'' ତରୁଣ ତରୁଣୀମାନେ ମୁଗ୍ଧ ଦର୍ଶକ ଓ ଶ୍ରୋତାଙ୍କୁ ଅନର୍ଗଳ କହିଚାଲିଛନ୍ତି ''ଅତ୍ୟାଧୁନିକ କବିତା ସମାଲୋଚନା ସୀମାରେଖା ବାହାରେ'', ଦେଖନ୍ତୁ ସେଇ ସେଇ ଏକା ଶବ୍ଦମାନଙ୍କ ପରମ୍ୟୁଟେସନ କମ୍ବିନେଶନରେ କିମିତି ନାନା କିସମର କବିତା ହୋଇପାରେ'', ''ବାଜେ ଟୀକାକାର ବା ଅକବିମାନେ କବିତାରେ ରସଗୁଣରୀତି, ସ୍ୱର ଭାବ ଖୋଜିଥାନ୍ତି'', ''ପ୍ରତିଟି ଶବ୍ଦର ଦୁଇ ଅର୍ଥ ଗୋଟିଏ ଗୂଢ଼ାର୍ଥ, ଅନ୍ୟଟି ଯୌନାର୍ଥ ।''

ଅଜା/ଜେଜେ ବହୁ ଦିନ ପୂର୍ବେ କବିତା ଲେଖୁଥିଲେ, ଏବେ ପତ୍ରପତ୍ରିକାର

Digitized by srujanika@gmail.com

ସନିର୍ବନ୍ଧ ଅନୁରୋଧରେ ଆଧୁନିକ କବିତା ଲେଖିବାକୁ ବାଧ୍ୟ ହେଉଛନ୍ତି । ତେଣୁ ନୋଟ ଖାତାରେ ଅନେକାନେକ ଉକ୍ତି ସୂକ୍ତି ତୁହା ଉତାରି ନେଉଥାନ୍ତି । ଶେଷ କୋଠରୀରେ ଜଣେ ଦୁର୍ଦ୍ଧର୍ଷ ଲେଖକ ଉଦାମ ସ୍ୱରରେ ପଂକ୍ତି କି ପଂକ୍ତି-କବିତା ବୁଝାଇ ଦେଇ କହୁଥାନ୍ତି "ଆଧୁନିକ କବିତାରେ କାହିଁ ଅବୋଧତା ଦୁର୍ବୋଧତା, ନାହିଁ ବା କୁତ୍ରାପି ଯୌନ ସଙ୍କେତ ଓ ଇଙ୍ଗିତର ପ୍ରୟୋଗ ହୋଇନାହିଁ । ସବୁ ଚର୍ଯ୍ୟାପଦ ଗୀତିକା ବା ମାଳିକା ବା ଅଚ୍ୟୁତାନନ୍ଦୀ ଧର୍ମୀ ।" ନାତି ପାଇଁ ଚେଚେ କେତୋଟି ହେମଦିସ୍ତାରେ କୁଟା ହୋଇ ତାଜା ବାହାରିଥିବା ସନେଟ୍ ଦୁଇ ଚାରୋଟି ମେଟାଫିସିକାଲ ଲିରିକ୍ କିଣିଲେ । ଆମେରିକାର ବାରଜଣ ବଳ ଓ ଆଧୁନିକ ଛଅଜଣ ଇଂରାଜୀ କବିତା ଲେଖକଙ୍କ ଫଟୋ ନାଲୁ ପାଇଁ ନେଲେ ଉପହାର ଦେବା ଅଭିପ୍ରାୟରେ । ତା'ପରେ ତାଙ୍କୁ କେତେଜଣ ବେଲ୍‌ପିନ୍ଧା ଯୁବ ଭଲ୍ୟୁଣ୍ଟିଅର ପରୀକ୍ଷା ଗାରଦକୁ ନେଇଗଲେ, ଆମେରିକାରୁ ଆସିଥିବା ଯନ୍ତ୍ର ସାହାଯ୍ୟରେ ତାଙ୍କର ଫିଟ୍‌ନେସ୍ ଟେଷ୍ଟ କରିବା ପାଇଁ । ଯିମିତି ଇ.ସି.ଜି. ସାହାଯ୍ୟରେ ହାର୍ଟ ପରୀକ୍ଷା ହୁଏ, ସିମିତି ଗୋଟାଏ ଯନ୍ତ୍ରରେ ତାଙ୍କ ହାର୍ଟର ଇମୋଶନ କମେଣ୍ଟ ଦେଖାଗଲା ଏବଂ ପରୀକ୍ଷା ନିରୀକ୍ଷା ଶେଷରେ ହୃଦୟକୁ କାଠ ବା ପଥର ପରି କରିବା ପାଇଁ କିଛି ବିଦେଶୀ ପିଲ୍ ଦିଆଗଲା । ପୁଣି ପରୀକ୍ଷା ହେଲା ତାଙ୍କର ଏସୋସିଏସନ ବା ଡିମୋସିଏସନ ଅଫ୍ ସେନ୍‌ସିବିଲିଟିର ମାତ୍ରା ଓ ସମୟ ପରିମାଣ, ଯିମିତି ଡାକ୍ତରମାନେ ଅପରେଶନ ପୂର୍ବରୁ କୋଆଗୋଲେଶନର ସମୟ ଦେଖିଥାନ୍ତି ଏବଂ ସାଉଥ୍ ଆଫ୍ରିକାରୁ ଅଣା ହୋଇଥିବା ଯନ୍ତ୍ରରେ ଏଲିନ୍‌ଏସନର ଦୂରତାମଧ ମପାଗଲା । ଶେଷରେ ମପାଗଲା ଯୁଗଚେତନାର କେଉଁ ପଏଣ୍ଟ ବା ବିନ୍ଦୁରେ ସେ ଅଛନ୍ତି । ଆଉ ବେଶିକ୍ଷଣ ତାଙ୍କୁ ଅଗ୍ନିପରୀକ୍ଷା ଭିତରେ ରହିବାକୁ ପଡ଼ିଲା ନାହିଁ କାରଣ ବାହାରୁ ଲାଉଡ୍‌ସ୍ପିକରରୁ ଶୁଭିଲା, ଉଦ୍‌ଘାଟକ ମନ୍ତ୍ରୀ ମହୋଦୟ ଉପସ୍ଥିତ ହେଲେଣି ଏବଂ ଯିଏ ଯେଉଁଠି ଅଛ ଆସି ଆସନ ଗ୍ରହଣ କର ।

ସଭାର ପ୍ରାରମ୍ଭରେ ସମସ୍ତଙ୍କୁ ପାନୀୟରେ ଚର୍ଚ୍ଚା କରଗଲା । କିଏ ବା କଦଳୀ, ଦୁଧ, ଭାଙ୍ଗ ଅନ୍ୟ କେହି ବା ବଟିକା ସଫଟ (!) ଡ୍ରିଙ୍କସ୍ ସେବନ କଲେ । ଏତଦ୍ୱାରା କଳ୍ପନା ଶକ୍ତି ବଢ଼େ ଅଥଚ ମସ୍ତିଷ୍କ ଠିକ୍ ରୁହେ ଏବଂ ସୁପ୍ତ ଚେତନା ଜାଗି କର୍ମଠ ହୁଏ ।

ମନ୍ତ୍ରୀ ମହୋଦୟ ମରୁଡ଼ି ଅଞ୍ଚଳକୁ ଯାଉଥିବାରୁ ମାତ୍ର ଦୁଇ ମିନିଟ୍ "ପୋଡ଼ା ଭୂଇଁ" ରେ ପାଦ ଦେଇ ଉଦ୍‌ଘାଟନୀ ଭାଷଣ ଶୁଣାଇଲେ । ସ୍ୱଭାବସୁଲଭ ଭଙ୍ଗୀରେ କାନ୍ତକୋମଳ ପଦାବଳିରେ ଯାହା କହିଲେ ତାର ଅର୍ଥ ଏହି– "ମୋତେ କୁହାଯାଇଛି ଆଧୁନିକ କବିତାରେ ଆଧ୍ୟାତ୍ମବାଦ ବିଷୟରେ ପଦେ କହିବା ପାଇଁ । ଆଧ୍ୟାତ୍ମବାଦ ଆମର କମିଟମେଣ୍ଟ । ଭଏ ଗୋଟାଏ ମସ୍ତବଡ଼ ଜିନିଷ । ଆଧ୍ୟାତ୍ମବାଦ ଆମର ଏ ଦେଶରେ ଥିଲା, ଏବେ ଅଛି, ଭବିଷ୍ୟତକୁ ରହିବ । ଆମ ସମାଜରେ ତାହା ରହୁ ନଥିବାରୁ କବିତାରେ ଅନ୍ତତଃ ରହିବା ଉଚିତ । ଦିଗ୍‌ଦର୍ଶନ ଦେବା ପାଇଁ ଇନ୍ଦିରା ଗାନ୍ଧୀ କୋଡ଼ିଏ ପଏଣ୍ଟ ପ୍ରୋଗ୍ରାମ କରିଛନ୍ତି । ସେଥିପାଇ, ଯୁବଶକ୍ତିଙ୍କି ଉଦ୍‌ବୋଧନ ଦେବା ପାଇଁ ମହାକବି ଉପେନ୍ଦ୍ର ଭଞ୍ଜ

Digitized by srujanika@gmail.com

ଗାଉଛନ୍ତି– ''ଉଠ କଙ୍କାଳ ଜାଗ ଦୁର୍ବଳ । ଗରିବ ମଳିମୁଣ୍ଡିଆଙ୍କ ଡାକ ମୋ କାନରେ ବାଜୁଛି, ମୁଁ ଚାଲିଲି ।'' ବିପୁଳ ବୋମା ଶବ୍ଦ ଓ କରତାଳି ଧ୍ୱନିରେ ସେ ସଭା ଛାଡ଼ି ଖଣ୍ଡିଆଭୂତ ପରି ଚାହାନ୍ତ ମାତ୍ରକେ ଅନ୍ତର୍ଦ୍ଧାନ ହୋଇଗଲେ କେତେ ହଜାର ମୁଦ୍ରାର ପ୍ରତିଶ୍ରୁତି ଦେଇ ।

ପୁରୁଣାକାଳିଆ ରୀତିରେ ଅଜା/ଜେଜେ ଭାବି ଚାଲିଥାନ୍ତି– କିମାର୍ଶ୍ଚର୍ଯ୍ୟମତଃ ପରମ୍ । କିନ୍ତୁ ଏ ଭିତରେ ତାଙ୍କର ଚନ୍ଦ୍ରୋଦୟ ହୋଇଗଲାଣି ଏବଂ ତାଙ୍କ ଭିତରେ ଯେଉଁ ଆଶୁକବି ଥିଲା ତାହା ରୋମାଣ୍ଟିକ୍ ଇମାଜିନେଶନ ସାହାଯ୍ୟରେ ବାହାରିବ ବାହାରିବ ହେଉଥାଏ । ଏଠି କିନ୍ତୁ ସବୁ ଓଲଟା । ପ୍ରଥମେ କବିତା ପାଠୋତ୍ସବ ଏବଂ ତା' ପରେ ମୁଖ୍ୟ ଅତିଥିଙ୍କ ପାଳି । ରାତ୍ରି ଭୋଜନର ବ୍ୟବସ୍ଥା ଅଛି; ଘରକୁ ତରବରରେ ଫେରିବା ପ୍ରଶ୍ନ କେହି ଉଠାଇବେ ନାହିଁ । ତୈମୁରଲଙ୍ଗ ଦିଲ୍ଲୀବାସୀଙ୍କୁ ହତ୍ୟା କରି ଯେଉଁଠି ମୁଣ୍ଡ ସବୁ ଗଦା କରିଥିଲେ, ପରବର୍ତ୍ତୀ କାଳରେ ଜନୈକ ଭାଇସରାୟ ସେଇଠି ରାଷ୍ଟ୍ରପତି ଭବନ ତିଆରି ହେବ ବୋଲି କୁଆଡ଼େ ଆଦେଶ କରିଥିଲେ । ଯେତେ ଛେଳି ମୁଣ୍ଡ ସେଇଠି ଆଜିର କର୍ମଶାଳାର ନୈଶ ଭୋଜୀ ପାଇଁ ଗଦା ହୋଇଥିଲା ତାକୁ କେହି ଯୁବ ଦେଖିଥିଲେ କହିଥାନ୍ତା, ''ଏହାହିଁ ଆଧୁନିକ କାବ୍ୟ କବିତାର ମଣ୍ଡପ ପାଇଁ ଉପଯୁକ୍ତ ସ୍ଥାନ ।''

କବିତା ପାଠୋତ୍ସବର ସଭାପତି ପାରମ୍ପରିକ ରୀତିରେ ଏକାଡ଼େମୀର ସଭାପତି । ତାଙ୍କର ଦୈନ୍ୟାବସ୍ଥା ଲକ୍ଷ୍ୟ କରିବାର କଥା । ସେ ଭାବୁଥାନ୍ତି ''ମାର୍ଜାରସ୍ୟ ହି ଦୋଷେନ ହତୋ ଗୃଧ୍ର ଜରଦ୍‌ଗବ ।'' ଦୁଇ ହଜାର କବିତା ପଢ଼ା ହେବା ପାଇଁ ଆସିଛି । ସାଢ଼େ ସାତଶହ ଯାକେ କବି ସାକ୍ଷାତ ଉପସ୍ଥିତ । ପ୍ରତ୍ୟେକ ପଢ଼ିବେ, ପ୍ରତ୍ୟେକଙ୍କ ନାଆଁ ଛପା ହେବ । ଫଟୋ ଓ ଛାପା ଖର୍ଚ୍ଚ ଆଦାୟ ହୋଇଛି ଡେଲିଗେଟ ଚାନ୍ଦା ସହିତ । କବିତା ପାଠକମାନଙ୍କର ଚିନ୍ତା ନାହିଁ, ସେମାନେ ରାତ୍ରିଚର, ମଧ୍ୟରାତ୍ରର କବିତା ପାଠୋତ୍ସବ ତାଙ୍କ ରକ୍ତରେ ବେଶ୍ ସୁହାଏ ।

ପକେଟରୁ ପାନିଆ ଟାଣି ଆଣି ଲମ୍ବା ଅଲରା ଚୁଳକୁ ବାଗକୁ ଆଣି ଜଣେ ଶକ୍ତିଶାଳୀ ଲେଖକ ବକ୍ତାଙ୍କ ଟେବୁଲରେ ଠିଆ ହୋଇ ଆରମ୍ଭ କଲେ ''ମୁଁ ଯେଉଁ କବିତା ପାଠ କରିବାକୁ ଯାଉଛି ତାର ନାଆଁ ହେଲା– ।'' ନାଆଁଟି ହେଲା କଞ୍ଚା ଦୋଅକ୍ଷରି । ସମବେତ ଲେଖକ ଲେଖିକା ବର୍ଗ ନାମକରଣ ପାଇଁ କବିଙ୍କି ପାଟିତୁଣ୍ଡ ତାଳଚାପୁଡ଼ି ସହିତ ସମ୍ବର୍ଦ୍ଧନା ଜଣାଇଲେ । ମାତ୍ର ସଭାପତି କାନରେ ହାତ ଦେଇ ଭୟାର୍ତ୍ତ ଆତଙ୍କିତ ହୋଇ ''ଅଶ୍ଳୀଳ, ଘୋର ଅଶ୍ଳୀଳ'' ''ଅଶ୍ରାବ୍ୟ, ଘୋର ଅଶ୍ରାବ୍ୟ'' ଚିତ୍କାର କରି କବିତାକୁ ''ଅପାଠ୍ୟ' ଘୋଷଣା କରନ୍ତେ ଦଳେ ତାଙ୍କ ଆଡ଼କୁ ମାଡ଼ି ଯାଇ କହିଲେ ''ଆପଣ ଚେୟାରରୁ ଓହ୍ଲାନ୍ତୁ, ଶ୍ଳୀଳ ଅଶ୍ଳୀଳର ସଂଜ୍ଞା ପଢ଼ି ଆଉ ଥରେ ଆସନ୍ତୁ ।'' ସଭାପତିଙ୍କ ତରଫରେ କେତେ ଜଣ ବାହାରି ପଡ଼ିଲେ ଏବଂ ପୋଲିସ୍‌ର ଲାଠିଚାର୍ଜ ସମୟର ଦୃଶ୍ୟଟିଏ ଚାହୁଁ ଚାହୁଁ ସଭା ମଞ୍ଚରେ ଅଭିନୀତ ହେଲା ଏବଂ ସଭାପତି ମହୋଦୟ ଗାଡ଼ି ଧରି

Digitized by srujanika@gmail.com

ହେଡ୍‌କ୍ୱାଟର୍ସକୁ ଫେରିଗଲେ ଏବଂ ଶୁଣାଗଲା ସେଇଥର ତାଙ୍କର ପ୍ରଥମ ହାର୍ଟ ଏଟେକ୍ ହେଲା ଇମୋଶନ ରୋକି ନ ପାରି ।

ସଭାପତିଙ୍କର ଏତାଦୃଶ ଅଚାନକ ଅକସ୍ମାତ ପ୍ରସ୍ଥାନର କାରଣ ଉଦ୍‌ଯୋକ୍ତା ଗଣ ଜାଣି ପାରିଲେ ନାହିଁ କିମ୍ବା ସେଥିରେ ବିବ୍ରତ ହେଲେ ନାହିଁ । ବୁଢ଼ାଗୁଡ଼ାକ ସବୁବେଳେ ଫ୍ଲାଇ ଇନ୍ ଦି ଅଏଣ୍ଟମେଣ୍ଟ କିନ୍ତୁ ଅଏଣ୍ଟମେଣ୍ଟ ଦରକାର । ତେଣୁ ପଚା ମାଛି ସହିତ କିଣିବାକୁ ପଡୁଛି । ଯାହା ହେଉ ସଭାକାର୍ଯ୍ୟ ବିଧିମତ ପୂର୍ବ ନିର୍ଦ୍ଧାରିତ ମତେ ଫେର୍ ଚାଲିଲା । ସଭାପତିଙ୍କ ଦୂରବସ୍ଥା ଦେଖି ମୁଖ୍ୟ ଅତିଥି ଅଚ୍ଚା/ଛେଛେଙ୍କର "ଗାଣ୍ଡୀବ ସଂସ୍ତେ ହସ୍ତାଦ୍" ଅବସ୍ଥା ।

ଯିମିତି ସେ ନମ୍ର ବିନୟ ସ୍ୱରରେ କହିଛନ୍ତି– "ମୋର ଆଜି ସନ୍ଧ୍ୟାର ବକ୍ତବ୍ୟ ଆଧୁନିକ କବିତାରେ ପାଶ୍ଚାତ୍ୟ ଚିନ୍ତା ଓ ଦର୍ଶନର ପ୍ରଭାବ ।" ଜଣେକ ଉଗ୍ରପନ୍ଥୀ ତାଙ୍କ ପାଖକୁ ଭିଡ଼ିଯାଇ କହିଲେ "ଆପଣ ଯଦି କିଛି ପଢ଼ି ନାହାନ୍ତି ଜାଣି ନାହାନ୍ତି ତେବେ କାହିଁକି ମୁଖ୍ୟଅତିଥି ବା ଗୌଣ ଅତିଥି ହେବାକୁ ଧାଇଁ ଆସନ୍ତି ? ଆମେ ତ ମୋଟେ ଇଂରାଜୀ ବା ପାଶ୍ଚାତ୍ୟ ସାହିତ୍ୟ ମୂଳ ଲେଖାରୁ ପଢ଼ିନୁ, ପ୍ରଭାବିତ ହେଲୁ କିମିତି ? ହୋଇପାରେ ଆମ ପୂର୍ବସୂରୀ ଇଂରାଜୀର ଭକ୍ତ, ଅଧ୍ୟାପକ । ତାଙ୍କରି ଭାବ ଭାଷା ଅନୁସରଣ କଲେ କଣ ଆମର ସ୍ୱାତନ୍ତ୍ର୍ୟ ନାହିଁ ? ଆପଣ ଆଉ ବକ୍ତୃତା ସେ ବିଷୟରେ ଦେବାର ଚେଷ୍ଟା ନକରି ଗୋଟାଏ ଆଧୁନିକ କବିତା ଗାଆନ୍ତୁ । ଆମେ ଶୁଣିବୁ ଆପଣଙ୍କ ମୁହଁରୁ ।"

ବୁଢ଼ା ନିଜକୁ ଧିକ୍କାର କରିବାକୁ ଲାଗିଲେ, କାହିଁକି ଉପନୟନ ଉତ୍ସବର ଜାକଜମକ ମଉଜମଜଲିସ୍ ଛାଡ଼ି ପ୍ରଗତିବାଦୀ ସାହିତ୍ୟ ସଭାକୁ ଆସି ଅପ୍ରତ୍ୟାଶିତ ଦୁର୍ଗତିରେ ପଡ଼ିଲେ । ସିଏ କେଉଁଠି, ଆଧୁନିକ କବିତା କେଉଁଠି ? "ଦେଖି ନବ କାଳିକା ବକାଳିକା ମାଳିକା", "ନ ହେଲେ ଅତି ବେଶିରେ ପ୍ରଦୀପ ଜଳୁଛି କିମ୍ବା ଲିଭାଅ ତାହାରେ ।" ହେଲେ, ଘଣ୍ଟାଏ ଦୁଇଘଣ୍ଟା ଭିତରେ ସେ କର୍ମଶାଳାରେ କିଛି ତାଲିମ ପାଇଛନ୍ତି ଏବଂ ଉପଲକ୍ଷରେ ପ୍ରକାଶିତ ସୁଭ୍ୱିନିଏର ଏମ୍ବୁଣ୍ଡ ସେମୁଣ୍ଡ ଲେଉଟାଇ କବିତାଗୁଡ଼ାକ ଛାଣ୍ଡ କଳନା କରି ନେଇଛନ୍ତି । କାଳବିଳମ୍ବ ନ କରି ଯେଉଁ ସୁର ଧରି ଏଠିସେଠି ଅନୁଷ୍ଠିତ ପାଠୋତ୍ସବରେ ଲେଖକ ଗାଇବାର ସେ ଲାଉଡ୍-ସ୍ପିକରରୁ ଶୁଣିଛନ୍ତି ତାକୁଇ ଅନୁସରଣ ଓ ଅନୁକରଣ କରି ଗଳା ଥରାଇ କାନ୍ଦିଲା କାନ୍ଦିଲା ଗଳାରେ ଗାଇଲେ ।

ଚୁନି ଚୁନି ଢେଉ ଢେଉ ଖେଳିଯାଏ ମନର ପାହାଡ଼େ
ଉଠେ ପଡ଼େ ପଡ଼େ ପୁଣି ପଡ଼େ କନ୍ଦୁକ ସମାନ
ଶବ୍ଦ ହୁଏ ଢ଼ୋ ଢ଼ୋ ଚହ୍ଲିଫୁଲ ଫୁଟା ବେଳେ
ପାହାଡ଼ଟା କମ୍ପି ଯାଏ ଝାଉଁବଣ ଥରେ
ରାତିଯାକ ବର୍ଷା ଖାଲି, ନଈନାଳ ବଢ଼େ
ଓ ଆହୁରି ହେଁ ତଥା ମଧ ପୁଣି ପୁନଃ

Digitized by srujanika@gmail.com

ଭୂର୍ଭୁ ବସ୍ୱ ତତ୍ସବିତୁର୍ବରେଣ୍ୟ
ବୁଢ଼ାଟାଏ ଥରିଥରି କାନ୍ଦେ ପଥର ଶବ୍ଦରେ
ହ୍ରୋ ହ୍ରୋ ହ୍ରୀଂ ଶ୍ରୀଂ କ୍ଲିଂ
ମର୍ଣ୍ଣି ଇକ୍ ଏଟ ସିକ୍ସ ଓ କ୍ଲକ୍

"ସେଇଠି ବନ୍ଦ । ସାବାସ୍ ବୁଢ଼ା ! ଜୟ ବୁଢ଼ା !" ଧ୍ୱନିରେ ଆକାଶ ପାତାଳ ବିଦୀର୍ଣ୍ଣ ହେଲା । କେତେଜଣ ଉତ୍ସାହୀ ଉଦ୍‌ଯୋକ୍ତା ଏତେ ଆନନ୍ଦ ବିହ୍ୱଳ ହେଲେ ଯେ ପ୍ରସ୍ତାବ ଦେଲେ ବୁଢ଼ାକୁ ସତରଞ୍ଜିରେ ଥୋଇ ଯିମିତି ଡନ୍ କୁଇକ୍‌ସୋଟ୍‌କୁ ହୋଟେଲବାଲାଏ ଶୂନ୍ୟରେ ନଚାଇଥିଲେ ସେମିତି କଣ କରିଥାନ୍ତେ । ସେ ବିପଦରୁ ରକ୍ଷା ପାଇବା ପାଇଁ ମୁଖ୍ୟ ଅତିଥି ସେମାନଙ୍କ ମେଜାଜ୍ ସହିତ ଖାପ ରଖି କହିଲେ "ଆପଣମାନେ କବିତା ପଢ଼ନ୍ତି କିନ୍ତୁ କାହାକୁ ବୁଝାଇବା ପାଇଁ କହନ୍ତି ନାହିଁ, ଯଦି ଅନୁମତି ଦେବେ ମୁଁ ଛୋଟ କବିତାଟିଏ ପଢ଼ିବି ଏବଂ ବୁଝାଇ ଦେବି ମଧ ।" "ଠିକ୍ ହେ ବୁଢ଼ା ! ଆଗେ ବଢ଼ୋ ! ବୁଢ଼ାର ଆତ୍ମା ଅମର ରହେ ।"

ଅଚ୍ଛା/ଛେଛେ ଆରମ୍ଭ କଲେ "କବିତାର ନାଆଁ ଟିକିଏ ଲମ୍ବା ହେବ । ମୁଁ ଯାହା ଆବୃତ୍ତି କରିବାକୁ ଯାଉଛି ତାହା ବିଂଶ ଶତାବ୍ଦୀର କ୍ଷୁଦ୍ରତମ କବିତା ହୋଇଥିବାରୁ ନାଆଁର ଦୈର୍ଘ୍ୟ କବିତାଠାରୁ ବେଶି ହେବାରେ କେହି ଆପତ୍ତି କରିବେନି । କବିତାର ଲେଖକ ଜଣାନାହିଁ, ଏନୋନିମାସ ପୋଏଟ ଧରି ନିଅନ୍ତୁ । କବିତାର ନାଆଁ ହେଲା "ଏକ ପରିପ୍ରକାଶ- ଯେତେବେଳେ ସେତେବେଳେ ମିଠା/ମଦ/ମାଡ଼ ଖାଇଲେ ମନରେ ଯେଉଁ ଭାବ ଉଦୟ ହୁଏ ତହିଁର ।" କବିତାଟିକୁ ମନନଶୀଳ ହୋଇ ଶୁଣନ୍ତୁ ।

ଏକ କବିତା
ଗୋଟିଏ ତାରା ଦୁଇଟି ଚନ୍ଦ୍ର
ତିନୋଟି ପାଗଳ ।

ବଡ଼ବଡ଼ କବି- ବ୍ରାଉନିଂ, ଇଲିଅଟ-ମାନଙ୍କର ଯିମିତି ମଲ୍ଲୀନାଥ ବା ସ୍ତାବକ ବା ଚାମଚା ଥାନ୍ତି ମୁଁ ସିମିତି ଏ ଅନାମଧେୟ କବିଟିର ପ୍ରଶସ୍ତି ଲେଖକ । ଟୀକା, ଭାଷ୍ୟ, ତର୍ଜମା, ବିଶ୍ଳେଷଣ ଏ ଚାଟୁକାର ମୁଖରୁ ଶୁଣନ୍ତୁ । ଆପଣମାନେ ଅନ୍ୟ ଅର୍ଥ ବି କରିପାରନ୍ତି । କାରଣ କବିତାର ଅର୍ଥ ଓ ଭାବ ଅକ୍ଷରରେ ନ ଥାଏ; ଥାଏ ପାଠକ ମନରେ । କବିତା ବ୍ରହ୍ମସ୍ୱରୂପିଣୀ, ବ୍ରହ୍ମ ଯିମିତି ଏକ (ଏକୋ ବ୍ରହ୍ମଃ ଦ୍ୱିତୀୟୋ ନାସ୍ତି) ସିମିତି କବିତା ଏକ ଯାକର ଅନ୍ୟ ପତି ନାହିଁ । ସେଥିପାଇଁ ପ୍ରଥମ ପଂକ୍ତି ହେଲା, ଗୋଟିଏ କବିତା । ପରବର୍ତ୍ତୀ ପଂକ୍ତିରେ ସେଇ କଥାକୁ ଆହୁରି ଜୋର ଅର୍ଥାତ୍ ଏମ୍‌ଫାସିସ୍ ଦିଆଯାଇ କୁହା ହୋଇଛି 'ଗୋଟିଏ ତାରା' । ମିଲଟନଙ୍କୁ ମନେ ପକାନ୍ତୁ 'Thy soul was a star' ୱାର୍ଡ଼ସୱାର୍ଥ ପୁଣି ଲେଖିଛନ୍ତି ଲୁଶି କବିତାରେ 'Fair as a star when only one is shining in the sky' ଧ୍ରୁବତାରା ସିମ୍ବଲିଜମ୍ ଲକ୍ଷ୍ୟ କରନ୍ତୁ । ସିନେମା ଷ୍ଟାର ହେମା ବା ଅମିତାଭ ବା

Digitized by srujanika@gmail.com

ଧର୍ମେନ୍ଦ୍ରଙ୍କୁ ମନେ ପକାନ୍ତୁ । ପ୍ରଥମ ପଂକ୍ତିର ଆଧ୍ୟାତ୍ମିକ ବ୍ୟଞ୍ଜନା, ଦ୍ୱିତୀୟ ଧାଡ଼ି sensuouseness ସହିତ ଲେଖକଙ୍କ ବହୁଧର୍ମିତା ଓ ବହୁ (ସିନେମା) ଦର୍ଶିତା ଏ ଯୋଡ଼ିଏ ଧାଡ଼ିରୁ ସୂଚିତ ହେଉଛି । ତାରା ପରେ ଚନ୍ଦ୍ର ଆସିବା ସ୍ୱାଭାବିକ, ସ୍ୱତଃସ୍ଫୂର୍ତ୍ତ ମଧ୍ୟ । "ତାରାଗଣ ମଧ୍ୟେ ଯେହ୍ନେ ଚନ୍ଦ୍ର ଉଦିଆରେ, ସଖୀ ମେଳେ ରାଜକେମା ହୋଇଛି ଠିଆ" ମନେ ପକାନ୍ତୁ ଫୋକ୍ ସଙ୍ଗର ଏ ପଦଟି । ଯୋଡ଼ିଏ ଚନ୍ଦ୍ର କହିଲେ ବୁଝାଇବ ଚକାଡ଼ୋଳାଙ୍କ ଦୁଇ ଆଖିଙ୍କି ଅଥବା ଭଞ୍ଜୀୟ ନାୟିକାର ପର୍ବତ ସ୍ତନ ଦ୍ୱୟକୁ । ଶେଷ ପଂକ୍ତିଟି କିମିତି effective ending ଦେଉଛି ଦେଖନ୍ତୁ । ଏକ ଦୁଇ ପରେ ତିନି; ତିନି ହେଲା magic number ମନେ ପକାନ୍ତୁ ମାକ୍‌ବେଥର ତିନି ଡାଆଣୀଙ୍କୁ, ତିନି ହେଲା ଖ୍ରୀଷ୍ଟ ଧର୍ମର Trinity ଆମର ଯାହା ତ୍ରିମୂର୍ତ୍ତି । "ଏକଶ୍ଚନ୍ଦ୍ରୋ ତମୋ ହନ୍ତି", ଦୁଇଟା ଚନ୍ଦ୍ର ତ ମାରାତ୍ମକ । ଚନ୍ଦ୍ର ପାଗଳାମି ସୃଷ୍ଟିର ମୂଳ । ଯହିଁରୁ ଲୁନାଟିକ୍, ମୁନଷ୍ଟ୍ରକ୍ ମେଡ଼ନେସ୍‌ର ଉଦ୍ଭବ । ପୁଣି ଦେଖନ୍ତୁ The lover lunatic and the poet ତିନିଙ୍କି କିମିତି ଏକ କରି ଦିଆଯାଇ ପ୍ରଥମ ଧାଡ଼ିରେ କୁହାଯାଇଛି 'ଗୋଟିଏ କବିତା' । ପଡ଼ୋଶୀ ବଙ୍ଗ ସାହିତ୍ୟର ପ୍ରଭାବରେ କବି ଏ ଧାଡ଼ି ଲେଖି ଥାଇପାରନ୍ତି । "ବ୍ରହ୍ମା ପାଗଲ, ବିଷ୍ଣୁ ପାଗଲ ଆର୍ ପାଗଲ ଶିବ୍; ତିନି ପାଗଲେର ଯୁକ୍ତି ହୟେ ଭାଙ୍ଗଲ୍ ନବଦ୍ୱୀପ ।"

ସମସ୍ୱରରେ ଚିତ୍କାର ଶୁଭିଲା "ମାର୍ଭେଲସ୍, ମାର୍ଭେଲସ୍", "ଚମତ୍କାର, ଚମତ୍କାର" । ପୁରୁଷ ସ୍ତ୍ରୀ ନିର୍ବିଶେଷରେ ସମସ୍ତେ କୁଣ୍ଢାକୁଣ୍ଢି ହେଲେ, ଉପୁରାଉପରି ଗଡ଼ିଗଲେ ପ୍ରସ୍ତେ ଲେଖାଏ । ପେଣ୍ଡିମୋନିୟମ ଫିଟିଗଲା ପ୍ରାୟ । ପୁନଶ୍ଚ ଆଇନ ଶୃଙ୍ଖଳା ପ୍ରତିଷ୍ଠିତ ହେବା ମାତ୍ରେ ଅଭ୍ୟର୍ଥନା ସଭାପତି ମଞ୍ଚକୁ ଆସି କହିଲେ "କ୍ରିକେଟ୍ ଖେଳରେ ଯେପରି man of the match ଅଛି ଆମର ମଧ୍ୟ ଏ ବର୍ଷଠାରୁ ଗୋଟିଏ ଏୱାର୍ଡ଼ ଜନୈକ ଅଦାବେପାରୀ ଘୋଷଣା କରିଛନ୍ତି । ଯାହାର ମୂଲ୍ୟ ଇଂଲଣ୍ଡ ଆମେରିକାର ବିଶ୍ୱବିଶ୍ରୁତ କଲମର ଦାମଠାରୁ ବେଶି । କପିଳ ଦେବ, ଇମ୍ରାନ ଖାନ୍ ଯିମିତି man of the match ହୋଇ ସମ୍ମାନିତ ହେଲେ, ଆମେ ଆଜି ଏ ବୃଦ୍ଧ ମହାଶୟଙ୍କୁ ଶ୍ରେଷ୍ଠ କବିତା ଲେଖକ ବିବେଚନା କରି ସେ ଏୱାର୍ଡ଼ ପ୍ରଦାନ କଲୁଁ । ମାଙ୍କଡ଼ ହାତରେ ଶାଳଗ୍ରାମ ପଡ଼ିଲେ ଯିମିତି ସେ ନଚାଇ ନଚାଇ ପ୍ରାଣ ନେବା ବ୍ୟବସ୍ଥା କରେ ବୁଢ଼ାଙ୍କୁ ପ୍ରାୟ ସେଇ ଦଶା ଭୋଗିବାକୁ ପଡ଼ିଥାନ୍ତା କିନ୍ତୁ ମାନେ ମାନେ ବର୍ତ୍ତିଗଲେ ପୂର୍ବତନ ପଳାୟନବାଦୀ ସଭାପତିଙ୍କ ସଦୃଶ ନ ହୋଇ ।

ପରଦିନ ସକାଳେ ପୁଣି ତଳତାଳାରେ ଯେତେବେଳେ ବନ୍ଧୁ ମିଳନରେ ଚା' ପରଶା ହେଉଥାଏ ଜେଜେ/ଅଜା ସନ୍ଧ୍ୟାର ଅଭିଜ୍ଞତା ବର୍ଣ୍ଣନା କରି ଶେଷରେ କହିଲେ "ଜୀବନ, ସାହିତ୍ୟ, କବିତା, କ୍ରିକେଟ୍ ଓ କର୍ମଶାଳା ସବୁ ଏକ, ସବୁ ଭାଗ୍ୟ, ଚାନ୍‌ସ ଉପରେ ନିର୍ଭର କରେ । ଦୁଃସ୍ଥ ପେନସନଭୋଗୀ ଲେଖକ, ଗୌଣ ସ୍ୱାଧୀନତା ସଂଗ୍ରାମୀ ହିସାବରେ ଯାହା ପାଇଛି ସେଥିରୁ କେତେ ବା ଭିକ୍ଷା ଥାଳରେ ଦେଇଥାନ୍ତି । ନାଲୁରେ ! ଆ ମୋ ପାଖକୁ ଆ; ଧର ଏଇ ଚଉଦ କେରେଟ୍ ନିବ୍ ଥିବା ବିଦେଶୀ କଲମ । ଗଛ

Digitized by srujanika@gmail.com

ଲେଖ, କବିତା ଲେଖ, ଯାହା ଲେଖିବୁ ଲେଖ । ତୋ ନାଆଁ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହେବ ଏ ଜାତିର ସାହିତ୍ୟର କପାଳରେ । ଏ ପୁରସ୍କାରଟି ମିଳିଛି ମୋତେ କର୍ମଶାଳାରୁ କବିତା ପାଇଁ, man of the match ଏୱାର୍ଡ଼ ସ୍ୱରୂପ । ସେ କବିତାଟି ତୁ ଜାଣୁ, ତୋରି କବିତା, ତୋର ପକେଟ ବହି ଓଲଟାଇଲା ବେଳେ ମୋର ନଜର ପଡ଼ିଥିଲା, ମୋରି ନାମରେ ଗାଇ ବୁଝାଇ ଦେଇଥିଲି ସମସ୍ତଙ୍କୁ । ଧର ।

Digitized by srujanika@gmail.com

# ଆକାଶୀ ଫୁଲ

''ରହ, ରହ !'' କହି ଯିମିତି ମୁଁ ସାଇକେଲରୁ ହଠାତ୍ ଓହ୍ଲାଇ ପଡ଼ିଛି ସିମିତି ଶୁଭେନ୍ଦୁ ଜୋରରେ ବ୍ରେକ୍ ଦେଇ ଛିଡ଼ା ହୋଇଗଲା, ଗୋଟାଏ ଲମ୍ବା ଗୋଡ଼କୁ ପିଚୁ ରାସ୍ତାରେ, ଅନ୍ୟଟାକୁ ପୋଲ ଉପରେ ରଖି । କଟମଟ ମୋ ଆଡ଼କୁ ଚାହିଁ ବିରକ୍ତ ସ୍ୱରରେ ଚିତ୍କାର କଲା କ'ଣମ ଏମିତି ପ୍ରତି ଦଶ ହାତରେ ଛିଡ଼ା ହୋଇ ଯାଉଛି, ପ୍ରତି ପନ୍ଦର କୋଡ଼ିଏ ହାତରେ 'ଦେଖ୍ ଦେଖ୍', 'ରହ ରହ' ହେଉଛୁ ! ଏଠି ଫେର୍ ଦେଖିବାର କ'ଣ ଅଛି ?

'କଣ ଦେଖିବାର ଅଛି ? ତୋତେ ଭଗବାନ ଆଖି ଦିଇଟା ଦେଇନାହାନ୍ତି କିରେ ? ଅନ୍ଧକୁ ଯାହା ଦିଶନ୍ତା, ତତେ କେମିତି ଦିଶୁନି !' କହି ମୋ ଆଖି ଦିଟାକୁ ସୂଚନାତ୍ମକ ଭଙ୍ଗୀରେ କଳା ପିଚୁ ରାସ୍ତାଟା ଉପରେ ଧୀରେ ଧୀରେ ବୁଲାଇ ଆଣିଲି ଯିମିତି ମୋ ଆଖିର ଭଙ୍ଗୀ ଓ ଗତି ଅନୁସରଣ କରି ସେ ଦେଖିପାରିବ ମୁଁ ଯାହା ତାକୁ ଦେଖାଇବାକୁ ଚାହୁଁଛି ।'

ପାଲିସ୍ କରା କଳା ଯୋତା ପରି ଚକ୍‌ଚକ୍ ରାସ୍ତା ଉପରେ ଗୁଡ଼ାଏ ଫୁଲ ବିଛାଇ ହୋଇ ପଡ଼ିଛି; ଶିଶୁକାଠର ପଲଙ୍କ ଉପରେ ଶୁଭ୍ର ଆସ୍ତରଣ ପରି । ଶେଷ ଶରତର ସକାଳୁଆ ସୂର୍ଯ୍ୟ ଏଇ ଦଣ୍ଡେ ହେଲା ଉଠିଛି, କାକର ଟୋପା ଗୁଡ଼ାକ ଘାସ ଅଗରେ ନାକର ଗୁଣା ପରି ଝଟକୁଛି । ହେଲେ ଗଛତଳର ଏଇ ଫୁଲଗୁଡ଼ାକ ଉପରେ ପଡ଼ିନି । ତାଜା, ଅମଳିନ, ବୈପରିତ୍ୟରେ ଶୁଭ୍ରତର । ମହକରେ ଖଣ୍ଡେ ଇଲାକା ଭରପୂର, ନାକ ପ୍ରାୟ ବନ୍ଦ ହୋଇଯାଉଛି । ସାରାରାତି ବିଶେଷତଃ ସକାଳର ଘଣ୍ଟାଟିଏ ସେମାନେ ସ୍ୱର୍ଗରୁ ତଳକୁ ଆସୁଛନ୍ତି, ଭଗବାନଙ୍କ ଆଶୀର୍ବାଦ ପରି ତଳର ଘନ କାଳିମାମୟ ଦୁନିଆକୁ । ପ୍ରକୃତିରାଣୀ ଯିମିତି ନିଜକୁ ନିଃଶେଷ କରିଦେଇ ଆଶ୍ୱସ୍ତି ଖୋଜୁଛି । ଲମ୍ବା ଲମ୍ବା ଡେମ୍ଫ ଅଗରେ ସୁଦୂରର ଟିକି ତରା ପରି ପାଞ୍ଚପାଖୁଡ଼ିଆ ଫୁଲଟି ଲାଖି ରହିଛି, ସାନ୍ତାଳ ଯୁବତୀର ଟଭାଫଳ ପରି ଜୁଡ଼ାରେ ରୂପାକାଠିର ରୁଣୁଝୁଣିଆ ଝୁମ୍ପା ପରି ।

'ଦେଖିଲୁ ? କଣ ଦେଖାଇବାକୁ ଚାହୁଁଥିଲି; ତୁଟା ଗୋଟେ...'

ଉତ୍ୟକ୍ତ ଦେଇ ଶୁଭେନ୍ଦୁ କହିଲା, 'ଏଠି କଣ ଦେଖିବାର ଅଛି ? ତୋର ଆଜି ପଢ଼ାପଢ଼ି, ବଜାର ସଉଦା, କାମଦାମ କିଛି ନାହିଁ କିରେ ? ତୋର ମଥା ବିଗିଡ଼ି ଗଲାଣି । କବିତା ଫବିତା ଲେଖିଲେ ପଢ଼ିଲେ ଏମିତି ପାଗଳାମି ବାହାରେ । ଯେଉଁଠି ସେଇଠି ଖାଲି 'ରହ ରହ', 'ଦେଖ୍ ଦେଖ୍', 'ଶୁଣ୍ ଶୁଣ୍' । ମୋର 'ମୁଡ୍' ଖରାପକୁ ତୋର 'ଜୋକ୍'

Digitized by srujanika@gmail.com

ଚାଲିଛି ।

ପ୍ରକୃତରେ ଶୁଭେନ୍ଦୁର 'ମୁଡ୍' ଭୀଷଣ ଖରାପ ଆଜି ସକାଳେ । ଭୋର୍ ସକାଳେ ଆସି ମୋ ଘରେ ସାଇକେଲରେ ହାଜର ରାତିଯାକ ଅନିଦ୍ରାର ଲକ୍ଷଣ ନେଇ । ଆଖିଗୁଡ଼ାକ ଫୁଲାଫୁଲା, ଜ୍ୟୋତିହୀନ । ଚୂଳଗୁଡ଼ାକ ଅସଂଯତ । ଯିମିତି କିଏ ସେଗୁଡ଼ିକୁ ଜାବୁଡ଼ି ଧରି ସାନ ପିଲାକୁ ବାଡ଼େଇଲା ପରି ତାକୁ ନିସ୍ତୁକ ଟାଙ୍କେ ଛେଚିଛି ।

ମୁଁ ତାକୁ ଦେଖିଲା ମାତ୍ରେ ଜାଣିପାରିଲି ପୁଣି କଣ ଅଗଡ଼ବିଗଡ଼ ହୋଇ ଯାଇଛି ଶୁଭ୍ରା ସାଙ୍ଗରେ; ଦାମ୍ପତ୍ୟ କଳହର ବଷ୍ଟାଡ଼ମ୍ବର ରୂପ ।

ଦି ଚାରିଦିନ ଆଗେ ତାଙ୍କ ଘରକୁ ଯାଇଥିଲି ସଙ୍ଗୋଳିବା ପାଇଁ ।

ଏବେ ଏବେ ଯାଜପୁରରୁ ବଦଳ ହୋଇ ଫକୀରମୋହନକୁ ଆସିଛନ୍ତି । ଦୁହିଁଙ୍କ ଚେହେରାରେ ଆଦୌ ପରିବର୍ତ୍ତନ ନାହିଁ । ବରଞ୍ଚ ଅଧିକ ସୁନ୍ଦର ଦିଶୁଛନ୍ତି । ଛୁଆପିଲା ହେଇନି, ହେବାର ଲକ୍ଷଣ ବି ନାହିଁ । ଦିଟା ପ୍ରାଣୀ, ଇଉ, ଜି, ସି ସ୍କେଲ୍, ଦୁହିଁଙ୍କ ବାପଙ୍କ ସଂପତ୍ତି କଥା ଛାଡ଼ । ଏଠି ଭଲ ଘରଟିଏ ପାଇଛନ୍ତି । ସବୁ ତ ଠିକ୍ ଅଛି, ଏମିତି ଖିଚିରିମିଚିରି ହେଉଛନ୍ତି କାହିଁକି ? ସେଦିନ ବେଶି ସମୟ ତାଙ୍କ ଘରେ ନ ରହି ଚାଲି ଆସିଲି । ଜିନିଷପତ୍ର ଚାରିଆଡ଼େ ବୁଣି ହୋଇ ପଡ଼ିଥିଲା ।

ଏ ଦି'ଟାକୁ ଏକାଠି କରିବାରେ ମୋର କର୍ତ୍ତୃତ୍ୱ ଥିଲା, କର୍ତ୍ତୃତ୍ୱ କାହିଁକି, ସ୍ୱାର୍ଥତ୍ୟାଗ ମଧ୍ୟ । ମୁଁ ନିଜେ ଶୁଭ୍ରାକୁ ମୋର କରି ପାରିଥାନ୍ତି । ସେ ମୋତେ ନେବାରେ ଆପତ୍ତି ହୁଏତ କରି ନଥାନ୍ତା । ଛଅ ବର୍ଷ ଧରି ଏକା ସାଙ୍ଗରେ ପଢ଼ିଛୁଁ ମୋର ତାର ବି.ଏ.ରେ ଏକା ଏକା ସବ୍‌ଜେକ୍ଟ । ଏମ୍.ଏ.ରେ ତାର ସଂସ୍କୃତ, ମୋର ଇଂରାଜୀ । ଆମେ ଦୁହେଁ ବ୍ରାଇଟ ଷ୍ଟାର ସନେଟ୍, ଲାଷ୍ଟ ରାଇଡ଼ ଟୁଗେଦାର, ଲୁଶି କବିତାଗୁଚ୍ଛ, ଯିମିତି ଉପଭୋଗ କରିଛୁଁ, ସିମିତି ଅଭିଜ୍ଞାତ ଶକୁନ୍ତଳମ୍‌ର ବଛା ବଛା ଶ୍ଳୋକ, କୁମାର ସମ୍ଭବର 'ଚଟାକବାଳା' ମେଘଦୂତର 'ଜ୍ଞାତସ୍ୱାଦୁ' ପଂକ୍ତି ଏକତ୍ର ପଢ଼ିଛୁ । ସୁର୍ ଧରି ଗାଇଛୁଁ । କିନ୍ତୁ ଭଲ ପାଇବାକୁ ଆମେ ପ୍ରେମ ସ୍ତରକୁ ନେଇ ପାରି ନାହୁଁ, ବର୍ଷ ବର୍ଷ ଧରି କଲେଜ ପଢ଼ିଆରେ ପାଞ୍ଚୁଟାରୁ ଛଅଟା ଏକତ୍ର ବସୁଥିଲେ ମଧ୍ୟ ଚନ୍ଦ୍ରିକା ବିଧୌତ ରଜନୀରେ । କିନ୍ତୁ ଆମର ଅସମାନତା ଅନେକ । ମୁଁ ଆଇନାରେ ନିଜ ମୁହଁ ଦେଖିଛି । ଚୂଳ ଠିଆ ଠିଆ, ଛୋଟ କରଡ଼ା, ଆଖି ଚିଲିରା, ଦାନ୍ତ ବାହାଡ଼ା, ଗାଲ ଠକରା । ଦିହର ରଙ୍ଗ କଳା । ଶୁଭ୍ରା ପରି ସୁନ୍ଦରୀ ସହିତ ଯୋଡ଼ି ହୋଇ ମୁଁ ଅଥେଲୋ ବା ଇଦି ଅମିବ୍ ପାର୍ଟ କରିବାକୁ ବାହାରିଲି ନାହିଁ । ନିଜକୁ ଫେରାଇ ଆଣିଲି ।

ମଝିରେ ମଝିରେ ମୁଁ ଶୁଭେନ୍ଦୁକୁ ନେଇ ଶୁଭ୍ରା ପାଖକୁ ଯାଏଁ । ଶୁଭେନ୍ଦୁ ମୋ କ୍ଲାସମେଟ୍, ରୁମ୍‌ମେଟ୍, ମଶାରୀ ଧୋବା ଘରକୁ ଯାଇଥିଲେ ବେଡ଼୍‌ମେଟ୍ ମଧ୍ୟ । ହେଲେ ତାର ସବଜେକ୍ଟ ଆମଠୁ ଏକାବେଳକେ ଅଲଗା । ବି.ଏ. ରେ ହିଷ୍ଟ୍ରି ଇକନମିକସ ଅନର୍ସ; ଏମ୍.ଏ. ରେ ଇକନମିକ୍ସ । ଖାଲି ଡ଼ିମାଣ୍ଡ ସାପ୍ଲାଇ, ଡିମିନିଶିଂ ରିଟର୍ଣ୍ଣ, ପ୍ରାଇସ୍ ଇନ୍‌ଡ଼େକ୍ସ,

Digitized by srujanika@gmail.com

ଇନ୍‌ଫ୍ଲେଶନ, ଡିଭେଲ୍ୟୁଏସନ, ଗୋଲଡ଼ ଷ୍ଟାଣ୍ଡାର୍ଡ଼, ଆଉ ଫିକ୍ସଡ଼ ଡିପୋଜିଟ୍ । ଆମ ବିଷୟଗୁଡ଼ାକର ପୂରାପୂରି ଓଲଟା; ବିରୋଧୀ ମଧ୍ୟ ।

ହେଲେ ଚେହେରାରେ ଶୁଭେନ୍ଦୁ ରାଜପୁତ୍ର, ଶୁଭ୍ରା ରାଜକନ୍ୟା । ମୁଁ ବିଦୂଷକ । ସେମାନଙ୍କ ବିସ୍ତୃତ ରୂପବର୍ଣ୍ଣନା ନକରି ଖାଲି ଏତିକି କହିଲେ ଯଥେଷ୍ଟ ହବ ଯେ ଯେକୌଣସି ସିଗାରେଟ୍ କମ୍ପାନୀ ବା ଲୁଗା ବ୍ୟବସାୟୀ ଦୁହିଁଙ୍କ ଛବି ଛାପି 'ମେଡ଼ ଫର୍ ଇଚ୍ ଅଦର୍' ତଳେ ଲେଖିଦେଇ ପାରନ୍ତା । ଯଦିଓ ବିଜ୍ଞାପନ ଶେଷରେ ଇନ୍‌କ୍ଲୁରିଅସ୍ ଶବ୍ଦଟା ଥିବ ।

ଭାଗ୍ୟବାନ୍ ଭାଗ୍ୟବତୀ ଦୁହେଁ । ଦୁହେଁ ଯାକ ଫାଷ୍ଟ କ୍ଲାସ୍ । ଦୁହେଁ ଏକାବେଳକେ ଏଡ଼ହକ୍ ନିଯୁକ୍ତି ପାଇଲେ ଏବଂ ଦୁହେଁଯାକ ପି.ଏସ୍.ସି.ରେ ସଫଳ ହୋଇ ଏକା ସ୍ଥାନରେ ଯାଜପୁରରେ ଅବସ୍ଥାପିତ ହେଲେ । ମୁଁ ଫକୀରମୋହନରେ ଫୁଲ୍, କ୍ଲାଉନ୍ ପାର୍ଟ କରିବାରେ ଲାଗିଲି ।

ହେଲେ ମୋର ଭୟ ହେଉଥିଲା ଦୁହେଁ ସର୍ବତୋଭାବେ ସମାନ ହେବେ କି ନାହିଁ । ଜ୍ୟାମିତି କ୍ଷେତ୍ରରେ ସିନା ବାହୁ ବାହୁ ସହିତ ସମାନ ହେଲେ, କୋଣ କୋଣ ସହିତ ସମାନ ହେଲେ ତ୍ରିଭୁଜଦ୍ୱୟ ସମାନ ହୁଅନ୍ତି । କିନ୍ତୁ ଦାମ୍ପତ୍ୟ ଜୀବନରେ ସ୍ୱାମୀ ସ୍ତ୍ରୀ ରେଖା କୋଣ କର୍ଣ୍ଣ ପରସ୍ପର ସମାନ ହେଲେ ମଧ୍ୟ ଯଦି ରୁଚି ଅମେଳ ହୁଏ ତେବେ ଦୁହେଁ ସମାନ୍ତରାଳ ରେଖା ପରି ଦିଗ୍‌ବଳୟରେ ଏକ ଦିଶୁଥିଲେ ବି ସେମାନଙ୍କ ପାର୍ଥକ୍ୟ ଓ ବ୍ୟବଧାନ ନିକଟରେ ବରାବର ରହୁଥିବ ।

ଆଜି ଘଣ୍ଟାଏ ଆଗରୁ କିଛି ଅନ୍ଧାର ଭେଦ କରି ଯିମିତି ବିହ୍ୱଳିତ ଓ ବିଚଳିତ ଅବସ୍ଥାରେ ଶୁଭେନ୍ଦୁ ଆସି ମୋ 'ବେଚେଲର୍ସ ଡେନ୍' ରେ ପହଞ୍ଚିଲା ମୁଁ କ୍ଷଣକେ ବୁଝିଗଲି କଣ କିଛି ସମସ୍ୟାର ସମାଧାନ ସେ ଚାହିଁବ, ତାର ଆବାଲ୍ୟ ବନ୍ଧୁ ପାଖରୁ । ମାଇକାଙ୍କର ପଢ଼ିଥିଲେ ବି ତା ଦିହରୁ ଝାଳ ବହୁଥାଏ । ମୁଁ ଦୁଇ କପ୍ ଚା' କରିବା ପାଇଁ ଯିମିତି ପ୍ରସ୍ତୁତି ଆରମ୍ଭ କରିଛି ସେ ଆସବାବପତ୍ର ବିହୀନ ମୋର ତଥାକଥିତ ବେଡ୍ ରୁମ୍‌ରେ ବସିଯାଇ ଆରମ୍ଭ କଲା ତା' କାହାଣୀ । ମୁଁ ଟ୍ରେବଲ ପଙ୍ଖାଟା ତା ଆଡ଼କୁ ମୁହାଁଇ ଛାଡ଼ିଦେଲି ।

ହଠାତ୍ ଆରମ୍ଭ କଲା ମୋ ନାଆଁ ଧରି, ମୁଁ ଆତ୍ମହତ୍ୟା କରିବାକୁ ଯାଉଛି, ତତେ କହିଦେଇ ଗଲି, ହେଇ ଦେଖ୍ ଦଉଡ଼ି ।'' କହି ପକେଟରୁ ପ୍ଲାଷ୍ଟିକ ଦଉଡ଼ି ଦି ଚାର ହାତ ବାହାର କଲା ।

''ଦଣ୍ଡେ ରହ । ଚା କପେ ଖାଆ । ଦଉଡ଼ି ଦେଇ ମରିବୁ ତ ? ବେଶ୍, ସାଇକେଲ୍‌ରେ ଦୁହେଁ ଯିବା । ମୁଁ ଭଲ ଗଛ ଗୋଟାଏ ଦେଖାଇ ଦେବି, ତୋ ଭାରରେ ଯାହାର ଡାଳି ଭାଙ୍ଗିବ ନାହିଁ । ପାଗଳ ନା କ'ଣ !''

ଫଣା ଟେକି କହିଲା, ''ତୋତେ ଥଟ୍ଟା ଲାଗିଛି । ଜୀବନମରଣ ସମସ୍ୟା । ବଦ୍ଧ ପାଗଳୀ ଗୋଟାକ ସାଙ୍ଗରେ ବାନ୍ଧି ଦେଇ... କହୁଛି କିରାସିନି ଦେହରେ ଢାଳି ହୋଇ ପୋଡ଼ି ମରିବ ।''

Digitized by srujanika@gmail.com

'ତୁ ଘରେ କିରାସିନି କାହିଁକି ରଖିଛୁ ଯେ...'

ସେ ଧଡ଼ପଡ଼ ହୋଇ ଉଠି ବସିଲା । କହିଲା 'ମୁଁ ଯାଉଛି ।'

ହାକିମାତି ଗଳାରେ କହିଲି 'ବସ୍ ବସ୍ ! ଏତେ ଶୀଘ୍ର ମରନା ।' ଢେର ଢେର ରୋଜଗାର ହବ । ଆର୍ଣିଂ ୱାଇଫ୍ । ମଝିରେ ମଝିରେ ଟିକେ ସମ୍ଭାଳି ଯାଆ । ଶୁଭ୍ରାର ଟଙ୍କାକୁ ଆଖି ରଖିବାବେଳେ ତା ମୁହଁକୁ ଚାହିଁ ଦେଉଥିବୁ । ଆତ୍ମହତ୍ୟା କଥା ଭୁଲିଯିବୁ । ସାମାନ୍ୟ ଟିକେ ଏଡ଼ଜାଷ୍ଟ କରିପାରିବୁ ନାହିଁ ?

''ଢେର କଲିଣି । ଆଜି ବଡ଼ିଭୋର ସକାଳ କଥା ଶୁଣ୍ । ସେଦିନ ତ ଯାଇଥିଲୁ, ଆମ ଘରର ଅବସ୍ଥା ଦେଖିଥିବୁ । ଜିନିଷପତ୍ର ଚାରିଆଡ଼େ ବିକ୍ଷିପ୍ତ ବିପର୍ଯ୍ୟସ୍ତ ହୋଇ ପଡ଼ିଛି । ତା ସାଙ୍ଗକୁ ଗୋଟାଏ ଜଙ୍ଗଲ । ମୁଁ ମନା କଲି ଏଗୁଡ଼ାକୁ ଆଣିବନି । ଗଛ କଣ ନା ସିଙ୍ଗୁ, କ୍ରୋଟନ, ଅର୍କିଡ୍, ଫର୍ଣ୍ଣ, ବେଗୁନଭିଲ୍ଲା, ଆହୁରି କେତେ କଣ । କେତେ କେତେ ନୂଆ ଗଛପତ୍ରର ପାର୍ଶଲ ମଧ ଆସୁଛି । ଘରେ ଚାକରବାକର କେହି ନାହିଁ । ଗଛ ଟବ୍ ସବୁ ଛାତ ଉପରକୁ ଯିବ । ସେ ନିଜେ ପାଣି ଦେବ । ଶକୁନ୍ତଳା କୁଆଡ଼େ ନିଜେ ଘଟସ୍ତନରେ ପାଣି ଦେଉଥିଲେ । ଟ୍ରକରେ ଚାରିଟା ଟବ୍ ଭାଙ୍ଗିଗଲା । ପ୍ରତିଦିନ ସକାଳେ କହୁଛି କୁଣ୍ଡ ଆଣ । ମୋର ଯେତେ ବହିପତ୍ର ସବୁ କିଏ କେଉଁଠି ଧୂଳିମଳି ଭିତରେ ପଡ଼ିଛନ୍ତି ତାର ଠିକଣା ନାହିଁ । ଫୁଲ ଟବ୍ ତାଙ୍କର, ବହିପତ୍ର ମୋର; ଏମିତି ସଂପତ୍ତି ଭାଗ ଭାଗ ହୋଇଛି ଆମର । ସେକ୍‌ସ ଲାଇଫ୍ ଆହୁରି ପେଥେଟିକ୍ । ଥଣ୍ଡାଳିଆ ସକାଳରେ ଚାଦର ଘୋଡ଼ିଘାଡ଼ି ହୋଇ ସ୍ୱାମୀ ପାଖରେ ଦଣ୍ଡେ ଶୁଅ । ନା, ସେ ଗଛରେ ପାଣି ଢାଳିବେ ଛାତକୁ ଯାଇ, ସ୍ନାନ କରିବେ; ପ୍ରଣୟବଲ୍ଲରୀ, ଶେଫାଳି ପ୍ରତି ପଢ଼ିବେ, ନହେଲେ ଗୁଣୁଗୁଣୁ ସିନେମା ଗୀତ । ଜୀବନଟା ମାଟି ହୋଇଗଲା ତୋରି ଯୋଗୁଁ । ଆତ୍ମହତ୍ୟା ମୋତେ ମୁକ୍ତି ଦବ । ମୁଁ ଯାଉଛି ।''

ଯିବାକୁ ଉଦ୍ୟତ ହୁଅନ୍ତେ ମୁଁ ତାକୁ ଜାବୁଡ଼ି ଧରି ମୋ ଖଟ ଉପରେ ବସାଇ ଦେଲି ଏବଂ ତା'ରେ ସାମାନ୍ୟ କଫି ଗୁଣ୍ଡ ପକାଇ ପିଇବାକୁ ଦେଲି । କହିଲି ''ଶରତ ସକାଳଟା ଆଜି ଖୁବ୍ ବଢ଼ିଆ ହୋଇଛି, ଚାଲ ସାଇକେଲରେ ଚକେ ବୁଲି ଆସିବା ।''

ବୁଦ୍ଧଦେବ ବ୍ୟାଧି, ଜରା ଓ ମୃତ୍ୟୁର ଦୃଶ୍ୟମାନ ଦେଖି ଗୋପାକୁ ଛାଡ଼ି ସଂସାର ବୈରାଗୀ ହୋଇ ନିର୍ବାଣ ସନ୍ଧାନରେ ବାହାରିଥିଲେ । ମୋର ଅଭିପ୍ରାୟ ଆମର ବୁଦ୍ଧଦେବକୁ ଯୋଡ଼ାଏ ତିନିଟା ସିମିତି ଦୃଶ୍ୟ ଦେଖାଇ କାମନା ଓ ମୋହଗ୍ରସ୍ତ କରି ପରମାସୁନ୍ଦରୀ ବାନ୍ଧବୀ ଗୋପା (ଶୁଭ୍ରା) ଆଡ଼କୁ ଆକୃଷ୍ଟ କରିବି ଯିମିତି ସେ ଆଉ ଶରୀର ବିନାଶ କରିବ ନାହିଁ ।

ତାଲା ପକାଇ ପଛକୁ ବୁଲିଛି ଦେଖିଲି ସୂର୍ଯ୍ୟଦେବ ଦିଗମୂଳ ଭେଦ କରି ଆମ ଆଡ଼କୁ ଅନାଉଛନ୍ତି । ହଠାତ୍ ମୋ ମୁହଁରୁ ବାହାରି ପଡ଼ିଲା ସରସ୍ୱତୀ ନଦୀ ତୀରର ପ୍ରାଚୀନ ଆର୍ଯ୍ୟଋଷିର ଆବାହନୀ ସଙ୍ଗୀତ 'ଜବାକୁସୁମ ସଂକାଶମ୍'... ପ୍ରଣତୋଽସ୍ମି

Digitized by srujanika@gmail.com

ଦିବାକରମ୍ ।'

"ଶୁଭେନ୍ଦୁ ! ଦେଖ୍ ଦେଖ୍ ।" ଯିମିତି କହିଛି ସେ କହିଲା କ'ଣ ଦେଖିବାର ଅଛି, ନିତିପ୍ରତି ଉଦୟ-ଅସ୍ତ ହେଉଛି, ଏମିତି ମୁରୁମୁରୁ କଣ ଗୁଡ଼ାଏ ହେଉଛୁ ? ପାଗଳ ନା କ'ଣ ? କାହିଁ ଆତ୍ମହତ୍ୟା କରିବାର ଗଛ ? ଶୁଭ୍ରା ଏତେବେଳକୁ..."

ଦେଖିଲି, ତାରି ଗୋଡ଼ ପାଖରେ ଥିବା ରଜନୀଗନ୍ଧାରେ କେତୁଟା ଗୋଛା, ହାତ ପାଖର ଛୋଟ ବୁଦାର ଗୁଡ଼ାଏ ଶୁଭ୍ରା ଟଗର, ମୁଣ୍ଡକୁ ଲାଗିଥିବା ପେଛା ପେଛା ମଧୁମାଳତୀ ପ୍ରତି ସେ ଭ୍ରୂକ୍ଷେପ ମଧ କଲାନାହିଁ । ଅର୍ଥାତ୍ ପ୍ରକୃତିରାଣୀର ପ୍ରଥମ ଦୃଶ୍ୟଟି ତା ମନରେ କୌଣସି ଆକର୍ଷଣ ବା ପ୍ରତିକ୍ରିୟା ସୃଷ୍ଟି କଲାନାହିଁ । ମନେ ମନେ ଭାବିଲି 'ଏଇଟା ଗୋଟାଏ କାଠ ନହେଲେ ପଶୁ ।' କହିଲି, "ଶୁଭ୍ରା କଥା କାହିଁକି ଭାବୁଛୁ ଆଉ ? ସେତ ଗଲାଣି, ତୁ ତ ଯାଉଛୁ ?"

ସାଇକେଲ ଚଢ଼ି ଦୁହେଁ ଆଗେଇଁଲୁ । ବାଁ ପାଖରେ କାନ୍ଦରା ଦେବଦାରୁ ଧାଡ଼ି, ଡାହାଣରେ ଦିଗନ୍ତ ବିସ୍ତାରୀ ଝାଉଁବଣ । ଚାହାଁ ଚାହାଁ ! "କହି କହିଲି ଶୁଭ୍ରା ରେଭେନ୍ସା କଲେଜ ପଢ଼ିଆରେ ବସି ଗାଉଥିଲା ଶ୍ଳୋକଟାଏ ଯାହାର ଅର୍ଥ ଏଇ ଯେଉଁ ଦେବଦାରୁ ଦେଖୁଛ ତାହା ବୃଷଭଧ୍ୱଜ ପୁଅ ପରି ପାଳିଛନ୍ତି; ମୁଁ ତାକୁ ଯୋଗଦେଇ କହିଥିଲି, କୀଟସ୍ ଏମିତି ଗଛଗୁଡ଼ାକୁ ସବୁଜ ପୋଷାକ ପିନ୍ଧିଥିବା ସିନେଟର୍ ବୋଲି କହିଛନ୍ତି ।"

ଶୁଭେନ୍ଦୁ ତାଚ୍ଛଲ୍ୟଭରା ଅଧା ହସଟିଏ ଦେଇ କହିଲା "ସବୁ ପାଗଳଙ୍କ ଦଳ, ସମସ୍ତ ଚିନ୍ତା ଏକାପରି, ସମାଜରେ ତାଙ୍କ ସ୍ଥାନ ନାହିଁ । କାମଦାମ କିଛି ନଥିଲେ ଲୋକ ଏମିତି ହୁଅନ୍ତି ।"

ଏଥର ଆମ ଦୁଇ ପାଖରେ ପଡ଼ିଲା ଲଘୁଧାନ କ୍ଷେତ । କ୍ଷୀର ଖାଇ ଧାନକେଣ୍ଡା ସବୁ ଦାଆ ପରି ତଳକୁ ଲମ୍ବିଛନ୍ତି, ଗୋଟିଏ ଗୋଟିଏ ପତ୍ର ଉପରକୁ ବର୍ଛାପରି ଛିଡ଼ା ହୋଇଛନ୍ତି । ସେନାବାହିନୀ ବର୍ଗାକାରରେ ସଜ୍ଜିତ ଯିମିତି । ଶିଶିର ବିନ୍ଦୁ ସବୁ ନୂଆ ସୂର୍ଯ୍ୟାଲୋକରେ କାନଗୁଡ଼ାକରେ ମୁକ୍ତା ପରି ଝଟକୁଛି, ନାକର ଗୁଣାପରି ।

ଆଗରୁ ମୁଁ କଣ କହିବି ଜାଣିପାରି ଶୁଭେନ୍ଦୁ ତାଚ୍ଛଲ୍ୟଭରା କଣ୍ଠରେ କହିଲା "ଏଠି କି କଣ ଅଟକିବା ? ଧାନକ୍ଷେତ ବିଷୟରେ କେଉଁ କବି କଣ କହିଛନ୍ତି ଶୁଣା ଏଥର ।" ଭାବୁଛି ଏ ବର୍ଷ ଏ ରୋଗା ଗଛରୁ ବେଶି ଇଲ୍ଡ୍ ହବ ?

ମୁଁ ମନେମନେ ଖୁସୀ ହେଲି ଯେ ଶୁଭେନ୍ଦୁର କିଛି କିଛି ଅଗ୍ରଗତି ହେବାର ଲକ୍ଷଣ ଦେଖାଯାଉଛି । ଅନ୍ତତଃ ସେ ଜାଣି ପାରୁଛି କେଉଁଠି କଣ ଦେଖିବା ଦୃଶ୍ୟ ରହିଛି ଏବଂ ମୋର କେଉଁଠି କବିତାର ସୁର ଫୁଟିବା ଉଚିତ ।

ଆଉ ଖଣ୍ଡେଦୂର ପରେ ସେଇଠି ପହଞ୍ଚିଲୁ ଯେଉଁଠି ପିଚୁ ରାସ୍ତାରେ ଧଳା ଫୁଲଗୁଡ଼ିକ ବୁଣିହୋଇ ପଡ଼ିଥିଲା । ସେ ଯେମିତି ଫୁଲଗୁଡ଼ାକ ଉପରେ ସାଇକେଲ ଚଳାଇଛି ମୁଁ ତାକୁ ଅଟକାଇ ଦେଇ ରହ ରହ କହିଲି । ମୋର ଆଖିର ଇଙ୍ଗିତ ବୁଝି ନ ପାରି ତଳର ରାଶି

Digitized by srujanika@gmail.com

ରାଶି ସ୍ତୂପୀକୃତ ଫୁଲଗୁଡ଼ାକ ଦେଖି ନ ଦେଖିଲା ପରି ହେବାରୁ ମୁଁ ତା ପାଖକୁ ଭିଡ଼ିଯାଇ କାନ୍ଧରେ ହାତ ରଖି କହିଲି 'ଉପରକୁ ଚାହାଁ ।' ଦୁହେଁ ଚାହିଁଲୁ । ଦୁଇ ପାଖରେ ଯୋଡ଼ାଏ ଷାଠିଏ ସତୁରୀ ହାତର ବାଉଁଶ ଝାଡ଼କୁ ଅତିକ୍ରମ କରି ଲମ୍ବା ଗଛଟା ଉପରକୁ ଉଠିଛି ଆଲୋକର ସନ୍ଧାନରେ । ଦୀର୍ଘ ଚାରିମାସ ଧରି ବର୍ଷାର ଆର୍ଦ୍ରତା, ସବୁଜିମା ପତ୍ରରେ ସଂଗ୍ରହ କରି ଅଦୂରର କାଶତଣ୍ଡୀ ଫୁଲର ଶୁଭ୍ରତାକୁ ସ୍ପର୍ଦ୍ଧିତ କରିଛି ଅପର୍ଯ୍ୟାପ୍ତ ଶ୍ୱେତ ପୁଷ୍ପରାଶିରେ । ଖଣ୍ଡେଦୂରରୁ ଧଳାମେଘ ପରି ଦିଶୁଛି । ନୀଳମେଘର ପୃଷ୍ଠପଟରେ ଝୁଡ଼ି ଝୁଡ଼ି ଫୁଲ, କଢ଼ର ପେଣ୍ଡାସବୁ ଗଛର ପ୍ରତ୍ୟେକଟି ଡାଳକୁ ତଳକୁ ଓହଳାଇ ଦେଇଛନ୍ତି ଯିମିତି ଆଉ ଗୋଟାଏ ଫୁଲର ଭାର ସମ୍ଭାଳି ପାରିବେ ନାହିଁ । ଭାବରାଶିରେ ପରିପୂର୍ଣ୍ଣ କବି କଳ୍ପନାର ସଫଳ ପରିପ୍ରକାଶ କରି ଯେପରି ଗର୍ବିତ ହୋଇ ଦଣ୍ଡାୟମାନ ।

ଆପାତତଃ ଆତ୍ମହତ୍ୟାର ଝୁଙ୍କ ଭୁଲିଯାଇ ଅସ୍ପଷ୍ଟ ସ୍ୱରରେ ଶୁଭେନ୍ଦୁ କହିଲା 'ଶେଫାଳି ।'

ମୁଁ ବିରକ୍ତ ହୋଇ କହିଲି "ଡେଫୋଡ଼ିଲ" ହୋଇଥିବ । "କଲେଜ ଜୀବନରୁ ତ ତୁ ଯୋଡ଼ିଏ ଫୁଲକୁ ଚିହ୍ନିଛୁ ପଢ଼ାବହି ଭରିଆରେ 'ଶେଫାଳି' ନ ହେଲେ 'ଡେଫୋଡ଼ିଲ ।' ଆଉ ଫୁଲ କାହିଁ ?" ମୋର ଆଖି ନିବଦ୍ଧ ଥାଏ ଧୀରେ ଧୀରେ ସକାଳ ପବନରେ ଉପରେ ଦୋହୁଲଥିବା ଫୁଲଝେଙ୍କା ଓ ଟାଙ୍ଗୁଡ଼ା ଉପରେ । ବହଳିଆ ମହକ ଭିତରେ ମୁଁ ବୁଡ଼ିରହିଥାଏ, ବର୍ଣ୍ଣାଢ଼୍ୟ ଶୋଭା ଓ ଚମତ୍କାର ମହକରେ ମନ୍ତ୍ରମୁଗ୍ଧ ପରି ।

"ଶେଫାଳି ନୁହେଁ ? ଏଗୁଡ଼ାକ ତେବେ ବଣୁଆଁ ଫୁଲ ।"

"ବଣୁଆଁ ସତ; ନ ହେଲେ ୟାର ନାଆଁ ସୀତାହାର କାହିଁକି ହୁଅନ୍ତା ? ସୀତାହାର ଫୁଲ ତୁ ଚିହ୍ନିନୁ ? ତୁ ପ୍ରକୃତରେ ବଣୁଆଁ ।"

"ୟାର ନାଆଁ ଇମିତି କାହିଁକି ? ସୀତା କଣ ହାର କରିଥିଲେ ଏ ଫୁଲକୁ ।"

"ସୀତା କାହିଁକି କରନ୍ତେ । ରାମଲକ୍ଷ୍ମଣ ହାର କରି ସୀତାଙ୍କୁ ପଞ୍ଚବଟୀ ବଣରେ ଦେଉଥିଲେ ।"

ନଇଁପଡ଼ି ମୁଁ ଅକ୍ଳେଶରେ ଗୋଛାଏ ଫୁଲ ସଂଗ୍ରହ କରୁଥାଏଁ ଏବଂ କହୁଥାଏ 'ଦିହିଙ୍କ ନାମ କଣ ଥିଲା ଯେ ପଢ଼ିବା ପଢ଼ାଇବା କାମ ତ ନଥିଲା– ଦିଟା ଗୋଟେ ହରିଣ ବା ରାକ୍ଷସ ନିମିଷକେ ମାରି ଦେଇ ଗୁଡ଼ାଏ ଫୁଲ ଆଣି ପ୍ରତିଯୋଗିତା କରି ଦିହାଇ ଠାକୁରାଣୀଙ୍କ ଜୁଡ଼ାରେ, ବେକରେ, ବାହୁରେ, ହାତରେ, କଟିରେ ବେଣୀ କରି ହାର ସବୁ ପିନ୍ଧାଇ ଦେଉଥିଲେ । ଜଙ୍ଗଲର ଦୁଃଖକଷଣ ଭୁଲାଇ ଦେଉଥିଲେ ମହାମାୟୀଙ୍କର ଏତିକି ବୁଝି ପାରୁନୁ ?"

'ଏଗୁଡ଼ାକ ଜଙ୍ଗଲୀ ଫୁଲ, ମୁଁ କଣ ଭୁଲ କହିଲି ?'

'ତୁଟା ନିହାତି ପ୍ରୋଜାଇକ୍ । ମୁଁ କହିଲି ସୀତାହାର, କେତେ ପଏଟିକ, ରୋମାଣ୍ଟିକ୍ ନାଆଁ; ତୁ କହୁଛୁ ଜଙ୍ଗଲୀ ଫୁଲ ।

Digitized by srujanika@gmail.com

ଅପ୍ରତ୍ୟାଶିତ ଭାବରେ ନିଜକୁ ସଂଶୋଧନ କରି ଶୁଭେନ୍ଦୁ କହିଲା 'ବେଶ୍, ଜଙ୍ଗଲୀ ଫୁଲ ନ ହେଲା ନାହିଁ; ଆକାଶୀ ଫୁଲ ଆକାଶରେ ଥାଏ ।'

ମୁଁ ଡେଇଁ ପଡ଼ି କହିଲି, "ବାଃ ବାଃ ଶୁଭେନ୍ଦୁ ! Congratulations ! ଆରେ ତୋର ପଏଟ୍ରି ଅଛି । ଶୁଭ୍ରାର ସଂପର୍କ ସୁପ୍ତକୁ ଜାଗ୍ରତ କରିଛି, ଅଭିବୃଦ୍ଧି ବି କରିପାରେ କାଳକ୍ରମେ । ହେଲେ ଆତ୍ମହତ୍ୟା କଥା ଭୁଲିଯା' ।

ଏତିକି କହି ଲମ୍ବା ଦୁବଘାସ କେରାଏ ଉପାଡ଼ି ଆଣି ଫୁଲଗୋଛାକ ଗୁଡ଼େଇ ଶୁଭେନ୍ଦୁର ଛାତି ପକେଟରେ ଗୁଞ୍ଜି ଦେବାକୁ ଯାଉଛି ସେ ଘୁଞ୍ଚିଯାଇ ଚିତ୍କାର କଲା, "ଏଗୁଡ଼ାକ ମୁଁ କଣ କରିବି ? ଏଇ ଫୁଲ, ଫୁଲ ଗଛ, ଫୁଲ କୁଣ୍ଡ ଲାଗି ଏତେ କଥା ହେଲାଣି । ଫେର୍ ଫୁଲ ! ମୁଁ କଣ କରିବି ଏ ଫୁଲକୁ ନେଇ ?"

"କଣ କରିବୁ ? ଶୁଭ୍ରାକୁ ଦବୁ ! ତୋର ସୀତାକୁ ଦବୁ; କହିବୁ ନିଅ ସୀତାହାର ଫୁଲ, ଆକାଶୀ ଫୁଲ । ସୀତା ଠାକୁରାଣୀଙ୍କ ଫୁଲ ।"

ମୁଁ ଯିମିତି ଏ କଥା କହିଛି ମୋ କଥାକୁ ସମର୍ଥନ କରି ଉପରୁ ଏକାବେଳକେ ତିନି ଚାରିଟା ଫୁଲ ପବନରେ ଘୂରି ଘୂରି ତା ମୁଣ୍ଡରେ ଦିହରେ ପଡ଼ିଲା । ମୋତେ ଖୁବ୍ ଚିଡ଼ି ଲାଗିଲା ତାର ଗତିପ୍ରକୃତି ଦେଖି । କହିଲି 'ତୁ ପରା ଦଉଡ଼ି ଦେଇ ମରିବୁ ବୋଲି ଆସିଛୁ । ଗଛ ଖୋଜୁଥିଲୁ, ଦେଖ ଯାଠାରୁ ଭଲ ଗଛ ଆଉ ମିଳିବ କେଉଁଠୁ ? ଯା ଚଢ଼ିଯା । ଝୁଲୁଥିବା ଦଉଡ଼ିରେ ତାଳଫୁଲ ଭିତରେ; ତୋତେ କେହି ଦେଖିପାରିବେ ନାହିଁ, ଶାଗୁଣା ନ ଉଡ଼ିଲା ପର୍ଯ୍ୟନ୍ତ । ଧର ଏ ଫୁଲ ଗୋଛାକ, ଧର୍ କହୁଛି, କହି ତା ଛାତି ପକେଟରେ ଯିମିତି ଗୁଞ୍ଜି ଦେଇଛି ସେମିତି ସେ ତଳକୁ ଫୋପାଡ଼ି ଦେଲା ।

ମୁଁ ତା ସାଇଡ୍ ପକେଟରେ ହାତ ମାରି ପ୍ଲାଷ୍ଟିକ ଦଉଡ଼ିଟା କାଢ଼ି ଆଣିଲି ଏବଂ ଯୋତା ଫିଟାଇ ଗଛମୂଳକୁ ଚାଲିଗଲି । ଡିମା ଡିମା ଆଖି କରି କପଟ କ୍ରୋଧରେ କହିଗଲି 'ତୁ ମରିବୁ ? ମରି ଜାଣୁ ? କାଓ୍ୱାର୍ଡ଼, ଅଲାଜୁକ, ଟଙ୍କାଥଳି ଛାଡ଼ି ପାରିବୁ ? ମୁଁ ମରୁଛି ଦେଖ, ତୋ ଭଳି ସାଙ୍ଗକୁ ପାଇ ମୋତେ ଜୀବନ ହାରିବାକୁ ପଡ଼ିବ । ତୁ ଜାଣୁ ମୁଁ ଶୁଭ୍ରାକୁ ଦେବୀ ପରି ଭଲ ପାଏଁ, ଜୀବନଯାକ ଫୁଲଚନ୍ଦନ ଦେଇ ପୂଜା କରିବି ବୋଲି ପ୍ରତିଜ୍ଞା କରିଛି । ତୁଟା ଗୋଟାଏ ଅପଦାର୍ଥ, ନିହାତି ପାର୍ଥିବ, ଅରସିକ, ତୋର ଅଛି ନା ସୌନ୍ଦର୍ଯ୍ୟ ଜ୍ଞାନ, ନା ଅଛି ସୌନ୍ଦର୍ଯ୍ୟ ପିପାସା । ଅଧଘଣ୍ଟାଏ ହେଲା ତୋତେ ପାଠ ପଢ଼େଇ ପଢ଼େଇ ଥକିଗଲିଣି, ତୁ ଏମିତି ଅଦ୍ରବ୍ୟ ଯେ ମୋର ସବୁ କ୍ରିୟା ବିଫଳ ହେଲାଣି । ମୋର ବଞ୍ଚିବାର ଯଥାର୍ଥ୍ୟ ନାହିଁ । ଶୁଭ୍ରା ତୋରି ନେଇ ମାନସିକ ଯନ୍ତ୍ରଣା ଭୋଗୁଥିବ । ନିର୍ଯ୍ୟାତନା ସହୁଥିବ, ମୁଁ ଶୁଣୁଥିବି, ବଞ୍ଚିଥିବି । ବରଂ ସୀତାହାର ଫୁଲପେଣ୍ଡା ଭିତରେ ଝୁଲିରହି କୋଇଲିର ଶେଷ କୁହୁ ଶୁଣି ଶୁଣି ପଚିସଢ଼ି ଝରିଯିବି ତେବେ–ହେଇ ଦେଖ ଦଉଡ଼ି ।

ହତଭମ୍ବ ହୋଇ ଶୁଭେନ୍ଦୁ କହିଲା, "ହେଲା ବାବା ! ଦେ ଫୁଲଗୋଛା, ତାକୁ ଦେବି, ତୁ ଦେଇଛୁ କହି ।"

Digitized by srujanika@gmail.com

''ମୋ ରାଣ ପକା, ତୁ ମୋ ନାଆଁ ଧରିବୁ ନାହିଁ; ଚୁପ୍‌ଚାପ୍ ଭଲ ପିଲା ପରି ଶୁଭ୍ରା ହାତକୁ ବଢ଼ାଇ ଦବୁ, ପାରିବୁ ଯଦି ଅଳ୍ପ ହସି । କହିବୁ ନିଅ ଏ ସୀତାହାର ଫୁଲ, ଆକାଶୀ ଫୁଲ ।'' ଏତକ କହି ଦଉଡ଼ିଟା ପୋଲ ତଳକୁ ଫିଙ୍ଗିଦବାର ଅଭିନୟ କରି ନିଜ ପକେଟରେ ପୂରାଇ ଦେଲି ।

ଯନ୍ତ୍ରଚାଳିତ ପରି ସେ ମୋ ହାତରୁ ଫୁଲତୋଡ଼ା ନେଲା । ସାଇକେଲ ଧରି କହିଲା, 'ଆ ଯିବା ଆମ ଘରକୁ ।' ମୁଁ କିନ୍ତୁ ଗଲିନାହିଁ । ଘରକୁ ଫେରିଲି ଉଲ୍ଲାସ ମନରେ ନିଜକୁ କହି କହି 'ମେଡ୍ ଫର୍ ଇଚ୍ ଅଦର' ନା 'ଅନ୍ ମେଡ୍ ଫର୍ ଇଚ୍ ଅଦର'!

କାର୍ଯ୍ୟାନ୍ତରରେ କେତେଦିନ ବାହେ ଚାଲିଗଲି । ପନ୍ଦରଦିନ ପରେ ଫେରି ଆସି ଦିହିଙ୍କ ଖବର ବୁଝିବା ପାଇଁ ଭୋର ସକାଳେ ଯାଇଥାଏଁ, ସେଇ ଜାଗାରେ ଏକ ଅଦ୍‌ଭୁତ ଦୃଶ୍ୟ ଦେଖିଲି । କଣ୍ଟା ଭିଡ଼ି ସାର୍ଟକୁ ତଳେ ରଖିଦେଇ ଶୁଭେନ୍ଦୁ ସୀତାହାର ଗଛକୁ ଚଢୁଛି । ମୋର 'ରହରହ ଚିତ୍କାର ଶୁଣି ଦାନ୍ତ ନିଶୁଡ଼ି ଓହ୍ଲାଇ ଆସିଲା ।

'କିରେ ଫେର୍ ଆତ୍ମହତ୍ୟା ?'

ନାଇଁ ଭାଇ !'' କହି ହସି ହସି ସେ ଓହ୍ଲାଇ ଆସିଲା । ପାଖକୁ ଆସି କହିଲା 'ସେ ଦୁର୍ଦ୍ଦିନ ଆଉ ନାହିଁ । ତୋତେ ଏତେ କିମିଆ ଆସେ । ଗୁଣିଗାରିଡ଼ି ପରି ଏ ଆକାଶୀ ଫୁଲର କାମ । ଆମ ଦିହିଁଙ୍କି ବଞ୍ଚାଇ ଦେଲୁ ।'

''ଦିହିଁଙ୍କି ନୁହେଁ, ତୋତେ । ଶୁଭ୍ରାକୁ ବଞ୍ଚାଇବାର କାହାରି ଦରକାର ନାହିଁ, ସେ ନିଜେ ବଞ୍ଚି ଜାଣେ । କଣ କଥା କହ । ଏତେ ଶୀଘ୍ର ଜୀବନ ପ୍ରତି ବୈରାଗ୍ୟ ଛାଡ଼ିଲା କିମିତି ? ଏବେ କିମିତି ଅଛ ?''

''ଯାହା ଦେଖୁଛୁ, ଆଉ କିମିତି ? ନଗି ଧରି କଣ୍ଟା ଭିଡ଼ି ଗଛ ଉପରକୁ ଚଢୁଛି ଯାହା ପିଲାଦିନେ କରି ନଥିଲି । ମୁଁ ଏବେ ପଞ୍ଚବଟୀରେ ରାମ ସାଜିଛି । ପ୍ରତିଦିନ ସକାଳେ ଚାଙ୍ଗୁଡ଼ିଏ ଆକାଶୀଫୁଲ ନେଉଛି, ସୀତାଙ୍କ ବେଣୀବନ୍ଧନ ହେଉଛି । ଏବେ ଫୁଲସବୁ ସରି ଆସିଲାଣି, ଗୋଟାଏ ଦୁଇଟା ଖସୁଛି, ତେଣୁ ଗଛରେ ଚଢ଼ି ମୋତେ ଡାଳ ସବୁ ହଲାଇ ସଂଗ୍ରହ କରିବାକୁ ପଡୁଛି । ପ୍ରତିଟି ଫୁଲ ମୋ ପକ୍ଷରେ ନୋଟ୍ ପରି ମୂଲ୍ୟବାନ । ଲୋକବାକ ଚଳପ୍ରଚଳ ପୂର୍ବରୁ ଆସି ମୁଁ ଏ କାମ ସାରି ସୂର୍ଯ୍ୟୋଦୟ ବେଳକୁ ଘରକୁ ଫେରୁଛି । ଆକାଶୀ ଫୁଲ ନହେଲେ ଶୁଭ୍ରା କିରାସିନି ଖୋଜି ବସିବ ଯେ ।''

ଘରେ ପହଞ୍ଚି ମୋତେ ଏକାବେଳକେ ସିଧା ନେଇଗଲା ଛାତ ଉପରକୁ । ବଗିଚାଟା କି ସୁନ୍ଦର ! ଶୁଭେନ୍ଦୁ ମୋତେ ପ୍ରତ୍ୟେକ କୁଣ୍ଡର ଗଛଲତା ସହିତ ଚିହ୍ନା ପରିଚୟ କରାଇଦେଲା ଯିମିତି ସେ ତାର ବନ୍ଧୁ ବାନ୍ଧବୀ ସହିତ ମୋତେ ଆତ୍ମୀୟତା ଜମାଇବାକୁ କହୁଛି । କହିଲା କିମିତି କୁଣ୍ଡଗୁଡ଼ାକ ଦୁହେଁ ଭାଗ ଭାଗ କରି ପ୍ରତିଯୋଗିତାରେ ବଢ଼ାଉଛନ୍ତି ।

ତଳକୁ ଯାଉଁ ଯାଉଁ ଦେଖିଲି, ଘର ଗୁଡ଼ାକ ସଫାସୁତୁରା, ଚକ୍‌ଚକ୍ କରୁଛି ପ୍ରତ୍ୟେକଟି ଜିନିଷ । ତାର ପଢ଼ା ଘରକୁ ପଶିଯାଇ ଆହୁରି ଅଦ୍ଭୁତ କଥା ଦେଖିଲି । ଶୁଭ୍ରା ପିଟା ମାଡ଼ି

Digitized by srujanika@gmail.com

ବସି ଛିଣ୍ଡା ପୃଷ୍ଠା ସବୁ ଅଠା ଦେଇ ଯୋଡୁଛି ଓ ପଣତ କାନିରେ ବହି ଗୁଡ଼ାକ ପୋଛି ପାଛି ଶୁଭେନ୍ଦୁର ଆଲମାରୀରେ ସାଇତୁଛି ।

ଫୁଲ ଟାଙ୍କୁଡ଼ି ରଖିଦେଇ ଶୁଭେନ୍ଦୁ ଆସିଲା । ଦଣ୍ଡେ ପରେ ଲୁଗା ବଦଳାଇ ଚା ଟ୍ରେ ଧରି ଶୁଭ୍ରା ହସି ହସି ପଶି ଆସିଲା । ପଚାରିଲା, ''ୟାଙ୍କୁ ଚିହ୍ନି ପାରୁଛ ! ଏ ପୂରା ବଦଳି ଗଲେଣି ।'' ଫୁଲଟିଏ ହାତମୁଠାରୁ ବାହାର କରି ପଚାରିଲା 'ଏ କି ଫୁଲ କହିପାରିବ ?'

ମୁଁ ମିଠା ହସ ହସି କହିଲି 'ଶେଫାଳି ନ ହେଲେ ଡେଫୋଡ଼ିଲ ନ ହେଲେ ବଣୁଆ ଫୁଲ ।

ଶୁଭେନ୍ଦୁ ମୋ କଥା ଉପରେ ପଡ଼ି କହିଲା 'ନାଁ ମ ! ଏଡ଼େ ସୁନ୍ଦର ଫୁଲର ନାଆଁ ବଣୁଆ ଫୁଲ କିମିତି ହବ ? ପ୍ରୋଟ୍ଟାଇକ୍ ନାଆଁଟା ! ସୀତାହାର ।

ମୁଁ ତା କଥା ଉପରେ ପଡ଼ି କହିଲି 'ମତେ ଜଣେ ପନ୍ଦର ଷୋଳ ଦିନ ତଳେ କହୁଥିଲା 'ସୀତାହାର' ନୁହେଁ 'ଆକାଶୀ ଫୁଲ ।'

ଶୁଭ୍ରା ପଚରିଲା, 'ୟାର ଗଛ ଅଛି ନା ଲତା ?'

କହିଲି 'ୟାର ଏତେବଡ଼ ଗଛ ଯେ ଦୁଇଜଣ ମଝିତାଳକୁ ଲମ୍ଭେ ଲମ୍ଭେ ଝୁଲିପଡ଼ି ଆତ୍ମହତ୍ୟା କରିପାରିବେ ଗୋଡ଼ ଭୂଇଁ ଛୁଇଁବ ନାହିଁ ।''

''ତିନି ଚାରି ହାତ ପ୍ଲାଷ୍ଟିକ ଦଉଡ଼ି ଲୋଡ଼ା ।'' ଦଣ୍ଡେ ପରେ କହିଲି ଏବଂ ପକେଟରୁ ଶୁଭେନ୍ଦୁ ପକେଟର ଦଉଡ଼ିକି ବାହାର କଲି । ଶୁଭ୍ରାକୁ କହିଲି ''କିରାସିନି ଅଛି ? ବୋତଲଟା ଆଣ ତ; ମୋ ଗୋଡ଼ରେ ବାତ ପଡ଼ିଛି ।''

ଶୁଭ୍ରା କଥାର ଉଦ୍ଦେଶ୍ୟ ଓ ମର୍ମ କିଛି ନବୁଝି କିରାସିନି ବୋତଲ ଯିମିତି ଆଣିଛି ମୁଁ ପ୍ଲାଷ୍ଟିକ୍ ଦଉଡ଼ିଟାକୁ ଭଲକରି ତେଲରେ ଭିଜାଇ ଦିଆସିଲି ବାହାର କଲି ।

ତା'ପରେ ଝପ୍, ଦପ୍, ହୁଦ୍ ହୁଦ୍ । ଆତ୍ମହତ୍ୟାର ଯୋଡ଼ାଏ ଆୟୁଧ ଯୋଡ଼ାଯୋଡ଼ି ହୋଇ ପ୍ରେତଲୋକକୁ ଏକାବେଳକେ ପ୍ରୟାଣ କଲେ ଆମ ତିନିଙ୍କ ବିରାଟ ଅଟ୍ଟହାସ୍ୟ ଭେଦକରି ।

Digitized by srujanika@gmail.com

# ବାସନ୍ତୀ

ବାସନ୍ତୀ ସହିତ ଏବେ ମୋର ସଂପର୍କ ଖାଲି ସାମାନ୍ୟ ହସ ଟିକକର । କେବେ କେମିତି ସାଇକେଲରେ ଦୋକାନ ବଜାରକୁ ଗଲାବେଳେ ହଠାତ୍ ତା ସହିତ ଦେଖାହେଲେ ସେ ଦଶବର୍ଷ ତଳର ହସ ଟିକକ ଫିକ୍ କରି ହସିଦିଏ । ପାନଖିଆ ଦାନ୍ତଗୁଡ଼ାକ ଏକପାଖିଆ ହୋଇ କଳ ପର୍ଯ୍ୟନ୍ତ ଦିଶିଯାଏ, ଡାହାଣ କଳର ଗୁଆପରି ପାନଖିଲ ଗେବାଟା ଚହଲମଚଳ ହୁଏ, ଆଖି ଦୁଇଟା ସାନ ସାନ ହୋଇଯାଏ । ଏବେ ତା ମୁହଁଟି ସିମିତି ଚିକ୍କଣଚାକଣ ନୁହେଁ, ବ୍ରଣ ଆଉ କ୍ଷତ ଦାଗରେ ଗାଲର ହନୁ ଚମଡ଼ାଟା ମହୁ ଫେଣା ପରି ଦିଶୁଛି । ପ୍ରତିଦାନରେ ମୁଁ ବି ପୂର୍ବପରି ଅକୁଣ୍ଠ ହସ ଦେଇ ପାରେନି, ମୁହଁର ମାଂସପେଶୀ ଢିଲା ଇତସ୍ତତଃ ହୋଇ ରସର ନକଲଟିଏ ଦିଏ । ମୁଁ ହସିଲାପରି ଦିଶେ ମାତ୍ର । ତାକୁ ଯିମିତି ଅବସ୍ଥାରେ ଦେଖେଁ, ତାହା ଲେଖିବାକୁ ଇଚ୍ଛା ହୁଏନି । ବର୍ଣ୍ଣନା କଲେ କାହାରି ପଢ଼ିବାକୁ ଇଚ୍ଛା ହବନି, କିନ୍ତୁ ବାସନ୍ତୀକି ଦେଖିବାକୁ ଶରଧା କରିବାକୁ ମୋର କାହିଁକି, ସମସ୍ତଙ୍କ ଇଚ୍ଛା ଓ ଆଗ୍ରହ ହେବ ।

ଏଇତ ମୋର ଆଜି ଦେଖାହେଲା । ଦୀର୍ଘଦିନ ବିଚ୍ଛେଦର ଶୂନ୍ୟସ୍ଥାନଟା ଯିମିତି ତାର ସେଇ ପେଟେଣ୍ଟ ହସ ଟିକକରେ ପୂରଣ ହୋଇଗଲା । ସେଦିନ ଥାଏ ପ୍ରଥମାଷ୍ଟମୀ । ମୁଁ ପଢୁଆଁ, ମୋ ସ୍ତ୍ରୀ ପଢୁଆଁ, ମୋ ପୁଅ ପଢୁଆଁ, ପୁଅର ବୋହୂ ପଢୁଆଁ, ମୋ ନାତୁଣୀ ପଢୁଆଁ, ତିନି ପୁରୁଷ ପଢୁଆଁ । ସମସ୍ତଙ୍କ ଶାଢ଼ୀ, ଧୋତୀ, ଲୁଙ୍ଗି, ଗେଞ୍ଜି, ଫ୍ରକର ଗୋଟାଏ ବଡ଼ ପ୍ୟାକେଟ କରି କିଛି ତୁଳସୀ ଓ ଗେଣ୍ଡୁଫୁଲ ନେଇ ସହର ମୁଣ୍ଡ ଜଗନ୍ନାଥ ମନ୍ଦିରକୁ ଯାଉଥିଲି । ଉଦ୍ଦେଶ୍ୟ ବୁଢ଼ା ସାଥିରେ ଦେଖାସାକ୍ଷାତ କରି ଘରକୁ ଫେରି ଘରର ତିନି ଠାକୁରଙ୍କ ପୂଜା ବଢ଼ାଇବି ଏବଂ ବଂଶପ୍ରାଣୀଙ୍କ ସହିତ ନୂଆ ଲୁଗା ପିନ୍ଧି ଲମ୍ବତମ୍ବ ପଡ଼ି କହିବି, "ଜୟ ବାପା ! ଧନ୍ୟବାଦ, ମୋତେ ପ୍ରଥମ କରି ଜନ୍ମ କରିଛ, ଜୟ ମୋରି ପରି ଅନ୍ୟ ବାପାମାନଙ୍କୁ, ଯେଉଁମାନଙ୍କ ପ୍ରଥମ ସନ୍ତାନ ସନ୍ତତି ଅକାଳ ମୃତ୍ୟୁ ନ ଲଭି ଆଜି ପର୍ଯ୍ୟନ୍ତ ବଞ୍ଚିଛନ୍ତି । ଜୀବତାଂ ଶରଦଂତମ୍ ।"

ଘରେ ସମସ୍ତେ ଓପାସରେ ରହିଛନ୍ତି, ଶୀଘ୍ର ଏକାମୁହାଁ ହୋଇ ଘରକୁ ଫେରୁଥାଏ । କଣିଆ ଚାହିଁ ଦେଖିଲି ବାସନ୍ତୀ । ଫ୍ରକ୍ ପିନ୍ଧି ଚାରି ପାଞ୍ଚବର୍ଷର ଝିଅ ଡାହାଣ ହାତ ଧରି ଚାଲିଛି । ବାଁ ହାତରେ ଫୁଲ ଚାଙ୍ଗୁଡ଼ି ଏବଂ କାଖରେ ଲୁଗା ପୁଟୁଳାଟାଏ । ଯିମିତି ଚାରି ଚକ୍ଷୁ ମିଳିଗଲା, ସେ ସେଇ ପୁରୁଣା କିନ୍ତୁ ଅତି ନୂଆ ମାର୍କାମରା ହସଟି ହସି କହିଲା,

Digitized by srujanika@gmail.com

"ଅଚ୍ଛା, ଯାଉଛି ।" କୁଆଡ଼େ, କାହିଁକି ଆଦି ପ୍ରଶ୍ନ ନ ପଚାରି ତାକୁ ପାରି ହୋଇ ଆସୁ ଆସୁ କହିଦେଲି ପାଟିରୁ ବାହାରି ପଡ଼ିଲା 'ହଉ' । ଖାଲି ଏତିକି ନଜର କଲି ଯେ ତାର ଆଜିର ଚେହେରା ଏକାବେଳକେ ଅଦୃଷ୍ଟ ପୂର୍ବ ।

ତାକୁ ଅତିକ୍ରମ କରି ଆସିବା ପରର ତିନି କିଲୋମିଟର ରାସ୍ତା ଖାଲି ତାହାରି କଥା ମନେ କରି କରି ଆସିଲି । ପ୍ରଥମ ଦିନର ଦେଖା ଏବଂ ପରବର୍ତ୍ତୀ କେତେଗୁଡ଼ାଏ ବର୍ଷର ତାର ମୋର ସଂପର୍କ ।

ଉଣେଇଶ ସୁତରୀ ସାଲ ଡିସେମ୍ବର ନଅ ତାରିଖ । ବଡ଼ ପୁଅର ବାହାଘର ଦିନ, ଶକ୍ତି ମୁତାବକ ଭଲ କରି ଆଡ଼ମ୍ବର ଓ ଜାକଜମକରେ ଜୀବନର ପ୍ରଥମ ବଡ଼ ଶୁଭକର୍ମଟା କରିବାର ଅଭିଳାଷ କରିଥାଏଁ । ଗୁଡ଼ାଏ କୁଟୁମ୍ବ, ବନ୍ଧୁବାସ, ବାପା ଗରିବ ଥିଲେ ତେଣୁ ଯେତେ ଆବର୍ଜନା ଯୋଗାଡ଼ କରି ଗର୍ବ କରୁଥିଲେ, ସଂଖ୍ୟା ବଢ଼ାଇ ଗୋଟି ଗୋଟି କରି ତାଲିକା କରି ଦେଖିଲି ସାନବଡ଼ ହୋଇ ଅନ୍ତତଃ ଚାଳିଶ ଜଣ ହେବେ । ଯୋଡ଼ାଏ ବଡ଼ ବଡ଼ କୋଠରୀ ଷୋଳ ଫୁଟରେ ବାରଫୁଟ । ଗୋଟିଏ ଅପେକ୍ଷାକୃତ ଛୋଟ, ବିବାହ ସରଞ୍ଜାମ ସବୁ ରହିଯିବ । ଯାହା ଆସିବ ତାକୁ ବୈଠକଖାନା, ଷ୍ଟୋର ଓ କିଚେନ୍‌ରେ ଠେସ ଠେସ କରି ରଖିଦେଲେ ଚାରି ପାଞ୍ଚଦିନ ଚଳିଯିବ । ବଡ଼ ଘରଗୁଡ଼ାକରୁ ଖଟ ଟେବୁଲ ଚଉକି ବାହାର କରିଦେଇ ଦରି ପକାଇ ଦେଲେ ସମସ୍ତେ ଗଡ଼ି ଯିବେ । ଅନ୍ଧ କୂପ ହତ୍ୟା ହବ ନାହିଁ । ଶୀତ ଦିନ । ପଙ୍ଖା ବୁଲାଇ ଦେବା । ମୁଣ୍ଡ ଢଙ୍କାଇ ଅନେକ ଶୋଇଯିବେ । ମଶା ଉତ୍ପାତ ବ୍ୟୁତ୍ପାତରୁ ରକ୍ଷା ମିଳିଯିବ ।

କିନ୍ତୁ ବାଥ୍‌ରୁମ ? ଇଂରାଜୀରେ ବାଥ୍‌ରୁମ୍ ଟଏଲେଟ ଯାହା ନାଆଁ ଦେଲେ ବି ମୋର ସେଇ ଗୋଟିଏ ଉଠା ପାଇଖାନା, ଅନ୍ୟ ନାଆଁ ସରଭିସ୍ ଲେଭେଟରୀ । ଇଟା, ଚୂନର, ଇଟା ସିମେଣ୍ଟର ନୁହେଁ । କେବଳ ଏଇ ପାଇଖାନା ସମସ୍ୟାରୁ ମୁଁ ବାହାଘର ନାଁ ଧରୁନଥିଲି । ଅନ୍ୟ ଗୋଟାଏ ଭଡ଼ାଘର ହପ୍ତାଏ ଦିହପ୍ତା ପାଇଁ ମିଳିଥିଲେ ମୁଁ ଚଢ଼ାଭଡ଼ା ଦେଇ ବି ନେଇଥାନ୍ତି । ମୋର ବରାବର ଭୟଥିଲା ଏ ବାହାଘରଟା ମାଡ଼ ଖାଇଯିବ ଏଇ ଗୋଟାଏ ଅସୁବିଧା ପାଇଁ । ଗାଁ ଦାଣ୍ଡରୁ ବୁଭୁକ୍ଷୁ ଆସୁଛନ୍ତି ଖାଇବେ ଯେତେ... ତା'ଠାରୁ ବେଶି । ମଲା ! ଆମେ ଏଇ ଘରେ ବଂଶପ୍ରାଣୀ ସହିତ ଯୁଗେ ହେଲା ରହିଲୁଣି, ଆପଣଙ୍କ ନାକକୁ ସାଙ୍ଗେ ସାଙ୍ଗେ ଗନ୍ଧ ପଶିଯାଉଛି !

ଡିସେମ୍ବର ସାତ ଆଡ଼କୁ ଆସିଲେ ମଧ୍ୟ ଚଳିଯାଆନ୍ତା । କିନ୍ତୁ କୁଳକୁଟୁମ୍ବ ଛଅ ତାରିଖରୁ ଆସିବା ଆରମ୍ଭ କରିଦେଲେ । ଏ ଅବସ୍ଥାରେ ଏକମାତ୍ର ତ୍ରାଣକର୍ତ୍ତା (ର୍ତ୍ତ୍ରୀ) ବେହେରାଣୀ (ତାକୁ 'ମେହେନ୍ତରାଣୀ' ବୋଲି ଦିନେ ଡାକିଲାରୁ କହିଲା 'ବାବୁ' ଆମେ ବେହେରାଣୀ ବୋଲଉଁ 'ମେହେନ୍ତରାଣୀ' କହିବୁ ନାହିଁ । ଠିକ୍ ଯିମିତି ଦିନେ 'ପୋଷ୍ଟ ପିଅନ କହିଲାରୁ ହରି ସିଂ କହିଥିଲା । ସାର ଆମେ ପୋଷ୍ଟମେନ୍, ପିଅନ ନୋହୁଁ) ଆଗରେ ସମସ୍ୟା ଉପସ୍ଥାପନ କଲି । କହିଲି 'ବୁଢ଼ୀ ! ତୁ ଆଉ ଜଣକୁ ସାଙ୍ଗ କର । ଦିନଯାକ

Digitized by srujanika@gmail.com

ଦିହେଁ ରହିବ, ଖାଇବ, ଶୋଇବ, ଚତୁର୍ଥୀ ବାସିଯାକେ, ଅଧିକା ପଇସା ବକ୍ସିସ୍ ଦେବି ।' ବୁଢ଼ୀ ତଦଣ୍ଡେ କହିଲା ''ହଉ, ଆଣିବି ଆଉ ଜଣକୁ । ହେଲେ କହି ଦଉଛି ରାଣ୍ଡ ହେଲି ବୋଲି ମୁଁ ଧୋତି ନେବିନି, ଶାଢ଼ୀ ନେବି ।'' ମୁଁ ହଁ ଭରିଲାରୁ ସେ କହିଗଲା, 'ଆଉ ଗୋଟାଏ ଟିଣ ପାଇଁ ପଇସା ଦେ, ଖରକା ମୁଠାକ ପାଇଁ କି ଟଙ୍କାଏ ଦେଇଥା । ମୁଁ ମ୍ୟୁନିସିପାଲିଟିରୁ ବ୍ଲିଚିଂ ଆଣିବି । ତୁ ଫିଲାଇନ, ଗନ୍ଧ କପୂର ଆଣ ।'' ମୁଁ ବୁଝିଗଲି 'ଦୁର୍ଗନ୍ଧ ନୈବ ଦୁର୍ଗନ୍ଧମ୍' ନୀତି ବୟାନ କରୁଛି ବୁଢ଼ୀ । ଦଣ୍ଡେ ରହି କହିଲା 'ତୁ ଜମା ଡରନା, ସଫା ନ ରଖିଲେ ମୋତେ କହିବୁ । ମୋଟେ ଗନ୍ଧ ହବନି । ଦରକାର ହେଲେ ଦଶଥର ସଫା କରିବା, ଦିନରାତି ଉଜାଗର ରହି ।'

ବିବାହର ତିନିଦିନ ପୂର୍ବର ଏ କଥାବାର୍ତ୍ତା । ମଙ୍ଗଳକୃତ୍ୟର ସକାଳେ ଘର ଠାକୁରଙ୍କ ପୂଜାପଣା ସାରି ଅଗଣାକୁ ବାହାରିଛି, ଦେଖିଲି ବୁଢ଼ୀକି । ସେ ତା ପୂର୍ବଦିନଠୁ ଆସି ରହିଲାଣି । ତାର ଠିକ୍ ପଛକୁ ଲାଗି (କି ରୂପ ! କି ରଙ୍ଗ ! କି ଠାଣି !) ଛିଡ଼ା ହୋଇଛି ଏକ ଅନିନ୍ଦ୍ୟ ସୁନ୍ଦରୀ ନବବିବାହିତା ବଧୂ । ଇଃ ଦୁନିଆଁଯାକ ଦୁଇ ବରଷ ଖୋଜାଖୋଜି କରି ଯାହାକୁ ପୁତ୍ରବଧୂ କରିବାକୁ ଯାଉଛି ସେ ୟାଠୁ ଚେହେରା ରଙ୍ଗରେ କେତେ ଊଣା ! ଇମିତି ମୋ ବୋହୂଟି ହୋଇଥିଲେ, ସତ କହୁଛି, ମୁଁ ଯଉତୁକ କଥା ଉଠାଇ ନଥାନ୍ତି । ଭଲ ଭଲ ଝିଅଗୁଡ଼ାକ ଯୁଗେ ଯୁଗେ କାହିଁକି କେଜାଣି ବିଲରେ, ଆଶ୍ରମରେ, କୁଡ଼ିଆରେ ଜନ୍ମ ହୁଅନ୍ତି କେଜାଣି ।

ପିତୁଳାଟି ପରି ଛିଡ଼ା ହୋଇଥିବା ଆଗନ୍ତୁକାର କାନ୍ଧରେ ବୁଢ଼ୀ ହାତ ଦେଇ କହିଲା, 'ଦେଖ୍' ୟାକୁଇ ଆଣିଛି, ସାଙ୍ଗ ଦବ ବଡ଼ ପୁଅର ବୋହୂ, କାଲି ଚଉଠି ଯାଇଛି ।' ତାର ଏ ବୋହୂଟିକୁ ଦେଖିଲାମାତ୍ରେ ବୁଝି ବୁଢ଼ୀ କାହିଁକି ଧୋତି ନନେଇ ଶାଢ଼ୀ ନେବାର ସର୍ତ୍ତ କରିଛି । ମୋର ଚିନ୍ତା ହେଲା ଧୋତି ବଦଳ ଶାଢ଼ୀ ଦେବାରେ ଅତି କମରେ ମୋତେ ଦଶଟଙ୍କା ଅଧିକା ପଡ଼ିଯିବ ।

ଗେଡ଼ୀ, ଗୋଲଗାଲ ବହୂଟିର ମୁଣ୍ଡରୁ ଲାଲି ଧଡ଼ିର ହଳଦିଆ ଶାଢ଼ୀର ଚାରି ଆଙ୍ଗୁଳି ଓଢ଼ଣା କାଢ଼ିଦେଇ ବୁଢ଼ୀ କହିଲା, ''ଲାଜ କରୁଚୁ କାହାକୁ, ସେ ତୋର ଅଜା, ମୁଣ୍ଡିଆ ମାର ।'' ହୁକୁମ ମାତ୍ରେ ବୋହୂଟି ମୁଣ୍ଡ ଲଗାଇଦେଲା ଅଗଣାରେ ଏବଂ ଛିଡ଼ା ହେଲା । ଦେଖିଲି, ଲାଜଗୁଡ଼ାକ ତାର ନୁଆଁଣିଆ ଆଖିରୁ ଝରି ଗାଲ ଓ ଓଠର ଲାଲି ସବୁ ସଂଗ୍ରହ କରି ଛାତିର ନାଲି ଧଡ଼ି ଦେଇ ତଳିପାରେ ଅଳତା ହୋଇ ବହିଯାଉଛି । ''କାଲି ଚତୁର୍ଥୀ ଗଲା ?'' ଜାଣି ନ ଜାଣିଲା ପରି ପ୍ରଶ୍ନଟାରେ ବୋହୂଟି ବିବ୍ରତ ହେଲା । ସେଇ ମୁହୂର୍ତ୍ତରେ ପଚାରି ଦେଲି ''ବୋହୂର ନାଆଁ ?''

''ନାଆଁ କହିଦେ, ଫେର୍ ନାଚ, ତାଙ୍କ ଘରେ ପରା କାମ କରିବୁ ।'' ବୁଢ଼ୀ କହିଲା ଗର୍ବରେ, ତାର ସୁନ୍ଦରୀ ପୁଅବୋହୂକୁ ଚାହିଁ । ମୁଁ ମାନିଗଲି, ବୋହୂ ପସନ୍ଦ କରିବାରେ ମେହେନ୍ତରାଣୀ ବୁଢ଼ୀ ମୋତେ ଟପି ଯାଇଛି ।

Digitized by srujanika@gmail.com

ଓଢ଼ଣା ଟେକୁ ଆଡ଼ ଆଖିରେ କଣିଆଁ ଚାହିଁ ଖୁବ୍ ସରୁ ଗଳାରେ ସେ କହିଲା 'ବାସନ୍ତୀ' । ବସନ୍ତର ସମସ୍ତ ସୌନ୍ଦର୍ଯ୍ୟ ଏଇ ଝିଅଟା ପାଖରେ । ହେଲେ ମଳୟର ସୁଗନ୍ଧ ପରିବର୍ତ୍ତରେ ମଳର ଦୁର୍ଗନ୍ଧ ଯା ସହିତ ଲାଗିଲା କିମିତି । 'ମଳ' ଶବ୍ଦରୁ ମଳୟର ଉତ୍ପତ୍ତି ନୁହେଁ ତ !

ଶାଶୁବୋହୂ ଦାୟିତ୍ୱରେ ପାଇଖାନା ପ୍ରସ୍ତ ଛାଡ଼ି ଦେଇ ନିଶ୍ଚିନ୍ତରେ ବାହାଘର କାମରେ ଲାଗିଗଲି । ଠାକୁର ଘର ତଥା ହୋମ ଘରର ଝୁଣାଗୁଗୁଳ କର୍ପୂର ଘୃତ ରଜନୀଗନ୍ଧାର ଗନ୍ଧ ଖନ୍ଦାର ମାଛ, ମାଂସ, ପୁରୀ, ମିଷ୍ଟାନ୍ନ ମହକ ସହିତ ବ୍ଲିଚିଂ, ଫିନାଇଲ, ଡେଟଲ ବିଧୌତ ପାଇଖାନାର ଗନ୍ଧର ଏମିତି ସମ୍ମିଶ୍ରଣ ହେଲା ଯେ, ବନ୍ଧୁବାସ କେହି ବାରି ପାରିଲେ ନାହିଁ । କେଉଁଠୁ କି ଗନ୍ଧ ଆସୁଛି ।

ଉତ୍ସବ ସରିଲା । ବନ୍ଧୁ କୁଟୁମ୍ବ ସବୁ ବିଦାୟ ନେଲେ । ପାଇଖାନା ସ୍ୱରୂପ ଫେରି ପାଇଲା । ବୁଢ଼ୀ ଓ ବାସନ୍ତୀ ବିଦାକି ପାଇଁ ଆସି ଉଭା ହେଲେ । ଚୂଡ଼ା ଉଖୁଡ଼ା ମୁଢ଼ି ମିଠାଇ ଫେଣୀରୁ ଦୁଇଜଣଙ୍କୁ ଦୁଇ ଖଲିପତର ମୋ ସ୍ତ୍ରୀ ଥୋଇ ଦେଇ ପାଞ୍ଚୋଟି ଟଙ୍କା ସାଙ୍ଗକୁ ଶାଢ଼ୀଟିଏ ଯିମିତି ବୁଢ଼ୀ ହାତକୁ ଖଣ୍ଡେ ଦୂରରୁ ଫୋପାଡ଼ି ଦେଇଛନ୍ତି, ବୁଢ଼ୀ ସେଇ ମୁହୂର୍ତ୍ତରେ ଶାଢ଼ୀକୁ ବୋହୂ କାନ୍ଧରେ ଥୋଇ ଦେଇ କହିଲା "ମୋର କାହିଁ ? ଏତେ ବଡ଼ ବାହାଘରରେ ମୋର ଲୁଗା ନାହିଁ ?" ଦଶମାଣ ଜମି ସାଙ୍ଗକୁ ପଚିଶ ଭରି ସୁବର୍ଣ୍ଣ, ଆଉ ଦୁଇ ଟ୍ରକ ଚିଜ ପାଇବା ପରେ ମୋ ସ୍ତ୍ରୀଙ୍କ ମନ ଏତେ ସରସ ଥାଏ ଯେ ସେ ସାଙ୍ଗେ ସାଙ୍ଗେ ଶ୍ୱଶୁରଙ୍କ ପାଇଁ ବୋହୂର ଆଣିଥିବା ନମସ୍କାରୀ ଧୋତିଟା ବାକ୍ସରୁ କାଢ଼ି ଆଣି ବୁଢ଼ୀକି ଦେଇ ଦେଲେ ।

ଏତିକିବେଳେ ପୁଅବୋହୂ ଦିହେଁ ଅଗଣାକୁ ଆସି ଦିହିଁଙ୍କି ଦେଖିଲେ । ବାସନ୍ତୀ ଥିଲା ପ୍ରାୟ ନିରାଭରଣା । ଟଙ୍କାଏ ଦେଢ଼ଟଙ୍କା ଦାମର 'ଗିଲଟି' କାନଫୁଲ, ନାଲି ରେଶମୀ କାଚ, ବେକରେ ନାଲି ପୋହଳା ଓ କଣ୍ଠିର ହାର । ସେ 'ଡିଉଟି'ରେ ଥିଲା । ଶାଢ଼ୀଟା ଅଣ୍ଟାରୁ ନେଇ ଛାତିରେ ଗୁଡ଼ାଇ ପୁଣି ପଛପଟେ ବୁଲାଇ ନେଇ ଏମିତି ଚୋଳ୍ରେ ବାନ୍ଧି ଥିଲା ଏବଂ ପଶାପାଲିଆ କଟକୀ ଗାମୁଛାଟାକୁ ପିଠାରେ ଏମିତି ଢାକି ଦେଇଥିଲା ଯେ, ଭରା ଯଉବନରେ ସମସ୍ତ ଉଚ୍ଚନୀଚ ମୋଡ଼ଭାଙ୍ଗର ସୁଷମା ଉତ୍କଟ ରୂପେ ପ୍ରକଟ ହେଉଥିଲା । ମୋ ବୋହୂ ବୁଢ଼ୀର ବୋହୂକୁ ଚାହିଁ ଶାଶୁଙ୍କୁ ପଚାରିଲେ "ମା' ଏ କିଏ ?" ଶାଶୁ କହିଲେ "ମେହେନ୍ତରାଣୀର ପୁଅବୋହୂ, ଆଠ ଦଶ ଦିନ ହେଲା ବାହାଘର ସରିଛି ।" ବହୁ ନିଷ୍ପ୍ରଭ ହେଲେ, ତାଙ୍କ ହାତ ବାହୁ ବେକର ପଚିଶ ଭରି ଗହଣାଗାଣ୍ଠି ନକଲି ଗହଣା ପରି ଦିଶିଲା । କେତେଦିନ ପରେ ଲକ୍ଷ୍ୟ କଲି ବୁଢ଼ୀ ଆଉ କାମକୁ ଆସୁନି । ବୋହୂ ଏକୁଟିଆ ଆସୁଛି । ବୁଝିଲି, ସେ ଆଉ ଆସିବ ନାହିଁ, ଦି' ଦିନ ଧରି ବୋହୂ ସାଙ୍ଗରେ ଘରକୁ ଘର ଚିହ୍ନାଇ ବାସନ୍ତୀକି 'ବଦଲା' ଦେଇଛି, ମ୍ୟୁନିସିପାଲଟି ଅଫିସରେ କୁହାବୋଲା କରି । ବାସନ୍ତୀ ଖଟିବ, ବୁଢ଼ୀ ଦରମା ଆଣିବ । ହେଲେ ପନ୍ଦର ପଚିଶ ଦିନରେ ବୁଢ଼ୀ

Digitized by srujanika@gmail.com

କେବେ କିମିତି ବୁଲିଯାଏ ଆଦ୍ୟ ବସନ୍ତର ଚୋରା ମଳୟକୁ ରୋକି ଦେଇ ଶୀତଦିନିଆ କାଲୁଆ ପବନ ପଶି ଆସିଲା ପରି ।

କେବେ କେମିତି ଠାକୁର ପୂଜା ସାରି ଦୈବାତ୍ ବାରିଦୁଆରକୁ ଗଲେ । ବାସନ୍ତୀକି ଦେଖେଁ ମଇଳା ଟିଣ ଧରି ଆସୁଥିବା ବେଳେ ବା ଫେରୁଥିଲା ବେଳେ । ଯେତେବେଳେ ସେ ଟିଣଟିକୁ ପିଲା କାଖେଇଲା ପରି ଅତି ସତର୍କତାର ସହିତ ଧରି ଅଣ୍ଟା ଭାଙ୍ଗି ଝାଡୁମୁଠା ହାତରେ ହଲାଇ ହଲାଇ ଚାଲିଥାଏ ଏବଂ ଭ୍ରମର ପଂକ୍ତି ପରି ବଡ଼ ବଡ଼ ନୀଳମାଛି ଗୁଡ଼ାକ ଭଣଭଣ ହୋଇ ଯାଉଥାଆନ୍ତି, ମୋର ମନେ ପଡ଼େ ଉପେନ୍ଦ୍ର ଭଞ୍ଜଙ୍କ ଲାବଣ୍ୟବତୀର ମାଲୁଣୀ ଛବିଟି ଯାହା ତଳେ ଲେଖାଥାଏ ''କୁସୁମ ଚାଙ୍ଗୁଡ଼ା କରେ, ଗୋଡ଼ାଇଛନ୍ତି ଭ୍ରମରେ' । ନାକ ଫାଟିଯାଏ ସୁ (ଦୂର) ଗନ୍ଧରେ ।

ପାଞ୍ଚବର୍ଷ ବିତିଗଲା । ସୃଷ୍ଟି ପ୍ରତିଯୋଗିତାରେ କିନ୍ତୁ ବାସନ୍ତୀ ମୋ ବୋହୂ ପାଖରୁ ହାରିଯାଇଛି । ବୋହୂରାଣୀ ଯୋଡ଼ାଏ ଝିଅ ପରେ, ନିଶ୍ଚିତ ରୂପେ ତୃତୀୟ ଆଡ଼କୁ ଚାଲିଛନ୍ତି । ବାସନ୍ତୀର ସ୍ୱାସ୍ଥ୍ୟ ଓ ଶୋଭା ଅତୁଟ । ବରଂ ସାମାନ୍ୟ ମୋଟୀ ଦିଶୁଛି, ତ୍ରିବଳୀ ଚର୍ବିଳ ହୋଇଛି । ଆଶ୍ଚର୍ଯ୍ୟ ଲାଗିଲା ଯେଉଁ ସାହିରେ ଅହନ୍ୟହନି ଭୂତାନି ଜନ୍ମଲାଭ କରୁଛନ୍ତି କୃମି ପୋକମାଛି ପରି, ସେଠି ବାସନ୍ତୀ ବାଂଝ ?

ଦିନେ ଦେଖିଲି ମୋ ସ୍ତ୍ରୀ ତାଙ୍କ ନାତୁଣୀ ଦିହିଁଙ୍କି ତୈଳହରିଦ୍ରା କରି ସ୍ନାନ କରାଉଛନ୍ତି, ବାସନ୍ତୀ ତନ୍ମୟ ହୋଇ ବାଡ଼ିଦୁଆର କାଠକୁ ଧରି ଛିଡ଼ା ହୋଇ ଦେଖୁଛି, ବିଶେଷକରି ଛାତି ପେଟରୁ ହାତ ତଳ ଉପର କରି ଲଙ୍ଗୁଳାଙ୍କି ଘଷାଘଷି କଲାବେଳେ, କ୍ରମେ ବାସନ୍ତୀର ଆଖି ଦୁଇଟା ଆର୍ଦ୍ର ହେବାର ମୁଁ ଲକ୍ଷ୍ୟ କଲି ।

ଆଉ ଦିନେ ମୋ ସ୍ତ୍ରୀ ବା ବୋହୂ କେହି ଦେଖୁ ନଥିଲା ବେଳେ (ସେମାନେ ଆଦୌ ପସନ୍ଦ କରନ୍ତି ନାହିଁ ଗୋଟିଏ ହାଡ଼ିଆଣୀ ସହିତ ମୋର ଆଳାପ ମେଳାପକୁ) ପଚାରିଲି, ''ତୋର ସ୍ୱାମୀ କ'ଣ କରେ ? ଛାତି ଫୁଲାଇ ସେ ଉତ୍ତର ଦେଲା 'ଡାଇଭର' । ଯୋଡ଼ିଲା ଏଇ ରାସ୍ତା ଦେଇ ସେ ସବୁଦିନ ଯାଆସ କରେ, ଗାଡ଼ିରେ । ପୁଣି ଦଣ୍ଡେ ରହି ଏଇତ ଗାଡ଼ି ଶବ୍ଦ ଶୁଭୁଛି, ଆସିଯିବ । ସେକେଣ୍ଡକ ପରେ ହେଇତ ଆସିଲା ।'' ''ନା କଣ ?'' ପଚାରିଲି । ଗାଡ଼ି ଆଡ଼କୁ ଚାହିଁ କହିଲା 'ଚେମା' ।

ଦେଖିଲି ଚେମା ବାବୁ ପୁରା ଧୈର୍ଯ୍ୟ ଓ ଆତ୍ମବିଶ୍ୱାସ ନେଇ ସିଧାସଳଖ ଟ୍ରେକଟରରେ ବସିଛନ୍ତି । ମୁଣ୍ଡ ଉପରେ ପୂରା ଶକ୍ତିରେ ଭଗବାନ ସୂର୍ଯ୍ୟଦେବ । ଚେମା ବାବୁଙ୍କ ପୋଷାକପତ୍ର, ଚୂଳକଟା, ଠାଣି, ଗଗ୍‌ଲସ୍ ଦେଖିଲେ ମଫସଲର ଯାତ୍ରାପାର୍ଟିର ଶ୍ରୀକୃଷ୍ଣ, ନହେଲେ ବଜାରର ବେଙ୍କରୁ ଲୋନ୍ ନେଇ ନୂଆ ଗାଡ଼ି କିଣିଥିବା ରିକ୍ସାବାଲା, ଅଥବା ପୂରାପୂରି ସରକାରୀ ସାହାଯ୍ୟରେ ପଢୁଥିବା ଏକ ଥାର୍ଡ଼ ଡିଭିଜନ ଫେସନୀ କଲେଜ ଟୋକା ହୋଇଥିବ । ଟ୍ରେକ୍‌ଟର ପଛରେ ଯୋଚା ଲାଲି ରଙ୍ଗର ପୁରୁଣା ପେଟ୍ରୋଲ ଟାଙ୍କି, ଯହିଁରୁ Highly inflammable ଅକ୍ଷର ଲିଭି ନାହିଁ । ଚେମାକୁ ଦେଖିଦେଲା ମାତ୍ରେ

Digitized by srujanika@gmail.com

ବାସନ୍ତୀ ଦ୍ରୁତପଦରେ ଯାଇ ମଇଳାଟାଙ୍କିର ଢାକୁଣି ଖୋଲି ନିଜ ଟିଣର ମାଳତକ ଖଲାସ କରିଦେଲା ଏବଂ କାନିରୁ ପାନ ଖିଲଟିଏ ଖୋଲି ଚେମାବାବୁଙ୍କୁ ଖୁଆଇ ଦେଲା ଏବଂ ଧାଇଁଲା ଗାଡ଼ି ପଛେ ପଛେ ସହର ମଝିର ଏକ ପୋଲ ପାଖକୁ, ଯେଉଁଠି ସହରର ସମସ୍ତ ମଳଭାଣ୍ଡର ମେଳନ ହୁଏ, ଦିନ ବାରଟାରେ ।

ବାସନ୍ତୀର କାମ ହେଲା ଟିଣକୁ ଟିଣ ମଇଳା ଢାଳି ଟାଙ୍କିରେ ପୂରାଇବା । ଯିମିତି ବିବାହବ୍ରତ, ମନ୍ତ୍ରୀଙ୍କ ଭୋଜିରେ ପରଶୁଣୀମାନେ ପଲାଉ ବା ମାଂସ ବା ପାୟସ ହଣ୍ଡାକୁ ଗର୍ବରେ ଫୁଲି ଧାଁଧପଡ଼ ହୋଇ ସାବଧାନରେ ପରଶନ୍ତି ଏବଂ ଟୋପାଏ ପଡ଼ିବାକୁ ଦିଅନ୍ତି ନାହିଁ ବା ମୋ ସ୍ତ୍ରୀ ବେଲାରୁ ଅଙ୍ଗୁଳିରେ ପୋଛି ପୋଛି କଞ୍ଚା ଇଲିସି ବେସର ଯିମିତି ନିର୍ମଳ ସଫାକରି ଦିଅନ୍ତି; ବାସନ୍ତୀ ସେମିତି ସତର୍କତା ଓ ଆଗ୍ରହରେ ଟିଣସବୁ ସଫାକରେ । ବାଟରେ ଯାଉଥିବା ଲୋକେ ଭାବିପାରନ୍ତି ନାହିଁ କିମିତି ଏତେ ମସଲା ମହକର ଶେଷ ପରିଣତି ଏମିତି ନାକଫଟା ଦୁର୍ଗନ୍ଧ । ମୋର ବିଶ୍ୱାସ, ବାସନ୍ତୀର ନାକରେ ଘ୍ରାଣଶକ୍ତି ସଂପନ୍ନ ସ୍ନାୟୁ, ପ୍ରଶିରା ମରି ଯାଇଥିବେ ବା ଅକାମୀ ହୋଇ ଯାଇଥିବେ ।

ସମଧିକ କୁତୁହଳୀ ହୋଇ ପୁଣି ଦିନେ ପଚାରିଲି, 'ତୋର ଘରଟା କେଉଁଠି ?'

''ଗାନ୍ଧି କଲୋନୀରେ''

''ଠିକ୍ କେଉଁ ଜାଗାରେ ?''

''ଜହରଲାଲ ରୋଡ଼ରେ,''

ଦଣ୍ଡେ ରହି କହିଲା, ''ଯେଉଁଠି ବାଘାଯତୀନ ରୋଡ଼, ବିବେକାନନ୍ଦ ମାର୍ଗ ଓ ଗୋପବନ୍ଧୁ ସରଣୀ ମିଶିଛି, ଠିକ୍ ସ୍ୱରାଜ୍ୟ ଆଶ୍ରମ ପାଖରେ ।''

ମୁଁ ଆଶ୍ଚର୍ଯ୍ୟ ହେଲି ଏତେ କଷ୍ଟ ନାଆଁ ମନେ ରଖିଛି କିମିତି । ଟିକିଏ ହସି ପଚାରିଲି, ''ସେଠି ତ ସବୁ ବଡ଼ ବଡ଼ ଲୋକଙ୍କ ରାସ୍ତା, ଘର କେଉଁଠି ଥିବ ?''

ଦିନେ ସେଇ ରାସ୍ତାଦେଇ ଗଲି ଏବଂ ସ୍ଥାନ ଶିଖିଲି । ଅତିବେଶୀ କୁତୁହଳୀ ହେଲେ ଅତି ଜଘନ୍ୟ ପଦାର୍ଥ ଦେଖିବାକୁ ବି ମଣିଷ ପ୍ରସ୍ତୁତଥିବ । ଉଭୟ ସେଠି ମଣିଷ ଘୁଷୁରି ସମାନ । ଚାରି, ଛଅ, ଆଠ ଛୁଆ, ଉଭୟ ଘୁଷୁରି ଓ ମଣିଷର । ଉଭୟ ଜାତି କଳା କଳା, ନାକ ସଡ଼୍‌ସଡ଼ । ଅବଶ୍ୟ ଘୁଷୁରିଥିବାରୁ ମଣିଷ ବଞ୍ଚିଛନ୍ତି । ଦୂରରୁ ଦେଖିଲି ଗୋଟାଏ ସବାଇ ଦଉଡ଼ି ଖଟରେ ବାସନ୍ତୀ ବସି ସାମନାରେ ଛୋଟ ଛୋଟ ପିଲାପିଲିଙ୍କି ଖେଳାଉଛି । ଦୂରରୁ ମୋତେ ଦେଖି ଫିକ୍‌କରି ହସିଲା । ଇଚ୍ଛା ହେଉଥିଲା ତା ପାଖକୁ ଯାଇ କଣ କିଛି ପଚାରନ୍ତି ବା ତା ଘର ଭିତରଟା ଦେଖନ୍ତି ଓ ଆଉ ଟିକିଏ ଆତ୍ମୀୟତା ଜମାନ୍ତି; କିନ୍ତୁ କେହି ଦେଖିଲେ କଣ ଭାବିବ ?

ବାସନ୍ତୀ କାମ କରି ଚାଲିଥାଏ । ଘଡ଼ି ଘଣ୍ଟା କଳକବ୍ଜା ପରି । ଦହିବଡ଼ାରୁ ଲହୁଣୀଟିକକ ସଫା କଲାପରି ସେ ଆମ ମଳଭାଣ୍ଡ ସଫା କରେ, ଧୋଇଧାଇ ଦିଏ ଏବଂ ଅଗଣା ଖରକେ । 'ମା ଯାଉଛି' କହି ଧୀରେ କବାଟ ଆଉଜାଇ ଦେଇ ଚାଲିଯାଏ ।

Digitized by srujanika@gmail.com

ଆମେ ବୁଝି ପାରିଲୁନି କାହିଁକି ସେ ଆମକୁ ଏତେ ଶରଧାଭରା ସେବା ଦେଉଛି, ପର୍ବପର୍ବାଣିରେ ମାଗୁ ନ ମାଗୁ ଟଙ୍କାଏ ମଣାଏ ଦୂରରୁ ଆମେ ଫୋପାଡ଼ି ଦେଉଁ ।

ଦିନେ ସେ ଧରାପଡ଼ିଗଲା । ପୂର୍ବଦିନ ଅଗଣା ତାରରୁ ଶାଢ଼ିଟିଏ ଓ ବ୍ଲାଉସଟିଏ ଅନ୍ତର୍ଦ୍ଧାନ ହୋଇ ଯାଇଥାଏ । ଆମେ ସମସ୍ତେ ବାସନ୍ତୀକୁ ସନ୍ଦେହ କଲୁଁ ।

ପୁରୀରୁ ମୁଁ ଶହେ ଟଙ୍କା ଦେଇ ତିନିଠାକୁରଙ୍କ ମୂର୍ତ୍ତି ରଖିଛି । ଗାଧୋଇ ପାଧୋଇ 'ନ ଜାନାମି ମନ୍ତ୍ରମ' କହି ଫୁଲ କେତୁଟା ଦିଏ ଓ ଧୂପ ଦୀପ ଦିଏଁ । ଲୋକ ଦେଖାଣିଆଁ ମୋର ଦେବଭକ୍ତି ଅତି ବେଶି ହେଲେ ଦିହପା ଖରାପ ହେଲେ ଡାକ୍ତର ଆସିବା ପର୍ଯ୍ୟନ୍ତ ଠାକୁରମାନଙ୍କ ଉପରେ ନିର୍ଭର କରେ । ମୋଟ ଉପରେ ସ୍ତ୍ରୀଙ୍କ ତାଗଦା ଓ ଭୟରେ ଏ ଜଗନ୍ନାଥ ପ୍ରୀତି । ପୁଅବୋହୂଙ୍କ ଧର୍ମ କର୍ମ ପ୍ରତି ଆସ୍ଥା ଥାଉ ନ ଥାଉ ଆଗ୍ରହ ନାହିଁ । ସେମାନେ ଏକ କଥାରେ ସ୍ଥିତିବାଦୀ ।

ଧୂପ ଝୁଣା ଗୁଗୁଳ ଅଗରବତୀରେ ଘର ଧୂମମୟ, ସୁଗନ୍ଧମୟ କରି ବାହାରକୁ ଆସି ବାଡ଼ି କବାଟ ଫାଙ୍କରେ କିଏ ଜଣେ ଛିଡ଼ା ହୋଇଥିବାର ଦେଖି ଧାଇଁଯାଇ କବାଟ ଫିଟାଇ ଦେଖେଁ ତ ବାସନ୍ତୀ ।

''ଛିଡ଼ା ହୋଇ କବାଟ ଫାଙ୍କରେ କଣ ଦେଖୁଥିଲୁ ?'' ଆଦୌ ଚମକି ନପଡ଼ି ପୁରୁଣା ହସଟି ହସିଲା, ପ୍ରଶ୍ନର ଉତ୍ତର ନାହିଁ । ଦେଖିଲି ନଡ଼ିଆ ଗଛ ମୂଳରେ ଟିଣଟି ଥୁଆ । ଟିକିଏ ଉଚିତ ଭାବି କହିଲି ତୁ ଠିକ୍ ମୋ ପୂଜା ବେଳକୁ ଏ ଟିଣ ଧରି ଆସୁଚୁ । ଟିକିଏ ଡ଼େରିରେ ବା ସହଜ ଆସିଲେ ହ'ନ୍ତାନି ? ଟିଣଟା ଏଠି ରଖିବୁ ନାହିଁ, ରାସ୍ତା କଡ଼ରେ ରଖିବୁ ।''

ଏତିକିବେଳେ ରୋଷେଇଘରୁ ସ୍ତ୍ରୀ ଓ ବୋହୂ ଏକାସାଙ୍ଗରେ ବାହାରି ପଡ଼ିଲେ । ସ୍ତ୍ରୀ କହିଲେ, ''ମେହେନ୍ତରାଣୀ ! କାଲିଠାରୁ ତୁ ବାହାରେ ବାହାରେ କାମ କରି ଚାଲିଯିବୁ । 'ଚୋରି ହେଉଛି' ଅଗଣା ସଫା କରିବା ଦରକାର ନାହିଁ, ଆମେ କରିବୁଁ । ପଛରୁ ବାହାରି ପଡ଼ି ବୋହୂ 'କହିଲେ, ସେ ଝିଅଟାକୁ ସାଙ୍ଗରେ ଆଣିବୁ ନାହିଁ । ଗେଣ୍ଡୁ ଫୁଲଗୁଡ଼ାକୁ ସେଦିନ ଚାହୁଁଥିଲା । ପାଞ୍ଚମିନିଟ୍ ଭିତରେ ଟର୍ଣ୍ଣାଡୋଟା ଯିମିତି ଗାଁଟାକୁ ନିଶ୍ଚିହ୍ନ କରିଦେଲା; ଏ ଦୁହେଁ ସିମିତି ମାଡ଼ିଆସି ଝିଅଟାକୁ ପେଟେଇ ଦେଇଗଲେ ।

ଭଗବାନଙ୍କ ଏ ଅନ୍ୟାୟ କ୍ରୋଧର କୌଣସି କାରଣ ଧ୍ୱଂସପ୍ରାପ୍ତ ଗାଁବାଲାଏ ଯିମିତି ଜାଣିଲେ ନାହିଁ । ବାସନ୍ତୀ ସିମିତି ହୋଇ ଜିଜ୍ଞାସୁ ନୟନରେ ମୋ ଆଡ଼କୁ ଚାହିଁ ସିମେଣ୍ଟ ବେଞ୍ଚରେ ବସିଥିବା ଝିଅଟି ଆଡ଼କୁ ଗଲା । ''ଇଏ କିଏ ? ୟାକୁ କେଉଁଠୁ ଆଣିଲୁ ?''

''ଡାକ୍ତରଖାନାରୁ ଆଣିଥିଲି ଯେ ଭାରି ହଇରାଣ ହେଉଛି । କେବେ ଦିହ ଭଲ ନାହିଁ । ଦୁଧ, ଔଷଧରେ ସବୁ ଦରମା ଶେଷ । ସବୁବେଳେ କାନ୍ଦୁଛି, ସଙ୍ଗରେ ଧରି ବୁଲୁଛି । ଗରିବର ଦୁଃଖ କେବେ ସରେ ନାହିଁ ଅଜ୍ଞା, ପରର ଝୁଆ କି ନିଜର ହବ ?

Digitized by srujanika@gmail.com

ନିଜର ଥିଲେ... ଦଣ୍ଡେ ରହି କାନ୍ଦ କାନ୍ଦ ହୋଇ କହିଲା...''ଭୁଲ୍ କରିଛି, ଏ ଝିଅଟାକୁ ଆଣି, ପାଳିବା ସାର ହବ ଯାହା ।''

ଆମେ ଯିମିତି ଚିକିତ୍ସା ଆରମ୍ଭ କଲୁଁ, ଭାବିଥିଲି ବାସନ୍ତୀ ଆଉ ଆସିବ ନାହିଁ, ଶାଶୁ ବୁଢ଼ୀକି ପଠେଇବ । ନା, ଚୋରଣୀ ଡାହାଣୀ ଯାହା କହିଲେ ବି ସେ ଅଲାଜୁକି ଆସିଲା ।

ସାଲବେଗ ଜାତୀୟ ଭକ୍ତ ଯିମିତି ଗରୁଡ଼ସ୍ତମ୍ଭ ସନ୍ନିଧରେ ଛିଡ଼ାହୋଇ ପତିତପାବନ ଦେଖନ୍ତି ବା ଜଗନ୍ନାଥ ମନ୍ଦିରର କବାଟ ବନ୍ଦ ଥିଲେ ଭକ୍ତମାନେ ଯିମିତି କବାଟର ଗୋଲ କଣା ଭିତର ଦେଇ ଜଗତୀ ଉପର ତିନି ଠାକୁରଙ୍କୁ ଦେଖନ୍ତି, ଗୋଇନ୍ଦାଗିରି କରି ମୁଁ ଜାଣିଲି, ବାସନ୍ତୀ ସିମିତି ପ୍ରତିଦିନ କବାଟ ଫାଙ୍କ ଦେଇ ମୋ ଘର ଠାକୁରଙ୍କୁ ଦେଖେ । ଆମ କଥା ଅନୁସାରେ ସେ ପୂଜାର ଅନେକ ଆଗରୁ ଆସେ, ପାଇଖାନା କାମ ସାରି ଟିଣ ଖରକା ନେଇ ଖଣ୍ଡେ ଦୂରରେ ରଖିଦେଇ ଆସେ । ଗାଡ଼ିଆରେ ହାତ ଗୋଡ଼ ମୁହଁଧୋଇ ପୋଛି ଘାଟର ସିମେଣ୍ଟ ବେଞ୍ଚରେ ବସିଥାଏ । ଘଣ୍ଟି ଶୁଣିଲେ କବାଟ ଫାଙ୍କ ଦେଇ ଅନାଏଁ, ନ ହେଲେ ବେଞ୍ଚଟା ଉପରେ ଛିଡ଼ାହୋଇ ଅନୁଚ ପାଚେରୀ କାନ୍ଥ ଉପର ଦେଇ ସିଧାସଳଖ ଭିତର ଦୁଆର ଦେଇ ତିନି ଠାକୁରଙ୍କୁ ଦେଖେ । ଅପେକ୍ଷା କରିଥିଲାବେଳେ ଛୋଟ ଝିଅଟି ସାଙ୍ଗରେ କଣ ଭୁଟୁରୁଭୁଟୁରୁ ହେଉଥାଏ ।

ରୋଗୀ ଯିମିତି ବସନ୍ତ ଓ ମଳୟର ଦାଉରୁ ରକ୍ଷା ପାଇବା ପାଇଁ ଦକ୍ଷିଣ ଦରଜା ଝିଡ଼ିକି ବନ୍ଦ କରିଦିଏ, ଶାଶୁବୋହୂ ସିମିତି ବାସନ୍ତୀ ଓ ତାର ଝିଅର ଦୌରାତ୍ମ୍ୟରୁ ରକ୍ଷା ପାଇବା ପାଇଁ ଘରବାଲା ସାଙ୍ଗରେ ସଲାସୂତ୍ରରା ହୋଇ ପାଚେରୀ କାନ୍ଥ ଦୁଇ ଫୁଟ ବଢ଼ାଇ ଦେଲେ ଓ ପାଇଖାନା ସେପ୍‌ଟିକ୍ କରି ଦେଲେ, ନୂଆ କବାଟ ବି ଲଗାଇ ଦେଲେ, ଯିମିତି ବାସନ୍ତୀର ଛାଇ କି ପବନ ପଶିବ ନାହିଁ । ବାସନ୍ତୀ ଆସିଲା ନ ଆସିଲା, ସେ କଥାରେ କେହି ବ୍ୟସ୍ତ ବିବ୍ରତ ହେଲେ ନାହିଁ ।

ପ୍ରାୟ ବର୍ଷେ ପରେ ଆଜି ମନ୍ଦିରରୁ ଫେରିବା ବାଟରେ ଯିମିତି ସେ ହସି ଦେଇ 'ଯାଉଛି' କହିଲା, ମୁଁ ବିହ୍ୱଳିତ ହୋଇ କିଛି ନ ବୁଝି 'ହଉ' କହିଦେଲି । ଘରେ ପହଞ୍ଚି ନୂଆ ଲୁଗାପଟା ଠାକୁର ପାଖରେ ଥୋଇ ଜୁହାର ହେଉଛି, ବାଡ଼ି ପଟେ ଖଡ଼୍‌ଖଡ଼୍ ଶବ୍ଦ ଶୁଭିଲା । ନିଶ୍ଚୟ ବାସନ୍ତୀ ।

ଚିରପୋଷିତ ଆକାଂକ୍ଷା ପୂରଣ ହେବାକୁ ଯାଉଥିବା ମୁହୂର୍ତ୍ତରେ ଯେଉଁ ଆବେଗ ଓ ଉତ୍‌କଣ୍ଠା ମଣିଷକୁ ଅଧୀର କରିଦିଏ, ସେମିତି ବାଷ୍ପାକୁଳ କଣ୍ଠରେ ମୋ ଆଗରେ ଗୋଟାଏ ଖଲିପତରରେ ଶାଢ଼ିଟିଏ, ଫ୍ରକ୍‌ଟିଏ ଏବଂ ଛୋଟ ନଗନ୍ୟ ରଙ୍ଗୀନ୍ ଜାମାପେଣ୍ଟ ଏବଂ ଆଉ ଗୋଟାକରେ ବଡ଼ ବଡ଼ ଏଫ୍ରିକାନ ଗେଣ୍ଡୁଫୁଲ ପୁଞ୍ଜାଏ ଥୋଇ ଦେଇ ବାସନ୍ତୀ କହିଲା, ''ଅଜା, ଏତକ ଠାକୁର ପାଖରେ ଛୁଆଇଁ ଦିଅ । ଆମେ ତିନିହେଁ ପ୍ରଥମାଷ୍ଟମୀ ମାନିବା ।''

Digitized by srujanika@gmail.com

ସର୍ବନାଶ । ଛୋଟ ଲୋକଙ୍କୁ ପ୍ରଶୟ ଦେଲେ ମୁଣ୍ଡରେ ଚଢ଼ି ବସିବେ । ମୁଁ ହୁଏତ ତାକୁ ଅଗଣାକୁ ନେଇ ଖଣ୍ଡେ ଦୂରରୁ ବରଣ୍ଡାରୁ ଦର୍ଶନ ବ୍ୟବସ୍ଥା କରିଥାନ୍ତି; କିନ୍ତୁ ଘର ଭିତରେ ମଠା ଶାଢ଼ି ପିନ୍ଧି ବୁଢ଼ୀ ବାଘୁଣୀ ପରି ଘୂରି ବୁଲୁଛି । ଦେଖିଦେଲେ ଝୁଣି ଦେବ, ପ୍ରଥମାଷ୍ଟମୀକୁ ଦ୍ୱିତୀୟାଷ୍ଟମୀ କରିଦବ।

କହିଲି ବାସନ୍ତୀ, ''ତୁ ଆଉ ଦିନେ ଆ । ଆଜି ପୂଜାପଣା ଧୂପଦୀପ ସରିଲାଣି । ତା'ଛଡ଼ା ମୋ ଠାକୁର ସିମିତି ପ୍ରତ୍ୟକ୍ଷ ନୁହନ୍ତି । ସଜନା କାଠ ଉପରେ ମାଟି ଗୋବର କନା ଦେଇ ରଙ୍ଗ ହୋଇଛି । ତାଠୁ କିଛି ଫଳ ପାଇବୁନି, ଯେତେ ମନାସିଲେ ବି ।''

ପୂରା ଅବିଚଳିତ ରହି ସେ କହିଗଲା 'ଅଚ୍ଛା ! ତୁମେ ନ ପାଇଲେ ବି ତ ମୁଁ ପାଇଛି । ମୋତେ ତୁମେ ମେହେନ୍ତରାଣୀ ବୋଲି ଯେତେ ଗାଳିଗୁଲଜ ଛି ଛା କର, କଲେ ବି କବାଟ ଫାଙ୍କ ଦେଇ, ପାଚେରି ଉପର ଦେଇ, ତୁମର ଠାକୁରଙ୍କୁ ଦେଖିଛି, ମୋର ସବୁ ଦୁଃଖ କହିଛି । ନହେଲେ ଏତେ ଦିନ ପରେ ପୁଅ ପାଆନ୍ତି କିମିତି । ଆଜି ସିନା ପାଚେରି ଉଠେଇଲ, ନୂଆ କବାଟ ଲଗାଇଲ, ନହେଲେ ତୁମକୁ ଖୋସାମତ ନ କରି ଚୋରଣୀ ପରି ଦେଖି ଦେଇ ଚାଲି ଯାଆନ୍ତିଣି ?''

ଏତକ କହି କଣ୍ଢେଇପରି ଲଙ୍ଗଳା ଟିକି ପୁଅକୁ ମୋର ଅଗଣାର ଶରଧା ବାଲିରେ ଗଡ଼ାଇ ଦେଲା ଏବଂ ଫୁଲ ପୁଞ୍ଜାକ ଠାକୁରଙ୍କ ଆଡ଼କୁ ଫୋପାଡ଼ି ଦେଲା । ଗଲାବେଳେ ମୋ ଆଡ଼କୁ ପୂର୍ବ ହସର ସଂଶୋଧିତ ସଂସ୍କରଣଟିଏ ଦେଇଗଲା ଯାହା ଏବେ ବି ମୋ ଛାତିକୁ ଦହୁଛି ମଳୁଛି ।

ଶାଶୁବୋହୂ ପୁଅନାତି ଲାଗି କେବେ କିମିତି ମନ ଦୁଃଖ ଝଗଡ଼ାଝାଟି କରି କନ୍ଦାକଟା ସକସକ ହୁଅନ୍ତି । ମୁଁ ମନେମନେ କହୁଥାଏ ''ବାଡ଼ି ଦୁଆର ଆମ୍ବ କାଠର କବାଟ ଫାଙ୍କ ଦେଇ ମେହେନ୍ତରାଣୀଟା ଆମ ଦେଖନ୍ତରେ କନ୍ଦର୍ପ ପରି ପୁଅ ବୁଢ଼ୀ ହାତରୁ ଟାଣି ନେଇ ଚାଲିଗଲା ଅଥଚ କେତୁଟା କିଛି ତ୍ୟାଗ ତପସ୍ୟା ନକରି ଫଳ ଖୋଜୁଛୁ ।''

Digitized by srujanika@gmail.com

# ଶ୍ୱେତ ପଦ୍ମ

''ଫୁଲ ନା କଣ ନେଉଛୁ ?''

ଲୋକଟା କିଛି ଜବାବ ଦେଲା ନାହିଁ; ପଟାପଟ୍ ଚାଲିଲା ପିଚୁ ରାସ୍ତାରେ ଖାଲି ପାଦରେ, କାହିଁ ନ ଅଟକି । କାଳେ ଶୁଣି ପାରିଲା ନାହିଁ ଭାବି ଜୋର ପଦକ୍ଷେପରେ ତା ନିକଟତର ହେଲି ଏବଂ ପୁଣି ପଚାରିଲି, ଅପେକ୍ଷାକୃତ ଜୋରରେ, ''ପଦ୍ମଫୁଲ ନା କ'ଣ ?''

''ହୁଁ, ଶବ୍ଦଟାଏ ଏଥର ତା ତଣ୍ଟିରୁ ବାହାରିଲା । ଗଳା ବସି ଯାଇଥିଲା ବୋଧହୁଏ, ଶୁଖିଯାଇଥିଲା ହୁଏତ । ପରିଶ୍ରମ କରି ଅନିଚ୍ଛାରେ ହୁଁ ଟାକୁ ବାହାର କରିବାକୁ ପଡ଼ିଲା ଯିମିତି ଆଈମା ପାଖରୁ ଗପ ଶୁଣୁଥିବା ପିଲା ଅନ୍ୟମନସ୍କ ହୋଇ ''ଶୁଣୁଛୁ ନା ଶୋଇ ପଡ଼ିଲୁ ?'' ପ୍ରଶ୍ନର 'ହଁ' ଉତ୍ତର ଦିଏ ଗଳାରେ ଜମିଥିବା ବାଷ୍ପ ଓ ନାଳକୁ ସଫାକରି ।

ଆଜି କୁମାର ପୂର୍ଣ୍ଣିମା । ନାଆଁକୁ ମାତ୍ର, କୁମାରଙ୍କ ପୂଜା କାହିଁ ନାହିଁ । ସର୍ବତ୍ର ଲକ୍ଷ୍ମୀ ପୂଜା । ଯେଉଁଠି ଯେଉଁଠି ଚାରି ପାଞ୍ଚ ଦିନ ତଳେ ଦୁର୍ଗା ମେଢ଼ ଥିଲା, ତାହା ଆଜି ଲକ୍ଷ୍ମୀ ମେଢ଼ରେ ପରିଣତ ହୋଇଛି । ମଣ୍ଡପରେ ଲକ୍ଷ୍ମୀ ଏକୁଟିଆ, ପାଦତଳେ ପେଚା । ମୟୂର ଉପରେ ଦେବରାଜ୍ୟର ସୁନ୍ଦର ତମ ତରୁଣ ମୂର୍ତ୍ତି ଅପେକ୍ଷା କୁତ୍ସିତ ପେଚା ଉପରେ ସର୍ବ ସଂପଦ ଅଧିଶ୍ୱରୀ ଲକ୍ଷ୍ମୀମୂର୍ତ୍ତି ସମଧିକ ଆକର୍ଷଣୀୟ ଉଦ୍‌ଯୋଗୀମାନଙ୍କ ପକ୍ଷରେ ।

ଏଇମାତ୍ର ସଞ୍ଜ ହୋଇଛି । ପୁନେଇ ଚନ୍ଦ୍ରର ଫିକା ତରାସ ଦିଶିଲାଣି; କିନ୍ତୁ କାନ୍ଦୁରା ଦେବଦାରୁ ଗଛର ଓ ତତ୍‌ସଂଲଗ୍ନ ବେଙ୍କ କୋଠାର ଛାଇରେ ମାଛି ଅନ୍ଧାରଟା ଲାଗି ଲାଗି ରହୁଛି । ଚନ୍ଦ୍ରଙ୍କ ବି ଇଚ୍ଛା ଆଗ୍ରହ ନାହିଁ ଏ ବଜାଦ୍ ଦୁନିଆଁର ଉଞ୍ଚାନୀଚାକୁ ଶୁଭ୍ର ସୁନ୍ଦର କରିବାକୁ; କାରଣ ଲୋକୁଗଡ଼ାକ ସମାନତା ଚାହାନ୍ତି ନାହିଁ । ତାଙ୍କ ମୁହଁ ସେଥିପାଇଁ ବିଷାଦକାଳିମା ଗ୍ରସ୍ତ, ଗତି ମଧ ଅତି ମନ୍ଥର ।

ଦେଖିଲି, ବେଙ୍କ ସାମନା ମେଢ଼ ଏଯାକେ ଖାଲି । ମୂର୍ତ୍ତି ପହଞ୍ଚି ନାହାନ୍ତି । ମଝିରାତି ନ ହେଲେ ଦିନରେ ଅନ୍ଧ ରାତିରେ ଚକ୍ଷୁସ୍ମାନ ଚଢ଼େଇ ପିଠିରେ ବସି ନିଃଶବ୍ଦରେ ବାଡ଼ି ଦୁଆର ଦେଇ ଚୋରଣୀପରି ଗମ୍ଭିରୀ ଘରେ ପଶିବାକୁ କଣ ସୁବିଧା ହେବ ? ଧରା ପଡ଼ିଯିବେ ତ ! ଅଧ କିଲୋମିଟର ଲମ୍ବ ରାସ୍ତାର ଦୁଇ କଡ଼ରେ ରଙ୍ଗବେରଙ୍ଗ ବିଦ୍ୟୁତାଲୋକ ମାଳା ଖଞ୍ଜାଯାଇ ଦପ୍ ଦାପ୍ ପରୀକ୍ଷା ନିରୀକ୍ଷା ଚାଲିଛି, ମାଇକ୍ ମଧ ଟେଷ୍ଟିଂ (ମାଇକ୍ ଟେଷ୍ଟିଂ, ୱାନ୍ ଟୁ ଥ୍ରି, ଥ୍ରି ଟୁ ୱାନ) ଏଇମାତ୍ର ଶେଷ କରି କଣ୍ଟ୍ରାକ୍ଟର ଉଦ୍‌ବୋଧନ ସଂଗୀତ ଆରମ୍ଭ କରିଛି ''ମେ ଷୋଳା ବରଷକି ତୁମ୍ ସତରା ବରଷ କା ।''

Digitized by srujanika@gmail.com

ମୋ ସାମନା ଲୋକଟା ଓ ମୁଁ ଉଭୟେ ଏ ସ୍ଥାନ ପାର ହୋଇ ଚାଲିଛୁ, ତାର ବା ମୋର ଆଗ୍ରହ ବା ଆନନ୍ଦ ନାହିଁ ଏ ସବୁଥିରେ । ସେ ତା କଥା ଭାବି ଭାବି ଡାହାଣ ବାଁ ନ ଚାହିଁ ଚାଲିଛି । ମୁଁ ତାକୁ ଅନୁସରଣ କରୁଛି ଏବଂ ପ୍ରଶ୍ନଟି ପଚାରି ଦେଇ ଆଖି ରଖିଛି ତା କାନ୍ଧରୁ ବାଉଁଶ ବାଡ଼ିର ଅଗରୁ ଝୁଲୁଥିବା ପେନ୍ଥାଏ ପଦ୍ମକଢ଼ି ଓ କେବଳ ଗୋଟାଏ ପ୍ରସ୍ଫୁଟିତ ଶ୍ୱେତ ପଦ୍ମ ଉପରେ ଯାହା ମାଛି ଅନ୍ଧାର ଭେଦକରି ପାରୁଛି ଶୁଭ୍ରତାରେ ।

ଆଗରୁ ମୁଁ ବହୁବାର କହିଛି ମୋତେ ପଦ୍ମଫୁଲ ଭଲ ଲାଗେ, ପଦ୍ମଫୁଲ ଜାତୀୟ ଫୁଲ ହେଉ ନ ହେଉ ମୋ ଜୀବନର ଫୁଲ । ଲୋକେ କହନ୍ତି ଯେ ପଦ୍ମଫୁଲ ଭଲପାଏ ସେ କୁଆଡ଼େ ଚରିତ୍ରବନ୍ତ । ମୁଁ ଶୁଦ୍ଧାତ୍ମା, ପବିତ୍ରାତ୍ମା ନ ହେଲେ ବି ମାର୍ଡ଼ାରାର ନୁହେଁ । ପଦ୍ମ ଫୁଲର ମହକରେ ମୁଁ ସ୍ୱର୍ଗର ମହକପାଏଁ; ତାର ପାଖୁଡ଼ା, କେଶର ବୀଜ ମୃଣାଳ ବୀଜକୋଷ ସବୁ ଚୋବାଇ ଗିଳିଲେ ଅମୃତ ଓ ସ୍ୱର୍ଗର ଖାଦ୍ୟ ଖାଇଲା ପରି ଲାଗେ । ପଦ୍ମ ଫୁଲ କଳ୍ପଲୋକର ଫୁଲ, କାବ୍ୟ ଜଗତର ଫୁଲ । ପଇସା ବାକ୍ସ ଉପରେ ଏ ଫୁଲ ରଖି ପୂଜା କରିବା ନୁହେଁ ।

''ସତ୍ୟ ଶିବ ସୁନ୍ଦର ପରମେଶ୍ୱର, ବିଷ୍ଣୁ ସଙ୍ଗତେ ଲଗ୍ନ'' ପଦ୍ମ ଫୁଲଟି ମୋର ଦୁଇ ତିନି ହାତ ଦୂରରେ ବାଡ଼ି ଅଗରେ ଦୋହଲୁଛି ଏବଂ ମାଛି ଅନ୍ଧାର ଓ ସେ ଲୋକଟାର ଘନକୃଷ୍ଣ ପୃଷ୍ଠଦେଶକୁ ପଟ କରିଥିବାରୁ ଆହୁରି ଶୁଭ୍ରତର ଦିଶୁଛି ।

ପଚାରିଲି ''ବିକିବୁ ?''

ପୁଣି ଗଳା ସଫା କରି ଆଉ ଗୋଟାଏ ହୁଁ ଛାଡ଼ିଲା ମୋ ଆଡ଼କୁ ନ ଚାହିଁ । ନ ଚାହିଁଛି ନ ବୁଲିଛି ଭଲ । କାରଣ ଲୋକଟା ପ୍ରାୟ ବିବସ୍ତ୍ର । ଶାଗ ଖରଡ଼ା ପାଇଁ ଅଭିପ୍ରେତ ଯୋଡ଼ାଏ ଛୋଟ କନା ଆଟିକା ପରି ତାର ଦୁଇ ପିଚା ଭିତରେ ମଳିନ କନା ଖଣ୍ଡିକ ଅଦୃଶ୍ୟ ହୋଇଯାଇଛି, ସାମନାରେ ହୁଏତ ଚାଖଣ୍ଡକର ଅବଶିଷ୍ଟାଂଶ କନା ତା ଲଜ୍ଜାଟାକୁ ଢାଙ୍କିଥିବ ।

ସିଏ ଯିମିତି 'ହୁଁ' କହିଛି ମୁଁ ପଚାରିଲି 'କେତେ ନବୁ ?' ମୋର ଯେ କିଣିବାର ଇଚ୍ଛା ଥିଲା ତାହା ନୁହେଁ, ଅମୂଲ୍ୟ ପଦାର୍ଥର ତା ହିସାବରେ କେତେ ଦର ହୋଇପାରେ ଜାଣିବା ପାଇଁ । ତା'ଛଡ଼ା କାମଧନ୍ଦା ଚିନ୍ତାଦକ କିଛି ନଥିଲେ ଲୋକେ ଯେ କୌଣସି ବିଷୟରେ କଥାବାର୍ତ୍ତା କରି ଅଯାଚିତ ମନ୍ତବ୍ୟ ଦେବାର ଆନନ୍ଦ ପାଆନ୍ତି ବା ଅପରକୁ ବିରକ୍ତ ଉତ୍ୟକ୍ତ କରନ୍ତି ଅଯଥା ବାକ୍‌ବିତଣ୍ଡା କରି, ଟୀକା ଟିପ୍ପଣୀ ଦେଇ ।

ସେ ବି ଯେତିକି ମୋ ଚେହେରା ଦେଖିଲା, ସେଥିରୁ ଜଣାଗଲା ଯେ ଏ ପଦ୍ମ ଫୁଲର ଗରାଖ ନୁହେଁ, ଖାଲି ଏମିତି ପଚାରୁଛି । ତଥାପି ମନରେ ପାପ ଆଶା ବାନ୍ଧି କହିଲା ''ପନ୍ଦର ପଇସା ଫୁଲଟା, କଢ଼ ଗୋଟାକେ ଦଶ ପଇସା ।''

ତା ମନ ଚିଡ଼ିବା ପାଇଁ ତାରି ଗଳା ହନୁକରଣ କରି କହିଲି 'ଫୁଟା ଫୁଲଟା ଦଶ୍ ପଇସାରେ ଦବୁ ।''

Digitized by srujanika@gmail.com

ଉତ୍ତର ଦେଲା "କେଡ଼େ ପରିଶ୍ରମ ଯେ ବାବୁ ! ଦଶଟା ପଇସା କେତେ ? ଆଜ୍ କାଲ୍ କି ପଦ୍ମ ଫୁଲ ଫୁଟେ, କଇଁ ଫୁଲ ଯାହାକୁ ଯେତେ ସିନା ।"

"ପରିଶ୍ରମର ଦାମ କିଏ ଦଉଛି ? ତୋର ଏ ଫୁଲଟା ତ ନକଲି । କଢ଼ଟାକୁ ଆଙ୍ଗୁଳିରେ ମେଲାଇ ମେଲାଇ ଫୁଲ କରିଛୁ । ଆଚ୍ଛା, ନୂଆବଜାର ଦେଇ ତ ଆସିଲୁ, ବଜାରରେ କେତେ ଦର କରିଥିଲୁ ?"

"ସେଇ ଦଶ ପଇସା କଢ଼, ଫୁଲଟା ପନ୍ଦର ପଇସା ।"

"ଏତେ ଦର କିଏ ଦବ ଛାର ଫୁଲକୁ । ସେଥିପାଇଁ ତ କେହି କିଣିଲେ ନାହିଁ । ଫୁଲଟା ମତେ ଦେଇ ଦେ ଦଶ ପଇସାରେ । ନ ହେଲେ ଫୁଲ କଢ଼ ସବୁ ଧରି ବୁଲୁଥା ରାତିଯାକ, ସକାଳୁ ସୂର୍ଯ୍ୟ ଉଦୟ ହେଲେ ତୋର ଏ ବାଡ଼ି ଅଗରେ କଢ଼ ସବୁ ଫୁଟି ଫୁଲ ହୋଇଯିବେ ଆପେ ଆପେ । ବିକିବୁ ଚଢ଼ା ଦାମରେ ।"

"ହଉ ନେ ତେବେ । ମର୍ଠେ କୁଟୁରା ନାହିଁ ବାକି ।"

ସେ ଯେମିତି ଦଶ ପଇସାରେ ଶ୍ୱେତ ପଦ୍ମଟି ମୋତେ ଦେବାକୁ ରାଜି ହେଲା ମୁଁ ଭିନ୍ନ ସ୍ୱରରେ ପଦ୍ମ ତୋଳା ଗାଇଲି ।

"ଏ ଫୁଲବାଲା ! ମୋର କଥା ଶୁଣ । ମୁଁ ଦଶଟା ପଇସାରେ ତର୍ ଏଡ଼େ ସୁନ୍ଦର ପଦ୍ମ ଫୁଲଟା ନେବି ନା ? ନେଇଥାନ୍ତି ଯଦି ଦଶ ପନ୍ଦର ଶହେ ହଜାରେ ଲକ୍ଷେ ଟଙ୍କା ତୋତେ ଦେଇ ପାରିଥାନ୍ତି । ମୋ କଥା ମାନିବୁ ତ କହିବି ।"

ରାଗରେ ଗରଗର ହୋଇ କହିଲା, "ତୁମର ଯେତେ ସବୁ ବଜାରିଆ ଲୁକ ଏକା ରକମ୍ । ତୁମର କଥା ଗୁଟେ ବାଟେ, କାମ ଆର ଗୁଟେ ବାଟେ । ତର୍ କଥାରୁ ମୁଁ ଜାଣିଛି ତୁ ଫୁଲ ନବୁନି । ହଉ, କି କହୁଛୁ କହ ।"

କହିଲି, "ତୁ ଜବାବ୍ ଦେ ମୋର ଦିହ ଛୁଇଁ ମୋର କଥା ମାନିବୁ । ପଚାଶ ପଇସା କମରେ ଏ ଫୁଲଟା କାହାକୁ ବିକିବୁନି । ଦଶଟା ପଇସା ତ ଲୋକ ରାଗିମାଗି ଭାଟ ଭିଖାରୀ କୁକୁର ବିରାଡ଼ି ଉପରକୁ ଫୋପାଡୁଛନ୍ତି । ପଦ୍ମ ଫୁଲ କି ବାଟଘାଟରେ ଫୁଟେ ନା ସତରେ ଫୁଲ କଳରେ ତିଆରି ହୁଏ ?"

ଏତିକିବେଳେ ରାସ୍ତାର ଗୋଟାଏ ବାର୍ ଲାଇଟ୍ ତଳେ ଆମେ ପହଞ୍ଚିଲୁ । ସେ ମୋତେ ଭଲ କରି ଥରେ ଚାହିଁଲା, ମୋ ଚେହେରାରୁ ଚରିତ୍ର ଜାଣିବା ଉଦ୍ଦେଶ୍ୟରେ । ମୁଁ ବି ତାକୁ ତାଳୁରୁ ତଳିପା ଦେଖିନେଲି । ଛୋଟିଆ ମୁହଁ, କୁଞ୍ଚକୁଞ୍ଚିଆ ବାଳ, ଗୋଲ ଗୋଲ ଆଖି ନିରୀହ ବୋକା ହେବା ପର୍ଯ୍ୟନ୍ତ । ଦାରିଦ୍ର୍ୟର ସୀମାରେଖା ପହଞ୍ଚିବା ବି ତା ଜୀବନରେ ଅସମ୍ଭବ । ଫୁଲ ବିକି ପେଟ ପୋଷିବ ଏ ବୋକା, ଯେଉଁ ଦେଶରେ ଫୁଲ ଫୁଟିବା ଆଗରୁ ଗଛ ଲତା ଝାଉଁଳି ପଡ଼ନ୍ତି ।

ମୋ ମୁହଁରୁ ଅପ୍ରତ୍ୟାଶିତ ସହାନୁଭୂତିଶୀଳ ଉପଦେଶ ଶୁଣି ସେ ସାମାନ୍ୟ ଉତ୍ସାହିତ ହୋଇ କହିଲା "ପଚାଶ ପଇସା ତର୍ ଏ ବଜାରରେ କିଏ ଦବ, ବାବୁ ? ପନ୍ଦର ପଇସା

Digitized by srujanika@gmail.com

କହିଲି ବୁଲି ତ ସେ ବଜାରରେ ଝଗଡ଼ାଝାଟି ହୋଇଗଲା, ମାରପିଟ୍ ଆଉ ଟିକେ ହେଲେ ହୋଇଥାନ୍ତା । ରାଗଟା ଥମରେଇ ନେଲି, ନହେଲେ... ।''

''କିଏ ଦବ ପଚାଶ ପଇସା କହୁଛୁ । ଯିଏ ତତେ କାଳୀପୂଜା ମକର ପୁନେଇଁ ବେଳକୁ ଦୁଇ ଟଙ୍କାର କନାକୁ ଚାରି ଟଙ୍କାରେ ବିକିବ, ଯିଏ ଦୁଇ ଟଙ୍କା ରିକ୍ସାଭଡ଼ା ଜାଗାରେ ଟଙ୍କାଏ ଦିଏ, ଯିଏ ବୋଝ ଟଙ୍କାଏ ଜାଗାରେ ପଚାଶ ଦିଏ, ଯିଏ ଅଟା ପେଷିଲେ ଅଧିକିଲେ କମ୍ ଦିଏ, କାଟି ରଖେ ନୂଆ ପଇସାଟିଏ ବି ଛାଡ଼େ ନାହିଁ, ଯିଏ ତୋର ପେଟରୁ ଦାନାକନା କାଟି ତାର ପେଟ ବଢ଼ାଏ, ପାଟପଟନି ପିନ୍ଧେ, ସେଇ ଲୋକ ଦବ । ଲକ୍ଷ୍ମୀପୂଜା କରିବ, ଟଙ୍କା ବଢ଼େଇବ, ରଖିବ, ଅଥଚ ପଚାଶ ପଇସାରେ ଫୁଲଟାଏ କିଣି-ନିଜେ ତ ଆଣିବ ନାହିଁ–ଠାକୁରାଣୀକି ଦବନାହିଁ ? କଳାକୁ ଧଳା କରିବା ପାଇଁ ଧଳା ଫୁଲଟାଏ ବି ମୋ ଲକ୍ଷ୍ମୀଙ୍କି ଦବ ନାହିଁ ? ଅଲବତ୍ ଦବ ।''

ସବୁ ଶୁଣି ଧୀର ଗଳାରେ କହିଲା, ''ବାବୁ ! ଆମେ ମୁରୁଖ ନୁକ । ତର ବଡ଼ ବଡ଼ କଥା ମୁଁ ବୁଝିବି ନାଇଁ । ତୁମର ବଜାରିଆଗା ଏଡ଼େ ଖ୍ରୁଟ୍ ନୁକ ! ପାଞ୍ଚଟା ଦଶଟା ପଇସା ତ ଦବୁନି, ପାଟିକୁ ଯାହା ତାହା ଆସିଲା କହିଯିବୁ, ମାରିବୁ ପିଟିବୁ । କହିବୁ ନ ନେ ଫୁଲ । କିଏ ଚୋର କରୁଛି ? ନମ୍ୟା ନମ୍ୟା ଫରଦରେ ଚାନ୍ଦା କରୁଛୁ, ଉଠଉଛୁ, ଗଞ୍ଜେଇ ଭାଙ୍ଗ ମଦ ଖାଇଦେଇ ପୁଇସା ଉଡ଼ଉଛୁ, କହୁଛୁ କିନା ପୂଜା କରୁଛୁ ?''

ଲୋକଟା ନିଶ୍ଚୟ ବଜାରରେ କେଉଁଠି ଠୋକ୍କର ଖାଇଛି । ତାର କ୍ରୋଧ ଟିକିଏ ସମ୍ବରଣ କରାଇବା ପାଇଁ ତାକୁ ଆପଣାର କଲି ଏବଂ ଗୋଟିକୁ ଗୋଟି କଥା ପଚାରି ପୁଚ୍ଛି ତାକୁ ଶାନ୍ତ କଲି ।

ସେ କହିଲା, ଫୁଲର ଦାମ ପନ୍ଦର ପଇସା ଯିମିତି କହିଛି, ପୂଜା ମେଢ଼ ପାଖରେ ଥିବା ଦଳେ ଟୋକା ତାକୁ କୁଆଡ଼େ କହିଲେ ''ପନ୍ଦର ପଇସା ! ତୋର ମଥା ଗରମ ନା ପେଟ ଗରମ ?'' କଢ଼ ଗୋଟାକୁ ଦଶ ପଇସା କହିଲାରୁ କିଏ କହିଲ ''ବେ ! ତୁ ଫୁଲର ଦାମ କି ବୁଝୁ ? ବଜାରରେ ତ କାଠ ଚିରି ଚିରି ଜୀବନ କଟାଇଲୁ । ଫୁଲଟାକୁ ପାଞ୍ଚ ପଇସା, କଢ଼ ଗୋଟାକୁ ଦୁଇ ପଇସା ଦରରେ ଦେଇଯା, ଆଉ କେବେ ଫୁଲ ବେପାର କରିବୁନି ଭଲଗତି ଅଛି ତ ।'' ସେ ଯିମିତି ଦର କମାଇବନି କି ଫୁଲ ଦବନି ବୋଲି କହିଲା, କିଏ ଜଣେ କହିଲା ''ଯାବେ ଶଳା ! କେଉଁଠି ପନ୍ଦର ପଇସାରେ ବିକିବୁ ଦେଖିବା । ଭାଗ୍ ଶଳା ପଦ୍ମ ଫୁଲ ଆଣିଛି ।'' ଲୋକଟା କୁଆଡ଼େ ଉତ୍ତେଜିତ ହୋଇ ସେମାନଙ୍କୁ ଗୋଟାଏ ଦୁଇଟା ବଜେଇବ ବୋଲି ବାହାରିଥିଲା ବାଉଁଶ ବାଡ଼ିଟାରେ ।

ତାପରେ ସେ ତା ଭାଷାରେ କହିଲା, ସେ ବଜାରକୁ ଆଜି ଆସି ନଥାନ୍ତା । ସକାଳୁ ଥରେ ଆସିଥିଲା କାଠ ଚିରିସାରି ଦି' ପହରକୁ ଘରକୁ ଫେରିଥିଲା । ଘରେ ଯାଇ ଦେଖିଲା ତାର ଦୁଇ ପୁଅ ଗାଁର ପୋଖରୀରୁ କେତୁଟା କଢ଼ ଆଣିଛନ୍ତି । ବଡ଼ଟା କୁଆଡ଼େ ପଦ୍ମନାଡ଼ରେ ଛନ୍ଦି ହୋଇ ପାଣି ପିଇଯାଇଥିଲା । ସାନଟାର ଦିହହାତ କୁଣ୍ଡେଇ ହଉଛି ଯେ

Digitized by srujanika@gmail.com

ଘରେ ଗଡୁଛି । ଦୁଇ ପୁଅ ଘାସ କାଟି ବିକନ୍ତି, କେତେବେଳେ କାହାର ଗୋରୁ ମଧ ଜଗନ୍ତି । ଶୀତ ଦିନ ଆସୁଛି, ଦୁଇ ଜଣ ଦୁଇଟା ଗେଞ୍ଜି କାଳୀପୂଜାକୁ କିଣିବେ ବୋଲି ପଇସା ରଖୁଛନ୍ତି । କେତେଟା ଟଙ୍କା କମ୍ ହେଉଛି । ଫୁରସତ୍ ପାଇଲାରୁ ଏଇ ଫୁଲ ଡକ ଆଣି ବାପା ହାତରେ ବଜାରକୁ ପଠାଇଛନ୍ତି ଟଙ୍କାଏ ମଣାଏ ଯାହା ମିଳିବ ।

ପଚାରିଲି "ତୋର ଘର କେଉଁଠି ?"

କହିଲା 'ଖାନନଗର, ଏଠୁ ସିଧାସଳଖ ଦୁଇକୋଶ ।" ମୋତେ 'ଖାନନଗର' 'ମାନସରୋବର' ଶୁଭିଲା । ସେ ପୁଣି କହିଗଲା, ଖରାଦିନେ ସେ ଫୁଲ ସକାଳୁ ଆଣେ, ବିକି ସାରି କାଠ ଚିରା ଆରମ୍ଭ କରେ । ଏ ବର୍ଷ ଭଲ ବେପାର ହେଲାନି । କଟକରେ କେଉଁ ମନ୍ତ୍ରୀଙ୍କ ଜନ୍ମଦିନ ହେଲା ଯେ ଗାଡ଼ି ଆସି ପଦ୍ମ କଢ଼, ନାଡ଼ ପତ୍ର ସବୁ ନେଇଗଲା । ଯେଉଁ କେତୁଟା ଗଛ ବର୍ତ୍ତିଗଲା ତାରି ଏ ଫୁଲ । ଲାଲ ପଦ୍ମ ତ ସବୁଠି ମିଳେ । ବାହାନଗା, ମାରିକୋଣା, ଭଣ୍ଡାରୀ ପୋଖରୀ । ଧଳା ପଦ୍ମ ଅସଲ ପଦ୍ମ । ଶହେ ଆଠ ପାଖୁଡ଼ା । ନେଳିଆ ରଙ୍ଗର ବି ପଦ୍ମ ଅଛି । ସେଇ ନେଳିଆ ପଦ୍ମରୁ ଗୋଟାଏ କମ୍ ହେବାରୁ ରାମଚନ୍ଦ୍ର ପରା ଆଖି ତାଡୁ ଥିଲେ । ପଦ୍ମ ଯିଏ ଆଖି ସିଏ ।

ପୁଣି ଭାବପ୍ରବଣ ହୋଇ କହିଲା "ବଜାରିଆଏଁ ପଦ୍ମର ଗୁଣ ଜାଣିବ କେଉଁଠୁ ? ପଦ୍ମବଣର କଣ୍ଟା ସେମାନେ ଦେଖିଛନ୍ତ୍ ? ପଚା କାଦରେ ଘାଣ୍ଟି ଚକଟି ହେଇଛନ୍ତ୍ କେବେ ? ଧଣ୍ଡ, ଜୋକ, କଟୁ ପୋକର କାମୁଡ଼ା ଖାଇଛନ୍ତ୍ କେବେ ? କେବେ ଛନ୍ଦି ହୋଇ ପଦ୍ମନାଡ଼ରେ ଆକୁପାକୁ ହେଇଛନ୍ତ୍ । କହୁଛି, କଢ଼ ଗୋଟାକୁ ଦୁଇ ପଇସା, ଫୁଲକୁ ପାଞ୍ଚ ପଇସା ଦବ । କିଛି ନ ଦେ । ତୁମର ଶିରିକୃଷ୍ଣ ପଦ୍ମ ବଣରୁ କାଳୀ ମାରିଥିଲା ନା । ଗୁଣିଆ ସାପ ଖେଳେଇଲା ବେଳେ କି ଗୀତ ଗାଏ, ପଦ୍ମବନେ ଅଛି କାଳୀ । ଏକା ପାହାରରେ ମୁଣ୍ଡ ଫଟାଇ ଦେଇଥାନ୍ତି ସମସ୍ତଙ୍କର, ଅଟକେଇ ଦେଲା କିଏ ।"

ମୁଁ କହିଲି "ଭାଇ ! ଶୁଣ, ତୁ ଜବାବ୍ ଦେ, ନ ବିକିବୁ ପଛେ ଫୁଲଟାକୁ ପଚାଶ ପଇସା ଆଉ କଢ଼ ଗୋଟାକୁ କୋଡ଼ିଏ ପଇସା କମରେ ବିକିବୁ ନାହିଁ, ଛୁଁ ମୋର ଦିହ ।" କହି ହାତ ବଢ଼େଇ ଦେଲି । ସେ ମନ୍ତ୍ରମୁଗ୍ଧ ହୋଇ ମୋ ହାତ ଧଇଲା, କହିଲା ଜବାବ ନେ । ଖାଲି ହାତରେ ଫେରିବି ତେବେ... ।"

ମୁଁ ତାକୁ ବିଦାୟ ଦେଇ ଜନୈକ ବନ୍ଧୁଙ୍କ ନିମନ୍ତ୍ରଣ କ୍ରମେ ନୃତ୍ୟ ସଂଗୀତ କଳା ମନ୍ଦିର ଆଡ଼କୁ ଚାଲିଗଲି । ଫେରିଲାବେଳକୁ ରାତି ପ୍ରାୟ ନଅଟା । ବାଟରେ ଶୁଣିଲୁ ନୂଆବଜାର, ଯାଉଁଳିଆ ପଟ୍ଟୀ ଏବଂ ତିନିଟା ବେଙ୍କର ଯୁଗ୍ମ ପ୍ରଚେଷ୍ଟାରେ ଯେଉଁ ସାର୍ବଜନୀନ ମଣ୍ଡପ ମେଢ଼ ହେଇଛି ତାହା ତ୍ରିଭୁବନ ଜିଣୁଛି ଏବଂ ଏଇ ମୋତିଗଞ୍ଜରେ ମୋର ବନ୍ଧୁ ସେଇ ପଦ୍ମବିକାଳୀଟି ଖଞ୍ଜଣା ପାଇଥିଲା । ମୁଁ ସେଠାକୁ ଗଲି ଏବଂ ଆସନରେ ବସି ଉଦ୍‌ଯୋକ୍ତାଗଣଙ୍କ ଜମେଇବାର ବିବିଧ ଉପାୟ ଅନୁଧାନ କଲି । ଖୁବ୍ ଆନନ୍ଦ ଉଲ୍ଲାସ କଳରୋଳ ଭିତରୁ ନିଜକୁ ଉଦ୍ଧାର କରି ହଠାତ୍ ଲକ୍ଷ୍ମୀ ମୂର୍ତ୍ତି ଆଡ଼କୁ ଅନେଇଛି ଦେଖିଲି

Digitized by srujanika@gmail.com

ମୋର ଘଣ୍ଟାଏ ଆଗରୁ ପରିଚିତ ବନ୍ଧୁଟି ମଣ୍ଡପ ଆଗରେ ଛିଡ଼ା ରହି ଲକ୍ଷ୍ମୀଙ୍କ ଆଡ଼କୁ ଅନେଇଛନ୍ତି । କାନ୍ଧରେ ବାଉଁଶ ବାଡ଼ି, ଅଗରେ ପେଚ୍ଛାଏ ପଦ୍ମ କଢ଼, ଏ ସାଙ୍ଗକୁ ପ୍ରସ୍ଫୁଟିତ ଶ୍ୱେତ ପଦ୍ମଟି ।

ମୁହୂର୍ତ୍ତକେ ବୁଝିଗଲି ବନ୍ଧୁଙ୍କ ପୁଷ୍ପସଂପଦର ଗରାଖ କେହି ମିଳିଲେ ନାହିଁ ସାରା ସହରଟାରେ, ପୁଣି ଏଇ ଲକ୍ଷ୍ମୀ ପଦ୍ମାଳୟା ପଦ୍ମାଙ୍କ ଆରାଧନା ରାତ୍ରିରେ । ଫୁଲର ଦର କେହି ଦେଇ ପାରିଲେ ନାହିଁ ଏବଂ ଫୁଲ ଅବିକ୍ରି ପାଇଁ ମୁଁ ହୁଏତ ଦାୟୀ ।

ଲଜ୍ଜିତ ଅନୁତପ୍ତ ହୋଇ ତା ପାଖକୁ ଯିବି କି ନାହିଁ ଭାବୁଛି, ଦେଖିଲି ବନ୍ଧୁ କାନ୍ଧରୁ ବାଡ଼ି ଖସାଇ ପ୍ରସ୍ଫୁଟିତ ଶ୍ୱେତ ପଦ୍ମଟିକୁ ବାହାର କରି ଦେବୀଙ୍କ ଆଡ଼କୁ ଫୋପାଡ଼ିଲା ଏବଂ ଫୁଲଟି ଦେବୀଙ୍କ ଠିକ୍ ପଦତଳେ ଲାଖି ରହିଲା । ତା ପରେ ପରେ କଢ଼ଗୁଡ଼ାକୁ ଗୋଟାଏ ଗୋଟାଏ କରି ବାହାର କରି ମଣ୍ଡପର ଚାରିଦିଗକୁ ଫୋପାଡ଼ି ଦେଇ ଲମ୍ଭତମ୍ଭ ପଡ଼ିଗଲା । ମନେ ପଡ଼ିଲା, ବିଦାୟ ନେଲା ପୂର୍ବରୁ ସେ ମୋତେ ଗୋଟାଏ ପ୍ରଶ୍ନ ପଚାରିଥିଲା । "କାହିଁକି ବାବୁ ତମର ଲକ୍ଷ୍ମୀ ପୂଜା କର ?" ମୁଁ କହିଥିଲି "ଟଙ୍କା ପଇସା ପାଇଁ ।" ପୂଜାସ୍ଥଳୀ ଛାଡ଼ି ଚାଲିଯାଇ ଥିଲାବେଳେ ମୁଁ ତାକୁ ଯାଚିଛି, ସେ ସମଗ୍ର ସଂଚିତ କ୍ରୋଧ ପ୍ରଜ୍ୱଳିତ କରି କହିଲା, "ବାବୁ ! ଆମ୍ଭର ସାନ୍ତାଳ ଜାତିରେ ମାଗିକରି କିଏ ବଞ୍ଚୁଛି ଜାଣୁ ? ଆମ୍ଭର କାମ କରୁଁ ଆର୍ ପଇସା ନଉଁ, ଜିନିଷ ଦଉ ପଇସା ଆଣୁ । ମାଗଣାରେ ଟାଉଟରିରେ ଆମ୍ଭର ଜାତିରେ ଯିଏ ବଞ୍ଚେ ତାକୁ ସହର ବଜାରକୁ ପଠାଇ ଦଉଁ, ଏକଘରିଆ କରୁଁ । ତୁ ପଇସା ଦେଇ ବଡ଼ ଲୋକୀ ଦେଖେଇ ହବୁ ? ଦେଖ ତତେ ଜବାବ୍ ଦେଇଥିଲି ଜବାବ ରଖିଛି, ସାନ୍ତାଳ କେବେ ଜବାବ ଭାଙ୍ଗେ ନାହିଁ, ଭୁଖ୍ ଉପାସରେ ମରିବ ପଛେ । ଅସଲ ସାନ୍ତାଳ ଗୁଳି ଖାଇ ମରିବ, ନ୍ୟାୟରେ ଲୋକକେ ହାଣି କରି କଇଦୀ ଖଟିବ ପଛେ ଚୋରି ଟାଉଟରି କରି ଜେଲଖାନା ଯିବ ନାହିଁ ।"

ପୂର୍ଣ୍ଣିମା ଚନ୍ଦ୍ର ସେତେବେଳକୁ ପ୍ରସ୍ଫଟିତ ଶ୍ୱେତ ପଦ୍ମ ପରି ସଫେଦ୍ ଦିଶୁଥିଲା । ସେଇ ଲୋକଟା ଶତ ସହସ୍ର ଶ୍ୱେତ ଶତଦଳରେ ଆଚ୍ଛାଦିତ ହେଲାପରି ଦିଶୁଥିଲା ଦୂରରୁ ମୋ ଆଖିରେ; କିନ୍ତୁ ଲକ୍ଷ୍ମୀଙ୍କ ପଦତଳେ ଲୋଟୁଥିବା ଶ୍ୱେତ ପଦ୍ମଟି ତାଙ୍କ ପଦ ସଂସ୍ପର୍ଶରେ ଆସି ସାନ୍ତାଳ ଦିହର ରଙ୍ଗ ପରି କଳା ଟଙ୍କାର ରୂପ ଧାରଣ କରିଥିଲା । ଭୁଲିଗଲୁଁ, ପୃଥିବୀର କୌଣସି ଚିଜ ଆଉ ଭଲ ଲାଗୁ ନଥିଲା ସେତେବେଳେ ଆମ ଦିହିଙ୍କି ।

ଦେହରୁ ଦେହାତୀତ ଆନନ୍ଦ ନେଇ ଅନ୍ୟ ଦୁନିଆଁର ବାସିନ୍ଦା ଆମେ ଦୁହେଁ, ଅତିଥି ଭାବରେ ନିଜ ପାର୍ଥିବ ଘରକୁ ଆସିଲୁ ଏବଂ ଶୋଇଗଲୁଁ ଏକା ଖଟରେ ଯିମିତି ମଧୁଶଯ୍ୟା ରାତ୍ରିର ଶେଷ ଯାମରେ ପ୍ରଚଣ୍ଡ ରତିକ୍ରିୟା ସାରି ଶ୍ରାନ୍ତ କ୍ଳାନ୍ତ ହୋଇ ବରକନ୍ୟା, ଯୁବକ ଯୁବତୀ ଶୋଇଥାନ୍ତି ଅଲଗା ଅଲଗା ପରିତୃପ୍ତ ଆନନ୍ଦରେ । ମାତ୍ର ଯିମିତି ଆମ କାନରେ ବାଜିଛି ପିଲାଦିନର ଆମ ମାଆର ସତର୍କବାଣୀ, "ଶୋଇପଡ଼, ଶୋଇପଡ଼, ଅନ୍ଧାର ବୁଢ଼ୀ ଆସୁଛି, ହେଇ କକବାୟା ଆସୁଛି" ପୃଥିବୀର ଆନନ୍ଦ ଛାଡ଼ି ଶୀଘ୍ର ଶୋଇବାକୁ

Digitized by srujanika@gmail.com

ଚାହୁଁ ନଥିବା ଉଠିଆ ପିଠିଆ ଭାଇଭଉଣୀ ପରି ପରସ୍ପରକୁ ଚଟାପଟା କୁଣ୍ଢାଇ ଢାବୁଡ଼ି ଧରି ଯୋଡ଼ି ଯୋଡ଼ି ହୋଇ ଆମେ ଶୋଇଗଲୁଁ, ଯିମିତି ଅନ୍ଧାର ବୁଢ଼ୀ କଜବାୟା ଆମକୁ ଭିଡ଼ିଓଟାରି ଅଲଗା ଅଲଗା କରି ନ ପାରିବେ ।

Digitized by srujanika@gmail.com

# ଏକ ଲାଲ୍ ସ୍ମୃତି : ଗୋଟିଏ କାଠଚମ୍ପାର

କଣ ଗୁଡ଼ାଏ ବସି ବସି ଲେଖାଲେଖି କରୁଥାଏଁ । କୁଆଡୁ ଖଣ୍ଡିଆଭୂତ ପରି ଘର ଭିତରକୁ ପଶିଆସି ମୁନ୍ନ ଚେୟାରର ବାହୁ ଆଉ ମୋ ବାହାକୁ ଲେସି ହୋଇ ଗେହ୍ଲେଇ ହୋଇ କହିଲା, ''ବାପା ଆସ, ଦେଖିବ ।'' ମୁଁ ତା ଆଡ଼କୁ ନ ଚାହିଁ ଲେଖି ଚାଲିଲି । ସେ ବ୍ୟତିବ୍ୟସ୍ତ ହୋଇ ପୁଣି ଟଣାଭିଡ଼ା କରି ଡ଼ାକିଲା । ''ଆସନା, ଆସନା, ବାପା !'' ପିଲାଟା କୁଆଡ଼େ ଘୂରାଫେରା କରୁଥାଏ, ହଠାତ୍ ଘରକୁ ପଶି ଆସେ, କଣ ଟିକିଏ ପିଇ ଦେଇ ବା ପାଟିରେ ପକାଇ ପୁଣି ବାହାରି ଯାଏ ଯିମିତି ତାର କେତେ କାମ ଚାରିଆଡ଼େ ପଡ଼ିଛି । ଖରାଦିନ; ମୁହଁଟି ଲାଲ କାଠ ଚମ୍ପାର ରଙ୍ଗ, ନାକରେ ବିନ୍ଦୁ ବିନ୍ଦୁ ଝାଳ, କଙ୍କଡ଼ା ଗୋଡ଼ପରି କେରାଏ ଦୁଇକେରା ଚୂଳ କପାଳରେ ଝୁଲୁଥାଏ ।

ମୁନ୍ନର ଅଳିଦଳି ମୋତେ ଗଲା ଛଅ ବର୍ଷ ହେଲା ସମ୍ଭାଳିବାକୁ ପଡ଼ିଛି, ତା ମାଆ ଚାଲିଗଲା ଦିନରୁ । ଦେଢ଼ବର୍ଷର ହୋଇଥାଏ ମାଆ ଛେଉଣ୍ଡ ହେଲା । କାଳେ ତା ମାଆ କେଉଁଠି ଲୁଚି ଛପି ଦେଖୁଥିବ, ମୁଁ ତା ପୁଅର ତତ୍ତ୍ୱ ନେଉଛି କି ନାହିଁ, ସେଇଥିପାଇଁ ମୁଁ ପିଲାଟିର ଲାଳନ ପାଳନ, ସୁଖସୁବିଧା ପାଇଁ ଜୀବନ ଉତ୍ସର୍ଗ କରିଦେଇଛି । ତା'ଛଡ଼ା ପିଲାଟା ଜିଦ୍‌ଖୋର, ଯେଉଁ କଥା ଧରିଥିବ ତାକୁ ଛାଡ଼ିବ ନାହିଁ । ତା ମୁହଁଟି ବିଶେଷତଃ ଆଖି ଯୋଡ଼ାକ ଅବିକଳ ତା ମାଆ ପରି । ଦଣ୍ଡେ ସେ କୁଆଡ଼େ ଚାଲିଗଲେ ମୋତେ ବାୟା ପରି ଲାଗେ ।

ପୁଣି ଯେମିତି ହାତ ଧରି ''ଆସନା'' କହିଲା ମୁଁ ବାହାରକୁ ଆସିଲି । ସେ ଧାଇଁ ଯାଇ ମୋ ଦୃଷ୍ଟିକୁ ଆକର୍ଷଣ କଲା ଅଗଣା ପାଚେରିରେ ଦୁଇ କାନ୍ଥ କଣର ସେଇ ସ୍ଥାନକୁ ଯେଉଁଠି ଗୋଟିଏ କଳା ତୁଳସୀ ଗଛ କେଉଁ ଦିନରୁ ବାହାରି ଛଟା ମେଲିଛି । ନଇଁ ପଡ଼ି ଆଙ୍ଗୁଳିରେ ତୁଳସୀ ମୂଳରେ ଗୋଟିଏ ଛୋଟ ପଥରକୁ ଦେଖାଇ ସେ କହିଲା, ''ହେଇ ଦେଖ ଠାକୁର । ତୁମେ ମହାଦେବ ପୂଜା କରୁଛ, ମୁଁ ବି କରିବି ।'' ମୁଁ କହିବାକୁ ଯାଉଥିଲି ମହାଦେବ ତୁଳସୀ ମୂଳରେ ରହନ୍ତିନି, ଚୁପ୍ ରହିଗଲି । ପାଖକୁ ଯାଇ ଦେଖିଲି ଯେଉଁ ଅଣ୍ଡାକାର ମସୃଣ ପଥରଟାକୁ କାଗଜ ଚାପା ଦେବାପାଇଁ ଟେବୁଲରେ ଆଣି ରଖିଥିଲି, ତାକୁ ସେ ପୋତିଛି ଏବଂ ଚାରିପଟ ସଫାସୁତୁରା ଚିକ୍କଣ କରି ସିନ୍ଦୂର ଆଣି ପଥରଟି ଉପରେ ଲଗାଇଛି । ଏ ପଥରଟି ବଳଙ୍ଗ ନଈର ଶଯ୍ୟାରୁ ସେ ପାଇଥିଲା, ଯେତେବେଳେ ଆମେ ବଣଭୋଜି କରିବାପାଇଁ ବଣକାଟି ବୋଲି ଜାଗାକୁ ଯାଇଥିଲୁଁ । ସେଇଠି ପାଣି

Digitized by srujanika@gmail.com

ପ୍ରତି ତାର ଭୀଷଣ ଭୟର ପ୍ରଥମ ଚକ୍ର । କାଳେ ମୋ ବାଡ଼ିପଟ ଗାଡ଼ିଆରେ ଅକସ୍ମାତ ସେ ଖସି ବୁଡ଼ିଯିବ, ସେଥିପାଇଁ ତାକୁ ବଳଙ୍ଗ ନଈରେ ପହଁରା ଶିଖାଉଥିଲି । ସେଇ ଟ୍ରେନିଂ ଓ ଏକ୍ସପେରିମେଣ୍ଟରେ ସେ ଉବୁଟୁବୁ ହୋଇ ଦୈବାତ୍ ରକ୍ଷା ପାଇଲା ସିନା, ପାଣିକି ଭୟ ରହିଗଲା । କ୍ରମେ ସେ ଭୟ ବଢ଼ିଲା ବରଂ କମିଲାନି । ଏମିତି ଭୟ ଯେ ଛୋଟ ନାଳଟିଏ ଛିପ୍‌ରେ ଚଢ଼ି ପାରି ହେବାକୁ ନାରାଜ, ତାକୁ କାନ୍ଧରେ ବସାଇ ନବାକୁ ପଡ଼େ । ମୋର ବି ଭୟ କାଳେ କେଉଁ ଦିନ ପାଣିରେ ବୁଡ଼ିଯିବ । ସହର ଯାକ କୂଅ, ପୋଖରୀ, ଗାଡ଼ିଆ, ନଈନାଳ । ହେଲେ କେତେ ନଜର ବା ରଖିବ ତା ଉପରେ ? ସେ କଣ ଛୋଟ ଶିଶୁ ହୋଇଛି ? ଦିନଯାକ ଯା ଘର ତା ଘର ହେଉଛି । ମା ଛେଉଣ୍ଡ ବୋଲି ସାଇ ପଡ଼ିଶା ତାକୁ ଭାରି ଆଦରଯତ୍ନ କରନ୍ତି । ଖାଇବାକୁ ପିଇବାକୁ ଦିଅନ୍ତି । ଏଡ଼ିକି ଚାଖଣ୍ଡେ ପିଲା ହିନ୍ଦୀ କହୁଛି, ବଙ୍ଗଳା କହୁଛି, କନ୍‌ଭେଣ୍ଟରେ ଇଂରାଜୀ ତ ପଢୁଛି । ସେ ଆଉ ମୋର ପିଲା ନୁହେଁ, ସାଇ ପଡ଼ିଶାଙ୍କ ପିଲା, ସାର୍ବଜନୀନ ଶିଶୁ ।

ମହାଦେବ ତୁଳସୀ ପିନ୍ଧନ୍ତି ନାହିଁ, ସିନ୍ଦୂର ନ ଘେନି ଚନ୍ଦନ ଘିନନ୍ତି, ଏ ସବୁ ପୂଜାବିଧି ଅଝଟ ଅବୁଝା ପିଲାକୁ କଣ ଶିଖାଇବି ? ତୃପ୍ତକରେ କହିଲି, "ବେଶ୍ ବେଶ୍ ପୂଜା କର, ମହାଦେବ ତୋତେ ଭଲ ପାଇବେ, ଯାହା ମାଗିବୁ ଦେବେ ।" ସେ ଖୁବ୍ ଖୁସି ହେଲା, ମୁଁ ତା କାମର ତାରିଫ୍ କଲି ବୋଲି ।

ପାଞ୍ଚ ମିନିଟ୍ ପରେ ଧାଡ଼ିଏ ଲେଖିଛି କି ନାହିଁ ପୁଣି ସେ କୋଠରୀକି ପଶିଆସି ଡାକିଲା, "ବାପା, ଆସ ଫୁଲ ଆଣିଦେବ, ମହାଦେବ ପୂଜା କରିବି ।"

ପୁଣି ଉଠିଲି, ପୁଣି ହାତ ଧରି ଟାଣି ଟାଣି ନେଲା । ଏଥର ବାଡ଼ି ପଛପଟ ଗାଡ଼ିଆ ଡିହକୁ । ମୁଁ ଫୁଲ ପାଇଁ ଚାରିଆଡ଼େ ଚାହିଁଲି । କାହିଁ କୌଣସି ପ୍ରକାର ଫୁଲ ଦିଶୁନାହିଁ; ଯାହା ଅନାବନା ବାଛେ ଫୁଲ ବା ମିଳିଥାନ୍ତା, ଦିନ ନଅଟାରେ କେଉଁଠି ବା ମିଳିବ ? ଖରାଦିନ, ଗଛପତ୍ର ପୋଡ଼ି ଝଡ଼ି ଗଲାଣି । ଫୁଲ ଫୁଟିବ କୁଆଡୁ ? କହିଲି, "ଫୁଲ ଆଜି ମିଳିବ ନାହିଁ, ଆଜି ତ ଠାକୁର ବସାଇଲୁ, କାଲିକି ପୂଜା କରିବୁ । ମୁଁ କେଉଁଠି ହେଉ ଖୋଜି ଭଲ ଫୁଲ ଚାଙ୍ଗୁଡ଼ିଏ କାଲିକି ଆଣିଦେବି । ବର୍ତ୍ତମାନ ଫୁଲ କେଉଁଠି ମିଳିବ ନାହିଁ ।"

ସେ ମୋର ନାସ୍ତିସୂଚକ ଉତ୍ତର ପାଇଁ ପ୍ରସ୍ତୁତ ଥିଲା ଯିମିତି । ମୋତେ ହାତଧରି ଟାଣି ଟାଣି ନେଇ ଗଡ଼ିଆର ଅପର ପାଖର ହିଡ଼ରେ ଥିବା ପଣସ, ଆମ୍ବ ଓ ନଡ଼ିଆ ଗଛର ଗୋଟାଏ ଫାଙ୍କ ଦେଇ ଆଙ୍ଗୁଳିରେ ଦେଖାଇ କହିଲା, "ଦେଖିପାରୁଛ, କାଳୀମନ୍ଦିର କଣର ସେଇ ଗଛର ଅଗକୁ ?" ମୁଁ ନଇଁପଡ଼ି ତାରି ସାମନାରେ ମୋ ଆଖି ରଖି ଚାହିଁଲି । ସତେତ; ପେନ୍ଥାଏ ଫୁଲ ଦିଶୁଛି । କାଠଚମ୍ପା, ନାଲି କାଠଚମ୍ପା; ଠିକ୍ ମୋ ମୁନୁର ଲାଲ ଲାଲ ଫୁଲୁକା ଫୁଲୁକା ଗାଲର ରଙ୍ଗ ଚୋରିକରି ନେଇଯାଇଛି ଯେମିତି ।

ସାଙ୍ଗେ ସାଙ୍ଗେ ଅଳି । "ଚାଲ ବାପା, ଆଣିବା ଫୁଲ, ପୂଜା କରିବି ।" ଚାଲିଲି ।

Digitized by srujanika@gmail.com

ଗଛ ମୂଳରେ ପହଞ୍ଚି ଦେଖିଲି ସବା ଅଗରେ ଥିବା ଗଛର କେବଳ ସେଇ ଗୋଟିଏ ପେଣ୍ଟା; ଆମ୍ବପଣସ ଶାଗୁଆ ପତ୍ରର ପୃଷ୍ଠଭୂମିରେ ଲାଲେ ଲାଲ ଦିଶୁଛି । ଏତେ ଉଚ୍ଚକୁ କେହି ଚଢ଼ି ପାରି ନାହାନ୍ତି ବୋଧହୁଏ । ଚାରିପଟେ ଚାହିଁ ଲୁଙ୍ଗିରେ କଚ୍ଛା ଭିଡ଼ି କିଛି ଦୂର ଚଢ଼ିଲି; କିନ୍ତୁ ଫୁଲପେଣ୍ଟା ଅନେକ ଦୂରରେ । କାଠଚମ୍ପାର ଠସରା ଡାଳ । ଭାଙ୍ଗିଲେ ଗୋଡ଼ହାତ ଭାଙ୍ଗିଯିବ । ଆଉ ଚଢ଼ିଲି ନାହିଁ । ମୋର ଉତ୍ସାହ ଭାଙ୍ଗିଯିବାର ଦେଖି ମୁନ୍ନ କିନ୍ତୁ ନିରାଶ ହେଲା ନାହିଁ । ସେ ସଙ୍ଗେ ସଙ୍ଗେ କହିଲା, "ବାପା, ନଗିଟାଏ ହେଲେ ଫୁଲକୁ ପାଇଯିବ । ଚାଲ ନଗି ଆଣିବା ।

ତାରି କଥା ହେଲା । ଘରକୁ ଗଲି । ଯୋଡ଼ାଏ ମଶାରି ବାଡ଼ି ଯୋଡ଼ି ସୁତୁଲି ବାନ୍ଧି ନଗିଟିଏ କଲି ଏବଂ ପୁଣି ଫୁଲ ତୋଳା ବ୍ୟାପାରରେ ହାତ ଦେଲି । ଦେଖିଲି, ଗୋଟାଏ ଯୋଡ଼ାଏ ଫୁଲ ପେଣ୍ଟାରୁ ଆଣି ହବନି; ଟିକିଏ ପିଟାପିଟି କଲେ ଡାଳ ଭାଙ୍ଗିଯିବ । ଏତେ ସୁନ୍ଦର ପେଣ୍ଟାଟାକୁ, ଗଛର ସର୍ବସ୍ୱକୁ, ଲୁଣ୍ଠନ ନ କରିବାର ଇଚ୍ଛା ମୋର ଫଳବତୀ ହେଲାନି । ଟୁକ୍‌କରି ପେଣ୍ଟା ସହିତ ହାତେ ଲମ୍ବା ଡାଳଟାଏ ଭାଙ୍ଗି ତଳେ ପଡ଼ିଗଲା ।

ମୁଁ ଗଛରୁ ଓହ୍ଲାଇ ଦେଖେଁ ମୁନ୍ନ ଡାଳ ଫୁଲ ଧରି ଘର ପାଖରେ ପହଞ୍ଚିଲାଣି । ମୁଁ ଅଗଣାରେ ପହଞ୍ଚି ମହାଦେବଙ୍କ ପୀଠକୁ ଚାହିଁଲାବେଳକୁ ଶିବ ନାଲି କାଠଚମ୍ପାର ଆବରଣ ଭିତରେ । ଫୁଲପେଣ୍ଟା ନ ଥିବା ନଣ୍ଡା ଡାଳକୁ ଧରି ମୁନ୍ନ କହିଲା, "ବାପା ! ଏ ଡାଳଟା କାନ୍ଦୁଛି, ଧଳା ଲୁହ ବାହାରୁଛି" ଦଣ୍ଡେ ରହି ପଚାରିଲା, "ବାପା, ଏ ଡାଳଟାକୁ ଲଗାଇଲେ ବଞ୍ଚିବ ?" ମୁଁ ଯେମିତି 'ହଁ' କରିଛି ସେ ଚୁଲି ପାଖରେ ପଡ଼ିଥିବା ହାତେ ଲମ୍ବା ଲୁହା ରଡ଼ଟାକୁ ଧରି ଗାତ ଖୋଳିବାରେ ଲାଗିପଡ଼ିଲା; ଇମିତି ସ୍ଥାନରେ ଯେଉଁଠି ଗଛ ବଞ୍ଚି ଫୁଲ ଫୁଟିଲେ ଠିକ୍ ମହାଦେବଙ୍କ ମୁଣ୍ଡ ଉପରେ ରହିଥିବ । ଦଣ୍ଡେ ଖୋଳିଲା;ଖରାଦିନର ଟାଙ୍ଗର ଭୂଇଁରେ ଥିବା ଲୁହା ରଡ଼ରେ ଏମିତି ବକଟେ ପିଲା କଣ ଗାତ ଖୋଳିପାରିବ ? ମୋ ଆଡ଼କୁ ଚାହିଁ କହିଲା, "ବାପା, ଦିଅ ଗାତ ତାଡ଼ିଦିଅ । ମୁଁ ଗଛ ଲଗେଇବି ?" ଅଗତ୍ୟା ମୁଁ ରଡ଼ ଧରି ଗାତ କଲି । ସେ ଡାଳଟାକୁ ଗାତରେ ପୂରାଇ ଧଇଲା, ମୁଁ ମାଟି ପୋତି ସଳଖ, ଠିକ୍‌ଠାକ୍ କରିଦେଲି । ସେ ଲୋଟାରେ ପାଣି ଆଣି ଢାଳିଲା ।

ମହାଦେବଙ୍କ ଇଚ୍ଛାରେ, ନାଲି କାଠଚମ୍ପା ଡାଳଟି ମୂଳ ଗଛରୁ ଅଲଗା ହୋଇ ଯିମିତି ବଞ୍ଚିଲା, ବଢ଼ିଲା ମୁନ୍ନ ବି ସିମିତି ଶିଶୁ ଅବସ୍ଥାରୁ ମାଆକୁ ହରାଇ ବଞ୍ଚିଲା ଏବଂ ବଢ଼ିବାକୁ ଲାଗିଲା । ମୋର ସ୍ନେହ ଶ୍ରଦ୍ଧାରେ ମୁନ୍ନ ବଢ଼ିଲା ପରି ମୁନ୍ନର ଆଦର ଯତ୍ନରେ କାଠଚମ୍ପା ଶିଶୁ ବଢ଼ିଲା ଏବଂ ମହାଦେବଙ୍କ ଆଶୀର୍ବାଦ ଓ ସଦିଚ୍ଛାରେ ଆମେ ସମସ୍ତେ ବଢ଼ି ଚାଲିଲୁଁ ।

ମୁନ୍ନ ପାଇଁ ଭଲ ଟିଉସନ ମାଷ୍ଟରଟିଏ ପାଇଲି । ଷ୍ଟାଣ୍ଡାର୍ଡ଼ ୱାନରୁ ଷ୍ଟାଣ୍ଡାର୍ଡ଼ ଟୁ କୁ କ୍ଲାସରେ ପ୍ରଥମ ହୋଇଗଲା; କାଠଚମ୍ପା ଡାଳଟି ବଞ୍ଚି ପତ୍ର, ଶାଖାପ୍ରଶାଖା ମେଲି ତିନି ଚାରି ପେଣ୍ଟା ଫୁଲ ମଧ ବାହାରକଲା । ମୁନ୍ନର ଉଚ୍ଚତା ଓ ଗଛର ଉଚ୍ଚତା ପ୍ରାୟ ସମାନ ।

Digitized by srujanika@gmail.com

ମୁନ୍ନ ଗଛ ପାଖରେ ଛିଡ଼ା ହୋଇଥିଲେ ଫୁଲ ପେଣ୍ଡା ଓ ତା ମୁହଁ ସମାନ ରୂପ ରଙ୍ଗ ଓ ସ୍ତରରେ ରହନ୍ତି । ଦେଖିଲେ ଆମ ଛାତି କୁଣ୍ଢେମୋଟ ହୋଇଯାଏ । ଆଶ୍ଚର୍ଯ୍ୟ କଥା, ମୁନ୍ନ ଫୁଲରେ ହାତ ଦିଏ ନାହିଁ । ମହାଦେବ ଅପୂଜା ରହନ୍ତି ବରଂ ସେ କାଠଚମ୍ପା ଗଛକୁ ଛୁଇଁବ ନାହିଁ । ନିଜେ ନିଜେ ପୋତିଛି, ପାଳିଛି, ବଢ଼ାଇଛି; ଠିକ୍ ମୁଁ ତାକୁ ବଢ଼ାଇଲା ପରି ।

ଏବଂ ସୁଖର ଦିନଗୁଡ଼ାକ ଆହୁରି ମଧୁରତର କରିବା ପାଇଁ ବଡ଼ ପୁଅର ବିବାହ ପ୍ରସ୍ତାବ ଠିକ୍ ଯେଉଁଠି ଆମେ ଚାହୁଁଥିଲୁ ସେଇଠି ଚୂଡ଼ାନ୍ତ ହେଲା ଏବଂ ବିବାହ ଛ' ମାସ ପୂର୍ବରୁ ନିର୍ବନ୍ଧ ଉତ୍ସବର ଦିନ ଠିକ୍ ହେଲା । ଭୁବନେଶ୍ୱର ଶୈବପୀଠରେ ।

ନିର୍ବନ୍ଧକୁ ଗାଡ଼ି ଭଡ଼ା ନେଇ ଗଲୁଁ । ମୁନ୍ନ ଜିଦ୍ ଧରି ବସିଲା ନିର୍ବନ୍ଧକୁ ଯିବ । ଭାଉଜ ଦେଖିବ । ବାଟରେ ଯିମିତି ପୋଲଟାଏ ପଡ଼ିଛି ମୁନ୍ନ ଚିତ୍କାର କଲା, ଓହ୍ଲାଅ, ଓହ୍ଲାଅ, ନଈ ଆଗରେ । ଗାଡ଼ିରେ ଯିବା ନାହିଁ, ବୁଡ଼ିଯିବା ।'' ଆମେ ସମସ୍ତେ ଆଶ୍ଚର୍ଯ୍ୟ ହେଲୁ, ବୁଝିଲୁ ନାହିଁ କାହିଁକି ସେ ଏମିତି କହୁଛି । ଏଇ ପାଣିରେ ବୁଡ଼ିଯିବା କଥାଟା ତା ମୁଣ୍ଡ ଭିତରକୁ ମୁଁ ପୂରେଇଛି । ବାଡ଼ି ପଛପଟେ ଗାଡ଼ିଆ । ପହଁରା ତ ଶିଖାଇ ପାରିଲି ନାହିଁ । କାଳେ ବୁଡ଼ିଯିବ ବୋଲି ତାକୁ ନାନା ଭୟ ଦେଖାଇଛି, ବାଡ଼େଇଛି ମଧ୍ୟ । ତାରି ଏହା କୁଫଳ । ଅକାଳରେ ମୃତ୍ୟୁଚେତନା ତଥା ମୃତ୍ୟୁଭୟ ଜନ୍ମି ଯାଇଛି । ଦିନେ ଦିନେ ସ୍କୁଲରୁ ଫେରି କହେ, ଆଜି ସ୍କୁଲ ପାଖ କୂଅରେ ଗୋଟାଏ ଝିଅ ଖସିପଡ଼ି ବୁଡ଼ିଗଲା । ''ବାପା, କଲେଜ ପାଖ ଗାଡ଼ିଆରେ ଦୁଇ ଭଉଣୀ ପହଁରୁ ଥିଲେ, ଧରାଧରି ହୋଇ ବୁଡ଼ିଗଲେ ।'' ନିଜେ ପିଲାଦିନରୁ ମାଆ ମରିବା କଥା ଶୁଣି ଶୁଣି ବା କାଠଚମ୍ପା ଡାଳଟି ମାଆ ଦେହରୁ ଭାଙ୍ଗି ପଡ଼ିବାର ଦେଖି ବା ଖବରକାଗଜରୁ ବାରମ୍ବାର ମଲା ପିଲାଙ୍କ ଛବି ଦେଖି ଦେଖି ସେ ଖୁବ ଜୋର ଡ଼ରିଯାଇଛି ମୃତ୍ୟୁକୁ । ଦିନେ ମୁଁ ତା ପଛେ ପଛେ ଅଲକ୍ଷିତରେ ଯାଇ ଦେଖିଲି, ସ୍କୁଲକୁ ଗଲାବେଳେ ରାସ୍ତାର ଖୁବ ଦୂରରେ ଏକୁଟିଆ ବେଗ୍‌ଟି ଧରି ଚାଲିଛି କାଳେ ରିକ୍ସା ମଟର ମାଡ଼ିଯିବ ତା ଉପରେ । ମନେ ମନେ ଖୁସି ହେଲି ପିଲାଟା ଖୁବ ସାବଧାନ, ସତର୍କ; ବିପଦର ଆଶଙ୍କା ନାହିଁ । ରିକ୍ସାରେ ପ୍ରତିଦିନ ପଠାଇବା ପାଇଁ ପଇସା କାହିଁ ?

ନିର୍ବନ୍ଧ ହେଲା । ଭାଉଜ ଓ ଟିକି ଦିଅରଙ୍କ ସାକ୍ଷାତ୍ ହେଲା । ଏକାଠି ବସିଲେ, ଏକାଠି ଖାଇଲେ, ଭାଉଜ କୋଳରେ ଦଣ୍ଡେ ଶୋଇଗଲା ମଧ୍ୟ । ଯେତେ ସମୟ ଥିଲା କେହି ମୁହୂର୍ତ୍ତେ ପାଇଁ ପରସ୍ପର ଠାରୁ ଛାଡ଼ବାଡ଼ ହୋଇ ନାହାନ୍ତି । ମାଆ ଛେଉଣ୍ଡ ମା'ଟିଏ ପାଇଲା ପରି ମୁନ୍ନକୁ ଯେମିତି ଲାଗିଲା । ଗୁଲୁଗୁଲିଆ ନାଲି କାଠଚମ୍ପା ଫୁଲ ପରି ଦିଅରଟିଏ ପାଇ ଆଗାମୀ ବାତ୍ସଲ୍ୟର ଉଦ୍ରେକ ହେଲା ନୂଆ ଭାଉଜ ଛାତିରେ; ମାତ୍ର ଛଅଘଣ୍ଟା ଏକତ୍ର ସହାବସ୍ଥାନ ଫଳରେ ଦିଅର ଭାଉଜଙ୍କ ଏତେ ମମତା, ଦରଦ, ସଂପ୍ରୀତି ଜନ୍ମିଲା ଯେ ପରସ୍ପର ଠାରୁ ଦୁହେଁ ଯେତେବେଳେ ଅଲଗା ହେଲେ, ସେତେବେଳେ ଜଣକର ଆଖିରେ ଲୁହ, ଆଉ ଜଣକର ଲୁହମିଶା ଭୋ ଭୋ କାନ୍ଦ ।

Digitized by srujanika@gmail.com

ନିର୍ବନ୍ଧ ପରେ ଘରକୁ ଫେରିଲୁ । ବାଟଯାକ ମୁନୁର କଥା କଥାକେ ଭାଉଜ ଭାଉଜ ! ବାହାଘର ଆଉ ଛଅ ମାସ, କେବେ କାଠଚମ୍ପା ଫୁଲ ନେଇ ଫଗୁଣ ଆସିବ, ଭାଉଜ ଆସିବେ । ମୁନୁ ହିସାବ କରି ପାରେନି କେତେଦିନ ରହୁଛି, କାଳ ମାପି ପାରେନି । କାଳେ ଏଡ଼େ ସୁନ୍ଦରୀ ଝିଅଟା ହାବୁଡ଼କୁ ଖସିଯାଇ କେଉଁ ଆଇ.ଏ.ଏସ୍. ଆଇ.ପି.ଏସ୍. ବା ପି.ଓ. ଙ୍କ ହାବୁଡ଼କୁ ଚାଲିଯିବ, ସେଇ ଭୟରେ ଆମେ କୋଷ୍ଠି ମେଳ ହେଲା ମାତ୍ରେ ନିର୍ବନ୍ଧ କରିନେଲୁ ଏତେ ଆଗରୁ ନିର୍ବନ୍ଧ କରିବା ପାଇଁ କନ୍ୟାପକ୍ଷ ଅମଙ୍ଗ ଥିଲେ ବି । ମୁନୁ ସ୍କୁଲକୁ ଯାଏ, ଭଲ ପଢ଼େ, ପଶଂସା ପାଏ ଏବଂ କ୍ଲାସରେ ବି ଫାଷ୍ଟ ହୁଏ । ଘରକୁ ଫେରିଲେ ଯା ତା ଘରେ ହାଜିରା ପକାଇବା ପୂର୍ବରୁ କାଠଚମ୍ପା ଗଛରେ ପାଣି ଦିଏ ଏବଂ ଦିନେ ଦୁଇଦିନରେ ଭାଉଜ ପାଖକୁ ଚିଠି ଲେଖେ । "ଭାଉଜ ! ମୁଁ ଭଲ ଅଛି; ଭଲ ରୂପେ ପଢ଼ାଶୁଣା କରୁଛି, ତୁମେ କେମିତି ଅଛ ? କେବେ ଆସିବ, କାଠଚମ୍ପାରେ ଆଉ ଥରେ କଢ଼ ହୋଇଚି, ଆଜି ଏତିକି ।" କେଉଁ ଚିଠି ଡାକରେ ପଡ଼େ, କେଉଁ ଚିଠି ପଡ଼େନି ତାର ଚିଠି ଲେଖିବା କଥା ମୁଁ ଦିନେ ଜାଣିଲି ଯେବେ ଧାଇଁ ଆସି ପଚାରିଲା, "ବାପା, 'ଚମ୍ପା' କେମିତି ଲେଖାଯିବ ? ମୁଁ ଭାଉଜଙ୍କୁ ଚିଠି ଲେଖୁଛି ।"

ବାହାଘରକୁ ଆଉ ଚାରିମାସ ଅଛି ଦିନେ ରବିବାରିଆ ପ୍ରାୟ ଦଶଟାବେଳେ ଦେଖିଲି ଖରକାଟିଏ ଧରି ମୁନୁ ଅଗଣା ସଫା କରୁଛି । ଦିହଯାକ ଝାଳ, ମୁହଁ ଲାଲ, ନାକ ଅଗରେ ଗୁଣା ପରି ବିନ୍ଦୁ ବିନ୍ଦୁ ଝାଳ– ତାର ବ୍ୟସ୍ତ ଜୀବନର ଏ ସ୍ୱାଭାବିକ ଛବି । ପଚାରିଲି, "ଏ କଣ କରୁଛୁ, ଖରାଟାରେ ? ଘରେ କଣ କେହି ନାହାନ୍ତି, ଅଗଣା ସଫା କରିବାକୁ ?" ସେ କହିଲା, "ତମେ କିଛି ଜାଣିନ ବାପା । ବାହାଘରକୁ କେତେ ଲୋକ ଆସିବେ, ମୋତେ ସେମାନେ କଣ କହିବେ ? କହିବେ ନି– ମୁନୁ କାଠଚମ୍ପା ମୂଳକୁ କେତେ ଅସନା ରଖିଛି, ମହାଦେବଙ୍କ ଉପରେ କେତେ କାଠି ପତର ଜମା କରିଛି ?"

ମାତ୍ର ଆଉ କେତେଟା ଦିନ ପରର ଘଟଣା । ସେଦିନ ମୁନୁ ମାଆର ଶ୍ରାଦ୍ଧଦିନ । ମୁଁ କେତେଜଣଙ୍କୁ ଖୁଆଇବାର ବ୍ୟବସ୍ଥାରେ ବଜାରକୁ ଯାଇଥାଏ । ମହାଦେବଙ୍କ ମୁଣ୍ଡରେ ବା କାଠଚମ୍ପା ମୂଳରେ ପାଣି ଢାଳିବ ବୋଲି ତରବର ହୋଇ ମୁନୁ ଲୋଟାଟାଏ ଧରି ଗାଡ଼ିଆକୁ ଧାଇଁ ଯାଇଛି, ଶିଉଳି ପଡ଼ିଥିବା ପାହାଚରୁ ଖସି ପଡ଼ିଲା । ତାର ଟିଉସନ ମାଷ୍ଟର ପିଣ୍ଡାରେ ବସିଛନ୍ତି, ତାକୁ ଅପେକ୍ଷା କରି । ବିଳମ୍ବ ହେବାରୁ ସେ ତାକୁ ଡକାଡକି କଲେ ଏବଂ ନିଦାରୁଣ ଦୁର୍ଘଟଣା ଜଣାପଡ଼ିଲା ଏଲୁମୁନିୟମ ଲୋଟାଟା ଉବୁଡ଼ି ପଡ଼ି ଭାସି ବୁଲୁଥାଏ ପାଣି ଉପରେ । ସାହିରେ, ସହରରେ ରାଷ୍ଟ୍ର ହୋଇଗଲା ଏ ଦୁଃସମ୍ବାଦ ।

ତିନିଦିନ ଭିତରେ କେତେଥର ମୂର୍ଚ୍ଛାଗଲି, ହାଉଳି ବାଉଳି ହୋଇ ପାଗଳ ପରି କେତେ କଣ କହିଲି, ଖାଇଲି କି କଣ କଲି କିଛି ମନେ ନାହିଁ; ମାତ୍ର ପ୍ରକୃତିସ୍ଥ ହେବାରେ ଜାଣିଲି କିଏକିଏ ଆସିଥିଲେ, ଶୁଣିଲି ମଧ୍ୟ କେତେ ଲୋକ ମୁହଁରୁ କେତେ ଆଶ୍ୱାସନା ବାଣୀ । "ତା ମା' ତାକୁ ନେଇଗଲା" "ଭଲ ଛୁଆ ବଞ୍ଚନ୍ତି ନାହିଁ" ମହାଦେବ ତାକୁ

Digitized by srujanika@gmail.com

ପାଖକୁ ନେଇଗଲେ ।'' କେହି କେହି ବି କହିଲେ ଜାଣିଶୁଣି ପିଲାଟାକୁ ମାରି ଦିଆଗଲା, ବାଡ଼ି ଦରଜାଟାରେ ତାଲା ଦେଇଥିଲେ ଏ ଦୁର୍ଘଟଣା ଘଟିନଥାନ୍ତା ।'' ''ମାଆ ନାହିଁ ଜାଣୁଛ, ଚାକର କାମଦୁଣୀ ଗୋଟେ ସବୁବେଳେ ତା ପିଛା ରଖିବ ନାହିଁ ?'' ଶେଷକୁ ଦିଜଣ ଯାହା କହିଲେ ସେଥିରୁ ଆଶ୍ୱାସନା ପାଇଲି ଏବଂ ଜୀଇଁବାର ଖିଅ ପାଇଲି । ଜଣେ କହିଲେ, ''ମୁଁ ଗୋଟାକ ପରେ ଗୋଟାଏ ପୁଅ ଏମିତି ଜଳ ବୁଡ଼ିରେ ହରାଇଛି ।'' ଆଉ ଜଣେ କହିଲା, ''ଆଗରେ ପୁଅ ବାହାଘର, ସିଆଡ଼କୁ ମନ ଦିଅ, ଆହୁରି ବି ଯୋଡ଼ାଏ ତିନିଟା ପିଲା ଅଛନ୍ତି ତାଙ୍କ କଥା ଭାବ, ନହେଲେ ସେମାନେ ବି... ।''

''ଆରେ ବାବୁ ଜୀବଧନ, ତୁ ଗଲେ ମଥୁରା ବନ'' ଜୀବଧନ ତ ମଥୁରା ବନକୁ ଚାଲିଗଲା । ''ଜୀବନ ବିହୁନେ ଯେହ୍ନେ ଝସ ।'' ମୁନୁର ମାଆ ଗଲାପରେ ତ ଜୀବନ ବିହୁନେ ଆକୁ ପାକୁ ଝସ ବଞ୍ଚିଥିଲା । ଏବେ ପାଣି, କାଦୁଅ ଟିକକରେ ଯାହା ଛଟପଟ ହେଉଥିଲା ସେ ଟିକକ ବି ଶୁଖିଗଲା । ''କାହା ମୁଖ ଅନାଇ ବଞ୍ଚିବି ?'' ସ୍ମୃତିରେ ମଣିଷ ବଞ୍ଚେ । କିଏ ? ମଲା ମଣିଷ ସିନା ଲୋକ ସ୍ମୃତିରେ ବଞ୍ଚେ ? କିନ୍ତୁ ଜୀଅନ୍ତା ମଣିଷ ମଲା ମଣିଷର ଅର୍ଥାତ୍ 'ପିଲାପୁଅ' ର ସ୍ମୃତିରେ ଦହଗଞ୍ଜ ହୋଇ ଜଳି ପୋଡ଼ି ମରେ ସିନା !

ଚେତା ଥିବା ଯାକେ ଅର୍ଥାତ୍ ନିଦ ଔଷଧ ଖାଇ ଶୋଇବା ସମୟ ବାଦ୍– ଦୁଇ ଭାଗରେ ଜୀବନ କଟାଇବାକୁ ପଡ଼ିଲା । କେତେବେଳେ ବାହାଘର କଥା କେତେବେଳେ ଛାତିରେ କଞ୍ଚା ଘାଆ କଥା ।

ନାଲିରଙ୍ଗର ଲମ୍ୱାଳିଆ ଖାତାଟିଏ ବଜାରରୁ କିଣିଆଣି ବିବାହର ଅୟମାରମ୍ଭ ସ୍ୱରୂପ ''ଓଁ ଶ୍ରୀଶ୍ରୀଶ୍ରୀ ପ୍ରଜାପତୟେ ନମଃ'' ଲେଖୁଛି ଟେବୁଲ କଣରେ ଟେନିସ୍ ବଲ୍‌ଟା ଉପରେ ନଜର ପଡ଼ିଗଲା । ଏଇ ବଲ୍‌ଟି କାଳେ କିଏ ନେଇଯିବ ବା ହଜିଯିବ ବୋଲି ପ୍ରତିଦିନ ଖେଳିସାରି ମୋ ଟେବୁଲ ଉପରେ ମୁନୁ ରଖି ଦେଉଥିଲା, ନିରାପଦ ସ୍ଥାନ ଭାବି । କୋହ ସମ୍ଭାଳି ନେଲି ଏବଂ ନିମନ୍ତ୍ରଣ ପତ୍ରର ଚିଠା ପ୍ରସ୍ତୁତ କରିବା କାମ ଛାଡ଼ି ବାହାରିଲି ମୁନୁର ଯେଉଁଠି ଯାହା ଥିବ ତାକୁ ଏକାଠି କରି ଆଖିର ଅନ୍ତରାଳକୁ ନେଇଯିବା ପାଇଁ, ନ ହେଲେ ପ୍ରତି ମୁହୂର୍ତ୍ତରେ ଛାତି କରତି ହେଉଥିବ, ପୋଡୁଥିବ, ବାହାଘର କାମ କଣ କରିବି ?

''ବାପାରେ, ଚାଲିଗଲୁଁ''– ଏତିକି କହି ତାର ଲଙ୍ଗଳା ଫୁଙ୍ଗୁଳା ଥଣ୍ଡା ଦିହଟାକୁ ଥରେ ଗୋଡ଼ରୁ ମୁଣ୍ଡଯାକେ ଆଉଁସି ଡାକ୍ତରଖାନା ଟେବୁଲରୁ ସିଧା ଘରକୁ ଏକମୁହାଁ ହୋଇ ଚାଲି ଆସିଥିଲି । ତେଣୁ ତାର ବ୍ୟବହାର୍ଯ୍ୟ ଚିଜ ସବୁ ଘରେ ରହି ଯାଇଥିଲା । କେଉଁଠି ଛୋଟ ଛୋଟ ସାର୍ଟପେଣ୍ଟ, କେଉଁଠି ବହି କଲମ, ଖାତାପତ୍ର, ପେନ୍‌ସିଲ୍, ବ୍ୟାଗ, କେଉଁଠି ଜକ୍‌ଖିଆ ଡ଼ବା, କେଉଁଠି ଚୋତାଚପଲ ମୋଜା, ପୁଣି କେଉଁଠି ଖେଳନା...ରବର ବଲ, କାଣ୍ଡଶର, ଟ୍ରେନ୍, ମଟରଗାଡ଼ି, ଜଳଛବି ଏମିତି କି ଟଫି, ଚିଉଇଂଗାମ୍ ଯାକେ

Digitized by srujanika@gmail.com

କେତେ କ'ଣ । ଘର ଅନ୍ଧିସନ୍ଧି, ଡ୍ରୟାର, ଆଲ୍ମନା ଖୋଜାଖୋଜି କରି ଏକତ୍ର କଲି । ସବୁ ଜିନିଷ ଏମିତିକି ଦଶ ପଇସି; ପାଞ୍ଚ ପଇସି, ସ୍ଲେଟ ଖଡ଼ି, ଭଙ୍ଗା ଚକ୍ ଆଦି ଗୋଟାଏ ପ୍ଲାଷ୍ଟିକ ବ୍ୟାଗରେ ପୂରାଇ ବାକ୍ସ ଭିତରେ ରଖି ଦେଲି ତାର ଫଟୋ ସହିତ, ଯେଉଁଠି ତାର ମାଆର ଫଟୋ ଓ କେତୁଟା ବ୍ୟବହାର୍ଯ୍ୟ ଚିଜ ପୁଟୁଳିରେ ଥିଲା ।

କିଛିଟା ରକ୍ଷା ପାଇଲି । ଆଖିରେ ଅନ୍ତତଃ ମୁନୁର ଜିନିଷପତ୍ର ଦିଶିଲା ନାହିଁ; କିନ୍ତୁ ସେଇ କାଠଚମ୍ପା ଗଛ ଓ ତା ମୂଳରେ ସେହି ଅପୂଜିତ ମହାଦେବଟି ବାରମ୍ବାର ଆଖିରେ ପଡ଼ିଲେ । ସବୁ ନାଟର ଗୋବର୍ଦ୍ଧନ ସେଇ ବଳଙ୍ଗ ନଈର ପଥରଟିକୁ ଉଠାଇ ଆଣି ଚନ୍ଦନ ସିନ୍ଦୂର ଧୂଆପୋଛା କରି ମୋତେ ନ ଦିଶିବା ସ୍ଥାନରେ ରଖିଦେଲି । କେବଳ ଯୋଡ଼ାଏ ଜିନିଷ ବାକି ରହିଗଲେ । ଚମ୍ପାଗଛଟାକୁ କାଟିବାକୁ ମନ ଗଲାନି, ଘରୁ ବାହାରି ପଡ଼ିଲେ ସାମ୍ନା ପାଚେରି କାନ୍ଥରେ କର୍ଦ୍ଦମାକ୍ତ ଟେନିସ୍ ବଲର ଡରାପରି ଦାଗଗୁଡ଼ାକ ପୋଛି ସଫା କରି ପାରିଲିନି । ଘର ଭିତରେ ଗୋଟାଏ ଜାଗାରେ ସିମେଣ୍ଟ ପଲସ୍ତରା ଉପରେ ତାର ଟିକି ପାଦଟିର ଯେଉଁ ଚିହ୍ନ ସେ ମିସ୍ତ୍ରୀକୁ ଫୁସୁଲାଇ ରଖିଥିଲା ତାକୁ ବି ଲୁହାରଡ଼ ଖଣ୍ଡିକରେ (ଯହିଁରେ ମୁନୁ ମାଟି ଖୋଳି କାଠଚମ୍ପା ଲଗାଇ ଥିଲା) ଖେଞ୍ଚାଖେଞ୍ଚି କରି ନିଶ୍ଚିହ୍ନ କରିଦେଲି ।

ଏଥର ସୁସ୍ଥ ମନରେ ବିବାହ କର୍ମରେ ଆଗେଇଲି । ପୁତ୍ର କନ୍ୟା ବନ୍ଧୁବାନ୍ଧବ, ଆତ୍ମୀୟସ୍ୱଜନ ମୋର ଡକରାରେ ଆସିବାକୁ ଆରମ୍ଭ କଲେ । କେହି ବାଦ୍ ଗଲେ ନାହିଁ, ଏତେ ବଡ଼ ଶୋକାବହ ଘଟଣା ପରେ ସମସ୍ତେ ସହାନୁଭୂତି ଓ ଦରଦ ନେଇ ଆସିଲେ ଯିମିତି ବିବାହ ଉତ୍ସବ ଖୁବ୍ ଜମକରେ ହୁଏ ଏବଂ ମୁରବୀ ସବୁ ଦୁଃଖ ପାସୋରି ପରିବାରର ପ୍ରଥମ ପୁତ୍ରବଧୂକୁ ସ୍ୱାଗତ କରନ୍ତି; କିନ୍ତୁ ତା ହେଲା ନାହିଁ । ଏତେ କର୍ମବ୍ୟସ୍ତ ଉତ୍ସବମୟ ଦିନ ଗୁଡ଼ାକରେ କଣ ଗୋଟାଏ ବିରାଟ ଅଭାବ, କାହାର ଅସହ୍ୟ ଅନୁପସ୍ଥିତି ମୋତେ କାହିଁକି ପରିବାର ତଥା ବନ୍ଧୁକୁଟୁମ୍ବଙ୍କୁ ସଦା ସର୍ବଦା ବିହ୍ୱଳିତ କଲା । ସମସ୍ତେ ଯେମିତି କୁହାକୁହି ହେଲେ, "ସେ ପିଲାଟା ତ ନାହିଁ, ସେ ପିଲାଟା ଥିଲେ- କେଡ଼େ ବଢ଼ିଆ ପିଲାଟା... ।"

ଚତୁର୍ଥୀ ଦିନ ସକାଳେ । ବରକର୍ତ୍ତାଙ୍କ ପକ୍ଷରେ ବନ୍ଧାପନା ଦିନଟି ମୁଖ୍ୟ ଉତ୍ସବର ଦିନ । ସନ୍ଧ୍ୟାରେ ଭୋଜି, ନିମନ୍ତ୍ରିତ ଅତିଥିବର୍ଗଙ୍କ ସମାବେଶ, ଭୁରି ଭୋଜନ ବ୍ୟବସ୍ଥା । ଯେଉଁମାନେ ଏହାର ଦାୟିତ୍ୱରେ ଥିଲେ ସେମାନେ ସମସ୍ତେ ଏକମତ ହେଲେ ଅଗଣାରେ ଖନ୍ଦା ହେବ । ଘର ରୋଷେଇଶାଳା ଏଥିପାଇଁ ପ୍ରଶସ୍ତ ନୁହେଁ । ବାହାରେ ଖନ୍ଦା କଲେ ପାଣିପାଗର ଅସୁବିଧା, କୁଆ, କୁକୁର, ତା'ଛଡ଼ା ଅନେକ ଜିନିଷ ଅନ୍ତର୍ଦ୍ଧାନ ହୋଇ ଯିବାର ଭୟ ।

"କିନ୍ତୁ ଏଠି ଖନ୍ଦା କଲେ ଏ କାଠଚମ୍ପା ଗଛକୁ କାଟିବାକୁ ପଡ଼ିବ," ଜଣେ କହିଲା ।

Digitized by srujanika@gmail.com

''ତା କାଟିବାକୁ ପଡ଼ିବ ନିଶ୍ଚୟ । ଏତେ କମ ଜାଗାରେ ଚୁଲୀ କେଉଁଠି ପଡ଼ିବ, କାଠ କେଉଁଠି ରହିବ, ଜିନିଷପତ୍ର କେଉଁଠି ରଖିବ, ମଣିଷ ଘୂରାଫେରା ଚାଲବୁଲା କରି ପାରିବେନି ଯେ ।''

''କାଟିଦେବା ଗଛଟାକୁ । କେଉଁ ଅପୂର୍ବ ଗଛ ଯେ । ଏମିତି ଗଣ୍ଡା ଗଣ୍ଡା ଗଛର ବଣ ଚାରିଆଡ଼େ । ତା'ଛଡ଼ା ଡାଳ ଖଣ୍ଡେ ପୋତିଦେଲେ କେତେଟା ମାସରେ ଗଛ ଠିଆ ହୋଇ ଯିବନି ?''

ନିର୍ମମ କାଳ ମୁନୁକୁ ଅକାଳରେ କାଟି ଦେଲା ପରି ଗୋଟାଏ ଯମଦୂତ ପରି ଲୋକଟା କୁରାଢ଼ୀ ନେଇ କାଠଚମ୍ପାକୁ ଏକା ଚୋଟରେ ହାଣିଲା ବେଳେ ବି ଦୟାର୍ଦ୍ର କଣ୍ଠରେ କହିଲା, ''ଖାଲି କଢ଼ ଗୁଡ଼ାକରେ ଡାଳ ଭରପୂର ହୋଇଥିଲା । ଛୋଟ ଗଛଟାରେ ଫୁଲ ଫୁଟିଥିଲେ ବଢ଼ିଆ ଦିଶିଥାନ୍ତା ।''

ବାହାଘର ସରିଲା । ସମସ୍ତେ ଯେଝା ସ୍ଥାନକୁ ଚାଲିଗଲେ । କେବଳ ପୁଅବୋହୂ ରହିଲେ, କେତୁଟା ଦିନ ପରେ ସେମାନେ ବି ଚାଲିଗଲେ । ଘରେ ପୁଅ ନଥିଲାବେଳେ ଦିନେ ଦେଖିଲି ବୋହୂ କାନ୍ଦୁଛନ୍ତି । କ'ଣଟାଏ ଲୁଚାଇବାକୁ ଯାଉଥାନ୍ତି, ଜାଣିପାରିଲି ସେ ମୁନୁର ଚିଠି ଟିକକ ଧରି ପଢୁଥିଲେ ! ''ଭାଉଜ ! ତୁମେ କେବେ ଆସୁଛ ?'' ମୋତେ ଚାହିଁ କୋହ ସମ୍ଭାଳି ନପାରି କହିଲେ, ''ମୁଁ ଆସିଲି ବାବା, ମୁନୁ କାହାନ୍ତି ?'' ଦିମାସ ଖଣ୍ଡେ ପରେ ଏକୁଟିଆ ବାହାର ପିଣ୍ଡାଟାରେ ଆକାଶର ଚଲା ମେଘ ଖଣ୍ଡକୁ ଚାହିଁ ବସିଥାଏ । ଦେଖିଲି, ଚୂନରେ ଡବଲ ମାରିଲେ ବି କାନ୍ଥଅ ଟେନିସ୍ ବଲ୍‌ର ଅଜସ୍ର ଦାଗ ଲିଭି ନାହିଁ ବରଂ ଅଧିକ ପରିସ୍ଫୁଟ ହୋଇଛି ।

ଘର ଭିତରକୁ ପଶିଯାଇ ଅଗଣାକୁ ଗଲି । ଚାହିଁଲି ଚାରିଆଡ଼କୁ । କେତେ ଫାଙ୍କା ଦୁନିଆଟା– ନା ଶିବଲିଙ୍ଗ, ନା କାଠଚମ୍ପା, ନା ମୁନୁ । ବିବାହ ଭୋଜି ପାଇଁ ଖୁଇଗାତ ପରି ଯେଉଁ ଚୁଲିଗାତଟା ହୋଇଥିଲା ତାର ଟିକିଏ ଦୂରରେ ଦରପୋଡ଼ା ମୁଣ୍ଡା କାଠଟା ପଡ଼ିଥିଲା ଗୋଟାଏ ପୁରୁଣା ଆଲକତରା ଡ୍ରମକୁ ଲାଗି । ଅନ୍ୟମନସ୍କ ହୋଇ ବିଭ୍ରମରେ ଯେମିତି କାଠଖଣ୍ଡଟା ଗୋଡ଼ରେ ପେଲି ଦେଇଛି, ଦେଖିଲି ମୁନୁର କାଠଚମ୍ପା ଗଛର କଟା ମୂଳଟାରୁ ଚାଖଣ୍ଡେ ଲମ୍ବ ଛୋଟ ଡାଳଟିଏ ଗଜୁରି ଗୋଟିଏ ଛୋଟ ନାଲି କାଠଚମ୍ପା ଫୁଟିଛି ।

ବିହ୍ୱଳିତ ହୋଇ 'ମୁନୁ', 'ମୁନୁ' ଚିତ୍କାର କରି ସାଇକେଲ ଧରି ଧାଇଁଲି ଶ୍ମଶାନ ଆଡ଼କୁ କିଏ କଣ ଭାବୁଛି ସେଥିପ୍ରତି ଭ୍ରୂକ୍ଷେପ ନକରି । ମୋର ବଦ୍ଧମୂଳ ଧାରଣା ଯେ ମୁନୁକୁ ଯେଉଁଠି ପୋତା ହୋଇଥିଲା ସେଇଠି ସେ ପୁଣି ତା'ର କାଠଚମ୍ପା ପରି ଗଜୁରି ଫୁଲଟିଏ ହୋଇ ଫୁଟିଥିବ ।

Digitized by srujanika@gmail.com

# ଅଥ ମର୍କଟ ଉପାଖ୍ୟାନ

ତା ସହିତ ପ୍ରଥମ ଦେଖା ରେଭେନ୍‌ସା କଲେଜରେ, ଇଷ୍ଟ ହଷ୍ଟେଲ । ଉଣେଇଶ ଶହ ବତିଶ ସାଲରେ, ମୋର ଫାଷ୍ଟ ଇଅର ଆର୍ଟସରେ, ଯେବେ ଓଡ଼ିଶା ସ୍ୱତନ୍ତ୍ର ହୋଇ ନଥାଏ କି ଭାରତ ସ୍ୱାଧୀନତା ପାଇ ନଥାଏ– ଯେତେବେଳେ ଅନ୍ଧକାରାଚ୍ଛନ୍ନ ଦେଶଟାରେ ଆଲୋକ ବିତରଣ କରୁଥାଏ କେବଳ ସେହି ଗୋଟିଏ କଲେଜ–ରେଭେନ୍ସା କଲେଜ ଏବଂ ଦୂରଦୂରାନ୍ତରୁ ଗଡ଼ଜାତର ବଣଜଙ୍ଗଲମାନଙ୍କରୁ ଆସୁଥାନ୍ତି ମର୍କଟପଲ, ପଶୁତ୍ୱର ଅସଭ୍ୟତାରୁ ମୁକ୍ତ ହେବା ପାଇଁ କଟକକୁ । ରେଭେନ୍‌ସାରେ ଡିଉକ୍ ସାହେବ, ମେଡ଼ିକାଲ ସ୍କୁଲରେ ଅନିଲ ସାହେବ, କିଏ ସ୍କଟଲାଣ୍ଡର ତ କିଏ ଆୟାରଲାଣ୍ଡର, ହୁଏତ ଯୁଦ୍ଧ ଫେରନ୍ତା ମିଲିଟାରୀ ଅଫିସର ।

ମୁଁ ଅଠତିରିଶ ନମ୍ବର କୋଠରୀରେ ଥିଲାବେଳେ ଦିନେ ତାକୁ ଦେଖିଲି; ପ୍ରଶସ୍ତ ସ୍କାଇଲାଇଟ୍‌ରେ ବସିଥିବାର । କାଚ ଦେଇ ଦେଖିଲେ ତା ମୁହଁଟା ଆମ ପରି ଆମ ବାପଅଜାଙ୍କ ମୁହଁ ପରି ଦିଶୁଥିଲା; ଖାଲି ଆଖିରେ ମୁହାଁମୁହିଁ ଚାହିଁଲେ ସେ ମାଙ୍କଡ଼ ପରି ଦିଶୁଥିଲା । କପାଳ ଉପର ଚୁନ୍ଦି କେତୁଟା କାର୍ଟୁନ ଛବି ପରି ସିଧାସଳଖ ଆଗକୁ ବାହାରିଥିବାରୁ ମୁହଁକୁ ଛାଇ ହେଉଥିଲା ଏବଂ ମୁହଁଟାକୁ ଗାଢ଼ ଚିକ୍ ଚିକ୍ କଳା କରୁଥିଲା । ଆଖି ମିଟିମିଟି କରି କଣ ସେ ଦେଖୁଥାଏ, ଭାବୁଥାଏ, ଜାଣିବା ମୁସ୍କିଲ । କେତେ ଦିନ ତା ଗତିବିଧି ଲକ୍ଷ୍ୟକରି ଜାଣିଲି ଯେ ଖରାବର୍ଷା ହେଲେ ଆମେ ଯିମିତି ଆଶ୍ରୟସ୍ଥଳୀ ଖୋଜୁଁ, ସେ ବି ଏ ସ୍ଥାନଟିକୁ ସେ ଉଦ୍ଦେଶ୍ୟରେ ବାଛି ନେଇଛି । ଶ୍ରଦ୍ଧାରେ ଆମେ ସମସ୍ତେ ତା ନାଆଁ ଦେଇଥିଲୁଁ ଡାରଉଇନ୍ ।

ତାର କାର୍ଯ୍ୟକଳାପ, ବ୍ୟବହାର, ଆଚରଣ ଅବିକଳ ଆମରି ପରି । ବାପା ମାଆଙ୍କଠାରୁ ଦୂରରେ ରହି ଆମେ ତାକୁ ପ୍ରାୟ ସୋଦର ଭାଇ ବୋଲି ଧରି ନେଇଥିଲୁଁ । ହଷ୍ଟେଲ ଇଲାକାରେ ଥିଲେ ସେ ପୂରାପୂରି ପ୍ରିଫେକ୍ଟ ପରି ଓ୍ୱାର୍ଡ଼ମାନଙ୍କରେ ଘୂରାଫେରା କରେ; ଦେଖେ କିଏ ଷଡ଼ି ଆଓ୍ୱାରରେ ପଢ଼ାପଢ଼ି କରୁଛି ନା କମନ୍ ରୁମ୍‌ରେ କେରମ ବା ତାସ୍ ପିଟୁଛି । କେତେବେଳେ ମେସ୍ ସେକ୍ରେଟେରୀ ପରି କିଚେନ୍ ବ୍ଲେଣ୍ଡିବ୍ ଆଡ଼େ ଯାଇ ଧ୍ରୁବ, ଉଦ୍ଧବ, ଧନୀ, ତରଙ୍ଗ, କେଶବ ଆଦି ପୂଜାରୀ ଓ ବୁଧିଆ, କାଶୀ, ପଞ୍ଚୁ, ନାରଣ ଆଦି ଚାକରବାକରଙ୍କ କାମ ତଦାରଖ କରେ । ତାକୁ ଦେଖିଲେ ସେମାନେ କହନ୍ତି, 'ହେଇ, ରାଣ୍ଡୀପୁଅ ଅନନ୍ତା ଆସିଗଲା ।' ସେମାନେ ଆମକୁ ଯିମିତି ଖାଇବାକୁ ଦେଇ ସେବା କରି ଆନନ୍ଦ ପାଆନ୍ତି, ଚାକିରି ଦରମା କଥା ନ ଭାବି, ତାକୁ ବି ସିମିତି ଆତ୍ମୀୟ

Digitized by srujanika@gmail.com

ବୋଲି ଭାବନ୍ତି ।

କଲେଜ ଚାଲିଥିଲା ବେଳେ ମନ ହେଲେ ସେ ପରିଡା ସାହାବଙ୍କ ବଟାନି କ୍ଲାସ, ନାରଣ ମିଶ୍ରଙ୍କ ଫିଜିକ୍ସ ଲେକ୍‌ଚାର ଥିଏଟରେ, ବାଓ୍ୱା କର୍ତ୍ତାର ସିଂଙ୍କ ଦାଢ଼ି ଦେଖି ମନ ଭୁଲାଏ; ଚେୟାରଟି ଭିତରେ ବୁଡ଼ି ରହିଥିବା ସାଧୁବାବୁ ଲାଇବ୍ରେରୀଆନ୍‌ଙ୍କ ଛୁଳୁଛୁଳୁ ଆଖି ଓ ପାନ ପାଚି ଦେଖିବା ପାଇଁ କେବେ କେବେ କନିକା ଲାଇବ୍ରେରୀ କି ଯାଏ । ଆର୍ଟସ ବ୍ଲକରେ କାଶୀବାବୁଙ୍କ ଶ୍ଳୋକ ପାଠ, ଆର୍ତ୍ତବାବୁଙ୍କ ମୁଖ ବିକୃତି, ସାନ୍ୟାଲଙ୍କ ଚିତା, କେ.ପି. ସିହ୍ନାଙ୍କ ସାହେବୀ ପୋଷାକ, ମୋହିନୀ, ବିପିନଙ୍କ ଦର୍ଶନ, ଜନାଥନ ଓ ହରେକୃଷ୍ଣଙ୍କ ଚାଲି ଦେଖି ଦେଖି ମଉଜରେ ଦିନ କଟାଏ । ସେମାନଙ୍କୁ ସେ ସାକ୍ଷାତ ରାମଚନ୍ଦ୍ର ବୋଲି ଭାବେ । ସେମାନେ ସମସ୍ତେ ତାକୁ ଭିତରେ ବାହାରେ ଯେଉଁଠି ଥିଲେ ବି ଉଦ୍‌ପାତିଆ ବୋଲି ଜାଣନ୍ତି; ମାତ୍ର ପୁଅପୁତୁରା ପାଳିଲା ପରି ସ୍ନେହ ଆଦରରେ ତାର ସବୁ ଦୋଷ କ୍ଷମା କରିଦିଅନ୍ତି । 'ମାଙ୍କଡ଼ ମାଙ୍କଡ଼; ମଣିଷ ହବାକୁ ଡେରି ଲାଗିବ ।' ବାଡ଼ିଆପିଟା ଗାଳିଗୁଲଜ କଲେ ମାଙ୍କଡ଼ ପ୍ରତିଶୋଧ ଭାବାପନ୍ନ ହୋଇ ଘରେ ନିଆଁ ଲଗାଇ ଦେଇପାରେ ।

ତାର ଖାଲି ଏତିକି ଦୁଃଖ ଯେ ସେ ଏକୁଟିଆ । ଦୁଇ ଚାରି ଜଣ ମର୍କଟୀ ଛଡ଼ା ଆଉ ଏତେ ବଡ଼ କଲେଜ ପରିସରରେ ସୁନ୍ଦରୀ ଯୁବତୀ ନାହାନ୍ତି ଯାହାଙ୍କୁ ଦେଖି ହେଲେ ମନ ମନାଇବ । ତେଣୁ ମନ ଭୁଲାଇବା ପାଇଁ ନିଜେ ପଡ଼ିଆରେ ଭଲି ଖେଳୁ ନଥିଲେ ତାଳଚେରୀଙ୍କ ଟଣା ରିକ୍‌ସାରେ ବା ଘୋଡ଼ା ଗାଡ଼ିରେ ଦୁଇ ତିନିଜଣ ସାଙ୍ଗ ନେଇ କିଲ୍ଲା ପଡ଼ିଆକୁ ଯାଏ, ରେଭେନ୍‌ସା ବନାମ ମେଡ଼ିକାଲ ଖେଳ ଦେଖିବାକୁ । ଜର୍ଜ ପଟନାୟକ, ବ୍ରହ୍ମାନନ୍ଦ, ହେଲୁବାବୁଙ୍କ ଖେଳ ଦେଖିବ । ଯେଉଁଦିନ ଖେଳ ନଥାଏ ସେଦିନ କାଠଯୋଡ଼ି କୂଳ, ଜୋବ୍ରା ଆନିକଟ୍ ଆଡ଼େ ଯାଏ; ନହେଲେ ରେଳ ଲାଇନରେ ଯାଇ ପୋଲପାଖ କାଳିଆବୋଦାରୁ କାନକୋଳି ବା ବରକୋଳି ଖାଏ; ଫେରିଲା ବାଟରେ ମୟୂରଭଞ୍ଜ କୋଠି ପାଖ ମରହଟ୍ଟା ପଡ଼ିଆରେ ହାଓ୍ୱା ଖାଏ । ବେଶି ଭଲ ଲାଗେ ତାକୁ ଚାଉଳିଆଗଞ୍ଜ ପୋଷ୍ଟ ଅଫିସ ଅଞ୍ଚଳ । ଗଛବଣ ଭିତରେ ଗୁଡୁରାଟୀ ଦୋକାନ ନୂଆ ହୋଇ ଖୋଲିଥାଏ; ସେଉ, ଗାଣ୍ଠିଆ ପୋଦନା ଚଟଣୀ ଏବଂ ମହୀଶୂରପାଗ କଟକରେ ନୂଆ ଚିଜ । ସେ ସବୁର ନୂଆ ମହକ ଶୁଘାଶୁଘି କରେ । ପାଖକୁ ଲାଗି ଅନ୍ନୁର ପାନ ଦୋକାନ । ସେଠି ମିଳେ ମିଠା ମସଲା ଦିଆ ପାନ, ଭୀମା ବରଫ କଳର ବରଫ, ଇଞ୍ଜିନ୍ ଗୋଲାପ ସୁନ୍ଦରୀ ମାର୍କା ବିଡ଼ି ଏବଂ ସର୍ବୋପରି ତାର ଅତିପ୍ରିୟ କଦଳୀ କାନ୍ଧି । ଦୋକାନ ପାଖକୁ କୁଞ୍ଜିଆର ମିଠା ଦୋକାନ, କଡ଼ାରେ ଟବ୍‌ଟବ୍ ହୋଇ ହୋଇ ବଡ଼ ବଡ଼ ଲେଡ଼ିକେନିଂ ଓ ଧଳା ରସଗୋଲା ଭାସୁଥାଏ ।

କଟକ ସହର ଷ୍ଟେସନରୁ କମିଶନର କୋଠି– ତା ଦଖଲରେ ଯିମିତି । ପୁରୀ ଓ ତାଳଚେର ପାସେଞ୍ଜର ଗାଡ଼ି ଦୁଇଟାକୁ ଲାଗିଗୋଡ଼ି ବିଛା ପ୍ଲେଟଫର୍ମରେ ସେ ନେପୋଲିଅନ ପରି ଛିଡ଼ା ହୋଇ ଦେଖେ । ଯିମିତି ସେ ସିଗ୍‌ନାଲ ଦେଲେ ଗାଡ଼ି ଚାଲିବ ।

Digitized by srujanika@gmail.com

ଗୁଡ଼ାଏ ପିଲା ଅଛନ୍ତି ସେମାନେ ଭଲ ପଢ଼ନ୍ତି ଯିମିତି, ବିଭ୍ରାଟ ଭିଆନ୍ତି ସିମିତି । ଡାରଉଇନ୍ ସିମିତି କିସମର ଜୀବଟି । ଦିନେ କଣ ଖିଆଲ ପଶିଲା, ଚାକର, ପୂଝାରୀ ମିଶି ମେସ୍ ପଛ ବଡ଼ ବଗିଚାଟାରେ ଯେଉଁ ଖରାଦିନିଆ ଫସଲ କରିଥାଆନ୍ତି ସେଥିରେ ମକା ବାଡ଼ିଟା ଭାରି ଲୋଭନୀୟ ହୋଇଥାଏ । ବଡ଼ ବଡ଼ ଚଅଁର ଶୁଖି ନଥିବା ଯୋଡ଼ା ମକ୍କା କାଖରେ ଧରି ଗଛଗୁଡ଼ାକ ଛିଡ଼ା ହୋଇଥାଆନ୍ତି । ମକାରେ ମଞ୍ଜି ହେଲାଣି କି ନାହିଁ ପରୀକ୍ଷା କରିବା ପାଇଁ ଦୁଇ ଚାରିଟା ମକା କଡ଼୍ କଡ଼୍ ଭାଙ୍ଗି ସେ ଚୋପା ଫିଟାଇ ଦେଖିଲା । ଯିମିତି ଚାକର ପୂଝାରୀ ଢେଲା ପଥର ପ୍ରୟୋଗ କରିଛନ୍ତି, ସିମିତି ସେ ଗୋଟାଏ ହୁଙ୍କାର ଛାଡ଼ିଲା । ତାର ସାଙ୍ଗସାଥି ପୋଷ୍ଟ ଅଫିସ ପାଖରୁ, ହଷ୍ଟେଲରୁ ଧାଇଁ ଆସିଲେ । ମକାବାଡ଼ି କ୍ଷଣକେ ଉଚ୍ଛୁଡ଼ିଗଲା । ଯୁଦ୍ଧ ଶେଷରେ ବିଜୟୀ ବୀରମାନେ ଚିହ୍ନ ସ୍ୱରୂପ କାକୁଡ଼ି, ଜହ୍ନି, କଲରାଲତା ଧରି ମକାଗଛକୁ ଠେଙ୍ଗା କରି ଶୋଭାଯାତ୍ରାରେ ମହାତ୍ମା ଗାନ୍ଧୀଙ୍କ ଜୟ କରି ଅନ୍ତର୍ଦ୍ଧାନ ହୋଇଗଲେ ।

. ନାନା ଉତ୍‌ପାତିଆ ବିତ୍‌ପାତିଆ ଗୁଣ ସତ୍ତ୍ୱେ ସମସ୍ତଙ୍କ ଶ୍ରଦ୍ଧାଆଦର ଯତ୍ନରେ ବଢ଼ି ଡାରଉଇନ୍ ଦିନେ ଗୋଟାଏ ବଡ଼ ସକ୍ ପାଇଲା । କଲେଜ ଫାଟକ ପାଖର ସୀତାହାର ଗଛ ଅଗରେ ବସି ଦିନ ଦୁଇଟାବେଳେ କଅଁଳ ପତ୍ର ଚୋବାଉଥାଏ, ଦେଖିଲା, ସଡ଼କରେ ବଳଦଗାଡ଼ିରେ ଗୋଟାଏ ବଡ଼ ଗଣ୍ଠିଲି ଲଦା ହୋଇଛି । ଉପରେ ଠିକଣା ଥିଲା ଜଲିଲ ମିଆଁର । ମାନ୍‌ଚେଷ୍ଟର ଲୁଗା ତା'ଭିତରେ ଅଛି । ଛଅଟା ଏଗାର ବାର ବର୍ଷର ପିଲା ବୁଦ୍ଧି ଦୁର୍ବୁଦ୍ଧି ଠିକ୍ ତାରି ପରି ପ୍ରୟୋଗ କରି ପ୍ରତି ଇଞ୍ଚରେ ଗାଡ଼ିକୁ ଅଟାକାଉଛନ୍ତି, ଶୋଇ ବସି ଗାଡ଼ି ଚକ ତଳେ । ତାର ବି ଇଚ୍ଛା ହେଉଥିଲା ସେମାନଙ୍କ ସାଙ୍ଗରେ ଯୋଗଦିଅନ୍ତା । ଗାଡ଼ିଟାକୁ ଷ୍ଟେସନରୁ କଲେଜ ଆସିବାକୁ ସକାଳ ଆଠଟାରୁ ଦିନ ଦୁଇଟା ହେଲାଣି । ପନ୍ଦର ଟଙ୍କା ଭଡ଼ା । କଲେଜରୁ ଗୁଡ଼ାଏ ମାଙ୍କଡ଼ ଆସି ଦେଖୁଥାନ୍ତି ସଂଘର୍ଷ, ଛଅଟା ଲାଲ ମୁଣ୍ଡିଆ କନେଷ୍ଟବଳ ଆଉ ଏଇ ଛଅଟା କଅଁଳ ମେଞ୍ଚଡ଼ ଟୋକାଙ୍କର । ଦେଖଣାହାରୀଙ୍କ ଆଗରେ ଅପମାନିତ ହୋଇ ପୋଲିସ୍ ପିଲାଗୁଡ଼ାକୁ ଠେଙ୍ଗାରେ ବାଡ଼େଇ ଜଖମ ଅଚେତ କରିଦେଲା ଓ ଘୋଡ଼ାଗାଡ଼ି ଭିତରକୁ ମୁର୍ଦ୍ଦାର ପରି ଫୋପାଡ଼ିଦେଇ ବିଲାତି ଲୁଗା ଗାଡ଼ି ନେଇ ଚୌଧୁରୀ ବଜାରକୁ ଚାଲିଗଲା । ଏଇ ଦୃଶ୍ୟ ଦେଖିବା ପରଠୁ ଡାରଉଇନ୍‌ର ରକ୍ତରେ ପୋଲିସ୍ ବାହିନୀ ପ୍ରତି ଦୁର୍ଦ୍ଦମନୀୟ ପ୍ରତିହିଂସା, ଘୃଣା ପଶିଗଲା ଯାହା ପରବର୍ତ୍ତୀ ଯୁଗରେ ତାର ପୁତ୍ରକଳତ୍ରଙ୍କ ପର୍ଯ୍ୟନ୍ତ ଜାଗ୍ରତ ରହିପାରେ ।

ଏ ଘଟଣାର ପ୍ରତିକ୍ରିୟା ହେଉ ବା 'ସ୍ୱଭାବ ଛାଡ଼ିବି କେମନ୍ତେ ?' ର ନିଦର୍ଶନ ହେଉ ମୋ ଉପରେ ପ୍ରଥମ (ମାଙ୍କଡ଼ାମିର) ପରୀକ୍ଷା କଲା । ଖରାଦିନ ଦିପହର । ଝରକା କବାଟ ବନ୍ଦ କରି ଶୋଇଥାଏଁ । ମୋର ପାର୍ଟନାର ମଧୁ ବଟାନି ପ୍ରାକ୍ଟିକାଲ କ୍ଲାସକୁ ଯାଇଥାଏ । ପ୍ରାୟ ଚାରିଟା ବେଳେ ନିଦ ଭାଙ୍ଗିଲା ବେଳକୁ ଆଖି ଫିଟାଇ ଚାହିଁଲି । ମୋ ଗୋଡ଼ ତଳ ମଶାରି ବାଡ଼ ଉପରେ ଡାରଉଇନ୍ ଗୋଡ଼ ମେଲାଇ ଲାଞ୍ଜ ଝୁଲାଇ ମୋ

Digitized by srujanika@gmail.com

ଆଡ଼କୁ ଚାହିଁଛି । ଚାରି ଚକ୍ଷୁର ମିଳନ । ଯୁଗ ଯୁଗ ଧରି ଏକତ୍ର ହୋଇ ନଥିବା ଦୁଇ ଆତ୍ମୀୟଙ୍କ ଆଶ୍ଚର୍ଯ୍ୟାନ୍ୱିତ ଚାହାଣି । ମୁଁ ନିଜ ପ୍ରତାରଣା କରି ଆଖି ବୁଜି ଦେଲି । ହୃଦୟର ସ୍ପନ୍ଦନ କମିବାରୁ ଆଖି ଫିଟାଇ ଦେଖିଲି ଏକ ଭୌତିକ କାଣ୍ଡ । ଭଙ୍ଗାରୁଜା କ୍ଷୟକ୍ଷତିର ପରିମାଣର କଳନା ନାହିଁ । ସିରାପ୍ ବୋତଲରେ ଟୋପାଏ ବି ନାହିଁ । ବିସ୍କୁଟର ଟୁକୁରା ଏଠିସେଠି ପଡ଼ିଛି । ଟା ମୁଠାକୁ ମୁଠା ସେ ଫିଙ୍ଗିଛି, କାରଣ ସେଗୁଡ଼ା ତାର ଅଦରକାରୀ । କିରାସିନି ସ୍ପିରିଟ ଶିଶି ବୋତଲ ଭାଙ୍ଗି କାଚ କୋଠରୀଯାକ ବୁଣି ହୋଇଛି, କଡ଼ା ଗନ୍ଧରେ ନାକ ଫାଟିଯାଉଛି । ଜଣେ ମେକାନିକ୍ ପରି ବା ଜଣେ ମେଡ଼ିକାଲ ଛାତ୍ର ଶବ ବ୍ୟବଚ୍ଛେଦ କଲାପରି ପ୍ରାଇମାସ ଷ୍ଟୋଭର ଅଙ୍ଗପ୍ରତ୍ୟଙ୍ଗ ପରୀକ୍ଷା ନିରୀକ୍ଷାରେ କାଠ ଖଟଟାରେ ବିଛୁଡ଼ି ହୋଇ ପଡ଼ିଛି । ଉପରକୁ ଚାହିଁଲି ଧ୍ୱଂସକର୍ତ୍ତା ପଶି ଆସୁଛି । ଆମେ ତାକୁ ରାଗି ପାରୁନା । ତାକୁ ଭଲ ପାଉଛୁ, ଉତ୍ସାହ ଦେଉଛୁଁ । ଭସ୍ମାସୁରକୁ ନିଜେ ଗଢ଼ି ସ୍ୱୟଂ ଭଗବାନ ମାଚି ପାରିଲେ ? କୁମାରଙ୍କ ଝରିଆରେ ମାଇଲେ ସିନା !

ଛଅ ବର୍ଷ ବିତିଗଲା । କେବଳ ଥରେ ମାତ୍ର ଭୁଲ ବୁଝାମଣାରେ ତାକୁଇ କେନ୍ଦ୍ର କରି ତାରି ଯୋଗୁଁ ପୂର୍ବ ପଶ୍ଚିମ ଛାତ୍ରାବାସ ବା ପୂର୍ବ ପଶ୍ଚିମ ଓଡ଼ିଶାକୁ କେନ୍ଦ୍ର କରି ଗୋଳମାଳ ହୋଇଥିଲା; ମାତ୍ର ତାର ସମାଧାନ ଓ୍ୱାର୍ଡ଼େନ କଲେ ଏକ ଭୁରି ଭୋଜନର ବ୍ୟବସ୍ଥା କରି, ଯାହା ଶେଷରେ ତାଙ୍କ ସ୍ତ୍ରୀ ଗୀତ ଗାଇଲେ । ସେ ନିଜେ ଡୁବି ତବଲା ବଜାଇଲେ ଓ ତାଙ୍କ ଅପରୂପା ସୁନ୍ଦରୀ ଝିଅ ନାଚିଲା । ମନୋରଞ୍ଜନର ଚୂଡ଼ାନ୍ତ ବ୍ୟବସ୍ଥା ଭିତରେ ପୂର୍ବ ପଶ୍ଚିମ ଏକ ଏବଂ ଅଭିନ୍ନ ହେଲେ ।

ବହୁ ବର୍ଷ ପରେ । ବହୁ ଆକାଙ୍କ୍ଷିତ ସ୍ୱତନ୍ତ୍ର ଉତ୍କଳ ଏବଂ ତା ପରେ ସ୍ୱାଧୀନ ଭାରତ ଏବଂ ପରେ ପରେ ତଥାକଥିତ ବୃହତ୍ତର ଉତ୍କଳ ଆସିଲା । ସୁଫଳ କୁଫଳ ସହିତ, ଆସିଲା ବିଶ୍ୱବିଦ୍ୟାଳୟ । ମର୍କଟ ରାଜ୍ୟ ପକ୍ଷରେ ଏହା ଅଶୁଭ ଫଳର ସୂଚନା ଦେଲା । ରେଭେନ୍ସା କଲେଜ ଏକାଧିପତ୍ୟ ହରାଇଲା ଏବଂ ବାଣୀବିହାର, ସାମନ୍ତ, ବକ୍ସି, ଫକୀର, ଗଙ୍ଗାଧର, ଗଜପତି ଆଦି ନାନା ଅନୁଷ୍ଠାନ ଜ୍ଞାନ ବିତରଣ କେନ୍ଦ୍ରରେ ପରିଣତ ହେଲେ । କଲେଜ ସହିତ ପ୍ରଥମରୁ ମର୍କଟମାନଙ୍କରଏକତ୍ରାବସ୍ଥାନ ପରମ୍ପରାରେ ଡାରଉଇନ୍ ବଂଶର କ୍ଷମତା ବିକେନ୍ଦ୍ରୀକୃତ ହେଲା । ଏ ଯୁଗରେ ସେମାନଙ୍କ ବଂଶ କିଛି କମିଲା । ବିନଷ୍ଟକାରୀ ଜୀବ ବୋଲି ଘୋଷଣା କରି ମୁଣ୍ଡ ଲାଞ୍ଜ ଦେଖାଇଲେ ପୁରସ୍କାର ମିଳିବ, ସରକାର କହନ୍ତେ କିଛି ମଲେ; ଅନ୍ୟ କେତେକକୁ ଜାହାଜରେ ଚଢ଼ାଇ ପଇସା ଲୋଭରେ ଆମେରିକାର ବିଜ୍ଞାନଗାରକୁ ପଠାଇ ଦିଆଗଲା । ଆଉ ଗୁଡ଼ାଏ ନିଜ ମୁଣ୍ଡକୁ ଆପେ ଆପେ ବିକି ଗୌରବ ପାଇବେ ବୋଲି ଏରୋପ୍ଲେନ ଓ ଜାହାଜ ଯାହା ପାଇଲେ ଚଢ଼ି ଇଂଲଣ୍ଡ, ଜର୍ମାନୀ, ଆମେରିକା, କାନାଡ଼ାରେ ବସତି ସ୍ଥାପନ କରି ବଂଶବୃଦ୍ଧି କରିବାରେ ଲାଗିଲେ । ଡାରଉଇନ୍ ଯୁଗ ଚାଲିଗଲା । ମହାନଦୀ କାଠଯୋଡ଼ିର ପାଣି ସମୟ ସାଙ୍ଗରେ ଫଲସ୍ ପଏଣ୍ଟ ଆଡ଼କୁ ବହିଗଲା ।

Digitized by srujanika@gmail.com

ଦିନେ ଚା' ଖାଇବାପାଇଁ ଭଦ୍ରକ/ବାରିପଦା/କାମାକ୍ଷାନଗରର ପ୍ରଖ୍ୟାତ ବସ୍‌ଷ୍ଟାଣ୍ଡରେ ଓହ୍ଲାଇ ଦେଖିଲି ଗୋଟାଏ ସ୍ଥାନରେ ଗୁଡ଼ାଏ ଲୋକ ଏକାଠି ଜମି ଉପଭୋଗ କରୁଛନ୍ତି ଗୋଟାଏ ମାଙ୍କଡ଼ର ଖେଳ କଉତୁକ । ବନ୍ଧନରେ ନାହିଁ, ତାର କେହି ମାଲିକ ନାହିଁ, ସଂପୂର୍ଣ୍ଣ ସ୍ୱାଧୀନ । ସେଇଥିପାଇଁ ବୋଧହୁଏ ତାର ସବୁ ଗୁଣ ପୂରାପୂରି ଫୁଟିଛି । ନାଚୁଛି, ବାଜି ମାରୁଛି, ଅଭିନୟ କରୁଛି, ସରକସ କରୁଛି, ଖତେଇ ହେଉଛି । ବିନା ବାଧା ବିନା ଶାସନରେ, ଦେଖାଣାହାରୀଙ୍କ ଶ୍ରଦ୍ଧା ପ୍ରଶଂସାରେ ସେ ବଢ଼ି ଟିକିଏ ସ୍ଫୀତ । ଦେଖିଲି, ଜଣେ ଦୋକାନରୁ କଦଳୀଟାଏ ଚୋପା ଛଡ଼ାଇ ପାଟିରେ ଦବାକୁ ଯାଉଛି । ତା ହାତ ଧରି ନେଇ ସେ ନିଜେ ଖାଇ ଦେଲା । ଆଉ ଜଣେ ରସଗୋଲାଟାଏ ପାଟିରେ ଛାଡ଼ିବାକୁ ଯାଇଛି ତାକୁ ବି ଧରି ନେଇ ନିଜ ପାଟିରେ ପକାଇଲା । ଶରଧାର ମାଙ୍କଡ଼, ରାମଭକ୍ତ ହନୁମାନ, ପବନ ପୁତ୍ର ହନୁମାନ । କେହି କିଛି କହିବେ ନାହିଁ, ବାଡ଼େଇବା କଥା ଛାଡ଼ ।

ଜଣେ ସ୍ଥାନୀୟ ଲୋକ ମନ୍ତବ୍ୟ ଦେଲା "ମାଙ୍କଡ଼ଟାର ସବୁ ଗୁଣ ଭଲ ଯେ ଝିଅବୋହୂଙ୍କୁ ହଇରାଣ ହରକତ ନ କରନ୍ତା କି !" ଆଉ ଜଣେ ତା କଥା ସହିତ ଯୋଡ଼ିଲା 'ଏବେ ଏବେ ତାର ଦୁର୍ଗୁଣ ବାହାରିଛି କଲେଜ ଆଡ଼େ ଯିବା ଆସିବା କରି, ଆମ୍ବ ବଗିଚା ଭିତରେ ରହି କଲେଜ ଝିଅଙ୍କୁ ଆଖି ମାରିବା ଶିଖୁଛି ।' ସେ ଦୁହିଁଙ୍କ କଥୋପକଥନରୁ ବୁଝିଲି ମାଙ୍କଡ଼ଟିକୁ ଆଣିଥିଲେ ଜଣେ ମଠ ମହନ୍ତ, ସ୍ଥାନୀୟ ଲୋକ, ଚାନ୍ଦନୀଚୌକ ଅଞ୍ଚଳରୁ । ଏକଦା ରେଭେନ୍ସା କଲେଜ ଅଞ୍ଚଳରେ ଯେଉଁ ତାରଉଇଚ୍ ଥିଲା ଏ କୁଆଡ଼େ ତାରି ବଂଶଧର । ତା ନାଆଁ ମହନ୍ତ ଦେଇ ଥିଲେ ଆଡ଼ାମ୍ । ତାଙ୍କରି ଆଶୀର୍ବାଦରେ ଆଡ଼ାମ ଯିମିତି ନିର୍ଭୀକ ସିମିତି ଲୋକପ୍ରିୟ । ଭୋଟ ଚାହିଁଲେ ସେ ଏମ୍.ଏଲ୍.ଏ. କାହିଁକି ମନ୍ତ୍ରୀ ବି ହୋଇପାରନ୍ତା । ସେ ତ ପର କଥା, ବର୍ତ୍ତମାନ ଉପୁଜି ଥିବା ସମସ୍ୟାର ଏକମାତ୍ର ସମାଧାନ ତାକୁ ବାହା କରାଇ ଦେବା, ଏକୁଟିଆ ରଖିବା ପାପ ହେଉ ନ ହେଉ ବିପଦଜନକ । ନ ହେଲେ କେତେ ରାଜନୈତିକ ନେତାଙ୍କ ପରି ସେ ଯାବଜ୍ଜୀବନ ଅବିବାହିତ ରହି ଅସାମାଜିକ କାର୍ଯ୍ୟକଳାପରେ ଲିପ୍ତ ରହିପାରେ; ନହେଲେ ଏତେ ସୁନ୍ଦର ପୋଡ଼ାମୁହଁଟି ବ୍ରହ୍ମଚର୍ଯ୍ୟାତିଶୟରେ ଅକାଳ ମୃତ୍ୟୁବରଣ କରିପାରେ ।

ଆଡ଼ାମ ପାଇଁ କନ୍ୟା ଖୋଜା ଚାଲିଲା । ଉତ୍ତର ଓଡ଼ିଶା ଅପେକ୍ଷା ଦକ୍ଷିଣ ଓଡ଼ିଶାରେ ହୁଏତ ବେଶି ସୁନ୍ଦରୀ ଝିଅ ମିଳି ପାରିବେ । କାରଣ ଏ ଅଞ୍ଚଳରେ ସଂଖ୍ୟା ଦୃଷ୍ଟିରୁ ବ୍ୟାପକ ପସନ୍ଦର କ୍ଷେତ୍ର ନାହିଁ । କର୍ମୀମାନେ ପୁରୀ, ଭୁବନେଶ୍ୱର, କଟକ ଘୂରି ଘୂରି ଫେରିଲେ ଚଣ୍ଡୀଖୋଲକୁ । ସେଇଠି ବାବାଜିଙ୍କ ଖୋଦ ହେପାଜତରେ ଝିଅଟିଏ ଥିଲା । ଜନୈକ କର୍ମୀ ଦେଖିଲା ଝିଅଟି ପାହାଡ଼ର ବାମ୍ପିରେ ସ୍ନାନ କରି ଜଳଦର୍ପଣରେ ପ୍ରସାଧନରତା । ପଣ୍ଡାମାନେ ସୁଭଦ୍ରାଙ୍କ ଦାରୁ ପାଇ ଯିମିତି ବିବୃତିମାନ ଦିଅନ୍ତି କର୍ମୀଟି ସିମିତି ମୁଖ୍ୟ ନେତା ଆଗରେ ସୁସମ୍ବାଦ ଦେଲା । କୋଷ୍ଠିପତ୍ର ମେଳ କରାଗଲା; ରାଜଯୋଟକ, ଜଣକର ଚେଙ୍ଗକୁ ଅନ୍ୟର ବେଙ୍ଗରାଶି । କେବଳ ହାସିନା ମାନୁ ନଥିଲା ।

Digitized by srujanika@gmail.com

ପାଖ କଲୋନିର ଝିଅମାନେ ଯେତେ ବୁଝାଇଲେ ବି ସେଇ 'ନା' । ଅଗତ୍ୟା କର୍ମୀଗଣ ଜୋର ଜବରଦସ୍ତ ଇଭ୍‌କୁ ଧରି ନେଇ ପିଞ୍ଜରା ଭିତରେ ରଖିଲେ ।

ଅପୂର୍ବ ଉତ୍ସାହରେ ଉତ୍ସବର ଆୟୋଜନ ହେଲା । ସାତ ଦିନରେ ସତୁରି ହଜାର ଟଙ୍କା ଆଦାୟ ହେଲା ! ଖୋଦ୍ ଦୁଇ ଜଣ ମନ୍ତ୍ରୀ ଡେରା ପକାଇ ରହିଲେ ବଙ୍ଗଳାରେ କେତେ ଦିନ । ଶିକ୍ଷାମନ୍ତ୍ରୀ ବରକର୍ତ୍ତା ଓ ଆଦିବାସୀ ଗ୍ରାମ ମଙ୍ଗଳ ନାରୀ ମନ୍ତ୍ରୀ କନ୍ୟାଦାତ୍ରୀ ହେବାକୁ ରାଜି ହେଲେ । ଗୋଟାଏ ସୁସଜ୍ଜିତ ବିଦ୍ୟୁଦାଲୋକ ଶୋଭିତ ରିକ୍ସାରେ ପ୍ରସେସନରେ ଯାଉଥିଲା ବେଳେ 'ହଜାର ହଜାର ଜନତା, 'ପ୍ରଶ୍ନବାଚୀ' ଦୃଷ୍ଟିରେ ଚାହିଁ ରହିଥିଲେ କାରଣ ସେମାନେ ଫରକ୍ ଜାଣିପାରୁ ନଥିଲେ ପୁରୁଷ ସ୍ତ୍ରୀ ମନ୍ତ୍ରୀ ମାଙ୍କଡ଼ ଭିତରେ । ମାଇଲେ ଲମ୍ବା ଶୋଭାଯାତ୍ରା, ତୋରଣ, ପତାକା, ଆଲୋକ, ବାଣ, ବେଣ୍ଡପାର୍ଟି, ଲାଉଡ଼ସ୍ପିକରରେ ଗଗନ ପବନ ମୁଖରିତ, ଉଲ୍ଲସିତ-ଯାହାର ତୁଳନା ମିଳିଥାନ୍ତା ଏବେ ଏବେ ସରିଥିବା ଇଂଲଣ୍ଡର ଯୁବରାଜଙ୍କ ବିବାହରେ । ଡାକ ବଙ୍ଗଳାରେ ମନ୍ତ୍ରୀ ମନ୍ତ୍ରିଣୀ, ମର୍କଟ ମର୍କଟୀ, ଆଡ଼ାମ ଇଭ୍ ମଧୁଶଯ୍ୟା ରାତ୍ରି ଯାପନ କଲେ ।

ପୁଣି ଗୋଟାଏ ଦଶକ କଟିଗଲା । ଶିକ୍ଷାସ୍ଫୀତି ତଥା ମୁଦ୍ରାସ୍ଫୀତି ସହିତ ତାଳ ଦେଇ ଘରେ ଘରେ କଲେଜ, ମହିଳା କଲେଜ, ସ୍ନାତକୋତ୍ତର ଶ୍ରେଣୀ, ବି.ଇଡ଼ି.ସି.ଟି., ଆଦି ଶିକ୍ଷାପ୍ରଗତି ନାଆଁରେ ବଢ଼ନ୍ତେ ମର୍କଟ ରାଜ୍ୟରେ ମଧ ପରିବାର ନିୟନ୍ତ୍ରଣ ଯୋଜନାର ଅଭାବରେ କଲୋନି ସାଙ୍ଗକୁ ମର୍କଟଙ୍କ ଅନୁରୂପ ଅଭିବୃଦ୍ଧି ହେଲା ଏବଂ ମନ୍ତ୍ରୀ ମନ୍ତ୍ରିଣୀ ଆସ୍ଥାନ ଜମାଇ ବସିଗଲେ; ପଶୁ ସୁଲଭ ସଂଖ୍ୟାଧିକ୍ୟରେ ।

ମର୍କଟଙ୍କ ପୀଠସ୍ଥଳୀ ସହର ଭିତର ବାସ୍ ଷ୍ଟାଣ୍ଡରେ ପୁଣି ଦିନେ ଓହ୍ଲାଇଛି ମନେ ପଡ଼ିଲା ଆଡ଼ାମ୍ ଇଭ୍‌ଙ୍କ ବିବାହ ଉତ୍ସବ କଥା ଏବଂ ଚାହିଁଲି କାଳେ କେଉଁଠି ସେମାନେ ଥିବେ । ଶୀତ ଦିନିଆଁ ସକାଳ । ଧୂଆଁ ବାହାରୁ ଥିବା ଚା କାପ୍ ସମସ୍ତଙ୍କ ପାଟିରେ ଲାଗିଛି । ବହି ଦୋକାନୀଟା ଖାଲି ଖୁଣ୍ଟାରେ ଖବରକାଗଜ ପତ୍ରପତ୍ରିକା ମେଲାଇ ଚାଲିଛି । ମିଠା ଦୋକାନ, ଚା ଦୋକାନ, ଫଳ ଦୋକାନ, ଉପର ଯେଉଁ ଏଜବେଷ୍ଟସ ଛାତ ସିଆଡ଼କୁ ଆଖି ପକାନ୍ତେ ଦେଖିଲି ସରଗ, କୌରବ ଓ ଶ୍ରୀକୃଷ୍ଣଙ୍କ ପରର ଯଦୁବଂଶକୁ । ପୁତ୍ର, ପୌତ୍ର, ପ୍ରପୌତ୍ର, ପୌତ୍ରୀ, ପ୍ରପୌତ୍ରୀ ଓ କୁଳକୁଟୁମ୍ବ ନେଇ ସଗୌରବେ ବସିଛନ୍ତି ଆଡ଼ାମ୍ ଆଉ ଇଭ୍; ବୃଦ୍ଧ ରାଜନୈତିକ ନେତା ବା ବୃଦ୍ଧା ରାଜନୀତିଜ୍ଞା ନେତ୍ରୀ ପରି । ଜଣେ କଟକ ଆଡ଼କୁ ଆଉ ଜଣେ ଚଣ୍ଡୀଖୋଲ ଦେଇ ଦିଲ୍ଲୀ ଆଡ଼କୁ । ବସିଛନ୍ତି, ଏକ ଅହେତୁକୀ ଭବିଷ୍ୟତ ଆଶଙ୍କାରେ । ସେମାନେ ଲକ୍ଷ୍ୟ କଲେଣି ମଣିଷମାନେ ତାଙ୍କୁ ଆଗରୁ ଯେଉଁ ଦୃଷ୍ଟିରେ ଦେଖୁଥିଲେ ହୁଏତ ନିଜ ସ୍ୱାର୍ଥ ସୁବିଧା ଲାଗି ତା ଆଉ କରିବେ ନାହିଁ; କାରଣ ସେମାନେ ତାଙ୍କ ଦେଇ ଯାହା କାମ ହାସଲ କରିବାର କରି ସାରି ନିଜେ ସୁଦୃଢ଼ ଆସ୍ଥାନରେ ବସିଛନ୍ତି । ପାଖ ପାଖ ଯେତେ ଛାତ ସବୁ ଦଖଲ କରି ଆଡ଼ାମ ଓ ଇଭ୍‌ର ବଂଶଧରମାନେ ବସିଯାଇଛନ୍ତି ଯିମିତି ଗୋଟାଏ ସଭା ଏବଂ ଗୁରୁତର ସମସ୍ୟା ସମାଧାନର ଉପାୟ ନିର୍ଣ୍ଣୟ

Digitized by srujanika@gmail.com

କରିବାକୁ ପଡ଼ିବ ।

ଦେଖିଲି, ମାଙ୍କଡ଼ ପିଲାଟିଏ ଖେଳୁଛି । ଯିମିତି ଆମେ ଦୁହେଁ ବସିଥିଲା ବେଳେ ସାନପୁଅ ଖେଳ ଦେଖାଉଥିଲା ଏ ମାଙ୍କଡ଼ ପିଲାଟି ସିମିତି ନୂଆ ନୂଆ ବାପା ମା ପାଖରୁ ଖସି ଆସି ସ୍ୱାଧୀନ ହେବାକୁ ଶିଖୁଛି । ବୋଧହୁଏ ବୁଢ଼ୀ ମାଆର ଅଠାଳିଆ କ୍ଷୀର କଳେ ପିଇ ଦେଇ ଉଦ୍‌ବୃତ୍ତ ଶକ୍ତି ସଂଗ୍ରହ କରିଛି । ସତରେ ବୁଢ଼ାକାଳିଆ ପୁଅ ଗୁଡ଼ାକ ଭାରିସୁନ୍ଦର ହୁଅନ୍ତି, ଗେଲବସର ବି ହୁଅନ୍ତି । କୋଡ଼ ପୋଛା ପିଲା, ସବୁ ଖୁନ୍ ମାଫ ତାଙ୍କର । ବୁଢ଼ା ଆଡ଼ାମ୍ ତା ଆଡ଼କୁ ଚାହୁଁନି, ସେଇଟା ତା ପକ୍ଷରେ ଗୋଟାଏ ଲଜ୍ଜା ବୋଲି ଭାବୁଛି । ମାଆ କିନ୍ତୁ ନଜର ରଖିଛି ତା ଉପରେ ଏବଂ ଦେଖୁଛି ସ୍ୱାଧୀନତାର ସୋପାନରେ କେତେ ପାହୁଚ ଯାକେ ପୁଅ ଚଢ଼ି ପାରୁଛି ।

ପୁଅ ପ୍ରଥମେ (ସତରେ କେଡ଼େ ସୁନ୍ଦର ! ଅବିକଳ ତା ବାପର ମୋଟା ମୋଟା ହାଡ଼, ଲମ୍ବା ଦିହର ଫର୍ମାରେ ଗଢ଼ା । କେବଳ ଯଥେଷ୍ଟ କ୍ଷୀର ଅଭାବରେ ପଞ୍ଜରା ହାଡ଼ରେ ମାଂସ ଲାଗିନି) ଇଲେକ୍‌ଟ୍ରି ଖୁଣ୍ଟକୁ ଟାଣ କରୁଥିବା ତାରରେ ଦୁଇ ହାତରେ, ଗୋଟାଏ ହାତରେ, ଏକ ଗୋଡ଼ରେ, ଦୁଇ ଗୋଡ଼ରେ, ତିନି ଗୋଡ଼ ହାତରେ ଏବଂ ଚାରି ଗୋଡ଼ରେ ନାନା ଭଙ୍ଗୀରେ ଟ୍ରାପିଜ ଖେଳ ଦେଖାଇ ଅଳସ ଭାଙ୍ଗିଲା । ଉଭୟ ମାଆବାପ ସେସବୁ ଲକ୍ଷ୍ୟ କଲେ ନାହିଁ ତାପରେ ସେ ଧଇଲା ପାଖରେ ପଡ଼ିଥିବା ପଚା ଶୁଖିଲା କଦଳୀ ଭଣ୍ଡାଟାଏ ଏବଂ ଦେଖାଇଲା ତା ମାଆକୁ । ସେ ଦାନ୍ତନିକୁଟି ନାପସନ୍ଦ କଲା । ତାକୁ ଫୋପାଡ଼ି ଧଇଲା କଦଳୀ କାନ୍ଧିର ନାଡ଼ଟାଏ ଏବଂ ବାପା ଆଗରେ ଧଇଲା । ବାପ ତାକୁ ଚାପୁଡ଼ାଟାଏ ବଜାଇଲା । କଣ ଖାଦ୍ୟ, କଣ ଅଖାଦ୍ୟ, କଣ କର୍ତ୍ତବ୍ୟ, କଣ ଅକର୍ତ୍ତବ୍ୟ ସେ ସବୁ ଚେଷ୍ଟା ଓ ବିଫଳତା ମାଧ୍ୟମରେ ଜାଣିବାର ଚେଷ୍ଟାକୁ ବାପମାଆ ପସନ୍ଦ କରୁନାହାନ୍ତି ଦେଖି ସେ ରାଗିଗଲା । ଗୋଟାଏ ପୁରୁଣା ପ୍ଲାଷ୍ଟିକ୍ ଚପଲ ଧରି ସେ ତା ବାପ ଆଡ଼କୁ ଫୋପାଡ଼ି ଦେଲା ।

ଆଡ଼ାମ ପୁଅର ବେଆଡ଼ିଆ ଗୁଣ ନାପସନ୍ଦ କରି ଦୁଇଥର ହୁଂ ହୁଂ କଲା, ମାଆ ବି ଦାନ୍ତ ନିକୁଟିଲା; କିନ୍ତୁ ଦର୍ଶକ ତଥା ଖବରକାଗଜ ବାଲାଏ ପୁଅ ବାପକୁ ମାରିବା ବୀରର ଲକ୍ଷଣ ବୋଲି ତାଳି ଦେଲେ । ପିଲାଟା ଭାବିଲା କଣ କଲେ ଦେଶ ଓ ଦଶ ତାକୁ ଭଲ କହିବେ; ନାଆଁ ଯଶ ଅର୍ଜିବ, ଯିମିତି ବେକାର ଯୁବକ ଭାବେ କାମଧନ୍ଦା ତ ନାହିଁ, ପଢ଼ାର ତ ଦାମ ନାହିଁ, ସବୁଥିରେ ଅସନ୍ତୋଷ, ବିଭ୍ରାଟ, ବୈଫଲ୍ୟ, ସେ ଗଞ୍ଜା, ଭାଙ୍ଗ ମଦମାଂସ ଅର୍ଥାତ୍ ଆତ୍ମହତ୍ୟା ଆଡ଼କୁ ଟାଣି ହୋଇ ଯାଉଛି । କେଉଁ ଉପାୟରେ ମରିବା ପୂର୍ବରୁ ନାଆଁ କରିବ ।

ସେ ଆଉ ଟିକେ ତଳକୁ ଓହ୍ଲାଇଲା । ଛାତ ଉପରେ ଯାହା ପାଇଥିଲା ତାହା ତ ବାପମାଆର ପସନ୍ଦ ହେଲା ନାହିଁ । ତଳେ ଭୂଇଁରେ କଣ ଅଛି ଦେଖିବା ପାଇଁ ଲୁହା ତଲ୍ଲାଟାକୁ ଗୋଟାଏ ହାତରେ ଧରି ତଳକୁ ଝୁଲି ପଡ଼ିଲା ଏବଂ ଦେଖିଲା ଠିକ୍ ତା ଡାହାଣ

Digitized by srujanika@gmail.com

ହାତ ପାଖରେ ଗୋଟାଏ ପଗଡ଼ି । ପୁଲିସ୍‌ଟାଏ ସେତିକିବେଳେ ଓଳିତଳେ ଛିଡ଼ା ହୋଇ ଚା ପିଇଯାଉଥାଏ । କଣ ଦୁର୍ବୁଦ୍ଧି ମୁଣ୍ଡକୁ ପଶିଲା କେଜାଣି, ମାଙ୍କଡ଼ ପିଲାଟା ହଠାତ୍ ପଗଡ଼ିଟାକୁ ଜୋରରେ ଟାଣିଦେଲା; ଏତେ ଜୋରରେ ଯେ ପଗଡ଼ି ତ ଖସିଗଲା, ଚା କାପ ଓ ପ୍ଲେଟ ତଳେ ପଡ଼ି ଚୁରମାର ହୋଇଗଲା । ଦେଖଣାହାରୀ ଓ ଖବରକାଗଜ ବାଲାଙ୍କ କରତାଳି ଓ କୋଳାହଳରେ ସ୍ଥାନ ମୁଖରିତ ହେଲା । ପୋଲିସ ଯେଉଁ ବାଡ଼ିଟା ଧରିଥିଲା, ଅପମାନର ପ୍ରତିଶୋଧ ସ୍ୱରୂପ ସେଥିରେ ବାଡ଼ିଏ ପିଲାଟାକୁ ବସାଇ ଦେଲା ଏବଂ ଲାଞ୍ଜ ଚାଖଣ୍ଡେ କାଟି ତଳେ ପଡ଼ି ଛଟପଟ ହେଲା ।

ପୁତ୍ର ପ୍ରତି ଅତ୍ୟାଚାର ଆଡ଼ାମ୍ ଆଉ ଇଭ୍ ସହିପାରିଲେ ନାହିଁ । ଆଡ଼ାମ ହୁଂକାରଟାଏ ଦେଲା । ଶତ୍ରୁ ରକ୍ତବାହୁ ବିରୁଦ୍ଧରେ ଲଢ଼ିବା ପାଇଁ ଯିମିତି ପର୍ବତକୁ ଡକା ଛାଡ଼ିଲେ ପର୍ବତେ, ସିମିତି ଭଦ୍ରକ ଡାକିଲା ରେଢେନ୍ନାକୁ ଏବଂ ରେଢେନ୍ନା ଡାକିଲା ସମ୍ବଲପୁରକୁ । ପବନ ପୁତ୍ର ହନୁମାନ ଡାକରେ ଯିଏ ଯେଉଁଠି ଥିଲେ କୁଆ ଡାକରେ କୁଆ ପଲ ଆସିଲା ପରି ଦେଶର ସବୁ ଆତ୍ମ ବାନରସେନା ଅଚିରେ ଆସି ପହଞ୍ଚିଲେ । ତେଣେ ପାରମ୍ପରିକ ଶତ୍ରୁ ସୈନ୍ୟକୁ ଜବଦ କରିବା ପାଇଁ ପୋଲିସ ବାହିନୀ ଧାଇଁଲେ । ଲାଠି, ଟିଅର ଗେସ, ସେଲ୍, ବନ୍ଧୁକ ବିରୁଦ୍ଧରେ ଢ଼େଲା, ପଥର, ଇଟା, ବୋତଲର ଯୁଦ୍ଧ ଚାଲିଲା । ଶେଷରେ ପ୍ରଳୟ ନିଆଁ ଜଳିଲା, ଭଙ୍ଗାରୁଜାର ସୀମା ରହିଲା ନାହିଁ, କେହି ବର୍ଣ୍ଣିବା ମୁସ୍କିଲ । ଝିମିଟି ଖେଳରୁ ଖଣ୍ଡ ପ୍ରଳୟର ମହାଭାରତ ସୃଷ୍ଟି ହେଲା । କେତେ ମରିହଜି ଗଲେ, କେତେ ଅବା ଖଣ୍ଡିଆ ଖାବରା ହେଲେ ।

ଶ୍ମଶାନର ଶାନ୍ତି ପରି ଶାନ୍ତି ଦେଶକୁ ଫେରିଲା; କିନ୍ତୁ ଶିଶୁପୁତ୍ର କୁଆଡ଼େ ଗଲା ? ଆଡ଼ାମ ଇଭ୍ ଥାନା ଜେଲଖାନା ଚାରିଆଡ଼େ ଲୋକ ଲଗାଇ ଖୋଜାଖୋଜି କଲେ, ପାଇଲେ ନାହିଁ; କିନ୍ତୁ ଦିନେ ଏତିକି ଜାଣିଲେ ଯେ ଯେଉଁ ଲୋକମାନେ ତାଙ୍କ ପୁଅର ଖେଳ କଉତୁକର ତାରିଫ କରି ତାଳି ଦେଉଥିଲେ, ସେଇମାନେ ଜାତୀୟ ପତାକା ତଳେ ଛିଡ଼ା ହୋଇ କନେଷ୍ଟବଳର ସାହସିକ କାର୍ଯ୍ୟ ପାଇଁ ପୁରସ୍କାର ପାଇବାରେ ତାଳି ଦେଉଛନ୍ତି ଓ ଖବରକାଗଜବାଲାଏ ସେହି ଫଟୋ ବିକ୍ରି କରି ନାଆଁ କମଉଛନ୍ତି ।

Digitized by srujanika@gmail.com

# ମକର : ଘୁଷୁରି ସାହିର

ଶଳା, ତୋର ବାପାକୁ କେବେ ଏମିତି ପଛଆଡୁ ଡାକି ପଚାରିଥିଲୁ କିବେ ? ରହ ଶଳା ଯଦି ମୋର କୁକୁଡ଼ା ଆଜି ହାରିଛି ନା, ତୋର ବେକଟାକୁ ଏଇଠି ଠାକୁରାଣୀ ଶାଳରେ ଛଡେ କରିଦେବି, ଏଇତ ଘୁଷୁରି ସାହିର ଭାଷା ।

ଲୋକଟା ଖୁବ୍ ଚିଡ଼ିଗଲା । ମୋଟା ମସିଆ ହାତବୁଣା ଚାଦର ଭିତରେ ଗଞ୍ଜାଟାକୁ ପୂରାଇ ସେ ଭୋର ଭୋର ଯିମିତି କେହି ନ ଦେଖନ୍ତି ଠିକ୍‌ଠିକଣା କରି ଯାଉଥିଲା କୁକୁଡ଼ା ପାଳାକୁ, ପୂତପବିତ୍ର ହୋଇ ଥଣ୍ଡା କାକର ଭେଦ କରି ଅନ୍ଧବିଶ୍ୱାସ ଓ ଧର୍ମଭାବ ସବୁ କୁକୁଡ଼ାଟି ଭିତରେ ଜାବୁଡ଼ି ଧରି । ଆଠ ନଅ ବର୍ଷର ପିଲାଟା ମକର ହାଓ୍ୱାରେ ଭୋଳ ହୋଇ ଥଟ୍ଟା ତାମସାରେ ପଚାରିଦେଲା "ଏ ! କୁଆଡ଼େ ଯାଉଛୁ ?"

କାଲି ମକର । ଏଇ ପର୍ବଟା ପାଇଁ ଘୁଷୁରିଆ ସାହିର ଲୋକଗୁଡ଼ାକ ସାରା ବର୍ଷଟା ବଞ୍ଚିଥାନ୍ତି । ମକର ଆସୁଛି, ଆସିବ, ଆସିଗଲାରେ ସେମାନଙ୍କ ଚେତା ଚୈତନ୍ୟ ହଜିଯାଏ । ଏଇ ମକର ଦିନଟି ପାଇଁ ଘୁଷୁରି, ଏଇ ମକର ଦିନଟି ପାଇଁ ଗଞ୍ଜାଗୁଡ଼ାକ । ଗଞ୍ଜାଗୁଡ଼ାକର ଗୋଡ଼ ଖଳବଳ ହୁଏ, ତୁହାକୁ ତୁହା କେକରେକେ ଡାକ ଛାଡ଼ନ୍ତି । ମକର ଆସିଗଲା, ଆସ ମୃତ୍ୟୁ ଆସ । ଘୁଷୁରି ଗୁଡ଼ାକ ବି ଏଣେ ତେଣେ ବାୟା ହୋଇ ଗୋଜିଆ ଥଣ୍ଟକୁ ପାଣିକାଦୁଅରେ ଭର୍ତ୍ତି କରନ୍ତି । କୁକୁଡ଼ା ଯିମିତି କୁହେ ମୋ ଗୋଡ଼ରେ କାତି ବାନ୍ଧ, ମୁଁ ଲଢ଼ିବି, ମରିବି, ମକର ଆସିଗଲା ଘୁଷୁରି ଗୁଡ଼ାକ ସିମିତି ଚାହାନ୍ତି ଆମ ଗୋଡ଼ହାତ ବାନ୍ଧି ଅଗଣାରେ ଫୋପାଡ଼ି ଦିଅ; ସମସ୍ତେ ଆସି ଆମକୁ ଗୋଟା ସଢ଼ନା ବା ପାଳଧୂଆ ଡାଙ୍ଗରେ ଦିନରାତି ବାଡାଅ; ଆମେ ଫୁଲିବୁ ଆମ ମାଂସ ନରମ ହେବ, ମିଠା ହବ । ମକର ଆସିଗଲା ପରା; ଆମେ ମରିବୁଁ । ଘୁଷୁରି ଜୀବନ ଗଞ୍ଜାଜୀବନ ଧରି କି ଲାଭ ?

ଘୁଷୁରି ସାହିର ମଣିଷ, କି ପୁରୁଷ କି ସ୍ତ୍ରୀ ଉଭୟଙ୍କ ଜୀବନଦର୍ଶନ ଓ ଜୀବନ ପ୍ରଣାଳୀ ଏକା ପ୍ରକାରର । ମକର ଆସିଗଲା । ବାୟା ହୁଅ, ପାଗଳା ହୁଅ, ନାଚ, ଗାଅ, ମଦ ପିଅ । ମୁକୁଳାଇ ଆଣ କେଉଁଠି ବନ୍ଧା ପଡ଼ିଛି ଧୁମୁଷା, ମାଦଳ; ପିଟ ଦିନରାତି । ବେଲାବାସନ ବିକ, ନିକେଲ ଗହଣାଗଣ୍ଠି ବିକ, ରେଶମୀ କାଚ କିଣ, ସୋନାଲି କାନଫୁଲ କିଣ; ମୁଣ୍ଡର ଝୁମ୍ପା କିଣ, ପାଉଡ଼ର ମାଖି କଳା ମୁହଁଧଳା କର । ମରଦ ତିରିଲା କରମା ନାଚରେ ମାତ, ଦିନେ ଦୁଇଦିନ । ଦରକାର ହେଲେ ଦିହ ବିକ । 'ମକର ଗଲେ ଠକର । ମକର ପରେ ଆଉ ଜୀବନ କାହିଁ ? ଏ ଜୀବନରେ କି କାର୍ଯ୍ୟ ଯାହାର ଧ୍ୱଂସ ଅନିବାର୍ଯ୍ୟ !"

Digitized by srujanika@gmail.com

ମକରରେ ସବୁ 'ମ'କାର । ପୁରୁଷଙ୍କ ଲୋଡ଼ା ମଦ ମାଂସ ମାଇକିନିଆ ସ୍ତ୍ରୀଙ୍କ ଲୋଡ଼ା ମଦ ମରଦ ମନୋହାରୀ ଚିଜ, ବିଶେଷତଃ ରଙ୍ଗୀନ ଶାଢ଼ୀ । ମାଂସ ସବୁ ଆଡ଼କୁ ପାଏ; ତେଣୁ ମକର ଆଗଦିନ 'ବାଇଣ୍ଡି' ଦିନ ଚାରିଆଡ଼େ ମାଂସ ମାଂସ ମାଂସ ଡାକ । ଖାସି ମାଂସ, ବୋଦା ମାଂସ, ଛେଳି ମାଂସ, ଘୁଷୁରି ମାଂସ, କୁକୁଡ଼ା ମାଂସ, ହଂସ ମାଂସ, ମୂଷା ମାଂସ, ନ ହେଲେ ମାଛ, ଗେଣ୍ଡା, କଙ୍କଡ଼ା, ବାଦୁଡ଼ି, ବଗ, ପେଚା ମାଂସ । ମଣିଷ ମାଂସକୁ କେତେବେଳେ... ।

ଘୁଷୁରି ସାହିର ଅବସ୍ଥିତି ସହର ତଳିରେ ସହର ମଫସଲର ସଙ୍ଗମ ସ୍ଥଳୀରେ । କଚେରିଆ, କଲେଜପିଲା, ହାଟୁଆ, ବାଟୁଆ, ରେଳଯାତ୍ରୀ ସମସ୍ତେ ଏଇ ଛକ ଦେଇ ଯା ଆସ କରନ୍ତି । ମଣିଷ ଅପେକ୍ଷା ଘୁଷୁରିର ପ୍ରାଧାନ୍ୟ ବେଶି ବୋଲି ଲୋକେ ମଣିଷ ସାହି ନକହି ଘୁଷୁରିଆ ସାହି କହନ୍ତି । ମଣିଷ ଘୁଷୁରି ଉଭୟେ କଳା, ଉଭୟେ ଏକାପରି ଖାଆନ୍ତି, ଗଡ଼ନ୍ତି, ହଗନ୍ତି । ଘୁଷୁରି ଓ ମଣିଷର ସଂପର୍କ ବଡ଼ ବିଚିତ୍ର । ମଣିଷ ହଗେ, ଘୁଷୁରି ଖାଏ, ମଣିଷ ପୁଣି ସେଇ ଘୁଷୁରିକି ଖାଏ, ନିଜ ଗୁହ ତାକୁ କେତେ ମିଠା ଲାଗେ । ଘୁଷୁରି ଶରଧାରେ ତାର ଛୁଆକୁ ପ୍ରଚୁର ଦୁଧ ପିଆଏ, ଘୁଷୁରି ଛୁଆ ମାଆ ଦୁଧରେ ବଡ଼ ହୋଇ ମାଆକୁ ପୁଣି ଦୁଗ୍ଧ ଦାନ କ୍ଷମ କରେ । ଏଇ ଦେଖନ୍ତୁ ଗୋଟାଏ ଘୁଷୁରି ଆଠୁଟା ଲାଲି ଲାଲି ଛୁଆଙ୍କୁ ଛାତି ମେଲାଇ ଆଖି ବୁଜି ଖରାରେ ଦୁଧ ପିଆଉଛି ନିଃଶେଷ ହେଲା ପର୍ଯ୍ୟନ୍ତ । ତା ମୁହଁରୁ ପରିତୃପ୍ତିର ହସ । କୁକୁଡ଼ାଟା ଅଠରଟା କଳା କଳା ଛୁଆ ଧରି ବୁଲାଉଛି, ଗର୍ବରେ ଫୁଲି ଫୁଲି । ସ୍ତ୍ରୀଲୋକ ଗୁଡ଼ାକ ଏକାଠି ଖରାପିଠିଆ ବସି ଗଣ୍ଡା ଗଣ୍ଡା ଛୁଆଙ୍କୁ ଛାତି ଖୋଲି ବଡ଼ ବଡ଼ ଫିଡ଼ିଂ ବୋତଲରୁ ଦୁଧ ପିଆଉଛନ୍ତି । କିଏ ମାଆ, କିଏ କାହାର ଛୁଆ, କିଏ କୁକୁଡ଼ା, କିଏ ଘୁଷୁରି, କିଏ କୁକୁର ବାଛି ହବନି । ଚାରିପଟେ ମଣିଷ ଗୁହ ଏବଂ ତାର ଅପଭ୍ରଂଶ ଘୁଷୁରି ଗୁହ । ମସ୍ତିଷ ଜ୍ୱର, ମଶାପଲ, ଛାରପୋକ, ମେଞ୍ଚା ମେଞ୍ଚା ଉକୁଣି । କି ଅଜବ ଦୁନିଆଁ ! ଯିଏ ଭାଇ ସିଏ ବାପ, ଯିଏ ମାଆ ସିଏ ଭଉଣୀ ଏଠି ।

ଦିନବେଳେ ଘୁଷୁରିଆ ସାହି ଲଙ୍ଗଳା ଫୁଙ୍ଗଳା । ଶୂନ୍‌ଶାନ୍, ଠକରା, ଯିମିତି ଗୋଟାଏ ବଡ଼ ସହରର ଦିନ ବେଳର ଲେନ୍ ଯେଉଁଠି ହାତ କଟାଯାଏ । ଯେଉଁମାନେ ପୂର୍ଣ୍ଣ କ୍ରାନ୍ତିର ସ୍ୱପ୍ନ ଦେଖନ୍ତି, ସେମାନଙ୍କୁ ସିନା ସେମିତି ଦିଶେ; କିନ୍ତୁ ଯେଉଁମାନେ ମକର ସଂକ୍ରାନ୍ତିର ଭୋଗ କରିବାକୁ ଚାହାନ୍ତି, ତାଙ୍କୁ ଅନ୍ୟ ରୂପ ଦିଶେ । ବିଶେଷତଃ ରାତିରେ ।

ସଂଜ ହେଲାମାତ୍ରେ ଦପ୍ କରି ବାର୍‌ଲାଇଟ ଗୁଡ଼ାକ ଜଳି ଉଠିଲେ ଘୁଷୁରି ସାହି ଝଳି ଉଠେ । ଚନ୍ଦ୍ର ଆଲୁଅ ଚରାଚରକୁ ଶୁଭ୍ର ସୁନ୍ଦର କରେ, ମାତ୍ର ବାର ଲାଇଟ ଘୁଷୁରିଆ ସାହିକୁ ସୋନାଗାଛି, ଚୌରଙ୍ଗୀ, କନଟପ୍ଲେଶ ବା ହଂକଂରେ ପରିଣତ କରିଦିଏ । ଘୁଷୁରି ଗୁଡ଼ାକ ପରୀ ହୋଇଯାଆନ୍ତି, ପ୍ରଜାପତି ପରି ଉଡ଼ିପାରନ୍ତି । ଆହୁରି ବିଚିତ୍ର ଯେ ସେମାନଙ୍କୁ ଧରିବା ପାଇଁ ସହରର ମଣିଷ ଗୁଡ଼ାକ ଘୁଷୁରି ବେଶ ନେଇ ସାହିଟାରେ ଭୋକିଲା କୋକୀ

Digitized by srujanika@gmail.com

ପରି ମାଂସ ଖୋଜି ବୁଲନ୍ତି । ଆଳୁଅ ଜଳିଲେ ପୋକ, ପୋକ ଆସିଲେ ବେଙ୍ଗ, ବେଙ୍ଗ ଆସିଲେ ସାପ । କେତେବେଳେ ବା ଭୟଙ୍କର ବିଷାକ୍ତ ସାପ ।

ଭିଖାକୁ ଏ ପ୍ରାକୃତିକ ନିୟମ ଜଣା । ସେ ଆରମ୍ଭ କରିଥିଲା ଜୀବନ ସିନେମା ଟିକେଟର କଳାବଜାରରେ; ଦିଥର ଥରେ ମାଡ଼ ଖାଇ ସେ ରାଜନୀତିରେ ଯୋଗ ଦେଲା । ଟାଉଟରିରେ ବି ଫେଲ ମାରିଲା । ତାପରେ ସ୍ୱଭାବ ସହଜାତ ବୁଦ୍ଧି ବଳରେ ସେ ଛକ ଜାଗାଟି ପାଇ ଉଠା ଦୋକାନଟିଏ ପକାଇଲା, ପୋକ, ବେଙ୍ଗ, ସାପ, ମାଛ ସମସ୍ତଙ୍କୁ ଏକା ଜାଲରେ ଧରିବା ପାଇଁ । ଶୁଣାଯାଏ ସେ ଥରେ ଗୋଟାକ ଅହିରାଜ ବି ଧରିଥିଲା ଏ ବୁଦ୍ଧିରେ ।

ଯେତେ ପ୍ରକାର ଥୋପ ଦରକାର ସବୁ ଭିଖା ବନଶୀରେ ଗୁନ୍ଥେ । ଦୋକାନରେ ଚାଉଳ, କାଠ, ଆଳୁ, ପିଆଜ, ପନିପରିବା ଠାରୁ ଆରମ୍ଭ କରି ମହମବତୀ ଓ ନିରୋଧ ପର୍ଯ୍ୟନ୍ତ ରଖେ । ସାମନା ଖୁଣ୍ଟରେ ବାରଲାଇଟ ଥିଲେ ବି ପେଟ୍ରୋମେକ୍ସ ଆଲୁଅଟିଏ ଥୁଆ ହୋଇଥାଏ । ପ୍ରଥମେ ପୋକ, ତାପରେ ଅନ୍ୟମାନେ । ଠିକ୍ ଦୋକାନ ଆଗରେ ତାରି ଜଣେ ଏଜେଣ୍ଟ ଅଣ୍ଡା ଓ ଚାଟ୍ ଦୋକାନ କରିଛି । ଭିଖା ପାନ ଭାଙ୍ଗୁଥାଏ; କିନ୍ତୁ ଆଖି ତାର ଚାରିଆଡ଼େ ଘୂରୁଥାଏ କୁରାଳଚକ୍ର ପରି । ଚା ଗ୍ଲାସ ଖଟ୍ଖଟ୍ କଲାବେଳେ ଆଖି ତାର ଚକ୍‌ମକ୍ ହେଉଥାଏ ଯିମିତି କାହାକୁ ସେ ଅପେକ୍ଷା କରୁଥାଏ ପ୍ରତି ମୁହୂର୍ତ୍ତରେ ; କାରଣ ବହୁତ ଅପ୍ରତ୍ୟାଶିତ ବ୍ୟକ୍ତି ତା ଦୋକାନକୁ ଆସନ୍ତି, ଅପ୍ରତ୍ୟାଶିତ ମୁହୂର୍ତ୍ତରେ ଏବଂ ଅପ୍ରତ୍ୟାଶିତ ଘଟଣା ବି ଅନେକ ଘଟେ ।

ଦୋକାନର ସାମନା କଣରେ ଖଣ୍ଡିଏ ଆସନ ପଡ଼ିଥାଏ । ଦିନବେଳେ ସେଠି ଭି.ଆଇ.ପି. ଗରାଖ ବସି ଗପସପ କରନ୍ତି; କିନ୍ତୁ ସଂଜ ହେଲେ ସେ ସ୍ଥାନଟି ରିଜର୍ଭ ହୁଏ ଝିଅଙ୍କ ପାଇଁ । ପୂର୍ବକାଳରେ ଇଂଲଣ୍ଡ ପରି ଦେଶରେ ଚର୍ଚ୍ଚମାନଙ୍କୁ ଫାଷ୍ଟ ଫ୍ରଟ୍ ଇଲାକାର ଭକ୍ତମାନେ ଅର୍ପଣ କଲାପରି ଘୁଷୁରିଆ ସାହିର ସପୁରି, ବେଲ, ଲାଉ, ପଣସକସି, ଭିଖା ଦୋକାନକୁ ପ୍ରଥମ ଆସେ । ହଂସଟିଏ, କୁକୁଡ଼ାଟାଏ, ଡ଼ିମ୍ବକେତୁଟା, ଶିମ୍ବଜାଳିଏ ସାଇବାଲାଏ କାମକୁ ଯିବା ଆଗରୁ ଏଇଠି ରଖିଦିଅନ୍ତି ବିକ୍ରିପାଇଁ, ଦୋକାନୀ ଗରାଖ ଯୋଗାଡ଼ କରେ, ଭଲ ଦାମରେ ବିକେ, କମିଶନ ନିଏ ସବୁଥିରୁ ।

ଦୋକାନ ପଛରେ ଝାଟିମାଟିର ଗୋଟିଏ ଛୋଟ କୋଠରୀ । ଦୋକାନରେ ପ୍ରବେଶଦ୍ୱାର ଦେଇ ଖାଞ୍ଚି ଭିତରକୁ ମାଛ ପଶନ୍ତି । ଥରେ ଥରେ ପୋଲିସ୍ ଯା ଭିତରକୁ ପଶିଯାଇ ବାହାରି ଆସେ । ବାହାର ଲୋକେ ଖାଲି ଢକଢକ ଶବ୍ଦ ଶୁଣନ୍ତି, ବାସନା ପାଆନ୍ତି । ଏଠି କମେଡ଼ି ଟ୍ରେଜେଡ଼ି କଣ ଅଭିନୟ ହୁଏ ତାହା କଳ୍ପନା କରିହେବନି ।

ଯେତେବେଳେ ଦିନଯାକ କାମଦାମ କରି ଘୁଷୁରି ଗୁଡ଼ାକ ରାତିରେ ସାଇରେ ଶୋଇଯାନ୍ତି, ସେତିକିବେଳେ ଦିଗୋଡ଼ିଆ ଘୁଷୁରିଙ୍କ ପାଳି ପଡ଼େ । ପଦାରେ ମେଞ୍ଚା ମେଞ୍ଚା ପାଉଡ଼ରରେ କଳାମୁହଁକୁ ଧଳା କରି ନାକକାନରେ ମୁଦିଗୁଣା ଲଗାଇ ଅଳ୍ପ ଦାମିଆ ଛିଟରେ

Digitized by srujanika@gmail.com

ଦିହ ଘୋଡ଼ାଇ କଳରେ ପାନ ଡାକି ବସନ୍ତି ଘୁଷୁରି ଛୁଆ ମାଆ ଭିଖା ଅଦୂରର ସାଇଡ଼ ସିଟ୍‌ରେ । କେତେବେଳେ ଭିଖା ସାଙ୍ଗରେ କିଏ କଣ କଥାବାର୍ତ୍ତା ହୁଏ ଜାଣିହୁଏ ନାହିଁ । ରାତି କ୍ରମେ ବେଶି ହୁଏ, ସିନେମା ଫେରନ୍ତି ଲୋକ ଦୋକାନ ଦେଇ ଚାଲିଯାଆନ୍ତି । ଝିଅଟି ! ଅଦୃଶ୍ୟ ହୁଏ, ପୁଣି ଆସେ ସ୍ୱସ୍ଥାନ ଦଖଲ କରେ; ନହେଲେ, ଆଉ ଜଣେ ତା ସ୍ଥାନ ଦଖଲ କରେ । ଦୋକାନ କେତେବେଳେ ବନ୍ଦ ହୁଏ କିଏ ଜାଣେ ।

ରାତି ପାହିଲେ ମକର । ଭୋରରୁ ପୁଣି ଉଠିବାକୁ ହବ । ଭିଖାର ଆଜି ସାରା ରାତି ମହୋତ୍ସବ, ଡାଗର ଡାକି ବସିବାକୁ ପ୍ରସ୍ତୁତ । ମକରର ଗରଜ ଗୁଡ଼ୁରାଣ ମେଣ୍ଟାଇବାକୁ ସମସ୍ତେ ଆଗ୍ରହୀ । କାହାର କେତେ କଣ ଅଭାବ କିଏ କହିବ ? ମକର ଥରେ ଗଲେ ଫେରେ ଯାଇ ବରଷେ । ଆଜି ଓ କାଲିର ଭିଡ଼କୁ ସମ୍ଭାଳିବା ହେଲାଣି ଭିଖାର ଚିନ୍ତା, କାହାକୁ ହଁ କାହାକୁ ନା କହିବ ? ସବୁ ଗରାଖକୁ ମନ ଲଗାଇ ରଖିଲେ ଯାଇ ସିନା ଦୋକାନ ଚଳିବ । ପୁଣି ଆସନ୍ତା ବର୍ଷକୁ ଏକ ସେବାଶ୍ରମ ଖୋଲି ତାର ବାଲ୍ୟ ସାଙ୍ଗ ସାଂସ୍କୃତିକ ଓ ସ୍ୱାସ୍ଥ୍ୟମନ୍ତ୍ରୀକୁ ଉଦ୍‌ଘାଟନ ପାଇଁ ନିମନ୍ତ୍ରଣର କଳ୍ପନା ସେ ରଖିଛି ।

ଘୁଷୁରିଆ ସାହି ଆନନ୍ଦ ମଉଛବରେ ଉବୁଟୁବୁ । ଆଜି ବାଉଣ୍ଡି ରାତି; ରାତି ପାହିଲେ ମକର । ମକର 'କୁମା' ଜଳିବ ପୋଖରୀରେ, ସମସ୍ତେ ମକର ବୁଡ଼ ମାରିବେ, ନୂଆ ଲୁଗା ପିନ୍ଧି ମକର ଚାଉଳ, ମକର ମଣ୍ଡା ଖାଇବେ, ଫଟକା ଫୁଟିବ, ମାଙ୍କଡ଼ ନାଚ ଆସିବ, କାଠି ନାଚ, ଧାଙ୍ଗଡ଼ା ଧାଙ୍ଗଡ଼ି ନାଚ କେତେ କଣ । ସଂଜବେଳଟା ପ୍ରତି ଘରେ ଡ୍ରେସ୍ ରିହାରସେଲରେ କଟିଛି । କିଏ ଗେଞ୍ଜି ପିନ୍ଧି ଚିପା ନା ଢ଼ିଲା ଦେଖିଛି । ଝିଅ ପୁଅ ଛୋଟ ଛୋଟ ହଳଦିଆ ନାଲିଧଡ଼ିର ଧୋତି, ଶାଢ଼ି ଅଳ୍ପଦାମିଆ କନା ଫ୍ରକ୍ ପିନ୍ଧି ପରୀକ୍ଷା କରି ସାରି ଅଶାନ୍ତ ଆଗ୍ରହରେ ଶୋଇଛନ୍ତି ଭୋର ସକାଳର ଅପେକ୍ଷାରେ । ମଝିରେ ମଝିରେ କିଏ ଗୋଟାଏ ଧୂମ୍ରକ୍ଷାମାଦଳ ଥରେ ଅଧେ ପିଟି ଦେଇ ସାହିଟାକୁ ମୁଖରିତ କରୁଛି ।

କ୍ରମେ କ୍ରମେ ରାତି ବଢ଼ି ଚାଲିଛି । ଭିଖା ଦୋକାନ ଆଗର ଭିଡ଼ ଜମିଯାଉଛି; ଖାଲି କେତେବେଳେ ଚୋରଙ୍କ ପରି ପୁଅଟାଏ ଯାଉଛି ଆସୁଛି; କେତେବେଳେ ଦୁଇଟା ମାତାଲ ପ୍ରାୟ ଲଙ୍ଗଳା ହୋଇ ନାଚୁଛନ୍ତି ।

ଏତେ ବଡ଼ ସାହିଟାର ତିନ୍ନୁଳି ମୂଳର କେବଳ ଗୋଟିଏ ଛୋଟ କୁଡ଼ିଆରେ ଆନନ୍ଦ ନାହିଁ । ଶାମ ଫେରି ଆସିଛି କୁକୁଡ଼ା ପାଳାରୁ । ମନେ ମନେ ଭାବିଥିଲା 'ପାଜୁ' ଟାଏ ଆଣିବ; ଦୁଇଟାକୁ ବିକିଭାଙ୍ଗି ଦେଲେ ଝିଅକୁ ଯିମିତି ସିମିତି ଖଣ୍ଡେ ଶାଢ଼ି ଦେଇ ତାର ଲଜ୍ଜା ନିବାରଣ କରିବ, ସେ ଝିଅ ମକର ମାନିବ; କିନ୍ତୁ ପଛରୁ ବଦ୍‌ମାସ୍ ପିଲାଟା ଡାକି ଦେଲା ।

ଝିଅ ବେଙ୍ଗ ସକସକ ହୋଇ କାନ୍ଦୁଛି ମୁହଁ ସଂଜରୁ ବାପା ଫେରିବା ବେଳୁଁ । ଚେମି, ସୁମି, ରୂପି, ଗୌରୀ ସମସ୍ତଙ୍କ ଲୁଗା । ତାର ନାହିଁ । ନୂଆ ଲୁଗା ନାହିଁ ତ କି

Digitized by srujanika@gmail.com

ମକର !

ବେଙ୍ଗ ମାଆ ନାଚାର । ଏତେ ବଡ଼ ଝିଅଟାକୁ ଦବ ଦବ କହି ଛମାସ ହେଲା ଶାଢ଼ି ଖଣ୍ଡେ ଦେଇପାରିନି । ଦୁଇବର୍ଷ ଆଗରୁ ମହାପାତ୍ର ବାବୁଙ୍କ ବାବୁଆଣୀ ତାଙ୍କ ନଅ ବର୍ଷର ଝିଅର ଯେଉଁ ପୁରୁଣା ଫ୍ରକ୍‌ଟା ଦେଇଥିଲା, ଚଉଦ ବର୍ଷର ଝିଅ ସେଇଟା ପିନ୍ଧି ଘୁଷୁରି ସାହିରେ ଲାଜ ସରମ ହଜାଇ ବୁଲିବ କିପରି ? ମାଆର ବା ରୋଜଗାର କେତେ ? ବାପା ତ ପ୍ରାୟ ଅଥର୍ବ, କୁକୁଡ଼ା ଲଢ଼େଇରେ ଜୀବନ କଟିଲା । ଘରେ ବେଲାବାସନ ଯାହା ଥିଲା, ତାକୁ ବିକି ଦୁଇ ସାନ ପୁଅଙ୍କ ପାଇଁ ପେଣ୍ଟସାର୍ଟ କରିଛି; କିନ୍ତୁ ବେଙ୍ଗର ମକର– ନ ହେଲେ ବି ଶାଢ଼ି ନିହାତି ଦରକାର । ଛିଣ୍ଡା ଚାଦର ଛାତିରେ ପକାଇ କେତେଦିନ ସାଇରେ ବୁଲିବ ? ଘୁଷୁରି ସାହିରେ କେତେ ଶୀଘ୍ର ଝିଅଗୁଡ଼ା ଫୁଲି ଫୁଲି ବଢ଼ିଯାନ୍ତି । ବେଙ୍ଗ ମାଆ ନିଷ୍ପତ୍ତି ନେଇ ସାରିଥିଲା ଝିଅ ପାଇଁ ଶାଢ଼ି ଆଣିବାକୁ । ହେଲେ କଣ କରିବାକୁ ହେବ । ସଂଜବେଳେ ଭିଖା ଦୋକାନ ଆଡ଼କୁ ଯାଇ କଣ କଥାବାର୍ତ୍ତା କରିଥିଲା ତା ସାଙ୍ଗରେ । ଧାରଉଧାର ମଝିରେ ମଝିରେ ଆଣେ ତା ପାଖରୁ । ବେଙ୍ଗ ମାଆ ଆଗରୁ ବରାବର ବର୍ଷ ବର୍ଷ ଧରି ଭିଖା ଦୋକାନରେ ସଂଜବେଳଟା ବସୁଥିଲା । ସେଇଠି କେତୁଟା ଦିନ ବସି ଥିଲେ ହୁଏତ ସାମାନ୍ୟ ଶାଢ଼ି ଖଣ୍ଡକ ଅକ୍ଲେଶରେ ମିଳିଯାଇଥାନ୍ତା; କିନ୍ତୁ ସେ ତା କରିପାରିଲା ନାହିଁ । ତାର ଦିହର ଅବସ୍ଥା ଆଦୌ ଭଲ ନାହିଁ । ଇନ୍‌ଜେକସନ ଚାଲିଛି, ତେଣୁ ସେ ଭିଖା ସାଙ୍ଗରେ ପରାମର୍ଶ କରି ଝିଅକୁ ବୁଝାଇବାରେ ଲାଗିଛି ।

ଦୁଇଘଣ୍ଟା ହେଲା ସେ ଝିଅକୁ କହୁଛି, ତୁ ଯାଆ ଭିଖା ଦୋକାନକୁ । ମୁଁ ତାକୁ କହିଛି, ସେ ତୋ ପାଇଁ ଶାଢ଼ି ଖଣ୍ଡେ ରଖିଛି, ଗଲାମାତ୍ରେ ତତେ ଦେଇ ଦବ । ବେଙ୍ଗ କିନ୍ତୁ ସାପ ପାଖକୁ ଯିବନି । ଡରୁଛି କାନ୍ଦୁଛି । ଶାଢ଼ି କଥା ବା ସାଙ୍ଗମାନଙ୍କ ଶାଢ଼ି ମନେ ପଡ଼ିଲେ ବା ଦେଖିଲେ ସେ ଝାସ ଦବ ଭାବୁଛି; କିନ୍ତୁ ସାହସ କୁଳାଉ ନାହିଁ । ତାକୁ ତ ଅଜଣା ନାହିଁ ଭିଖା ଦୋକାନର ମହିମା । ଘୁଷୁରିଆ ସାହିରେ ଯୌବନ ସହଜ ଆସେ ।

ଆତ୍ମହତ୍ୟା କରିବି । ନିଶ୍ଚୟ ଆତ୍ମହତ୍ୟା କରିବି କହି କହି କେତେ ବର୍ଷ କଟିଯାଏ । ଆତ୍ମହତ୍ୟା ହୋଇପାରେ ନାହିଁ; କିନ୍ତୁ ଗୋଟାଏ ମୁହୂର୍ତ୍ତରେ ଆତ୍ମହତ୍ୟା କରିହୁଏ ବେକରେ ଫାଶଟାକୁ ଲଗାଇ ଦେଇ ଆଖି କାନ ନିଃଶ୍ୱାସ ବନ୍ଦ କରି ଡାଳରୁ ବା ବରଗାରୁ ଝୁଲି ପଡ଼ିଲେ । ଇନ୍‌ଜେକେସନ ନେଲେ ପ୍ରାଣ ଚାଲିଯିବ ବୋଲି ଭୟ ହେଉଥାଏ; ମାତ୍ର ଡାକ୍ତର ଆଡ଼କୁ ନ ଚାହିଁ ଗୋଟାଏ ମୁହୂର୍ତ୍ତ ଛାତି କିଳି ଦେଲେ ସବୁ ଆଶଙ୍କା ଭୟ ନିରର୍ଥକ ଅହେତୁକ ବୋଲି ଜଣାଯାଏ । ଘଟଣା ପରେ କହିବାକୁ ଇଚ୍ଛା ହୁଏ ମୋତେ ମୋଟେ କଷ୍ଟ ହେଲାନି । ସିମିତି ହୁଦହୁଦ ଜଳୁଥିବା ଚିତାରେ ସତୀ ହେବାପାଇଁ କେତୁଟା ମୁହୂର୍ତ୍ତର ସଂକଳ୍ପ ଲୋଡ଼ା ।

ବେଙ୍ଗର ସେ ମୁହୂର୍ତ୍ତ ଆସିଲା ଯେତେବେଳେ ତାରି ସାଙ୍ଗ ସେଇ ଚେମି, ସୁମି ଆଦି ତାଙ୍କର ଶାଢ଼ୀ ବିଷୟରେ, ପାଟି କରି କଥାବାର୍ତ୍ତା କରି କରି ଚାଲି ଗଲେ, 'ବେଙ୍ଗଲୋ,

Digitized by srujanika@gmail.com

କଣ କରୁଛୁ ?' କହିଦେଲ ।

ବେଙ୍ଗ ଆଉ ସହିପାରିଲା ନାହିଁ, ଛାତି କିଳି ଦେଲା, ବେକରେ ଫାଶ ଦବ ଇନ୍‌ଜେକସନ ନବ, ସତୀ ହବ ଏବଂ ସାଙ୍ଗସାଥୀଙ୍କ ସହିତ ବଢ଼ିଆ କରି ମକର ମାନିବ–ତା ଜୀବନର ପ୍ରଥମ ମକର ସଂକ୍ରାନ୍ତି–ନିଷ୍ପତ୍ତି ନେଇ କହିଲା "ମାଆ, ତୁ ମୋତେ ଛାଡ଼ିଦେଇ ଆସିବୁ, ଅଧା ବାଟରେ, ମୋତେ ଡର ମାଡୁଛି ।" କିନ୍ତୁ ଯିମିତି ମାଆ ତା ନିଜ ଶାଢ଼ି ତାକୁ ପିନ୍ଧାଇ ଦେଇଛି ଓ ଚୁଳ କୁଣ୍ଡାଇ ଦେଇ କଳାଟିକାଟିଏ ଲଗାଇ ଦେଇଛି ବେଙ୍ଗ କହିଲା "ନା ମାଆ ତୁ ଯାଆ, ଆଉ ଆସିବା ଦରକାର ନାହିଁ । ମୋତେ ଡର ଆଦୌ ମାଡୁନି । ଡର ମାଡ଼ିଲେ ଭିଖାକୁ କହିବି ଅଧା ବାଟରେ ଛାଡ଼ି ଦେଇଯିବ ।

ବେଙ୍ଗ ମାଆ କହିଲା "ତୋ ଆସିବାକୁ ମୁଁ ଚାହିଁଥିବି ।"

ସେ ଦିନ ରାତି, ମାଆ ଝିଅ ଦିହିଙ୍କୁ ନିଦ ନାହିଁ । ସତରେ ଭିଖାଟା କେଡ଼େ ଉପକାରୀ ମଣିଷ । ବିପଦ ଆପଦରେ, କେଡ଼େ ସାହାଯ୍ୟ ନକରେ । ଖାଲି କଣ ଶାଢ଼ି ? ଶାଢ଼ି ସାଙ୍ଗକୁ ବ୍ଲାଉସ୍‌, ସାୟା, ବଡ଼ିଶ, କାଚ, ମୁଦି, କାନଫୁଲ ଝିଅର ପୂରା ସାଜ ସରଞ୍ଜାମ ବନିଯାଇଛି ।

ଗାଧୋଇ ପାଧୋଇ ମକର ବୁଡ଼ ମାରି ନୂଆ ଶାଢ଼ି ଗହଣାଗାଣ୍ଠି ଲଗାଇ ପାଉଡ଼ର ମୁହଁରେ ବୋଳି ଯେତେବେଳେ ତେନ୍ତୁଳି ମୂଳର ଠାକୁରାଣୀକି ଜୁହାର କରି ମାଆ ଆଗରେ ଠିଆହେଲା, ବେଙ୍ଗ ମାଆ ଦେଖିଲା ତା ଝିଅ କେତେ ଶୀଘ୍ର ଅବିକଳ ତାରି ପରି ଦିଶୁଛି । ଆଖି ନଇଁ ଯାଇଛି, ମୁହଁ ଲାଲ ଦିଶୁଛି । ବେଙ୍ଗ ମାଆ ଆଗରେ ଛିଡ଼ା ହୋଇ ଠିକ୍ କରି ପାରିଲାନି ତାକୁ କୁଣ୍ଢାଇବ ନା ଠୋ କରି ଚାପୁଡ଼ାଟାଏ ପକାଇବ ।

ଯଥା ସମୟରେ କ୍ରାନ୍ତିକାରୀ ମକର ଆସିଲା, ଚାଲିଗଲା । ଛାଡ଼ି ଦେଇଗଲା ଘୁଷୁରିଆ ସାହିରେ ଗୋଟିଏ ଛୋଟ ତାରକା ଯାହା ପ୍ରତିଦିନ ସଂଜରେ ଉଦୟ ହୋଇ ପଥହରାଙ୍କୁ ମୁକ୍ତିପଥ ଦେଖାଇବ ଆଗାମୀ ମକରମାନଙ୍କରେ, ଯିମିତି ଦିନେ ପୂର୍ବର ପଣ୍ଡିତମାନଙ୍କୁ ତରାଟିଏ ବେଥ୍‌ଲେମର କୁଡ଼ିଆକୁ ବାଟ ଦେଖାଇଥିଲା ।

Digitized by srujanika@gmail.com

# ରଜା : ଘୁଷୁରି ସାହିର

ସହରତଳିର ତେଛକିରେ ପାଉଁଶିଆ ରଙ୍ଗର ଯେଉଁ ତେତାଲା କୋଠା, ତାରି ତଳ ତାଲାର ପ୍ରଶସ୍ତ ବରଣ୍ଡାରେ ସେ ପ୍ରାୟ ତ୍ରିକାଳ ସନ୍ଧ୍ୟା ବସିଥାଏ । ଗୋଟାଏ ବଡ଼ କାଠ ଖଟଟାରେ, ବଡ଼ ବଡ଼ ଗଦି ଓ ଗେରଦା ଭିତରେ ଏବଂ ଚାହିଁଥାଏ ରୂପା ଫ୍ରେମର ବାଇଶ କି ଚବିଶ ପାୱାରର ଖୁବ୍ ମୋଟା ଚଷମା କାଚ ଭିତରେ ଦେଇ ସାମନା ପିଚୁ ରାସ୍ତାକୁ ଏବଂ ଅପରପାର୍ଶ୍ୱର ଘୁଷୁରି ସାହିକି ।

ଥାକୁଲୁଥୁକୁଲ୍ ଅନ୍ତଲପେଟୁଆ ଦିହଟାକୁ ଢଙ୍କପଶିଆଡ୍ କଟନ୍‌ର ଅଠଟିରିଶ ଲେଞ୍ଜିଆ ହାତବାଲା ଗେଞ୍ଜିଟା ତାକୁ ବେଶ୍‌ମାନେ । ରଙ୍ଗ ଲାଲ, ନାଆଁକୁ ସାର୍ଥକ କରି ତା ଦିହହାତ ସର୍ବାଙ୍ଗ ଲାଲେଲାଲ । ପିନ୍ କଣ୍ଟାଟାଏ ଫୋଡ଼ିଦେଲେ ପାଇଣ୍ଟେ କଖୋର ଲାଲ ରକ୍ତ ଯେଉଁଠୁ ସେଇଠୁ ବାହାରି ପଡ଼ିବ । ମୁଣ୍ଡର ଚମଡ଼ାଟା ବି ଏତେ ଲାଲ ଯେ କଦମ୍ବ ଫୁଲିଆ ଧଳା ଚୁଳଗୁଡ଼ାକ ଈଷତ୍ ଗୋଲାପୀ ଦିଶେ । ବୁଢ଼ାଟା ରସିକ । ପାଖ ଦେଇ ଯେ ଘର ଭିତରକୁ ପଶିଯିବ ସେ ତା କାନଗୁଞ୍ଜା ଅତର କାଠିରୁ କନୌଜର ଖସ୍‌ଖସ୍ ଅତରର ଭୁରୁଭୁରୁ ମହକ ପାଇଯିବ ।

ମାଂସଳ ଲକ୍ଷ୍ମୀ ପେଚାଟି ପରି ଢୁଳୁଢୁଳୁ କରି ସେ ଚାହିଁଥାଏ ସାମନାକୁ । ବଗିଚାର ପେଣ୍ଡା ପେଣ୍ଡା ଗୋଛା ଗୋଛା ମଧୁମାଳତୀ, ରଜନୀଗନ୍ଧା, ବେଗୁନ୍‌ଭିଲ୍ଲା ଏବଂ ରଙ୍ଗବେରଙ୍ଗ କ୍ରୋଟନ ବୁଦା ଦେଇ ଦେଖେ ପିଚୁ ରାସ୍ତାର ଉନ୍ମତ୍ତ ଦୁନିଆକୁ ଏବଂ ଅପରପାର୍ଶ୍ୱର ତଳିଆ ଜାଗାର ଘୁଷୁରି ସାହିଟାକୁ । ସ୍ୱପ୍ନ ଓ କବିତାମୟ ରଙ୍ଗୀନ ଯୌବନ ମାଧ୍ୟମରେ ସଦ୍ୟମୟ ରୁଗ୍‌ଣ ହୀନିମାନିଆ ବାର୍ଦ୍ଧକ୍ୟକୁ ଦେଖିଲା ପରି କେତୁଟା ସଜନା, ପପେୟା, ଅମରୀ ଗଛବୁଦା ଭିତରେ ଘୁଷୁରି ସାହିର ଘରଗୁଡ଼ାକ ବଡ଼ ସାନ ହୋଇ ଉପୁରା ଉପୁରି ଫୁଟିଥିବା ପାଳଛତୁ ବା ବଡ଼ ଡିନ୍ତୁଳି ଗଛଟାରୁ ଝୁଲୁଥିବା ମହୁଫେଣା ବା ବିରୁଡ଼ିବସା ପରି ଦିଶେ ।

ରଙ୍ଗଲାଲ ଯଦି ଏଇ ମୁହୂର୍ତ୍ତରେ କୋଠାର ଛାତ ଉପରକୁ ଚାଲିଯାଆନ୍ତା (ହାୟ ! ଘର କଲାବେଳେ କେହି କଣ ଭାବିଥାଏ ଯେ ଦିନ ଆସିବ, ଯେବେ ସେ ଘର ଉପରକୁ ଚଢ଼ିପାରିବ ନାହିଁ ବା ଘର ଭିତରେ ରହି ନ ପାରି ନିଜ ଘର ବରଣ୍ଡାରେ ଅତିଥି ବା ଭିକାରୀ ପରି ବସିଥିବ ? ତେବେ ସେ ଦେଖନ୍ତା ଟେଲିଭିଜନ ଖୁଣ୍ଟ ଉପରେ ଯୋଡ଼ାଏ ପାରା ଚୁମାଚୁମି ହେଉଛନ୍ତି ନୀଳ ଆକାଶକୁ ପିଠି କରି । ସେଇ ଏରିଏଲ ଖୁଣ୍ଟ ତଳେ ଛିଡ଼ା

Digitized by srujanika@gmail.com

ହୋଇ ହାତ ପାପୁଲିକି ସାପଫଣା ପରି କରି ଖରାତରାର ଆଢୁଆଳରେ ସେ ଦେଖିପାରନ୍ତା ପୂର୍ବ ଦିଗ୍‌ବଳୟର ସମୁଦ୍ର ଓ ଝାଉଁବଣ ଏବଂ ପଶ୍ଚିମର ପାହାଡ଼ ଓ ଶାଳବଣ; କିନ୍ତୁ ସେତେ ଉଚ୍ଚକୁ ସେ ଏବେ ଉଠି ପାରୁନାହିଁ ।

ତେତାଲାକୁ ସେ ଯଦି ଚଢ଼ି ପାରନ୍ତା, ତେବେ ସେ ଅକ୍ଲେଶରେ ଦେଖି ପାରନ୍ତା ତାର ଶିଳ୍ପାୟିତ ସାମ୍ରାଜ୍ୟକୁ; ଯହିଁରେ ଅଛି ପ୍ଲାଷ୍ଟିକ୍ ଫେକ୍ଟରୀ, ଧାନକଳ, ପାଇପ୍ କାରଖାନା, ଅଟା ମଇଦା ବରଫ କଳ, ଲୁଗା, ଶ'ମିଲ ଆହୁରି କେତେ କଣ; କିନ୍ତୁ ଛାତ, ଶିଡ଼ି, ପାହାଚ ଲିଫ୍ଟ ଚଢ଼ିବାକୁ ତାକୁ ମନା ।

ଦୋତାଲାକୁ ଗଲେ ବି ସେ ଦେଖନ୍ତା ସହରରେ ଇତସ୍ତତଃ ବିକ୍ଷିପ୍ତ ତାହାରି ନିଜର ରଡ଼, ଏଜ୍‌ବେଷ୍ଟସ, ଟାୟାର ଗୋଦାମ, ଟାଙ୍କି ଏବଂ ମୁହାଁମୁହିଁ ଥିବା ଯୋଡ଼ାଏ ଏୟାରକଣ୍ଡିସନଡ଼ ସିନେମା ଘରକୁ । ଦୋତାଲାକୁ କାହାରି ସାହାଯ୍ୟ ନ ନେଇ ସେ ହୁଏତ ଯାଇପାରନ୍ତା; କିନ୍ତୁ ଡାକ୍ତରଙ୍କ ହୁକୁମ ସେ ଅମାନ୍ୟ କରେ ନାହିଁ, ଅବଜ୍ଞା କରିବାର ସାହସ କରେ ନାହିଁ । ତାକୁ ଉପରକୁ ଯିବା ମନା ।

ତେଣୁ ସେ ଗ୍ରାଉଣ୍ଡ ଫ୍ଲୋରରେ ଥାଏ ଏବଂ ଯେଉଁଠି ବସିଲେ ପାଓ୍ୱାର ବାଲା ଚଷମା କାଚରେ ରଙ୍ଗୀନ ଫୁଲ ପତ୍ର ଦେଇ ଘୁଷୁରି ସାହିକୁ ଦେଖିପାରିବ । ବସି ବସି ଚିଟାଲାଗିଲେ ସାମନାର ଦୁଇଦୁଇଟା ଫିଆଟ, ଆମ୍ବାସାଡ଼ାର, ଜିପ୍, ସ୍କୁଟର ଆଦି ନାନା କିସମର ଯାନ ଦେଖି ସେ ଭାବେ ଥରେ ହେଲେ ଏଗୁଡ଼ାକରେ ଯାଇ ତାର ସାମ୍ରାଜ୍ୟର ଦିଲ୍ଲୀ କଲିକତା ପରି ସ୍ଥାନମାନଙ୍କରେ ସମ୍ରାଟ ପଞ୍ଚମ ଜର୍ଜଙ୍କ ପରି ଦରବାର କରି ଆସି ବୁଲି ପାରନ୍ତା କି; କିନ୍ତୁ କେହି ତାକୁ ବୁଲାଇ ନିଅନ୍ତି ନାହିଁ, ସମସ୍ତେ ଯେଝା କାର୍ଯ୍ୟରେ ବ୍ୟସ୍ତ । ହଳ ହଳ ଦଳ ଦଳ ତାରି ସାମନାରେ ପୁଅ, ବୋହୂ, ନାତି, ନାତୁଣୀ, ବେଉସା ବଣିଜ, ସ୍କୁଲ କଲେଜ, ହୋଇ ସିନେମା, ଥିଏଟରକୁ ନାନା ବେଶ ବସନ ହୋଇ ମହୋଲ୍ଲାସରେ ଥରକୁ ଥର ଯାଉଥାନ୍ତି ଆସୁଥାନ୍ତି; କେହି ବୁଢ଼ାକୁ ଚାହାନ୍ତି ନାହିଁ, ପଚାରନ୍ତି ନାହିଁ । ଥରେ ନାତି ଗୋଟାକୁ ବୁଢ଼ା କରୁଣ କାତର ସ୍ୱରରେ କହିଲା ଟିକେ ତାକୁ ଘୁଷୁରି ସାହିରେ ବୁଲାଇ ଆଣିବାକୁ । ନାତି ତରାଟି ଚାହିଁ ଇଂରାଜୀରେ କହିଲା "ମୁଭ୍ ମେଣ୍ଟ ନଟ୍ ଆଲାଉଡ଼, ଏବସଲ୍ୟୁଟ୍ ବେଡ଼ରେଷ୍ଟ, ବୁଝିଲ ଜେଜେ ?" ଜେଜେ କିଛି ବୁଝିଲେ ନାହିଁ; କାରଣ ଇଂରାଜୀ ସେ ମୋଟେ ଜାଣନ୍ତି ନାହିଁ, ଖାଲି ଏତିକି ବୁଝିଲେ ଯେ ଗାଡ଼ି ଯାନବାହନ ସବୁ ପିଲାଙ୍କ ଛବି ବହିର ଚିତ୍ର ପରି, ଯାହାର ବ୍ୟାବହାରିକ ଉପାଦେୟତା ତାଙ୍କ ପାଇଁ ନାହିଁ, ଯିମିତି ଫିକ୍ସଡ଼୍ ଡିପୋଜିଟ, ଦଲିଲ ଦସ୍ତାବିଜର ଦାମ ନାହିଁ ଖାଲି କାଗଜ ଗୁଡ଼ାଏ, ଯଦି ସେ ଅର୍ଥ ତାଙ୍କ କାମକୁ ନ ଆସେ । ସେ ବେଶ୍ ବୁଝିଲେଣି ଘରଘରଣୀ ଘଟ ଛୁଟିଲେ ସବୁ...ବୋଲିବେ ମଡ଼ା ଯେ ।

ଘରଣୀ ତ ବୁଢ଼ା ହରାଇଛି ବହୁତ ବର୍ଷ ହେଲା । ପ୍ରାୟ ଚାଳିଶ ବର୍ଷ ଆଗରୁ ସେ କଲିକତା ଛାଡ଼ି ଏକ ନିରାପଦ ଦୁନିଆଁ ଖୋଜି ଏଠାକୁ ପଳାଇ ଆସିଥିଲା ଦ୍ୱିତୀୟ

Digitized by srujanika@gmail.com

ମହାଯୁଦ୍ଧ ସମୟରେ ଯେତେବେଳେ ଡ଼ାଲହାଉସି ସ୍କୋୟାର ଓ ହାଓଡ଼ା ପୋଲ ପାଖରେ ଜାପାନୀ ବୋମା ପଡ଼ିଲା । ରାଜ୍ୟ ଭ୍ରଷ୍ଟ ଓ ପରେ ଯୁବାସ୍ତ୍ରୀ ନଷ୍ଟ ହେଲେ ମଧ୍ୟ ଭାଙ୍ଗି ନପଡ଼ି ସେ ନୂଆ ସାମ୍ରାଜ୍ୟ ଗଢ଼ିବାରେ ଅସାଧାରଣ ଉତ୍ସାହ ଓ ଧୈର୍ଯ୍ୟ ଧରିପାରିଥିଲା ।

ଏଇ ଗ୍ରାଉଣ୍ଡ ଫ୍ଲୋରରେ ଥାଇ ମଧ୍ୟ କଥମପି ବୁଢ଼ା ଜୀଇଁ ପାରନ୍ତା ଯଦି ସେ ଥରକୁ ଥର ଘର ଭିତରକୁ ପଶି ଟେଲିଭିଜନ ଛବି ଦେଖନ୍ତା; କିନ୍ତୁ ସମସ୍ତେ ଭାବନ୍ତି ବୁଢ଼ା ଟେଲିଭିଜନରୁ କଣ ବୁଝିବ, ପାଇବ ? ତାର ବୟସ ଅଛି ନା ରୁଚି ଅଛି ? ତେଣୁ ସେମାନେ ସାମନାରେ ଭିଡ଼ ଜମାଇ ଉଲ୍ଲାସ କୌତୁହଳରେ ବସିଯାନ୍ତି । ଅଟ୍ଟହାସ୍ୟ ସହିତ ଥଣ୍ଡା ଗରମ ପାନୀୟର କପ୍ ଓ ଗ୍ଲାସର ଠଣ୍‌ଠାଣ୍ ଶବ୍ଦରେ ତେତାଲା ଉଠୁଥାଏ ପଡୁଥାଏ । ଦୈବାତ୍ ବୁଢ଼ା ଭିତରକୁ ପଶିଗଲେ ପ୍ରାଗୈତିହାସିକ ଜାନୁଆରକୁ ଦେଖିଲା ପରି କିଏ କୁଆଡ଼େ ଅନ୍ତର୍ଦ୍ଧାନ ହୁଅନ୍ତି । ତେଣୁ ଘରଆଡ଼େ ବା ବୈଠକଖାନାକୁ ନ ଯାଇ କାଠ ଖଟରେ ଜଗତୀ ବା ସିଂହାସନରୁ ଢିମାଢିମା ଆଖି ମେଲାଇ ଜଗନ୍ନାଥ ଦେଖିଲା ପରି ନିଜ ଦୁନିଆଁକୁ ତଥା ଘୁଷୁରି ସାହିକି ବୁଢ଼ା ଦେଖୁଥାଏ । ଜଗନ୍ନାଥ ନୁହେଁ କଣ ? ସ୍ମାରଂ ସ୍ମାରଂ ସ୍ୱଗୃହଚରିତଂ ଦାରୁଭୂତୋ ମୁରାରିଃ । ନିର୍ଜୀବ କାଷ୍ଠ ପାଷାଣ ମୂରତି ହେବାକୁ ତାକୁ ଆଉ କେତେ ଡେରି । ସେ ପ୍ରାୟ ମୂକ, ବଧିର ଏବଂ ଚଳଦ୍‌ଶକ୍ତି ରହିତ, ଗୋବର ଗଣେଶ । ମୂଷାଟିଏ ବି ସଙ୍ଗେ ନାହିଁ । ଏକାନ୍ତ ନିଃସଙ୍ଗ । ତେଣୁ ସେ ଚାହିଁଥାଏ ପିଚୁରାସ୍ତା ଓ ଅପରପାର୍ଶ୍ୱର ଘୁଷୁରି ସାହିକି ।

"ଅଜା ଘୁଷୁରି ସାହିରେ କଣ ଦେଖ ?" "ବାପା, ସେ ଘୁଷୁରି ସାହିରେ ଦେଖିବାର କଣ ଅଛି ?" "ଛେଛେ; ଘୁଷୁରି ସାହିକି ଚାହିଁ ଚାହିଁ ତୁମ ଆଖି ଫୁଟି ଯାଉନି ?" "ଘୁଷୁରି ଗୁଡ଼ାକୁ ଦେଖିଲେ ତୁମକୁ ବାନ୍ତି ମାଡ଼େନି ?" ଏସବୁ ଛୋଟ ଛୋଟ ପ୍ରଶ୍ନର ଉତ୍ତର ବହୁତ ଲମ୍ୱା । ବୁଢ଼ା ସେଥିପାଇଁ ଜବାବ୍ ଦିଏନାହିଁ, ବିରକ୍ତ ବି ହୁଏନାହିଁ । ତା ପାଇଁ ଆନନ୍ଦ, ଦୁଃଖ, କ୍ରୋଧ ଶରୀର ପକ୍ଷରେ କ୍ଷତିକାରକ ।

ଏଇ ଘୁଷୁରି ସାହିଟା ବୁଢ଼ାର ଆଦି ସୃଷ୍ଟି । ତେଣୁ ସ୍ରଷ୍ଟା ଯିମିତି ନିଜ ସୃଷ୍ଟିକି (ଯେତେ କଦର୍ଯ୍ୟ ହେଉ ପଛେ ପ୍ରଶଂସମାନ ଚକ୍ଷୁରେ ଦେଖେ, ବୁଢ଼ା ସିମିତି ଏ ସାହିଟ୍ୟରେ ଖୁବ୍ ଆଦର ଦରଦ ଢାଳିଦିଏ । ବୁଢ଼ା ଯେତେବେଳେ ଲୋଟାକମ୍ୱଳ ଧରି ବିଦେଶରୁ ଏଠାକୁ ଆସିଲା, ସେତେବେଳେ ତାକୁ ମନ୍ଦିର ବା ସାମ୍ରାଜ୍ୟ ଗଢ଼ିବାରେ ସାହାଯ୍ୟ କରିଥିଲେ କେଉଁ ଦୂର ପର୍ବତ ବନାନୀର ଆଗନ୍ତୁକମାନେ : ପରଭା, ଅଇବନ, ଅରକ୍ଷିତ, ମହନା, ତୁରକୁ ଏବଂ ସେମାନଙ୍କ ସ୍ତ୍ରୀ ସୁବାସ, ଚମ୍ପା, ନୁଡ଼କି, ରୂପି, ସୁମି ଓ ଆହୁରି କେତେ । ବୁଢ଼ା ସେମାନଙ୍କ ସାଙ୍ଗରେ ମାଟି ବୋହିଛି, ଇଟା ତିଆରି କରିଛି । ତାକୁ କିଏ ଭାଇ, କିଏ ବାପା, କିଏ ଦାଦା ଡାକିଛନ୍ତି (ଏବେ ଅବଶ୍ୟ ସମସ୍ତେ ତାକୁ ରଜା, ରଜା ବାବୁ, ମହାରାଜା, ବୁଢ଼ା ସାହେବ ଡାକନ୍ତି) ସେତେବେଳେ ଥିଲା ଟିପାଟିପିର ଦୁନିଆଁ, ଟିପା ଆଣିଲା ଚାଉଳ ଗୋଟିଏ, ଟିପି ଆଣିଲା ବିରି ଗୋଟିଏ, ବାଘ ମାମୁଁ ବୋଲି କେହି ନଥିଲେ ବିନା ପରିଶ୍ରମରେ

Digitized by srujanika@gmail.com

ପିଠା ଭାଗ ଦାବୀ କରିବା ପାଇଁ । ବୁଢ଼ା ମନଖୁସିରେ ଧୂମୁଷାମାଦଳ ତାଳରେ ବୁଢ଼ୀକୁ ସାଙ୍ଗରେ ଧରି ବି ସେମାନଙ୍କ ସହିତ କେବେ କେମିତି ନାଚୁଥିଲା, କାଣ୍ଡବିନ୍ଧା ବି ଅଭ୍ୟାସ କରୁଥିଲା; କିନ୍ତୁ ତେତାଲା କାମ ଯିମିତି ସରିଛି, ବୁଢ଼ୀ ବୁଆଣ ବୟସରେ ଚାଲିଗଲା ।

ବୁଢ଼ା କିନ୍ତୁ ଘୁଷୁରି ସାହି ଛାଡ଼ିଲାନି । ବୁଢ଼ୀର ସ୍ମୃତିକୁ ଜାବୁଡ଼ି ସିମେଣ୍ଟ ଚଟାଣ ଚାଳଘରଟାରେ ଅନେକ ବର୍ଷ ଧରି ରହିଲା । କାଳକ୍ରମେ ପିଲାଏ, ବେଉସାବଣିଜ କରି ନାଆଁ କମେଇଲେ, ବୁଢ଼ାର ସାମ୍ରାଜ୍ୟର କ୍ରମିକ ଅଭିବୃଦ୍ଧି ଚାଲିଲା । ସେମାନେ ବାରମ୍ବାର ଆପତ୍ତି କଲେ ବୁଢ଼ାର ଘୁଷୁରିସାହି ଭିତରେ ରହଣିକୁ । ସେମାନଙ୍କ ମର୍ଯ୍ୟାଦା ହାନି ହେଉଛି, ବୁଢ଼ାର ବି ବଦନାମ ହେଲାଣି, ନାନା ଲୋକେ ନାନା କଥା କହୁଛନ୍ତି, ପିଲାଏ ଜୋର ଜବରଦସ୍ତି ଦିନେ ବୁଢ଼ାକୁ ଭିଡ଼ିଓଟାରି ଦୋତାଲା କୋଠାକୁ ନେଇ ଆସିଲେ ଆସବାବପତ୍ର ସହିତ । ସେଇ ଦିନ ପ୍ରଥମ ଥର ପାଇଁ ବୁଢ଼ାର ଛାତି ବେମାର ବାହାରିଥିଲା ।

ତେତାଲାକୁ ଆସିଲେ ବି ଘୁଷୁରି ସାହିର ମମତା ବୁଢ଼ାକୁ ଛାଡ଼ିଲା ନାହିଁ । ଘୁଷୁରି ସାହିବାଲାଙ୍କ ପାଇଁ ଆଉ କାମ ନାହିଁ । ସେମାନେ ଅନ୍ୟତ୍ର ମୂଲିଆ ମଜୁରୀ, କୁଲିଗରି ଦୋକାନ ପାତିରେ ସ୍ୱାଧୀନ, ଭାବରେ ଦିନ କଟାନ୍ତି । ତଥାପି ବୁଢ଼ା ଭାବେ ସାହିଟା ତାରି କରଣା, ଲୋକଗୁଡ଼ା ତାରି (ବନସ୍ତର ହାତୀ) ଯିମିତି ତେତାଲା କୋଠା ଓ ଶିଳ୍ପ ସାମ୍ରାଜ୍ୟ ସେମାନେ ସେଇଠି ଥିଲେ ବି ସେମାନଙ୍କ ସହଯୋଗ ଉସାହଲବ୍ଧ ଫଳ । ପ୍ରତିଦିନ ସକାଳ ସଂଧ୍ୟା ସେ ସାହିକି ଯାଏ; ଯା ତା ପିଣ୍ଡାରେ ବସି ସୁଖ ଦୁଃଖ ହୁଏ; କାହାକୁ କେତେବେଳେ ନାନା ମତେ ସାହାଯ୍ୟ ବି ଦିଏ । କିଏ ଜଣେ ଥରେ ଖବରକାଗଜରେ ବାହାର କରିଦେଲା ଘୁଷୁରି ପାଖରୁ ମସ୍ତିଷ୍କ ଜ୍ୱର ହେଉଛି, ଯାହାର ଔଷଧ ନାହିଁ । ମ୍ୟୁନିସିପାଲିଟି ଘୁଷୁରିସାହି ଓ ଘୁଷୁରିଗୁଡ଼ାକୁ ନିପାତ କରିଦେବାର ଯେଉଁ ବ୍ୟବସ୍ଥା କଲା, ତାକୁ ବୁଢ଼ା ତୁରନ୍ତ ରଦ୍ଦ କରାଇଦେଲା । ମୂଷା, ବିରାଡ଼ି, କୁକୁର, ଛେଳି, ମଇଁଷି ସମସ୍ତେ ରୋଗ ଛାଡ଼ନ୍ତି ଖାଲି, ଘୁଷୁରି ଗୁଡ଼ାକୁ ଏତେ ଅହନ୍ତା କାହିଁକି ? ଘୁଷୁରିଙ୍କି ତ ମସ୍ତିଷ୍କ ଜ୍ୱର ହୁଏନାହିଁ । ବୁଢ଼ା ଏଇ ଘୁଷୁରି ସାହିର ଜୀବଗୁଡ଼ାକ ବିଷୟରେ ଅନେକ ଭାବେ । ଥରେ ସେ ପୁରୀ ଯାଇଥିଲା । ଫେରିଆସି ସାହିର ମୁରବୀ ପାଖରେ ଦିନେ କହିଲା, "ଶ୍ୟାମରେ, ମୁଁ ପୁରୀ ଯାଇଥିଲି, ଗୋଟାଏ ପୋଖରୀରେ ବଡ଼ ବଡ଼ କଇଁଛ ଦେଖିଲି, ମୁଢ଼ିମୁଆଁ ଧରି ଡାକିଦେଲି ଯେ ମୋ ହାତରୁ ଖାଇଗଲେ । ଇନ୍ଦ୍ରଦ୍ୟୁମ୍ନ ରାଜାଙ୍କ ମନ୍ଦିର ପାଇଁ ପଥର ବୋହି ବୋହି ସେମାନେ କୁଆଡ଼େ କଚ୍ଛିମ ପାଲଟି ଯାଇଛନ୍ତି । ଶ୍ୟାମରେ, ତୁମେ ବି ମୋ ପାଇଁ ନାଳନର୍ଦ୍ଦମାରେ ପଙ୍କକାଦୁଅରେ କାମ କରି କରି ଘୁଷୁରି ହୋଇ ଯାଇଛ ।" ଶ୍ୟାମ କହେ ନା ଆଜ୍ଞା ! ମଣିଷ କି ଘୁଷୁରି ହେବ ?" ବୁଢ଼ା ଯୁକ୍ତି କରେନି; ଟିକିଏ ଶ୍ଳେଷବ୍ୟଙ୍ଗମିଶା ହସ ହସେ । ଘୁଷୁରି ରହସ୍ୟ ଶ୍ୟାମ ଆଗରେ ଆଉ ଦିନେ ବୟାନ କରୁଁ କରୁଁ ପିଚୁ ରାସ୍ତା କଡ଼ର ମାଈ ଘୁଷୁରିକୁ ଲକ୍ଷ୍ୟକରି କହିଲା "ଦେଖ ଶ୍ୟାମ, ଆଠୁଟା ଥନକୁ ଆଠୁଟା ଛୁଆ, ଚଁ ଚଁ କରି ପିଇ ଯାଉଛନ୍ତି । ଘୁଷୁରି ବାପୁଡ଼ା କଣ ବା ଖାଉଛି, ନର୍ଦ୍ଦମାରେ ଘାଣ୍ଟିଚକଟି ହୋଇ କାଦୁଅ

Digitized by srujanika@gmail.com

ପାଣି ପିଇ ଯେତିକି କ୍ଷୀର ସଂଗ୍ରହ କରୁଛି ସବୁ ଛୁଆଙ୍କୁ ଖୁଆଇ ଦେଉଛି । ଅଥଚ ଆମର ବୋହୂଝିଅ ଦୁଧ, ଦହି, ମାଛ, ମାଂସ ଖାଇ ଟୋପାଏ ବି ଏଡ଼େ ବଡ଼ ବଡ଼ ଥନରୁ କ୍ଷୀର ବାହାର କରି ପାରନ୍ତି ନାହିଁ ।''

ଆଠୁଟା ଛୁଆରୁ ସାତୁଟା କଳା, ଗୋଟିକର ରଙ୍ଗ ଠିକ୍ ବୁଢ଼ାର ମୁଣ୍ଡରଙ୍ଗ ପରି; ଲାଲ ଚମରେ ଧଳା ଛୋଟ ଛୋଟ ଚୂଳ । ବୁଢ଼ା କହେ ''ଶ୍ୟାମ ! ଦେଖ୍ ଭଗବାନଙ୍କ ଆଉ ଏକ ଲୀଳା, ସାତଟା କଳାକୁ ଗୋଟେ ଧଳା ।'' ଶ୍ୟାମ କହିଲା, ''ଧଳା ଅଣ୍ଡିରା ଘୁଷୁରି ବି ଆମର ଏ ସାହିରେ ଅଛନ୍ତି, ବାପା !''

ଶ୍ୟାମ ସାଙ୍ଗରେ କଥାବାର୍ତ୍ତା କରୁଁ କରୁଁ ବୁଢ଼ା ଫାଟକ ପର୍ଯ୍ୟନ୍ତ ଚାଲିଯାଇଥିଲା । ବଡ଼ ପୁଅ ଏତିକିବେଳେ ପାଖକୁ ଜୋରରେ ଆସି ଆଖି ତରାଟି ଗର୍ଜନ କରି କହିଲା, ''ଆଜିର କାଗଜ ପଢ଼ିଲଣି ?  ଯୋଉ ଲୋକଗୁଡ଼ାକୁ ଏତେ ନିଜର ଆପଣାର କରିଛ ସେଇମାନେ ପଶ୍ଚିମରେ ତୁମ ସାଙ୍ଗ ଭାଇକୁ ଜ୍ଞାତିକୁଟୁମ୍ବଙ୍କୁ ହାଣି ସାରିଲେଣି, ତାଙ୍କ ଘରବାଡ଼ି ନିଆଁ ଲଗାଇ ଦେଲେଣି ।'' ବୁଢ଼ା ସାଙ୍ଗେ ସାଙ୍ଗେ ଛାତିରେ ହାତ ଦେଇ ଟଳିପଡ଼ିଲା ମୂର୍ଚ୍ଛା ହୋଇ । ଏ ହେଲା ବୁଢ଼ାର ଦ୍ୱିତୀୟବାର ଏଟେକ୍ ରୋଗ ଆକ୍ରମଣ ।

ବୁଢ଼ାର ଏଥର ଆଉ ରକ୍ଷା ନାହିଁ । ବୁଢ଼ାଠୁ ପିଲାଯାଏ ଯିଏ ଯାହା ପାରିଲା କହିଗଲେ । ''ପ୍ରକୃତି ବଦଳିଲେ ସିନା !'' ''ଘୁଷୁରି ସାହିରେ ଦିନରାତି ଯିଏ ବସିବ ତେତାଲା କୋଠା ଛାଡ଼ି ତାର...'' ''ଚାଲବୁଲ ମନା ଅଥଚ ଡାକ୍ତର କଥା ନ ମାନି ବୁଢ଼ା ଯଦି ପାଇପ୍ ପାଖରେ ଦିନରାତି ଜଗି ବସିବେ ଖରାବେଳଟାରେ... କଣ ଯେ ମିଳେ ?''

ସବୁ ମିଳେ, ଏଇ ଘୁଷୁରି ସାହିର ପାଣି କଳ ପାଖରୁ । ଏଇଠୁ ବୁଢ଼ା ନିରାଟ ନିଃସଙ୍ଗତାରେ ସାଙ୍ଗ ପାଏ, ଔଷଧ ନଥିବା ରୋଗ ପାଇଁ ଔଷଧ ପାଏ । ବୁଢ଼ାଟାକୁ ଦିନରାତି କାଠ ଖଟଟାରେ ବାନ୍ଧିରଖି, ଚାକର କାମଦୁଣୀ ହାତରେ ଖାଦ୍ୟ ପାନୀୟ ଔଷଧ ପଠାଇ ଦେଇ ମନେମନେ ''ବୁଢ଼ାଟା ଯେ କାହିଁକି ଏତେ ଦିନ ବଞ୍ଚିଛି''ଭାବିଲେ ବଞ୍ଚିବା ଲୋକ ମରି ଯିବ ଅକାଳେ ସକାଳେ । ତାରି ପାଖ ଦେଇ ଯେତେବେଳେ ଆତ୍ମୀୟ ଜ୍ଞାତିକୁଟୁମ୍ବ ଯାଆସ କରନ୍ତି, ବୁଢ଼ା ପଦେ କଅଁଳ କଥା ସେମାନଙ୍କ ପାଖରୁ ଆଶା କରୁଥାଏ, ''ବାପା ! କିମିତି ଲାଗୁଛି ଆଜି ?'' ''ଅଜା, ଭଲ ଅଛ ?'' ''ଦାଦୁ, କଣ ଖାଇଛ ? ଆମ ପଢ଼ାବହିରୁ ଗପ ଗୋଟେ ଶୁଣିବ ?'' ଏମିତି ଦରଦୀ ପ୍ରଶ୍ନ କଥା ଛାଡ଼ ଓଲଟି ବୋହୂମାନଙ୍କ ପାଟିରୁ କର୍କଶ ଗଳାରେ ଶୁଭେ ''ଔଷଧ ଖିଆ ହେଲାଣି ନା ନାହିଁ ?'' ନିଜ କପାଳ ନିଜେ ଭୋଗିବ ।''

ଏ ଦୂରାବସ୍ଥା, ଏ ଦୁଃସ୍ଥିତିରେ ବୁଢ଼ା ଯଦି ଆଶ୍ୱାସନା, ସଞ୍ଜୀବନୀ ଶକ୍ତିପାଇଁ ତେତାଲାକୁ ନଚାହିଁ ଜୀବନର ଅଧାଅଧି କାଳ କଟାଇଥିବା ଘୁଷୁରି ସାହିକି ଓ ତାରି ଘର ସାମନାର ପିଚୁରାସ୍ତା ପାଖରୁ ପାଣିକଳକୁ ନିର୍ନିମେଷ ନୟନରେ ଚାହିଁଲା, ତେବେ ତୁମର ଆପତ୍ତି କଣ ? ଏ ଘୁଷୁରି ସାହି ତାର (ଅପ) କୀର୍ତ୍ତି, ଏ ପାଣିକଳ ତାରି ଯୋଗୁଁ ଏଠି

Digitized by srujanika@gmail.com

ବସିଛି । ଘୁଷୁରିଙ୍କି ପାଣି ଯୋଗାଇଲେ କାଦୁଅରେ ଗଡ଼ିବେ ସିନା ! ମୁନିସିପାଲିଟିକି ବୁଡ଼ାବୋଲା କରି ପାଣିକଳ ବାଲାକୁ ଘୁଷ୍ ଦେଇ ଏ ଜଳଯୋଗାଣ ବ୍ୟବସ୍ଥା ବୁଢ଼ା କରିଛି । କଳର ସଁ ସଁ ଶବ୍ଦ ଶୁଣିଲା ମାତ୍ରେ ଘୁଷୁରି ସାହିଯାକ ଅଳାଡ଼ି ପଡ଼ନ୍ତି । ଦିନବେଳେ (ରାତି ବେଳେ ବି !) ସାଇରେ ପୁରୁଷ ଥିଲାପରି ଜଣାଯାନ୍ତି ନାହିଁ । ପାଣି ଟୋପାକ ପାଇଁ ଓହଳ ବିକଳ ହୋଇ କଳା ନାଲି ରଙ୍ଗର ସିମେଣ୍ଟ ଗେବମରା ହାଣ୍ଡି କଳସୀ ଧରି ଝିଅ ଝିଆଣୀ ଜମା ହେଇ ଯାଆନ୍ତି । କିଏ ଆଗ କିଏ ପଛ ପ୍ରଶ୍ନର ସମାଧାନ ହେଉଥାଏ, ପାଣି ବି ସୂତାଖିଅ ଧାରରେ ପଡୁଥାଏ, ଅସରନ୍ତି କଥାକୁଆ ବି ଚାଲିଥାଏ । ବୁଢ଼ାର ଅଚିହ୍ନା କେହି ନାହିଁ । ସେମାନେ ବି କଳ ପାଖରେ ଛିଡ଼ା ହୋଇ ବୁଢ଼ାକୁ ଦେଖୁଥାନ୍ତି ‘‘ଏଇ ଯେ ଆମର ରଜା ବସିଛି, ସବୁ ଦେଖୁଛି, ଶୁଣୁଛି, ଜାଣୁଛି କିଛି କରିପାରୁ ନାହିଁ ସିନା; ତାର ଗୋଡ଼ହାତ ନାହିଁ ବିଚରା କଣ କରିବ । ହେଲେ ଆମକୁ କେତେ ଭଲପାଏ !’’ ବୁଢ଼ା କିନ୍ତୁ ଭାବେ ଅନ୍ୟ ରକମ । ଯେତେ ଯାହା କଲେ ବି ଯିଏ ଘୁଷୁରି ସିଏ ଘୁଷୁରି, ମଣିଷ କରିବା ସହଜ ନୁହେଁ ।

ବୁଢ଼ା ସମସ୍ତଙ୍କୁ ଦେଖେ କିନ୍ତୁ ଅପେକ୍ଷା କରିଥାଏ ଗୋଟିଏ ଝିଅର ଆସିବାକୁ । ଭିଡ଼ ଭାଙ୍ଗିଗଲେ ବିଶେଷତଃ ସ୍ଥାନ ନିଶୂନ ହୋଇଗଲେ ଝିଅଟି ଆସେ ସନ୍ତର୍ପଣରେ ; କେତେବେଳେ କଳସୀ ନେଇ, ଆଉ କେତେବେଳେ ପିଲାଟାଏ ଧରି ଝିଅଟା ଗୋରା ତକ ତକ । ମାଇ ଘୁଷୁରି ସାହିରେ ଏହା ନୂଆ କଥା, ଅଦ୍ଭୁତ ସମ୍ବାଦ ନୁହେଁ । ସେ ଗୋରୀ ଝିଅଟି ଆସିବାର ଦେଖିଲେ ବୁଢ଼ାର ସବୁ ଦମ୍ଭ ସଂକଳ୍ପ ଭାଜିଯାଏ; ନାନା ବାରଣ ନିଷେଧ ଅବଜ୍ଞା କରି ଏଣେ ତେଣେ ତରକିତାରକି ଚାହିଁ ସେ ଧୀରେ ଧୀରେ ଚାଲିବାକୁ ଆରମ୍ଭ କରେ ଫାଟକ ପାଖକୁ । କଳସୀରେ କୁନୁକୁନୁ ପାଣି ପଡୁଥାଏ, ସେ ଦୁହେଁ ଭୁଟୁରୁ ଭାଟୁରୁ କଥା ହେଉଥାନ୍ତି ଯେତେବେଳଯାଏ ସୁବିଧା ସୁଯୋଗ ମିଳୁଥାଏ । କେତେବେଳେ ଉପରତାଲାରୁ ଗୋୟେନ୍ଦାଗିରି କରି ବଡ଼ ବୋହୂ ଚିତ୍କାର କରନ୍ତି ‘‘ନାଚମାଡ଼ୁନି’’ କଣ ସେ ରାଣ୍ଡୁଆଣୀଟା ସାଙ୍ଗରେ ଗପୁଛ ! ରାଣ୍ଡୀ ତୁମକୁ ଖାଇଲା ।’’

ଯେଉଁଦିନ ବୁଢ଼ା ପାଣି କଳ ପାଖକୁ ଆସିପାରି ନଥାଏ ସେଦିନ ଝିଅଟା ତରକିମରକି ବୁଢ଼ାର ଖଟ ପାଖକୁ ଚାଲିଯାଏ । ପିଲାଟାକୁ କାଖରେ ଧରି ବୁଢ଼ା ପାଖକୁ ଲାଗି ଛିଡ଼ାହୁଏ । ବୁଢ଼ାର ପାକୁଆ ପାଟିରେ ହସ ଫୁଟେ, କାଖ ପିଲାଟା ଖିଲିଖିଲି ହସିଲେ ଝିଅଟା ହାତ ପାପୁଲି ଦେଇ ତାର ହସର ସୁଅ ବନ୍ଦକରି ଦିଏ । କି ଆନନ୍ଦ ତିନିଙ୍କର । କ୍ରମେ ମୁହଁ ସଂଜ ଗଡ଼େ । ଗୋଲାପ ପାଖୁଡ଼ା ଝଡ଼ିବାକୁ ଆରମ୍ଭ କରେ । ତକିଆତଳୁ ବାହାର କରି ବୁଢ଼ା ଦେଇଥିବା ଫୁଲ ବା ଫଳ ଧରି ଝିଅ ଆଉ ପିଲାଟା ଚାଲିଗଲେ ବୁଢ଼ାର ମୁହଁଟା ଫୁଲ ପରି ମଉଳିଯାଏ । ଯେଉଁ ମହୌଷଧି ଟିକକ ବା ରକ୍ତ ଟୋପାକ ସଞ୍ଚାରଣ ହୋଇଥାଏ, ତାର ପ୍ରକ୍ରିୟା ଦଣ୍ଡକେ ସରିଯିବାରୁ ବୁଢ଼ା ଫିକ୍କା ଦିଶେ । ସାରା ଇଲାକା ତା ପରେ ଅନ୍ଧକାର । ଘୁଷୁରିଙ୍କି ଆଲୁଅ କଣ ଲୋଡ଼ା ?

Digitized by srujanika@gmail.com

ଦିନେ ଏମିତି ଖେଳୁଁ ଖେଳୁଁ ଅକସ୍ମାତ ଆନନ୍ଦାତିଶଯ୍ୟରେ ପିଲାଟା ବୁଢ଼ାର ଛାତିକୁ ଡେଇଁ ପଡ଼ିଲା ଏବଂ ବୁଢ଼ାର ହୃଦ୍‌ରୋଗର ତୃତୀୟ ଅର୍ଥାତ୍ ଶେଷ ପର୍ଯ୍ୟାୟ ଆରମ୍ଭ ହେଲା । ସେଇଦିନ, ସେଇ ମୁହୂର୍ତ୍ତରୁ ବୁଢ଼ାର ଆସ୍ଥାନ ବରଣ୍ଡାରୁ ଘର ଭିତରକୁ ଉଠିଲା । ଏଥର ଯାହାକୁ କହନ୍ତି ପ୍ରକୃତ ବେଡ୍-ରେଷ୍ଟ ତାହା ଆରମ୍ଭ ହେଲା । ମୋଟା ପାୱାରବାଲା ଚଷମାରେ ରଙ୍ଗୀନ ଫୁଲପତ୍ର ଦେଇ ଘୁଷୁରି ସାହିକି ଏକଧ୍ୟାନରେ ଚାହିଁବା ଆଉ ଝିଅଟା ପିଲାକୁ ଧରି ପାଣିକଳ ପାଖକୁ ଆସିବାର ଅସରନ୍ତି ଅପେକ୍ଷା ସବୁ ବନ୍ଦ । ବାରମ୍ବାର ପ୍ରତ୍ୟେକ ତାଲାର ବାସିନ୍ଦାମାନଙ୍କ କଟୁ ମନ୍ତବ୍ୟ, ଭର୍ତ୍ସନା ଏପରିକି ଅଶ୍ଳୀଳ ବ୍ୟଙ୍ଗବିଦ୍ରୂପ ସହିତ ସୀମାହୀନ ନିଃସଙ୍ଗତା ନିଷ୍ଫଳ ପ୍ରତୀକ୍ଷାଜନିତ ଅସ୍ୱସ୍ତି ବୁଢ଼ାର ବଢ଼ିଚାଲିଲା ।

ଏମିତି ଆଠ ଦଶ ଦିନ କାରୁଣ୍ୟର ପ୍ରତିମୂର୍ତ୍ତିଟିଏ ପରି ତଳତାଲାର ବୈଠକଖାନାକୁ ଲାଗିଥିବା କଣ କୋଠରୀରେ ବୁଢ଼ା ପଡ଼ିଥାଏ । ଦୂର ଦୂରାନ୍ତରୁ ବଡ଼ ବଡ଼ ଡାକ୍ତର ସହିତ ଦେଶ ବିଦେଶରୁ ଆକାଶମାର୍ଗ ଦେଇ ଔଷଧ ଆସୁଥାଏ । ତେତାଲା କୋଠାଟାଯାକ ଡାକ୍ତରମୟ, ଔଷଧମୟ ଏବଂ ରୋଗମୟ; ମାତ୍ର ରୋଗ ଉପଶମ ପରିବର୍ତ୍ତେ ବରଞ୍ଚ ସାଧାରଣ ଅବସ୍ଥାର ଦ୍ରୁତ ଅବନତି ହେଲା । ସମସ୍ତେ ଜାଣିଲେ ଏଥର ବୁଢ଼ା ବର୍ତ୍ତିବ ନାହିଁ ଏବଂ ତାର ମହାପ୍ରୟାଣ ଆଶଙ୍କା କରି ଚାରିଆଡ଼େ ଟେଲିଗ୍ରାମ, ଟେଲିଫୋନ, ଟେଲେକ୍ସ ଡକରା ପଠାଗଲା । ଦିନେ ସକାଳେ ଆଲୋଚନା ଯୁକ୍ତିତର୍କ ପଡ଼େ ଏବଂ ବଡ଼ ବଡ଼ିଆଙ୍କ ଆଗମନକୁ ଲକ୍ଷ୍ୟ ରଖି ଖାଦ୍ୟ ପାନୀୟର ଧୂମ୍‌ଧାମ୍ ଯାକଜକମ ଚାଲିଲା ।

ଘୁଷୁରି ସାହିବାଲାଙ୍କର ବୁଢ଼ାକୁ ଦେଖିବାର ଆଗ୍ରହ କିନ୍ତୁ ଚରିତାର୍ଥ ହେଲାନାହିଁ । ସେମାନଙ୍କୁ ଘର ଭିତରକୁ ଆସିବାକୁ ମନା । ତାଙ୍କୁ ଦେଖିଲେ ବୁଢ଼ା କୁଆଡ଼େ ବିହ୍ୱଳିତ ହୋଇ ଯାଉଛନ୍ତି । ଘୁଷୁରି ସାହିବାଲାଏ କିନ୍ତୁ ବୁଢ଼ାକୁ ସ୍ୱସ୍ଥାନରେ ସିଂହାସନରେ ନ ଦେଖି, ଦରଶନ ନ ପାଇ ଆତଙ୍କିତ । ସାହିର ମଣିଷ ଘୁଷୁରି ସମସ୍ତଙ୍କ ହୃଦୟ ସ୍ପନ୍ଦନ ବ୍ୟାହତ ଓ ସ୍ତବ୍ଧ ହେବାକୁ ଯାଉଛି ଯିମିତି ।

ସେଦିନ ସୂର୍ଯ୍ୟଦେବ ବଗିଚାର ଲାଲ ଗୋଲାପ ତଥା ରଙ୍ଗଲାଲ ବୁଢ଼ାର ଗାଲର ରଙ୍ଗ ସବୁ ଅପହରଣ କରି ତେତାଲାର ପଛପଟେ ଲୁଚି ଲୁଚି ପାହାଡ଼ର ଆରପାଖକୁ ଯାଇଥାନ୍ତି । ତେତାଲାର ସମସ୍ତେ ଡାକ୍ତର କବିରାଜ ଡକାହକାରେ ଓ ଆଗନ୍ତୁକମାନଙ୍କ ଭୋଜିଭାତ ବ୍ୟବସ୍ଥା ଏବଂ ଟେଲିଭିଜନ ପ୍ରୋଗ୍ରାମରେ ବ୍ୟତିବ୍ୟସ୍ତ ଥାନ୍ତି । ବୁଢ଼ା ପାଖରେ ନର୍ସଟିଏ ଜଗିଥାଏ । ଡକରା ପାଇ ସେ ହଠାତ୍ ଉପରକୁ ଚାଲିଗଲା । ବୁଢ଼ାର ଶୋଇବା କୋଠରୀଟା ନୀରବ ନିସ୍ତବ୍ଧ । କେବଳ ଭୂତ ଓ ଯମଦୂତଙ୍କ ଛାଇରେ ଯିମିତି ଭରପୂର । କେବଳ ବୁଢ଼ାଙ୍କ ବୟସର କାନ୍ଥ ଘଡ଼ିଟା ହୃଦୟର ସ୍ପନ୍ଦନ ସହିତ ତାଳ ଦେଇ ଗମ୍ଭୀର ସ୍ୱରରେ ଟୁକ୍‌ଟାକ୍ ହେଉଥାଏ ନୀରବତାକୁ ମୁଖର କରି । ଏମିତି ଗୋଟାଏ ଶୁଭ ମୁହୂର୍ତ୍ତକୁ ଘୁଷୁରି ସାହିର ସେହି ଝିଅଟା ଖୋଜୁଥିଲା । ଓର ଉଣ୍ଡି ତାକତରକ ଖୋଜି ପିଲାଟାକୁ କାଖରେ ଧରି ସେ ଡୋଲା ଫାଟକର ସାମନା ପାଣିକଳ ପାଖରେ ଅନେକ ସମୟ ଧରି

Digitized by srujanika@gmail.com

ଛିଡ଼ା ହୋଇଥିଲା । ଗଲା କେତେ ଦିନ ବହୁ କଷ୍ଟରେ ନିଜକୁ ସମ୍ଭାଳି ନେଇଥିଲା । ଆଜି ମନେ ମନେ ଜିଦ୍ ଧଇଲା ବୁଢ଼ାକୁ ଦର୍ଶନ କରିବ । ଯିମିତି ପରିଚାରୀ ନର୍ସଟା ତେତାଲାକୁ ଉଠିବାର ଝରକା ଦେଇ ଦେଖି ଦେଇଛି, ସେମିତି ଯାହାହବ ହଉ ଭାବ ନେଇ ଫାଟକ ତରବରରେ ଫିଟାଇ ଦ୍ରୁତ ପଦକ୍ଷେପରେ ପଶିଗଲା ବୁଢ଼ାର ଶୋଇବା କକ୍ଷକୁ ଏକା ନିଃଶ୍ୱାସକେ ଅଶରୀରୀ ଛାୟମୂର୍ତ୍ତି ପରି ଏବଂ ଛିଡ଼ା ହୋଇଗଲା ବୁଢ଼ାର ଖଟକୁ ଲାଗି ମାତୃମୂର୍ତ୍ତି ବା ମେଡ଼ୋନାଙ୍କ ଭଙ୍ଗୀ ଓ ଚାହାଁଣିରେ । ବୁଢ଼ା ଆଖି ଦିଟା ଧୀରେ ଧୀରେ ଫିଟିଗଲା; ତାକୁ ଜଣାଗଲା ଯିମିତି ସେ ସ୍ୱର୍ଗର ଏକ ବିଦ୍ୟାଧରୀକୁ ଦେଖୁଛି । ସାମାନ୍ୟ ଟିକେ ହସ ବୁଢ଼ାର ମୁହଁ କଣରେ ଯିମିତି ଫିଟିବାର ପିଲାଟା ଦେଖିଛି, ସେ ସ୍ୱାଭାବିକ ଆଗ୍ରହ ଓ ଆନନ୍ଦରେ ତଳକୁ ଡେଇଁବା ଭଙ୍ଗୀରେ ହାତ ବଢ଼ାଇ ଝିଅର କାଖରୁ ତଳକୁ ଓହଳି ପଡ଼ିଲା; ଏବଂ କାଳେ ପଡ଼ିଯିବ ତାକୁ ଧରିନେବା ପାଇଁ ସବୁ ବାଧା ନିଷେଧ ନ ମାନି ବୁଢ଼ା ହଠାତ୍ ହାତ ଯୋଡ଼ାକ ପିଲାଟା ଆଡ଼କୁ ଲମ୍ବାଇ ଦେଲା । ବାସ୍ ସେତିକି, ସବୁ ଶେଷ । ହସ ଟିକକ ବୁଢ଼ାର ମୁହଁ କଣରେ ଲାଖି ରହିଲା ଏବଂ ଟୋପାଏ ପାଣି ଆଖିରୁ କପାଳ ଦେଇ ଝରିଗଲା ।

ଯିମିତି ବିରାଟ ପ୍ରମାଦ, ମହାପାପ କରିଚି, ସେମିତି ଭାବି ଝିଅଟା ପଳାଇ ଯାଉଥାଏ, ଦୁଇ ତିନିଜଣ ମାଇକିନା ତା ଚୂଳ ଗୋଛାକ ଧରି ନେଇ ନିସ୍ତୁକ ଛେଚିଦେଇ ଗଲେ ଉଭୟ ଝିଅ ଓ ପିଲାକୁ । ସେମାନଙ୍କ ବଦ୍ଧମୂଳ ଧାରଣା ଘୁଷୁରି ସାହିର ସେଇ ଡାହାଣୀଟା ମୁରବୀଙ୍କ ରକ୍ତ ଚୋଷିନେଲା; ନ ହେଲେ ତାଙ୍କ ଗୋଲାପୀ ଗାଲ ଫିକ୍କା ଦିଶନ୍ତା କାହିଁକି ?

ବଡ଼ ବଡ଼ ନେତାମାନଙ୍କର ଶବସତ୍କାର ଓ ଶ୍ରାଦ୍ଧୋତ୍ସବ ଯିମିତି ମହାକୋଳାହଳ ଓ ଆଡ଼ମ୍ବରମୟ ଅଥଚ ଆତ୍ମୀୟତା ଅନ୍ତରଙ୍ଗତା ବିହୀନ ଓ ଅନ୍ତଃସାରଶୂନ୍ୟ ହୁଏ, ଏ କ୍ଷେତ୍ରରେ ତାହାହିଁ ହେଲା । ସଦ୍ୟ-ସ୍ୱର୍ଗତ ଆତ୍ମାପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରି ଶେଠ ରଙ୍ଗଲାଲାଜୀଙ୍କ ଅଗଣିତ ଉତ୍ତରାଧିକାରୀ ଓ ଦାୟାଦଗଣ କହିଲେ, "ବୁଢ଼ାଟା ଏତେ ଶୀଘ୍ର ମରିନଥାନ୍ତା, ନିଜର ନୁଙ୍ଗୁରାପଣ ଯୋଗୁଁ ମଲା, ଆମେ ହୀନିମାନି ହେଲୁଁ ।" "ସାଙ୍ଗସାଥୀ ଯଦି ଖୋଜୁଥିଲେ ଆମେ ସାତ ଭାଇଭଉଣୀ ଥାଉଁ ଥାଉଁ ବାପାଙ୍କ ଘୁଷୁରି ସାହିକି ଯିବା କି ଦରକାର ଥିଲା ! ବଧୂ କନ୍ୟାଗଣ କହିଲେ "ଘୁଷୁରି ସାହିର ସେଇ ରାଣ୍ଡୀ ଖାନ୍କୀ ଝିଅଟା ବୁଢ଼ାଙ୍କ କଲିଜା କଞ୍ଚା ଖାଇଦେଲା ।"

ଘୁଷୁରି ଗୁଡ଼ାକୁ ଶବ ଶୋଭାଯାତ୍ରାରେ ନେଲେ ଅଶୋଭା ହେବ, ସ୍ୱର୍ଗତ ପୁଣ୍ୟ ଆତ୍ମାପ୍ରତି ଅସମ୍ମାନ ହେବ ବୋଲି ନିଆଗଲା ନାହିଁ, କେବଳ ତାଙ୍କ ସାହିର ମାଳିକ ରଜା ମରିଗଲେ ବୋଲି ଘୁଷୁରି ପରି ଗଁ ଗଁ ହୋଇ ଆଠ ଦଶ ଦିନ କାଳ କନ୍ଦାକଟା କରିବା ଏବଂ ଶ୍ରାଦ୍ଧବାସରର ଭୂରି ଭୋଜନରେ ଉଚ୍ଛିଷ୍ଟ ଓ ପରିତ୍ୟକ୍ତ ପଚା ଖାଦ୍ୟ ଓ ପୁରୀଷକୁ ମହାପ୍ରସାଦ ଭାବି ସେବନ କରି କୃତାର୍ଥ ମଣିବାକୁ ଓ ସାଲବେଗଙ୍କ ପରି ଆର୍ତ୍ତନାଦ କରି "ଆମ୍ଭେ ଦର୍ଶନ କରିବୁଁ କାହାକୁ" ଭଜନଟି ଗାଇବା ପାଇଁ ସାହିରେ ଛାଡ଼ି ଦିଆଗଲା ।

Digitized by srujanika@gmail.com

ଆଶ୍ଚର୍ଯ୍ୟ କଥା ଶ୍ରାଦ୍ଧୋତ୍ସବ ପରେ ବି ତେତାଲାର ବାସିନ୍ଦା ତଥା ବନ୍ଧୁ ବାନ୍ଧବ କେହି ସ୍ୱ ସ୍ୱ କର୍ତ୍ତବ୍ୟ ବା ଧନ୍ଦାରେ ଯିବାପାଇଁ ବା ବିଦାୟ ନେବା ପାଇଁ ବାହାରିଲେ ନାହିଁ, ଘରକୁ ପୁଲିସ୍ ପରି ଜଗି ରହିଲେ । କାରଣ ବୁଢ଼ାଙ୍କ ସଂପଦ (ଶବ ?) ର ବ୍ୟବଚ୍ଛେଦ ବା ବିଭାଜନ ହୋଇନାହିଁ । ତାରି ଉପରେ ଚାଲିଲା ତର୍କ ବିତର୍କ, ବାଦ ବିବାଦ, ହଟ୍ଟଗୋଳ, ଏପରିକି ଦଙ୍ଗା ହେଙ୍ଗାମ, ଯାହା ଘୁଷୁରି ସାହିର ମୁରବୀମାନଙ୍କୁ ବି ଅବାକ୍ କରିଦେଲା । ଭାଗ୍ୟକୁ ନାଟକୀୟ ରୀତିରେ ଦ୍ୱନ୍ଦ୍ୱର ଚରମ ମୁହୂର୍ତ୍ତରେ ନିୟତି ଅବତୀର୍ଣ୍ଣ ହେଲାପରି ବୁଢ଼ାଙ୍କର ଓକିଲ ରଙ୍ଗମଞ୍ଚରେ ପହଞ୍ଚିଗଲେ ଏବଂ ବଜ୍ର ନିର୍ଘୋଷରେ ଜଣେଇ ଦେଲେ ଯେ ବୁଢ଼ା ଏ ପ୍ରକାର ବିଭ୍ରାଟ ଆଶଙ୍କା କରି ସମସ୍ତ ସଂପତ୍ତିର ବିଧିମତ ଉଇଲ କରିଦେଇ ଯାଇଛନ୍ତି, ଯଦ୍ୱାରା ସଂପତ୍ତିର ଅର୍ଦ୍ଧେକ ଘୁଷୁରି ସାହିବାଲା ପାଇବେ ଏକ ଟ୍ରଷ୍ଟ ମାଧ୍ୟମରେ, କାରଣ ସେଇମାନେ ହିଁ ତାଙ୍କ ସହିତ କାନ୍ଧକୁ କାନ୍ଧ ଲଗାଇ ସାମ୍ରାଜ୍ୟ ଗଠନରେ ସାହାଯ୍ୟ କରିଛନ୍ତି । ଏକ ଚତୁର୍ଥାଂଶ ଦେଇଛନ୍ତି ତେତାଲାର ଅକର୍ମ କୁକର୍ମଶୀଳ ବାସିନ୍ଦାଙ୍କୁ; କାରଣ ସେମାନଙ୍କୁ ସେ ଭୁଲରେ ଜନ୍ମ ଦେଇଛନ୍ତି । ଶେଷ ଚତୁର୍ଥାଂଶ ପାଇବ ସେଇ ଝିଅଟି ଓ ପିଲାଟି ଯେଉଁମାନେ କି ତାଙ୍କର ନିଃସଙ୍ଗ ବିପତ୍ନୀକ ଜୀବନରେ ଶୁଷ୍କ ବୃକ୍ଷକୁ ସଞ୍ଜୀବନୀ ଦେଇ ପଲ୍ଲବତି ଏବଂ ରଙ୍ଗୀନ କରିଛନ୍ତି । ଏ ଘୋଷଣା ଶୁଣିବା ପରେ ପରେ ସମସ୍ତେ ସମବେତ ସ୍ୱରରେ ଚିତ୍କାର କରି ଉଠିଲେ ''ଶଳା ବୁଢ଼ା ! ଘୁଷୁରି ! ଜାନୁଆର !''

ଦେଖଣାହାରୀମାନେ ମନ୍ତବ୍ୟ କଲେ, ''ଘୁଷୁରିସାହିଟାର ଇତିହାସ ଅଛି, ରହସ୍ୟ, ରୋମାଞ୍ଚ, କବିତା, ନାଟକ ଅଛି; ସମସ୍ୟା ବି ଅଛି ଯାହା ଜଟିଳତର ହୋଇଛି ପ୍ରେମର ଅନୁପ୍ରବେଶରେ ।''

ସାହି ମଝିରେ ଯେଉଁ ସାମାନ୍ୟ ସମାଧିଟିଏ ଅଛି ସେ ଯଦି ଉଠିଆସନ୍ତା ତେବେ କହି ଦିଅନ୍ତା, ସେଇ ଝିଅଟା କିଏ, ତା କାଖର ପିଲାଟାର ବା ପରିଚୟ କଣ, ବୁଢ଼ା ସହିତ ଅବା ସେମାନଙ୍କର କ'ଣ ସଂପର୍କ ଏବଂ ସେମାନେ ପରସ୍ପରକୁ ଏତେ ଭଲ ପାଉଥିଲେ କାହିଁକି ।

ବୁଢ଼ାଟା ଯେବେ ମଶାଣିରୁ ଉଠିଆସନ୍ତା, ତେବେ ସେ କହି ଦିଅନ୍ତା ଯେଉଁ ଘୁଷୁରି ଗୁଡ଼ାକୁ ମସ୍ତିଷ ଜ୍ୱର ଭୟରେ ସ୍ଥାନାନ୍ତର କରିବାକୁ ସରକାର ତଥା ଜନସାଧାରଣ ଚାହୁଁଥିଲେ, ସେହି ଜୀବଗୁଡ଼ାକ ପିଚୁ ରାସ୍ତା (ଜାତୀୟ ରାଜପଥ)ର ଡାହାଣ କି ବାଁ ପାଖରେ ରହୁଛନ୍ତି ।

ଆଉ ସେଇ ଝିଅଟା ପ୍ରତିଦିନ ସଂଜରେ ଶୁଖିଲା ସଳିତାଟିଏ ବୁଢ଼ାର ପୁରୁଣା ଚାଳଘର ପିଣ୍ଡାରେ ଥୋଇ ଦିଏ; ସେ ଯଦି ମୁହଁ ଖୋଲନ୍ତା ତେବେ କୁହନ୍ତା ତା ପ୍ରେମ ପ୍ରାକୃତ ନା ଅପ୍ରାକୃତ ।

Digitized by srujanika@gmail.com

# ବେଲା

"ଠାକୁରାଣ୍ (ଣୀ) ଗୋ, ଏ ଗିରିହାନ୍ (ଣୀ, ଗୃହୀଣୀ), ଦୁଆରଟା ଟିକେ ଫିଟାଅ ନା !"

ସ୍ତ୍ରୀ ଲୋକଟାର ଏ ଚିତ୍କାର, ଆର୍ତ୍ତନାଦ ଶୁଣୁ ଶୁଣୁ ସାଇକେଲରୁ ଓହ୍ଲାଇ ବଗିଚା ରାସ୍ତା ଦେଇ ଘର ଦରଜା ଆଡ଼କୁ ଯାଉଛି, ଭିତରୁ ଉତ୍ତର ଆସିଲା, "ରହରେ ଟିକେ, ଦୁଧ ଉତୁରି ଯିବ, ଯାଉଛି, ଯାଉଛି; ତୁ ଡାକୁଚୁ ତ ଡାକୁଚୁ, ଦଣ୍ଡେ ତର ରହୁନି ।"

ସାଇକେଲଟାକୁ ଛିଡ଼ା କରାଇ ବାରଣ୍ଡାକୁ ଉଠିବା ପୂର୍ବରୁ ସେ ସ୍ତ୍ରୀ ଲୋକଟା ମୋତେ ଦେଖି ସନ୍ତର୍ପଣରେ ତରବରରେ ତଳକୁ ଓହ୍ଲାଇ ଆସି ସିମେଣ୍ଟ ପାହାଚ ତଳେ ଆଡ଼ି ହୋଇ ଛିଡ଼ା ହେଲା । ମୁହଁ ତଳକୁ ପୋତି ଆଖିପତା ଉପରକୁ ଉଠାଇ ଯିମିତି ମୋତେ ଦେଖି ଦେଇଛି, ତା' ମନଟା କିମିତି ଖଟାଳିଆ ହୋଇଗଲା । ସହର ବଜାରର ବଡ଼ ବଡ଼ ଘରର ଝିଅ ବୋହୂ ସକାଳୁ ଉଠି ଟେଲିଫୋନ ତାରରେ ଗୋଟିଏ ବଣି ଦେଖି ଦେଲେ ଯିମିତି ମନେମନେ one for sorrow କହି କାନ୍ଦ କାନ୍ଦ ହୁଅନ୍ତି, ଏ ସିମିତି ହେଲା । ମୋତେ ଏକ ଅନିଷ୍ଟ ଅଶୁଭର ଚିହ୍ନ ଭାବିଲା ନିଶ୍ଚୟ । ମୋ ପ୍ରତି ତାର ଭୟର ଲକ୍ଷଣ ବି କିଛି ଥିଲା ତାର ଚାହାଁଣୀରେ । ଫେରିଯିବ ବୋଲି ବୋଧହୁଏ ମୁହୂର୍ତ୍ତେ ଭାବୁଥିଲା ଗଲା ନାହିଁ ।

ଦୁଇ ଚାରି ମୁହୂର୍ତ୍ତ ଛିଡ଼ା ହୋଇ ମୁଁ ତାର ଚିକାର ବିକାର ଦେଖି ଭାବିଲି ସେ ଏକ ଭିଖାରୁଣୀ, ହୁଏତ କଣ ମାଗିବାକୁ ଆସିଛି । କେବେ କିମିତି ଦେଖିଛି ପାଖ ଡୋମ, କୁରଙ୍ଗା (ଏବେ ହରିଜନ) ସାହିର ଜଣେ ଅଧେ ଲୋକ ପଖାଳ ତୋରାଣି ବେଳରେ ତାଳେ ଦି'ତାଳ ସଜନା ଶାଗର ଆଶାୟୀ ହୋଇ ମୋ ସ୍ତ୍ରୀଙ୍କ ପାଖରେ ପ୍ରାର୍ଥୀ ହୁଅନ୍ତି । ପିଲାପିଲିଙ୍କ ପିତୁରା, ତଡ଼କା ବାତ ଆଦି ରୋଗର ଜଡ଼ିବୁଟି ଟୁଟକା ଫୁଙ୍କା ଫୁଙ୍କି ଚିକିତ୍ସା ସେ ବିନା ପଇସାରେ ବି କରୁଥିବାର ମୁଁ ଜାଣେ । ରୋଗ ଭଲ ହୁଏ କି ନାହିଁ ଜାଣେନି । କିନ୍ତୁ ବିଶ୍ୱାସରେ ଲୋକେ ରାତି ଅଧରେ ବି ଆସିଥାନ୍ତି ।

ବର୍ଷାରେ ତିନ୍ତି ଯାଇଥିବାରୁ ତା ଦିହର ଆଇଁଷିଆ ଗନ୍ଧ ଚାରି ଫୁଟ ଦୂରରୁ ବାରିପାରୁଛି । କୁଞ୍ଚକୁଞ୍ଚିଆ ଟାଉଁସିଆ ଚୂଳଗୁଡ଼ାକରେ ପୋଷେ ହେବ ବର୍ଷାବିନ୍ଦୁ ଅଟକି ଯାଇଛି । କାହୁଆ ରଙ୍ଗର ଯେଉଁ ଶାଢ଼ି (ଧୋତିର ଅପଭ୍ରଂଶ ମାତ୍ର) ପିନ୍ଧିଛି, ତାହା ଏତେ ପୁରୁଣା ଓ ପତଳା ଯେ ଅନ୍ତର୍ବାସ ବିହୀନ ତା' ଦିହର ରେଖା ଓ ଗୋଲେଇ ଜଳ ଜଳ

Digitized by srujanika@gmail.com

ଦିଶିଯାଉଛି । ବକ୍ଷ ପ୍ରଦେଶରେ ସ୍ୱଭାବତଃ ମୋର ପ୍ରଥମ ନଜର ପଡ଼ିଲା । 'ଲୁଚିଛି, ଗୋଡ଼ ଦୁଇଟା ଦିଶୁଛି' ମୂଳମନ୍ତ୍ରରେ ସବୁ କଳା ପ୍ରତିଷ୍ଠିତ ହେଲା ପରି ନିରାଟ ସତ୍ୟଟା ମୋତେ ଆପେ ଆପେ କ୍ଷଣକେ ଦିଶିଗଲା । ଆଶ୍ଚର୍ଯ୍ୟ ହେଲି, ସ୍ତ୍ରୀ ଲୋକଟାର ତିନି ଚାରିଟା ସ୍ତନ । ବର୍ତ୍ତୁଳ, ଦୁଧ ଉତୁରାଇବା ଆଟିକା ପରି । ବହୁ କଷ୍ଟରେ ସେ ଯୋଡ଼ାଏ ହାତରେ ଚାରିଟା ଚିଜ ଢ଼ଙ୍କାଇବାର ଚେଷ୍ଟା କରୁଛି । ଗୋଟାଏ ଶିଶୁମୁଣ୍ଡ ବୋଲି ଠଉରାଇ ନେଲି ସହଜେ, ବହଳ କଳା ଚୂଳ ଯୋଗୁଁ । ପଞ୍ଜରା କଡ଼କୁ କାଖତଳର ମୋ ଦୃଷ୍ଟିର ଆଢୁଆଳରେ ଢାକି ହୋଇଥିବା ଧଳା ଚିଜଟାକୁ ଗୋଟାଏ ବଡ଼ ବେଲା ବୋଲି ଜାଣିଲି, ଯାହା ତା'ର ଦିହର ଅଂଶବିଶେଷ ନୁହେଁ । ଚାରୋଟି ଚିଜକୁ ଢାଙ୍କିବା ପାଇଁ ଲୁଗାକାନି ପର୍ଯ୍ୟାପ୍ତ ନ ଥିବାରୁ ସେ ଅଶ୍ୱସ୍ତି ଅନୁଭବ କରୁଛି, ଅସ୍ତବ୍ୟସ୍ତ ହେଉଛି । ଛାତି ଢାଙ୍କିବାକୁ ଗଲେ ପିଠି ଦିଶିଯାଉଛି । ଲକ୍ଷ ଲକ୍ଷ ମଶା କାମୁଡ଼ା ଚିହ୍ନ ମିଳିମିଳା ପରି ଦିଶୁଛି ।

କେବେ ଏ ସ୍ତ୍ରୀଲୋକଟାକୁ କେଉଁଠି ଦେଖିଛି ! ହଁ, ତ ଆମ ଏଇ ଘରର ନିଅଁ ଖୋଳିଲା ବେଳେ ଯେଉଁ ଲୁଆଣ ଝିଅଟା ଧୂର୍ମୂଷ କରୁଥିଲା, ଏ ସେଇ ନୁହେଁ ତ । ତା' ନାଆଁ ଚମ୍ପା । କାଲିର ଝିଅ ଆଜିର ମାଆ । ମାଆଟି ଭିତରୁ ପୁଣି ଝିଅଟିକୁ ଖୋଜି ପାଇବା ମୁସ୍କିଲ ହୁଏ । ବୈପ୍ଲବିକ ପରିବର୍ତ୍ତନ ।

ଘର ଭିତରକୁ ପଶୁଛି ଦୁଧ ଡବ୍ବି ହାତରେ ଧରି ଭିଡ଼ି ଆସୁଛନ୍ତି ସ୍ତ୍ରୀ ମୋ ଆଡ଼କୁ ।

ପଚାରିଲି, ''ଏ ସ୍ତ୍ରୀ ଲୋକଟା କୁରଙ୍ଗା ସାଇର ଚମ୍ପା ନା ? ତା' ଦିହ ଯିମିତି ଥିଲା ସିମିତି ଅଛି, ଛୁଆପିଲାର ମାଆ ହେଲେ ବି ଦିହ ଭାଙ୍ଗିନି । ଇଏ କାହିଁକି ବର୍ଷାରେ ଭିଜିତିନ୍ତି ସଂଜବେଳଟାରେ ଠାକୁରାଣ୍ ଗିରିହାଣ୍ ଚିତ୍କାର କରୁଥିଲା ?''

''କାହା ନାଁ, ମଲ୍ଲୀ, କାହା ନାଆଁ ଚମ୍ପା ତୁମ ଟିପାଖାତାରେ ଥିବ । କାହାର ନାଆଁ କ'ଣ, ମନେ ରଖିବା କାମ ମୋର ନୁହେଁ । କାହା ଦିହ କିମିତି ଥିଲା, କିମିତି ଅଛି, ତାର ହିସାବ ତୁମେ ରଖ । ଦୁଇଟା ଟଙ୍କା ନବ ବୋଲି ସକାଳୁ ଆସିଥିଲା । ଭଙ୍ଗାଣି ଟଙ୍କା ଭିଖା ଦୋକାନରେ ନଥିଲା । ଏ ବେଳାକୁ ଆସିବାକୁ କହିଥିଲି । ବେଲାଟା ବନ୍ଧା ଦେଇ ଟଙ୍କା ନବ ।''

''ବନ୍ଧା ଦେଇ ଟଙ୍କା ନବ ! ଦୁଇଟା ଟଙ୍କା ନବ ବୋଲି ଏଡ଼େ ବଡ଼ ବେଲାଟାଏ ବନ୍ଧା ନବ ନା ? ପଖାଳ ତୋରାଣି ଚାରିପ୍ରାଣୀ ଖାଇବେ କିପରି ? ଏମିତି ଦେଇ ଦେଉନ ଦି'ଟା ଟଙ୍କା, ବିଶ୍ୱାସରେ । ବେଲା ବନ୍ଧା ଦେଇ ଟଙ୍କା ନବ !''

''ତା' ଦିଅନ୍ତା ନି ! ଲୋକେ ଗହଣାଗାଣ୍ଠି ବେଲାବାସନ କରିଥାନ୍ତି ବିପଦ ଆପଦକୁ ବନ୍ଧାଛନ୍ଦା ପକାଇ ବର୍ତ୍ତିଯିବେ ବୋଲି । ଆଜି ଆମର ଦରକାର ପଡ଼ିଲେ ମୋ ଗହଣାଗାଣ୍ଠି ଦିହରୁ କାଢ଼ି ରାମ ଶର୍ମା ପାଖକୁ ନ ହେଲେ ବେଙ୍କକୁ, ଧାଇଁବ ତ ? ମଫସଲରେ ଅଳ୍ପ ଟଙ୍କା ପାଇଁ କେଉଁଠି କିଏ ବିନା ବନ୍ଧାଛନ୍ଦାରେ ଟଙ୍କାର ବ୍ୟବସ୍ଥା କରିପାରିଛି ?''

Digitized by srujanika@gmail.com

"ସୁଧ ତୁମେ କେତେ ନଉଛ ଶୁଣେ ?"

"ଦୁନିଆଁରେ ଯାହା ଚାଲିଛି । ମତେ କିଏ ଅଧିକା ଦବ ? ଟଙ୍କାରେ ଚାରଣା ।"

"ଯଦି ସେ ନେଇ ନ ପାରିଲା ?"

"ଫେରାଇ ନେଇ ନ ପାରିବ ତ ବନ୍ଧା ଦେଉଥିଲା କାହିଁକି ? ମୁଁ ତ ଲୋକ ପଠାଇ ତାକୁ ଡାକିନି ।"

"କ'ଣ ଲାଭ ହବ ଆମର ଏ ଟଙ୍କାଏ ମଷାଏ ବେପାରରେ ? ମୁଁ କହୁଛି ଆଜିଠୁଁ ତୁମେ ଏ ବନ୍ଧାଛନ୍ଦା ରଖିବା କାମ ଛାଡ଼ିଦିଅ । ବଡ଼ ଜଘନ୍ୟ ବେଉସା । ଗରିବଙ୍କ ତଣ୍ଟିଚିପା ପଇସାରେ ଯେଉଁ ଘର କରିବ, ତାହା ଦିନେ ଭୁଷୁଡ଼ି ପଡ଼ିବ । ଭଦ୍ରଲୋକ ଘରର ଝିଅବୋହୂ ଏ ବେଉସା କରନ୍ତି ନି ?"

"ମୋ ବାପା କ'ଣ ତୁମ ଆଖିରେ ଭଦ୍ର ନୁହନ୍ତି ? ମୋ କକା ତ ଜଣେ ପୋଲିସ ଇନ୍‌ସପେକ୍ଟର । ତାଙ୍କ ଡାବୁଆ ଘର ଛାତକୁ ଚଢ଼ିଯାଇ ଗଣିବ ତ କେତେ ଗଣ୍ଡା, ଗରାହଣ୍ଡା ଗଡୁଛି, କୁଢ଼ କୁଢ଼ ହୋଇ କେତେ କେତେ ବେଲାବାସନ ଥାକ ଥାକ ହୋଇ ଥୁଆ ହୋଇଛି ।"

"ସେ ସବୁ କ'ଣ କେହି ସୁଧମୂଳ ଦେଇ ୱାପସ ନିଅନ୍ତି ନି ? କ'ଣ କେବେ ହବ ସେସବୁ ଚିଜରେ ?"

"କ'ଣ ହବ ? ବିକି ଦେବେ । କଂସାରି ଦୋକାନକୁ ଯିବ ବେଲାବାସନ ହଣ୍ଡା ଗରିଆ; ସୁନାରୀ ଦୋକାନକୁ ଯିବ ଗହଣାଗାଣ୍ଠି । ସେ ସବୁ କ'ଣ ସଢ଼ିଯିବ ଯେ ତାଙ୍କ ପଇସା ବୁଡ଼ିଯିବ ।"

"ତୁମେ ଏ ଧନ୍ଦା କେବେଠୁଁ ଧଇଲାଣି ? ମତେ କେବେ କହିନ ?"

"ଓହୋ ! କେତେକେତେ ଟଙ୍କା ଗହଣାଗାଣ୍ଠି ଆଣି ମତେ ଧରାଇ ଦେଇଛ, ଦିହରେ ଝୁଲାଇ ଦେଇଛ ଯେ ମହାଜନୀ ସେରସ୍ତା ଖୋଲି ଏଇଠି ବସିଥିବି ? ଦଶ କୋଡ଼ିଏ ଟଙ୍କା ମାସକୁ ବଳାଇ ପାରିଲେ ଢେର ।"

"ଯା ହେଉ, ତୁମେ ଏ ବେଉସା ବନ୍ଦ କର । ମୋତେ କାନ୍ଦ ମାଡୁଛି । ବିଚାରୀକୁ ଯୋଡ଼ାଏ ଟଙ୍କା ଦେଇଦିଅ । ନେଇ, ବିଦା ହୋଇଯାଉ । ମୁଁ ତା' ମୁହଁକୁ ଚାହିଁ ପାରିବି ନାହିଁ ।"

"ଏଥର ସାଇପଡ଼ିଶାକୁ ଡାକିବି । 'ଆସ' କଳିଯୁଗର ଦାତାକର୍ଣ୍ଣ କିଏ ଦେଖିବ । ସତରେ ତୁମେ କହୁଛ କ'ଣ ? ଏମିତି ଏମିତି ତାକୁ ଦାନ ଦେଇଦେବି ଦୁଇଟଙ୍କା । ଦୁଇ ଟଙ୍କାରେ ଅତି କମ୍‌ରେ ୫୦ ସେର ଚାଉଳ ମିଳିବ । ଆମର ମାସକର ଚାଉଳ । ତୁମେ ଯେମିତି ଦାନୀପଣିଆଁ ଆରମ୍ଭ କଲଣି ହୁଏତ କରତ ଦୁଇପଟେ ଦୁହେଁ ଧରି ପୁଅ ମୁଣ୍ଡ କାଟିବା ନ ହେଲେ, ମତେ ଛାଡ଼ି ତୁମେ କାହାର ଦାସ ହୋଇ ମଶାଣିରେ ଚାଲୁଥିବ । ଚାଲ, ଚଳକ୍ଷିଆ ଖାଇବ ।

Digitized by srujanika@gmail.com

ଲମ୍ୱା ବକ୍ତୃତାରେ ମୁଁ ଚୁପ୍ ହୋଇଗଲି । ମନେ ମନେ କହିଲି, ''ଯାହା କରୁଛ କର । ଭବିଷ୍ୟତକୁ ଅନୁତାପ କରିବ ।''

''ଲୁଗାପଟା ବଦଳାଅ, ଲୁଙ୍ଗିଟା ମଶାରି ବାଡ଼ରେ ଅଛି । ଚା' ପାଣି ବସାଇ ଦେଇଛି ଚୂଲିରେ । ମୁଁ ଆଗ ତାକୁ ବିଦା କରିଦିଏ । ସକାଳ ପହରୁ କିଛି ବିଚାରୀର ପେଟକୁ ଯାଇନି । କ୍ଷୀର ଶୁଖିଯିବ । କୋହିଲା ପାଗରେ ଭିଜିତିନ୍ତି ଥରୁଛି । ଦୁଧଖିଆ ଝିଅଟାକୁ ଶରଦ ଧରିଯିବ ।''

ଚା'କୁ ଅପେକ୍ଷା କରି ଖବରକାଗଜଟା ଓଲଟାଉ ଥାଏ । ପଣତ କାନିରୁ ଚାବିପେନ୍ଥା (ଯୋଡ଼ାଏ ତିନିଟା କାଠି କାମିକା, ଅନ୍ୟ ସବୁ ଅଳଙ୍କାର ଝମ୍‌ଝମ୍ ଶବ୍ଦ ବାହାର କରିବା ପାଇଁ) ବାହାର କରି ବାପଘରୁ ଆଣିଥିବା ଟିଣବାକ୍ସ ଫିଟାଇ ଗୋଟାଏ ଛୋଟ ଲୋଟାରୁ ଗୁଡ଼ାଏ ତମ୍ୱା ପଇସା ବାହାର କରି ଚାରିଅଣିଆ ଥାକ କରି ପୁଣି ଗଣିଲେ ଏବଂ ଗୁଡ଼ାଏ ପଇସା ଧରି ବାହାରକୁ ଚାଲିଗଲେ ।

ଖଣ୍ଡେ ଦୂରରୁ ଛୋଟ କାନିଟାରେ ପଇସାଗୁଡ଼ାକୁ ଝମଝାମ୍ କରି ପକାଇ ଦେଇ କହିଲେ ''ଏଇ ନେ । ଡର ବିପଦ ବେଳେ ଏ ଟଙ୍କା ଦଉଛି । ତୁ ମତେ ଯେତେ ଶୀଘ୍ର ପାରିବୁ ସୁଧମୂଳ ଦେଇ ତର୍ ଜିନିଷ ନେଇଯିବୁ । ଦୁଇ ଟଙ୍କାକୁ ମାସକୁ ଆଠଣା ସୁଧ । ପନ୍ଦର ଦିନରେ ଶୁଝିଦେଲେ ବି ମାସର ସୁଧ ପଡ଼ିବ, ଜାଣିଥା ।''

''ଏ ଠାକୁରାନ୍ ! ମରଦ୍‌ଟା ଆଜ ସକାଳେନି ଖଡ଼ଗ୍‌ପୁର ଯାଇଛି, ସାଇର ଆଉମାନଙ୍କ ସାଙ୍ଗରେ । କଡ଼କଡ଼ିଆ ଭାରେ ପାଛିଆ, ଟୁବ୍ରୁଲି, ବିଞ୍ଚଣା, କୁଲା, ଝୁମୁକା ନେଇଛି । ବେଚାଏଁ ଦୁରିଆ ଯେ, ଗିରିହାନ୍, ସକାଳେ ଗେଲେ ସଞ୍ଜରେ ପହୁଞ୍ଚିବ । ବିକିବ, ଭାଙ୍ଗିବ, ହାଟବାଟ କରିବ । ତିନ୍ ଦିନକୁ ଫେରିବ ଘର୍ । ମଣିଷଟା ଫେରିଲେନି ମୁଁ ତୁମର ସୁଦମୂଳ କରି ଶୁଝିଦେବି । ଘରେ ଆଉ କିଛି ସାନ ସାନ ଚିଜ ନାଇଁଥିଲା । ଏଡ଼େ ବଡ଼ ବେଲାଟା– ଦୁଇ ସେର ଆର ଅଧେ ଥିଲା । ସିମଳା ଶିବରାତ୍ରିର ହାଟରେ ବାପା କିଣି ଦେଇଥିଲା–ବନ୍ଧା ପକାଇଥାନ୍ତି । ଆମର ଆଉ ସେଇ ଗୋଟାଏ ନି ବାସନ୍ ଗୋ ଗିରିହାନ୍, ବାପା କହିଛି ସେଟାକୁ କେବେ ହାତଛଡ଼ା କରିବି ନାଇଁ ବୋଲି, ମରଦ୍‌ଟା ସେଇଟାରେ ନ ହେଲେ ଆଉ କାହିଁରେ ପଖାଳ ତୁରାଣି ନାଇଁ ଖାଏ ।''

ତୁଳସୀ ପତର ପାଣି ପକାଇ ବେଲାଟାକୁ ଧରି ସ୍ତ୍ରୀ ମୋ ପାଖ ଦେଇ ଦୁମ୍‌ଦାମ୍ ଚାଲି ଯାଇଥାନ୍ତି । ପଚାରିଲି, 'ଏମିତି କେତେକେତେ ବେଲାବାସନ ରଖିବଣି; କେମିତି ଭଲା ଚିହ୍ନିବ କେଉଁଟା କାହାର ବୋଲି ?'

''ମତେ ଏତେ ବୁକା ମୂର୍ଖ ପାଇଲ ! ଖୁଡ଼ୀ ତ ଅ ଆ ମୁହଁ, ଚାହିଁନି, ସିଏ ତ ଏମିତି ବନ୍ଧାଛନ୍ଦା ରଖି ପାକା ପିଟିଦେଲା । କାହାର ତ କେବେ ଗୋଳମାଳ କରିନି ସେ । ବେଲାବାସନରେ ମାଲିକର ନାଆଁ ଖୋଦେଇ ହୋଇଥାଏ ଜାଣନି ? ଯଦି ନାଆଁ ଗାଆଁ ଲେଖା ନାହିଁ, ତେବେ ଖଣ୍ଡେ କାଗଜରେ ଲେଖି ରଖିଦେଲେ ହେଲା ।''

Digitized by srujanika@gmail.com

ମୁଁ ମନେ ମନେ ଭାବିଲି, ଗୋଳମାଳ ହବ କିମିତି ? ଯିଏ ଏତେ କମ୍ ଟଙ୍କାରେ ଏତେ ଦାମିକା ଚିଜ ବନ୍ଧା ପକାଇଛି, ସେ ସହଜରେ ତାକୁ ଫେରାଇବାକୁ ଭୁଲିବ ?

ସ୍ତ୍ରୀ ସେତିକିବେଳେ ବେଲାଟାକୁ ମୋ ମୁହଁ ସାମନାରେ ଟେକିଧରି କହିଲେ, ପଢ଼ କାହା ନାଆଁ । ପଢ଼ିଲି ଖୋଦେଇ ଅକ୍ଷର ଗୋଟି ଗୋଟି କରି ନାଲ ମହନ ଗୁଛେଇତ ।

ସେ କାଳରେ ଦ୍ୱିତୀୟ ମହାଯୁଦ୍ଧ ପ୍ରାରମ୍ଭରେ, ଯିଏ ଯେତେ ବେଶି ଜମିଦାରିଆ ବାସନକୁସନ ଗହଣାଗାଣ୍ଠି ବନ୍ଧା ରଖିପାରିଲା ସେ ସେତିକି ଖାନ୍ଦାନ୍ ବଡ଼ଲୋକ ବୋଲି ଭାବୁଥିଲେ ଏବଂ ସମାଜରେ ତାଙ୍କର ସମ୍ମାନ ଓ ପ୍ରତିପତ୍ତି ଅତି ମାତ୍ରାରେ ଥିଲା । ଜଣେ କେହି ଲୁଚାଛପାରେ ଜିନିଷପତ୍ର ବନ୍ଧା ରଖିଲା ମାତ୍ରେ ତାହା ସାଇସାରା କ୍ଷଣକେ ପ୍ରଘଟ ହୋଇ ଯାଉଥିଲା ଏବଂ ପୋଖରୀ ଘାଟରେ ଫୁସୁରୁଫାସରୁ କଥା ଶୁଭୁଥିଲା, "ବାବା ! ସେମାନେ କେତେ ବଡ଼ଲୋକ, ବନ୍ଧାଛନ୍ଦା ରଖିଲେଣି । ତାଙ୍କର ସମସ୍ତଙ୍କ ଡାହାଣିଆଁ ପଇସା ଅଛି ।"

ଦିନ ଗଡ଼ିଚାଲିଲା । ଦିନ ପରେ ଦିନ, ହପ୍ତା ପରେ ହପ୍ତା, ମାସ ପରେ ମାସ, ଏପରିକି ବର୍ଷ ପରେ ବର୍ଷ । ମୋର ଯାହା ଆଶଙ୍କା ଭୟ ଥିଲା, ତାହାହିଁ ଘଟିଲା । ଚମ୍ପା କି ତାର ଗେରସ୍ତ କେହି ବେଲାଟା ମୁକୁଳେଇବା ପାଇଁ ଆସିଲେ ନାହିଁ । ଏଣେ ସ୍ତ୍ରୀ ହିସାବ କରି ଦେଖିଲେ ଯେ ସର୍ତ୍ତ ମୋଦୀ ହୋଇଯାଇଛି ଏବଂ ପଞ୍ଚମ ଶ୍ରେଣୀର ପାଠବଳରେ ଜାଣିଲେ ଯେ ଦୁଇ ଟଙ୍କାର ସୁଧମୂଳ ଯାହା ହବ ସେଥିରେ ତିନିଚାରିଟା ନୂଆ ବେଲା କିଣିହବ ।

ଏ ଭିତରେ ବଡ଼ ଝିଅର ବୟସ ଆଠ କି ଦଶ ହେଲାଣି । ତା ମାଆ କେତେ ବନ୍ଧାଛନ୍ଦା ଏ ଭିତରେ ରଖିଲେଣି, ତାହା ଡାବୁଆ ଘରର ଅନ୍ଧାରୁଆ ଆଚ୍ଛୁତଳ ଜାଣିଥିବ । ମୁଁ ସେ ବିଷୟ ଗବେଷଣା କରି ନାହିଁ । ଅନେକ କଥାକୁ ଆଖି ବୁଜିଦେଲେ ଅଯଥା ଦୁଃଖର ସହଜ ବିନାଶ ଘଟେ ।

ମୁଁ ଜୀବନସାରା ଟିକିଏ ରୋଗା ପେଟ ବେମାରିଆ ଲୋକ । ପଖାଳ ବା ଭାତ ପେଟରେ ଗ୍ଲାସରେ ବକର ବକର ହେଲେ ଡିସ୍ପେପ୍ସିଆ ବା ଅଗ୍ନିମାନ୍ଦ୍ୟ ଧରେ । ଖିଆପିଆରେ ମୋର ଆଗ୍ରହ ନାହିଁ । ଭୋକ ତ ଲାଗେନି; ଅନ୍ୟ କେହି ଗରିଷ୍ଠ ଭୋଜନ କରିବାର ମୁଁ ଦେଖି ସହି ପାରେନି ।

ମୋ ସ୍ତ୍ରୀ ସେ କଥାରେ ମୋର ବିପରୀତ । ବହୁତ ଖାଆନ୍ତି । ଏତେ ବଡ଼ ଦିହଟାକୁ ସମ୍ଭାଳିବେ କିମିତି । ତା'ଛଡ଼ା ତାଙ୍କର ଅପର୍ଯ୍ୟାପ୍ତ କାମ । ବାସନକୁସନ ମାଜନ୍ତି, ଗାଈ ପାଳନ୍ତି । ବାଡ଼ିର ଘାସ ମଧ୍ୟ କାଟନ୍ତି ।

ସେ ଭାରି ମୁଢ଼ି ପ୍ରିୟା । ମୟୂରଭଞ୍ଜର ଲୋକ । ବାରିପଦାର ଗରମ ମୁଢ଼ି ପ୍ରବାଦ ପ୍ରସିଦ୍ଧ । ସେ ନିଜେ ଧାନ ଉଷାନ୍ତି, ଶୁଖାନ୍ତି, ଢିଙ୍କିରେ କୁଟନ୍ତି । ଠିକ୍ ବତର ଦେଖି ଭାଜନ୍ତି । ନାକରୁ ଗମ୍‌ଗମ୍ ହୋଇ ବାହାରୁଥିବା ବିନ୍ଦୁ ବିନ୍ଦୁ ଝାଳ ପଣତରେ

Digitized by srujanika@gmail.com

ପୋଢୁଥିବେ, ମୁଢ଼ି ଭାଜୁଥିବେ । ବିରୁଡ଼ି ପୋକ ପରି ବଡ଼ ବଡ଼ ମୁଢ଼ି ଚଡ଼୍‌ମଡ଼୍ ହୋଇ ଖୁଲାରୁ ଆପେ ଆପେ ବାହାରି ଆସୁଥିବ । ପୁଣି ମୁଠାଏ ଚାଉଳ ପକାଉ ଥିବେ । ବାଲୁରୀ ଦଣ୍ଡୀ ହଲୁଥିବ । ମୁଠାଏ ଚାଉଳରୁ ଆଠମୁଠା ମୁଢ଼ି ବାହାରୁଥିବ । ଛିଡ଼ାହୋଇ ଦେଖିବାର କଥା । କଞ୍ଚି ବିଡ଼ାକ ଚମ୍ପା ବରାବର ଯୋଗାଇ ଅଣ୍ଡିଏ ମୁଢ଼ି ବା ସଜନା ଶାଗ ନିଏ । ପଇସା ନିଏ ନାହିଁ ।

ଯା'ଠୁ ଚିତ୍ତାକର୍ଷକ ତାଙ୍କ ଭୋଜନ କର୍ମ । ଧର୍ମକର୍ମର ଅନୁଷ୍ଠାନ କ୍ରିୟାକର୍ମ ପରି । ଭାତ ପ୍ରତି ସେ ସଦା ବିମୁଖ । ରୁଟିର ମୁହଁ ସେ ଚାହାଁନ୍ତି ନାହିଁ । ମୁଢ଼ି ତାଙ୍କର ଜୀବନ । ଯେଉଁଠି ମୁଢ଼ି ନ ମିଳିବ, ସେଠାକୁ ସେ ଯିବେ ନାହିଁ କି ସେଠାରେ ରହିବେ ନାହିଁ । ଅମୃତ ମିଳିଲେ ବି ସେ ଓପାସେ ରହିଯିବେ । କଟକ ବା ପୁରୀ ଦୈବାତ୍ ଯିବାର ହେଲେ ମୁଢ଼ି ଟିଣ ସାଙ୍ଗରେ ଧରିଥାନ୍ତି ।

ଖାଇବା ବେଳେ ତାଙ୍କର କୌଣସି ବାଧାବିଘ୍ନ ହେବନି । ସବୁ ପାଇଟି ସାରି ଗାଧୋଇ-ପାଧୋଇ ପୂଜାଅର୍ଘ୍ୟ ସାରି ଚୁଲୀ ପାଖରେ ଚକାମାରି ପିଢ଼ା ଉପରେ ବସିଯିବେ । ବାଁ ଜାନୁ ଜଳପୂର୍ଣ୍ଣ ନୋଟା ଉପରେ ଥିବ । ମୁଢ଼ି ଟିଣ ହାତ ପହୁଞ୍ଚରେ, ବାଁ ପାଖରେ । ଚୁଲୀର ଜଳନ୍ତା ଅଙ୍ଗାରରେ ଡଙ୍କାଟିଏ ବସିବ, ଦୁଇପଳା ତେଲଖାନାର ଖାଣ୍ଟି ସୋରିଷ ତେଲରେ ମୁଠାଏ ଲଙ୍କା ଦରପୋଡ଼ା ହେଲାଯାକେ ଭଜାଯିବ । ଦହିମୁହାଁ ହୋଇ ସଦ୍ୟ ଲହୁଣୀମରା ଘିଅ ମୁଢ଼ିରେ ପଡ଼ିବ । ସାନ ପିଆଜ ଦୁଇମୁଠା ହାତ ପାଖରେ ଥୁଆ ହେବ । କେହି ପିଲାଝିଲା ପାଖରେ ନଥିବେ । ଏକନିଷ୍ଠ ହୋଇ ଯଜ୍ଞ ଆରମ୍ଭ ହେବ । ସମିଧ ସରିଗଲେ ଟିଣରୁ ଡବାକୁ ଡବା ଆସୁଥିବ, ଜଠରାଗ୍ନି ବାରମ୍ବାର ପ୍ରଜ୍ଜ୍ୱଳିତ ଓ ଶାନ୍ତ ହେଉଥିବେ । ଯାହାକୁ କହନ୍ତି ଝାଳନାଳ ବ୍ୟାପାର ।

ବାପଘରୁ ସେ ଯେଉଁ ବେଲାଟା ଆଣିଥିଲେ, ସେଇଟା ଏବେ ସାନ ପଡ଼ିଯାଇଛି । ଦି' ତିନିଥର ପାଗ କରିବାକୁ ପଡୁଛି । ପ୍ରଥମ ପାଗ ପରି ଦ୍ୱିତୀୟ ପାଗ ଉତୁରେ ନାହିଁ । ବଡ଼ ବେଲାଟାଏ କିଣିବା ପାଇଁ ଇଚ୍ଛା କଲେଣି, ଯିମିତି ଏକା ଥରକେ କାମ ସରିଯିବ ।

ଆଜି ରବିବାର । ତାଙ୍କରି ବରାଦ୍ ମୁତାବକ ସେରେ ମାଂସ ଟଙ୍କାଏ ଦେଇ ଆଣିଛି । ଉଦୁଳା କପ୍ତିପଦା ଆଡ଼ର ଛେଳି । ମହୁଲିଆ ଖାସି । ଶୁଖିଲା ମାଂସ, ପାଣିଦିଆ ନୁହେଁ, କପାଫୁଲ ପରି ଚର୍ବି । ମୁଢ଼ି, କଷା ମାଂସ- ଆଜିର ପ୍ରୋଗ୍ରାମ । ଏବେ ଝିଅ ତାଙ୍କ ସାଙ୍ଗରେ ଯୋଗ ଦେଇଛି । ଛୁଟିଦିନ, ସ୍କୁଲ ଯିବ ନାହିଁ । ବେଲାଟା ଯାହା ଛୋଟ ଥିଲା, ଆଜି ତା'ଠୁ ଛୋଟ ପଡ଼ିବ ।

ମନଥିଲେ ଉପାୟ ବଳେ ଆସ । ଧାଇଁଯାଇ କେଉଁଠୁ ଆଠ ନଅ ବର୍ଷ ତଳେ ବନ୍ଧା ପଡ଼ିଥିବା ବେଲାଟା ପତ୍ୟୁତ୍ପନ୍ନମତି ମାଆ ଘେନି ଆସିଲେ । ନଡ଼ିଆକତା ପାଉଁଶ ଦେଇ କଳା କଳା ଦାଗ ସଫା କରିଦେଲେ । ଚାନ୍ଦି ରୂପାର ବେଲା ପରି ଚକ୍‌ଚକ୍ ଦିଶିଲା ଚମ୍ପା ଦେଇଥିବା ବେଲାଟି, ନାଲମହନ ଗୁଛାଇତର ନାଆଁ ଥିବା ବେଲାଟି ।

Digitized by srujanika@gmail.com

ଝାମ୍ପି ପଡ଼ିଲେ ମାଆ-ଝିଅ ମଢ଼ ଉପରେ ବାଘୁଣୀ ଆଉ ତା' ଛୁଆ ପରି । ଘରଣୀଙ୍କ (ଠାକୁରାଦ୍, ଗିରିହାଦ୍) ପାଟି ଓଠ ଅଧର ମାଂସ ଚର୍ବିରେ ନୂଆ ରୂପ ନେଇଥାଏ । ଦରହସ ମୁହଁରେ କହିଲି, "ଏବେ ! ତୁମେ ନାଲମହନ ଗୁହାଇତର ବେଲାରେ ଖାଉଛ । ଜାତିଗଲା, ପ୍ରାୟଶ୍ଚିତ କରିବାକୁ ପଡ଼ିବ- ତୁମକୁ, ତୁମ ସାଙ୍ଗରେ ମତେ ବି । ଝିଅ ବାହାଘରେ ସୁବର୍ଣ୍ଣ ଦାନ କରିବାକୁ ପଡ଼ିବ, ତୁମର ଏଇ କଂସା ବେଲାଟା ପାଇଁ ।" ଶାସ୍ତ୍ରଜ୍ଞ ପରି ସେ ଉତ୍ତର ଦେଲେ, "ପାଉଁଶରେ ମାଜିଦେଲେ ସବୁ ବାସନ ଶୁଦ୍ଧ ।" ମଜଗୁଲ ଅବସ୍ଥାରେ ଥାଇ ସ୍ତ୍ରୀ ରଙ୍ଗରସରେ ମୁଖ୍ୟ ମୁଢ଼ି ଧରି କହିଲେ, "ନିଅ, କଳେ ନିଅ, ଲୋଭ ହେଉଛି ?" ଝିଅ କହିଲା, "ବାପାକୁ ଅଇଁଠା ଖୁଆଉଛୁ ?"

ମାଆ ତତକ୍ଷଣେ କହିଲେ, "ରାମାୟଣ ପଢ଼ିଲେ ଜାଣିବୁ, କିମିତି ରାମଚନ୍ଦ୍ର ମହାପ୍ରଭୁ ଶବରୀର ଅଇଁଠା ଫଳ ଖାଇଥିଲେ ।"

ଅତି ଶରଧାର ମୁହୂର୍ତ୍ତରେ ମୁଁ ଆଁ କଲି । କଳେ ମାଉଁସକଷା ଓ ମୁଢ଼ି ଶବରୀ ଆଦି-ମାନବୀ ଲକ୍ଷ୍ମୀ ହାତରୁ ଖାଇଲି । ସେଇ ରବିବାର ଦିନ ବେଲା ଉଦ୍‌ଘାଟନ ଉତ୍ସବ ସମାହିତ । ପରଦିନ ଠାରୁ ପ୍ରତିଦିନ ସ୍ତ୍ରୀ ସେଇ ବେଲାରେ ମୁଢ଼ି ଯଜ୍ଞର ଅନୁଷ୍ଠାନ କଲେ ।

ଘରଣୀ ସରଳ ବା ଚକ୍ରବୃଦ୍ଧି ସୁଧ ନିଅନ୍ତି ମତେ ଜଣାନାହିଁ । ତେବେ ଶୋଇ ଶୋଇ ଦିନେ ଖିଆଲରେ ହିସାବ କରି ଦେଖିଲି ଯେ ଦୈନିକ ପାହୁଲାଏ ଭଡ଼ା ହେଲେ ଘରଣୀ ଯେତେ ଦିନ ସେଇ ବେଲା ବ୍ୟବହାର କଲେଣି ସେଥିରେ ବେଲାର ବନ୍ଧକୀ ମୂଲ୍ୟ ଉଠିଗଲାଣି । ଯା ପରେ ଘରଣୀଙ୍କ ଠାରୁ ଚମା ଦୈନିକ ପାହୁଲାଏ ଛଦାମେ ଯାହାହେଉ ପାଇବାର କଥା ।

ପୁଣି ଦିନକାଳ ଗଡ଼ିଲା । ସରକାର ପରେ ସରକାର ଆସିଲେ । କେତେକେତେ ନୂଆ ନୂଆ ନିୟମକାନୁନ ହେଲା । ଆଦିମକାଳରୁ ଚଳି ଆସୁଥିବା ଯଉତୁକ ପ୍ରଥା ଉଠିଗଲା । କେହି କିଛି ବାହାଘର ବେଳେ ମାଗିପାରିବ ନାହିଁ । କେହି କିଛି ଦେଇପାରିବେ ନାହିଁ ଝିଅ ଟୋଇଁକି । ବାହାଘର ଆଗରୁ ବା ପରେ ଦେଣନେଣରେ ଆପତ୍ତି ନାହିଁ ବା ଚଢ଼ିବା ପାଇଁ ଝିଅକୁ ଗାଡ଼ି, ଶୋଇବା ପାଇଁ ଘର, ଚଳିବା ପାଇଁ ଚେକ୍ ଦେବାରେ କିଛି ଆପତ୍ତି ନାହିଁ ।

ନୂଆ ନୂଆ ନିୟମର ମାଡ଼ଟା ପଡ଼ିଲା ଘରଣୀଙ୍କ ଉପରେ । ପ୍ରସଙ୍ଗ କ୍ରମେ ଭଲ ବେଳକାଳ ଦେଖି ସ୍ତ୍ରୀଙ୍କି କହିଲି, ନୂଆ ସରକାର ଆଇନ କରିଦେଇଛି, କେହି ବିନା ଲାଇସେନ୍‌ସରେ ବନ୍ଧାଛନ୍ଦା ରଖିପାରିବେ ନାହିଁ । ଚନାଘନା ତଦନ୍ତ ଚାଲିଲାଣି; ଯାହାଘରେ ବନ୍ଧା ଚିଜ ବାହାରିବ ତାକୁ ଜେଲ ଭୋଗିବାକୁ ପଡ଼ିବ । ମୋର ଚାକିରି ଯିବ । ଗାଁ ସାଇଲୋକେ ତ ଆମକୁ ଯେଉଁ ଭଲପାଆନ୍ତି ! ଧରାଇ ଦେବେ ଦିନେ ।

ସେଇଦିନ ସନ୍ଧ୍ୟାରେ ଘରେ ଥିବା ବନ୍ଧକୀ ଚିଜ ରିକ୍‌ସାରେ ବୋଝେଇ ହେଇ କେଉଁ କଂସାରି ଦୋକାନକୁ ଚାଲିଗଲା; ଯତ୍‌ସାମାନ୍ୟ ଗହଣାଗାଣ୍ଠି ବି ଚୋରା କାରବାର ବଣିଆଁ ହାତକୁ ଚାଲିଗଲା ।

Digitized by srujanika@gmail.com

ହେଲେ ଇଭ୍‌ର ପ୍ରରୋଚନାରେ ଆଦାମ୍ ଯେଉଁ ଫଳ ଖାଇଥିଲା, ତାରି କୁଫଳରେ ଦୁନିଆଁକୁ ଜରାମୃତ୍ୟୁ ଆସିଲା ପରି ମୋର ଆସିଲା ଜର । ମୋ ସ୍ତ୍ରୀଙ୍କର ହେଲା ମୃତ୍ୟୁ ।

ବିଶୃଙ୍ଖଳାରୁ ଶୃଙ୍ଖଳା ଆଣିବା ପାଇଁ ଚେଷ୍ଟା କରୁଁ କରୁଁ ଦିନେ ପାଇଲି ନାଲମହନ ଗୁଛାଇତର ନାଆଁ ଖୋଦେଇଥିବା ବେଲାଟି । ଘରେ କିନ୍ତୁ ବିଦୁଡ଼ିପୋକ ସାଇଜ୍‌ର ମୁଢ଼ି ନାହିଁ କି ମୁଢ଼ି ଯଜ୍ଞର ଅନୁଷ୍ଠାନକାରିଣୀ ନାହାଁନ୍ତି । ସିଧା ବେଲାଟି ଧରି କୁରଙ୍ଗା ସାହିକୁ ଗଲି । ଚମ୍ପା ବା ତାର ସ୍ୱାମୀ ବା ନାଲମହନ ଗୁଛାଇତର ଖୋଜଖବର ନେଲି । ସେମାନଙ୍କ ନାଆଁ ସମସ୍ତେ ଜାଣନ୍ତି, ଦେଖି ନାହାଁନ୍ତି । ଡିହ ଉପରେ ଭଙ୍ଗା କାନ୍ଥଟିଏ ମାତ୍ର ଦେଖିଲି । ଫେରିଲି ନାଲମହନ ଗୁଛାଇତର ବେଲା ଥଳିରେ ଧରି ।

ସମସ୍ୟା ହେଲା ବେଲାଟା କୋଉଠି ଥୋଇବି । ଯେଉଁଠି ରଖିଲେ ମୋ ଆଖିକୁ ଦିଶିଲା ଏବଂ ଦିଶିଲା ଚମ୍ପା, ତାର ମରଦ, ତାର ବାପ ନାଲମହନ ଗୁଛାଏତ, ମୋ ଘରଣୀ ଓ ଝିଅ–ସମସ୍ତଙ୍କ ମୁହଁ । ସମସ୍ତେ ଯିମିତି ଏକାଠି ମୁହଁଗୁଞ୍ଜି ସେଇ ବେଲାଟାରୁ ମୁଢ଼ି ପଖାଳ ତୋରାଣିପାଣି ଆଶାରେ ଚହିଁଛନ୍ତି ତୃଷାର୍ତ୍ତ ଆଗ୍ରହରେ । ବିଶେଷତଃ ସ୍ତ୍ରୀଙ୍କ କଷା ମାଂସ ଓ ମୁଢ଼ି ଖାଇଥିବା ବେଳର ତେଲିଆ ଝାଳୁଆ ମୁହଁଟା । ମତେ ଡ଼ରମାଡ଼ିଲା ; ଯେତେବେଳେ ଘରେ ଏକୁଟିଆ ରହିଲି ଏବଂ ଅକସ୍ମାତ୍ ବେଲାଟା ଉପରେ ଆଖି ପଡ଼ିଗଲା । ନାଲମହନ ଗୁଛାଇତର ଝିଅ ଚମ୍ପା ବେଲା ମୋ ସ୍ତ୍ରୀଙ୍କଠି ବନ୍ଧାଦେଇ ଦୁଇଟଙ୍କା ନେଲା । ମତେ ଚକ୍ରବୃଦ୍ଧିରେ ସୁଧ ଦେବାକୁ ପଡ଼ୁଛି ।

ଦିନେ ରାତିରେ ଏକୁଟିଆ ଶୋଇଥାଏଁ, ଥାକ ଉପର ବେଲାକୁ ଚାହିଁ । ପୁଣି ସେଇ ମୁହଁରେ ଆସିଗଲେ । ବେଲାଟାକୁ ଶିଳରେ କଚାଡ଼ି ଭାଙ୍ଗି ଟୁକୁରା ଟୁକୁରା କରିବି ଭାବିଲି । ପର ମୁହୂର୍ତ୍ତରେ ଅନ୍ୟ ନିଷ୍ପତ୍ତି ନେଲି ।

ସ୍ତ୍ରୀଙ୍କ ଗଙ୍ଗାସ୍ଥି କରିବା କଥା ସମ୍ଭବ ହୋଇ ନଥିଲା ନାନା କାରଣରୁ । ଭାବ ପ୍ରବଣତାର ବଶବର୍ତ୍ତୀ ହୋଇ କେତେଖଣ୍ଡ ଅସ୍ଥି ଓ କିଛି ଭସ୍ମ ଶ୍ମଶାନରୁ ଆଣି ବାକ୍ସ ଭିତରେ ରଖିଥିଲି, କେବେ ଦିନେ ସୁବିଧାସୁଯୋଗ ପାଇଲେ ତ୍ରିବେଣୀରେ ବିସର୍ଜନ ଦେବି ବୋଲି । କଣ ମନକୁ ଆସିଲା ହଠାତ୍ ବାକ୍ସ ଚାବି ଖୋଲି ଭସ୍ମ ପୁଟୁଳାଟା ନାଲମହନ ଗୁଛାଇତର ବେଲାରେ ଥୋଇ କଳାକନା ଖଣ୍ଡିକରେ ଢଙ୍କାଇ ଧଡ଼୍‌କିନା ବାକ୍ସ ବନ୍ଦ କରିଦେଲି । ମୁହଁଗୁଡ଼ାକ ଆଉ ଦିଶିଲା ନାହିଁ । କି ଚମ୍ପାର ଠାକୁରାବ୍ ଠାକୁରାନ୍ ଡାକ ଶୁଭିଲା ନାହିଁ ।

Digitized by srujanika@gmail.com

# ସେବା ଓ ସାଥୀ

''ସ୍କୁଟରଟା ବାହାରେ ରଖିଦେଇ ମୁଁ ସାଙ୍ଗେ ସାଙ୍ଗେ ଆସୁଛି, ତୁମେ ଏଇଠି ମୋତେ ଅପେକ୍ଷା କରିଥିବ ।'' ପୃଥ କହିଲା ।

ମୋର କିନ୍ତୁ ଅପେକ୍ଷା କରିବାର ବେଳ ବା ଅବକାଶ ନଥିଲା । ଉତ୍କଳ–କଳିଙ୍ଗ ଏକ୍ସପ୍ରେସ୍ । ରାତି ଠିକ୍ ବାରଟା ପାଞ୍ଚ ମିନିଟରେ । ବିକୃତ ଓଡ଼ିଆ ଉଚ୍ଚାରଣରେ ତେଲୁଗୁ ବା ବଙ୍ଗାଳୀ ଘୋଷକ କଣ୍ଠରେ ଚିତ୍କାର ଶୁଭୁଛି ତିନି ନମ୍ବର ପ୍ଲାଟଫର୍ମରେ ଗାଡ଼ି ଆସିବ । ଆସିବ କ'ଣ ଆସୁଛି ହେଇ ତ ଆସିଗଲା । ପୃଥ କାହିଁ ? କି ଦାୟିତ୍ୱହୀନ ! ଗାଡ଼ି ଇନ୍‌କଲା । ଗାଡ଼ିର ଶବ୍ଦରେ ଥାର୍ଡ଼ ବେଲ ଶବ୍ଦ, ହକରଙ୍କ ଚିତ୍କାର, ପାସେଞ୍ଜରଙ୍କ କୋଳାହଳ ବୁଡ଼ିଗଲା । ମୁଷ୍ଟିମେୟ କେତେଜଣ ଓଡ଼ିଆଯାତ୍ରୀ ପିଲାକବିଲା ଧରି ଚାହିଁ ରହିଥାନ୍ତି ସେଇ ଗୋଟିଏ–E ଡବାକୁ । ବାଲେଶ୍ୱରରୁ ରାଉରକେଲା ଯାଉଥିବା ଯାତ୍ରୀଙ୍କୁ ଏଇ ରିଜର୍ଭ ଡବାରେ ଖଡ଼ଗପୁର ଟାଟା ପାସେଞ୍ଜରଙ୍କୁ ସହିତ ବାର୍ଥ ମିଳେ ।

ସତରେ କେଡ଼େ ବିଚାର ବିବେକହୀନ ପୃଥଟା ! ବାସ୍ତରି ବର୍ଷର ଅଥର୍ବ ଅର୍ଦ୍ଧମୃତ (ଡାକ୍ତରୀ ଭାଷାରେ moribund) ବୁଢ଼ାଟାକୁ ଶେଷ ମୁହୂର୍ତ୍ତରେ ଘରୁ ସ୍କୁଟର ପଛରେ ବିଛଣା ବ୍ରିଫ୍‌କେଶ୍ ସହିତ ବୋଝେଇ କରି ଯଦି ବା କଷ୍ଟେ ମଷ୍ଟେ ପ୍ଲାଟଫର୍ମରେ ପହୁଞ୍ଚାଇଲା ଅସଲ ବେଳରେ ପାଖରେ ନାହିଁ । ବିଛଣାପଟା ଧରାଧରି କରି ଗ୍ରୁଣ୍ଟି ଗ୍ରୁଣ୍ଟି ଯେଉଁଠି ଅଧାବସା ଅଧାଠିଆ ଭଙ୍ଗୀରେ ଛିଡ଼ା ହୋଇଥିଲି, ସେଇଠୁ ମୋ ଡବାଆଡ଼କୁ ମୁହାଁଇଲି । ଭାଗ୍ୟକୁ ମୋ ଡବାଟି ମୋ ପାଖରେ ତ କେବଳ ଲାଗିଲା ନାହିଁ ମୋ ଆଡ଼କୁ ପ୍ରବେଶ ଦ୍ୱାର ଦେଖାଇ ଛିଡ଼ା ହେଲା । ଆହୁରି ଭାଗ୍ୟ ପୃଥ ସେଇ ମୁହୂର୍ତ୍ତରେ ଧଇଁସଇଁ ହୋଇ ଆସିଲା ଏବଂ ହାତେ ଦୁଇ ହାତ ସ୍ଥାନ ତାର ଅଣ୍ଟା ନ ମାନି ପରିବର୍ତ୍ତନ କରିଥିବାରୁ ମୁହଭର୍ତ୍ସନା କରୁଁ କରୁଁ ମୋତେ ଓ ଜିନିଷପତ୍ରକୁ ଏକ ବିବେଚନା କରି ଶୂନ୍ୟରେ ଟେକି ନେଇ ଅଠଷଠି ନମ୍ବର ବାର୍ଥରେ ଥୋଇଦେଲା । ''ଆହେ ଦୟାମୟ ବିଶ୍ୱବିହାରୀ ! ... ରୋଗା ବାପାଙ୍କର ସେବା କାରଣେ, ବଳ ଦିଅ ତାର କର ଚରଣେ ।''

ଚାଦରଟା ତଳ ବାର୍ଥରେ ପାରିଦେଇ ପତଳା ତକିଆକୁ ପଶ୍ଚିମ ଝରକା କରକୁ ଥୋଇ ପୃଥ କହିଲା, ''ଏଥର ଡାହାଣକୁ କଡ଼ ମାଡ଼ି ଶୋଇଯାଅ । ଏ ରୋଗକୁ ଔଷଧ ଅପେକ୍ଷା ବିଶ୍ରାମ ଯାହାକୁ କହନ୍ତି ବେଡ୍ ରେଷ୍ଟ ବେଶି ଦରକାର । ବ୍ରିଫ୍‌କେଶ୍‌କୁ ପିଠିକୁ ଲଗାଇ ରଦ୍ଦ ଦେଉଛି, ଛୋଟା ହଳକ ତକିଆ ତଳେ ଚାଦର ଢାଙ୍କି ଦେଇଛି ।'' ଏ

Digitized by srujanika@gmail.com

ଦେଶରେ ଛିଣ୍ଡା ଜୋତା ବି ଚୋରି ହୁଏ ।

ସେତେବେଳକୁ ସର୍ବାଙ୍ଗରେ ବଥା ଘାରି ଯାଇଥାଏ । ସବୁ ଶିରା ମାଂସପେଶୀ ପ୍ରାୟ ଅଚଳ । ସାମାନ୍ୟ ଚଳପ୍ରଚଳ କରି ଏଡ୍‌ଜଷ୍ଟ କରିବାର ଚେଷ୍ଟା କଲାମାତ୍ରେ ଓଃ ! ଆଃ ! ଉଁ ଆଁ ! ଶବ୍ଦ ସ୍ୱତଃ ଛାତି ଭିତରୁ ବାହାରି ଆସୁଥାଏ । ଯାତ୍ରୀମାନଙ୍କ ବିରକ୍ତି କ୍ରୋଧ କଥା ଛାଡ଼ନ୍ତୁ । ନିଜକୁ ଧିକ୍କାର କରୁଥାଏଁ, ମରିବାକୁ ଚାହୁଁଥାଏ ।

ଆଉ ଅଧିକ କାଳ ପୁଅ ମୋର ଯମଯନ୍ତ୍ରଣା ଦେଖି ଶୁଣି ସହି ନପାରି କମ୍ବଳଟା ଘୋଡ଼ାଇ ଦେଇ କହିଲା, ବାପା ମୁଁ ଏଥର ଯାଉଛି । ତୁମ ସାଙ୍ଗରେ ବି ଚାଲିଯାଇଥାନ୍ତି । ଛୁଟି ନାହିଁ, କାଲିଠାରୁ ସକାଳ ଡିଉଟି । ଯଦି ବଡ଼ଭାଇ ଗାଡ଼ି ନେଇ ଷ୍ଟେସନକୁ ଆସି ନଥିବେ ତେବେ ଟେମ୍ପୋଟିଏ ଧର ସିଧା ଆମ୍ବବାଗାନ ଦେଇ ଅଠର ନମ୍ବର ସେକ୍ଟରକୁ ଚାଲିଯିବ । କମ୍ୟୁନିଟି ସେଣ୍ଟର କଣକୁ ଲାଗି A/21 ନମ୍ବର ଘରକୁ ।'' ଦେଖିଲି, ପୁଅର ଆଖି ଛଳେଇ ଆସିଲା । ତା'ର କରୁଣ ଚାହାଣିରୁ ବୁଝିଲି ବୁଢ଼ା ଆଉ ଫେରିବ କି ନାହିଁ ସେଥିରେ ସେ ସନ୍ଦିହାନ । ସେ ଓହ୍ଲେଇଗଲା ।

ଏକେଲା ଚଲୋରେ । ନ ତାତୋ, ନ ମାତା, ନ ବନ୍ଧୁ, ନ ଭ୍ରାତା, ନ ଭବାନୀ, ନ ପତ୍ନୀ । ବୁଢ଼ା ଅବସ୍ଥାରେ ବାର୍ଦ୍ଧକ୍ୟ, ରୋଗାବସ୍ଥାରେ ରୋଗ, ମଣିଷକୁ ଯେତେ ପୀଡ଼ା ନ ଦିଏ ତାଠୁ ବେଶି ଯନ୍ତ୍ରଣା ଦିଏ ନିଃସଙ୍ଗତା ଓ ଅସହାୟତାର ଉପଲବ୍ଧି । ବୁଢ଼ୀଟି ଯେବେ ବଞ୍ଚିଥାଆନ୍ତା ତେବେ ମୋ ପାଖରେ ବସି ଜାଗ୍ରତ ରହି ସାରା ରାତି କହୁଥାନ୍ତା, ''ଏଇଟା ନିଅ, ସେଇଟା ନିଅ'', ପଚାରୁଥାନ୍ତା– ''ଏଇଟା ଦେବି ? ସେଇଟା ଦେବି ?'' କହୁଥାନ୍ତା ''କିଛି ହବନି, ତୁମେ ଡରନି ।'' ଉଭୟ ରେଳଯାତ୍ରା ଓ ଦିହମାନ ପୀଡ଼ାହୀନ ହୁଅନ୍ତା ।

କିନ୍ତୁ ପର ମୁହୂର୍ତ୍ତରେ ମୁଁ ଅନୁଭବ କଲି ମୁଁ ମୋଟେ ଏକୁଟିଆ ନୁହେଁ । ସାରା ପ୍ଲାଟଫର୍ମର ଯାତ୍ରୀ ଯିମିତି ମୋ ଡବାକୁ ମାଡ଼ିଆସିଲେ । ମୁଁ ନିଃସଙ୍ଗ ନୁହେଁ, ବହୁସଙ୍ଗ । ମୋରି ଜାତିଭାଇ ଓ ମୋରି ଭାଷାଭାଷୀଙ୍କୁ ନେଇ ଦଣ୍ଡକେ ସବୁ ବାର୍ଥ ଫୁଲ୍ । ବଡ଼ ବଡ଼ ଚମଡ଼ା ବାକ୍ସ ଭିଆଇପି ବ୍ରିଫ୍‌କେଶ୍ ସୁଟ୍‌କେଶ୍, ଯୋଡ଼ାଏ ଲେଡ଼ିଜ୍ ଝୁଡ଼ି, ଚାଉଳବୋରା, ମୁଢ଼ି ଟିଣ ଏପରିକି ଯୋଡ଼ାଏ ସୁରେଇରେ ଗୋଟାଏ ଗୋଦାମ ସୃଷ୍ଟି ହୋଇଗଲା । ପଚିଶ ବର୍ଷ ବେସ୍ତ୍ରୀକ ଅବସ୍ଥାରେ ରହିଥିବାରୁ ସ୍ତ୍ରୀ ଲୋକଙ୍କ ସନ୍ନିଧ ବିଶେଷତଃ ସେମାନଙ୍କ ଦିହଗନ୍ଧ ମହକ ମୁଁ ସହିପାରେନା; ପିଲାଝିଲାଙ୍କ ଦିହର ଦୁଧବାସନା ଏଲାର୍ଜି ସୃଷ୍ଟି କରେ । ପ୍ରାୟ ପନ୍ଦର ମିନିଟ୍ ପର୍ଯ୍ୟନ୍ତ ଚାଲିଲା ଧଡ଼୍‌ଧାଡ଼୍ ଖଡ଼୍‌ଖଡ଼୍ ଶବ୍ଦ । ''ମେନେଜ କରିନେବା'', ''ଏଡ୍‌ଜଷ୍ଟ କରିନେବା'' ଶବ୍ଦ ପ୍ରାୟ ଦଳର ସମସ୍ତଙ୍କ ମୁହଁରୁ କ୍ରମାଗତ ବାହାରୁଥାଏ ଏବଂ ବୁଗୁଚା ବାକ୍ସପତ୍ର ଉଠାଉଠି ଚାଲିଥାଏ ।

ମୁଁ ବି ତାଙ୍କ ଦେଖାଶିଖା । ଏଡ୍‌ଜଷ୍ଟ କରିବାକୁ ପ୍ରସ୍ତୁତ ହେଲି । ଆଠୋଟି ଘଣ୍ଟା ସମୟ ଲାଗିବ ପହଞ୍ଚିବାକୁ । ମୋତେ ହୁଏତ ଯୁଗେ । ମୁଁ ବା ଏଡ୍‌ଜଷ୍ଟ କ'ଣ କରିବି ?

Digitized by srujanika@gmail.com

ମୁର୍ଦ୍ଦାର ବା ମୁମୂର୍ଷୁ ଯେଉଁଠି ପଡ଼ିଛି ସେଇଠି ତ ପଡ଼ିଥିବ । ଥରେ ନିଦ ହୋଇଗଲେ ରାତିଟା କଟିଯିବ । କାଳେ ଯାତ୍ରୀମାନେ ମୋର ଯନ୍ତ୍ରଣା ଚିତ୍କାର ପ୍ରତି ବିରାଗ ହୋଇ ଅଭିଶାପ ଦେବେ ସେଥିପାଇଁ କାନ୍ଦ କୋହ ସମ୍ଭାଳି ନେଇ ଅପେକ୍ଷା କରୁଥାଏଁ ନିଦ୍ରାଦେବୀଙ୍କି ! Sleep ! Blessed from pole to pole; the balm of troubled minds. କିନ୍ତୁ ଯିମିତି 'Macbeth doth murder sleep; sleep no more' ଶବ୍ଦରେ ରାଜପ୍ରାସାଦ ପ୍ରକମ୍ପିତ ହେଉଥିଲା ଏଠି Sleeper Coach ସିମିତି ହେଉଛି ଯେ ! ଯାତ୍ରୀମାନେ ମୋ ପାଖରେ ନିଦକୁ ହତ୍ୟା କରିବାରେ ଲାଗିପଡ଼ିଛନ୍ତି । ମୁଁ ଶୋଇବି କିମିତି ? ଥଣ୍ଡା ସିମିତି ନାହିଁ ତଥାପି ଝରକା କବାଟ ସବୁ ବନ୍ଦ । କାଳେ ବୁଢ଼ାଙ୍କୁ ପିଲାଝିଲାଙ୍କୁ ଥଣ୍ଡା ଲାଗିଯିବ ! ଗରମ ସ୍ୱେଟର ମାଙ୍କଡ଼ ଟୋପି ଭେଦି ଯାଇ !

ସେମାନଙ୍କର ଏଡ୍‌ଜଷ୍ଟମେଣ୍ଟ୍ ମେନେଜ୍‌ମେଣ୍ଟ୍ ଦେଖି ଦେଖି ଯନ୍ତ୍ରଣା ଲଘୁ କରୁଥାଏଁ । ପ୍ରଥମ ବଡ଼ ଏଡ୍‌ଜଷ୍ଟମେଣ୍ଟ ହେଲା ଗୋଟିଏ ମୋରି ପରି ବୁଢ଼ାକୁ ଥଇଥାନ କରିବା । ଅଣିହୋଇ ଦେଖିଲି କଣ୍ଡକ୍ଟରର ଗୋଟିକିଆ ସିଟ୍‌ରେ ଯେଉଁ ବୁଢ଼ାଟି ଥିଲା ତାକୁ ଦି'ଜଣ ଭେଣ୍ଡିଆ ଧରାଧରି ଟେକାଟେକି କରି ଆଣି ପହୁଞ୍ଚାଇଲେ ମୋରି ପାଖ ସମାନ୍ତର ତଳ ବାର୍ଥରେ ଏବଂ ବେଶ୍ ନରମ ଶେଯ ତକିଆ ଆଦି ଦେଇ ଦୁଇ ସ୍ତ୍ରୀଲୋକ ପ୍ରସ୍ତୁତ କରିଥିବା ଶଯ୍ୟାରେ ଠାକୁର ପରି ବସାଇଲେ । ତୁଳନା ବୈପରୀତ୍ୟରେ ମୁଁ ନିଜକୁ ହୀନ ମନେକରି ବ୍ୟଥିତ ହେଲି । ଅନୁମାନ କଲି ବୁଢ଼ାଟିର ବି ମୋରି ରୋଗ । ଅଣ୍ଡାବଥା, ସାୟାଟିକା; ମାରିବ ନାହିଁ ମଲାପରି କରିଦେବ ।

ଚାରିଆଡ଼େ ଆଖିପକାଇ ଦେଖିନେଲି । ଦୁଇବୁଢ଼ା ପାଖାପାଖି ଦୁଇ ତଳ ବାର୍ଥରେ । ଅପାର ବାର୍ଥରେ କିଏ ଦୁହେଁ ଅଛନ୍ତି ଜଣାପଡୁ ନାହାଁନ୍ତି । ଘୁଙ୍ଗୁଡ଼ି ଶବ୍ଦ ତଳକୁ ବେଶ୍ ଶୁଭୁଛି । ଆମର ଗୋଡ଼ତଳେ ଦୁଇ ବାର୍ଥରେ ଗୋଟିଏ ପେଆର ଏବଂ ତାଙ୍କ ପିଲା ବା ପିଲି । ମୋ ଉପରେ ମଝି ବାର୍ଥ ଦୁଇଟାରେ ଆଉ ଗୋଟିଏ ପେଆର ଏବଂ ତାଙ୍କ ପିଲା ବା ପିଲି । ସମସ୍ତଙ୍କ ଗଳା ମୋଟା; ସ୍ୱାସ୍ଥ୍ୟ ପ୍ରଚଣ୍ଡ । ଧନସଂପଦର ଔଦ୍ଧତ୍ୟ ପୂର୍ଣ୍ଣମାତ୍ରାରେ । ଗରିବ ଥିଲେ । ଏବେ ଏବେ ରାଜନୀତି କରି ବା କଣ୍ଟ୍ରାକ୍ଟରୀରେ ଅମାପ ଟଙ୍କା ପାଇ ପରାକ୍ରମ ଦେଖାଉଛନ୍ତି ।

ଦୁଇ ଭେଣ୍ଡିଆ କର୍ମତତ୍ପର ହୋଇ ବଡ଼ ବଡ଼ ବାକ୍ସ ଓ ବୋରାକୁ ସିଟ୍‌ତଳେ ଛାକିଚୁକି ପୂରାଇଲେ । ଦୁଇଜଣ ସ୍ତ୍ରୀ ଯେଝା ଝୁଡ଼ି ଓ ପିଲାଝିଲା ନେଇ ମୋ ଗୋଡ଼ତଳେ ବାର୍ଥରେ ଆସ୍ଥାନ ଜମେଇଲେ ଅଳ୍ପ ସମୟ ପାଇଁ । ଉଦ୍ଦେଶ୍ୟ, ଦୁଇ ମାଙ୍କଡ଼ମୁହାଁ ପିଲାଙ୍କୁ ଖୁଆଇ ପିଆଇ ଶୋଇବା ପାଇଁ ପ୍ରସ୍ତୁତ କରିବେ । ଦୁଇ ସ୍ୱାମୀ ମଧ ସେମାନଙ୍କ ସହିତ ଯୋଗଦେଲେ । ଅମୂଲସ୍ପ୍ରେ ଡବା, ଗରମ ପାଣି, ଫିଡ଼ିଂ ବଟଲ, ଚାମଚ, ତଉଲିଆ ଖୋଜାଖୋଜି କରି ଯୋଗାଇଲେ ଏକ୍ସପାର୍ଟ ଭଳି । ଧନୀଘର ସ୍ତ୍ରୀ ଲୋକେ ପିଲାଝିଲା ଜନ୍ମ କରିବେ; କିନ୍ତୁ ସେମାନଙ୍କ ସେବା କରିବେ ସ୍ୱାମୀମାନେ । ବାନ୍ତି କରିବା ପର୍ଯ୍ୟନ୍ତ

Digitized by srujanika@gmail.com

ଦୁଇ ଢୁଆଙ୍କୁ ସେମାନେ ଖୁଆଇଲେ ଏବଂ ଅଧଘଣ୍ଟାଏ ଯାକେ ପିଠି ପିଚାରେ ଆପୁଡ଼ାଇ ଶୁଆଇଦେଲେ । ସେମାନଙ୍କ ଆଚରଣ, ବ୍ୟବହାର, ଭାବଭଙ୍ଗୀ, କଥାବାର୍ତ୍ତାରୁ ବୁଝିଲି ସେମାନଙ୍କ ପରସ୍ପର ସଂପର୍କ । ବୁଢ଼ା ମୋରି ପରି ବେସ୍ତୀକ । ତା' ସାଙ୍ଗରେ ଅଛନ୍ତି ପୁଅବୋହୂ ଓ ନାତୁଣୀ ଝିଅ ଜ୍ୱାଇଁ ଓ ନାତି । ମୋ ପୁଅବୋହୂ, ଝିଅଜ୍ୱାଇଁ ବି ଅଛନ୍ତି ରାଉରକେଲାରେ ଯେଉଁଠାକୁ ଆମେ ସମସ୍ତେ ଯାଉଁଛୁ । ହେଲେ, ମୁଁ ଏଠି ଏକେଲା, ସହାୟହୀନ ।

ପିଲାପିଲି ଦି'ଟା ଶୋଇଯିବା ପରେ ଭାବିଲି ସେବାପର୍ବ ଶେଷ ହେଲା । ମାତ୍ର ଏ ଆରମ୍ଭ ମାତ୍ର । ଦୁଃଖକଷ୍ଟ, ବିରକ୍ତି ଏବଂ ଉପାୟ ଶକ୍ତି ସାମର୍ଥ୍ୟ ହୀନତାରେ ମୋର ଆଖି ମୁଦିହୋଇ ଆସୁଥିଲା । ପାଖ ବାର୍ଥର ସଙ୍ଗାତଟି ମଧ୍ୟ ମୋରି ପରି ଆଚରଣ କରୁଥିଲେ । ମାତ୍ର ହଠାତ୍ ଆମେ ଦୁହେଁ ଆଖି ଫିଟାଇ ପରସ୍ପରକୁ ଚାହିଁଲୁ । ନୂତନ ସେବାପର୍ବ ଆରମ୍ଭ ହେଲା । ପିଲାଝିଲାଙ୍କୁ ବାଥ୍ରୁମରୁ ଫେରାଇଆଣି ବାକ୍ସପଟା ଧଡ଼ଧାଡ଼ ଫିଟାଇ ନିଜ ପାଇଁ ପୂରା ସ୍ୱେଟର, ଶାଲ, ସ୍କାର୍ପ ଗୋଟାକୁ ଗୋଟା ବାହାର କରି ଘୋଡ଼ିବାକୁ ଆରମ୍ଭ କଲେ ଏବଂ ସ୍ୱାମୀମାନଙ୍କ ଆଡ଼କୁ ପୋଷାକପତ୍ର ଘୋଡ଼ଣି ଗୋଟାକୁ ଗୋଟା ଷ୍ଟାଇଲରେ ଫୋପାଡ଼ିବାକୁ ଲାଗିଲେ । "ବାପାଙ୍କୁ ଯଦି ନିଦ ହୋଇଯାଏ ବେଶ୍ ଆରାମରେ ପହଞ୍ଚିଯିବା ।" ପ୍ରତ୍ୟେକଙ୍କ ମୁହଁରେ ସେଇ କଥା । ସ୍ୱାମୀ ଦିହେଁ କହିଲେ, "ତୁମେ ଦିହେଁ ଦଣ୍ଡେ ଗଡ଼ିଯାଅ, ଆମେ ଚାହିଁଛୁ; ବାପାଙ୍କର ଯିମିତି କିଛି ଅସୁବିଧା କଷ୍ଟ ନହୁଏ । ଆମେ ଜଗିଛୁଁ; ଘଡ଼ିଏ ତୁମର ନିଦ ହୋଇଗଲେ ଡାକିଦେବୁଁ, ପାଳିକରି ଜଗିଲେ କେହି ଉଜାଗର ରହିବା ପ୍ରଶ୍ନ ଉଠିବ ନାହିଁ । ବାପା ବି ନିରାଲମ୍ବ ଶୋଇଯିବେ ।" ପାଉଁଚିରେ ଚକଚକ କରୁଥିବା ପାଦ ଯୋଡ଼ାକ କମ୍ବଳ ଭିତରକୁ ଟାଣିନେଇ ପିଲାଝିଲାଙ୍କୁ ଛାତିରେ ଚାକି ମହିଳା ଦି'ଜଣ ଶୋଇଗଲେ । ଆମ ଇଲାକାଟି ଦଣ୍ଡେ ପାଇଁ ଶାନ୍ତ । ନିସ୍ତବ୍ଧ ।

ତା'ପରେ ଚାଲିଲା ପିତୃସେବା । ଶଳାଭିଣୋଇ କୁହାକୁହି ହେଲେ, "ବାସ୍ତବିକ ! ସେବା ହିଁ ରୋଗୀକି ଆରୋଗ୍ୟ କରିଥାଏ । ସେବାର ଅଭାବରେ ରୋଗୀ ଯନ୍ତ୍ରଣା ପାଏ । ଔଷଧ ସିମିତି କିଛି ନୁହେଁ । ସାଥୀ ଅଭାବରେ ମାନସିକ ପୀଡ଼ା ବୃଦ୍ଧିହୁଏ ।"

"ବାପା !" ପୁଅ ଆରମ୍ଭ କଲେ । "ଶୋଇପଡ଼ ।" ତକିଆ ଫୁଲାଇ ବାପାଙ୍କ ମୁଣ୍ଡତଳେ ଦେଇ ଚାଦର ଢଙ୍କାଇ ଦେଲେ । ଜ୍ୱାଇଁ ଖିଅ ଧଇଲେ । "ବାପା ! ଝରକା ଖୋଲା କରିଦେବି ? ନା ବନ୍ଦଥିବ ?" ବାପାଙ୍କର କୌଣସି ପ୍ରଶ୍ନର ଉତ୍ତର ନାହିଁ । ଜଣେ ପରେ ଜଣେ ବୁଢ଼ାକୁ ଆରାମ ଶାନ୍ତି ଦେବାପାଇଁ ପଚାରୁଥାନ୍ତି, "ମଫ୍ଲର ବାନ୍ଧିବ ?" "ପାଣି ପିଇବ ?" "ଶୋଇପଡ଼ିବ ?" "ଝରକା ପଟେ ମୁଣ୍ଡ କରିବ ?" "ବାଥ୍ରୁମ ଯିବ ?" ମୋତେ ଯଦି ମୋ ପୁଅ ଜ୍ୱାଇଁ ଏସବୁ ପ୍ରଶ୍ନମାନ ପଚାରିଥାନ୍ତେ ତେବେ ମୁଁ କହିଥାନ୍ତି, "ତୁମେ ଶୋଇପଡ଼, ମୋର କିଛି ଲୋଡ଼ା ନାହିଁ ନିଦ ଛଡ଼ା ।" "ଭଲ ଲାଗୁଛି ତ ଟିକିଏ ?" ପୁଅ ପଚାରନ୍ତେ ଜ୍ୱାଇଁ ପଚାରିଲେ, "ନିଦ ଟେବଲେଟ୍ ଗୋଟାଏ

Digitized by srujanika@gmail.com

ଦେବି ?'' ସେବା ଭାବରେ ଦୁହେଁ ଯିମିତି ପ୍ରତିଯୋଗିତା କଲେ ମୁଁ ବେଶ୍ ଜାଣିପାରିଲି ବୁଢ଼ାର ଗୁଡ଼ାଏ ଜମିଜାଇଗା ଓ ପ୍ରଚୁର ଟଙ୍କା ପଇସା ଅଛି ଯାହା ଉପରେ ଆଖି ରଖିଛନ୍ତି ଦୁହେଁ ବୋଧହୁଏ । ମୁଁ ବେଶ୍ ଜାଣିଲିଣି ଆଜି ରାତିଟା ବିନା ନିଦରେ କଟିବ, କାଲି ସକାଳକୁ ହାତଗୋଡ଼ stiff ହୋଇ ଯାଇଥିବ ବା ପଡ଼ିଯାଇଥିବ ପେରାଲାଇସିସ୍‌ରେ । ଲୋକ ବାର୍ଥ ରିଜର୍ଭ କରିଥାଏ ଶୋଇବା ପାଇଁ ସିନା ! ବାରଟଙ୍କା ମୋର ଅକାରଣ ଖର୍ଚ୍ଚ ହେଲା । ପୁଅ ଜ୍ୱାଇଁ କିଛି ଦେଲେ ନାହିଁ କି ବାପା କିଛି ନେଲେ ନାହିଁ । ସବୁଥିରେ 'ନା' । ଦୁହେଁ ବିରକ୍ତ ହୋଇ ଲୁଚାଇ ଲୁଚାଇ ସିଗାରେଟ ଟାଣିଲେ ଏବଂ ଇଂରାଜୀ ଶବ୍ଦ ରଖି କଥାବାର୍ତ୍ତା କଲେ– ଏମିତି ''Obstinate old man କୁ କିଏ cure କରିପାରିବ ।'' ସେବାରେ ହାରମାନି ସ୍ୱାମୀମାନଙ୍କୁ ଉଠାଇଲେ । ସେମାନେ ସ୍ୱାମୀମାନଙ୍କ ଉପରେ ଦାୟିତ୍ୱ ଦେଇ ବେଶ୍ ଆରାମରେ ଶୋଇପାରନ୍ତି । ଓଃ ଆଃ ଉଁ ଆଁ ଶବ୍ଦ ସହିତ ଦୁହେଁ ଆଳସି ଭାଙ୍ଗି, ହାଇମାରି ଉଠିଲେ ଏବଂ ଆରମ୍ଭ ହେଲା ସେବା ।

ଖଡ଼ଗପୁର ଷ୍ଟେସନ ପହୁଞ୍ଚିବାର ମୁଁ ଅନ୍ଦାଜରେ ଜାଣିପାରିଲି । ଦୁଇ ଘଣ୍ଟା କଟିଗଲାଣି ଦୁଇ ସଙ୍ଗାତଙ୍କ ବିନା ନିଦ୍ରାରେ । ସେବାଧର୍ମ ପାଳନ କରିବାରେ ଝିଅ ବୋହୂ ପଛକୁ ପଡ଼ିବେ କେମିତି ? ପୁଅ ଜ୍ୱାଇଁଙ୍କ ବୁଢ଼ାର ସଂପଦ ଉପରେ ଆଖି ବୋଲି ଝିଅବୋହୂ କାହିଁକି ସେମିତି ନ କହିବେ ? ବାପା ଓ ଶ୍ୱଶୁରଙ୍କୁ ପ୍ରୀତ କରି ପାରିଲେ ସବୁ ଦେବତା ପ୍ରୀତିଲାଭ କରନ୍ତି । ପୁରୁଷମାନେ କେବେ ସେବା କରିପାରନ୍ତି ? ତେଣୁ ଏ ଦୁହେଁ ପ୍ରତିଯୋଗିତାରେ ଅବତୀର୍ଣ୍ଣ ହେଲେ ।

''ବାପା, ଡାବ ଗୋଟାଏ ଆଣିବା ?'' ''କୋଲଡ଼୍ ଡ୍ରିଙ୍କ୍ ଗୋଟାଏ ଖାଆନ୍ତ । ପେଟକୁ ଗୁଣ କରିବ ।'' ଆରେ ! ବାପାଙ୍କୁ ରାତି ଔଷଧ ସେମାନେ ଦେଇଛନ୍ତି କି ନାହିଁ ?'' ''ବାପା ! ଗୋଟେ କାମ୍ପୋଜ ଟେବଲେଟ୍ ଖାଇ ଶୋଇ ଯାଆନ୍ତୁ ।'' ''ଗୋଡ଼ହାତ ଘଷିଦେବି ?'' ''ଏପଲ ଗୋଟାଏ କାଟିଦିଏ ?'' ଏମାନେ ଯେଉଁସବୁ ଉପଚାର ବ୍ୟବସ୍ଥା କଲେ ସେଥିରେ ବୁଢ଼ାଭାଇର କିଛି ଉପକାର ହେଉ ନ ହେଉ ମନେ ମନେ ମୁଁ ସେଇସବୁ ଖାଇପିଇ ପରିତୃପ୍ତ ହେଲାପରି ଭାବିଲି ଏବଂ ମୋ ଆଖିପତା କଅଁଳ ଗଳାର ନରମକଥା ନିଦ ଗୀତ ପରି କାମ ଦେଉଛି ପରି ଲାଗିଲା ।

ଗାଡ଼ି ଖଡ଼ଗପୁର କେତେବେଳେ ଛାଡ଼ିଲା ମୁଁ ଜାଣିପାରିଲି ନାହିଁ । ସଙ୍ଗାତଟି ମୋର କେଡ଼େ ଭାଗ୍ୟବାନ୍ ମୁଁ କେତେ ହୀନିମାନ ସେଇକଥା ଭାବିଲେ ବି, ତାଙ୍କ ମେଲା ହୋଇଥିବା ଆଖି ଦି'ଟାକୁ ନିର୍ନିମେଷ ନୟନରେ ଚାହୁଁ ଚାହୁଁ ମୋର ଆଖି ବନ୍ଦ ହୋଇଗଲା । ସେବାର ପାଳି ତା' ପରେ କାହାର ପଡ଼ିଲା ମୁଁ ଜାଣିପାରିଲି ନାହିଁ ।

ମନୋହରପୁର ଷ୍ଟେସନ ପାର ହେଲାବେଳକୁ ନିଘୋଡ଼ ନିଦରୁ ମୁକ୍ତି ପାଇ ଆଖି ମେଲାଇଲି । ଦେଖିଲି ଯିମିତି ଭଙ୍ଗୀରେ ସଙ୍ଗାତଟି ବସିଥିଲେ ସେମିତି ଜଗନ୍ନାଥ ପରି ବସିଛନ୍ତି । ଆଖି ଡିମା ବେଶି ବିସ୍ତାରିତ, ଗାଲ ଆହୁରି ଠକରା, ମୁହଁ ଏକାବେଳକେ

Digitized by srujanika@gmail.com

ଶୁଖିଲା । ମୁଁ ଏକାଦିକ୍ରମେ ତାଙ୍କୁ ଦଣ୍ଡେ ଚାହିଁଲା ପରେ ସେ ଦୟନୀୟ କଣ୍ଠକୁ ସଫା କରି କ୍ଷୀଣ ଭଙ୍ଗା ଭଙ୍ଗା ଗଳାରେ କହିଲେ, "ଆପଣଙ୍କର ବେଶ୍ ବଡ଼େ ନିଦ ହୋଇଗଲା, ବେଡ଼େ ଜୋର ଆପଣ ଘୁଙ୍ଗୁଡ଼ି ମାରୁଥିଲେ । ମୁଁ ଶୋଇବା ପାଇଁ ଯେତେଯେତେ ଚେଷ୍ଟା କଲେ ବି ମୋଟେ ଶୋଇପାରିଲି ନାହିଁ । ଆପଣଙ୍କୁ ଥରେ ଦି'ଥର ଡାକିଥିଲି । ବାଥ୍‌ରୁମ୍‌କୁ ଯିବା ପାଇଁ ସାହାଯ୍ୟ ଟିକିଏ ଯଦି କରି ଥାଆନ୍ତେ ।"

"ମୁଁ ସାହାଯ୍ୟ କରିଥାନ୍ତି ! ମୁଁ ଯେ ଏକାବେଳକେ ଅଥର୍ବ । ସାନ ପୁଅ ମୋତେ ଏଇଠି ଶୁଆଇ ଦେଇ ଯାଇଛି, ମୁଁ ଅପେକ୍ଷା କରିଛି ଷ୍ଟେସନ ପହୁଞ୍ଚିଲେ ବଡ଼ପୁଅ ବୋହୂ, ଝିଅ ଜୋଇଁ ଯଦି ଆସିଥିବେ ତେବେ ମୋତେ ଧରାଧରି ଉଠାଉଠି କରି ଘରକୁ ବା ଡାକ୍ତରଖାନାକୁ ନେଇଯିବେ । ମୋର ବାତରୋଗ, ଅଣ୍ଟାବଥା ରୋଗ । ମାରିବ ନାହିଁ ପଙ୍ଗୁ କରିଦବ । ବିଶ୍ରାମ ଯାହାକୁ ବେଡ଼୍‌ରେଷ୍ଟ କହନ୍ତି ଏ ରୋଗରେ ଏକାନ୍ତ ଲୋଡ଼ା ।"

ସଙ୍ଗାତ ଉତ୍ତର ଦେଲେ, "ଆପଣ ବେଡ଼େ ଭାଗ୍ୟବାନ୍ ! ପୁଅବୋହୂ, ଝିଅ ଜୋଇଁ କେହି ପାଖରେ ନାହାନ୍ତି । ସେମାନେ ଥିଲେ ବା କ'ଣ କରି ପାରିଥାଆନ୍ତେ । ଆଠଘଣ୍ଟା ସମୟ କୌଣସି ମତେ ଆପଣ କଟାଇ ଦେଲେ । ଦୁଇ ତିନି ଘଣ୍ଟା ଆରାମରେ ଘୁଙ୍ଗୁଡ଼ିମାରି ଶୋଇଗଲେ । ମୋର ଯନ୍ତ୍ରଣାର ସୀମା ନାହିଁ । ନିଦ ଔଷଧରେ ବି ନିଦ ହେଲାନି । ଯାହା ବା ହୋଇଥାନ୍ତା ମୋ ନିଜ ଲୋକ ଆତ୍ମୀୟସ୍ୱଜନଙ୍କ ପାଇଁ ତାହା ହୋଇପାରିଲା ନାହିଁ । କେତେବେଳେ ଟିକିଏ ଯଦି ଆଖି ବୁଜିଆସିଲା ତ 'ବାପା' 'ବାପା' ଡାକ । ପୁଅ ନ ହେଲେ ଝିଅ, ଜୋଇଁ ନ ହେଲେ ବୋହୂ ତୁହାକୁ ତୁହା ଡାକଛାଡ଼ି ନିଦ ଭାଙ୍ଗି ଦେବାକୁ ଲାଗିଲେ । ଜୀବନଯାକ ଏତେଥର ବାପା ବାପା ଡାକ ଶୁଣି ନଥିବି । ମୋର ଅଭାବ ଅସୁବିଧା କଥା ଏତେ ଲୋକ ଏତେଥର ବୁଝାବୁଝି କରିବାକୁ ବା ମୋର ସେବା ଶୁଶ୍ରୁଷା କରିବାକୁ ପ୍ରତିଯୋଗିତା କରି ନଥିବେ । ଯେତେବେଳେ ସେମାନେ ଥକିଯାଆନ୍ତି ସେମାନଙ୍କର ଦୁଇ ପିଲାଝିଲା କନ୍ଦାକଟା ବା ଚିତ୍କାର କରି ତାଙ୍କ ସ୍ଥାନ ପୂରଣ କରନ୍ତି । ମୁଁ ଯାହା ବୁଝିଲି ବୁଢ଼ାଲୋକର ବା ରୋଗୀର କେହି ସହାୟ ନାହିଁ । ମାନୁଛି ସେମାନଙ୍କର ସେବା ସାଥୀ ଦରକାର; କିନ୍ତୁ ଏତେ ମାତ୍ରାରେ ଦରଦ ସହାନୁଭୂତି ଓଲଟା ଫଳ ଦିଏ । ମୁଁ ଯଦି ସେମାନଙ୍କୁ ରୋକଠୋକ କହିଦିଏ ମୋର ସେବା ଶୁଶ୍ରୁଷା ଦରକାର ନାହିଁ ତେବେ ସେମାନେ ରାଗିଯିବେ ଏବଂ ଇଂରାଜୀରେ କଥାବାର୍ତ୍ତା ହେବେ ମୋର ଏକଛିଦିଆ ଅବୁଝା ଗୁଣ ବିଷୟରେ । ମୋଟ ଉପରେ ସେବାଧର୍ମ ପାଳନରେ ଯିମିତି ତାଙ୍କର ବାଧା ବ୍ୟତିକ୍ରମ ନ ଉପୁଜେ ।"

ଅବଶେଷରେ ରାଇଟ୍ ଟାଇମ୍‌ରେ ଟ୍ରେନ ରାଉରକେଲା ଷ୍ଟେସନ ଧଇଲା । ବାକ୍‌ସ ବୁକୁଚାପତ୍ର ପିଲାଝିଲାରେ ପ୍ଲାଟଫର୍ମକୁ ବାହାରିବା ରାସ୍ତା ପ୍ରାୟ ବନ୍ଧ ହୋଇଗଲା । ସ୍ତ୍ରୀ ଲୋକ ଦୁହେଁ ଇମିତି ସ୍ଥାନରେ ଛିଡ଼ାହୋଇ ରହିଲେ ଯେ ତାଙ୍କୁ ଅତିକ୍ରମ କରି କୌଣସି ଭଦ୍ରଲୋକ ବାହାରିଯିବାର ଉପାୟ ରହିଲା ନାହିଁ । ମୁଁ ମୋ ପିଲାଝିଲାଙ୍କୁ ଦେଖୁଛି; କିନ୍ତୁ

Digitized by srujanika@gmail.com

ସେମାନେ ମୋ ପାଖ ପହଞ୍ଚି ପାରୁ ନାହାନ୍ତି କି ମୁଁ ତାଙ୍କ ପାଖକୁ ପହଞ୍ଚି ପାରୁନାହିଁ । ଅନ୍ୟ ରାସ୍ତା ମୋତେ ଖୋଜିବାକୁ ପଡ଼ିଲା । ଗୁରୁଣ୍ଡି ଗୁରୁଣ୍ଡି ଦରଠିଆ ହୋଇ ଯାତ୍ରୀମାନଙ୍କ ପାଖରୁ ଗାଳିଭର୍ତ୍ସନା ଶୁଣି ଅପର ଦରିଜା ପହଞ୍ଚିଲି ଏବଂ ବସି କରି ପ୍ଲାଟଫର୍ମକୁ ଧଇଲି ।

ପୁଅବୋହୂ ଝିଅଜୋଇଁ (କାହାରି ଶିଶୁ ପୁତ୍ର ବା କନ୍ୟା ନଥିଲେ) ମୋତେ ପାଛୋଟି ନେବାକୁ ଧାଇଁ ଆସିଲେ । ଗାଡ଼ି ବାହାରେ ଥିଲା । ମୋର ଅବସ୍ଥା ଦେଖି କାନ୍ଦ କାନ୍ଦ ହୋଇ ଛଳଛଳ ଆଖିରେ ଧରାଧରି କରି ଗାଡ଼ି ପର୍ଯ୍ୟନ୍ତ ନେଇଗଲେ ।

ଆଶ୍ୱାସନା ଦେବା ଛଳରେ ଡାକ୍ତର ପୁଅ କହିଲା, "ଏ ରୋଗ କିଛି ନୁହେଁ, ନିଦ୍ରା ଓ ବିଶ୍ରାମ । ଜୀବନଯାକ ଧାଁଧପଡ଼ କରି, ରେଳ ବସ୍‌ରେ ସାଇକେଲରେ ଦିନରାତି ଚଢ଼ାଚଢ଼ି କରି ଏ ବେମାର ବାହାରିଛି । ବୁଢ଼ା କାଳରେ ଏ ରୋଗ ସାଧାରଣତଃ ବାହାରିଥାଏ । ଔଷଧ କିଛି ନୁହେଁ, ସେବା ଓ ସାଙ୍ଗ ଅସଲ ଦରକାର ଯିମିତି ରୋଗୀ କେତେବେଳେ ନ ଭାବେ ସେ ଏକୁଟିଆ ବା unwanted ଅଦରକାରୀ ଜୀବ ବୋଲି । ଟୁନୁ ତା ବୋହୂ ଯଦି ସାଙ୍ଗରେ ଆସିଥାନ୍ତେ ବା ଆମେ ସମସ୍ତେ ଯାଇ ବାପାଙ୍କୁ ଆଣିଥାନ୍ତୁ ।"

"ଯାଇନ ବା ଟୁନୁ ଓ ବୋହୂ ସାଙ୍ଗରେ ସେବା ସାଙ୍ଗ ପାଇଁ ଆସି ନାହାନ୍ତି, ଭଲ ହୋଇଛି ।" କହିଲି । ଅଦୂରରେ ରିକ୍ସା ଅପେକ୍ଷାରେ ଛିଡ଼ା ହୋଇଥିବା ଦଳବଳକୁ ଦେଖାଇ କହିଲି, "ବାପା ! ବେଡ଼ିଂକୁ ଆଉଜି ଉପରକୁ ମୁହଁକରି ଚିତ୍‌ପଟାଙ୍ଗ ହୋଇଥିବା ମୋ ସଙ୍ଗାତ ବୁଢ଼ାକୁ- ତା କେସ୍ ସର୍ବତୋଭାବେ ସମାନ- ପଚାରିଲେ ସେ କହିବ କିମିତି ଆରାମରେ ପୂର୍ଣ୍ଣ ବିଶ୍ରାମ ସହିତ ମୋ ସାଙ୍ଗରେ ଆସିଛି ପୁଅବୋହୂ ଝିଅ ଜୋଇଁ ନାତିନାତୁଣୀଙ୍କ ଗହଣରେ ସମସ୍ତଙ୍କ ସେବା ଓ ସାନିଧ୍ୟ ଲାଭ କରି । ତାର ମୋର ଏତିକି ଫରକ ଯେ ତାର ଦେବା ପାଇଁ ଅଜସ୍ର ଧନ ଦଉଲତ ଯାହା ଉପରେ ଦାୟାଦମାନେ ଆଖି ରଖିପାରିବେ । ସେବାଧର୍ମକୁ ଉତ୍ସାହିତ କରିବା ପାଇଁ ମୋର ଫିକ୍ସଡ଼୍ ଡିପୋଜିଟ୍ ନାହିଁ । ତେଣୁ ମୋତେ 'ଏକେଲା ଚଲୋରେ' ଗୀତ ଗାଇବାକୁ ପଡ଼ିବ । ହାତରେ ଥିବ ବଡ଼ ଏକ ଦଣ୍ଡା ଯାହାକୁ ଆଶ୍ରା ବା ଅବଲମ୍ବନ କରି ଚାଲିବି ବା ପାରିଲେ ଭଣ୍ଡ ସେବାଧର୍ମୀଙ୍କ ମୁଣ୍ଡ ଫଟାଇବି ।

Digitized by srujanika@gmail.com

# ପୁଅ ହେଉ ବା ଝିଅ ହେଉ

ଦାଣ୍ଡ ଦରଜା ସେମିତି ମେଲା ଥିଲା । ସିଧା ଚାଲିଗଲି ଶୋଇବା ଘରକୁ; ମୁନ୍ନ, ପିଙ୍କୁ, ରାନୁଙ୍କୁ ଦେଖିବା ପାଇଁ ।

ପଶିଯାଇଛି, ଦେଖିଲି ସେମାନଙ୍କ ମାଆକୁ । ମାଆ ନା ମାଆର ଭୂତ ? ଯିମିତି ମତେ ଦେଖିଦେଇଛି ସେ ଵି ଚମକିପଡ଼ି ଦିପାଦ ଘୁଞ୍ଚିଯାଇ ଘଟ ପାଖରେ ଛିଡ଼ାହେଲା ପିଲାମାନଙ୍କୁ ଜଗି, କାଳେ ମୁଁ ସେମାନଙ୍କୁ ଡ଼ରେଇବି । ସେ ବି ମୋତେ ବୋଧହୁଏ ଭୂତ ବୋଲି ଭାବିଥିଲା । କାରଣ ଆମେ ଦୁହେଁ ଅଧଘଣ୍ଟାଏ ଆଗରୁ ପ୍ରତିଯୋଗିତା କରିଥିଲୁ କିଏ ଆଗ ଆତ୍ମହତ୍ୟା କରିବ ।

ମୁନ୍ନ, ପିଙ୍କୁ, ରାନୁଙ୍କୁ ଖୁଆଇ ପିଆଇ ସେ ଆଗ ବାହାରିଗଲା, ମୋ ଆଡ଼କୁ ନ ଚାହିଁ । ରାତି ସେତେବେଳକୁ ପ୍ରାୟ ସାଢ଼େ ଆଠଟା ହବ । ସିଏ ତ ଚାଲିଗଲା ମୁଁ ବା ବଞ୍ଚି ରହି ଲାଭ କ'ଣ ? ଏ ଝିଅ ତିନିଟା ମତେ ପାଳିବେ ? ତା'ଛଡ଼ା ମୁଁ ବି ରାଣ ନିୟମ ପକାଇ ସଂକଳ୍ପ କରିଛି ଆତ୍ମହତ୍ୟାର । ସିଏ ଯଦି କୌଣସି କାରଣରୁ ଆତ୍ମହତ୍ୟା କରି ନପାରି ଘରକୁ ଫେରିଆସେ ଏବଂ ମତେ ବଞ୍ଚିଥିବାର ଦେଖେ, ତେବେ ତୁଚ୍ଛ ତାଚ୍ଛଲ୍ୟରେ ହସି ମତେ ଶୂନ୍ୟକୁ ଉଡ଼ାଇ ଦେବ । ମୁଁ ବି ତେଣୁ ବାହାରି ପଡ଼ିଲି । ମୁନ୍ନ, ପିଙ୍କୁ, ରାନୁ ତ ଶୋଇଛନ୍ତି । ଭୟ କ'ଣ ? ସଂଜବେଳଟାଯାକ କାହିଁକି, ସାରାଦିନ ଯେତେ କଳି ଲାଗିଛି ତାର ଏକାବେଳକେ ଗୋଟାଏ ନିଷ୍ପତ୍ତି ହୋଇଯିବ; ଏମିତି ବିରାଡ଼ି କୁକୁର ପରି କଳି ଝଗଡ଼ା ଏପରିକି ଧସ୍ତାଧସ୍ତି ମାରପିଟ୍ ପର୍ଯ୍ୟନ୍ତ ଯାଇ କେତେଦିନ ଆମେ ବଞ୍ଚିବୁ । ସାଇପଡ଼ିଶାଙ୍କ ଆଗରେ ମୁହଁ ଦେଖାଇବୁ କେମିତି ?

ଅଥଚ ଆମର କେଉଁଥିରେ ଅଭାବ ନାହିଁ ? ଯୌବନ ଅଛି, ଧନ ସଂପତ୍ତି ପ୍ରଚୁର ଅଛି । ଆଉ କ'ଣ ଦରକାର ବଞ୍ଚିବା ପାଇଁ ? ସସମ୍ମାନ ସମାଜରେ ବନ୍ଧୁବାନ୍ଧବ ମେଳରେ ବଞ୍ଚି ରହିବା ପାଇଁ ? ପୁଣି ଆମ ଦୁହିଁଙ୍କ ରାଜଯୋଟକ । ଏକା ରାଶି, ଏକା କ୍ଷେତ୍ରରେ, ଏକା ଗୁରୁବାରରେ, ଏକା ମୀନ ଲଗ୍ନରେ ଆମ ଦୁହିଁଙ୍କ ଜନ୍ମ । (ବଇଦା ଗଣକ ବାହାଘର ବେଳେ ବାପାଙ୍କଠୁଁ ପଇସା ନେଇ ଗଣଗୁଛା କରିଥିଲା ! ମଲା ବି ନିଛେ ସିମିତି; ତା ନିଜ ପୁଅ ତାକୁ କୁରାଢ଼ିରେ ମାଆ ସାଙ୍ଗରେ ମିଶି ଛେଚି ମାରିଦେଲା ପରା ! ଠକ୍ ହୋଇଛି, ନିଜ ଜାତକଟା ଠିକ୍ ଦେଖିଥିଲେ ଏମିତି ଅପମୃତ୍ୟୁ ହୋଇଥାନ୍ତା !)

ପ୍ରକୃତରେ ବିବାହ ପରେ ଚାରି ପାଞ୍ଚ ବରଷ ଆମେ ଏକ ଆତ୍ମାରେ ହସଖୁସି

Digitized by srujanika@gmail.com

କେତେ ଆନନ୍ଦ ଉତ୍ସବରେ କାଳ ନ କଟାଇବୁ ? ଏ ଆତ୍ମହତ୍ୟା ରୋଗଟା ଏବେ ଦୁହିଁଙ୍କି ଗ୍ରାସିଛି ରାନୁର ଜନ୍ମ ପରେ ପରେ । ମୁନୁ ଜନ୍ମ ପରେ ଆମେ ଦୁହେଁ ଖୁବ ବେଶି ଖୁସି ନଥିଲେ ବି ସୁଖୀ ଥିଲୁ । ଦୁହିଁଙ୍କ ମତ ସମାନ, ପ୍ରଥମ ପିଲାଟି ଝିଅ ହେଲେ ଭଲ । ପିଙ୍କୁ ଜନ୍ମ ହେଲାବେଳକୁ ଏକୋଇଶିଆ, ଅନ୍ନପ୍ରସନ୍ନ ଆଦି କର୍ମ ଆଡ଼କୁ ମୋଟେ ମନ ଗଲା ନାହିଁ । ଦୁର୍ଯୋଗକୁ ଆମ ସାଙ୍ଗସାଥୀଙ୍କ ଗୋଟାକ ପରେ ଗୋଟେ ପୁଅ ହେବାର ଦୁଃସମ୍ବାଦ ଆମ କାନକୁ କ୍ରମାଗତ ଆସୁଥାଏ । ଆମେ ଆଉ ନିମନ୍ତ୍ରଣ ରକ୍ଷା କରୁ ନଥାଉଁ, ମନ କଷ୍ଟ ଏଡ଼ିବା ପାଇଁ ସମସ୍ତଙ୍କ ପୁଅ ପରେ ପୁଅ !

ପିଲାଝିଲା ପାଇବାର ଓରମାନ ମେଣ୍ଟି ଆସୁଥାଏ । ସ୍ତ୍ରୀ କହିବାକୁ ଆରମ୍ଭ କରିଥାନ୍ତି, "ବୋଝ ବୋଝ ଝିଅ ଜନ୍ମ ହୋଇ କ'ଣ ଆମ ବଂଶ ଉଦ୍ଧାର କରିବେ ?" ଝିଅ ଦୁଇଟି କିନ୍ତୁ କେତେ ସୁନ୍ଦର ଆଖି, ନାକ, ଚୂଳ, ରଙ୍ଗ ! ଗୁଲୁଗୁଲିଆ, କେତେକେତେ ଗୁଣର ହେବେ ବୋଲି ତୁଳସୀ ପରି ଦୁଇ ପତ୍ରରୁ ଜଣାପଡ଼ିଲାଣି । ଦିଟା ତ ! ଆମର କ'ଣ ଅଭାବ ଅଛି ଯେ । ଦି'ଟାକୁ ଦି' ଲକ୍ଷ ତ, ଆଉ କେତେ ଫିକ୍ସଡ଼ ଡିପୋଜିଟରେ ଟଙ୍କା ରଖିଦେଲେ ତ ହେଲା ! ତା'ଛଡ଼ା ପୁଅ ଆଜି ହେଇନି, କାଲିକୁ ତ ହେବ । ମାଡ଼ିଚାଲ ଏବଂ ମାଡ଼ି ଚାଲିଲୁଁ । ବିଜ୍ଞାନୀ, ଡାକ୍ତରମାନେ ଏତେକଥା କଲେ; ପେଟ ଭିତର ଝିଅଟାକୁ ପୁଅ ପାଲଟି ଯିବାର ବ୍ୟବସ୍ଥା ଆମର ସବୁ ସଂପଦ ନେଇକରି ପାରିଲେନି ! ଏବଂ ଆମର ସମସ୍ତ ଆଶଙ୍କାକୁ ଫଳବତୀ କରି ଜନ୍ମହେଲା ରାନୁ । ତଣ୍ଟିଚିପି ତା ମାଆ ମାରି ପାରିବନି କହିଲା, ମାରିଦବ କହିଥିଲେ ବି ମୁଁ ନା' କରିଥାନ୍ତି ଏବଂ କୁନିଝିଅର ତଣ୍ଟିରୁ ତାର ଲମ୍ବା ଲମ୍ବା ଆଙ୍ଗୁଳିଗୁଡ଼ାକୁ ଫିଟାଇ ଆଣିଥାନ୍ତି ।

ହେଲେ କାଳକ୍ରମେ ମୋର ବି ମାନସିକ ବିକାର ଆସିଲା; ନିଜକୁ ଧିକ୍କାର କଲି, ତାକୁ ପୁଅ ଦେଇପାରିଲି ନାହିଁ; ତାକୁ ଧିକ୍କାର କଲି ସେ ମୋ ପୂର୍ବପୁରୁଷଙ୍କ ପିଣ୍ଡ ବୁଡ଼ାଇ ଦେଲା ବୋଲି; ଭଲା ଘୋଡ଼ାମୁହାଁ ପୁଅଟାଏ ଜନ୍ମ କରିଥାନ୍ତା । ବିଧାତାକୁ ଅକଥା ଭାଷାରେ ଗାଳି ଦେଲି; ଏତେ ପୂଜାଅର୍ଘ୍ୟ ସତ୍ତ୍ୱେ ସାମାନ୍ୟ ଲିଙ୍ଗ ପରିବର୍ତ୍ତନ କାମଟା ତାଙ୍କ ଦେଇ ହେଲାନି; ଏଡ଼େ କାଠୁଆ ଠାକୁରଟା !

ସ୍ତ୍ରୀ ତେଣେ ଭାବି ଚାଲିଲେ ପୁଅ ଜନ୍ମ ନ କରିବା ଯାହା ଆଣ୍ଠୁକୁଡ଼ୀ ହବା ତାହା । ତଳ ସାହିରେ ଭୀମା, ଦୁଃଖା, ରାମା, ପେଟା, ଢ଼ୁଣ୍ଡୁରୁ ସମସ୍ତଙ୍କ ଗୋଟାକୁ ଗୋଟା ବର୍ଷକୁ ବର୍ଷ ପୁଅ ଲମ୍ବା ଧାଡ଼ି ଧରି ଆସୁଛନ୍ତି, ଅଥଚ ଆମର... । ସାଇପଡ଼ିଶା କହିଲେ, "ସବୁ ଅଛି, ପୁଅ ନାହିଁ ।"

ଲୋକଙ୍କୁ, ଠାକୁରଙ୍କୁ କାହିଁକି ଦୋଷ ଦେବା ? ଆମ ନିଜର ଅକ୍ଷମତା । ଆମେ ଦୁହେଁ ଭାବିନେଲୁ । ସବୁବେଳେ ଚିଡ଼ିଚିଡ଼ି ଭାବ; ସେଇ ଆଖି, ସେଇ ନାକ, ସେଇ ଅବିକଳ ଇନ୍ଦ୍ରିୟରାଶି ରହିଛି, ଅଥଚ କିଏ ଯେମିତି ଗୁଣି ଗାରିଡ଼ି କରିଦେଲା । ଆମେ ଦୁହେଁ ଭିଡ଼ଫାଟ୍ ଧରିବାକୁ ଆରମ୍ଭ କଲୁ । ଏକ ଶଯ୍ୟା ପରିବର୍ତ୍ତେ ପୃଥକ୍ ଶଯ୍ୟା କେବଳ

Digitized by srujanika@gmail.com

ନୁହେଁ ପୃଥକ୍ କୋଠରୀର ବ୍ୟବସ୍ଥା ହେଲା । ମୋ ଭାଗରେ ମୁନ୍ନ, ପିଙ୍କୁ ସେ ଦୟାକରି (ବାଧ ହୋଇ) ରାନୁକୁ ନେଲେ । ଏଇ ସନ୍ତାନ କାରଣ ନେଇ ବୈକୁଣ୍ଠ ନରକରେ ପରିଣତ ହେଲାପରି ଲାଗିଲା ।

ଗୋଟିଏ କାରଣ ଶହେ କାରଣରେ ପରିଣତ ହେଲା ମନୋମାଳିନ୍ୟ କ୍ଷେତ୍ରରେ, ସେ ଶହେ ପୁଣି ଶାଖା ପ୍ରଶାଖା ମେଲିଲା । ଏତେଦୂର ଗଲା ଯେ ଯେଉଁ ଚା' କପଟି ପାଇଁ ମୁଁ ସକାଳେ ଏତେ ଆକୁଳ ଓ ଆତୁର ଆଗ୍ରହରେ ଚାହିଁଥାଏ ତାହା ପିତା ଲୁଣିଆ ଗନ୍ଧିଆ ହେଲା ଏବଂ ମୁଁ ଘରକୁ ଫେରିଲାବେଳେ ମୁଣ୍ଡରେ ଓଢ଼ଣାଟାଣି ଜଳା କବାଟ ବା ଝରକା ଫାଙ୍କର ଟିକି ମୁହଁଟି ଦେଖିବା ଦୁର୍ଲ୍ଲଭ ହେଲା ।

ଦୁହେଁ ଦୁହିଁଙ୍କ କ୍ରୋଧର ଉପଶମ ପାଇଁ ଆମେ ତିନୋଟି ସନ୍ତାନଙ୍କ ପିଠି ଓ ଗାଲ ଉପରେ ସବୁବେଳେ ନଜର ରଖିଲୁ ଏବଂ ବିଧା ଚାପୁଡ଼ା (ଯଦିଓ ନିଜେ ନିଜକୁ ବା ପରସ୍ପରକୁ ଜଣାନଥିଲା) ମରାମରି ହେଲୁଁ । ଘର ଭିତରେ ଚେଁ ଚାଁ, ଭେଁ ଭାଁ ଧାଁ-ଦଉଡ଼ ସବୁବେଳେ ଲାଗି ରହିଲା, ଆମରି ଦୌରାତ୍ମ୍ୟରେ ପଡ଼ୋଶୀଟିଏ ଅନ୍ୟ ଭଡ଼ାଘରକୁ କେତେ ଦିନ ହେଲା ଚାଲିଗଲେଣି । ମୁନ୍ନ, ପିଙ୍କୁ, ରାନୁ କ୍ରମେ ତତ୍ତ୍ୱଯତ୍ନ ଅଭାବରେ ଶ୍ରୀହୀନା ହୋଇଗଲେ ଏବଂ ଛେଉଣ୍ଡ ପରି ଦିଶିଲେ । ଆମ ଦୁହିଁଙ୍କ ମୁହଁ ଦେବ ଦେବୀର ରୂପ ହରାଇ ରାକ୍ଷସ ରାକ୍ଷାସୀ ରୂପ ନେଲା ।

ଏମିତି ଦହଗଞ୍ଜିଆ ହୀନିମାନିଆ ଜୀବନକୁ ଶେଷ କରିବାର ଏକମାତ୍ର ଉପାୟ ଆତ୍ମହତ୍ୟା । ସୁଇସାଇଡ୍ ସ୍କ୍ୱାଆଡ୍ ନ ଗଢ଼ି ଆମେ ଅଲଗା ଅଲଗା ନିଷ୍ପତ୍ତି କଲୁଁ ସେଇ କୁକର୍ମ, ଅପକର୍ମ ପାଇଁ, ଯେଉଁଥିପାଇଁ ଲୋଡ଼ା ଦୁଇ ତିନିଟା ପାଖର ମୁହୂର୍ତ୍ତ । ମରିବା ପାଇଁ ବା ମାରିବା ପାଇଁ ଗୋଟାଏ ମୁଡ୍ ଆସିଲେ ତ ହେଲା ।

ଦିନଯାକର (ଦୁଇ) ଘଟଣାବଳୀରେ ପରିସମାପ୍ତି ଘଟାଇ ଯେତେବେଳେ କୁଆଡୁ ଖଣ୍ଡିଆ ଭୂତପରି ମାଡ଼ି ଆସି ସ୍ତ୍ରୀରନ୍ ରେଡ଼ିଓଟାକୁ ଟେବୁଲ ତଳକୁ ଫୋପାଡ଼ି ଦେଲେ ଏବଂ ମୋ ଚଷମାକୁ ନାକରୁ କାଢ଼ିନେଇ ତଳେ ବାଡ଼େଇ ଦେଲେ (ମନ ଭୁଲାଇବା ପାଇଁ ରେଡ଼ିଓ ଶୁଣିବା ବା ଖବରକାଗଜ ପଢ଼ିବା କେତେ ଦରକାର ସତେ ।) ମୋର ସେଇ ଯୋଡ଼ାଏ ପାଗଳ ମୁହୂର୍ତ୍ତ ଆସିଗଲା ଏବଂ ଅପମୃତ୍ୟୁ ଉଦ୍ଦେଶ୍ୟରେ ମୁଁ ଘରୁ ବାହାରିଗଲି ଗେଞ୍ଜି ଲୁଙ୍ଗି ପିନ୍ଧି ଅନ୍ଧାରୁଆ ଜଗତକୁ । ମୋର ଚେତା ନଥିଲା । ବହିର୍ଜଗତ ଅଛି ଏକଥା ଭୁଲି ଯାଇଥିଲି ।

ମୁଁ ଦିନେ ଦି'ଦିନ ହେବ ସେଇ ଆତ୍ମହତ୍ୟା କଥାଭାବି ଉପାୟ ଓ ସ୍ଥାନ ମନେ ମନେ ନିରୂପଣ କରିସାରିଥିଲି, କାଳେ ରାଗ ବା ଦୁଃଖର ଚୋଟରେ ବିଚାର ଶକ୍ତିହୀନ ହୋଇ ବାଜେ ଭାବରେ ନିଜକୁ ଶେଷ କରି ବସିବି ଏବଂ ଜନେ ହସିବେ । ଆତ୍ମହତ୍ୟାର ବି ତ ଗୋଟାଏ ଡିସେଣ୍ଟ ଓଏ ଅଛି ।

ନିଦ ବଟିକା ମୁଠାଏ ଖାଇଦେବି । ବଢ଼ିଆ ଉପାୟ; କିନ୍ତୁ ଭେଜାଲ ବା ମାତ୍ରାଙ୍କାନର

Digitized by srujanika@gmail.com

ଅଭାବରେ ଇପ୍‌ସିତ ଫଳ ନ ମିଳିପାରେ, ଡାକ୍ତର ହୁଏତ ବଞ୍ଚାଇଦବ । ଛାଡ଼ ! ପିସ୍ତଲ ତ ନାହିଁ । ଛୁରା ଛାତିରେ ଭୁଷିବି, ମୁଠାରେ ବଳ ନ ପାଇପାରେ । ଖାଲି ଘାଉଲା ହବା ସାର । ଛାଡ଼ !

ସେଦିନ ଭିତ୍ତିପ୍ରସ୍ତର ପାଖରେ ଛିଡ଼ାହୋଇ ଅଢ଼େଇ କୋଟି ବ୍ୟୟରେ ନିର୍ମିତ ଫ୍ଲାଇଓଭରର ବିବରଣୀ ଯାହା ରେଳଲାଇନ୍ ଉପରେ ପଢୁଥିଲି । ସେଥିରେ ଉଚ୍ଚତା ଲେଖାଥିଲା ପନ୍ଦର ମିଟର । ମରିବା ପାଇଁ ପ୍ରଶସ୍ତ, ଯଥେଷ୍ଟ ଉଚ୍ଚ । ଭଲ ହୋଇଛି ଏ ଯାକେ ଅନ୍ଧାର ଅଛି କିଲୋମିଟର ଯାକ । ମ୍ୟୁନିସିପାଲିଟି ନିର୍ବାଚନ ସରିବ, ଉଜ୍ଜ୍ୱଳ ଆଲୋକ ଆସିବ, ବର୍ତ୍ତମାନ କେବଳ ଆଲୋକିତ ଅନ୍ଧାର । ରାତି ଦଶଟା ପରେ ଟୋକା ଟୋକିଏ ସନ୍ଧ୍ୟା ସୋ ସିନେମା ପରେ ଡ୍ରଗ, ଦେଶୀ/ପବ୍‌ରନ୍, ଗଞ୍ଜା (ସବୁ ପୋଲ ତଳେ ଅଛି) ଖାଇପିଇ ଟାଣି ଏଇଠି ଆରମ୍ଭ କରନ୍ତି ଆତ୍ମହତ୍ୟାର ଅଭିନୟ । ଡେଇଁପଡ଼ିବି ଆଖିବୁଜି ନିଃଶ୍ୱାସ ବନ୍ଦ କରି, ସବୁ ଅନ୍ଧକାର । ଏଇତ ଟ୍ରେଜିକ୍ ହିରୋ ।

କିନ୍ତୁ ସଂକଳ୍ପ କ୍ରମେ ନରମ ହୋଇଆସୁଛି କାହିଁକି ? ଜୀବନଯାକ ବଞ୍ଚିବାରେ ଯେତେ କଷ୍ଟ ଆୟାସ ନଥିଲା ମରିବା ତା'ଠାରୁ ଅଧିକ କଷ୍ଟକର ଜଣାପଡୁଛି । ଆତ୍ମହତ୍ୟା ପାଇଁ ସବୁ ଗବେଷଣା ନୀତିଶାସ୍ତ୍ର ପଢ଼ି ସାରିବା ପରେ ଦୁର୍ବଳତା ମନକୁ ଛୁଉଁଛି କିପରି ? ଆରେ ଡେରି ହୋଇଯାଇଛି । ବାଘୁଣୀ ଯଦି ଏଇଲାଗେ ଆସେ ,ଦେଖିବ ଯେ ମୁଁ ଆତ୍ମହତ୍ୟା ଏ ଯାକେ କରିପାରିନି ତେବେ ସେ ମୋତେ ଚିଣିଯିବ । ନା, ହେଇ ଡେଇଁଲି । ପଚାଶ ଫୁଟ ଯଥେଷ୍ଟ, କାଲି ସକାଳୁ ସେ ଆସି ଦେଖିବ ଶସଟି ଉଭେଇ ଯାଇଛି, ଖାଲି ଚୋପାଟି ଖୋଳପାଟି ପଡ଼ିଛି । ତଳକୁ ଚାହିଁଲି, ଅନ୍ଧକାର । ସେଇ ଅନ୍ଧାର ଭିତରେ ମୁନ୍ନୁ, ପିଙ୍କୁ, ରାନୁଙ୍କ ମୁହଁମାନ କ୍ଷଣିକ ପାଇଁ ଦିଶିଗଲା । ମୁଁ ନଇଁପଡ଼ି ଏକ ଦୁଇ ତିନି କହି ଡେଇଁପଡ଼ିଲି; ଆଗକୁ ନୁହେଁ ପଛକୁ । ଯେଉଁଠି ଛିଡ଼ା ହୋଇଥିଲି ସେଇଠି ପଡ଼ିଲି । ପିଚାକୁ ଟିକେ କାଟିଲା ପରି ଲାଗିଲା ।

କେଉଁ ଏକ ଅଦେଖା ହାତ ମତେ ତେବେ ଏ ଆତ୍ମୋତ୍ସର୍ଗରୁ ବାଧା ନିବୃତ୍ତି ଦେଲା ! ସେ ଚାହେଁ ନାହିଁ ମୋର ମରଣ; ମୁନ୍ନୁ, ପିଙ୍କୁ, ରାନୁ ବି ବୋଧହୁଏ ଚାହାନ୍ତି ନାହିଁ । କେବଳ ମୋ ସ୍ତ୍ରୀ ଚାହୁଁଥିବ !

ଏତିକିବେଳେ ଗୋଳେଇଆଡୁ ଆସୁଥିବା ଗୋଟାଏ ଟ୍ରକର ଆଲୁଅ କ୍ଷଣକ ପାଇଁ ମୋ ଉପରେ ପଡ଼ିଲା । ସ୍ୱଳ୍ପ ଅପ୍ରଶସ୍ତ ପୋଷାକ ପାଇଁ ମୁଁ ଲଜ୍ଜିତ ହେଲି । ତା'ପରେ ମୋର ପୂରା ଚେତା ଆସିଲାରୁ ଉପଲବ୍ଧି କଲି ଯେ ଆତ୍ମହତ୍ୟା ମୋ ଦେଇ ହେଲା ନାହିଁ । ଏଥର ଆଇନକାନୁନ କଥା ଭାବିଲି । କେହି ଦେଖି ନାହିଁ ତ ? ଆତ୍ମହତ୍ୟା କରିପାରିଲେ ତ ଭଲ ନ କରିପାରିଲେ ଆତ୍ମହତ୍ୟାର ପ୍ରଚେଷ୍ଟା ଯୋଗୁଁ ମୋତେ ଥାନାବାଲାଏଁ... ଧୀରେ ଧୀରେ ଚୋରଙ୍କ ପରି ପୋଲ ତଳକୁ ଖସିଯିବାର ଚେଷ୍ଟା କଲି । ମନେ ପଡ଼ିଲେ ମୁନ୍ନୁ, ପିଙ୍କୁ, ରାନୁ । କି ଆଶ୍ଚର୍ଯ୍ୟ ! ସେମାନଙ୍କଠାରୁ ବିଦାୟ ନ ନେଇ ଶେଷ ଦେଖା ନ ଦେଇ

Digitized by srujanika@gmail.com

ମୁଁ କେମିତି ଆସିପାରିଲି ? ତାଙ୍କ ମାଆ ମୋରି ପଛେ ପଛେ ଆସି ଯଦି ଆତ୍ମହତ୍ୟାର କୃତକାର୍ଯ୍ୟ ହୋଇ ପୋଲ ତଳେ ପଡ଼ିଥିବ ତେବେ କିଏ ଚିହ୍ନଟ କରିବ । ପୋଲତଳ ଯାଏଁ ପ୍ରାୟ ଦଉଡ଼ିବାକୁ ଆରମ୍ଭ କଲି । ପୋଲତଳ ଅଣଓସାରିଆ ରାସ୍ତାର ଏପାଖ ସେପାଖ ନାରୀମୂର୍ତ୍ତି କେଉଁଠି ପଡ଼ିଥିବ ବୋଲି ଚାହିଁଲି । ପୋଲ ଶେଷ ପହୁଞ୍ଚିବା ଉପରେ; କାହିଁ ? ସେ ତେବେ ଅନ୍ୟ ଉପାୟରେ ଆତ୍ମାହୁତି ଦେଲା ? କି ପେଥେଟକ୍ !

ଢଳେଇ ପୋଲ ଫ୍ଲାଇଓଭର ଯେଉଁଠି ସରିଛି ଏବଂ ରାସ୍ତାର ମାଟିକାମ ଆରମ୍ଭ ହୋଇଛି, ସେଇଠି କ୍ଷଣେ ନିଃଶ୍ୱାସ ମାରୁଥାଏ । ଆମ କୋଠଟା ସେଠାରୁ ପ୍ରାୟ ତିନିଶହ ଗଜ ହେବ; ଆଲୁଅ ସବୁ ଜଳୁଛି, ଆତ୍ମହତ୍ୟାକୁ ବାହାରି ଆସିଥିଲା ବେଳେ ଯିମିତି ଜଳୁଥିଲା । ଦେଖିପାରୁଛି କବାଟ ଝରକା ସବୁ ଭାଁ ଭାଁ ହୋଇ ମେଲା ରହିଛି । ମୁନ୍ନ, ପିଙ୍କୁ, ରାନୁ, ହାୟ ! ନିରାଶ୍ରୟ ଭିଖାରୀ ଛୁଆ ପରି ପଡ଼ିଥିବେ, ଯଦି ତାଙ୍କ ମାଆ ବି ବାହାରି ଆସିଥାଏ ଆତ୍ମହତ୍ୟାକୁ । ସବ୍‌ସକ ହୋଇ କାନ୍ଦିଲି; ଟୋପାଏ ଦି'ଟୋପା ଲୁହ ଗଡ଼ିଆସିଲା ଗାଲ ଦେଇ ।

ପୋଲତଳ ସେଇ ଗୁମ୍ପା ପରି ଅନ୍ଧାର (ଛିଡ଼ା ହେଲେ ମୁଣ୍ଡ ବାଜିବ) ସ୍ଥାନ ଆଡ଼କୁ ଅନାଇଲି । ପରିବ୍ୟାପ୍ତ ଅନ୍ଧାର ଭିତରେ ଭିଡ଼ିଓ ଛବିପରି ଦୃଶ୍ୟଟାଏ ମୋତେ ଦିଶିଗଲା । ପାଖ ଦୋତାଲା ରେଲିଂ ପରଦାବିହୀନ ଝରକା ଦେଇ ବାରଲାଇଟ୍ ଆଲୁଅ ଗୁମ୍ପାଟି ଚତୁଷ୍କୋଣାକାର ଛବି ପରି ଆଲୋକିତ ହୋଇଛି । ଯିମିତି ରୂପେଲୀ ପରଦାରେ ଛବି ସବୁ ଦଣ୍ଡେ ପରେ ପଡ଼ିବ ।

ସମ୍ମୁଖରେ ଦେଖିଲି ଅପୂର୍ବ ଦୃଶ୍ୟ । ବିଶ୍ୱବିଖ୍ୟାତ ବ୍ଲୁ ଲେଗୁନ ଫିଲ୍ମୀର ବହୁ ପ୍ରଚାରିତ ବିଜ୍ଞାପନୀ ଛବିରେ ନାୟକ ନାୟିକା ଛିଡ଼ା ନ ହୋଇ ପାଖେ ପାଖେ ଲଗାଲଗି ହୋଇ ବାଲି ଶେଯରେ ଶୋଇଥିଲେ ଯିମିତି ଦିଶନ୍ତେ ସେମିତି ପ୍ରକୃତ ଜୀବନ କ୍ଷେତ୍ରରେ ଶୋଇଛନ୍ତି କଳାକଳା ପୁରୁଷ ଓ ସ୍ତ୍ରୀ, ଉଭୟଙ୍କ ପରିଧାନ ପ୍ରାୟ ନାହିଁ । ସ୍ତ୍ରୀ ଲୋକଟିର ଛାତିରେ କଅଁଳା ପିଲାଟାଏ ପେଟେଇ ଶୋଇ ଗୋଟାଏ ସ୍ତନକୁ ଚଁ ଚଁ କରି ପିଇଚାଲିଛି, ଅନ୍ୟଟିର ବେଣ୍ଟିକୁ ବାଁ ହାତରେ ଧରି ମୋଡୁଛି । ଆଉ ମଧ ଦି'ଟା ଝିଅ ସେମାନଙ୍କ ଚାରିପଟେ ଘୂରି ଘୂରି ତାଙ୍କ ଭାଷାରେ କ'ଣ ଗୁଡ଼ାଏ ଗୀତଗାଇ ନାଚୁଛନ୍ତି, କେତେବେଳେ ବଜାରିଆଙ୍କ ଠାରୁ ଶିଖିଥିବା ଡିସ୍‌କୋ ନାଚ ବି ବାପ ମା'ଙ୍କୁ ଦେଖାଉଛନ୍ତି । ମାଟିଆ ରଙ୍ଗର ରୋଗା କୁତାଟାଏ ପୁରୁଷର ଗୋଡ଼କୁ ଲାଗି ଶୋଇଛି ଏବଂ ଲାଞ୍ଜ ଭୂଇଁରେ ପିଟି ପିଟି ତାଳ ଦେଉଛି ସେମାନଙ୍କ ସହିତ । ପୁରୁଷର ମୁଣ୍ଡ ଆଡ଼କୁ କଳା ପାଣିମାଠିଆ, ହାତେ ଦୂରରେ ବାଉଁଶିଆ ଯାହା ଭିତରେ ପଖାଳ ହାଣ୍ଡି, ବଡ଼ କଂସା ବେଲାଟାଏ, ମୁଣ୍ଡି ଛାଞ୍ଚୁଣି ଓ ଲାଉ ତୁମ୍ବିଟାଏ । ଚୁକ୍ରୁଗା ପଟିଆ ଛିଣ୍ଡାକନା ଏଣେ ତେଣେ ପଡ଼ିଥିବାରୁ ମଶାଣିର ଦୃଶ୍ୟଟିଏ ଦେଖିବାକୁ ମିଳୁଛି । ଯେଉଁ ତିନୋଟି ସନ୍ତାନସନ୍ତତି ଦେଖିଲି; ଛଅ ଚାରି ଦୁଇ ବୟସର; ଆମରି ମୁନ୍ନ, ପିଙ୍କୁ, ରାନୁ ସାଇଜର । ଏମାନେ କିନ୍ତୁ ଆଇକାତରା

Digitized by srujanika@gmail.com

ପରି କଳା । ସ୍ତିମିତ ସୀମିତ ଆଲୋକରେ ମଧ୍ୟ ସ୍ପଷ୍ଟ ଜାଣିହେଉଥିଲା ସମସ୍ତେ ଝିଅ ।

କୌତୂହଳୀ ହୋଇ ଦଣ୍ଡେ ଛିଡ଼ା ହୋଇ ରହି ପଚାରିଦେଲି, 'ଏତେ ରାତି ହେଲାଣି, ଶୋଇନ ତୁମେ ସବୁ । ପିଲାଝିଲାଏଁ କ'ଣ ରାତିଯାକ ଏମିତି ଉଜାଗରରେ କଟେଇବେ ?'

ପୁରୁଷଟା କହିଲା, 'ନିଦ ମାଡ଼ିଲେ ଶୁଇବେ । ଅଖଣି ଖେଳୁଛନ୍ତି । ଆମର ତ କଡ଼େ ନିଦ ହେଇ ଗଲାନି । ଆଲୁ ନା ଦୀପ, ଆମର ତ ଏଠେ କିଛି ନାହିଁ । ବେଳଠୁଁ ପଖାଳପାଣି ଖାଇଦେଇ ଶୁଇଗଲେ ହେଲା । ଆମରି ଦିନ ଯାହା ରାତି ବି ତାହା ।'

'ଏ ତିନିଟାଯାକ ଝିଅ ? ଗୋଟେ ବି ପୁଅ ନାହିଁ ?'

'ଝିଅ କିଏ ପୁଅ କିଏ ପଚାରୁଛି କିଏ ? ଦେଖୁଛି କିଏ ? ଆମର ହାତରେ କି ଝିଅ ପୁଅ ଅଛି ? ପୁଅ ହେଲେ ବି ମର ଲୁଆ, ଝିଅ ହେଲେ ବି ମର । ତୁମର ବଡ଼ ନୁକ ଯେତେ ଝିଅ ପୁଅ ବାଛ, ଆମର ସବୁ ସମାନ । ଝିଅ ହେଲେ ବି ଖଟିକୁଟି ଖାଇବ, ପୁଅ ହେଲେ ବି ଖଟିବ ଖାଇବ । କାମ ଦାମ ନ କରି ଦୁନିଆଁରେ କିଏ ବଞ୍ଚିଛି ? ପୁଅ ହେଲା ବୋଲି ପାଳିବି, ଝିଅ ହେଲେ ପକେଇ ଦେବି ! କି ଯେ କହୁ !'

'କିମିତି ଏତେ ପ୍ରାଣୀ ବଞ୍ଚୁଛି ଜଣକର ମଜୁରୀ ଉପାର୍ଜନରେ ?'

'କହିଲି ଯେ ଖଟୁଛି, ଖାଉଛି, ଆମର ଦୁଇଜଣ ଯେ । ଷୋଳ ଟଙ୍କାରେ ଦିନକର ହବନି ? ଆଉ କେତେଦିନ ଗଲେ ବଡ଼ଟା ଛେଳି ଜଗିବ, ଖତ କୁଢ଼େଇବ ?'

'ହେଲା ତର କଥା । ଖୁଏଇ ପିଏଇ ବଡ଼ କଲୁ । ବାହାଘରା ଦବୁ ତିନିତିନିଟା ଝିଅକୁ କିମିତି ?'

'ବାହା କେମିତି ଦେବି ! କଂସା ଖଣ୍ଡେ କି ବେଲାବାସନ ଖଣ୍ଡେ ଆଉ କନାକପଟା ହାତେ ହେଲେ ତ ବାହାଘର ହେଲା । ମର ଝିଅଟାର କି ଦାମ ନାହିଁ ଯେ ଆହୁରି ଟଙ୍କା ପଇସା ଜିନିଷପତ୍ର ଦେବି ? ଓଲଟା ପଣ ଦେଇ ତ ବର ମର ଝିଅକୁ ନବ । ତୁମର ଜାତିର ମିତି ଆମର ଝିଅକୁ ସୁନା ଗହଣା ଦେଇନି । ତୁମର ବଡ଼ ନୁକ ପୋଲ ଉପରେ ଯାଅ, ଆମର ତଳେ । ଆମର ଏଇଠି ପଡ଼ିଛି ଖରା ହେଲା ଭଲ, ବର୍ଷା ହେଲା ଭଲ ।'

'ତୁମେ ମରିଗଲେ ତୁମର ଯାହା ଅଛି କିଏ ଖାଇବ, କାହାକୁ ଦେଇଯିବ ?'

'ତୁ ନବୁ, ତୁ ଖାଇବୁ । ତୁ ଏତେ ବୋକା ! ତର ଗୁଳାଏ ଅଛି, ଘର ଦୁଆର ଅଛି ବୋଲି ଏକଥା ପଚାରୁଛୁ ! ଆମର ପି.ଇ. (ପ୍ରଜେକ୍ଟ ଇଞ୍ଜିନିୟର) ରକମ ହେଉଛୁ ।'

ଭାଗ୍ୟ ଭଲ ସେ ମୋତେ ଚିହ୍ନିନି । ସବୁ ଦେଖୁଥାଏ, ଶୁଣୁଥାଏ, ଭାବୁଥାଏଁ । ଭାବୁଥାଏ ସିଏ ଯଦି ୟାର ଏ ଜ୍ଞାନ କଥାଗୁଡ଼ାକ ଶୁଣିଥାନ୍ତା, ତେବେ ଆତ୍ମହତ୍ୟା ଆଡ଼କୁ ଆଗେଇଥାନ୍ତା ! ମୁଁ ତ ମୂର୍ଖ, ସେ ମହା ମୂର୍ଖ । ଆମରି କୋଠା ପାଖରେ ଏ ମହର୍ଷି ପଡ଼ିଛି ଅଥଚ ଆମେ ଦିଟା ହାସ୍ୟାସ୍ପଦ ହେଉଛୁ ।

ମନଟା ଆଉଟୁ ପାଉଟୁ ହେଉଥାଏ ଘରକୁ ଫେରିବା ପାଇଁ ମୁନୁ, ପିଙ୍କୁ, ରାନୁକୁ

Digitized by srujanika@gmail.com

ଦେଖିବା ପାଇଁ । ଆଉ ପଦେ ଦିପଦ କଥା କହି ବୁଝିଲି ସେମାନେ କେତେ ବର୍ଷ ପୂର୍ବେ ଖିମିଳିପାଳ ଅଞ୍ଚଳରୁ ଏଠାକୁ ଆସି ପୋଲ କାମ କରୁଥିଲେ । ତାଙ୍କ ନିଜ ପାଇଁ ସହରାଞ୍ଚଳରେ ସ୍ଥାନ ନ ପାଇ ପୋଲତଳ ଗୁମ୍ଫାରେ ରହି ଯାଇଛନ୍ତି । ଦୁଇଟି ପ୍ରାଣୀ ପାଖାପାଖି ଅନେକ ଦିନ କାମ କରୁଁ କରୁଁ ଦିହ ଘଷାଘଷି ହେଉଁ ହେଉଁ ପ୍ରେମରେ ଆବିଳତା ଆସିବା ପୂର୍ବରୁ (ଆଦିବାସୀ ଝିଅ ଉପରେ ଛାଟିଆ ବାବୁ ଠାରୁ ଛତ୍ରପତ ପି.ଇ. ଯାକେ ଆଖି ରଖନ୍ତି) ସେମାନେ ବି ଆମ ପରି ମେଡ୍ ଫର୍ ଇଚ ଅଦର ହୋଇଗଲେ ବିନା ଯାତକ ଟିପଣାରେ । ସେମାନଙ୍କ ପରିବେଶ ଓ ଜୀବନଯାପନ ପ୍ରଣାଳୀ ଓ ଜୀବନ ଦର୍ଶନରୁ ଭାବିଲି ଗୌତମ ରାଜବାଟୀରୁ ବାହାରି ଦିନେ ଯଦି ଏମାନଙ୍କୁ ଦେଖି କଥାବାର୍ତ୍ତା କରିଥାନ୍ତେ ତେବେ ନିର୍ବାଣ ଖୋଜିବା ଆଗରୁ ୟାଙ୍କୁ ଘରଦ୍ୱାର ପୋଷାକପତ୍ର ଯୋଗାଇବା କଥା ଆଗ ଭାବିଥାନ୍ତେ; ପ୍ରାସାଦ ଛାଡ଼ି ପଳାଇ ନଥାନ୍ତେ ବଣଜଙ୍ଗଲକୁ ନିର୍ବାଣର ଅନୁସନ୍ଧାନରେ ।

ଏକମୁହାଁ ଘର ଭିତରକୁ ପଶିଯାଇ ପରସ୍ପରର ଭୂତ ଦେଖିଲୁଁ । ଭାବିଲି ଆତ୍ମହତ୍ୟା କରିବା ପାଇଁ ଯେମିତି ନୈତିକ ଓ ମାନସିକ ସାହସ ଦରକାର ସ୍ତ୍ରୀ ତାହା ମୋରି ପରି ସଂଗ୍ରହ କରି ପାରି ନାହାନ୍ତି । ମୃତ୍ୟୁ ତାଙ୍କୁ ବି ହୁଏତ ରିଜେକ୍ଟ କରି ଦେଇଛି । କ୍ଷଣେ ଚାହାଁଣି ପକାଇ ଦେଖିଲି ବେଡ୍‌ରୁମ୍‌ରେ ମୁନ୍ନୁ, ପିଙ୍କୁ, ରାନୁ ପରସ୍ପର ଦିହରେ ହାତ ପକାଇ (ମନେ ମନେ ବାପା ମାଆଙ୍କୁ କୁଣ୍ଢେଇ ଶୋଇଛନ୍ତି) ଶୋଇଯାଇଛନ୍ତି । ତାଙ୍କ ଆଡ଼େ ନ ଚାହିଁ ଆଡ଼ ମୁହଁ ହୋଇ ଅତିଥିଙ୍କ ପାଇଁ ଉଦ୍ଦିଷ୍ଟ ବାହାର କୋଠରୀକି ପଶି କବାଟ ବନ୍ଦ କରି ଶୋଇଗଲି ।

ସକାଳେ ଠକ୍‌ଠକ୍ ଆୱାଜ ଶୁଣି ଉଠିପଡ଼ି କବାଟ ଫିଟାଇଲି । ଗୋଟାଏ ପୂରା ରାତିର ପାକଳ ନିଦ ଉତ୍ତପ୍ତ ମସ୍ତିଷ୍କକୁ କେତେ ଶୀତଳତା ଓ ପ୍ରଶାନ୍ତି ଆଣି ନଦିଏ । ପରଦା ଉଠାଇ ଦେଖିଲି ସେଇ ସ୍ୱର୍ଗୀୟ ଦୃଶ୍ୟ ଯାହା ଜୀବନଯାକ ନିତି ପ୍ରତି ସକାଳେ ଦେଖି ଅପାର ସୁଖ ଓ ଶାନ୍ତିରେ ଦିନଟି କଟାଇବାକୁ ମୁଁ ଭଲ ପାଇଛି । ଦି'ଦିପଟ ସୁନାଚୁଡ଼ି ପିନ୍ଧା ଗୋରା ଗୋରା ହାତରେ ଧୂଆଁ ବାହାରୁଥିବା ଚାଇନା କପଟି ଧରି ଆଖିରେ ନାନା ମେଜିକ୍/ଭେଲ୍‌କି ଦେଖାଇ ଯଦି ଛିଡ଼ାହୋଇ ସ୍ୱର୍ଗ ମାଗନ୍ତି ମୁଁ ତ ଖଣ୍ଡେ ତାଙ୍କୁ ଦେଇଦେବି । ମୁଁ ସବୁ ଭୁଲି କଥା କେଉଁଠୁ ଆରମ୍ଭ କରିବି ଠିକ୍ କରିପାରିଲିନି । ଚା' ଚୁମୁକେ ଚୁମୁକେ ପିଉଥାଏଁ ତାଙ୍କ ମୁହଁକୁ ଚାହୁଁଥାଏ । କପ୍ ଥୋଇଲା ମାତ୍ରେ ସେ ମୋ ହାତକୁ ନେଇ କପାଳରେ ଥୋଇଲେ, କହିଲେ ତାତିଛି ନା ? କାଲି ରାତି କି କାଳରାତ୍ରି ! ଗୋଟାଏ ପିଶାଚୀ ଆଶ୍ରା କରିଥିଲା ମତେ । ତୁମକୁ ବି ଭୂତ ଛାବୁଡ଼ିଥିବ । ଜଗନ୍ନାଥଙ୍କ ଦୟାରୁ ଦୁହେଁ ବର୍ତ୍ତିଗଲୁଁ, ମୁନ୍ନୁ, ପିଙ୍କୁ, ରାନୁ ବି ବର୍ତ୍ତିଗଲେ । ଦୁହେଁ ଚାଲିଯାଇଥିଲେ ସେମାନଙ୍କ କଥା କିଏ ବୁଝିଥାନ୍ତା ? ସେମାନେ କ'ଣ ଚଢ଼େଇଚଟା ଗୋରୁଛେଳି ହୋଇଛନ୍ତି ଯେ ମା' ବାପ ଛାଡ଼ିଗଲେ ଚରିବୁଲି ଖାଇବେ ! ତେଣା ଲାଗିନି ବିଚାରାଙ୍କର । ତଥାପି ମୁଁ ଗଲି ଆତ୍ମହତ୍ୟା ପାଇଁ କି ତୁମକୁ ଫେରାଇ ଆଣିବାପାଇଁ ମନେ ପଡୁନି । ପୋଲ

Digitized by srujanika@gmail.com

ଉପରଟା ଖୁବ୍ ଅନ୍ଧାର, ଡ଼ର ମାଡ଼ିଲା, ଗୋଟାଏ ଜାଗାରେ ତଳକୁ ଚାହିଁଲି । ଡର ମାଡ଼ିଲା ପୋଲ ତଳେ ତଳେ ଚାଲିଲି; କାଳେ ତୁମେ କେଉଁଠି ପଡ଼ିଯାଇଥିବ, ପାଖରେ କେହି ନଥିବେ । ତୁମକୁ ନପାଇ ଗୋଟାଏ ଅଦ୍ଭୁତ ଜାଗାକୁ ଚାଲିଗଲି । ସେ ଜାଗାଟାକୁ ତୁମକୁ ଦେଖାଇବି ଆସ, ମୁନୁ, ପିଙ୍କୁ, ରାନୁ ଉଠିନାହାଚି । ଏଇଠି ପାଖରେ, ଆସ ଯିବା ତୁମେ କଦାପି ଭାବିବ ନାହିଁ ଯେ ମୁଁ ଆତ୍ମହତ୍ୟା କରିବାକୁ ଡ଼ରିଲି । ଅସଲ କଥାହେଲା ରାଗ ଚୋଟରେ ଭୁଲିଗଲି ତୁମକୁ ପଚାରିବାକୁ କିମିତି ଆତ୍ମହତ୍ୟା କରିବାକୁ ହୁଏ । ସ୍ୱାମୀକୁ ନ ପଚାରି ମୁଁ କ'ଣ କିଛି କରେନା କରିପାରେଁ ।''

''ମୋର ବି ସେଇ ଅବସ୍ଥା । ତୁମକୁ ନ ପଚାରି ମୁଁ ବି ଫେଲ୍ ମାରିଛି, ଥରେ ଡେଇଁଥିଲି ଯେ ଆଗକୁ ନ ଡେଇଁ, ପଛକୁ ଡେଇଁଲି ।''

ଦୁହେଁ ଚାଲିଲୁଁ । ସେଇ ଜାଗାକୁ ଯେଉଁଠି ଗୁମ୍ଟିର ବାସିନ୍ଦାଙ୍କୁ ରାତିରେ ଭେଟିଥିଲି । ଏ ସ୍ଥାନଟା ଗୁମ୍ଟିର ଅପରପାର୍ଶ୍ୱ ବାଉଁଶତାଟି ଚାଞ୍ଚଡ଼ାର ବ୍ୟବଧାନ ମାତ୍ର । 'ଦେଖ' କହି ସେ ମୋ ପାଖରେ ଛିଡ଼ା ହୋଇଗଲେ । 'କାଲି ଏଇଠୁ ଘରକୁ ଫେରିଲି ।'

ଦେଖିଲି, ବୁଢ଼ାଟାଏ ବାଡ଼ି ଖଣ୍ଡିଏ ଧରି ଇଟା ଦୁଇଟା ଉପରେ ବସିଛି । କାଲି ରାତି ଆର ପାଖରେ ତିନିଝିଅ ଓ ବାପ ମାଆଙ୍କୁ ଯଦି ଦେଖିଥିଲି ଏଠି ଦେଖିଲି ବୁଢ଼ା ସାତ ଝିଅଙ୍କୁ ବେବି ସିଟିଂ କରୁଛି । ବାପ ମାଆମାନେ କାମକୁ ବାହାରି ଯାଇଛନ୍ତି ଭୋର ସକାଳୁ ପଖାଳ ତୋରାଣି, ଚୂନ ଦୋକତା ଧରି । ଦଣ୍ଡେ ଛିଡ଼ା ହୋଇ ସେମାନଙ୍କ ଡିଆଁ ଧାପଡ଼ା, ଖେଳ କଉତୁକ କଳିଗୋଳ ଦେଖିଲୁଁ । ମାରପିଟ୍ ପର୍ଯ୍ୟନ୍ତ ଯାଇ କନ୍ଦାକଟା କଲାବେଳକୁ ବୁଢ଼ା ଖୁଖୁୟାଁ କାଶ ସହିତ କହିଲା, ''ଦେଖ ଦେଖ ଏଇ ରେଲ ଯାଇଛି । ହେଇ ପୋଲ ଉପରେ ମଟର, ଏଇ ରେକ୍ସା, ହେଇ ବାବୁ ବାବୁଆଣୀ ।''

ସେମାନଙ୍କୁ ଦଣ୍ଡେ ନିର୍ବିଶେଷରେ ଚାହିଁ ପଦେ କଥା ପଚାରୁଛି ବୁଢ଼ାଟି ଗର୍ଜି ଉଠି କହିଲା, ''କିଏ ହୋ ତୁ ବାବୁ କାଲି ରାତି ତର ଗଳା ଶୁଣିଥିଲି, ଆଉ୍ ଫେର ଏ ପାଖକୁ ଆସି କଟମଟ କରି ଚାହୁଁଛୁ ଆମକୁ, ଛୁଆ ଡରି କାନ୍ଦିଲେନି ତୁମ୍ଭମାନଙ୍କୁ ଦେଖି । ପଳାଅ ଯାଅ ନହେଲେ କୁକୁରଟା କାମୁଡ଼ିଦବ । ସେ ପାଖର କୁକୁର ଏ ପାଖକୁ ଆସିଯାଇଛି । ତତେ ମନ୍ତର ଯନ୍ତର ଗୁଣିଗାରିଡ଼ି ଆସେ ନା କି ?''

ସର୍ବମୟ କର୍ତ୍ତା ହୋଇଥିବାରୁ କାହାରି କଡ଼ାଗଳା ମଫସଲ ସହରରେ ଏତେଦିନ ଶୁଣିନଥିଲି । ବୁଢ଼ା ଯିମିତି କହିଲା ତୁ କିଏହୋ ? ମୁଁ ହାକିମାତି ଗଳାରେ କହିଲି–ମୁଁ ପି.ଇ,ଏତେଦିନ ତୁ ମତେ ଜାଣିନୁ । ମୁଁ ଏ ପୋଲର ମାଲିକ, ତୁ ଏହାରି ତଳେ ବେଆଇନ ରହିଛୁ । ଉଠିଯାଅ ସମସ୍ତେ । ଏଇଲାଗେ, ନହେଲେ... ସ୍ତ୍ରୀ ମୋତେ ପଛପଟୁ ଥାପୁଡ଼ାଇ ଦେଲେ ।

ବୁଢ଼ା କହିଲା, ତୁ ପି.ଇ. । ଢେର ଦିନ ହେଲା ତତେ ଖୁଜୁଥିଲି, ଆଜି ପାଇଛି । ଶୁଣିଲି ତୁମର ପରା ଦୁଇଜଣ କେତେ କଳିଗୋଳ ମାରପିଟ୍ ଲାଗୁଛି, ଖାଲି ଝିଅମା

Digitized by srujanika@gmail.com

ଜନ୍ମିଲେ ବୋଲି । କି କହନ୍ତି, କି ପାଠପଢ଼ିନ୍ତୁ । ତତେ ବୁଢ଼ାର କରିତେ ଇଚ୍ଛା ନାହିଁ । ପୁଅ ଝିଅ କି ତର ହାତରେ ତର ଡିର୍ଲାର ହାତରେ । ଏଇ ଦେଖ ସେ ପାଖରେ ତିନିଟା ଏ ପାଖରେ ସାତଟା । କେତେଟା ହେଲେ ତର ହିସାବରେ । କାମ ଯିଏ କରିଲା ସିଏ ମରଦ, ପୁଅ ହେଉ ଝିଅ ହେଉ । କାମ ଯିଏ ନ କରିଲା ସାଜିବାଜି ହୋଇ ବସି ଗୋଡ଼ ହଲେଇଲା ସେ ଡିର୍ଲା ନାଇଁ, ମରଦ ନାହିଁ, ମଣିଷ ନାହିଁ । ଆମର କାନ୍ଦୁଛି ନା କଳିଗୋଳ ନାଗୁଛି, ପୁଅଛୁଆ ନାଇଁ ବୋଲି, ତର ଏ ପୋଲରେ ଯେତେ ନୁକ ନାଗିଥିଲେ ହିସାବ କର । ଦଶଜଣରେ ସାତଜଣ ଝିଅ । ଯା ଯା ଘରକୁ ଯାଆ । ଆମର ପାଖକୁ ଆସିବୁ ନାହିଁ । ତର ମୁହଁ ଚାହିଁବାର କଥା ନାହିଁ ।

ବଡ଼ କଡ଼ା ହେଲା ବୁଢ଼ୀର କଥାଗୁଡ଼ାକ । ଆତ୍ମହତ୍ୟାର କଷ୍ଟରୁ ବଳି । ଘର ମୁହାଁ ଚାଲିଲୁଁ ।

ବାଟରେ ସ୍ତ୍ରୀ ପଚାରିଲେ, 'ତିନିରୁ ଚାରି ହେବେନି । କିନ୍ତୁ ସଂପତ୍ତିବାଡ଼ି କିଏ ଖାଇବ, ସେଇ ମୋର ଚିନ୍ତା ।' ମୁଁ କହିଲି, 'ମୋର ତ ଗୋଷ୍ଠଦେ ଜମି ନଥିଲା, ଚାକିରି କରି ଠକି ଭଣ୍ଡି ଏତକ କରିଛି । ଶୂନରୁ ଶୂନକୁ ଫେରିଯିବ, ଯଦି ଝିଅମାନେ ସଂପତ୍ତି ଖାଇ ନ ପାରିବେନି ।'

ପିଣ୍ଡ କଥା ? ପିତୃ ପୁରୁଷ ପିଣ୍ଡ ପାଇବେନି ।'

'ମାର ଗୁଳି, ପିତୃ ପୁରୁଷଙ୍କୁ । ବାପା କେବେ ମଲେ ତାର ତାରିଖ ମନେ ନାହିଁ । ଜେଜେବାପା, ଜେଜେମାଆ, ଅଜାଆଈଙ୍କ ନାମ ଜଣାନାହିଁ ମତେ । ପିଣ୍ଡ ଦେବି କାହାକୁ ? ଝିଅମାନେ ଭଲ ପିଣ୍ଡ ଦେଇପାରନ୍ତି । ସୀତା ଠାକୁରାଣୀ ଆଞ୍ଜୁଳାଏ ବାଲି ଦେଇଥିଲେ ଯେ ଶ୍ୱଶୁର ସଶରୀରେ ଠିଆହୋଇ ପିଣ୍ଡ ଗ୍ରହଣ କରିଥିଲେ । ରାମଚନ୍ଦ୍ର ତା' ପାରିନଥିଲେ ।

ଘର ପହୁଞ୍ଚି ଦେଖିଲୁଁ ମୁନୁ, ପିଙ୍କୁ, ରାନୁ, ଘରଦ୍ୱାର, ବାଡ଼ିବଗିଚା ଖୋଜି ଦରାଣ୍ଡି ଆମକୁ ନପାଇ ଏମିତି କାନ୍ଦୁଛନ୍ତି ଯିମିତି ତାଙ୍କ ବାପମାଆ ମରିଯାଇଛନ୍ତି । ସେମାନେ ଛେଉଣ୍ଡ ହୋଇଯାଇଛନ୍ତି ।

Digitized by srujanika@gmail.com

# କୁଳି ଗାଁର ଶ୍ରୀମତୀ ସରୋଜିନୀ ମାହାନ୍ତି
## କେଆର୍ ଅଫ୍ ସୁଦାମ ମାହାନ୍ତି

ଗଳ୍ପର ଲମ୍ବାଚୌଡ଼ା ଗୁରୁଗମ୍ଭୀର ଶୀର୍ଷକ ଦେଖି ଯଦି ପାଠକଙ୍କର ନାୟିକାକୁ ଦେଖିବାର ଆଗ୍ରହ ଓ ଔତ୍ସୁକ୍ୟ ଅସମ୍ଭାଳ ହେଉଛି, ତେବେ ମୁଁ ପ୍ରଥମରୁ କହିଦେଉଛି ସେ ତରୁଣୀ ନୁହେଁ, କିଶୋରୀ ନୁହେଁ, ସାମାନ୍ୟ ଗାଉଁଲି ଝିଅ ଟକଟେ । ଯାହା ଦିହରୁ ଲାଇବ୍, କର୍ଭ, ବାଲ୍ୟଚ କିଛି ମୁଁ ଖୋଜି ପାଉନି ଚିହ୍ନରା ରସିକଙ୍କୁ ଅର୍ପଣ କରିବା ପାଇଁ । ପିଲାଦିନେ ଜ୍ୟାମିତିକ ସଂଜ୍ଞା ପ୍ରକରଣ ବୋଲି ଦୁଇଅଣିଆ ବହିରୁ ମନେ ରଖିଛି "ବିନ୍ଦୁର ଅବସ୍ଥିତି ଅଛି; କିନ୍ତୁ ଦୈର୍ଘ୍ୟ, ପ୍ରସ୍ଥ ବା ବେଧ ନାହିଁ ।" ଏ ଝିଅଟିର ସିମିତି ସବୁର ଅବସ୍ଥିତି ଅଛି; ମାତ୍ର ସବୁ ଚିଜ କାଳ୍ପନିକ, ଆନୁମାନିକ ବା ଜ୍ୟାମିତିକ ।

ସେ ମୋର ସଂପୂର୍ଣ୍ଣ ଅଜ୍ଞାତ, ଅଜଣା ଅଶୁଣା । କେଉଁଠି କେଉଁ ପରିସ୍ଥିତିରେ ତା ସହିତ ମୋର ଅକସ୍ମାତ୍ ଦେଖାହେଲା ତାହା କହିବା ଦରକାର ପଡୁଛି ।

ବିଶ୍ୱବିଖ୍ୟାତ ପୁରୀଧାମରୁ ଅଶନଶୋଳଯାକେ ଜଗନ୍ନାଥଙ୍କ ଛିଣ୍ଡାଡୋର ବା ଧଣ୍ଡାମାଳ ପରି ଯେଉଁ ଯାତ୍ରୀବାହୀ ଟ୍ରେନ୍‌ଟିଏ ଶତାବ୍ଦୀ ଧରି ଯାତାୟାତ କରି ଯୁଗପତ୍ ଚୈତନ୍ୟ ଓ ଜଗନ୍ନାଥଙ୍କ ନାମ ସଂକୀର୍ତ୍ତନ କରିଚାଲିଛି ବିଚିତ୍ର ତାର ଗତିପ୍ରକୃତି, ଅଦ୍ଭୁତ ତାର ମହିମା । କେଉଁଦିନ ଚିତ୍ତରଞ୍ଜନ, କେଉଁଦିନ ଅବା କେନେଡ଼ିଆନ ଇଞ୍ଜିନଚାଳିତ ହୋଇ ଯାତ୍ରା କରେ । ରାତି ତିନିଟାରେ ପୁରୀଧାମ ଛାଡୁଥିବାରୁ ଯାଯାବର, କୁଷ୍ଠରୋଗୀ, ବିକଳାଙ୍ଗ ନରନାରୀ ଏପରିକି ଚୋର, ଖଣ୍ଡ, ଡକାଏତ ଯେଉଁମାନେ ନିରାପଦରେ ଆରାମରେ ଡବାଗୁଡ଼ିକ ଭିତରେ ଅଚେତ ଅବସ୍ଥାରେ ଶୋଇଥାନ୍ତି, ସେମାନେ ଟାଣି ହୋଇ ଆସନ୍ତି, ସହରରୁ ସହରକୁ, ଗ୍ରାମରୁ ଗ୍ରାମାନ୍ତରକୁ, ଟିକେଟ୍ ଲାଗେନି ଯାତ୍ରା ପାଇଁ । ଚେକରମାନେ ଗରିବଙ୍କ ବନ୍ଧୁ । ଟଙ୍କାଏ ମଣାଏ ନେଇ ସମସ୍ତଙ୍କୁ ଛାଡ଼ିଦିଅନ୍ତି । ଜଣେ ଆଦିବାସୀ ଝିଅକୁ ନିଶୁଆ ଟିକେଟ ଚେକର୍ କହିବାର ଶୁଣିଛି, "ତୁ ଦାନ୍ତକାଠି ବିକୁଛୁ ଦଶଟା ପଇସା ତୋ ପାଖରେ ନାହିଁ ମତେ ଦେବାକୁ ? ଲୁଗା କାନି ଅଣ୍ଡାଳିଲେ କେତେ କ'ଣ ମିଳିଯିବ ।" ଟ୍ରେନ୍‌ଟିର ଯିବାଆସିବା ରହଣି ସ୍ଥାନର ଠିକଣା ନ ଥିବାରୁ ଏବଂ ଯାତ୍ରୀମାନଙ୍କର ସମୟର ମୂଲ୍ୟ ଜ୍ଞାନ ନ ଥିବାରୁ ସମସ୍ତଙ୍କ ପକ୍ଷରେ ହିତକାରୀ । ଦେଶର ଭୋଟର ଯିମିତି ତାଙ୍କ ସରକାର ସିମିତି । ଦିନକର ଅଇଳାରେ ଦଶଟା କମ୍ପୋଷ୍ଟ ଖାତ ପୂରିଯିବ; ପ୍ରତିଦିନ ଛାର ପୋକମାନେ ଯେତେ ରକ୍ତ ଚୋଷନ୍ତି ସେଥିରେ ଗୋଟାଏ ବ୍ଲଡ୍‌ବେଙ୍କ୍ ଭର୍ତ୍ତି ହୋଇଯିବ ।

Digitized by srujanika@gmail.com

ଏବେ କଳେଜଗୁଡ଼ାକ ଷ୍ଟେସନକୁ ଷ୍ଟେସନ ହେଲାରୁ ଗୁଡ଼ାଏ ପୁଅଝିଅ ଠେଲିପେଲି ପଶନ୍ତି ଏବଂ ଧୂଳିମଳି ଭୟରେ ଛିଡ଼ାହୋଇ ଏକାଠି ଚାକିଚୁକି ହୋଇଯାଆନ୍ତି । ମାଲଡ଼ବା ଓ ଯାତ୍ରୀଡ଼ବାର ଏକତ୍ର ସମାବେଶ ଫଳରେ ଇଞ୍ଜିନ୍ ଟାଣି ପାରେନି, ଧକେଇ ସକେଇ ତାଳଦେଇ ଗତି କରେ; କେତେବେଳେ ପିଷ୍ଟନ୍ ଭାଙ୍ଗି ଦିଖଣ୍ଡ ହୋଇ ଭୂଇଁରେ ପଶିଯାଏ । ଷ୍ଟେସନମାଷ୍ଟରଙ୍କୁ ଯଦି ପଚାରିବେ କେତେ ଡେରି ? ଉତ୍ତର ଆସିବ 'ଅଧ ଘଣ୍ଟେ'; ଯେତେଥର ପଚାରିବେ ସେତେ ଅଧଘଣ୍ଟା ବଢୁଥିବ ଏବଂ ଶେଷରେ ଗୋଟିଏ ଶବ୍ଦରେ ଉତ୍ତର ପାଇବେ କେନସେଲଡ଼ । ଦିନେ ଦିନେ ଭଲ କରି ନଜର କଲେ ଜାଣିବେ ଗାଡ଼ି ପଛରେ ଛିଣ୍ଡା ଅଖାରେ ବନ୍ଧାହୋଇ ଦି'ଟା ଗୋଡ଼ ଦିଶୁଥିବା ଗୋଟାଏ ମୁର୍ଦ୍ଦାର । ମେଲ ଏକ୍ସପ୍ରେସ୍ ଗାଡ଼ିରେ କଟିଯାଇଥିବା ଲାଶଟା ଆଣିବା ଦାୟିତ୍ୱ ଏଇ ମୁକ୍ତିଧାମରୁ ଆସୁଥିବା ଗାଡ଼ି ଉପରେ । ଜିନ୍ଦାବାଦ୍ ।

ଦିନେ ଦିନେ ଅକସ୍ମାତ୍ ଏ ଗାଡ଼ି ଜଗନ୍ନାଥଙ୍କ ଦୟାରୁ ଅଧଘଣ୍ଟାଏ ଆଗରୁ ପହଞ୍ଚି ଯାଇପାରେ ଯିମିତି ସେ ଦିନ ହେଲା । ଭାତଖିଆ ପେଟରେ ଧାଇଁ ଧାଇଁ ଚାଲିବାକୁ ଆରମ୍ଭ କରିଥିବା ଡ଼ବାରେ ଡେଇଁ ଚଢ଼ିଗଲି । ଅବ୍ୟବହିତ ପୂର୍ବରୁ ଗୋଟାଏ ଦ୍ରୁତଗାମୀ ଗାଡ଼ି ଯାଇଥିବାରୁ ଏ ଗାଡ଼ି ଫାଙ୍କା । ସିଟ୍‌ରେ ବସିବା ପୂର୍ବରୁ ଧୂଳିସବୁ ଝାଡ଼ିବି ବୋଲି ରୁମାଲ ବାହାର କରୁଛି ଠଣ୍ କରି ଆଠଣିଟାଏ ତଳେ ପଡ଼ିଗଲା, ତାକୁ ଉଠାଇବାକୁ ଯାଉଛି ମୋ କହୁଣୀ କାହା ଦିହରେ ବାଜି ପୁଣି ତଳେ ପଡ଼ିଲା । ତାକୁ ଉଠାଇ ପକେଟରୁ ଆଉ ଯାହା ରେଜା ଥିଲା ବାହାର କରି ପାପୁଲିରେ ରଖି ଗଣୁଛି, ଦେଖିଲି ଛିଟ ଫ୍ରକ୍ ପିନ୍ଧିଥିବା ଝିଅଟିଏ ମୁଦ୍ରାଗୁଡ଼ିକ ଉପରେ ନଜର ରଖି କହିଚାଲିଛି ପଚାଶ, ପଚିଶ, କୋଡ଼ିଏ, ଦଶ, ପାଞ୍ଚ, ଆହୁରି ଦଶ, ଆହୁରି କୋଡ଼ିଏ, ଏମିତି ।

ପ୍ରଥମେ ଭାବିଲି ଏ ଝିଅଟା ବୋଧହୁଏ କେଉଁ ଏକ ଅନ୍ଧୁଣୀକି ବାଟ କଢ଼ାଇ ଯାତ୍ରୀ ପରେ ଯାତ୍ରୀ ପାଖକୁ ନେଉଥିବ । କାରଣ କେତେଦିନ ଆଗରୁ ସେମିତି ଝିଅଟିଏ ଅତୀବ ସ୍ୱାସ୍ଥ୍ୟବତୀ ଯୁବତୀ ଭିଖାରୁଣୀର ଚକ୍ଷୁମତୀ ସହକାରିଣୀ ରୂପେ ଖଟୁଥିଲା; ଯେଉଁ ଅନ୍ଧୁଣୀଟି ଅତି କମ୍‌ରେ ଆଠଦଶ ଏକର ଜମି କିଣି ପିଲାଝିଲାର ମାଆ ହୋଇ ବସତି ବାନ୍ଧିଗଲାଣି । ମୋର ଏ ଧାରଣା ଅଚିରେ ଦୂର ହେଲା । କାରଣ ଝିଅଟି ଏକେଲା, ସାଙ୍ଗରେ କେହି ନାହିଁ । ଛାରପୋକର ଦୌରାତ୍ମ୍ୟରୁ ରକ୍ଷା ପାଇବା ପାଇଁ ଚମଡ଼ା ଫାଇଲ୍ ବେଗ୍ ଥୋଇ ତାରି ଉପରେ ବସିଗଲି, ସାଇଡ୍ ସିଟ୍‌ରେ । ବେଗ୍‌ରୁ ଯେଉଁ ଯୋଡ଼ାଏ ଦୈନିକ ଖବରକାଗଜ ବାହାର କରିଥିଲି ତାକୁଇ ପଢ଼ି ପଢ଼ି ବିରକ୍ତି ଓ ଆଜେବାଜେ ଚିନ୍ତା ଦୂର କରିବା ଚେଷ୍ଟାକଲି । ଦେଖିଲି ଝିଅଟା ମୋ ଆଡ଼କୁ ଘୁଞ୍ଚି ଘୁଞ୍ଚି ଆସି ମୋ' ଦିହରେ ପ୍ରାୟ ଲାଗି ଛିଡ଼ାହେଲା ଏବଂ ମୁରୁମୁରୁ ହୋଇ ପଢ଼ିବାକୁ ଲାଗିଲା ଗୋଟି ଗୋଟି ଅକ୍ଷର– "ଜାନକୀ ପଟ୍ଟନାୟକ ଦିଲ୍ଲୀରୁ ଫେରିଲେ ।" ପଢ଼ିଲାବେଳେ ପାଖରେ କେହି ଛିଡ଼ା ହେଲେ ମତେ ଅଡୁଆ ଲାଗେ । ମୁରୁମୁରୁ ହୋଇ ପଢ଼ିଲେ ଥବ୍‌କଡ଼ ବଜାଇବାକୁ ମନ ହୁଏ ।

Digitized by srujanika@gmail.com

ଗୁରୁ ଗମ୍ଭୀର ସ୍ୱରରେ ତା' ଆଡ଼କୁ ନ ଚାହିଁ କହିଲି, "ଆଗ ସିଟ୍‌ଟା ଖାଲି ଅଛି, ବସୁନ୍ତୁ ।"

ସେ ବସିଲା ଏବଂ ଗୋଡ଼ ଦୁଇଟା ଝୁଲାଇବାକୁ ଲାଗିଲା । କେଡ଼େ ଚଳଚଞ୍ଚଳ, କେଡ଼େ ବେପରୱା ।

ମୁଁ ତା' ଆଡ଼କୁ ସିଧାସଳଖ ଚାହିଁଲି । ଛୋଟିଆ ତନୁପାତଳୀ ଝିଅଟା । ଫ୍ରକ୍ ପିନ୍ଧିଛି, ଛିଟ ଫ୍ରକ୍ । ଆଠ ନଅବର୍ଷ ହୋଇଥିବ । ନୂଆ ଫ୍ରକଟା ଏକାଦିକ୍ରମେ ଚାରି ଛଅ ଦିନ ପିନ୍ଧିବାରୁ ମଳିଆ, କୁଞ୍ଚକୁଞ୍ଚିକା ହୋଇଯାଇଛି । ଆଖି ଦୁଇଟା ଚିଲା ନୁହେଁ, ଈଷତ୍ ନୀଳ, ଇରାନୀ କିଶୋରୀର ଆଖିପରି, ନାକରେ ସୋରିଷଠୁଁ ସାମାନ୍ୟ ବଡ଼ ଗୁଣା, ନକଲି ପିତଳର । କାନରେ ଚାରିଅଣିଆ ଝୁରିଲଗା ଫୁଲ । ବବ୍‌କଟିଙ୍ଗ ଚୁଳ । ଥରକୁ ଥର କପାଳରେ ପଡୁଛି । ଆଙ୍ଗୁଳି ନ ଲଗାଇ ମୁଣ୍ଡହଲାଇ ଥରକୁ ଥର ଛାଟି ନେଉଛି । ତାକୁ ତଳିପା ଦୁଇ ତିନି ଥର ଦେଖି ଏବଂ ତାର ନିରୀହ ସରଳ ଛୁଆ ହରିଣୀର ଆଖିଯୋଡ଼ିକୁ ନଜର କରି ଧାରଣା କଲି, ଏ ଟିକିଝିଅ କଦାପି ଚୋରଣୀ ବା ଭିଖାରୁଣୀ ଛୁଆ ହୋଇ ନପାରେ । ମୋ ଧନ ସଂପଦ ଯା ପାଖରେ ନିରାପଦ । ଭୟ ନାହିଁ । ଖବରକାଗଜ ପଢ଼ିବାକୁ ଆରମ୍ଭ କଲି ।

"ଆପଣ କେଉଁଠାକୁ ଯିବେ ?" ସତୃଷ୍ଣ ଆଗ୍ରହାନ୍ୱିତ ଚାହାଁଣୀରେ ତାର ପ୍ରଥମ ପ୍ରଶ୍ନ ।

"ଅମରଦା ରୋଡ୍ ।" କ୍ରିୟା କର୍ତ୍ତା ଲଗାଇ ପୂରା ବାକ୍ୟରେ ଉତ୍ତର ବୋଲି ନାହିଁ । ବିଲୋ ଷ୍ଟାଣ୍ଡାର୍ଡ୍ ।

"ମୋଠୁ ଗୋଟାଏ ଷ୍ଟେସନ ଆଗ । ମୁଁ ବସ୍ତା ଯିବି ।" ତୋତେ କିଏ ପଚାରୁଛି ଯେ ତୁ ଆପେ ଆପେ ଚିହ୍ନେଇ ହେଉଛୁ ? ପ୍ରଶ୍ନଟି ମୋ ମନରେ ଉଦୟ ହେଲା; କିନ୍ତୁ ମୁଁ ନିର୍ବାକ୍, ଗମ୍ଭୀର ।

"ତୁ କେଉଁଠୁ ଆସିଲୁ ?" ପ୍ରଶ୍ନର ସେ ଅପେକ୍ଷା କରିଥିଲା । ମାତ୍ର ସେ ପ୍ରଶ୍ନ ନ ଆସିଲାରୁ ସେ ଏକତରଫା ଉତ୍ତର ଦେଲା, "ମୁଁ ଖଡ୍ଗପଡ଼ା ଷ୍ଟେସନରୁ ଆସିଲି ।"

ଖୁସିଲାଗିଲା ଯେ ଭଲ ସାଙ୍ଗଟିଏ ପାଇଲି । ହେଲେ ଆଗେଇବାକୁ ଇଚ୍ଛା କଲି ନାହିଁ । କାଗଜ ପୁଣି ଓଲଟାଇଲି ।

"କେତେ ବାଜିଲା ଆପଣଙ୍କ ଘଡ଼ିରେ ? ଟ୍ରେନ୍ କେତେବେଳେ ଛାଡ଼ିବ ?" ନୀରବତା ଭାଙ୍ଗି ସେ ପଚାରିଲା ।

"ଦଶଟା ବତିଶ, ଦଶଟା ବାଇଶରେ ଛାଡ଼ିବା କଥା ।"

"ବହୁତ ସମୟ ଛିଡ଼ା ହେଲାଣି ।"

"ବ୍ୟସ୍ତ ହେଉଛୁ କାହିଁକି ? ଘରେ ଛୁଆ ଛାଡ଼ିଆସିଛୁ ନା କ'ଣ ?" ଶେଷ କଥାଟି ପାଟିରୁ ବାହାରି ପଡ଼ିଲାରୁ ଅଳ୍ପ ଲାଜୁଆ ହସ ହସିଲି, ନିଜର ସଂଯମ ଅଭାବରୁ ।

Digitized by srujanika@gmail.com

ସେ ସିଧାସିଧି କହିଲା, ମୋ କଥା ନ ଶୁଣିଲା ପରି ଭାବ ଦେଖାଇ, ''ଭାରି ଭୋକ ଲାଗିଲାଣି ।'' ମୁଁ ଶୁଣବି ନ ଶୁଣିବି ଗଳାରେ ।

ମୁହୂର୍ତ୍ତେ ଆଗରୁ ତା' ବିଷୟରେ ଯେଉଁ ଭଲ ଧାରଣାର ଉଦୟ ହୋଇଥିଲା ତାହା ଶିଶିର ବିନ୍ଦୁ ପରି ଖରାରେ କ୍ଷଣକେ ଉଭାଇଗଲା । ଭାବିଲି, 'ଏ ଝିଅଟାର ମୋର ପଇସା ଉପରେ ଆଖି ରହିଛି; ଯେତେ ସରଳ ଜଣାପାଉଥିଲା ତା ନୁହେଁ । ମାଗିଯାଚି ଖାଇବା କୌଶଳ ତାକୁ ପୂରାମାତ୍ରାରେ ଜଣା ଅଛି । ଅଭ୍ୟାସ ଛାଡ଼ିବ କେମନ୍ତେ ?

ଆଉ ଥରେ ତା' ଆଖି ମୁହଁକୁ ଚାହିଁଲି, ଭାବୁଥାଏ ଟିକି ଝିଅଟା ନିଶ୍ଚୟ ଗରିବ । ବଡ଼ିଭୋର ନିଶ୍ଚୟ ଘରୁ ବାହାରିଥିବ, ଖାଇନଥିବ, ଭୋକ କରୁଥିବ ।

'କିଛି ଖାଇବୁ ? ଏଠି କ'ଣ ଅଛି ଯେ, କେହି ବିକାଳୀ ପାଖକୁ ଆସୁନାହାନ୍ତି । ଆଚ୍ଛା, ତୁ ଯାଇ ପ୍ଲାଟଫର୍ମରେ କେଉଁଠି କ'ଣ ଥିବ ଆଣିପାରିବୁ ?' ଚେଲେଞ୍ଜ୍ ଗ୍ରହଣସୂଚକ 'ହଁ' ଶବ୍ଦଟା ଜୋରରେ ବାହାରିଲା ତା ଟିକି ମୁହଁରୁ । 'ନେ ଆଠିଣିଟା, ଶୀଘ୍ର ଓହ୍ଲାଇ ଯା, ଶୀଘ୍ର ଫେରିବୁ, ଗାଡ଼ି ଛାଡ଼ିଦେବ ।' ମଳିଆ ପୁରୁଣା କନା ଥଳିଟା କାନ୍ଧରେ ଝୁଲାଇ ବାହାରି ଯିବାକୁ ଉଦ୍ୟତ ହୁଅନ୍ତେ କହିଲି– 'ଥଳିଟା କାନ୍ଧରେ ସଦାବେଳେ ଲଟକାଇଛୁ କାହିଁକି ? ମୁଁ ଚୋରି କରିବି ନାହିଁ, ଏଇଠି ଥଳି ରଖି ଦେଇ ଯା ।'

ନିର୍ଭୟ ହୋଇ ଭୟ ସହିତ ତଳକୁ ଓହ୍ଲାଇ ଯିବାର ଦେଖିଲି, ଦଣ୍ଡେ ପରେ ସେ ଫେରିଲା । ଆଶ୍ୱସ୍ତ ହେଲି ।

ଗାଡ଼ି ଛାଡ଼ିବାର ନାମଗନ୍ଧ ନାହିଁ, ସ୍ୱସ୍ଥାନରେ ପୁଣି ରଜାଝିଅ ପରି ନିଦକରେ ବସି କୋଳରୁ ଫ୍ରକ୍ ଭିତରୁ ତିନୋଟି ବଡ଼ ବଡ଼ ପାଣିଫଳ (ସିଙ୍ଗଡ଼ା) ବାହାର କରି ଚେୟାରରେ ଥୋଇଲା । ଗୋଟାକରେ ଚୋପା ଛଡ଼ାଇବାକୁ ଆରମ୍ଭ କରି ମୋ ଆଡ଼କୁ ସରସ ମୁହଁରେ ହସ ଖେଳାଇ ପଚାରିଲା 'ନବ ?' ଛଡ଼ା ସିଙ୍ଗଡ଼ାକୁ ମୋ ଆଡ଼କୁ ଦେଖାଇଲା, ମୋତେ ପ୍ରଲୁବ୍ଧ କରିବା ପାଇଁ ।

ମୋ ପେଟ ପୂରିଗଲା । ତା କଥା ପଦକରେ, ଶିଷ୍ଟାଚାର ଜ୍ଞାନରେ । ଛୋଟ ଝିଅଟି ଏତେ ଶୀଘ୍ର କେମିତି ପାକଳ ହୋଇଯାଇଛି, ଓଳିଆରୁ ଗଛ ! ତୁ ଖାଆ, ମୁଁ ଏବେ ଘରୁ ଚା' ଖାଇ ଆସିଛି । ସେ ଗୋଟିକି ଗୋଟି ତିନୋଟିଯାକ ଛଡ଼ାଇ ବଳରାମ ସୁଭଦ୍ରା ଜଗନ୍ନାଥ କହି କହି ଧାଡ଼ିରେ ରଖିଲା ଏବଂ ଖାଇବାକୁ ଆରମ୍ଭ କଲା କଚ୍‌କଚ୍ କରି, ଦେଖିଲି ତା ଡାହାଣ ହାତ ବିଶିଆଙ୍ଗୁଳିରେ କାଳି ଲାଗିଛି । ତା'ର ଦୃଷ୍ଟି ଆକର୍ଷଣ କରି ପଚାରିଲି, 'ଏଠି କାଳି କିମିତି ଲାଗିଲା ?' ସେ କହିଲା, ''କାଳିଦୁଆତ ପଡ଼ି ଭାଙ୍ଗିଗଲା, ବହିଖାତା ସବୁ ନଷ୍ଟ ହୋଇଗଲା ।''

ଭାବିଲି, 'ଭୋକ ମାରିବା ପରେ କାଳିଦୁଆତ ବହି ଖାତାପତ୍ରର ଅଭାବ ମୋ ଦେଇ ଦୂର କରିବାର ଏ ଆଉ ଏକ ଫିକର । କିନ୍ତୁ 'ସେ ଯାହା ନବ ନଉ' ଅବସ୍ଥାକୁ ମୋର ମନ ଆସିଗଲାଣି । କାଳିଦୁଆତ ବା ଅନ୍ୟ କିଛି ତାକୁ ଦାନପ୍ରବଣ ହୋଇ ଦେବା

Digitized by srujanika@gmail.com

ପୂର୍ବରୁ ତା' ବିଷୟରେ ଆଉ କିଛି ଜାଣିବା ଉଚିତ ହେବ ବୋଲି ଭାବିଲି ।

"ତୋ ଘରଟା ଠିକ୍ କେଉଁ ଜାଗାରେ ? ରେଳଷ୍ଟେସନ ପାଖ ଗାଁରେ ? ଯେଉଁଠି ଅନୁ ପାଣିଗ୍ରାହୀଙ୍କ ଘର ?'

"ନା, ନା, ଷ୍ଟେସନରୁ ଦୂର ହବ ।"

"ଗାଁଟାର ନାଆଁ ?"

"କୁଳିଗାଁ"

"ତୋ ନାଆଁ କ'ଣ ?"

"ଶ୍ରୀମତୀ ସରୋଜିନୀ ମାହାନ୍ତି ।"

"ବାପା ନାଆଁ ?"

"ଶ୍ରୀଯୁକ୍ତ ସୁଦାମ ମାହାନ୍ତି ।" ମୋର ପୁରା ଠିକଣା ହେଲା ଶ୍ରୀମତୀ ସରୋଜିନୀ ମାହାନ୍ତି କେଆର ଅଫ ସୁଦାମ ମାହାନ୍ତି, ଗାଁ କୁଳିଗାଁ, ପୋଷ୍ଟ ଅଫିସ୍ ଖଡାପଡ଼, ଡିଷ୍ଟ୍ରିକ୍ଟ ବାଲେଶ୍ୱର ।" ଏକା ନିଃଶ୍ୱାସକେ ସଦର୍ପେ କହିଗଲା ।

"ବାପା କ'ଣ କରନ୍ତି ।"

"ଘରେ ନଥାନ୍ତି । କୁଆଡ଼େ ଚାଲିଯାଇଛନ୍ତି । ମାଆ କୁହେ ସେ କୁଆଡ଼େ ପାଗଳ ।"

"ଘରେ କିଏ କିଏ ଅଛନ୍ତି ?"

ବସେଇ ବସେଇ କହିଲା, "ମୁଁ, ମୋ ମାଆ, ମୋ ସାନଭଉଣୀ, ତା' ନାଁ ବିନୋଦିନୀ ମାହାନ୍ତି, ବଡ଼ଭାଇ, ଆଉ ବୁଢ଼ୀ ଗୋଟାଏ ।"

"ତୁ କେଉଁ କ୍ଲାସରେ ପଢୁ ?"

"ପଞ୍ଚମରେ ।" ଖୁବ୍ ଗର୍ବ, ଢେର ପଢ଼ିଲାଣି ବୋଲି । କହିଗଲା "ଭାଇ ହାଇସ୍କୁଲରେ, ଅଷ୍ଟମରେ ପଢ଼େ ।"

"ଜମିଜାଇଗା ଅଛି ?"

"ଅଧେ ଅଛି, ଅଧେ ବାପା ବିକିଦେଲା । ବଡ଼ନାନୀର ବାହାଘର ଡିମାଣ୍ଡ ହଜାରେ, ସାନ ନାନୀ ବେଳକୁ ଦି' ହଜାର । ଦିମାଣ ଗଲା, ଆଉ ମାଣେ ଦିମାଣ ଥିବ ।"

"ହାତରେ ଚାଷ କର ?"

"ନା, ବଖରା ।"

କୁଉ...ଉ...ଉ...ଉ– ଲମ୍ବା ହୁଇସିଲ୍ ପରେ ଛୋଟିଆ 'କୁଉ' ।

"ହେଇ ଗାଡ଼ି ଛାଡ଼ିଲା । ଅଜା, କେତେ ବାଜିଛି ? ପହୁଞ୍ଚିଲା ବେଳକୁ ଭାତଖିଆ ବେଳ ପାର ହୋଇଯାଇଥିବ । ବଡ଼ ଭୋଖ କଲାଣି, ତିନିଟା ପାଣିଫଳ, ଖାଲି ପାଣି, ଭୋଖ ମରିବ ? ୟା' ପରେ ହଳଦୀପଦା ଷ୍ଟେସନ, ସେଇଠି ଯାହାହଉ ଚାରଣାର କିଣିବି ।"

Digitized by srujanika@gmail.com

କହି ଯୋଡ଼ାଏ ଦଶପଇସି ଗୋଟାଏ ପାଞ୍ଚପଇସି ହାତ ପାପୁଲିରେ ଖେଳାଇଲା । ପାଣିଫଳ କିଣିବା ପରେ ସେତିକି ବଳିଥିଲା ବୋଧହୁଏ ।

ସବୁବେଳେ ଗୋଡ଼ ବୋଇଲେ ହାତ ଖଲବଲ କରୁଥାଏ । କଥା କହୁଥାଏ । ଆଖିରେ ଲଜ୍ଜରା ନାହିଁ, ମୁହଁରେ ଗରଳ ଦାଗ ନାହିଁ । ମୁଣ୍ଡ ବାହାର କରି ଖନ୍ତାପଡ଼ା ଷ୍ଟେସନ କେତେଦୂର ଅଛି ଦେଖୁଥାଏ । ଗୋଡ଼ ଦୁଇଟା ସେମିତି ହଲାଉଥାଏ, ଦେଖୁଥାଏ ପାଚିଲା ଧାନକ୍ଷେତ, ଆଉ ଦୂରର ନୀଳ ସ୍ୱର୍ଣ୍ଣଚୂଡ଼ ପାହାଡ଼ । ସେ ବି ପ୍ରକୃତିର ଖଣ୍ଡେ ଅଂଶ ଯିମିତି ।

ଖବରକାଗଜ ପଢ଼ା ବନ୍ଦ କରିଦେଲି ଏବଂ ବ୍ରିଫ୍‌କେଶ୍‌ରେ ରଖିଦେଲି ଫୋଲ୍ଡ଼ କରି, ଝିଅଟା ବେଶି ଆକର୍ଷଣୀୟ ହେଲା । ଯେତେ ଦୂରେଇ ଯିବାକୁ ଚେଷ୍ଟା କରୁଛି ସେତେ ତା ଆଡ଼କୁ ଟାଣି ହୋଇଯାଉଛି– ପରି ଲାଗୁଥାଏ ।

ନୂଆ କରି କଥାର ଖିଅଧରି ପଚାରିଲି, ‘‘ବଷ୍ଟା କାହା ଘରକୁ ଯାଉଛୁ ?’’

‘‘ନାନୀ ଘରକୁ ।’’ ‘କାହିଁକି’ ନ ପଚାରୁଣୁ ପ୍ରଗଲ୍‌ଭା ନାୟିକା ପରି କହିଗଲା ‘‘ପଢୁଆଁ ମନାଇବି, କାଲି ପରା ପ୍ରଥମାଷ୍ଟମୀ; ନାନୀବି ନୁହେଁ ତାର କଟି ଝିଅକୁ । ଗଲାବର୍ଷ ଏଇ ପ୍ରଥମାଷ୍ଟମୀ ଦିନ ତାର ଜନ୍ମ ପରା ।’’

ମୁଁ କାବ୍‌ବା । ଆରେ, ମୁଁ ବି ପଢୁଆଁ । ମୋର ମନେ ନଥିଲା କାଲି ଅଷ୍ଟମୀ ବୋଲି, ଏଡ଼ିକି ଟିକେ ଝିଅ, ଯାକୁ କିଏ ପଢୁଆଁ ମନାନ୍ତା ନା ଇଏ ଯାଉଛି ଆଉ କାହାକୁ ପଢୁଆଁ ମନାଇବ । କଉତୁକ କରି କହିଲି, ‘‘ହଇରେ ଝିଅ ! ମୋର କେହି ନାହିଁ ମତେ ପଢୁଆଁ ମନାଇବାକୁ । ତୁ ମତେ ଏ ବର୍ଷ ପଢୁଆଁ ମନାଇବୁ ?’’

‘‘ତୁମ ମାଆ, ବାପା, ତିର୍ଲା, ଝିଅବୋହୂ କେହି ନାହାନ୍ତି ?’’ କରୁଣ ‘ନା’ ଶବ୍ଦଟିଏ ମୁହଁରୁ ବାହାରିଲା ।

‘‘ତୁମେ ନୂଆଲୁଗା ହେଉ ବା ଜାମା ହେଉ ତୁମ ପାଇଁ କିଣି ରଖିଥିବ । ମୁଁ ଫେରିବା ବାଟରେ ତୁମ ସାଥିରେ ଓହ୍ଲାଇ ତୁମ ଘରକୁ ଯିବି । ଗଲା ଦୁଇବର୍ଷ ନାନୀକି ମନାଇଥିଲି ଏଥର ତାର କୁନି ଝୁଆକୁ ମନାଇଥାନ୍ତି ନ ହେଲେ ତୁମକୁ ମୋର ବୁଢ଼ା ଅଜାକୁ ମନାଇବି । ଏଇ ଦେଖ କୁନି ଝୁଆ ପାଇଁ କ’ଣ ଆଣିଛି ।’’

କାନ୍ଧରେ ଝୁଲୁଥିବା ଥଳି ମେଲାକରି ତହିଁରୁ ଛୋଟ ଫ୍ରକ୍ ପେଣ୍ଟ, ରବର, ରିଂ ଫିଟାଇ ଦେଖାଇଲା । ‘ଏଇଟା ମାଆ କିଣି ଦେଇଚି’ କହି ଶାଳପତ୍ର ଠୁଙ୍ଗାରୁ ଦଶ ପଇସାର ମିଠେଇଟିଏ ଦେଖାଇଲା । ଥଳି ଭିତରେ ଆଉ କ’ଣ ଥିବ କୌତୁହଳୀ ହୋଇ ଉହୁଙ୍କି ଚାହିଁଲି । ପାଞ୍ଚ ଛଅଟା କଇଁଥ ବେଲ । ତା’ ମାଆ ଜାଣେନି ଆମ ସେ ପଟର ଗୀତଟା ‘‘କୋଳି କଇଁଥ କରମଙ୍ଗା, ଏ ତିନିହେଁ ଅନୁକୂଳ ଭଙ୍ଗା ।’’ ଅଶୁଭ ହେବ ନିଶ୍ଚୟ ।

ଆଦ୍ୟ ମଗୁଶିର ପହିଲା ଉତରା ସହିତ କାରୁଣ୍ୟର ସ୍ପର୍ଶ ବାରମ୍ବାର ଅନୁଭବ

Digitized by srujanika@gmail.com

କରୁଥାଏଁ । କହିଲି "ଝିଅରେ, କାହିଁକି କେଜାଣି ତୋତେ ମୋର ଭାରି ଶରଧା ହେଉଛି, ତୁ ମୋର ନାତୁଣୀ ପରି ଦିଶୁଛୁ, ଠିକ୍ ଗୋପା ପରି, ତୋଠୁଁ ସେ ଟିକିଏ ଡେଙ୍ଗୀ ଗୋରୀ, ତୋରି ବୟସ ହବ ।"

"ମୁଁ ବି ତମକୁ ଅଜା କରିଛି । ଗୋପା କେଉଁ କ୍ଲାସରେ ପଢୁଛି ?"

"ଅଷ୍ଟମରେ ।"

"ତେବେ ସେ ମୋଠୁଁ ଢେର ବଡ଼, ନହେଲେ ଅଷ୍ଟମରେ ପଢ଼ନ୍ତା ନାହିଁ, ଅଚ୍ଛା, ଏଇ ହଳଦୀପଦା ଆସିଲା । 'ଚାଆ' 'ଚାଆ' ଡାକି ଡାକି ଲୋକଟା ଆସିବ । ଠିକ୍ ଚା ବାଲାର ସ୍ୱର ଅନୁକରଣ କରି 'ଚାଆ' 'ଚାଆ' କହିଥିଲା । ମୁହୂର୍ତ୍ତକେ ଚା'ବାଲା କିରାସିନୀ ଗନ୍ଧ ଓ ଷ୍ଟୋଭର ଉଷ୍ମତା ନେଇ ଆସିଗଲା ।"

"ଏ ଚା'ବାଲା, ପଚିଶ ପଇସାରେ କାପେ ଚା' ଏ ଝିଅକୁ ଦବୁ ।" ସରୋଜିନୀ ତରଫ ନେଇ ପଚାରିଲି । ଚା'ବାଲା କାହିଁକି ବା ରୋମାଣ୍ଟିକ୍ ହେବ ? ଅନ୍ୟଆଡ଼େ ଚାଲିଗଲା; "ଏତେ ସାନବେଳୁ ତ ଶସ୍ତାଖିଆ ହେଲାଣି, ପଛକୁ କ'ଣ ନ ହବ ?" କହି କହି ଚା' ବାଲା ଢାଳିଥିବା ଚା' କାପ୍‌କୁ କେଟିଲିରେ ଢାଳିଦେଇ ଅନ୍ୟତ୍ର ଚାଲିଗଲା । ଝିଅଟା କହିଲା, "ରୂପ୍‌ସା ଷ୍ଟଲରେ ଜଳଖିଆ ମିଳିବ, ଚା' ବି ମିଳିବ । ଶସ୍ତାରେ ନ ଦେଉ ।"

ମୋର ବୟସ ସତୁରୀ, ଇଂରାଜୀରେ ଏମ୍.ଏ., ଦୁଇ ଦୁଇଟା ମହାସମର ଦେଖିଲିଣି । କଲେଜରେ ପାଠ ପଢ଼େଇ, ପ୍ରିନ୍ସିପାଲ ହୋଇ ଜୀବନ କଟିଲା; କିନ୍ତୁ ସରୋଜିନୀର ଜ୍ଞାନ ଓ ଅଭିଜ୍ଞତା ମୋଠୁ ବେଶି ପରି ମତେ ଲାଗୁଥାଏ ।

ଖିଆଲରେ ପଚାରିଲି, 'ସରୋଜିନୀ, ତୁ ମୋ ଘରେ ରହିବୁ ? ଖାଇବୁ, ପିନ୍ଧିବୁ, ପଢ଼ିବୁ, ତୋର ସବୁ ଖର୍ଚ୍ଚ ମୋର । ତୁମେ ତ ଫେର ଦୁଇ ଭଉଣୀ ଅଛ ବାହା ହବାକୁ । ଡିମାଣ୍ଡରେ ବାକି ଦି'ମାଣ ଜମି ଚାଲିଯିବ । ରହିବୁ ?

"ରହନ୍ତି ଯେ, ମାଆ ମନା କରିବ । ଗରିବ ହେଲେ ବି ମାଆ ଆମକୁ ଖଟିନୁଟି ଖାଇବାକୁ ପର ଘରକୁ ଛାଡ଼ିବ ନାହିଁ । ମତେ ନେବ ବୋଲି ଜଣେ ଧନୀ ମହାଜନ ମାଆକୁ ଢେର ଲୋଭ ଦେଖାଇଲା । ମାଆ ମନାକଲା । ମୋ ତଳ ଭଉଣୀକି ଦେଇ ଦେବ ।"

"କାହିଁକି ?"

"ସେ ଭାରି ଚଗଲା, ଦୁଷ୍ଟ, ମାଙ୍କଡ଼ୀ, କଥା ମାନେ ନାହିଁ, ପଢ଼େ ବି ନାହିଁ । ମାଆ ତାକୁ ଭାରି ଚିଡ଼େ ।

"ମୁଁ ତାକୁ ଆଣିବି; ଚା' କପ୍ ପ୍ଲେଟ ନିଆଅଣା, ବାସନକୁସନ ଧୁଆପୋଛା, ଘର ଖରକାଖରକି ପାରିବନି ?"

"ବେଶ୍ ପାରିବ ।"

Digitized by srujanika@gmail.com

ରୂପ୍‌ସା ଷ୍ଟେସନ । ଏଠାରୁ ଗାଡ଼ି ଯିମିତି ଆଉ ଯିବ ନାହିଁ ସେମିତି ଲାଗିଲା । ଚାରିଚାରିଟା ମାଲଗାଡ଼ି ଅତିକ୍ରମ କରି ଯାଉଥାନ୍ତି, ଆମ ଗାଡ଼ି ଠିଆ ହୋଇଥାଏ । ଜନମଙ୍ଗଳ ରାଷ୍ଟ୍ରର ଅର୍ଥନୀତିରେ ମାଲ ମଣିଷ ଅପେକ୍ଷା ବେଶି ମୂଲ୍ୟବାନ, ଏଣୁ ମାଲବାହୀ ଗାଡ଼ିର ଅଗ୍ରାଧିକାର ।

ଶ୍ରୀମତୀ ସରୋଜିନୀର ପଚିଶ ପଇସା ବଳିଛି । କ'ଣ ଖାଇବ ? କେଣ୍ଟିନ୍‌ରୁ ବାସି ପଚା ଖାଦ୍ୟ ଖାଇବ ନାହିଁ । ସରୋଜିନୀ ଚାରିଟା ସେଥିରୁ କିଣିଲା, ଏତିକିବେଳେ କାଠବାକ୍‌ସରେ ପୂରା ଭର୍ତ୍ତିକରି ବିକାଳୀଟିଏ ଦେଶୀ କାଠୁଆ ବିସ୍କୁଟ ଆଣିଲା । ମୁଁ ଆଉ ଗୋଟେ କୁହାବୋଲା କରି ମଗାଇ ଦେଲି, କଡ଼୍‌କଡ଼୍ କଡ଼ କଡ଼ କରି ପାଞ୍ଚ ମିନିଟ୍‌ରେ ସବୁ ଶେଷ କରିଦେଲା । ମୋର ପାକୁଆ ପାଟି ଆଁ କରି ତାର ଚୋବାଇବା ଭଙ୍ଗୀକି ଚାହିଁ ରହିଥାଏ ।

ନୂଆଗାଁ ହଲ୍‌ଟରେ କାଚ ଜାର୍‌ରେ ଆସିଲା ଲଜେନ୍‌ସ । "ଖଟାମିଠା ଲେମ୍ବୁ ନାରଙ୍ଗ, ଗୋଟି ଦଶ ପଇସା ତିନିଟା ପଚିଶ ।" ସେଥିରୁ ତିନିଟା କିଣିଦେଲି । ଝିଅଟା ଏତେ ଲାଳ ଝରାଇ ଚଟାଚଟି କରି ଖାଇଲା ଯେ ହାତମୁହଁ ଅଠା ହୋଇଗଲା । ତୁ ଅପରଛନିଆଟା କହିଲି । ହାତଟାକୁ ମୁଣ୍ଡରେ ପୋଛିଦେଇ ଦାନ୍ତନିକୁଟି ହସିଦେଲା ।

ବସ୍ତାରେ ଅନ୍ତତଃ ଅଧଘଣ୍ଟାଏ ଛିଡ଼ାହବ ଆମ ଟ୍ରେନ୍ । ଅନ୍ତତଃ ଶହେ ବୋରା ପାନଝୁଡ଼ି ଲୋଡ଼ିଂ ହବ । ସରୋଜିନୀ ଓହ୍ଲାଇଲା, ମୁଁ ବି ଓହ୍ଲାଇଲି ତା' ସହିତ, ଟ୍ରେନ୍ କେତେ ସମୟ ଛିଡ଼ା ହେବ ସେ ଭିତରେ ଆମେ ପ୍ରଥମାଷ୍ଟମୀ ବିଷୟରେ ନିଷ୍ପତ୍ତି ଗ୍ରହଣ କରିବା ।

ପ୍ଲାଟଫର୍ମର ନିଦ୍ରାବତୀ ଗଛମୂଳରେ ଛିଡ଼ାହୋଇ ଶହେ ବୋଝ ପାନ ଲୋଡ଼ିଂ ସମୟତକ ଭିତରେ ପ୍ରୋଗ୍ରାମ ଠିକଣା କଲୁ । ମୋ କାମ ସାରି ଫେରନ୍ତା ଅଶନଶୋଳ ଗାଡ଼ିରେ ମୁଁ ଆସିବି । ସେ ନାନୀ ଘରେ ରାତି ରହିବା କେନସେଲ କଲା । କହିଲା, "ନାନୀ ତା' ଝିଆକୁ ପଢୁଆଁ ମନେଇ ଦବ, ମୁଁ ଜିନିଷସବୁ ତାକୁ ଦେଇ ଫେରିଯିବି, ତୁମକୁ ପଢୁଆଁ ମନେଇବାକୁ ତୁମର କେହି ନାହିଁ । ତୁମ ଘରେ ରାତି ରହିବି । କାଲି ଭଦ୍ରଖ ଲୋକାଲରେ ଘରକୁ ଫେରିବି ତୁମକୁ ପଢୁଆଁ ମନେଇସାରି । ତେବେ ତୁମେ ତୁମ ଧୋତି, ଜାମା, ମିଠାଇ ଅମରଦା ରୋଡ଼ରୁ ସାଙ୍ଗରେ ଧରି ଫେରିବ । ହେଲା ତ ?"

"ହେଲା ତୋରି କଥା । ତୁ ଆରପଟ ପ୍ଲାଟଫର୍ମରେ ଯେଉଁଠି ସେଇ ସିମେଣ୍ଟ ବେଞ୍ଚ ଅଛି ତାରି ପାଖରେ ଛିଡ଼ା ହୋଇଥିବୁ । ଗାଡ଼ି ଫେରିଲାବେଳେ ମିନିଟିଏ ରହିବ ଜାଣିଥା । ମୁଁ ପଢୁଆଁ ମାନିବାର ସବୁ ଚିଜ ସାଙ୍ଗରେ ଆଣିବି ମୋ ପାଇଁ, ତୋ ପାଇଁ ଫ୍ରକ୍ ନ ହେଲେ ଛିଟକନା ଆଣିଥିବି ।"

ଆନନ୍ଦାତିଶଯ୍ୟରେ ସରୋଜିନୀ କହିଗଲା, "ଅଚ୍ଛା, ମତେ ଭାରି ଖୁସି ଲାଗୁଛି । ତୁମକୁ କଞ୍ଚା ହଳଦୀ ମଖାଇବି, ସିନ୍ଦୂର ଚନ୍ଦନ ଦେବି, ମନ୍ଦିରକୁ ଯିବା, ଭୋଗ ଲଗାଇବା ।

Digitized by srujanika@gmail.com

କୁଞ୍ଚଛାଡ଼ି ନୂଆଲୁଗା ପିନ୍ଧି ନୂଆ ଜାମା ଯୋଡ଼ି ତୁମେ ଯେତେବେଳେ ଚାଲିଥିବ କେତେ ସୁନ୍ଦର ନ ଦିଶିବ । ମୁଁ ଶଙ୍ଖ ହୁଳହୁଳି ଦେଉଥିବି ।"

"ଆହୁରି ଭଲ ଦିଶନ୍ତା କନିଆଁଟିଏ ମୋ ଆଗରେ ଚାଲିଥିଲେ ।"

ଖିଲିଖିଲି ହୋଇ ହସି ସରୋଜିନୀ କହିଲା, "ଅଚ୍ଛା, ତୁମେ ଖୁବ୍ ରସିକ ଅଛ ।" ସତ କହୁଛି ଅଚ୍ଛା, ତୁମକୁ ଏମିତି ପଢୁଆଁ ମନାଇବି ତୁମ ମାଆ, ତୁମ ସ୍ତ୍ରୀରି, ତୁମ ଝିଅ ବୋହୂ କେବେ ସେମିତି ପାରି ନଥିବେ ।"

ଗାଡ଼ି ଖଣ୍ଡେଦୂର ଯାଇ ତା ଦୃଷ୍ଟିରୁ ଅନ୍ତର୍ଦ୍ଧାନ ହେଲାଯାଏ ସେ ତା' ଟିକିହାତ ହଲାଉଥାଏ । ଦିନଯାକ ମୋର ଭାରି ଖୁସିରେ କଟିଲା । ସେ ଝିଅ ପୁଣି ମୋ ସାଙ୍ଗରେ ବାଲେଶ୍ୱର ଯିବ, ମୋ ଘରେ ରାତି କଟାଇବ, ସକାଳେ ପଢୁଆଁ ମନେଇବ । କି ଆନନ୍ଦ ! ରାତିରେ ମୋର ନିଦ ହବନି ।

ବରାଦି ପୂଜା ସରଞ୍ଜାମ କିଣି ମୁଁ ଆସି ଆନନ୍ଦ ଉତ୍ସୁକରେ ଫେରନ୍ତା ଅଶନଶୋଳ ଧରିବା ପାଇଁ ଷ୍ଟେସନରେ ହାଜର ।

"ଅଶନଶୋଳ ଟ୍ରେନ୍‌ର ଖବର କି; ମାଷ୍ଟରବାବୁ ?" ଏ ପ୍ରଶ୍ନର ଉତ୍ତର ଏଇପରି । ରାଇଟ୍ ଟାଇମ୍, ଅଧଘଣ୍ଟା ଲେଟ୍, ମାଲଗାଡ଼ି ଗଲାପରେ ଆସିବ । ଘଣ୍ଟାଏ ଲେଟ୍ । ଦୁଇଘଣ୍ଟା ଲେଟ୍ । ସବାଶେଷରେ 'ଅଶନଶୋଳ କେନ୍‌ସେଲଡ୍ । ଏଣେ ଷ୍ଟେସନ ପ୍ଲାଟଫର୍ମ ଯାତ୍ରୀ ସମାଗମରେ ସାଁ ସାଁ କରୁଛି । କାଲି ପ୍ରଥମାଷ୍ଟମୀ ଛୁଟି, ଅପ୍ରଶନାଲ ଛୁଟି । ତା ପରଦିନ ସେକେଣ୍ଡ ସଟରଡ଼େ, ରବିବାର । ସମସ୍ତେ ଉତ୍ସୁକ, ଉଦ୍‌ଗ୍ରୀବ । ବାସ୍ ସବୁ ଓଭାର ଲୋଡ଼େଡ଼ ।

ଐତିହାସିକ ଅଗଷ୍ଟ ନଅରୁ ପୂରା ଛାତ୍ର ସମାଜ ଦେଶର ବିପତ୍ତି ବେଳେ କିପରି ଆଗେଇ ଆସିଛି । ସିଗ୍‌ନାଲ କେବିନ୍‌କୁ ଆକ୍ରମଣ କରି ପରବର୍ତ୍ତୀ ଏକ୍‌ସପ୍ରେସ୍‌କୁ ଛିଡ଼ା କରାଯାଇପାରେ । ଲିଡ଼ରମାନେ ଲାଗି ପଡ଼ିଲେ । ଇଷ୍ଟକୋଷ୍ଟ ଛିଡ଼ା ହେଲା । କେତେଜଣ ଛାତ୍ର ମୋତେ ପଛପଟୁ ଟେକି ଟ୍ରେନର ପ୍ରବେଶ ଦ୍ୱାରରେ କୌଣସିମତେ ଛିଡ଼ା କରାଇଲେ; ଦି' ଡର୍ଜନ ପାଚେଲା କଦଳୀରୁ ଗୋଟିଏ ମଧ୍ୟ ମିଳିଲା ନାହିଁ । ଅନ୍ୟ କେତେଜଣ ପିଲା କାଛଟିଏ ରଚନା କରି ମୋତେ ପଡ଼ିଯିବାରୁ ରକ୍ଷା କରୁଥାନ୍ତି ।

ବସ୍ତାରେ ବି ଏକ୍‌ସପ୍ରେସ୍ ଛିଡ଼ାହେଲା । ସରୋଜିନୀ ସିମେଣ୍ଟ ବେଞ୍ଚ ପାଖରେ ପ୍ରତିଶ୍ରୁତି ପାଳିଛି କି ନାହିଁ ଜାଣିବାର ଉପାୟ ନାହିଁ । ହାତଗୋଡ଼ ହଲଚଲ ହବାର ଜୁ ନାହିଁ ।

ବାଲେଶ୍ୱର ଷ୍ଟେସନରେ ଚାରି ଛଅ ଥର ଝଟକିବା ପରେ ଗାଡ଼ି ଛିଡ଼ାହେଲା । ଛାତି ଫଟାଇ ଲୋକଲଜ୍ଜା ନ ମାନି ପ୍ଲାଟଫର୍ମରେ "ସରୋଜିନୀ, ସରୋଜିନୀ" ଚିତ୍କାର କରି ଏପଟ ସେପଟ ଧାଁଧପଡ଼ କଲି । କଦଳୀ ବାଦ୍ ଫେଣାର ଡେମ୍ଫଟି ରଶିରେ ଝୁଲୁଥାଏ ମାତ୍ର ।

Digitized by srujanika@gmail.com

ତା'ପରେ ରାତି ପାସେଞ୍ଜର, ପରଦିନ ସକାଳଗାଡ଼ି, ଦଶଟାବେଳେର ଭଦ୍ରଖ ଲୋକାଲ ପ୍ରତ୍ୟେକ ଗାଡ଼ିରେ ତଦାରଖ କରିଛି, 'ସରୋଜିନୀ' 'ସରୋଜିନୀ' ଡାକରେ ପ୍ଲାଟଫର୍ମ କମ୍ପାଇ ପ୍ରତିଧ୍ୱନି ସୃଷ୍ଟି କରିଛି । ତାକୁ ପାଇନାହିଁ । ପ୍ରଥମାଷ୍ଟମୀ ମାନିପାରି ନାହିଁ ।

ପୁଣି ପ୍ରଥମାଷ୍ଟମୀ ଆସୁଛି । ପ୍ରଥମାଷ୍ଟମୀ ମାନିବାର ଆଉ ଚେଷ୍ଟା କରିବି କି ନାହିଁ ସେକଥା ପଛକୁ ଥାଉ; କିନ୍ତୁ ଜୀବନର ଶେଷଯାଏ ବର୍ଷକୁ ବର୍ଷ ଯେତେ ଦିନ ପ୍ରଥମାଷ୍ଟମୀ ଆସୁଥିବ, ସେତେ ଦିନ ପ୍ରଥମ କରି ଯେଉଁ ବାପାମାଆ ମୋତେ ଏ ଦୁନିଆଁକୁ ଆଣିଥିଲେ, ତାଙ୍କୁ ମନେପକାଏ ନ ପକାଏଁ ନିଶ୍ଚୟ ମନେ କରୁଥିବି କୁଳିଗାଁର ସେଇ ଟିକି ଝିଅ ସରୋଜିନୀ ମାହାନ୍ତି କେଆର ଅଫ୍ ସୁଦାମ ମାହାନ୍ତି ପୋ:ଅ: ଖନ୍ତାପଡ଼ା, ଜିଲ୍ଲା ବାଲେଶ୍ୱରକୁ । ଆଉ ସେଇ ଜଗନ୍ନାଥଙ୍କୁ ଚୈତନ୍ୟଦେବ ସହିତ ଯୋଡୁଥିବା ଟ୍ରେନ୍‌ଟିକୁ ଯେ ଆମ ଦୁଇଙ୍କୁ ଏକାଠି କରି ପୁଣି ଅଲଗା କରିଦେଲା ।

Digitized by srujanika@gmail.com

# ଲୋକେ କ'ଣ କହିବେ

କାଳେ ଲୋକେ କହିବେ "ଦେଖ ! ନିଜର ଏତେ ନିକଟ ସଂପର୍କୀୟ ବ୍ୟକ୍ତି ମୁମୂର୍ଷ ଅବସ୍ଥାରେ ଏଇଠି ପାଖରେ ପଡ଼ିଛି, ଅଥଚ ଇଏ ଦଣ୍ଡେ ପାଇଁ ହେଲେ ଯାଇ ଦେଖି ଆସି ପାରିଲେ ନାହିଁ ।" ସେଥିପାଇଁ ବଡ଼ ଡାକ୍ତରଖାନାର ତିନି ନମ୍ବର କେବିନ୍‌ରେ ତାଙ୍କୁ (ଯାହାକୁ ମୁଁ ରୋଗ ଶଯ୍ୟାରେ ଦେଖିବାକୁ ଯାଏଁ ସେ ଆଉ ବଞ୍ଚନ୍ତି ନାହିଁ) ଦେଖି ନେଇ ଆଉଟଡ଼ୋର ରାସ୍ତାରେ ଫେରୁଛି, ଶ୍ରୀରାମଚନ୍ଦ୍ର ଭଞ୍ଜଙ୍କ ପ୍ରତିମୂର୍ତ୍ତି ସାମନା ପଡ଼ିଆକୁ ଚାହିଁଲି ।

ମନେପଡ଼ିଲା ବହୁ ବର୍ଷ ତଳେ ସେଇଠି ଦେଖିଥିବା ଏକ କରୁଣତମ ଦୃଶ୍ୟ । ସେ ସମୟରେ ନରାଜର ରେଲପୋଲ ତିଆରି କାମ ଚାଲିଥାଏ । ହଠାତ୍ ଏକ ନିଦାରୁଣ ସମ୍ବାଦ ସହରରେ ପ୍ରଚାରିତ ହେଲା ଯେ, ଏକ ପ୍ରଚଣ୍ଡ ବିସ୍ଫୋରଣ ବା ବିଷାକ୍ତ ବାଷ୍ପର ଉଦ୍‌ଗମ ଫଳରେ ଅନ୍ୟୂନ ପଚାଶ ଜଣ ପଞ୍ଜାବୀ ଶ୍ରମିକ ଦୁର୍ଘଟଣାରେ ପ୍ରାଣ ହରାଇଛନ୍ତି । ଦିନ ବାରଟା କି ଗୋଟାଏ ହେବ, ସାହସ ବାନ୍ଧି ସେଇ ସ୍ଥାନଟିକୁ ଯାଇ ଦେଖିଥିଲି ପ୍ରାୟ ଶହେ ହାତ ସ୍ଥାନରେ ମୁର୍ଦ୍ଦାର ସବୁ ଧାଡ଼ି ଧରି ଶୋଇଛନ୍ତି, ଆବୃତ ଅବସ୍ଥାରେ । କାହାରି ମୁଣ୍ଡ ହାତ ବା ଗୋଡ଼ ଦିଶୁନାହିଁ କିନ୍ତୁ ପୂର୍ଣ୍ଣାବୟବ ମଣିଷର ଆକାରପ୍ରକାର ଦିଶୁଛି କମ୍ବଳ ଭିତରେ । ଦୈବାତ୍ ସେତିକିବେଳେ ଜଣେ ପଦସ୍ଥ ପୋଲିସ କର୍ମଚାରୀ ଉପସ୍ଥିତ ହୋଇ ଗୋଟି ଗୋଟି କରି ଦେଖିବାକୁ ବା ଗଣିବାକୁ ଚାହିଁଲେ । ତାଙ୍କ ସାଙ୍ଗରେ ଥିବା କନେଷ୍ଟବଳଟି ଗୋଟି ଗୋଟି କରି ମୁହଁରୁ କମ୍ବଳ ଉଠଉଥାଏ । ଗୋଟିଏ ଶ୍ମଶ୍ରୁଳ ମୁହଁ ଦେଖିଲେ ମୁଁ ମନେ ପକାଇଥାଏ ଏ ଅନୁରୂପ ଚେହେରାକୁ- ବ୍ରାଉନିଂ, ରବିଠାକୁର, ଟଲଷ୍ଟୟ, ବିଶ୍ୱନାଥ, ନୀଳକଣ୍ଠ ଏପରି କି ଫକୀରମୋହନଙ୍କ ଉପନ୍ୟାସର ଛଣପଟ ପରି ମେଲା ଆଖୁନଜୀଙ୍କ ଦାଢ଼ିକୁ । ଇଂରାଜ କବି ଗ୍ରେ ଯିମିତି ମଶାଣିରେ ବସି ଭାବୁଥିଲେ, ବଞ୍ଚିଥିଲେ ଏଇ ଗାଉଁଲୀ ଲୋକଗୁଡ଼ାକ ବି ବଡ଼ ବଡ଼ ଯୋଦ୍ଧା, କବି ହୋଇ ପାରିଥାନ୍ତେ, ସେଇ ଭାବନା ମୋର ଆସିଲା । ଉଭୟ ହୃଦୟ ଓ ମନ ଏମିତି ବିକ୍ଷୁବ୍ଧ ଓ ଆନ୍ଦୋଳିତ ହେଲା ଯେ ସେ ମୁହୂର୍ତ୍ତରୁ ନିଷ୍ପତ୍ତି କଲି ଜୀବନରେ କେବେ ହେଲେ ମୁର୍ଦ୍ଦାର ବା ଖବରକାଗଜରେ ବାରମ୍ବାର ବାହାରୁଥିବା ସ୍ତୂପୀକୃତ ଶବର ଛବି ଦେଖିବି ନାହିଁ । ଆଶ୍ଚର୍ଯ୍ୟ କଥା, ଅନ୍ତିମ ଶଯ୍ୟାରେ ମୁଁ ବାପାଙ୍କୁ ମାଆଙ୍କୁ, ଏପରିକି ନିଜ ସ୍ତ୍ରୀକୁ ବି ଦେଖି ପାରିନାହିଁ ।

ବାପାଙ୍କ ବେଳେ ମଶାଣିରେ ପହଞ୍ଚି ଦେଖିଲି ଚୁଇରେ ଅନ୍ତବୁଜୁଳାଟି ମାତ୍ର ଜୁହୁଜୁଛି । ମାଆଙ୍କ ବେଳେ ଦୁଇ କିଲୋମିଟର ଦୂରରୁ ବସ୍‌ରୁ ଦେଖିଲି ପାହାଡ଼ ତଳ

Digitized by srujanika@gmail.com

ମଶାଣିରେ ଲହଲହ ହୋଇ ଅଗ୍ନିଶିଖା ଆକାଶକୁ ଉଠୁଛି । ସ୍ତ୍ରୀର ମଶାଣିକୁ ବାରଦିନ ଦିନ ଯାଇଥିଲି । ଏ ତିନିହେଁ କେଡ଼େ ମୂଢ଼, ମୋହଗ୍ରସ୍ତ ! ଏ ସମସ୍ତେ ଚାହୁଁଥିଲେ, ଶେଷ ନିଃଶ୍ୱାସ ଛାଡ଼ିଲା ବେଳକୁ ମୁଁ ଯିମିତି ପାଖରେ ଥାଇ ଗଙ୍ଗାଜଳ ତାଙ୍କ ପାଟିରେ ଦିଏଁ ।

ସେଦିନ ଏଇ ମର୍ମନ୍ତୁଦ ଦୃଶ୍ୟ ଦେଖି ଟ୍ରେନ୍‌ରେ ଘରକୁ ଫେରୁଥିଲା ବେଳେ ମହାନଦୀ ପୋଲ ଆରମ୍ଭ ସ୍ଥଳରେ ପଞ୍ଜାବୀ ଶବ ସବୁକୁ କାଳିଆବୋଦାକୁ ନିଆଯାଉ ଥିବାର ମଧ ଦେଖିଥିଲି । ତିନି ନମ୍ବର କେବିନ୍‌ରେ ମୁମୂର୍ଷୁ ଆତ୍ମୀୟକୁ ଦେଖିବା ପରେ ବହୁବର୍ଷ ପୂର୍ବର ଦୃଶ୍ୟ ଓ ଚିନ୍ତାକୁ ପୁଣି ଜାଗ୍ରତ କରି ମୁଁ ଜୀବନ ମୃତ୍ୟୁ ରହସ୍ୟ ଭାବୁଥାଏଁ । ସ୍ୱର୍ଗରେ ଭଲା ଆତ୍ମୀୟ ସ୍ୱଜନଙ୍କ ସହିତ ମୃତ୍ୟୁ ପରେ ଦେଖା ହୁଅନ୍ତା ।

ଏକ ଉତ୍ତପ୍ତ ମସ୍ତିଷ୍କ ନେଇ ଘରେ ସେଇ କୋଠରୀରେ ଶୋଇଥାଏଁ ଯେଉଁଠି ବାପା, ମାଆ, ଆଉ ସ୍ତ୍ରୀଙ୍କର ତୈଳଚିତ୍ର ଅଛି ଓ ଗୋଟାଏ ସ୍ଥାନ ମଧ ରଖା ହୋଇଛି ଯହିଁରେ ମୋର ଛବି ରହିବ ମୋ ଅନ୍ତେ । ରାତି କେତେ ହେବ କେଜାଣି ମୋତେ ଜଣାଗଲା ମୋ ଆତ୍ମାଟା ଗୋଟାଏ ବୁଢ଼ା ଆଙ୍ଗୁଳି ରୂପ ନେଇ ମୋ ଦିହରୁ ବାହାରି ଛୋଟ ରକେଟ୍ ପରି ଆକାଶ ମାର୍ଗକୁ ଉଠିଲା ଏବଂ ଏତେ ଦ୍ରୁତ ଉଠିଲା ଯେ ମୋ ନିଃଶ୍ୱାସ ବନ୍ଦ ହୋଇଯିବା ପରି ଲାଗିଲା । ମୋର ପାଖ ଦେଇ ସାଏଁ ସାଏଁ ହୋଇ ଅଜସ୍ର ଗ୍ରହନକ୍ଷତ୍ର ପାର ହୋଇ ଯାଉଥାନ୍ତି । ପରିଶେଷରେ ମୁଁ (ମୋର ଆତ୍ମା) ଆଲକାତରା ପରି ତରଳ ଅନ୍ଧାକାର ଭିତରେ ପଶିଲି ଏବଂ ଦଣ୍ଡେ ପରେ ଆକୁପାକୁ ହେବା ଅବସ୍ଥାରେ ଦେଖିଲି ମୋ ସାମନାରେ କାରୁକାର୍ଯ୍ୟ ଖଚିତ ହୀରା ନୀଳାର ମନ୍ଦିର ତୋରଣଟିଏ ଯାହା ଆମ ମନ୍ଦିର ମାନଙ୍କର ପ୍ରବେଶ ଦ୍ୱାର ପରି ଦିଶୁଛି । ସେଇ ତୋରଣର ଗୋଟାଏ ପାଖକୁ ଲାଗି ଯକ୍ଷିଣୀ ମୂର୍ତ୍ତିଟି ପରି ମୋ ମାଆ ଅଣ୍ଟା ଭାଙ୍ଗି ଛିଡ଼ା ହୋଇଛି, ଯିମିତି ମୋତେ କେତେ ବର୍ଷ ଧରି ସେଇଠି ଅପେକ୍ଷା କରିଛି ।

ମର୍ତ୍ତ୍ୟରେ ଯିମିତି ଥିଲା ଅବିକଳ ସେମିତି । ଅସ୍ଥି ଚର୍ମସାର, ହରିଦ୍ରାଭ ମୂର୍ତ୍ତି । ଦୁଇ ଇଞ୍ଚିଆ ମୟୂର ଧଡ଼ିର ଓଢ଼ଣା ଟାଣିଛି ଧଳାକଳା ଚୂଳ ଥିବା ମୁଣ୍ଡରେ । ନାକରେ ନୋଥ, ଗୁଣା, ଦଣ୍ଡୀ, କାନରେ କାପ, ବେକରେ ଚମ୍ପାକଢ଼ିମାଳ, ବାହୁରେ ବାଙ୍କୁ, ହାତରେ ବଟଫଳ, କପାଳରେ ଛୋଟ ସିନ୍ଦୂର ବିନ୍ଦୁଟି । ମୋ ପାଟିରୁ ସ୍ୱତଃ ବାହାରି ପଡ଼ିଲା ''ମାଆ'' !

ମୋତେ ଯିମିତି ଦେଖିଛି ଏମିତି ଆନନ୍ଦ ଓ ଗର୍ବରେ ଫୁଲି ଉଠି ଛୋଟିଆ ବଙ୍କା ହସଟିଏ ପାକୁଆ ପାଟି କଣରେ ଖେଳାଇ ପଚାରିଲା ''କିରେ ବାପା ! ଆସିଗଲୁ ! ବାଇଶ ବର୍ଷ ହେଲା ଅପେକ୍ଷା କରିଛି । ବୋହୂ ଅବଶ୍ୟ ମୋଠୁ ଦୁଇବର୍ଷ ବେଶି ଅପେକ୍ଷା କଲାଣି ।

ମୁଁ କହିଲି ''ନାହିଁ ମାଆ ! ମୋର ଏଠାକୁ ଆସିବାର ବେଳ ହୋଇନି । ମର୍ତ୍ତ୍ୟ ଏତେ ଶୀଘ୍ର ଛାଡ଼ିବାର ମୋର ମତଲବ ନାହିଁ । ଯେତେ ଯାହା ଦୁଃଖ କଷ୍ଟ ପଡ଼ିଲେ ବି ମର୍ତ୍ତ୍ୟଠୁ ବଳି ସ୍ୱର୍ଗ କାହିଁ ମାଆ ! ତୁମେ ଜାଣୁ ନଥିବ ? ମୁଁ ଆସିଛି ପନ୍ଦର ମିନିଟ୍ ପାଇଁ

Digitized by srujanika@gmail.com

ଗୋଟାଏ ଅଧେ କଥା ତତେ ଆଉ ତୋ ବୋହୂକୁ ପଚାରିବା ପାଇଁ । ତୁମେ ଦୁହେଁ ମର୍ତ୍ତ୍ୟରେ ଥିଲାବେଳେ ପଚାରିପାରି ନଥିଲି, ଅବକାଶ ବା ଅବସର ନଥିଲା । ଆଚ୍ଛା, ମାଆ, ତୋ ବୋହୂ କିମିତି ଅଛି, ମୁନୁ କିମିତି ଅଛି, କେଡ଼େ ବଡ଼ ହେଲାଣି, ତାର ନିଶ ଉଠିଯାଇଥିବ !''

ମାଆ କହିଲା, ''ଇଏ କି ପ୍ରଶ୍ନ ପଚାରୁଛୁରେ ବାପା ! ଏଠି କିଏ କିମିତି ଅଛି ପ୍ରଶ୍ନ ନାହିଁ, ଯିଏ ଯିମିତି ଥିଲା, କ୍ଷୟ ବୃଦ୍ଧି କାହାରି ନାହିଁ । ସ୍ଥାନ ବି ବଢ଼େ ନାହିଁ । ମୁନୁ ଯିମିତି ଫୁଟୁକା ଫୁଟୁକା ଲାଲି ଗାଲର ପିଲାଟି ହୋଇ ଏଠାକୁ ଆସିଥିଲା ସେମିତି ଅଛି । ମୋତେ ଦେଖୁନୁ, ଯିମିତି ହାଡ଼ଚମ ସିମିତି, କାହିଁ ପୁଳାଏ ବି ମାଂସ ଅଧିକା ଲାଗିନି !''

ମୁଁ ସେହି ମୁହୂର୍ତ୍ତରେ ନିଷ୍ପତ୍ତି କଲି ସ୍ୱର୍ଗକୁ ଆସିବାର ଯେତେ ଯେତେ ପନ୍ଥା ସବୁ ନିରୋଧ କରିଦେବି । ଖାଇପିଇ ବହିପତ୍ର ପଢ଼ି ଲେଖି ଯେତେ ଦିନ ପାରିବି କୁକୁର ବିରାଡ଼ି ସାଙ୍ଗରେ ବରଂ ଜୀବନ ମର୍ତ୍ତ୍ୟରେ କାଟିବି, ଦେବତାଙ୍କ ସାଙ୍ଗକୁ ଏ ଜାଗାକୁ ଆସିବି ନାହିଁ ।

ଏଇ ମୋର ମାଆ । କଣ ନ କରିଛି ମୋ ପାଇଁ ? କେତେ ବାରବ୍ରତ ଉପବାସ ଦାନ ଧ୍ୟାନ ! ଆମେ ଥିଲୁଁ ତାର ସବୁ । ଆମକୁ ଛାଡ଼ି ବାପାଙ୍କ କଥା ବୁଝୁଥିଲା ବୋଲି ମୋର ମନେ ପଡୁନି । ସ୍କୁଲ କଲେଜରେ ପଢୁଥିଲା ବେଳେ ଯାରି ମୁହଁଟି ଦେଖିବି, ତାର ହାତ ତିଆରି ପିଠା, ହାତ ଗୋଳା ମୁଢ଼ି ଦହି ଚିନି ଖାଇବି ବୋଲି କେତେ ଆଗ୍ରହରେ ଶନିବାର ବା ଛୁଟି ଦିନରେ ଧାଇଁ ଯାଉ ନଥିଲି ! ଛୁଟି ସରିଲେ ଘରୁ ବାହାରିଲା ବେଳେ ଦାଣ୍ଡ ପିଣ୍ଡାରେ କାନ୍ଥ କଡ଼କୁ ଅଣ୍ଟ ଓଢ଼ଣା ତଳେ ଆଖିକୁ ଛଳଛଳ କରି ରୁଦ୍ଧ କଣ୍ଠରେ କୁହେ ''ଚିଠି ଦବୁରେ ବାପା, ପହଞ୍ଚିଲା ମାତ୍ରେ । କେତେ ବର୍ଷ ପରେ, କେତେ ଯୁଗ ପରେ ସେଇ ମାଆକୁ ଦେଖୁଛି, ସେଇ ଆଖିରେ ଆନନ୍ଦାତିଶଯ୍ୟରେ ଲୁହ ଜମି ଥିବାର ଦେଖି ପାରୁଛି ।

ପଚାରିଲା ''ମାଆ ! ବାପା କାହିଁ ?'' ଏଇ ବାପାଟି ପୁଣି ଆଉ ଏକ ଜୀବ ! ଖରା ନାହିଁ, ବର୍ଷା ନାହିଁ କେତେ ଧାଁଧପଡ଼ ନ କରିଛନ୍ତି; କ୍ଷୀର ଟୋପାକ ପାଇଁ ନହେଲେ ଔଷଧ ପାନେ ଦି'ପାନେ ପାଇଁ । ମୋ ପାଇଁ ସେ କେତେ ଗର୍ବିତ ! ବଡ଼ ପୁଅ, ବଡ଼ ଚାକିରିଆ, ପକ୍କା କୋଠା କରିଛି । ଭିଖାରୀ ବ୍ରାହ୍ମଣଟି, କେବେ ଦିନେ ମୋତେ ପଇସାଟିଏ ମାଗି ନାହାନ୍ତି, ନେଇ ନାହାନ୍ତି । ମୁଁ ମହାପାପୀ କୁଆଡ଼େ ତାଙ୍କୁ ନର୍କରୁ ତ୍ରାଣ କରିବି । ମୁଁ ତ ନିଜେ ଅରକ୍ଷ । ପୁଣି ପଚାରିଲି ''ବାପା କଣ କରୁଛନ୍ତି ?''

''କଣ କରିବେ ! ସେଠି ଘରେ ଥିଲାବେଳେ ଗାଧୋଇ ପାଧୋଇ ଖଟ ଖଣ୍ଡିକରେ ପଡ଼ି ଗୋଡ଼କୁ ଗୋଡ଼ ଉପରେ ଥୋଇ ଶାସ୍ତ୍ରପୁରାଣ ପଢୁଥିଲେ, ଏଠି ବି ସ୍ୱର ଧରି ବୈଦେହୀଶ ବିଳାସ, ସାରଳା ମହାଭାରତ ପଢୁଛନ୍ତି; ଅନେକ ଦେବଦେବୀ ପାଲା ଗାହାଣ ଶୁଣିଲା ପରି ତାଙ୍କୁ ଘେରି ବସିଛନ୍ତି । ଭାଗବତ ସମସ୍ତେ ପଢ଼ନ୍ତି ଶୁଣନ୍ତି ଚନ୍ଦ୍ରାଲୋକରେ ।

Digitized by srujanika@gmail.com

ଏଠି ଶୋକ ଶୋଷ ନାହିଁ କାହାରି । ଯେତେ କାବ୍ୟ କବିତା ଆଲୋଚନା କଲେ ବି ବେଳ ସରିବ ନାହିଁ । ଆଚ୍ଛା ବାପା ! ପ୍ରଶାନ୍ତ, ସୁଶାନ୍ତ କିମିତି ଅଛନ୍ତି ? କମଳା, ବିମଳାର କିଛି ଖବର ରଖିଛୁ ନା ଭାଇଭଉଣୀରେ ଦେଖାସାକ୍ଷାତ୍ ନାହିଁ ? କଣ ପଚାରିବୁ ବୋଲି କହୁଥିଲୁ ପଚାର । ପନ୍ଦର ମିନିଟ୍‌ରୁ କେତେ ମିନିଟ୍ ଚାଲିଗଲାଣି । ଫେର୍ ବୋହୂକୁ ତ ଦେଖିବୁ ।"

ମୁଁ କହିଲି "ମାଆ !ପୁଅର ମନ କଥା ତତେ ଅଛପା ଥିବ ? ଜନ୍ମରୁ ପଚିଶ ବର୍ଷ ଯାଏ ତୁ ମୋର ଏତେ ତତ୍ତ୍ୱ ନେଇଛୁ ଯେ ମୁଁ ଏକ ଅପଦାର୍ଥ ହୋଇଗଲି । ଅନ ବେଣ୍ଟି ମୋ ମୁହଁରେ ପୂରାଇବାଠୁଁ ସକାଳର ପାଣି ଦାନ୍ତକାଠି ଯୋଗାଇବା ଏପରିକି ରାତିରେ ଦିହରେ ଚାଦର ଘୋଡ଼ାଇ ଦେବା ପର୍ଯ୍ୟନ୍ତ ମୋର ସବୁ କାମ କରିଛୁ । ମାଆ ! ସେତେବେଳେ ଶରଧାରେ ଗେହ୍ଲାରେ ବଢ଼ାଇ ମୋତେ ଯେ କ୍ରମେ କ୍ରମେ ତୁ ଅକର୍ମଣ୍ୟ କରି ଦେଉଛୁ ସେ କଥା ବୁଝିଲୁ ନାହିଁ । ଯେତେବେଳେ ମୋର ଡେଣା ଲାଗିଲା, ଖଣ୍ଡିଉଡ଼ା ଶିଖିଲି ଏବଂ ରେଭେନ୍‌ସା କଲେଜରେ ପାଞ୍ଚବର୍ଷ ସ୍ୱାଧୀନ ହୋଇ ପଢୁଥିଲି ସେତେବେଳେ ମୋତେ ତୋ ହାତରୁ ନେଇ ଆଉ ଗୋଟାକ ହାତରେ ସମର୍ପି ଦେଲୁ । ସିଏ ବି ତୋରି ପରି ମୋତେ ଅପଦାର୍ଥ କରି ଦେଲା, କୁଟା ଖଣ୍ଡିକ ଦିଖଣ୍ଡ କରିବାକୁ ଦେଲାନି । ମୁଁ ପାଣି ଢାଳେ ପାଇଁ ବି ତାକୁ ନିର୍ଭର କଲି । ତୁ ମୋର ପଛରେ ଲାଗି ଲାଗି ନିଜକୁ ଅସ୍ଥି ଚର୍ମ କଲୁ, ବାପାଙ୍କୁ ବି ସୁଖ ଦେଇ ପାରିଲୁ ନାହିଁ; ତୁ ଏକରକମ ଅକାଳରେ ମଲୁ । ଯାହାକୁ ମୋ ସ୍ତ୍ରୀ କରିଥିଲୁ ସେ ବି ମୋର ସେବା କରି କରି ତୋରି ପରି ଅକାଳରେ ମଲା; ପରେ ପିଲାଝିଲାଙ୍କ ବୋଝ ମୋର ଉପରେ ଲଦି ଦେଇ । ସ୍ତ୍ରୀ ଲୋକଗୁଡ଼ାକ, ମାଆ, ନିଜ କଥା ମୋଟେ ବୁଝନ୍ତି ନାହିଁ କାହିଁକି ? ଫଳରେ ଆମେ ମରୁଁ । ମତେ କହ, ଏବେ ମୁଁ କଣ କରିବି । ମୁଁ ପୁରା ପଙ୍ଗୁ, ନାରୀ ନିର୍ଭରଶୀଳ । ମୋ ବୟସ ଷାଠିଏ ଟପିଲାଣି । ତୁମେ ଦି ଜଣ ମୋତେ ଧୋକା ଦେଇ ଚାଲିଆସିଛ । ପୁଅ ଝିଅ ନାତିନାତୁଣୀ ଯାହାଙ୍କ ଉପରେ ଆଶା ରଖିଥିଲି ସେମାନେ ନୂଆ ବସା ବାନ୍ଧିଲେଣି, ମୋତେ ଧିକ୍କାର, ହତାଦର କରିବାକୁ ଆରମ୍ଭ କଲେଣି ଅନେକ ଦିନରୁ । ଆଉ ମୁଁ... ସହିବାର ଗୋଟାଏ ସୀମା ଅଛି ମାଆ ! ଲେଖାଲେଖି କରି, ବହିପତ୍ର ପଢ଼ି ପଢ଼ାଇ ମନ ଭୁଲାଉଛି, ନିଜକୁ ଠକାଉଛି; ତୁ ଏବେ କହ ମୁଁ ବଞ୍ଚି ରହିବା ପାଇଁ ଆଉ ଗୋଟାଏ ବାହା ହେବି କି ନାହିଁ ?

ମାଆର ଆଖିରୁ ଠପ୍‌ଠପ୍ ହୋଇ ଲୁହ (ଆରେ, ସ୍ୱର୍ଗରେ ବି ଦୁଃଖର ଲୁହ !) କେତେ ଟୋପା ଝରିଗଲା । କହିଲା "ବାପାରେ ! ବୋହୂ ଏଠାକୁ ଆସିବାର ଦି ବରଷ ପରେ ମୁଁ ଏଠାକୁ ଆସିଲି । ସେ ଦି ବରଷ ତୋ କଥା ଭାବି ଭାବି, ତୋ ଦୁଃଖ ଦେଖି, ଗୋଟାଏ ନିଷ୍ପତ୍ତି ନିର୍ଦ୍ଧାରଣ କରୁଥିଲି । ହେଲେ ଅନେକ କଥା, ଆଗପଛ ଭାବି, ଆସିବା ପୂର୍ବରୁ କିଛି କରି ପାରିଲି ନାହିଁ, ତୋତେ ସାହସ କରି କହି ବି ପାରିଲି ନାହିଁ । ମୁଁ ତୋର ମାଆ, ମୋ ମନ କଥା ତତେ କହି ଦେଉଛି, ତୋର ଯାହା ଇଚ୍ଛା ତାହା କର । ତୋର ସାମାନ୍ୟ କଷ୍ଟ ହେଉ ଏକଥା ମୁଁ ଚାହେଁନି । ହେଲେ ଲୋକକୁହାକୁ ମୋର ଡର । ତୁ

Digitized by srujanika@gmail.com

ଗୋଟାଏ କାମ କରି ବସିବୁ । ଅନ୍ୟ ଲୋକ କଥା ଛାଡ଼ ନିଜର ଆତ୍ମୀୟ ସ୍ୱଜନ ପୁଅ ଝିଅ କଣ ନାହିଁ କଣ କହିବେ; କୁହନ୍ତୁ ନ କୁହନ୍ତୁ, କହିଲା ପରି ତତେ ମତେ ଜଣାଯିବ । ରାମଚନ୍ଦ୍ର ସେଇ ଲୋକାପବାଦକୁ ଡରି ସୀତାଙ୍କୁ ବଣକୁ ପଠାଇ ଦେଇଥିଲେ ।''

ଠିକ୍ ମୋରି ମାଆ ପରି କଥାଗୁଡ଼ାକ । ମାଆ ପୁଅର ଏକା ଚିନ୍ତାଧାରା । 'ଲୋକେ କଣ କହିବେ' ତାର ବି ଡର । ମୋର ତାଠୁ ବଡ଼ ଡର ।

ଦଣ୍ଡେ ରହି ପୁଣି ସେ କହିଲା ''ତୋ ବୋହୂକୁ ପଚାରୁନୁ ? ସିଏ କଣ କହୁଛି । ସେ ନିଶ୍ଚୟ ମନା କରିବ, ଏତେ ବଡ଼ ବଡ଼ ଏତେ ଗୁଡ଼ାଏ ପିଲାଝିଲା ? ଗାଳି ବୃଷ୍ଟି କରିବ । ହେଇ ତୁ, ତୁ ଆସିବାର କିମିତି ଟେର ପାଇଲା କେଜାଣି ତୋରି ଆଡ଼କୁ ମାଡ଼ି ଆସୁଛି ।''

ମାଆ ଆଡ଼ୁ ଆଖି ଫେରାଇ ଆଗକୁ ଚାହିଁଛି, ଦେଖିଲି ଅସମ୍ଭାଳ ହୋଇ ପୂର୍ଣ୍ଣିମା ମୋ ଆଡ଼କୁ ଧାଇଁଛି । ପଲକ ପଡ଼ିଛି କି ନାହିଁ ଧାଇଁ ଯାଇ ତାକୁ ଆଖି କାନ ବୁଜି କୁଣ୍ଢେଇ ପକାଇଲି; ସେତିକି ଜୋର ଓ ସେମିତି ଭଙ୍ଗୀରେ ଯିମିତି ବାହା ପରେ ପ୍ରଥମ ଥର ରେଭେନ୍‌ସା କଲେଜରୁ ପୂଜା ଛୁଟିରେ ଫେରିବା ଦିନ ରୋଷେଇ ଘରେ ଏକୁଟିଆ ପାଇ ତାକୁ ଜାବୁଡ଼ି ଧରିଥିଲି । କେତେ ସମୟ (ମୁହୂର୍ତ୍ତେ ହବ !) ଦୁହେଁ ସିମିତି ରହିଲୁଁ ମାଲୁମ ନାହିଁ ।

ଅଲଗା ହେବା ମାତ୍ରେ ମୋ ପାଟିରୁ ବାହାରିଗଲା "O World Invisible, I view thee ! O World Intangible, I cluth thee !" ଅଦୃଶ୍ୟକୁ ଦୃଶ୍ୟମାନ ରୂପରେ ଏବଂ ଅସ୍ପୃଶ୍ୟକୁ ସ୍ପୃଶ୍ୟ ରୂପେ ଦେଖିବାର ଏବଂ ଅନୁଭବ କରିବାର ସ୍ୱର୍ଗୀୟ ଆନନ୍ଦ ମୁଁ ଯୁଗପତ୍ ପାଇଗଲି ।

ମାଆ ତେଣେ ମନ୍ତବ୍ୟ କରିବାର ଶୁଣିଲି ''ବୋହୂ ! ମୁଁ ଏଠି ଛିଡ଼ା ହୋଇଛି, ତତେ ନାଜ ମାଡୁନି । ଲୋକେ କଣ କହିବେ ?''

ସ୍ତ୍ରୀ କହିଲା ''ମାଆ ! ତୁମେ ଏ ଯାଏ ପୃଥିବୀର ନୀତି ନିୟମ ଭୁଲିନ ଦେଖୁଛି । ସ୍ୱର୍ଗରେ ନାଜ ଅଛି ? ପୁରୁଷକୁ ସ୍ତ୍ରୀ ପ୍ରେମ କରିବ ସେଥିରେ ପୁଣି ଲୋକେ କଣ କହିବେ ? ପୃଥିବୀର ସବୁ ଜ୍ଞାନ ତୁମର ପାସୋର ହୋଇଗଲା ?''

''ତୁ ତ ମୋ ପୁଅକୁ ଖରାପ କଲୁ । ମୋଠୁ ତାକୁ ଛଡ଼ାଇ ନେଲୁ । ତୁ ଯିମିତି ଆମ ଘରକୁ ଆସିଲୁ, ମାଆ ପୁଅର କଟି । ତୁ ଆସିବା ପର୍ଯ୍ୟନ୍ତ ସେ କେତେ ଭଲ ନଥିଲା !''

ମୁଁ ଆଶ୍ଚର୍ଯ୍ୟ ହେଲି ସେମାନଙ୍କ ବଚନିକା ଶୁଣି । କହିଲି ''ମାଆ ! ଶାଶୁ ବୋହୂ ମର୍ତ୍ତ୍ୟରେ କଳି କରିବା ନିତ୍ୟ ନୈମିତ୍ତିକ କଥା; ଶାଶୁ ବୋହୂ କଳି ବିରାଡ଼ି କୁକୁର କଳି ପରି ଏକ ପ୍ରକାର । ସ୍ୱର୍ଗକୁ ଆସିଲେ ବି ସେମାନଙ୍କ ପରିବର୍ତ୍ତନ ହେବନି ଏକଥା ମୁଁ ସ୍ୱପ୍ନରେ ବି ଭାବି ନଥିଲି ।''

Digitized by srujanika@gmail.com

ମାଆ ମୋତେ ଆଣିବା ମତଲବରେ କହିଲା "ତୁ ତ ତାକୁ ପ୍ରଥମରୁ ମୁହଁ ଦେଲୁ, ଜବତ କରିଥିଲେ ଏମିତି ଖୁରମୁହାଁ ହୋଇଥାନ୍ତା ! ଲୋକେ ତାକୁ ଘଇତା ସୁହାଗିଆ କହୁ ନଥିଲେ ?"

"ମୁଁ କଣ ଷାଠିଏ ବର୍ଷ ହେଲା ଯାକେ ମା' ଦୁଧ ପିଉଥାଆନ୍ତିକି ! ମୋର ବିଶ୍ୱାସ କୌଣସି ମାଆ ତା ବିବାହିତ ପୁଅର ମନ ଜାଣିବାର ଚେଷ୍ଟା ବି କରେନି । ପୁଅଟିକୁ ସ୍ୱକୀୟ ଉପାର୍ଜନ, ସଂପତ୍ତି ଭାବେ ।"

"ସତ କଥା କହିଲୁ ବାପା ! ପଚିଶ ବର୍ଷ ଆଉ ଦଶମାସ ଦଶଦିନ ଲହୁ ଲୁହ ଦେଇ ଜୀବନକୁ ନ ଭାବି ତୋତେ ପାଳିଲି ଯେ ତାର ଫଳ ହେଲା ମୁଁ ତତେ ଚିହ୍ନିଲି ନାହିଁ; ଚିହ୍ନିଲା ଜାଣିଲା ପର ଘରର ପନ୍ଦର ବର୍ଷର ଏକ ଛଟକୀ ଝିଅ ।"

ମୋ କଥାର ଖିଅ ଧରି ନେଇ ବ୍ୟଙ୍ଗସୂଚକ ଠାଣୀରେ ପୂର୍ଣ୍ଣିମା କହିଲା "ଚିହ୍ନିଲା ନାହିଁ, ପାଳିଲା ନାହିଁ ! କଣ ଯେ କୁହ ମାଆ ତାଙ୍କ ପିଲାଟିକୁ ପାଳିଲି, ତାକୁ ପାଳିଲି । ତୁମେ ଯେଉଁ ପଚିଶ ବର୍ଷ ପାଳିଲ ବୋଲି କହୁଛ ସେ ପଚିଶଟା ବର୍ଷ ଯେ କେହି ନର୍ସ ସାଙ୍ଗସାଥୀ, ବୋର୍ଡ଼ିଂ ହଷ୍ଟେଲରେ ପୂଝାରୀ ଚାକର ପାଳି ଦେଇଥାନ୍ତେ, ପାଳିଛନ୍ତି ମଧ୍ୟ । ମୁଠାଏ ମୁଠାଏ ଖାଇବାକୁ ଦେଉଥିଲେ ବଢ଼ି ଚାଲିଥିବେ । କିନ୍ତୁ ୨୪/୨୫ ବର୍ଷ ପରଠାରୁ ପୁରୁଷପିଲାଙ୍କୁ ପାଳିବା ସ୍ତ୍ରୀ ପକ୍ଷରେ ସବୁଠୁ କଷ୍ଟ ପାଠ । ରାଗ, ରୁଷା, ଅଭିମାନ କେତେ କଣ ସେମାନଙ୍କର । ମୁଁ ଆଠ ଆଠଟା ପିଲାଝିଲା ପାଳିବା ସାଙ୍ଗରେ ନଅ ନମ୍ବର ପିଲା ଆକାରରେ ତୁମର ଏଇ ବଡ଼ ପୁଅ, ବୁଢ଼ା ପୁଅକୁ ପାଳିଛି । ସେଇଟି ମୋର ବି ବୁଢ଼ା ପୁଅ, କୋଡ଼ ପୋଛା ପିଲା ଧରି ନିଅ ।"

ଦି ଜଣଙ୍କ ଯୁକ୍ତିତର୍କ କଳିତକରାଳ ବଢ଼ି ଚାଲିବାର ଦେଖି ବିରକ୍ତ ହୋଇ କହିଲି "ମତେ ଆଶ୍ଚର୍ଯ୍ୟ ଲାଗୁଛି ତୁମେ ଦୁହେଁ ପ୍ରତି କଥାରେ ଏମିତି ଲାଗିଯାଉଛ; ଭାବିଛ, ମର୍ତ୍ତ୍ୟରେ ରୋଷେଇ ଘର, ଦାଣ୍ଡବାଟ, କିଆ ପୋଖରୀର ଗାଧୁଆ ଘାଟ ! ମୁଁ ଫେରି ଯାଉଛି । ମାଆ ! ତୋତେ ପଚାରି ସାରିଛି ପ୍ରଶ୍ନଟି । ତାକୁ ପଚାରିବାକୁ ତୁ ମତେ ବେଳ ଦବୁନି ଦେଖୁଛି । ତୁମେ ଦିହେଁ ମୋ ପାଇଁ ବହୁତ କରିଛ; ତୁମ ପରି ମାଆ ସ୍ତ୍ରୀ ମୋତେ ଜନ୍ମେ ଜନ୍ମେ ମିଳୁ ।"

ସ୍ତ୍ରୀ ଯୋଡ଼ିଲା "ଯାଅ ମା ! ବାପା ଡାକିଲେଣି, ଗୁଣ୍ଡି ନା ପାନ କଣ ମାଗୁଛନ୍ତି ।"

ମାଆ ମୁହଁ ହାଣ୍ଡି କରି କଡ଼ା ଚାହାଣିଟିଏ ତାକୁ ଦେଇ ଅନ୍ତର୍ହିତ ହୋଇଗଲା ।

ପୂର୍ଣ୍ଣିମା ମୋ ପାଖକୁ ଆସି ଲାଗିହୋଇ ହାତଟାକୁ ଧରି ମୋ ଆଙ୍ଗୁଳିଗୁଡ଼ାକୁ ଦଳୁଥାଏ ଏବଂ କହୁଥାଏ "ତୁମେ ମାଆକୁ ଯାହା ପଚାରିଛ ତାହା ମୋତେ ଅଛପା ନାହିଁ । ତୁମର ଏ ପ୍ରଶ୍ନ ବହୁ ପୂର୍ବରୁ ଜାଣିଛି । ତୁମ ରକ୍ତ ଶିରା ପ୍ରଶିରାର ଇତିହାସ ଭୂଗୋଳ ମୋତେ ଜଣା ଅଛି । ଯାହା ପଚାରିବ ପରେ ପଚାରିବ; ମୋତେ ଆଗ କୁହ ମୋ ପିଲାଝିଲାଏ କିମିତି ଅଛନ୍ତି ? ମୁଁ ଅସମୟରେ ଚାଲି ଆସିଛି ଇଚ୍ଛା କରି । ଚାଲିଆସିଲି

Digitized by srujanika@gmail.com

କେବଳ ତୁମେ ସେମାନଙ୍କୁ ଭଲ ପାଳି ପାରିବ ବୋଲି ମୋର ବିନା ସାହାଯ୍ୟରେ; ନହେଲେ ତୁମେ ମୋ ପିଛା ଲାଗି ମୋତେ ବି ଖାଇଥାନ୍ତ, ତୁମ ନିଜକୁ ବି ଖାଇଥାନ୍ତ । ତୁମ ମାଆ ତ ତୁମକୁ ଅପଦାର୍ଥ କରି ଦେଇଥିଲେ; ବାକି ଯାହା ତୁମର ନିଜର ଥିଲା ଅତିବେଶି ପତିଭକ୍ତି ଦେଖାଇ ତୁମକୁ ପଙ୍ଗୁ କରିଦେଲି । ଆମେ ଦୁହେଁ ଯେଉଁ ବିପଦରେ ତୁମକୁ ପକାଇଛୁ ତହିଁରୁ ରକ୍ଷା ପାଇଁ ଏଠାକୁ ଧାଇଁ ଆସିଛ ତ । କୁହ ତୁମ କଥା । ଆଉ ଗୋଟିଏ ବାହା ହବ କହୁଛ ତ ? ହଉନ । ମୋତେ ପଚାରିବାର କଣ ଅଛି ? ମାଆ କ'ଣ କହିଲେ ?

"ବାହା ହବା କଥା କହୁନି । ବାହା ହବା ବୟସ ଆସୁଛି ମୋର, କଣ ଭାବିଛ ? ମୁଁ କାହିଁକି, କାହାପାଇଁ ଘରକୁ ଫେରୁଛି, ଫେରିବି କୁହ । କାହାକୁ କହିବି, 'ହେଇ ଦେଖ୍ ପାହାଡ଼ ଆର ପାରି ସୂର୍ଯ୍ୟଟାକୁ । ଝରକା ଆର ପାଖ ହେନା ରଜନୀଗନ୍ଧାର ମହକ ଶୁଙ୍ଘି ପାରୁଛ ? ହେଇ ଦେଖ, କେଡ଼େ ସିଡ଼ରେ କରମଣ୍ଡଳ ଯାଉଛି ।' ଏକୁଟିଆ ସାଙ୍ଗ ବିନା ବୁଢ଼ା ମାଙ୍କଡ଼ଟା ବି ଚିଡ଼ିଆଖାନାରେ ମରିଗଲା ରାଉରକେଲାରେ ।"

"ଆରେ ବାବା ! ବାହା ହୁଅ, ସାଙ୍ଗ ନିଅ, ନର୍ସ ନିଅ ଯାହା ଯିମିତି ତୁମର ଇଚ୍ଛା କର । ଆରାମରେ ରୁହ । ଏଠି ସ୍ୱର୍ଗର ଅବସ୍ଥା ଦେଖିଲ ତ । ଏଠି କାହାର ହାତୀମୁଣ୍ଡ, କାହାର ତିନି, କାହାର ଚାରି, କାହାର ବା ପାଞ୍ଚମୁଣ୍ଡ । ଏ ମୁଣ୍ଡର କଥା ସେ ମୁଣ୍ଡରେ ନାହିଁ । ମୁଁ ବେଶ୍ ବୁଝିଛି, ତୁମେ ଯୁଦ୍ଧ ଫେରନ୍ତା ଏକ ବୀର । ତମର ନରମ କଅଁଳ ଚିକିତ୍ସା ଦରକାର । ମାଆ କଣ କହିଲେ ?"

"ମାଆ କହିଲା ସେ ମୋର ଦୁଃଖକଷ୍ଟ ଦେଖି ପାରିବନି । ବାହା ହେବାକୁ କହିଲା । କିନ୍ତୁ ତାର ଭୟ 'ଲୋକେ କଣ କହିବେ' ।"

"ତୁମର ଭୟ କାହିଁକି ?"

"ମାଆ କଥା ନ ମାନିବାକୁ । ମାଆ ପରା ପୃଥିବୀଠୁ ବଡ଼ । ଜୀବନଯାକ ଶାସ୍ତ୍ରରେ ପଢ଼ିଛୁ ।"

"ରଖ ତୁମ ଶାସ୍ତ୍ର । ଯେଉଁମାନେ କହୁଥିଲେ ସ୍ତ୍ରୀକୁ ବିଶ୍ୱାସ କରିବ ନାହିଁ, ତାକୁ ସ୍ୱାଧୀନତା ଦବନି, ସେମାନେ ନିଜେ ବାହା ହୋଇ ନଥିଲେ ବା ତାଙ୍କର ସ୍ତ୍ରୀ ଥିଲେ ବୋଲି ଜଣାନାହିଁ । ନାରୀ ଜାତିଙ୍କ ନିନ୍ଦା କରେ ନପୁଂସକ । ତୁମେ ଲୋକକୁହା କଥାକୁ ଡରୁଛ ! ତୁମେ କଣ ଅଯୋଧ୍ୟାର ରାଜା ହୋଇ ପ୍ରଜା ପାଳୁଛ ଯେ ଧୋବାଧୋବଣୀ କଥାରେ ପ୍ରାଣ ପ୍ରିୟା ସୀତାକୁ ବଣକୁ ମିଛ କଥା କହି ଭୁଲାଇ ପଠାଇ ଦେବ । ବାଜେ କଥା ଛାଡ଼ । ମୁଁ ମଲାବେଳେ ଲୋକେ କଣ କହିଥିଲେ ମନେ ନାହିଁ ? ସେ ବଙ୍ଗାଳୀଟା କହି ନଥିଲା ତୁମେ ମୋତେ ବାଡ଼େଇ ମାରିଦେଲ ବୋଲି ! ସେ କାଠବାଲାଟା କହି ନଥିଲା; ମୋର ପାପଗର୍ଭ ଥିଲା ବୋଲି ! ଯାଅ, ଇଚ୍ଛା ଅନୁସାରେ ମନ ମନାଇ ଖାଇପିଇ ମର୍ତ୍ତ୍ୟରେ ରୁହ, ସ୍ୱର୍ଗ କଥା ଚିନ୍ତା କରିବନି, ପାପପୁଣ୍ୟ ଚିନ୍ତା କରିବନି ! ମୁଁ ତୁମ ସବୁ ପାପ ନେବି । ମାଆ ତୁମକୁ

Digitized by srujanika@gmail.com

ପାଳିଥିଲେ ନର୍କରୁ ତାଙ୍କୁ ଉଦ୍ଧାର କରିବ ବୋଲି । ମୋତେ ତୁମେ କେଉଁଥିରୁ ଉଦ୍ଧାରିବ ? ପଳାଅ । ମହୀରେ ଥିବ ଯେତେ ଦିନ, ଆନନ୍ଦ କରୁଥିବ ମନ ।''

''ବେଶ୍ ! ତୁମରି କଥା ହେଲା । ଆଉ କଥାଏ । ତୁ ଦିନେ ଆମ ସେଠାକୁ ଆସ । ସମସ୍ତଙ୍କୁ ଡାକି ଦିଅନ୍ତି, ଆସନ୍ତେ ପୁଅଝିଅ ନାତିନାତୁଣୀ । ଦେଖନ୍ତୁ ତୁ ଯିମିତି ମତେ ଜୀବନ ଦେଇ ପାଳିଥିଲୁ ମୁଁ ବି ତାରି ବଦଳରେ ତୋ ବୁଆଙ୍କୁ କିମିତି ପାଳିଛି । ତୋ ଛାତି କୁଣ୍ଢେମୋଟ ହୋଇଯିବ ।''

''ଶୁଣି ଖୁସି ହେଲି । ଏଠାକୁ ଯେ ଆସେ ସେ ଦୁଃଖ କଷ୍ଟ ସହିବାର ଶକ୍ତି ହରାଏ; ଅମଣିଷ ହୁଏ । ତଳୁ ଉପରକୁ ଆସନ୍ତି ଉପରୁ ତଳକୁ ଯାଆନ୍ତି ନାହିଁ କେହି, କେବଳ ମଝିରେ ମଝିରେ ଭଗବାନ ଯାଇ ଘୂରାଫେରା ନାଟକୀର୍ତ୍ତନ କରି ଆସନ୍ତି ଦେବର୍ଷି ନାରଦଙ୍କ ଗହଣରେ ।''

''ଆଚ୍ଛା, ମୁଁ ଯିମିତି ତତେ ବାଇଶ ବର୍ଷ ହେଲା ଦେଖୁଛି ତୁ ସିମିତି ମୋତେ ସ୍ୱପ୍ନରେ ଦେଖିନାହୁଁ ?''

''ହାୟ ! ହାୟ ! ଏଠି ସ୍ୱପ୍ନ ବି ନାହିଁ; ଅସଫଳ ସ୍ୱପ୍ନ ବୋଲି କଥାଟି ନାହିଁ । ଆଜେବାଜେ କଥା ଛାଡ଼ । ମୁଁ ଯାହା କହୁଛି ତାହା କରିବ ଯାଅ । ମୁଁ ତୁମ ପାଖକୁ ଆସିବା ପୂର୍ବରୁ ଲେଖାଲେଖି କରୁଥିଲ, ମୋତେ ପାଇ ସେ ସବୁ ଛାଡ଼ିଲ । ଏବେ ପୁଣି ସାକୀସୁରାର ଆଶ୍ରା ନେଇ ଲେଖ । ସ୍ୱର୍ଗର ଆନନ୍ଦ ମହୀରେ ପାଇବ । ଖବରଦାର, ଲୋକେ କଣ କହିବେ ସେ କଥା ଭାବିବ ନାହିଁ । ସୀତାଙ୍କ ସ୍ଥାନରେ ସୁନାପ୍ରତିମା ଥାପି ଯଜ୍ଞ କର ।''

''ଆଉ ଆଉ ! ସେତିକି ଢେର । ମୁଁ ଯେଉଁଥିପାଇଁ ଆସିଥିଲି ତାହା ବୁଝିଗଲି । ପାଇଗଲି । ତୁ ମୋତେ ଆଉ ଲେଖାଲେଖି ବିଷୟରେ ଉପଦେଶ ଦିଅନା । ମୋର ସୁବର୍ଣ୍ଣ ସୀତା ଲୋଡ଼ା ନାହିଁ । ମୋର ଯଜ୍ଞ ପାଇଁ ତୋର ସ୍ମୃତି ଯଥେଷ୍ଟ । ଲେଖାଲେଖି ପାଇଁ ମୋର ଅଭାବ, ଶୂନ୍ୟତା ଲୋଡ଼ା । ପ୍ରେରଣା ପାଇଁ ଯାହା ଦରକାର ତୋଠୁଁ ପାଇଲିଣି । ତୁ ମାନିନୀ ହୋଇ ବି ମୋତେ ସୁବର୍ଣ୍ଣ ସୀତା ନେବାକୁ ଅନୁମତି ଦେଲୁ ତ, କିନ୍ତୁ ସୁନା ହରିଣ ପଛରେ ମୁଁ ଯିବିନାହିଁ । ମୋର କେହି ନାହିଁ, ନ ତାତ, ନ ମାତା, ନ ବନ୍ଧୁ, ନ ଭ୍ରାତା, ତୁ ହିଁ ମୋର ଭବାନୀ, ସରସ୍ୱତୀ, ସାରଳା, ଦୁର୍ଗତନାଶିନୀ, ଦୁର୍ଗା, Heavenly Muse, 'ତୋ ନାମ ଗାଇ ତୁଣ୍ଡରେ' ବ୍ରହ୍ମଦାଣ୍ଡରେ ଭିକ୍ଷା ମାଗିବି । ଲୋକେ ଯାହା କୁହନ୍ତୁ, ପାଗଳ ? ପ୍ରେମିକ ? କବି ? ଯେ ଯାହା ବୋଲିବ ପଛେ ବୋଲୁଥାଉ ।'' ପ୍ରଥମ ରାତିର ବାସର ଗୃହକୁ ବାହାରି ଯାଉଥିଲା ବେଳେ ଧୀରେ ଧୀରେ ନିଃଶବ୍ଦରେ କବାଟ ଆଉଜାଇ ଚାଲିଗଲା ଭଙ୍ଗୀରେ ପୂର୍ଣ୍ଣିମା ଜାକୁଆ ଚାହାଣି ଦେଇ ମୋ ଆଗରୁ ଅନ୍ତର୍ହିତ ହୋଇଛି କି ନାହିଁ, ଚାରିଟା ପଇଁଚାଳିଶ ମିନିଟ୍ ଏଲାରାମ୍ ଟ୍ରିଂ ଟ୍ରିଂ ବାଜି ଉଠିଲା ।

Digitized by srujanika@gmail.com

# ହଳେ ବଳଦ, ଯୋଡ଼ାଏ ଖାସି
# ଓ ଦୁଇଟି ପ୍ରାଣୀ

ଦର ଆଉଜା ତାଳପତ୍ର ଟାଟି ଦେଇ ଶାମ ଦେଖିଲା ସୁକୁମାରୀ ଅନ୍ଧାରୁଆ ପଲା ଭିତରେ କଣଟାଏ କୋଳରେ ରଖି ଚେକା ମାରି ବସିଛି । ଏତିକିବେଳେ ସବୁଦିନ ପଡ଼ିଶା ଘରର ବାସି କାମ, ବାସନକୁସନ ମଜାମଜି କାମ ସାରି, ଶାମର ଓ ତା ନିଜ ପେଟ ପାଇଁ ପାଣି ତୋରାଣି ଯୋଗାଡ଼ କରିବା ପାଇଁ ସେ ଫେରେ । କେଉଁ ଦିନ ପନିପରିବା ଚୋପା, ଶାଗ ଦି ମୁଠା, ନ ହେଲେ ସେମଣା ଚୂଡ଼ା ମୁଢ଼ି ଗଣ୍ଡେ ବାବୁ ଘରୁ ନେଇ ଫେରିଥାଏ । ଶାମ ବି ସିମିତି ସକାଳୁ ଉଠି ବସିଲେ ସହର ତଳି ସାହିର ତଦାରଖ କରି ମାଲିମାମୁଲା ବୁଝାବୁଝି କରି ଫେରେ । ଦୁହେଁ ପଦେ ଅଧେ ନିହାତି ଦରକାରୀ କଥାବାର୍ତ୍ତା ହୁଅନ୍ତି । ଗିନାଏ, ବେଲାଏ ପାଣି ତୋରାଣି ପିଇ ଚୂନ ଧୂଆଁପତ୍ର କାନିରେ ଗଣ୍ଠାଇ ସୁକୁମାରୀ ପୁଣି କାମକୁ ଚାଲିଯାଏ । ଶାମ ଘର ଜଗାଜଗି କରେ । ଦୁଆର ମୁହଁ ସଡ଼କ କଡ଼ର ଚା ଦୋକାନରେ ପଟା ବେଞ୍ଚରେ ବସି ନାହିଁ ନଥିବା ଖବର, ଗପ କୁହେ, ଶୁଣେ ।

କୋଡ଼ିଏ ହାତରେ କୋଡ଼ିଏ ହାତ ରେଳବାଇ ଜମି ବେଆଇନ୍ ଦଖଲ କରି ଅନ୍ୟମାନଙ୍କ ସାଙ୍ଗରେ ଯୁବା ବେଳରୁ 'ମେରେ ଜୀବନ ସାଥୀ' ସୁକୁମାରୀକି ଧରି ସେ ରହିଲାଣି । ଛୋଟ ପଲାଟିରେ ଋତୁ ପର୍ଯ୍ୟାୟକ୍ରମେ ପୋଇ, କଖାରୁ, ଲାଉ ନଟି ମାଡ଼ି ଥାଏ । ଓଳି ତଳେ ବାସନକୁସନ ମଜା ସ୍ଥାନର ପାଣି କଳସି ପାଖରେ ସଜନା ଗଛଟି । ଟିକିଏ ଦୂରକୁ ହଜାରୀ କୁନ୍ଦୁରୀ ଲତାଟାଏ ବାରମାସୀ ଫଳ ଅଳ୍ପ ବହୁତେ ଯୋଗାଏ । ପଡ଼ିଶାଙ୍କ ବାଡ଼ କଡ଼ରେ ଆମ୍ବଡ଼ା ଗଛ, ରାସ୍ତା କଡ଼ରେ ବିରାଟ ଫଳନ୍ତି ତିନ୍ତୁଳି ଗଛ । ଆଉ କଣ ଲୋଡ଼ା ବଞ୍ଚିବା ପାଇଁ ?

ଶାମଟି ବଡ଼ ବିଚିତ୍ର ଜୀବ । ତାକୁ କେହି କେବେ ରାଗି ପାରିବନି । ଛୋଟିଆ ମଣିଷଟି, ଅସ୍ଥି ଚର୍ମ । ଚୁଳ କଦମ ଫୁଲିଆ, ନିଶ ଟୁଥବ୍ରଶ ପରି । ଆଣ୍ଠୁ ନ ବଙ୍କାଇ ଖାଡ଼ା କାଠିଟା ପରି ଚାଲେ । କଥା କହିବା ପୂର୍ବରୁ ତା ମୁହଁରୁ ହସଟି ଆଗ ବାହାରେ । ସାହିରେ ସେ ଆପେ ଆପେ ନେତା ବୋଲାଏ । ଯୁବା କାଳରେ କେବେ ସିମେଣ୍ଟ କି ଆଳୁବୋରା ବୋହୁଥିଲା ବେଳେ ପିଠିରେ ଯେଉଁ ରକା ଲାଗିଥିଲା ତାହା ଭଲ ହେଲାନି । ତେଣୁ ସୁକୁମାରୀ କେବେ ତାକୁ ଭାରି କାମକୁ ଛାଡ଼େନି । ଏକ କଥାରେ ସୁକୁମାରୀ ତାକୁ ବାହା ହୋଇ; ତାକୁ ପିଲାଟି ପରି ଆଦର ଶରଧା କରି ପୋଷିଛି; ପୋଷା ବିରାଡ଼ି କୁକୁର ପରି ପାଳିଛି ।

Digitized by srujanika@gmail.com

କେଉଁଠି ହୁରି ପାଟି କଳି ତକରାଳ ହେଉଛି, ଶାମ ହାଜର । କାହାର ଘରକରଣା ଖଟ ଆଲମାରୀ ଟ୍ରଙ୍କରୁ ଓହ୍ଲାଇବ, ଶାମ ଉପସ୍ଥିତ । କାହାର ମଟର ଷ୍ଟାର୍ଟ ହେଉନି, ଶାମ ଲୋକ ଯୋଗାଡ଼ କରିଦେବ ପଛରୁ ପେଲିବା ପାଇଁ; ନିଜେ ବି ହାତ ଦେଇଥିବ । ସାଇର କେଉଁ ବାବୁ ଭାୟାଙ୍କ ଦିହ ଖରାପ, ଶାମକୁ ଜଣା । ଦେଖାହେଲେ ପଚାରିଦେବ "କି ବାବୁ ! ତର ଦିହ କି ନ ଖରାପ ଥିଲା, ଟିକିଏ ଭଲ ହେଲାନା ?" ଟିକିଏ ହସିଲେ ତାର ବତିଶ ଦାନ୍ତ ରୂପା ପରି ଝଟକିବ, ମୁହଁ ଯାକ ଦାନ୍ତମୟ ହୋଇଯିବ । ଗାଁ ବୋହୂ ଝିଅଙ୍କୁ ଲକ୍ଷ୍ୟ କରି ଟୋକାଟୋକାଳିଆ କେହି ବଜାରୀ ଯଦି ପଦେ ଅଧେ କହିଛି ତେବେ ଶାମ ସମସ୍ତଙ୍କୁ ହଟାଇ ତା କାନ ମୋଡ଼ାଇବ, ନାକ ଘଷାଇବ । ଏଇ ମାତ୍ର ଶାମ ସେମିତି ଏକ ଟୋକାକୁ ଜବଦ୍ କରି, ନିଶ ଚଣଚଣ କରି ଫେରିଛି ।

ମୁଣ୍ଡ ନୁଆ ଘର ଭିତରକୁ ପଶୁଁ ପଶୁଁ, "କିରେ ନୁକ୍ତୁରୀ !" କହି ଗର୍ଭିଣୀ ଛଡ଼ାଟି ପିଠିରେ ହାତ ଧୀରେ ଆଉଁଷି ଦେଲା; ଆଉ ମୁଠାଏ ଦୁବ ଘାସ ତା ପାଟିରେ ପୂରାଇ ଦେଲା । ଚାଳର କଣା ଦେଇ ଯେଉଁଠି ସୂର୍ଯ୍ୟକିରଣ ପଡ଼ିଥିଲା ସେଇଠି ମଝି ବାଉଁଶ ଖୁଣ୍ଟିକୁ ଆଉଜି ସୁକୁମାରୀ ବସିଥିଲା । ଆଉ ଲୁଗା କାନିରେ କୋଡ଼ରେ ଥିବା ଜୀବଟାକୁ ପୋଛି ପୋଛି, ପୁଣି ଚୁଲୀ ନିଆଁରେ ସେକାସେକି କରି ସାଷ୍ଟମ କରୁଥିଲା । କାନ ଦିଟାର ଫଡ଼ଫଡ଼ ଶବ୍ଦ ଓ ଅର୍ଦ୍ଧ ମୁମୂର୍ଷୁର ମେଁ ମେଁ ଡାକରେ ଶାମ ବୁଝିପାରିଲା ସୁକୁମାରୀ ଛେଳିଟାଏ କୁଆଡୁ ଆଣିଛି ।

"ଯାକୁ କେଉଁଠି ପାଇଲୁ ?"

"କିଣିଛି, ଦୁଇକୋଡ଼ି ଦଶ ଦେଇ ।"

"ପେଣ୍ଠି ନା ବୋଦା ?"

"ପେଣ୍ଠି ।"

"ଟଙ୍କା କେଉଁଠୁ ପାଇଲୁ ?"

"ରଖିଥିଲି; ମୋର ମଜୁରୀ ଟଙ୍କାର, ଦରମା (ପନ୍ଦର) ଟଙ୍କାରୁ ।"

"ବହୁତ ଦାମ ନେଲା । ପଚାଶ ଟଙ୍କା ! ଦି କିଲୋ ମାଂସ ହବନି, ରୋଗା ଖାଲି ହାଡ଼ ଚମଡ଼ା ଯେ । ବାୟାଣୀ ହେଲୁ ତୁ ?"

"ତୁ ହିସାବ କରୁନୁ, ତୋରି କଥା ଅନୁସାରେ ଦି କିଲୋ ମାଂସର ଦାମ ତ ଦି କୋଡ଼ି, ଚମଡ଼ା ଅଛି, ମୁଣ୍ଡ, ଗୋଡ଼, ଖୁରା ଠେଙ୍ଗା ଚାରିଟା । ତୁ ନୁକ୍ତୁରୀକୁ ଆଣିଲା ବେଳେ କିମିତି ଥିଲା କି ? ମରୁ ମରୁ ସେ ବଞ୍ଚିଲା ହେପାଚତରେ । ବାବୁଘର ଚାଣିଲେ ଯେତେବେଳେ ବଞ୍ଚିବନି ଏମିତି ଦେଇ ଦେଲେ ସିନା । ଆମେ କି ବେପାର ପାଇଁ କିଣୁଛୁଁ, ଜୀବ ପୋଷୁଛୁ ?"

ଏଥର ଆରମ୍ଭ ହେଲା ସୁକୁମାରୀର ଛେଳି ଚାରଣ ବ୍ରତ; ଦି ବର୍ଷ ଆଗରୁ ଶାମର ଯିମିତି ଆରମ୍ଭ ହୋଇଥିଲା ଗୋଚାରଣ ବ୍ରତ । ତ୍ରେତୟାଯୁଗର ଦିଲ୍ଲୀପ ଓ ସୁଦକ୍ଷିଣାଙ୍କ

Digitized by srujanika@gmail.com

କାଳିଦାସ ବର୍ଣ୍ଣିତ ବ୍ରତ ପରି । ସେମାନେ ଶୋଇଲେ ଏମାନେ ଶୁଅନ୍ତି ; ସେମାନେ ଚରିଲେ ଏମାନେ ଅତିନ୍ଦ୍ରିତ ହୋଇ ଜଗନ୍ତି ।

ସୁକୁମାରୀର ଅହୋରାତ୍ର ସ୍ନେହ ଶ୍ରଦ୍ଧା ପାଇ ଛେଳିଟି ସୁସ୍ଥ ସବଳ ହୋଇ ଖେଳା ଲୀଳା ଆରମ୍ଭ କରି ଦେଇ କେତୁଟା ଦିନରେ ଉଭୟଙ୍କ ଚକ୍ଷୁନନ୍ଦନ ହେଲା । ଶାମର ଝିଅର ନାଆଁ ଯଦି 'କୁକୁରୀ' ସୁକୁମାରୀର ଝିଅର ନାଆଁ 'ବୁଲାକୀ' । ଶାମର ଛଡ଼ାଟି ଟିକିଏ ଚୋରଣୀ ପ୍ରକୃତିର, ଯା ତା' ଘରେ ବାଡ଼ିରେ ପଶି କଳିକନ୍ଦଳ ଭିଆଏ । ସୁକୁମାରୀର ଛେଳିଟି ବି ସେମିତି ସାଇ ଭିତରେ ବାଡ଼ି ବାଡ଼ି ବୁଲି ବୁଲି ପେଟ ପୂରାଇ ଘରକୁ ଫେରେ, ଉଭୟଙ୍କ ନାମକରଣ ସଫଳ ବୋଲାଯିବ । ନାମବାଚକ ଶବ୍ଦର ଅର୍ଥ ଅଛି ।

ପଲାଟି ଭିତରେ ବର୍ଷା ଓ ଶୀତ ଦିନରେ ଚାରି ପ୍ରାଣୀ ଏକାଠି ଲଗାଲଗି ହୋଇ ଶୋଇ ଥିବାର ଦେଖିଲେ ଫକୀରମୋହନଙ୍କ ମହାକୁଡ଼ ଓ ମହାକୁଡ଼ାଣୀ କଥା ମନେ ପଡ଼ିବ । ତଫାତ୍ ଏତିକି ସେମାନଙ୍କର ଅନନ୍ତା ବୋଲି ଭେଣ୍ଡିଆ ପୁଅଟାଏ ଥିଲା । ନ ହେଲେ ମନେ ପଡ଼ିବ ଭଗିଆ ଶାରିଆ କଥା ; ତଫାତ୍ ଏତିକି ସେମାନଙ୍କର 'ଛମାଣ ଆଠଗୁଣ୍ଠ' ର ପ୍ରକାଣ୍ଡ ଜମିଦାରୀ ଥିଲା ; ୟାଙ୍କର ଗୋଷ୍ପଦେ ସୁଦ୍ଧା ଜମି ନଥିଲା । ସମାନତା ଥିଲା ଦୁଇ ବୟସ୍କ ନିଃସନ୍ତାନ ଦମ୍ପତିଙ୍କ ସନ୍ତାନ କାମନା ସ୍ତରରେ ।

ସହର ତଳି ଘୁଷୁରି ସାହିରେ ସଭ୍ୟ ଅସଭ୍ୟଙ୍କ ସଂଯୋଗ ଓ ସମ୍ମିଶ୍ରଣ ସ୍ଥଳୀରେ ସେମାନଙ୍କ ବସତି । ଘୁଷୁରି ଓ ମଣିଷଙ୍କ ପ୍ରକୃତି ସେଠି ପ୍ରାୟ ସମାନ । ଘୁଷୁରିଗୁଡ଼ାକ ଏଣେ ତେଣେ ବୁଲି କାଦୁଅ, ଗୁହମୁତ ଖାଇ ଶୀଘ୍ର ବଢ଼ି ଯାଆନ୍ତି; ଏବଂ ପ୍ରଚଣ୍ଡ ସନ୍ତାନ ବିସ୍ଫୋରଣ ଘଟାନ୍ତି; ଘୁଷୁରିଙ୍କ ଦେଖାଶିଖା ( ନା ଓଲଟା) ମଣିଷମାନେ ମଧ୍ୟ ପ୍ରତିଯୋଗିତା କରନ୍ତି । ସେମାନଙ୍କ ଯିମିତି ଫୁର୍‌ସତ୍ ନଥାଏ ଜନସମସ୍ୟା ଆଲୋଚନା କରିବାକୁ ; ମଣିଷଙ୍କ ଆବଶ୍ୟକତା ନଥାଏ ଆଲୋଚନା ପାଇଁ କାରଣ ସେମାନଙ୍କ ପିଲାଝିଲା ଯୋଗ୍ୟ, କାମିକା; ବେକାର କେଇ ନାହିଁ ସେମାନଙ୍କ ମଧ୍ୟରେ ।

ଘରର ଖଣ୍ଡେ ଦୂରରେ ରାସ୍ତା କଡ଼ର ଯେଉଁ ବିରାଟ ବାଲିଗଦା ତା ଉପରେ କଳା କଳା ଲଙ୍ଗଳା ଫୁଙ୍ଗୁଳା ପିଲାଝିଲାଏ ସଞ୍ଜ ସକାଳେ ହୁରିପାଟି କରି ଯେତେବେଳେ ଖେଳୁଥାନ୍ତି, ଭୋକଶୋଷ ଭୁଲି ଶାମ ଦେଖେ । ଛାତିରେ ତାର କୋହ ଉଠେ । ସମ୍ଭାଳି ନପାରି ଚିତ୍କାର କରେ "ବେ ଟୁଆଏ ! ବାଲିଗଦାରେ କାହିଁକି ଖେଳୁଛ ?" ସୁକୁମାରୀ ବି ଦେଖେ ରାସ୍ତା କଡ଼ରେ ଛାତି ମେଲାଇ ଆଠ ଆଠଟା ନାଲି ନାଲି ପିଲାପିଲିଙ୍କ ମାଆ ଘୁଷୁରି ଦୁଧ ପିଆଉଛି ; ବୁଲା କୁତିଟା ଛଅଛଅଟା ଆଖି ନଥିବା ପିଲାପିଲିଙ୍କି ସେମିତି ଭଙ୍ଗୀରେ ଦୁଧ ପିଆଇ ତୃପ୍ତିରେ ସୁଖରେ ଆଖି ବନ୍ଦ କରି ଶୋଇ ଯାଇଛି; ତେଣେ ହାତ ଗୋଡ଼ ପେଟକୁ ମାଡ଼ି ପିଲାଏଁ କ୍ଷୀର, ରକ୍ତ ପିଇ ଚାଲିଛନ୍ତି । ସୁକୁମାରୀ ସମ୍ଭାଳି ପାରେନି; ଆଖିରୁ ଲୁହ ଝରୁଥାଏ । ଏମିତି ସନ୍ତାନ ବାତ୍ସଲ୍ୟର ଦୁଇଟି ଦୃଶ୍ୟ ଦେଖି ଦୁଇପ୍ରାଣୀ ଘରକୁ ଫେରି ପରସ୍ପରକୁ ଯେତେବେଳେ ଚାହାଁନ୍ତି ଉଭୟେ ଜାଣନ୍ତି ଉଭୟଙ୍କ ବ୍ୟଥା । କୁହାକୁହି

Digitized by srujanika@gmail.com

ହୁଅନ୍ତି ନାହିଁ; ପରସ୍ପର ପରସ୍ପରକୁ ଦୋଷାରୋପ କରନ୍ତି ନାହିଁ । କପାଳକୁ ଦୋଷ ଦିଅନ୍ତି, ଭଗବାନଙ୍କୁ ଦୋଷ ଦିଅନ୍ତିନି । ବରଂ ପାଖକୁ ପାଖ ଘୁଞ୍ଚି ଆସି ଆହୁରି ନିବିଡ଼ ଭାବରେ କୁଣ୍ଢାକୁଣ୍ଢି ହୁଅନ୍ତି ।

ପାଖରେ ମାଆ ମଙ୍ଗଳା ନାହାଁନ୍ତି; ସାଇରେ ଚମ୍ପା ନାହିଁ, ବା ମଙ୍ଗରାଜ ବଂଶ ନାହାଁନ୍ତି । ଏମାନେ କଣ ଭଗିଆ ସାରିଆ ପରି ଉଦାର ହୋଇଛନ୍ତି ଯେ କାହା ହାବୁଡ଼ରେ ପଡ଼ିଯିବେ ! ମଣିଷକୁ ସଜନା ଶାଗ ବା କୁହୁରିଟାଏ ଦବା ଅପେକ୍ଷା ଛେଳି ଗୋରୁ ମୁହଁକୁ କେରାଏ ଘାସ ଦେବା ବରଂ ଭଲ । ଏ ଧାରଣା ତାଙ୍କର ବଦ୍ଧମୂଳ ହେଲାଣି ।

କେତେ ବର୍ଷ ଧରି ଗୁଣିଗାରିଡ଼ି, ତୁଟୁକା ମୁଟୁକା, ଚେରମୂଳିକା ଆଦି ସବୁକଥା ଲୋକ କହିବା ମତେ ସେମାନେ କରି ସାରିଲେଣି । କ୍ରମେ ବଳବଅସ ଗଡ଼ି ଆସିଲା । ସେମାନେ ବେଶ୍ ଜାଣିଗଲେ ଆଉ ହବନି । କାହାର ଅଭିଶାପ ପଡ଼ିଛି, ଜାଣିଲେ ସିନା ପ୍ରତିକାର କରିବେ । ଦୁହେଁ ଏକାନ୍ତରେ ବସିଥିଲା ବେଳେ ଦିନୁଟିଏ, ଥରୁଟିଏ ହେଲେ ମନେ ମନେ ଏକାବେଳେ କହିଥିବେ, 'ଭଗବାନ ପଡ଼ିଶା ଘରେ ପଲପଲ ଛୁଆ ଦେଲା କୁକୁରର, ବିରାଡ଼ିର, ଘୁଷୁରିର, ବେଙ୍ଗର, ତେଲୁଣୀ ପୋକର । ଆମ ବେଳକୁ ପୁଅ ହଉ କି ଝିଅ ହେଉ, ସାପ ହେଉ କି ବେଙ୍ଗ ହେଉ ଗୋଟାଏ କିଛି ଦେଲାନି ? ଆମେ କଣ ଟଙ୍କା ପଇସା ଦେବା ପାଇଁ ଉତ୍ତରାଧିକାରୀ ଚାହୁଁଥିଲୁ ? ସ୍ନେହ ଶ୍ରଦ୍ଧାଗୁଡ଼ାକୁ କାହା ଉପରେ ଅଜାଡ଼ିବୁ ?''

ଏବେ କେଇ ବର୍ଷ ହେଲା ସବୁ ସ୍ନେହଶ୍ରଦ୍ଧା ଦିହେଁ ଯାକ ଅଜାଡୁଛନ୍ତି 'ନୁଙ୍ଗୁରି' ଆଉ 'ବୁଲାକୀ' ଉପରେ ।

କିନ୍ତୁ ଦୁଃଖର କଥା ଗୋ-ଛାଗ ଚାରଣ ବ୍ରତ ତଥାପି ଫଳବତୀ ହେଲାନି । ସୁଦକ୍ଷିଣା ମୁନିଙ୍କ ଧେନୁ ଚରାଇ ଦୋହଦ ଲକ୍ଷଣ ଧାରଣ କଲେ ମାତ୍ର ସୁକୁମାରୀର ଅଦ୍ୟାପି ଗର୍ଭ ସଞ୍ଚାର ନାହିଁ କି ଗର୍ଭ ଲକ୍ଷଣ ନାହିଁ । କିନ୍ତୁ 'ନୁଙ୍ଗୁରୀ' ଓ 'ବୁଲାକୀ' ଉଭୟେ ଏଇ ଭିତରେ ଯୋଡ଼ିଏ ଯୋଡ଼ିଏ ପୁତ୍ର ସନ୍ତାନର ମାଆ ହୋଇ ପାରିଲେ । ବେଶି ବ୍ୟବଧାନ ନ ଥିବାରୁ ଯାଆଁଳା ପରି ବାଛୁରୀ ଛେଳିଛୁଆଯାକ ଦେଖାଯାନ୍ତି ।

ନୁଙ୍ଗୁରୀ ନେତ ନୁହେଁ ତଥାପି ଯେତିକି କ୍ଷୀର ଦେଲା ତାହା ତା ନିଜ ଛୁଆକୁ ବଞ୍ଚାଇ ଶାମ ସୁକୁମାରୀକି ବଞ୍ଚାଇବା ପାଇଁ ଯଥେଷ୍ଟ । ସୁକୁମାରୀ ବାବୁଙ୍କ ଘର କାମ ଛଡ଼ା ଆଉ ଦିନଯାକ କୁଆଡ଼େ ଖଟେ ନାହିଁ । ବାବୁ ଘରକୁ କ୍ଷୀର ଟକ ଦେଇ ଯାହା ପାଏ ସେଥିରେ ଗାଈ ମୁହଁକୁ ତଥା ଦୁଇ ପ୍ରାଣୀଙ୍କ ମୁହଁକୁ ଦାନା କନା ମିଳିଯାଏ । ଶାମ ଯିମିତି ଯା ତା ଘରୁ ପେଜ ସଂଗ୍ରହ କରିବାରେ, ଡାଳପାଲା ଛେଳି ପାଇଁ କଟାକଟି କରିବାରେ ଦିନଯାକ ବ୍ୟସ୍ତ ରହେ; ସୁକୁମାରୀ ବି ସିମିତି ଯା ବାଡ଼ି ତା ବାଡ଼ି ଦାଆ ବାଉଁଶିଆ ଧରି ବୁଲି ବୁଲି ଗାଈ ବାଛୁରୀଙ୍କ ପାଇଁ ଘାସ ସଂଗ୍ରହ କରେ । ନଡ଼ା ବା ଦାନା କିଣିବା ସେମାନଙ୍କ ପକ୍ଷରେ ସମ୍ଭବ ନୁହେଁ । ନିଜ ପେଟରୁ କାଟି ପେଜ ତୋରାଣି ଟକ ଗାଈ ବାଛୁରୀ

Digitized by srujanika@gmail.com

ଏପରିକି ଛେଳିଛୁଆମାନଙ୍କୁ ଦେଖିବାକୁ ସେମାନେ ଛଅଚଣ ଡାଗଡ଼ା ହୋଇ ସାଇଯାକ ରାସ୍ତାଘାଟ ଧାଇଁଡ଼ିଆଁ ମାରି ଖେଳାଖେଳି କରୁଥିଲେ ଦେଖିବା ପାଇଁ ବାଟଗଲା ଲୋକେ ମଧ ଛିଡ଼ା ହୋଇ ଯାଆନ୍ତି । ବାଚ୍ଛୁରୀ ଦିଟାର ବେକରେ ଚୂଳ, ଭାଲିଆ, କଉଡ଼ି ବନ୍ଧାଥାଏ; ଛେଳିଛୁଆ ଦିଟାର ବେକରେ ଘୁଙ୍ଗୁର ବନ୍ଧାଥାଏ; ଲମ୍ବାକାନିଆ ଉନ୍ନତ ଧରଣର ଛୁଆ ଦିଟା ଭାରି ସୁନ୍ଦର ଦିଶନ୍ତି ।

ଏବେ ଶାମ ସୁକୁମାରୀଙ୍କ ପିଲା ଭରପୂର । ଖାଁ ଖାଁ ଶବ୍ଦ ସ୍ଥାନରେ ହାମା, ମେଏଁ ଡାକରେ ମୁଖରିତ; ଯିମିତି ବଡ଼ ପରିବାରଟିଏ । ରାତିରେ ଦିମୁଣ୍ଡ ଜାଗାରେ ଆଠମୁଣ୍ଡ ଏକତ୍ର ଶୋଇଥାନ୍ତି । ନିଃଶ୍ୱାସ ଓ ଗଳାଶବ୍ଦରେ ପଲାଟି ଉଠୁଥାଏ ପଡୁଥାଏ, ଯିମିତି ଭୀମ ସେ ଘରେ ଶୋଇଛି । ଯାହାକୁ କହନ୍ତି ପପୁଲେଶନ ଏକସ୍‌ପ୍ଲୋଶନ; ଘର ଫାଟିବା ଉପରେ । ଶାମ ସୁକୁମାରୀଙ୍କ ଛାତି ଭରପୂର । କୁଞ୍ଚେମୋଟ ! ବନ୍ଧ୍ୟା ଦୋଷ କଟିଯାଇଛି ଯେମିତି । ସାଇର ପିଲାଝିଲା, ଘୁଷୁରିପଲ, ଏମିତିକି ଚିଆଁ ପଲ ଦେଖିଲେ ମଧ ପୂର୍ବେ ଯିମିତି ସେମାନଙ୍କର ଈର୍ଷା ବା ବ୍ୟଥା ଉଦୟ ହେଉଥିଲା ଆଉ ସିମିତି ହୁଏନାହିଁ ।

ଗଳ୍ପର ମୋଡ଼ ବଦଳାଇବା ପାଇଁ ଶାସ୍ତ୍ରପୁରାଣକାର ବା ଗାଳ୍ପିକମାନେ ଏମିତି ସ୍ଥାନରେ ପ୍ରକୃତି ବା ଭଗବାନଙ୍କୁ ଏଜେଣ୍ଟ କରି ରୋଗ ବା ମୃତ୍ୟୁ ବା ଏକ୍‌ସିଡ଼େଣ୍ଟ ଘଟାଇଥାନ୍ତି । କାରଣ ପ୍ରକୃତି ବା ଭଗବାନ ବା ଭାଗ୍ୟ କେହି ମଣିଷର 'ଅତି' ବା ଔଦ୍ଧତ୍ୟ ସହ୍ୟ କରି ନପାରି ଦୁଃଖ ବିପଦ ଛରିଆରେ ସମତା ରକ୍ଷା କରିଥାନ୍ତି । ଏଠି ମଧ ସେଇ କଥା ଘଟିଲା ।

ପ୍ରଥମେ ପାଳି ପଡ଼ିଲା ବୁଲାକୀର । ବେଳ ପାଞ୍ଚଟାରୁ ଲବକୁଶଙ୍କ କଳେକଳେ କ୍ଷୀର ଦେଇ ସାରି ସାଇ ବୁଲିବାକୁ ଯାଇଛି ଯେ ସଞ୍ଜ ହେଲାଣି ଫେରିବାକୁ ନାହିଁ । ଦି ପୁଅ ତେଣେ ମେଁଏ ମେଏଁ ହେଲେଣି । ସୁକୁମାରୀ ସଞ୍ଜ ହେଲାରୁ ବିପରି ମଣି ସାଇର ବାଡ଼ି ବାଡ଼ି ଘର ଘର ଖୋଜାଖୋଜି କରି ଶେଷକୁ 'ବୁଲାକୀ' 'ବୁଲାକୀ' ଡାକରେ ରାତ୍ରିର ପ୍ରଥମ ଯାମଟା ଗଗନ ପବନ ଫଟାଇ ଦେଲା । ଶାମ କହିଲା "ଠିକ୍ ହେଇଛି, କେତେ ପରା ଫୁଟାଣି ଦେଖାଇ ପାଚେରି କାନ୍ଥ ଚଢ଼ି ଫୁଲଫଳ ଗଛର ଡାଳ ପାଲା ଖାଉଥିଲା । ତାର ଡର ଭୟ ନଥିଲା କାହାକୁ । ବଜାର ଜାଗା; କେତେ କିସମର ଲୋକ ଅଛନ୍ତି; ଝିଅଗୁଡ଼ାକୁ ତ ଦିନ ଦ୍ୱିପହରରେ ଲୋକେ ନେଇ ଯାଉଛନ୍ତି, ସେମାନେ ତୋର ବୁଲାକୀକୁ ଏକେଲା ପାଇଲେ ଛାଡ଼ିଦେବେ ଭାବିଛୁ ?" ଶାମର କଥା ଭବିଷ୍ୟବାଣୀ ପରି କାମ କଲା । ବୁଲାକୀ ଆଉ ଫେରିଲା ନାହିଁ, ସେ ରାତିରେ, ତହିଁ ପରଦିନ ମଧ । ସୁକୁମାରୀ ଗାଈ କ୍ଷୀର ପିଆଇ, କାଖରେ କୋଳରେ ଧରି ଛାତିକି ଲଗାଇ ପାଖରେ ଶୁଆଇ ବୁଲାକୀର ଲବକୁଶ ପୁଅକୁ ବଢ଼ାଇଲା । କେତେବେଳେ କିମିତି ସକ୍‌ସକ୍ ହୋଇ ଲୁହ ଟୋପାଏ ଝରାଇଲେ ଶାମ ସୁକୁମାରୀକୁ କୁହେଁ, "ଏ ! ଚୁପ୍, କାନ୍ଦନା ଚରମରା ଛାତି, ମରିହଜି ଗଲେ କାନ୍ଦିବା କଥା ନୁହେଁ, ବାବା କହୁଥିଲା । ଲୁହ ଝରାନା ।"

Digitized by srujanika@gmail.com

ଗୋଟିଏ ଦୁଃଖ ପରେ ଆଉ ଗୋଟିଏ ଆସିଲା । ଛିଦ୍ର ପାଇଲେ ଅନର୍ଥ ବଢ଼େ । ଭୋର ସକାଳୁ କ୍ଷୀର ଦୁହିଁ ସାରି ଯିମିତି ନୁଙ୍କୁରୀ ଆଉ ତା ପିଲାକୁ ଦଣ୍ଡେ ପାଇଁ ଶାମ ଛାଡ଼ି ଦେଇଛି । ମାଆ ପୁଅ ରେଳ ଲାଇନ ଆଡ଼କୁ ଧାଇଁଗଲେ, ଯିମିତି କେଉଁଠି କଅଁଳ ଦୁବଘାସ କାଲି ସଞ୍ଜରେ ଛାଡ଼ି ଦେଇ ଆସିଛନ୍ତି; ଡେରି କଲେ ଆଉ କିଏ ଖାଇଯିବ । ଶାମ କ୍ଷୀର ନେଇ ବାବୁ ଘର ଆଡ଼କୁ ଚାଲିଗଲା । ବାବୁ ସାଙ୍ଗରେ ଏଣୁ ତେଣୁ ଖୁସି ଗପ କରି ଅଧଘଣ୍ଟାଏ ପରେ ଘରକୁ ଫେରୁଛି । ସାଇ ପିଲାଟାଏ ଧାଇଁ ଧାଇଁ ଆସି ଖୁସିର ଖବରଟାଏ ଦେଲାପରି କହିଲା "ଏ ଶାମ ! ତର ନୁଙ୍କୁରୀକୁ କରମଣ୍ଡଳ କାଟିଦେଲା ଦୁଇଗଡ଼ କରି; ଦେଖିବୁ ଯା' ରେଳ ଲାଇନ୍ କଡ଼ରେ ପଡ଼ିଛି ।" "କି କହିଲୁ !" –ଆଉ କିଛି ନ କହି, ଅଦୂରରେ, ବସ୍ତି ଆର ପାଖରେ ଲୋକ ଜମିଥିବା ରେଳଲାଇନ୍ ଆଡ଼କୁ ଧାଇଁଲା । ଲାଇନ୍ ଏପାଖ ସେପାଖରେ ପଡ଼ିଥିବା ନୁଙ୍କୁରୀର ଗଣ୍ଡି ମୁଣ୍ଡ ଦେଖି କଣ ଭାବିଲା କେହି ଜାଣିବାର ଉପାୟ ନାହିଁ । ମୁଣ୍ଡଟା ପାଖକୁ ଯାଇ ଆଖି ପାଖରେ ପାପୁଲିରେ ଆଉଁସି ଦେଲା ଏବଂ ଦଣ୍ଡେ ବସି ରହିଲା ସେହି ଭଙ୍ଗୀରେ ଯେଉଁ ଭଙ୍ଗୀରେ 'ଗାନ୍ଧୀ' ଛବିରେ ଗାନ୍ଧୀ ସଦ୍ୟ ମୃତା କସ୍ତୁରବା ପାଖରେ ବସିଛନ୍ତି । ଯଥା ସମୟରେ ସୁକୁମାରୀ ବି ସେ ସ୍ଥଳକୁ ଆସିଲା ଏବଂ ପରବର୍ତ୍ତୀ ଦୃଶ୍ୟ ଓ ଘଟଣାବଳୀ ଅନୁମାନ କରିବା କଥା । ବର୍ଣ୍ଣନାରେ କାରୁଣ୍ୟ ଆସିବ ନାହିଁ । କେତେଦିନ ଧରି ଶାମ ଓ ସୁକୁମାରୀ ପଲା ଭିତରୁ ବାହାରକୁ ବାହାରିଲେ ନାହିଁ । ଚୁଲୀ ଜାଳି ନାହାନ୍ତି । କଥା ନାହିଁ, ବାର୍ତ୍ତା ନାହିଁ; ମୂକ ପଶୁ ଯିମିତି ସବୁ ସହିଯାଏ ସିମିତି । ସେମାନଙ୍କର ବଞ୍ଚି ରହିବାର ଆଗ୍ରହ ପୁଣି ଗଜୁରିଲା ନୁଙ୍କୁରୀ ଆଉ ବୁଲାକୀର ଯୋଡ଼ାଏ ବାଛୁରୀ ଆଉ ଦୁଇଟା ଛେଳିଛୁଆ ପାଇଁ । ଯିମିତି ପୁଅ ଝିଅ ମରିଗଲେ ଛେଉଣ୍ଡ ନାତିମାନଙ୍କର ଲାଳନ ପାଳନ ଭାର ମାଆର, ମାଆ ନହେଲେ ମାଆର ବାପ ହାତରେ ପଡ଼େ, ସିମିତି ଦିଗୁଣ ଉତ୍ସାହରେ ନୁଙ୍କୁରୀ ଆଉ ବୁଲାକୀକୁ ସ୍ମରଣ କରି ଦୁହେଁ ଲାଗି ପଡ଼ିଲେ ସେମାନଙ୍କୁ ବଢ଼ାଇବା ପାଇଁ । ଯେଉଁ ଦାୟିତ୍ୱ ନେଇ ନିଜର ପିଲାଝିଲା ପାଳିବାର ଭାଗ୍ୟ ନଥିଲେ ବି ଛଡ଼ାଟାକୁ ଆଉ ପେଣ୍ଠିକି ପାଳି ଯେଉଁ ଅଭିଜ୍ଞତା ସେ ଆଗରୁ ହାସଲ କରିଥିଲେ ତାହା ପ୍ରୟୋଗ କରି ଦୁଇ ସ୍ଥାନରେ ଚାରି ଅଣ୍ଡିରୀ ପିଲାକୁ ବଢ଼ାଇବାକୁ ଲାଗିଲେ । ଦିନୁ ଦିନୁ ନନ୍ଦତନୟମାନେ ନୂଆ ନୂଆ ଦିଶିଲେ । ଶାମ ସୁକୁମାରୀ ଦୁହେଁ ଏକାବେଳେ ଘର ଛାଡ଼ି ଆଉ ବାହାରକୁ କାମଧନ୍ଦାରେ ଯାଇପାରନ୍ତି ନାହିଁ । ଟିପା ଚାଉଳ ଆଣିବାକୁ ଗଲେ ଟିପି ଘର ଜଗେ; ଟିପି ବିରି ଆଣିବାକୁ ଗଲେ ଟିପା ଘର ଜଗେ । ଶାମ ସୁକୁମାରୀଙ୍କ ପଶୁ ଜୀବ ପ୍ରତି ଶରଧା ଦେଖି ସାଇପଡ଼ିଶା କହିନ୍ତି ଷଣ୍ଢ ଛୁଆ, ଛେଳି ଛୁଆକୁ ତ ଏତେ ଶରଧା; ପୁଅଝିଅ ନାତିନାତୁଣୀ ପାଇଥଲେ କଣ ନ କରିଥାନ୍ତେ ! କେହି କେବେ ବାଟଗଲା ଲୋକ ପଚାରି ଦିଅନ୍ତି "ଶାମ ଏମାନଙ୍କୁ କଣ କଣ ଖାଇବାକୁ ଦେଉଛୁ ଯେ ଦିହ ଏତେ ସୁନ୍ଦର ଚିକ୍‌ଚିକ୍ କରୁଛି, ହାତ ମାରି ଦେଲେ ଦାଗ ବସିଯିବ ?" ହାଇରା ଲାଗିଯିବା ଭୟରେ ଶାମ ଛେପ ଥୁ ଥୁ କରି ଚାରିଟାଙ୍କ ଉପରେ ପକାଇ ଦିଏ । ଯଦି କାହାକୁ ଉତ୍ତର

Digitized by srujanika@gmail.com

ଦିଏ, କୁହେ ''ବାବୁ, ଖାଇବାକୁ ପିଇବାକୁ ଦେଲେ ଯଦି ଦିହ ଚିକ୍‌ଚିକ୍ କରୁଥାନ୍ତା ତେବେ ବଡ଼ବଡ଼ିଆଙ୍କ ପୁଅଝିଅ ସବୁ ତ ସାଇବ ସାଇବାଣୀ ପରି ବାଟଘାଟରେ ବୁଲୁଥାନ୍ତେ । ଠାକରା ଗାଲ, କଷାଫାଳିଆ ପିଚା ଧରି ଅଣ୍ଡା ହଲେଇ ବଙ୍କେଇ ଚାଲୁ ନଥାନ୍ତେ ହାଡ଼ ଚମଡ଼ା ଦିହରେ ଧରି । ବାବୁ ! ସ୍ନେହ ଶରଧା, ଲହୁ ଲୁହ, ଝାଳରକତ ଖାଇବା ଚିଜ ସାଙ୍ଗରେ ବୋଳି ଦେଲେ ଅମୃତର ଗୁଣ କରିବ ସିନା !''

ଶୀତ ଦିନିଆ ରାତିରେ ଧୂନି ଚାରିକଡ଼ ଘେରି ଦୁଇ ମଣିଷ, ଦୁଇ ଗୋରୁ, ଦୁଇ ଛେଳି ଯେତେବେଳେ ଏକାଠି ଗାଞ୍ଜୁଲୁମାଞ୍ଜୁଲୁ ହୋଇ ଅଚେତ ହୋଇ ଶୋଇଥାନ୍ତି, ଘୁଙ୍ଗୁଡ଼ି କିଏ ମାରୁଛି ଜାଣି ହୁଏ ନାହିଁ କି କେଉଁଟା ଖୁରା, କେଉଁଟା ଗୋଡ଼ କି କେଉଁଟା ମୁଣ୍ଡ କେଉଁଟା କାହା ଲାଞ୍ଜ ବାରି ହୁଏ ନାହିଁ । ଯା ଗୋଡ଼ା ତା ଛାତିରେ; ତା ମୁଣ୍ଡ ଯା ଜଘରେ; ଯା ନାକକୁ ତା ନାକ । ଦିନେ ପହିଲୁ କୁକୁଡ଼ା ଡାକରେ ସୁକୁମାରୀର ନିଦ ଭାଙ୍ଗିଗଲା । କହିଲା ''ବୁଝିଲୁନା, ମୁଁ ଭାବୁଛି ବୁଲାକୀର ପୁଅ ଦୁହିଁକି ଠାକୁରାଣୀକି ପାଣି ଛଡ଼େଇ ବୋଦା ଛାଡ଼ିଦେବି ।'' ଶାମ ଗଳା ଛଡ଼ାଇ କହିଲା 'ବୁଝିଲୁ ! ମୁଁ ବି ସେମିତି ଭାବିଥିଲି ଷଣ୍ଢ ଛୁଆ ଦିହିଙ୍କ ମହାଦେବ ଗୋସାଇଁଙ୍କ ନାଆଁ ଧରି ତ୍ରିଶୂଳ ଦାଗ ଦେଇ ଛାଡ଼ିଦେବି । ତା ହେଲେ ଆମର ନିଜର ଛୁଆପିଲା ନଥିଲେ ବି ଆମ ନାତିମାନେ ଦୁନିଆଁଯାକ କଳା ଧଳା ଗୋରୁ ଛେଳିର ଗୋଠ କରି ଦିଅନ୍ତେ । କିନ୍ତୁ ସେ କଥା ମନରୁ ପାସୋରୀ ଦେଇଛି । ଏବେ ଆଉ ସେ କାଳ ନାହିଁ; ଦାନପୁଣ୍ୟର ଯୁଗ ଗଲାଣି । ନୁଙ୍ଗୁରୀ ବୁଲାକୀ ଯିମିତି ଆମକୁ କଲେ ଏ ଚାରିଟା ବି ସିମିତି ଚାରି ଥର ସେଇ ଦୁଃଖରେ ପକାଇବ । ତୋର ଠାକୁରାଣୀ ଆଉ ମୋର ମହାଦେବକୁ ନ ମାନିବା ଲୋକ ତ ଦୁନିଆରେ ଢେର ଅଛନ୍ତି । କିଛି ନ ହେଲେ ନିତିପ୍ରତି ଗାଳିଗୁଲଜ କିଏ ଶୁଣିବ ? ଏବେଠୁ ହଇରାଣ ହରକତ ଆରମ୍ଭ ହେଲାଣି; ଗୋରୁ ଗୋଠ ଛେଳି ଗୋଠରେ ମିଶି ଉତ୍ପାତ ଆରମ୍ଭ କରି ଯା ଘରେ ତା ଘରେ ସଞ୍ଜ ବେଳକୁ ହାଜର । ସଞ୍ଜଟା ଯାକ ଅନ୍ଧାରରେ ତାଙ୍କୁଇ ଖୋଜିବାରେ ମୋର ଯାଉଛି । ମାଇମାନଙ୍କୁ ସମ୍ଭାଳି ହବ, ପୁଅଗୁଡ଼ା ବଡ଼ ଉଦ୍‌ପାତିଆ ।

ସୁକୁମାରୀ ବୁଢ଼ାର କଥାରେ ପ୍ରତିବାଦ କଲା ନାହିଁ । ନାତିମାନେ ବୟସର ପ୍ରଭାବରେ କଣ କି କଣ କରି ବସିବେ, କିଏ ଅବୁଝା ଅଝଟଙ୍କ ପ୍ରାଣନାଶ କରିଦେବ; ରାଗରେ ବା ହିଂସାରେ କିଏ ଜାଣେ ? ଲାଗେ ଲାଗେ ଦି ଦିନ ଶାମ ଦାମୁଡ଼ିଆ ଦୁହିଁଙ୍କି ଓ ବୁଲାକୀର ବି ବଢ଼ନ୍ତା ପୁଅଙ୍କୁ ଡାକ୍ତରଖାନା ନେଇଗଲା ଏବଂ ଫେରାଇ ଆଣିଲା ହଳେ ବଳଦ ଓ ଯୋଡ଼ାଏ ଖାସିର ଛୋଟିଆ ସଂସ୍କରଣ କରି ।

ଦିନେ ହଳେ ବଳଦ ଆଉ ଗୋଟାଏ ଖାସି ସଜନା ଗଛ ମୂଳରେ ଶୋଇ ପରମ ପରିତୃପ୍ତିରେ ପାକୁ କରୁଥାନ୍ତି । ଶାମ ସୁକୁମାରୀକି କହିଲା ''ଦେଖିଲୁ, ମୁଁ କହୁଥିଲି ପରା କେଡ଼େ ଧୀରସ୍ଥିର ଶାନ୍ତ ଶିଷ୍ଟ ଚାରିହେଁ ଯାକ । ନହେଲେ ଏତେବେଳକୁ ବୋଦାର ମେଁ ମେଁ ଡାକ ଆଉ ଦୁଇ ଷଣ୍ଢ ଗର୍ଜନରେ ସାଇ ଉଠୁଥାନ୍ତା ପଡୁଥାନ୍ତା; ସମସ୍ତେ ଯାଙ୍କୁ ମାରି

Digitized by srujanika@gmail.com

ଗୋଡ଼ାଇଥାନ୍ତେ । ସେଇଥିପାଇଁ ପରା ରଜା ବାଦସାମାନେ ତାଙ୍କ ପାଖର ଓ ଦେଶର ଲୋକଙ୍କୁ ଖାସୁ କରି ରଖିଥାନ୍ତି ଯେମିତି ବୋଲ ମାନିବେ, ଉଠ୍ କହିଲେ ଉଠ୍, ବସ୍ କହିଲେ ବସିବେ । ତା'ଛଡ଼ା ଖାସୁ ନହେଲେ ଚର୍ବି କିମିତି ବଢ଼ିବ, ମୋଟା କିମିତି ହେବେ ?" ବୁଢ଼ୀ ହାଁ ହୋଇ ଚାହିଁ ରହିଥାଏ ତାର ବୁଢ଼ାଟିକୁ । ସତକଥା; ସେ ଦିନେ ନିଜ ଆଖିରେ ଦେଖିଛି ସୁଲେମାନ ଖାସି ଗୋଟାକୁ କାନରେ ଧରି ଜବେ କରିବାକୁ ନେଲାବେଳେ ବୋକାଟା ଆମ୍ବ ପତ୍ର ଚୋବାଉଥାଏ । ଯୋଡ଼ି ବଳଦ ଭୋକ ଉପାସରେ କାଦୁଅ ବିଲ ଦିପହରଯାଏଁ ଚଷୁଥିବେ ଅଥଚ ହଳୁଆର ପେଟକୁ ଗୋଡ଼ିଆ ଶିଙ୍ଗରେ ଫାଳି ଅନ୍ତବୁଜୁଳା କାଢ଼ି ଦେବେ କି ? ବୋକାଗୁଡ଼ାକ ସତରେ ! ଚାବୁକ ଖାଉଥିବେ, ମୁଣ୍ଡ ନାଡ଼ିବେ ନାହିଁ ମୁଠାଏ ଘାସକୁଟା ଲୋଭରେ । ଯାହାକୁ କହନ୍ତି ପଶୁ । ବାଘିଆ କୁକୁଡ଼ା କଣ ଲଢ଼େଇ କି ଆଗେଇବ ?

ଦିନେ ଜଣେ ଗ୍ରାମ୍ୟ ବେଙ୍କର ଫିଲ୍ଡ଼ ଅଫିସର ଶାମର ବଳଦ ହଳଙ୍କର ସନ୍ଧାନ ପାଇ ତା ଘରେ ଉପସ୍ଥିତ ହୋଇ କହିଲେ "ଶାମ ବାବୁ ! କୋଡ଼ିଏ ପଏଣ୍ଟ କାର୍ଯ୍ୟକ୍ରମ ପୂରଣ ପାଇଁ ଆମେ ବଳଦ ଖୋଜୁଚୁ, ଆଜି ଦରକାର । ଶୁଣିଲି ଆପଣଙ୍କର ତ ଜମିଜାଗା କିଛି ନାହିଁ । ଏ ବଳଦ ହଳକ ବିକି ଦିଅନ୍ତୁ ଆମକୁ । ଟଙ୍କା ନିଅନ୍ତୁ, ଇଚ୍ଛା ହେଲେ ପଞ୍ଜାବୀ ମଇଁଷି ନିଅନ୍ତୁ । ଆଜି ଲାଟ ସାହେବ ଆସୁଛନ୍ତି ।" ଶାମ ତା ନିଶ ହଳକ ସହିତ ଅଫିସର ଜଣକ ନିଶକୁ ପ୍ରତାଳ କରୁଥିବା ବେଳେ ସୁକୁମାରୀ ଦୁଇ କାନରେ ଘୋଡ଼ା ଛୁଆ ପରି ଗୋଟାଏ ଖାସି ଧରି ଅଗଣାରେ ଉପସ୍ଥିତ ହେଲା । ଅଫିସର ଜଣଙ୍କର ଆଖି ଯିମିତି ସେ ତେଲିଆ ଖାସି ଦୁଇଟା ଉପରେ ପଡ଼ିଛି ସେ ପୁଣି କହିଲେ "ଶାମ ବାବୁ ! ଏ ଖାସି ଯୋଡ଼ାକ ଦୁଇ ଦୁଇଟା ବାହାଘର ତୁଲାଇ ନେବେ । ତୁମର ତ ପିଲାଝିଲା ବାହା କରିବାର ପ୍ରଶ୍ନ ଉଠୁନି । ଏ ଦିଟାକୁ ସେ ବଳଦ ହଳକ ସହିତ ଆମକୁ ଦେଇଦିଅ । ସେଇ କୋଡ଼ିଏ ପଏଣ୍ଟରେ ଛେଳି କିଣାବିକାର ବି ବ୍ୟବସ୍ଥା ଅଛି । ବୁଢ଼ା ହୋଇଗଲେ ଖାସିର ଦାମ ନାହିଁ ।"

ଦଣ୍ଡେ ଗୁମ୍‌କରି କଥାଗୁଡ଼ାକର ମର୍ମ ଛାତିକି ନେଇ ଶାମ କହିଲା– "କଣ ବି କହନ୍ତି ବାବୁ, ମୋର ମନ ଭଲ ନାହିଁ ଆଜି । ସେଦିନ, ଯେଉଁ ଦିନ ବଳଦ ହଳଙ୍କର ମାଆ ନୁଙ୍କୁରୀ କରମଣ୍ଡଳରେ କଟିଗଲା, ତୁମରି ଭଳି ଟାଉଟର କହୁଥିଲା "ଶାମ, ଆ ଯିବା ଟେସନକୁ ଗାଈର କ୍ଷତି ପୂରଣ ଆଣିବା, ସିମିତି ଯେଉଁଦିନ ଏ ଖାସି ଯୋଡ଼ାଙ୍କର ମାଆ ହଜିଗଲା ଓକିଲ ବାବୁ କହୁଥିଲା ଶାମ ତୁ ଥାନାରେ ଇତାଲା ଦେଇଆ, ସାଇସାରାଙ୍କୁ ବନ୍ଧେଇ ନ ଦେଇଛି ଯଦି ! କ୍ଷତିପୂରଣ ମିଳିବ, ସାଇସାରାଙ୍କୁ ବାନ୍ଧି ଦେଇ ହବ କିନ୍ତୁ ମୋ ନୁଙ୍କୁରୀ କୁହ କି ବୁଲାକୀ କୁହ କେହି ମିଳିବେ ନାହିଁ । ଆମେ ତ ନିଜେ ରଖି ପାରିଲୁ ନାହିଁ, ପରକୁ ଦୋଷ ଦେଇ ଲାଭ କଣ ? ଏତିକି ଜାଣିଥା ବାବୁ, ଟଙ୍କା ପଇସା ଦେଇ ମଣିଷ କିଣି ପାରିବୁ ହେଲେ ଆମର ବଳଦ କି ଖାସି ଯୋଡ଼ାକ ପୃଥିବୀର କେହି କିଣି ପାରିବେ ନାହିଁ । ପଇସା ପାଇଁ ଇଜ୍ଜତ ବିକିନାହିଁ, ଜୀବନ ବିକିଦେବୁ ? ଯାଆ; ଆଉ

Digitized by srujanika@gmail.com

କେଉଁଠିକୁ । ମଣିଷଠୁ ପଶୁର ବେଶି ଦାମ ଯେବେ ଜାଣିବୁ ମୋ ପାଖକୁ ଆସିବ ଛେଳି ମୁଲେଇବା ପାଇଁ ।''

କିନ୍ତୁ ଶାମର ଦିମାକ ରହିଲା ନାହିଁ । ବଳଦ ହଳକୁ ତାକୁ ବିକିବାକୁ ପଡ଼ିଲା । ପାଖ ଆଖର କାହାକୁ ସେ ବିକିବ ନାହିଁ, କାରଣ ବଳଦ ଯେବେ ତେବେ ଆସି ତା ଦୁଆରେ ହାଜର ହେବେ; ତାକୁ ସେ ଦେଖି ପାରିବ ନାହିଁ । ତେଣୁ ସେ ନିଜେ ହାଟକୁ ନେଇଗଲା । ଦୂର ଗରାଖକୁ ବିକିବ । ସୁକୁମାରୀର ଦିହ ଜୀବନଯାକରେ କେବେ ଖରାପ ହୁଏ ନାହିଁ । ଯେଉଁ ଦିନ ନୁଙ୍ଗୁରୀ ରେଳରେ କଟି ମରିଗଲା ସେଇ ଦିନ ପାଖରୁ ତାର ନାନା ପ୍ରକାର ବେମାର ବାହାରିଲା । ଗଲା ମାସକ ଭିତରେ ସେ ଦୁଇଗୁଣ ବୁଢ଼ୀ ହୋଇ ଯାଇଛି । ଆପେ ଆପେ କଣ ଗୁଡ଼ାଏ ବକରବକର ହେବାକୁ ଆରମ୍ଭ କଲାଣି । ଶାମ ବଳଦ ହଳକର ହେପାଜତ କରିବ ନା ବୁଢ଼ୀର ଚିକିତ୍ସା ସେବାଶୁଶ୍ରୁଷା କରିବ । ଗୁଜରାଣ ମେଣ୍ଟାଇବା ପାଇଁ ଆଉ ଔଷଧ ଖର୍ଚ୍ଚ ପାଇଁ ସେ ବାଧ ହେଲା, ଏ ନିଷ୍ଠୁର କାମ କରିବାକୁ । କିମିତି କୃଷ୍ଣ ବଳରାମ ମଥୁରା ଗଲେ ? କାହା ମୁଖ ଅନାଇ ବଞ୍ଚିବିରେ ଜୀବଧନ ! ହେଲେ ବୁଢ଼ୀ ଆଗ ବଞ୍ଚୁ । ବୁଢ଼ୀ କିନ୍ତୁ ବଞ୍ଚିଲା ନାହିଁ । କୃଷ୍ଣ ବଳରାମଙ୍କୁ ବିକି ବାରଶ ଟଙ୍କାର ନୋଟ ନେଇ ଶାମ ଘରକୁ ଫେରିଲା । ପାଣି ମୁନ୍ଦିଏ ସୁକୁମାରୀର ଓଠ ପାଖରେ ଧରି ଦେଇ ପୁଣି ଶୁଆଇ ଦେଲା । କହିଲା ହଜାରେ ଆଉ ଦୁଇଶ ଟଙ୍କାରେ ଦୁହିଁଙ୍କି ବିକିଲି । ନେ ମୁଣ୍ଡତଳେ ରଖି ଶୋଇଯା ।'' ଯେତିକି ଶକ୍ତି ଥିଲା ତାକୁ ପ୍ରୟୋଗ କରି ସୁକୁମାରୀ କହିଲା ''ହାତୀ ପରି କୃଷ୍ଣ ବଳାରାମଙ୍କୁ ଦେଇ ମୁଠାଏ କାଗଜ ଆଣିଲୁ, ନାଚ ମାତୁନି । ମୋର ନବକୁଶକୁ ବିକିଦେଲେ ଆହୁରି ଛଅଶ ଟଙ୍କା ପାଇବୁ । ଢେର ଢେର ଟଙ୍କା ଜୀବନରେ କମେଇଲୁ, ନାହିଁରେ ଶାମ । ସେ ଦିହିଁଙ୍କି ବିକିବୁନି । ବୁଢ଼ା ହୋଇ ଆପେ ଆପେ ଯେବେ ମରିବେ ମରିବେ । ରାଣ ଅଛି ।'' ବାରଶ ଟଙ୍କାରୁ ଅଧେ ଖରଚ କରି ବି ଶାମ ସୁକୁମାରୀକୁ ବଞ୍ଚେଇ ପାରିଲାନି । ଦିଟା ଛେଳିକି ଏପାଖ ସେପାଖ ଶୁଆଇ ''ନବ, କୁଶ, କୃଷ୍ଣ, ବଳରାମ, ନୁଙ୍ଗୁରୀ, ବୁଲାକୀ, ହରେକୃଷ୍ଣ ହରେ ରାମ, ବାପା, ମାଆ'' ଭଜି ଭଜି ସୁକୁମାରୀ ଆଖି ବୁଜିଦେଲା । ବୁଲାକୀ ନୁଙ୍ଗୁରୀ ମଲାବେଳେ ବାପାଙ୍କ କଥା ପଦକ 'ଚରାମରା ଜାତି' ପରସ୍ପରକୁ କହି ଯିମିତି ନ କାନ୍ଦି ଧୈର୍ଯ୍ୟ ଧରି ନିଜକୁ ସମ୍ଭାଳି ଥିଲେ ସୁକୁମାରୀ ମରିବାରେ ଶାମ ସିମିତି ମୁନି ପରି ଆଚରଣ କଲା । ତାର ସାନ୍ତ୍ୱନା ବା ସମବେଦନାର ଲୋଡ଼ା ନଥିଲା ଯିମିତି । କେତେଦିନ ଧରି ଛେଳି ଦୁଇଟା ସୁକୁମାରୀ ଯେଉଁଠି ମରିଥିଲା ସେଇଠି ଖୁରାରେ ଭୂଇଁକି ରାମ୍ପି ଶୋଇ ପାକୁ କରୁଥିଲେ, ଅତୀତକୁ ।

ତା'ପରେ ଆସିଲା ମହାଦେଶର ଅଗଣିତ ଜନତାର ମୁକ୍ତି ଦିବସ । ଶହେ ବର୍ଷର ସଂଗ୍ରାମ ପରେ ଦାସତ୍ୱ, ଶୃଙ୍ଖଳରୁ ମୁକ୍ତିର ଦିନଟି, କେତେ କେତେ ବଳି, ଜ୍ୱାଳାଯନ୍ତଣା, ଅତ୍ୟାଚାର ଅନାଚାର ସହ୍ୟ କରିବା ପରେ କ୍ରାନ୍ତିକାରୀ ଅଗଷ୍ଟ ପନ୍ଦର ଆସିଛି । ଏ

Digitized by srujanika@gmail.com

ଦିନରେ ପତାକା ଉତ୍ତୋଳନ କରି ସମସ୍ତେ ସଂକଳ୍ପ ନିଅନ୍ତି ଏ ଦେଶରେ ଆଉ ପଶୁ ରଖି ଦେବୁ ନାହିଁ । ଗୋରୁ, ଛେଳି, ମେଣ୍ଢା, କୁକୁଡ଼ା, ମାଛ, ଘୁଷୁରି ବଂଶକୁ ନିପାତ ନିଶ୍ଚିହ୍ନ କରିଦେବୁଁ ଏ ଦିନ, ଏ ପୁଣ୍ୟଭୂମିରୁ । ମକର, ବିଷୁବ, ରଜ, ଗୁଣ୍ଡିଚାରେ ଯାହା ଯାଇଥିଲେ । ଅବଶିଷ୍ଟାଂଶ ଏଇ ଦିନରେ ସଂହାରରେ ଯିବେ । କେବଳ ମଣିଷ ବଞ୍ଚିବା ପାଇଁ ଏ ଦୁନିଆଁର ସୃଷ୍ଟି ଯିମିତି ।

ସ୍ୱାଧୀନତା ଦିବସର ଡ଼ିନାର ପାଇଁ ଭି.ଆଇ.ପି. ଙ୍କ ଖାଣ୍ଟି ଖାସି ଦରକାର । ଖାନସାମା ଭର୍ତ୍ସନା ଶୁଣିଛି ଯେ ମାଂସ ପିଉର ହେଉନି । (ସେ କଣ ଚିଙ୍ଗୁଡ଼ି ମାଛ ଖାଇଛି ଯେ ପିତା ମାଉଁସ କାଟି କରି ଝୋଳ କରିବ ବୁଢ଼ା ପାଇଁ ?) ଯେଉଁମାନେ କାହା ଘରେ କି 'ମାଲ' ଅଛି ତାର ଖବର ଅନ୍ତର ଜାଣନ୍ତି, ତାଙ୍କରିଠୁ ଜଣାଗଲା ଶାମ ଛଡ଼ା ଏ ଦୁନିଆଁରେ ଆଉ କାହା ଘରେ ସେ ଚିଜ ନାହାନ୍ତି । ଜିପ୍ ଛୁଟିଲା ସହର ତଳିର ଶାମର ପଲାକୁ ।

ଶାମ ସେମାନଙ୍କୁ କହିଲା "ଏ ଖାସି ମୋର ନୁହେଁ ବାବୁ, ବୁଲାକୀର, ସୁକୁମାରୀର ! ମୁଁ ବିକିବି ନାହିଁ ।" ସେମାନେ ତାର ଏ ଅର୍ଥହୀନ ମୂଲ୍ୟହୀନ କଥା ନବୁଝି ଚାରିଶହଟି ଟଙ୍କା ଫୋପାଡ଼ି ଦେଇ ନବକୁଶକୁ ଜିପରେ ବସାଇ ଯଜ୍ଞଶାଳାକୁ ନେଇଗଲେ । ଶାମ ନଥ୍ କରି ବସି ପଡ଼ି ଅନ୍ୟମନସ୍କ ହୋଇ ଛେଳି ଲେଣ୍ଡିଗୁଡ଼ାକୁ ଗୋଟାକୁ ଗୋଟା ଗଣି ଏକାଠି କରୁଥାଏ । ଆଶାହୀନ ନୈରାଶ୍ୟମୟ ଜୀବନର ଦୁଃଖ ଜଞ୍ଜାଳକୁ ସହିବା ଛଡ଼ା ତାର ଆଉ ଗତି କଣ ଅଛି ? ପ୍ରତିକାରର ଉପାୟ ବା କାହିଁ ?

ସେଦିନ ସଞ୍ଜରେ ଶାମର ପଡ଼ୋଶୀ ସମ୍ବାଦ ଦେଲା "ଶାମ ଭାଇ ! ତୋ କୃଷ୍ଣ ବଳରାମ ସୁଲେମାନ ହାବୁଡ଼ରେ ପଡ଼ିଗଲେରେ । ସେ କୌଶଳ କରି ଅନ୍ୟ ଦେଇ ତୋଠୁଁ ନେଇଗଲା । ତୁ ତ ତାକୁ କେବେ ଦି ହଜାରରେ ବି ଦେଇ ନଥାନ୍ତୁ । ବଳଦ ଦିଟା ଅସ୍ଥି ଚର୍ମ ହେଲେଣି; ଦାନାପାଣି ନାହିଁ ଦୁଇ ଓଳି ଯୋଚୁଛି, ଯେଉଁ ମାଡ଼ !" ଶାମ କହିଲା "ଭାଇରେ ! ମୋର ସେଇ ଦିଟା ପାଇଁ ଦୁଃଖ । ନବକୁଶ ହାଣ ମୁହଁରେ ଗଲେ; ମୁକ୍ତି ପାଇଗଲେ, ପଶୁ ଜନମରୁ ଉଦ୍ଧରି ଗଲେ, ବଡ଼ ଲୋକଙ୍କ ସେବାରେ ପ୍ରାଣ ଦେଲେ । ଶହୀଦ ହୋଇଗଲେ । ଏ ବଳଦ ଦିଟା ଆମ ଦି ପ୍ରାଣୀ ପରି ଖାଲି ଖାଲି ବୃଥା ଜୀବନ କଟାଇବେ; ଭୋକ ଉପାସରେ ଜୀବନର ଯେତେ ଧକ୍କା ଓ ଧୋକା ସହି ସହି ନୁକୁରୀର ବେକ କଟିଗଲା, ନବ କୁଶର ବି କଟିଗଲା । ବାକି ମୋ ବେକଟା କିଏ କାଟି ଦଉନି ।"

ସେଦିନ ରାତିରେ ଶାମର ବି ଗଣ୍ଡି ମୁଣ୍ଡ କିଏ ଦୁର୍ବୃତ୍ତ (ପଡ଼ୋଶୀ ନୁହେଁ ତ !) ଅଲଗା କରି ତାକୁ ବି ମଣିଷ (ପଶୁ ?) ଜନ୍ମରୁ ଉଦ୍ଧାର କରିଦେଲା ତାରି ଓ ସୁକୁମାରୀର ବଳଦ ଖାସି ବିକା ଟଙ୍କା ଲୋଭରେ ।

ମାସେ ଦିମାସ ପରେ ଶାମ, ସୁକୁମାରୀ ତଥା ନୁକୁରୀ, ବୁଲାକୀ ଓ ତାଙ୍କ ସନ୍ତାନ ସନ୍ତତିଙ୍କର ଭୂତ, ପ୍ରେତ, ଆତ୍ମା ସବୁ କୁଡ଼ିଆ ଉପରେ ଘୂରି ବୁଲୁଥିଲା ବେଳେ ଦିନେ ସଞ୍ଜରେ ଅଚାନକ ଯୋଡ଼ି ବଳଦ କୃଷ୍ଣ ବଳରାମ ଧାଇଁ ଧାଇଁ ଆସି ତାଙ୍କ ଭଙ୍ଗାରୁଜା

Digitized by srujanika@gmail.com

ପୁରୁଣା ଘର ଉପରେ ଛିଡ଼ା ହୋଇ କଣ ଶୁଙ୍ଘିବାକୁ ଲାଗିଲେ । ମୁହୂର୍ତ୍ତରେ ଖଣ୍ଡିଆ ଭୂତ ପରି ସୁଲେମାନ ତାଙ୍କ ପଛେ ପଛେ ଆସି ଚାବୁକରେ କୃଷ୍ଣ ବଳରାମଙ୍କୁ ବିଦେଶୀ ପୋଲିସ ପରି ପଟାଶ ପଟାଶ ବାଡ଼େଇ କହୁଥାଏ "ହାରାମି ! ସୁଅର କା ବଚା ! ଶାଲା ! ବାରଶ ବିଶ୍ ରୁପେୟା ଦେଇ ମୁଁ କିଣିବି, ତୁ ଶଳା ଶାମର ଗୁଣ ଗାଇବୁ ? ଘର୍ ଚଲୋ, ଶାଲେ !" ଚାବୁକ ମାଡ଼ର ପ୍ରତିଧ୍ୱନି ନଇ ପାଖ ମଶାଣି ଆଡ଼ୁ ଆସୁଥାଏ । "ମାରନା, ଥାଉ ମାରନା ! କାଟୁଛି, ବଡ଼ କାଟୁଛି ।"

Digitized by srujanika@gmail.com

# ଚିତ୍ର ପ୍ରତିମା

କଲେଜ ସାମନାରେ ସେଇ ଯେଉଁ ଦୋତାଲା କୋଠା ଦେଖୁଛନ୍ତି ତାର ଚାରିଟା ଫ୍ଲାଟ । ଆଗରେ କାର୍ପେଟ ଘାସର ସବୁଜ ଆୟତାକାର ପଡ଼ିଆଟି ବେଶ୍ ସଫାସୁତୁରା । ଛୋଟ ଛୋଟ ପିଲାଏଁ ଖେଳାଖେଳି କରିବା ପାଇଁ ପ୍ରଶସ୍ତ, ଅଭିପ୍ରେତ ମଧ୍ୟ । ଛାତିଏ ଉଚ୍ଚ ପାଚେରି କାନ୍ଥରେ ଯାଉଁଳି ଛେପ୍ରି ଫାଟକ । ଦେଖିଲାମାତ୍ରେ ପିଲାଝିଲାଏଁ ଚଢ଼ିଯାଇ ଏପଟ ସେପଟ ବୁଲିବେ, ଝୁଲିବେ । ଘରଟି ମୋଟାମୋଟି ମଡ଼ର୍ଣ୍ଣ ଷ୍ଟାଇଲ୍‌ର । ବାସିନ୍ଦାମାନଙ୍କର ରୁଚି ଓ ସଂସ୍କୃତିର ପରିଚୟ କୋଣେ କୋଣେ ବହନ କରି ସଦର୍ପେ ଛିଡ଼ା ହୋଇଛି ।

ଚାରୋଟି ଫ୍ଲାଟର ବାସିନ୍ଦା ଚାରିଜଣ ମହିଳା । ସେମାନଙ୍କୁ ଆପଣ ଇଚ୍ଛାକଲେ ଚାରି ଜାତିର- ପଦ୍ମିନୀ, ଶଙ୍ଖିନୀ, ଚିତ୍ରିଣୀ ଓ ହସ୍ତିନୀ କହିପାରନ୍ତି । ଯଦି ଜାତିଭେଦ ଉଠାଇ ଦେବାକୁ ଚାହାନ୍ତି ତେବେ ସେମାନଙ୍କୁ ଗୋଟିଏ ଶ୍ରେଣୀର କରିଦିଅନ୍ତୁ । ସମସ୍ତେ ନାରୀ । କାମଶାସ୍ତ୍ରରେ ଏମାନଙ୍କ ମଧ୍ୟରେ ଯେଉଁ ପାର୍ଥକ୍ୟ ବର୍ଣ୍ଣନା କରାଯାଇଛି ତାକୁ ଭୁଲିଯାଇ ସେମାନଙ୍କ ସାମଞ୍ଜସ୍ୟ ବା ମୁଖ୍ୟ ଗୁଣ ଯଦି ବାହାର କରିବାକୁ ଚାହାଁନ୍ତି ତେବେ ଦୁଇଟି ରଖନ୍ତୁ- ଯାହାହେଲା ସଂପଦ ମୋହ ବା ପଜେସିଭ୍ ଇନଷ୍ଟିଙ୍କଟ୍, ଅନ୍ୟଟି ହେଲା ପରସ୍ପର ପ୍ରତି ପ୍ରତିଯୋଗିତା ଯାହାର ଅନ୍ୟନାମ ହିଂସା । ଜଣକର ଗୁଣ ବର୍ଣ୍ଣନା କରିବା ଅର୍ଥ ଚାରିଜଣଙ୍କ ଚରିତ୍ର ଚିତ୍ରଣ କରିବା ।

ପୁରୁଷ ମଧ୍ୟ ଚାରିଜଣ । ଶାସ୍ତ୍ରୋକ୍ତ ବିଧିରେ ସେମାନଙ୍କୁ ମଧ୍ୟ ଚାରିଶ୍ରେଣୀରେ- ଯଥା- ଅଶ୍ୱ, ବୃଷ, ମୃଗ ଓ ଶଶକ ଶ୍ରେଣୀରେ ବିଭକ୍ତ କରିପାରନ୍ତି । ପୁଣି ଯଦି ଜାତି ଉଠାଇବାକୁ ଚାହାନ୍ତି ତାକୁ ଏକ ଜାତିର କରିଦିଅନ୍ତୁ । ସେ ଜାତିଟି ହେଲା ମେଣ୍ଢା । ସେ ଚାରିଜଣଙ୍କୁ ଚାରିଜଣ ସ୍ତ୍ରୀ ଗନ୍ଧ ଶୁଙ୍ଘାଇ, ମୋହିନୀ ମନ୍ତ୍ର ଦେଇ ଗଳ୍ପର ଡାହାଣୀ ବୁଢ଼ୀ ପରି ମେଣ୍ଢା କରି ରଜାପୁଅକୁ ରଖିଲା ଭଳି ଲୁଚାଇ ଦେଇଛନ୍ତି । ଦିନବେଳେ ଏ ସ୍ଥାନଟା ପ୍ରମିଳା ରାଜ୍ୟ ପରି ଜଣାପଡ଼େ । ପୁରୁଷ କେହି ନଥାନ୍ତି, କୁଆଡ଼େ କିଏ ଯାଆନ୍ତି, କି କାମ କେଉଁଠି କରନ୍ତି, ସବୁ ରହସ୍ୟାବୃତ । ରାତିରେ ଦଶ ଏଗାରଟା ପରେ ଯଦି ଦୈବାତ୍ କେବେ ଚାରିଜଣ ପୁରୁଷ ଓ ଚାରିଜଣ ନାରୀ ଏକତ୍ର ହୁଅନ୍ତେ, ତେବେ ସେମାନଙ୍କୁ ଦୁଇଧାଡ଼ି କରି ବସାଇ ଯିସ୍‌କା ବିବି ଗୋରୀ ହେ/ କାଲୀ ହେ/ ଛୋଟୀ ହେ/ ମୋଟୀ ହେ/ ଲମ୍ବି ହେ ରେକର୍ଡ଼ ବଜାଇ ସେମାନଙ୍କ ପ୍ରତିକ୍ରିୟା ଦେଖିବାକୁ ଇଚ୍ଛା ହୁଅନ୍ତା ।

ଅନ୍ୟାନ୍ୟ ଅଶେଷ ସାମଞ୍ଜସ୍ୟ ମଧ୍ୟରେ ଗୋଟିଏ ବଡ଼ ମେଳ ହେଲା ପ୍ରତ୍ୟେକ

Digitized by srujanika@gmail.com

ହଳର ଯୋଡ଼ିଏ ପିଲାଥିଲା, ଗୋଟିଏ ପୁଅ, ଗୋଟିଏ ଝିଅ; ଚାରିରୁ ଛଅ ଭିତରେ ସେମାନଙ୍କ ବୟସ ବୋଧହୁଏ ଗଳ୍ପପାଇଁ ସେତିକି ଯଥେଷ୍ଟ ।

ରଜାପୁଅ, ମନ୍ତ୍ରୀପୁଅ, ସାଧବ ପୁଅ ଓ କଟୁଆଳ ପୁଅ ପାରିଧିକି ଆସି ଅଗନାଅଗନି ବନସ୍ତରେ ନପଶି ସହରର ମଝି ଜାଗାରେ କିମିତି ଅକସ୍ମାତ୍ ପହଞ୍ଚିଲେ ତାହା କହି ହେବନି । ତେବେ ଗୋଦାବରୀ ତୀରରେ ଥିବା ବିଶାଳ ଶାଲ୍ମଳୀ ତରୁରେ ନାନା ଦିଗ୍-ଦେଶାଗତ୍ୟ ପକ୍ଷୀମାନେ ରହିଲା ପରି ଏମାନେ ପୂର୍ବ ପଶ୍ଚିମ ଉତ୍ତର ଦକ୍ଷିଣରୁ- ଆନ୍ଧ୍ର, ବଙ୍ଗ, ମଧ ଓ ଉତ୍ତର ପ୍ରଦେଶ ଅଞ୍ଚଳରୁ ଆସି ଏଇ ଦୋତାଲା କୋଠାର ଚାରୋଟି ଫ୍ଲାଟରେ ବସତି ସ୍ଥାପନ କରିଛନ୍ତି ।

ଏ ବିଦେଶାଗତ ଚଢ଼େଇ ଓ ତାଙ୍କ ଶାବକମାନଙ୍କ ଦାୟିତ୍ୱ ଆପେ ଆପେ ସ୍ୱତଃ ପ୍ରବୃତ୍ତ ହୋଇ ଗ୍ରହଣ କରିଥିଲା ଏକ ଜରଦ୍‌ଗବ ବୃଦ୍ଧ; ତାର ନାଆଁ ନାହିଁ । ଲୋକେ ତାକୁ ଗଙ୍ଗାର ସ୍ୱାମୀ ବୋଲି ଡାକନ୍ତି । ଗଙ୍ଗାର ସ୍ୱାମୀ, ଗଙ୍ଗା ଓ ତାଙ୍କର ଚେମ୍‌ଟୀ ବୋଲି ପାଞ୍ଚ ଛଅ ବର୍ଷର ଝିଅଟି ଗୋଟିଏ ଗୁମ୍ଫା ବା କୋରଡ଼ ଭିତରେ ଥାଆନ୍ତି ଯାହା ତଳମହଲାର ପାହାଚ ଗୁଡ଼ାକ ତଳେ । ସେଠି ସେମାନେ ଗୋଟାଏ ଅଧେ ଭଙ୍ଗା କିରାସିନୀ ବାକ୍‌ସ ପେଟି, ଛିଣ୍ଡା ଲୁଗାପଟାରେ ଗଣ୍ଠିଲିଟିଏ ଆଉ ଅନାବନା ଚିଜ ନେଇ ଅନ୍ଧାରୁଆ ଜାଗାଟାରେ ରାତିରେ ମଶାପଲ ସହିତ ଥାଆନ୍ତି । ଗଙ୍ଗାର ସ୍ୱାମୀ ଦିନଯାକ ବାହାରେ ଥାଏ, ଗୋବର ଗୋଟାଏ ଏବଂ ପିଠା କରି ଶୁଖେଇ ଶବଦାହ ପାଇଁ କେହି ଲୋଡ଼ିଲେ ବିକେ । ଚୂନ ଦୋକତା, ମୁଢ଼ି ମୁଠାକ ଦାମ୍ ସେଥିରୁ ସଂଗ୍ରହ କରେ । ସଞ୍ଜବେଳେ ତାକୁ ଭଲ ଦିଶେ ନାହିଁ । ବେଳଠୁଁ ଆସି କୋତରା ଘୋଡ଼ିହୋଇ ପାହାଚ ତଳେ ନୀଡ଼ରେ ଗଙ୍ଗା ଓ ତାର ଶାବକ ଚେମଟୀ ସହିତ ଯୋଗଦିଏ । କୋଠାର ଆଉ ଚାରି ପୁରୁଷଙ୍କ ପରି ସେ ବି ଅଛ ବହୁତେ ଅଦରକାରୀ ହେଲେ ବି ଗଙ୍ଗା ତା ସ୍ୱାମୀକୁ ପେଟା ମାଂସ ଖୁଆଇ ବୋଲକରା କରିନାହିଁ ।

ଏଇ ଦ୍ୱିତଳ ରଙ୍ଗମଞ୍ଚରେ ଯେଉଁ ନାଟକ ଅଭିନୀତ ହେଉଛି ସେଥିରେ ଗଙ୍ଗାକୁ ଗୌଣଚରିତ୍ର ବୋଲି ଭାବିଲେ ନାଟକଟି ଏକାବେଳେ ଅବୋଧ ଓ ଉଦ୍‌ଭଟ ହୋଇଯିବ । ଏତିକି କହିଲେ ଯଥେଷ୍ଟ ଯେ, ଗଙ୍ଗା ବାସୁକୀର ଅଭିନୟ କରୁଛି, ସେ ମୁଣ୍ଡ ହଲାଇଲେ ଦି' ମହଲା ପଲା ଟଳମଳ ହେବ । ଗଙ୍ଗାର ବୟସ ଚାଳିଶ ଉପରେ, ଦିଶୁଛି ପଚାଶ ପରି । ତା ସ୍ୱାମୀର ସେ ଦ୍ୱିତୀୟ ସ୍ତ୍ରୀ । ଦିହିଙ୍କ ବୟସର ପାର୍ଥକ୍ୟ ତିରିଶ । ବୁଢ଼ାଟା ସାଙ୍ଗରେ ଯୋଡ଼ି ହୋଇ ସୁଖଦୁଃଖରେ ଏତେ ବର୍ଷ ରହିବା ଫଳରେ ସେ ଅକାଳରେ ବୁଢ଼ୀ ହୋଇ ଯାଇଛି । ସେଥିରେ ବି ତାର ଆନନ୍ଦ । ବୁଢ଼ାଟା ସାଙ୍ଗରେ ଜୁଆନୀ ଡିର୍ଲା ହୋଇ ବୁଲିଲେ ଲାଜ ମାଡ଼ିବନି ? ତାର ସ୍ୱାମୀ ତରଫରୁ ଗଙ୍ଗାର ଯୋଡ଼ାଏ ପୁଅ, ସେମାନେ ସ୍ୱାଧୀନ ହୋଇ କୁଆଡ଼େ ନୀଡ଼ ବାନ୍ଧିଲେଣି । ଏଇ ଚେମଟୀଟି ତାଙ୍କ କୋଡ଼ ପୋଛା ଛୁଆ । ମାଆ ପଣତକାନି ଛାଡ଼ିନାହିଁ ।

Digitized by srujanika@gmail.com

ଗଙ୍ଗା ଚାରୋଟିଯାକ ପରିବାରର କାମୁଦୁଣୀ । ସେମାନଙ୍କ ଭିତରେ ସମନ୍ୱୟ, ସଂଯୋଗ, ସଂହତି, ଏକତା ବା ବୁଝମଣା ପାଇଁ କେତେ ଗୁଡ଼ିଏ ହିନ୍ଦୀ ଓ ଇଂରାଜୀ ଶବ୍ଦ ଯେତେ ଦାୟୀ, ତାଠୁ ବେଶି ଦାୟୀ ଏଇ ଅପରିଚ୍ଛନ୍ନତା ଅଙ୍ଗିଚର୍ମସାର ଗଙ୍ଗା । ସେ କଣ ନକରେ ସେମାନଙ୍କର ? ବାସନକୁସନ, ଲୁଗାପଟା ଧୁଆକଚା ସାଙ୍ଗକୁ ଘର ଓଳେଇବା, ପୋଛିବା ଠାରୁ ଆଠ ଆଠୁଟା ପିଲାଝିଲାଙ୍କ ଗୁହମୂତ ସଫା କରେ ବିନା ଆପତ୍ତି ଅଭିଯୋଗରେ । ବିନିମୟରେ ସେ ପ୍ରତିଘରୁ ପାଳିକରି ଖାଏ, ନିଜ ଖାଦ୍ୟରୁ ମୁଠାଏ ବଳକା କରି ବୁଢ଼ା ପାଇଁ ରଖିଥାଏ । ଚେମଟୀ ତାରି ସାଙ୍ଗରେ ବସି ଖାଏ ।

ଗଙ୍ଗାକୁ ସବୁବେଳେ ଡାକରା । ପ୍ରତି ଅଧମିନିଟ୍‌ରେ ସପ୍ତସ୍ୱରକୁ ଗୋଟିକରେ 'ଗଙ୍ଗା' 'ଗଙ୍ଗା' ଡାକ । ଅନ୍ୟର ସେବା, ପରର ଛୁଆପିଲାଙ୍କ ସେବାରେ ନିଜକୁ ଏମିତି ସମର୍ପଣ କରି ଦେଇଛି ଯେ ଚେମଟୀକୁ ଗାଧୋଇ ପାଧୋଇ ସଫାସୁତୁରା କରିବାକୁ ବା ଗୀତ ଗାଇ ଶୁଣାଇବାକୁ ମୁହୂର୍ତ୍ତେ ଫୁରସତ ପାଏନି । ବୁଢ଼ା ଡାକିଲେ କୁହେ, "ଶୋଇପଡ଼, ମୋ କାମ ସରିନି ।" ଗଙ୍ଗା ଆସୀଧାର ବ୍ରତ ପାଳୁଛି ତା ସାଙ୍ଗକୁ । ସମସ୍ତଙ୍କ ମନ ମନାଇ ଚଳିବାକୁ ହବ, ଯା କଥା ତାଠି ତା କଥା ଯାଠି କହିଲେ ଘର ରହିବ ? ତା'ଛଡ଼ା ବଡ଼ ବଡ଼ ଜଟିଳ ପ୍ରଶ୍ନର ଉତ୍ତର ଦେବାକୁ ତାକୁ ପଡ଼େ ଯାହା ଏଣେ ମାଇଲେ ତେଣେ ମାଇଲେ ଗୋହତ୍ୟା ବ୍ରହ୍ମହତ୍ୟାର ଦୋଷ ଭୋଗିବାକୁ ପଡ଼ିବ । ଯଦି ପଦ୍ମିନୀ ପଚାରନ୍ତି, "ଗଙ୍ଗୀ, କାଲି ହସ୍ତିନୀ ଘରକୁ କିଏ ଆସିଥିଲା ?" ସିମିତି ଚିତ୍ରିଣୀ ଯଦି ପଚାରନ୍ତି, "ଗଙ୍ଗା, କାହା ସ୍କୁଟର ପଛରେ ସଞ୍ଜବେଳେ ଶଙ୍ଖିନୀ ଯାଇଥିଲା କି ?" ଗଙ୍ଗା ଠିକ୍ ଯୁଧିଷ୍ଠିରଙ୍କ ପରି ନରେ ବା ଗୁଞ୍ଜରେ ବା ଅଶ୍ୱତ୍ଥାମା ହତ– ବଡ଼ ପାଟିରେ କହି ଚୁପ୍ ରହେ, କଥା ବାଆଁରେଇ ନିଏ 'ଇତି ଗଜ' କହିପାରେନି । ବଡ଼ କଠୋର ଫାଟକ ରାତିରେ ଜଗିବା ।

ଚରୋଟିଯାକ ପରିବାର ମଧ ମଧ୍ୟବିତ୍ତ ବା ଉଚ୍ଚ ମଧ୍ୟବିତ୍ତ । ସମସ୍ତଙ୍କର ସ୍କୁଟର ବା ମଟର ସାଇକେଲ, ସମସ୍ତଙ୍କର ଟେଲିଭିଜନ । ପୁରୁଷ ଓ ସ୍ତ୍ରୀଙ୍କର କର୍ତ୍ତବ୍ୟ ନିର୍ଦ୍ଦିଷ୍ଟ । ଅଲଗା ଅଲଗା ସଂଘର୍ଷର ଅବକାଶ ନାହିଁ । ପୁରୁଷମାନେ (ମେଣ୍ଢାମାନେ) କେଉଁଆଡୁ କିମିତି ପଇସା ରୋଜଗାର କରି ଆଣି ଦାଖଲ କରିଦିଅନ୍ତି ଘର ବେଙ୍କରେ । ତାଙ୍କର କର୍ତ୍ତବ୍ୟ ଶେଷ । କେଉଁ ଦିନ ରାତିରେ ଘରେ ଶୁଅନ୍ତି କେଉଁ ଦିନ ଅନ୍ୟତ୍ର । ଘରେ ଥିଲେ ସକାଳ ଆଠବେଳକୁ ଘରୁ ବାହାରି ଯାଆନ୍ତି ।

ନାରୀମାନଙ୍କ କାମ ଆରମ୍ଭ ହୋଇଯାଏ । କୋଠରୀଗୁଡ଼ାକ ବିଶେଷତଃ ବେଡ଼ରୁମ୍‌ଟା ବାସର ଘର ପରି ଦିନରାତି ସଜା ହୋଇଥାଏ । ପ୍ରତିଦିନ ଦୁଇ ତିନିଥର ବିଛଣା ଚାଦର ବଦଳ ହୁଏ । ଘର ପୋଛା ପୋଛି ହୁଏ । ସର୍ବତ୍ର ପୂତପବିତ୍ରତାର ଲକ୍ଷଣ । କାହା ଠାକୁର ଘରେ ଭେଙ୍କଟେଶ୍ୱର ଅବା ସତ୍ୟସାଇ, ଆଉ କାହାର ଶ୍ରୀମା ଅରବିନ୍ଦ, ଆଉ କାହା ଘରେ ରାମସୀତା ବା ଲକ୍ଷ୍ମୀ ନାରାୟଣ । ବିଭିନ୍ନ ଧୂପଦୀପର ମହକ ଦିନରାତି

Digitized by srujanika@gmail.com

ଘୂରି ବୁଲୁଥାଏ ଉପର ତଳ ତାଲାରେ । ଗଙ୍ଗା ସେମାନଙ୍କ ଦେଖାଦେଖି ଟିଣପାତିଆରେ ବନ୍ଧା ଜଗନ୍ନାଥ–ବଳଭଦ୍ର–ସୁଭଦ୍ରା ଛବିଟିଏ ବିଶ୍ୱାବସୁର ଗୁମ୍ଫାରେ ତିନିଠାକୁର ରହିଲା ପରି ସିଡ଼ି ତଳେ ଅନ୍ଧାରରେ ରଖିଥାଏ । ଗଙ୍ଗା ଆଉ ତାର ସ୍ୱାମୀ ଦୋତାଲା ପଛ ଗାଡ଼ିଆରେ ବୁଡ଼ିପଡ଼ି ଓଦା ସରପଟ ଲୁଗାରେ ମୁଣ୍ଡିଆଟିଏ ମାରିଦିଅନ୍ତି । ଏଇ ଗାଡ଼ିଆଟି ପାଇଁ ଗଙ୍ଗା ଏତେ ଏତେ ବାସନକୁସନ, ଲୁଗାପଟା ଅକ୍ଳେଶରେ ସଫା କରିପାରେ । ନହେଲେ କୂଅରୁ ପାଣି କାଢ଼ି କାଢ଼ି ଅଣ୍ଟାପିଠି ବଙ୍କା ହୋଇ ଯାଆନ୍ତାନି !

ପିଲାଝିଲାଙ୍କୁ ଟିପଟପ୍ ଡ୍ରେସ୍ କରି କେଜି ବା ନର୍ସରୀ ବା କନଭେଣ୍ଟକୁ ପଠାଇ ଦେବା ପରେ ମାଆମାନେ ଫ୍ରି । ଗଙ୍ଗାର ବି ସେଇଟା ଖୁବ୍ ବ୍ୟସ୍ତତାର ବେଳ । ଗୋଟିଏ ପ୍ରାଣରେ କୋଟିଏ ଡାକ । ଏ ଫ୍ଲାଟ ସେ ଫ୍ଲାଟ ଧାଁ–ଧପଡ଼ କରି ପନିପରିବା କାଟ, ଏଟା ଯୋଗାଅ, ସେଟା ଆଣ । କିଚେନ୍‌କୁ ପ୍ରେସର କୁକରରୁ ହୁଇସିଲ ପରେ ହୁଇସିଲ୍ । ଗେସ୍, ହିଟର କୁକୁର, ଫିଲଟର, ଫ୍ରିଜ, ଓ ଆଧୁନିକ ଯନ୍ତ୍ରପାତି ଓ ସରଞ୍ଜାମରେ ମାତ୍ର ଅଧଘଣ୍ଟାରେ ରୋଷେଇ ଶେଷ । ରାତିକି ରୋଷେଇ ଦରକାର ନାହିଁ, ଅଯଥା ସମୟ ନଷ୍ଟ, ଅଯଥା ଡବଲ ଖର୍ଚ୍ଚ । ରୋଷେଇ ବାସେଇ, ଗାଧୁଆପାଧୁଆ, ପୂଜାପଣା, ବ୍ରେକ୍‌ଫାଷ୍ଟ ସରିଗଲେ ପ୍ରୋଗ୍ରାମ ହୁଏ । ଦୋକାନ ବଜାରକୁ ଯିବା, ନା ମାଟିନି/ମର୍ଣ୍ଣିଂ ସୋକୁ ଯିବା; ପିଲାଝିଲାଏ ଘରେ ରହିଲେ କୌଣସି ପ୍ରୋଗ୍ରାମ ହୋଇ ପାରେନି । ଚାରିଜଣ ଯେତେବେଳେ ବଜାରକୁ ଯାଆନ୍ତି ବା ସିନେମା ବା ଯାତ୍ରା ସରକ୍‌ସ ବା ମନ୍ଦିରକୁ ବାହାରନ୍ତି ତାଙ୍କ ଦିହର ମହକ ଶୁଙ୍ଘିବା ପାଇଁ ରିକ୍‌ସା ପଛରେ ସାଇକେଲବାଲା ଟୋକାଏ ଛୁଟନ୍ତି । ପ୍ରଶେସନର ଶୋଭାଯାତ୍ରା ନିରୀକ୍ଷଣ କରିବା ପାଇଁ ଅନେକ ଦେଖଣାହାରୀ ଜମି ଯାଆନ୍ତି ଠିକଣା ସ୍ଥାନରେ, ନ ହେଲେ ଏଟେନ୍‌ସନ୍ ଭଙ୍ଗୀରେ ଛିଡ଼ା ହୋଇ ଯାଆନ୍ତି ନାରୀ ଜାତିକୁ ସମ୍ମାନ ଦେଖାଇବା ପାଇଁ ।

କେବେ କେମିତି ଏମାନଙ୍କୁ ଝୁଙ୍କିବସେ ଗୋଟାଏ ଗୋଟାଏ ଜିଚ । କେବେ ଶାଢ଼ି କିଣିବେ ତ ନିତିପ୍ରତି ଶାଢ଼ି ଦେଖା କିଣା ଚାଲିଥିବ । ସେମିତି କେବେ ଗହଣା, କେବେ କାଚ, କେବେ ବ୍ଲାଉଜ, କେବେ ଅତର । ଏବେ ଝୁଙ୍କି ଉଠିଛି ଷ୍ଟେନ୍‌ଲେଶ୍ ଷ୍ଟିଲ କିଣିବାରେ ।

ପଦ୍ମିନୀ କୁହନ୍ତି, "ବୁଝିଲୁନା ଚିତ୍ରିଣୀ, ମୋତେ ଆଉ ପିତ୍ତଳ, କଂସାର ବେଲା ବାସନ ମୋଟେ ଭଲ ଲାଗୁନି । କ୍ରମେ କ୍ରମେ ସବୁ ବିକି ବଦଳ କରି ଷ୍ଟେନ୍‌ଲେଶ୍ ଷ୍ଟିଲ ଜିନିଷ ରଖିବି । ସବୁଦିନେ ଚକ୍‌ଚକ୍, କଳା ଲାଗିବନି, କଳଙ୍କ ଲାଗିବନି ।"

ଶଙ୍ଖିନୀ କହନ୍ତି, "ବୁଝିଲୁନା ହସ୍ତିନୀ, ଧଳା ରଙ୍ଗଟା ମୋର ଭାରି ପ୍ରିୟ, ମତେ ଧଳା ପଦ୍ମଫୁଲ ଭାରି ଭଲ ଲାଗେ । ସବୁ ଧଳା ଜିଚ ମୋର ପ୍ରିୟ । କଳଙ୍କ ନାହିଁ, ଦାଗ ନାହିଁ, କଳା ନାହିଁ । ଏବେ ହାଇଦ୍ରାବାଦ୍‌ରୁ ଷ୍ଟେନ୍‌ଲେଶ୍ ବାସନ ସେଟ୍ ମଗାଉଛି ।"

ହସ୍ତିନୀ କୁହନ୍ତି "ମୁଁ ବି ଆରମ୍ଭ କରିଛି କିଣିବାକୁ; ଭାବୁଛି ସୁନା ଗହଣା

Digitized by srujanika@gmail.com

ବଦଳରେ ରୂପା ଗହଣାର ସେଟ୍ ରଖିବି; ବାହାରକୁ ଯିବା ପାଇଁ ।"

ଅତଏବ ପ୍ରତିଯୋଗିତା ଚାଲିଲା ଷ୍ଟେନ୍‌ଲେଶ୍ କିଣିବାରେ । ବମ୍ବେ, ହାଇଦ୍ରାବାଦ, ମାଡ୍ରାଜ, ଓ୍ୱାଲଟିୟାରରୁ କିସମ କିସମ ବାସନକୁସନ ଆସିଲା, ଯିମିତି ଗୋଟାଏ ପ୍ରଦର୍ଶନୀ ହବ ଏ ଦୋତାଲା କୋଠାରେ । ଚିତ୍ରିଣୀ କଥା ପ୍ରସଙ୍ଗରେ ଦିନେ କହିଲେ "ମୁଁ କେଉଁ ବହିରେ ପଢ଼ିଥିଲି ଧଳା ରଙ୍ଗକୁ ଯେଉଁମାନେ ପସନ୍ଦ କରନ୍ତି ସେମାନେ ପୁଣ୍ୟାତ୍ମା; ସ୍ତ୍ରୀ ହେଲେ ସତୀ ସାବିତ୍ରୀ ।"

ଗଙ୍ଗାକୁ ସମସ୍ତଙ୍କ ଉପଦେଶ, "ସର୍ଫ ନହେଲେ ଭିମ୍ ଦେଇ ଷ୍ଟିଲ୍ ବାସନ କନାରେ ମାଜିବୁ, ନ ହେଲେ ଦାଗ ଲାଗିଯିବ, ଗାର ପଡ଼ିଯିବ ।"

ଯେଉଁଦିନ ଦିପହରେ ଭଲ ନିଦ ହୁଏନି ସେହିଦିନ ପରସ୍ପର ଘରକୁ ଯାଇ ବା ଏକାଠି ମିଳିମିଶି ସିନେମା ମେଗାଜିନ୍ ଅଦଳ ବଦଳ ଆଲୋଚନା କରନ୍ତି, ବାସନକୁସନ ଦେଖାଦେଖି ହୁଅନ୍ତି; ନହେଲେ ନିଜ ନିଜ ଝିଅପୁଅଙ୍କ ଦୈନିକ କୀର୍ତ୍ତିକଳାପ ବର୍ଣ୍ଣନା କରିବସନ୍ତି ।

କିନ୍ତୁ ଯେଉଁ କାମରେ ସେମାନେ ଅନୁରକ୍ତ ଥାଆନ୍ତୁ ନ କାହିଁକି ପାଞ୍ଚଟା ବାଜିଲେ ସେମାନଙ୍କ ଦିନ ଯାକର ଅସଲ ସମୟ ଆସିଯାଏ, ଯେତେବେଳେ କି ସେମାନେ ପିଲାଝିଲାଙ୍କ ଖେଳ କଉତୁକ ପାଇଁ ବ୍ୟସ୍ତ ହୁଅନ୍ତି, ବାହାରି ପଡ଼ନ୍ତି ଉପର ମହଲା ବେଲକୁନିକୁ । ସ୍କୁଲରୁ ଫେରିଥିବା ପୁଅ ଝିଅମାନଙ୍କ ପୋଷାକପତ୍ର ବଦଳ କରି ମୁହଁ ହାତ ଧୂଆପୋଛା କରି ପାଉଡ଼ର ଟିକା ମାରି ଖୁଆଇ ପିଆଇ ତଳକୁ ଛାଡ଼ିଦିଅନ୍ତି । କାର୍ପେଟ ଗ୍ରାସର ଛୋଟ ପଡ଼ିଆଟି ହସି ଉଠେ ଖିଲିଖିଲି ହସରେ । ମାଆମାନେ ତେଣେ ନିଜେ ନୂଆ ରୂପରଙ୍ଗରସ ନେଇ ବେଲକୁନି ରେଲିଂରେ ଭରା ଦେଇ ତଳକୁ ଉହୁଙ୍କି ଦେଖୁଥାଆନ୍ତି । ଗଙ୍ଗୀ ସେତେବେଳେ ଯେଉଁ ଫୁରୁସତ ପାଏ ସେଥିରେ ତା ଝୁରୁଝୁରୁ ଅଧା ଧଳା ଅଧା କଳା ଚୂଳଗୁଡ଼ାକୁ ଭଙ୍ଗାକାଚ ଅଇନା ଆଉ କାଠ ପାନିଆ ସାହାଯ୍ୟରେ ପାଣି ଦେଇ ସାଉଁଟି ସମ୍ଭାଳି ନିଏ, ସିନ୍ଦୂର କଜଳବି କେଉଁଦିନ କେମିତି ହୁଏ । ଚେମଟୀ ବାରଣ୍ଡାରେ ବସି ବଡ଼ଲୋକଙ୍କ ପିଲାଝିଲାଙ୍କ ରଙ୍ଗୀନ ଖେଳ ଦେଖୁଥାଏ । ସମବୟସୀ ହେଲେ ମଧ୍ୟ ସେମାନଙ୍କ ସାଙ୍ଗରେ ଖେଳିବାର କ୍ଷୁଧା ଥିଲେ ବି ତାକୁ ଅନୁମତି ମିଳେନି ଖେଳିବାକୁ । ଗଙ୍ଗାକୁ ପୁଣି ଉପର ବାଲାଏ ତାଗିଦ କରି କହିଛନ୍ତି, "ଦେଖିବୁ ଗଙ୍ଗା, ଚେମଟୀକୁ ଷ୍ଟେନ୍‌ଲେଶ୍ ଷ୍ଟିଲ ବାସନ କୁସନ ମଜାମଜି କଲାବେଳେ ପାଖରେ ରଖିବୁ ନାହିଁ, ଖେଳଣା ଭାବି ଲୁଚାଇ ଦବ, ନ ହେଲେ ପାଣିକି ଫୋପାଡ଼ି ଦବ ।" ଚେମଟୀ ବିରୁଦ୍ଧରେ ତାଙ୍କର ଆପତ୍ତି ହେଲା ତାକୁ ତା ମାଆ ଭଲ କରି ପିନ୍ଧାଏ ନାହିଁ ଲୁଗାପଟା, ଯିମିତି ସେମାନେ ତାଙ୍କ ପିଲାଝିଲାଙ୍କୁ ଆବୃତ କରାନ୍ତି । ପ୍ରକୃତରେ ଚାରି ଫ୍ଲାଟର ମାଆମାନେ ନିଜେ ସ୍ଲୀଭଲେଶରେ, ଲୋ-କଟ ବ୍ଲାଉସରେ, ବ୍ରୀଫରେ ତିନିଭାଗ ପେଟ ପିଠି ଦେଖାନ୍ତି ବେପରୱା ଭାବରେ । କିନ୍ତୁ ପୁଅଝିଅଙ୍କ ଅଙ୍ଗ ପ୍ରତ୍ୟଙ୍ଗକୁ ଜନ୍ତୁ ପାଖରୁ କେତେବେଳେ ଅନାବୃତ ରଖିବେ ନାହିଁ । କାଳେ ପୁଅଝିଅ

Digitized by srujanika@gmail.com

ସାନଟି ବେଳୁ ସେକ୍ସ କନସସ୍ ହୋଇ ପରବର୍ତ୍ତୀ ଜୀବନରେ ଷ୍ଟେନ୍‌ଲେଶ୍ ହୋଇ ପାରିବେ ନାହିଁ । ଗଙ୍ଗାକୁ ମଧ୍ୟ ଅନେକ ସମୟରେ କଥାବାର୍ତ୍ତା ଅସଂଯତତା ଓ ବସିବାର ଅସର୍ତକା ଭଙ୍ଗୀ ପାଇଁ ସେମାନେ ଭର୍ତ୍ସନା କରିଥାନ୍ତି ।

ଏ ଚାରିଟା ଫ୍ଲାଟର ଅଧିବାସୀମାନେ ଆନନ୍ଦରୁ ଆନନ୍ଦକୁ ଗତି କରନ୍ତି । ସନ୍ଧ୍ୟା ହେଲା ମାତ୍ରେ ଧୂପ ଅଗ୍ରୁ ଗନ୍ଧର ମହକ, ଟେଲିଭିଜନ, ଆଠଟା ବେଳକୁ ପିଲାଝିଲାଏ ଶୋଇ ପଡ଼ନ୍ତି । ତାପରେ ପ୍ରତ୍ୟେକ ଫ୍ଲାଟରେ ଅତିଥି ଅଭ୍ୟାଗତ;  ମଜଲିସ୍; ମୁହୁମୁହୁ କଥା, ଚାପାଚାପା ହସ, ଡ୍ରିମ୍ ଲାଇଟରେ । ଅଶ୍ୱବୃଷମୃଗଶଶକ ଯଦି କେବେ ଥାଆନ୍ତି ମେଷରୂପ ପରିଗ୍ରହ ନେଇ ଶୋଇଯାଆନ୍ତି । ସେମାନଙ୍କ ଜୀବନ ଦର୍ଶନ ହେଲା ଆପେ ଭଲ ଓ ଦୁନିଆଁ ଭଲ । ଅର୍ଦ୍ଧାଙ୍ଗିନୀକି ଅବିଶ୍ୱାସ କରି ଦାମ୍ପତ୍ୟ ଜୀବନରେ ସୁଖୀ କେହି କେବେ ହୋଇଛି ?

ଟ୍ରେଜେଡ଼ି ମଣିଷ ଜୀବନରେ ଆସେ ଯେତେବେଳେ ତାର ସୁଖ ଚରମ ସୀମାରେ ପହଞ୍ଚେ । ପଦ୍ମିନୀମାନଙ୍କର ଟ୍ରେଜେଡ଼ି ଆସୁ ନ ଆସୁ ଗଙ୍ଗାକୁ ପ୍ରଥମ ମାଡ଼ଟି ବସିଲା । ସେଇ ଷ୍ଟେନ୍‌ଲେଶ୍ ଷ୍ଟିଲରୁ ତାର ମୂଳ ଉତ୍ପତ୍ତି । "It's the cause, it is the cause." ଆଜି ଯା ଘର ଚାମୁଚ ମିଳୁନି, କାଲି ତାର ଚା ଛାଙ୍କୁଣି, ପଅର ଦିନ ଆଉ କାହାର ଅଦୃଶ୍ୟ ହେଲା । ସମସ୍ତଙ୍କ ଆଖିରେ ଲୁହ । ''ମୁଁ ତାକୁ ହାଇଦ୍ରାବାଦ୍‌ରୁ ଅଣାଇ ଥିଲି'', ''ମୁଁ ସେ ଗୋଟାକ ଦିଲ୍ଲୀର କନଟ ପ୍ଲେସରୁ ଆଣିଥିଲି''; ''ସେ ଜିଜ ଆଉ ମିଳିବ ନାହିଁ''– ସମସ୍ତେ ପରସ୍ପର ଆଗରେ କାନ୍ଦୁଛନ୍ତି, ଆଖି ଛକଛକେଇ । ଚରମ ସୁଖର ମୁହୂର୍ତ୍ତରେ ଅର୍ଥାତ୍ ବେଲ୍‌କୁନୀରେ ରେଲିଂକୁ ଆଉଜି ପିଲାଙ୍କ ଖେଳ ଦେଖୁଥିଲା ବେଳେ ସେଇକଥା ଆଲୋଚନା କରୁଁ କରୁଁ ସିଦ୍ଧାନ୍ତ କଲେ ଯେ, ଗଡ଼ିଆରେ ଗଙ୍ଗା ଛୋଟ ଛୋଟ ଜିନିଷଗୁଡ଼ାକ ପକାଇ ହଜାଇ ଦେଉଛି । ପାଣି କେବେ ଶୁଖିବ, ଜିନିଷ ମିଳିବ ? ପରଦିନ ନିଷ୍ପତ୍ତି କଲେ, ଚେମଟୀ ସେଗୁଡ଼ାକୁ ଖେଳନା ଭାବୁଛି, ତା ବାପା ଅର୍ଥାତ୍ ଗଙ୍ଗାର ସ୍ୱାମୀ ପାନ ଚା ଦୋକାନରେ ଅଳ୍ପ ଦାମରେ ବିକି ଚା ପାନ ଗୁଜରାଣ ମେଣ୍ଟାଉଛି, ବୁଢ଼ାଟାର ନୁକୁରା ଗୁଣ ଅଛି ।

ସେମାନଙ୍କ ଚାରିଜଣଯାକର ଧାରଣା ଏମିତି ବଦ୍ଧମୂଳ ହେଲା ଯେ, ସେମାନଙ୍କ ଷ୍ଟେନ୍‌ଲେଶ୍ ଷ୍ଟିଲର ଯାହା ହଜିଛି ସେ ସବୁ ଗଙ୍ଗା ବା ତା ସ୍ୱାମୀ ବା ତା ଝିଅଦେଇ ଅନ୍ତର୍ହିତ ହୋଇଛି । ପରଦିନ ଯେତେବେଳେ ଗଙ୍ଗା ଓ ଚେମଟୀ ବୁଢ଼ାକୁ ଘଷି ତିଆରି କାମରେ ସାହାଯ୍ୟ କରିବାପାଇଁ ବାହାରିଗଲେ ସେତିକି ବେଳେ ପଦ୍ମିନୀ ଆଦି ଚାରିଜଣ ନାରୀ ପାହାଚ ତଳ ସେମାନଙ୍କ ଗୁମ୍ଫାକୁ ସର୍ଚ୍ଚ କରିବାକୁ ଲାଗିଲେ । କି ଆଶ୍ଚର୍ଯ୍ୟ କଥା ! ଯେଉଁ ଗଙ୍ଗା ସେମାନଙ୍କ ମଧ୍ୟରେ ସହଂତି, ସଂଯୋଗ, ସମନ୍ୱୟର ଯୋଗସୂତ୍ର, ତାରି ଅନୁପସ୍ଥିତିରେ ତାର ଘରର ତଦାରଖ, ସର୍ଚ୍ଚ ! ଗୋଟାଏ ଅମୂଲସ୍ପ୍ରେ କାର୍ଡ଼ବୋର୍ଡ଼ ବାକ୍ସ ଖୋଜାଖୋଜି କରି ପାଇଲେ ବୁଢ଼ାର ଝାଳଗନ୍ଧର ହାଫ୍‌ପ୍ୟାଣ୍ଟ ପକେଟରେ କେତୁଟା ଖଣ୍ଡିଆ

Digitized by srujanika@gmail.com

ବିଡ଼ି, ଅମୃତାଞ୍ଜନ ଡବାରେ ଟେଳାଏ ଗୁଡ଼ାଖୁ, ଚେମଟୀ ସଂଗୃହୀତ ନାନାରଙ୍ଗର ଚକଚକିଆ ଟଫି, ମିଲ୍କ ଚକୋଲେଟ୍‌ର ଉପର ଆବରଣ ଓ ତିନିଚାରିଟା ରାକ୍ଷୀ ଓ ଗଙ୍ଗାର ମସିଆ ଗଣ୍ଠିଆ କନାପୁତୁଳି । ହସ୍ତିନୀ ମନ୍ତବ୍ୟ କଲେ ସେମାନେ କଣ ଏତେ ବୋକା ହୋଇଛନ୍ତି ଯେ ଚୋରି ଚିଜ ଆମେ ଦେଖିବା ପାଇବା ଜାଗାରେ ରଖି ଦେଇଥିବେ ? ଗଙ୍ଗା ଲେଉଟି ଶୁଂଘା ଶୁଂଘି କରି ଜାଣିପାରିଲା ତା ଅନୁପସ୍ଥିତିରେ କଣ ଏକ ବୈପ୍ଲବିକ ପରିବର୍ତ୍ତନ ତା ଭାଗ୍ୟରେ ଆସୁଛି । ନ ହେଲେ କଳଙ୍କ କାଳିମାର ଲେଶ ନଥିବା ମୁହଁ ଚାରିଟା ଏମିତି ମେଘୁଆ ହୋଇଛି କାହିଁକି ? ତାର ଆଶଙ୍କା ଯଥାର୍ଥ । ରାତି ଭିତରେ ଆଉ ଏକ ସମନ୍ୱିତ ବିଚାର ଯୋଜାନର ନିଷ୍ପତ୍ତି ହେଲା ଗଙ୍ଗାକୁ ବାହାର କରି ଦିଆଯିବ । ନ ହେଲେ ଆଉ ଯେଉଁକ ଷ୍ଟେନ୍‌ଲେସ୍ ଚିଜ ଅଛି ସବୁ ଚାଲିଯିବ । ଗଙ୍ଗା ପରଦିନ ସକାଳୁ କାଳବିଳମ୍ବ ନକରି ଚାଲିଗଲା । ସବୁ ସହି ହେବ, ହେଲେ ଅପବାଦ ସହିବ ଯେଉଁମାନଙ୍କ ପାଇଁ ସେ ପ୍ରାଣପାତ କରିବା ପାଇଁ ପ୍ରସ୍ତୁତ ତାଙ୍କରି ମୁହଁରୁ ? ଖଟିଖିଆ ଲୋକ, ମେହେନତ କରିପାରିଲେ ଯେଉଁଠି ଖଟିବ ସେଇଠି ବଞ୍ଚିବ ! ଗଛତଳ ତ ଅଛି । ତିନିପ୍ରାଣୀ ଫାଟକ ପାରିହୋଇ ବାହାରି ଯାଇଥିଲା ବେଳେ ପଛପଟୁ ଆଠୁଟା ପିଲାଝିଲା ଡାକିଲେ "ଚେମଟୀ ! ଯାଉଛୁ ? ଆସିବୁ ।" ଚେମଟୀ ପୋକରା ଦାନ୍ତ ଦେଖାଇ ଜୋରରେ ମୁଣ୍ଡ ହଲାଇ ହୁଁ କହିଲା । ମାଆମାନେ ସିନା ସେମାନଙ୍କୁ ଚେମଟୀ ସାଙ୍ଗରେ ଖେଳିବାକୁ ଦିଅନ୍ତି ନାହିଁ ସେମାନେ ଚେମଟୀକୁ ଘୃଣା କରିବେ କାହିଁକି ?

ଏକମତ ହୋଇ ଜିଦ୍ ଉପରେ ଗୋଟାଏ କାମ ତ କରି ଦେଇଛନ୍ତି ! ଆଉ ଗୋଟାଏ ଗଙ୍ଗା ନ ଆସିଲା ପର୍ଯ୍ୟନ୍ତ ସେମାନେ ବାଧ ହୋଇ ବାସି ପାଇଟି, ବାସନ ମଜା, ଲୁଗାସଫା, ଘର ଖରକା, ଆଦି ଆରମ୍ଭ କରିଦେଲେ । ଉପରତଳ ବିବିଧ ପ୍ରଶ୍ନ ପଚରାଉଚରା ଚାଲିଥାଏ । ବାସି ପାଇଟି ସଇଲା ?" "ଗାଧୁଆ ପାଣି କାଢ଼ିଲୁ ?" "ଅଗଣା ଧୋଇଲୁ ?" ଆଦି ପ୍ରଶ୍ନ । କିଏ ବା କହେ "ନିଜ କାମ ନିଜେ କରିବାଠୁ ଆନନ୍ଦ ନାହିଁ ।" କଣ ତାଙ୍କର ମନ କଥା ତାହା ସନ୍ତୋଷୀ ମାଆ ଜାଣିଥିବେ । 'ଆଗେ ବୁଣ ପଛେ ବୁଣ ଗର୍ଭଣାକୁ ଟୁଣ୍‌ଟୁଣ୍' ପରି ଯିଏ ଯାହା କାମ କେତେବେଳେ କରୁ ପାଞ୍ଚୁଟା ବେଳକୁ ପିଲାଝିଲା ପଢ଼ିଆରେ ସଜବାଜ ହୋଇ ରହିଥିବେ; ଚାରିଜାତି ନାରୀ ପ୍ରତୀକ୍ଷିତା (ଉପେକ୍ଷିତା ନୁହେଁ) ଅଭିସାରିକା ବେଶରେ ଉପର ବେଲକୁନି ରେଲିଂରେ ନିଶ୍ଚୟ ହାଜର ଥିବେ ।

ନଭେମ୍ବର ଚଉଦ । ସର୍ବତ୍ର ବାଳ ଦିବସ ନାଆଁରେ ବିଦିତ । ଆଜିର ରମଣୀୟ ସୂର୍ଯ୍ୟାସ୍ତ ବର୍ଷ ଯାକ କେବେ ଦେଖାଯାଇ ନଥାଏ । ଯୋଡ଼ାଯୋଡ଼ା ରବର ବେଲୁନ୍ ଧରି ଝିଅମାନେ ଏବଂ ରେଳ ଇଞ୍ଜିନ୍ ଓ ଏରୋପ୍ଲେନ୍ ଧରି ପୁଅମାନେ ଜ୍ୟେଷ୍ଠ କନିଷ୍ଠକ୍ରମେ କାର୍ପେଟ ଘାସ ପଡ଼ିଆକୁ ଉଦ୍‌ଫୁଲ୍ଲ ହୋଇ ବାହାରି ଆସିଲେ । କି ରଙ୍ଗ ବେରଙ୍ଗ ପୋଷାକ, ରିବନ, କେତେ ତୋଫା, ତାଜା, ସରସ ସେମାନଙ୍କ ବଦନ ମଣ୍ଡଳ ! ଉପରୁ

Digitized by srujanika@gmail.com

କମାଣ୍ଡେଣ୍ଟମାନେ କମାଣ୍ଡ ଦେବାମାତ୍ରେ ବେଲୁନ୍ ଉଡ଼ିଲା; 'ଚାଚା ନେହେରୁ ଜିନ୍ଦାବାଦ୍' ଧ୍ୱନିରେ ଗଗନ ପବନ ପ୍ରକମ୍ପିତ ହେଲା । ଖେଳ, ଧାଁ ଦଉଡ଼ ପରେ ନାଚ ଗୀତ ବି ଚାଲିଲା । ତଳେ ପିଲାଏ ନାଚୁଛନ୍ତି, ଉପରେ ଚାରି ନାରୀ ତାଳ ଦେଉଛନ୍ତି, ସୂର୍ଯ୍ୟଦେବ ପାହାଡ଼ ଉପରେ ଦଣ୍ଡେ ରହି ପିଲାଙ୍କ ନାଚଖେଳ ସହିତ ଷ୍ଟେନ୍‌ଲେଶ୍ ମହିଳା ଚାରିଙ୍କି ଦେଖୁଁ ଦେଖୁଁ ସ୍ମିତହାସ୍ୟ ଦେଇ ପାହାଡ଼ ତଳକୁ ଯାଇଚନ୍ତି; ତୃତୀୟା ଫାଳିକିଆ ଚାନ୍ଦ ହସୁଛି, ସନ୍ଧ୍ୟାତାରା ଅନ୍ୟମାନଙ୍କ ସହିତ ଆଖିମିଟିକା ମାରୁଛି । ଆନନ୍ଦ, ଆନନ୍ଦ, ଅପରିସୀମ ଆନନ୍ଦ, ଦ୍ୟାବା, ପୃଥିବୀର ଯୁଗପତ୍ ଆନନ୍ଦ, ପରସ୍ପର ଆନନ୍ଦ ବିନିମୟ କରୁଛନ୍ତି ଯିମିତି । ବେଲକୁନିରୁ ମାଆମାନେ ଟଫି ଗୋଟାକୁ ଗୋଟା ତଳକୁ ଫୋପାଡୁଛନ୍ତି ।

ଅଦୂରରେ ଅଭିନୀତ ଆଉ ଏକ ଦୃଶ୍ୟ ଚାରିଜଣ ଇଚ୍ଛା କଲେ ଦେଖିପାରନ୍ତେ; କିନ୍ତୁ ସେ ଦୃଶ୍ୟ ସେମାନେ ଦେଖି ପାରିବେ ନାହିଁ, ଆଖି ଫୁଟିଯିବ ହୁଏତ, ବା ଦେଖି ଦେଲେ ଦିହ ପଥର ପାଲଟିଯିବ । ମନ୍ଦ ଦେଖିବା ନାହିଁ, ମହାତ୍ମାମାନେ କହନ୍ତି ।

ଶରତ୍‌ର ଏ ସୂର୍ଯ୍ୟାସ୍ତ ପାଷାଣ ଦିହରେ ମଧ ଉନ୍ମାଦନା ଆଣିଦେଲା । ଦ୍ୱିତଳ ପ୍ରାସାଦର ଅଦୂରରେ ଯେଉଁ ଘୁଷୁରି ସାହିଟା ଥିଲା, ସେଥିରୁ କଳା ପିମ୍ପୁଡ଼ି ଗାତରୁ ବାହାରିଲା ପରି କିଳିକିଳା ନାଦକରି ଧାଇଁ ଆସିଲେ ଗୁଡ଼ାଏ ଲଙ୍ଗୁଳି ପିଲାଝିଲା ପିଚୁ ରାସ୍ତା କଡ଼ରେ ଜମା ହୋଇଥିବା ପର୍ବତ ପ୍ରମାଣ ବାଲିସ୍ତୂପକୁ । କେଡ଼େ ନିର୍ମଳ, କେଡ଼େ କୋମଳ, କେଡ଼େ ସ୍ଥିତିସ୍ଥାପକ, ବାଲିଗଦାଟି । ଶିଶୁ ଆଖିରେ ଦୂରରୁ ମାଆ ସ୍ତନର ଭ୍ରମ ସଞ୍ଚାର କରିବ । ଚଢ଼ିଗଲେ ଚାରିପଟୁ ପାହାଡ଼ ଚଢ଼ାଳିମାନେ ବିଭିନ୍ନ ଦିଗରୁ ଏଭାରେଷ୍ଟକୁ ଚଢ଼ିବା ରୀତିରେ । କାହାରି ଦିହରେ ଚାଖଣ୍ଡେ କନା ନାହିଁ । ଯିମିତି ମାଆ ଜନମ କରିଥିଲା, ସେମିତି ଲଙ୍ଗଳା ଫୁଙ୍ଗୁଳା ଉପରକୁ ଚଢ଼ିଯାଆନ୍ତି; ବସିପଡ଼ି ତଳକୁ ଖସଡ଼ି ଆସନ୍ତି । ଆଖି ମୁଣ୍ଡ ଚୁଳ ବାଲିମୟ । "ଅହୋ ରୂପଂ ଅହୋଧ୍ୱନି !"

ବାଲିଗଦା ତଳକୁ ଅଦୂରରେ ଅଗଭୀର ପଲ୍ୱଳ । ବର୍ଷା ପାଣିରୁ ଅଗସ୍ତ୍ୟ ତାରା ପ୍ରଭାବରେ ଆବିଳତା ଦୂର ହୋଇ କୁଆଆଖି ପରି ନିର୍ମଳ ହୋଇଯାଇଛି । ବିନା ଶିକ୍ଷାଦୀକ୍ଷାରେ ଘୁଷୁରି ସାହି ପିଲାଗୁଡ଼ାକ ବି କେଡ଼େ ସୁନ୍ଦର ଖେଳି ପାରନ୍ତି । ପାହାଡ଼ ଚଢ଼ି ସାରି ସିଧାସଳଖ ପଶିଗଲେ ପାଣିଗଡ଼ିଆ ଭିତରେ । ପରସ୍ପରକୁ ପାଣି ମରାମରି ହୋଇ ପୁଣି ପାହାଡ଼କୁ, ପାହାଡ଼ରୁ ପୁଣି ପଲ୍ୱଳକୁ । ଦିହ ଥରେ ପୂରା ଲଙ୍ଗଳା ତ ପରମୁହୂର୍ତ୍ତରେ ସିଲ୍‌କ ରଙ୍ଗର ନଈବାଲିର ଆବରଣ । ବାଃ ବାଃ ବଢ଼ିଆ ଖେଳ । ଲଙ୍ଗଳା ଆକାଶ ସାକ୍ଷୀ, ଦେଖଣାହାରୀ ।

ଗଙ୍ଗାର ସ୍ୱାମୀ, ଗଙ୍ଗା ଆଉ ଚେମଟୀ ସେତିକିବେଳେ ସେଇ ବାଟ ଦେଇ ଫେରୁଥିଲେ । ଯିମିତି ଚେମଟୀ ସାଙ୍ଗ ପିଲାଙ୍କ ଖେଳ ଦେଖିଛି ସେ ବି ମାଆ ବାପାର ଅଲକ୍ଷିତରେ ଗାଡ଼ିଆ ପାଣିକୁ ଡ଼େଉଁଛି ଏବଂ ସେମାନଙ୍କ ସାଙ୍ଗରେ ପୂର୍ଣ୍ଣ ପ୍ରାଣରେ ଯୋଗ ଦେଇଛି । ଥକିଯିବା ପରେ ଯାଇ ସେ ତା ପାଇଁ ଅପେକ୍ଷା କରିଥିବା ମାଆ ବାପା ସାଙ୍ଗରେ

Digitized by srujanika@gmail.com

ଯୋଗ ଦେଲା ଏବଂ ତିନିହେଁ ସେଇ ରାସ୍ତା ଧଇଲେ ଯେଉଁଟି ଦ୍ୱିତଳ ପ୍ରାସାଦର କାର୍ପେଟ ପ୍ରାଙ୍ଗଣ ପାଖ ଦେଇଯାଇଛି ।

ପ୍ରାସାଦ ରହନେବାଲୀଙ୍କ ବାଲବଚ୍ଚାମାନଙ୍କର ଖେଳାଲୀଳା ସରିବା ଉପରେ । ପଶ୍ଚିମର ସୁନେଲୀ ଆଭା ପ୍ରାନ୍ତରକୁ ନୂଆ ବର୍ଣ୍ଣବିଭବ ଦେଇଥାଏ । ଚାରି ବର୍ଣ୍ଣର ନାରୀ ସେତେବେଳକୁ ଏକମତ ଯେ ବାଳ ଦିବସଟି ପୂର୍ଣ୍ଣ ଆନନ୍ଦରେ କଟିଥାଆନ୍ତା ଯଦି ଘୁଷୁରି ସାହିର ଲଙ୍ଗଳା ଅସଭ୍ୟ ପିଲାଗୁଡ଼ାକ ଆଖି ଆଗକୁ ଆସି ନଥାନ୍ତେ । ଘୁଷୁରି ପିଲା ଆଉ ମଣିଷ ପିଲା !

ଚେମଟୀ ଯାଉଁଳି ଫାଟକ ଦେଇ ଗୋଡ଼ ବଙ୍କେଇ ବଙ୍କେଇ ଖେଳି ଖେଳି ଗୁଣୁଗୁଣୁ ହୋଇ ଯାଇଥିଲା । କଣ ଭାବିଲା ବାଆଁ ବୁଲି ଯାଇ ଦିଫାଳ କବାଟକୁ ଦି' ହାତରେ ଧରି ମେଲା କରି ଟିକି ଗୋଡ଼ ଦୁଇଟା ଦୁଇ ପଟେ ଦେଇ ସୁଇଙ୍ଗ୍ କରିବାକୁ ଆରମ୍ଭ କରିଦେଲା । ଧୀରେ ଧୀରେ ଯେତେବେଳେ ଏପଟ ସେପଟ ହେଉଥାଏ ଦିଶୁଥାଏ ଯିମିତି ପ୍ରଜାପତି ଡେଣା ଦିଟା ମେଲାଉଛି, ବନ୍ଦ କରୁଛି ଏବଂ ଫୁଲରୁ ମହୁ ଚୋଷୁଛି । ବେଲକୁନିର ଦେଖଣାହାରୀ ସ୍ତବ୍ଧ, ଚକିତ, ଆଚମ୍ବିତ । ପିଲାଝିଲାଏ ଚେମଟୀର ଏ ସରକସ ନିର୍ବିକାର ଚିତ୍ତରେ ଦେଖିଲେ ମଧ, ଉପରବାଲୀମାନେ ଭାବିଲେ ବାରବର୍ଷର ତପସ୍ୟା ଶୁଖୁଆ ପୋଡ଼ାରେ ଗଲା । ପ୍ରତିଶୋଧ ଛଳରେ ବୋଧହୁଏ ଗଙ୍ଗୀ ଚେମଟୀକୁ ଏ ସରକସ ଦେଖାଇବା ପାଇଁ ଲଗେଇଛି । ଚାରିଜଣଯାକ ବାଘୁଣୀ, ସର୍ପିଣୀ ପରି ନାକପୁଡ଼ା ଫୁଲାଇ ଫଁ ଫଁ, ହାଉଁ ହାଉଁ ଗର୍ଜନ ଆରମ୍ଭ କରିଦେଲେ ।

"ଡାହାଣୀ !"

"ପେଡାଶୁଣୀ, ଚିରଗୁଣି !"

ଗଙ୍ଗା ଚୁପ୍, ନୀରବ । ସହିଷ୍ଣୁତାର ଅବତାର ।

"ଚୋରଣୀ !"

"ବେଧେଇ !"

କାଳାନ୍ତକ ଅଗ୍ନିପରି ଗଙ୍ଗାର ଚକ୍ଷୁ ପ୍ରଜ୍ଜ୍ୱଳିତ ହେଲା । ଯେଉଁ ମ୍ଳେଚ୍ଛ ବଧ କଳ୍କୀ ଅବତାର ଏ ଚାରିଜଣ ମହିଳା କେବେ ଦେଖି ନଥିଲେ ସେ ରୂପ ପ୍ରକଟ କରି ଗଙ୍ଗା କହିଗଲା– କିରେ କହିଲୁ ? ଚୋରଣୀ ! ଭାବିଛୁ ଡର ଷ୍ଟେନ୍‌ଲେଶ୍ ଷ୍ଟିଲ୍ ଜିନିଷ ମୁଁ ନେଇଛି ? ପୁଲିସ୍ ଆଣି ସାରଚ କର, ଦେଖିବୁ ସବୁ ଏଇ ତୁମର ଘରେ ଅଛି, ଯା ଟିଜ ଡାଠି, ତାର ବାସନ ତୋଠି । ମୁଁ ଚୋରଣୀ ! କି ସାଧୁରେ !

ନାୟିକାମାନେ ପରସ୍ପରକୁ ଚାହିଁଲେ ନୂଆ ଆଖିରେ । ଗଙ୍ଗା ହର ଜଟାରୁ ଏତେଦିନ ପରେ ମୁକୁଳିଛି, ଜହ୍ନମୁନିର ହେଉ ଆଉ କାହାର ହେଉ ସମସ୍ତ ଆଶ୍ରମ ପ୍ଲାବନ କରି ଚାଲିଯିବ । "କଣ କହିଲୁ, ବେଧେଇ ! ବେଧେଇ କାହାକୁ କହନ୍ତି ଜାଣିଛୁ ? ସହର ବଜାରେ କିଏ ଅଛ ଧାଇଁ ଆସ ବେଧେଇ ଦେଖିବତ ! ମତେ ଫାଟକ ଜଗାଇ ଦେଇ

Digitized by srujanika@gmail.com

ଫାଟକର ଚାବିକାଠି ସାତ ଆଠ ବର୍ଷ ହେଲା ମୋ ହାତକୁ ବଢ଼େଇ ଦେଇ କହୁଛି ମୁଁ ବେଧେଇ । ଦେଖ ହେଇଟା ମୋ ଝିଅ ଚେମଟୀ ! ତା ମୁହଁକୁ ଚାହାଁ, ତା ବାପ ଏଇଠି ଛିଡ଼ା ହୋଇଛି, ବାପଝିଅର ମୁହଁ ମେଳ କରି ଦେଖ । ଆଉ ତୁମେ ଚାରିଟା ଯେଉଁ ଦି'ଗଣ୍ଡା ଜନମ କରିଛ ତାଙ୍କ ମୁହଁକୁ କାହା ମୁହଁ ସାଙ୍ଗରେ ମେଳ କରିବ ? କଣ ସେ କହନ୍ତି ଏଇଟା ଘର ନା ବେଶ୍ୟାଘର ? କିଏ ନ ପଶିଛି ବଜାରର ତୁମ ଘରେ ? ସମସ୍ତଙ୍କ ନାଆଁ ଗାଁ ମତେ ଜଣା । ବେଧେଇ ମୁଁ ! ଷ୍ଟେନ୍‌ଲେଶ୍ ଟିଲ- ତୁମ ଟିଲ ବି ନାହିଁ କି ଷ୍ଟେନ୍‌ଲେଶ୍ ନାହିଁ । ଘାଟରେ ଅଛି ନା, ଚିଦ୍ରର ପ୍ରତିମା ପ୍ରାଏ ଦିଶୁ ସୁନ୍ଦର, ଚିରି ଭିତର ଦେଖ... ଆଉ କାହା ଆଗରେ ସତୀ ବୋଲାଇବ ।

ଝିଅକୁ ଫାଟକରୁ ଓହ୍ଲାଇ ନେଇ ଗଙ୍ଗା, ଗଙ୍ଗାର ସ୍ୱାମୀ ଓ ଚେମଟୀ ଚାଲିଗଲେ । ଉପରେ ରେଲିଂ ଧରି ବେଲକୁନୀରେ ଛିଡ଼ା ହୋଇଥିବା ଚାରିଜଣ ସ୍ତ୍ରୀଙ୍କୁ ଜଣାଗଲା ଏତେଦିନ ଧରି ବାସୁକୀ ମୁଣ୍ଡାଇଥିବା ପୃଥିବୀଟି ଭୂମିକମ୍ପରେ ଟଳମଟଳ ହେଉଛି ।

Digitized by srujanika@gmail.com

# ଯୁକ୍ତଦୁଇ ବା ଧନ୍ଦାମୂଳକ

ଦିନେ ସମୁଦ୍ରକୂଳିଆ ଝାଉଁବଣରେ ତିନିଜଣ ବେକାରିଆ, ଟାଉଟରିଆ ଓ ଅପାଠୁଆ ମିଳିତ ହୋଇ ବିଚାରିଲେ (''ଦିନେ ଜଙ୍ଗଲରେ ବିଲୁଆମାନେ ଗୋଟିଏ ହାତୀକୁ ଦେଖି ବିଚାରିଲେ ଯେବେ ଏ ହାତୀଟା ମରନ୍ତା''– ମଧୁବାବୁଙ୍କ ଶିଶୁବୋଧ) ଯେବେ ଆମେ ଗୋଟାଏ କଲେଜ ଖୋଲି ପାରନ୍ତୁ ତେବେ ଜୀବନଯାକର ଅସାଫଲ୍ୟ, ବୈଫଲ୍ୟ, ନୈରାଶ୍ୟ ଓ ଶିଶୁପାଳତ୍ୱର କ୍ଷତିପୂରଣ ପାଇବା ସଙ୍ଗେ ସଙ୍ଗେ ଚତୁର୍ବର୍ଗରୁ ଅନ୍ତତଃ ତ୍ରିବର୍ଗ (ଧର୍ମଯେଣୁ ଆମେ ଅଜ୍ଞାନତିମିରାନ୍ଧଙ୍କୁ ଚକ୍ଷୁ ଦେବୁ, ଅର୍ଥ– ଯେଣୁ ନାନା ଉପାୟରେ ପ୍ରଚୁର ପାଣ୍ଠି ସଂଗ୍ରହ କରିପାରିବୁ ନିଜ ପାଇଁ ଓ ପିଲାଝିଲାଙ୍କ ପାଇଁ, କାମ–ଯେଉଁଠି ନାରୀ, ଝିଅ ସେଠି କାମପ୍ରବୃତ୍ତି ଚରିତାର୍ଥ) ଅକ୍ଳେଶରେ ପ୍ରାପ୍ତ ହୁଅନ୍ତା । ତାହା ଶୁଣି ସେମାନଙ୍କ ମଧ୍ୟରୁ ଦୁର୍ବୁଦ୍ଧିଆ ଜଣକ (''ତାହା ଶୁଣି ଜଣେ ବୁଦ୍ଧିଆ ବିଲୁଆ କହିଲା''– ସେଇ ଗଳ୍ପର ପରବର୍ତ୍ତୀ ବାକ୍ୟ) ଚମକପ୍ରଦ ସ୍ୱରରେ କହିଲା ''ବାଃ ବାଃ ! ଏ ଏକ ଉତ୍ତମ ପ୍ରସ୍ତାବ । The Idea! ଏଇ ମୁହୂର୍ତ୍ତରୁ କାର୍ଯ୍ୟ ଆରମ୍ଭ କରାଯାଉ । କାନୁବାବୁ ହେବେ କଲେଜ ଜି.ବି.ର ପ୍ରେସିଡେଣ୍ଟ; କେନୁ ହେବେ ସେକ୍ରେଟାରୀ ଆଉ ମୁଁ ହେବି କୋଷାଧକ୍ଷ । କାନୁ ବାବୁ ଜଣେ ପୁରୁଖା ସାମ୍ବାଦିକ । ତାଙ୍କର ପତ୍ରପତ୍ରିକା, ରେଡ଼ିଓ ସହିତ ବହୁଦିନର ସଂପର୍କ । ସେ ଆଜି ବିଶିଷ୍ଟ ପତ୍ରପତ୍ରିକାକୁ ଖବରଟିଏ ଏଇ ମର୍ମରେ ଲେଖି ପଠାନ୍ତୁ ଯେ ଆଜି ଏକ ବିରାଟ ସାଧାରଣ ସଭାରେ ନିଷ୍ପତ୍ତି ହେଲା ଯେ ଆମର ଏ ଅନୁନ୍ନତ ଆଦିବାସୀ ତଥା ଅନୁସୂଚିତ ଅଞ୍ଚଳରେ ଉଚ୍ଚ ଶିକ୍ଷାର ପ୍ରଗତି କଳ୍ପେ ଏକ କଲେଜ ସ୍ଥାପନର ଉଦ୍ୟମ ହେବ । କିଏ କଣ କର୍ମକର୍ତ୍ତା ଆଉ କିଏ ମେମ୍ବର ତାଙ୍କ ନାମ ମଧ୍ୟ ପ୍ରକାଶିତ ହେଉ । ଅଲଇଣ୍ଡିଆ ରେଡ଼ିଓକୁ ମଧ୍ୟ ସେଇ ସମ୍ବାଦ ଯାଉ । କାଲି ସ୍ଥାନୀୟ କାଗଜରେ ଏଡ଼ମିଶନ ପାଇଁ ବିଜ୍ଞାପନ ଛରିଆରେ ଦରଖାସ୍ତ ଆହ୍ୱାନ କରାଯାଉ, ତା' ସାଙ୍ଗରେ ଅଧାପକମାନଙ୍କ ପାଇଁ; ବର୍ତ୍ତମାନ ପାଇଁ ଆର୍ଟସ ସବ୍‌ଜେକ୍ଟ ରଖାଯାଉ । ରେକଗ୍‌ନିଶନ ଏଫିଲିଏସନ୍ ପାଇବା ପାଇଁ ଧନ୍ଦାମୂଳକ ମତ୍ସ୍ୟଚାଷ ବା କୁକୁଡ଼ା ଚାଷ କରାଯାଉ । ସେଥିପାଇଁ ଅଧାପକ ଲୋଡ଼ା ନାହିଁ । ପ୍ରିନ୍‌ସିପାଲ ପରେ ରଖିବା । ବର୍ତ୍ତମାନ ପାଇଁ ସେକ୍ରେଟାରୀ ସବୁ କାମ 'ଫର୍ ପ୍ରିନ୍‌ସିପାଲ' କରି ଚଳାଇବେ । ଗୋଟାଏ ବୁଢ଼ା ଅଥର୍ବ ରିଟାୟାର୍ଡ଼ ଲୋକ ମନେ ମନେ ଖୋଜୁଥାନ୍ତୁ । ଯେଉଁଦିନ ଇନ୍‌ସ୍ପେକ୍ସନ ହବ, ତାକୁ ବସାଇଦବା ।''

ଅନ୍ୟ ଦୁଇଜଣ ସଭ୍ୟ ଆଚମ୍ବିତ ହୋଇ ଶୁଣୁଥାନ୍ତି କେଉଟାଙ୍କ କଥା ।

Digitized by srujanika@gmail.com

କଣ୍ଟ୍ରାକ୍ଟରଟାଏ, ଶିକ୍ଷା ବିଷୟରେ କେତେ ଗୂଢ଼କଥା ନ ଜାଣିଛନ୍ତି ସେ । ତରିମରି ଜଣେ ପଚାରିଲା, ''ଏତେ ଟଙ୍କା, ଲକ୍ଷେ ଟଙ୍କା ତ ଲୋଡ଼ା ଏଫିଲିଏଶନ ପାଇଁ ! ଘର, ଚେୟାର, ଟେବୁଲ, ଲାଇବ୍ରେରୀ ଆହୁରି କେତେ କଥା । ଏଇଟା ଅବ୍ୟାପାର ହବ, ମୋ ମତରେ ଜନେ ହସିବେ ।''

· ଭର୍ତ୍ସନା ତଥା ଉଦ୍‌ବୋଧନୀ ଶୁଣାଇ କୋଷାଧକ୍ଷ କହିଗଲେ, ''ତୁମ ପରି ଦି'ଟା ବୋକାଙ୍କୁ ନେଇ ଶାଗମୁଗ ଶିଝିବ ନାହିଁ, କଲେଜ କରିବା ତ ଦୂରର କଥା । ତୁମେ ଦି'ଟା ମୋ ସାଙ୍ଗରେ ଥାଅ; ଯାହା କହିବି ସେଇ କଥା ଆପତ୍ତି ନକରି କରିଯିବ । ଶଳା, ସବୁ କାମ ଏବେ ପଞ୍ଚାୟତ ସମିତି ଜରିଆରେ କରିବେ ପରା ! ଧରି ନିଅନ୍ତୁ କଲେଜ ହେଲା । ଅଗଷ୍ଟ ପନ୍ଦରରେ ଉଦ୍‌ଘାଟନ; ଷୋହଳରୁ ରେଗୁଲାର କ୍ଲାସ । କଣ୍ଟ୍ରାକ୍ଟର ଧନ୍ଦା ଛାଡ଼ି ଏ ଧନ୍ଦା ଧରିଲି । ବି.ଡ଼ି.ଓ. କୁ ଗାଁର ଚେଙ୍ଗନା ଟୋକାକୁ ଖୋସାମତ କରିବି ? ହୀନସେବା ଛାଡ଼ି ସ୍ୱାଧୀନ ହେବି ଏଥର । ପାଠ ନ ପଢ଼ିଥିଲେ ବି ଗଣ୍ଡା ଗଣ୍ଡା ଏମ.ଏ.କୁ ଉଠେଇବି, ବସେଇବି ।

କେଉଟାଙ୍କ କଥାରେ ଉଦ୍‌ବୁଦ୍ଧ ହୋଇ କାନୁ ଓ କେଳୁ କ୍ଲୈବ୍ୟ ପରିତ୍ୟାଗ କଲେ ଏବଂ ଯୁଦ୍ଧାୟ କୃତନିଶ୍ଚୟ ହେଲେ । ପରବର୍ତ୍ତୀ କଥାବାର୍ତ୍ତା ଆଳାପ ଆଲୋଚନାରେ ସ୍ଥିର ହେଲା ଯେ ଜାତୀୟ ରାଜପଥ କଡ଼ରେ କେଉଟାଙ୍କ ଯେଉଁ ଚାଳଘରେ ସିମେଣ୍ଟ ଓ ଅନ୍ୟାନ୍ୟ ଉପକରଣ, ସରଞ୍ଜାମ ଥିଲା ତାକୁ ଗୋଟାଏ ଚାଳିଆକୁ ଅନ୍ତର କରି ସେଇ ଲମ୍ବାଳିଆ ଘରଟାରେ କଲେଜ ହେବ । ଯଦି କଲେଜ ଉଦ୍‌ଘାଟନ ଦିନକୁ ମୁଖ୍ୟମନ୍ତ୍ରୀଙ୍କ ଦିନକାଳ ସରି ନଥାଏ, ତେବେ ତାଙ୍କର ନାଆଁରେ ମହାବିଦ୍ୟାଳୟ ନାମିତ ହେବ । ନତୁବା କଂଗ୍ରେସ ସରକାର ଥିଲେ 'ଗୋପବନ୍ଧୁ'ଙ୍କ ନାଆଁ, ଜନତା ଅନ୍ୟ ସରକାର ଥିଲେ 'କୁଳବୃଦ୍ଧ' ଙ୍କ ନାମ ଯୋଡ଼ାଯିବ । କ୍ଲାସ ଆପାତତଃ ଖୋଲା ସ୍ଥାନରେ ଭୂମ୍ୟାସନରେ ହେବ, ଯାହା ଉଭୟ ଗୋପବନ୍ଧୁ ଓ ରବିଠାକୁରଙ୍କ ପରିକଳ୍ପନା ଥିଲା । ଦଶ ଜଣ ଯାଏ ଛାତ୍ରୀ ଆଣି ପାରିଲେ ପଚାଶ ଜଣ ଛାତ୍ର ଆସିବେ । ଡୋନେଶନ ଓ ଡେଭେଲପମେଣ୍ଟ ଫି ରେ ମାସେ ଦି' ମାସ ଚଳିଯିବ । ତା ପରେ ଅଧ୍ୟାପକଙ୍କ ଠାରୁ ହେଭି (ଭାରି ମାତ୍ରାରେ) ଡୋନେଶନ ନିଆଯିବ । ତାକୁ କେତୁଟା ଟଙ୍କା ଦରମା ଦେବା ସମସ୍ୟା ନୁହେଁ । ଗୋଟାଏ ନୂଆ ଖୋଲିଥିବା ସିନେମା ଘରୁ ଟିକଟ ପିଛା ଦଶ ପଇସା, ପ୍ରତି ବସ୍ ଯାତ୍ରୀ ପାଖରୁ ସେମିତି ଦଶ ପଇସା, ରେଜିଷ୍ଟ୍ରେସନ ଅଫିସରୁ ଦିନକୁ ପଚିଶ ପଚାଶ, ସର୍ବୋପରି ମାଛ ଶୁଖୁଆ ପନିପରିବା ଝୁଡ଼ିରୁ ଜୋର ଜବରଦସ୍ତ ଯାହା ମିଳିବ, ସେଥିରେ ଅଚିରେ ବି.ଏ. କ୍ଲାସ ବି ଖୋଲାହବ । ଦୁଇ କି ତିନିବର୍ଷ ପରେ ଯୁକ୍ତଦୁଇ ବା ଧନ୍ଦାମୂଳକ ଶିକ୍ଷା ଆସିଗଲେ ଛଡା ମରାମତି, ଦୁଧଦୁହାଁ, ଦହିମୁହାଁ ଆଦି ପାଠ ପଢ଼ାଯିବ । ସେ ସବୁ କେଉଟା ଓ ତାଙ୍କ ସ୍ତ୍ରୀ ମେନେଜ୍ କରିନେବେ । ଯେତେବେଳେ ଏଫିଲିଏଶନ ବା ରେକ୍‌ଗନିଶନ ପ୍ରଶ୍ନ ଉଠିବ ସେତେବେଳେ ପୋଷ୍ଟ ଅଫିସରେ ନିଜ ନିଜ ଟଙ୍କା ରଖିଦେଇ ଇନ୍‌କ୍ୱାରୀ କମିଟି ଚାଲିଗଲେ

Digitized by srujanika@gmail.com

ପୁଣି କାଢ଼ି ଆଣିବେ । ସ୍ଥାନୀୟ ଖବରକାଗଜ, ଏ.ଡ଼ି.ଏମ୍. ଓ ଏମ୍.ଏଲ.ଏ. କୁ କେତେବେଳେ ଖୋସାମଦ୍, କେତେବେଳେ ବ୍ଲାକମେଲ୍ କରି ତାଙ୍କୁ ଆମ ପକ୍ଷକୁ ଟାଣି ଆଣିବାକୁ ପଡ଼ିବ । ସ୍ଥାନୀୟ ପତ୍ରିକା ସଂପାଦକଙ୍କୁ ଜଏଣ୍ଟ ସେକ୍ରେଟାରୀ କରାଯାଇପାରେ ।

ସତକୁ ସତ ଏଇ ବିଲୁଆ ବିଚାରରୁ ଗୋପବନ୍ଧୁ ମହାବିଦ୍ୟାଳୟ ଅଗଷ୍ଟ ପନ୍ଦରରେ ମହାସମାରୋହରେ ଉଦ୍‌ଘାଟିତ ହେଲା ଏବଂ ରେଡ଼ିଓ ତଥା ପତ୍ରପତ୍ରିକାରେ ସମ୍ବାଦ ହାଇଲାଇଟେଡ୍ ହେଲା ।

ତ୍ରିମୂର୍ତ୍ତି ଯେତେବେଳେ ଝାଉଁବଣ ଭିତରେ ଯୋଜନାର ବ୍ଲୁପ୍ରିଣ୍ଟ ତିଆରି କରୁଥାନ୍ତି ଏବଂ ମହାବିଦ୍ୟାଳୟଟିଏ ସଂସ୍ଥାପନାର ବ୍ୟବସ୍ଥା କରୁଥାନ୍ତି, ମୁଁ ସେତେବେଳେ ନିଜକୁ ବିଭିନ୍ନ କଲେଜର ଇଣ୍ଟରଭିଉ ପାଇଁ ପ୍ରସ୍ତୁତ କରୁଥାଏ । ଯେଉଁ ଦୁଇ ତିନିଟାରେ ମୁଁ ଏପିଆର କରିଛି ସେଥିରୁ ଭବିଷ୍ୟତ ଅନ୍ଧକାର ବୋଲି ଉପଲବ୍ଧି କଲିଣି । କିନ୍ତୁ ଏ ନୂତନ ଜନତା କଲେଜରେ ଅଞ୍ଚଳ ଲୋକ ହିସାବରେ ଅବଶ୍ୟ ମିଳିବ ।

ଇଂରାଜୀରେ ଅଧାପକ ମିଳୁନାହାନ୍ତି ବୋଲି ମୁଁ ଓଡ଼ିଆ, ରାଜନୀତି ବିଜ୍ଞାନ, ଇତିହାସ ଆଦି ଛଡ଼ା ଏହି ବିଷୟରେ ଅନର୍ସ ପରେ ପି.ଜି. କଲି । ବାଣୀବିହାର ପ୍ରତି ମୋର ଏଲାର୍ଜି; ସେଠି ଅନ୍ୟ ସବୁ ଭଲ ଚିଜ ପ୍ରଚୁର ମିଳିଲେ ମଧ ଖାଇବାକୁ ଭଲ ମିଳେ ନାହିଁ । ମାଆ ମୋର ମେଦିନୀପୁରୀ ଝିଅ ବୋଲି ମୋତେ କଲିକତା ପଠାଇଲା; ପରେ ପରେ ଶାନ୍ତିନିକେତନକୁ ଇଂରାଜୀ ଏମ.ଏ. ପାଇଁ ପଠାଇଲା, ବଙ୍ଗଳା ଓ ବଙ୍ଗାଳୀ ପ୍ରତି ତାର ଦୁର୍ବଳତା ଥିବାରୁ । ସେଠି ଜୀବନ କିମିତି କଟିଲା ଅବସର କ୍ରମେ ପ୍ରସଙ୍ଗତଃ କହିବି । କିନ୍ତୁ ଦୁର୍ଭାଗ୍ୟ ଯେ ମୁଁ ଦ୍ୱିତୀୟ ଶ୍ରେଣୀ ପାଇଲି । ଯଦିଓ ଚାକିରି ପାଇଁ ବାଉନ ପାରସେଣ୍ଟ ଯଥେଷ୍ଟ ଥିଲା, ମୁଁ ପଢ଼ିବାକୁ ଗଲାବେଳେ, ଏବେ ଆସି ଶୁଣିଲି ଚଉବନ ପାରସେଣ୍ଟ ନ ହେଲେ ଚାକିରି ମିଳିବ ନାହିଁ ବୋଲି ନିୟମ ହୋଇଛି ସରକାରୀ କଲେଜରେ ଓ ମୋର ତେଣୁ ଏଡ଼ହକରେ ବି ସ୍ଥାନ ନାହିଁ, ବେସରକାରୀ ଡାଇରେକ୍ଟ ପେମେଣ୍ଟ ପାଉଥିବା କଲେଜରେ ବି ନାହିଁ । କେବଳ ଗ୍ରେଣ୍ଟ ପାଇ ନଥିବା ପ୍ରାଇଭେଟ କଲେଜରେ ସ୍ଥାନ ଅଛି, ଯଦି ମୁଁ ଲେଖିଦିଏ ଚଉବନ ପାରସେଣ୍ଟ ପାଇଁ ପୁଣି ପରୀକ୍ଷା ଦେବି । ଇଂରାଜୀରେ ଚଉବନ ପାରସେଣ୍ଟ ! ଏ କ'ଣ କେମିଷ୍ଟ୍ରି, ମେଥେମେଟିକ୍‌ସ, ସଂସ୍କୃତ ନା ହୋମ ସାଇନ୍‌ସ ନା ବଟାନୀ, ଜୁଲୋଜି ହୋଇଛି ? ନା ମୁଁ ଝିଅ ହୋଇଛି ? ନା ମୋର ନବମ ପତ୍ର (ଖୋସାମତି, ଅନୁସରଣ, ତୈଳମାଲିସ୍) ଥିଲା ? ନା ମୋ ଟ୍ରାନ୍‌ସଲେସନ ବା ଲାଙ୍ଗୁଏଜ ପେପର ଥିଲା ? ସେମିଷ୍ଟାରବାଲାଏଁ ବା କାହିଁକି ଆପତ୍ତି କରନ୍ତେ ? ତାଙ୍କର ପାରସେଣ୍ଟ ନାହିଁ । ଏ ପ୍ଲସ୍, ବାଏ, ଏ ମାଇନସ୍ । ସବୁ ସିମ୍ବଲିକ୍ ।

ଯା-ହେଉ ଭାଗ୍ୟ ଉପରେ ନିର୍ଭର କରି ଗୋପବନ୍ଧୁ ମହାବିଦ୍ୟାଳୟର ସେକ୍ରେଟାରୀଙ୍କ ପାଖକୁ ଦରଖାସ୍ତଟିଏ ପକାଇ ଦେଲି । ବହୁ ପ୍ରତୀକ୍ଷିତ ଇଣ୍ଟରଭିଉ ଦିନ ଆସିଲା । ଇଂରାଜୀ ପାଇଁ ପାଞ୍ଚଜଣ ଦରଖାସ୍ତ କରିଥିଲେ ମଧ ମୋ ଛଡ଼ା କେହି ଉପସ୍ଥିତ

Digitized by srujanika@gmail.com

ନଥିଲେ । ପ୍ରେସିଡ଼େଣ୍ଟ, ସେକ୍ରେଟାରୀ ଓ କୋଷାଧ୍ୟକ୍ଷ ଇଣ୍ଟରଭିଉ କରୁଥିଲେ । ଏକ୍ସପୋର୍ଟ ଦରକାର ନଥିଲା । କାରଣ ସେମାନେ ତ ପ୍ରତ୍ୟେକେ ଏକସ୍‌ପାର୍ଟ, ସବୁ ବିଷୟରେ । ପ୍ରେସିଡ଼େଣ୍ଟ ପଚାରିଲେ, "ଓଡ଼ିଆରେ ଏମ୍.ଏ. ନ ପଢ଼ି ଇଂରାଜୀରେ ପଢ଼ିଲ କାହିଁକି ?" ସେକ୍ରେଟାରୀ ପଚାରିଲେ, "ସେକ୍ସପିଅରଙ୍କ କେଉଁ କାବ୍ୟଟି ଭଞ୍ଜଙ୍କ ଲାବଣ୍ୟବତୀ ନାଟକ ପରି ?" ଯୋଡ଼ିକ ଯାକ ପ୍ରଶ୍ନର ଉତ୍ତର ଦେଇ ନ ପାରି ଲଜ୍ଜିତ ହେଲି । କୋଷାଧ୍ୟକ୍ଷ ସମସ୍ତଙ୍କ ତରଫରୁ କହିଲେ "ଦେଖ, ତୁମର ଚଉବନ ପାରସେଣ୍ଟ ନାହିଁ । ତୁମକୁ ରଖିଲେ ଆମର କ୍ଷତି ହବ । କେତେ ଜଣଙ୍କୁ ଗ୍ରେଣ୍ଟ ମିଳିଲା ଯାଏ ଅନରେରୀ ରଖିବୁଁ । ଯେଉଁମାନେ ଅନ୍ୟାନ୍ୟ ବିଷୟରେ ଚଉବନ ଉପରେ ରଖିଛନ୍ତି ତାଙ୍କଠୁଁ ମଧ୍ୟ ଆମେ କନ୍‌ସେସନ ରେଟ୍‌ରେ ଛଅ ହଜାର, ସାତ ହଜାର ଡୋନେଶନ ନେଉଛୁଁ । ପିଅନମାନେ ଚାରି କି ପାଞ୍ଚ ହଜାର ଯାଏ ଦେଇ ସାରିଲେଣି । ତୁମକୁ ଦଶ ହଜାର ଦେବାକୁ ପଡ଼ିବ । ଡୋନେଶନ ଦେଲେ ବି ଗ୍ରାଣ୍ଟ ମିଳିବାତକ ତୁମକୁ ଦୁଇଶହ ମାସକୁ ଦେବୁଁ । ଖାତାରେ ୫୨୫ ଲେଖିବ । ପିଓରଲି ଟେମ୍ପରାରି, ବିନା ନୋଟିସରେ ଚାକିରି ଟାରମିନେଶନ । ରୋକ୍‌ଠୋକ୍ କଥା । ନୂଆ କଲେଜ, ସେକ୍ରିଫାଇସ୍ ନ କଲେ ଚଳିବ କିମିତି ? ନିଜ କଲେଜ ବୋଲି ଭାବି ପ୍ରତ୍ୟେକ ଲେକ୍‌ଚାରର ନିଷ୍ଠାପର, ନିଃସ୍ୱାର୍ଥପର ହେବା ଉଚିତ । କଣ କହୁଛ ?" ମୁଁ ସାତ ଦିନ ସମୟ ନେଲି, ଡ଼ୋନେଶନ ଦାଖଲ ପାଇଁ ।

ଜୀବନରେ କାହିଁକି କେବେ ଲେକ୍‌ଚାରର ଚାକିରି ପ୍ରତି ବିଶେଷତଃ ଇଂରାଜୀ ସାହିତ୍ୟ ଓ ଭାଷାର ଅଧ୍ୟାପକ ହେବା ପାଇଁ ମୋହ ମମତା ଜନ୍ମିଲା, ମୁଁ କହି ପାରିବି ନାହିଁ । ବୋଧହୁଏ ପୁରୁଣା କାଳିଆ ପ୍ରଫେସରଙ୍କ ଜ୍ଞାନ, ଚାଲିଚଳନ, ବେଶଭୂଷା ମୋତେ ମନ୍ତ୍ରମୁଗ୍ଧ କରିଥିବ । ଅନ୍ୟାନ୍ୟ ଅଧ୍ୟାପକଙ୍କ ଅପେକ୍ଷା ଇଂରାଜୀ ଅଧ୍ୟାପକଙ୍କୁ ପିଲାଏ ବେଶି ସମ୍ମାନ ଦେଇଥାନ୍ତି । ବିବାହ ବଜାରରେ ସବୁ ଅଧ୍ୟାପକ ଅପେକ୍ଷା ସେମାନଙ୍କର ବେଶି ଚାହିଦା । ମୋଟ ଉପରେ ସେମାନେ ରୋମାଣ୍ଟିକ୍ । ତେବେ ଦଶ ହଜାର କାହିଁ ମୁଁ କାହିଁ ? ପୁଣି ଦଶ ହଜାର ବିନିମୟରେ ମାସକୁ ଦୁଇଶ ! ଏଣେ ଏନ.ଏମ.ଆର୍. ସେତିକି ପାଏ, ପୁଣି ଯୁକ୍ତହୁଇ ଉପୁରି ଦୁଇ ପଇସା । ଧନ୍ଦାମୂଳକ କାର୍ଯ୍ୟରେ ଅନଭିଜ୍ଞ ଅପାରଗ ଥିବାରୁ ମୋତେ ଯାକୁଇ ନବାକୁ ପଡ଼ିବ । ଘରେ ମାଆ ସବୁ, ବାପା କେହି ନୁହନ୍ତି । ମୁଁ ଏକୋଇରବଳା । ମା' କୁ କହିଲାରୁ ସ୍ନେହଶୀଳା ଜୀବଟି କହିଲା, "ଏତେ ଟଙ୍କା ଗଲାଣି, ମୋ ନାଁରେ ଯେଉଁ ଜମି ଦୁଇ ମାଣ ଅଛି ତାକୁ ବିକିଦବା । ମୋ ପୁଅ ଚାକିରି କରିବ, ଲେକ୍‌ଚାରର ହବ; ଗହଣାଗାଣ୍ଠି ପ୍ରାୟ ସବୁ ଯାଇଛି । ଦି'ମାଣ ଜମି ଯାଉ । ଦରମା ମିଳିଲେ ପୁଣି କିଣିନବାନି । ପୁଅ ବାହାଘରକୁ କିଛି ମିଳିବ ତ !" ଜମି ବିକାଗଲା । ଡୋନେଶନ ଦାଖଲ କଲି । ଏପଏଣ୍ଟମେଣ୍ଟ ଅର୍ଡ଼ର ପାଇଲି । କାଗଜ ଖଣ୍ଡି ମା'କୁ ଦେଲି; ସେ ସାଇତି ରଖିଲା– Purely temporary, terminable without notice ଠାକୁରାଣୀ ପେଡ଼ି ଭିତରେ ।

Digitized by srujanika@gmail.com

ଭାଗ୍ୟକୁ ପରଦିନ ଗୁରୁବାର । ବିଦ୍ୟାରମ୍ଭେ ଗୁରୁ ଶ୍ରେଷ୍ଠ । ବୁଧବାର ରାତି ଦିନ ହେଇନି । ମୁଁ ଟପ୍ ଫର୍ମରେ ଥାଏଁ, ଦଶ ହଜାର ଆମ ଘରୁ ଯାଇ କୋଷାଧକ୍ଷ କେଉଟାଙ୍କ ଥଳିରେ ପଡ଼ିଥିଲେ ମଧ । ଅଦ୍ୟାପି ମୋ ଦିହରୁ, ରକ୍ତରୁ କଲିକତୀ ଭୀମ ନାଗର ସନ୍ଦେଶ ଓ କେ.ସି. ଦାସ ରସଗୋଲାର ମିଠା ମହକ ବାହାରୁଛି; ବର୍ଦ୍ଧମାନର ସୋନପାମୁଡ଼ି, ମିହିଦାନା ଓ ସୀତାଭୋଗ ଲାଳ ଜିଭରୁ ଆଜି ସୁଦ୍ଧା ଝରୁଛି । 'ବକୁଲ ବୀଥିକା' 'ଆମ୍ରକୁଞ୍ଜ' 'କଳାଭବନ' ର ସୁଖ ସ୍ମୃତି ଅଦ୍ୟାପି ଜାଗରୁକ ।

ଶାନ୍ତିନିକେତନ ପଞ୍ଜାବୀ, ଧୋତି, ପର୍ଶ ଏବଂ ଝୁଲାମଣିଟି ସହିତ ଏଟେଣ୍ଡେନ୍ସ ଖାତା, ଚକ୍ ଖଡ଼ି, ଡଷ୍ଟର ଧରି ଚଷମା ଲଗାଇ ଯିମିତି ଫାଷ୍ଟ ଇଅର ଆଇ.ଏ. କ୍ଲାସକୁ ପଶିଯାଇଛି ପ୍ରାୟ ଚାଳିଶ ଜଣ ଛାତ୍ର ଓ ଦଶ ଜଣ ଆଦିବାସୀ, ମଧ୍ୟବାସୀ ଓ ଅନ୍ତେବାସୀ ଝିଅ ଏକାବେଳକେ ଛିଡ଼ା ହୋଇଗଲେ । ମୁଁ ସାରାଜୀବନ ପରିଶ୍ରମ କରିଛି, ମାଆ ସବୁ ବିକି ଭାଙ୍ଗି ମୋତେ ପଢ଼ାଇଛି ଏଇ ମୁହୂର୍ତଟି ପାଇଁ । ବାପା ମାଆ ମୋତେ ସେତିକିବେଳେ ଦେଖି ଥାଆନ୍ତେ କି ! ପାଗଳ ପ୍ରାୟ ହୋଇ କଣ ଯେ ଅନର୍ଗଳ ଇଂରାଜୀରେ କହିଗଲି ତାହା ମୁଁ ଜାଣେ ·ନାହିଁ । ପିଲାମାନେ ମଧ ଜାଣନ୍ତି ନାହିଁ ବୋଲି ମୋର ତନ୍ଦ୍ରା ଭଙ୍ଗରେ ପରଦିନ ଜାଣିଲି । ତଥାପି କ୍ଲାସରୁ ବାହାରିଲା ବେଳକୁ ମୁହଁ ନାଲି ପଡ଼ି ଯାଇଥିଲା, ମୁଁ ଗଳଦ୍‌ଘର୍ମ ହେଉଥିଲି ଆତ୍ମସନ୍ତୋଷ ଓ ପରିତୃପ୍ତିରେ ।

ଆଖପାଖର ପାଞ୍ଚଟା କଲେଜର ବଳକା ମାଲ, Spill over –ସମସ୍ତେ ଥାର୍ଡ଼ ଡ଼ିଭିଜନର, ତଳତଳିଆ ମାଲ । ଯାହା ପଚାରିଲେ ଲୁକୁଲୁକୁ ଚାହିଁ ଥାଆନ୍ତି । ଛବିଶଟା ଇଂରାଜୀ ବର୍ଣ୍ଣମାଳାର କ୍ରମ କହି ପାରିବେ ନାହିଁ । ଡେଫୋଡିଲ୍ ଓ ଭାର୍ଚ୍ଚ୍ୟୁ କବିତା ଦୁଇଟିର ସାରାଂଶ ଛଡ଼ା କିଛି ଜାଣନ୍ତି ନାହିଁ । " କାଲି ଯାହା ପଢ଼ାଇଥିଲି କଣ ବୁଝିଲ ?" ପ୍ରଶ୍ନର ଉତ୍ତରରେ ଜଣେ ଟାଣୁଆ ପିଲା, ଯେ ପରବର୍ତ୍ତୀ କାଳରେ ଇଉନିଅନର ପ୍ରେସିଡେଣ୍ଟ ହବ– କହିଲା "ଆପଣ ଯାହା ବୁଝିଲେ ।" ମୋର ଭ୍ରାନ୍ତି ସେହି ଦିନରୁ ଦୂର ହେବାକୁ ଆରମ୍ଭ ହେଲା । ସିଲାବସ୍ ଦେଖି ବୁଝିଗଲି ଯେଉଁମାନେ ସିଲାବସ କରନ୍ତି, ସେମାନେ କେବେ ପଢ଼ାନ୍ତି ନାହିଁ ତଳ କ୍ଲାସରେ; ତେବେ ମେଟ୍ରିକ୍ୟୁଲେଶନ ପାଠ ସହିତ ଆଇ.ଏ.ର ମେଳ ରଖିବାର ଚେଷ୍ଟା କରନ୍ତିନି । ପିଲାଙ୍କ ଗୋଟିଏ ମାତ୍ର ପାଠ ପୁସ୍ତକ; ସେ ଟି ହେଲା ଟେଷ୍ଟ ପେପରର ପ୍ରଶ୍ନୋତ୍ତର । ସେଇଟି ପୁଣି ଟେଷ୍ଟ ପରେ କିଣା ହବ, ଫିଟାହବ, ଚିରାହବ, କପିପାଇଁ । ଇଂରାଜୀକୁ ପିଲାଙ୍କ ଘୃଣା, ଭୟ; ସବୁ ପାଠ ଇତିହାସ, ଅର୍ଥନୀତି, ରାଜନୀତି ବିଜ୍ଞାନ, ଲଜିକ୍ ଓଡ଼ିଆ ମାଧମରେ ସବୁ ଅଧାପକ ପଢ଼ାନ୍ତି । ଇଂରାଜୀକୁ ତାଙ୍କର ବି ଡର । ମୁଁ ବି ଓଡ଼ିଆ ମାଧମରେ ଇଂରାଜୀ ପଢ଼ାଇଲି; ତଥାପି ହାଇ କାନ୍ଦ କାନ୍ଦ ମୁହଁ ଏବଂ ଢୋଳେଇବା, କ୍ଲାସକୁ ନ ଆସିବା, ବହି ନ ଆଣିବା ସଂକ୍ରାମକ ରୋଗ ସମସ୍ତଙ୍କୁ ଗ୍ରାସଛି ।

ପଢ଼େଇବା ଛଡ଼ା ଅନ୍ୟ କାମର ବୋଝ ମୋ ଉପରେ ପ୍ରାୟ ସବୁ । କାଗଜଚାଷ

Digitized by srujanika@gmail.com

ପ୍ରଚୁର । Lesson note, Lesson plan, Tutorial, Proctorial ରୁଟିନ୍ ପ୍ରସ୍ତୁତିରୁ ଘଣ୍ଟାପିଟା ପର୍ଯ୍ୟନ୍ତ ଲେକ୍‌ଚରର କରନ୍ତି । କିରାଣୀ ନ ଥିବାରୁ ଦରମା ଆଦାୟ, ଚିଠି ଡ୍ରାଫ୍‌ଟିଂ ବି ମୋ କାମ । ମୋଟ ଉପରେ ଆଦାୟ ଅସୁଲ ଠିକ୍ ଚାଲେ; କୋଷ ପୂର୍ଣ୍ଣଥାଏ । କାରଣ କାଗଜ ପାଇଁ ମଧ ପଇସା ବାହାରେ ନାହିଁ; ପିଲାଏ କାଳି କାଗଜ ବି ଘରୁ ଆଣନ୍ତି, ସେଥିପାଇଁ ପଇସା ଏଡ଼ମିଶନ ବେଳେ ଦେଇଥିଲେ ବି ।

ଆଶାରେ ଦୁଇ ତିନି ମାସ ଚାଲିଗଲା । ପ୍ରଥମ ମାସର ଦରମା ଗଣ୍ଡାକ (ଦୁଇ ଶହ ଟଙ୍କା ମାତ୍ର) ବି ମିଳିବାକୁ ଆଜିକାଲି ହୋଇ ଦିନ ଗଡ଼ି ଚାଲିଛି । ଶାନ୍ତିନିକେତନର ବସନ୍ତୋତ୍ସବ, ଡିଅର ପାର୍କ, ସନ୍ନିକଟ ହ୍ରଦର ସାରସ କାଦମ୍ବକାକଳି, ଆମ୍ରକୁଞ୍ଜ ବକୁଳବୀଥିକାର ମହକ ଅର୍ଥାତ୍ ଚକ୍ଷୁ କର୍ଣ୍ଣନାସା ଜିହ୍ୱାତ୍ୱକର ପରିତୃପ୍ତି ବିଧାୟକ ସମସ୍ତ ରୋମାଣ୍ଟିସିଜମ୍‌ର ଉତ୍ସ ଶୁଖି ଶୁଖି ଯାଇଛି । ତେଣେ ପେଟ ମଧ ଶୁଖି ଶୁଖି ପିଠିରେ ମିଶିଲାଣି । କେତେ ଦିନ ହୋଟେଲରେ ଖାଇଲି । ପେଟ ମାଇଲା । ତା ପରେ ମେସ୍‌ରେ ଖାଇଲି । କୁନ୍ଥେଇ କୁନ୍ଥେଇ ଦିନ ଗଲା । ତାପରେ ଧାରଉଧାର କରି କିରାସିନୀ ଷ୍ଟୋଭ ଓ ପ୍ରେସର କୁକର୍ କିଣି ଘରୁ ଆଣିଥିବା ଚାଉଳ ଓ ମୁଗଡାଲି ସହିତ ଆଳୁ ପକାଇ ଆଚାର ସହିତ ଚଳାଇଲି । କଲେଜ କାମ କରିବା ପାଇଁ, ଟିଉଟରିଏଲ ଖାତା ଦେଖିବା ପାଇଁ, ଦମ୍ କୁଳାଇଲା ନାହିଁ । ଏନ.ଏସ.ଏସ. କାମରେ ପିଲାଙ୍କୁ ଉତ୍ସାହ ଓ ଆଦର୍ଶ ଦେଖାଇବି କିମିତି ? ତଥାପି ପନ୍ଦରଟି ଦିନ ଏନ୍.ଏସ.ଏସ. କେମ୍ପରେ ଦିଓଳି ବଗଡ଼ା ଭାତ, ବିରିଡ଼ାଲି, କଖାରୁ ଘାଣ୍ଟ ଓ ଆମ୍ବଡା ଖଟାରେ ବଞ୍ଚିଗଲି । ଇଉନିଭର୍ସିଟି ଯାହା ଦେଇଥିଲା ତାର ମଧ ଅଧା କୋଷରେ ରହିଲା ।

ଏଇ କୃଚ୍ଛସାଧନ କରୁଥିଲି କେବଳ ସୁଷମା ପାଇଁ ଯେ କି କଲେଜ କୁଇନ୍ ଆଖ୍ୟା ପାଇବାକୁ ଯାଉଥାଏ । ହେଲେ ସେଠି ବି କଣ୍ଟା । କୋଷାଧକ୍ଷଙ୍କ ପୁତ୍ର ବି ତା ପଛେ ପଛେ ଲାଗିଛି ବୋଲି ମୁଁ ଅନୁମାନ କଲି । ଗୁରୁ ଓ ଶିଷ୍ୟ ଏକ ଶିକାର ପଛରେ । ଭିଲେନଗୁଡ଼ାକ ସିନେମାରେ, କଲେଜରେ !

ହଠାତ୍ ବାପା ଦିନେ ହାଜର । ମାଆ ତାକୁ ପଠାଇଛି, କିଛି ଟଙ୍କା ଓ ଉପଦେଶ ଦେଇ । ସ୍ନେହମୟୀ ଶୁଣିଛି ତା ପୁଅ ବଡ଼ ଦୁଃଖରେ ଅଛି, ସୁନା ଦିହ ଚୂନା ହୋଇ ଗଲାଣି । ଘରଭଡ଼ା, ପୂଜାରୀ ଟୋକା ଖର୍ଚ୍ଚ ଯାହା ଯେତେ ପଡୁ ପଛେ ତା ପୁଅ ଅଲଗା ଆରାମରେ ରହୁ । ବଡ଼ି, ଆଚାର, ଘିଅ ପଠାଇ ଦେଇଛି ପୁଅ ପାଇଁ । ବାପମାଆ ଗୁଡ଼ାକ ପୁଅକୁ ଚାକିରିରେ ଲଗାଇବା ପାଇଁ କେତେ ଦୂର ଯାଇ ନ ପାରନ୍ତି ! ମାତ୍ର ପେରେଣ୍ଟମାନେ ପ୍ରପୋଜ କରନ୍ତି ; ବୋର୍ଡ଼, ବିଶ୍ୱବିଦ୍ୟାଳୟ, ସରକାର, ପିଲାମାନେ ଏବଂ ସର୍ବୋପରି କୋଷାଧକ୍ଷ ଡିସ୍‌ପୋଜ କରନ୍ତି । ଶାରୀରିକ ଓ ମାନସିକ ଦୁଃଖର ଶୀର୍ଷସ୍ଥାନ ଆଡ଼କୁ ଦ୍ରୁତ ଗତିରେ ଯାଉଚି ବାସ୍‌ଷ୍ଟାଣ୍ଡରେ ଗୋଟାଏ ରୋଗା ଟୋକା ସାଙ୍ଗରେ ଦେଖାହେଲା । ପଚାରିଦେଲି "ମୋ ପାଖରେ ରହିବୁ ?" ଖୁବ୍ କାଙ୍ଗାଳ ପରି ସେ ଅତି ଆଗ୍ରହରେ ହଁ

Digitized by srujanika@gmail.com

କହିଲା; କେବଳ ଖାଇବ ଓ ରହିବ, ଦରମା ନବନି । ଦୁଃଖ ପଡ଼ିଲେ ମଣିଷ ଭିଖାରୀ ବୁଲା କୁକୁରର ବି ସଙ୍ଗ, ସାହଚର୍ଯ୍ୟ ଚାହେଁ । ପିଲାଟିର ନାଆଁ ପ୍ରଦୀପ; ପିଲେହି ପେଟା, ଗୋଦଡ଼ିଆ ମଧ୍ୟ । ଚେହେରା ଅନୁପାତରେ ବୟସ ବେଶି ହୋଇପାରେ । ଦି'ଜଣ ଦି' ଭାଇ ପରି ରହିଲୁଁ । ବହି ବା ସିନେମା ମେଗାଜିନ୍ ପଢ଼ିବା ଅପେକ୍ଷା ତା ସାଙ୍ଗରେ ଥଟାତାମସା ଖେଳ କଉତୁକ ଭଲ ଲାଗିଲା । ବସାରେ ପ୍ରଦୀପ; କଲେଜରେ ସୁଷମା, ଧ୍ରୁବତାରାକୁ ଆଖି ଆଗରେ ରଖି, ପ୍ରଦୀପ କାନ୍ଧରେ ହାତ ଦେଇ ଡଙ୍ଗାକୁ ଅନନ୍ତ ସମୁଦ୍ରରେ ତୋଫାନ ଭିତରେ ଛାଡ଼ି ଦେଇଛି ।

ଦୁର୍ବିପାକର କିନ୍ତୁ ଅନ୍ତ ନାହିଁ । ଅଭାଗା ଯେଖାନେ ଯାଏ ସମୁଦ୍ର ଶୁଖିଯା ଯାଏ । ଦିନେ ପ୍ରଦୀପ ରୋଷେଇ କରୁଛି ହଠାତ୍ ଜୋରରେ ଆର୍ତ୍ତନାଦ କଲା "ବାବୁ ! ପେଟକୁ ମାଇଲା ।" ତେଲ ଫେଲ କଣ ଘଷାଘଷି କରି ଆରାମ ପାଇଛି କି ନାହିଁ ପୁଣି ଚିତ୍କାର କଲା "ପିଠିକୁ ମାଇଲା ।" ସେଦିନ ମୁଁ ବାକି ରୋଷେଇ କାମ କରି ତା ପାଇଁ ରଖି ଦେଇ କଲେଜ ଗଲି । ସେଠି ଯାଇ ଦେଖେତ ତୁମୁଳ ହଟଗୋଳ; କାର୍ଯ୍ୟାନୁଷ୍ଠାନ ସମିତି ପକ୍ଷରୁ କୋଡ଼ିଏ ଦଫା ଦାବୀପତ୍ର । ସାଉଁଳା ସାଉଁଳି କରି ପିଲାଙ୍କୁ ବୁଝାଇ ଦେଲି । ଗଭର୍ଣ୍ଣିଂବଡ଼ି ମନ୍ତବ୍ୟ ଦେଲେ ମୁଁ କୁଆଡ଼େ ପିଲାଙ୍କୁ ଉସୁକାଉଛି । ନଚାଉଛି । ଏ ଭିତରେ ମୁଁ ମହାମେଣ୍ଟ ସହିତ ସଂପର୍କ ସ୍ଥାପନ କରିଛି ବୋଲି ସେମାନଙ୍କର କୋପ ଦୃଷ୍ଟିରେ ପଡ଼ିଲିଣି । ମୁଁ କମ୍ୟୁନିଷ୍ଟ, ସି.ପି.ଏମ. ଦଳର ବୋଲି ସନ୍ଦେହ ।

ଦି' ଦିନ ପରେ ପ୍ରଦୀପ କହିଲା, "ବାବୁ ! ମୋତେ ଛଅଟା ଟଙ୍କା ଦିଅ । କଚେରୀରେ ଜଡ଼ିବୁଟି ବିକୁଥିବା ଲୋକଟା ପାଖରୁ ବୋତଲେ ଔଷଧ ଆଣିବି । ଦି' ଦିନ ବ୍ୟବହାର କରି ମୁଁ ଢେର ଉପକାର ପାଇଛି । ମୁଁ ଦେଲି; ସେ ଔଷଧ ବୋତଲଟିଏ ଆଣିଲା । ଆଉ ତା ପେଟକୁ ପିଠିକୁ ରୋଗ ମାରେ ନାହିଁ । ଆଉ ଆଠ ଦିନ ପରେ ପ୍ରଦୀପ ଅନ୍ତର୍ଦ୍ଧାନ । ସେ ଆଉ ମୋ ପାଖକୁ ଫେରିଲା ନାହିଁ । ମୁଁ ଖୋଜାଖୋଜି ବି କଲି ନାହିଁ । ଯାଯାବରକୁ କିଏ ଖୋଜି ପାଇବ ? ଦୁଃଖ ଲାଗିଲା; ମୁଁ ଏକୁଟିଆ ହୋଇଗଲି । ଏଣେ ରୋଷେଇ ହେଙ୍ଗାମ; ତେଣେ କଲେଜ ଦଙ୍ଗାହାଙ୍ଗାମ । ମଣିଷ ବଞ୍ଚେ କେତେକେ ?

ନୈରାଶ୍ୟ, ଅନିଶ୍ଚୟତା ଓ ହୀନମନ୍ୟତାରେ ଅକାଳ ବାର୍ଦ୍ଧକ୍ୟର ଲକ୍ଷଣ ମୋ ଦିହରେ ନ ହେଲେ ମଧ୍ୟ ମନ ଭିତରେ ଦେଖା ଦେଲା । ତିନୋଟି ବର୍ଷ ବିତିଗଲା; କଲେଜର ଉନ୍ନତି ନାହିଁ କି ମୋର ଉନ୍ନତି ନାହିଁ । ପିଲାଏ ଏ କଲେଜ ସେ କଲେଜ ଜରିଆରେ ପରୀକ୍ଷା ଦେଉଛନ୍ତି । ତାଙ୍କର ପଢ଼ିବା ଦରକାର, ପାଦ୍ଧଡ଼ା କଲେଜ ହେଉ ବା ଶାଳଗଛା କଲେଜ ହେଉ । ମଝିରେ ମଝିରେ ଦିନେ ଦିନେ ପ୍ରଦୀପ କଥା ମନେ ପଡ଼େ, କୁଆଡ଼େ ଅନ୍ତର୍ଦ୍ଧାନ ହେଲା ନା ମରିହଜି ଗଲା । ପତ୍ତା ନାହିଁ । ପାଞ୍ଚ ଟଙ୍କା ଦେଇ ପୋଷ୍ଟ ଅଫିସରେ ଯେଉଁ ପାସ ବହି ଖୋଲିଥିଲି ତା ନାଆଁରେ ସେଇଟା କାହାକୁ ଦେବି !

ତା'ପରେ ଆସିଲା ଶିକ୍ଷା କ୍ଷେତ୍ରରେ ଏକ ବୈପ୍ଳବିକ ପରିବର୍ତ୍ତନ । ମାକ୍ସଲେଙ୍କ

Digitized by srujanika@gmail.com

ଇଂରାଜୀ ଶିକ୍ଷାପଦ୍ଧତି ପ୍ରବର୍ତ୍ତନର ଦେଢଶହ ବର୍ଷ ପରେ ଆସିଲା ଏକ ଅଭାବନୀୟ ଅଭିନବ ପଦ୍ଧତି । ଯାହା ମୁହଁରେ ଶୁଣିବ ଯୁକ୍ତ ଦୁଇ । ପ୍ରଥମେ ଆସିଲା ଏଗାର ଯୁକ୍ତ ଚାରି ସମାନ ପନ୍ଦର, ତା ପରେ ଦଶ ଯୁକ୍ତଦୁଇ, ଯୁକ୍ତତିନି ସମାନ ପନ୍ଦର, ଆଉ ଥରେ ଆସିଲା ଏଗାର ଯୁକ୍ତଦୁଇ, ଯୁକ୍ତଦୁଇ ସମାନ ପନ୍ଦର । ଏଥର ଜାତୀୟ ସ୍ତରରେ ମହାଭାରତୀୟ ସ୍ତରରେ ଆସୁଛି ଦଶ ଯୁକ୍ତଦୁଇ ଯୁକ୍ତତିନି ସମାନ ପନ୍ଦର । ସମସ୍ତେ ଆଚମ୍ବିତ, ସ୍ତମ୍ଭିତ; କେହି କିଛି ବୁଝିଲେ ନାହିଁ, ନା ଶିକ୍ଷାବିତ୍, ନା ଶିକ୍ଷକ, ନା ଛାତ୍ର, ନା ସରକାର । ଯିମିତି ଏକଦା ଆଧୁନିକ କବିତାକୁ ପ୍ରାଚୀନ ପନ୍ଥୀମାନେ ଦୁର୍ବୋଦ୍ଧ ଅବୋଧ ବୋଲି ବିବେଚନା କରିଥିଲେ । ଗୋଦାମରେ ନୂଆ ମାଲ ରଖିବା ପାଇଁ ପୁରୁଣାକୁ ଅନ୍ତର କରିବା କଥା । ଆଇ.ଏ. ପଞ୍ଚସ୍ତରୀ ହଜାର, ସିନିଅର ନବେ ହଜାରଙ୍କୁ ବିଦା କଲେ ଯାଇ ଲକ୍ଷେ ଜୁନିଅର ଆସିବେ । ତେଣୁ ଶିକ୍ଷା କ୍ଷେତ୍ରରେ ଅବିଶ୍ୱାସନୀୟ ପ୍ରସ୍ତୁତି ପର୍ବ । ବନ୍ୟା ପ୍ରଳୟ ପ୍ଲାବନର ଯୁଦ୍ଧକାଳୀନ ଭିତ୍ତିରେ କାମ ଦିନରାତି ଚାଲିଛି; ଅବିରାମ ବ୍ୟସ୍ତତା । ଏଣେ ଛାତ୍ର, ଶିକ୍ଷକ, ଅଭିଭାବକଙ୍କ ସାଫଲ୍ୟ ପାଇଁ ଅଭାବନୀୟ ପ୍ରଚେଷ୍ଟା । ନା କିରାସିନୀ ନା ଇଲେକଟ୍ରି ଆଲୁଅ । ପରୀକ୍ଷା ପିଲାଝିଲାଙ୍କ ନୁହେଁ, ବାପାମାଆଙ୍କର ଯିମିତି । ଗଣେଶ ସରସ୍ୱତୀ ପୂଜାରେ ଯିମିତି ପୁରୋହିତ ଅଭାବ ହୁଅନ୍ତି, କଲେରା କାଳରେ ଯେମିତି ଶବ ସଂସ୍କାର ପାଇଁ ଲୋକ ଅଭାବ ହୁଅନ୍ତି, ସେମିତି ଟିଉସନ ମାଷ୍ଟର ଅଭାବ । ପ୍ରତି ବେଚରେ କୋଡ଼ିଏ ତିରିଶ କରି ଦଶଦଶଟା ବେଚ ଇଂରାଜୀ ଓ ଅଙ୍କ ମାଷ୍ଟରଙ୍କର । ଧନ୍ଦାମୂଳକ ଶିକ୍ଷା ଆସୁ ନ ଆସୁଣୁ ଧନ୍ଦାରେ ସମସ୍ତେ ସବୁ ସ୍ତରରେ ବ୍ୟସ୍ତ । ସିନିଅର ଜୁନିଅର ପରୀକ୍ଷା ଆସୁଛି । ସହର ବଜାରରେ ପିଲାଙ୍କ ରହିବା ପାଇଁ ଘରଭଡ଼ା ଦଶଗୁଣ ବଢ଼ିଗଲାଣି । ଟେଷ୍ଟ ପେପର ଶଗଡ଼ ଶଗଡ଼ ଏକ ଦିନରେ କୁଆଡ଼େ ଉଭେଇ ଯାଉଛି । ଯୁକ୍ତ ଦୁଇକୁ ସ୍ୱାଗତ ସମ୍ଭାଷଣ ଜଣାଇବା ପାଇଁ ଜାତି ପ୍ରସ୍ତୁତ ହେଉଛି, ବହୁ ପ୍ରତୀକ୍ଷିତ ଧନ୍ଦାମୂଳକ ଖାଣ୍ଟି ଦେଶୀ ଶିକ୍ଷା ପଦ୍ଧତିକୁ । ଅନ୍ତତଃ ଦୁଇଟି ଦଶକର ଗର୍ଭାଧାନ ପରେ ପ୍ରସବ ବେଦନା ।

ପରୀକ୍ଷା ଆସିଲା । ଖବରକାଗଜ ଗୁଡ଼ାକରେ ଚମକପ୍ରଦ ଖବର ମଧ୍ୟରେ ପ୍ରକାଶ ପାଇଲା "ପରୀକ୍ଷା ଘୁଞ୍ଚୁ, ନୂଆ ପରୀକ୍ଷା କେନ୍ଦ୍ର ପାଇଁ କର୍ତ୍ତୃପକ୍ଷଙ୍କୁ ଧନ୍ୟବାଦ ।" ଆରମ୍ଭ ହେଲା ବିଶ୍ୱବିଦ୍ୟାଳୟ ପରୀକ୍ଷା ପୋଲିସ ଗାର୍ଡ଼ରେ, ଘରୋଇ କଲେଜ ଶିକ୍ଷକଙ୍କ ପରୀକ୍ଷା ବର୍ଜନ, ମାଜିଷ୍ଟ୍ରେଟ୍ ପରୀକ୍ଷା ପରିଚାଳନା କଲେ, ପରୀକ୍ଷା କାଗଜ ହରଣଚାଳ, ପ୍ରଶ୍ନପତ୍ରରେ ବିଭ୍ରାଟ, ଖୋଲା ବଜାରରେ ପ୍ରଶ୍ନପତ୍ର ବିକ୍ରି, ଅଧ୍ୟକ୍ଷ ଗିରଫ, ପରୀକ୍ଷକ, ଟେବୁଲେଟର ଓ ପରୀକ୍ଷା କର୍ମଚାରୀ ସସପେଣ୍ଡ, କୁଳପତିଙ୍କ ସଫେଇ, ପରୀକ୍ଷା ବାତିଲ୍ ପୁନର୍ବାର ପରୀକ୍ଷା ହଟଚମଟ । ବ୍ୟାପକ କପି ରୋକିବା ପାଇଁ ସ୍କୁଆର୍ଡ଼ ଗାଡ଼ିରେ ବୁଲିଲେ । ଯାହା କପି ଧଇଲେ ତାହା ବାକ୍ସ ସହିତ ହରଣଚାଳ ହେଲା । ସମସ୍ତେ କର୍ତ୍ତବ୍ୟ କରୁଛନ୍ତି । ଆତ୍ମୀୟତା କାହିଁ କେଉଁଠି ନାହିଁ, ଦୁଇ ପଇସା ନେଉଛନ୍ତି (ଯୁକ୍ତଦୁଇ ଅର୍ଥ ଯାହା ପାଉଛ ତା ଉପରେ ଦି' ପଇସା ରୋଜଗାର ପାଇଁ ଯେଉଁ ପଦ୍ଧତି) । ସବୁ ଠିକ୍ ଚାଲିଛି । କେନ୍ଦ୍ରୀୟ ମୂଲ୍ୟାୟନ;

Digitized by srujanika@gmail.com

ଯିଏ ଯେଉଁଠି ଅଛି ଏମ.ଏ. ପାସ କରିଥାଅ, ନ କରିଥାଅ ଇଂରାଜୀ ଖାତା ଦେଖ, ଶୀଘ୍ର ପରୀକ୍ଷା ଫଳ ପ୍ରକାଶ ହେବ, ଦିନକୁ ପଚାଶ ଷାଠିଏ ଖାତା ଦେଖ ।

ମୋତେ ବି ଡାକରା ମିଳିଥିଲା । କ୍ଲାସରେ ପ୍ରଥମ ଦିନଟି ଯିମିତି ମୋ ଛାତିକୁ ଫୁଲାଇଥିଲି, ପ୍ରଥମ ଖାତାଟି ଦେଖିଲା ବେଳକୁ ମୋ ମନ ସେମିତି ଉଦ୍‌ଫୁଲ୍ଲିତ ହେଲା । ଗୋଟିଏ ଖାତାକୁ ଟଙ୍କାଏ ଦୁଇଅଣା, ଅର୍ଥାତ୍ ଯୁକ୍ତ ଦୁଇଅଣା, ଦୁଇ ଅଣା ଅଧିକ ଟଙ୍କାଟିରୁ । ଖାତା ଦେଖିଲି ଯେ କମ୍ବଳ ସାରା ବାଳ । ଏଗୁଡ଼ାକ ସବୁ ଇଂରାଜୀରେ କୋଡ଼ିଏ ନମ୍ବର ରଖି (ବ୍ୟାକରଣରୁ କୋଡ଼ିଏ ନମ୍ବରଯାକ ଉତ୍ତର : ପଚାରି ପଚାରି, କପି କରି, କଳାପଟାରୁ ଉତାରି) ମେଟ୍ରିକ୍ ପାସ କରି 'ରାଇମ ଅଫ୍ ଦି ଏନଶିଏଣ୍ଟ ମେରିନାର' ରୁ ଉତ୍ତର ଦେବେ ? ଫେଲ୍ କରିବାରେ, ହତ୍ୟା କରିବାରେ, ଭ୍ରୂଣହତ୍ୟାରେ ବି ଅସତୀକୁ ଅବଶ୍ୟ ଘୃଣା କରିବ । ଲାଜ ମାଡ଼େ । ଏତେ ଏତେ ଦରମା ପାଇ ବି କେତୁଟା ଖାତା ଅନ୍ୟଠୁ କମ୍ ହେଲେ ବା ଇନ୍‌ଭିଜିଲେଶନ ସଂଖ୍ୟା ଗୋଟାଏ କମିଲେ କେତେ ବ୍ୟସ୍ତ ହେଉଁ ।

ପରୀକ୍ଷା ଫଳ ବହୁ ବିଳମ୍ବରେ ବାହାରିଲା । ପରୀକ୍ଷା ଫଳରେ ବି ବିଭ୍ରାଟ । ପରୀକ୍ଷା ଯେ ଦେଇଛି ସେ ଅନୁପସ୍ଥିତ, ଯେ ଦେଇନି ସେ ପାସ କରିଛି । ଯାହାର ଲଜିକ୍ ନାହିଁ ସେ ଲଜିକ୍‌ରେ ପାସ କରିଛି । ଫାଷ୍ଟ ଡିଭିଜନ ଥାର୍ଡ଼ରେ, ଥାର୍ଡ଼ ଫାଷ୍ଟରେ । ଅର୍ଦ୍ଧେକ ଫଳ ସ୍ଥଗିତ। ମୋଟ ପ୍ରକାଶିତ ଫଳରେ ସତୁରୀ ହଜାରରୁ ପଚାଶ ହଜାର ଫେଲ । ନଅଙ୍କ ଦୁର୍ଭିକ୍ଷ ପରେ ଯେତେ ଯେତେ ମରୁଡ଼ି, ଦୁର୍ଭିକ୍ଷ ପଡ଼ିଛି ଏତେ ସଂଖ୍ୟାରେ ଲୋକେ ମୃତ, ଅର୍ଦ୍ଧମୃତ, ଅଳ୍ପମୃତ ହୋଇ ନଥିଲେ । ଲକ୍ଷ ଲକ୍ଷ ହୃଦୟର ସ୍ପନ୍ଦନ ସ୍ଥଗିତ, ସର୍ବତ୍ର ମହାଭାରତ ଯୁଦ୍ଧପରର କୁରୁକ୍ଷେତ୍ର ଆର୍ତ୍ତନାଦ, କ୍ରନ୍ଦନରୋଳ । ଲକ୍ଷଲକ୍ଷ ଟଙ୍କା, କୋଟି କୋଟି ଘଣ୍ଟାର ପରିଶ୍ରମ, ଆବେଗ, ଉତ୍‌କଣ୍ଠାର ନିଦାରୁଣ କରୁଣ ପରିସମାପ୍ତି । କର୍ତ୍ତୃପକ୍ଷ ଠିକ୍ ଜଗନ୍ନାଥଙ୍କ ପରି ନିର୍ଜୀବ କାଷ୍ଠପାଷାଣ ମୂରତି । ଷାଠିଏ ପଉଟି ଅନ୍ନ ସଂହାର କରି ଦାନ୍ତ ନେଫଡାଉଛନ୍ତି । ଅଭିଭାବକଙ୍କ ପେଟ ବିଦୀର୍ଣ୍ଣ, ପ୍ରହ୍ଲାଦ ହାତଯୋଡ଼ି ସିଂହାସନ ତଳେ କାନ୍ଦି କାନ୍ଦି ଛିଡ଼ା, ଚାହିଁଛି । କମ୍ପ୍ୟୁଟର ମେସିନ ବି ବିଗିଡ଼ିଗଲା ଏ ହଇହଲ୍ଲାରେ, ଏତେ ଏତେ ପିଲା ଫେଲ ହେବାରେ । ନମ୍ବର କମ୍ ବେଶି, ପାସ ଫେଲ କରି ଚାରିଛଅଟା ଆରେଷ୍ଟ ବି ହେଲେ ।

ଆମ କଲେଜର ପ୍ରଥମ ପରୀକ୍ଷା ଫଳ ମାରାତ୍ମକ । ଶହେ ଚାରି ପରୀକ୍ଷାର୍ଥୀଙ୍କ ଭିତରୁ ତିନିଜଣ ପାସ୍, ସମସ୍ତେ ତୃତୀୟ ଶ୍ରେଣୀରେ । ବାକି ଶହେ ଏକ ଜଣ ଇଂରାଜୀରେ ଫେଲ । କଲେଜ କୁଇନ୍‌ଟି କିନ୍ତୁ ପାସ କରିଛି । କୋଷାଧକ୍ଷ ନିଜେ ଧାଁଧଉଡ଼ କରି ତାକୁ ପାସ କରାଇଛନ୍ତି, କାରଣ ମୁଁ ଜାଣିଲିଣି ତାକୁ ସେ ପୁତ୍ରବଧୂ କରିବା ଅଭିପ୍ରାୟରେ ଅଛନ୍ତି । ଟେବୁଲେଟର ଯୁଗରେ, ଯୁକ୍ତଦୁଇ ମାଧମରେ, ସବୁ ଧନ୍ଦା କରିହବ । ପରୀକ୍ଷା ପରିଚାଳନା ସମିତି ବା ଅସଦୁପାୟ ନିରାକରଣ କମିଟିର କିଛି କାର୍ଯ୍ୟ ନାହିଁ । କେବଳ ଯୁକ୍ତ ଦୁଇ ପଇସା ଟେବୁଲେଟ୍‌ର କେତେ ପାସ କେତେ ଫେଲ ନିର୍ଦ୍ଧାରଣ କରିବେ, କପି କିଏ କରିଛି

Digitized by srujanika@gmail.com

ନ କରିଛି ତା ଧରିବେ। ଇଏ ତାକୁ ସିଏ ତାକୁ ଦୋଷ ଦେଇ 'ଅର୍ଥାତ୍ ମାର୍ ମାର୍ ଭଣ୍ଡାରିଆକୁ ମାର୍' ନୀତି ଫଳପ୍ରଦ ହେଲା । ଫୁଲଗଛଟି ମରିଲା/ କାହିଁକିରେ ଫୁଲଗଛ ମରିଲୁ ?/ପାଣି ଦେଲାନି/ କାହିଁକିରେ ପାଣି ଦେଲୁନି ?/ ମୋ ଛୁଆ କାନ୍ଦିଲା/ କାହିଁକିରେ ଛୁଆ କାନ୍ଦିଲୁ ?/ ମତେ ବାଲିଚନ୍ଧା କାମୁଡ଼ିଲା/ କାହିଁକିରେ ବାଲିଚନ୍ଧା କାମୁଡ଼ିଲୁ ?/ ଭୂଇଁ ତଳେ ତଳେ ଥାଏଁ କଅଁଳ ମାଉଁସ ଟିକିଏ ପାଇଲେ... ପଚାଶ ହଜାର ଫେଲ ଭିତରୁ ପଚାଶ ହଜାର ଇଂରାଜୀରେ ଫେଲ । ବ୍ରିଟିଶ ସରକାରର ଆମ ଦେଶକୁ ଏକ ପାଟିଂ କିକ୍ । କର୍ତ୍ତୃପକ୍ଷ କହୁଛନ୍ତି, "ବର୍ତ୍ତମାନ ବେଳ ଆସିଛି ପାଠ୍ୟରେ ଇଂରାଜୀରେ ପରିବର୍ତ୍ତିତ ପରିସ୍ଥିତିରେ ନୂତନ ସ୍ଥାନ ନିର୍ଦ୍ଧାରଣ ପାଇଁ !"

ମୋ ଉପରେ ଚଡ଼କ ପଡ଼ିଲା । ଦୁଇଶ ଲେଖାଏଁ ଦରମା କେଉଁ ମାସ ମିଳିଛି କେଉଁ ମାସ ନାହିଁ । କପି ଧରିବାକୁ ଯାଇ ମାଡ଼ ଖାଇଲି । ମହାମେଣ୍ଟରେ ଯୋଗ ଦେଇ 'ଧାରଣା' ଦେଇ ଲାଠିମାଡ଼ ମୁଣ୍ଡରେ ବାଜିଲା । No work no pay- ନୀତିରେ ଅଠର ଦିନର ଦରମା ବି ହରାଇଲି ।

କୋଷାଧ୍ୟକ୍ଷ ଦିନେ ଅଫିସକୁ ମୋତେ ଡାକି ପଠାଇ ରୋକ୍‌ଠୋକ୍ କହିଗଲେ "ଦେଖ, ତୁମକୁ ଆମେ ଆଉ ରଖି ପାରିବୁ ନାହିଁ, ଏ ଭିତରେ ଗ୍ରାଣ୍ଟ ମିଳିବାର ଅଛି, ସରକାର ବି କଲେଜ ନେଇପାରେ । ଚଉବନ ପାରସେଣ୍ଟ ନ ଥିଲେ ଗ୍ରାଣ୍ଟ ମିଳିବ ନାହିଁ; ସରକାର ତୁମକୁ ବି ନେବନାହିଁ । ତା'ଛଡ଼ା ତୁମେ ଇଂରାଜୀ ପଢ଼ାଇ ଜାଣିନ; ଆମେ ଏମ୍.ଫିଲ୍. ନହେଲେ ପି.ଏଚ୍.ଡ଼ି ରଖିବୁଁ । ତୁମର ସରଭିସ୍ ଟାରମିନେଟ୍ ହେଲା ବୋଲି କିମିତ କ'ଣ ଲେଖାଯିବ ଡ୍ରାଫଟ କରିଦିଅ, ମୁଁ ଦସ୍ତଖତ କରିବି ।"

ମନେମନେ ଭାବୁଥାଏଁ "ଶଳା ! ପି.ଏଚ.ଡ଼ି., ଏମ.ଫିଲ୍.ର ମାନେ କ'ଣ ଜାଣୁ ? ଯେଉଁ ପିଲାଙ୍କୁ କନଭେଣ୍ଟର କେ.ଜି.ର ମିଷ୍ଟ୍ରେସ ଅକ୍ସେଣ୍ଟରେ ନିର୍ଭୁଲ ଇଂରାଜୀ ପଢ଼ାଇବ, କ୍ଲାସ ସେଭେନର ମାଷ୍ଟର ପଢ଼ାଇ ଦବ– ସେ ଜାଗାରେ ଏମ୍.ଫିଲ୍., ପି.ଏଚ୍.ଡ଼ି., ଚଉବନ ପାରସେଣ୍ଟ ଖୋଜି ବୁଲୁଛ, ଟାଉଟର । ସବୁ ଗୋଟାଏ ଦଳର । 'ଇଂରାଜୀ ହଟାଅ', 'କେବଳ ଓଡ଼ିଆ' ଦଳ; 'ହିନ୍ଦୀ ଆଣ' ଦଳ । ମୁଁ ମୋ ନିଜ ସରଭିସ୍ ଟାରମିନେଟ କରି ଡ୍ରାଫଟ୍ ଲେଖିଦେଲି ଦୁଇ କପି; ସେକ୍ରେଟାରୀ ଦସ୍ତଖତ କରିବା ପୂର୍ବରୁ ମୁଁ ତାଙ୍କୁ ଶେଷ ନମସ୍କାର କରି ହତା ଛାଡ଼ିଲି । ଦି'ଜଣ ପିଲା କହିବାର ଶୁଣିଲି 'ହେଇବେ ଇଂରାଜୀ ଲେକ୍‌ଚାରର । ଫୁଟାଣିଆ ତ ! ଶଳା ସବୁ ଫେଲ କରି ରଖିଦେଲା । ଇଂରାଜୀ ତା ବାପର ଭାଷା ଯିମିତି । ଯାକୁ ନିସ୍ତୁକ ଛେଚିବା କଥା । 'କିଏ ଜଣେ ପିଲା ଅଥର୍ବ ବୃଦ୍ଧ ପ୍ରେସିଡ଼େଣ୍ଟ ଘର କାନ୍ଥରେ ବଡ଼ ବଡ଼ ଅକ୍ଷରରେ ଲେଖିଥିଲା– "ଏଠାରେ ପ୍ରେସିଡ଼େଣ୍ଟ ମିଳେ ।"

ପିଲାଙ୍କୁ ମାଡ଼ ଦେବାର ଚାନ୍ସ ଦେଲିନାହିଁ । ବସାକୁ ଯାଇ ବୁକୁଚାପତ୍ର ବାନ୍ଧିଲି । ଗୋପବନ୍ଧୁ କଲେଜର କୁଇନଟିକି କୋଷାଧ୍ୟକ୍ଷଙ୍କ ପୁଅ ନେଇ ସାରିଲେଣି । କୋଷାଧ୍ୟକ୍ଷ

Digitized by srujanika@gmail.com

ନିଜେ ନୂଆ ବାସ୍‌ଟିଏ ତାଙ୍କ ସ୍ତ୍ରୀଙ୍କ ନାଆଁରେ ଚଳାଉଛନ୍ତି । କଲେଜ ନାଆଁର ପଟା ଖଣ୍ଡିକ ବି ନୂଆ ରଙ୍ଗ ହୋଇନାହିଁ । ଘରମୁହାଁ ହେଲି । ଏ ଭିତରେ ମାଆ ତାଙ୍କ ସୁକୁମାର ପୁଅର ଉନ୍ନତି ଦେଖି ଆନନ୍ଦାତିଶଯ୍ୟରେ ପଞ୍ଚତ୍ୱ ପ୍ରାପ୍ତା ହୋଇଛନ୍ତି । ବାପା ମୁମୂର୍ଷୁ । ମୁଁ ଅଦ୍ୟାପି ଅବିବାହିତ, ସ୍ତ୍ରୀ ପାଳିବାର ମୋର ସାମର୍ଥ୍ୟ ନାହିଁ ।

ମଣିଷର ଯେତେବେଳେ ନିଦାରୁଣ ଅସହ୍ୟ ଦୁଃଖ ପଡ଼େ ଏବଂ ଭାଗ୍ୟର ଯେତେବେଳେ ଚୂଡ଼ାନ୍ତ ବିପର୍ଯ୍ୟୟ ଘଟେ, ସେତେବେଳେ ସେ ଭଗବାନଙ୍କୁ ବା ଭାଗ୍ୟକୁ ବିଶ୍ୱାସ କରୁ ନ କରୁ, ଡାକୁ ନ ଡାକୁ, ଧର୍ମ ସଂସ୍ଥାପନ ପାଇଁ ଭଗବାନ କିମିତି ଆପେ ଆପେ ପ୍ରଦୀପ ରୂପ ନେଇ ଦିନ ଦିପହରେ ବାସ୍‌ଷ୍ଟାଣ୍ଡରେ ଆବିର୍ଭୂତ ହୁଅନ୍ତି, ଏପରିକି ତ୍ରାଣ, ଉଦ୍ଧାର କରନ୍ତି ମୋ' ଜୀବନର ପରବର୍ତ୍ତୀ ଘଟଣାରୁ ତାହା ଜଣା ପଡ଼ିବ ।

ଗାଁକୁ ଯାଉଥିବା 'ଭଗବତୀ ବାସ୍' କୁ ଅପେକ୍ଷା କରୁଛି, ଜୋର ବ୍ରେକ ଦେଇ 'ରାଜଦୂତ' ରୁ କିଏ ଜଣେ ଓହ୍ଲାଇ ମୋ ଆଡ଼କୁ ଆସିଲେ । ମୁଣ୍ଡରେ ହେଲ୍‌ମେଟ୍, ଆଖିରେ ବଡ଼ ବଡ଼ ଚଷମା, ଜିନ୍ ପେଣ୍ଟ ଓ ଟି-ସାର୍ଟସ, ହାତରେ ଡିଜିଟେଲ ଘଡ଼ି, ଡାହାଣ ହାତର ଆଙ୍ଗୁଳିରେ ତିନ ତିନିଟା ମୁଦି, ପଞ୍ଜାବୀ ବଳା, ଦାରୁଣ ମୂର୍ତ୍ତିଟିଏ । ମୋତେ ନମସ୍କାର କରି କହିଲେ "ବାବୁ ! ଚିହ୍ନି ପାରୁଛନ୍ତି ?" ମୁଁ ଦଣ୍ଡେ ତାଙ୍କ ଆଡ଼କୁ ବୋକା ପରି ଛିଡ଼ା ହୋଇ ଚିହ୍ନିବାର ଚେଷ୍ଟା କରୁଛି, ସେ କହିଗଲେ 'ମୁଁ, ବାବୁ ! ପ୍ରଦୀପ, କେତେ ଦିନ ଆପଣଙ୍କ ରୋଷେଇ କରି ଦେଉଥିଲି । ମନେ ନାହିଁ !' ବହୁ ସମୟ ଯାଏ ମୁଁ ସ୍ତମ୍ଭିତ ହୋଇ ରହିଲି । ଇଏ ସେଇ ଗୋବରଗୋଡ଼ିଆ, ପିଳେହି ପେଟା ପ୍ରଦୀପ ? ପାଖ ମିଠା ଦୋକାନକୁ ମୋତେ ନେଇ ଯାଇ ପଚିଶ ପଚାଶ ଟଙ୍କାର ଖାଦ୍ୟ ପାନୀୟ ଦେବା ପରେ ଯାହା କହିଲା ମୁଁ ଶୁଣି ହତ୍‌ବାକ୍ ହେଲି । ମୁଁ ଯେତେବେଳେ ଏମ୍.ଏ. ପାସ୍ କରି ନିର୍ଯ୍ୟାତନା ଭୋଗି ହୀନିମାନିଆ ଅବସ୍ଥାରେ ପ୍ରାଇଭେଟ କଲେଜରେ ଘଣା ପେଲୁଥିଲି, ପ୍ରଦୀପ ଧନ୍ଦାମୂଳକ ଶିକ୍ଷା ପାଇଁ ଗୁରୁ ଖଟୁଥିଲା କଚେରୀର ବରଗଛ ତଳେ; ସେଇ ଜଡ଼ିବୁଟି ବିକୁଥିବା ଲୋକଟା ପାଖରେ । ମୋ'ଠୁ ଛଅଟି ଟଙ୍କା ନେଇ ବୋତଲଟିଏ କିଣିବାର ତିନି ଚାରିଦିନ ପରେ ସେ ମୋତେ ଛାଡ଼ିଲା । ତା ପରର କଥା ତାରି ମୁହଁରୁ ଶୁଣନ୍ତୁ ।

"'ଔଷଧ ବିକାଳିଟା କହିଲା, 'ତୁ ଏଇଠି ରହ ମୋ ପାଖରେ, ଦିନକୁ ଛଅଟଙ୍କା ଦେବି, ୟାଡ଼େ ସିଆଡ଼େ ବୁଲୁଥିବୁ, ଡାକି ଦେଲେ ଆସିଯିବୁ । ଗରାଖ ଯେତେବେଳେ କିଣୁଥିବେ ତତେ ପଚାରିଦେବି, ଔଷଧ କିଛି କାମ ଦେଲା ?– ତୁ କହିଯିବୁ କିମିତି ଚାରି ପାନରେ ତୋ ପେଟ ବେମାରି, ଅନ୍ତକୋଷ ପୀଡ଼ା ଭଲ ହୋଇଗଲା ।' ମୁଁ ସିମିତି କହିଲି । ବୋତଲ ବୋତଲ ଔଷଧ ବିକ୍ରି ହେଲା । ସେ ବେଳ ପାଇଲା ନାହିଁ ଔଷଧ ତିଆରି କରିବାକୁ । ମତେ ଲଗେଇଲା ଔଷଧ ତିଆରି, ବୋତଲ ସିଲ୍‌ଦିଆ, ଲେବୁଲ ଲଗା କାମରେ । କାମ କିଛି ନୁହେଁ, ଗୁଡ଼ାଏ ପିଆଜ ଛେଚି ରସ ବାହାର କରିବାକୁ ପଡ଼େ । ସେ ଆଉ କଣ

Digitized by srujanika@gmail.com

କେତୁଟା ଗୁଣ୍ଡ ସେଥିରେ ମିଶାଇଦିଏ । ଏମିତି ମାସେ ଦି' ମାସ ପିଆଜ ଛେଚାଛେଚିରୁ ମୁଁ ଜାଣିଗଲି ସେ ଔଷଧରେ କଣ କେତେ ଭାଗ ଅଛି । ଟଙ୍କାଏ ଖର୍ଚ୍ଚରେ ପାଞ୍ଚଟଙ୍କା ଲାଭ । ମନେ ମନେ ଭାବିଲି ୟାର ଗୋଲାମୀ ନ ଖଟି ନିଜେ ଔଷଧ ତିଆରି ନ କରିବି କାହିଁକି । 'ପ୍ରଦୀପ ଚଉଧୁରୀ କେମିକେଲସ' ର ସେଇଠୁ ଜନ୍ମ ହେଲା । ପିଆଜର ଜନ୍ମ ସ୍ଥାନ ଆନ୍ଧ୍ରକୁ ଚାଲିଗଲି । ବର୍ତ୍ତମାନ ବଡ଼ ବଡ଼ ସହରରେ ମୋରି 'ସର୍ବବ୍ୟାଧି ହରସାଲସା'ର ପ୍ରଚାର ଓ ପ୍ରସାର ।

କଫି ଦି'କପ ବରାଦ କରି ପ୍ରଦୀପ କହିଗଲା "ଆପଣ ଆଖିରେ ନ ଦେଖିଲେ ବିଶ୍ୱାସ କରିପାରିବେନି । ମୁଁ ଗତ ବର୍ଷ କଲିକତାରେ ଛଅ ହଜାର ଖର୍ଚ୍ଚ କରି ମୋର ସବୁ ରୋଗ ଅପରରେସନରେ ଭଲ କରିଦେଇଛି । ଏଇ ମଟର ସାଇକେଲରେ ମୁଁ ସହରରୁ ସହର ବୁଲି ଏଜେଣ୍ଟମାନଙ୍କ ଠାରୁ କଲେକ୍ସନ କରୁଛି, ଔଷଧ ଯୋଗାଉଛି । ମୋତେ ଏଇକ୍ଷଣି ବଡ଼ ସମସ୍ୟା ହେଉଛି 'ପ୍ରଦୀପ ଚଉଧୁରୀ' ଅର୍ଥାତ୍ ନିଜ ନାମଟା ଲେଖିବା । ଚାରି ଛଅଦିନ ହେଲା ଗୋଟିଏ କି ଦୁଇଟା ଅକ୍ଷର ଶିଖିଛି ; ଆଜି ଶିଖିଲେ କାଲି କି ଭୁଲିଯାଉଛି । ବେଙ୍କରେ ଟଙ୍କା ଜମା ରଖିବି କିମିତି ? ଓଡ଼ିଆ ଅକ୍ଷର ଗୁଡ଼ାକ ଏମିତି ବଙ୍କା ଟଙ୍କା !"

ସିଗାରେଟଟାଏ ଲଗାଇ ପୁଣି କହିଲା 'ବାବୁ ! ଆପଣଙ୍କୁ କହିବାକୁ ସାହସ ହେଉନି, ଆପଣ ଏତେ ପାଠପଢ଼ି ଲେକ୍‌ଚାରାର ହୋଇଛନ୍ତି । ମୁଁ ଏକ ଗଜମୂର୍ଖ, କିଛି ଭାବିବେ ନି ତ କହିବି !" ମୁଁ ଯିମିତି ତାକୁ ଆଗେଇବାକୁ ଅନମୁତି ଦେଇଛି, ସେ କହିଲା, "ବାବୁ ! ମୁଁ ଏକୁଟିଆ କାମ ଉଠେଇ ପାରୁନି । ଆପଣ ଯଦି ମୋ ସହିତ ଯୋଗ ଦିଅନ୍ତି ଆପଣଙ୍କୁ ମାସକୁ ପାଞ୍ଚଶ ଟଙ୍କା ପ୍ରଥମେ ଦିଅନ୍ତି, ଗସ୍ତ ଖର୍ଚ୍ଚ ବାଦ ଦିନକୁ ରହଣି ଓ ଖିଆପିଆ ଖର୍ଚ୍ଚ ବାବଦ ପଚିଶ ଟଙ୍କା ହିସାବରେ ଦିଅନ୍ତି । ଯୁକ୍ତ ଦୁଇ ମାନେ ଅଧିକା ଦି ପଇସା ଯଦି ପାଇବାକୁ ଚାହାଁନ୍ତି ମୋ ପାଇଁ ରସରସିଆ ବକ୍ତୃତା "ଆପଣଙ୍କ ପେଟ ମାରୁଛି, ତଳିପେଟ ପିଟି ପିଟି ବେଦମ୍ ହେଉଛନ୍ତି, କୁନ୍ଥେଇ କୁନ୍ଥେଇ ଝାଳ ବାହାରୁଛି..." ଲେଖି ଦିଅନ୍ତେ...ମୁଁ ଏଜେଣ୍ଟମାନଙ୍କୁ ଦେଇଦିଅନ୍ତି ଲାଉଡ଼ିସ୍ପିକରରେ ଗାଇବା ପାଇଁ ବାଦାମବାଡ଼ି ପରି ଛକ ସ୍ଥାନରେ ।

ମୁଁ ସାତଦିନ ସମୟ ନେଲି, ପ୍ରଦୀପର ଠିକଣା ମଧ ରଖିଲି । ଆଜି ଛଅଦିନ, ସକାଳ ସୁଦ୍ଧା ମୁଁ ଠିକଣାରେ ପହଞ୍ଚି ପାରିନାହିଁ, ପ୍ରଦୀପର ପାଞ୍ଚଶ ଯୁକ୍ତ ଗସ୍ତଖର୍ଚ୍ଚ ଯୁକ୍ତ ଦୈନିକ ଭତ୍ତା ଗ୍ରହଣ କରି ପେଟ ଓ ତଳିପେଟର ସାଲସାର ବକ୍ତୃତା ବିକାଳିଙ୍କ ପାଇଁ ଲେଖିବି କି ପ୍ରାଇଭେଟ୍ କଲେଜର ତ୍ରିମୂର୍ତ୍ତିମାନଙ୍କ ଅଧୀନରେ ପୁଣି ବାକି ଜମି ବିକି ବାପାକୁ ମାରି ଫାଷ୍ଟ ଇଅର (ସିନିଅର) ରେ ଆରମ୍ଭ କରିବି ରାଇମ୍ ଅଫ୍ ଦି ଏନ୍‌ଶିଏଣ୍ଟ ମେରିନାର ? ଆଜ୍ଞା ଏକ ଧନ୍ଦାରେ ପକାଇ ମହାମୂର୍ଖ ପ୍ରଦୀପ ଯାଇଛି ଯେ ମୁଁ ଶାନ୍ତିନିକେତନର ଇଂରାଜୀ ଏମ୍.ଏ. ପାସ୍ କରି ବି ଧନ୍ଦି ହେଉଛି ହପ୍ତାଏ ହେଲା ।

Digitized by srujanika@gmail.com

# ଭାଲୁ ଶିକାର

## (୧)

ମୁଁ ସଉଖୀନ ବା ପେଶାଦାର ଶିକାରୀ ନୁହେଁ । ଜୀବନରେ ବନ୍ଧୁକ କେବେ ଧରି ନାହିଁ । ମୋର ଛୋଟ ପୋଷା କୁକୁରଟିର ହୃଦୟ ସ୍ପନ୍ଦନ ତାଳପତ୍ର ଫୋଟକାରେ ଯେତେ ବଢ଼ିଯାଏ ବନ୍ଧୁକର ଆୱାଜ ଖଣ୍ଡେ ଦୂରରୁ ଶୁଣିଲେ ମୋର ତାର ଦୁଇଗୁଣ ହୁଏ ।

ବାଧ୍ୟବାଧକତାରେ ବା ମୁଖଲଜ୍ଜାରେ ପଡ଼ି ଥରେ ଦୁଇଥର ହୁଏତ ଶିକାରକୁ ଯାଇଛି; ତା ବି ଏମିତି ଲୋକ ସାଙ୍ଗରେ, ଯେ ନିଜ ଜୀବନ ବିନିମୟରେ ବିପଦବେଳେ ମୋ ଜୀବନ ରଖିବ । ଏମିତି ଦରଦୀ ବିଶ୍ୱସ୍ତ ଲୋକଟିଏ ଥିଲେ ମୟୂରଭଞ୍ଜର ଏସ୍.ପି. ଓଡ଼ିଶାର ଆଇ.ଜି. ସ୍ୱର୍ଗତ ରାମଚନ୍ଦ୍ର ଦାସ, ଆଇ.ପି.ଏସ୍ । ସେ ମୋର ବନ୍ଧୁ ବୋଲି ଦାବି କରିବି ନାହିଁ, ସେ ମୋତେ ସବା ସାନଭାଇ ପରି ଭଲ ପାଉଥିଲେ; ତାଙ୍କ ସ୍ତ୍ରୀ ମଧ୍ୟ ମୋ ସ୍ତ୍ରୀକି ସେହି ଆଖିରେ ଦେଖୁଥିଲେ । ଗସ୍ତରେ ଗଲାବେଳେ, ମାଛ ଧରିବାକୁ ଗଲାବେଳେ ଏସ୍.ପି. ମୋତେ ସାଙ୍ଗରେ ନେଇଯାଆନ୍ତି । ମୋର ଖାଇବା ପିଇବା ସୁଖ ସ୍ୱାଚ୍ଛନ୍ଦ୍ୟରେ କେବେ କୌଣସି ତ୍ରୁଟି ହୁଏନି । ମୋର ଗପ କଥାବାର୍ତ୍ତା ତାଙ୍କୁ ବୋଧହୁଏ ଭଲ ଲାଗେ । ରଜାରାଜୁଡ଼ା ବିଦୂଷକଟିଏ ତ ପେଡ୍ ରଖିଥାନ୍ତି, ଜୀବନ ଜଞ୍ଜାଳରୁ କ୍ଷଣେ ମୁହୂର୍ତ୍ତେ ତ୍ରାଣ ପାଇବା ପାଇଁ ।

ତାଙ୍କ ସାଙ୍ଗରେ ଥରେ ଚଢ଼େଇ ଶିକାରରେ ଯାଇଥିଲି । ଟୁଏଲ୍‌ଭ୍ ବୋର ବନ୍ଧୁକରେ ତିନିଟା ହରଡ଼ ଚଢ଼େଇ (ଗ୍ରୀନ୍ ପିଜିଅନ୍) ମାଇଲେ । ସମସ୍ତେ ଚଢ଼େଇ ମାଂସ ଭଲ କହନ୍ତି, ମତେ ଭଲ ଲାଗିଲାନି । ପୁଣି ଥରେ ଯୋଡ଼ାଏ ଖଡ଼ିହଂସରୁ ଗୋଟାକୁ ଆକାଶରୁ ଖସାଇ ଥିଲେ ଏବଂ ଆହତ ପକ୍ଷୀଟିକୁ ଜଗିବାର ଦାୟିତ୍ୱ ମୋର ଥିଲା । ଦଣ୍ଡେ ପରେ ଦେଖିଲି ଆହତ ପକ୍ଷୀଟି ଡିମ୍ୱଟିଏ ମୋରି ଆଗରେ ପାଡ଼ିଲା । ମୋତେ ବହୁତ ଦୁଃଖ ଲାଗିଲା "ମା ନିଷାଦ ପ୍ରତିଷ୍ଠାଂ ତ୍ୱ... ।" ଦୁଇଥର ଯାକ ଦେଖିଲି ବନ୍ଧୁକ ଫୁଟିଲେ ମୋ ଛାତି ଧଡ଼ଧଡ଼ ହେଉଛି ଯିମିତି ଫାଟିଯିବ ବା ଦୁକ୍‌ଦୁକ୍ ବନ୍ଦ ହୋଇଯିବ ।

ତୃତୀୟ ଥର ସେ ମୋତେ ଡାକିଥିଲେ ଏକ ଭାଲୁ ଶିକାରକୁ । ସେ ସ୍ଥାନର ନାଆଁ ଭାଲୁ ପାହାଡ଼ି । ପାହାନ୍ତାରେ ଗଣ୍ଡା ଗଣ୍ଡା ଭାଲୁ ଗୋଟାଏ ବଣରୁ ଅନ୍ୟ ଏକ ବଣକୁ ସଡ଼କ ଦେଇ ଅଦୂର ପାହାଡ଼ର ଗୁମ୍ଫାମାନଙ୍କୁ ଯାଆନ୍ତି । ଦୁହେଁ ରାତି ଦୁଇଟାରୁ ଯାଇ ଦୂରରେ ଜିପ୍ ରଖି ଗୋଟାଏ ଗଛରେ ଚଢ଼ିଲୁଁ ଏବଂ ଥର୍ମୋସ୍‌ରୁ ଚା' କପେ କପେ ପିଇ

Digitized by srujanika@gmail.com

ଅପେକ୍ଷା କଲୁଁ ଜାନୁଆରଙ୍କୁ । ଗଛରୁ ତଳେ ପଡ଼ିଯିବାର ଭୟ ମୋର ପ୍ରତି ମୁହୂର୍ତ୍ତରେ ହେଉଥାଏ, ଯଦିଓ ଆମେ ଏକ ଶକତ ମଞ୍ଚାରେ ବସିଥାଉଁ । ଭାଗ୍ୟ ଭଲ, ଜୀବଜନ୍ତୁ କେହି ଆସିଲେ ନାହିଁ । ପ୍ରାୟ ସୂର୍ଯ୍ୟୋଦୟ ବେଳକୁ ଆମର ଅଲକ୍ଷିତରେ ଚାଷ ବିଲ ଦେଇ ଗୋଟାଏ ବଡ଼ ହେଟା ବିଚିତ୍ର ଗତିରେ ବାହାରି ଚାଲିଗଲା । ସାହେବ ଗୁଳି ତା ପଛକୁ ଲକ୍ଷ୍ୟ କରି ଫୁଟାଇଲେ; ଗୋଟାଏ, ଦୁଇଟା, ତିନିଟା; ସେ ରକ୍ଷା ପାଇଲା, ମୁଁ ବି ।

ଛୋଟ ମୋର ଗାଆଁଟି, ଭୂଗୋଳ ପୋଥିପତର ତା ନାଆଁ ପାନ୍ଦଡ଼ା, ସେ କାଳର ମୟୂରଭଞ୍ଜ ଷ୍ଟେଟ ଅନ୍ତର୍ଭୁକ୍ତ । ପ୍ରଖ୍ୟାତ ପ୍ରତ୍ନତାତ୍ତ୍ୱିକ ପରମାନନ୍ଦ ଆଚାର୍ଯ୍ୟ ମୋତେ କହିଥିଲେ, ପାନ୍ଦଡ଼ା ନାଆଁ ପନ୍ଦାଡ଼ରୁ । ପନ୍ଦାଡ଼ ମାନେ ଜଙ୍ଗଲ । ସତରେ ଆମ ଗାଁ ଜଙ୍ଗଲ ଘେରା ଅଞ୍ଚଳରେ । ଗାଁ ଚାରିପଟେ ପାଞ୍ଚଛଅଟା ପୋଖରୀ, ପୋଖରୀ ତଳକୁ ବୁଦୁବୁଦିଆ ଏବଂ ତା ପରେ ଘଞ୍ଚ ଶାଳ ଜଂଗଲ । ଚାରିପଟେ ଯେଉଁ ଗାଁ ସେମାନଙ୍କ ନାଁ ବାଘରମ୍ପା, କେନ୍ଦୁଆ, ଖଡ଼ିପାହାଡ଼ି, ଭାଲୁଡୁଙ୍ଗୁରି, କେନ୍ଦୁମୁଣ୍ଡି, ହାତୀଆପଥର, ବାଦୁଡ଼ି ଘେରା । ସବୁ ନାଆଁର ବଣଜଙ୍ଗଲ ପାହାଡ଼ ପର୍ବତ ଜନ୍ତୁ ଜାନୁଆର ସହିତ ସଂପର୍କ ରହିଛି । ଏବେ ଅବଶ୍ୟ ବଣ ନାହିଁ କି ପାହାଡ଼ ନାହିଁ, ଶିକାର ନାହାଁନ୍ତି କି ଶିକାରୀ ନାହାଁନ୍ତି ।

ଦିନ ଥିଲା ମୟୂରଭଞ୍ଜ, ରାଜାମହାରାଜାମାନଙ୍କର happy hunting ground ଥିଲା । ନୀଳଗିରି, ପାରଳାଖେମୁଣ୍ଡି ରାଜାମହାରାଜାଙ୍କ ଠାରୁ ଆରମ୍ଭ କରି ରାଜସ୍ଥାନର ରାଜାମହାରାଜାମାନେ ବାରିପଦା ଆସୁଥିଲେ । ଆଠ ଦଶ ଦିନ ପାହାଡ଼ ପର୍ବତ ଭିତରେ ଶିକାର ହେଉଥିଲା । ବାଘ, ଭାଲୁ ସଂଖ୍ୟାତୀତ; ଅନଭିଜ୍ଞ ଶିକାରୀଟିଏ ବନ୍ଧୁକ ଧରିଲେ ଗୋଟାଏ ଅଧେ ମାରିପାରିବ । ରେଳବାଇ କର୍ମଚାରୀ ଦଳ ଶିକାରରେ ଅସଫଳ ହେଲେ ବୋଲି ନିଜେ ପୁଣ୍ୟଶ୍ଳୋକ ମହାରାଜା ଶ୍ରୀରାମଚନ୍ଦ୍ର ଶିକାର ଦାୟିତ୍ୱ ନେଇ ନିଜର ଶ୍ୟାଳକର ଗୁଳି ଚୋଟରେ ଆହତ ହୋଇ ଅବଶେଷରେ ମୃତ୍ୟୁବରଣ କଲେ । ହାତୀଧରା ଓ ଖେଦା ପାଇଁ ମଧ ମୟୂରଭଞ୍ଜର ଭାରତରେ ନାଁ ଥିଲା । ଜୀବଜାନୁଆର କମି ଆସିବାରୁ ଶିକାର କମିଲା ଏବଂ ଅକଥନୀୟ ଯନ୍ତ୍ରଣା ଓ ଅତ୍ୟାଚାର ଯୋଗୁଁ ଜନସାଧାରଣ ମଧ ବିଦ୍ରୋହୀ ହେଲେ । ଚହଲା ଶିକାର ମୟୂରଭଞ୍ଜ ରାଜବଂଶର ଇତିହାସରେ ଏକ କଳଙ୍କ । ଶୁଣାଯାଏ, ଲୋକଙ୍କ ଭାତପତ୍ରରେ ବୁଟ୍‌ଯୋତା ମାଡ଼ି ଶିକାରର ପଦସ୍ଥ କର୍ମଚାରୀ ପରେଡ୍ କରିଥିଲେ ।

ମୟୂରଭଞ୍ଜ ଗାନ୍ଧୀ ପ୍ରଜାମଣ୍ଡଳ ନେତା (ବର୍ତ୍ତମାନ ବାଚସ୍ପତି ଶ୍ରୀଯୁକ୍ତ ପ୍ରସନ୍ନ କୁମାର ଦାସ ତାଙ୍କର ଏକ ନମ୍ବର ଚେଲା) ସ୍ୱର୍ଗତ ଶରତଚନ୍ଦ୍ର ଦାସଙ୍କ ବିରୋଧ ଓ ଆନ୍ଦୋଳନ ଯୋଗୁଁ ମୟୂରଭଞ୍ଜରେ ଶିକାର ବନ୍ଦ ହେଲା । ପନ୍ତା ଶିକାର ଉଠିଗଲା । ବାଘ ପ୍ରବଳ ହେଲେ । କୌଣସି ବାଘ ଗୋରୁଗାଈ ମଣିଷହନ୍ତା ହେଲେ ମହାରାଜା ନିଜେ ବା ତାଙ୍କ ନିଯୁକ୍ତ କର୍ମଚାରୀ ତାକୁ ନିପାତ କରୁଥିଲେ । ଅନେକ ସମୟରେ ବଡ଼ କରୁଣ କାହାଣୀ ଶୁଣାଯାଉଥିଲା ବାଘ ଉତ୍ପାତର । ତଥାପି ପନ୍ତା ଶିକାର ନିଷେଧାଜ୍ଞା ମହାରାଜା ଉଠାଇଲେ ନାହିଁ । ଅନ୍ୟାନ୍ୟ ଜୀବଜନ୍ତୁ ଯଥା ହରିଣ, ସମ୍ବର, ଗୟଳ, ହାତୀ ସଂଖ୍ୟା

Digitized by srujanika@gmail.com

ଯେତେ ବଢ଼ିଲେ ତା ଅପେକ୍ଷା ଭାଲୁ ସଂଖ୍ୟା ବହୁଗୁଣ ବଢ଼ିଲେ । କାରଣ ଭାଲୁ ସେମିତି କିଛି କ୍ଷତି କରେ ନାହିଁ । କେହି ମାରିବାରେ ମନ ଦିଅନ୍ତିନି । ହାବୁଡ଼ରେ ପଡ଼ିଲେ ଖଣ୍ଡିଆ ଖାବରା କରେ ମାତ୍ର ।

ଓଡ଼ିଶା ସହିତ ମୟୂରଭଞ୍ଜ ମିଶ୍ରଣକୁ ଆଉ ବର୍ଷେ ଅଧେ ଥାଏ । ମାଡ଼ି ଆସୁଥିବା ଦୁର୍ଯୋଗକୁ ଲଘୁ କରିବା ପାଇଁ ବା ଅବସର ବିନୋଦନ ପାଇଁ ମହାରାଜା ସସ୍ତ୍ରୀକ କାଶ୍ମୀର ଯାତ୍ରା କଲେ । କାଶ୍ମୀରରେ ମାରଖୋର ବୋଲି ବଡ଼ ବଡ଼ ଏକ ଜାତିର ବଣୁଆ ଛେଳି ମିଳନ୍ତି । ଶିକାରୀମାନେ ତାର ବଡ଼ ବଡ଼ ମୋଟା ଶିଙ୍ଗ ଥିବା ମୁଣ୍ଡକୁ ବୈଠକଖାନାରେ ଝୁଲାନ୍ତି ଦର୍ଶନୀୟ ଚିଜ ଆକାରରେ ବା ବୀରତ୍ୱର ଟ୍ରଫି (ନିଦର୍ଶନ) ଆକାରରେ । ଅନେକ ଦିନ ନିଜ ରାଜ୍ୟରେ ନିଜକୁ ଶିକାରରୁ ନିବୃତ୍ତ ରଖି ହୁଏତ କାଶ୍ମୀରରେ ବେପରୁଆ ଶିକାର ମନୋବୃତ୍ତି ଚରିତାର୍ଥ କରିବା ତାଙ୍କର ଏ କାଶ୍ମୀର ଗସ୍ତର ଅଭିପ୍ରାୟ ।

ଶାସନ ଦାୟିତ୍ୱରେ ରହିଲେ ଦେବାନ୍ ମେଜର ବି.ପି. ପାଣ୍ଡେ । ପୂର୍ବତନ ଦେବାନ୍ କେ.ସି. ନିୟୋଗୀ କେନ୍ଦ୍ରର ପୁନର୍ବସତି ମନ୍ତ୍ରୀ ଓ ପରେ ପରେ ରେଲୱେ ମନ୍ତ୍ରୀ ଅବ୍ୟାହତି ନେବାରେ ମେଜର ପାଣ୍ଡେ ଅଧିଷ୍ଠିତ ହେଲେ । ନିୟୋଗୀ ଯଦି ପାଉଥିଲେ ତିନି ହଜାର, ଏବେ ପାଇଲେ ପନ୍ଦରଶହ । ମେଜର ପଦବୀଟି ମିଲିଟାରୀ ନୁହେଁ, କେଉଁ ଏକ ଗୋଷ୍ଠଦ ପ୍ରମାଣ ରାଜ୍ୟର ରାଜା ଯାଙ୍କ ବୀରତ୍ୱରେ ମୁଗ୍ଧ ହୋଇ ଏ ପଦବୀ ଅର୍ପଣ କରିଥିଲେ । ସୁନ୍ଦର ଚେହେରା, ସ୍ଥୂଳ ବପୁ, ପୋଷାକ ପରିଚ୍ଛଦ ଚେହେରା ଅନୁରୂପ । ଚେୟାର ବେଶ୍ ମାନେ ସେ ବସିଲେ । ମହାରାଜାଙ୍କ ସହିତ ସେ ସ୍ପର୍ଦ୍ଧା କରିବାକୁ ଚାହାଁନ୍ତି । ମହାରାଜା ଶିକାର କରିବାକୁ କାଶ୍ମୀର ଯିବେ, ସେ ଅନ୍ତତଃ ମୟୂରଭଞ୍ଜରେ କୌଣସି କ'ଣ... ହେଲେ ଶିକାର ମନା ।

ଲୋକଟି ଖୁବ ଶାନ୍ତ । ଖୁବ୍ ହସ ଖୁସି ମେଜାଜର । ଯେତେବେଳେ ସେ ହସନ୍ତି ତାଙ୍କ ପେଟ ବି ହସି ହସି ଡିଆଁ ମାରେ । ଅଫିସରେ କାମ ଖୁବ୍ କମ୍ । ତାଙ୍କ ଇଂରାଜୀ ବା ହିନ୍ଦୀ ମୟୂରଭଞ୍ଜର ଲୋକେ ପ୍ରାୟ ବୁଝନ୍ତି ନାହିଁ । ପ୍ରଜାଙ୍କ ଓଡ଼ିଆ ବା ସାନ୍ତାଳୀ ସେ ବୁଝନ୍ତି ନାହିଁ । ଓଡ଼ିଆ ପଦେ ଅଧେ କହିଲେ ଭାଷାର ଲାଳିକା ପରି ଲାଗେ । କେବଳ କେତୋଟି ଫାଇଲ ଟେବୁଲ ଉପରେ ଥାଏ । ଉତ୍ତର ପ୍ରଦେଶର ପାନ ଖାଆନ୍ତି ମେଜାଜ ଖୁସ୍ ଥିଲେ ।

ମହାରାଜା କାଶ୍ମୀର ଚାଲିଯିବାରୁ ଏସ୍.ପି.ଙ୍କ କାମ ବି ହାଲୁକା ହେଲା । ଦେବାନ ଆଉ ଏସ୍.ପି. ଦୁହେଁ ରାଜ୍ୟ ସମ୍ଭାଳୁଛନ୍ତି । କିମିତି କେଜାଣି ଦିହେଁ ଶିକାର ଆଡ଼କୁ ମନ ବଳେଇଲେ । ମେଜର ସାହେବଙ୍କର ଯୁଦ୍ଧ ଫ୍ରଣ୍ଟ ବେଜର ନିଆଁ ଲିଭାଳି କମିଶନର ଆଉ ହୋମ୍‌ଗାର୍ଡ଼ର ମାଲିକ ଆକାରରେ ଯେଉଁ ମିଲିଟାରୀ ଧରଣର ଖାକୀ ପୋଷାକ ଥିଲା ତାକୁ ପ୍ରାୟ ପ୍ରତିଦିନ ଯୁଦ୍ଧ ସରିଥିଲେ ବି ସେ ପିନ୍ଧି କରି ଆସିଲେ । ଏମ୍ବାସାଡ଼ାର କାର୍ ଛାଡ଼ି ମାଟିଆ ଜିପ୍‌ରେ ଚଢ଼ିଲେ, ଏପରିକି ପୋଲିସ ସାହେବଙ୍କ ଫେଶନ ଅନୁକରଣରେ ଫେଲ୍ଟ

Digitized by srujanika@gmail.com

ହେଟ୍ ଲଗାଇ ଦିନେ ଦିନେ ଚଢ଼େଇ ପର ଗୁଞ୍ଜି ଅଫିସକୁ ଆସିଲେ । ଶିକାର ବନ୍ଦ ଥିବାରୁ ପୋଲିସ ସାହେବଙ୍କ ପାଲରେ ପଡ଼ି ମେଜର ପାଣ୍ଡେ ମାଛ ଶିକାରରେ ବି ଦିନେ ଦିନେ ବାହାରିଲେ । ନିସ୍ତନା (ଶିଶୁପାଳ) ହୋଇ ଫେରି ଷ୍ଟେନୋକୁ ଡାକିବାକୁ ଆରମ୍ଭ କରନ୍ତି– In course of his tours Major B.P. Pande B.A., LLB., FRCS addressed mammoth gathering...''

ପୂଜା ଛୁଟିରେ ଦି' ଚାରିଦିନ ପାଇଁ ଗାଁ ଯାଇଥାଏ । ଯେଉଁଠି ବସିଲି, ଯେଉଁଆଡ଼େ ବୁଲାବୁଲି ପାଇଁ ବାହାରିଲି ସବୁଠି ସେଇ ଏକା କଥା । ଭାଲୁଙ୍କ ଉତ୍ପାତ । ଏ ଗାଁରେ ଆଉ ରହିହବନି । ବୋହୂ ଝିଅ ବେଳବୁଡ଼ୁକୁ ପୋଖରୀ ତୁଠକୁ ଯିବାକୁ ଡରିଲେଣି । ଘଡ଼ିଏ ରାତିକୁ ଗାଁ ମୁଣ୍ଡ, ଗୋବରଗଦା ସବୁଠି କଳା କଳା ଭାଲୁ । ଉଈ ପାଇଁ ବିଲ ହିଡ଼ସବୁ ତାଡ଼ିଦେଲେ, ଗଛରେ ବରକୋଳି ରହିଲା ନାହିଁ ! ଇଏ ଯାହା ହେଉଛି ସହିହେବ; କିନ୍ତୁ ଲୋକଙ୍କୁ ଖଣ୍ଡିଆ ଖାବରା କରି ଦେଉଛନ୍ତି । ଅଇଁଠୁ ମଣ୍ଡଳର ଆଖି ଗୋଟାଏ ଉପାଡ଼ି ଦେଲା, ଗୋବରା ମୁଣ୍ଡାର ଗାଲପାଟି ଫାଳେ ନାହିଁ, ହରି ବଗାଳର ଖପୁରି ଖୋଲି ଦେଇଛି । ମାଲଦାସ ମାଝୀର ପେଟ ଚିରି ଅନ୍ତବୁଜୁଳା ବାହାର କରିଦେଲା । ସେ ସିନା ଟାଣୁଆ ଲୋକ ବୋଲି ବାଲିଗୋଡ଼ି ସହିତ ବୁଜୁଳା ପେଟରେ ପୂରାଇ ଡାକ୍ତରଖାନା ଚାଲିଗଲା । ଆମର କାଳା ମୂଳିଆ କିନ୍ତୁ ତାକୁ କେଞ୍ଚେ ଦେଇଛି, ଯିମିତି ଭାଲୁ ଆସି ତାକୁ କୁଣ୍ଢେଇବାକୁ ଯାଇଛି କାଳା କୁଣ୍ଢପୂରା କଣ୍ଟାଳିଆ ଶିମୁଳିମୂଳି ଉଦ୍ଧାଳକୁ ଚାଲିଗଲା । ଭାଲୁର ଦି' ହାତ ଧରି ଦିହ ମୁହାଁ କରି ଦେଲା ଯେ ତାର ଛାତିର ଚୂଳ ସବୁ ଉପୁଡ଼ିଗଲା । ଏମିତି କେତେ ସତ, କେତେ ଗାଲୁ ଭାଲୁ ଉପାଖ୍ୟାନ ।

ବାରିପଦା ଫେରି ପ୍ରଥମେ ଏସ୍.ପି.କୁ ଗାଁର ହାଲ ହରକତ କହିଲି । ଭାଲୁ ଉପଦ୍ରବ ବିଷୟରେ ଦୈବାତ୍ ଗାଁବାଲାଙ୍କ ଠାରୁ ଯେଉଁ ଲିଖିତ ଦରଖାସ୍ତ ନେଇଥିଲି, ତାକୁ ସାହେବଙ୍କୁ ଦେଲି । ସେ କହିଲେ, ''ବୁଦ୍ଧିର କାମ କରିଛ ।'' ସାଙ୍ଗେ ସାଙ୍ଗେ ମୋତେ ଧରି ଜିପ୍‌ରେ ମେଜରଙ୍କ ଅଫିସକୁ ଚାଲିଲେ । ତାଙ୍କରି ଇଙ୍ଗିତ ପାଇ ଦେବାନଙ୍କ ଆଗରେ ଗଳ୍ପ କବିତାମୟ ବର୍ଣ୍ଣନାଟିଏ ପେଶ୍ କଲି । ମୋତେ ବିଦାୟ ଦେଇ ଦୁହେଁ ଅନେକ ସମୟ କେତେ କଣ ଆଲୋଚନା କଲେ । ସେଇଦିନ ସନ୍ଧ୍ୟାରେ ମୋ ବସାକୁ ଆସି ସାହେବ କହିଲେ ପ୍ରସ୍ତୁତ ଥାଅ, ବନ୍ଦୋବସ୍ତ କରୁଛି, ତୁମ ଗାଁର ଭାଲୁମାନଙ୍କୁ ଦେଖିବା ।''

ପରଦିନ ଦେବାନ ସାହେବଙ୍କ କୋଠିରେ ଦେଖିଲି ଖାକି ହାଫ୍‌ପେଣ୍ଟ ପିନ୍ଧି ବଡ଼ ବଡ଼ ଲାଲ ଜଙ୍ଘ ଦେଖାଇ ବନ୍ଧୁକ ନଳୀ ସଫା କରୁଛନ୍ତି ଏବଂ ଥରକୁ ଥର କାଳ୍ପନିକ ଭାଲୁ ଆଡ଼କୁ ନଳୀ ଦେଖାଇ ଟ୍ରିଗାର ଟାଣିବା ଅଭ୍ୟାସ କରୁଛନ୍ତି । ମୋତେ ଦେଖି ସେ କହିଲେ, ''ଶତପଥି, ଭାଲୁଗୁଡ଼ାକ ସହଜରେ ମରନ୍ତି ନାହିଁ, ଛାତିରେ କଳିଜା ଉପରେ ଗୁଳିଚୋଟ ବସିଲେ ଠାଏଁ ବସିଯିବେ । ଦକ୍ଷ କୌଶଳୀ ଶିକାରୀ ନ ହେଲେ ଭାଲୁ ଶିକାରକୁ ଯିବା ଉଚିତ ନୁହେଁ । ମୋର ଗୋଟାଏ ଭାଲୁ ଚମଡ଼ା ଦରକାର । ବୈଠକଖାନାରେ ଝୁଲାଇବି,

Digitized by srujanika@gmail.com

ବାଘ, ହରିଣ ଚମଡ଼ା ତ ଅଛି । ନିଜେ ଜାନୁଆର ମାରିନି, ଚମଡ଼ାସବୁ କଲକେଟାରୁ କିଣିଥିଲି । ଭାଲୁ ନିଜେ ମାରିବି, ତାରି ଚମଡ଼ା ଝୁଲାଇବି । ତୁମରି ଗାଁ ଭାଲୁ ଚମଡ଼ା, ସମଝା !''

ଗେଜେଟ୍, ମେଗାଜିନ୍, ପ୍ରଜାସଭା ଆଦି ବିଭିନ୍ନ ଲୋକ ସଂପର୍କିତ କାର୍ଯ୍ୟମାନଙ୍କର ଦାୟିତ୍ୱରେ ଥିବାରୁ ଏବଂ ମହାରାଜା, ଦେବାନ, ଏସ୍.ପି. ଆଦି ରାଜ୍ୟର ପୁରୋଧାମାନଙ୍କ ସହିତ ବରାବର ବସାଉଠା କରିବାକୁ ପଡୁଥିବାରୁ ମୋର ବି କ୍ରମେ ଉପଲବ୍ଧି ହେଉଛି ଯେ ମୁଁ ବି ରାଜ୍ୟଶାସନ କରୁଛି । ଅଫିସ୍‌ରେ ବସିଛି, ଫୋନ ଆସିଲା, ''ବସନ୍ତ, ମୋ ଅଫିସକୁ ଆସ, ଏସ୍.ପି. କହୁଛି, ସାଙ୍ଗେ ସାଙ୍ଗେ ଆସ ।''

ସାହେବଙ୍କ ଅଫିସରେ ଦେଖିଲି ଆମ ବାଙ୍ଗରିପୋଷି ଥାନାବାବୁ ଫର୍ଦ୍ଦେ ଲମ୍ବା କାଗଜରେ ମେପ୍‌ଟିଏ ହାତରେ ଆଙ୍କି ଟେବୁଲରେ ଥୋଇ ସାହେବଙ୍କୁ ବୁଝାଇବାକୁ ଆରମ୍ଭ କରୁଛନ୍ତି, ନଇଁପଡ଼ି । ମୁଁ ବି ଚେୟାରରେ ନ ବସି ଟେବୁଲ ଆଡ଼କୁ ଝୁଙ୍କିପଡ଼ି ଯୋଗଦେଲି ସେମାନଙ୍କ ସହିତ । ଥାନାବାବୁ ବୁଝାଉଛନ୍ତି, ''ସାର୍, ଏଇ ଦେଖନ୍ତୁ ସାବ୍, ଏଇଟା ପାଞ୍ଚ ନମ୍ବର ହାଇୱେ, ବାରିପଦାରୁ ବମ୍ବେ ଛକ ଆଡ଼କୁ ଯାଉଛି; ଏଇଟା ସାର ସତର ମାଇଲ ପଥର, ପାଖ ଗାଁର ନାଆଁ ଝାଡ଼ ପୋଖରିଆ । ଖାଣ୍ଟି ମାଇଲିଏ ଧରି ଏଇ ରାସ୍ତାର ଦୁଇ କଡ଼ରେ ଜଙ୍ଗଲ । ପଶ୍ଚିମ ଆଡ଼କୁ ଏଇ ସାର୍‌ଙ୍କ ଗାଁ ପର୍ଯ୍ୟନ୍ତ ପୋଖରୀଆ ଜଙ୍ଗଲ । ଭାଲୁ ଯାରି ଭିତରେ ଅଛନ୍ତି, ଦୁଇ ଦିନ ହେଲା ଲୋକଙ୍କୁ ଲଗାଇ ଜଗି ଦେଇଛି, ଯିମିତି ସାର୍, ଭାଲୁ ପୂର୍ବ ପାଖକୁ ଯାଇପାରିବେ ନାହିଁ । ପାଞ୍ଚଟା ଗାଁର ଲୋକେ ଏଇପଟୁ ପନ୍ତା ଧରି ପଶ୍ଚିମକୁ ଅର୍ଥାତ୍ ସାର୍‌ଙ୍କ ଗାଁ ଆଡ଼କୁ ଯିବେ । ଦିନ ଦଶଟା ଏଗାରଟାରେ ଲାଇନ୍ ଚାଲିବ, ଛୋଟ ଜଙ୍ଗଲଟା, ତିନିଟା ବେଳକୁ ଭାଡ଼ି ପାଖରେ ଜାନୁଆର ପହଞ୍ଚିଯିବେ । ଲୋକମାନେ ପଇସାପତ୍ର କିଛି ନେବେନି । ଘରୁ ଖାଇକରି ଆସିବେ, ସାର୍ । ଲୋକେ ବହୁତ ରାଗିଯାଇଛନ୍ତି, ଯିମିତି ହେଉ ଭାଲୁ ବଂଶ ନିପାତ କରିବେ, ସାର୍ !''

ମୋଟା ପେଟା ଥାନାବାବୁ । ନିଃଶ୍ୱାସ ପୁଣି ସଂଗ୍ରହ କରି ପୁଣି ଖିଅ ଧଇଲେ ''ଏଇ ପଟେ, ପୋହଳାମୁଣ୍ଡା ପଟେ, ଜଙ୍ଗଲ ସରିଛି । ପତଳା ଜଙ୍ଗଲର ପ୍ରାୟ ଶହେଗଜ ଭିତରକୁ ତିନିଟା ମଞ୍ଚା କରେଇଛି । ଭାଲୁ ନିଶ୍ଚୟ ମରିବେ, ସାର୍ ! ଶନିବାର ଦିନ ବାରଟାବେଳକୁ ପହଞ୍ଚି ଯିବେ ସାର୍, ଚଉକିଆ ରାସ୍ତା ଦେଖାଇ ଦେବେ, ମୁଁ ଛିଡ଼ା କରେଇଛି, ସାର୍ । ବନ୍ଦୋବସ୍ତ ପକ୍କା । ଆମ ସିଆଡ଼େ ପ୍ରଜାମଣ୍ଡଳ କର୍ମୀ କେହି ନାହାନ୍ତି, ସାର୍ ! ଆମେ କଣ ପନ୍ତା ଶିକାର କରୁନୁ ?''

ସାହେବ କହିଲେ, ''ବସନ୍ତ ! ଶୁଣିଲ ତ । ଶନିବାରକୁ ପ୍ରସ୍ତୁତ ହୁଅ !'' ଟିକିଏ ରୋମାଣ୍ଟିକ୍ ହୋଇ କହିଲେ, ''ତୁମ ମିସେସ୍‌କୁ କୁହ ସେ ଦୁଇଦିନ ଆଗରୁ ଗାଁ ଯାଆନ୍ତୁ । ଯେତେ ପ୍ରକାର ତାଳପିଠା ସେ କରି ଆମକୁ ଖୁଆଇବେ ସେତେ ପ୍ରକାର ତାଙ୍କର ପିଲାଝିଲା ହେବେ ।'' (ସାହେବଙ୍କ ଆଶୀର୍ବାଦରୁ ମୋର ଆଠୋଟି ହେଲେ;

Digitized by srujanika@gmail.com

ମିସେସ୍ କଣ ଆଠ ପ୍ରକାର ତାଳପିଠା ଅତିଥିଙ୍କୁ ପରଷି ଥିଲେ ? ହାୟ, ହାୟ ! ସାହେବ ନାହାଁନ୍ତି କି ମୋ ସାହବାଣୀ ନାହିଁ ।) ବହୁଦିନ ପୂର୍ବେ ମହାମତି ଟଲଷ୍ଟୟଙ୍କ 'The Bear Hunt' ପଢ଼ିଥିଲି । ଆଗ୍ରହ, ତାକୁ ମନେ ପକାଇ ଦ୍ୱିଗୁଣିତ ହେଲା ମୋର ।

ଶିକାରୀମାନଙ୍କ ବହୁ ପ୍ରତୀକ୍ଷିତ, ଘଟଣା ବହୁଳ, ଭାଗ୍ୟ ପରୀକ୍ଷାର ସେଇ ଶନିବାର ଦିନଟି ଆସିଗଲା ଏବଂ ଯଥା ସମୟରେ ଦୁଇଟି ଗେରୁଆ ରଙ୍ଗର ଜିପ୍ ଏବଂ ଗୋଟିଏ ପୁରୁଣା ବେବି ଅଷ୍ଟିନ୍ କାର ପୋହଳାମୁଣ୍ଡା ଗାଁ ମୁଣ୍ଡରେ ତିନି ମଞ୍ଚଠାରୁ ପ୍ରାୟ ଶହେଗଜ ଦୂରରେ ଛିଡ଼ାହେଲା ।

ମେଜର ପାଣ୍ଡେଙ୍କ ସବୁ grand, pompous ଏବଂ bombastic କଥା, କାମ, ଚାଲିଚଳନ ଏପରିକି ଲେଖାଶୈଳୀ । ତାଙ୍କ ଲେଖାପଢ଼ି ମହାରାଜା ମନ୍ତବ୍ୟ କରିଥିଲେ high falutin untranslatable nonsense ତାଙ୍କ ଗାଡ଼ିରେ ଡ୍ରାଇଭର ଓ ତାଙ୍କ ଚପରାଶି ଓ ସେ, ଡ୍ରାଇଭରର ବାଁ ପାଖ ଦୁଇଜଣଙ୍କ ସିଟ୍ ମାଡ଼ି ବସିଥିଲେ । ଗାଡ଼ିରେ ଏତେ ଆସବାବପତ୍ର ସାଜ ସରଞ୍ଜାମ ଯେ ଯଦି ଭାଲୁ ମରେ ବା ସେ ନିଜେ ମାରି ପାରନ୍ତି ତେବେ କେଉଁଠି ରଖାଯିବ ତାହା ଫେରିଲାବେଳେ ଏକ ସମସ୍ୟା ହେବ । ଦୁଇ ନମ୍ବର ଜିପ୍‌ରେ ଏସ୍.ପି. ତାଙ୍କ ତରୁଣପୁଅ ଓ ଡ୍ରାଇଭର-cum-ଚପରାଶି । ଅଷ୍ଟିନରେ ରାଜବଂଶୀୟ ବଡ଼ବାବୁ ଏବଂ ମୁଁ । ଗାଡ଼ିରୁ ସମସ୍ତେ ଓହ୍ଲାଇ ପଡ଼ି ଥର୍ମୋସରୁ ଚା' କଫି ପରେ ଭାଡ଼ି ବା ମଞ୍ଚାଆଡ଼କୁ ଅଗ୍ରସର ହେଲୁଁ ।

ଏସ୍.ପି. ତିନିଟା କାଠି ଧରି ପ୍ରଥମେ ଦେବାନ ସାହେବଙ୍କୁ ଚାହିଁ କହିଲେ "ନିଅନ୍ତୁ ଗୋଟାଏ ।" ହସହସ ବଦନରେ ସେ ଧଇଲେ । "Sir, yours is number one" ଯେଉଁଟା ସେ ଧରିଥିଲେ, ବି ନମ୍ବର ସ୍ଥାନ ତାଙ୍କର ପଡ଼ିଥାନ୍ତା, କାରଣ ତାଙ୍କରି ମଞ୍ଚାଟି ଏମିତି ଟାଣୁଆ ଯେ ସହଜରେ ଓଜନରେ ଭାଙ୍ଗିବ ନାହିଁ । ଦୁଇ ନମ୍ବର ଅର୍ଥାତ୍ ମଝିଭାଡ଼ିଟି ସାହେବ ଓ ତାଙ୍କ ଦୁଇ କଲେଜ ପଢ଼ନ୍ତା ଯାଆଁଳା ପୁଅ, ତୃତୀୟଟି ବଡ଼ ବାବୁଙ୍କର ।

ଜିପ୍‌ରୁ ମୋଟା ମୋଟା ଚମଡ଼ାର ଗଦି ମଞ୍ଚା ଉପରେ ପଡ଼ିଲା । ଦି'ଜଣ ଲୋକଙ୍କ ସାହାଯ୍ୟରେ ମେଜର ପାଣ୍ଡେ ମଞ୍ଚ ଉପରକୁ ବିଜେ କଲେ । ମଞ୍ଚାଟା ଦି' ଚାରିଥର ଏପଟ ସେପଟ ଦୋହଲିଲା । ଗଦି ଉପରେ ଚକାପକାଇ ବସିଲା ବେଳକୁ କର୍ କର୍ କଟ୍, କେଁ, ଆଦି ନାନା ସ୍ୱର ବାହାରିଲା । ତାଳପତ୍ର ଭିତରେ ଅନୁରୂପ ରଙ୍ଗର ଖାକୀ ପୋଷାକ ପିନ୍ଧି ବନ୍ଧୁକ ଧରି ସେ ବସିପଡ଼ିଲେ । ଯଦି ଖାକୀ ରଙ୍ଗର ଜାନୁଆର ଶିକାର କରିବାର ଥାଆନ୍ତା ତେବେ ମେଜର ସାହେବଙ୍କୁ ଯେ କେହି ଶିକାରୀ ଜାନୁଆର ଭ୍ରମରେ ଗୁଳି ଚଳାନ୍ତା । ଯିମିତି ଏକଦା ମହାରାଜାଙ୍କୁ ଭାଲୁ ଭ୍ରମରେ ଗୁଳି ଲକ୍ଷ୍ୟ ଯାଇଥିଲା । ମୁଁ ଧଳା ପଞ୍ଜାବୀ ଓ ଧୋତି ପିନ୍ଧି ତାଙ୍କ ପାଖରେ ଥିବାରୁ ସେ ଭୟ ସାହେବଙ୍କର ବୋଧହୁଏ ନଥିଲା । ମନେମନେ ମେଜର ମୋତେ ରାଗୁଥିଲେ କାରଣ ମୋର ଧଳା ପୋଷାକ ଦେଖିଲେ ଜାନୁଆର ଆସିବେ ନାହିଁ ଆମ ଆଡ଼କୁ । ମୋର ବି ଦେବାନ ସାହେବଙ୍କ ପାଖରେ ବସିବାର ଇଚ୍ଛା ନଥିଲା,

Digitized by srujanika@gmail.com

କାରଣ ମୁଁ ବିଡ଼ି ଟାଣିପାରିବି ନାହିଁ । ଭୟ ଥିଲା, ଭାଲୁ ନୁଆଣିଆ ମଞ୍ଚା ଉପରକୁ ଚଢ଼ି ଆସିବ ଏବଂ ମେଜର ପାଣ୍ଡେ ମତେ ରକ୍ଷା କରିପାରିବେ ନାହିଁ ।

ହେମନ୍ତ ଅପରାହ୍ନର ସୂର୍ଯ୍ୟ ଦିହରୁ କିରଣ ଦେଇ ତରଳ ସୁବର୍ଣ୍ଣ ଝରିଆସୁଛି । ତେଣେ ପନ୍ଦା କମି କମି ମରି ଆସିଲାଣି । ଦୂରରୁ ବେଶ୍ ଜାଣି ହେଉଛି, ଲୋକମାନେ କ୍ରମେ ପାଖେଇ ଆସୁଛନ୍ତି । ଯଦିଓ ବାଜା, ଢୋଲ, କଂସାଳ ସେମାନେ ବ୍ୟବହାର ନ କରି ବାଡ଼ି ଖଣ୍ଡେ ଖଣ୍ଡେ ଧରି ହାଦ୍ ଧେଦ୍ ଶବ୍ଦ କରି ଚାଲିଛନ୍ତି, ଭାଲୁ ଯେ ଆସୁଛି ସନ୍ଦେହ ନାହିଁ । ଥରେ ଥରେ ଜୋର ସମବେଦ୍ ହଇହଲ୍ଲା ହେଉଛି ଯହିଁରୁ ଜାଣୁନ୍ତୁ ଭାଲୁ ସେମାନେ ଥରକୁ ଥର ହାବୁଡ଼ାଉଛନ୍ତି ।

ଆମରି ସମ୍ମୁଖ ଦେଖି ପ୍ରଥମେ ଆସିଲା ବଡ଼ ବଣୁଆ ନେଉଳଟାଏ, ମାଟିଆ ଢସରା ରଙ୍ଗ, ଓଧ ସାଇଜ୍ ହେଉଛି । ମେଜରଙ୍କ କାନ ପାଖରେ କହିଲି, "Sir, that's a good sign. ସେ ଓଠରେ ବିଶିଆଙ୍ଗୁଠି ଥୋଇ ମୋତେ ଚୁପ୍ ରହିବାକୁ କହିଲେ । ତା ପରେ କୋକିଶିଆଳଟାଏ । ଏଇଟା ବି good sign କିନ୍ତୁ ମୁଁ ଚୁପ୍ ରହିଲି । ଶିଆଳ ବି ପଛରେ ଆସୁଥିବା କୁକୁର ଭୟରେ ବଣ ଛାଡ଼ି ଗାଁର ପୋଖରୀ ଗାଡ଼ିଆ ଆଡ଼କୁ ଚାଲିଗଲା ହଂସ କୁକୁଡ଼ା ସନ୍ଧାନରେ । ଆମ ଆଡ଼କୁ ଟିକିଏ ହସି ଦେଇ ବୁଦାଳିଆ ଇଲାକାକୁ ପାର ହୋଇ ଗାଁ ପଡ଼ିଆ ପହୁଞ୍ଚିଛି କି ନାହିଁ ଆମ ସାମନା ଫାଙ୍କା ବାଲିଆ ଜାଗାରେ ଶିଙ୍ଗାଳ ହରିଣୀଟିଏ ଧାଇଁ ପାର ହୋଇଗଲା । ସାଙ୍ଗେ ସାଙ୍ଗେ ସ୍ଥାନଟା କବିତାମୟ ହୋଇଗଲା "ବଣ ହରିଣୀ, ଧାମନ୍ତେ ସୁନ୍ଦର ଧରଣୀ ।" "ମାରନା, ମାରନା, ଆଶ୍ରମ ମୃଗ ଏ, ବଧ୍ୟ ନୁହେଁ ଛାମୁଙ୍କର" ଆପେ ଆପେ ମୋ ମନକୁ ଆସିଗଲା । ଦେବାନ ସାହେବ ବନ୍ଧୁକ ଉଠେଇବେ କି ନାହିଁ ଭାବୁଛନ୍ତି ସେ ଠିକ୍ କରି ଆମରି ମଞ୍ଚା ତଳେ ଛିଡ଼ା ହୋଇ ଆମ ଆଡ଼କୁ ଚାହିଁଲା । ମୁଁ ଇଚ୍ଛା କରିଥିଲେ ନଇଁପଡ଼ି ତା ଶିଙ୍ଗ ଧରି ପାରିଥାନ୍ତି । ହରିଣ ଅବଧ । ମହାରାଜା କାଶ୍ମୀରରୁ ଫେରି ଯେବେ ଶୁଣିବେ ! ଭାଲୁ ବଧ । ସଫେଇ ଦେଇହେବ । ଶିଙ୍ଗାଳ ହରିଣୀକୁ ମୁଁ ଏବେ ବି ଦେଖିପାରୁଛି, ଜିପ୍ ପାଖ ଦେଇ ପୁଣି ବୁଲି ବଣ ଭିତରକୁ ପଶିଯାଉଛି ।

ସବୁ ଜୀବଗୁଡ଼ାକ ଆମ ପାଖ ଦେଇ ଆସୁଛନ୍ତି ବୋଲି ମୋର ଛାତି ଦୁବ୍ ଦୁବ୍ ହେଉଥାଏ । ବନ୍ଧୁକ ମୋରି କାନ ପାଖରେ ଫୁଟିବ । ହେଇ ତ ପ୍ରାୟ ଶହେ ଗଜ ଦୂରରେ ଲୋକଗୁଡ଼ାକ ଦିଶୁଛନ୍ତି, ଜାନୁଆର ନାହାଁନ୍ତି 'ବୋଧହୁଏ କହୁଁ କହୁଁ ଧପାସ୍ ଧପାସ୍ ହୋଇ ଏକ ଅତିକାୟ ଭାଲୁ ମୁହଁକୁ ପ୍ରାୟ ବାଲି ସହିତ ମିଶାଇ ଧାଇଁଛି । ଏତିକିବେଳେ ଦେବାନ ସାହେବ ଅପ୍ରସ୍ତୁତ ଥିଲେ । ଧଡ଼ପଡ଼ ହୋଇ ବନ୍ଧୁକ ଟେକି ଜାନୁଆର ଆଡ଼କୁ ମୁହାଁଇଲେ । ଭାଡ଼ି ଜୋର୍‌ରେ ଦୋହଲିଲା, ସାହେବଙ୍କ ଅଙ୍ଗ ଭାରରେ । 'ଏଇ ଫୁଟିଲା ଏଇ ଫୁଟିଲା' ଭାବି ମୁଁ କାନ ଦୁଇଟାରେ ଆଙ୍ଗୁଳି ପୂରାଇ ଆଖି ବନ୍ଦ କରି ରହିଛି । ଖଟ୍ ଖାଟ୍ ଶବ୍ଦ ହେଲା । କାହିଁ ଶବ୍ଦ ନାହିଁ, ଧୂଆଁ ବି ନାହିଁ । ମେଜର ଉଁ ଆଁ ହୋଇ "misfire." ଏ

Digitized by srujanika@gmail.com

ଶବ୍ଦର ଅର୍ଥ ବୁଝିଲି ନାହିଁ । ଆଉ ଗୁଳିଟାଏ ପୂରାଉ ପୂରାଉ ଭାଲୁ ପଳାଇ ଯିବାର ଚେଷ୍ଟା ନ କରି ଚିତ୍‌ପଟାଙ୍ଗ ହୋଇ ଆମ ଆଡ଼କୁ ଚାହିଁଲା । ଛାତିର ଧଳା ଦାଗ ମନ୍ତ୍ରୀ ଜାମ୍ବେବ ଗଳାରେ ବିରାଟ ଟଗର ଫୁଲର ମୋଟା ହାର ପରି ଦିଶୁଛି । ଯେହେତୁ ସାହେବ ତାକୁ ଅବହେଳା ପ୍ରଦର୍ଶନ କଲେ ଅଣ୍ଡିରା ଭାଲୁଟି ଲଜ୍ଜିତ ହୋଇ ଉଠିବସିଲା ଏବଂ ଝାଡ଼ିଝୁଡ଼ି ହୋଇ ଧାଇଁଲା ସିଧା ଲୋକମାନଙ୍କ ଆଡ଼କୁ । 'ଯଃ ପଳାୟତି ସଃ ଜୀବତି' ଶ୍ଳୋକଟି ଜାଣିଥିଲା ପରି ଏକଛିଦିଆ ଏକମୁହାଁ ହୋଇ ଲୋକଙ୍କ ଧାଡ଼ି ବା ଅର୍ଦ୍ଧଚକ୍ରବ୍ୟୂହ କରିବାର ଯିମିତି ଉପକ୍ରମ କରିଛି ଲୋକେ ପ୍ରାଣ ବିକଳରେ ଜଣକ ଉପରେ ଜଣେ ଛିଡ଼ା ହୋଇ ମୁଣ୍ଡର ତିନିହାତ ଉପରେ ଥିବା କେନ୍ଦୁ ଡାଳକୁ ଧରି ଝୁଲି ରହିଲେ । ବେଁଗୁ ଊର୍ଦ୍ଧ୍ୱ ରାସ୍ତା ଅକ୍ଳେଶରେ ଅତିକ୍ରମ କରି ସେ ପୁଣି ଯେଉଁଆଡୁ ଆସିଥିଲା ସେ ଆଡ଼କୁ ଚାଲିଗଲା । ଦେବାନ ସାହେବ ମୁରୁମୁରୁ ହୋଇ ଇଂରାଜୀରେ କହିଲେ "ମୁଁ ଜାଣିଥିଲି ଭାଲୁ ସେଇବାଟେ ଖସିଯିବ । ପଛପଟୁ ଗୁଳି ମାଇଲେ ତାକୁ ବାଜିବ ନାହିଁ, ସେଥିପାଇଁ ମୁଁ ନିରସ୍ତ ହେଲି ।" ଭଲ ହେଲା; ସେ ଦୁର୍ନାମରୁ ରକ୍ଷା ପାଇଲେ; ମଣିଷ, ଭାଲୁ, ସମସ୍ତେ ବଞ୍ଚିଲେ; ମୁଁ ବି ଗୁଳି ଶବ୍ଦରୁ ରକ୍ଷା ପାଇଲି ।

ଏ ଅଭିନବ ଭୟାବହ ଶିକାର ଅଭିଜ୍ଞତା ଯଥାର୍ଥରୂପେ ଉପଲବ୍ଧି କରିବାକୁ ଯାଉଛି ମଝି ମଞ୍ଚାରୁ ଠୋ କରି ଥ୍ରି ନଟ୍ ଥ୍ରି ବନ୍ଧୁକରୁ ଗୁଳି ଫୁଟିଲା; ଗୁଳି ଶବ୍ଦର ପ୍ରତିଧ୍ୱନି ଆକାଶ ପବନ ଗଛ ପତ୍ରରୁ ପ୍ରତିଧ୍ୱନିତ; ହେବା ସଙ୍ଗେ ସଙ୍ଗେ 'ଉଃ ଉଃ' ଶବ୍ଦ ସେଇ ପ୍ରତିଧ୍ୱନି ସହିତ ମିଶି ଏମିତି ଘୋର ତଥା କରୁଣ ବୁକୁଫଟା ଆର୍ତ୍ତନାଦ ସୃଷ୍ଟି କଲା ଯାହା ଶୁଣିବା ପାଇଁ ଦେବଦାନବଗଣ ମଧ୍ୟ ଉପରୁ ଆମ ଆଡ଼କୁ ପ୍ରଶ୍ନବାଚୀ ଭଙ୍ଗୀରେ ନିଶ୍ଚୟ ଅନାଇ ଥିବେ । ଆକାଶ ମେଦିନୀକୁ ସଂଯୁକ୍ତ କରୁଥିବା ନିନାଦ ମୋର କଲିଜା ଥରାଇ ଦେଲା, ମୋର ସର୍ବାଙ୍ଗ ହେମାଳ କରିଦେଲା । ସେ ଚିତ୍କାରର ଅନ୍ତ ନାହିଁ ଯିମିତି । ଉଃ, ଉଃ, ଉଃ, ଉଃ । ୯ଣ ବୁଦା ଭିତର ଦେଇ ଦେଖିଲି, ମାଆ ପଡ଼ି ଛଟପଟ ହେଉଛି; ଖଣ୍ଡେ ଜାଗାରେ ଗଡୁଛି, ଡାଳ ପତ୍ର ଛିନ୍ନଭିନ୍ନ କରି ଦେଉଛି, ରକ୍ତ ରଞ୍ଜିତ ମାଟି ନଖରେ ବିଦାରି ଦେଉଛି । ମୁମୂର୍ଷୁର ଆର୍ତ୍ତନାଦ (କ'ଣ ସେ କହିବାକୁ ଚାହୁଁଛି ମୃତ୍ୟୁକାଳୀନ ବିବୃତ୍ତି ଆକାରରେ ?) ଗଛ ଉପର ତଳ ଦେଇ ଭାସି ଆସୁଛି ।

ତା'ପରେ କରୁଣରୁ କରୁଣତର ଦୃଶ୍ୟ । ବିଚାରୀର ଯୋଡ଼ିଏ ଛୁଆ ଚିତି ହୋଇ ପଡ଼ିଥିବା ମାଆର କଅଣ ହୋଇଛି କିଛି ନବୁଝି, ଦୁଧ ଚୋଷିବା ସୁବିଧା ପାଇଲେ ଭାବି, ଧାଇଁ ଆସି ଅଧୀର ଆଗ୍ରହରେ ମୁହଁ ଦୁଧ ବେଣ୍ଟିରେ ଲଗାଇବାକୁ ଯାଉଛନ୍ତି, ଭାଲୁକାଣୀ ଗୋଟାଏ ଗୋଟାଏ କରି ଏମିତି ଦିଟା ବ୍ରହ୍ମ ଚାପୁଡ଼ା ବଜାଇ, ଦେଲା– ଯିମିତି କହି ଦେଲା "ପଳାଅ ଧନ, ଏଠି ଅଛି ମୃତ୍ୟୁ, ନିର୍ଦ୍ଦୟ ମୃତ୍ୟୁ, ମୁଁ ଯାଉଛି, ତୁମେ କୁଳକୁ ବିହନ ଥାଅ ।" ପିଲା ଦିହେଁ ମାଆ କଥା ବୁଝି ପାରି ତିନି ମାସିଆ ଘୁଷୁରି ଛୁଆ ପରି ଲୁଙ୍ଗୁରୁ ଲୁଙ୍ଗୁରୁ ହୋଇ ପଳାଉଥାନ୍ତି ଅନିର୍ଦ୍ଦିଷ୍ଟ ଲକ୍ଷ୍ୟସ୍ଥଳକୁ ସେତିକିବେଳେ ଲାଗେ ଲାଗେ କେତେକ

Digitized by srujanika@gmail.com

ଗୁଳି ମାଆକୁ ବାଜିଲା । ତାର କ୍ରନ୍ଦନ ମୁହୂର୍ତ୍ତକେ ବନ୍ଦ ହୋଇଗଲା, ଦଣ୍ଡେ କମ୍ପି କମ୍ପି ସ୍ଥିର ହୋଇଗଲା । ପଛକୁ ନ ଚାହିଁ ଚାଲିଯାଉଥାନ୍ତି, ସେଇ ମଝି ମଞ୍ଚରୁ ପ୍ରାୟ ଏକାସମୟରେ ଯୋଡ଼ାଏ ଗୁଳି ବାଜିଲା ଦୁଇ ଛୁଆଙ୍କ ପଛରେ । ତଥାପି ସେମାନେ ଥଙ୍ଗେଇ ଥଙ୍ଗେଇ ବୁଦା ଅନ୍ତରାଳକୁ ଚାଲିଗଲେ । ପୋଲିସ ସାହେବଙ୍କ ଦୁଇ ପୁଅ ଲବ କୁଶଙ୍କ ପ୍ରାକ୍ଟିଶ୍ ଗୁଳି ସେ ଦୁଇଟା । ଅନେକ ସମୟ ପର୍ଯ୍ୟନ୍ତ ସେମାନେ ବି କୁଁ କୁଁ ହେଉଥିଲେ; ମାଆକୁ ନ ପାଇ, ବା ଗୁଳି ଖାଇ କହି ହେବନି । ବାପା ବଞ୍ଚିଗଲା । ପିଲା ଦିହେଁ ଦେଶାନ୍ତରୀ ହେଲେ । ପଡ଼ି ରହିଲା କେବଳ ଗୃହିଣୀ ମାଆ ଆକାଶକୁ ଚାହିଁ ।

ଶିକାର ଶେଷ ହେଲା । ସୂର୍ଯ୍ୟଦେବ ମାନଗଡ଼ ପାହାଡ଼ ପଛରେ ଲୁଚିଗଲେ । ଶିକାରୀମାନେ ମଞ୍ଚାରୁ ଓହ୍ଲାଇଲେ । ଅନ୍ୟ ଯେଉଁ ଶହେ ଦୁଇଶ ଲୋକ ଶିକାରରେ ଭାଗ ନେଇଥିଲେ ସେମାନେ ବି ଆନନ୍ଦରେ ମଞ୍ଚଆଡ଼କୁ ମାଡ଼ି ଆସିଲେ ଏବଂ "ଏଇଠି ପଡ଼ିଛି" କହି ଘେରିଗଲେ ଭାଲୁ ଚାରିପଟେ । ସାହସୀ ଜଣେ ଦି'ଜଣ ପାଖକୁ ଯାଇ ମଲା ଭାଲୁକୁ ବିଧା ଗୋଇଠା ପହାର କରୁଥାନ୍ତି, କହୁଥାନ୍ତି "ରାଣ୍ଡି ! ହେଇଛି ଏଥର, ଆମକୁ କମ୍ ହଇରାଣ କରିଚୁ ?" କେହି କେହି ମେଞ୍ଚା ମେଞ୍ଚା ବୃଳ ଉପାଡ଼ି ନେଲେ, ଗୁଣିଗାରିଡ଼ିର ତେଉଁରିଆ କରିବାକୁ । ଲୋକଙ୍କ ଭିତରକୁ ଯାଇ ଜୟଧ୍ୱନି ଆରମ୍ଭ କଲି "ଜୟ ! ମେଜର ପାଣ୍ଡେଙ୍କ ଜୟ ।" ସମବେତ ଜୟଧ୍ୱନି ପୋଖରୀଆ ବଣରୁ ସାହେବଙ୍କ କୋଠି ପର୍ଯ୍ୟନ୍ତ ଶୁଭିଥିବ । ମୁରୁକି ହସି ସାହେବ କହିଲେ, "ମୁଁ ବି ତାକୁ ମାରି ପାରିଥାନ୍ତି, ସେଟା ମୋ ରେଞ୍ଜରୁ ଚାଲିଯାଇ ଏସ୍.ପି.ଙ୍କ ଇଲାକାକୁ ଚାଲିଗଲା, ଅନ୍ୟର ଶିକାର ମାରିବା ଶିକାରୀର ଧର୍ମ ନୁହେଁ ବୋଲି ବନ୍ଧୁକ ଫୁଟାଇଲି ନାହିଁ ।" ଭାଗ୍ୟ ଭଲ; ତାକୁ ଗୁଳି ଫୁଟାଇବାକୁ ପଡ଼ିନି; ନହେଲେ କାଶ୍ମୀରରୁ ଫେରି ମହାରାଜା ଭର୍ତ୍ସନା କରିଥାନ୍ତେ ।

ମେଜର ସାହେବଙ୍କ ଜିପ୍ ପଛରେ ଭାଲୁ ଥୁଆହେଲା । ଦେଢ଼ ମାଇଲ ଦୂର ଆମ ଗାଁକୁ ଗଲୁ । ଖଟିଆରେ ବସି ଦେବାନ ସାହେବ ଆଠ ରକମର (ସାହେବଙ୍କ କଥା ଅନୁସାରେ ଆଠୋଟି ପିଲାଝିଲା ମୋ ସ୍ତ୍ରୀ ମୋତେ ଦେଇ ଯାଇଛନ୍ତି) ତାଳପିଠା ମୋ ରାଣୀ ଶାଳପତ୍ର ଥାଳିରେ ପରଶିଲେ । ଗାଁର ଲୋକେ ଅଜାଡ଼ି ହୋଇ ପଡ଼ିଲେ । ମୋରି ପରି ଗାଁ ଲୋକେ ଖୋସାମତିଆ ଥିବାରୁ କୁହାକୁହି ହେଲେ, "ଦେବାନ ସାହେବ, ସାକ୍ଷାତ୍ ଭଗବାନ, ତାଙ୍କ ଛଡ଼ା ଆମକୁ ଏ ଅସୁରୁଣୀ ହାବୁଡ଼ରୁ କିଏ ରକ୍ଷା କରିଥାନ୍ତା !"

ଭାଲୁର ଲାଶ୍ ଦେବାନ ସାହେବଙ୍କ କୋଠିକୁ ଗଲା । ମେଜରଙ୍କ ସ୍ତ୍ରୀ ପଚାରିଲେ "ଯାକୁ ମାଇଲା କିଏ ? ତୁମେ ନା ତୁମ ପୋଲିସ ସାହେବ ?" ଉତ୍ତରରେ ସ୍ୱାମୀ ସ୍ତ୍ରୀଙ୍କ ଆଡ଼କୁ କଟମଟ ଚାହିଁଲେ । କଲିକତାକୁ କାଳକ୍ରମେ (stuffed) ହୋଇ ଭାଲୁ ଆସିଲା । ଅତିଥିଙ୍କୁ ଆଙ୍ଗୁଳି ଦେଖାଇ ପାଣ୍ଡେ ସାହେବ କେବେ କହିବାକୁ ଭୁଲନ୍ତି ନାହିଁ, "ଏଇଟାକୁ ପ୍ରାୟେ ମାଇଲେ ଦୂରରୁ ମାରି ଏକା ଗୁଳିକେ ଠାଏଁ ଶୁଆଇ ଦେଇଛି; ଉଁ ନାହିଁ ଚୁଁ ନାହିଁ ।"

ମହାରାଜା କାଶ୍ମୀରରୁ ଫେରିଲେ । ଯୋଡ଼ାଏ ତିନିଟା ବଡ଼ ବଡ଼ ମାରଖୋର

Digitized by srujanika@gmail.com

(ବଡ଼ ବଡ଼ ଦାଢ଼ିଆ ବଡ଼ ଶିଙ୍ଗିଆ ହିଂସ୍ର ଛେଳି) ମୁଣ୍ଡ କାଛରେ ମରା ହୋଇଥାନ୍ତି । ଆମେ ତାରିଫ୍ କରୁଥାଉଁ । ମହାରାଜା ଗୁରୁଗମ୍ଭୀର ସ୍ୱରରେ ସବୁ ଜାଣିଶୁଣି ପଚାରିଲେ, "ଭାଲୁଟା କାହା ଗୁଳିରେ ମଲା ?" ଆମେ ନୀରବ ହେଲୁଁ । ସେ ଶ୍ଳେଷ ରଖି ମନ୍ତବ୍ୟ କଲେ, "ଆମ ଏସ୍.ପି. ଆଉ ପ୍ରଚାର ଅଫିସର ପରି କର୍ମଚାରୀ ଯେଉଁ ଗଡ଼ଜାତରେ ଥିବେ ସେଠି ରଜା ରହିବେ ନାହିଁ କି ରାଜ୍ୟ ବି ରହିବ ନାହିଁ ।"

## (୨)

ଭାଲୁବାଣୀ (ମାଆ ଭାଲୁ) ମଲା ପରେ ଗାଁ ପରିସର ତଥା ସାରା ଇଲାକା ଶାନ୍ତ । ଅଲ୍ କ୍ୱାଏଟ୍ ଇନ୍ ଦି ଇଷ୍ଟାର୍ଣ୍ଣ ଫ୍ରଣ୍ଟ । ଭାଲୁବାଣୀ ଖୁବ୍ ଭୟଙ୍କରୀ, ମାରାତ୍ମିକା । ଯୋଡ଼ାଏ ଛୁଆ (ଲବକୁଶ)ଙ୍କୁ ପାଳୁଥିଲା ତ । ଦିନରାତି ଥାନ ଅଥାନ କିଛି ମାନୁ ନଥିଲା । କେତେ ଯେ ଲୋକଙ୍କୁ ମାରିଛି, ଘାଉଲା କରିଛି ତାର ପୂରା ରିପୋର୍ଟ ବାଙ୍ଗିରିପୋଷି ଥାନାରେ ନାହିଁ । ଅତିବେଶୀ ଦୁର୍ଦ୍ଦାନ୍ତ ହେଲାରୁ ଲୋକେ ଥାନାରେ ଖବର ଦେଲେ, ମହାରାଜା ଦେବାନଙ୍କ ପାଖକୁ ପିଟିସନ କଲେ । କିନ୍ତୁ ଶିକାର ଯେ ବନ୍ଦ ! ମହାରାଜା ଇଚ୍ଛା କଲେ ଶିକାର ହୁକୁମ ଦେଇ ପାରିଥାନ୍ତେ । କିନ୍ତୁ ପ୍ରଜାମଣ୍ଡଳ ବିରୋଧ କରିବ । ଭାଗ୍ୟକୁ ସେ ସମୟରେ କାଶ୍ମୀର ଚାଲିଗଲେ ମାରଖୋର (ଶିଙ୍ଗାଳ ବଣୁଆ ଛେଳି) ଶିକାର ପାଇଁ । ଦେବାନ ସାହେବ ସର୍ବେସର୍ବା । ଯୁଦ୍ଧର ଆଳ ଦେଖାଇ ଜିପ୍ ନୂଆ କରି ଅଣାଯାଇଥାଏ । 'କମାଣ୍ଡର ଅଫ୍ ଦି ମୟୂରଭଞ୍ଜ ଫୋର୍ସେସ' ହିସାବରେ ଯୁଦ୍ଧ ପୋଷାକ (ଖାକି ରଙ୍ଗର) ଲଗାଇଥାନ୍ତି ଏବଂ ଛାତିରେ ତାରା, ସୂର୍ଯ୍ୟ, ଚନ୍ଦ୍ର, ଧୂମକେତୁ ଖଞ୍ଜିଥାନ୍ତି । ଥ୍ରିନଟ୍ ରାଇଫଲ ପୋଲିସ୍ ରିଜାର୍ଭରୁ ଅଣାଇ ପାଖରେ ରଖିଥାନ୍ତି । ମହାରାଜା ଫେରିବା ପୂର୍ବରୁ ଯଦି ଥରେ ଅଧେ ସୁବିଧା ଦେଖି (ସେ ଥିଲେ ମେଜର, କିନ୍ତୁ ଖୁବ୍ ଛୋଟ ଏକ ଷ୍ଟେଟର ରାଜା ସେ ଉପାଧି ତାଙ୍କୁ ଦେଇଥିଲେ; ସେ ଆର୍ମି ମେଜର ନୁହଁନ୍ତି) କାରସାଦି ଦେଖାଇ ପାରନ୍ତେ ତେବେ ମହାରାଜା ବର୍ଷେ ଅଧେ ବୀରତ୍ୱ ପାଇଁ ଏକସ୍‌ଷ୍ଟେନ୍‌ସନ ଦିଅନ୍ତେ । ଏସ.ପି. (ଯେ କାଳକ୍ରମେ ଓଡ଼ିଶାର ଆଇ.ଜି. ହେଲେ) ତାଙ୍କ ପାଖରେ ଭାଲୁମାନଙ୍କ ଅତ୍ୟାଚାର କଥା ରିପୋର୍ଟ କଲେ । ମୁଁ ଥିଲି ଜନୈକ ତୋଷାମଦକାରୀ ସାମ୍ବାଦିକ; ମୋର କାମ ହେଲା ପ୍ରତିଦିନ ଖବର ପଠାଇବି ଦେବାନ ସାହେବଙ୍କ ନାଆଁରେ, ଖବର ପଠାଇବି ତାଙ୍କ କୃତିତ୍ୱ ଦେଖାଇ । ସେ ଚାନ୍ସ ଦେବାନ୍ ଦେଲେ ତ ? ଏଇ ଚାନ୍ସ ଆସିଲା ।

ମୋ ଗାଁ ପାଖରେ ଭାଲୁ ଉପଦ୍ରବ । ପାଞ୍ଚ ଛଅଟା ଏ ଭିତରେ ମଲେଣି । ଏସ୍.ପି. ପ୍ରଥମ ପାଞ୍ଚଜଣ ଶିକାରୀ ଭିତରେ ଜଣେ । ସେ କନେଷ୍ଟବଳ ଲଗାଇ ବନ୍ଧୁକ ସଫା କରାଉଥାନ୍ତି । ଜାନୁଆର କାହିଁ ? ଯାହା ହେଉ ଭିନ୍ନ ଭିନ୍ନ ଉଦ୍ଦେଶ୍ୟ ନେଇ ତିନିଜଣ ନିଷ୍ପତ୍ତି କଲୁଁ ଏମିତି ଶିକାରଟାଏ କରିବୁଁ ଯାହାର ରେକର୍ଡ଼ ରହିବ ନାହିଁ । ଲୋକେ ସ୍ୱତଃ

Digitized by srujanika@gmail.com

ପ୍ରବୃତ୍ତ ହୋଇ ଶିକାରରେ ଯୋଗଦେଇ କଉତୁକ ଦେଖିବେ ଏବଂ ବିପଦ ମୁକ୍ତ ହେବେ, ସାହେବଙ୍କ ବନ୍ଧୁକ ଠିକ୍ ବେଳରେ ଠିକ୍ ଜାଗାରେ ଯଦି ଫୁଟେ ଓ ବାଜେ । ଯାହେଉ ଶିକାର ହେଲା, ଭାଲୁକାଣୀ ମଲା । ଇତିହାସ ବା ସିନେମାରେ କେଉଁ ନାୟିକା ବା ଫୁଲନ୍‌ଦେବୀ ଏମିତି କରୁଣ ମୃତ୍ୟୁବରଣ କରି ନଥିବେ । ସେ ଥିଲା ମାଆ, ଦୁଇଟି ଏଗାର ବାରବର୍ଷର ପିଲାଙ୍କ ପରି ତାର ଲବକୁଶ । ଗୁଳି ବାଜିବା ପରେ ଦି’ଖୁଆ ଚିତ୍‌ପଟାଙ୍ଗ ହୋଇ ପଡ଼ିଥିବା ମାଆର ଥନ ବେଣ୍ଟି ପାଟିରେ ପୁରାଇବାକୁ ଯାଉଥିଲା ବେଳେ ଖୁବ୍ କରୁଣ ଚିତ୍କାରରେ ଦୁଇ ପିଲାଙ୍କୁ ଯେଉଁ ବ୍ରହ୍ମମୁଷ୍ଟି ଦେଇଥିଲା, ସେଥିରେ ସେମାନେ କଇଁ କଇଁ ହୋଇ ପଳାଇ ଯାଇଥିଲେ । ଏସ୍.ପି. ଯଦି ମା’କୁ ମାଇଲେ ଲବକୁଶ (ଏସ୍.ପି. ଙ୍କ ନାଆଁ ରାମଚନ୍ଦ୍ର) ପିଲାଝିଲା ଦିହିଁକି ଘାଉଲା କରିଦେଲେ ପଛପଟୁ ଦୌଡ଼ି ପଳାଇ ଯାଉଥିଲା ବେଳେ । ଦେବାନ ସାହେବ ଶିଶୁପାଳ । ତାଙ୍କ ମଞ୍ଚାତଳେ ଜାମ୍ବେବ ଯାଉଥିଲା ବେଳେ ସେ ବନ୍ଧୁକ ଫୁଟାଇଲେ । ଭାଲୁର କଣ, ମୋ ଛାତି ଫାଟିଗଲା । ତାଙ୍କରି ପାଖରେ ମଞ୍ଚରେ ମୁଁ ବସିଥାଏ । ‘ମିସ୍‌ଫାୟାର’ ବୋଲି ସେ କହିଲେ । ମୁଁ କିଛି ବୁଝିଲି ନାହିଁ । ଭାବିଲି, ବନ୍ଧୁକଟା ମଞ୍ଚରୁ ତଳକୁ ଖସେଇ ଦେଇଥିଲେ ଭାଲୁର ପେଟ ଚିରି ହୋଇଥାନ୍ତା । ଭାଲୁ ବର୍ତ୍ତିଗଲା । ଦେବାନ ସାହେବ ଟ୍ରଫି ନେଲେ । ମଲା ଭାଲୁଣୀକୁ ବଙ୍ଗଳାକୁ ଜିପ୍ ପଛରେ ନେଇ ସେ ମେମ୍‌ସାହେବଙ୍କୁ ଦେଖାଇ କହିଲେ ହିନ୍ଦୀରେ ‘‘ମୈ ଇସ୍‌କୋ ମାରା ।’’ ଫେରିଲା ବେଳେ ସମସ୍ତଙ୍କୁ କଳାହାଣ୍ଡିଆ ମିଠା ତାଳର ବଡ଼ା, କାକରା, ରୋଟି ଚକୁଳି ଖୁଆଇଲି । ଗାଁ ଇଲାକାର ଲୋକେ ‘‘ବାଃ ! ବାଃ !’’ କଲେ ଧନ୍ୟ ଧନ୍ୟ କରିଥାନ୍ତେ ଯଦି ଭାଲୁ ମରିଥାନ୍ତା ।

ମହାରାଜା କାଶ୍ମୀରରୁ ଫେରି ସବୁ ହାଲ୍‌ଚାଲ ଶୁଣିଲେ । ଦିନେ ମୋତେ ଏକୁଟିଆରେ ପଚାରିଲେ ‘କିହୋ ! ତୁମର ସାହେବ କେତୁଟା ଭାଲୁ ମାଇଲେ ? ଶୁଣିଲି ଚମଡ଼ା ତାଙ୍କ ବୈଠକଖାନାରେ ଟଙ୍ଗା ହୋଇଛି ।’’ ଯୋଡ଼ିଲେ ‘ତୁମ ତିନିଙ୍କ ପରି ଅଫିସର ଥିଲେ ଭାଲୁ ତ ଭାଲୁ ବଣଜଙ୍ଗଲ ବି ରହିବ ନାହିଁ, ସବୁ ସାଫ କରିଦେବ ।

ଗଡ଼ଜାତ ମିଶ୍ରଣ ପାଖେଇ ଆସିଲା । ଦେବାନ୍ ସାହେବ ଭାଲୁ ଚମଡ଼ା ନେଇ ଘରକୁ ଫେରିଗଲେ । "Even rats leave a sinking ship" ବୁଡ଼ି ଯାଉଥିବା ଜାହାଜକୁ ମୂଷାମାନେ ବି ଛାଡ଼ି ଚାଲିଯାନ୍ତି । ଗୁଳିଚୋଟର ଘାଆ ପଚିଗଲା ଏବଂ ଲବକୁଶ ମରିଗଲେ । ଚିଲ ଶାଗୁଣା ଉଡ଼ିବାର ଦେଖି ଗାଁ ଚଉକିଦାର ଲାଶ ଠାବକରି ଥାନାରେ ଖବର ଦେଲା । ଜାମ୍ବେବ ପୂର୍ବ ପଟ ବିପଜ୍ଜନକ ଜାଣି ପଶ୍ଚିମପଟ ଜଙ୍ଗଲର ଭାଲୁ ଡୁଙ୍ଗୁରି ଆଡ଼େ ଚାଲିଗଲା । ଏକେଲା ଏକେଲା, ବିପତ୍ନୀକ ଏବଂ ସନ୍ତାନସନ୍ତତି ସବୁ ହରାଇ ।

ଏ ହେଲା ପୂଜାଛୁଟିର ପୂର୍ବ ଘଟଣା । ସେପ୍ଟେମ୍ବର ମାସ ଭୁରୁଡ଼ୁ କୋଳି ପାଚିବା ଦିନ, ପରବ ଛତୁ ଫୁଟିବା ଦିନ, ଉଇହୁଙ୍କା ତାଡ଼ି ବିଦାରି ଉଇପୋକ ଖାଇବା ଦିନ ଆସିଲା ଗଲା । ତା ପରେ ବରକୋଳିର ଦିନ, ଆଖୁର ଦିନ, ଆହୁରି କେତେ କଣ ଫୁଲ-

Digitized by srujanika@gmail.com

ନିଦ୍ରାବତୀ, ଧାତକୀ, ଲୁରୁଡ୍ଡୁ, ମାଧବୀ, ମାଳତୀ, ଅତାଣ୍ଡି ମାଇଲ ମାଇଲ ମହକ । ତାପରେ ଆସିବ ମହୁଲ, କେନ୍ଦୁ । ଭାଲୁ ଗୀତଗାଏ ବିଭିନ୍ନ ଫଳର ଗୁଣ :

ଚାର, କେଉଁ ଛାର ?

ମହୁଲ, ପେଟ ଡଉଲ ।

କେନ୍ଦୁ, ପ୍ରାଣବନ୍ଧୁ ।

ଫୁଲଫଳ ଗଛ ସବୁ ତାକୁ ଭଲ ଲାଗନ୍ତା । କିନ୍ତୁ ସେ ବାବାଜୀ, ତାର ମାତାଜୀ ନାହିଁ । ଜୀବନ ଏକାବେଳକେ ଦୁର୍ବହ । ତେଣୁ ସିନେମା ହୀରୋ ପରି ସେ ମଦ ଦୋକାନ ଖୋଜେ, ଅଧିକାଂଶ ସମୟ ଶୋଇ ରହି ହୁରୁହୁରୁ ହୋଇ କାନ୍ଦେ, ଜ୍ବର ଆସିଲା ପରି କମ୍ପେ ।

ଗାଁ ମୁଣ୍ଡ କିଆ ପୋଖରୀ ପାଖ ଇଲାକାରେ ସେ ରହିଥାଏ । ସୁବିଧା ସ୍ଥାନ, କିଆ ବଣ, ପାଖରେ ପାଣି, ନାରଣ ନନ୍ଦଙ୍କ ବାଡ଼ିବଗିଚା କଣରେ ଯୋଡ଼ାଏ ଗୟା କୋଳି ଗଛ । ଦିନେ କେବେ ଦୁହେଁ ସେଠାକୁ ଯାଇଥିଲେ । ପୁରୁଷ ଗଛ ଚଢ଼ି ହଲାଇ ଦେଲେ ଝଡ଼ଝଡ଼ କରି ଡୁମାଡୁମା କୋଳି ଝଡ଼ଝଡ଼ ହୋଇ ପଡ଼େ । ଦୁହେଁ ଖାଆନ୍ତି । ଭାଲୁ (ଜାମ୍ବେବ) ଛିଡ଼ା ହୋଇ ଡାଳ ନୁଆଁଇଲେ ଭାଲୁଣୀ ତୋଳି ତୋଳି ଖାଏ । ସେ ଅନେକ ଦିନ ତଳର କଥା, ଲବକୁଶ ଜନ୍ମ ହୋଇ ନଥାନ୍ତି । ସ୍ୱର୍ଣ୍ଣ ଯୁଗ କଥା ।

ସୀତାକୁ ହରାଇ ରାମଚନ୍ଦ୍ର ଯିମିତି 'ବନଘନେ ରଘୁମଣି ବିପଥ ପଥ ନ ଗଣି' ପାଗଳ ପରି ବୁଲୁଥିଲେ ସିମିତି ଆମର ବିପତ୍ନୀକ ନାୟକର ଅବସ୍ଥା । ଆଗରୁ ସେ ମଣିଷକୁ ଦେଖିଥିଲା, ଜାଣିଥିଲା ମଧ । ଏବେ ତାର ଅନ୍ୟ ରୂପ ଦେଖିଲା । କାହିଁକି ତାକୁ ସେମାନେ ଦଳବାନ୍ଧି ଧନୁ ତୀର ମାଦଳ ଧନୁଷା ଧରି ଚିତ୍କାର କରି ବଣ ଏପଟ ସେପଟ କରନ୍ତି ! ସେ କିନ୍ତୁ ଅହିଂସ୍ର । ମହାତ୍ମା ଗାନ୍ଧୀର ଦେଶ ଜାଣିପାରି ବୋଧହୁଏ ସେ ତାର ଦାନ୍ତ ନଖ ଯୁଦ୍ଧ ପାଇଁ ବ୍ୟବହାର ନକରି ଅହିଂସା ଉପାୟରେ ଖାଦ୍ୟ ସଂଗ୍ରହ କରିବା ପାଇଁ ବ୍ୟବହାର କରେ । ଫଳମୂଳ ଖାଏ, ଉଇହୁଙ୍କା ଭାଙ୍ଗି ତାଡ଼ି ସଡ଼୍‌ସଡ଼୍ ହୁଡ଼ୁରୁହୁଡ଼ୁରୁ କରି ମହୁମହକ ଥିବା ଉଇପୋକ ଖାଏ । ନ ହେଲେ ଗାଁ ଗୋବର ଖାତରୁ ବୁଢ଼ା ଆଙ୍ଗୁଠି ମୋଟ ପୋକ ଖାଏ ।

ବୟସ ବେଶି ହେଉ ବା ପ୍ରିୟତମାର ବିରହ ଦୁଃଖରେ ହେଉ ଜାମ୍ବେବ ଦୂର ବଣ ଜଙ୍ଗଲ ପାହାଡ଼ ପର୍ବତକୁ ନଯାଇ ଗାଁ ପାଖ ପତଳା ବୁଦିଆ ଜଙ୍ଗଲରେ ରହେ, ମାଝି ସାନ୍ତାଳଙ୍କ ବସତିକୁ ଲାଗି । ସେଠି ତାର ପ୍ରଧାନ ଆକର୍ଷଣୀୟ ଖାଦ୍ୟ ହେଲା ମହୁଲ । 'ମହୁଲ ପେଟ ଡଉଲ' ତାର ଜାତୀୟ ସଙ୍ଗୀତ । ଭୋର ସକାଳୁ ଉଠି ଧଳା ହୋଇ ଗଛ ତଳେ ଗୋଲଗୋଲ ଅଙ୍ଗୁର ଫଳ ଭଳି ଦିଶୁଥିବା ମହୁଲ ଫୁଲ ଏ ଗଛ ସେ ଗଛ ମୂଳରୁ ସଂଗ୍ରହ କରି ଖାଇଦିଏ । ଏତେ ରସ ଯେ ପାଣି ପିଇବା ଦରକାର ନାହିଁ । ମହୁଲ ଗଛର ବଣ ଆଉ ନାହିଁ । ଏଠି ସେଠି ଆଠ ଦଶ/ ଦଶ ବାରଟା ଗଛ ଅଛି । କୟାଁ ମାଝିର

Digitized by srujanika@gmail.com

କୁଡ଼ିଆ ଚାରିପାଖରେ ଯଦି କେବେ ପାଣି ଦରକାର ହେଲା ତେବେ ଶହେ ମିଟର ଦୂରରେ ଆମ ଗାଁର କିଆ ପୋଖରୀ । ସଂଜବେଳେ ଜନମାନବ ନଥିଲା ବେଳେ ଅନ୍ଧାରରେ ମିଶିଯାଇ ପାଣି ପିଇଆସେ ଏବଂ ନୂଆ ହୋଇ ଗଜୁରି ଉଠୁଥିବା ମଣିଷେ ଦେଢ଼ ମଣିଷ ଶାଳ ଗଛମୂଳରେ ଗାଡ଼ ତାଡ଼ି ଧୂଳି ଧୂସରିଆ ହୋଇ ଦିପହରେ ଶୋଇ ପଡ଼ିଥାଏ, ଗଦାଏ ଚୂଳ ଉଠୁଥାଏ ପଡୁଥାଏ, ନ ହେଲେ ହୁରୁହୁରୁ ହୋଇ ଭାଲୁ ଜରରେ କମ୍ପୁଥାଏ ।

କିଆ, ପୋଖରୀ, ବାୟୁକୋଣକୁ ଲାଗି ପୋଖରୀ ହୁଡ଼ା ତଳକୁ ଗୟା କୋଳି ଗଛ ପାଖକୁ ଲାଗି ସେଇଠି ଏକ ତାଳଗଛ, ସ୍ୱର୍ଗରେ ତା ମୁଣ୍ଡ ଲାଗିଛି । ରାତିରେ ଭୂତ ପରି ଦିଶେ । ଜଗନ୍ନାଥ ନନ୍ଦ ତା ମୂଳରେ ଶ୍ରାଦ୍ଧତର୍ପଣ କରନ୍ତି । ଗୋଟାଏ ଶାଗୁଣା ଗଛ ଅଗରେ ରାତିରେ ବିଶ୍ରାମ ନିଏ ଏବଂ ସ୍ୱପ୍ନ ଦେଖି ଖଡ଼ ଖଡ଼ ହୋଇ ବାହୁଙ୍ଗାରୁ କେବେ କେମିତି ଖସିପଡ଼େ । ଭୂତ ଭୟ ହୁଏ ।

ଖରାଦିନ ଆସିଲା । ପଥୁରିଆ, ପାହାଡ଼ିଆ ଜାଗା, ନଈନାଳ, ବାମ୍ଫି, ଝରଣା କିଛି ନାହିଁ । ଭୂଇଁ ଫାଟିଗଲା । ତପ୍ତ ଧୂଳିରାଶି ତପତ ଅନିଳେ ଉଡ଼ି ଅମ୍ବର ଘୋଟିଗଲା । କୁକୁର ଗୁଡ଼ାକ ଜିଭ ଲହ ଲହ କାଢ଼ି ଧଇଁସଇଁ ହେଲେ । ଜମ୍ବୋବର ଆଶ୍ରୟସ୍ଥଳ ପଚାଶ ଶହେ ନୂଆ ପତର ହୋଇଥିବା ଶାଗୁଆ ଶାଳଗଛର ବୁଦାଳିଆ ଜଙ୍ଗଲ । ଗଲା କେତେ ଦିନ ସେଇଠି କେଉଁଠି ଲୁଚିଛପି ଖଣାଖାତରେ ସେ ଶୋଇଥାଏ । କୟାଁ ମାଛି ବି ତାର ଗତିବିଧି ଜାଣି ପାରେନି । ମହୁଲ ଦିନରେ ବରାବର ଆସୁଥିଲା ଭୋର ଭୋର । ଏବେ ଗଛରେ ଫୁଲିଯାଇ କଚଡ଼ା ଫଳ ଧରିଲାଣି । ଭାଲୁର ସେଥିପ୍ରତି ଆଉ ନଜର ନାହିଁ, ଯେଣୁ ଫଳ ଦରକାର ନାହିଁ ।

ଦିନେ ବେଳ ଦଶଟା ହେବ । କିଆ ପୋଖରୀ କଣର ସେଇ ତାଳଗଛ ମୂଳରେ ଛୋଟା ଧୋବା ଲୁଗା କାଚୁଥାଏ । ପିଲାଦିନର ପୋଲିଓରେ ଆଣ୍ଠୁଠାରୁ ତଳିପା ପର୍ଯ୍ୟନ୍ତ ବଙ୍କା ହୋଇ କେବଳ ଚମଡ଼ା ଓ ହାଡ଼ ରହିଚି । ତଳିପା ମଧ୍ୟ ବଙ୍କାଟଙ୍କା ହୋଇଯାଇଛି । ତାର ନାମ ଛୋଟା ଧୋବା, ଅନ୍ୟ ନାମ ନାହିଁ । ଗୋଲ ପଥର ଉପରେ ଲମ୍ବା ପଥରଟାଏ । ତାରି ଉପରେ ତାଳ ଦେଇ ସେ ଲୁଗା କାଚେ । ତା ଘରଟା ଆମ ଗାଁରୁ ଦୁଇ ମାଇଲ ଦୂର । ବିଚିତ୍ର ତାର ଚାଲି, ଗୋଡ଼ଟା ଫିଙ୍ଗି ଫିଙ୍ଗି ଆଗକୁ ପକାଏ ତା ପରେ ଠେଙ୍ଗାରେ ଭାର ଦେଇ ପୁଣି ଆଗକୁ ଚାଲେ । ସ୍ୱାମୀ ସ୍ତ୍ରୀ (ବେଶ୍ ସ୍ୱାସ୍ଥ୍ୟବତୀ ଏବଂ ସୁନ୍ଦରୀ ମଧ୍ୟମ ବୟସ୍କା, ପିଲାଝିଲା ନାହିଁ) ଘର ଘର ବୁଲି ମଳିଆ ଲୁଗା ଓ ଫାଳିଏ ଫାଳିଏ କାଠ ସଂଗ୍ରହ କରନ୍ତି । କିଆବଣରେ ଲୁଚା ହୋଇଥିବା କଳାହାଣ୍ଡିରେ ଭୁରୁଡ଼ୁ ଗଛର ପାଉଁଶ ଓ ଲୁଗା କଚା ସୋଡ଼ା ଦେଇ ସେସବୁ ଶିଝାଇ କାଚନ୍ତି ଏବଂ ଧାଡ଼ିଧରି କଚା ଲୁଗାକୁ ଶୁଖାନ୍ତି ଗୁହ ଗୋବର ଥିବା ପୋଖରୀ ହୁଡ଼ାରେ । ଦିନ ଦୁଇଟା ବେଳକୁ ଲୁଗା କନ୍ଥା ସବୁ ଧରି ଫେରନ୍ତି, ଯା ଘରେ ତା ଘରେ ଭାତ ପଖାଳ ଖାଇ ଘରକୁ ଫେରନ୍ତି । ସପ୍ତାହରେ ଥରେ କିଏ ଦୁଇ ପଇସା ଚାରି ପଇସା ନହେଲେ ଚାଉଳ ମୁଠେ ଦିମୁଠା ଦିଏ ।

Digitized by srujanika@gmail.com

ସେଦିନ ତା ସ୍ତ୍ରୀ ସବୁ ଠିକ୍ ଠାକ୍ କରିଦେଇ ଗାଁକୁ କେଉଁ ଏକ କାମରେ ଚାଲିଗଲା । ଛୋଟା ଧୋବା ଏକ ମନ ଧ୍ୟାନରେ ଲୁଗା ଛପ୍‌ଛପ୍ କରି କାଚି ଚାଲିଛି । ଅଗ୍ନି ଓ ନୈଋତ କୋଣର ଦୁଇ ଘାଟରେ ବ୍ରାହ୍ମଣ ସାହି, ଭୂମିଜ ସାହି ଓ ଡୋମ ସାହିର ଝିଅ ବୋହୂ ଶାଶୁମାନେ ଗାଧୁଆ ପାଧୁଆ କରୁଥାନ୍ତି, କାଦୁଅ ଗୋଳିଆ ପାଣିରେ । କଳସୀ ଗୋଟାକରେ ପାଣି ଅଣ୍ଟାରେ ଧରି କେହି କେହି ସରସରିଆ ଓଦାଲୁଗାରେ ଘରକୁ ଫେରୁଥାନ୍ତି ।

ଛୋଟା ଧୋବାକୁ ଗୋଟାଏ ଚଁ ଚଁ ଶବ୍ଦ ଶୁଭିଲା । ତାକୁ ଜଣାଗଲା ଗୋରୁ ଗାଈଟାଏ ପାଣି ପିଉଛି ତାରି ଛୋଟା ଗୋଡ଼ ପାଖରୁ । ହାଣ୍ଡିଆ, କି ମଦ, କି ମହୁଲ, କି ଗୁଡ଼ କି ଉଙ୍ଗର ବାସନା ମହକ ତା ନାକରେ ଯିମିତି ପଶିଛି ସେ ଚାରିଆଡ଼େ ଚାହିଁଲା । ଏ ବାବା ! ଗୋଡ଼ତଳେ ତ୍ରିପଣ୍ଡ କଳା ଅତିକାୟ ଭାଲୁ, ପାଣି ପିଇ ଚାଲିଛି ତ ଚାଲିଛି । ଚଁ ଚଁ ! ବିରାମହୀନ ଭାବରେ । କାଖତଳେ ଚାକି ଥିବା ଠେଙ୍ଗାଟି ପଡ଼ିଗଲା । ସେ ତାଖଣ୍ଡେ ପାଣିରେ ଛାପ୍ ଛାପ୍ ପଡ଼ିଗଲା । ପାଟିରୁ ଖାଲି 'ଭା–ଭା–ଭା–' ଶବ୍ଦ ଉଚ୍ଚାରଣ ହେଉଥାଏ । ଗୋଡ଼ହାତ ଛଟପଟ କରୁଥାଏ ପାଣିରେ । ଭାଲୁ ତାକୁ ଶୁଙ୍ଘିଲା ନାହିଁ, ତରବର ମଧ ହେଲାନାହିଁ । ମନ ମନାଇ ପେଟର ଟାଙ୍କ ପୂରଣ କଲା । ଚାହୁଁ ଚାହୁଁ ପେଟଟା ବଡ଼ ବେଲୁନ ପରି ଫୁଲିଗଲା । ତାପରେ ଧୀରେ ଧୀରେ ଲସର ପସର ହୋଇ ଆଠଦଶଟା ବିଲ ପାର ହୋଇ କୟାଁ ମାଝିର ଘରଆଡ଼କୁ ଚାଲିଗଲା ।

ଯେଉଁ କୋଡ଼ିଏ ତିରିଶ ଜଣ ସ୍ତ୍ରୀ ଲୋକ ଆରପାଖ ଘାଟରେ ଥିଲେ ସେମାନେ ଡିଆଁ ଧାପଡ଼ା କରି ଲଙ୍ଗଳା ବାତୁଳା ଅବସ୍ଥାରେ ଲୁଗାପଟା ହାଣ୍ଡି କଳସୀ ଛାଡ଼ି ଧାଇଁଲେ । ପାଖ ଭୂମିଜ ସାହିକୁ । ଭୟ ବିହ୍ୱଳ ହୋଇ ସେମାନଙ୍କର ମଧ 'ରା' 'କା' ହୋଇଗଲା । ସେମାନଙ୍କ ଆର୍ତ୍ତନାଦ, ଚିତ୍କାରରେ ଭୂମିଜ ସାହିର ବୀରମାନେ ଜାଗି ଉଠିଲେ ।

ଖରାଦିନ; ହଳ ଫାଳ କାମ ବନ୍ଦ ବର୍ଷା ଅଭାବରୁ । ଭୂମିଜ ସାହିର କେହି କାମ ଦାମକୁ ନଯାଇ ପିଣ୍ଡାରେ ବସିଛନ୍ତି ପଶ୍ଚିମ ଆଡ଼ର ଧୂଆଁଳିଆ ଶିମିଳିପାଳର ସାନଗଡ଼ ପାହାଡ଼ ଆଡ଼କୁ ଚାହିଁ । ଯିମିତି ପୋଖରୀ ଘାଟରୁ ଅତର୍କ୍କ ହୋଇ ସ୍ତ୍ରୀ ଲୋକ ସାହି ଆଡ଼କୁ ଓଦା ସରସର ଲୁଗାରେ ଧାଇଁବାରେ ଦେଖିଲେ ଏବଂ 'ଭାଲୁ' 'ଭାଲୁ' ଶବ୍ଦ ଯା ତା ମୁହଁରୁ ଶୁଣିଲେ ସେମିତି ସମସ୍ତେ ଧାଁଧପଡ଼ କରି ଘର ଭିତରୁ ଧନୁତୀର, ଠେଙ୍ଗା, କୁରାଢ଼ୀ, ଶାବଳ, ଟାଙ୍ଗିଆ, ଭୁଜାଲି ଧରି ବାହାରି ପଡ଼ିଲେ । ଆସିଲା ମାପା ଭୂମିଜ, ଟିପା ମୁଣ୍ଡା, କାଠିଆ ମୁଣ୍ଡା, ସୀତା ବଖାଳ, ମାର୍କଣ୍ଡ, ଗାଣ୍ଡୁ ବଖାଳ ଆହୁରି କେତେ କେତେ ରଥୀ । ଅଖାଣି ଶିକାରରେ ଏହାଙ୍କ ପରାକ୍ରମ ବର୍ଷରେ ଥରେ ଦେଖାଯାଇଥାଏ । ଏମାନଙ୍କ ଭିତରେ ତମା ଭୂମିଜ ଶ୍ରେଷ୍ଠ ଶିକାରୀ । ଥରେ ଭୂଇଁରେ ଶୋଇ ପଡ଼ି ଗୋଡ଼ ହାତ ପ୍ରୟୋଗ କରି ଗୋଟାଏ ଭାଲୁକୁ ତୀର ମାରି ଛାତିର ଏପାଖ ସେପାଖ ବିଦ୍ଧ କରି ଏକା କାଣ୍ଡକେ ମାରି ଦେଇଥିଲା । ସେମାନଙ୍କ ପଛେ ପଛେ ହୁରି ପାଟି ଶୁଣି ବ୍ରାହ୍ମଣ ସାହିର କେତେଜଣ ବାହାରି ପଡ଼ିଲେ । ସମସ୍ତେ ସହଳ ଭାତ ଖାଇ ଢ଼ାବୁଆ ଘର ଭିତରେ ଶୋଇ ଯାଇଥିଲେ ।

Digitized by srujanika@gmail.com

ସମସ୍ତଙ୍କ ଭିତରେ ବୀର ଦୁଇଜଣ ରାଧାମୋହନ ଷଡ଼ଙ୍ଗୀ ଯେ କି ଜୀବ ଜାନୁଆର ଚୋର ଡକାୟତ ନାଆଁ ଶୁଣିଲେ ଥରକୁ ଥର କହନ୍ତି, "ଗୁଳି ମାରି ଏକାଥରକେ ଶୁଆଇ ଦେବି ଶଳାକୁ ।" ସେ ବନ୍ଧୁକ ଦେଖି ନାହାନ୍ତି, ଗୁଳି ଶବ୍ଦ ଶୁଣି ନାହାନ୍ତି । ରାତିରେ ଗଛରେ ଶୋଇଥିବା ହରଡ଼ ବା କପୋତ ଚଢ଼େଇଙ୍କି ଟର୍ଚ୍ଚ ଆଲୁଅ ପକାଇ ଅନ୍ୟ ଦ୍ୱାରା ମାରନ୍ତି । ଅନ୍ୟ ଜଣକ ଫକୀରମୋହନ ପାଣିଗ୍ରାହୀ; ସୁସ୍ଥ ଚର୍ବିଳ ଦେହ, ବିରିପିଠା ଭୋଜନ କରି ତେଲିଆ ଦିଶନ୍ତି । ଏମାନଙ୍କ ଛଡ଼ା ଶହ ଶହ ଲୋକ, 'ଭାଲୁ' 'ଭାଲୁ' ଚିତ୍କାର କରି 'ଛୋଟା' ଧୋବାକୁ ମାରିଦେଲା' କହି ଧାଇଁଲେ ପୋଖରୀ ହୁଡ଼ା ଆଡ଼କୁ । ଭାଲୁକୁ କେହି ଦେଖି ପାରିଲେ ନାହିଁ ।

ଭୂମିଜ ସାହି ବଖାଳ ସାହିର ବୀରମାନେ କିନ୍ତୁ ନିର୍ଭୟରେ ବଣଜଙ୍ଗଲିଆ ଜାଗା ଆଡ଼କୁ ଧାଇଁଲେ । 'ହ୍ୟାଦ୍', 'ହ୍ୟାଦ୍' ଶବ୍ଦ କରି । ଛୋଟା ଧୋବାର ସ୍ତ୍ରୀ ବିକଳ ହୋଇ କାନ୍ଦି କାନ୍ଦି ତୁଠକୁ ଧାଇଁଲା ଏବଂ ଲୁଗାପଟା ଠେଙ୍ଗା ସମ୍ଭାଳି, ଧରାଧରି କରି, ଚିତ୍‌ପଟାଙ୍ଗ ହୋଇ ପଡ଼ିଥିବା ସ୍ୱାମୀକୁ ଉଠାଇ ପୋଛାପୋଛି କରି ଛିଡ଼ା କରାଇଲା । ଛୋଟା ଧୋବା କହୁଥାଏ, "ଶଳା, ଦିନ ଦିପହରଟାରେ ପାଗଳା ହୋଇ ପାଣି ଭିତରକୁ ପଶିଯାଉଛି । ମଣିଷକୁ ଖାତର ନାହିଁ । ମଦ ହାଣ୍ଡିଆ ପିଇଛି ଯେମିତି, ଚେତା ନାହିଁ ଶଳାର ।"

ଯେଉଁମାନେ ପ୍ରକୃତ ଶିକାରୀ, ବଣଜଙ୍ଗଲରେ ନିର୍ଭୟରେ ବୁଲନ୍ତି, ମରଣକୁ ଭୟ ନାହିଁ, ଯାହାଙ୍କ ହିମ୍ମତ ଅଛି ସେମାନେ ସିନା ଆଗେଇବେ ! ବାକି ଯେଉଁମାନେ ପଛରେ ଅଛନ୍ତି ସେମାନେ ଡାକ, ବାଉଁଶ ଛିଟିକା ଧରି ଧୀରେ ଧୀରେ ଯାଉଛନ୍ତି, କହୁଛନ୍ତି "ଆସୁ, ପାଖକୁ, ଦେଖିନେବି ଶଳାକୁ ।" ଦେଶୀ ମାଟିଆ ଅଣ୍ଡିରା କୁକୁର ଆଠ ଦଶଟା ମାଲିକମାନଙ୍କ ଆଗରେ ଯାଇ ଏଠି ସେଠି ସଁ ସଁ ହୋଇ ଶୁଙ୍ଘୁଛନ୍ତି । 'ଧଅ ଧଅ' କହିଲା ମାତ୍ରେ ଯେମିତି ମାଡ଼ିବସି ଭାଲୁକୁ ଝୁଣିଦେବେ ।

କୁକୁରଙ୍କ ଗତି ଚାହୁଁ ଚାହୁଁ ଚଞ୍ଚଳ ହେଲା, ସମସ୍ତଙ୍କ ନାକରୁ ସଁ ସଁ ଶବ୍ଦ ଏକାବେଳକେ ବାହାରିଲା । ଗୋଟାଏ କୁଣ୍ଢେମୋଟ କେନ୍ଦୁ ଗଛ ଛାଇ ଆଡ଼କୁ ସମସ୍ତେ ଧାଇଁଲେ; କିନ୍ତୁ କୁକୁର ସବୁ ହଠାତ୍ ଛିଡ଼ା ହୋଇଗଲେ ।

ଦେଖିଲେ କଳା କେନ୍ଦୁଗଛ ଗଣ୍ଡି ସାଙ୍ଗରେ ରଙ୍ଗ ପ୍ରାୟ ମିଶାଇ ଭାଲୁ ଶୋଇଛି ନିଶ୍ଚଳ ହୋଇ । ଚିତ୍ ହୋଇ ହାତ ଉପରକୁ କରି ଯୋଡ଼ିଦେଇ ଯିମିତି ପ୍ରାର୍ଥନା କରୁଛି କାହାକୁ । ଧଳା ମଲ୍ଲୀ ଗଜରା ବେକରେ ଲମ୍ବାଇ ମନ୍ତ୍ରୀଟିଏ ସାର୍‌କିଟ ହାଉସ୍‌ରେ ଚିତ୍‌ପଟାଙ୍ଗ ହୋଇ ଖାଇ ପିଇ ଶୋଇଲା ପରି ଶୋଇଛି ନିଦକରେ ଜାମ୍ବେବ । ଥୋମଣି, ମେଲା, ଧକେଇ ହେଉଛି, ଖରା ଆଉ ଶ୍ରମ ପାଇଁ ବୋଧହୁଏ ।

କୁକର ଶଙ୍କି ଗଲେ । ନେଉଳ ମୂଷା ଶିଆଳ ମାଙ୍କଡ଼ ଏ ଜୀବ ନୁହେଁ, ଏ ଜାନୁଆର । 'କାଳୋଽସ୍ମି, ଲୋକକ୍ଷୟକୃତି ପ୍ରବୃଦ୍ଧ ।' କିନ୍ତୁ ଶିକାରୀମାନେ ଯୋଦ୍ଧା । ଏମାନେ ରସାତଳ ଭାଡ଼ି ହିଡ଼ରୁ ମୂଷାଙ୍କ ସଞ୍ଚିତ ଧନ ନେଇଆସି ପାରନ୍ତି ଡକାଏତ ପରି ।

Digitized by srujanika@gmail.com

ସପ୍ତରଥୀ ଧନୁଶର ଧରି ଅର୍ଦ୍ଧବୃତ୍ତ ବ୍ୟୂହ ସାଜିଦେଲେ ପରସ୍ପରକୁ ଇଙ୍ଗିତ ଦେଇ । ଯିମିତି ଅଭିମନ୍ୟୁ ବଧର ଅଭିନୟ ହେଉଛି । ଏ ଭିତରେ କୟାଁ ମାଝି ଆସିଯାଇ ସେମାନଙ୍କ ସାଙ୍ଗରେ ଯୋଗ ଦେଇଛି । ସେ ଏକେଲା ଶତ୍ରୁକୁ ଜବତ କରିପାରି ନଥିଲା । ଆଜି ସୁବିଧାରେ ପାଇଛି ଶତ୍ରୁକୁ, ରକ୍ତ ଶୋଷି ପିଇବ ।

ଜାମ୍ବେବ ଶୋଇଛି, ତଥାପି ତାର ନିଶା ଛାଡ଼ିନି, ନିଦ ଭାଙ୍ଗିନି, ସମସ୍ତେ ଏଟେନ୍‌ସନ୍ ଅବସ୍ଥାରେ । କୁକୁର ଶିକାରୀ ଏବଂ କୟାଁ ମାଝି । 'ୱାନ ଟୁ ଫାୟାର' ନ କହି ମାଠା ମାଝି ଭାଲୁ ପରି ହୁଁ କଲା ଏବଂ ସବୁ ଯାଇ ବାଜିଲା ଅନ୍ୟାୟ ସମରରେ ନିଦ୍ରା ଅବସ୍ଥାରେ ଜାମ୍ବେବକୁ । ଠିକ୍ ଛାତିରେ । ଅନ୍ୟ ସବୁ ତୀର ପ୍ରାୟ ଠିକ୍ ସମୟରେ ଦିହରେ ଇତଃସ୍ତତଃ ବାଜିଲା । ହୁଁ କରିବାକୁ ଜାମ୍ବେବର ବଳ ବା ଶକ୍ତି ରହିଲା ନାହିଁ । ଭୀଷ୍ମଙ୍କର ଶରଶଯ୍ୟା ପରି ଅବସ୍ଥା ତାର । ପିଚ୍‌ପିଚ୍ ହୋଇ ରକ୍ତ ତା ଶେଯ ଭିଜାଇ ମାଟି ଭିଜାଇ ଦେଲା । ହାରାମ ପାଟିରୁ ବାହାରିଛି କି ନାହିଁ ଠାଏଁ ପଡ଼ି ଶୋଇଗଲା, ଅନନ୍ତ ନିଦ୍ରାରେ ।

କୟାଁ ମାଝି ଆଗେଇ ଗଲା ଏବଂ ଭାଲୁ ପାଖରେ ଠିଆ ହୋଇ ତା ସ୍ତ୍ରୀ ଧରି ଛିଡ଼ା ହୋଇଥିବା ଗଣ୍ଡିଆ ପୋହାଡ଼ିଆ ବାଉଁଶର ଠେଙ୍ଗାକୁ ଦୁଇ ହାତିଆ ଧରି ଏତେ ଜୋରରେ ବାଡ଼େଇଲେ ଯେ ପୋଖରୀ ହୁଡ଼ାରେ ଛିଡ଼ା ହୋଇଥିବା ଜନତା ମୁହୂର୍ତ୍ତକେ ଆଶ୍ୱସ୍ତ ହେଲେ । ଭାଲୁ ମରିଗଲା ବୋଲି ଦମ୍ଭ ପାଇଲେ । ତା'ପରେ ଲୋକାରଣ୍ୟ ।

ମନ୍ତ୍ରୀ ଓ ମନ୍ତ୍ରିଣୀ ଏକତ୍ର ଛିଡ଼ା ହୋଇ ଶତ୍ରୁର ଅକସ୍ମାତ ପରାଜୟ ପରେ ଘଟଣା ସ୍ଥଳକୁ ଆସି ଯେପରି ବିଜୟଦୃପ୍ତ କଣ୍ଠରେ ସମ୍ବୋଧନ କରିଥାନ୍ତି କୟାଁ ମାଝି ସେମିତି ଭାବ ରଖି ମାତୃଭାଷା ଓ ଗାଁ ଭାଷାକୁ ମିଶାଇ କହିଗଲା 'ହେଲା ଯେ, ଏକାଥରକେ ମଲା ଶଳା, ଭାବିଥିଲା ମାତାଲ ଅଳସୁଆ ହୋଇ ମୋରି ଘର ପାଖରେ ଜୀବନଟା ସାରା ପଡ଼ିଥିବ । କୋଳି କେନ୍ଦୁ ମହୁଲ ସବୁ ଖାଉଥିବ । ଆମ୍ଭର ଗରିବ ନୁକ ମରିବ ନା କି ?' ଆଉ ପାହାରେ ମଲା ଭାଲୁ ଉପରେ ପକାଇଲା ଏବଂ ସସ୍ତ୍ରୀକ କୁଡ଼ିଆ ମୁହାଁ ହେଲା । ଫେରି ପୁଣି ଅସମାପ୍ତକୁ ଧରି କହିଲା, ''ଶୁଣିଲ ଭାଇ, ଇଏ ମରିବ ନାହିଁତ ମରିବ କିଏ ? ଦୁଇଟା ବଡ଼ ହାଣ୍ଡିରେ ମହୁଲ ଜୁଆଇ ଥିଲି ମଦ ଗାଳିବି ବୋଲି ! ଏ ଶଳା ଶୁଙ୍ଘି ଶୁଙ୍ଘି ପାଇଗଲା, ସବୁ ଚାଟି କରି ଖାଇଦେଲା । ଦୁଇଶଟା ଟଙ୍କା ମୋର ଗଲା ।'' ମାଠା ଭୂମିଜ କହିଲା ''ଠିକ୍ କହିଛୁ କୟାଁ ଭାଇ' ଏ ଶଳା କେବେ ମରିଥାନ୍ତା , ଡିର୍ଲା ଜୁଆପିଲା ସବୁ ତ ଗଲେ, ଆରାମରେ ବୁଲୁଛି, ଖାଉଛି, ପିଉଛି; ଆମେ ଶଳା ମରୁଛୁଁ ।''

ସବ୍‌ଜାନତା ଫକୀର ଆଉ ରାଧାମୋହନ ପେଟ ଓ ସ୍ୱାସ୍ଥ୍ୟ ନେଇ ଏମିତି ବେଳେ ଝାଳନାଳ ହୋଇ ପହୁଞ୍ଚି ପିଲାଦିନ ସାଙ୍ଗ ମାଠା ମାର୍କଣ୍ଡ ସଙ୍ଗେ ଯୋଗ ଦେଇ କହିଲେ ''ଏତେ ମହୁଲ ମଦ ପିଇଦେଲେ ଛାତି ଫାଟି ନ ମରିବ ତ ମରିବ କିଏ ?'' ରାଧାମୋହନ କହିଲେ ''ଯାହା କୁହ ଫକୀର, ମରି ନଥାନ୍ତା । ମଦ ପେଟେ ପିଇ ଶୋଷ ଲାଗିଲା, ପାଣି ପିଇଦେଲା ପେଟେ, ଛୋଟା ଧୋବା ଘାଟରେ । ସେଇଠି ନ ମରି ବଣଯାଏଁ ଆସିଲା

Digitized by srujanika@gmail.com

କୁହ ।''

ଗାଁକୁ ନେବାକୁ ସେ ଦୁହେଁ ଚେଷ୍ଟା କଲେ ଘୋଷାରି ଘୋଷାରି । ଏ ଯୁଗର ଅଷ୍ଟାଶ୍ଚର୍ଯ୍ୟରୁ ଗୋଟିଏ । ଭାଲୁ ଦେଖିବା ପାଇଁ ସ୍ତ୍ରୀ ଲୋକେ ଛୁଆପିଲା ଧରି ସଜବାଜ ହୋଇ ଯାତ୍ରା ହାଟ ଯିବାପରି ଆସିଗଲେ । ରସିକ ଶିରୋମଣି ଦୁହେଁ କହିଲେ 'ଯାର ତିର୍ଲାର ଚମଡ଼ା ଦେବାନ ସାହେବ ଉତ୍ତର ପ୍ରଦେଶର ତାଙ୍କ ଘରକୁ ନେଇଗଲେ । ଆମେ କାହାକୁ ଦବା ନାହିଁ । ରୁମ (ଲୋମ) ସବୁ ମେଞ୍ଚାଏ ମେଞ୍ଚାଏ ରଖିବା । ଗୁଣିଗାରେଡ଼ି ମୋହିନୀମନ୍ତ୍ର ପାଇଁ ଦରକାର । ଭାଲୁଜର ହେଲେ ଡେଉଁରିଆରେ ଭାଲୁରୁମ ବାନ୍ଧିଦେଲେ ସବୁ ଜର ଭଲ ହୋଇଯିବ ।

ତାହାହିଁ ହେଲା । ଭାଲୁ ନିର୍ଲୋମ ହୋଇଗଲା । ଚମଡ଼ା ଭୂମିଜ ସାହିବାଲା ନେଲେ, ଗୋରୁବନ୍ଧାଣକୁ କାମରେ ଲାଗିବ । ବାଥୁଡ଼ି ସାହିବାଲା ପାହାଡ଼ ଅଞ୍ଚଳରୁ ଆସି ମାଂସତକ ନେଇଗଲେ । ଭାଲୁ ବଂଶ ନିପାତ ହେଲେ, ନିଶ୍ଚିହ୍ନ ହେଲେ । ବର୍ଣ୍ଣବୋଧର ଷୋଳ ପୃଷ୍ଠାରେ ଭାଲୁର ଛବି ଅଛି ।

Digitized by srujanika@gmail.com

# ପୁଅ ପାଇଁ ଝିଅ

ଅଭିଜ୍ଞତାରୁ ଜାଣିଲିଣି, ଝିଅ ପାଇଁ ପୁଅ ପାଇବା ବେଶି କାଠିକର ପାଠ । ପୁଅଙ୍କ ପାଇଁ ଝିଅ ଖୋଜୁଥିଲା ବେଳେ ଯଦି ବନ୍ଧୁବାନ୍ଧବ ଆତ୍ମୀୟ ସ୍ୱଜନ କାହା ସାଙ୍ଗରେ ଦେଖାହୁଏ, କୁହେ; 'ହେ, ଦୟାକରି ମୋ ପୁଅ ପାଇଁ ଗୋଟିଏ ଝିଅ ଖୋଜି ଦିଅନ୍ତୁ ନା !'' ସେ ତଦଣ୍ଡେ ସାଗ୍ରହରେ ଚିତ୍କାର କରନ୍ତି ''ଝିଅ ! ଗଣ୍ଡା ଗଣ୍ଡା; କେତେ କିସମର କୁହନ୍ତୁ ।'' ଦିନ ଦିନ ମାସ ମାସ ବିତିଯାଏ, ତାଙ୍କ ଦେଖାହୁଏ ନାହିଁ । ଦେଖା ହେଲେ କୁହନ୍ତି ''ଭୁଲି ଯାଇଛି, ହଉ ଦେଖିବା, ଗୁଡ଼ାଏ ଝିଅର ସନ୍ଧାନ ଅଛି ମୋର ।''

ସେ କାଳରେ ତିନି ତିନିଟା ଝିଅ ପାଇଁ ଅକ୍ଳେଶରେ ପୁଅ ପାଇଥିଲି । ପ୍ରଥମଟି ଗୌର କନ୍ୟା, ନବ ବର୍ଷା ଭବେତ୍ ଗୌରୀ । ନଅ ଦଶ ବେଳକୁ ତାର କାମ ଶେଷ । ଘର ଆଗରେ ଫ୍ରକ୍ ପିନ୍ଧି ଝିଅ ପୁଚି ଖେଳୁଥିଲା ବା ସ୍କିପିଙ୍ଗ କରୁଥିଲା; ଜଣେ ମୋଫସଲ ଅଞ୍ଚଳର ଧନୀ ମହାଜନ (ବାସ୍ ବାଲା) ମୋକଦ୍ଦମା ପାଇଁ କୋର୍ଟ କଚେରୀକି ଆସିଥିଲେ; ଲମ୍ବା ଗୋରୀ ଝିଅଟିକି ଦେଖି ତାଙ୍କ କଲେଜର ଫାଷ୍ଟ ଇଅର ପୁଅ ପାଇଁ ପ୍ରସ୍ତାବ ବାଢ଼ିଲେ । ମାସକ ଭିତରେ ପାଆଁଶ ହଜାରେ ଭିତରେ ଶୁଭକର୍ମ ହେଲା ଏବଂ ଏକ ନମ୍ବର ଝିଅ ଉଠିଗଲା, ପଢ଼ାପଢ଼ିର ପୂର୍ଣ୍ଣଚ୍ଛେଦ ଟାଣି । ସେତେବେଳେ ତା ମାଆ ଥିଲା । ବିଧିବିଧାନ ପୂରାପୂରି ମାନି ଝିଅ ବାହା ଦେଇ ଗୌରୀ କନ୍ୟା ଦାନର ଫଳ ପାଇଲୁଁ ବୋଲି ଭାବିଥିଲୁଁ । ପାଞ୍ଚବର୍ଷ ପରେ ଭାରଥୋର ଦେଇ ଝିଅକୁ କାନ୍ଦଣା ଗୀତ ସହିତ ପଠାଇଲୁ ଶାଶୁଘର; ପୁଣି ସାମାନ୍ୟ କେତେ ଶହ ଖରଚ କରି ।

ଦୁଇ ନମ୍ବର ଝିଅ କଲେଜର ପ୍ରଥମ ଶ୍ରେଣୀରେ ପଢୁଥିଲା । ବିଜ୍ଞାନ ଅଧ୍ୟାପକଟିଏ ପ୍ରାକ୍ଟିକାଲ କ୍ଲାସରେ ତା ସହିତ କଣ ଚୁମ୍ବକରେ କଥାବାର୍ତ୍ତା ହେଲା । ମିଆଁ ବିବି ରାଜି । ବାପ ପାଜି ବା କଣ କରନ୍ତା । ଅଲିଅଳ ପୁଅର ଅଭିଳାଷ ପୂରଣ ପାଇଁ ତା' ବାପା ମାଆ ବି ରାଜି ଓ ଆଗ୍ରହୀ ହେଲେ । ମୋର କିଛି ବକ୍ତବ୍ୟ ରହିଲା ନାହିଁ; କାରଣ ମା' ଛେଉଣ୍ଡ ଝିଅକୁ ଶୀଘ୍ର ଘରୁ ବିଦା କରିଦେବା ବିଜ୍ଞତାର କାର୍ଯ୍ୟ ବୋଲି ମୁଁ ଧରି ନେଇଥିଲି । ପ୍ରୋଭିଡେଣ୍ଟ ଫଣ୍ଡରେ ପାଞ୍ଚ ସାତ ହଜାର ଯାହା ଥିଲା ତାକୁ ଧାର ଆଣି ବିବାହ ଶେଷ କରି କୃତ୍ୟକୃତ୍ୟ ହେଲି । ଝିଅର ରଙ୍ଗ ସାବନା ଏବଂ ହାତରେ କଟା ଦାଗ ଥିବା ସତ୍ତ୍ୱେ ଟୋକା ପୁଅ କହିଲା–ବିବାହ ସହିତ ସେ ସବୁର କିଛି ସଂପର୍କ ନାହିଁ । ସାବାସ୍ ପୁଅ !

ସବା ସାନ ଝିଅ ପିଲା ଦିନରୁ ରୋଗୀଣା ଥିଲା, ପଢ଼ା ଆରମ୍ଭ କରୁଁ କରୁଁ ବୟସ

Digitized by srujanika@gmail.com

ହୋଇ ଯାଇଥିଲା । ଉଚ୍ଚଶିକ୍ଷିତା ବୟସ୍କା ଝିଅ ପାଇଁ ବୟସାନୁ ବଡ଼ ଘରର ସୁପୁରୁଷଟିଏ ଭାଗ୍ୟକୁ ଜୁଟିଲା । ତା ମାଆର ଯାହା ଗହଣା ଗାଣ୍ଠି ତାକୁ ଏବଂ ଧାର ଉଧାର ଟଙ୍କା ମିଶାଇ ଦଶ କୋଡ଼ିଏ ହଜାରରେ କାମ ବଢ଼େଇ ଦେଲି । ସେବେ ଡିମାଣ୍ଡ ଯଉତୁକ ନଥିଲା । ଧର୍ଷଣ, ଆତ୍ମହତ୍ୟା, ହରଣଚାଳ, ନାରୀପ୍ରତି ଅହେତୁକ ନିଷ୍ଠୁରତା ଅନାଚାର ଖବରକାଗଜରେ ପ୍ରତଦିନ ବାହାରୁ ନଥିଲା ।

ଝିଅମାନେ ଜଣ ଜଣ ହୋଇ ଏମିତି ଚାଲିଗଲେ । ଏଥର ପୁଅଙ୍କ ପାଳି । ପୁଅମାନଙ୍କ ସହିତ ଘଟଣା କ୍ରମରେ କୌଣସି ବ୍ୟବଧାନ ବା ଦୂରତା ମୋର ନଥାଏ । ମୁଁ ଏକାଧାରରେ ତାଙ୍କର ପିତାମାତା । 'ପ୍ରାପ୍ତେଷୁ ଷୋଡ଼ଶ ବର୍ଷେ ପୁତ୍ରଂ ମିତ୍ରବଦାଚରେତ୍' । ଏକାଠି ବସିଲେ ଖୋଲାଖୋଲି ଭାବରେ କୌଣସି ବିଷୟରେ ବାଧା ନିଷେଧ ନ ମାନି ଗପୁଁ, ଏପରିକି ସେକ୍ସ କଥା । ପୁଅଙ୍କ ବିବାହ ସଂପର୍କରେ ମୋର ମତ ସ୍ପଷ୍ଟ । ସେମାନେ ଯେତେବେଳେ ଯେଉଁ ସର୍ତ୍ତରେ ଯେଉଁଠି ହଁ କରିବେ ମୁଁ ସେଇଠି ବିବାହ ସମ୍ବନ୍ଧ ସ୍ଥିର କରିବି । ଉଦ୍ଦେଶ୍ୟ ହେଲା, ପରବର୍ତ୍ତୀ କାଳରେ ସେମାନେ ଯଦି Made for each other ନହେଲେ ତେବେ ମୋତେ ଦୋଷ ଦେଇ ପାରିବେ ନାହିଁ । ମୋ ପାଖକୁ କଥା ଆସିଲେ ତଦକ୍ଷେ କହିବି "ତୁମେ ନିଜେ ନିଜେ ଏକାଠି ହୋଇଛ, ମୋତେ ତୁମ ଭିତରକୁ ଟାଣୁଛ କାହିଁକି ?" ମୁଁ ଖାଲି ମୋଟା ମୋଟି ଭାବରେ ଦେଖିନେବି ତ୍ରିଭୁଜ ଦୁଇଟି ସର୍ବତୋଭାବେ ସମାନ ହୁଅନ୍ତୁ ନ ହୁଅନ୍ତୁ ସେ ଦୁଇଟି ମୂଳତଃ ତ୍ରିଭୁଜ, ସମକୋଣୀ ହୁଅନ୍ତୁ ନ ହୁଅନ୍ତୁ, ସମବାହୁ ହୁଅନ୍ତୁ ନ ହୁଅନ୍ତୁ, କହି ପାରିବେ ନାହିଁ "ମା ଥିଲେ ଆମର ଏମିତି ଅମେଳ ହୋଇ ନଥାନ୍ତା ।"

ଇଞ୍ଜିନିୟରିଂ ପାସ୍ ପରେ ବଡ଼ ପୁଅ ଦିନେ ସଞ୍ଜବେଳରେ ଦେଖି ପକାଇଲା ସାଙ୍ଗସାଥୀ ମେଳରେ ଡେଙ୍ଗା ଗୋରୀ ଝିଅଟିଏ ଇଲେକ୍‌ଟ୍ରିକ୍ ଆଲୁଅ ତଳରେ ଯାଉଛି ସିନେମା ଦେଖିବାକୁ । ତାର ଲମ୍ୱା ଝିଅ ଲୋଡ଼ା କାରଣ ତାଙ୍କ ପୁଅ ଲମ୍ୱା ହବ ଏବଂ କ୍ରିକେଟରେ ଓପନିଂ ବୋଲର ହୋଇ ପାରିବ । ଯେତିକି ସୂଚନା ଓ ଇଙ୍ଗିତ ଝିଅ ବିଷୟରେ ପାଇଲି ସେଥିରେ ଉଦ୍‌ବୁଦ୍ଧ ଓ ଉତ୍ସାହିତ ହୋଇ ନିଷ୍ଠା ଓ ଦୃଢ଼ତାର ସହିତ ଲାଗିପଡ଼ି ପୁତ୍ରର ଇଚ୍ଛା ଫଳବତୀ କଲି ।

ଦ୍ୱିତୀୟ ପୁତ୍ରଟି ଝିଅ ଆହୁରି ପାଖରେ ପାଇଗଲା ସେମିତି ଚାନ୍‌ସ ଉପରେ । ଦୁଇ ତିନି ଝିଅ ନେଇ ରାଜଧାନୀର ଏକ ସମ୍ଭ୍ରାନ୍ତ ସଙ୍ଗତି ସଂପନ୍ନ ପରିବାର ଅନ୍ୟ ଏକ ସହରର ମୋ ଜୋଇଁ ଘରକୁ ଆସିଥିଲେ । ସେଇଠି ମୋ ଡାକ୍ତର ପୁଅ ଓ ତାଙ୍କ ଝିଅଙ୍କ ଭେଟଘାଟ ହେଲା; ସେଇଠି ତାର ନାନୀ ଘରେ ମହାମଉଚ୍ଛରେ ନିର୍ବିଘ୍ନରେ ନିର୍ବନ୍ଧ ଓ ବିବାହ ଶେଷ ହେଲା ।

ତୃତୀୟ ପୁତ୍ର ପଢ଼ାପଢ଼ି ଶେଷ କରି ଅଧାପକ ଚାକିରି କରୁଁ କରୁଁ ସିନେମା ଛକ, ପୂଜାମଣ୍ଡପ, ଜଗନ୍ନାଥ ମନ୍ଦିର, କଲେଜ ଫାଟକ ପାଖରେ ଝିଅ ସନ୍ଧାନରେ ଘୂରାଫେରା

Digitized by srujanika@gmail.com

କହୁଁ କହୁଁ ଅକସ୍ମାତ ପାଇଗଲା ତାରି ମନମାଫି ଅନିନ୍ଦ୍ୟ ସୁନ୍ଦରୀକୁ । ମୁଁ ତାଠୁଁ ଯଥା ସମୟରେ ସୂଚନା ପାଇ ଛ'ମାସ କାଳ ନାକେଦମ୍ ହୋଇ ଆଶା ନିରାଶା ଭିତରେ ଯାଇ ତାକୁ ବୋହୂ କରିପାଇଲି ।

ତିନି ପୁଅ ତିନି ଝିଅଙ୍କ ଏଇ ଯେଉଁ ବିବାହ ହୋଇଗଲା କୌଣସିଥିରେ ଜାତକ ମେଳ କରିନି, ଯଉତୁକ, ବେଦୀଖର୍ଚ୍ଚ, ରାସ୍ତା ଖର୍ଚ୍ଚ, ନମସ୍କାରୀ ଆଦି କଥା ଉଠାଇନି । ଭାଗ୍ୟଭଲ, ଭଲରେ ଭଲରେ ସବୁ ଚଢ଼େଇ ଯୋଡ଼ ବାନ୍ଧି ମୋ ବସାରୁ ଉଡ଼ିଗଲେ । ସବୁ ସୁଖରେ ରହିଲେ, ତିନି ଝିଅ ପାଇଲେ ଦୋତାଲା, ତିନି ପୁଅ ପାଇଲେ ଦୋତାଲା ଶ୍ୱଶୁର ଘର । କେବଳ ମୋରି ଘରଟି ହେଲା ଭଡ଼ା ଘର । ଯେଉଁଠି ରହିଲୁଁ ବୁଢ଼ା ବାପ, ବୁଢ଼ା ପୁଅ; ଦୁଇ ଭାଇ ପରି । କୌଣସି କ୍ଷେତ୍ରରେ ଇଣ୍ଡାରକାଷ୍ଟ ହେଇନି, ବର୍ଣ୍ଣଶଙ୍କର ଆସିନାହାନ୍ତି ମୋ କୁଳୀନ ପରିବାରକୁ, ପିତୃପିତାମହଙ୍କ ନାଁ ବୁଡାଇବାକୁ ।

ବାହା ହେବାକୁ ବାକୀ ରହିଲା ଜଣେ ସବା ସାନ ପୁଅ ବିଶ୍ୱଜିତ୍, ଶରଧା ନାଆଁ ଟୁନୁ । ଏ ଭିତରେ ମୁଁ ରିଟାୟାର୍ଡ଼ ହୋଇଗଲି ପଞ୍ଚାବନ ବୟସରେ । ମୋର ଦାମ୍ ପ୍ରତିପତ୍ତି ଖୁବ୍ କମିଗଲା । ପୁଅର ବି ସିମିତି ଶିକ୍ଷାଗତ ଚାକିରିଗତ ଯୋଗ୍ୟତା କମ୍ ଥିବାରୁ ଭଲ ଜାଗାରେ ତା ପାଇଁ ଝିଅ ମିଳିବା ଆଶା କମ୍ ହେଲା । ସେ ନିଜେ ଝିଅ ଖୋଜିବାକୁ ଆଗ୍ରହ ଦେଖାଇଲା ନାହିଁ । ମୁଁ ବି ପୁଞ୍ଜା ପୁଞ୍ଜା ଝିଅ ପୁଅ ଦେବାନେବା କରି ଥକି ଯାଇଥିଲି । ଘରେ କେହି ସେମିତି ସ୍ତ୍ରୀ ଲୋକ ନାହିଁ ଯେ, ପୁଅ ପାଇଁ ଝିଅର ସନ୍ଧାନ ରଖିବ । ଯାହାର ବାହା ତାର ମନେ ନାହିଁ ତେବେ ସାଇ ପଡ଼ିଶା (ମୋର)ର ନିଦ କାହିଁକି ନ ହେବ । ପୁଅର ଯଦି ଆଗ୍ରହ ନାହିଁ ମୋ ମୁଣ୍ଡ କାହିଁକି ବଥାଇବ । ଅନ୍ୟ ତିନିହେଁ ମୋତେ ଯିମିତି ସାହାଯ୍ୟ କରିଥିଲେ ଏ ସେମିତି ଖୋଜୁ, ଆଖି ପକାଉ, ଯୋଗାଡ଼ କରି ମତେ କହୁ । ତେବେ ଯାଇ ମୁଁ ବାଡ଼ି ବଟୁଆ ଧରି ବାହାରିବି । କନ୍ୟା ଖୋଜା ବା ବର ଖୋଜା କାମ ଯାହା ମୋର ହେବାର ହୋଇଯାଇଛି । ପୁଅ ଭଲା ଷ୍ଟେଟ୍ ବେଙ୍କର ବା ଗ୍ରାମ୍ୟବେଙ୍କର କିରାଣି ନ ହେଲେ ଚାକର ଚପରାଶି ହୋଇଥାନ୍ତା ବା ଷ୍ଟିଲ ପ୍ଲାଣ୍ଟର ମାଳୀ ମେହେନ୍ତର ହୋଇଥାନ୍ତା । ଯେତେ ଫାଷ୍ଟ କ୍ଲାସ ଏମ୍.ଏ., ଏମ୍. ଫିଲ, ପି.ଏଚ୍.ଡ଼ି. ହେଲେ ବି ଲେକ୍ଚରଙ୍କ ଯୁଗ ନାହିଁ । ସେଦିନ ଆମ ବି.ଡ଼ି.ଓ ଜଣେ ପୋଲିସ ହେଡ଼ କନେଷ୍ଟବଳଙ୍କୁ ମୋଟର ସାଇକେଲ, ଟେଲିଭିଜନ, ଗଡ୍ରେଜ ଆଲମାରୀ, ସୋଫାସେଟ୍, ଭିସିଆର ଛଡ଼ା ବିପୁଳ ଗହଣାଗଣ୍ଠି ଧନ ସଂପତ୍ତି ସହିତ ଝିଅକୁ ଦେଇ ନିଜକୁ ଧନ୍ୟ ମଣିଛନ୍ତି ଓ ପ୍ରତିଦିନ ଭାରଯୋର ପଠାଉଛନ୍ତି ଜିପ୍‌ରେ ।

କାଳକ୍ରମେ ଏ କୋଡ଼ପୋଛା ପୁଅଟି ପ୍ରବ୍ଲେମ ହୋଇ ଛିଡ଼ା ହେଲା । ପ୍ରଥମ ତିନି ଜଣ ସ୍ୱାଧୀନତା ପୂର୍ବ ଯୁଗର ପୁଅ । ଏ ପିଲାଟି ସ୍ୱାଧୀନତା ପରର ତଥା ଯୁବ କଂଗ୍ରେସ ଯୁବ ଜନତା ଆଦି ଯୁବ ରାଜନୀତି ଦଳ ସୃଷ୍ଟି ପରର; ସିନେମା (ନଗ୍ନ) ଭିସିଆର, ଟେଲିଭିଜନ ଯୁଗର, 'ସୁର-ସଙ୍ଗମ' ଦୋକାନ ଯୁଗର, ହାସିସ୍ ନିଶା ଟେବ୍‌ଲେଟ୍

Digitized by srujanika@gmail.com

ଓ ହିରୋଇନ ଯୁଗର । ସଂସର୍ଗଜାଃ ଦୋଷ ଗୁଣାଃ । କେତେ ଦିନ ପିଲାଝିଲାଙ୍କୁ ଘର ଭିତରେ ବନ୍ଦ କରି ରଖିବ ?

ଜାଣିଲି, ଶୁଣିଲି, ଦେଖିଲି, ପୁଅ କ୍ରମେ କ୍ରମେ ବେଶି ବେଶି ବେଆଡ଼ିଆ ବେବାଗିଆ ହେବାକୁ ଯାଉଛି । ବାପ ପୁଅର ଦେଖାସାକ୍ଷାତ ବିରଳ ହେଉଛି । ମନ ଖୋଲା ଛାତି ଖୋଲା କଥାବାର୍ତ୍ତା ହସକୌତୁକ କମିଯାଇଛି; ଭାବ ବିନିମୟ ପ୍ରାୟ ନାହିଁ । ଏକାସନ ଏକଶଯ୍ୟା ଏକତ୍ର ଭୋଜନ କଥା ଛାଡ଼ । ମାନସିକ ଦୁଶ୍ଚିନ୍ତା ଆସିଲା, ଅତିଷ୍ଠ ହେଲି । କାମରୁ ଫେରି ମିନିଟିଏ ଘରେ ରହିବ ନାହିଁ । ବୁଲେଟ୍ ଗୁଡ୍ର ଗୁଡ୍ର କରି ବଜାରକୁ ବାହାରିଯିବ । ଘରେ ଖାଏ ନାହିଁ, ଚାଟ ଚାଇନିସ୍ ଖାନା, ଫରେନ୍ ଡ୍ରିଙ୍କସ, କ୍ଲାବ୍, ଚେସ୍, କ୍ରିକେଟ ଆଦି ଭିତରେ ସବୁ ବେଳେ ବୁଡ଼ିଥାଏ । ପୂର୍ବ ପୁରୁଷଙ୍କ ସମସ୍ତ ଅଭିଶାପ ନେଇ ଜନ୍ମିଛି ମୋ ଜୀବନକୁ ଜାଳିପୋଡ଼ି ମାରିବାକୁ; ତାର ମାଆର ଅତୃପ୍ତ କାମନା ବାସନାକୁ ନେଇ ମୋର ଭୂତ ଭବିଷ୍ୟତ ବର୍ତ୍ତମାନକୁ ହସି ଉଡ଼ାଇ ଦେବାକୁ । କେଡ଼େ ସଂସ୍କୃତିମୟ କୁଳୀନ ବଂଶର କି ଅଧଃପତନ ! ଯାହାକୁ କହନ୍ତି ବଂଶ ନାଶ ବେଳକୁ ଘୋଡ଼ା ମୁହାଁ ।

ନା, ନା, ଧୈର୍ଯ୍ୟର ଗୋଟେ ସୀମା ଅଛି । ଆଉ ଢ଼ିଲା ମୋ ପକ୍ଷରେ ଚଳିବ ନାହିଁ । ସିଏ ମୋତେ ଆଗଉ ନାହିଁ ଯେ; ମୁଁ ବାଧ ହୋଇ ଏଥର ଆଗେଇବି; ଯାହା, କାହା କେସ୍‌ରେ ମୋତେ କରିବାକୁ ପଡ଼ି ନଥିଲା । ଜେନେରେଶନ ଗେପ୍ ସାଙ୍ଗକୁ କମ୍ୟୁନିକେଶନ ଗେପ୍ । ମୋତେ ଚିଡ଼େଇବା ପାଇଁ ଗୋଟାଏ ବାଜେ ସିନେମାରୁ ଥରକୁ ଥର ସୁସୁରି ବଜାଇ ଗୀତ କଳିଟାଏ ଗାଉଛି "ବାହା ହେବ୍‌ବି ନାହିଁ, ବାହା ମୁଁ ହେବ୍‌ବି ନାହିଁ ।" ଯମିତି କି ସିଏ ବାହା ନହେଲେ ମୋର ଦୁନିଆଁ ଭୁଷୁଡ଼ି ପଡ଼ିବ ।

ଆମ ଘରକୁ ବୁଲାବୁଲି କରିବା ପାଇଁ ଗୁଡ଼ାଏ ମାଆ ତାଙ୍କ ଝିଅଫିଅ ଧରି ଆସନ୍ତେ ବା ଲିଜର ପିରିଅଡ଼୍‌ରେ ଦଳେ କଲେଜ ଝିଅ ହସଖୁସିରେ କଥାବାର୍ତ୍ତା ହୋଇ ଆମ ଘର ପାଖ ଦେଇ ଯାଆନ୍ତେ । କାହିଁକି ବା କେହି ଆସିବେ ? ଏ ଘର ତ ଭୂତ ଘର । ବର ତ ଘରେ କସ୍ମିନ୍ କାଳେ ନଥାଏ । ଘରେ ମାଆ ଭଉଣୀ ମାଉସୀ ବୋଲି କେହି ନାହାନ୍ତି । ଏ ବୁଢ଼ାଟାକୁ ଦେଖାସାକ୍ଷାତ କରିବାକୁ ଆସୁଛି କିଏ ?

ଏଣେ ପୁଅକୁ ତିରିଶ ହେଲାଣି; କେହି କେବେ ତା ବୟସ ପଚାରିଲେ ମୋତେ ସତେଇଶି ଅଠେଇଶି ବୋଲି କହିବାକୁ ପଡୁଛି । ମୋର ନିଜ ଅବସ୍ଥା ପାଚିଲା ପତର ଆଡ଼କୁ ଯାଉଛି; କେତେବେଳେ ଟୁକ୍‌କରି ଝଡ଼ିପଡ଼ିବି । ଗୋଟାଏ କାମ ବାକି ରଖିଦେଇ ବୁଢ଼ା ଚାଲିଗଲା ବୋଲି କହିବାର ସୁଯୋଗ ନିଜ ପିଲାଝିଲା ବନ୍ଧୁବାନ୍ଧବ ଚାନ୍‌ସ୍ ପାଇବେ । ତା ଭାଇଭଉଣୀ ମୋ ଝିଅଜୋଇଁ ଅବା ସାହାଯ୍ୟ କରିବାକୁ ବାହାରି ପଡ଼ନ୍ତେ । ସେମାନେ ସମସ୍ତେ ତାଙ୍କ କୁନି ଭାଇଟିର ଗୁଣଗ୍ରାମ ପ୍ରକୃତି ବିକୃତି ବେଶ୍ ଜାଣିଛନ୍ତି । କାହିଁକି ହଟାହଟାରେ ପଡ଼ିବେ ?

ଯେତିକି ଦିନ ଗଡ଼ି ଚାଲିଛି ସେତିକି ବେଶି ବେଶି ମୁଁ ହୃଦୟଙ୍ଗମ କରୁଛି ବିବାହର

Digitized by srujanika@gmail.com

ଜୀବନରେ ଆବଶ୍ୟକତା ବିଷୟରେ, ବିଶେଷ କରି ମାତୃହୀନ ପିଲାର ଅଚଷା ଜୀବନକୁ ମସୃଣ ଓ କୋମଳ କରିବା ବିଷୟରେ । ନାରୀ ଜାତି ସଂପର୍କରେ ପୁରାଣରେ ପିତାମ୍ବର ଦାସ ମେନକା ମୁହଁରେ ବିଶ୍ୱାମିତ୍ରଙ୍କ ପ୍ରତି ଯେଉଁ ଦୀର୍ଘ ଭକ୍ତିରେ ନାରୀର ମହିମା ଗାଇଛନ୍ତି ମନେପଡ଼ିଲା । ଏଇ ନାରୀ ପାଇଁ କୁଆଡ଼େ ସୃଷ୍ଟି ଆଦଯାତ ହେଉଛି । ମୁଁ ଶେଷ ନିଷ୍ପତ୍ତିରେ ପହୁଞ୍ଚିଲି, ମୋର ଏ ପୁଅକୁ କେହି ଯେବେ ମଣିଷ ଅବସ୍ଥାକୁ ଫେରାଇ ବେବାଗିଆ ଗୁଣ ଛଡ଼ାଇ ତଳୁ ଉପରକୁ ଉଠାଇ ପାରିବ ସେ ହେଉଛି ଝିଅଟିଏ । ତାର ସ୍ତ୍ରୀ, ମୋର ସାନ ବୋହୂ । ଏମିତି ଗୋଟାଏ ଝିଅ ଥିଲା ଯେ ମୋ ଛେଛେ ବାପା, ବାପା ଅଧା ସହର ଅଧା ମୋଫସଲ ଅତି ଶିକ୍ଷିତ ଅର୍ଦ୍ଧଶିକ୍ଷିତଙ୍କ ଭିତରେ ମେଳ ଆଣି ଜାତିବଂଶ ସମୁଜ୍ଜଳ କରି ପାରିଥିଲା, ସେ ମୋ ମାଆ ।

ବାପା ବାହା ହୋଇଥିଲେ ସହରତଳି ଏକ ଗାଁରେ । ପୂଜକ ବ୍ରାହ୍ମଣଙ୍କ ଶାସନରେ । ମାଆର ବୟସ ଛଅ କି ସାତ ।

ବାପା କହିବାର ଶୁଣିଛି ସେ ଘୋଡ଼ାରେ ଚଢ଼ି ବାହା ହେବାକୁ ଯାଇଥିଲେ । ପ୍ରକୃତରେ ସେ ଚଢ଼ି ନଥିଲେ, ତାଙ୍କର ତିନି ଶଳା ଦଳଖିଆ ଗୋଟିଏ ଟଟୁ ଘୋଡ଼ାକୁ ପୋଖରୀ ହୁଡ଼ାରୁ ବାନ୍ଧି ଆଣି ବାପାଙ୍କୁ ଜୋର୍ ଜବରଦସ୍ତ ତା ପିଠିରେ ବସାଇଥିଲେ । ଘୋଡ଼ାର ଜିନ ଲଗାମ ହୁଦା କିଛି ନଥିଲା । ଅଜାଗାରେ ଯେଉଁ ଘାଆ ହେଲା ସେ ଜୀବନଯାକ ଦେଖି ନଥିଲେ କି କାହାକୁ ଦେଖାଇ ପାରିନଥିଲେ । ପୁନର୍ବିବାହ ବେଳକୁ ମାଆ ଆମ ଘରକୁ ଆସିଲାବେଳେ ସାଙ୍ଗରେ ବାଉଁଶର ପେଡ଼ିଟିଏ ଓ ଗୋଟିଏ ଛୋଟ କାଠ ବାକ୍ସ ସଂପତ୍ତି ଆକାରରେ ଆଣିଥିଲା । ଏତେ କାନ୍ଦୁଥିଲା ଯେ ଛେଛେବାପା ତାକୁ କାନ୍ଦୁରୀ ନାଆଁ ଦେଇଥିଲେ ।

ଛେଛେବାପାଙ୍କୁ ଲୋକେ କୃପଣ କହୁଥିଲେ । ବ୍ୟଙ୍ଗବିଦ୍ରୂପ କରି ଗାଁର ଶିବୁ ଧୋବା ନିମ୍ନ କବିତାଟି ଛେଛେଙ୍କୁ ଲକ୍ଷ୍ୟ କରି ବାନ୍ଧିଥିଲା ଯାହା ମୁଁ ନିଜେ ସାନବେଳେ ଶୁଣିଛି ଏବଂ ଏଯାକେ ମନେ ରଖିଛି । ଭଞ୍ଜୀୟ ରୀତିର ରଚନାଟି ନିରକ୍ଷର ଧୋବା ଏହିପରି ରଚନା କରିଥିଲା ।

ନନା ଏ କି ବିବେଚନା; '
ଚାରିଆଉଁ କଲ ଉଣା;
ପୁତ୍ର ପୁର୍ନବିଭାଘର
କଲ ନନା ଫଗୁଣର
ଉଣିଶେ ଏକ ତାରିଖ—
ଶୁଭେ ମଙ୍ଗଳ ରଚନା ।
ଅଇଲା ନବମ ଭାର—
ଭାର ବିଧିରେ ଅଠର,

Digitized by srujanika@gmail.com

ସେ ଭାର ଦ୍ରବ୍ୟ କି ହେଲା
ଦେଖିତେ ହେଲା ସପନା ।
ବିଦେଶୀ ବସି ଆଶାରେ,
ରାତି ପାହିଲା ପିଣ୍ଡାରେ,
ରାତି ପାହୁଁ ନ ପାହୁଣ
ଚଳିଲା ଦିଗ ଦକ୍ଷିଣା ।

ହରିଆ ନନା, ବୁଦ୍ଧି ଥାଉଁ ଥାଉଁ ଏ କି ବିଚାର ବିବେଚନା କଲ । ଯେଉଁ ନଅ ଭାର ମିଠେଇ ଆସିଥିଲା ତାହା ପ୍ରକୃତରେ ଅଠର ଭାର ସଙ୍ଗେ ସମାନ । ଅଥଚ, ଆଶାରେ ରାତିଯାକ ତୁମ ପିଣ୍ଡାରେ ବସି ସବାଙ୍କୁ ଭୋକ ଉପାସରେ ଗାଁ ମୁହାଁ ହେଲି ।

ପ୍ରସଙ୍ଗକ୍ରମେ ବାପାଙ୍କ ବାହାଘର ସହିତ ମୋ ନିଜ ବାହାଘର ଚୁମ୍ବକରେ କହିଦିଏଁ । ମୋ ସମୟରେ ଗାଁରେ ଦଳେ ବୋହୂ ଖୋଜାଳି ଥିଲେ । କହିଦେଲା ମାତ୍ରେ ସେମାନେ ଚୁଡ଼ାମୁଢ଼ି ବାନ୍ଧି ଗାଁ ଗାଁ ବୁଲି ବିଶେଷ କରି ଧଳକୂଇଁ, ସିଂହକୂଇଁ, ସଢ଼େଇକଳା, ବାହାଡ଼ାଗୋଡ଼ା, ଝାଡ଼ଗାଁ ଆଡ଼େ ବାହାରି ଯାଉଥିଲେ; ପୁଅମାନଙ୍କ ପାଇଁ ଝିଅ ଯୋଗସୂତ୍ର ଖଞ୍ଜୁଥିଲେ । ଏଇଟା ସେମାନଙ୍କ ପେଶା ବେଉସା ନୁହେଁ, ସଉକ । ପୁଣ୍ୟକାମ, ଦାୟଗ୍ରସ୍ତ ପିତାମାତାଙ୍କୁ ଉଦ୍ଧାର କରିବା । ଗାଁର କ୍ଷେତ୍ର ଓଡା, କୃଷ୍ଣ ମିଶ୍ର, ଅନନ୍ତ ଷଡ଼ଙ୍ଗୀଙ୍କ ପରି ଦୀର୍ଘାକାର ପୁରୁଷ ଶୁଭ ପଇତା କାନ୍ଧରେ ପକାଇ ନାଲି କୋଠି କୋଠିକା ଅଠର ପଇସିଆ ଗାମୁଛା ପକାଇ ଦିଗଦଗନ୍ତ ପଦବ୍ରଜରେ ବରକନ୍ୟା ଖୋଜାଖୋଜି ଅପୂର୍ବ ଉତ୍ସାହରେ କରନ୍ତି । ଫେରିଆସି ପୋଖରୀ ହୁଡ଼ାରେ ସୁଲୁସୁଲିଆ ପବନରେ ବସି ବର୍ଣ୍ଣନା କରନ୍ତି କନ୍ୟା କିମିତି ଗୋଟିଏ ଚାଉଳରେ ଗଢ଼ା (ଦବାନବା କଥା କ୍ୱଚିତ୍ କହନ୍ତି) ମାଂସରେ କିମିତି କପାଫୁଟ ପରି ଚର୍ବି ଭାସୁଥିଲା, ପିମ୍ପୁଡ଼ି ବାସ ଚାଉଳର ଭାତରେ କେତେ ପଜା ସଦ୍ୟ ମରା ହୋଇଥିବା ଗୁଆଘିଅ ଦେଇଥିଲେ ଆଦି । ତା' ସାଙ୍ଗକୁ କେଉଁ ନଈରେ ପୋଖରୀ ହୁଡ଼ାର ଶିମୁଳି ଗଛରେ ବ୍ରହ୍ମରାକ୍ଷସ, ଡାହାଣୀ ପିତାଶୁଣୀ ନଙ୍ଗଳା ହୋଇ ଠିଆ ହୋଇଥିଲେ ।

ମୋ ପାଇଁ ସେମାନେ ଯାହାକୁ ବାଛିଥିଲେ ସେ ବି ଗୋଟିଏ ଚାଉଳରେ ଗଢ଼ା । ବୟସ୍କା, ଏଗାର ଯାଇ ବାର ପଶୁଛି । ସେ ବାହାଘର ଭାଂଗିଗଲା କାରଣ ତାଙ୍କ ତରଫରୁ ପୁଅ ପସନ୍ଦ ହେଲାନାହିଁ, ମୁଁ ଲୁଙ୍ଗି ପିନ୍ଧୁଥିବାରୁ । ସେମାନଙ୍କୁ ଆଉ ଗାଁ ଗଣ୍ଡା ବୁଲିବାକୁ ହେଲା, ମୁଁ ଲୁଙ୍ଗି ପିନ୍ଧୁଥିବାରୁ ଏବଂ ନିଶ ରଖିଥିବାରୁ । ସେମାନଙ୍କୁ ଆଉ ଗାଁ ଗଣ୍ଡା ବୁଲିବାକୁ ହେଲାନି । ମୋରି ଗାଁଆରେ ଝିଅ ମୋ ପାଇଁ ଥିଲା । ସେଇ ଝିଅଟିକି ଦିନେ ପୋଖରୀ ଯିବା ବାଟରେ ଲଙ୍ଗଳା ହୋଇ ବାଲିଘର ଖେଳୁଥିବାର ଦେଖିଥିଲି । ଘରକୁ ଆସି ମାକୁ କହିଲି "ମା ଗୋ ! ତାଙ୍କ ଘର ଝିଅଟା ଏନେ ଅପରିଚ୍ଛନ୍ନ ତାକୁ କେହି ବାହା ହେବେନି । କି ବିଡ଼ମ୍ବନା, ତାକୁଇ ମତେ ବାହା ହବାକୁ ପଡ଼ିଲା । ଯେଉଁ ବାହାଘର ଭାଙ୍ଗିଗଲା ସେ କନ୍ୟାଟିର ଗୋଟିଏ ଗୋଡ଼ ଛୋଟ ଥିଲା । ବାହା ହେବାର ଦୁଇବର୍ଷ

Digitized by srujanika@gmail.com

ପରେ ସେ ଝିଅଟି ବିଧବା ହେବାର ମୁଁ ଶୁଣିଲି ।

ମୋ ବାପା ବାହା ହୋଇଥିଲେ ଛଅ ବର୍ଷର କନିଆଁ, ମୁଁ ବି ବାହାହେଲି ସେଇ ଛଅ ବର୍ଷିଆକୁ ଯେ ଶାଢ଼ୀ ଛୁଆ ପିନ୍ଧି ଜାଣେନି । ବାପା ଘୋଡ଼ାରେ ଚଢ଼ି ବାହା ହୋଇଥିଲେ । ମୁଁ ଶଗଡ଼ରେ ବସି ବାହା ହେବାକୁ ଯାଇଥିଲି, ନିଜେ ଶଗଡ଼ ଚଳାଇ (ଦେଶୀ ଜିପ୍ ! ବ୍ରେକ୍ ନାହିଁ, ବେଲ୍ ନାହିଁ) । କନିଆଁ ପାଇଁ ସୁଆରୀ । ନିଘୋଡ଼ ନିଦରେ କନିଆଁ ଲଙ୍ଗଳା ହୋଇ ଶୋଇଥାଏ, ମତେ ଲାଜରେ ଲୁଗା ଢଙ୍କାଇବାକୁ ପଡ଼େ । ମାଆ ଯିମିତି ନିରକ୍ଷର ଏ ବି ସିମିତି । ସମୁଦୁଣୀଙ୍କ କଥାରେ ଏଇ ଝିଅ ଆମ ହାଣ୍ଡିରେ ଚାଉଳ ପକାଇଥିଲା । ଦୁହିଁଙ୍କ ରାଜଯୋଟକ । ହେଲେ ହାଣ୍ଡିରେ ଚାଉଳ ଅଧା ଅଧାବୟସରେ ମତେ ଛାଡ଼ିଦେଇ ଚାଲିଗଲା ସେ ।

ମୋ ପୁଅ ପାଇଁ ଝିଅ କଥାକୁ ଏଥର ଫେରି ଆସୁଛି । ଯେତେ ଦିନ ଗଡ଼ିଯାଇଛି ସେତେ ସେତେ ମୋ ଘର ମଇ ଦିଆ ହୋଇଯାଇଛି । ଜଣାପଡୁଛି ଆମେ ଘରେ ନ ରହି ହୋଟେଲରେ ରହୁଛୁ । ନାରୀର କାଉଁରୀ କାଠି ଅଥବା ଛାଞ୍ଚୁଣି ସ୍ପର୍ଶ ଅଭାବରେ ବାପ ପୁଅ ଦିହେଁ ମନୋଭାବରେ ରୁକ୍ଷ ଓ କଠିଣ ଓ ଅନମନୀୟ ହେବାରେ ଲାଗିଛୁ । ପୁଅକୁ କିମିତି ଲାଗୁଥାଏ କେଜାଣି ମୋତେ ପରିବେଶ ଓ ବାୟୁମଣ୍ଡଳ ଅସହ୍ୟ ଲାଗୁଥାଏ ।

ଦିନେ ଶନିବାର ସନ୍ଧ୍ୟାରେ ବର୍ଷା ଯୋଗୁଁ ପୁଅ ସିନେମା ଯାଇ ନ ପାରି ଘରେ ରହି ରେଡ଼ିଓ କଣ୍ଠା ମୋଡ଼ାମୋଡ଼ି ଘୂରାଘୂରି କରୁଥାଏ । ଟିକିଏ ଦୃଢ ଓ ସଂକଳ୍ପବଦ୍ଧ ହୋଇ ଚେୟାର ପାଖ ଖଟ ଉପରେ ବସି ପଚାରିଲି "ବାବା ! ଆଉ କେତେକାଳ ଏମିତି ଏକେଲା ହୋଇ ରହିବୁ ? ତୋର ସାଙ୍ଗଗୁଡ଼ାକ ଗୋଟାକୁ ଗୋଟା ତତେ ଛାଡ଼ି ଅନ୍ୟ ରାସ୍ତା ଧରିଲେଣି । ତୁ କେତେ ଦିନ ସେମାନଙ୍କ ଘରକୁ ଉପହାର ନେଇ ଥରକୁ ଥର ବାହାରୁଥିବୁ; ସେମାନଙ୍କୁ ଥରେ ଚାନ୍‌ସ ଦେ, କ'ଣ କିଛି ଧରି ଆମର ଘରକୁ ଆସନ୍ତୁ ଏବଂ ମୁଁ ବି ତୋ ସହିତ ଚାନ୍‌ସ ପାଏଁ ଶ୍ରୀ... ଅନୁରୋଧ କରୁଅଛି କି ଆପଣ ସପରିବାର... । ଏଥର ତୁ ଟିକିଏ ଆଗକୁ ବାହାରି ମତେ ସାହାଯ୍ୟ କର । ନିଜକୁ ଯଦି କଷ୍ଟ ହେଉଛି ମତେ ଅନୁମତି ଦେ ମୁଁ ଦେଖାଦେଖି କରେ ଯଦିଓ ତୋର କୌଣସି ଭାଇ ଭଉଣୀ କେସ୍‌ରେ ମୁଁ ଆଗୁଆ ହୋଇନାହିଁ । ମୋତେ ସିଧା ସଳଖ କହି ଦେ ତୁ ବାହା ହବୁ କି ନାହିଁ ।"

ପୁରୁଣା ସିନେମା ଗୀତର ସ୍ୱର ଧରି ସେ ଗାଇଲା "ବାହା ହେବ୍‌ବି ନାହିଁ । ବାହା ନହେଲେ ମୋର ସିମିତି କିଛି ବିଶେଷ ଅସୁବିଧା ନାହିଁ; ଅନ୍ୟ ଭାଇମାନେ ବାହା ହେଇଛନ୍ତି, ପିଲାଝିଲା ପଇଦା କରିଛନ୍ତି; ବଂଶ ବୃଦ୍ଧିବା ପ୍ରଶ୍ନ ନାହିଁ । ତୁମେ ମୋ ବାହା ପାଇଁ ଏତେ ବ୍ୟସ୍ତ ହେଉଛ କାହିଁକି ? ଶଙ୍କରାଚାର୍ଯ୍ୟ, ବିଧାନ ରାୟ ଆହୁରି କେତେ କେତେ ବଡ଼ ଲୋକ ପୂର୍ବେ ଏବେ ଅବାହା ହୋଇ ରହିଥିଲେ, ଏବେ ବି ହଜାର ହଜାର ରହୁଛନ୍ତି ବିନା ବାହାରେ । ବାହା ମୁଁ ହେବ୍‌ବି ନାହିଁ ।"

Digitized by srujanika@gmail.com

ଘଣ୍ଟାଏ କାଳ ବାହାଘର ସପକ୍ଷ ବିପକ୍ଷରେ ଯୁକ୍ତି ତର୍କ ବାଦାନୁବାଦ ଚାଲିଲା । ମୁଁ ଯେତେଯେତେ ବାହାଘର ସପକ୍ଷରେ ଯୁକ୍ତି ବାଢ଼ିଲି ସେ ସେତେ ସେତେ ବଳିଷ୍ଠ ଯୁକ୍ତି ପ୍ରମାଣ ବିପକ୍ଷରେ ଉପସ୍ଥାପନା କଲା । ଏ ଭିତରେ ମୁଁ ତା ଭାଇଭଉଣୀମାନଙ୍କ ପାଖରୁ ଗଣ୍ଡେ ଦି ଗଣ୍ଡା ଚିଠି ପାଇଲିଣି ଯହିଁରେ ସେମାନେ ମୋତେ ଉପଦେଶ/ଆଦେଶ ଦେଉଛନ୍ତି ତୁରନ୍ତ ଆଉ କାଳ ବିଳମ୍ବ ନ କରି ସାନର ବାହାଘର ସାରିବା ପାଇଁ । ସେମାନେ ଆର୍ଥିକ ଓ ଅନ୍ୟ ସାହାଯ୍ୟ ପୃଥକ୍ ପୃଥକ୍ ବା ଏକାଠି ଲୁଟି ଯୋଗାଇବେ ।

ଅବଶେଷରେ ବହୁ ତର୍କବିତର୍କ ପରେ ଟାଣୁଆ ଅବସ୍ଥାରୁ ନମନୀୟ ଅବସ୍ଥାକୁ ଆସି Complex ଗୁଡ଼ାକୁ ସାମାନ୍ୟ ପରିପ୍ରକାଶ କରି ସେ କହିଲା, "ମତେ କେହି ବାହା ହେବେନି, ମୁଁ ତ ବୁଢ଼ା ହେଲିଣି; ମୋତେ କେହି ଝିଅ ଦେବେନି କାରଣ ମୁଁ ଫେଲ କମ୍ପାନୀକା ନକଲି ମାଲ, ଚେହେରା, ବେଶବସନ, ଗୁଣଗ୍ରାମ ଦେଖି ଖୁସି ହୋଇ ଲୋକେ ମତେ ଝିଅ ଟେକି ଦେବେ ! ହଁ ବେଙ୍କ୍ କିରାଣୀ, ଚପରାସି ହୋଇଥାନ୍ତି, କଥା ନଥାନ୍ତା । ମୋର ରହିବା ପାଇଁ ଘର ନାହିଁ, ଭଡ଼ା ଘରରେ ରହିବି, Wife କୁ ପିନ୍ଧିବା ପାଇଁ, ଘିନିବା ପାଇଁ ଲୁଗାପଟା ଗହଣାଗାଣ୍ଠି ଦେଇପାରିବି ନାହିଁ । ମୋର ଯାହା Style ବା ଷ୍ଟାଣ୍ଡାର୍ଡ଼ ସେଥିରେ ମୁଠାଏ ଖାଇ ବଞ୍ଚିବାକୁ ହେଲେ ଅତି କମରେ ପନ୍ଦରଶ । ଯେଉଁ ସ୍ତରରେ ରହି ବଢ଼ି ଆସିଛି ତା ତଳକୁ ଖସିବି କିପରି ? ସିଧା କଥା ମୁଁ wife ପୋଷି ପାରିବିନି, ବାହା ହେବ୍‌ବି ନାହିଁ ।"

ମନେମନେ ଭାବୁଥାଏ ଅତିବେଶୀ democracy ଯିମିତି ଦେଶ ପକ୍ଷରେ ଭଲ ନୁହେଁ, ସିମିତି ବିବାହ ବିଷୟରେ ପିଲାଝିଲାଙ୍କୁ ଅତିବେଶୀ ନରମ ପନ୍ଥା ଧରି ସ୍ୱାଧୀନତା ଦେବା ଉତ୍ତମ ନୁହେଁ । ପଟ୍ଟନାୟକ ବାବୁ ତାଙ୍କ ଲେକ୍‌ଚାରାର ପୁଅକୁ ଏମିତି ପରିସ୍ଥିତିରେ ପଡ଼ି ତାଙ୍କ ମନ ମାଫିକ ଗୋଟାଏ ଝିଅକୁ ଆଣି ଗୋଟାଏ ଘରେ ପୁଅ ଝିଅଙ୍କୁ ଆଠ ଦିନ ରଖିଦେଲେ । ପୁଅର ଜିଦ ଓ ବେଆଡ଼ିଆପଣ ଉଭେଇ ଗଲା । ଦଶଦିନ ରାତିରେ ବାହାଘର ହେଲା ଏବଂ ଦୁହେଁ ସୁଖରେ ରହିଲେ ।

କହିଲି "ଆରେ ବାବା ! ତୁ ଯଦି ଦୈବାତ୍ ପୋଷି ନ ପାରିଲୁ ମୋର କଣ କିଛି ନାହିଁ ? ପୁଅ ଜନ୍ମ କରିଛି ମୋର ତ ତୋତେ ପୋଷିବାର କିଛି ଦାୟିତ୍ୱ ଅଛି । ଦରକାର ପଡ଼ିଲେ ତିନିତିନିଟା ରୋଜଗାରିଆ ଭାଇ ଅଛନ୍ତି । ଆମେ ସମସ୍ତେ ମିଶି ବୋହୂ ଗୋଟାକୁ ପୋଷିପାଳି ପାରିବା ନାହିଁ ? ତୁ ସେ ସବୁ ଚିନ୍ତା କରନି । ଆଗେଇଯା, ମାଡ଼ିଯା ।"

"ବାପା ! ସବୁ Marriage ଗୁଡ଼ା ଆଜିକାଲି failure ହେଉଛି, ଦେଖି ପାରୁନ । ଘରର ପରିବାରର ଯାବତୀୟ ଅଶାନ୍ତି ଅସୁଖ ଏଇ ବାହାଘର ପାଇଁ ।" ପୁଣି ସିନେମା ଗୀତର ସୁର ଧାରି ଗାଇଲା "ଆଜିକାଲି ଝିଅ ନକଲି ।"

"ତୁ ଚୁପ୍‌କର । ଅସଲିନକଲି ଆମେ ବୁଝିବା । ହଜାର ହଜାରରୁ ତୁ ଯଦି ଗୋଟେ ବାଛି ନ ପାରିବୁ ତେବେ ତୋର ଦୁର୍ଭାଗ୍ୟ । ତୋର Specifications,

Digitized by srujanika@gmail.com

guidelines ମୋତେ ଦେଇଦେ । ତୁ ଖୋଜ, ମୁଁ ବି ଖୋଜେଁ, ଦିଜଣ ହୋଇ ଗୋଟାଏ ଭଲ ଝିଅ ପାଇବା ନାହିଁ ?''

ପୁଅ କହିଲା– ''ରାଜି । ତୁମରି ଆନନ୍ଦ, ସୁଖ ପାଇଁ ତୁମ ଆତ୍ମାର ଶାନ୍ତି ପାଇଁ ମୁଁ ରାଜି ହେଲି । କିନ୍ତୁ ମୁଁ ଯାହା ଚାହିଁବି, ମାଗିବି ତାହା ତୁମକୁ ଦେବାକୁ ହେବ । ଚାରି ପାଞ୍ଚୋଟି ସର୍ତ୍ତରେ ମୁଁ ବାହା ହେବି । ଗୋଟିକର ବ୍ୟତିକ୍ରମ ହେଲେ ଚଳିବ ନାହିଁ, ଚଳିବ ନାହିଁ । ଶୁଣ, ମୋର ପ୍ରଥମ ସର୍ତ୍ତ ଝିଅ, ଟୀନ୍–ଏଜର ହୋଇଥିବ । ଉଣିଶ ହୋଇପାରେ, କୋଡ଼ିଏ କଦାପି ନୁହେଁ ।''

ସାମାନ୍ୟ ବିରକ୍ତ ହୋଇ କହିଲି ''ତୁ ନିହାତି ଅସମ୍ଭବ absurd ରୁ କଥା ଆରମ୍ଭ କରୁଛୁ; କାହାର ଝିଅ ଏତେ ଶସ୍ତା ଅଲୋଡ଼ା ହୋଇଛି ଯେ ତୋ ପରି ଏକ ବୁଢ଼ା ପୁଅକୁ ଡାକି ନେଇ କହିବ 'ନିଅ ବାବା ! ମୋର କୁନିକି, କଣ୍ଢେଇକି ଖେଳାଖେଳି କରିବ ।'' ତୋର ନିଜର ବୟସ କେତେ ହେଲାଣି ହିସାବ ରଖିଛୁ ? ହେଲା ତୋ କଥା; ଅତିବେଶୀ ହେଲେ ଦି'ଜଣଙ୍କ ବୟସର ଫରକ ଦଶରେ ରଖିବା । ବାପାଙ୍କର, ମୋର, ତୋର ଉପର ଭାଇର ସେଇ ଦଶବର୍ଷ ଫରକ ଥିଲା । ତୋର ବତିଶକୁ ଝିଅର ବାଇଶ ହେଉ ।''

ପୁଅ କହିଲା ''ଟୀନଏଜ''ରେ ଆଖି ରଖିବ । ଦ୍ୱିତୀୟ କଥା ହେଲା ଝିଅ ଚାକିରି କରିନଥିବ, ମାଷ୍ଟରିଆଣୀ ହେଇନଥିବ । ନ ହେଲେ ମୋତେ ପ୍ରତିଦିନ ତାକୁ ସ୍କୁଲକୁ କି ଅଫିସକୁ ନେବା ଆଣିବାକୁ ପଡ଼ିବ । ଝିଅ ବେଶି ପାଠ ପଢ଼ି ନଥିବ, ମାଆ ତ କ୍ଲାସ ଫାଇଭ୍ ପଢ଼ି କେତେ କଣ ନକଲା । ପରୀକ୍ଷାରେ ଫେଲ ହୋଇଥିଲେ ଆହୁରି ଭଲ । କେବେ ମତେ ଗାଳିଦେଇ ପାରିବ ନାହିଁ 'ତୁମେ ତ ଫେଲ ହୋଇଥିଲ, ମୁଁ ପାସ କରିଛି ।'' ଧନୀଘର ଝିଅ ହୋଇ ନଥିବ । Economic independence ବିରୁଦ୍ଧରେ ମୁଁ । ପାଖରେ ପଇସା ଥିଲେ ମତେ under ରେ ରଖିବ, ଉଠେଇବ ବସେଇବ ।'' ଆଧୁନିକ ପୁଅର ଝିଅ ପ୍ରତି attitude ଲକ୍ଷ୍ୟକରି ମୁଁ ଚୁପ୍‌ଚାପ୍ ଛିଡ଼ା ହୋଇଥାଏଁ ।

ଅନ୍ୟାନ୍ୟ ସର୍ତ୍ତାବଳୀ ସକାରଣ ଏହିପରି; ଝିଅ ଗୋରୀ ହବନି, ମୁଁ ନିଜେ ମାଗୁରବନିଆ । କଳାଗୋରା ଭେଦ ଆସିଯିବ । ଅତି ପାଖ ବା ଅତି ଦୂର ଝିଅ ନୁହେଁ, ପାଖ ହେଲେ ସାମାନ୍ୟ ତକରାଳ ମନୋମାଳିନ୍ୟ ହେଲେ ବାପ ଘରକୁ ଧାଇଁବ । ଦୂର ହେଲେ ମୁଁ ତାକୁ ବାରମ୍ବାର ଆଣିବାକୁ ଖର୍ଚ୍ଚ ପୋଷାଇବ ନାହିଁ । ଧନୀ ଘର ଝିଅ ନୁହେଁ, ଯଉତୁକ ଅଣାଯିବ ନାହିଁ । ମୁଁ କାହାରି ଘରଜୋଇଁଆ ହେବିନାହିଁ । ବେଦୀଖର୍ଚ୍ଚ, ରାସ୍ତା ଖର୍ଚ୍ଚ ନାଆଁରେ କିଛି ଅଣାଯିବ ନାହିଁ ଝିଅଘରୁ । ବୋନସ ପଏଣ୍ଟ ଆକାରରେ (ଅଳ୍ପହସି ସେ କହିଲା) ଶାଢ଼ିଟିଏ ଥିବ; ଅଙ୍ଗାତାମସା ରଙ୍ଗରସ ପାଇଁ ।

ପଏଣ୍ଟ ପରେ ପଏଣ୍ଟ ବାଢ଼ି ଚାଲିଥିଲା ବେଳେ ମୁଁ ଆଁ କରି ଚାହିଁଥାଏ ଏବଂ ସେ ଆଁ କ୍ରମେ କ୍ରମେ ବଢ଼ି ଚାଲିଥାଏ । ମୁଁ ଭାବୁଥାଏଁ କିଏ ସେ ଝିଅ ମେଦିନୀରେ ଅଛି ଯେ

Digitized by srujanika@gmail.com

ସମୁଦ୍ରଣୀଙ୍କ ଭାଷାରେ ଆମ ଘରେ ହାଣ୍ଡିରେ ଚାଉଳ ପକାଉଛି । ଆହୁରି ଭାବିଲି ଯୁଧିଷ୍ଠିର ଓ ବଗ ଉପାଖ୍ୟାନ, Riddle of the sphinx କଥା, ଏପରି କି ବଙ୍ଗାଳୀ ଢ଼ଗ "ଜୀବ ନେଇଁ ଜନ୍ତୁ ନେଇଁ ଦିବାରାତ୍ର ଚଲେ, କି ହେନ ପଦାର୍ଥ ଆଛେ ବଲ ଭୂମଣ୍ଡଲେ ।" ଢ଼ଗଢ଼ମାଳିର ରହସ୍ୟ ଫେଡ଼ିବା ସହଜ, କିନ୍ତୁ ପୁଅ ଯେଉଁ ଝିଅ କଥା କହୁଛି ତାକୁ ପାଇବା ଆଦୌ ସମ୍ଭବ ନୁହେଁ ।

ନୂଆ ନୂଆ ଭାବ ଧାରଣା ଆଇଡ଼ିଆ ଆଦର୍ଶ, କଲେଜ କ୍ଲାସରୁମ, ସିନେମା ଟେଲିଭିଜନ ଭିସିଆର, ରାଜନୀତି ଓ ଗୁଲିଖଟିମାନଙ୍କୁ ନେଇ ଜୀବନର ଏକ ସମସ୍ୟାରେ ପ୍ରୟୋଗ କରି ଏକ all important ସମସ୍ୟାରେ ପ୍ରୟୋଗ କରି ଏକ ବିଭ୍ରାଟ ସୃଷ୍ଟି କରିବାକୁ ଯାଉଛି । ଏପରିକି ପରିବାରର ସର୍ବନାଶ କରିବାକୁ ଯାଉଛି । ହୁଏତ ତାର ମଥା ବିଗିଡ଼ି ଗଲାଣି । ନହେଲେ ତାର ଯାହା ଯାହା ଏକାନ୍ତ ଆବଶ୍ୟକ ତାକୁ ବର୍ଜନ କରିବାକୁ ବାହାରିଛି କାହିଁକି ? ଯେଉଁ କ୍ଷେତ୍ରରେ ଅନ୍ୟ ପୁଅମାନେ ବିବାହରୁ ସମସ୍ତ ସୁଯୋଗ ଏକରିକି ଫାଇଦା ଉଠାଇ ସୁଖସନ୍ତୋଷରେ ରହି ବଂଶୋଜ୍ଜ୍ୱଳ କଲେଣି, ସେ କ୍ଷେତ୍ରରେ ସମସ୍ତଙ୍କଠୁଁ ଅଧମ ହୋଇ ଅଧମାଧମ ହେବାକୁ ଚାହୁଁଛି କାହିଁକି ? ତାର ଗହଣାଗାଣ୍ଠି, ଟଙ୍କା ପଇସା, ଜମିଜାଗା ରୋଜଗାରିଆ ସ୍ତ୍ରୀ ଦରକାର ନାହିଁ, ଏପରିକି ସୁନ୍ଦରୀ ସ୍ତ୍ରୀ ବା ଜାନିଯୌତୁକ ଦରକାର ନାହିଁ । ଯାହାକୁ କହନ୍ତି ପାରଭର୍ଟ (Pervert), ଭାବିଛି ବାହାଘରକୁ ଏକ ଆଦର୍ଶ କରିବ, ନାଆଁ କମେଇ ଏବଂ ଅପଦାର୍ଥ ସାଙ୍ଗସାଥି ଏପରିକି ଖବରକାଗଜ ବାଲା କହିବେ 'ବାଃ ବାଃ ! ବିଶ୍ୱଜିତ ଖଣ୍ଡେ କାମ କଲା ।"

ବିରକ୍ତ ହୋଇ ଆଉ ଗୋଟିଏ ଦୁଇଟା ସର୍ତ୍ତ ଯୋଡୁଥିଲି । ଝିଅ ଯିମିତି ସ୍ୱାମୀଙ୍କୁ ମଦ ଗଞ୍ଜା ପରଶି ପାରିବ ବିରିଆନି ସହିତ, ସ୍କୁଟର ନିଜେ ଚଳାଇ ସ୍ୱାମୀଙ୍କି ପଛରେ ବସାଇ ନବ ସିନେମା ସୋ'କୁ । ସ୍ୱାମୀର ସମସ୍ତ କୁକ୍ରିୟା ନିଜ ଗୁଣରେ କ୍ଷମା କରିବ । ବାଞ୍ଝ ରହିବାକୁ ପସନ୍ଦ କରିବ ଏବଂ ସଂନ୍ଧ୍ୟା ସକାଳେ ପର୍ବ ପୁନେଇରେ କ୍ଲବ, ପାର୍ଟିକୁ ଯିବାକୁ ସ୍ୱାମୀଙ୍କୁ ବସେଇ ଉଠେଇ ଦବନି ।

ଯୋଡ଼ାଏ ତ୍ରିଭୁଜକୁ ମେଳ ବା ସମାନ (ସର୍ବତୋଭାବେ ନ ହେଲେ ମଧ୍ୟ) କରିବା ପାଇଁ ମୌଳିକ ଆବଶ୍ୟକତା ଗୁଡ଼ିକ ଜଣା ପଡ଼ିଗଲା ପୁଅର ଯୁକ୍ତିତର୍କ ଓ ସର୍ତ୍ତାବଳୀରୁ । କୋଣ, ରେଖା ତିନି ତିନି ହେଲେ ତ୍ରିଭୁଜ ଦୁଇଟି ସମଦ୍ୱିବାହୁ ସମକୋଣୀ ହେଉ ନ ହେଉ ମେଳ ଆଣିବାରେ ଅସୁବିଧା ହେବନି । ପୁଅ ଝିଅ made for each other ହୁଅନ୍ତୁ ନ ହୁଅନ୍ତୁ ମୋର ନିତାନ୍ତ ଦରକାର ସାନ ପୁଅ ସାନବୋହୂର ଗୁଡ଼ାଏ ପିଲାଝିଲା କାରଣ ପୂର୍ବ ତିନି ଭାଇରେ ମାତ୍ର ଯୋଡ଼ିଏ ପିଲା ।

ଯାହା ହେଉ ପୁଅର ମନ ଜାଣି ପାରି ଦ୍ୱିଗୁଣ ଉତ୍ସାହରେ ପୁଅ ପାଇଁ ଖୋଜା ଆରମ୍ଭ କଲି । ପୂର୍ବରୁ ଚାରିବର୍ଷ ଧରି ମୁଁ ଯେ ନିଷ୍କ୍ରିୟ ଥିଲି ତାହା ନୁହେଁ । ସେ ଚେଷ୍ଟା ଏକକ । ଏଥର ମୋତେ ଜଣାଗଲା ଯିମିତି ଈଶ୍ୱରଙ୍କ ସୃଷ୍ଟିରେ କେବଳ ବିବାହ ଯୋଗ୍ୟ

Digitized by srujanika@gmail.com

କନ୍ୟା ଅଛନ୍ତି । ଯେତେ ସୁନ୍ଦରୀ ହେଲେ ବି ଯାହା ସୁନ୍ଥାରେ ସିନ୍ଦୂର ଲାଗିଛି ସିଏ ମୋର ଦର୍ଶନୀୟା ନୁହେଁ । ଆଖି ଆପେ ଆପେ ସେମାନଙ୍କ ପାଖରୁ ଫେରି ଆସେ । ଶର ପରୀକ୍ଷାରେ ଅର୍ଜୁନ ଯିମିତି କେବଳ ଚଢ଼େଇର ଆଖି ଦେଖିଲା ପରି ମୁଁ ଖୋଜୁଛି ସେଇଟିକି ଯେ ମୋରି ପୁଅ ପାଇଁ ଝିଅ ହୋଇପାରିବ ।

ଝିଅ ମିଳିବା ହାଟ ହେଲା ସ୍କୁଲ କଲେଜ ବିଶେଷତଃ ଖାଲି ସ୍କୁଲ ଓ ମହିଳା କଲେଜ । ଟୀନଏଜ୍ ଝିଅ ପାଇଁ ସ୍କୁଲ ଆଡ଼କୁ ବି ଆଖି ପକାଇବା ଦରକାର ଭାବି ଶ୍ୱଶୁର ଯଦି କଲେଜ ଅଧ୍ୟାପକ, ଅଧକ୍ଷ ବା ହେଡ଼ମାଷ୍ଟର ହୋଇଥିବେ ତେବେ ଘର ଘର ବୁଲି କନ୍ୟା ସନ୍ଧାନ କରିବା ହୁଏତ ଦରକାର ହୋଇ ନପାରେ ।

ପ୍ରଥମ କନ୍ୟା ଦେଖା ଅଭିଯାନଟି ପୁଅର ସାଙ୍ଗମାନଙ୍କ ତରଫରୁ ଆୟୋଜିତ ହୋଇଥିଲା । ଏକ ସନ୍ଧ୍ୟାର ଘଟଣା । ପୁଅର Boss ତାଙ୍କ ପତ୍ନୀ, ମୋ ପୁଅ ଓ ତାର ତିନି ସାଙ୍ଗ ଚାକିଚୁକି ହୋଇ ଏକ ଆମ୍ବାସାଡ଼ାର ଗାଡ଼ିରେ ବେଉଳ ସାହିରେ ଏକ କନ୍ୟା ଘରକୁ ଗଲୁଁ । ପୁଅ ଯାଇଛି ସାଙ୍ଗମାନଙ୍କ ପ୍ରବର୍ତ୍ତନାରେ । ନିମ୍ନ ମଧ୍ୟବିତ୍ତ ଘର । ଆନନ୍ଦ ଉତ୍କଣ୍ଠା ମଧ୍ୟରେ ପ୍ରଚୁର ଜଳଖିଆ ଓ ବଡ଼ ବଡ଼ ମିଠା ଖାଇ ସାରିବା ପରେ ପାତ୍ରୀ ଚା' ନେଇ ଆସିଲା କଲେଜ ପଢୁଆ ଝିଅ ସିମିତି ଲକ୍ଷଣୀୟ ଡରଭୟ ଲାଜ ସରମ ନ ଦେଖାଇ । ପାତ୍ରୀ ଦେଖିଲୁଁ, ଏମିତି ସେମିତି ଏଣୁ ତେଣୁ କେତେ ମାମୁଲି ପ୍ରଶ୍ନ ପଚାରିଲୁ । ପୁଅ କିଛି ପଚାରି ନାହିଁ । ସେ ଝିଅକୁ ନଜର କେତେବେଳେ କରିଛି ବୋଲି ମଧ ମୁଁ ଦେଖିନାହିଁ । ଝିଅ ଆମ ପ୍ରଶ୍ନର ଉତ୍ତର ଦେଲା ଯିମିତି କଲେଜରେ ସାର୍‌ମାନଙ୍କୁ ଦିଏ, ଅନାଗ୍ରହରେ । ଆମେ ଫେରି ଆସିଲୁ ବାଟରେ ପାତ୍ରୀ ସଂପର୍କରେ କିଛି କଥାବାର୍ତ୍ତା ନ କରି । ଯେ ଆଦର ଅଭ୍ୟର୍ଥନା କରି ଆମକୁ ନେଇଥିଲା ସେ ବି ଆମ ମତି ଗତି ଦେଖି ଚୁପ୍ ରହିଲା । "ପରେ ଆପଣଙ୍କୁ ଜଣାଇବୁ, ଧନ୍ୟବାଦ ।" ଏ ଇଣ୍ଟରଭିଉରୁ ଏତିକି ଫଳ ହେଲା ଯେ, ପୁଅ ରୋକ୍‌ଠୋକ୍ କହିଦେଲା ସେ ଆଉ କସ୍ମିନ୍‌କାଳେ ଦଳବଳ ନେଇ ଝିଅ ଦେଖିବାକୁ ଯିବନି । ତାକୁ କନ୍ୟାର ଦୟନୀୟ ଅବସ୍ଥା ଭାରି ବାଧିଲା । ଗୁଡ଼ାଏ ଲୋକ କଟମଟ କରି ଝିଅକୁ ଚାହୁଁଥିବେ, ନାନା ପ୍ରଶ୍ନ ପଚାରୁଥିବେ, ଏସବୁ ନିନ୍ଦନୀୟ, କ୍ରୂର, ଏପରିକି ଜଘନ୍ୟ ପ୍ରଥା ।

ନିଷ୍ପତ୍ତି ହେଲା ଏଣିକି ପୁଅ ଝିଅ ଦେଖିବ ନାହିଁ । ପ୍ରଥମେ ଝିଅର ଫଟୋ ଦେଖିବ । ଫଟୋ ଦେଖି ଯଦି ମନକୁ ପାଇଲା, ପସନ୍ଦ ହେଲା ତେବେ ଭାଇଭଉଣୀ ଭାଉଜମାନେ ଦେଖିବେ । ବାପା ବୁଢ଼ା, ତାଙ୍କ ଆଖି ଠିକ୍ ଦେଖିପାରିବ ନାହିଁ । ସିଧାସଳଖ ନିର୍ବନ୍ଧ ଏବଂ ବାହାଘର ।

ଅତଏବ ଫଟୋ ଦରକାର । ପ୍ରତିଦିନ ଡାକରେ, ହାତେ ହାତେ ଫଟୋ ଚାରିଆଡୁ ଆସିବାକୁ ଆରମ୍ଭ କଲା । କେତେ କେତେ ଲୋକଙ୍କ କେତେ କେତେ ଝିଅ, କେତେ କେତେ ରୂପର । ରଙ୍ଗ ବାରି ହୁଏ ନାହିଁ ଫଟୋରୁ । ବିଶେଷ କରି ରଙ୍ଗୀନ ଫଟୋରୁ ।

Digitized by srujanika@gmail.com

ବାଟରେ ଘାଟରେ, ନାଟରେ ଯେଉଁଠି ଯେଉଁ ଝିଅକୁ ଦେଖିଲି ତାର ଫଟୋ ସଂଗ୍ରହ କଲି । କଲେଜମାନଙ୍କୁ ଯାଇ କିରାଣୀମାନଙ୍କୁ ହାତ କରି ଏଡ୍‌ମିଶନ ଫର୍ମମାନଙ୍କରୁ ପାସପୋର୍ଟ ଛବି ଛିଣ୍ଡାଇ ଭଲ ଭଲ ସ୍ୱଜାତି ଝିଅଙ୍କ ଫଟୋ ଆଣିଲି । ଶୁଣି ଖୁସି ହେଲି ପୁଅ ସ୍ୱଜାତିରୁ ବାହା ହେବ; Intercaste ଆଡ଼କୁ ଯିବାକୁ ଆଗ୍ରହୀ ନୁହେଁ । ପିତୃ ପୁରୁଷଙ୍କୁ ପିଣ୍ଡରୁ ବଞ୍ଚିତ କରିବ ନାହିଁ ।

ଘରଯାକ ଫଟୋ । ଏଲବାମ୍‌ରେ, ବହି ଭିତରେ, ଟେବୁଲ ଉପରେ, ଶାର୍ଟ କୋର୍ଟ ପକେଟରେ । ଫଟୋ ପରେ ଫଟୋ, ଫଟୋ ତଦୁପରି । ଅଫିସ୍‌ରୁ ମୁକୁଳିବା ପରେ ଫଟୋ ଦେଖା କାମ ଆରମ୍ଭ ହୁଏ । ଟେରେଇ ବଙ୍କେଇ ଏପଟ ସେପଟ କରି ଚାହିଁ ସେ ଫଟୋ ଦେଖେ; କେଉଁଟାକୁ ପସନ୍ଦ କରେ ନାହିଁ, ଆଖି ନାକ କାନ ଗାଲ ବେକ ଛାତି ଆଙ୍ଗୁଳି କପାଳ କେଉଁଠି ନା କେଉଁଠି defect ରହିଯାଏ । କିନ୍ତୁ ଖାଲି ଛବିର ଦୁନିଆଁରେ ସେ ରହେ । ପତ୍ରପତ୍ରିକାରୁ ସିନେମା ଝିଅଙ୍କ ଛବି ବି ଦେଖେ ଏବଂ ତୁଳନା କରେ ଗୋଟାକ ସହିତ ଆଉ ଗୋଟାକୁ । କେବଳ ତାର ଗୋଟିଏ କର୍ମରେ ଅଧିକାର ଛବି ଦେଖାରେ, ଫଳରେ ନୁହେଁ ।

"କିରେ, ଗୋଟାଏ ଅଧେ ପସନ୍ଦ ହେଲା ? ଶହ ଶହ ହଜାରରୁ ଗୋଟାଏ ବାଛି ପାରିଲୁ ନାହିଁ ! ମାସ ମାସ ବର୍ଷ ବର୍ଷ ବିତିଗଲା, ଆଉ କେତେ ଦିନ ଏ dialatory tactice ଚାଲିଥିବ ? ଆଇନାରେ ନିଜ ମୁହଁକୁ ଦେଖ, ଆଖି ତଳକୁ ଚାହଁ । କପାଳ ରେଖାଗଣ, କାନ ମୂଳରେ ଗୋଟାଏ ଅଧେ ଧଳା ହେଲାଣିକି ଦେଖ । ତୁ ଯିମିତି ବାଛୁନୁ ଝିଅମାନେ ଧର ତୋତେ ସିମିତି ଦେଖିବେ, ବାଛିବେ ଏବଂ ଶୁଣିବେ ଏବଂ ସୁର ଧରି ତୋର ପରି ଗାଇବେ 'ବାପା ମୁଁ ହେବ୍‌ବି ନାହିଁ ବାହା ।"

ପୁଅ ଶୁଣିଲା ଭର୍ତ୍ସନା, ଉତ୍ତର ଦେଲା ନାହିଁ । ପୁଅର ଫଟୋ ଦେଖାରେ ବିରତି ନାହିଁ କି ମୋର ଫଟୋ ଯୋଗାଇବାରେ ବିଶ୍ରାମ ନାହିଁ । ମାସେ ଦୁଇମାସ ଛଅ ମାସ ଏପରି କି ବର୍ଷେ ଚାଲିଗଲା । ମୋର ଥକ୍‌କା ଓ ବିରକ୍ତି ଆସିଲା; ତାର ବି ବିତୃଷ୍ଣା ଆସିଲା ଏ କର୍ମରେ । ଦିନେ କାହିଁକି କେଜାଣି ଖୁବ୍ ଚିଡ଼ିଯାଇ କହିଲା "ବାପା, ତୁମେ ଆଉ ଫଟୋ ଦେଖାଦେଖି କରନି କି କନ୍ୟା ଯୋଗାଡ଼ରେ ବୁଲନି । ତୁମର ଆଖିରେ ପରଳ ପଡ଼ିଲାଣି, ଭଲ ଦିଶୁନି ତୁମ ଆଖିକି । ମାଗଣା ଚକ୍ଷୁ ଚିକିତ୍ସା କେନ୍ଦ୍ର କଲେଜ ମାନଙ୍କରେ ଗଣ୍ଡା ଗଣ୍ଡା ଖୋଲୁଛି ! ସେଇଠି ତୁମେ ଆଖି ଅପରେସନ କରାଅ; Successful ହେଲେ କନ୍ୟା ଦେଖା, ଫଟୋ ଦେଖା ପୁଣି ଆରମ୍ଭ କରିବ । ମୁଁ ଆଶ୍ଚର୍ଯ୍ୟ ହେଉଛି ତୁମେ କେଉଁଠାରୁ ଏ ଯାକେ ଗୋଟେ ବି ମୋ ମନ ମାଫିକ ଝିଅ ପାଇଲନି ! ଏସବୁ ତୁମକୁ ମିଳୁଛନ୍ତି କେଉଁଠୁ ?" ଏମିତି କଠୋର ମନ୍ତବ୍ୟରେ ମୁଁ ଏକାବେଳକେ ବୀତସ୍ପୃହ ହେଲି ଏବଂ ପ୍ରାୟ ଭାଙ୍ଗି ପଡ଼ିଲି ।

ତଥାପି ପୁଅ ଉପରେ ରାଗିମାଗି ମାନ ଅଭିମାନ କରି କେତେ ଦିନ ଅଲଗା

Digitized by srujanika@gmail.com

ରହିବ । ଅବଶେଷରେ ଦିନେ ମନେ ମନେ ସୁନ୍ଦରୀ ଓ ସ୍ୱାସ୍ଥ୍ୟବତୀ ଝିଅଟିଏ ଦେଖି ତାର ଫଟୋ ଆଣି ପୁଅ ହାତକୁ ସିଧା ନ ବଢ଼ାଇ ସେ ଦେଖିବା ଭଳି ସ୍ଥାନରେ ଟେବୁଲ ଉପରେ ଥୋଇଦେଲି । ଭାବିଲି ଏଇଟା ନିଶ୍ଚୟ ତା ପସନ୍ଦକୁ ଆସିବ । ଫଟୋରେ ଝିଅର ପ୍ରକୃତ ରୂପ ପ୍ରତିଫଳିତ ନ ହେଲେ ମଧ୍ୟ ଯେ କେହି ଦେଖିଦେଲେ କହିବ, "ବାଃ, ଝିଅଟି ବେଶ୍ ସୁନ୍ଦର ତ !" ଟେବୁଲ ଉପରୁ ନ ଉଠାଇ ପୁଅ ଦେଖିଲା ଫଟୋଟି । କାନ୍ଥବାଡ଼କୁ ଶୁଣେଇ ତାର ପ୍ରତିକ୍ରିୟା ପ୍ରକାଶ କଲା ଏଇ ଭାଷାରେ "ବାପା ଏ ଝିଅକୁ ଆଣିଛନ୍ତି ମୋ ପାଇଁ ନା ତାଙ୍କ ନିଜ ପାଇଁ !"

ମୁଁ ପ୍ରତିଜ୍ଞା କଲି ଭଗବାନଙ୍କ ନାଁ ନେଇ ଏ ପାଜି ପାଇଁ ଜୀବନରେ ଆଉ କେବେ କନ୍ୟା ଖୋଜିବି ନାହିଁ । କଣ ସବୁ ଅକଥା କୁକଥା କହିଯାଉଛି, ଲିବାର୍ଟି ଫ୍ରିଡ଼ମ ଦେଲି ବୋଲି । ବକଟେ ପୁଅ ମତେ ନାକେଦମ୍ କରିଦେଲାଣି । ପୁଅ ଝିଅମାନଙ୍କୁ ଲେଖି ଦେଲି "ଏଥର ତୁମେ ସବୁ ଝିଅ seriously ଦେଖାଦେଖି ନ କରିବ ତ ବଂଶରେ ଗୋଟିଏ କଳଙ୍କ ରହିଗଲା । ମୋ ପସନ୍ଦ କୌଣସି ଝିଅ ତାର ପସନ୍ଦ ହେବ ନାହିଁ ।"

ଫଟୋ ଦେଖାଦେଖି ଝିଅ ଦେଖା ଦେଖି କାଳରେ ଯୋଡ଼ିଏ ତିନୋଟି ଉଲ୍ଲେଖନୀୟ ମର୍ମନ୍ତୁଦ ଦୁର୍ଘଟଣା ଘଟିଗଲା । ଗୋଟିଏ ମହିଳା କଲେଜରେ ଯୋଡ଼ିଏ ବ୍ରାହ୍ମଣ ଝିଅ ଦେଖି ମନେମନେ ଭାବିଲି ପୁଅର ଏଥର ଆଉ ରକ୍ଷା ନାହିଁ । ଏ ଦୁଇରୁ ଗୋଟାକୁ ସିଏ ନିଶ୍ଚୟ ନେବ । କିନ୍ତୁ ଉଭୟ କେସ୍‌ରେ କନ୍ୟା ଦେଖା କଣ କନ୍ୟାର ଫଟୋ ଦେଖା ପର୍ଯ୍ୟନ୍ତ କଥା ଆଗଲେ ପାରିଲାନି । ପ୍ରଥମ ଝିଅଟି ସବୁ ଦୃଷ୍ଟିରୁ ଆକର୍ଷଣୀୟ, ଏତେ ସୁନ୍ଦରୀ, ସ୍ନେହୀ ସୋହାଗିନୀ ଯେ ପୁଅର ସମସ୍ତ ବିରୋଧ ଏଡ଼ାଇ ମୁଁ ତାକୁଇ ବୋହୂ କରିବାର ନିଷ୍ପତ୍ତି ମନେ ମନେ ନେଇଥିଲି । ସମୁଦି ସମୁଦ୍ରଣୀଙ୍କୁ ନ ଦେଖି ନ ପଚାରି ଝିଅ ପାଖରେ ସବୁ ଫାଇନାଲ୍ କରିବା ଅଭିପ୍ରାୟରେ ଥାଏଁ । ଜଣା ପଡୁଥିଲା ଝିଅଟି ମୋର ଛାତ୍ରିକା; ପ୍ରତିଦିନ ମୋ ପାଖକୁ ଆସେ ଏବଂ କ୍ଲାସକୁ ପଢ଼ାଇବା ପାଇଁ ଆଗଚଲା ହୋଇ ଆସି ଡାକିନିଏ । କ୍ରମେ ତା ସହପାଠିନୀମାନେ ହିଂସୁକା ହୋଇ କହନ୍ତି, ସାର୍‌ଙ୍କର ଗେହ୍ଲି ଝିଅ, ଗେହ୍ଲି ବୋହୂ । ଜନୈକା ଅଧ୍ୟାପିକା ଜରିଆରେ ଝିଅର ବାପର ଠିକଣା ନେଇ ପ୍ରସ୍ତାବ ପକାଇଥିଲି । "ଝିଅ ଯଦି ହଁ କରୁଚି ଆମର ଆପତ୍ତି ନାହିଁ" ବୋଲି ସେମାନେ କହିଲେ ମଧ୍ୟ । ସେମାନେ ଖୁବ୍ ଆଧୁନିକ ଦମ୍ପତି ବୋଲି ତାରିଫ୍ କଲି । ମୋତେ ଆଉ ଆଗେଇବା ଦରକାର ପଡ଼ିଲାନି । ଛୁଟି ଯେଉଁଦିନ ହେବ ସେ ଗଛରେ ଦଉଡ଼ି ଦେଇ ଆତ୍ମହତ୍ୟା କଲା । ପୋଷ୍ଟମର୍ଟମରେ ଜଣାପଡ଼ିଲା ଆତ୍ମହତ୍ୟାର କାରଣ । ତା ପେଟରେ କୁଆଡ଼େ ପିଲା ଥିଲା ।

ଦୁଇ ନମ୍ବର ମୋର 'ଚଏଶ' (ମେରି ପସନ୍ଦ) କଥା କହୁଛି । ଏବେ ବି ମୁଁ ତାର ମାଂସଳ ବେକର କଣ୍ଠି ହାର ଦେଖି ପାରୁଛି । ଖୁବ୍ ଚିପା ପୋଷାକ ପିନ୍ଧେ । ସାମାନ୍ୟ ବଙ୍କା ଭ୍ରୂଲତା, ବିସ୍ଫାରିତ ଆଖି । ଝିଅଟିକୁ ସେକ୍ସପିଅର ବିଏଡ୍ରିଶକୁ କହିଲା

Digitized by srujanika@gmail.com

ଭଳି କହିବି "The very forward march chick" କେତେ ଦିନର କଥାବାର୍ତ୍ତା ମିଳାମିଶା ପରେ ଦିନେ ଏକାନ୍ତେ ଝିଅକୁ ପଚାରିଲି "କିରେ ଝିଅ ! ମୋ ପୁଅକୁ ବାହା ହବାରେ ତୋର ଆପତ୍ତି ଅଛି ?" ସେ ହଁ କହିଲା । କେତେଦିନ ପରେ ପୂର୍ବ ଝିଅକୁ ଲକ୍ଷ୍ୟ କରି କହିଲା ଭଳି ଯାକୁ ଚିଡ଼େଇଲେ ତାର ଭାବଭଙ୍ଗୀ ଚାଲିଚଳନ ଦେଖି, "ଡଲି ସାର୍‌ଙ୍କ ସାନ ପୁଅକୁ ବାହାହବ ବୋଲି ଡେଉଁଛି ।" ଝିଅ ଗାଁକୁ ଗଲି, ବାପାମାଆଙ୍କୁ ସବୁ କଥା କହିଲି । ସେମାନେ ବେଶ୍ ଆଦର ଅଭ୍ୟର୍ଥନା କଲେ, ମତେ ଭାବି ସମୁଧି ହିସାବରେ ନୁହେଁ, ଝିଅର ଉପସ୍ଥିତ ପ୍ରିନ୍‌ସିପାଲ ରୂପେ । କହିଲେ "ଆମେ ଗରିବ ଲୋକ, ଏଡ଼େ ବଡ଼ ଘରେ ଝିଅ ଦେଇ ଆମେ ଚଳିପାରିବୁ ନାହିଁ ।" କେତେ ଦିନ ପରେ ଖବରକାଗଜରୁ ଜାଣିଲି ସକାଳୁଆ କଲେଜ କେନାଲ କୂଳ ଦେଇ ଫେରୁଥିବା ବେଳେ କିଏ ଜଣେ ଅଧୋଡ଼ା ଟ୍ରକ୍ ଡ୍ରାଇଭର ଝିଅକୁ ହରଣଚାଲ କରି ନେଇଗଲା । ଏ ଯାକେ ତାର ପତ୍ତା ମିଳିନି ।

ଏଇ ଦୁଇଟି ଦୁର୍ଘଟଣା ପାଇଁ ମୁଁ ବହୁତ ଦୁଃଖ କଲି ଏବଂ ଥରେ ଥରେ ଭାବିଲି ମୋର ହତଲକ୍ଷ୍ମୀ ପୁଅ ପାଇଁ ବୋଧହୁଏ ସେ ଦୁଇ ଝିଅଙ୍କ ଦୁର୍ଗତି ଘଟିଲା । "ମା ଲୋ ମା ! ଯେଉଁ ଡାଳକୁ ଯାଉଛି ସେଇ ଡାଳ ଭାଙ୍ଗୁଛି । ମୁଁ ଶନି ମହାଗ୍ରହ–ଯାହା ସଂସ୍ପର୍ଶରେ ଆସୁଛି ସେ ପୀଡ଼ା ଭୋଗୁଛି ।"

ମୋର ଝିଅ ଖୋଜା କାମରେ ଯେତେବେଳେ ଏ ପ୍ରକାର ଅଶୁଭ ପରିସମାପ୍ତି ଘଟିଲା, ସେତିକିବେଳେ ପୁଅ ଝିଅମାନେ ଆଗୁସାର ହେବେ ବୋଲି ଜଣାଗଲା । ତିନିପୁଅଙ୍କ ମଧ୍ୟରୁ ଦୁଇ ଜଣ ଭାଇ ବାହାଘର ନାଆଁ ଧଇଲେ ନାହିଁ । ଏ ଦୁର୍ବାରକୁ ବାଗକୁ ଆଣି ପାରିବେ ନାହିଁ ବା ସେମାନଙ୍କ କୌଣସି କଥା ବା ଉପଦେଶ ସେ ରଖିବ ନାହିଁ, କେବଳ ଅପଦସ୍ତ ହେବା ସାର ବୋଲି ସେମାନେ ନିରସ୍ତ ହେଲେ । ବଡ଼ ଝିଅ ବେଶ୍ ଭଲ ପ୍ରସ୍ତାବଟିଏ ଆଣିଥିଲା । ଝିଅ ଦିବ୍ୟ ସୁନ୍ଦର; କୋଡ଼ିଏ ପଚିଶ ଭରି ସୁବର୍ଣ୍ଣ ଗହଣା ଛଡ଼ା ଟେଲିଭିଜନ, ଗଡ୍ରେଜ ସେଟ୍ ସେ ଦେବେ । ଝିଅ ଏବେ ଏବେ ତା ପୁଅର ବାହାଘର ସାରିଛି । ପୁଅର ମୁଣ୍ଡକୁ ପଶିଲା ଏ ଝିଅଟା ବୋଧହୁଏ ତା ନାନୀର ପୁଅର rejected ମାଲ୍ । କହିଲା, ନାନୀ ଅପ୍‌ସରୀ ଆଣିଲେ ବି ନା କହିବି । ମୋର ବଦ୍ଧମୂଳ ଧାରଣା ସ୍ୱାଧୀନତା ପୂର୍ବରୁ ଯେଉଁ ପୁଅଙ୍କ ଜନ୍ମ ସେମାନେ ସ୍ୱାଧୀନତା ପରର ପିଲାଝିଲା ଠାରୁ ପ୍ରକୃତି ଆଚରଣରେ ସଂପୂର୍ଣ୍ଣ ପୃଥକ୍, ବିପରୀତ ମାର୍ଗର ।

ସାନଝିଅ ଜଗନ୍ନାଥ ଧାମରୁ ଆଉ ଗୋଟିଏ ଭଲ ଝିଅ ଯୋଗାଡ଼ କରିଥିଲା । ମୋର ଐକାନ୍ତିକ ଥିଲା ପୁରୀରୁ ବନ୍ଧୁବାସ କରିବା ପାଇଁ । ଫଟୋ ଆଣିଲୁଁ ଲୁଚାଚୋରାରେ । ଝିଅ ଲମ୍ବୀ, ତନୁପାତଳୀ । ଝିଅ ପଢୁଥିଲା ସାଇବାବା କଲେଜ, ଭୁବନେଶ୍ୱରରେ । ତାକୁ ଡକାଇ ଆଣି ଦେଖିଲୁଁ । ସାନ ଝିଅ ଟିକିଏ ଢ଼ିଲା ପ୍ରକୃତିର । ଫୁରସତ୍ ଅଭାବରେ ସିଆଡ଼େ ଜୋର ଦେଇ ପାରିଲା ନାହିଁ । କେତେ ମାସ ପରେ ପୁଣି ପୁରୀକୁ ଚାହିଁଲା ବେଳକୁ ଚଢ଼େଇ ଉଡିଯାଇଛି ।

Digitized by srujanika@gmail.com

ଏ ଯାକେ ବଡ଼ ପୁଅ ବଡ଼ ବୋହୂ ଦୂରରେ ଥିଲେ । ସାନ ଭାଇ ସାନ ଦିଅର କଥା ଦୁହେଁ ଆଦୌ ବୁଝୁ ନଥିଲେ କି ମୁଁ ଯେ କେତେ ନାକେଦମ ହେଲିଣି ପୁଅ ପାଇଁ ଝିଅ ଖୋଜିବାରେ ତାହା ଜାଣୁ ନଥିଲେ । ପ୍ରସଙ୍ଗକ୍ରମେ ଦିନେ ମୁହଁ ଖୋଲି ଦୁହିଁଙ୍କି ସବୁକଥା କହି କହିଲି 'ଦେଖ ବାବା ! ଜ୍ୟେଷ୍ଠ ଭ୍ରାତା ସମ ପିତା । ତୁମେ ଦୁହେଁ ତାର ବାପମାଆ । ସ୍ୱାଧୀନତା ପରର ଛୁଆ; ତା ଛଡ଼ା ବାଲ୍ୟରୁ ମାତୃହୀନ, ମୁଁ ଯାହା ଯିମିତି ଦେଖାଶୁଣା ତତ୍ତ୍ୱାବଧାନ ଯଥା ସମୟରେ ନେଇ ପାରିନାହିଁ ବହୁକୁଟୁମ୍ବୀ ହୋଇଥିବାରୁ । ତୁମେ ଦୁହେଁ ଯଦି ତା' କଥା ନ ବୁଝ ତେବେ ସେ ଉଚ୍ଛୁଡ଼ି ଯିବ । ଖୁବ୍ ଅମାନିଆ, ଜିଦ୍‌ଖୋର ହୋଇଗଲାଣି । ତା ଛଡ଼ା ନାନା ପ୍ରକାର ବଦଭ୍ୟାସ କଲାଣି । ଲୋକେ ଆମ ଘର ପିଲାକୁ ନାନା କଥା କହିବେ ଏଇଟା କଣ ବଂଶମର୍ଯ୍ୟାଦାରେ ଆଞ୍ଚ ଆଣିବନି ?'' ସେମାନେ କହିଲେ ''ଦେଖ ବାପା ! ଟିକିଏ ସମୟ ଲାଗିବ । ବୁଝିବିଚାରି କାମ କରିବାକୁ ପଡ଼ିବ । ଡେରି ହୋଇଗଲାଣି । ଆମର ପୂର୍ବର ଦୈନ୍ୟ ତ ଏବେ ନାହିଁ । ଆମର ସମାଜରେ Rank ଅଛି, Status ଅଛି । ମାନୁଛି, ବାହାଘର ଏକମାତ୍ର ତାର ଅବସ୍ଥାକୁ ସୁଧାରିଦବ । ହେଲେ ରୂପଗୁଣ ସଂପଦ ଦେଶ କାଳ ପାତ୍ର ଦେଖି ବିବାହ କରିବା ସମୀଚୀନ ହେବ । ଟିକିଏ ଥୟ ଧର । ଆମକୁ ମାସଟିଏ ସମୟ ଦିଅ ।'' ମୁଁ ଆଶ୍ୱସ୍ତ ହେଲି, ମୁଣ୍ଡ ହାଲୁକା ଲାଗିଲା । ପୁଅ ବାହାଘର ପରି ପିଲାଳିଆ ମାଇଚିଆ ଧନ୍ଦା ମୋତେ ଆଉ କରିବାକୁ ପଡ଼ିବ ନାହିଁ । ସେମାନେ ବୁଝନ୍ତୁ ।

ମାସେ ଯାଉଁ ନ ଯାଉଁଣୁ ଦିନେ ଟେଲିଗ୍ରାମ ଆସିଲା ''ଆସ ।'' ଏକାଗଲି, ପୁଅକୁ କିଛି ନକହି ଟେଲିଗ୍ରାମ ନ ଦେଖାଇ । ସହରରେ ପୁଅ ବୋହୂ ଅପେକ୍ଷା କରୁଥିଲେ । ଶୁଣିଲା ମାତ୍ରେ ପ୍ରସ୍ତାବଟି ଅତୀବ ଗ୍ରହଣୀୟ ବୋଧହେଲା ମୋତେ । ସବୁଠାରୁ ଭଲ ଜଣାଗଲା । ବନ୍ଧୁ ଦୃଷ୍ଟିରୁ ଏକାନ୍ତ କାମ୍ୟ । ଆମ ଅଂଚଳର ଲୋକ । ଝିଅର ବାପା ଅତି ଆତ୍ମୀୟ । କ୍ଲାସଫ୍ରେଣ୍ଡ କହିଲେ ଚଳିବ । ମାନ୍ୟଗଣ୍ୟ ବ୍ୟକ୍ତି; ରିଟାୟର୍ଡ଼ ଅଫିସର ମୋରି ପରି । ପୁଅ ବୋହୂଙ୍କ ଅତୀବ ପରିଚିତ କନ୍ୟାର ଭାଇଭଉଣୀ । ପୁଅ ବୋହୂ ପ୍ରସ୍ତାବର ଉତ୍କର୍ଷ ବିଷୟରେ ଯାହା ଭାବିଥିଲେ ମୋର ବି ସେଇୟା ମତ ଶ୍ରବଣ ମାତ୍ରେ ହେଲା । ଅଧିକନ୍ତୁ ପୁଅ ବୋହୂଙ୍କ ପ୍ରେଷ୍ଟିଜ ଇସୁ ଯେମିତି ସର୍ବପ୍ରଧାନ କନ୍ୟା ପିତା ଓ ପିତାଙ୍କ ଆଗ୍ରହ ସିମିତି । କନ୍ୟା ପକ୍ଷକୁ ତୁରନ୍ତ ବସନ୍ତ ଆଗମନ ବାର୍ତ୍ତା ଫୋନରେ ଜଣାଇ ଦିଆଗଲା । ସନ୍ଧ୍ୟା ସାତଟାରେ ସେମାନେ ଗାଡ଼ି ନେଇ ଆସି ଆମକୁ ନେଇଯିବେ ବୋଲି ସ୍ଥିର ହେଲା ।

ନିର୍ଦ୍ଧାରିତ ସମୟରେ ସେମାନେ ଆସି ମୋତେ ଓ ପୁଅ ବୋହୂଙ୍କୁ ନେଇଗଲେ ତାଙ୍କ କ୍ୱାଟର୍ସକୁ । ଆଦର ଅଭ୍ୟର୍ଥନା ଭୂରି ଭୋଜନର ତୁଳନା ନାହିଁ । ଯିମିତି ଆମେ ଜନ୍ମ ଜନ୍ମ ଧରି ଆତ୍ମୀୟ । ଝିଅ ହାତ ତିଆରି ବିବିଧ items ଅତୀବ ସୁସ୍ୱାଦୁ, ନୂତନତାର ପରିଚୟ ପ୍ରତିଟିରେ । ବାଗବଗିଚା, ଗାଡ଼ି, ଟେଲିଭିଜନ, ଝିଅ ମୁହଁରୁ ଓଡ଼ିଶୀ, ଭଜନ,

Digitized by srujanika@gmail.com

ଆଧୁନିକ ଶୁଣିଲୁଁ । ଝିଅ ଦେଖିଲି, ତିଳେ ଶଙ୍କା ନାହିଁ । ତାଙ୍କିତଙ୍କନ କଥାବାର୍ତ୍ତା ଏକାବେଳକେ ଫ୍ରି । ବାପ ମାଆ, ଭାଇ ଭାଉଜ ଭାବି ବୁଢ଼ା ଶ୍ୱଶୁର ଏପରିକି ଦେଢ଼ଶୁର ଯଦି ଆଧୁନିକ ହୋଇଥିବେ, ତେବେ ଆଗରେ କେଉଁ ଆଧୁନିକା ଝିଅ ସରମିତା ହେବ ? ଆଉ ଏମ୍ ହେପ୍‌ପି, ପୁଅବୋହୂ ହେପ୍‌ପି, ତାଙ୍କ ଘର ହେପ୍‌ପି, ସମସ୍ତେ ହେପ୍‌ପି, ଫଟୋ ନେବି କାହିକି ? ସମସ୍ତେ ତ ଝିଅକୁ ଏତେ ପାଖରେ ଏତେ ଅବସ୍ଥାରେ ଦେଖିଲୁଁ; ଗୁଣଗ୍ରାମ ମଧ ବେଶ୍ ଜାଣିଲୁଁ । କିମିତି କହିବି 'ଫନୀ ବାବୁ, ଝିଅର ଫଟୋଟିଏ ଦିଅନ୍ତୁ, ପୁଅ ମୋର ଦେଖିବ ।'' ଛି ଛି ଅଭଦ୍ରାମି ହବ ।

ପଚିଶ ତାରିଖ ନିର୍ବନ୍ଧ । ତା' ଆଗରୁ କାର୍ଯ୍ୟାନ୍ତରରେ ଦିଲ୍ଲୀ ଯାଇଥାଏ ଝିଅ ଛୋଇଁ ଘରକୁ । ଚାନ୍‌ସ ପାଇ ପାଞ୍ଚ ଛ'ଶ ଟଙ୍କା ଦେଇ ବନାରସୀ ଶାଢ଼ୀ କିଣିଲି । ବାରିପଦାରୁ ପରେ କିଣିଲି ମୁଦି । କଟକରୁ କିଣିଲି ଚେଲେଞ୍ଜର ସୁଟ୍‌କେଶ୍ । ଏ ସବୁ ନିର୍ବନ୍ଧ ପାଇଁ । ତା ଆଗରୁ ଘରର ସମସ୍ତଙ୍କର ବିଶେଷତଃ ଝିଅ ଛୋଇଁ ଅନ୍ୟାନ୍ୟ ପୁଅ ବୋହୂଙ୍କ approval ଦରକାର । ସେମାନେ ଝିଅ ଦେଖିଲେ ନିର୍ବନ୍ଧ ହେବ ଏବଂ ନିର୍ବନ୍ଧକୁ କାହାରି ଆସିବା ଦରକାର ନାହିଁ । ଏକା ମୁଁ ପୁରୋହିତ ବାରିକ ଧରି ସେ କାମଟି ସାରି ଦେବୁଁ ।

ଚିଠି ଚାରିଆଡ଼େ ଚାଲିଲା । ଲାଙ୍ଗୁଳା ନରସିଂହ ମହାରାଜା ଦେଉଳ ତୋଳିବେ । ସାତ ତାଳ ପାଣି ଭିତରେ । ଡାକରା ଗଲା ରାଜ୍ୟର ସବୁ ଶିଳ୍ପୀବର୍ଗଙ୍କୁ ! ଆସ କିଏ କେଉଁଠି ଅଛ । ''ଗିରି ଶୃଙ୍ଗ କାଟି କର ସମତଳ ସାଗର ଶୁଖାଇ ଦେଖ ରସାତଳ; ଧରାଚ୍ଛେଦୀ ଅଭ୍ରଭେଦୀ ତୋଳ ଶୃଙ୍ଗ ବରେଣ୍ୟ ।'' ଦିଲ୍ଲୀ, କଟକ, ଭୁବନେଶ୍ୱର, ରାଉରକେଲା, ମିଜୋରାମ, ପାନ୍ଥଡ଼ା, ବିଶ୍ୱନାଥପୁର, ସାଲେପୁରରୁ ଆସିଗଲେ ଶିଳ୍ପୀଗଣ । ନିର୍ବନ୍ଧ ପାଇଁ କନ୍ୟା ଦେଖିବା ଓ ହଁ କରିବା ପାଇଁ ଗୋଟାଏ ମିନି ବାହାଘରର ଆୟୋଜନ ଦୁଇ ତରଫରେ । ଉଭୟ ପକ୍ଷରେ ଏକତ୍ର ହେଲେ ପଚାଶ ଷାଠିଏ ହେବେ । ପୁଣି ଭୁରିଭୋଜନ, କେବଳ ମିଠା କାଲକେଟା ସୁଇଟ୍‌ସି, ଗାଙ୍ଗୁରାମ ସୁଇଟିସ୍, ପାହାଳ କଟକ ସୁଇଟିସ୍ କିଏ ପଚାରେ ? ପୁଣଇ କୋଳାହଳ, ଟେପ୍ ଟେଲିଭିଜନ, କୋଲଡ଼ ଡ୍ରିଙ୍କସ୍, ହଟ ଡ୍ରିଙ୍କସ୍ ।

ପୁଅ ଯିବାକୁ ମଙ୍ଗୁ ନଥିଲା । କହିଲା ''ଏତେ ବଡ଼ ବଡ଼ ଲୋକେ ଦେଖି ପସନ୍ଦ କରିଛନ୍ତି, ମୋର ଯିବାର କି ଦରକାର ?'' ବାଧ ବାଧକତାରେ ପଡ଼ିଗଲା । ତା ସାଙ୍ଗମାନେ କେହି ଯାଇ ନଥିଲେ । ଯିବାର ଅବକାଶ ବା ସୁଯୋଗ ସେମାନଙ୍କ ପାଇଁ ସେ କରି ପାରିଲା ନାହିଁ । ଯାକୁ ତାକୁ ପୁଛି ପଚାରି ସୁନ୍ଦର ପୋଷାକ ପରିଚ୍ଛଦରେ ସଜିତ ହୋଇ ସେ ଯାଇଥିଲା । ସେ ବେଶ୍ ଜାଣିଥିଲା ଆମର କନ୍ୟା ଦେଖା ସହିତ ଅପର ପକ୍ଷରେ ବରଦେଖା ବି ଯୁଗପତ୍ ସଂଘଟିତ ହେବ । ମୋ ପୁଅ ଯେତେ ସୁନ୍ଦର ଦିଶିପାରେ ସେ ଗର୍ବରେ ମୁଁ ଫାଟି ପଡୁଥାଏ । ପାଟିରୁ ଥରକୁ ଥର ବାହାରି ଆସୁଥାଏ ଫକୀର ମୋହନଙ୍କ

Digitized by srujanika@gmail.com

ମାମୁଁର ସେଇ କଥାଟା; ରାଘବ ମହାନ୍ତିର ମାଆଁ କହିଥିଲା "ମା ବିସ୍କି ! ମୋ ରାଘୋଟି କଣ ଅସୁନ୍ଦରିଆ ହେଇଛି ।"

କେନ୍ଦ୍ର ପାବ୍ଲିକ ସାରିଭିସ୍ କମିଶନରେ କୋଡ଼ିଏ ତିରିଶ ଜଣ ଗୁଣୀଜ୍ଞାନୀ ଏକ୍ସପାର୍ଟ ଆଗରେ ପରୀକ୍ଷାର୍ଥୀ ଛିଡ଼ା ହୋଇ ଇଣ୍ଟରଭିଉ ଦେଲା ପରି ଝିଅଟି ଆମ ଆଗରେ ନାନା ପ୍ରଶ୍ନର ସୁନ୍ଦର ସୁନ୍ଦର ଉତ୍ତର ଦେଉଥିଲା ବେଳେ ଆମ ତିନିଙ୍କ (ପୁଅ ବୋହୂ ଏବଂ ମୋର ନାତି) ଛାତି କୁଣ୍ଢେମୋଟ । କାରଣ ଆମର ଚଏଣ୍ ବା ପସନ୍ଦ ଏକାବେଳକେ Perfect ପୂରା ପାକଳିଆ । ଝିଅ ଟାଏଁଟାଏଁ କଥା, ଜବାବ କାହିଁ ଖନି ବାଜୁ ନାହିଁ, ସେଠି ଗୁରୁଗମ୍ଭୀର ପରିବେଶ ମୋଟେ ନଥିଲା । ପୁଅ ଝିଅ ବି ହସାହସି ହୋଇ ଦଣ୍ଡେ ଯାଏ ଆଳାପ ମେଳାପ ହେଲେ । ଏ ଅବସରରେ ମୁଁ ଦେଖିନେଲି ପରିବାରର ଅନ୍ୟ ସଭ୍ୟ ସଭ୍ୟା ମେଳରେ ବିଶେଷ କରି ଅନ୍ୟ ତିନି ବୋହୂ ମେଳରେ ଏ ନୂଆ ଝିଅଟି କିମିତି ଖାପ୍ ଖାଉଛି । Interview ପରେ ସମସ୍ତଙ୍କ ମୁହଁରେ ଗୋଟିଏ କଥା, ପୁଅ ଯେ ଏତେ ସୁନ୍ଦର ମେନେଜ କରିବ, ବିହେଭ୍ (behave) କରିବ ଆମେ କେହି କେବେ ଭାବି ନଥିଲୁଁ । Congratulation ଟୁନୁ ! ଭିଡ଼ ଭିତରୁ କେହି ଜଣେ କହିବାର ଶୁଣାଗଲା "Tunu is now a big man".

ଏତେ ବିଶିଷ୍ଟ ଲୋକଙ୍କ ଏତେ ବଡ଼ ବୈଶିଷ୍ଟ୍ୟପୂର୍ଣ୍ଣ ସମାବେଶ ବେଶ୍ ଆନନ୍ଦ ଉଲ୍ଲାସ ତଥା ହଇଚଇ ମଧ୍ୟରେ ଶେଷ ହେଲା । ବିଦାୟ ପୂର୍ବେ ସେମାନେ ବଡ଼ପୁଅ ବୋହୂଙ୍କୁ ଓ ମୋତେ ଏକାନ୍ତରେ ପଚାରିଲେ "What next ? ଯା ପରେ କଣ କରିବା ?" ପରବର୍ତ୍ତୀ ସୋପାନ ଠିକ୍ କରିବା ପୂର୍ବରୁ ଯଦିଓ ପୁଅର ସମ୍ମତି ଅଛି ବୋଲି ଧରି ନେଇଥିଲୁଁ । Finally ଖୋଲାଖୋଲି ପଚାରିଦେବା ଉଚିତ ବୋଲି ଭାବିଲୁ । ପଚାରିଲୁ ମଧ୍ୟ । ତାର ସରସ ପ୍ରଫୁଲ୍ଲ ସସ୍ମିତ ବଦନ ଓ ମୌନତାରୁ ଧରିନେଲୁଁ ପୁଅର ସମ୍ମତି ଅଛି । ସେମାନଙ୍କୁ ପରବର୍ତ୍ତୀ ସୋପାନ କହିଦେଲୁଁ ମଧ୍ୟ । ନିର୍ବନ୍ଧ । ବିବାହ ଛଅମାସ ଡେରିଥିଲେ ବି ନିର୍ବନ୍ଧ କରି ରଖିଦେବା ଭଲ ହେବ ବୋଲି ମତ ପ୍ରକାଶ ପାଇଲା ଦୁଇପକ୍ଷରୁ । ଆଗାମୀ ପଚିଶ ତାରିଖ ଶୁଭଦିନ ବୋଲି ତାରିଖ ଧାର୍ଯ୍ୟ ହେଲା । ପୂର୍ବ ନିର୍ଦ୍ଧାରିତ ମତେ ଯେଣୁ କନ୍ୟା ଦେଖାକୁ ଏତେ ଲୋକ ଆସିଥିଲୁଁ ଭାବି ବନ୍ଧୁଙ୍କୁ (ଯଦିଓ ଯେତେ ଲୋକ ହେଲେ ବି ସେମାନଙ୍କର ଆପତ୍ତି ନଥିଲା) ଅଯଥା ଖର୍ଚ୍ଚାନ୍ତ କରିବୁ ନାହିଁ ବୋଲି କହିଦେଲୁଁ ତିନି ଜଣ ଆସିବେ; କର୍ତ୍ତା ପୁରୋହିତ ଓ ବାରିକ । ଆମ ଫେମିଲିରେ ଗୋଟାଏ ଇଭେଣ୍ଟ ଘଟିଗଲା ବୋଲି ସମସ୍ତେ କହିଲେ ।

ଆଜି ତେଇଶି ତାରିଖ । ବେଶି କିଛି ପ୍ରସ୍ତୁତି ଲୋଡ଼ା ନାହିଁ । ବ୍ରିଫକେସ୍, ବନାରସୀ ଶାଢ଼ୀ, ମୁଦି ତ ଆଗରୁ କିଣା ହୋଇଛି । ଆଜ୍ଞେବାଜ୍ଞେ ଚିଜ କାଚ ସିନ୍ଦୂର ଅତଡା ଦଶ ମିନିଟରେ ଆସିଯିବ । ଦଶ କିଲୋ ଚକ୍ରଧରପୁରର ମିଠେଇ ମଝିଆଁ ପୁଅର ଶ୍ୱଶୁର ରାଉରକେଲାରୁ ପଠେଇବେ ଚବିଶ ସନ୍ଧ୍ୟାରେ । ଗଲା କାଲି ସନ୍ଧ୍ୟାରେ ଫୋନ୍

Digitized by srujanika@gmail.com

କଲ ମଧ୍ୟ ଆସିଥିଲା, ବଡ଼ ପୁଅ ଓ ବୋହୂ ସେଠାରେ ଆସି ଉପସ୍ଥିତ ହେଇ ଗଲେଣି । ନିର୍ବନ୍ଧ ସରିବା ମାତ୍ରେ ଫ୍ଲାଇକରି ଫେରିଯିବେ କର୍ମ ସ୍ଥଳକୁ । ଟେନ୍‌ସନ୍ ନାହିଁ, ବ୍ୟସ୍ତତା ନାହିଁ । କେତୁଟା ଘଣ୍ଟା କଟିଗଲେ ଶୁଭଦିନ, ଶୁଭକର୍ମ ।

କନ୍ୟା ଦେଖା ପରେ ଏବଂ ନିର୍ବନ୍ଧ ଦିନ ସ୍ଥିର ହେବା ପରେ କାହିଁକି କେଜାଣି ପୁଅର ଯେଉଁ ସରସ ସସ୍ମିତ ବଦନ ଦେଖିଥିଲି ତାହା ଆଉ ଦେଖିବାକୁ ମିଳିଲାନି । ମୁଁ ଭାବିଲି ପୁଅ ବୋଧହୁଏ ଏଥର ପୁଣି ବିବାହର ଗୁରୁଦାୟିତ୍ୱ ଉପଲବ୍ଧି କଲା ଏବଂ ବୁଝିଲା ଯେ, ତାର ମନ ଫୁଲାଣିଆ ଗୀତ 'ବାହା ହେବ୍‌ବି ନାହିଁ' ଦିନ ଶେଷ ହେଲା ଏବଂ ଆଉ ଫାଜିଲାମି ଫେଚକାମି ଚଳିବ ନାହିଁ । ପୁଅ କେବଳ ଯେ ବିମର୍ଷ ବଦନ ହେଲା ତାହା ନୁହେଁ ଲକ୍ଷ୍ୟ କଲି ସେ ଚିଡ଼୍‌ଚିଡ଼୍ ପ୍ରକୃତିର ହେଉଛି । କାହାକୁ କିଛି ମନ କଥା କହିପାରୁନି । ମାଆ ଭଉଣୀଙ୍କ ଅନୁପସ୍ଥିତି ଯୋଗୁଁ ହୁଏତ ଏମିତି ହେଉଛି । ମୋ ମନକୁ ପାପ ଛୁଇଁଲା । ଏ ଟୋକା ଆଉ କେଉଁ ଝିଅକୁ ଭିତିରିଆ ଭଲ ପାଉଥିଲାକି ? ସିମିତି ପ୍ରକୃତି ତ ଯାର ହେବା କଥା ନାହିଁ । ତାକୁ ବାଧା ବାରଣ ଦେବା ଲୋକ କିଏ ?

ସନ୍ଧ୍ୟା ପ୍ରାୟ ସାତଟା । ଖୁବ୍ ଆତ୍ମୀୟ ଅନ୍ତରଙ୍ଗ ଛାତ୍ରଟିଏ । କେତେ ଗୁଡ଼ିଏ ବହି ଓ ଚିଜ ନେଇ ସେ ମୋର ତୃତୀୟ ପୁତ୍ର ଅର୍ଥାତ୍ ଟୁନୁର ଉପର ଭାଇ ପାଖକୁ ଆଠଟା ବସ୍‌ରେ ବାହାରିଯିବ ବୋଲି ଲେଖି ସାରି ଲଫାପାଟା ସେ ଛାତ୍ର ହାତକୁ ବଢ଼ାଇ ଦେବାକୁ ଯାଉଛି ଦେଖିଲି ତା ଛାତି ପକେଟରେ ଦୁଇଚାରି ଧାଡ଼ି ଗାରେଇ ଟୁନୁ ଛୋଟ ଚିଟ୍‌ଟିଏ ପୂରେଇ ଦେଲା ଏବଂ ବୁଲେଟ ଚଢ଼ି କୁଆଡ଼େ ବାହରିଗଲା ।

ମୁଁ ଜୀବନରେ, ପୁଅଝିଅ ବା ଅନ୍ୟ କାହାରି ଚିଠିପତ୍ର ବିନା ଅନୁମତିରେ ଦେଖେ ନାହିଁ, ପଢ଼େ ନାହିଁ । ଲୋଚା କୋଚା ପତଳା କାଗଜଟି ଛାତ୍ରଟିର ପକେଟରୁ ଟାଣି ନେଇ ଯିମିତି ପଢ଼ିଛି ମୁଣ୍ଡ ଘୂରିଗଲା, ସୂର୍ଯ୍ୟ ଚନ୍ଦ୍ର ଗ୍ରହ ତାରା ସବୁ ବୁଲିଲା ପରି ଲାଗିଲା । କ୍ଷଣକେ ମୁଁ ଗଳଦ୍‌ଘର୍ମ ହୋଇଗଲି । ଲେଖା ଥିଲା "କୁନୁ ନନା, ମୋର ସର୍ବନାଶ ହୋଇଯାଇଛି, ମୋର ଜୀବନ ଏକାବେଳକେ ନଷ୍ଟ ହୋଇଗଲା, ବାହାଘର ପାଇଁ । ମାଆ ନ ଥିବାରୁ ଏ ଅବସ୍ଥା ।" ଚିଠିଟା ତତକ୍ଷଣେ ଚିରି ଫୋପାଡ଼ି ଦେଲି ଏବଂ ଅବିଳମ୍ବେ ଟେଲିଫୋନ ଅଫିସକୁ ଧାଇଁଲି । ଟ୍ରଙ୍କକଲ କଲି ବଡ଼ ପୁଅ ପାଖକୁ, ଯେ ନିର୍ବନ୍ଧ ପାଇଁ ଆସି ଯାଇଥିଲା । କହିଲି "ନିର୍ବନ୍ଧ cancel କର ।" ଆଉ ପଦେ ନ କହି ଧଡ଼ କରି ଫୋନ ରଖିଦେଲି । ଘରକୁ ଦ୍ରୁତ ବେଗରେ ଫେରିଲି ଅଧା ଚେତା ଅବସ୍ଥାରେ । ରାତି ଦଶରେ ପୁଅ ଫେରିଲା । କୁଆଡ଼େ ଯାଇଥିଲା କହି ହେବନାହିଁ । ତା ଚିଠି କଥା ଉଲ୍ଲେଖ ନ କରି ସିଧା କହିଦେଲି "ବାବା ! ଫୋନ କରି ନିର୍ବନ୍ଧ cancel କରି ଦେଇଛି । ତୁ ଥୟ ଧର, ବ୍ୟସ୍ତ ହୁଅନା, ମୁଁ ଜବାବ୍ ଦେଇଛି, ତୋ ଇଚ୍ଛା ବିରୁଦ୍ଧରେ କଦାପି ତୋତେ ବାହା କରିବନି ।"

ପରଦିନ ସକାଳେ କନ୍ୟା ପାତ୍ରୀର ଭାଇ ମୋର ଦ୍ୱାରସ୍ଥ ହେଲେ ଏବଂ ଆଶ୍ଚର୍ଯ୍ୟ

Digitized by srujanika@gmail.com

କଥା ମୋତେ ଓଲଟି ବୁଝାଇବାକୁ ଲାଗିଲେ । ମୋତେ apology ମାଗିବାର ବି ଚାନ୍ସ ଦେଲେନି । କହିଲେ "ଏମିତି ହୁଏ last minute ରେ କେତେ କେତେ ବାହାଘର ଭାଙ୍ଗିଯାଇଛି । ତଥାପି ଆମ ଏ କ୍ଷେତ୍ରରେ କିମିତି ଏହା ସମ୍ଭବ ହେଲା ସେଇଟା ବୁଝିବାକୁ ଚାଲି ଆସିଲି ।" ପୁଣି କହିଲେ–"ଦେଖନ୍ତୁ, ପୁଅର ଇଚ୍ଛା ବିରୁଦ୍ଧରେ କଦାପି ଆଉ ଆଗେଇବା ନାହିଁ । ତେବେ ଦୁଃଖ ହେଉଛି ଯେ ଆମେ ଅନେକ ଦୂର ଆଗେଇ ଯାଇଥିଲୁଁ ଏବଂ ଭାଙ୍ଗିଯିବ ବୋଲି ଉଦ୍ଭଟ ସ୍ୱପ୍ନରେ କେହି ଭାବି ନଥିଲୁ । ଆମର ମହାପ୍ରସାଦ କୁଣ୍ଡ ସବୁ ଦିପହର ବେଳକୁ ଘରେ ଆସି ପହଞ୍ଚି ଯାଇଥିବ, ଛିପ୍ ଯାଇଛି । ଏପରିକି କୁଳ ପୁରୋହିତ ବହୁ ଦୂରରୁ ଆସି ପ୍ରସ୍ତୁତ ଥିଲେ । ଦୂର ଦୂରାନ୍ତରୁ ଏପରିକି ପାଟନା, ବନାରସରୁ ବନ୍ଧୁବାନ୍ଧବ ସାଗ୍ରହ ଆନନ୍ଦରେ ପହଞ୍ଚି ଯାଇଥିଲେ ।"

ପୁଅକୁ ସେ ଖୋଲାଖୋଲି ସବୁ କଥା କହିଯିବାକୁ ଅନୁରୋଧ କଲେ । ପଚାରିଲେ "ତୁମେ ତ ନିଜ ଇଚ୍ଛାରେ ହଁ କରିଥିଲ ଦେଖାଦେଖି କଥାବାର୍ତ୍ତା ପରେ । କାହିଁକି ହଠାତ୍ ନା କଲ ?" ମୁଁ ବି ପଚାରିଲି "କାହିଁକି ସେଦିନ ସେଇଠି ଖୋଲାଖୋଲି ନା କଲୁନାହିଁ ?" ସେ ଖାଲି ଏତିକି କହିଲା ମୋ ଆଡ଼କୁ ଚାହିଁ, "ତୁମେ ସମସ୍ତେ ତ ଏତେ ବଡ଼ ଲୋକ, ମୋ ପାଇଁ ଦେଖି ଶୁଣି ଜାଣି ପସନ୍ଦ କରିସାରିଛ, ନା କରିବାର ମୋର ସତ୍‌ସାହସ ଘଟଣା ସ୍ଥଳରେ ହେଲାନି । ଝିଅର ମୁଁ ନିନ୍ଦା କରୁନି, ତାକୁ ନାପସନ୍ଦ ବି କରିବାର ପ୍ରଶ୍ନ ଉଠୁନି । କିନ୍ତୁ କାହିଁକି କେଜାଣି ତାକୁ ଭଲ ପାଇପାରିବି ନାହିଁ ବୋଲି ଭାବୁଛି ।" କନ୍ୟାର ଭାଇଟି (ସେ ଦୀର୍ଘଜୀବୀ ହୁଅନ୍ତୁ) ଥଣ୍ଡା ମିଜାଜ୍‌ରେ କହିଲେ "ଦେଖନ୍ତୁ, ବାହାଘର ନ ହେଲା ଦୁଃଖ ନାହିଁ । ଏଥରକୁ ଲଗାଇ ତିନି ଥର ହେଲା ଭଲ ଭଲ ପ୍ରସ୍ତାବ ଶେଷ ମୁହୂର୍ତ୍ତରେ ଭାଙ୍ଗିଯାଇଛି । ଝିଅ ଉପରେ ଯେଉଁ Psychological effect ହବ ସେକଥା ମୁଁ ଭାବୁଛି । ବାପାଙ୍କ ବୟସ ଅଶୀ, ତାଙ୍କ ହାର୍ଟକୁ କିମିତି ଜଗିବି, ରକ୍ଷା କରିବି ?" ଗାଡ଼ି ଛାଡ଼ିବା ପୂର୍ବରୁ ଟିକିଏ ବିମର୍ଷ ହୋଇ ସିଧାସଳଖ ମୋତେ ଶେଷ ପ୍ରଶ୍ନ ପଚାରିଲେ "ଆପଣଙ୍କ ଏ ପିଲାଟି ଟିକିଏ ଆଡ଼ବାୟା କି ?" ମୁଁ ତତ୍‌କ୍ଷଣେ ଉତ୍ତର ଦେଲି "ସେ ନୁହେଁ ମୁଁ ।"

ସେ ଫେରିଗଲେ । ବାହାଘର ନିର୍ବନ୍ଧ ଭାଙ୍ଗିଗଲା ଚବିଶ ଘଣ୍ଟା ପୂର୍ବରୁ । ଲଗ୍ନ ଧରାର ଅବ୍ୟବହିତ ପୂର୍ବରୁ । ମୋତେ ଜଣାଗଲା ଯିମିତି ସେକ୍ସପିଅରଙ୍କ ଟ୍ରେଜେଡ଼ିର ତୃତୀୟ ଅଙ୍କରେ ଭୀଷଣ ଶୋକାବହ Climax ଘଟିଲା । ପୁଅ ବୋହୂ ସବୁ ଘଟଣା ଜାଣିପାରି ଚିଠିପତ୍ର ଆମ ପାଖକୁ ବନ୍ଦ କରିଦେଲେ । ଅନ୍ୟମାନେ ଯଦି ବା ଖଣ୍ଡେ ଅଧେ ଚିଠି ଲେଖିଲେ ସେଥିରେ ଟୁନୁର ନାଆଁ ନାହିଁ । କେହି ବୁଝି ପାରିଲେନି ବାପ ପୁଅ ମିଶି ଆମେ କି କାଣ୍ଡ କାହିଁକି ଭିଆଇଲୁ । ଲୋକ ଅପବାଦ, ପରିବାରରେ ମନୋମାଳିନ୍ୟ, ଦୁଶ୍ଚିନ୍ତା, ଅନୁଶୋଚନା ଆଦି ନାନା କଥା ଆମକୁ ଘାରିଲା । ପୁଅ ବାହାଘରରେ ପୂର୍ଣ୍ଣଚ୍ଛେଦ ପଡ଼ିଲା । ଗୁମ୍ ମାରି ଆମେ ବାପ ପୁଅ ଅଜାଗା ଧରି ଚୁପ୍ ରହିଲୁଁ । ମୋର ଏତିକି ଆନନ୍ଦ ଯେ ପୁଅକୁ ନିଶ୍ଚିତ Catastrophe ରୁ ଉଦ୍ଧାର କଲି ଯିଏ ଯାହା କହୁ, ଭାବୁ ନା

Digitized by srujanika@gmail.com

କାହିଁକି ?

ମାସ ମାସ ଧରି ଛଅ ମାସ ଚାଲିଗଲା । All quite in the western front ନା, ନା All quite on all fronts ମୋର ବି ପୁଅ ବାହାଘର ଉତ୍ସାହରେ ଭଟ୍ଟା ପଡ଼ିଗଲା । ଥରେ ଥରେ ଭାବେଁ ପୁଅ ଯିମିତି 'ବାହା ମୁଁ ହେବ୍ବି ନାହିଁ, ତାର ପ୍ରତିଶୋଧ ସ୍ୱରୂପ "ବାହା ମୁଁ ହେବ୍ବି ନାହିଁ ତାକୁ" ଗାଇବି । ମାତୃହୀନ ବେଆଡ଼ିଆ ପିଲାଟା ଉପରେ ଚିଡ଼ିବି, କଥାବାର୍ତ୍ତା ବନ୍ଦ କରିବି; ମୁହଁ ଚାହିଁବି ନାହିଁ । ପୁଅ ନିଜେ ଆସି ମତେ ନ କହିଲା ପର୍ଯ୍ୟନ୍ତ 'ବାପା ଏଥର ଦେଖ ମୁଁ ସେଇ ଝିଅକୁ ବାହା ହେବି ।' ଫେର ଭାବେ ବୁଢ଼ିଗଲା ଗୋଡ଼ ତଳକୁ ତଳକୁ ଯଦି ଚାଲିଯିବ । ତାର ବାହାଘରଟା ମୋର ଦରକାର ତାର ସ୍ୱାସ୍ଥ୍ୟ, ସଦାଚରଣ ଦୃଷ୍ଟିରୁ ନ ହେଲେ ସିନେମା ହିରୋ ପରି frustrationରେ ଗଞ୍ଜା, ନିଶା, ପଶା, ମଦ, ବେଶ୍ୟା ଆଡ଼କୁ ଯାଇ ଆତ୍ମହତ୍ୟା କରିବ । ନା, ନା ଯେତେହେଲେ ମୋର ପୁଅ, ମାତୃହୀନ ପୁଅ, କୋଡ଼ପୋଛା ପୁଅ ।

ଦିନେ ଦେଖିଲି ପୁଅର ପ୍ରକୃତି ବଦଳିବାର ଉପକ୍ରମ କରୁଛି । ଶୀତ ଦିନ ଭୋର ସକାଳୁ ଉଠି ସ୍ପୋର୍ଟସ ଡ୍ରେସରେ କଲେଜ ପଡ଼ିଆ ଆଡ଼କୁ Bullet Motor Cycle ରେ ଯାଉଛି । ଖୁସି ହେଲି change for the better ଭାବି । କେତେ ଦିନ ପରେ ଜାଣିଲି ସେ ଏ ଦିଗରେ regular ପ୍ରାକଟିସ କରି ଚାଲିଛି । ଆହୁରି ଭଲ ଲାଗିଲା ଯେତେବେଳେ ତାର ଏକ ସାଙ୍ଗ ପାଖରୁ ଜାଣିଲି ଯେ ସେ ଏକ ଝିଅକୁ ଆଖି ଆଗରେ ରଖି ଏ exercise ନୂଆ ଆରମ୍ଭ କରିଛି । ବଙ୍ଗାଳୀ ଝିଅ, ବ୍ରାହ୍ମଣ କି କ୍ଷତ୍ରିୟ କହି ହବନି । ଆହୁରି ଶୁଣିଲି ପୁଅ ଯିମିତି ତାକୁ ଭଲ ପାଇଛି ସେ ଝିଅ ବି ତାଠୁ ବଳି ତାକୁ ଭଲ ପାଉଛି । ପ୍ରତିଦିନ ଖେଳ କସରତ ଶେଷରେ ଚାହାଁଚାହିଁ ହସ ଖୁସି ହୁଅନ୍ତି । ପୁଣି ଶୁଣିଲି, ଝିଅକୁ ଦେବା ପାଇଁ ଯେବେ ବାପା ମାଆ ରାଜି ନ ହେବେ ତେବେ ସେ ଝିଅ ଆପେ ଆପେ ଘରୁ ବାହାରି ଆସିବ । କେବଳ ଦୁଇ ମାସ ପରେ ଏ କାମ ପାଇଁ ଆଉନ ଝିଅ ତରଫ ହେବ । ଯଦି ଝିଅ ନ ଆସେ ତେବେ ସାଙ୍ଗ ସାଥୀମାନେ ତାକୁ ଘରୁ ନେଇ ଆସି ପଞ୍ଚଲିଙ୍ଗେଶ୍ୱର ମନ୍ଦିରରେ ବିବାହ କରାଇଦେବେ ।

ମୋର କୌଣସି ଥିରେ ଗରରାଜି ନାହିଁ । ମୋତେ ଯିମିତି କୋର୍ଟ କଚେରୀକି ଯିବାକୁ ନହୁଏ, ପୁଅ ଯିମିତି ଥାନାକୁ ଚାଲାଣ ନ ହୁଏ ! ଝିଅଟି ସୁନ୍ଦର, ଟୀନ୍‌ଏଜ । କେତେ ଦିନ ତଳେ କୁଆଡ଼େ ତାର ଦୂର ସଂପର୍କିତ କକା କି ମାମୁଁ ସାଙ୍ଗରେ ଖଡ଼ଗପୁର କି ଟାଟା ଅନ୍ତର୍ଦ୍ଧାନ ହୋଇ ଯାଇଥିଲା କେତେ ଦିନପାଇଁ । "ପ୍ରୀତ୍ ନା ଜାନେ ରୀତ୍ ।" ପୁଅକୁ ଦିନେ ନାଟକୀୟ ରୀତିରେ ପଚାରିଲି "ଏ ଯେଉଁ ଜନରବ ଶୁଣୁଛି ତାହା କି ସତ୍ୟ ବାବା ! ସେ ଝିଅ କଣ ତୋତେ ଗ୍ରହଣ କରିବାକୁ ରାଜି ?" ପୁଅ କହିଲା "ମୁଁ ଯେତେଦୂର ଜାଣେ ତାର ଇଚ୍ଛା ଅଛି, ମନ ଅଛି ।" ମୁଁ କହିଲି " good ! ତାକୁ ଯିମିତି ହେଉ ବାହାହ, ମୁଁ ରାଜି । ପଦେ କଥା ପଚାରୁଛି ଉତ୍ତର ଦେ । ତୁ କଣ ଜାଣୁ ନାହିଁ ଯେ ସେ ଝିଅ ସାହିର

Digitized by srujanika@gmail.com

ଗୋଟିଏ ଟୋକା ସହିତ... ।" ପୁଅ ପଟାପଟ୍ ଉତ୍ତର ଦେଲା "ବେଶ୍ ଜାଣେ ! ତଥାପି ମୁଁ ତାକୁ ଭଲ ପାଏଁ । A known devil is better than an unknown one. ଏ କଥା ବି ମୁଁ କହି ଦଉଛି ସେ ସହସ୍ର ଶଯ୍ୟାର ନାୟିକା ହେଲେ ବି ମୁଁ ତାକୁଇ ବାହା ହେବି । Elizabeth Taylor.. ଯଦି ତା ବାପା ମତେ ତା ଝିଅକୁ ଦେବା ପାଇଁ ରାଜି ନ ହୁଏ ତେବେ ଆମେ ଜାଣୁ କଣ କରିବାକୁ ହେବ । ରୋକ୍‌ଠୋକ୍ କଥା ବାପା ହେଲେ ବି ଏଥର ତୁମ କଥା ମାନିବି ନାହିଁ ।"

କାଳେ କୌଣସି ଗଣ୍ଡଗୋଳ ବିଭ୍ରାଟ ପୁଅ ସୃଷ୍ଟି କରିବ ସେଥିପାଇଁ ଭାବିଲି ଝିଅର ବାପା ମାଆଙ୍କୁ ଭେଟିବି । ପୁଅ ଯେତେବେଳେ ଏ କ୍ଷେତ୍ରରେ ଏତେ ସଂକଳ୍ପବଦ୍ଧ ଏବଂ ଝିଅକୁ ଏତେ ଗଭୀର ଭାବରେ ଭଲ ପାଉଛି ମୁଁ ଯାଇ ସେମାନଙ୍କୁ ପ୍ରବର୍ତ୍ତାଇବି ଝିଅ ଦେବାକୁ । ଦେଇ ମଧ ପାରନ୍ତି । କେବଳ ବୟସର ଗୁଡ଼ାଏ ପାର୍ଥକ୍ୟ । ଆମ ଦୁଇ ପରିବାରର ଦୀର୍ଘ ଦିନର ସଂପର୍କ ରହିଛି । ସାମାନ୍ୟ କିଛି ମିଠା, ଯୋଡ଼ାଏ ପାଚିଲା ଅମୃତଭଣ୍ଡା ଓ କିଛି ନାଲି କୋଶଳା ଶାଗ ନେଇ ସଞ୍ଜବେଳିଆ ଦିନେ ଗଲି । ଝିଅ ମୋଟେ ମୋ ସାମନାକୁ ବାହାରିଲା ନାହିଁ । ବୁଝିଗଲି ଝିଅ ନିଜକୁ ଆମ ଘରେ ବୋହୂ ବୋଲି ଧରିନେଲାଣି ।

ୟାଦୁ ସିଆଡୁ 'ବଣବୁଦା ଝଡ଼ାଝଡ଼ି କରି ଯେତେବେଳେ ଚଢ଼େଇର କିଛି ଖବର ନ ପାଇଲି ରୋକ୍‌ଠୋକ୍ ବାପମାଆଙ୍କୁ ପଚାରି ଦେଲି ପ୍ରଶ୍ନଟି । ମୁଁ ନିଶ୍ଚିତ ସେମାନେ ହଁ ଭରିବେ କାରଣ ଅଳ୍ପ ଦିନ ତଳେ ଝିଅର ବଦ୍‌ନାମ ସର୍ବତ୍ର ରଟି ଯାଇଛି । କିନ୍ତୁ ସେମାନେ ଯାହା ଇଙ୍ଗିତ ଦେଲେ ସେଥିରୁ ବୁଝିଲି ଯେ ସହସା ଝିଅକୁ ଦେବେ ନାହିଁ, ଝିଅ ପଢ଼ିବ, ବେଙ୍କ୍ କ୍ଲାର୍କ ହେବ । ଯଦି ବାହାହେବ ତା ଇଚ୍ଛାରେ ତେବେ ପି.ଓ. କୁ ବାହା ହେବ । ଏବେ ଝିଅ କଞ୍ଚି ଅଛି । ଦୁଃଖରେ ଫେରିଲି । "କାନ୍ଦି କାନ୍ଦି ଗାନ୍ଧୀ ବୁଢ଼ା ଫେରିଲାରେ ।" ମୋ ପକ୍ଷରେ ଝିଅଟା ସେତେ ମନମାଫିକ ନ ହେଲେ ମଧ ପୁଅ ତ ଚାହୁଁଥିଲା ।

ପୁଅକୁ ଏକ ଭୀଷଣ Shock ହେଲା ବୋଲି ଅନୁଭବ କଲି । କାରଣ ଏଇଟା ବୋଧହୁଏ ତାର ପ୍ରଥମ ରୋମାନ୍‌ସ ପ୍ରଥମ ପ୍ରେମ । ସେ ପ୍ରାୟ ଭାଙ୍ଗି ପଡ଼ିଲା । ମୁଁ ତା ପ୍ରତି ନରମ ଭାବ ପୋଷଣ କଲି ଖୁବ୍ ଶରଧାରେ ନାନା କଥା କହି ଗପି ତାକୁ ଆଶ୍ୱସ୍ତ କରି ମନୋରଞ୍ଜନ କଲି । ପୁଅ ହୁଏତ ଭାଙ୍ଗି ପଡ଼ି ଜୀବନରେ କେବେ ଉଠି ପାରି ନଥାନ୍ତା । କି ବିଶ୍ୱାସ, ଆତ୍ମହତ୍ୟା ଆଡ଼କୁ ଯାଇନଥାନ୍ତା– ଯେବେ ମାସକ ଭିତରେ ଅନ୍ୟ ଜଣେ ବୟସ୍କ ଖେଳୁଆଡ଼ ସେ ଝିଅକୁ ନେଇ ସେଇ ପଞ୍ଚଲିଙ୍ଗେଶ୍ୱର ମନ୍ଦିର ଭିତରେ ଇଣ୍ଡାରକାଷ୍ଟ ବିବାହ କରିନଥାନ୍ତା । ଯେଉଁ ଦିନ ଏ କଥା ପ୍ରଘଟ ହେଲା ସେ ଦିନ ପୁଅ ଦିନଯାକ ହୋ ହୋ ହୋଇ ବହେ ହସିଲା, ଡେଇଁଲା, ଜଗନ୍ନାଥ ମନ୍ଦିରରେ ଭୋଗ ଲଗାଇଲା । ସାଙ୍ଗସାଥୀଙ୍କୁ କହି ବୁଲିଲା 'ମୋ ଜୀବନଟା ମର୍ଡ଼ର ହୋଇ ଯାଇଥାନ୍ତା ଆଉ ଟିକେ ହୋଇଥିଲେ ।'

Digitized by srujanika@gmail.com

ପୁଅ ପାଇଁ ଝିଅ ଖୋଜାରେ ମୁଁ ପ୍ରାୟ ଶାନ୍ତ କ୍ଳାନ୍ତ ବିରକ୍ତ ହେଇଗଲି । ଦି ଜଣ ଜଣେ ମୁରବୀ ସ୍ଥାନୀୟ ଲୋକ ଯେଉଁମାନେ ଟୁନୁର ବାହାଘର ଦେଖିବାକୁ ବଞ୍ଚିଥିଲେ ସେମାନେ ମରିଗଲେ । ଟୁନୁ ଟୀନ୍‌ଏଜ୍ ଝିଅ ବାହା ହେବାର ଯୋଗ୍ୟତା ହରାଇଲା । ମୁଁ ଭାବିଲି ସେ ଅବାହା ରହିଗଲା । ସେ ଭାବିଲା, ବାପା ଆଉ ମୋତେ ବାହା କରେଇବେ ନାହିଁ । ଯାହା ହେଉ ଚତୁର୍ଥ କି ପଞ୍ଚମ ଥର ପାଇଁ ଦୁହେଁ ବିବାହ ପ୍ରଶ୍ନ ଉତ୍‌ଥାପନ କଲୁନାହିଁ ।

ଏ ଭିତରେ ମୁଁ ଅନ୍ୟ ଏକ କଲେଜରେ ଚାକିରି ଧରିଲି । ମୋଫସଲ କଲେଜ । ତଥାପି ଏଇ ଛୋଟ ମୋଫସଲ କଲେଜରେ ଝିଅଙ୍କ ସଂଖ୍ୟା ଚାରିଶହରୁ ଊଣା ନୁହେଁ । ଟ୍ରେନ ବାସ ଦ୍ୱାରା ସଂଯୁକ୍ତ ହୋଇଥିବାରୁ କଲେଜ ବେଳରେ ଏପଟୁ ସେପଟୁ ଯୋଡ଼ାଏ ଟ୍ରେନ ଗୁଡ଼ାଏ ପୁଅ ଝିଅ ଅଜାଡ଼ି ଦିଅନ୍ତି । କଲେଜ-ସରଗରମ ହୋଇ ଉଠେ, ଜମି ଉଠେ ଶିକ୍ଷାପୀଠ । କେତେ ରୂପ କେତେ ରଙ୍ଗ କେତେ ରସ । ପୁଅ ପାଇଁ ସିନା ଝିଅ । କିନ୍ତୁ ପୁଅ ବାବାଜୀ ହବ କି ବଇଷବ ହେବ କିଏ ଜାଣେ । ମୁଁ ତେଣୁ ବୀତସ୍ପୃହ, ଝିଅ ଦେଖା ଦେଖିରେ । ମୁଁ ସଂକଳ୍ପବଦ୍ଧ ଆଉ ଝିଅ ଦେଖିବି ନାହିଁ । କିନ୍ତୁ ଉପଲବ୍ଧି ହେଲା ସଂକଳ୍ପ ଯେଡ଼େ ଦୃଢ଼ ବୋଲି ଜଣାଯାଉଥାଏ ସେତେ ନୁହଁ । ଝିଅ ଦେଖିବି ନାହିଁ ମୁଁ ଯେତେ ମନେମନେ ଭାବୁଛି ସେତେ ସେତେ ନୂଆ ନୂଆ ସୁନ୍ଦରିଆ ଝିଅ ଆଖି ଆଗକୁ ଆସି ଯାଉଛନ୍ତି । ଏ ସୃଷ୍ଟି ଅମୃତମୟ ହେ !

ଦିନେ ପ୍ଲେଟଫର୍ମରେ ଟ୍ରେନକୁ ଅପେକ୍ଷା କରିଥାଏଁ । ହଠାତ୍ ଆଖି ପଡ଼ିଲା ଏକ ଝିଅ ଉପରେ । ଷ୍ଟେସନ ଓଭରବ୍ରିଜରୁ ଧୀରେ ଧୀରେ ପାହାଚକୁ ପାହୁଚ ଓହ୍ଲାଇ ଆସୁଛି । ମୋତେ ଜଣାଗଲା ଯିମିତି ଯାଦୁବଳରେ ସ୍ୱର୍ଗରୁ ମର୍ତ୍ତ୍ୟକୁ ଓହ୍ଲାଇ ଆସୁଥିବା ହେଲେନର ମୂର୍ତ୍ତି ଯାହାକୁ ଦେଖି ଦେଲା ମାତ୍ରେ ଡକ୍ଟର ଫଷ୍ଟାସ୍ ବିହ୍ୱଳିତ ହୋଇ ଅନବଦ୍ୟ ପଂକ୍ତିରେ ଗାଇଗଲେ "Is this the face that launched a thousand ships and burnt the topless towers of illium ? Fair Helen, make me immortal with a kiss." ପୁଅ ଯଦି ଏ ମୁହଁ ଦେଖିଥାନ୍ତା ତେବେ ଓଭରବ୍ରିଜରୁ ଖସି ପଡ଼ିଥାନ୍ତା । ଯାହାକୁ କହନ୍ତି ତନୁପାତଳୀ, ଆଖିରେ ଯାଦୁ, ତରଳ ଢ଼ଳଢ଼ଳ, ଘନ କୃଷ୍ଣବେଣୀ । ପ୍ରକୃତିସ୍ଥ ହୋଇ ପାଖରେ ଛିଡ଼ା ହୋଇଥିବା ଜନୈକ ଅଧ୍ୟାପକଙ୍କୁ ପଚାରିଲି ''ଏ କିଏ କି ?'' ସିଏ ଗାଇଗଲେ ''ଆମ କଲେଜରେ ପଢ଼େ । ସେକେଣ୍ଡ ଇଅର, ବ୍ରାହ୍ମଣ ଘର, ବୁନିଆଦି ଅଛି, ରେଡ଼ିଓରେ ଗୀତ ଦିଏ, ଚମତ୍କାର ଏକଟିଂ କରେ ।'' ମୁଁ ବର୍ଣ୍ଣନା ଶୁଣୁଥାଏଁ ଏବଂ ଓହ୍ଲେଇ ଆସୁଥିବା ଝିଅର କଜଳଲାଞ୍ଛିକୁ ଚାହିଁଥାଏ । 'ଭ୍ରୂଲତା କି କାମ କମାଣ ଶର ଲୋଚନ ବେନି ।' ପଚାରିଲି ଅଧ୍ୟାପକଙ୍କୁ ''ଏତେ ସୁନ୍ଦର ଝିଅକୁ କି ସେମାନେ ମୋ ପୁଅକୁ ଦେବେ ?'' ବନ୍ଧୁ କହିଲେ ''କାହିଁକି ନ ଦେବେ ? ଆପଣଙ୍କ ପୁଅର କଣ ଅଭାବ ଅଛି କି ? ସେମାନେ କଣ ଏତେ ବଡ଼ଲୋକ ଯେ ଆପଣଙ୍କ ପରି ଲୋକର ପୁଅକୁ ନ

Digitized by srujanika@gmail.com

ଦେବେ ? ଆପଣ କୁହନ୍ତୁ ମୁଁ ସହଜରେ ଅକ୍ଳେଶରେ କାଲି କହିଲେ କାଲି କରେଇ ଦେବି ।''

ଅଧ୍ୟାପକ ବନ୍ଧୁଙ୍କ 'କାଲି' ଆଉ ଆସିଲା ନାହିଁ ବା ସିଆଡ଼େ ପ୍ରତିଶ୍ରୁତି ମତେ ଆଗେଇବାର ଲକ୍ଷଣ ଜଣା ପଡ଼ିଲା ନାହିଁ । ଫଟୋଟିଏ କଲେଜ ଅଫିସରୁ ଯୋଗାଡ଼ କରିଥିଲେ କୁଆଡ଼େ କିନ୍ତୁ ମୋ ପର୍ଯ୍ୟନ୍ତ ଆସିଲା ନାହିଁ । କିଛି ଦିନ ପରେ ଆଉ ଜଣେ ଅଧ୍ୟାପକଙ୍କୁ ଲଗାଇଲି । ତାଙ୍କ କଥାରୁ ବୁଝିଲି ପୂର୍ବ ଅଧ୍ୟାପକ ନିଜେ ସେ ହେଲେନ ପିଛା ଲାଗିଛନ୍ତି । କେବଳ ସେ ନୁହଁନ୍ତି ଅନେକାନେକ ପ୍ରଫେସର, ବି.ଡ଼ି.ଓ., କଣ୍ଟ୍ରାକ୍ଟର ମଧ୍ୟ । ''କେତେକୀ ଫୁଟିଲେ ବନେ ସଜନୀ ଗୋ ବାସ ଚହଟଇ ନାହିଁକି ?'' ଭ୍ରମର ମହୁ ମାଛି ସହିତ ନୀଳ ମାଛି ବି ଆସିପାରନ୍ତି । ସେ ଝିଅ ଏଣେ ତେଣେ ସ୍ୱାଧୀନ ହୋଇ ବୁଲାବୁଲି କରେ । ଯାନିଯାତ୍ରା ନଗ୍ନ ଭିଡ଼ିଓ ସୋ, ବ୍ଲୁ ଫିଲ୍ମ, ହୋଟେଲକୁ ତାର ଅବାହିତ ପ୍ରବେଶ । କଲଗାର୍ଲ ହିସାବରେ ଏବେ ଶୁଣିଲି ସେ ଗୋଟାଏ ହୋଟେଲରୁ ଏରେଷ୍ଟ ହୋଇଛି ।

କେତେଦିନ ପରେ ବାପପୁଅ ବସି ରାଜନୀତି, କ୍ରିକେଟ, ଚେସ୍ ଆଲୋଚନା କରୁ କରୁ ପୁଅ କହିଲା ''ବାପା ମୋର ବାହାଘର ତୁମ ଉପରେ ମୁଁ ଦେଲି । ମୋ ଦେଇ କନ୍ୟା ଖୋଜା ହବନି । ଯେଉଁ ପାଞ୍ଚ ଛଅଟା ପଏଣ୍ଟ ମୁଁ ତୁମକୁ ଦେଇଥିଲି ତାକୁଇ ଅନୁସରଣ କରି ଖୋଜ । ଯଦି ପାଇଯାଅ ତେବେ ମୋର ମତାମତ ଲୋଡ଼ାନାହିଁ । ମୋତେ ଖାଲି ଦିନ ତାରିଖ ଲଗ୍ନ କହିଦବ । ମୁଁ ଭଲ ପିଲାଟି ପରି ବସିଲାଠାରୁ ଉଠି ବେଦୀ କି ଚାଲିଯିବି ବର ସାଜି ।'' ପୁଅ ପୁଣି ସେଇ ଅସମ୍ଭବ ସର୍ତ୍ତାବଳିର ପୁନରାବୃତ୍ତି କରନ୍ତେ ମୁଁ ଧରିନେଲି ଝିଅ ମିଳିବେ ନାହିଁ; ପୁଅର ଜିଦ୍ ରହିବ ମୁଁ ବାହା ହେବ୍ବି ନାହିଁ । ବାପ ପୁଅ ହୋଟେଲରେ ଖାଇବା । ଘର ଚୁଲିରେ ହାଣ୍ଡି ବସିବ ନାହିଁ । ବଂଶ ପାରି ପାଖରୁ ବୁଡ଼ିଲା । ପୁଣି All quiet ବାହାଘର ଶବ୍ଦ ଘରେ ପ୍ରଚାରିତ ହୁଏ ନାହିଁ ବା କେବେ କୌଣସି କାହା ଚିଠିର ଲେଖାପଢ଼ା ହୁଏନି ।

ତେବେ କ'ଣ ସମୁଦୁଣୀଙ୍କ କଥା ଧଇଲେ କେହି ଆମ ହାଣ୍ଡିରେ ଚାଉଳ ପକାଇନି ?

ମାସେ ଦି ମାସ ପରେ ଦିନେ ଟ୍ରେନରେ କଲେଜ ଯାଉଥାଏଁ । ଗୋଟିଏ ଛୋଟ ହଲଟରେ ଟ୍ରେନ ଛିଡ଼ା ହେଲା । ଷ୍ଟେସନଟି ଠିକ୍ Adlestop ଷ୍ଟେସନ ପରି ଯାହାର ବର୍ଣ୍ଣନା ପିଲାମାନଙ୍କ ଇଂରାଜୀ ଟେକ୍‌ସରେ ଅଛି, ଯେଉଁଠି କେହି ଉଠନ୍ତି ନାହିଁ, ଓହ୍ଲାନ୍ତି ନାହିଁ । ଗୋଟିଏ ଝିଅ ଉଠିଲା ମୋରି ଡ଼ବାରେ ଏବଂ ଅଣନିଶ୍ୱାସୀ ଓ ଗଳଦ୍‌ଘର୍ମ ହୋଇ ଆସି ମୋରି ସାମନାରେ ବସିଲା । ଝିଅଟା ବେଶ୍ ସ୍ୱାସ୍ଥ୍ୟବତୀ, ଡଉଲଡାଉଲ । ସୁନ୍ଦରୀ ମଧ୍ୟ । ଆଖି ଦୁଇଟା ଚମତ୍କାର, ଚାହେଁ କୁଆପରି କଣେଇ । ତା' ପଛେ ପଛେ ଗୁଡ଼ାଏ କଲେଜ ପିଲା ଅନ୍ୟ ଡବାରୁ ଓହ୍ଲାଇ ତାକୁ ଖୋଜି ଡାରି ଡବାରେ ପଶିଲେ । ସେମାନେ ଜାଣନ୍ତି ନାହିଁ ମୁଁ ସେ ଡବାରେ ବସିଛି । ସେମାନଙ୍କ କମେଣ୍ଟ, ଦୁର୍ବ୍ୟବହାର, ଅଶ୍ଳୀଳ

Digitized by srujanika@gmail.com

ଇଙ୍ଗିତକୁ ଡରି କୁଆପଲ ଡରରେ ଯିମିତି ବଣି ବା କପୋତ ଛୁଆ କେଉଁଠି ଆଶ୍ରା ନିଏ ସେମିତି ଏ ଝିଅଟି ମୋ ପାଖରେ ବସି ଦୁର୍ବୃତ୍ତମାନଙ୍କ ହାବୁଡ଼ରୁ ନିଜକୁ ରକ୍ଷା କଲା । ପିଲାଏ ପରବର୍ତ୍ତୀ ଷ୍ଟେସନରେ ଓହ୍ଲାଇଗଲେ । ସେଇଦିନ ଠାରୁ ଅଧିକାଂଶ ଦିନ ଝିଅଟି ମୋର ଡବାରେ ସମ୍ଭବ ହେଲେ ମୋରି ପାଖରେ ବସେ । ତଦ୍ୱାରା ସେ ଅଧିକ ବିପଦ ନିଜ ଉପରକୁ ଡାକିଆଣେ । ଷ୍ଟେସନ ପ୍ଲେଟଫର୍ମରୁ କଲେଜ ଶହେ ଦେଢ଼ଶ ଗଜ ଦୂର । ଟ୍ରେନରୁ ଓହ୍ଲାଇ ସେ ଆଗେ ଆଗେ ଚାଲେ; ମୁଁ ତା ପଛେ ପଛେ । ତା ସହିତ ଆତ୍ମୀୟତା ବଢ଼ିବା ସଙ୍ଗେ ସଙ୍ଗେ ତାରି ଆଖି ବେଣୀ ନାକ ପାଣିଆ ଓ ସ୍ୱାସ୍ଥ୍ୟ ସାଧାରଣ ସୌନ୍ଦର୍ଯ୍ୟ ଦେଖି କ'ଣ ମନକୁ ଆସିଲା, ପଚାରିଲି "ଝିଅରେ ତୋର ଘର କେଉଁଠି ?" ସେ ମୁହୂର୍ତ୍ତକେ ଉତ୍ତର ଦେଲା ଯଥେଷ୍ଟ ପ୍ରଗଲ୍ଭତାର ସୂଚନା ଦେଇ "ପାତ୍ର ସାହିରେ ।" ଦଣ୍ଡେ ରହି କହିଲା, "ଯେଉଁ ଖଣ୍ଡିଆ ଷ୍ଟେସନରେ ମୁଁ ଗାଡ଼ି ଚଢ଼େ ତାର ଦୁଇ କିଲୋମିଟର ପଶ୍ଚିମକୁ ।"

ବାପା କିଏ, କଣ କରନ୍ତି, ତୁମେ ଭାଇଭଉଣୀ ମିଶି କେତେ, ଜମି ଜାଇଗା କେତେ ଆଦି ମାମୁଲି ପ୍ରଶ୍ନ ପଚାରି ପଚାରି ସମୟ ଓ ଦୂରତା ସେ ଦିନ କଟାଇ ଦେଲି । ପରଦିନ ସେଇସବୁ କଥାର ଖିଅ ଧରି ଚାଲିଲି । ଦି ଚାରିଦିନ ପରେ ଆତ୍ମୀୟତା ଆହୁରି ବଢ଼ିଲା । ତାକୁ ଯେତେ ଥର ଦେଖୁଁଥାଏ ସେ ସେତେ ଆପଣାର ଜଣା ପଡ଼ୁଥାଏ । ଦୂରତା କ୍ରମେ କ୍ରମେ ଆମ ଦୁହିଁଙ୍କ କମି ଆସିଲା । ତଥାପି ମୁଁ ଗହୀରକୁ ଯାଇ ନଥାଏ । ହଠାତ୍ ଦିନେ ଭାବପ୍ରବଣତା ଏଡ଼ି ନପାରି ପଚାରିଦେଲି, "ଝିଅରେ ତୋର ଜାତି କ'ଣ ?"

ଓଠରେ ସାମାନ୍ୟ ହସ ଫୁଟାଇ ଚଲାକ ଝିଅଟା ପଟାପଟ୍ ଉତ୍ତର ଦେଲା "ଆପଣ ଯେଉଁ ଜାତି ବୋଲି ଭାବିଛନ୍ତି ମୁଁ ତାହା ନୁହେଁ; ମୁଁ ଖଣ୍ଡାୟତ । ସାର୍ ! ଆପଣ ଏଡ଼େ ବଡ଼ ଲୋକ ହୋଇ ଆଜି କାଲି ଯୁଗରେ ଜାତିପାତି ମାନନ୍ତି ?" ମୁଁ ଅପ୍ରତିଭ ହେଲି । ପାଚିଲା ଆମ୍ବ ଭଳି ଗୋରୀ ଚିକିଣିଆ ଚମଡ଼ା ଦେଖି କାଳେ ବ୍ରାହ୍ମଣ ଝିଅ ହୋଇଥିବ ଭାବିଥିଲି । ସିଧା ତା ମୁହଁକୁ ବାଚାଳତା ଦେଖାଇ କହିଲି "ମିନିରେ, ଯଦି ତୁ ବ୍ରାହ୍ମଣ ଝିଅ ହୋଇଥାନ୍ତୁ ତେବେ କାଲି ସକାଳୁ ତୋତେ ମୋ ପୁଅକୁ ବାହା କରାଇଥାନ୍ତି । ମୋର କପାଳରେ ତୋପରି ସୁନ୍ଦର ବୋହୂ ନାହିଁ ।

ମିନି କହିଲା "ମୁଁ କଣ ଏକା ଦୁନିଆଁରେ ସୁନ୍ଦର ଝିଅ ଅଛି ? କାହିଁକି ଆମ ଗାଁରେ ତ ମୋରି ସାଙ୍ଗ ଗୋଟିଏ ବ୍ରାହ୍ମଣ ଝିଅ ଅଛି ।" ଆଖିମିଟିକା ମାରି କହିଲା "ସାର୍, ବ୍ରାହ୍ମଣ ଘର ନ ହେଲେ କଣ ଆପଣଙ୍କ ପୁଅର ଚଳିବ ନାହିଁ ?" ମୁଁ କହିଲି "ନା, ବାପା ମାଆ ମନା କରୁଛନ୍ତି । ଆଚ୍ଛା, ମିନି ମୋ ସାଙ୍ଗରେ ଥଟ୍ଟା କରୁଛୁ ? ପାତ୍ର ସାହିରେ ବ୍ରାହ୍ମଣ ଝିଅ, ଫେର୍ ସୁନ୍ଦର ! ତୋଠୁଁ ସୁନ୍ଦର !"

"ମୋ କଥା ମାନିବେ ନାହିଁ ସାର୍ ! ରାଣ ଅଛି । ଭାରି ସୁନ୍ଦର, ମୋଠୁଁ ହଜାରେ ଗୁଣ ସୁନ୍ଦର । ବ୍ରାହ୍ମଣ ଘର । ଦିନେ ମୋ ସାଙ୍ଗରେ ଆସନ୍ତୁ । ଦେଖି ଆସିବାରେ

Digitized by srujanika@gmail.com

ଢଣ ଆପତ୍ତି । ଆପଣଙ୍କ ପୁଅ ପାଇଁ ଅନେକ ଝିଅ ଦେଖିଥିବେ । ଝିଅ କଣ ଅଭାବ ଦୁନିଆଁରେ । ଏଇ ଗୋଟିକ ଆଉ ଦେଖନ୍ତୁ ।'' ମନେମନେ ଭାବିଲି ''ନ ଗଙ୍ଗଦତ୍ତ ପୁନରପି କୂପମ୍'' ଆଉ ବାହାଘର ଆଡ଼କୁ ଯିବ ନାହିଁ । ପଙ୍କରେ ଢେର ଉବୁଟୁବୁ ହେଲାଣି ।

ଝିଅ କହି ଚାଲିଲା ''ହେଲେ ଆମ ଗାଁ ଭିତରକୁ ବର୍ଷା ଦିନରେ ଯିବାକୁ ଅସୁବିଧା । ଗାଁ ଦାଣ୍ଡରେ ଆଣ୍ଠୁଏ ପାଣି । କାଦୁଅ ପଚର ପଚର । ଯୋତା ହାତରେ ଧରି କାନ୍ଧରେ ବୋହି ଯିବାକୁ ହେବ । ବିଲ ଭିତରେ ଛୋଟ ଟାପୁଟିଏ ଆମ ଗାଁ । ଦିନେ ମୋ ସାଙ୍ଗରେ ଆସନ୍ତୁ ନା । ଷ୍ଟେସନରୁ ଓହ୍ଲାଇ ଚାଲିଯିବା ତିନିଟା ବେଳେ । ଦୁଇଘଣ୍ଟା ଗାଁରେ ରହି ପୁଣି ଆଉ ଗୋଟାଏ ଟ୍ରେନ୍ ଧରି ଆପଣ ଘରକୁ ଫେରିଯିବେ । ରାତି ଆଠଟାରେ ଆପଣଙ୍କ ଘରେ ଆପଣ ହାଜର । ଆସିବେ ନା ?'' ''ଦେଖିବା । ବେଳକାଳ ଦେଖି, ସମୟ ସୁବିଧା ହେଲେ ।'' ତା'ପରେ ମିନି ଯେବେ ତେବେ ମୋ ଅଫିସ୍‌କୁ ଆସି ପଚାରେ, ''ସାର୍ ! ଆଜି ଯିବେ ନା ?'' ମୋର ବି ଏକ ଉତ୍ତର ''ଆଜି ନୁହେଁ, ଆଉ ଦିନେ ।'' ଏମିତି ଦିନ ପରେ ଦିନ ଗଡ଼ିଯାଏ । ମିନିଠାରୁ ବୃଆଡେ଼ ଅଧିକ ସୁନ୍ଦର ଦୁନିଆଁଟି ମୋର ଅଦେଖା ରହିରହି ଯାଉଥାଏ ।

ଦିନେ ଫେରନ୍ତା ରାସ୍ତାରେ ସେଇ ଛୋଟ ଷ୍ଟେସନଟିରେ ମିନି ଓହ୍ଲାଇଲା । ଯିମିତି ମୋତେ ଦେଖିଛି ଗୋଡ଼ିବିଛା ପ୍ଲାଟଫର୍ମରେ ଛିଡ଼ା ହୋଇ ଖିଆଲରେ ହୁଏତ ସେଇ ମାମୁଲି ପ୍ରଶ୍ନଟି ମୋତେ ପଚାରିଲା, ''ସାର୍, ଓହ୍ଲାନ୍ତୁ, ଝିଅ ଦେଖିବାକୁ ଯିବେ ପରା । ଆଜି ଆସନ୍ତୁ, କାଲି ଛୁଟି, ଓହ୍ଲାନ୍ତୁ ।'' ପ୍ରାୟ ଅଧ ମିନିଟିଏ ଯାକେ ଟ୍ରେନ୍‌ଟି ଛିଡ଼ା ହୁଏ । ତରବର ହୋଇ ଓହ୍ଲାଇ ପଡ଼ିଛି, ଟ୍ରେନ୍ ଛାଡ଼ି ଦେଇଛି । ଦୁଇ ଚାରି ସେକେଣ୍ଡ ଡେରି ହୋଇଥିଲେ ଏକ୍‌ସିଡେଣ୍ଟ ହୋଇଥାନ୍ତା । ଆପାତତଃ ଗୋଟାଏ ଏଡ଼ଭେଞ୍ଚର ପାଇଁ, ପରିବର୍ତ୍ତନ ବା Change ପାଇଁ ଧାନ ବିଲ ଭିତରେ, ଗଛ ବୁରୁଛ ବାଉଁଶ ବୁଦା ଭିତରେ, ଧୂଆଁ, ମଶା, କୁକୁର, ଗୋରୁଗାଈ, କଳାକଳା ମଣିଷଙ୍କ ଭିତରେ ହୁଏତ ଅନ୍ଧାରରେ ।

ମିନି ବହି ଖାତାପତ୍ର ଛାତିରେ ଚାକି ବାଟ କଢ଼େଇ ଚାଲିଥାଏ ଆଗେ ଆଗେ । ମୁଁ ଆଠ ଦଶହାତ ପଛରେ; ଖସଡ଼ା ଅଣଓସାରିଆ ହିଡ଼ ବାଟରେ । କୁଆଡେ଼, କାହିଁକି ଯାଉଛି ଭାବୁନାହିଁ; ଯାଉଛି ଚାଲିଛି ମିନି ପଛେ ପଛେ । କଥା ନାହିଁ, ବାର୍ତ୍ତା ନାହିଁ । ମିନି ନେଉଛି ମୋତେ କନିଆଁ ଦେଖେଇବ, ତାଠୁଁ ସୁନ୍ଦର କନିଆଁ, ମୋ ପୁଅ ପାଇଁ ।

ଅଗଷ୍ଟ ମାସ, ଚଉଦ କି ଷୋହଳ ତାରିଖ । ଦଣ୍ଡେ ଆଗରୁ ଟାଣ ଅସରାଏ ବର୍ଷା ହୋଇଯାଇଛି । ନାଲିଗୋଡ଼ି ବିଛା ରାସ୍ତାରେ ଯୋତା କାଦୁଅ ହେବା ପର୍ଯ୍ୟନ୍ତ ଦବି ଯାଉଛି । ଦୂରରୁ ଗାଁ ଦିଶୁନାହିଁ । ଚାଳଛପର, ପଲାସବୁ; ବାଉଁଶ ଆମ୍ବ ପଣସର ଜଙ୍ଗଲ ଭିତରେ ଲୁଚି ରହିଛନ୍ତି । ବାଟକଡ଼ ଗହୀର ବିଲର ଆଗୁଆ ରୁଆ ଧାନତକି ସବୁ ଶୁଆ ପକ୍ଷିଆ ବନିଗଲାଣି । ମୁଖ୍ୟ ରାସ୍ତା ବା ଗାଁ ଗୋହିରୀରେ ଆଣ୍ଠୁଏ ଢଙ୍ଗେ ପାଣି । ଦୁଇ କଡ଼ ବାଡ଼ରେ କେଉଁଠି କିମିତି ଜହ୍ନି ଫୁଲ ଫୁଟିବାକୁ ଆରମ୍ଭ କଲାଣି । ମଶା ଗୁହାଳ ଘରୁ

Digitized by srujanika@gmail.com

ଘଉଡେଇବା ପାଇଁ ଧୂନିରୁ ଧୂଆଁ ଉଠି ଗାଁ ଯାକରୁ ଏକ ମଫସଲ ମହକ ସୃଷ୍ଟି କରୁଛି । ମାଝିସାନ୍ତାଳ ଭୂମିଜଙ୍କ ଘରୁ ସଦ୍ୟ ଖାଞ୍ଚିଧରା ବିଲମାଛର ଗନ୍ଧ ଆସୁଛି । ଏଇ ସମୟରେ ଆମ ଆଗେ ଆଗେ ଗାଁ ଗୋଠ ଦାଣ୍ଡ ଦେଇ ଆସିବାରୁ ବାଲି ପାଣି କାଦୁଅ ଏକାକାର ହୋଇ ଯାଆନ୍ତେ ଚୂନା ମାଛ ପଲ ଏଣେ ତେଣେ ପ୍ରାଣବିକଳରେ ଛିଟିକିବାକୁ ଲାଗିଲେ । ମୋର ଅବସ୍ଥା ଅସମ୍ଭାଳ । ନୂଆ ବାଟା ଯୋତା ଓ ମଉଜା ଫିଟାଇ ଫିତାକୁ ଫିତା ବାନ୍ଧି କାନ୍ଧରେ ଝୁଲାଇଲି । ଦୁଇ ହାତରେ ଜଙ୍ଘ ପର୍ଯ୍ୟନ୍ତ ପେଣ୍ଟ ମୋଡ଼ିମାଡ଼ି ଦେଇ ଦୁଇ ହାତରେ ଟେକି ଧରି ଆଗକୁ ଚାଲିଲି । ମୋ ଆଗରେ ଯାଉଥିବା ଝିଅ ଚାଲିଥାଏ ଠିକେ ଠିକେ ଉଚ୍ଚ ଟାଣୁଆ ବାଲିଢାଗା ବାରି ବାରି । ତାର ଜଙ୍ଘ ଦିଶୁଥାଏ । ମାଛି ଅନ୍ଧାରର ସୁଯୋଗ ନେଇ ସେ ନିର୍ବିକଳ୍ପ ନିରାଲମ୍ବ ହୋଇ ଚାଲିଥାଏ । ପଛକୁ ମୋତେ ମୋଟେ ଚାହେଁ ନାହିଁ ।

ଝିଅଟା ଗୋଟେ ଚେଲେଞ୍ଜରେ ମୋତେ ଡାକିଛି । ପୁଅ ପାଇଁ ଝିଅ ଖୋଜିବା ଚେଲେଞ୍ଜ ଗ୍ରହଣ କରି ମୁଁ ଗତ କେତେ ବର୍ଷ ଯେତିକି ହନ୍ତସନ୍ତ ହୋଇଛି, ବର୍ତ୍ତମାନର ଏ ଦୁଃଖ କଷ୍ଟ ସେ ତୁଳନାରେ କିଛି ନୁହେଁ ।

ଗାଁ–ମଝିରେ ଏ ଯାକେ ଆମେ ଗାଁର ଜନମାନବ ଦେଖିନୁ–ଗୋଟାଏ ଉଚ୍ଚ ଖପର ଘରର ଦାଣ୍ଡ ପାଖ ଉଚ୍ଚ ପିଣ୍ଡାକଡ଼ ଦେଇ ବେଲେନ୍ସ ରଖି ଚାଲିନ୍ତୁ ଶୁଖିଲାରେ । ଆଗରେ ସେଇ ପିଣ୍ଡାକୁ ଲାଗି ଛୋଟ ଫାଟକ । ସେଇଠି କେତେଗୁଡ଼ା ମାଙ୍କଡ଼ା ପଥରର ପାହାଚ ଗୁହାଳ ଦେଇ ଘର ଭିତରକୁ ଲମ୍ବିଯାଇଛି । ଗୋରୁ, ଛେଳି, ମଣିଷ ଘର ଭିତରକୁ ଯେପରି ସିଧା ପଶିଯାଇ ନ ପାରିବେ ସେଥିପାଇଁ ଗୋଟାଏ କାଠ ରେଲିଂ ଦିଆ ଗେଟ । ଅଣ୍ଟାଏ ଉଚ୍ଚ । ସେଇ ଗେଟ୍‌କୁ ନଇଁ ପଡ଼ି ଆଉଜି ଛିଡ଼ା ହୋଇଛି ଝିଅଟିଏ ଫ୍ରକ୍ ପିନ୍ଧିଛି । ଦିହ ମୁଣ୍ଡ ତୁଳନାରେ ଖୁବ୍ ବଡ଼ ଜୁଡ଼ାଟାଏ । ସେ ଆମରି ଆସିବା ଆଡ଼କୁ ଚାହିଁଥିଲା କାହା ଅପେକ୍ଷାରେ ଯିମିତି । ତାରି ପାଖେ ପହୁଞ୍ଚି ମିନି ତାକୁ କହିବାର୍ ଶୁଣିଲି "ଝୁନୁ, ଆମ ଘରକୁ ଆ ।" ଝୁନୁ ମୁହୂର୍ତ୍ତକେ ଫାଟକ ଖୋଲି ମିନିକୁ ଅନୁସରଣ କଲା । ଅନ୍ଦାଜ କରି ଜାଣିଲି ମିନିର ଟ୍ରେନ୍ ହୁଇସିଲ୍ ଶୁଭିଲାକ୍ଷଣି ଝୁନୁ ଫାଟକ ପାଖରେ ଛିଡ଼ା ହୋଇଯାଏ । ନିଜେ ତ କଲେଜ ମାଡ଼ି ପାରିଲାନି; ତେଣୁ ସାଙ୍ଗ ପାଖରୁ କଲେଜ ପାଠ, ଖୋଜଖବର ବୁଝାବୁଝି କରେ । କେବେ ଚାନ୍ସ ପାଇଲେ ଯଦି କଲେଜରେ ଏଡ଼ମିଶନ ହବ । ଝୁନୁର ସାଙ୍ଗରେ ଛଅ ସାତ ବର୍ଷର ଭାଇଟିଏ । ମିନି ଝୁନୁ ଆଠ ଦଶ ହାତ ବ୍ୟବଧାନରେ ଚାଲିଥାନ୍ତି ଏବଂ ବ୍ୟବଧାନ କ୍ରମେ ବେଶି ବେଶି ହେଉଥାଏ । କାରଣ ମିନି ଆଗେଇ ଯାଉଛି ତା ଘରେ ମୋ ଆସିବାର ଖବର ତା' ମାଆକୁ ଦେବା ପାଇଁ । କାରଣ ମୋ ଆବିର୍ଭାବ ଯିମିତି ଅକସ୍ମାତ ସିମିତି ଅପ୍ରତ୍ୟାଶିତ ।

ଆଗରେ ପ୍ରାୟ ଡେଇଁ ଡେଇଁ ହରିଣୀଛୁଆ ପରି ଯାଉଥିବା ଝିଅକୁ ନଜର କଲି । ଖାଲିପାଦ, ନିଷକଳଙ୍କ, ମସୃଣ ପାଚିଲା ଆମ୍ବପରି ଚମଡ଼ା, ଦିହର ରଙ୍ଗ ହଳଦିଆ ଗୋରା ।

Digitized by srujanika@gmail.com

ମୁହଁ ଖୁବ୍ କଅଁଳ; ପ୍ରାଣ ପ୍ରାଚୁର୍ଯ୍ୟରେ ଭରା ଯିମିତି । ସେ ମୋତେ ନିଜର କରି ନାହିଁ ବା ଏ ବୁଢ଼ାଟା କିଏ ତା ପଛେ ପଛେ ଆସୁଛି ଜାଣିବାକୁ ଚାହିଁନାହିଁ । ଆମେ ଦୁହେଁ ଏକାବେଳକେ ଅପରିଚିତ, ପରସ୍ପର ସଂପୂର୍ଣ୍ଣ ଅଜ୍ଞାତ । କିନ୍ତୁ ମୋର ଅନ୍ତରାତ୍ମା ତାକୁ ଦେଖିବା ମୁହୂର୍ତ୍ତରୁ କହିଲାଣି ଏ ସେଇ ଝିଅ ଯାହାକୁ ମୁଁ ଯୁଗ ଯୁଗ ଧରି ଖୋଜୁଛି, ଯେ କି ମୋ ହାଣ୍ଡିରେ ଚାଉଳ ପକାଇଛି ।

ପ୍ରାୟ ତିରିଶ ସେକେଣ୍ଡ ଧରି ଗୋଟାଏ ଉଚ୍ଚ ଜାଗାରେ ଛିଡ଼ା ହୋଇ ତା ମୁଣ୍ଡକୁ ଅନାଇଲି, ପଛପଟୁ । ଅତିକାୟ ଚୁଡ଼ାଟା ଦେଖି କିଛି ପଚାରିବାକୁ ଇଚ୍ଛା ହେଲା ଝିଅଟାକୁ, ସଂପୂର୍ଣ୍ଣ ଅପରିଚିତା ହେଲେ ବି । ଯିମିତି ସେ ମୋ ଆଡ଼କୁ ଦରଚାହାଁ ହୋଇଛି ତାକୁ ଛୋଟ ଛୁଆ ଭାବି (କିମିତି ନ ଭାବନ୍ତି; ଫ୍ରକ୍ ପିନ୍ଧିଛି, ତାବି ଖଣ୍ଡିଆ, ଉପର ଜଙ୍ଘ ଯାକେ ଦିଶିଯାଉଛି, ଡେଙ୍ଗ ଡେଙ୍ଗ ଚାଲୁଛି) ନିର୍ମଳ ଭାବମୂର୍ତ୍ତି ଦେଖାଇ ପଚାରି ଦେଲି "ହଇରେ ଝିଅ, ତୋର ଚୂଳଗୁଡ଼ାକ ନିଜର ନାଁ କେଉଁଠୁ ଭଡ଼ାରେ ଆଣିଛୁ ?" ରାଗ ଓ ଗର୍ବ ମିଶା ସ୍ୱରରେ ସେ ଧୀରେ ଉତ୍ତର ଦେଲା "କାହିଁକି ? ମୋ ନିଜର ଚୂଳ, ଆଉ କାହାଠୁ କାହିଁକି ଆଣିବି ?" ଅନୁମାନ କଲି ଚୁଡ଼ା ଫିଟାଇ ଦେଲେ ନଳୀଗୋଡ଼ ତଳକୁ ଖଣ୍ଡେ ଦୂର ସରସର ହୋଇ ଝରଣା ପରି ଝରିଯିବ । ଝିଅଟା ଏଥର ପାଣି କାଦୁଅରେ ଚବର ଚବର ହୋଇ ଧାଇଁବାକୁ ଲାଗିଲା ସାଙ୍ଗ ପାଖ ପହୁଞ୍ଚିବା ପାଇଁ । ମୋର ମନ ଉଲ୍ଲସିତ ହୋଇ ଉଠିଲା ।

ଏ ଯଦି ସେଇ ଝିଅ ତେବେ ତାକୁ ଅଧିକ ଭଲ ଭାବରେ ଆଉ କିମିତି ଦେଖିଥାନ୍ତି ? ଘର ଭିତରେ, ସୀମିତ ଆଲୋକରେ, ଜ୍ଞାତିକୁଟୁମ୍ବ ଭିତରେ ଅତିବେଶି ହେଲେ ଦେଖିଥାନ୍ତି ଗୋଡ଼ ହାତର ଆଙ୍ଗୁଠି କେତୁଟା, ନାକ ଟିକିଏ, ଓଠରୁ ଟିକିଏ, ସାମାନ୍ୟ ଟିକିଏ ବେକ, ଆଖି ଯୋଡ଼ାକ, ବାସ୍ ସେତିକି । ବର୍ତ୍ତମାନ ମୁଁ ଝିଅର ରୂପ ବର୍ଣ୍ଣ ଉଚ୍ଚତା, ଗଳା ସ୍ୱର, ଚୂଳ ଏବଂ ଦିହର ଅଙ୍ଗ ପ୍ରତ୍ୟଙ୍ଗର ଷାଠିଏ ସତୁରୀ ଭାଗ ଦେଖି ସାରିଲିଣି । ଓଡ଼ିଆ ଘରର, ମୋଫସଲ, ବ୍ରାହ୍ମଣ ଘରର ବୋହୂ ଝିଅକୁ ଏତେ ପରିଷ୍କାର ଭାବରେ କିଏ କେବେ ଦେଖାଏ ନା କିଏ କେବେ ଦେଖି ପାରେ ? ଏ ଯଦି ସେଇ ଝିଅ ତେବେ ମୋର ଝିଅ ଦେଖା ସରିଲା ବୋଲ ।

ମିନିର ମାଆ ଅପରିଚିତା ହେଲେ ବି ଖୋଲାଖୋଲି ଭାବରେ ମୋତେ ଭି.ଆଇ.ପି. ଏପରିକି ବନ୍ଧୁ ଆତ୍ମୀୟ ଆକାରରେ ମୋର ଆଦର ଅଭ୍ୟର୍ଥନା କଲେ ଯିମିତି କି ସେ ମୋର ସମୁଦୁଣୀ ହେବାକୁ ଯାଉଛନ୍ତି । ମୋତେ ଠାକୁର ଘରକୁ ନେଇ ତୁଳସୀ ଭୋଗ ଦେଲେ । ମୁଁ ତାଙ୍କୁ ମୋ ମନୋଭାବ କହିଲି ଏବଂ ତାଙ୍କ ଝିଅ ପାଇଁ ମୁଁ ଏ ଯାକେ ଆସିଛି କହିଲି । ସେ ମୋତେ ଉପଦେଶ ଦେଲେ ଗାଁରେ ଆଉ ଘରେ ବ୍ରାହ୍ମଣ ଅଛନ୍ତି ଏବଂ ତାଙ୍କର ବି ଭଲ ଝିଅଟିଏ ଅଛି, ତାକୁ ଦେଖିବାକୁ । ମୁଁ ସେଠାକୁ ଗଲି ନାହିଁ । କେତୁଟା ଦେଖିବି ? ଏ ବେପାରରେ ପଶି ମୋତେ ନିଜକୁ ଲାଜ ଲାଜ ଲାଗିଲାଣି ।

Digitized by srujanika@gmail.com

କାକୁଡ଼ି, ଗୁଆ, ଘିଅ, ମୁଢ଼ି, ମାଛଭଜା, କୁଟା ଛତୁ, ପଡ଼ୁଆ ଆଦି ମୋଫସଲର ନାନା ରୁଚିକର ଅମିଳ ଚିଜର ଚଳଷିଆ ସାଙ୍ଗକୁ ମିଠା ଆକାରରେ ବଡ଼ ବଡ଼ ଗଛ ପାକଲା ଆତ ଆନନ୍ଦରେ ଖାଇ ପରିତୃପ୍ତ ହେଲି ।

ଏଥର ଝିଅକୁ ସାମନାକୁ ଡକାଇଲି । ଏ ଯାକେ ଝିଅ ସ୍ୱପ୍ନରେ ମଧ ଭାବି ପାରିନି ଏ ବୁଢ଼ାଟା କିଏ କାହିଁକି ମୋତେ ଡାକୁଛି । ସେ ଜାଣିନି ଅକ୍ରୁର ଆସିଛି ତାକୁ ଧରି ନେବା ପାଇଁ ।' ପୁଅ ବି କେବେ କଣ ସ୍ୱପ୍ନରେ ଏ ମୁହୂର୍ତ୍ତରେ ଭାବୁଥିବ ମୋଫସଲର କେଉଁ ଏକ ଅଜ୍ଞାତ ସ୍ଥାନରେ ବସି ବୁଢ଼ା ଇଣ୍ଟରଭିଉ କରୁଛି ଝିଅକୁ । ଝିଅ ସାଙ୍ଗେ ସାଙ୍ଗେ ଦ୍ରୁତ ପଦରେ ଆସିଲା । ଯିମିତି କି ମୁଁ ତାକୁ ପାଣି ଗିଲାସେ ଆଣିବାକୁ କହିବି । ସେ ଆସି ସିଧା ସଳଖ attention ଭଙ୍ଗୀରେ ଠିଆ ହେଲା ଯିମିତି ସ୍କୁଲ ପଢ଼ୁଆ ଝିଅ ବୁଢ଼ା ସାର୍‌ଙ୍କୁ କ୍ଲାସରେ ଉତ୍ତର ଦେବା ପାଇଁ ଛିଡ଼ା ହୁଏ । ପଚାରିଲି ପ୍ରଥମେ ଗୋଟାଏ ଅଧେ ମାମୁଲି ପ୍ରଶ୍ନ– ନାମ, ଧାମ, ଠିକଣା ଆଦି । ତା'ପରେ ପଚାରିଲି, "ଝିଅରେ ! କେଉଁ ଧଳା ଫୁଲକୁ ସବୁଠାରୁ ବେଶି ଭଲ ପାଉ ?" ଆଦୌ ବିଳମ୍ବ ନ କରି ସଜୋରେ କହିଲା 'ପଦ୍ମ' । ମୁଁ ଆନନ୍ଦ ଓ ଆଶ୍ଚର୍ଯ୍ୟରେ ବିଭୋର ହେଲି । ମୁଁ ନିଜେ ପଦ୍ମ ଫୁଲକୁ ଭଲ ପାଏ ଏବଂ ମୋର ଧାରଣା ଯେ ପଦ୍ମ ଫୁଲକୁ ଭଲ ପାଏ ସେ ପୂତ, ପବିତ୍ର ମନା, ନିଷ୍ପାପ । "ବେଶ୍" କହି ପରବର୍ତ୍ତୀ ପ୍ରଶ୍ନ ପଚାରିଲି "ତୁ ଆମ୍ବ ଆଉ ଆମ୍ବଡ଼ାରୁ କେଉଁଟି ବେଶି ଭଲ ପାଉ ?" ସେ ସାମାନ୍ୟ ହସର ଛିଟା ଓଠରେ ଖେଳାଇ କହିଲା "ମିଠା ଆମ୍ବ ।" ଝିଅ ହେତୁ ସେ ଖଟା 'ଆମ୍ବଡ଼ା' ଉତ୍ତର ଦେବ ବୋଲି ଭାବିଥିଲି । ଇଣ୍ଟରଭିଉ ଶେଷ ।

ଝୁନୁ ଘର ଭିତରକୁ ଯାଇ ଆଉ କେତେକ ସାନ ସାନ ପୁଅ ଝିଅଙ୍କ ସାଙ୍ଗରେ ମିଶିଗଲା । ମୁଁ କାହିଁକି ତାକୁ ଫୁଲ ଫଳ ବିଷୟରେ ପ୍ରଶ୍ନ କରୁଥିଲି ସେ ବୋଧହୁଏ ବୁଝିପାରିଲା ନାହିଁ । ଧନ୍ୟବାଦ ଦେଉଛି ମିନିକି ସେ ଲବେ ମାତ୍ର ତା ସାଙ୍ଗକୁ କୌଣସି hints ବା ସୂଚନା ଦେଇନାହିଁ ବା କାହାକୁ ପୂର୍ବରୁ କହି ନାହିଁ ଦିନେ ନା ଦିନେ ମୋର ଅଚାନକ ଆବିର୍ଭାବ ହେବ ତାଙ୍କର ଏ ଗାଁରେ ।

ସୁଯୋଗକୁ ଏତିକିବେଳେ ମିନିର ବାପା ହାଟରୁ ଗୁଡ଼ାଏ ପନିପରିବା ଧରି ପହୁଞ୍ଚିଲେ । ମୋତେ ତାଙ୍କ ଘରେ ଦେଖି (ଆଗରୁ କଲେଜରେ ତାଙ୍କ ସହିତ ଦୁଇଥର ଭେଟ ହୋଇଥିଲା) କୃତକୃତ୍ୟ ହେଲେ ଏବଂ ପ୍ରଥମେ ତାଙ୍କ ସ୍ତ୍ରୀ ପାଖରୁ ଓ ପରେ ମୋ· ମୁହଁରୁ ସବୁ କଥା ଶୁଣି ସାରିଲେ । ମୁଁ ତାଙ୍କୁ କହିଲି "ଦେଖନ୍ତୁ, ତୁମ ଝିଅ ପାଖରୁ ସନ୍ଧାନ ପାଇ କାମ ଆରମ୍ଭ କରି ଦେଇଛି । ମିନି ଛଡ଼ା ମତେ ଆଉ କେହି ଆପଣଙ୍କ ଏ କାହୁଥ ଭିତରକୁ ଆଣି ପାରି ନଥାନ୍ତା । ଏଥର ଆପଣ ଦୁହିଁଙ୍କୁ, ଆପଣଙ୍କୁ ଓ ଆପଣଙ୍କ ସ୍ତ୍ରୀଙ୍କୁ ଏ କାମର ମୁଣ୍ଡି ମାରିବା ଦାୟିତ୍ୱ ଲାଗିଲା ।" ମିନିର ବାପା କହିଲେ "ଏ ସାମାନ୍ୟ କାମ, ଆପଣ ବ୍ୟସ୍ତ ହେବେନି; ସେମାନେ ଆମର ଆତ୍ମୀୟ, ଆମ କଥା ତଳକୁ ପକାଇବେ ନାହିଁ । ନିର୍ଭର ପ୍ରତିଶ୍ରୁତି ଦେଉଛି ଏ ଶୁଭ କାମ ହବ ହବ ହବ, ଆମେ କରାଇ ଦେବୁଁ ।"

Digitized by srujanika@gmail.com

ଠାକୁର ଘରେ ସନ୍ଧ୍ୟାଧୂପ ଆରତି ଘଣ୍ଟା ବାଜି ଉଠିଲା ଆମେ ଘରୁ ବାହାରିଲା ବେଳେ । ପ୍ରାୟ ସାତ୍ଟା ବେଳେ ଫେରନ୍ତା ଟ୍ରେନ୍ । ଯୋତା ମୌଜା ବନ୍ଧାବନ୍ଧି ଧରାଧରି କରି ପେଣ୍ଟଟେକି ପୁଣି ପାଣିକାଦୁଅ ଭିତରକୁ ପଶିଲି । ମିନି ଝୁନୁ ରହିଗଲେ । ସାଙ୍ଗରେ ଛାଡ଼ିବାକୁ ଆସିଲେ ମିନିର ବାପ ଓ ମାମୁଁ । ମିନିର ମାମୁଁ ମଧ ଏକ କରିତ୍କର୍ମା, ଅସାଧସାଧକ । ଏ ପର୍ଯ୍ୟନ୍ତ ମିନି ମଧ୍ୟସ୍ଥ, ଏବେଠୁ ତା ବାପା ସେ କାମ ଧରିବାକୁ ଆଗଭର ହେଲେ । ମିନିକୁ ଘରୁ ବାହାରିଲା ବେଳେ କାନ ପାଖରେ କହି ଆସିଲି ତା ସାଙ୍ଗର ଫଟୋଟିଏ ଯୋଗାଡ଼ କରି ଯିମିତି କଲେଜରେ ଆଣି ମୋତେ ଦେବ । ବାଟରେ ଟର୍ଚ୍ଚ ପକାଇ ପକାଇ ଆସିଲା ବେଳେ ପୁଣି ଅସଂଖ୍ୟ ଗଡ଼ିଶା, ମାଗୁର ମାଛର ଗତିବିଧି ଦେଖି ଭାରି ଖୁସି ଲାଗିଲା । ଟ୍ରେନ ବେଳ ହୋଇ ଆସୁଛି, ତେଣୁ ଦ୍ରୁତ ପଦକ୍ଷେପରେ ଆମର ଗତି ।

ଆସିଲାବେଳେ ଯେଉଁଠି ଫାଟକ ପାଖରେ ଫ୍ରକ୍ ପିନ୍ଧା ଝିଅଟି ଛିଡ଼ା ହୋଇଥିଲା ସେଇଠି ପହଞ୍ଚିଲା ବେଳକୁ ମିନିର ବାପା କହିଲେ ''ଏଇଟା ଝୁନୁର ଘର ।'' କଣ ଭାବିଲି ସାଙ୍ଗେ ସାଙ୍ଗେ ଭଦ୍ରଲୋକଙ୍କୁ କହିଲି ''ଆସନ୍ତୁ ଯିବା ।'' ତାଙ୍କ ଘରକୁ ପଶିଲି । ପ୍ରଶସ୍ତ ଅଗଣା, ଉଞ୍ଚା ଉଞ୍ଚା ପିଣ୍ଡା, ବିସ୍ତୀର୍ଣ୍ଣ ଖଳା, ଛୋଟ ପୋଖରୀଟିଏ, ଆଠ ଦଶଟା ଶାଗ ତଳା । ଘର ଭିତର ପ୍ରାୟ ଅନ୍ଧାର । ମୋଫସଲରେ ସଂଜବେଳେ ବିଜୁଳି ନଥାଏ ସହର ଓ ସହରର ଶିଳ୍ପଙ୍କ ପାଇଁ ପାୱାର ଲୋଡ଼ା ହେଉଥିବାରୁ । ଘର ଭିତରୁ ଦ୍ରୁତ ପଦକ୍ଷେପରେ ଝିଅର ମାଆ ବାହାରି ପଡ଼ିଲେ । ଖାନ୍‌ଦାନ୍ ଘରର ଝିଅ ସେ । ତାଙ୍କ ବାପା ବଡ଼ ସରକାରୀ ଚାକିରି କରିଥିଲେ । ସାରା ଓଡ଼ିଶା ସେ ଗସ୍ତ କରୁଥିଲେ । ତାଙ୍କର ବନ୍ଧୁକ ଥିଲା । ପାତଳୀ, ଗୋରୀ ସ୍ତ୍ରୀଲୋକଟି । ହରଷ ମୁହଁ, ଟାଏଁ ଟାଏଁ କଥା କହନ୍ତି ଯିମିତି ଘରର ମାଲିକ ମାଲିକାଣୀ ଉଭୟ ସେ । ମୁହାଁମୁହିଁ ଛିଡ଼ା ହୋଇ ଉଭୟ ଉଭୟଙ୍କୁ ବିନା ପରିଚୟରେ ନମସ୍କାର ହେବା ପରେ ପରେ ମୁଁ କହିଲି ''ଦେଖନ୍ତୁ, ମୁଁ ଆପଣଙ୍କ ପାଖକୁ କ୍ଷମା ମାଗିବାକୁ ଆସିଛି, ମୋର ଗୋଟାଏ ଭୁଲ ପାଇଁ । କିଛି ଭାବିବେ ନାହିଁ । ମୁଁ ଆପଣଙ୍କ ଅନୁମତି ନ ନେଇ ଆପଣଙ୍କ ଝିଅକୁ ଦେଖି ଦେଇଛି, ଅଭଦ୍ରାମି ହୋଇଛି, ଅନ୍ତତଃ ମୋ ପରି ଲୋକ ପକ୍ଷରେ । ମୁଁ ମୋ ପୁଅ ପାଇଁ ଝିଅ ଖୋଜୁଛି ।''

ଭଦ୍ର ମହିଳାଟି ପ୍ରଚୁର ପ୍ରଗଳ୍‌ଭତା ଦେଖାଇ କହିଲେ ''ଦେଖନ୍ତୁ, ମୁଁ ଜାଣିପାରୁନି ଆପଣ କେଉଁଠି କି ଭୁଲ କଲେ । ଆମର ଝିଅ ଅଛି, ତାକୁ ଆପଣ ବା ଆଉ କିଏ ଦେଖିବେ । ଘର ଭିତରେ ତାକୁ ଲୁଆଡ଼ି ରଖି ପାରିବୁଁ କେତେ ଦିନ ? ଆପଣ ମୋତେ କିଛି ଭୁଲ କରି ନାହାନ୍ତି । ଆପଣ ଆପଣଙ୍କ ପୁଅ ପାଇଁ ଆମ ଝିଅକୁ ଦେଖିବେ, ଆହୁରି ଅନେକ ସେମାନଙ୍କ ପୁଅ ପାଇଁ ବି ତାକୁ ଦେଖିବେ । ଯାହାର ଝିଅ ପସନ୍ଦ ହେବ ସେ ତା ପୁଅକୁ ତାକୁ ଦେଖେଇବ । ପୁଅ ଝିଅ ଯଦି ପରସ୍ପରକୁ ପସନ୍ଦ କଲେ ତେବେ ଆପଣ ବାହା କରାଇ ନେଇଯିବେ । ମୁଁ ଆଉ ପାଦେ ଆଗେଇ ଯାଉଛି । ଯଦି ମୋ ଝିଅକୁ ଦେଖି

Digitized by srujanika@gmail.com

ଆପଣ ପୁଅ ପାଇଁ ପସନ୍ଦ କରୁଛନ୍ତି ତେବେ ବାହା କରାଇ ଆପଣ ନେଇଯାଆନ୍ତୁ, ଆମର ତିଳେ ଆପତ୍ତି ନାହିଁ । କଥାଟା ଆହୁରି ଖୋଲି କହି ଦଉଛି । ଗଲା ମାସ, ଏଇ ପଚିଶ ଛବିଶ ଦିନ ତଳେ ଆମେ ଆମର ଗୋଟିଏ ଝିଅକୁ ବାହା ଦେଇଛୁ । ଏ ଗୋଟିକୁ ଏତେ ସହସା ବାହା ଦେବାର ପ୍ରଶ୍ନ ଉଠୁନାହିଁ । ଆପଣ ଇଚ୍ଛା କଲେ...''

ଖୁସି ଲାଗିଲା ଯେ ମୋଫସଲର ଏଇ ପ୍ରୌଢ଼ା ଭଦ୍ରମହିଳାଟି ଏତେ ଆଧୁନିକା, ଏପରି ଶିକ୍ଷିତା ପରି କଥାବାର୍ତ୍ତା କରିପାରୁଛି ଏବଂ ଯଦି ସଂପର୍କ ସ୍ଥାପିତ ହୁଏ ତେବେ ବଢ଼ିଆ ସମୁଦୁଣୀଟି ମୋ କପାଳକୁ ମିଳିଯିବ ।

ଏତେ ସଫଳ ଏବଂ ବୈଚିତ୍ର୍ୟମୟ କନ୍ୟା ଖୋଜା ଅଭିଯାନ ପୂର୍ବ ପୂର୍ବ ଅଭିଜ୍ଞତା ମାନଙ୍କରୁ ଅବ୍ୟକ୍ତ ରହିଲା ପୁଅ ପାଖରେ । କେତେବେଳେ କେଉଁ କଥାକୁ କି ମର୍ମରେ ଗ୍ରହଣ କରିବ ମୁଁ ଜାଣି ପାରେନି । ତେଣୁ 'ସବ୍‌ସେ ଚୁପ୍ ଭଲା' ନୀତି ଧରି ରହିଗଲି । ଯେତେ ଯେତେ ଫଟୋ ଓ ଚିଠି ଥିଲା ସେ ସବୁକୁ ନଷ୍ଟ କରିଦେଲି । ଫେରାଇ ଦେବାର ଭଦ୍ରତା ନାହିଁ କି ଆଉ ଖର୍ଚ୍ଚ ବଢ଼େଇବାର ଅଭିପ୍ରାୟ ନାହିଁ ।

ଏତେ ଆନନ୍ଦର କଥାକୁ ହୃଦୟରେ ଚାପି ରଖିବା ମୋ ପକ୍ଷରେ କଷ୍ଟକର ହେଲା । ଦୁଇତିନି ଦିନ ପରେ ମିନି ଯୋଡ଼ିଏ ଫଟୋ ଆଣିଦେଲା । ଗୋଟିଏ ବାସ୍ କନ୍‌ସେସ୍‌ନ ବା identity card ବା admission ପାଇଁ ଲୋଡ଼ା ହେଉଥିବା ପାସ୍‌ପୋର୍ଟ ଫଟୋ ଯାହା ବାଟଘାଟରେ ନୂଆ ଫଟୋ ଦୋକାନ ଖୋଲିଥିବା ଫଟୋଗ୍ରାଫର ଠାରେ ମିଳେ । ଅନ୍ୟଟି ସହର ଯାଗାକୁ ସିନେମା ଦେଖିବାକୁ ବା ଦୁର୍ଗାପୂଜା ଦେଖିବାକୁ ଯାଇଥିଲା ବେଳେ ଝିଅର ଅଳି ଏଡ଼ି ନ ପାରି ଷ୍ଟୁଡ଼ିଓରେ ବାପା ମାଆ ଭାଇ ଉଠାଇଥାନ୍ତି । ଏଇ ଦ୍ୱିତୀୟ ଫଟୋଟି ଝିଅ କ୍ଲାସ ଏଇଟ୍ କି ନାଇନ୍‌ରେ ପଢୁଥିବା ବେଳର ଛବି, ପୁରୁଣା ଓ ଫିକ୍‌କା । ତଥାପି ତାକୁ ଦେଖିଦେଲେ ଏକ ''ନଟି ସ୍କୁଲବୟ'' ଛବି ଝିଅର ଠାଣିରେ ଦେଖିହେବ ।

ମୁଁ ଛବିଥିବା ଲଫାପାଟି ଟେବୁଲ ଉପରେ ଥୋଇଥିଲି । ପୁଅ ମୋର ଚିଠି ପତ୍ର ଖୋଲେ ଏବଂ ତା ସଂପର୍କିତ ଚିଠି ପଢ଼େ ମଧ । ଦିନେ କଲେଜରୁ ଫେରି ଦେଖିଲି ଫଟୋ ଦୁଇଟା ଟେବୁଲରେ ଖୋଲା ହୋଇପଡ଼ିଛି । କିଏ ଖୋଲିଲା ? ପ୍ରଶ୍ନର ଉତ୍ତରରେ ପରିଚାରିକା ଥିଲା, ସେ କହିଲା ବାବୁଙ୍କର ଏଇ ଛବିଟା ଭାରି ପସନ୍ଦ ହୋଇଛି । କହିଲେ ସେ ଝିଅକୁ ଦେଖିବେ ତାଙ୍କ ସାଙ୍ଗ ଦୁଇ ଜଣଙ୍କ ସାଥିରେ । ପଚାରି ବୁଝିଲି, ବାବୁ ପସନ୍ଦ କରିଛନ୍ତି ସାନ ଛବିଟାକୁ । କାରଣ ଜାଣିଗଲି । ସେଇଟି 'ଟୀନ୍‌ଏଜ' ଛବି । ବାବୁଙ୍କ ପ୍ରଥମ ସର୍ତ୍ତ ପୂରଣ କରୁଛି । ବହୁ ଦିନ ପରେ ସେ ଝିଅ ଦେଖିବେ । ସାଙ୍ଗ ଦି'ଜଣ ସହିତ । ଉତ୍ତମ ।

ଏଥର ରିଏଲ କନ୍ୟା ଦେଖା । ଖବର ଦେଲି ତାଙ୍କ ଘରକୁ । ଦାଣ୍ଡର ପାଣି ଶୁଖି ଆସୁଥାଏ ଶରତ ଅନ୍ତ ବେଳକୁ । ଆଡ଼ମ୍ବର ଆଦୌ ହବନି । କେହି ହୁଏତ ଜାଣିବେନି । ମୁଁ ଯିବି, ଯେଣୁ ନାଟର ଗୋବର୍ଦ୍ଧନ । ପୁଅକୁ ଏଥର ଯଥାର୍ଥ ହିରୋ କୁହାଯିବ । ସେ

Digitized by srujanika@gmail.com

ଏବେ ବୁଲେଟ୍ ବିକି ଜାପାନୀ ହିରୋହୁଣ୍ଡା କିଣିଛି । ସେ ହିରୋ ଓ ମୁଁ ହୁଣ୍ଡା ସେଇ ହିରୋହୁଣ୍ଡାରେ ଯିବୁ । ସାଙ୍ଗ ଦୁଇଜଣ ପଟ୍ଟନାୟକ ଓ ରାଉତରାୟ ଯିବେ ରାଜଦୂତରେ । ଜଣେ ବିବାହିତ, ଅନ୍ୟ ଜଣକ ଅବିବାହିତ । କନ୍ୟା ଦେଖିବାରେ ଜଣକର ହୁଏତ ଜୋର ଫିଲିଂ ହଠାତ୍ ଆସିବ ନାହିଁ । ଅନ୍ୟ ଜଣକ ନାର୍ଭାସ ହୋଇଯିବ, ଦିହରୁ ଝାଳ ଗମ୍‌ଗମ୍ ବହିଯିବ । ଟ୍ରେନରେ ନ ଯାଇ ଏ ସ୍ୱାଧୀନ ଗାଡ଼ି ବ୍ୟବସ୍ଥା କଲୁ । ଆମେ ଫ୍ରି ହୋଇ ପାରିବୁ ସବୁଥିରେ । ଏତେ ଖୁସିରେ ଆମେ ଯାଇଥିଲୁ ଯେ ଚା ପିଇବାର ମୋଟେ ଦରକାର ନଥିଲେ ବି ଗୋଟାଏ ରାସ୍ତା କଡ଼ର ଢ଼ାବାରେ ଖଟିଆରେ ବସି 'ଦାର୍ଜିଲିଂ ଟି' ନ ପିଇ 'ଢ଼ାବା ଟି' ପିଇଲୁ ।

ସବୁ ଗାଉଁଲି ବ୍ୟବସ୍ଥା, ବାସନ, ଭୋଜନ, ବିଶ୍ରାମ ବା ଶୟନ । ପିଠାପଣା ଯେତେ ପ୍ରକାରର ହୋଇପାରେ । ପୋଡ଼ପିଠା, ସରୁ ଚକୁଳି, ବିରି ବଡ଼ା, ଆରିସା, ଖିରି, କାକରା, ପନିପରିବା ତରକାରୀ । ଆମେ ଯେଉଁ ବଜାରିଆ ମିଠା ପେକେଟ ସବୁ ନେଇଥିଲୁ ତାହା ଖାପଛଡ଼ା ଲାଗିଲା । ଆମେ ଲଜ୍ଜିତ ହେଲୁ । ଦୁଇ ପକ୍ଷର ଆଳାପ ମେଳାପରୁ ଯାହା ଜଣାଗଲା ଯଦି ଆମେ ତୁରନ୍ତ ବିବାହ ଆଡ଼କୁ ଯିବୁ ତେବେ ଆମକୁ ଉଭୟ ପକ୍ଷର ଖର୍ଚ୍ଚ ତୁଲାଇବାକୁ ପଡ଼ିବ । ଆମର ଡିମାଣ୍ଡ 'ତୁମେ ଝିଅ ଦବ' ତାଙ୍କର ଡିମାଣ୍ଡ 'ତୁମେ ଖର୍ଚ୍ଚ ତୁଲାଇବ ।' ସେମାନେ ଧନୀ ନୁହଁନ୍ତି, ଭାଇମାନେ ଶତ୍ରୁତା ଆଚରଣ କରି ଏବେ ଭିନ୍ନେ ହୋଇଯାଇଛନ୍ତି । ଗତ ମାସର ଝିଅ ବାହାଘର ତାଙ୍କୁ ଅଣ୍ଟା ଭଙ୍ଗା କରି ଦେଇଛି, ଏପରିକି ସେମାନଙ୍କୁ ଜମି ବିକିବାକୁ ପଡ଼ିଛି । ସଦ୍ୟ ବାହାଘରକୁ ସେମାନେ ଅମଙ୍ଗ, ସଂପୂର୍ଣ୍ଣ ଆମ ଉପରେ ନିର୍ଭର ।

ଏଥର ରିଏଲ ଇଣ୍ଟରଭିଉ, ରିଏଲ କନ୍ୟା ଦେଖା । ବହୁ କଷ୍ଟରେ ପୁଅ ମଙ୍ଗିଛି, ନିଜେ ଆପେ ଆପେ ତା ଜୀବନ ସଙ୍ଗିନୀ, ଜୀବନ ସାଥୀକୁ ଦେଖିବାକୁ । ମୋର ଛାତି ଧଡ଼ପଡ଼ । ମନେମନେ ମୁଁ ଭଲ କବିତାଟିଏ ଲେଖିଛି ଯଦି ଅନ୍ୟମାନେ କୁହନ୍ତି 'ଭଲ' 'ଚମତ୍କାର' ତେବେ ମୋ ଛାତି କୁଣ୍ଢେମୋଟ । ଝିଅ ମୁଁ ଦେଖିଛି, ପସନ୍ଦ କରିଛି ଏବଂ ମନେମନେ ଭଲ କହୁଛି । ଯଦି ପୁଅ ଓ ତାର ଦୁଇ ସାଙ୍ଗ କୁହନ୍ତି 'ଟୁନୁ ତୁ Lucky ମୋତେ ଯଦି କୁହନ୍ତି 'ଯାକୁ କେମିତି ପାଇଲେ' ତେବେ ମୁଁ ଧନ୍ୟ ହେବି; ଏବଂ "କ୍ଲେଶ ଫଳେନ ହି ପୁନର୍ନବତାଂ ବିଧରେ ।"

ଭୋଲଟେଜ କମ୍ ଥିଲା । ଆମ ଚାରିଜଣ କମିଶନ ମେମ୍ବର-ଚେୟାରମେନ୍ ଓ ଅନ୍ୟ ତିନିଜଣ ସଭ୍ୟ–ବଡ଼ ତକତପୋଷରେ ବସିଥାଉଁ ଗୋଡ଼ଟିମାନ ହଲାଇ ହଲାଇ । ଛିଟ ଶାଢ଼ିଟିଏ (ଏଇଟି ବୋଧହୁଏ ଝିଅ ଜୀବନର ପିନ୍ଧା ପ୍ରଥମ ଶାଢ଼ି, କାରଣ ଏକ୍ସପାର୍ଟପରି ପିନ୍ଧିଥିଲା ପରି ଜଣା ପଡୁନଥିଲା) ତା ଦିହକୁ ଆବୃତ କରିଛି । ସେ ଦିନର ଫ୍ରକ୍ ପିନ୍ଧା ନଳିଗୋଡ଼ ଦିଶୁଥିବା ଝିଅ ଓ ଆଜି ସାମନାର ଏ ଛିଟ ଶାଢ଼ୀ ପିନ୍ଧା ଝିଅ ଭିତରେ ଏତେ ଫରକ ଯେ ମୋ ମନକୁ ପାପ ଛୁଇଁଲା, ଏ ଅନ୍ୟ ଝିଅ ନୁହେଁ ତ ? ଚାରି ଇଞ୍ଚ ଖଣ୍ଡେ

Digitized by srujanika@gmail.com

ଅଧିକ ଲମ୍ବା ଦିଶୁଛି । ମୁଣ୍ଡରେ ଓଢ଼ଣା ନାହିଁ, ବେଣୀ ଉପେନ୍ଦ୍ର ଭଞ୍ଜୀୟ ରୀତିରେ କେତେ ତଳକୁ ଲମ୍ବିଛି କହିହେଉ ନାହିଁ । କେଶକୁ ଦୁଇଭାଗ କରୁଥିବା ସୂକ୍ଷ୍ମ ଶଙ୍ଖ ପରି ଧଳା ଘନକୃଷ୍ଣ କେଶ ମଝିରେ । ଗୋଟାଏ ଛୋଟ ଷ୍ଟୁଲ୍ ଉପରେ ସେ ସିଧା ଦ୍ରୁତପଦରେ ଆସି ବସିଗଲା । କେଡ଼େ ସାହସ ! ଆଉ ଅଳ୍ପ ବୟସ ବେଶି ହୋଇଥିଲେ ଲଜ୍ଜା ତାକୁ ଗ୍ରାସିଥାନ୍ତା । ଆମ ଚାରିଜଣଙ୍କ ଆଖି ଯୁଗପଦ୍ ତାରି ଆଡ଼କୁ ଚାଲିଗଲା ଆପେ ଆପେ । ବେଶ୍ impressive ଚେହେରା, ରୂପ ରଙ୍ଗ । ଅନ୍ୟ ତିନିଙ୍କ ଆଖି ଝିଅକୁ ତାରିଫ୍ କରୁଥିବା ଦେଖି ନିଜକୁ ଧନ୍ୟ ଓ ଗର୍ବିତ ମନେ କଲି ।

"ପଟ୍ଟନାୟକ ବାବୁ ! ଝିଅକୁ କଣ ପଚାରିବ ପଚାର ।" ଚିତ୍ର ପ୍ରତିମାକୁ ଦେଖି ତଟସ୍ଥ ହେବା ଭଙ୍ଗୀରେ ପଟ୍ଟନାୟକ ବାବୁ ପଟାପଟ କହିଦେଲେ "ମୋର କିଛି କହିବାର ନାହିଁ ।" ଏବଂ ମତାମତ ଦେବାର ଦାୟିତ୍ୱ ଏଇଥିରେ ନିଷ୍କୃତି ଲଭିଲେ ।

"ରାଉତରାୟ ବାବୁ ! ତୁମେ କିଛି ପଚାର ଝିଅକୁ ।" ରାଉତରାୟ ବାବୁ ମୋ ଆଡ଼କୁ ଚାହିଁ କହିଲେ- "ମୋର ବି କିଛି ପଚାରିବାର ନାହିଁ ।"

ମନେମନେ ଦୁହିଁଙ୍କି ଚିଡ଼ିଲି । ଏ ଦି'ଟା କାହିଁକି ଆସିଥିଲେ ତେବେ । ୟାଙ୍କ Positive ବା Favourable ମତ ପୁଅକୁ ପ୍ରଭାବିତ କରିଥାନ୍ତା । ଅଥଚ ଏମାନେ ପଦେ ଅଧେ କିଛି କହିଲେ ନାହିଁ ।

ଏଥର ସିଧାସଳଖ ପୁଅକୁ ଚାହିଁଲି । ସେ ଯେ ଝିଅକୁ ଏଯାକେ ଦେଖିଲାଣି କି ନାହିଁ ତା ମୁଁ ଜାଣି ପାରିନାହିଁ । କହିଲି "କି ବାବା ! ତୋର ଦୁଇ ସାଙ୍ଗ ଯେଉଁମାନଙ୍କୁ ତୋତେ ସାହାଯ୍ୟ କରିବାକୁ ଆଣିଥିଲୁ ସେମାନେ ତ କିଛି କହିଲେ ନାହିଁ । ସେମାନେ ନ କୁହନ୍ତୁ । ତୁ ଯାହା ପଚାରିବାକୁ ଚାହୁଁଛୁ ପଚାର । ପୁଅ ଝିଅ ଭିତରେ ପରସ୍ପର understanding ରହିଲେ ଉଭୟଙ୍କ ଜୀବନ ସୁଖମୟ ହୁଏ । ତୁ କିଛି ନ ପଚାରିଲେ ମୁଁ ଦୁଃଖ କରିବି, ତୁ ମୋ ଠାରୁ ଅଧିକ ଦୁଃଖ କରିବୁ, ଅନୁତାପ କରିବାକୁ ପଡ଼ିପାରେ । ତୁ ଏତେ forward, modern ପଚାର, ଖୋଲାଖୋଲି ଯାହା ଚାହୁଁଛୁ । ଏଠି ସେମିତି କେହି ନାହାନ୍ତି, ସମସ୍ତେ ତୋର ଆପଣାର ଲୋକ ।"

ପୁଅ ପଚାରିବ ବୋଲି ପ୍ରସ୍ତୁତ ହେଲା । ଜଣାପଡ଼ିଲା ସେ ଜୀବନର ସମସ୍ତ ବୁଦ୍ଧି ଚିନ୍ତା କୌଶଳ ପ୍ରୟୋଗ କରି ଜୀବନର ଏକମାତ୍ର ପ୍ରଶ୍ନ ଯିମିତି ପଚାରିବ । ଯହିଁରୁ ତାର ଜୀବନର ସାର୍ଥକତା ଓ ଉତ୍କର୍ଷ ପ୍ରମାଣିତ ହେବ । ଦିହ ମୁହଁର ସମସ୍ତ ଶିରାପ୍ରଶିରା ସଙ୍କୁଚିତ ହୋଇଗଲା । ସେ ସଳଖି ବସିଲା ଏବଂ ଗଳା ଖଙ୍କାରି ସଫାକଲା ଏବଂ ଜିଭରେ କିଛି ଛେପ ଦେଇ ଓଠକୁ ଓଦାକରି ଜୀବନର ସେଇ ଏକମାତ୍ର ପ୍ରଶ୍ନଟି ଦରସ୍ଫୁଟ କରି ପଚାରିଲା "ତୁମର ନାମ କି ?" ଚୁପ୍‌ଚାପ୍ । ଆଉ କିଛି ପଚାରିବାର ନାହିଁ । ସବୁ ପ୍ରଶ୍ନର ଆରମ୍ଭ ଓ ଶେଷ ଯିମିତି ସେଇ ଗୋଟିଏ ପ୍ରଶ୍ନରେ ।

ଝିଅଟି ଅପ୍ରତିଭ ହେଲା । ଏ କି ପ୍ରଶ୍ନ । ଏଇଟା ତ ଗୋଟାଏ ଅ-ପ୍ରଶ୍ନ ।

Digitized by srujanika@gmail.com

କେତେ କଣ ଉତ୍ତର ଦେବ ବୋଲି ସେ ଭାବି ପ୍ରସ୍ତୁତ ହୋଇଥିଲା । ଉତ୍ତର ଦେବାର କୌଣସି ଆବଶ୍ୟକତା ନାହିଁ ବୋଲି ସେ ଅନ୍ୟ ପ୍ରଶ୍ନର ଅପେକ୍ଷା କରୁଥିଲା । ମାତ୍ର ଅନ୍ୟ ପ୍ରଶ୍ନର ଅଭାବରେ ସେ ଚୁପ୍ ରହିଲା, ବିସ୍ଫାରିତ ଚକ୍ଷୁକୁ କଣେଇଲା ମୋ ପୁଅଆଡ଼କୁ । ମୁଁ ତ ସବୁ ପ୍ରଶ୍ନ ପ୍ରଥମ ଇଣ୍ଟରଭିଉରେ ପଚାରି ସାରିଛି ଆମ୍ବ ଆମ୍ବଡ଼ା, କଇଁଫୁଲ ପଦ୍ମଫୁଲକୁ ଲକ୍ଷ୍ୟ ରଖି । ଏତିକିରେ ଇଣ୍ଟରଭିଉ ଶେଷ ଯେଉଁଥିପାଇଁ ଆମେ ଚାରିଜଣ ପଇଁତିରିଶ କିଲୋମିଟର ରାସ୍ତା ପେଟ୍ରୋଲ ସାରି ଆସିଥିଲୁ ଅମାପ ଆଗ୍ରହ ଓ ଔତ୍ସୁକ୍ୟରେ ।

ପରସ୍ପରକୁ ପ୍ରସନ୍ନ ବଦନରେ ଚାହିଁ ଦାଣ୍ଡ ପିଣ୍ଡାରେ ଫିଟା ଖଟରେ ବସିଗଲେ । ବାହାରକୁ ଯାଇ ଫଳାଫଳ ଜାଣିବାକୁ ଚାହିଁଲି । Pass with distinction ଦୁଇବନ୍ଧୁ Verdict ଦେଲେ । ପୁଅକୁ ପଚାରିବାକୁ ପଡ଼ିଲା ନାହିଁ । ମୁଁ ମୋ ପୁଅର ମନ ଜାଣି ପାରିବି ନାହିଁ– ଏ କି କଥା !

ଘର ଭିତରକୁ ପଶିଯାଇ ସେଇ ଇଣ୍ଟରଭିଉ କୋଠରୀକି ପୁଣି ଝିଅକୁ ଡକାଇ ପଚାରିଲି "କିରେ ଝୁନୁ ! ମୋ ପୁଅକୁ ଦେଖିଲୁ ?" ସେ ମୁଣ୍ଡ ବେଶ୍ ଜୋର ଚୁଙ୍ଗାରିଲା । ପୁଣି ପଚାରିଲି "ତୁ କଣ କହୁଛୁ ?" ଗୋଟି ଗୋଟି କରି ଶବ୍ଦ ଧୀରେ ଧୀରେ ମେଲାଇ ଗେହ୍ଲେଇ କହିଲା "ମୋର କିଛି କହିବାର ନାହିଁ ।" ଝିଅର ମାଆକୁ (ଏଯାକେ ଝିଅର ବାପା ସହିତ ମୁଁ ପ୍ରତ୍ୟକ୍ଷ କଥାବାର୍ତ୍ତା କରିନାହିଁ) ଡାକି କହିଲି "ମୁଁ ଯାହା ବୁଝିଲି ସମସ୍ତେ ରାଜି, ଅନ୍ତତଃ କାହାରି କିଛି କହିବାର ନାହିଁ । ମୁଁ ଗୋଟାଏ ଉଦ୍‌ଭଟ କଥା ଭାବୁଛି କରିବେ ? ଗୋଟାଏ ମିଠାଇ ଆଣ, ଦି ଜଣକୁ ଫାଳେ ଫାଳେ ଦିଅ, ସେମାନେ ପରସ୍ପରକୁ ଖୁଆଇ ଦିଅନ୍ତୁ । ଏଇଠି; ଯିମିତି ନିର୍ବନ୍ଧ ନ ହେଲେ ବି ସେଇ ଆମ୍ଭର ନିର୍ବନ୍ଧ ହେବ ।" ଝିଅର ମାଆକୁ ପୁନଶ୍ଚ ଖୁବ୍ ମଡ଼ର୍ଣ୍ଣ ବୋଲିବି । ସେ ଝିଅ ପୁଅକୁ ଏକାଠି କରି ସେଇଆ କଲେ । ଘରକୁ ଫେରିବା ପରେ ଭାଉଜ ଲେଖା କିଏ ଜଣେ ଏକଥା ଶୁଣି ପଚାରିଲେ "ସତରେ ଟୁନୁ, ବାହାଘର ପୂର୍ବରୁ କନିଆଁକୁ ମିଠେଇ ଖୁଆଇ ଦେଲ ?" ସେ କହିଲା "ଖାଲି ଖୁଆଇ ଦେଲି, ତା ଶାଢ଼ିରେ ମୋ ମୁହଁ ହାତ ପୋଛିଦେଲି ପରା ।"

ରାତି ଏଗାରଟାରେ ସେଇ ଅଖ୍ୟାତ ଅଜ୍ଞାତ ଗାଁରୁ ଫେରିଲା ବେଳେ ଆମେ ପୃଥିବୀର ଛାତ ଉପରେ ଥିଲୁ ନା ମୁଣ୍ଡ ତଳକୁ ଗୋଡ଼ ଉପରକୁ କରି ଧାଉଁଥିଲୁ ଜାଣି ହେଉ ନଥିଲା । ଏଇ ରାଉତରାୟ ଓ ପଟ୍ଟନାୟକ ବାବୁ ଚାରିବର୍ଷ ପୂର୍ବେ ଦିନେ ସନ୍ଧ୍ୟାରେ ପ୍ରଥମ କନ୍ୟା ଦେଖା ଆରମ୍ଭ କରିଥିଲେ । ଆଜି ପୁଣି ଏକ ସନ୍ଧ୍ୟାରେ ବିନା ଆଡ଼ମ୍ବରରେ ବିନା ବାକ୍ୟବ୍ୟୟରେ ସେ କାମସାରି ନିଶ୍ଚିନ୍ତ ହେଲେ । ଚାରିବର୍ଷ ଧରି ମାତୃହୀନ ପୁଅକୁ ଏକ ହାତରୁ ଦୁଇ ହାତ କରିବା କାମ ଯିମିତି ଶେଷ ହେଲା, ଦୁଇ ବାହୁରୁ ଚାରି ବାହୁ କରିବା ରାସ୍ତା ସିମିତି ଫିଟିଲା ।

ଫେରିବା ବେଳେ ଜାତୀୟ ରାଜପଥରେ ଜହ୍ନ ଆଲୁଅରେ ଯାହାକୁ ଯାହା ହିନ୍ଦୀ ଓଡ଼ିଆ ଗୀତ ଆସିଲା ଖୋଲା ଗଳାରେ ଗାଇଲେ । ମୁଁ ବି କଲେଜ ଦିନରେ ଶିଖିଥିବା

Digitized by srujanika@gmail.com

ଗୋଟାଏ ବଙ୍ଗାଳୀ ଗଜଲ ଗାଇଲି । 'ଗୋଲାପ ହୟେ ଫୁଟକ ତୋମାର ରାଙ୍ଗା କପୋଲ ଖାନି ।'' ପଟ୍ଟନାୟକ ଓ ରାଉତରାୟ ଆଲୋଚନା କରି କରି ଚାଲିଲେ ଟ୍ରନ୍ ବାବୁ ଚାହୁଁଥିବା ନିଜର କେତେ କଣ ପାଇଲା । ପାଇଲା ଟୀନଏଜର, ଏଇଟା ଏଚିଭମେଣ୍ଟ କୁହାଯିବ । ପାଇଲା ଅଳ୍ପ ପାଠୋଇ, ମେଟ୍ରିକ୍ୟୁଲେଟ । ପାଇଲା ମୋଫସଲ । ପାଇଲା ନିମ୍ନ ମଧ୍ୟବିତ୍ତ ପରିବାର । ପାଇଲା ଝିଅ, ଯେ ନୁହେଁ ପାଖର, ନୁହେଁ ଦୂରର । ପାଇଲା ବହୁ କୁଟୁମ୍ବୀ ବଂଶ । ପାଇବ ନାହିଁ ଯଉତୁକ ଯାହା ସେ ଚାହୁଁ ନଥିଲା ମଧ୍ୟ । ପାଇଲା ଖୁବ୍ ଗୋରୀ ଝିଅ, ଯାହା ସେ ଚାହୁଁ ନଥିଲା ଏବଂ ପାଇଲା ଏକ ବଡ଼ିଆ ଶାଢୀ-ଦୁଇ ବନ୍ଧୁ ଯୋଡ଼ିଲେ ।

ଅଥ ନିର୍ବନ୍ଧ । ଓଁ ବିଷ୍ଣୁ ପୁଣ୍ୟାହଂ ପୁଣ୍ୟାହମ୍ । ପୂର୍ବ ନିର୍ବନ୍ଧ ପାଇଁ ଯାହା ଯାହା ଜିନିଷପତ୍ର ଯୋଗାଡ଼ ହୋଇଥିଲା ତାହା ବ୍ୟବହାର ନକରି ନୂଆ ନୂଆ ଚିଜ କିଣା ଗଲା ଶୁଭାଶୁଭ ବିଚାରରେ । ପୁଣି ଯେ ଯେଉଁଠିଥିଲେ ଆସିଗଲେ । ଆସିଗଲେ ତିନି ଭାଇ ଭାଉଜ, ତିନି ଭିଣୋଇ ତିନି ଭଉଣୀ । ଦିଟା ଗୋଟେ ନାତି ନାତୁଣୀ ଏବଂ ମୋଫସଲ ଅଞ୍ଚଳରୁ ପୁରୋହିତ ଓ ମୁରବୀ ସ୍ଥାନୀୟ କେତେ ବନ୍ଧୁବାନ୍ଧ । ଯୋଡ଼ାଏ ଟେକ୍ସି, ଦିଟା ମୋଟର ସାଇକେଲ । ପୁଣି ଏକ ମିନି ବାହାଘର । ନିର୍ବନ୍ଧରେ ହିରୋଇନ, ହିରୋର ଦରକାର ନାହିଁ । ହିରୋଇନକୁ ବେଶବସନ କରିବା ପାଇଁ ବେଶକାରୀ ହିସାବରେ ନିଆଗଲା ବଡ଼ ଝିଅକୁ; କାରଣ ଏତେ ସାନ ଝିଅ ନିଜେ ସହରୀ ଥାଟରେ ନିଜକୁ ସାଜି ପାରିବନି ନୂଆ ନୂଆ ଡିଜାଇନର ପୋଷାକରେ, ବିଶେଷତଃ ଦାମିକା ଶାଢ଼ିରେ । ମୋଫସଲର ବନ୍ଧୁଟି ଆମ ସହିତ ମଉଣ୍ଣ ତାଳ ଦେବା ପାଇଁ ଏତେ ଚିକେନ ଯୋଗାଡ଼ କରିଥିଲେ ଯେ ତାଙ୍କ ଇଲାକାରେ ଆଉ ଖୋଜିଲେ କୁକୁଡ଼ା ମିଳନ୍ତେ ନାହିଁ ।

ବିଭାଘରରେ ବିଘ୍ନ ଉପୁଜାଇବା ପାଇଁ ଏକ ମାତ୍ର ଉପାୟ ହେଉଛି Demand ବା ଯୌତୁକ ପ୍ରଶ୍ନ ଉଠାଇବା । ଭାବି ସମୁଦି ଥାଳିରେ ଜ୍ୱଳନ୍ତ ପ୍ରଦୀପ ରଖି ସଭାସ୍ଥଳରେ ସତ୍ୟବାକ୍ କଲେ ''ମୁଁ ମୋର ଅମୁକ ନାମ୍ନୀ କନ୍ୟାକୁ ଅମୁକ ନାମଧେୟ ବରକୁ... ।'' ମୁଁ ବି ସେହିପରି ସେଇ ଦୀପଶିଖା ଧରି ସତ୍ୟବାକ୍ କଲି ''ମୁଁ ମୋର ପୁତ୍ର ଅମୁକ ନାମ ଧେୟକୁ... ।'' ଦିନ ଧାର୍ଯ୍ୟ ହେବା ପରେ ଉଭୟ ପକ୍ଷର ଲୋକେ କହିଲେ 'ଏଥର ଉଭୟ ପକ୍ଷ କୁହନ୍ତୁ କିଏ କଣ ନେବେ, କିଏ କଣ ଦେବେ ।'' ମୁଁ ସଙ୍ଗେ ସଙ୍ଗେ ଛିଡ଼ା ହୋଇ କହିଲି- ''ବ୍ରାହ୍ମଣ ଗୋସେଇଁମାନେ ଶୁଣନ୍ତୁ, ମୁଁ ଦେବାଗ୍ନି ସନ୍ନିଧରେ ଏହି ଅଙ୍ଗୀକାର କରୁଛି, ଆମ ଦୁହିଁଙ୍କ ତରଫରୁ ଏଇ ପ୍ରତିଶ୍ରୁତି ଦେଉଅଛି ଯେ ମୁଁ କିଛି ନେବି ନାହିଁ ଏବଂ ମୋ ସମୁଦିବି କିଛି ଦେବେ ନାହିଁ ।'' ସଭାସ୍ଥ ଲୋକେ ଆଶ୍ଚର୍ଯ୍ୟ ନେତ୍ରରେ ଅନାଇ ରହିଲେ ମୋର ବୋକା ମୁହଁକୁ ।

ପୁଅ ପାଇଁ ଝିଅ ଖୋଜାର ଅବସାନ ହେଲା । ହେଲେ ଝିଅକୁ ତ ବୋହୂ କରି ଆମ ଘରକୁ ଆଣିବା ଦରକାର । ସେଥିପାଇଁ ବିବାହ ବ୍ୟବସ୍ଥା । ବିବାହ ପାଇଁ ଅର୍ଥ ।

Digitized by srujanika@gmail.com

ପ୍ରଚୁର ଅର୍ଥ କାରଣ ଏ ବାହାଘରଟି ସ୍ୱତନ୍ତ୍ର ଧରଣର । ଅନ୍ୟ ପୁଅମାନଙ୍କ ପାଇଁ ବେଶି ବେଶି ଅର୍ଥର ଲୋଡ଼ା ନଥିଲା । "ପୁଅ ବାହାଘର ପରା ! ଟଙ୍କା କଣ ଦରକାର ।" ସମସ୍ତେ କୁହନ୍ତି । ଅନ୍ୟ ପୁଅମାନେ ହୁଏତ ସବୁ ଖର୍ଚ୍ଚ ତୁଲାଇ ଦିଅନ୍ତେ ହାତ ପାତିଲେ । କିନ୍ତୁ ତାଙ୍କ ବେଳକୁ ସବୁ ଖର୍ଚ୍ଚ ନିଜ ହାତରୁ ତୁଲାଇଛି । ଝିଅ ଘର କିଛି ଦେବେ ନାହିଁ । ବେଦୀ ଖର୍ଚ୍ଚ ତୁଲାଇବା କାଠିକାର ପାଠ । ସେମାନେ ଦେଇ ପାରିବେ ନାହିଁ, ମୋତେ ତ କନ୍ୟାକୁ ବିଭୂଷଣ କରି ଆଣିବାକୁ ହେବ । ଲୋକେ କହିବ "କାଙ୍ଗାଳ ବାହାଘର ନା କଣ ?" ପାଖ ପଡ଼ିଶାଙ୍କ ସ୍ତ୍ରୀମାନେ ଟାହୁଲି କରି କହିବେ "ହାତରେ ଚାରି ଚାରି ପଟ ସୁନା ଚୁଡ଼ି ଦେଇ ପାରିଲେ ନାହିଁ, ବୋଝେ ମଫସଲୀଙ୍କ ପରି କହୁଣୀଯାଏ କାଚ ନାଇଛି ବୋହୂ ।" ରିଟାୟାର କଲାବେଳକୁ ପଚିଶ ହଜାର ଟଙ୍କା ଗ୍ରେଚୁଇଟି ମିଳିଥିଲା । ତାକୁ ଫିକ୍ସଡ଼ ଡିପୋଜିଟରେ ରଖିଥିଲି । ତାକୁ ବନ୍ଧା ଦେଇ ପନ୍ଦର ହଜାର ଟଙ୍କା ବେଙ୍କରୁ ଆଣିଲି । ସେଇ ଢେର । ଧାର ଟଙ୍କା ଶୁଝି ନ ପାରିଲେ ବି କଣ ହେଉଛି କି ? ହାତୀ ଛୀଇଁଥିଲେ ବି ପନ୍ଦର ମଲେ ପନ୍ଦର । ତାଙ୍କରି ଟଙ୍କା ତାଙ୍କରି କାମରେ ଖରଚ ହେବ ।

ସେମାନେ ଭାରି ବ୍ୟସ୍ତ ହେଲେ କିଛି ଝିଅକୁ ଦେଇ ପାରିଲେ ନାହିଁ ବୋଲି । ଅନ୍ୟ ଝିଅଙ୍କୁ ଜମିଜାଗା ବିକି ଭାଙ୍ଗି ଯାହାହେଉ କିଛି ଦେଇଥିଲେ । ଯାହା ହେଉ କିଛି ଦେଇଥାନ୍ତେ, ହେଲେ ଏତେ ସହସା ଗଲା ମାସର କାମ ପରେ କିମିତି କେଉଁଠୁ ଆଣିବେ । କିଛି ନ ହେଲେ ରଙ୍ଗୀନ ଟିଭି ଦେବେ । ହେଲେ ଭାଇ ଭଗାରୀ, ଘରେ ମାଲିମକଦ୍ଦମା ପଶିବା ଉପରେ । ଜମି ବିକିବା ନିଷ୍ପତ୍ତି କଲେ । ଆମେ ମନା କଲୁଁ । ଇଆଡ଼େ ସିଆଡ଼େ ବନ୍ଧୁବାସ ଘରକୁ ଗଲେ ଧାରଉଧାର ଉଦ୍ଦେଶ୍ୟରେ । କିଛି ଯେ କେହି ଦେବେ ସେକଥା ଜଣା ପଡ଼ିଲା ନାହିଁ । ବାପ ପୁଅ ମସୁଧା କଲୁଁ । ଶେଷରେ ଦିନେ ଜଣେ ବିଶ୍ୱସ୍ତ ଲୋକ ଜରିଆରେ ଖବର ପଠାଇଲି ଏଇ ମର୍ମରେ "ଆମର ଟିଭି ଦରକାର ନାହିଁ ବା ସିମିତି କୌଣସି ଦାମିକା ଚିଜ ଦେବା ଦରକାର ନାହିଁ । ମୋଟ କଥା ଏହି ଯେ, ଆପଣ ଯାହା ଦେବେ ତାହା ଝିଅକୁ ଶରଧାରେ ଦେବେ । ଯାହା ଦେଲେ ଆପଣଙ୍କୁ ସାମାନ୍ୟତମ ବାଧିବ ତାହା ଦେବେ ନାହିଁ । ଋଣ ରହିଲା । ଆମେ ସେ ଜିନିଷ ଗ୍ରହଣ କରି ପାରିବୁ ନାହିଁ । କେବଳ ଖଟ ଶେଯପଟା ଦେବେ, ନ ଦେଲେ ଅବିଧି ହେବ ।"

ଶ୍ରେୟାସିଂ ବହୁ ବିଘ୍ନାନି । ଆମର କିଛି ମାତ୍ର ବିଘ୍ନ ଘଟିଲା ନାହିଁ ବିବାହ ଉତ୍ସବରେ । ଯାହା ଯେତେବେଳେ, ଯାହାକୁ ଯେତେବେଳେ ଖୋଜିଲୁ ମିଳିଗଲା । ଭଡ଼ାଘରେ ଭୋଜିଭାତର ବ୍ୟବସ୍ଥା ନ କରି ହୋଟେଲରେ ରିସେପ୍ସନ କଲୁଁ । ନିମନ୍ତ୍ରଣରେ ଲେଖା ଥିଲା "ସଙ୍ଗରେ ଯେତେ ଲୋକ ଆଣିବେ ଆଣନ୍ତୁ, ଖୁସୀ ହେବୁଁ । କିନ୍ତୁ ହାତରେ ଫଳପୁଷ୍ପ ଛଡ଼ା ଅନ୍ୟ କିଛି ଆଣିଲେ ଦୁଃଖିତ ହେବୁଁ ।"

ଯିଏ ଝିଅ ଦେଖିଲା ପଚାରିଲା "ଏତେ ସୁନ୍ଦର ଝିଅ କେଉଁ ବଣ ଜଙ୍ଗଲରେ ଲୁଚିଥିଲା, ତାଳପତ୍ର ଭିତରେ ପାକଲା ଆମ୍ବ ଲୁଚିଲା ପରି ?" କିଏ କହିଲା ଝିଅଟା

Digitized by srujanika@gmail.com

Lucky ଆଉ କିଏ ପୁଣି କହିଲା ପୁଅଟା ଭାଗ୍ୟବାନ୍ ।'' ଅର୍ଥାତ୍ made for each other. ନିର୍ବନ୍ଧ ଦୁଇଦିନେ ତାଙ୍କ ଘରକୁ ଯାଇ ଦୁଇଘଣ୍ଟା ଧରି ଗୋଟିଏ ଭାଷଣ ସାହାଯ୍ୟରେ ଝିଅକୁ ପରିବାରର ପ୍ରତ୍ୟେକଙ୍କ ବିସ୍ତୃତ ପରିଚୟ ଦେଇଥିଲି । ତେଣୁ ସେ ପାଣିରେ ମାଛ ପରି ସ୍ୱଚ୍ଛନ୍ଦରେ ଖେଳି ବୁଲିଲା ଓ ସମସ୍ତଙ୍କୁ ଦିନେ ଦୁଇଦିନ ଭିତରେ ଆପଣାର କରିନେଲା ଏବଂ ଗାଁ ମୁଣ୍ଡର ଗୋହିରୀ ଦାଣ୍ଡର ପାଣି କାଦୁଅ ହଳଦୀ ପାଣିରେ ଗୋଡ଼କୁ ଧୋଇଦେଲା ।

ଅବଶୋଷ ରହିଗଲା କାହିଁକି କେଜାଣି ଝୁନୁର ସାଙ୍ଗ ମିନି ବାହାଘରକୁ ଆସିଲା ନାହିଁ । ମନରେ କାହିଁକି କେଜାଣି ରୋଷ ରହିଲା । ତା ମାଆ ବାପା ମାମୁଁ ସମସ୍ତେ ଆମ ଘରକୁ ଆସିଥିଲେ । ସେଇ ମିନି ଯୋଗୁଁ ତା ସାଙ୍ଗ ଝୁନୁ ଓ ମୋ ପୁଅ ଟୁନୁ ଏକାଠି ହେଲେ । ହୁଏତ ସେ ମୋ ପାଖରୁ ଏତେ ବଡ଼ କାମ ପାଇଁ ଗୋଟାଏ ବଡ଼ ପୁରସ୍କାର (ଗହଣାଗାଣ୍ଠି, କାଞ୍ଜିଭରମ୍ ଶାଢ଼ୀ ବା VIP treatment) ଆଶା କରୁଥିଲା । କାର୍ଯ୍ୟବ୍ୟସ୍ତରେ, ଆନନ୍ଦିତାଶୟ୍ୟରେ ତା' ଆଡ଼କୁ ଧ୍ୟାନ ଦେଇ ପାରିଲିନି ।

ପୁଅଝିଅ ବରକନ୍ୟା ସାଜି ହୋଟେଲର ଭୋଜି ଉତ୍ସବରୁ ଫେରିଲେ । ଆଗପଛ ହୋଇ ମୋ କୋଠରୀରେ ପଶି ପ୍ରଥମେ ଜଗନ୍ନାଥ ଫଟୋକୁ ମୁଣ୍ଡିଆ ମାରି ମୋ ଗୋଡ଼ତଳେ ମୁଣ୍ଡିଆ ମାରିବାକୁ ଆଗଉଥିବା ବେଳେ ମୁଁ ପୁଅକୁ ଠାରିଦେଲି କାନ୍ଥରେ ଝୁଲୁଥିବା ତା ମାଆର ତୈଳଚିତ୍ର ଆଡ଼କୁ । ଦିହିଁକି ମାଆ ଶାଶୁ ଆଡ଼କୁ ମୁହାଁଇ କହିଲି, ''ଏଇ ଯେଉଁ ଛବି ଦେଖୁଛ ତାହା ତୁମ ମାଆଙ୍କର । ମୋରି [illegible] ଅକାଳରେ ଜୀବନ ଗଲା । ଟୁନୁ ପାଞ୍ଚ ସାତ ବର୍ଷର ହୋଇଥାଏ । ମାଆଁ ଚାଲିଯିବା ପରେ ଛୁଆଏ ପିଲାଝିଲା ବିଶେଷ କରି ଟୁନୁର ତତ୍ତ୍ୱ ନେଇ ପାରିଲି ନାହିଁ, ସେ ବେଆଡ଼ିଆ ହୋଇଗଲା । ଅନ୍ୟ ବୋହୂମାନଙ୍କ ଅପେକ୍ଷା ତୁମର ଦାୟିତ୍ୱ ବେଶି । ତୁମେ ମାଆ ତାକୁ ସ୍ୱାମୀକୁ ଆଣି ନାରୀର ଧର୍ମ ପାଳନ କର । ନିଜ ସଂସାର ଦୃଢ଼େ ଗଢ଼ ଏବଂ ଜୀବନକୁ ମଧୁମୟ କର; ଏଥର ମୋତେ ମୁକୁଳାଅ, ଋଣଜାଳମୁକ୍ତ କର । ଆଶୀର୍ବାଦ୍ ।''

ଚତୁର୍ଥୀ ଶ୍ରାଦ୍ଧ ପାଇଁ ବୋହୂ ଯେତେବେଳେ ପିଣ୍ଡ ଅନ୍ନ ପାଇଁ ହାଣ୍ଡିରେ ଚାଉଳ ପକାଇଲା, ସମ୍ବନ୍ଧୁଣୀ କହିଥିବା କଥାଟି ମନେ ପଡ଼ିଲା ''ଯିଏ ଯାହା ହାଣ୍ଡିରେ ଚାଉଳ ପକାଇଛି ।'' ଏଇଠି କେତେ କିଲୋମିଟର ଦୂରରେ ପୁଅ ପାଇଁ ଝିଅ ଥିଲା । ଆମେ ଦୁନିଆଯାକ ଧନ୍ଦି ହେଲୁ । ଆମ ହାଣ୍ଡିରେ ପାତ୍ର ସାହିର ଝିଅ ଚାଉଳ ପକାଇଲା । ତାର ରନ୍ଧା ଅନ୍ନରେ ପିତୃ ପୁରୁଷଙ୍କୁ ପିଣ୍ଡ ଦେଲେ । ସେମାନେ ତୃପ୍ତ ହୋଇଥିବେ । ଆମ ରନ୍ଧାଘରେ ହାଣ୍ଡିରେ ଯେବେ ଚାଉଳ ବୋହୂ ପକାଇବ ସେଇ ଭାତ ଯେତେବେଳେ ଫୁଟିବ, ପେଜ ଗଳାହେବ ଏବଂ ବୋହୂ ପରଷିବ ସେତେବେଳେ ନୂଆ ବୋହୂର ରାନ୍ଧୁଣୀପଣ ପରଖିବ ।

Printed at JJ Offset Printers, Patparganj, Delhi-110092

Digitized by srujanika@gmail.com

ଓଡ଼ିଆ କ୍ଷୁଦ୍ରଗଳ୍ପ ରଚୟିତା ବସନ୍ତ ଶତପଥୀ (୧୯୧୩-୧୯୯୪) ନିଜସ୍ୱ ଅଭିବ୍ୟକ୍ତିରୀତିର ସ୍ୱାତନ୍ତ୍ର୍ୟ ଦୃଷ୍ଟିରୁ ଅଗଣନ ପାଠକଙ୍କ ଆବେଗ-ନିଷିକ୍ତ ହୃଦୟରେ ଅପାସୋରା ସ୍ମୃତିର ବ୍ୟକ୍ତିତ୍ୱ ହୋଇ ରହିଛନ୍ତି । ତାଙ୍କ ଗଳ୍ପଗୁଡ଼ିକରେ ବ୍ୟାପକ ଓ ଗଭୀର ଜୀବନସଂସକ୍ତି, ଆତ୍ମବୋଧ ଓ ଅନୁଭୂତି, ବାସ୍ତବ ଜୀବନଭୂମିରେ ପ୍ରତ୍ୟକ୍ଷୀଭୂତ ସତ୍ୟକୁ କଳ୍ପନାପୁଟରେ ଚିତ୍ତାକର୍ଷକ କରାଇବାର କଳା-କାରିଗରି ଏବଂ ବ୍ୟଞ୍ଜନାତ୍ମକ ବାକ୍‌ଭଙ୍ଗୀରେ ଆତ୍ମଜୀବନାୟନ ଅନାୟାସ ଲକ୍ଷ୍ୟ କରିହୁଏ । ଓଡ଼ିଆ କ୍ଷୁଦ୍ରଗଳ୍ପର ଆଦ୍ୟ ପ୍ରାଣ-ପ୍ରତିଷ୍ଠାତା ଫକୀରମୋହନଙ୍କ ଶିଳ୍ପରୁଚି ଓ ଢାଞ୍ଚାକୁ ଉତ୍ତରଣମୁଖୀ କରାଇବାରେ ଶ୍ରୀଯୁକ୍ତ ଶତପଥୀଙ୍କ ଗଳ୍ପ-କଳା-କର୍ମ ସାର୍ଥକତା ଲାଭ କରିଛି । ପରମ୍ପରାସଚେତନ ତଥା ପାଶ୍ଚାତ୍ୟ ଭାଷା-ସାହିତ୍ୟ ଅଭିଜ୍ଞ ଶ୍ରୀଯୁକ୍ତ ଶତପଥୀ ନିଜକୁ ଓ ନିଜ ଜୀବନର ଅଭିଜ୍ଞାନକୁ ଅନ୍ୟମାନଙ୍କଠାରେ ବାଣ୍ଟିବା ପାଇଁ ଯେଉଁ ପଦ୍ଧତି ଅବଲମ୍ବନ କରିଛନ୍ତି ଅବିସମ୍ବାଦିତଭାବେ ତାହା ତାଙ୍କ ସୃଷ୍ଟିକର୍ମକୁ ସ୍ୱତନ୍ତ୍ର ଏକ ପରିଚୟ ଦେଇଛି ।

ଏଭଳି ଜଣେ କୃତବିଦ୍ୟ, ସାରସ୍ୱତ ସାଧକଙ୍କ ଗଳ୍ପ ସଂକଳନଗୁଡିକ ଦୁଷ୍ପ୍ରାପ୍ୟ ହେବା କାଳରେ ତାଙ୍କର ନିର୍ବାଚିତ ବୟାଳିଶଟି ଗଳ୍ପକୁ ଏହି ପୁସ୍ତକରେ ସଂକଳିତ କରିଛନ୍ତି ପ୍ରଫେସର ସୁମନ୍ୟୁ ଶତପଥୀ । ଓଡ଼ିଆ ଭାଷା-ସାହିତ୍ୟ-ସଂସ୍କୃତି ସଂପର୍କରେ ଇଂରାଜୀରେ ଲେଖାଲେଖି କରୁଥିବା ପ୍ରଫେସର ଶତପଥୀ ଦିଲ୍ଲୀ ବିଶ୍ୱବିଦ୍ୟାଳୟରେ ଇଂରାଜୀ ଭାଷା-ସାହିତ୍ୟ ବିଭାଗର ମୁଖ୍ୟ ଭାବେ କାର୍ଯ୍ୟରତ ।

ଟ. 170.00 ISBN 978-81-237-5613-4

ନ୍ୟାସନାଲ ବୁକ୍ ଟ୍ରଷ୍ଟ, ଇଣ୍ଡିଆ

Digitized by srujanika@gmail.com